# ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ

ଡାକ୍ତର କରୁଣାକର କର

odia.org

ଓଡ଼ିଶା ସାହିତ୍ୟ ଏକାଡେମୀ
ଭୁବନେଶ୍ୱର

ପ୍ରଥମ ପ୍ରକାଶ—୧୦୦୦
୧୯୬୪

ମୁଦ୍ରାକର
ଶ୍ରୀ ଶ୍ରୀକାନ୍ତକୁମାର ରାଉତରାୟ
ରାଉତରାୟ ପ୍ରେସ
ରାଣୀହାଟ, କଟକ—୧

# ବିଷୟ-ସୂଚୀ


| ବିଷୟ | ପୃଷ୍ଠା |
|---|---|
| ଗ୍ରନ୍ଥ ପ୍ରବେଶ | ୧ |
| ଗ୍ରନ୍ଥର ନାମକରଣ | ୧ |
| ସରହ ପାଦ | ୨୦ |
| ସବରି ପାଦ | ୨୭ |
| ଲୁଇପା | ୩୦ |
| କାହ୍ନୁପା | ୩୪ |
| ଦାରିକ ପାଦ | ୪୦ |
| ଭୁସୁକୁ ବା ଶାନ୍ତଦେବ | ୪୨ |
| ତାଡକ ପାଦ | ୪୯ |
| କୁକ୍କୁରି ପାଦ | ୫୦ |
| ବିରୂପ ପାଦ | ୫୩ |
| ବୀଣା ପାଦ | ୫୫ |
| ଗୁଣ୍ଡୁରି ପାଦ | ୫୭ |
| କମ୍ବଳ ପାଦ | ୬୦ |
| କଙ୍କଣ ପାଦ | ୬୨ |
| ଗୁଠଟିଲ ପାଦ | ୬୩ |
| ଜୟନନ୍ଦୀ ପାଦ | ୬୪ |
| ଢେଣ୍ଢଣ ପାଦ | ୬୬ |
| ଡୋମ୍ବୀ ପାଦ | ୬୭ |
| ଧାମ ପାଦ | ୬୯ |
| ଭାଦେ ପାଦ | ୭୦ |
| ମହୀଧର ପାଦ | ୭୧ |

| ବିଷୟ | ପୃଷ୍ଠା |
|---|---|
| ଶାନ୍ତ ପାଦ | ୭୨ |
| ହେତୁ ଉଦୟ ଭଗବତ | ୭୭ |
| **ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟର ଭାଷାତତ୍ତ୍ୱ ବିଷୟକ ମୁଖବନ୍ଧ** | |
| ଧ୍ୱନି ତତ୍ତ୍ୱ | ୮୩ |
| ପଦ ବିଚାର (ବଚନ) | ୯୪ |
| କର୍ତ୍ତୃ କାରକ | ୯୬ |
| କର୍ମ କାରକ | ୯୯ |
| କରଣ କାରକ | ୧୦୫ |
| ସମ୍ପ୍ରଦାନ କାରକ | ୧୦୬ |
| ଅପାଦାନ କାରକ | ୧୦୭ |
| ଷଷ୍ଠୀ ବିଭକ୍ତି | ୧୦୮ |
| ଅଧିକରଣ କାରକ | ୧୧୨ |
| ସର୍ବନାମ | ୧୧୬ |
| କିମ୍ ଶବ୍ଦ | ୧୨୫ |
| କ୍ରିୟା | ୧୨୯ |
| ଅତୀତ କାଳ | ୧୪୨ |
| ଭବିଷ୍ୟତ କାଳ | ୧୪୮ |
| କ୍ରିୟାବାଚକ ବିଶେଷ୍ୟ ଓ ବିଶେଷଣ | ୧୫୦ |
| ସମାପିକା କ୍ରିୟା | ୧୫୨ |
| ଶତୃ ପ୍ରତ୍ୟୟ | ୧୫୫ |
| ଉ ବା ଉଁ ପ୍ରତ୍ୟୟ | ୧୫୬ |
| ତଦ୍ଧିତ ପ୍ରତ୍ୟୟ | ୧୫୮ |
| ଅବ୍ୟୟ | ୧୬୦ |
| ସଂଖ୍ୟାବାଚକ ଶବ୍ଦ | ୧୬୧ |
| ଛନ୍ଦ ଓ ରାଗ | ୧୬୪ |

| ବିଷୟ | ପୃଷ୍ଠା |
|---|---|
| ଧର୍ମ | ୧୭୧ |
| ବଜ୍ରଯାନ ଓ ସହଜଯାନ | ୧୮୪ |
| ତନ୍ତ୍ର ଓ ଯୋଗ ସାଧନା | ୨୨୨ |
| ତନ୍ତ୍ରଶାସ୍ତ୍ରର ଶକ୍ତିବାଦ | ୨୮୭ |

## ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ ମୂଳଗ୍ରନ୍ଥ

(ଅନୁବାଦ, ବିଶଦାର୍ଥ, ସମଭାବପଦ୍ୟ ଏବଂ ପଦଟୀକା ସହିତ)


| | |
|---|---|
| ଲୁଇପାଦାନାମ୍ | ୩୩୫ |
| କୁକ୍କୁରୀ ପାଦାନାମ୍ | ୩୪୪ |
| ବିରୁବା ପାଦାନାମ୍ | ୩୫୨ |
| ଗୁଣ୍ଡରୀ ପାଦାନାମ୍ | ୩୫୮ |
| ଚାଟିଲ୍ଲ ପାଦାନାମ୍ | ୩୬୬ |
| ଭୁସୁକୁ ପାଦାନାମ୍ | ୩୭୩ |
| କାହ୍ନୁ ପାଦାନାମ୍ | ୩୭୯ |
| କମ୍ବଳାମ୍ବର ପାଦାନାମ୍ | ୩୮୫ |
| କାହ୍ନୁ ପାଦାନାମ୍ | ୩୯୧ |
| କାହ୍ନୁ ପାଦାନାମ୍ | ୩୯୬ |
| କୃଷ୍ଣାଚାର୍ଯ୍ୟ ପାଦାନାମ୍ | ୪୦୩ |
| କୃଷ୍ଣ ପାଦାନାମ୍ | ୪୦୮ |
| କୃଷ୍ଣାଚାର୍ଯ୍ୟ ପାଦାନାମ୍ | ୪୧୩ |
| ଡୋମ୍ବି ପାଦାନାମ୍ | ୪୧୯ |
| ଶାନ୍ତି ପାଦାନାମ୍ | ୪୨୫ |
| ମହୀଧର ପାଦାନାମ୍ | ୪୩୦ |
| ବୀଣାପାଦାନାମ୍ | ୪୩୬ |
| କୃଷ୍ଣବଜ୍ର ପାଦାନାମ୍ | ୪୪୧ |

| ବିଷୟ | ପୃଷ୍ଠା |
|---|---|
| କୃଷ୍ଣ ପାଦାନାମ୍ | ୪୪୬ |
| କୁକୁରୀ ପାଦାନାମ୍ | ୪୫୨ |
| ଭୁସୁକୁ ପାଦାନାମ୍ | ୪୫୭ |
| ସରହ ପାଦାନାମ୍ | ୪୬୩ |
| ଭୁସୁକୁ ପାଦାନାମ୍ | ୪୬୮ |
| ଶାନ୍ତ ପାଦାନାମ୍ | ୪୭୧ |
| ଭୁସୁକୁ ପାଦାନାମ୍ | ୪୭୬ |
| ଶବର ପାଦାନାମ୍ | ୪୮୧ |
| ଲୁଇ ପାଦାନାମ୍ | ୪୮୮ |
| ଭୁସୁକୁ ପାଦାନାମ୍ | ୪୯୪ |
| ଆର୍ଯ୍ୟଦେବ ପାଦାନାମ୍ | ୪୯୮ |
| ସରହ ପାଦାନାମ୍ | ୫୦୩ |
| ଢେଣ୍ଢଣ ପାଦାନାମ୍ | ୫୦୮ |
| ଦାରକ ପାଦାନାମ୍ | ୫୧୪ |
| ଭଦେ ପାଦାନାମ୍ | ୫୧୮ |
| କୃଷ୍ଣାଚାର୍ଯ୍ୟ ପାଦାନାମ୍ | ୫୨୨ |
| ତାଡ଼କ ପାଦାନାମ୍ | ୫୨୭ |
| ସରହ ପାଦାନାମ୍ | ୫୩୧ |
| ସରହ ପାଦାନାମ୍ | ୫୩୬ |
| କାହ୍ନୁ ପାଦାନାମ୍ | ୫୪୦ |
| ଭୁସୁକୁ ପାଦାନାମ୍ | ୫୪୫ |
| କାହ୍ନୁ ପାଦାନାମ୍ | ୫୫୧ |
| ଭୁସୁକୁ ପାଦାନାମ୍ | ୫୫୫ |
| କଙ୍କଣ ପାଦାନାମ୍ | ୫୫୯ |

# ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ

## ଗ୍ରନ୍ଥପ୍ରବେଶ

ସ୍ୱର୍ଗତ ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ ମହାଶୟ ୧୯୦୦ ଖ୍ରୀଷ୍ଟାବ୍ଦରେ ନେପାଳରୁ କେତେକ ପୁସ୍ତକ ସଂଗ୍ରହ କରିଥିଲେ । ତହିଁ ଭିତରେ ବୌଦ୍ଧ ଧର୍ମ ଓ ତାନ୍ତ୍ରିକ ବୌଦ୍ଧଧର୍ମର ଅନେକଗୁଡ଼ିଏ ଗ୍ରନ୍ଥ ଥିଲା । ତହିଁର ଦଶବର୍ଷ ପରେ ୧୯୧୦ ଖ୍ରୀଷ୍ଟାବ୍ଦରେ ସେ ମହାଶୟ ସେହି ପୁସ୍ତକ ଭିତରୁ କେତେଗୋଟି ପୁସ୍ତକ ସଙ୍କଳନ କରି ବଙ୍ଗୀୟ ସାହିତ୍ୟ ପରିଷଦର ଆନୁକୂଲ୍ୟରେ "ବୌଦ୍ଧଗାନ ଓ ଦୋହା" ନାମରେ ଗ୍ରନ୍ଥ ଖଣ୍ଡିଏ ପ୍ରକାଶ କରିଥିଲେ, ଏବଂ ସେହି ଗ୍ରନ୍ଥର ଶୀର୍ଷ ଭାଗରେ ହଜାର ବର୍ଷ ତଳର ବଙ୍ଗଭାଷା ବୋଲି ଉଲ୍ଲେଖ କରିଥିଲେ । ଚର୍ଯ୍ୟାଚର୍ଯ୍ୟବିନଶ୍ଚୟ ଏହି "ବୌଦ୍ଧଗାନ ଓ ଦୋହା' ପୁସ୍ତକର ଗୋଟିଏ ମାତ୍ର ଅଂଶ । ଚର୍ଯ୍ୟାଚର୍ଯ୍ୟବିନଶ୍ଚୟରେ ଭିନ୍ନ ଭିନ୍ନ ବୌଦ୍ଧ ସିଦ୍ଧାଚାର୍ଯ୍ୟମାନଙ୍କର ୪୭ ଗୋଟି ସଙ୍ଗୀତମୟ କବିତା ସନ୍ନିବେଶିତ ହୋଇଅଛି । ପ୍ରକାଶକ ମହାଶୟ ଏହି କବିତାଗୁଡ଼ିକର ଭାଷାକୁ ପ୍ରାଚୀନ ହଜାର ବର୍ଷ ତଳର ବଙ୍ଗଭାଷା ବୋଲି ଏବଂ ସେହି କବିତାର ଲେଖକ ବୌଦ୍ଧ ସିଦ୍ଧାଚାର୍ଯ୍ୟମାନଙ୍କୁ ବଙ୍ଗୀୟ ବୋଲି ମୁଖବନ୍ଧରେ ପ୍ରମାଣ କରିଛନ୍ତି । ସେହି ଦିନଠାରୁ ଏହି ଗ୍ରନ୍ଥ ବଙ୍ଗଭାଷାର ଅଙ୍ଗରୂପରେ ଗୃହୀତ ହୋଇ ପଠିତ ପାଠିତ ହେଉଅଛି । ଏହି ଗ୍ରନ୍ଥର ପରବର୍ତ୍ତୀ ଅନ୍ୟାନ୍ୟ ସମାଲୋଚକ ଓ ଲେଖକମାନେ ମଧ୍ୟ ସେ ମହାଶୟଙ୍କର ପଦାଙ୍କ ଅନୁସରଣ କରି ଏହି ଗ୍ରନ୍ଥର ଭାଷାକୁ ବଙ୍ଗଦେଶର ପ୍ରାଚୀନ ଭାଷା ବଙ୍ଗଳା ବୋଲି ଗ୍ରହଣ କରିଛନ୍ତି, କିନ୍ତୁ ଗ୍ରନ୍ଥର ନାମ ଚର୍ଯ୍ୟାଚର୍ଯ୍ୟ ବିନଶ୍ଚୟ ନୁହେଁ—ପ୍ରକୃତରେ ଗ୍ରନ୍ଥଟିର ନାମକରଣ ହେବ ଆଶ୍ଚର୍ଯ୍ୟଚର୍ଯ୍ୟାଚୟ" । ମୁଁ ମୁଖବନ୍ଧରେ ଏହି ବିଷୟ ପ୍ରମାଣ କରିଅଛି ଏବଂ ସେହି ଅନୁସାରେ ଗ୍ରନ୍ଥଟିର ମଧ୍ୟ ନାମକରଣ ଗ୍ରହଣ କରିଅଛି ।

—ସୂଚି—

| ବିଷୟ | ପୃଷ୍ଠା |
| --- | --- |
| କୃଷ୍ଣ ପାଦାନାମ୍ | ୪୪୬ |
| କୁକୁରୀ ପାଦାନାମ୍ | ୪୫୨ |
| ଭୁସୁକୁ ପାଦାନାମ୍ | ୪୫୬ |
| ସରହ ପାଦାନାମ୍ | ୪୬୩ |
| ଭୁସୁକୁ ପାଦାନାମ୍ | ୪୬୮ |
| ଶାନ୍ତି ପାଦାନାମ୍ | ୪୭୧ |
| ଭୁସୁକୁ ପାଦାନାମ୍ | ୪୭୬ |
| ଶବର ପାଦାନାମ୍ | ୪୮୧ |
| ଲୁଇ ପାଦାନାମ୍ | ୪୮୮ |
| ଭୁସୁକୁ ପାଦାନାମ୍ | ୪୯୪ |
| ଆର୍ଯ୍ୟଦେବ ପାଦାନାମ୍ | ୪୯୮ |
| ସରହ ପାଦାନାମ୍ | ୫୦୩ |
| ଢେଣ୍ଢଣ ପାଦାନାମ୍ | ୫୦୮ |
| ଦାରିକ ପାଦାନାମ୍ | ୫୧୪ |
| ଭଦେ ପାଦାନାମ୍ | ୫୧୮ |
| କୃଷ୍ଣାଚାର୍ଯ୍ୟ ପାଦାନାମ୍ | ୫୨୨ |
| ତାଡ଼କ ପାଦାନାମ୍ | ୫୨୬ |
| ସରହ ପାଦାନାମ୍ | ୫୩୧ |
| ସରହ ପାଦାନାମ୍ | ୫୩୬ |
| କାହ୍ନୁ ପାଦାନାମ୍ | ୫୪୦ |
| ଭୁସୁକୁ ପାଦାନାମ୍ | ୫୪୫ |
| କାହ୍ନୁ ପାଦାନାମ୍ | ୫୫୧ |
| ଭୁସୁକୁ ପାଦାନାମ୍ | ୫୫୫ |
| କଙ୍କଣ ପାଦାନାମ୍ | ୫୫୯ |

# ଆଶ୍ଚର୍ଯ୍ୟ ଚର୍ଯାଚୟ

## ଗ୍ରନ୍ଥପ୍ରବେଶ

ସ୍ୱର୍ଗତ ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ ମହାଶୟ ୧୯୦୦ ଖ୍ରୀଷ୍ଟାବ୍ଦରେ ନେପାଳରୁ କେତେକ ପୁସ୍ତକ ସଂଗ୍ରହ କରିଥିଲେ । ତହିଁ ଭିତରେ ବୌଦ୍ଧ ଧର୍ମ ଓ ତାନ୍ତ୍ରିକ ବୌଦ୍ଧଧର୍ମର ଅନେକଗୁଡ଼ିଏ ଗ୍ରନ୍ଥ ଥିଲା । ତହିଁର ଦଶବର୍ଷ ପରେ ୧୯୧୦ ଖ୍ରୀଷ୍ଟାବ୍ଦରେ ସେ ମହାଶୟ ସେହି ପୁସ୍ତକ ଭିତରୁ କେତେଗୋଟି ପୁସ୍ତକ ସଙ୍କଳନ କରି ବଙ୍ଗୀୟ ସାହିତ୍ୟ ପରିଷଦର ଆନୁକୂଲ୍ୟରେ "ବୌଦ୍ଧଗାନ ଓ ଦୋହା" ନାମରେ ଗ୍ରନ୍ଥ ଖଣ୍ଡିଏ ପ୍ରକାଶ କରିଥିଲେ, ଏବଂ ସେହି ଗ୍ରନ୍ଥର ଶୀର୍ଷ ଭାଗରେ ହଜାର ବର୍ଷ ତଳର ବଙ୍ଗଭାଷା ବୋଲି ଉଲ୍ଲେଖ କରିଥିଲେ । ଚର୍ଯାଚର୍ଯବିନଶ୍ଚୟ ଏହି "ବୌଦ୍ଧଗାନ ଓ ଦୋହା' ପୁସ୍ତକର ଗୋଟିଏ ମାତ୍ର ଅଂଶ । ଚର୍ଯାଚର୍ଯବିନଶ୍ଚୟରେ ଭିନ୍ନ ଭିନ୍ନ ବୌଦ୍ଧ ସିଦ୍ଧାଚାର୍ଯମାନଙ୍କର ୪୭ ଗୋଟି ସଙ୍ଗୀତମୟ କବିତା ସନ୍ନିବେଶିତ ହୋଇଅଛି । ପ୍ରକାଶକ ମହାଶୟ ଏହି କବିତାଗୁଡିକର ଭାଷାକୁ ପ୍ରାଚୀନ ହଜାର ବର୍ଷ ତଳର ବଙ୍ଗଭାଷା ବୋଲି ଏବଂ ସେହି କବିତାର ଲେଖକ ବୌଦ୍ଧ ସିଦ୍ଧାଚାର୍ଯମାନଙ୍କୁ ବଙ୍ଗୀୟ ବୋଲି ମୁଖବନ୍ଧରେ ପ୍ରମାଣ କରିଛନ୍ତି । ସେହି ଦିନଠାରୁ ଏହି ଗ୍ରନ୍ଥ ବଙ୍ଗଭାଷାର ଅଙ୍ଗରୂପରେ ଗୃହୀତ ହୋଇ ପଠିତ ପାଠିତ ହେଉଅଛି । ଏହି ଗ୍ରନ୍ଥର ପରବର୍ତ୍ତୀ ଅନ୍ୟାନ୍ୟ ସମାଲୋଚକ ଓ ଲେଖକମାନେ ମଧ୍ୟ ସେ ମହାଶୟଙ୍କର ପଦାଙ୍କ ଅନୁସରଣ କରି ଏହି ଗ୍ରନ୍ଥର ଭାଷାକୁ ବଙ୍ଗଦେଶର ପ୍ରାଚୀନ ଭାଷା ବଙ୍ଗଳା ବୋଲି ଗ୍ରହଣ କରିଛନ୍ତି, କିନ୍ତୁ ଗ୍ରନ୍ଥର ନାମ ଚର୍ଯାଚର୍ଯ ବିନଶ୍ଚୟ ନୁହେଁ—ପ୍ରକୃତରେ ଗ୍ରନ୍ଥଟିର ନାମକରଣ ହେବ ଆଶ୍ଚର୍ଯଚର୍ଯାଚୟ" । ମୁଁ ମୁଖବନ୍ଧରେ ଏହି ବିଷୟ ପ୍ରମାଣ କରିଅଛି ଏବଂ ସେହି ଅନୁସାରେ ଗ୍ରନ୍ଥଟିର ମଧ୍ୟ ନାମକରଣ ଗ୍ରହଣ କରିଅଛି ।

ମୁଁ ମୁଖବନ୍ଧରେ ପ୍ରାଚୀନ ମତବାଦର ଖଣ୍ଡନ କରି ନୂତନ ମତବାଦ ଉପସ୍ଥାପିତ କରିଅଛି । ସେହି ଅନୁସାରେ ଏ ମତବାଦର ସ୍ଥାନ କାଳର ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଅଛି । ଓଡ୍ଡିୟାନ ଏହି ତାନ୍ତ୍ରିକ ବୌଦ୍ଧଧର୍ମର ପ୍ରସିଦ୍ଧ ମୂଳପୀଠ ଓ ଆଦ୍ୟସ୍ଥଳୀ ଥିଲା । ବୌଦ୍ଧତାନ୍ତ୍ରିକ ମତବାଦ ପ୍ରଥମରେ ଓଡ୍ଡିୟାନରୁ ଉଦ୍ଭୂତ ହୋଇଥିଲା ଏବଂ ପରେ ତାହା ଅନ୍ୟାନ୍ୟ ତିନି ପୀଠରେ ଅର୍ଥାତ୍ କାମାଖ୍ୟା ସିରିହଟ୍ଟ ଏବଂ ପୂର୍ଣ୍ଣଗିରିରେ ପ୍ରସାରିତ ଓ ପ୍ରବର୍ତ୍ତିତ ହୋଇଥିଲା । ତନ୍ତ୍ରଶାସ୍ତ୍ର ଓ ସାଧନାର ମୂଳପୀଠ ଓଡ୍ଡିୟାନକୁ ଓଡ଼ିଶା ବୋଲି ମୁଁ ମୁଖବନ୍ଧରେ ପ୍ରମାଣିତ କରିଅଛି । ଶୂନ୍ୟବାଦ ଓ ଶୂନ୍ୟସାଧନା ଓଡ଼ିଶାରେ ପ୍ରଥମରେ ସୃଷ୍ଟି ହୋଇଥିଲା । ଓଡ଼ିଶାରେ ତାନ୍ତ୍ରିକ ଶୂନ୍ୟ ସାଧନାର ବିଶ୍ୱବିଦ୍ୟାଳୟଟିଏ ଥିଲା । ଦେଶ ବିଦେଶରୁ ଛାତ୍ରମାନେ ନାଳନ୍ଦା ପ୍ରଭୃତି ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇ ମଧ୍ୟ ଓଡ଼ିଶାର ଏହି ତାନ୍ତ୍ରିକ ବିଶ୍ୱବିଦ୍ୟାଳୟ ପ୍ରତି ଆକୃଷ୍ଟ ହେଉଥିଲେ ବୋଲି ମୁଖବନ୍ଧରେ ପ୍ରତିପାଦିତ ହୋଇଅଛି ।

ତାନ୍ତ୍ରିକ ବୌଦ୍ଧଧର୍ମର ଦୁଇଟି ପ୍ରଧାନ ଶାଖା ଥିଲା । ବଜ୍ରଯାନ ଓ ସହଜଯାନ । ବଜ୍ରଯାନ ଓଡ଼ିଶାରୁ ଉଦ୍ଭୂତ ହୋଇଥିଲା । ଏହି ବଜ୍ରଯାନର ପ୍ରଧାନ ପ୍ରବର୍ତ୍ତକ ଇନ୍ଦ୍ରଭୂତି ସମ୍ବଲକର ଆଧୁନିକ ସମ୍ବଲପୁରର ରାଜାଥିଲେ ଏବଂ ଆଧୁନିକ ସୋନପୁର ପ୍ରାଚୀନ କାଳରେ ଲଙ୍କାପୁର ନାମରେ ପରିଚିତ ଥିଲା । ଏହି ଲଙ୍କାପୁରର ରାଜା ଜଳେନ୍ଦ୍ର ସମ୍ବଲକର ରାଜା ଇନ୍ଦ୍ରଭୂତିଙ୍କ ଭଗିନୀ ଲକ୍ଷ୍ମୀଙ୍କରଙ୍କୁ ବିବାହ କରିଥିଲେ । ଏହି ଲକ୍ଷ୍ମୀଙ୍କର ସହଜଯାନକୁ ପ୍ରଥମରେ ପ୍ରବର୍ତ୍ତିତ କରିଥିଲେ । ସହଜଯାନ ମଧ୍ୟ ପ୍ରଥମରେ ଓଡ଼ିଶାରୁ ପ୍ରବର୍ତ୍ତିତ ହୋଇଥିଲା । ଏହି ସମସ୍ତ ବିଷୟ ମୁଁ ଐତିହାସିକ ଦୃଷ୍ଟିରୁ ମୁଖବନ୍ଧରେ ପ୍ରମାଣିତ କରିଅଛି ।

ଆଶ୍ଚର୍ଯ୍ୟଚର୍ଯ୍ୟାଚୟର ପ୍ରତ୍ୟେକ ପଦ୍ୟରେ ୨ଟି ଅର୍ଥ ରହିଅଛି । ଗୋଟିଏ ଲୌକିକ ଅର୍ଥ ଆଉଟି ପାରମାର୍ଥିକ ଅର୍ଥ । ସେଥିଯୋଗୁ ଆଶ୍ଚର୍ଯ୍ୟଚର୍ଯ୍ୟାଚୟର ସଂସ୍କୃତ ଟୀକାକାର ଏହି ଭାଷାକୁ ସନ୍ଧ୍ୟାଭାଷା ଅର୍ଥାତ୍ ପ୍ରକୃତ ପାରମାର୍ଥିକ ଅର୍ଥକୁ ଭାବି ଚିନ୍ତି ଧ୍ୟାନ କରି ଠିକ୍

କରିବାର କଥା ବୋଲି ନିର୍ଦ୍ଦେଶ କରିଛନ୍ତି । ମୁଖବନ୍ଧରେ ହିପଦୀ ସନ୍ଧ୍ୟାଭାଷା ପ୍ରୟୋଗର ହେତୁ ନିର୍ଦ୍ଦିଷ୍ଟ ହୋଇଅଛି । ହିପଦୀ ସନ୍ଧ୍ୟାଭାଷା ଓଡ଼ିଶାରେ ପ୍ରାଚୀନ କାଳରୁ ଚଳି ଆସୁଛି । ଆଜିକାଲି ଏହି ଭାଷାର ପ୍ରୟୋଗ ମଧ୍ୟ କେତେକ ଧର୍ମ—ସମ୍ପ୍ରଦାୟରେ ଦେଖିବାକୁ ମିଳେ ବୋଲି ମୁଁ ମୁଖବନ୍ଧରେ ଦୃଷ୍ଟାନ୍ତ ଦେଇ ପ୍ରମାଣିତ କରିଅଛି ।

ଆଶ୍ଚର୍ଯ୍ୟଚର୍ଯ୍ୟାଚୟର ଲେଖକ ସିଦ୍ଧାଚାର୍ଯ୍ୟମାନେ ବଜ୍ରଯାନ ଓ ସହଜଯାନର ପ୍ରବର୍ତ୍ତକ ଥିଲେ । ଏହି ବଜ୍ରଯାନ ଓ ସହଜଯାନର ଭାବଧାରାର ପରମ୍ପରା ପ୍ରାଚୀନ କାଳରୁ ଆଜିପର୍ଯ୍ୟନ୍ତ ଓଡ଼ିଶାରେ ଅକ୍ଷୁଣ୍ଣ ଭାବରେ ରହିଅଛି ବୋଲି ମୁଁ ମୁଖବନ୍ଧରେ ନିଃସନ୍ଦେହଭାବରେ ପ୍ରମାଣ କରିଛି । ବିଶେଷତଃ ଆଶ୍ଚର୍ଯ୍ୟଚର୍ଯ୍ୟାଚୟର ଭାବଧାରା ମଧ୍ୟ ଓଡ଼ିଆ ସାହିତ୍ୟରେ ଅକ୍ଷୁଣ୍ଣଭାବରେ ରକ୍ଷିତ ହୋଇଅଛି ବୋଲି ପ୍ରମାଣ କରିବାଲାଗି ମୁଁ ପ୍ରାଚୀନ ଓଡ଼ିଆ ସାହିତ୍ୟରୁ ସମଭାବ ପଦ୍ୟ ମଧ୍ୟ ପ୍ରତିପଦ୍ୟର ଶେଷରେ ଯଥାସମ୍ଭବ ସନ୍ନିବେଶିତ କରିଅଛି ।

ଏହି ଗ୍ରନ୍ଥ ଆଶ୍ଚର୍ଯ୍ୟଚର୍ଯ୍ୟାଚୟର ଭାଷା ହଜାର ବର୍ଷ ତଳର ପ୍ରାଚୀନ ଓଡ଼ିଆ ଭାଷା ଏବଂ ପଦ୍ୟର ଲେଖକ ସିଦ୍ଧାଚାର୍ଯ୍ୟମାନେ ଓଡ଼ିଶାରେ ଜନ୍ମଗ୍ରହଣ କରିଥିଲେ ବୋଲି ମୁଁ ମୁଖବନ୍ଧରେ ପ୍ରତିପାଦିତ କରିଅଛି । ସେଥିଲାଗି ମୁଁ ମୁଖବନ୍ଧକୁ ତିନି ଭାଗରେ ବିଭକ୍ତ କରିଅଛି । ୧—ଇତିହାସ ବିଷୟକ । ୨—ଭାଷାତତ୍ତ୍ୱ-ବିଷୟକ । ୩—ଧର୍ମ-ବିଷୟକ । ମୁଁ ମୁଖବନ୍ଧରେ ଇତିହାସ ଦୃଷ୍ଟିରୁ, ଭାଷାତତ୍ତ୍ୱ ଦୃଷ୍ଟିରୁ ଏବଂ ଧର୍ମଦୃଷ୍ଟିରୁ ମଧ୍ୟ ଏହି ସମସ୍ତ ବିଷୟ ଆଲୋଚନା କରିଅଛି ଏବଂ ସିଦ୍ଧାନ୍ତ କରିଅଛି ଯେ ଏହି ଗ୍ରନ୍ଥର ଭାଷା ଓଡ଼ିଆ ଥିଲା ଏବଂ ତହିଁର ଲେଖକ ସିଦ୍ଧାଚାର୍ଯ୍ୟମାନେ ଓଡ଼ିଆ ଥିଲେ ଏବଂ ସେମାନଙ୍କ ପ୍ରବର୍ତ୍ତିତ ଧର୍ମ ମଧ୍ୟ ଓଡ଼ିଶାରୁ ଜାତ ହୋଇଥିଲା ।

ମୂଳଗ୍ରନ୍ଥ ଆଶ୍ଚର୍ଯ୍ୟଚର୍ଯ୍ୟାଚୟର ଭାଷା ହଜାରେ ବର୍ଷ ତଳର ପ୍ରାଚୀନ ଓଡ଼ିଆ ଥିବାରୁ ମୁଁ ପ୍ରତ୍ୟେକ ପଙ୍କ୍ତିର ଆକ୍ଷରିକ ଓଡ଼ିଆ ଅନୁବାଦ କରିବାର ପ୍ରତ୍ୟେକ ପଙ୍କ୍ତି ପରେ ପରେ ଦେଇଅଛି । ମୂଳଗ୍ରନ୍ଥର ସଂସ୍କୃତ ଟୀକା ଥିଲା । ତା ମଧ୍ୟ ଏଥିରେ ସେହିପରି ରହିଅଛି ।

କିନ୍ତୁ ପଦଂର ଭାବ ଅତି ଦୁରୂହ ଥିବାରୁ ମୁଁ ତହିଁର ସରଳାର୍ଥ ବିସ୍ତୃତି ଓ ପ୍ରାଞ୍ଜଳ ଭାବରେ କରିଅଛି । ପ୍ରତ୍ୟେକ କବିତାର ଶେଷରେ ପଦଟୀକାରେ ପ୍ରତ୍ୟେକ ପଦର ଇତିହାସ ମଧ୍ୟ ବର୍ଣ୍ଣିତ ହୋଇଛି ।

ଓଡ଼ିଆ ଭାଷାରେ ଆଶ୍ଚର୍ଯ୍ୟ ଚର୍ଯାଚୟର ବିଶେଷ ଭାବରେ ଚର୍ଚ୍ଚା ବା ଆଲୋଚନା ହୋଇନାହିଁ । ମୋର ପୂର୍ଣ୍ଣ ବିଶ୍ୱାସ—ଏହି ଗ୍ରନ୍ଥ ବିଶେଷ-ଭାବରେ ଆଲୋଚିତ ହେଲେ ଓଡ଼ିଆ ଭାଷାର ଆଦିମ ଅବସ୍ଥାର ଇତିହାସ ଏବଂ ଓଡ଼ିଶା ଧର୍ମର ଇତିହାସ ବିଷୟରେ ବିଶେଷ ଭାବରେ ଆଲୋକ ପ୍ରଦାନ କରିବ ଏବଂ ଓଡ଼ିଶାର ଶିକ୍ଷା, ସଭ୍ୟତା ଏବଂ ସଂସ୍କୃତିର ପ୍ରକୃତ ସ୍ୱରୂପର ପରିଚୟ ମିଳିବ ।

ପ୍ରମାଣ ଭାବରେ ଉଦ୍ଧୃତ ଗ୍ରନ୍ଥମାନଙ୍କର ସୂଚୀ ମୂଳରେ ପ୍ରଦତ୍ତ ହୋଇଅଛି ।

# ଗ୍ରନ୍ଥପରିଚୟ

ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ ମହାଶୟ ଖ୍ରୀ ୧୯୦୭ରେ ନେପାଳରୁ ଚର୍ଯାଚର୍ଯ ବିନିଶ୍ଚୟ ନାମରେ ଗ୍ରନ୍ଥ ଖଣ୍ଡିଏ ପାଇଥିଲେ । ତହିଁର ଦଶବର୍ଷ ପରେ ଖ୍ରୀ ୧୯୧୭ରେ ବଙ୍ଗୀୟ ସାହିତ୍ୟ ପରିଷଦ୍‌ର ଆନୁକୂଲ୍ୟରେ ସେ ମହାଶୟ ବୌଦ୍ଧଗାନ ଓ ଦୋହା ନାମରେ ଗ୍ରନ୍ଥ ଖଣ୍ଡିଏ ହଜାର ବର୍ଷ ତଳର ବଙ୍ଗଳା ଭାଷା ବୋଲି ପ୍ରକାଶ କରିଥିଲେ । ଚର୍ଯାଚର୍ଯ ବିନିଶ୍ଚୟ ଏହି ବୌଦ୍ଧଗାନ ଓ ଦୋହା ନାମକ ପୁସ୍ତକର ଗୋଟିଏ ପ୍ରଧାନ ଅଂଶ । ଚର୍ଯାଚର୍ଯ ବିନିଶ୍ଚୟରେ ଭିନ୍ନ ଭିନ୍ନ ବୌଦ୍ଧ-ସିଦ୍ଧାଚାର୍ଯ୍ୟମାନଙ୍କର ୫୦ଟି ସଙ୍ଗୀତମୟ କବିତା ସନ୍ନିବେଶିତ ହୋଇଅଛି । ପ୍ରକାଶକ ମହାଶୟ ଏହି କବିତାଗୁଡ଼ିକର ଭାଷାକୁ ବଙ୍ଗଭାଷା ବୋଲି ଓ କବିମାନଙ୍କୁ ବଙ୍ଗୀୟ ବୋଲି ପ୍ରମାଣ କରିଅଛନ୍ତି । ସେହିଦିନଠାରୁ ଏହି ଗ୍ରନ୍ଥ ବଙ୍ଗଭାଷାର ଅଙ୍ଗରୂପରେ ଗୃହୀତ ହୋଇ ଆସିଅଛି । ଏହି ଗ୍ରନ୍ଥର ଅନ୍ୟାନ୍ୟ ସମାଲୋଚକ ଓ ଲେଖକମାନେ ମଧ୍ୟ ସେ ମହାଶୟଙ୍କର ପଦାଙ୍କ ଅନୁସରଣ କରି ଏହି ଗ୍ରନ୍ଥର ଭାଷାକୁ ପ୍ରାଚୀନ ବଙ୍ଗଳା ବୋଲି ଗ୍ରହଣ କରିଅଛନ୍ତି । କିନ୍ତୁ ଏ ଗ୍ରନ୍ଥର ନାମ ଚର୍ଯାଚର୍ଯ ବିନିଶ୍ଚୟ ନୁହେଁ । ପ୍ରକୃତରେ ଏ ଗ୍ରନ୍ଥର ନାମ ହେବ ଆଶ୍ଚର୍ଯ ଚର୍ଯାଚୟ । ମୁଁ ଏ ବିଷୟ ମୁଖବନ୍ଧରେ ପ୍ରମାଣିତ କରିଅଛି ।

ଏହି ଗ୍ରନ୍ଥର ଭାଷା ହଜାର ବର୍ଷ ତଳର ପ୍ରାଚୀନ ଓଡ଼ିଆ ଭାଷା ଏବଂ ଗ୍ରନ୍ଥର କବିମାନେ ପ୍ରାଚୀନ ଓଡ଼ିଆ କବି ଥିଲେ ବୋଲି ମୁଖବନ୍ଧରେ ପ୍ରମାଣିତ କରିଅଛି । ଏହି ତାନ୍ତ୍ରିକ ବୌଦ୍ଧଧର୍ମର ପ୍ରଧାନ ଦୁଇଶାଖା ବଜ୍ରଯାନ ଓ ସହଜଯାନ ଓଡ଼ିଶାରୁ ଉଦ୍ଭୂତ ହୋଇଥିଲା । ଏବଂ ସେହି ଭାବଧାରାର ପରମ୍ପରା ଓଡ଼ିଆରେ ଅଦ୍ୟାପି ଅକ୍ଷୁଣ୍ଣ-ଭାବରେ ରହିଅଛି ବୋଲି ମୁଁ ମୁଖବନ୍ଧରେ ପ୍ରମାଣିତ କରିଅଛି ।

ଏ ଗ୍ରନ୍ଥକୁ ଦୁଇଭାଗରେ ବିଭକ୍ତ କରା ହୋଇଅଛି, ଯଥା—(୧) ମୁଖବନ୍ଧ ଓ (୨) ମୂଳଗ୍ରନ୍ଥ । ମୁଖବନ୍ଧ ମଧ୍ଯ ୩ ଭାଗରେ ବିଭକ୍ତ ଯଥା— (୧) ଇତିହାସ-ବିଷୟକ (୨) ଭାଷାତତ୍ତ୍ୱ-ବିଷୟକ (୩) ଧର୍ମ-ବିଷୟକ । ମୁଁ ଏହି ମୁଖବନ୍ଧରେ ଇତିହାସ ଦୃଷ୍ଟିରୁ, ଭାଷାତତ୍ତ୍ୱ ଦୃଷ୍ଟିରୁ ଏବଂ ଧର୍ମ-ଦୃଷ୍ଟିରୁ ଏ ଗ୍ରନ୍ଥର ଭାଷା ଓଡ଼ିଆ ଥିଲା, ଲେଖକ ସିଦ୍ଧାଚାର୍ଯ୍ୟମାନେ ଓଡ଼ିଆ ଥିଲେ ଓ ସେ ଧର୍ମ ବଜ୍ରଯାନ ଓ ସହଜଯାନ ମଧ୍ୟ ଓଡ଼ିଶାରୁ ଉଦ୍ଭୂତ ହୋଇଥିଲା ବୋଲି ପ୍ରମାଣ କରିଅଛି ।

ମୂଳଗ୍ରନ୍ଥ ଆଶ୍ଚର୍ଯ୍ୟଚର୍ଯ୍ୟଚୟର ଭାଷା ହଜାର ବର୍ଷ ତଳର ପ୍ରାଚୀନ ଓଡ଼ିଆ ଥିବାରୁ ମୁଁ ପ୍ରତ୍ୟେକ ପଙ୍‌କ୍ତିର ଆକ୍ଷରିକ ଓଡ଼ିଆ ଅନୁବାଦ ସେହି କବିତାର ପ୍ରତ୍ୟେକ ପଙ୍‌କ୍ତିର ପରେ ପରେ ଦେଇଅଛି । ମୂଳ-ଗ୍ରନ୍ଥର ସଂସ୍କୃତ ଟୀକା ଥିଲା । ତା ମଧ୍ୟ ଏଥିରେ ସେହିପରି ରହିଅଛି । କିନ୍ତୁ ପଦ୍ୟର ଭାବ ଅତି ଦୁରୂହ ଥିବାରୁ ମୁଁ ତହିଁର ବିଶଦ ଅର୍ଥ ପ୍ରାଞ୍ଜଳ ଓଡ଼ିଆ ଭାଷାରେ କରିଅଛି । ଓଡ଼ିଶାରେ ଏହି ବୌଦ୍ଧାଚାର୍ଯ୍ୟମାନଙ୍କର ଭାବଧାରା ଅକ୍ଷୁଣ୍ଣ ରହିଅଛି ବୋଲି ପ୍ରମାଣ କରିବାଲାଗି ମୁଁ ଭିନ୍ନ ଭିନ୍ନ ପ୍ରାଚୀନ ଓଡ଼ିଆ ସାହିତ୍ୟରୁ ସମଭାବ ପଦ୍ୟ ମଧ୍ୟ ପ୍ରତି-ପଦ୍ୟର ଶେଷରେ ଯଥା ସମ୍ଭବ ସନ୍ନିବେଶିତ କରିଅଛି । ଆଶ୍ଚର୍ଯ୍ୟ ଚର୍ଯାଚୟର ପ୍ରତ୍ୟେକ କବିତାର ପ୍ରତ୍ୟେକ ପଦର ଇତିହାସ ପ୍ରତ୍ୟେକ କବିତା ଶେଷରେ ପଦଟୀକାରେ ଦେଇଅଛି । ଏହି ପ୍ରମାଣ ଦୃଷ୍ଟିରୁ ମୁଁ ଏହି ଗ୍ରନ୍ଥକୁ ୭ମ ଓ ୧୦ମ ଶତାବ୍ଦୀ ମଧ୍ୟର ପ୍ରାଚୀନ ଓଡ଼ିଆ ଭାଷା ବୋଲି ଦୃଢ଼ଭାବରେ ପ୍ରମାଣ କରିଅଛି ।

ଆଜପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ଏ ଗ୍ରନ୍ଥର ବିଶେଷ ଭାବରେ ଚର୍ଚ୍ଚା ବା ଆଲୋଚନା ହୋଇନାହିଁ । ମୋର ପୂର୍ଣ୍ଣ ବିଶ୍ୱାସ ଏ ଗ୍ରନ୍ଥ ବିଶେଷ ଭାବରେ ଆଲୋଚିତ ହେଲେ ଓଡ଼ିଆ ଭାଷାର ଆଦିମ ଅବସ୍ଥାର ଇତିହାସ ଏବଂ ଓଡ଼ିଶା ଧର୍ମର ଇତିହାସ-ବିଷୟରେ ବିଶେଷ ଭାବରେ ଆଲୋକ ପ୍ରଦାନ କରିବ ଏବଂ ଓଡ଼ିଶାର ଶିକ୍ଷା-ସଭ୍ୟତା ଓ ସଂସ୍କୃତିର ପ୍ରକୃତ ସ୍ୱରୂପର ଧାରା ମିଳିବ । ଇତି ।

ଗ୍ରନ୍ଥକାର

—ପ୍ରମାଣ ରୂପରେ ଉଦ୍ଧୃତ ଗ୍ରନ୍ଥମାନଙ୍କର ସୂଚୀ ଏବଂ ଗ୍ରନ୍ଥମାନଙ୍କର ସାଙ୍କେତିକ ଚିହ୍ନ—

(ଅ)

୧ । ଅଦ୍ୱୟ ସିଦ୍ଧି (ଅ:ସି)
୨ । ଅମରକୋଷ (ଅମର)
୩ । ଅଦ୍ୱୟବଜ୍ରସଂଗ୍ରହ (ଅ:ସ:)
୪ । ଅବଧୂତ ଗୀତା (ଅ:ଗୀ:)
୫ । ଅଣାକାର ସଂହିତା (ଅ:ସଂ:)
୬ । ଅଚ୍ୟୁତାନନ୍ଦ ଭଜନ
୭ । ଅଚ୍ୟୁତାନନ୍ଦ
୮ । ଅଭିନବ ବେଣୀସଂହାର
୯ । ଅଭିନବ ଗୀତଗୋବିନ୍ଦ
୧୦ । ଅଥର୍ବ ବେଦ

(ଆ)

୧୧ । ଆନନ୍ଦ ଲହରୀ (ମହୀଶୂର ମୁଦ୍ରିତ)

(ଇ)

୧୨ । ଈଶାଦ୍ୟଷ୍ଟୋତ୍ତର ଶତୋପନିଷଦ୍

(ଉ)

୧୩ । ଉତ୍ତର ରାମ ଚରିତ (ଉ.ଚ) (ମଧୁସୂଦନ ଅନୁବାଦିତ)

(ଋ)

୧୪ । ଋଗ୍‌ବେଦ
୧୫ । ଏକାଦଶସ୍କନ୍ଧ ଭାଗବତ (ଏ.ଭା.)
୧୬ । ଓଡ଼ିଆ ଭାଷାକୋଷ (ଓ. ଭା.)
୧୭ । ଓଡ଼ିଆ ସାହିତ୍ୟର ଇତିହାସ (ବିନାୟକ ମିଶ୍ର)
୧୮ । ଓଡ଼ିଶା ଇତିହାସ—ହରେକୃଷ୍ଣ ମହତାବ
୧୯ । ଓଡ଼ିଆ ସାହିତ୍ୟର କ୍ରମ ପରିଣାମ—ପ. ନୀଳକଣ୍ଠ ଦାସ

୨୦ । କୋଣାର୍କ (କ)
୨୧ । କୃଷ୍ଣସିଂହ ମହାଭାରତ ( କୃ. ମ )
୨୨ । କିଶୋର ଚନ୍ଦ୍ରାନନା ଚମ୍ପୂ ( କି· ଚ )
୨୩ । କାତ୍ୟାୟନ ବ୍ୟାକରଣ
୨୪ । କବିସୂର୍ଯ୍ୟ ସଙ୍ଗୀତ ( କ. ସ )
୨୫ । କେଶବ କୋଇଲି
୨୬ । କର୍ପୂର ମଞ୍ଜରୀ (କ: ମ: )
୨୭ । କବୀର
୨୮ । କାରଣ୍ଡ ବ୍ୟୂହ
୨୯ । କୃପାସିନ୍ଧୁ ରାମାୟଣ
୩୦ । କବୀର ଗ୍ରନ୍ଥାବଳୀ
୩୧ । କବିସୂର୍ଯ୍ୟ ଗ୍ରନ୍ଥାବଳୀ
୩୨ । କୃଷ୍ଣସିଂହ ମହାଭାରତ—ବିରାଟ ପର୍ବ
୩୩ । ,, —ବନପର୍ବ
୩୪ । କେନୋପନିଷଦ୍
୩୫ । କଠୋପନିଷଦ୍
୩୬ । କୁଳାର୍ଣ୍ଣବ ତନ୍ତ୍ର

(ଗ)

୩୭ । ଗୁପ୍ତଗୀତା ( ଗୁ: ଗୀ )
୩୮ । ଗୋରକ୍ଷ ସଂହିତ
୩୯ । ଗୋରକ୍ଷ ସିଦ୍ଧାନ୍ତ ସଂଗ୍ରହ
୪୦ । ଜ୍ଞାନଚୂଡ଼ାମଣି ( ଜ୍ଞା. ଚୂ )
୪୧ । ଜ୍ଞାନ ସିଦ୍ଧି ( ଜ୍ଞା. ସି )
୪୨ । ଗୁପ୍ତ ଚୂଡ଼ାମଣି
୪୩ । ଗୁହ୍ୟ ସମାଜ ତନ୍ତ୍ର
୪୪ । ଗୀତା ପ୍ରବେଶ ( ଗୀ: ପ୍ର: )
୪୫ । ଜ୍ଞାନ ସାଗର ( ଜ୍ଞା· ସା. )
୪୬ । ଗଙ୍ଗାଧର ଶଙ୍କର ଭଜନ ( ଗ. ଶ. ଭ )

୪୭ । ଗୋବିନ୍ଦ ଶର୍ମାର ଭଜନ ( ଗୋ. ଶ. ଭ )
୪୮ । ଗଣ୍ଡ ବ୍ୟୂହ
୪୯ । ଘେରଣ୍ଡ ସଂହିତା (ଘ)
୫୦ । ଚର୍ଯ୍ୟାପଦ ( ଚ. ପ. ) (ଚ)
୫୧ । ଚଉପଦୀ- କବିସୂର୍ଯ୍ୟ ( ଚି. କ. )
୫୨ । ଚନ୍ଦ୍ରଭାଗା— ( ଚ. ଭା. )
୫୩ । ଚର୍ଯ୍ୟାଚର୍ଯ୍ୟବିନିଶ୍ଚୟ ( ଚ. ଚ. ବି. )
୫୪ । ଚକ୍ରୁଳିଆ ପଣ୍ଡା ଗୀତ
୫୫ । ଚୈତନ୍ୟ ଭାଗବତ ( ଚ. ଭା. )
୫୬ । ଚନ୍ଦ୍ରମଣି ଭଜନ ( ଚ. ଭ. )
୫୭ । ଚୈତନ୍ୟ ଚରିତାମୃତ (ଚ. ଚ. ମୃ. )
୫୮ । ଚଣ୍ଡୀ-ଶଙ୍କାଦ୍ଧ ସୁକ୍ତ ( ଚ. ଶ. ସୁ. )
୫୯ । ଛତିଶ ପଟଳ (ଛ)
୬୦ । ଛାନ୍ଦୋଗ୍ୟ ଉପନିଷଦ
୬୧ । ଜଗୁକୃଷ୍ଣ ଭଜନ (ଜ: ଭ ) (ଜ)
୬୨ । ଜଗନ୍ନାଥ ଚରିତାମୃତ ( ଜ: ଚ )
୬୩ । ଡ଼ଗଡମାଳ (ଡ)
୬୪ । ତତ୍ତ୍ୱ ସଂଗ୍ରହ (ତ)
୬୫ । ତୁଳାଭିଣା ( ତୁ. ଭି. )
୬୬ । ତେଜବିନ୍ଦୁପନିଷଦ୍
୬୭ । ତୈତ୍ତିରୀୟୋପନିଷଦ୍
୬୮ । ଦାରୁବ୍ରହ୍ମ ଗୀତା (ଦ)
୬୯ । ଦେଉଳ ତୋଳା
୭୦ । ଦାଣ୍ଡି ରାମାୟଣ ( ଦା. ରା. )
୭୧ । ଦଶମସ୍କନ୍ଧ ଭାଗବତ ( ଦ. ଭା. )
୭୨ । ଦୀନକୃଷ୍ଣ ଦାସ ଭଜନ ( ଦୀ. ଭ. )
୭୩ । ଦତ୍ତାତ୍ରେୟ
୭୪ । ଦେବୀସୂକ୍ତ

୭୫ । ଦେବୀଗୀତା
୭୬ । ଦେବୀଭାଗବତ
୭୭ । ଧର୍ମ ଗୀତା (ଧ)
୭୮ । ନୃସିଂହ ପୁରାଣ ( ନୃ. ପୁ. ) (ନ)
୭୯ । ନିର୍ଗୁଣ ମହାତ୍ମ୍ୟ ( ନି· ମ. )
୮୦ । ପବନଯୋଗସଂଗ୍ରହ (ପ)
୮୧ । ପ୍ରେମ ପଞ୍ଚାମୃତ ( ପ୍ରେ. ପ. )
୮୨ । ପ୍ରାକୃତ ବ୍ୟାକରଣ ( ପ୍ରା. ବ୍ୟା. )
୮୩ । ପ୍ରାକୃତ ପିଙ୍ଗଳ ( ପ୍ରା. ପି· ).
୮୪ । ପ୍ରେମ ସୁଧାନିଧି ( ପ୍ରେ. ସୁ. )
୮୫ । ପ୍ରାକୃତ ପ୍ରକାଶ ( ପ୍ରା. ପ୍ର. )
୮୬ । ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର ( ପ୍ର: ପୂ: )
୮୭ । ପଞ୍ଚସଖା ଭଜନ (ପ:ଭ:)
୮୮ । ପ୍ରଜ୍ଞାପାରମିତା (ପ୍ର:ପା:)
୮୯ । ପାତଞ୍ଜଳ ଦର୍ଶନ
୯୦ । ପ୍ରଜ୍ଞୋପାୟ ସିଦ୍ଧି (ପ୍ର:ସି:)
୯୧ । ପ୍ରେମଭକ୍ତି ବ୍ରହ୍ମଗୀତା (ପ୍ରେ:ଭ:ବ୍ର:ଗୀ)
୯୨ । ପ୍ରଜ୍ଞୋପାୟ ବିନିଶ୍ଚୟ (ପ୍ର:ବି:)
୯୩ । ପରତେ ଗୀତା (ପ:ଗୀ:
୯୪ । ପୁରୁଷୋତ୍ତମ ତାପିନୀ (ପୁ:ତା:)
୯୫ । ପଞ୍ଚମସ୍କନ୍ଧ ଭାଗବତ (ପ:ଭା:)
୯୬ । ପ୍ରଣବ ଗୀତା (ପ୍ର:ଗୀ:)
୯୭ । ପରଶୁରାମ ଶରୀରଭେଦ ଭଜନ
୯୮ । ପଞ୍ଚଦଶୀ—ବିଦ୍ୟାରଣ୍ୟ ସ୍ୱାମୀ
୯୯ । କଳାବତୀ
୧୦୦ । ବୌଦ୍ଧଗାନ ଓ ଦୋହା (ବୌ:ଗା:ଦୋ:) (ବ)
୧୦୧ । ବରାହ ଉପନିଷଦ୍ (ବ:ଉ:)
୧୦୨ । ବଙ୍ଗୀୟ ସାହିତ୍ୟ ପରିଷଦ୍ ପତ୍ରିକା ୧୩୪୮ସା

୧୦୩ । ବିଦଗ୍ଧ ଚିନ୍ତାମଣି (ବି:ଚି:)
୧୦୪ । ବୈଦେହୀଶ ବିଳାସ (ବୈ:ବି:
୧୦୫ । ବେତାଳ ପଞ୍ଚବିଂଶତି (ବେ:ପ:)
୧୦୬ । ବାଜସନେୟୀ ସଂହିତା
୧୦୭ । ବ୍ରହ୍ମସଂହିତା (ବ୍ର:ସଂ)
୧୦୮ । ବୃହନ୍ନାରଦୀୟତନ୍ତ
୧୦୯ । ବିଦ୍ୟାବଳି ସୂକ୍ତ
୧୧୦ । ବାମକେଶ୍ୱର ତନ୍ତ୍ର
୧୧୧ । ବିଲଙ୍କା ରାମାୟଣ (ବି:ରା:)
୧୧୨ । ବ୍ରହ୍ମ ନିରୂପଣ ଗୀତା (ବ୍ର:ନି:)
୧୧୩ । ବ୍ରହ୍ମାଣ୍ଡ ଭୂଗୋଳ (ବ୍ର:ଭୂ:)
୧୧୪ । ବ୍ରହ୍ମ ଶାଙ୍କୁଳ (ବ୍ର:ଶା:)
୧୧୫ । ବିରାଟ ପର୍ବ (ବି:ପ:)
୧୧୬ । ବୃହଦାରଣ୍ୟକ ଉପନିଷଦ୍ (ବୃ:ଉ:)
୧୧୭ । ବେଦାନ୍ତ ସାର ଗୁପ୍ତଗୀତା (ବେ:ସା.ଗୁ.ଗୀ.)
୧୧୮ । ବିଷ୍ଣୁ ଗର୍ଭ ପୁରାଣ (ବି·ଗ·ପୁ·)
୧୧୯ । ବୃହତ୍ ସ୍ୱୟମ୍ଭୁ ପୁରାଣ
୧୨୦ । ବ୍ରହ୍ମଗୀତା (ବ୍ର.ଗୀ·)
୧୨୧ । ଭାଷାତତ୍ତ୍ୱ (ଭା.ତ.)
୧୨୨ । ଭଷାର ଇତିହାସ—ସୁକୁମାର ସେନ
୧୨୩ । ଭଜନସାର
୧୨୪ । ଭଜନ-ଭୀମଭୋଇ (ଭ·ଭୀ·)
୧୨୫ । ଭାଗବତ—ଜଗନ୍ନାଥ ଦାସ
୧୨୬ । ଭୀମଭୋଇ ଭଜନ
୧୨୭ । ଭାଷାକୋଷ (ଭା·କୋ.)
୧୨୮ । ଭଜନମନମୋହନ
୧୨୯ । ଭଜନ
୧୩୦ । ଭଗବଦ୍ ଗୀତା

୧୩୧ । ମୈତ୍ରୀ ଉପନିଷଦ୍ (ମ)
୧୩୨ । ମୃଚ୍ଛକଟିକ
୧୩୩ । ମନବୋଧ ଚଉତିଶା (ମ.ଚ.)
୧୩୪ । ମହାଯାତ୍ରା
୧୩୫ । ମୁଣ୍ଡକ ଉପନିଷଦ୍
୧୩୬ । ମାଧ୍ୟମିକ ବୃତ୍ତି
୧୩୭ । ମହାଭାରତ—(ଆଦ୍ୟ)— ସାରଳାଦାସ
୧୩୮ । ମହାଭାରତ—(ମଧ୍ୟ)— ,,
୧୩୯ । ମାର୍କଣ୍ଡେୟ ପୁରାଣ—(ମା.ପୁ.)
୧୪୦ । ମଣ୍ଡୁକଗୀତା
୧୪୧ । ମୁଣ୍ଡକୋପନିଷଦ୍
୧୪୨ । ମୁଣ୍ଡମାଳାତନ୍ତ୍ର
୧୪୩ । ଯୋଗକୁଣ୍ଡଳୀ ଉପନିଷଦ୍ (ଯ)
୧୪୪ । ଯୋଗଚିନ୍ତାମଣି (ଯୋ.ଚି)
୧୪୫ । ଯୋଗୀନ୍ଦ୍ର ଦାଣ୍ଡଧୂଆ (ଯୋ.ଦା.)
୧୪୬ । ଯୋଗ ବିବରଣ
୧୪୭ । ଯୋଗସାର
୧୪୮ । ଯୋଗବାଶିଷ୍ଠ ରାମାୟଣ
୧୪୯ । ଯୋଗିନୀ ତନ୍ତ୍ର
୧୫୦ । ରସକଲ୍ଲୋଳ (ର.କ.) (ର)
୧୫୧ । ରହସ୍ୟ ମଞ୍ଜରୀ (ର.ମ.)
୧୫୨ । ରାମାୟଣ—ପଟ୍ଟନାଏକ (ରା.ପ.)
୧୫୩ । ରସିକ
୧୫୪ । ରାଧୁ ଦାସ ଭଜନ (ରା.ଭ.)
୧୫୫ । ରାଧାମୃତ ଗୀତା (ରା.ଗୀ.
୧୫୬ । ରତ୍ନପାଦୁକା
୧୫୭ । ରାମଗୀତା (ରା.ଗୀ)
୧୫୮ । ରୁଦ୍ରୀ କବିତାବଳୀ

୧୫୯ । ରସ ବିନୋଦ (ର.ସ.)
୧୬୦ । ରୁଦ୍ରସୁଧାନିଧି (ରୁ.ସୁ.)
୧୬୧ । ରଘୁବଂଶ
୧୬୨ । ଶିବ ସଂହିତା (ଶି·ସଂ.) (ଶ)
୧୬୩ । ଶିବଦାସ ଗୀତା
୧୬୪ । ଶଗ୍ଦରଭେଦ ଭଜନ (ଶ·ଭେ·ଭ.)
୧୬୫ । ଶିବଯୋଗ
୧୬୬ । ଶାସ୍ତ୍ରାନ୍ତର
୧୬୭ । ଶଶିସେଣା
୧୬୮ । ଶ୍ୱେତାଶ୍ୱେତ ଉପନିଷଦ୍
୧୬୯ । ଶୁକ୍ଳ ଯଜୁର୍ ବେଦ
୧୭୦ । ଶତପଥ ବ୍ରାହ୍ମଣ
୧୭୧ । ଶବ୍ଦକଳ୍ପ ଦ୍ରୁମ
୧୭୨ । ସାଧନମାଳା ୧ମ ଭାଗ (ସା.ମା.) (ସ)
୧୭୩ । ,, ୨ୟ ଭାଗ (ସା.ମା.)
୧୭୪ । ସାରଳା ମହାଭାରତ ସଭାପର୍ବ (ସା·ମ·ଭା.)
୧୭୫ । ସାରଳା ମହାଭାରତ—ଭୀଷ୍ମପର୍ବ (ସା·ଭୀ·)
୧୭୬ । ,, ,, —ଉଦ୍‌ଯୋଗ (ସା.ଉ.)
୧୭୭ । ସଭାପର୍ବ—ସାରଳାଦାସ
୧୭୮ । ଶୂନ୍ୟ ସଂହିତା —(ଶୂ·ସଂ)
୧୭୯ । ସିଦ୍ଧାନ୍ତ ଚନ୍ଦ୍ରିକା (ସି.ଚ.)
୧୮୦ । ସପ୍ତାଙ୍ଗ ଯୋଗ
୧୮୧ । ସାହିତ୍ୟ ଦର୍ପଣ
୧୮୨ । ସର୍ବଦର୍ଶନସଂଗ୍ରହ
୧୮୩ । ସହଯୋଗ ଚନ୍ଦ୍ରିକା
୧୮୪ । ସୂକ୍ତାଳଙ୍କାର
୧୮୫ । ସଂସ୍କୃତ ଭାଗବତ (ସଂ.ଭା.)
୧୮୬ । ସୁଭଦ୍ର ନିଷେଧ ଗୀତା (ସୁ:ଗୀ:)

୧୮୭ । ସ୍ମୃତି ଚିନ୍ତାମଣି
୧୮୮ । ସିଦ୍ଧି ସିଦ୍ଧାନ୍ତ ପଦ୍ଧତି
୧୮୯ । ସପ୍ତଦଶ ପଟଳ
୧୯୦ । ସୌଭାଗ୍ୟ ଭାସ୍କର
୧୯୧ । ଷଡ୍ ଭାଷା ଚନ୍ଦ୍ରିକା (ଷ.ଚ.) (ଷ)
୧୯୨ । ହଠଯୋଗ ପ୍ରଦୀପିକା (ହ.ପ୍ର) (ହ)
୧୯୩ । ହେତୁଦ୍ଵୟ ଭାଗବତ (ହେ.ଭା.)
୧୯୪ । ହେବଜ୍ର ତନ୍ତ୍ର (ହେ.ବ.ତ.)
୧୯୫ । ହିନ୍ଦି ସାହିତ୍ୟର ଆଲୋଚନା ଇତିହାସ
୧୯୬ । ଲିଙ୍ଗ ପୁରାଣ (ଲି)

# English

(A)

197. Ancient India as Described by ptolemy.
198. A Geologists contribution to the History of Ancient India Antiquary Vol. XIII—V. Ball.
199. An Introduction to Budhist Esoterism.
200. Aspects of Mahajana Budhism and its relation to Hinajana By N. Dutt.
201 Archeological Survey No. 44—Exploration in Orissa, 1930.
202. Archeological Survey No. 44—University Vol,

(B)

203. Budhist Mystic songs.
204. B. Stan Tangyur Cordier.
205. Book of Revealation.

(C)

206. Constructive Survey of Upanishadic Philosophy —Ranade.
207. Comparative grammar Vol. II.—J. Beares.
208. Catalogue of du fands Tibetan Vol. II. cordier.
209. Cultural Heritage of India Vol. II.
210. Cultural Heritage of India Vol. I.

(D)

211. Dr. Old Field's Nepal.

(E)

212. Encyclopaedia Britanica (9th Ed)—Charles Lycall.
213. Encyclopedia of Religion and Ethics.
214. Eiclesiasres (The song of Songs)
215. Epigrephica Indica.

(G)

216. Green Wedel.
217. Gaudian Grammar—Hoernb.

(H)

218, History of Bengal—R. C. Mazumdar.

219. History of Bengal—(Dacca (university)

220. Hindi Grammar—Kelicgg.

221. History of Early Dynastics of Andhra Desa B. V. Rao.

222. History of Brajaboli literature—S. Sen

(I)

223. Indian Historical quarterly Vol. XI

224. Introduction to Sadhana, Vol. I.

225. Introduction to Sadhana, Vol. II.

226. Indian Historical quarterly. Vol. II..

227, Introduction to matcrials for critical study of the Bengali charypada and Begining.

228. Introduction to Budhist Esotorism

229. Indian Historical quaterly Vol. .VI, 1930

230. Journals of the Assam Research society Vol. V

(J)

231. J. A. O. S.—1909

232 J. A. S. B —1895

(L)

233. Lamaissm—L. A. Wadel

(M)

234. Modern Budhism and its followers in Orissa

235. Mystic Tales of Lama Taranath.

236. Manual of Budhism—Dr. Kerins

(O)

237. Orissa in the making—B. C. Mazumdar.

238. Origin and Development of Bengali Language.

(P)

239. Prakrit Prakash—P. Schel.

240. Pali Gramomar by Muller,

241. R. D. Bauery's History of Orissa, Vol. I.
242. Rigveda—Wilson.

(S)

243, Serpent Power—A. Avalon.
244. S. E. Dictionery
·245. Schiefner's Translation of Taranath.
246. Sir John Woodroffe.
247. Sir John Marshall's Indus civiliation.
248. Tibetan Yoga & Secret Doctrines.
249. Taranath.
251. Two Vajrayana works.
252. Taranath's Account, the journal of the Deppt. Of W. Hirs, Cal. uni Vol. I

(V)

254. Vedic Grammar.
255. Vaishanavism, Saivaism and minor Religion

(W)

256. Wilson's Philological tectures—Bhandarkar
257 William Morris.

(Z)

258. Zend—A, V, Coir. S, B, E,

# ଗ୍ରନ୍ଥର ନାମକରଣ

ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ ମହାଶୟଙ୍କ ସମ୍ପାଦକତ୍ୱରେ ୧୩୨୩ ସାଲରେ (୧୯୧୦ ଖ୍ରୀଷ୍ଟାବ୍ଦରେ) ବୌଦ୍ଧଗାନ ଓ ଦୋହା ନାମରେ ଖଣ୍ଡିଏ ପୁସ୍ତକ ବଙ୍ଗୀୟ ସାହିତ୍ୟ—ପରିଷଦପକ୍ଷରୁ ପ୍ରକାଶିତ ହୋଇଥିଲା । ଏହି ପୁସ୍ତକଟିରେ ୪ଖଣ୍ଡ ଭିନ୍ନ ଭିନ୍ନ ଗ୍ରନ୍ଥ ରହିଅଛି । ତହିଁ ଭିତରୁ ପ୍ରଥମ ଗ୍ରନ୍ଥଖଣ୍ଡିକର ନାମ ସେ ରଖିଛନ୍ତି "ଚର୍ଯାଚର୍ଯ-ବିନିଶ୍ଚୟ" । ଶାସ୍ତ୍ରୀମହାଶୟ ଗ୍ରନ୍ଥଟିର ଏହି ନାମ କେଉଁଠାରୁ ପାଇଲେ, କାହିଁକି ଓ କପରି ସେ ଏହି ନାମକରଣ ଗ୍ରହଣ କଲେ, ତହିଁର ଆଭାସ ମଧ୍ୟ ତାଙ୍କର ମୁଖବନ୍ଧରେ ଦେଖିବାକୁ ମିଳିଲା ନାହିଁ । ବୋଧହୁଏ ଶାସ୍ତ୍ରୀ ମହାଶୟ ଯେଉଁ ମୂଳଗ୍ରନ୍ଥରୁ ବା ପୋଥିରୁ ଗ୍ରନ୍ଥଟି ପ୍ରକାଶ କଲେ, ତହିଁରେ ଏହିପରି ନାମ କରଣ ଦେଖିଥିବେ । ସେହି ଅନୁସାରେ ସେ ପୁସ୍ତକଟିର ନାମ ରଖିଛନ୍ତି "ଚର୍ଯାଚର୍ଯ-ବିନିଶ୍ଚୟ" (୧) ଚର୍ଯ୍ୟର ଅର୍ଥ ହେଉଛି ଆଚରଣୀୟ, କର୍ତ୍ତବ୍ୟ ଏବଂ ଅଚର୍ଯ୍ୟର ଅର୍ଥ ହେଉଛି ଅନାଚରଣୀୟ ଓ ଅକର୍ତ୍ତବ୍ୟ । ସୁତରାଂ ଧର୍ମସମ୍ବନ୍ଧୀୟ କର୍ତ୍ତବ୍ୟ ଏବଂ ଅକର୍ତ୍ତବ୍ୟ ଯେଉଁ ଗ୍ରନ୍ଥରେ ଥାଏ, ସେ ଗ୍ରନ୍ଥର ନାମ ଚର୍ଯାଚର୍ଯ ବିନିଶ୍ଚୟ । କିନ୍ତୁ ପ୍ରକାଶିତ ଏହି ଚର୍ଯାଚର୍ଯ-ବିନିଶ୍ଚୟ ଗ୍ରନ୍ଥରେ ଧର୍ମସମ୍ବନ୍ଧୀୟ ବିଧିନିଷେଧ ବା କର୍ତ୍ତବ୍ୟାକର୍ତ୍ତବ୍ୟ ବିଷୟର ଆଦୌ ଆଲୋଚନା ହୋଇନାହିଁ । ଏହି ଗ୍ରନ୍ଥରେ କେବଳ କେତେକ ବୌଦ୍ଧଗାନ ରହିଅଛି । ତହିଁରେ ବୌଦ୍ଧତାନ୍ତ୍ରିକ ମତବାଦ ବର୍ଣ୍ଣିତ ହୋଇଅଛି । ଏହି ଗ୍ରନ୍ଥଟି ଓଡ଼ିଆ ଅପଭ୍ରଂଶ ଭାଷାରେ ରଚିତ । ଶାସ୍ତ୍ରୀ ମହାଶୟ ଏହି ଗ୍ରନ୍ଥର

---

୧ ଚର୍ଯ୍ୟାଚର୍ଯ୍ୟ ବିନିଶ୍ଚୟ by M. M. H. Sashtri page 1.

ଭାଷାକୁ ହଜାରେ ବର୍ଷତଳର ବଙ୍ଗଭାଷା ବୋଲି ପ୍ରମାଣ କରିବାକୁ ଚେଷ୍ଟା କରିଥିଲେ । ସେହିଦିନଠାରୁ ଗ୍ରନ୍ଥଟି ପ୍ରାଚୀନ ବଙ୍ଗଭାଷାରେ ରଚିତ ବୋଲି ଗୃହୀତ ହୋଇ ଆସିଅଛି । ଏହି ଚର୍ଯାଚର୍ଯ-ବିନିଶ୍ଚୟ ଗ୍ରନ୍ଥଟିର ସଂସ୍କୃତ ଟୀକା ମଧ୍ୟ ତହିଁ ସହିତ ରହିଅଛି । ସେହି ଟୀକାରେ ଏହି ନାମ ଦେଖିବାକୁ ମିଳେନାହିଁ । ଏହି ଟୀକାକର "ଆଶ୍ଚର୍ଯଚର୍ଯାଚୟ" ବୋଲି ଗ୍ରନ୍ଥର ନାମ ଉଲ୍ଲେଖ କରିଛନ୍ତି ଯଥା— "ଶ୍ରୀଲୁୟିଚରଣାଦିସିଦ୍ଧରଚିତେଽପ୍ୟାଶ୍ଚର୍ଯଚର୍ଯ୍ୟାଚୟେ । ସଦ୍‌ବର୍ତ୍ମାବିଗମାୟ-ନିର୍ମଳଗିରାଂ ଟୀକାଂ ବିଧାସ୍ୟେ ସ୍ଫୁଟଂ । "ସାଧୁମାର୍ଗର ବୋଧଲାଗି ମୁଁ ଶ୍ରୀ ଲୁୟିପାଦ ପ୍ରଭୃତି ସିଦ୍ଧଙ୍କ ରଚିତ ଆଶ୍ଚର୍ଯଚର୍ଯାଚୟର ସ୍ଫୁଟଭାବରେ ନିର୍ମଳ ବାକ୍ୟରେ ଟୀକା କରୁଅଛି ।" ଏଥିରୁ ସ୍ପଷ୍ଟ ଭାବରେ ପ୍ରତିପାଦିତ ହୁଏ ଯେ, ଟୀକାକାରଙ୍କ ମତରେ ଗ୍ରନ୍ଥର ନାମ ହୋଇଅଛି "ଆଶ୍ଚର୍ଯ୍ୟଚର୍ଯ୍ୟାଚୟ ।"

ଚର୍ଯାଚୟର ଅର୍ଥ ହେଉଛି—ଧର୍ମ ସମ୍ବନ୍ଧୀୟ କର୍ତ୍ତବ୍ୟସମୂହ । ସେହି ବୌଦ୍ଧଧର୍ମ ସମ୍ବନ୍ଧୀୟ କର୍ତ୍ତବ୍ୟମାନ ଏହି ଗ୍ରନ୍ଥରେ ସନ୍ଧ୍ୟାଭାଷାରେ ଲୌକିକ ପାରମାର୍ଥିକ ଭାବରେ ଦୁଇ ଅର୍ଥରେ ବ୍ୟବହୃତ ହୋଇ ଲୋକଙ୍କ ମନରେ ବିସ୍ମୟ ଓ ଆଶ୍ଚର୍ଯ୍ୟଭାବର ଉଦ୍ରେକ କରିଥାଏ । ତେଣୁ ଗ୍ରନ୍ଥଟିର ଯଥା ନାମ ହେଉଛି—"ଆଶ୍ଚର୍ଯଚର୍ଯାଚୟ" । କର୍ଡ଼ିଅରଙ୍କ ଗ୍ରନ୍ଥସୂଚିର "ଚର୍ଯାଦୋହ କୋଷଗୀତିକା ଦୋହାଚର୍ଯ୍ୟାଗୀତିକା ଦୃଷ୍ଟି" ପ୍ରଭୃତି ଗ୍ରନ୍ଥମାନଙ୍କ ନାମ ସହିତ ତୁଳନା କଲେ ଗ୍ରନ୍ଥଟିର ନାମ "ଚର୍ଯାଚୟ" ହୋଇଥିବ (୧) ବିଶେଷ ଭାବରେ ସମ୍ଭାବନା ହୋଇଥାଏ । ବିଧୁଶେଖର ଭଟ୍ଟାଚାର୍ଯ ମହାଶୟ ତାଙ୍କ ପ୍ରବନ୍ଧରେ ଏହି ବିଷୟ ପ୍ରମାଣିତ କରିଛନ୍ତି । (୨) ପ୍ରବୋଧଚନ୍ଦ୍ର ବାଗ୍‌ଚି ମହାଶୟ ନେପାଳଦରବାରରେ ରକ୍ଷିତ ମୂଳପୋଥି ଖଣ୍ଡିଏ ପାଠକରି ଦେଖିଛନ୍ତି ଯେ ସେଥିରେ ଚର୍ଯ୍ୟା-ଚର୍ଯ୍ୟ ବିନିଶ୍ଚୟ ବୋଲି ନାମ ରହିଅଛି ।

---

୧ । Cordier—Catalogue du funds Tibetan Vol. II p. 23 and 47.

୨ । Indian Historical quarterly vol III 1930. Vol. I p 169 to I71

କିନ୍ତୁ ସେ ମଧ୍ୟମ ପନ୍ଥା ଅବଲମ୍ବନ କରି କହିଛନ୍ତି ଯେ—ଗ୍ରନ୍ଥର ନାମ "ଆଶ୍ଚର୍ଯ୍ୟ-ଚର୍ଯ୍ୟାଚୟ"ହୋଇପାରେ ଏବଂ "ଚର୍ଯ୍ୟାଚର୍ଯ୍ୟବିନିଶ୍ଚୟ" ମଧ୍ୟ ହୋଇପାରେ ।

ବାଗ୍‌ଚି ମହାଶୟ ଏବଂ ମଣୀନ୍ଦ୍ରମୋହନ ବସୁ ମହାଶୟ ପ୍ରଭୃତି ଗ୍ରନ୍ଥଟିର ନାମକରଣ କରିଛନ୍ତି "ଚର୍ଯ୍ୟାପଦ" । (୧) (୨) ବଙ୍ଗୀୟ ବୈଷ୍ଣବ କବିତାରେ "ପଦ" ଶବ୍ଦର ବ୍ୟବହାର ହୋଇଥାଏ । ବାଗ୍‌ଚି ଓ ବସୁ ପ୍ରଭୃତି ବଙ୍ଗୀୟ—ଲେଖକଗଣ ସେହି ବୈଷ୍ଣବ କବିତାର ସାଦୃଶ୍ୟରେ ବୌଦ୍ଧ କବିତାରେ ମଧ୍ୟ "ପଦ" ଶବ୍ଦ ବ୍ୟବହାର କରି ଗ୍ରନ୍ଥଟିର ଚର୍ଯ୍ୟାପଦ ନାମ ଗ୍ରହଣ କରିଛନ୍ତି ବୋଲି ଅନୁମିତ ହୁଏ । ଏହି ଚର୍ଯ୍ୟାପଦ ନାମ ଗ୍ରହଣ କରି ସେମାନେ ଗ୍ରନ୍ଥଟିକୁ ସମ୍ପୂର୍ଣ୍ଣଭାବରେ ବଙ୍ଗଦେଶର କବିତା ବୋଲି ପ୍ରତିପାଦିତ କରିଛନ୍ତି, କିନ୍ତୁ ମୁଁ ପୂର୍ବୋକ୍ତ କାରଣଯୋଗୁଁ ଏବଂ ଟୀକାକାରଙ୍କ ପ୍ରମାଣ ଅନୁସାରେ ଏହି ଗ୍ରନ୍ଥଟିର ନାମ କରଣ ରଖିଅଛି "ଆଶ୍ଚର୍ଯ୍ୟଚର୍ଯ୍ୟାଚୟ"

ସାଧନମାଳାରେ ବୌଦ୍ଧ ବଜ୍ରଯାନସମ୍ପ୍ରଦାୟର ତାନ୍ତ୍ରିକ ସାଧନାର ଗୃହଗୋଟି ପୀଠର ଉଲ୍ଲେଖ ଅଛି । ଯଥା—(୧) ଓଡ଼ିୟାନ (୨) ପୂର୍ଣ୍ଣଗିରି (୩) କାମାଖ୍ୟା (୪) ସିରିହଟ୍ଟ (୩) । ଡାକ୍ତର ଭଟ୍ଟାଚାର୍ଯ୍ୟଙ୍କ ମତରେ ଶେଷ ଦୁଇଟି ପୀଠର ସ୍ଥାନ ନିର୍ଣ୍ଣୟ ନିଶ୍ଚିତଭାବରେ ହୋଇଅଛି । ଦୁଇଟିଯାକ ସ୍ଥାନ ଆସାମ ପ୍ରଦେଶରେ ଅବସ୍ଥିତ । କାମାଖ୍ୟା ବର୍ତ୍ତମାନ କାମାଖ୍ୟା ବା କାମରୂପ ନାମରେ ପରିଚିତ, ଏବଂ ଏହା ଆସାମର ରାଜଧାନୀ ଗୌହାଟିର ଅଳ୍ପ ଦୂରବର୍ତ୍ତୀ । ସିରିହଟ୍ଟକୁ ଆଧୁନିକ ସିଲହଟ ରୂପେ ଅନେକ ମତ ପ୍ରକାଶ କରିଅଛନ୍ତି । କିନ୍ତୁ ପ୍ରଥମ ଦୁଇଟି ପୀଠର

1. Introduction to materials for a critical Edition of the old Bengali caryapada. P.7

୨ ଚର୍ଯ୍ୟାପଦ Edited by ମଣୀନ୍ଦ୍ରମୋହନ ବସୁ M. A.

୩ । ସାଧନମାଳା—Vol. II. 453. 455

ସ୍ଥାନ ନିର୍ଣ୍ଣୟ ବିଷୟରେ ପଣ୍ଡିତମାନେ ଭିନ୍ନ ଭିନ୍ନ ମତ ଓ ଯୁକ୍ତି ଉତ୍ଥାପନ କରି ନାନାପ୍ରକାରର ଅନୁମାନ କରିଥାନ୍ତି । ଏହି ଚାରି ପୀଠ ଭିତରେ ୧ମପୀଠ ଓଡ଼ିୟାନର ଉଲ୍ଲେଖ ବିଶେଷ ଭାବରେ ହୋଇଅଛି । ଏହି ଓଡ୍ଡ଼ିୟାନ ପୀଠକୁ କେହି କେହି ଉଡ୍ଡିୟାନ କେହି କେହି ଓଡ୍ଡଯାନ, କେହି କେହି ଓଡ୍ରଯାନ ବୋଲି ଉଚ୍ଚାରଣ କରି ଲେଖିଥାନ୍ତି । ସିଲ୍ଭାନ୍ ଲେଭି(M. Sylvan leveri )ଓଡ୍ଡିଯାନକୁ ଖାଶଗଡ଼ (khash garh) କୌଣସି ସ୍ଥାନରେ ନିରୂପଣ କରି ଅଛନ୍ତି । (୧) ୱାଡ଼େଲ ସାହେବ ( L A waddel) ସ୍ୱାଟ ଉପତ୍ୟକାର (the swat valley) ଉଦ୍ୟାନ ପ୍ରଦେଶକୁ ଓଡ୍ଡଯାନ ବୋଲି ନିର୍ଣ୍ଣୟ କରିଛନ୍ତି । (୨)ନଳିନୀନାଥ ଦାସଗୁପ୍ତ ଓଡ୍ଡ଼ିୟାନ ବଙ୍ଗଦେଶରେ ଅବସ୍ଥିତ ବୋଲି ପ୍ରମାଣ କରିବାକୁ ଚେଷ୍ଟା କରିଛନ୍ତି । ନାଥ ମହାଶୟ (Mr· R· M· Nath) ପ୍ରାଚୀନ ଓଡ୍ଡ଼ିଯାନକୁ ଆସାମର ହୋଜେଇ (hojai) ବା ଓଦେଇ ସ୍ଥାନରୂପେ ମତବ୍ୟକ୍ତ କରିଛନ୍ତି । ମହାମହୋପାଧ୍ୟାୟ ହରପ୍ରସାଦଶାସ୍ତ୍ରୀଙ୍କ ମତରେ ଓଡ଼ିଶାରେ ଓଡ୍ଡ଼ିୟାନ ଅବସ୍ଥିତ । ଡାକ୍ତର ବି. ଭଟ୍ଟାଚାର୍ଯ୍ୟ ଓଡ଼ିଶାରେ ଓଡ଼ିୟାନ ଅବସ୍ଥିତ, ଏହା କହି ସ୍ଥାନେ ସ୍ଥାନେ ଓଡ଼ିୟାନ ବଙ୍ଗଦେଶର ଅନ୍ତର୍ଗତ ବୋଲି ଯୁକ୍ତି ମଧ୍ୟ ଉପସ୍ଥାପିତ କରିଅଛନ୍ତି । ତେଣୁ କହିବାକୁ ଗଲେ ଓଡ଼ିୟାନର ସ୍ଥାନ-ନିର୍ଣ୍ଣୟ ବିଷୟରେ କାହାରି ମତରେ ଐକ୍ୟ ନାହିଁ । ଭିନ୍ନ ଭିନ୍ନ ଲୋକେ ଭିନ୍ନ ଭିନ୍ନ ମତ ଉପସ୍ଥାପିତ କରିଅଛନ୍ତି ।

(Pay sam jan jam ) ପାଗ୍ ସାମ୍ ଜାମ୍‌ଜାମ୍‌ରେ କଥିତ ଅଛି ଯେ— ପ୍ରଥମରେ ଓଡ଼ିୟାନରୁ ତାନ୍ତ୍ରିକ ବୌଦ୍ଧଧର୍ମ ପ୍ରଚରିତ ହୋଇଥିଲା । ଡାକ୍ତର ବି. ଭଟ୍ଟାଚାର୍ଯ୍ୟଙ୍କ ମତରେ ତାନ୍ତ୍ରିକ ବୌଦ୍ଧଧର୍ମ ପ୍ରଥମତଃ ଓଡ଼ିୟାନରୁ ଉତ୍ପତ୍ତି ଲାଭ କରିଥିଲା, ଏବଂ ପରେ ତାହା ଅନ୍ୟାନ୍ୟ ତନ୍ତ୍ର-ପୀଠରେ (କାମାଖ୍ୟା ସିରିହଟ୍ଟ ଓ ପୂର୍ଣ୍ଣଗିରିରେ) ପ୍ରବର୍ତ୍ତିତ ହୋଇଥିଲା ।

---

୧ । Introduction to ସାଧନମାଳା Vol. II, P xx—VII

୨ । Waddal-Lemaism P 380

ଇଭାନସ ଉଏଣ୍ଟ ସେ (Evans Want 2) ତାଙ୍କର Tibetan Toga and secret Doctrines ଗ୍ରନ୍ଥ ୧୨୫ ପୃଷ୍ଠାରେ କହିଅଛନ୍ତି ଲାମାମାନେ ଛଅ ପ୍ରକାରର ଯୌଗିକ ତନ୍ତ୍ରଶାସ୍ତ୍ର ସ୍ୱୀକାର କରନ୍ତି । ତହିଁ ଭିତରୁ ଯୋଗିମା ତନ୍ତ୍ରକୁ ଉର୍ଗିଯାନର (Lawapa) ଲପା ପ୍ରଥମରେ ପ୍ରଚାର କରିଥିଲେ । ଏହି ଉର୍ଗିଯାନର ପଦ୍ମସମ୍ଭବ ତିବ୍ବତରେ ପ୍ରଥମରେ ଯୋଗିମାତନ୍ତ୍ର ପ୍ରଚାର କରିଥିଲେ । ଏହି ଉର୍ଗିୟାନ ଉଡ୍ଡିୟାନକୁ ଲକ୍ଷ୍ୟ କରୁଅଛି । ଓଡ୍ର ୟାନ ଉଚ୍ଚାରଣ ଯୋଗୁଁ ଉର୍ଗିୟାନ ହୋଇଅଛି । ସୁତରାଂ ଓଡ଼ିଯାନ ବୌଦ୍ଧତନ୍ତ୍ର ସାଧନାର ଆଦ୍ୟପୀଠ ଥିଲାବୋଲି ତିବ୍ବତରେ କମ୍ବଦନ୍ତୀ ଅଛି । ବୌଦ୍ଧତାନ୍ତ୍ରିକ ବଜ୍ରଯାନରେ ଓଡ଼ିଯାନ ଆଦ୍ୟପୀଠ ବୋଲି ଗୃହୀତ । ତେଣୁ ଏହି ନାମ ସର୍ବ ପ୍ରଥମରେ ଉଲ୍ଲିଖିତ ହୋଇଅଛି ।

ସନାତନ ଧର୍ମର ହଠ ଯୋଗରେ ପ୍ରଧାନ ଗ୍ରନ୍ଥ ହଠଯୋଗ ପ୍ରଦୀପିକାରେ ଉଡ଼ିୟାନ ବନ୍ଧର ଲକ୍ଷଣ ଏହିପରି ଦିଆଯାଇ ଅଛି ।
ଅଥ ଉଡ୍ଡିୟାନବନ୍ଧଃ—

ବଦ୍ଧୋଯେନ ସୁଷୁମ୍ନାୟାଂ ପ୍ରାଣସ୍ତୂଡ୍ଡୀୟତେ ଯତଃ
ତସ୍ମାଦୁଡ୍ଡୀୟନାଖ୍ୟୋଽୟଂ ଯୋଗିଭିଃ ସମୁଦାହୃତଃ । ୫୫ ।
ଉଡ୍ଡୀନଂ କୁରୁତେ ଯସ୍ମାଦବିଶ୍ରାନ୍ତୋ ମହାଖଗଃ
ଉଡ୍ଡୀୟାନଂ ତଦେବ ସ୍ୟାତ୍ ତତ୍ର ବନ୍ଧୋଽଭିଧୀୟତେ । ୫୬ ।
ଉଡ୍ଡୀୟାନୋ ହ୍ୟସୌ ବନ୍ଧୋ ମୃତ୍ୟୁମାତଙ୍ଗ କେଶରୀ । ୫୭ ।
ସର୍ବେଷାମେବ ବନ୍ଧାନାମୁତ୍ତମୋ ହ୍ୟୁଡ୍ଡୀୟାନକଃ
ଉଡ୍ଡୀୟାନେ ଦୃଢେ ବନ୍ଧେ ମୁକ୍ତିଃ ସ୍ୱାଭାବିକୀ ଭବେତ୍ । ୫୮ ।

---

1. Indian Historical Suarterly xi P. 142-144
2. Journal of the Assam Re-Society Vol X V No 1 and 2 for 1937) on the Anti quities of the Kapili and the Jam valleys P· 14-57
3, ବୋ· ଗା, ଦୋ ମୁଖବନ୍ଧ–Intro to ସାଧନାମାଳାP. x x x viibw

ହଠଯୋଗ ପ୍ରଦୀପିକାର ଗ୍ରନ୍ଥକାର ଏହି ପଦ୍ୟଗୁଡ଼ିକରେ ଉଡ଼ିବା ଅର୍ଥରେ ଉଦ୍+ଡୀ ଧାତୁରୁ ଉଡ୍ଡୀୟାନ ଶବ୍ଦ ନିଷ୍ପନ୍ନ ହୋଇଅଛି ବୋଲି ପ୍ରମାଣ କରିବାକୁ ଚେଷ୍ଟା କରିଛନ୍ତି । ହଠଯୋଗ ପ୍ରଦୀପିକା ବେଶୀ କାଳର ପ୍ରାଚୀନ ଗ୍ରନ୍ଥ ନୁହେଁ, ତେଣୁ ଏହି ଗ୍ରନ୍ଥରେ ଯେଉଁସବୁ ପ୍ରାଚୀନ ଯୌଗିକ ତାନ୍ତ୍ରିକ ପାରିଭାଷିକ ଶବ୍ଦର ବ୍ୟାଖ୍ୟା ହୋଇଅଛି ତାହାକୁ ପରୀକ୍ଷା କରି ସାବଧାନଭାବରେ ଗ୍ରହଣ କରିବାକୁ ହେବ । (୧) ଯୋଗକୁଣ୍ଡଳୀଉପନିଷଦ୍ ଓ ବରାହଉପନିଷଦ୍‌ରେ ମଧ୍ୟ ଉଡ୍ଡୀୟାନ ଶବ୍ଦକୁ ଉଦ୍+ଡୀ ଧାତୁ ସହିତ ସମ୍ପୃକ୍ତ କରାହୋଇଛି । ଯୋଗକୁଣ୍ଡଳୀ ଉପନିଷଦର ୧ମ ଅଧ୍ୟାୟରେ କଥିତ ଅଛି—' ଯତୋ ପ୍ରାଣଃ ଉଡ୍ଡୀୟତେ" ଇତ୍ୟାଦି । "ସୁଷୁମ୍ନାରେ ପ୍ରାଣ ଉଡ଼ିଯାଏ ବୋଲି ଏହି ବନ୍ଧକୁ "ଉଡ୍ଡୀୟାନ ବନ୍ଧ" କହନ୍ତି ।(୨)

ବରାହଉପନିଷଦ୍‌ର ୫ମ ଅଧ୍ୟାୟରେ କୁହାହୋଇଛି ପ୍ରାଣ ସବୁବେଳେ ଉଡୁଅଛି । ଏହି ଉଡ଼ିବା ଯେଉଁ ବନ୍ଧଦ୍ୱାରା ବନ୍ଦହୁଏ- ତାହାକୁ ଉଡ୍ଡୀୟାନ ବନ୍ଧ କହନ୍ତି । ପ୍ରାଚୀନ କାଳର ମୈତ୍ରୀଉପନିଷଦ୍‌ରେ (VI—18—21) ହଠ ଯୋଗର ବିଷୟ ବର୍ଣ୍ଣିତ ହୋଇଅଛି । ତହିଁ ପରେ ହଠ ଯୋଗସାଧନା ପୂର୍ଣ୍ଣ—ବିକାଶ ଲାଭ କଲା । ବରାହ ଓ ଯୋଗକୁଣ୍ଡଳୀ ପ୍ରଭୃତି ଉପନିଷଦ୍ ଅଳ୍ପକାଳ ପୂର୍ବରୁ ରଚିତ ହୋଇଥିବାର ଅନୁମିତ ହୁଏ ବୋଲି ପ୍ରଫେସର ରାଣାଡେ ପ୍ରମାଣ କରିଅଛନ୍ତି । (୩)

ଶିବାନନ୍ଦ ସରସ୍ୱତୀଙ୍କର ଯୋଗ ଚିନ୍ତାମଣିରେ ଉଡ୍ଡୀୟାନ ବନ୍ଧ ବିଷୟରେ ଭିନ୍ନ ଭିନ୍ନ ଗ୍ରନ୍ଥରୁ ଯେଉଁସବୁ ପଦ୍ୟ ସଂଗୃହୀତ ହୋଇଅଛି, ସେ ସବୁ ତଳେ ଉଦ୍ଧୃତ ହେଲା ଯଥା—

ପୃ୧୪୭—ଦତ୍ତାତ୍ରେୟଃ—

ଆସନଂ ସୁଦୃଢଂ ବଦ୍ଧ୍ୱା ମୂଳବନ୍ଧଂ ବିଧାୟ ଚ
ଉଡ୍ଡୀୟାନଂ ତଥା ବନ୍ଧଂ ତତୋ କାଳକ୍ଷୟଭୟମ୍ ।

1· Serpent power by Arthur Avalon P· 21 2· foot note
୨· ଈଶାଦ୍ୟଷ୍ଟୋତ୍ତରଶତୋପନିଷଦ୍ P·533·
୩ Constructive Survey of upanishadic Phi philophy P·33·

ଯୋଗବୀଜେ—

କୁମ୍ଭକାନ୍ତେ ରେଚକାଦୌ କର୍ତ୍ତବ୍ୟସ୍ତୂଡ୍‌ଡୀୟାନକଃ

ପୃ ୧୩୦—ପବନ ଯୋଗ ସଂଗ୍ରହେ—

ଶକ୍ତି ଗୃହ୍ଲୋ ମୂଳବନ୍ଧ ଉଡ୍‌ଡୀୟାନଂ ତତଃ ପରମ୍
ଜାଳନ୍ଧରଭ୍ରଧୌ ବନ୍ଧୋ ବିପରୀତ କୃତିସ୍ତଥା ।

ପୃ ୧୨୦—ଶିବଯୋଗେ—

ସ୍ୱାଧିଷ୍ଠାନଂ ତତଶ୍ଚକ୍ରଂ ତସ ଗୃଭୁର୍ଦ୍ଧ୍ୱଳାମ୍ବୁଜମ୍
ତଦେତଦ୍ୟୋଡ୍‌ଡୀୟାନଂ ଧ୍ୟାୟେତ୍ ପଶ୍ଚିମାଭିମୁଖଂ ଶିବମ୍ ।

ପୃ ୧୨୧—ମାସ୍ତ୍ରାନ୍ତରେତୁ—

ତସ୍ୟୋଡ୍‌ଡୀୟାନପୀଠେ ତୁ ତଂ ଧ୍ୟାତ୍ୱା କର୍ଷୟେତ୍ ଜଗତ୍
ତୃଷ୍ଣାୟୁ ଯନ୍ତ୍ରାଭରଣଂ ସ୍ୟାଦ୍ୱନ୍ମଧ୍ୟେ ଭୂଜଗୀସ୍ଥିତା ।

ପୃ .୧୪୦—ତନ୍ମଧ୍ୟେ ଓଡ଼୍ୟାନ ପୀଠଂ ତ୍ରିକୋଣଂ......

ଏହି ସବୁ ପଦ୍ୟରେ ୧ମ ତିନୋଟି ପଦ୍ୟ ହଠଯୋଗ ପ୍ରଦୀପିକାର ଉଡ୍‌ଡୀୟାନ ବନ୍ଧକୁ ଲକ୍ଷ୍ୟ କରୁଅଛି । କିନ୍ତୁ ଶେଷପଦ୍ୟ ଗୁଡ଼ିକ ତାନ୍ତ୍ରିକ ପୀଠ ବା ସ୍ଥାନକୁ ଲକ୍ଷ୍ୟ କରୁଛି ବୋଲି "ଉଡ୍‌ଡୀୟାନଂ ଧ୍ୟାୟେତ୍" "ଉଡ୍‌ଡୀୟାନ ପୀଠେ ତୁ ତଂ ଧ୍ୟାତ୍ୱା" ପ୍ରଭୃତି ଲେଖାରୁ ଜଣାପଡ଼େ । ଯୋଗଚନ୍ତାମଣିରେ ପୂର୍ଣ୍ଣଗିରି ପୀଠର ମଧ୍ୟ ଉଲ୍ଲେଖ ରହିଅଛି । ଯଥା—

"ଆକାଶ ବୀଜଂ ନବମଂ ପ୍ରସିଦ୍ଧଂ ଶ୍ରୀକୁଟକଂ ପୂର୍ଣ୍ଣଗିରେଶ୍ଚ ପୃଷ୍ଠେ । ପୃ ୧୨ ତସ୍ୟ ପୂର୍ଣ୍ଣଗିରୌ ପୀଠେ ଶକ୍ତିଂ ଧ୍ୟାତ୍ୱା ବିମୁଚ୍ୟତେ ।" ପୃ ୧୨୨
ତେଣୁ ଉଡ୍‌ଡୀୟାନ୍ ଓ ପୂର୍ଣ୍ଣଗିରି ସନାତନ ଧର୍ମର ତାନ୍ତ୍ରିକ ସାଧନର ପ୍ରଧାନ ପୀଠ ଥିଲା । ହଠତନ୍ତ୍ରର ଉଡ୍‌ଡୀୟାନ ବନ୍ଧ ମଧ୍ୟ ହଠତନ୍ତ୍ରର ଆଦିପୀଠ ଓଡ଼୍ୟାନକୁ ଲକ୍ଷିତ କରୁଅଛି । ସେହି ମୂଳପୀଠର ନାମ ଅନୁସାରେ ଏହି ବନ୍ଧର ନାମ ଓଡ୍‌ଡୀୟାନ ହେବା ସମ୍ଭବପର । କିନ୍ତୁ ପରବର୍ତ୍ତୀକାଳରେ ହଠଯୋଗ ପ୍ରଦୀପିକା ଉଡ୍‌ଡୀଯାନର ମୌଳିକ ଅ-

ବସ୍ତୁତ ହୋଇ ଉଡ୍ଡୀୟାନକୁ ଉଡ଼ିବା ଅର୍ଥକ ଉଡ୍ଡୀଧାତୁ ସହିତ ସଂଯୁକ୍ତ କରିଅଛନ୍ତି । ସନାତନ ଧର୍ମ ଓ ବୌଦ୍ଧଧର୍ମର ତନ୍ତ୍ର ଗ୍ରନ୍ଥମାନଙ୍କରେ ଓଡ଼ିୟାନ ପୀଠର ଉଲ୍ଲେଖ ଥିବାରୁ ଅନୁମିତ ହୁଏ ଯେ—ସନାତନ ଧର୍ମର ତନ୍ତ୍ର-ସାଧନା ହଠଯୋଗ ସାଧନା ଏବଂ ବୌଦ୍ଧ ଧର୍ମର ତନ୍ତ୍ରସାଧନାର ମୂଳପୀଠ ବା 'ଅଧିଷ୍ଠାନ ଏକ ଥିଲା । ଓଡ଼ିୟାନ ଓ ଏହା ଉଭୟ ତନ୍ତ୍ରସାଧନାର ମୂଳପୀଠ ଥିଲା ଏବଂ ହଠଯୋଗର ଉଡ୍ଡୀୟାନ ବନ୍ଧ ଓଡ଼ିୟାନ ଦେଶର ନାମାନୁସାରେ ହୋଇଥିଲା । ଚଉରାଅଶୀ ସିଦ୍ଧାଚାର୍ଯ୍ୟଙ୍କ ମଧ୍ୟରୁ ଅଧିକାଂଶ ସିଦ୍ଧାଚାର୍ଯ୍ୟ ଏହି ଓଡ଼ିୟାନଠାରେ ଜନ୍ମଲାଭ କରିଥିଲେ । ତେଣୁ ସମସ୍ତ ତନ୍ତ୍ର ସାଧନାର ଆଦିପୀଠ ଓଡ଼ିୟାନର ସ୍ଥାନ ନିର୍ଣ୍ଣୟରେ ପଣ୍ଡିତମାନେ ଭିନ୍ନମତ ପୋଷଣ କରିବା ହେତୁ କ୍ରମରେ ସେହି ବିଷୟର ବିଚାର ଏଠାରେ ଆଦୌ କରଣୀୟ ।

Pag Sam Zan Zan ଙ୍କ ଉକ୍ତି ଅନୁସାରେ ଉଡ୍ଡୀୟାନ ବା ଓଡ଼ିୟାନରୁ କ୍ରମରେ ବୌଦ୍ଧତାନ୍ତ୍ରିକ ମତବାଦ ବିକାଶ ଲାଭ କରିଥିଲା । ତାରାନାଥ ଚଉରାଅଶୀ ସିଦ୍ଧଙ୍କର ଇତିହାସ ବର୍ଣ୍ଣନା କଲାବେଳେ ଓଡ଼ିୟାନ ଦେଶର ପରିଚୟ ଦେଇ କହିଛନ୍ତି, ଓଡ଼ିୟାନ ରାଜ୍ୟରେ ୫୦୦,୬୦୦ ନଗର ଥିଲା । ଏହି ଓଡ଼ିୟାନ ଦୁଇଟି ରାଜ୍ୟରେ ବିଭକ୍ତ ହୋଇଥିଲା । ଗୋଟିକର ନାମ ଥିଲା ସମ୍ଭଲକ, ତହିଁରେ ଇନ୍ଦ୍ରଭୂତି ରାଜତ୍ୱ କରୁଥିଲେ ଅନ୍ୟଟିର ନାମଥିଲା ଲଙ୍କାପୁରୀ, ଜଳେନ୍ଦ୍ର ତହିଁରେ ରାଜା ଥିଲେ । ଜଳେନ୍ଦ୍ରଙ୍କର ପୁତ୍ର ଇନ୍ଦ୍ରଭୂତିଙ୍କର ଭଗିନୀ ଲକ୍ଷ୍ମୀଙ୍କରାଙ୍କୁ ବିବାହ କରିଥିଲେ । ଇନ୍ଦ୍ରଭୂତି ଲକ୍ଷ୍ମୀଙ୍କରାଙ୍କୁ ବଜ୍ରଯାନରେ ଦୀକ୍ଷିତ କରି ପୁତ୍ରଙ୍କୁ ରାଜ୍ୟ ସମର୍ପଣ କରି ସନ୍ନ୍ୟାସ ଗ୍ରହଣ କରିଥିଲେ । ଲକ୍ଷ୍ମୀଙ୍କରା ମଧ୍ୟ ସିଦ୍ଧି ଲାଭ କରି ସହଜଯାନ ନାମରେ ନୂତନ ଧର୍ମ ପ୍ରଚାର କରିଥିଲେ ।

---

୧. Taranath P. 325
୨. Lamaison P. 380
୩. ,, P. 382

ଗୁରୁ ପଦ୍ମସମ୍ଭବ ଓଡ଼ିୟାନର ରାଜା ଇନ୍ଦ୍ରଭୂତିଙ୍କର ପୁତ୍ର ଥିଲେ। ପଦ୍ମସମ୍ଭବ ରାଜ୍ୟର କେତେକ ପ୍ରଜାଙ୍କୁ ହତ୍ୟା କରିବାରୁ ଇନ୍ଦ୍ରଭୂତି ତାହାଙ୍କୁ ରାଜ୍ୟରୁ ଅନ୍ତର କରିଦେଇଥିଲେ। ତହୁଁ ପଦ୍ମସମ୍ଭବ ଜାହୋର ଯାଇ ( Zahor ) ସେଠାରେ ଶାନ୍ତରକ୍ଷିତଙ୍କର ଭଗିନୀକୁ ବିବାହ କରିଥିଲେ। ତହିଁପରେ ପଦ୍ମସମ୍ଭବ ତିବ୍ବତ ଯାଇ ସାମୟୂରେ ( Samaya ) ବିହାର ନିର୍ମାଣ କାର୍ଯ୍ୟରେ ନିଜ ଶ୍ୟାଳକ ଶାନ୍ତରକ୍ଷିତଙ୍କୁ ସାହାଯ୍ୟ କରିଥିଲେ।

(Waddel) ଓ୍ୱାଡ଼େଲ ସାହେବ ଜାହୋରକୁ ( Zahor ) ଶବ୍ଦସାମ୍ୟରୁ ଲାହୋର ବୋଲି ନିର୍ଦ୍ଦେଶ କରି ସନ୍ଦେହରେ ପ୍ରଶ୍ନବାଚକ ଚିହ୍ନଟିଏ ଦେଇଅଛନ୍ତି। ତେଣୁ ସେ ନିଜ ସମ୍ଭାବନାର ସୂଚନା ମାତ୍ର ଦେଇ ଅଛନ୍ତି। ଡାକ୍ତର ବି. ଭଟ୍ଟାଚାର୍ଯ୍ୟ ମହାଶୟ ନଳିନୀକୁମାର ଭଟ୍ଟଶାଳୀଙ୍କ ପଦାଙ୍କ ଅନୁସରଣ କରି ପୂର୍ବବଙ୍ଗର ଢାକା ଜିଲ୍ଲା ସାଭାର ଗ୍ରାମକୁ ଜାହାର ବୋଲି ନିର୍ଣ୍ଣୟ କରିଛନ୍ତି।

ଓଡ଼ିୟାନ ଲଙ୍କାପୁରୀ ଓ ଜାହର ପରସ୍ପରର ସମୀପରେ ଅବସ୍ଥିତ ଥିଲା। ଓଡ଼ିୟାନକୁ ସ୍ୱାଟ ଉପତ୍ୟକାରେ ଏବଂ ଜାହରକୁ ପୂର୍ବବଙ୍ଗରେ ଅବସ୍ଥିତ ବୋଲି ସ୍ଥିର କଲେ—ଓଡ଼ିୟାନ ରାଜକୁମାରଙ୍କର ଜାହର ରାଜକନ୍ୟା ସହିତ ବିବାହ ସମ୍ଭବପର ହେବ ନାହିଁ। ଜାହରର ରାଜା ଶାନ୍ତରକ୍ଷିତ ନିଜ ଭଉଣୀକୁ ଅନେକ ଦୂରର ଜଣେ ଅଜ୍ଞାତକୁଳଶୀଳ ନିର୍ବାସିତ ଭିକ୍ଷୁ ସହିତ ବିବାହ କରି ଦେବାକୁ କଦାପି ସ୍ୱୀକୃତ ହେଇ ନଥିବେ। କେବଳ ଓଡ଼ିୟାନ ଓ ଜାହର ପରସ୍ପରର ନିକଟବର୍ତ୍ତୀ ହୋଇଥିଲେ ଏହିପରି ବିବାହ ହୋଇପାରେ। ତେଣୁ ଓଡ଼ିୟାନ ଦେଶ Zahor-ର ଅନତିଦୂରରେ ଅବସ୍ଥିତ ଥିଲା।

ଡାକ୍ତର ପି. କର୍ଡିୟେ ତେଙ୍ଗୁରସ୍ଥିତ ବୌଦ୍ଧତନ୍ତ୍ରର ଯେଉଁ କ୍ୟାଟଲଗ୍ ଛପାଇ ଅଛନ୍ତି ସେଥିରେ ଇନ୍ଦ୍ରଭୂତି ଉଡ୍ଡୀୟାନ ରାଜା, ରାଜା, ସିଦ୍ଧ, ଆଚାର୍ଯ୍ୟ ମହାଚାର୍ଯ୍ୟ, ଓଡ଼ିୟାନ ସିଦ୍ଧ ରୂପରେ ବର୍ଣ୍ଣିତ ହୋଇଛନ୍ତି। କିନ୍ତୁ

---

୧। Waddel ramaison P। 382

୨। B Esoterism P। 44 and Intro to ସାଧନମାଳା vol II P। XXXVI

ପୃ ୩୯ ଓ ୯୭ ପୃଷ୍ଠାରେ ଇନ୍ଦ୍ରଭୂତି ଓଡ଼ିଶାର ରାଜା ବୋଲି ମଧ୍ୟ କଥିତ ଅଛି । ତେଣୁ ଓଡ଼ିୟାନକୁ ଓଡ଼ିଶା ବୋଲି ଅନୁମାନ କରିବାର ଯଥେଷ୍ଟ କାରଣ ରହିଅଛି ।

ଓଡ଼ିୟାନର ରାଜା ଇନ୍ଦ୍ରଭୂତିଙ୍କର ରାଜ୍ୟର ନାମ ଥିଲା ସମ୍ବଳ । ପ୍ରାଚୀନ କାଳରେ ଆଧୁନିକ ସମ୍ବଲପୁରର ନାମଥିଲା ସମ୍ବଳକ । ଖ୍ରୀଷ୍ଟୀୟ ୨ୟ ଶତାବ୍ଦୀର ଲେଖକ ଭୌଗୋଳିକ (Ptolemy) ଟଲେମିଙ୍କ ଗ୍ରନ୍ଥରେ ସମ୍ବଳକ ନାମ ଦେଖିବାକୁ ମିଳେ । ସେହି ସମ୍ବଳକ ଦେଶ ସମ୍ବଲପୁର ବୋଲି ଅନୁମିତ ହୁଏ । ଟଲେମି ସବରାଇ ପ୍ରଦେଶରେ ପ୍ରବାହିତ ମାନଦ ନଦୀର ଉଲ୍ଲେଖ କରିଛନ୍ତି ଏବଂ ସେହି ନଦୀ ଗର୍ଭରେ ହୀରକ ମିଳୁଥିବାର କହିଛନ୍ତି । ଏହି ମାନସ ନଦୀକୁ ମହାନଦୀରୂପେ କେହି କେହି ପ୍ରତ୍ନତତ୍ତ୍ୱବିତ୍ ଅନୁମାନ କରି ଅଛନ୍ତି । ବିଶେଷତଃ ଅଦ୍ୟାବଧି ସମ୍ବଲପୁର ନିକଟରେ ମହାନଦୀ ଗର୍ଭରେ ହୀରକ ମିଳୁଅଛି । ଏ ସ୍ଥଳର ନାମ ମଧ୍ୟ ହୀରାଖଣ୍ଡ । ତେଣୁ ଟଲେମିଙ୍କ ସମ୍ବଳକ ଓଡ଼ିଶାର ସମ୍ବଲପୁର ହେବା ନିଶ୍ଚିତ ବୋଲି ବିଶେଷଭାବରେ ଅନୁମିତ ହୁଏ । ପ୍ରଫେସର ବଲ ( Ball ) ଟଲେମିଙ୍କ ସମ୍ବଳକୁ ପାଲମୁଁ ଜିଲ୍ଲାର କୋଏଲ ନଦୀର ସେମା ( Semah ) ବୋଲି ନିର୍ଦ୍ଦେଶ କରି ଅଛନ୍ତି । କିନ୍ତୁ ଟଲେମି ସମ୍ବଳକ ଦେଶ ସହିତ ମୁଣ୍ଡାଙ୍କର ଉଲ୍ଲେଖ କରି ଅଛନ୍ତି । ସମ୍ବଲପୁରର ଅନତିଦୂରରେ ମୁଣ୍ଡାଜାତି ରହି ଅଛନ୍ତି । ପୂର୍ବରେ ସମ୍ବଲପୁରରେ ମୁଣ୍ଡାମାନେ ବାସ କରୁଥିଲେ । ବର୍ତ୍ତମାନ ମଧ୍ୟ ବାସ କରୁଅଛନ୍ତି । ତେଣୁ ସମ୍ବଲପୁରକୁ ଟଲେମିଙ୍କ ବର୍ଣ୍ଣିତ ସମ୍ବଳକ ବୋଲି ବିଜୟଚନ୍ଦ୍ର ମଜୁମଦାର ଯେଉଁ ଅନୁମାନ କରିଛନ୍ତି ତାହା ଯଥାର୍ଥ । ତେଣୁ ବୋଧହୁଏ କ୍ରମରେ ସମ୍ବଲପୁରର ନାମଥିଲା ସମ୍ବଳେ, ସମ୍ବଲ, ପରେ ସମ୍ବଲ ଶବ୍ଦରେ ପୁର ଯୋଗ ହୋଇ କାଳକ୍ରମରେ ତାହା ସମ୍ବଲପୁର ହୋଇଅଛି । ଓଡ଼ିୟାନର ରାଜା ଇନ୍ଦ୍ରଭୂତି ଏହି ଓଡ଼ିଶାର ସମ୍ବଲ ରାଜ୍ୟ ସମ୍ବଲପୁରର ରାଜା ଥିବା ସମ୍ଭବପର ।

---

୧ । J. W.—M. C. Crindle Ancient India as described by Ptolemy. P 71—167—9—192—3.
୨—V. Boll. A gedlogists Contribution to the History of Ancient India—Indian Antiquary V and XIII

ଇନ୍ଦ୍ରଭୂତିଙ୍କର ଭଗିନୀ ଲକ୍ଷ୍ମୀଙ୍କର ଲଙ୍କାପୁରର ରାଜକୁମାରଙ୍କୁ ବିବାହ ହୋଇଥିଲେ । ଜଳେନ୍ଦ୍ର ଏହି ଲଙ୍କାପୁରର ରାଜାଥିଲେ । ଏହି ଲଙ୍କାପୁରର ସ୍ଥାନ ନିର୍ଣ୍ଣୟ ଉପରେ ଓଡ୍ଡୀୟାନ ଦେଶର ସ୍ଥାନ ନିର୍ଣ୍ଣୟ ନିର୍ଭର କରେ ବୋଲି ଡାକ୍ତର ବି ଭଟ୍ଟାଚାର୍ଯ୍ୟ ଯାହା କରିଛନ୍ତି ତାହା ଯଥାର୍ଥ । ଏହି ଲଙ୍କାପୁରକୁ କେହି(୧)ଅମର କଣ୍ଟକ ପର୍ବତ ନିକଟରେ(୨) ଆସାମରେ (୩) ମଧ୍ୟପ୍ରଦେଶ(୪) ସିଂହଳ Ceylon ବୋଲି ନିର୍ଦ୍ଦେଶ କରି ଅଛନ୍ତି । କିନ୍ତୁ ଆଧୁନିକ ସୋନପୁର ରାଜ୍ୟ ପ୍ରାଚୀନ କାଳରେ ଲଙ୍କାପୁରି ଓ ସୁବର୍ଣ୍ଣପୁର ନାମରେ ପରିଚିତ ଥିଲା । ଆଜିକାଲି ମଧ୍ୟ ଲୋକେ ସୋନପୁରକୁ ଲଙ୍କାପୁର ବୋଲି କହିଥାନ୍ତି । ସେ ନପୁର ନଗରରୁ ପ୍ରଦତ୍ତ କୁମାର ସୋମେଶ୍ୱର ଦେବଙ୍କର ଦାନପତ୍ରରେ ସୁନପୁର ପଶ୍ଚିମଲଙ୍କା ନାମରେ ବର୍ଣ୍ଣିତ ହୋଇଅଛି । ସୋନପୁର ରାଜାଙ୍କ ପ୍ରାସାଦର ଅତି ନିକଟବର୍ତ୍ତୀ ମହାନଦୀଗର୍ଭସ୍ଥିତ ଶ୍ରେଷ୍ଠ ପାହାଡ଼କୁ ଲଙ୍କେଶ୍ୱରୀ ବୋଲି ଲୋକେ କହିଥାନ୍ତି । ଏହି ଲଙ୍କେଶ୍ୱରୀ ଯୋଗେଶ୍ୱରବର୍ମାଙ୍କର ମହଦା ତାମ୍ରଶାସନରେ ଲଙ୍କାବର୍ତ୍ତକ ନାମରେ ଉଲ୍ଲିଖିତ ହୋଇଅଛି । ନାବିକମାନେ ମହାନଦୀରେ ଗଲାବେଳେ ଏହି ଲଙ୍କେଶ୍ୱରୀଙ୍କୁ ପୂଜା କରିଥାନ୍ତି । ଏହି ଶ୍ରେଷ୍ଠ ପାହାଡ଼ରେ ଶିଳାଲିପିଟିଏ ରହିଅଛି ।

ସମ୍ବଲପୁର ନିକଟରେ ମହାନଦୀଗର୍ଭରେ ଶ୍ରେଷ୍ଠ ପାହାଡ଼ଟିଏ ଅଛି । ତହିଁରେ ଶିଳାଲିପିଟିଏ ଓ ପାଦଚିହ୍ନ ରହିଅଛି । ଲୋକେ ଏହି ପାହାଡ଼କୁ ରାମପାଦ ପାହାଡ଼ ବୋଲି କହିଥାନ୍ତି । ସୁତରାଂ ଅନୁମିତ ହୁଏ ଯେ ସେ ନପୁର ରାଜ୍ୟ ଜଳେନ୍ଦ୍ରଙ୍କ ଲଙ୍କାପୁରୀ ଥିଲା । ଇନ୍ଦ୍ରଭୂତିଙ୍କର ରାଜ୍ୟ ସମ୍ବଲପୁର ଓ ଜଳେନ୍ଦ୍ରଙ୍କ ଲଙ୍କାପୁର ସୁନପୁର ରାଜ୍ୟ ଲଗାଲଗି ହୋଇ ରହିଅଛି । ଆଜିକାଲି ମଧ୍ୟ ସମ୍ବଲପୁର ଓ ସୋନପୁର ଦୁଇଟି ସ୍ୱତନ୍ତ୍ରରାଜ୍ୟ । ତେଣୁ ସମ୍ବଲପୁର ରାଜା ଇନ୍ଦ୍ରଭୂତି-ଙ୍କର ଭଗିନୀ ଲକ୍ଷ୍ମୀଙ୍କର ଲଙ୍କାପୁରୀ ( ଆଜିକାଲିକା ସୁନପୁରର ) ରାଜକୁମାରଙ୍କୁ ବିବାହ ହୋଇଥିବାର ବିଶେଷ ସମ୍ଭବପର । ସୁତରାଂ ଇନ୍ଦ୍ରଭୂତିଙ୍କ ସମ୍ବଲ ରାଜ୍ୟ ଓ ଜଳେନ୍ଦ୍ରଙ୍କର ଲଙ୍କାପୁର ମଧ୍ୟ ଓଡ଼ିଶାରେ ଅବସ୍ଥିତ ଥିଲା । ଏହି ଲଙ୍କାପୁର ଓଡ୍ଡୀୟାନ ରାଜ୍ୟର ଅଙ୍ଗ ଥିଲା ବୋଲି

ମଧ୍ୟ ଓ୍ବାଡ୍ଡ଼େଲ ସାହେବ କହିଛନ୍ତି । ସୁତରାଂ ଓଡ଼ିଆନ ଦେଶକୁ ଓଡ଼ିଶା ବୋଲି ଦୃଢ଼ ସ୍ୱରରେ କୁହାଯାଇପାରେ ।

ବୌଦ୍ଧ ଶାସ୍ତ୍ରରେ ଜଣେମାନ ଇନ୍ଦ୍ରଭୂତିଙ୍କର ଉଲ୍ଲେଖ ରହିଅଛି । ସେ "ଓଡ଼ିଶାର ଲୋକଥିଲେ" ଏହି କଥା ବୌଦ୍ଧଶାସ୍ତ୍ରର ପ୍ରଧାନ ବିଦ୍ୱାନ ମହାପଣ୍ଡିତ ରାହୁଳ ସାଙ୍କୃତାୟନ କହିଅଛନ୍ତି ବୋଲି ଭୂପେନ୍ଦ୍ରଦତ୍ତ ତାଙ୍କର ଗ୍ରନ୍ଥରେ ଲେଖିଛନ୍ତି । ପଦ୍ମସମ୍ଭବ ଶାନ୍ତରକ୍ଷିତଙ୍କର ଜନ୍ମଭୂମି ଜାହରରେ ( Zahor) ଶାନ୍ତରକ୍ଷିତ ଭଗିନୀକୁ ବିବାହ ହୋଇଥିଲେ । ଓ୍ବାଡ୍ଡେଲ ସାହେବ ଏହି ଜାହର ସ୍ଥାନକୁ ଲାହୋର ବୋଲି ସନ୍ଦେହ କରି ସେଠାରେ ପ୍ରଶ୍ନବାଚକ ଚିହ୍ନଟିଏ ଦେଇଛନ୍ତି । ଡାକ୍ତର ଭଟ୍ଟାଚାର୍ଯ୍ୟ ଢାକା ଜିଲ୍ଲାର ସାବର ଗ୍ରାମକୁ ଜାହର ବୋଲି ନିର୍ଦ୍ଦେଶ କରିଛନ୍ତି । ଏହିପରି ଜାହରର ସ୍ଥାନ ନିର୍ଣ୍ଣୟ ବିଷୟରେ ଭିନ୍ନ ଭିନ୍ନ ମତବାଦ ରହିଅଛି । ପଦ୍ମସମ୍ଭବଙ୍କର ଜନ୍ମସ୍ଥାନ ଶାନ୍ତରକ୍ଷିତଙ୍କ ଜନ୍ମଭୂମିର ଅତି ନିକଟରେ ରହିଅଛି । ପଦ୍ମସମ୍ଭବଙ୍କର ଜନ୍ମସ୍ଥାନ ଶାନ୍ତରକ୍ଷିତଙ୍କ ଜନ୍ମଭୂମିର ଅତି ନିକଟରେ ରହିଥିବ । ତା ନହେଲେ ଜଣେ ରାଜା ନିଜର ଭଗିନୀକୁ ଗୋଟିଏ ଅଜ୍ଞାତ କୁଳଶୀଳ ଲୋକ ସହିତ ବିବାହ କରାଇବାକୁ କଦାପି ସ୍ୱୀକୃତ ହୋଇ ନଥିବେ । ତେଣୁ ଜାହର ଇନ୍ଦ୍ରଭୂତିଙ୍କ ରାଜ୍ୟ ସମ୍ବଲର ଅତି ନିକଟରେ ଥିଲା । ବର୍ତ୍ତମାନ ମଧ୍ୟ କେନ୍ଦୁଝରର ଗୋଟିଏ ପାହାଡ଼କୁ ଜହରାଇ ସଣ୍ଡି ବୋଲି କହନ୍ତି । କେନ୍ଦୁଝରର ଏହି ଜହରାଇ ଅଞ୍ଚଳ ତିବ୍ବତ ବର୍ଣ୍ଣିତ ଜାହର (Zahor) ବୋଲି ଅନୁମିତ ହୁଏ । ଏହି ପାହାଡ଼ ନିକଟରେ ସନ୍ତେଇ ଭଞ୍ଜି ବୋଲି ପାହାଡ଼ଟିଏ ଅଛି । ଶାନ୍ତ ଶବ୍ଦରୁ ସନ୍ତେଇ ହୋଇଅଛି । ଶାନ୍ତରକ୍ଷିତ ଶାନ୍ତଦେବୀଙ୍କର ସାଧନାସ୍ଥଳୀ ଥିବାରୁ ଏହି ପାହାଡ଼ର ନାମ ସାନ୍ତେଇ ହୋଇଅଛି ବୋଲି ବିଶେଷ ସମ୍ଭାବନା ହୁଏ । ପ୍ରକୃତରେ କେନ୍ଦୁଝର ରାଜ୍ୟ ୧ମରେ ଝରନାମରେ ପରିଚିତ ଥିଲା । ଏହି ଝରଶବ୍ଦରେ ପରେ କେନ୍ଦୁ ଶବ୍ଦରେ ଯୋଗହୋଇ କେନ୍ଦୁଝର ହୋଇଅଛି । ଆହୁରି ମଧ୍ୟ ଏହି ସବୁ ଅଞ୍ଚଳକୁ ଝାଡ଼ଖଣ୍ଡ ମଧ୍ୟ କୁହାଯାଉଥିଲା । ଏହି ରାଜ୍ୟ ସମ୍ବଲପୁର ରାଜ୍ୟର ଅତି ନିକଟରେ ରହିଥିଛି । ତେଣୁ ରାଜା ଶାନ୍ତରକ୍ଷିତ ପଦ୍ମସମ୍ଭବଙ୍କର ଚରିତ୍ର ଓ ଇତିବୃତ୍ତ

ଅବଗତ ଥିଲେ । ସେଥିଲାଗି ପଦ୍ମସମ୍ଭବ ରାଜ୍ୟରୁ ନିର୍ବାସିତ ହୋଇଥିଲେ ମଧ୍ୟ ଶାନ୍ତରକ୍ଷିତ ତାହାଙ୍କ ନିଜର ଭଗିନୀ ସହିତ ବିବାହ ଦେଇଥିଲେ ।

ଏହି ସବୁ କାରଣରୁ ଜଣାଯାଏ, ଓଡ଼ିଶା ଓଡ଼ିୟାନ ରୂପରେ ପରିଚିତ ଥିଲା । ସମ୍ବଲ, ଲଙ୍କାପୁର ଏବଂ ଜାହର ରାଜ୍ୟ ମଧ୍ୟ ଓଡ଼ିଶାର ଅନ୍ତର୍ଗତ ଥିଲା, ଏବଂ ଏହିସବୁ ପ୍ରଦେଶ ସାମନ୍ତ ରାଜାଙ୍କଦ୍ୱାରା ଶାସିତ ହେଉଥିଲା ।

ଇନ୍ଦ୍ରଭୂତି ସମ୍ବଲପୁରର ରାଜାଥିଲେ । ତାଙ୍କର ଭଗିନୀ ଲକ୍ଷ୍ମୀଙ୍କର ସୁନାପୁରର ରାଜକୁମାରଙ୍କୁ ବିବାହ ହୋଇଥିଲେ । ଶାନ୍ତରକ୍ଷିତ କେନ୍ଦୁଝରରେ ରାଜା ଥିଲେ । ଇନ୍ଦ୍ରଭୂତିଙ୍କର ପୁତ୍ର ପଦ୍ମସମ୍ଭବ ଶାନ୍ତରକ୍ଷିତଙ୍କ ଭଗିନୀକୁ ବିବାହ କରିଥିଲେ ।

ଇନ୍ଦ୍ରଭୂତିଙ୍କ ରଚିତ ଜ୍ଞାନସିଦ୍ଧି ଗ୍ରନ୍ଥ ବରୋଦାରୁ ପ୍ରକାଶିତ ହୋଇଅଛି । ଏହି ଜ୍ଞାନସିଦ୍ଧି ଗ୍ରନ୍ଥର ଆରମ୍ଭରେ କବି ବୁଦ୍ଧରୂପରେ ଜଗନ୍ନାଥଙ୍କୁ ପ୍ରମାଣ କରିଛନ୍ତି । ଯଥା:—

"ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜିନବରାର୍ଚ୍ଚିତମ୍ ।
ସର୍ବବୁଦ୍ଧମୟଂ ସିଦ୍ଧି—ବ୍ୟାପିନଂ ଗଗନୋପମମ୍ ।
ସର୍ବଦଂ ସର୍ବସତ୍ତ୍ୱେଭ୍ୟଃ ସର୍ବଜ୍ଞଂ ବର ବଜ୍ରିଣମ୍ ।
ଭକ୍ତ୍ୟାହଂ ସର୍ବଭବେନ ବକ୍ଷ୍ୟେ ତତ୍ସାଧନଂ ପରମ୍ ।

ଅର୍ଥ—ଜଗନ୍ନାଥ ଜିନଶ୍ରେଷ୍ଠଦ୍ୱାରା ପୂଜିତ, ସର୍ବବୁଦ୍ଧରୂପୀ, ସିଦ୍ଧିବ୍ୟାପୀ ଏବଂ ଆକାଶ ତୁଲ୍ୟ ଅଟନ୍ତି । ସେ ସମସ୍ତ ପ୍ରାଣୀଙ୍କୁ ସବୁ ଦାନ କରନ୍ତି । ସେ ସର୍ବଜ୍ଞ ଓ ବଜ୍ରଯାନୀଙ୍କ ମଧ୍ୟରେ ଶ୍ରେଷ୍ଠ । ମୁଁ ଭକ୍ତିରେ ସେହି ଜଗନ୍ନାଥଙ୍କୁ ପ୍ରଣାମ କରି ତାହାଙ୍କ ସାଧନାର ଉପାୟ କହୁଅଛି ।

ଏହି ଶ୍ଳୋକରେ କବି ଜଗନ୍ନାଥଙ୍କୁ ବୁଦ୍ଧ ରୂପରେ ଗ୍ରହଣ କରିଛନ୍ତି । ପ୍ରାଚୀନକାଳରୁ ଆରମ୍ଭକରି ଆଜ ପର୍ଯ୍ୟନ୍ତ ଓଡ଼ିଆ କବିମାନେ ପୁରୀର ଜଗନ୍ନାଥଙ୍କୁ ବୁଦ୍ଧ ରୂପରେ ଓ ବୌଦ୍ଧାବତାର ରୂପରେ ବର୍ଣ୍ଣନା କରି ଆସିଅଛନ୍ତି ।

ଯଥା:—ବଉଦ୍ଧ ରୂପରେ କଳି କାଳାନ୍ତକ ସାଧି
କୃତାନ୍ତକ ଦର୍ପଗଞ୍ଜି ଅଟ କୃପାନିଧି । ସା. ମହାଭା. ସଭା
ପର୍ବ ପୃ ୨ ଷ୍ଟ ।

୧ । Two Vajryana works P । 31

ଦାରୁବ୍ରହ୍ମଗୀତା:—

ଷଷ୍ଠ ଦ୍ୱ ସ ଅନ୍ତରେଣ, ପାଦ ଯେ ପାଣି ହେଲ୍ଲ କ୍ଷୀଣ ।
ବଉଦ୍ଧରୂପ ହେବାପାଇଁ, ପାଦପାଣି ଛାଡ଼ିଲେ ତହିଁ ।

ଜଗନ୍ନାଥ ଦାସ ଦେଉଳ ତୋଳା—

ସମୁଦ୍ରେ ମେଲିଣ ଦିଅ ପ୍ରଭୁ ଦେବରାଜା
କଳିଯୁଗେ ପାଇବେ ସେ ଦାରୁବ୍ରହ୍ମ ପୂଜା
ଠାକୁରେ ବୋଇଲେ ରାଜା ହୋଇଲୁଁ ବାଇ
କଳିଯୁଗେ ବସିବୁ ବଉଦ୍ଧରୂପ ହୋଇ ।

ଅଚ୍ୟୁତାନନ୍ଦ ଶୂନ୍ୟ ସଂ—

ନିଜ ବଂଶ ଘେନି ବଉଦ୍ଧରୂପରେ ନୀଳାଚଳେ ଅଛୁ ରହି । ୧୫ଅ

ଅନନ୍ତ ଗୁପ୍ତଗୀତା—

ତହୁଁ ବଉଦ୍ଧରୂପ ଭଗବାନ । ରହିଲେ ପୁରୁଷୋତ୍ତମ ଭୁବନ ।
ବଉଦ୍ଧରୂପ ନୀଳଗିରି ମୋହି । ଇତ୍ୟାଦି ।

ଏଥିରୁ ସ୍ପଷ୍ଟଭାବରେ ପ୍ରମାଣିତ ହେଉଛି ଯେ—ଓଡ଼ିଶାବାସୀ ପୁରୀର ଜଗନ୍ନାଥଙ୍କୁ ବୌଦ୍ଧବତାର ରୂପରେ ବହୁକାଳରୁ ଗ୍ରହଣ କରି ଆସିଛନ୍ତି । ସେଥିଲାଗି ଓଡ଼ିଶାର ଶ୍ରେଷ୍ଠ ଭକ୍ତ କବି ଜୟଦେବ ବୁଦ୍ଧଙ୍କୁ ଦଶାବତାର ମଧ୍ୟରେ ଗ୍ରହଣ କରି ତାଙ୍କର ସ୍ତୁତିଗାନ କରିଛନ୍ତି । ଓଡ଼ିଯାନର ରାଜା ଇନ୍ଦ୍ରଭୂତି ସେହି ଜଗନ୍ନାଥଙ୍କୁ ବୁଦ୍ଧରୂପରେ ପ୍ରମାଣ କରିଥିବାରୁ ସେ ଓଡ଼ିଶାର ଲୋକ ଥିଲେ ବୋଲି ଅନୁମିତ ହୁଏ । ଓଡ଼ିଶାର ଏହି ବୌଦ୍ଧ-ଧର୍ମର ପ୍ରଭାବ ନେପାଳ ଓ ତିବ୍ବତରେ ପଡ଼ିଥିଲା । ତେଣୁ ନେପାଳରେ ବୁଦ୍ଧଦେବ ଜଗନ୍ନାଥନାମରେ ପରିଚିତ ହୋଇଥାନ୍ତି ।

ଅନଙ୍ଗବଜ୍ର ଇନ୍ଦ୍ରଭୂତିଙ୍କର ଗୁରୁ ଥିଲେ । ତେଙ୍ଗୁର ଗ୍ରନ୍ଥରେ ସେ ଆଚାର୍ଯ୍ୟ, ଯୋଗୀ, ଯୋଗୀଶ୍ୱର, ଶ୍ରୀପାଦ ଓ ମହାଚାର୍ଯ୍ୟ ରୂପରେ ବର୍ଣ୍ଣିତ ହୋଇଛନ୍ତି । ତାଙ୍କ ରଚିତ ପ୍ରଜ୍ଞୋପାୟବିନିଶ୍ଚୟସିଦ୍ଧି ବରୋଦାରୁ ପ୍ରକାଶିତ ହୋଇଅଛି । ସିଦ୍ଧାଚାର୍ଯ୍ୟ ଅନଙ୍ଗବଜ୍ର ମଧ୍ୟ ସେ ଗ୍ରନ୍ଥରେ ଜଗନ୍ନାଥଙ୍କର ଉପାସନାରେ କହିଛନ୍ତି । ଯଥା:—

ସଦା ପରହିତସ୍ୟୈବ ଚର୍ଯ୍ୟସ୍ମାଙ୍କର୍ଷ୍ୟଚେତସା ।
ପର୍ଯ୍ୟୁପାସ୍ୟୋ ଜଗନ୍ନାଥୋ ଗୁରୁଃ ସର୍ବାର୍ଥସିଦ୍ଧିଦଃ । ୨ପ ୨୭

ସୁତରାଂ ଇନ୍ଦ୍ରଭୂତିଙ୍କର ଗୁରୁ ଅନଙ୍ଗବଜ୍ର ମଧ୍ୟ ଓଡ଼ିଶାର ଲୋକ-ଥିଲେ । ଏହି ଗ୍ରନ୍ଥର ( ପ୍ରଜ୍ଞୋପାୟବିନିଶ୍ଚୟସିଦ୍ଧିର ) ଶେଷରେ ଅନଙ୍ଗବଜ୍ର କହିଛନ୍ତି:—

"ଗୁରୁଚରଣାମ୍ବୁଜ—ସେବା ବଳୋର୍ଜ୍ଜିତମମୃତଂ ଶୁଭାକରାଖ୍ୟେନ ।
ଯତ୍ନେନ ତଦଖିଳଜଗତାଂ ବିହିତଂ ସାଧନଂ କୃପୟା । ପ୍ର· ବି· ସି.୫ପ
୫୪ । ଇତି ।

ଏହି ଶ୍ଳୋକରେ ଅନଙ୍ଗବଜ୍ର ଶୁଭାକରଙ୍କର ନାମୋଲ୍ଲେଖ କରିଛନ୍ତି । ଇତିହାସରୁ ଜଣାଯାଏ ୭୯୫ଖ୍ରୀରେ ଓଡ଼ିଶାର ଶୁଭକର କେଶରୀ ବୌଦ୍ଧଶାସ୍ତ୍ରଜ୍ଞ ପ୍ରଜ୍ଞଙ୍କ ହାତରେ ଚୀନ ଦେଶର ରାଜା ଟେସଙ୍ଗଙ୍କ [Te Tsong] ନିକଟକୁ ଅବତଂସକର ଶେଷଭାଗ ପଠାଇଥିଲେ ।

ଅନଙ୍ଗବଜ୍ର ଯେଉଁ ଶୁଭାକରଙ୍କର ଉଲ୍ଲେଖ କରିଛନ୍ତି—ସେ ଓଡ଼ିଶାର ବୌଦ୍ଧରାଜ ଶୁଭଙ୍କର କେଶରୀ ହେବା ସୁନିଶ୍ଚିତ । ତେଣୁ ଅନଙ୍ଗବଜ୍ର ଶୁଭକର କେଶରୀଙ୍କର ସମୟର ଲୋକଥିଲେ ଏବଂ ୮ମ ଶତାବ୍ଦୀର ଶେଷଭାଗରେ ଜୀବିତ ଥିଲେ ।

ଅନଙ୍ଗବଜ୍ର ଓ ଇନ୍ଦ୍ରଭୂତି କେବଳ ସିଦ୍ଧାଚାର୍ଯ୍ୟ ଥିଲେ ତାହା ନୁହେଁ, କିନ୍ତୁ ସେ ଦୁହେଁ ଜଣେ ଜଣେ ପ୍ରଧାନ କବି ମଧ୍ୟ ଥିଲେ । ତେଙ୍ଗୁରର ଗ୍ରନ୍ଥସୂଚିରେ ସେ ଦୁହିଁଙ୍କ ରଚିତ ଯେଉଁସବୁ ଗ୍ରନ୍ଥମାନଙ୍କ ନାମୋଲ୍ଲେଖ ହୋଇଛି ସେହି ସବୁ ଗ୍ରନ୍ଥର ନାମ ତଳେ ଦିଆଗଲା ।

ଅନଙ୍ଗବଜ୍ର—

୧ । ହେବଜ୍ରସାଧନା ( ଏକନାଥ ହେତୁକ )
୨ । ହେବଜ୍ର ସାଧନ
୩ । ହେବଜ୍ରନାମ ସାଧନୋପାୟିକା
୪ । ହୋମ କର୍ମ କ୍ରମ

---

୧ । Modern Buddhism and its followers P. 25 nott.

୨ । Two Vagrayan works.

୫ । ବୃଷ ନକ୍ଷତ୍ର ଭାବନାକ୍ରମ
୬ । ପ୍ରକ୍ଷେପାପ୍ତ ବନସ୍ପତ୍ୟ ସିଦ୍ଧି

ଇନ୍ଦ୍ରଭୂତି—

୧ । ଶ୍ରୀ ଚଣ୍ଡସମ୍ବର ତନ୍ତ୍ରରାଜ ସମ୍ବର ସମୁଚ୍ଚୟ ନାମ ବୃତ୍ତି
୨ । ଶ୍ରୀ ଚଣ୍ଡସମ୍ବର ସ୍ତୋତ୍ର
୩ । ଚଣ୍ଡ ସମ୍ବରାନ୍ୟାବନ୍ଧ ସଂଗ୍ରହ
୪ । ସିଦ୍ଧି ଚଣ୍ଡ ଯୋଗିନୀସାଧନ
୫ । ବଜ୍ରଯୋଗିନୀ ମନ୍ତ୍ରତତ୍ତ୍ୱ ସ୍ୱାଧିଷ୍ଠାନ ନିର୍ଦ୍ଦେଶ
୬ । ଶୁକ୍ଳ ବଜ୍ର ଯୋଗିନୀ ସାଧନା
୭ । ଦକ୍ଷିଣ ଚଣ୍ଡପଞ୍ଜରେ ମହାମନ୍ତ୍ର ରାଜସ୍ୟ ପଞ୍ଜିକା—ପ୍ରଥମ ପଟଳ ମୁଖବନ୍ଧ
୮ । କୁଳିକା ମହାତନ୍ତ୍ର ନିର୍ଣ୍ଣୟ
୯ । ଶ୍ରୀ ସମ୍ପୁଟ ତିଳକ ନାମ ଯୋଗିନୀ ଓ ତନ୍ତ୍ର ରାଜସ୍ୟଟୀକା ସ୍ମୃତି ସନ୍ଦର୍ଶନାଲୋକ
୧୦ । ଶ୍ରୀ ଆନନ୍ଦ ପୁଷ୍ପମାଳା
୧୧ । ଶ୍ରୀ ତତ୍ତ୍ୱାମୃତୋପଦେଶ
୧୨ । ମହାମାୟା ସାଧନା
୧୩ । ଶ୍ରୀ ସର୍ବବୁଦ୍ଧ ସମାଯୋଗ ନାମତନ୍ତ୍ରପଞ୍ଜିକା
୧୪ । ଶ୍ରୀ ସର୍ବବୁଦ୍ଧ ସମାଯୋଗ—ଡାକିନୀ ଜାଳସମ୍ବର ତନ୍ତ୍ରାର୍ଥଟୀକା
୧୫ । ସର୍ବବୁଦ୍ଧ ସମଯୋଗ ଗଣବୃତ୍ତି
୧୬ । ବଜ୍ରସତ୍ତ୍ୱ ସାଧନିକା
୧୭ । ଶ୍ରୀ ସର୍ବବୁଦ୍ଧ ସମାଯୋଗ ଡାକିନୀ ଜାଳସମ୍ବର ମହାତନ୍ତ୍ର ରାଜନାମ ମଣ୍ଡଳୋପାୟିକା
୧୮ । ସହଜସିଦ୍ଧି
୧୯ । ତତ୍ତ୍ୱାଷ୍ଟକ ଦୃଷ୍ଟି
୨୦ । ଚକ୍ର ଚଣ୍ଡାଭିଷେକୋପଦେଶ
୨୧ । ଆର୍ଯ୍ୟମଞ୍ଜୁଶ୍ରୀନାମ ସଙ୍ଗୀତବୃତ୍ତି
୨୨ । କୁରୁକୁଲ୍ଲା ସାଧନା
୨୩ । ଜ୍ଞାନସିଦ୍ଧି

---

୧ । History of Orissa by R. D. Banerjee

ପୂର୍ବ ଆଲୋଚନାରୁ ସ୍ପଷ୍ଟଭାବରେ ପ୍ରମାଣିତ ହେଲା ଯେ, ଓଡ଼ିଶା ପ୍ରାଚୀନ କାଳରେ ଓଡ଼ିୟାନ ନାମରେ ପରିଚିତ ଥିଲା । ଇନ୍ଦ୍ରଭୂତି ଓଡ଼ିଶାର ସମ୍ବଲପୁରର ରାଜାଥିଲେ । ତାହାଙ୍କର ଭଗିନୀ ଲକ୍ଷ୍ମୀଙ୍କରା ସୁନପୁରର ରାଜକୁମାରଙ୍କୁ ବିବାହ କରିଥିଲେ ଏବଂ ତାହାଙ୍କର ପୁତ୍ର ପଦ୍ମସମ୍ଭବ କେନ୍ଦୁଝରର ରାଜା ଶାନ୍ତରକ୍ଷିତଙ୍କର ଭଗିନୀଙ୍କୁ ବିବାହ କରିଥିଲେ । ଇନ୍ଦ୍ରଭୂତିଙ୍କର ଗୁରୁ ଅନଙ୍ଗବଜ୍ର ମଧ୍ୟ ଓଡ଼ିଶାର ଲୋକଥିଲେ ଏବଂ ଶୁଭକରକେଶରୀଙ୍କର ସମସାମୟିକ ଥିଲେ । ଏହି ଓଡ଼ିଶା ସନାତନ ଧର୍ମ ଓ ବୌଦ୍ଧଧର୍ମ ଉଭୟ ଧର୍ମର ତନ୍ତ୍ରସାଧନାର ମୂଳ ପୀଠ ଥିଲା ।

ବୌଦ୍ଧ ତାନ୍ତ୍ରିକ ମତ ବଜ୍ରଯାନ ନାମରେ ପରିଚିତ ହୋଇଥିଲା ଏବଂ ଏହି ତାନ୍ତ୍ରିକ ସାଧନା ବା ବଜ୍ରଯାନ ୧ମରେ ଓଡିଶାରୁ ଉତ୍ପତ୍ତି ଲାଭ କରିଥିଲା । ସମ୍ବଲପୁରର ରାଜା ଇନ୍ଦ୍ରଭୂତି ବଜ୍ରଯାନର ସର୍ବପ୍ରଥମ ଶ୍ରେଷ୍ଠ ପ୍ରଚାରକ ଥିଲେ । ତାହାଙ୍କ ପ୍ରଚାର ଫଳରେ ବଜ୍ରଯାନ ସୁଦୂର ଆସାମ, ନେପାଳ,ତିବ୍ବତ ଓ ଚୀନ ପ୍ରଭୃତି ଦେଶରେ ଖ୍ୟାତି ଲାଭ କରିଥିଲା । ରାଜା ଇନ୍ଦ୍ରଭୂତି ନିଜର ଭଗିନୀ ଲକ୍ଷ୍ମୀଙ୍କରାଙ୍କୁ ବଜ୍ରଯାନରେ ଦୀକ୍ଷିତ କରିଥିଲେ ।

ଭଗବତୀ ଲକ୍ଷ୍ମୀଙ୍କରାଙ୍କ ବିଷୟ ଶୁଣିଲେ ବିସ୍ମିତ ହେବାକୁ ହୁଏ । ସେ ଯେ ଜଣେ ନାରୀ ବଜ୍ରଯାନରେ ସିଦ୍ଧି ଲାଭ କରିଥିଲେ ତାହା ନୁହେଁ, ସେ ସାହସସହକାରେ ଗୋଟିଏ ନୂତନ ଧର୍ମତତ୍ତ୍ୱ ପ୍ରଚାର କରିଥିଲେ । ଲକ୍ଷ୍ମୀଙ୍କରା ଯେଉଁ ନୂତନ ଧର୍ମ ପ୍ରଚାର କରିଥିଲେ ତାହାର ନାମ ସହଜଯାନ ତାହାଙ୍କ ରଚିତ ଅଦ୍ୱୟସିଦ୍ଧି ଗ୍ରନ୍ଥରେ ଏହି ନୂତନ ପ୍ରଚାରିତ ସହଜ-ଧର୍ମର ତତ୍ତ୍ୱ ନିହିତ ରହିଛି । ତାହାଙ୍କ ମତରେ—"ଜପ ତପ ପୂଜା ଧ୍ୟାନ ପ୍ରଭୃତିର ଆବଶ୍ୟକତା ନାହିଁ । ସ୍ନାନ ଶୌଚ ପ୍ରଭୃତି କୌଣସି ବିଧି ବ୍ୟବସ୍ଥା ଅବଲମ୍ବନ କରିବାର ପ୍ରୟୋଜନ ନାହିଁ । କାଷ୍ଠ ବା ପାଷାଣରେ ଗଢ଼ା ଠାକୁର ବା ମୂର୍ତ୍ତିଙ୍କୁ ପୂଜା ବନ୍ଦନା କରିବ ନାହିଁ । ଏହି ପିଣ୍ଡହିଁ ବ୍ରହ୍ମାଣ୍ଡ, ସେଠାରେ ସବୁ ଦେବ-ଦେବୀ ରହିଛନ୍ତି । ତେଣୁ ମନପ୍ରାଣ ଦେଇ ନିଜ ଦେହରେ ଦେବତାର ଉପାସନା କର ।

୧ ନ କଷ୍ଟ କଲ୍ପନାଂ କୁର୍ଯ୍ୟାନ୍ନ ନୋପବାସୋ ନଚ କ୍ରିୟାମ୍ ।
ସ୍ନାନଂ ଶୌଚଂ ନ ଚୈବାତ୍ର ଗ୍ରାମଧର୍ମ ବିବର୍ଜନମ୍ ।
ନ ଚାପି ବନ୍ଦସ୍ଦେହ୍ଦେବାନ୍ କାଷ୍ଠ ପାଷାଣ ମୃଣ୍ମୟାନ୍
ପୂଜା ମସ୍ୟୈବ କାୟସ୍ୟ କୁର୍ଯ୍ୟାନ୍ନିତ୍ୟଂ ସମାହିତ । ( ଅଦ୍ୱୟସିଦ୍ଧି )

ଆଜି ପର୍ଯ୍ୟନ୍ତ ଏହି ସହଜଧର୍ମର ସତ୍ତା ଓଡ଼ିଶାରୁ ଲୋପ ପାଇନାହିଁ । ସେହି ଧର୍ମ ଭିନ୍ନ ଭିନ୍ନ ରୂପରେ ଭିନ୍ନ ଭିନ୍ନ ଧର୍ମରେ ପରିଣତ ହୋଇ ଆଜିକାଲି ମଧ୍ୟ ଜୀବନ୍ତ ରହିଅଛି । ଏହି ନୂତନ ଧର୍ମର ପ୍ରଚାର କରିଥିବା ଯୋଗୁଁ ଭଗବତୀ ଲକ୍ଷ୍ମୀଙ୍କରି ସମସ୍ତଙ୍କର ନମସ୍ୟା । ସେ ଭଗବତୀ ଲକ୍ଷ୍ମୀଙ୍କରି ଓଡ଼ିଶାରେ ଜନ୍ମ ହୋଇଥିଲେ ଏବଂ ସହଜଧର୍ମ ୧ମରେ ଓଡ଼ିଶାରୁ ଜନ୍ମ ଲଭି ଭିନ୍ନ ଦେଶରେ ପ୍ରଚଳିତ ହୋଇଥିଲା ।

ପୂର୍ବରୁ କୁହା ହୋଇଛି—ଝୋର (କେନ୍ଦୁଝର ) (Zahor)ର ରାଜା ଶାନ୍ତରକ୍ଷିତ ନିଜର ଭଗିନୀପତି ଗୁରୁ ପଦ୍ମସମ୍ଭବଙ୍କ ସହିତ ତିବ୍ବତ ଯାତ୍ରା କରିଥିଲେ । ଶାନ୍ତରକ୍ଷିତ ପ୍ରସିଦ୍ଧ ନୈୟାୟିକ ଥିଲେ । ସେ ନାଳନ୍ଦା ବିଶ୍ୱବିଦ୍ୟାଳୟର ପ୍ରଧାନ ପୁରୋଧା ଓ ଶିକ୍ଷକ ଥିଲେ । ସେ ସ୍ୱତନ୍ତ୍ର ମାଧ୍ୟମିକ ଧର୍ମର ପ୍ରଚାରକ ଥିଲେ । ସେ ତତ୍ତ୍ୱସଂଗ୍ରହ ଗ୍ରନ୍ଥ ସଂସ୍କୃତରେ ରଚନା କରିଥିଲେ । ସେହି ଗ୍ରନ୍ଥରେ ତାଙ୍କ ପୂର୍ବବର୍ତ୍ତୀ ବୌଦ୍ଧ ଓ ଅବୌଦ୍ଧ ଦାର୍ଶନିକ ମତ ସମୂହର ଯଥାଯଥ ସୂକ୍ଷ୍ମ ସମାଲୋଚନା କରିଛନ୍ତି । ତାହାଙ୍କ ଶିଷ୍ୟ କାମଶୀଳା ସେହି ଗ୍ରନ୍ଥର ଟୀକା କରିଛନ୍ତି । ଶାନ୍ତରକ୍ଷିତ ବାଦନ୍ୟାୟବୃତ୍ତିବିପଞ୍ଚିତାର୍ଥ ଓ ମଧ୍ୟମିକାଳଙ୍କାର କାରିକା ବୋଲି ଆଉ ଦୁଇଟି ଗ୍ରନ୍ଥ ମଧ୍ୟ ରଚନା କରିଥିଲେ ଏହି ଦୁଇଗ୍ରନ୍ଥ ତିବ୍ବତୀୟ ଭାଷାରେ ଅନୁବାଦିତ ହୋଇ ରହିଅଛି । ଏହି ପ୍ରସିଦ୍ଧ ନୈୟାୟିକ ଶାନ୍ତରକ୍ଷିତଙ୍କର ଖ୍ୟାତି ନାଳନ୍ଦାରୁ ଦୂରଦେଶରେ ବିସ୍ତୃତ ହୋଇଥିଲା । ତାଙ୍କର ଖ୍ୟାତି ତିବ୍ବତରେ ବିସ୍ତାର ଲଭନ୍ତେ ସାମୟୂର ରାଜା ଖ୍ରୀସନ୍ ଇଡ୍ଡେଷ୍ଟାନ (Khrison Ide stan ) ତାହାଙ୍କୁ ନିଜ ରାଜ୍ୟକୁ ନିମନ୍ତ୍ରଣ କରିଥିଲେ । ସେ ତିବ୍ବତ ଯାଇଥିଲେ । ସେ ସାମୟୂରେ ନିଜ ଭଗିନୀପତି ପଦ୍ମସମ୍ଭବଙ୍କ ସାହାଯ୍ୟରେ ବିହାରଟିଏ ନିର୍ମାଣ କରିଥିଲେ ।

ଏହି ବିହାର ଓଦନ୍ତପୁରି ବିହାର ସାଦୃଶ୍ୟରେ ନିର୍ମିତ ହୋଇଥିଲା । ଓଦନ୍ତପୁରି କୋଣାର୍କ ନିକଟରେ ପ୍ରାଚୀକୂଳରେ ଅବସ୍ଥିତ ।

୧ । ଶାନ୍ତ ରକ୍ଷିତ ୭୪୯ ଖ୍ରୀ·ରେ ସାମୟୂରେ ବିହାର ନିର୍ମାଣ କରିଥିଲେ । ୨ । ଆଶ୍ଚର୍ଯ୍ୟଚର୍ଯ୍ୟାଚୟ ଏହି ବ୍ରଜଯାନ ଓ ସହଜଯାନର ସିଦ୍ଧାଚାର୍ଯ୍ୟମାନଙ୍କଦ୍ୱାରା ଲିଖିତ ।

---

P, Buddhist Esotopism P.76

୧.—କୋଣାର୍କ—( କୃପାସିନ୍ଧୁ ମିଶ୍ର )

ଏହି ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟରେ ୨୩ଜଣ ସିଦ୍ଧାଚାର୍ଯ୍ୟଙ୍କର ପଦାବଳୀ ରହିଅଛି । ଯଥା—

| ସିଦ୍ଧାଚାର୍ଯ୍ୟଙ୍କର ନାମ—ପଦସଂଖ୍ୟା | ନାମ ସଂଖ୍ୟା |
|---|---|
| ଆର୍ଯ୍ୟଦେବ·········୧ | ବିରୁପପାଦ······୧ |
| କଙ୍କଣପାଦ·········୧ | ବୀଣାପାଦ······୧ |
| କମ୍ବଳାମ୍ବର—······୧ | ଭଦ୍ରପାଦ······୧ |
| କାହ୍ନୁପାଦ··········୧୩ | ଭୁସୁକୁପାଦ······୮ |
| କୁକ୍କୁରୀପାଦ··· ···୩ | ମହୀଧର ପାଦ···୧ |
| ଗୁଣ୍ଡୁରୀପାଦ······୧ | ଲୁଇପାଦ······୨ |
| ଗୁଟିଳପାଦ······୧ | ଶବରପାଦ··· ୨ |
| ଜୟନନ୍ଦୀ······ ୧ | ଶାନ୍ତିପାଦ··· ୨ |
| ଡୋମ୍ବୀପାଦ······୧ | ସରହପାଦ···୪ |
| ଟେଣ୍ଟଣପାଦ···୧ | |
| ତନ୍ତୀପାଦ······୧ | |
| ତାଡ଼କାପାଦ······୧ | |
| ଦାରିକପାଦ······୧ | |
| ଧାମପାଦ୍ ବା ଗୁଞ୍ଜରୀପାଦ···୧ | |

ଏହି ସିଦ୍ଧାଚାର୍ଯ୍ୟ କବିମାନଙ୍କର ବିଷୟରେ ତିବ୍ବତରେ କିଂବଦନ୍ତୀ ରହିଅଛି । ତାରାନାଥ ପ୍ରଭୃତି ଐତିହାସିକମାନେ ମଧ୍ୟ ଅନେକ ସିଦ୍ଧାଚାର୍ଯ୍ୟଙ୍କର ପରିଚୟ ଲିପିବଦ୍ଧ କରିଛନ୍ତି । ସେହି ସବୁ ଲେଖା ଏବଂ ଭାଷା ଦୃଷ୍ଟିରୁ ମଧ୍ୟ ଏହି ସିଦ୍ଧାଚାର୍ଯ୍ୟ ମାନଙ୍କର ସ୍ଥାନ ଓ କାଳର ନିର୍ଣ୍ଣୟ ହୋଇ ପାରିବ । ଏହି ସିଦ୍ଧାଚାର୍ଯ୍ୟମାନଙ୍କର ନାମ ଶେଷରେ 'ପା' ଶବ୍ଦ ବ୍ୟବହୃତ ହୋଇଅଛି । 'ପା, ଶବ୍ଦଟି ମାନ୍ୟାର୍ଥକ 'ପାଦ'' ଶବ୍ଦର ଅପଭ୍ରଂଶରେ ନିଷ୍ପନ୍ନ ହୋଇଅଛି । ତେଣୁ ଲୁଇପା, କାହ୍ନୁପା ପ୍ରଭୃତି କହିଲେ ମାନ୍ୟ ଲୁଇ ଓ ମାନ୍ୟ କାହ୍ନୁ ବୁଝାଏ ।

ତତ୍ତ୍ୱସଂଗ୍ରହ—Fore ward PPxff L waddel P.379

ଆଜି ପର୍ଯ୍ୟନ୍ତ ଏହି ସହଜଧର୍ମର ସତ୍ତା ଓଡ଼ିଶାରୁ ଲୋପ ପାଇନାହିଁ । ସେହି ଧର୍ମ ଭିନ୍ନ ଭିନ୍ନ ରୂପରେ ଭିନ୍ନ ଭିନ୍ନ ଧର୍ମରେ ପରିଣତ ହୋଇ ଆଜିକାଲି ମଧ୍ୟ ଜୀବନ୍ତ ରହିଅଛି । ଏହି ନୂତନ ଧର୍ମର ପ୍ରଚାର କରିଥିବା ଯୋଗୁଁ ଭଗବତୀ ଲକ୍ଷ୍ମୀଙ୍କର ସମସ୍ତଙ୍କର ନମସ୍ୟା । ସେ ଭଗବତୀ ଲକ୍ଷ୍ମୀଙ୍କର ଓଡ଼ିଶାରେ ଜନ୍ମ ହୋଇଥିଲେ ଏବଂ ସହଜଧର୍ମ କ୍ରମରେ ଓଡ଼ିଶାରୁ ଜନ୍ମ ଲଭି ଭିନ୍ନ ଦେଶରେ ପ୍ରଚଳିତ ହୋଇଥିଲା ।

ପୂର୍ବରୁ କୁହା ହୋଇଛି—ଝର (କେନ୍ଦୁଝର ) (Zahor)ର ରାଜା ଶାନ୍ତରକ୍ଷିତ ନିଜର ଭଗିନୀପତି ଗୁରୁ ପଦ୍ମସମ୍ଭବଙ୍କ ସହିତ ତିବ୍ବତ ଯାତ୍ରା କରିଥିଲେ । ଶାନ୍ତରକ୍ଷିତ ପ୍ରସିଦ୍ଧ ନୈୟାୟିକ ଥିଲେ । ସେ ନାଳନ୍ଦା ବିଶ୍ୱବିଦ୍ୟାଳୟର ପ୍ରଧାନ ପୁରୋଧା ଓ ଶିକ୍ଷକ ଥିଲେ । ସେ ସ୍ୱତନ୍ତ୍ର ମାଧ୍ୟମିକ ଧର୍ମର ପ୍ରଚାରକ ଥିଲେ । ସେ ତତ୍ତ୍ୱସଂଗ୍ରହ ଗ୍ରନ୍ଥ ସଂସ୍କୃତରେ ରଚନା କରିଥିଲେ । ସେହି ଗ୍ରନ୍ଥରେ ତାଙ୍କ ପୂର୍ବବର୍ତ୍ତୀ ବୌଦ୍ଧ ଓ ଅବୌଦ୍ଧ ଦାର୍ଶନିକ ମତ ସମୂହର ଯଥାଯଥ ସୂକ୍ଷ୍ମ ସମାଲୋଚନା କରିଛନ୍ତି । ତାହାଙ୍କ ଶିଷ୍ୟ କାମଶୀଳା ସେହି ଗ୍ରନ୍ଥର ଟୀକା କରିଛନ୍ତି । ଶାନ୍ତରକ୍ଷିତ ବାଦନ୍ୟାୟବୃତ୍ତିବିପଞ୍ଚିତାର୍ଥ ଓ ମଧ୍ୟମିକାଳଙ୍କାର କାରିକା ବୋଲି ଆଉ ଦୁଇଟି ଗ୍ରନ୍ଥ ମଧ୍ୟ ରଚନା କରିଥିଲେ ଏହି ଦୁଇଗ୍ରନ୍ଥ ତିବ୍ବତୀୟ ଭାଷାରେ ଅନୁବାଦିତ ହୋଇ ରହିଅଛି । ଏହି ପ୍ରସିଦ୍ଧ ନୈୟାୟିକ ଶାନ୍ତରକ୍ଷିତଙ୍କର ଖ୍ୟାତି ନାଳନ୍ଦାରୁ ଚତୁର୍ଦ୍ଦିଗରେ ବିସ୍ତୃତ ହୋଇଥିଲା । ତାଙ୍କର ଖ୍ୟାତି ତିବ୍ବତରେ ବିସ୍ତାର ଲଭନ୍ତେ ସାମୟର ରାଜା ଖ୍ରୀସନ୍ ଇଡ଼େଷ୍ଟାନ (Khrison Ide stan ) ତାହାଙ୍କୁ ନିଜ ରାଜ୍ୟକୁ ନିମନ୍ତ୍ରଣ କରିଥିଲେ । ସେ ତିବ୍ବତ ଯାଇଥିଲେ । ସେ ସାମୟରେ ନିଜ ଭଗିନୀପତି ପଦ୍ମସମ୍ଭବଙ୍କ ସାହାଯ୍ୟରେ ବିହାରଟିଏ ନିର୍ମାଣ କରିଥିଲେ ।

ଏହି ବିହାର ଓଦନ୍ତପୁର ବିହାର ସାଦୃଶ୍ୟରେ ନିର୍ମିତ ହୋଇଥିଲା । ଓଦନ୍ତପୁର କୋଣାର୍କ ନିକଟରେ ପ୍ରାଚୀକୂଳରେ ଅବସ୍ଥିତ ।

୧ । ଶାନ୍ତ ରକ୍ଷିତ ୭୪୯ ଖ୍ରୀ.ରେ ସାମୟରେ ବିହାର ନିର୍ମାଣ କରିଥିଲେ । ୨ । ଆଷ୍ଟର୍ଯ୍ୟଚର୍ଯ୍ୟାଚୟ ଏହି ବ୍ରଜଯାନ ଓ ସହଜଯାନର ସିଦ୍ଧାଚାର୍ଯ୍ୟମାନଙ୍କଦ୍ୱାରା ଲିଖିତ ।

---

P, Buddhist Esotopism P.76

୧.—କୋଣାର୍କ—( କୃପାସିନ୍ଧୁ ମିଶ୍ର )

ଏହି ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟରେ ୨୩ଜଣ ସିଦ୍ଧାଚାର୍ଯ୍ୟଙ୍କର ପଦାବଳୀ ରହିଅଛି । ଯଥା—

| ସିଦ୍ଧାଚାର୍ଯ୍ୟଙ୍କର ନାମ—ପଦସଂଖ୍ୟା | ନାମ ସଂଖ୍ୟା |
|---|---|
| ଆର୍ଯ୍ୟଦେବ·········୧ | ବିରୁପପାଦ······୧ |
| କଙ୍କଣପାଦ·········୧ | ବୀଣାପାଦ······୧ |
| କମ୍ବଳାମ୍ବର—······୧ | ଭଦ୍ରପାଦ······୧ |
| କାହ୍ନୁପାଦ·········୧୩ | ଭୁସୁକୁପାଦ······୮ |
| କୁକ୍କୁରିପାଦ······ ···୩ | ମହୀଧର ପାଦ···୧ |
| ଗୁଣ୍ଡରିପାଦ······୧ | ଲୁଇପାଦ······୨ |
| ଚାଟିଲପାଦ······୧ | ଶବରପାଦ··· ୨ |
| ଜୟନନ୍ଦୀ······ ୧ | ଶାନ୍ତିପାଦ··· ୨ |
| ଡୋମ୍ବୀପାଦ······୧ | ସରହପାଦ···୪ |
| ଢେଣ୍ଢଣପାଦ···୧ | |
| ତନ୍ତ୍ରୀପାଦ······୧ | |
| ତାଡ଼କାପାଦ······୧ | |
| ଦାରିକପାଦ······୧ | |
| ଧାମପାଦ୍ ବା ଗୁଞ୍ଜରିପାଦ···୧ | |

ଏହି ସିଦ୍ଧାଚାର୍ଯ୍ୟ କବିମାନଙ୍କର ବିଷୟରେ ତିବ୍ବତରେ କିଂବଦନ୍ତୀ ରହିଅଛି । ତାରାନାଥ ପ୍ରଭୃତି ଐତିହାସିକମାନେ ମଧ୍ୟ ଅନେକ ସିଦ୍ଧାଚାର୍ଯ୍ୟଙ୍କର ପରିଚୟ ଲିପିବଦ୍ଧ କରିଛନ୍ତି । ସେହି ସବୁ ଲେଖା ଏବଂ ଭାଷା ଦୃଷ୍ଟିରୁ ମଧ୍ୟ ଏହି ସିଦ୍ଧାଚାର୍ଯ୍ୟ ମାନଙ୍କର ସ୍ଥାନ ଓ କାଳର ନିର୍ଣ୍ଣୟ ତଳେ କରାଯିବ । ଏହି ସିଦ୍ଧାଚାର୍ଯ୍ୟମାନଙ୍କର ନାମ ଶେଷରେ 'ପା' ଶବ୍ଦ ବ୍ୟବହୃତ ହୋଇଅଛି । 'ପା, ଶବ୍ଦଟି ମାନ୍ୟାର୍ଥକ 'ପାଦ'' ଶବ୍ଦର ଅପଭ୍ରଂଶରେ ନିଷ୍ପନ୍ନ ହୋଇଅଛି । ତେଣୁ ଲୁଇପା, କାହ୍ନୁପା ପ୍ରଭୃତି କହିଲେ ମାନ୍ୟ ଲୁଇ ଓ ମାନ୍ୟ କାହ୍ନୁ ବୁଝାଏ ।

---

ତତ୍ତ୍ୱସଂଗ୍ରହ—Fore ward PPxff L waddel P.379

# ସରହ ପାଦ

ସରହ ବୌଦ୍ଧତନ୍ତ୍ରଯାନର ଜଣେ ପ୍ରଧାନ ପ୍ରଚାରକ ଥିଲେ । ତାରାନାଥ ଏବଂ ପାଗ୍ ସାମଜନଜାନ୍‌ରେ (Pag Sam Jan Jan) ଲେଖକଙ୍କ ଅନୁସାରେ ସରହ ବୌଦ୍ଧତନ୍ତ୍ରବାଦର ଜଣେ ଅତିପ୍ରାଚୀନ ଲେଖକ ଓ ପ୍ରଚାରକ ଥିଲେ । ଅସଙ୍ଗଙ୍କ ସମୟରୁ ବୌଦ୍ଧତନ୍ତ୍ରଶାସ୍ତ୍ର ଗୋପନଭାବରେ ଗୁରୁଶିଷ୍ୟ ପରମ୍ପରାରେ ପ୍ରଚଳିତ ହେଉଥିଲା । ଇନ୍ଦ୍ରଭୂତି ଓ ସରହ ପ୍ରକାଶ ଭାବରେ ବୌଦ୍ଧତନ୍ତ୍ରଶାସ୍ତ୍ରର ପ୍ରଚାର କରିଥିଲେ । ତାରାନାଥ ସରହଙ୍କୁ ଆଦି ସିଦ୍ଧ ରୂପରେ ଗ୍ରହଣ କରିଛନ୍ତି । ଏବଂ ତାଙ୍କ ବୁଦ୍ଧକପାଳତନ୍ତ୍ରକୁ ତାଙ୍କ ଗ୍ରନ୍ଥ ସୂଚୀରେ ୧ମ ସ୍ଥାନ ଦେଇଛନ୍ତି । ଚକ୍ରସମ୍ବାର ତନ୍ତ୍ରରେ ମଧ୍ୟ ସରହଙ୍କର ନାମ ୧ମରେ ଉଲ୍ଲିଖିତ ହୋଇଅଛି । ଏହି ସିଦ୍ଧାଚାର୍ଯ୍ୟ ସରହ ସରୋହ ବଜ୍ରପଦ୍ମ, ପଦ୍ମବଜ୍ର ଓ ରାହୁଲଭଦ୍ର ନାମରେ ପରିଚିତ ଥିଲେ । ଆଷ୍ଟର୍ଯ୍ୟଚର୍ଯ୍ୟାଚୟରେ ତାଙ୍କର ୪ଗୋଟି ସଙ୍ଗୀତ ରହିଅଛି । ଲମା ତାରାନାଥ ସରହଙ୍କର ଜୀବନୀର ଯେଉଁ ସଂକ୍ଷିପ୍ତ ବିବରଣୀ ଦେଇଛନ୍ତି ତାହା ତଳେ ଉଦ୍ଧୃତ ହେଲା ।

"ମହାଚାର୍ଯ୍ୟ ବ୍ରାହ୍ମଣ ରାହୁଲଭଦ୍ର ଓଡ଼ିଶାରେ ଜନ୍ମଗ୍ରହଣ କରିଥିଲେ । ଜାତିରେ ସେ ବ୍ରାହ୍ମଣ ଥିଲେ । ବାଲ୍ୟ କାଳରେ ସେ ବେଦ-ବେଦାଙ୍ଗରେ ପାରଦର୍ଶିତା ଲାଭ କରିଥିଲେ । ପରେ ସେ ମଧ୍ୟଦେଶକୁ ଯାଇ ବୌଦ୍ଧଧର୍ମ ଗ୍ରହଣ କରିଥିଲେ ଏବଂ ତ୍ରିପିଟକରେ ସେ ବିଶେଷ ଜ୍ଞାନ ଅର୍ଜନ କରିଥିଲେ । ସ୍ଥବିରକାଳ ରାହୁଲଭଦ୍ରଙ୍କର ଗୁରୁ ଥିଲେ । କିଛିଦିନ ପରେ ରାହୁଲଭଦ୍ର ନାଳନ୍ଦାରେ ଅଧ୍ୟାପକ ହୋଇଥିଲେ । ଶେଷରେ ସେ ଦକ୍ଷିଣକୁ ଯାତ୍ରା କରିଥିଲେ । ସେ ମହାରାଷ୍ଟ୍ର ଦେଶରେ ନିଜ ସାଧନାର ଯୋଗ୍ୟ ଯୋଗିନୀ ଦେଖିଥିଲେ । ସେ ଯୋଗିନୀ ଜଣେ ଶରକାରିର କନ୍ୟା ଥିଲା । ରାହୁଲ ସେହି ଯୋଗିନୀ ସାହାଯ୍ୟରେ ନିଜର ଅସ୍ତିତ୍ୱ ଲୋପ କରି ଶୂନ୍ୟର ଉପଲବ୍ଧି କରିବେ ବୋଲି ସ୍ଥିର କରି ସେହି ଶରକାରର କନ୍ୟାକୁ ମୁଦ୍ରା ଦେଇଥିଲେ । ତହିଁପରେ ରାହୁଲ ନିଜେ-ଶର ନିର୍ମାଣ କରି ଶରକାରର

୧ । Mystic Tales of Lama Taranath P P 1—2

କନ୍ୟା ସହିତ ଭିନ୍ନ ଭିନ୍ନ ଦେଶ ଭ୍ରମଣ କରିଥିଲେ । ତାହାଙ୍କର ସିଦ୍ଧି ଲାଭ ପରେ ସେ ସରହ ନାମରେ ଅଭିହିତ ହେଉଥିଲେ । ଅର୍ଥାତ୍ ତାହାଙ୍କ ହାତରେ ଶର ସଦା ସର୍ବଦା ଦେଖିବାକୁ ମିଳୁଥିଲା । ( ଅର୍ଥାତ୍ ଶର ହସ୍ତରେ ଥିଲାବୋଲି ଶରହସ୍ତ ଓ ସରହ ବୋଲି ଲୋକେ ତାହାଙ୍କୁ କହୁଥିଲେ । ) ଥରେ ରାଜାଙ୍କ ସହିତ ଅନେକ ଲୋକ ତାହାଙ୍କ ଦର୍ଶନକୁ ଆସିଥିଲେ ଏବଂ ତାହାଙ୍କୁ ଉପହାସ କରିଥିଲେ । ଏହି ଆଚାର୍ଯ୍ୟ (ସରହ) ବ୍ରହ୍ମାସନରେ ବସି କହିଥିଲେ—ମୁଁ ବ୍ରାହ୍ମଣ, ସରକାରର କନ୍ୟା ସହିତ ବସବାସ କରୁଅଛି । ଜାତି ବା ଅଜାତି ଭିତରେ ମୁଁ କୌଣସି ପ୍ରଭେଦ ଦେଖେନାହିଁ । ମୁଁ ଏହି ସ୍ତ୍ରୀଲୋକ ସହିତ ଭିକ୍ଷା କରିବୁଲେ । ପାପ ପୁଣ୍ୟ ଭିତରେ ମୁଁ କିଛି ପ୍ରଭେଦ ଦେଖେନାହିଁ । ଲୋକେ ମୋତେ ଅପବିତ୍ର ବୋଲି ସନ୍ଦେହ କରନ୍ତି । କିନ୍ତୁ ମନୁଷ୍ୟ ଯେ ସଂସାରର ବିଷାକ୍ତ ତାହା ସେମାନେ ହୃଦୟଙ୍ଗମ କରି ପାରନ୍ତି ନାହିଁ । ଏହା କହି ସେ ସାଞ୍ଚଥର ଦୋହା ବଜ୍ରଗୀତ ଗାଇଥିଲେ । ତାହାଶୁଣି ସହସ୍ର ସହସ୍ର ଲୋକ ତାହାଙ୍କର କାର୍ଯ୍ୟ ଓ ଉଦ୍ଦେଶ୍ୟର ମହତ୍ତ୍ୱ ସ୍ୱୀକାର କରିଥିଲେ ।

ବ୍ରାହ୍ମଣ ରାହୁଳ ଓ ଶ୍ରବର ରାହୁଳ ଦୁଇଜଣ ସ୍ୱତନ୍ତ୍ର ବ୍ୟକ୍ତି ବୋଲି ଗ୍ରନ୍ଥକାର ଏଠାରେ ଲେଖିଛନ୍ତି ( ଅନୁବାଦକ ), ପାଗ ସାମ୍ ଜନ୍ ଜାନ୍ ( Pag Sam Jan Jan ) ଙ୍କର ଲେଖକ ସରହଙ୍କ ବିଷୟରେ ଏହିପରି କହିଛନ୍ତି:— (୧)

"ସରହ ବା ରାହୁଳଭଦ୍ରଙ୍କର ପିତା ବ୍ରାହ୍ମଣ ଓ ମାତା ଡାକିନୀ ଥିଲେ । ସେ ପ୍ରାଚ୍ୟ ଦେଶରେ ଚନ୍ଦ୍ରପାଲ ରାଜାଙ୍କ ସମୟରେ ଜୀବିତ ଥିଲେ । ସେ ରତ୍ନପାଳ ରାଜାଙ୍କ ଆଗରେ ଅଦ୍ଭୁତ କାର୍ଯ୍ୟ ସବୁ ଦେଖାଇ ରାଜା ଓ ମନ୍ତ୍ରୀଙ୍କୁ ବୌଦ୍ଧଧର୍ମରେ ଦୀକ୍ଷିତ କରିଥିଲେ । କିଛିକାଳ ପରେ ସେ ନାଲନ୍ଦାରେ ପ୍ରଧାନ ଆଚାର୍ଯ୍ୟ ହୋଇଥିଲେ । ତାହାଙ୍କ ବିଷୟରେ ପୁଣି କୁହା ହୋଇଛି ଯେ—ସେ ଓଡ଼ିଶାକୁ ଯାଇଥିଲେ । ଓଡ଼ିଶାରେ ସେ ସ୍ତ୍ରୈବେଶକଲୁଙ୍କ ଠାରୁ ମନ୍ତ୍ରଯାନ ଶିକ୍ଷା କରିଥିଲେ । ତହୁଁ ସେ ମହାରାଷ୍ଟ୍ରକୁ ଯାଇଥିଲେ । ସେଠାରେ ସିଦ୍ଧି ଶରକାର ରୂପରେ ତାହାଙ୍କ

୧ । Pag Sam Jan Jan Index P. P x l i v and Introduction to B Esoterism P 66

ସମ୍ମୁଖରେ ଉପସ୍ଥିତ ହୋଇଥିଲା । ସେ ସେହି ରେକାର କନ୍ୟା ସହିତ ମିଳିତ ହୋଇଥିଲେ । ସେ ମହାମୁଦ୍ରା ସାଧନ କରି ସିଦ୍ଧିଲାଭ କରିଥିଲେ । ତହିଁପରେ ସେ ସିଦ୍ଧ ସରହ ନାମରେ ପରିଚିତ ହୋଇଥିଲେ । ସେ ଦୋହା ଗାନ ଗାଇ ୫୦୦୦ ଲୋକ ଓ ରାଜାଙ୍କୁ ବୌଦ୍ଧ ଧର୍ମରେ ଦୀକ୍ଷିତ କରିଥିଲେ ।” (୧)

ଏହି ଦୁଇ ଉକ୍ତି ପରୀକ୍ଷା କଲେ ଜଣାଯାଏ ଯେ—ଦୁହିଁଙ୍କ ଭିତରେ କିଛି ପ୍ରଭେଦ ନାହିଁ । ଲାମା ତାରନାଥ ସରହଙ୍କ ଜନ୍ମସ୍ଥାନ ଓଡ଼ିଶା ବୋଲି କହିଛନ୍ତି, କିନ୍ତୁ ଅନ୍ୟ ଜଣେ ସରହଙ୍କ ଜନ୍ମସ୍ଥାନ ପୂର୍ବଦେଶ ବୋଲି କହି ଓଡ଼ିଶାରେ ମନ୍ତ୍ରଯାନ ଶିକ୍ଷା କରିବାର କହିଅଛନ୍ତି । ଓଡ଼ିଶା ମଧ୍ୟ ପୂର୍ବ-ଦେଶରେ । ତେଣୁ ସରହ ଯେ ଓଡ଼ିଆ ଥିଲେ ଏ ବିଷୟରେ ସନ୍ଦେହର ଅବକାଶ ନାହିଁ ।

ପ୍ରାଚୀନ ତାରନାଥ ମଧ୍ୟ ରାହୁଲ ଭଦ୍ରଙ୍କୁ ଶେଷସରହ ରୂପରେ, ନିର୍ଦ୍ଦେଶ କରିଅଛନ୍ତି । ସେହି ରାହୁଲଭଦ୍ର ବା ସରହ ଓଡ଼ିଶାରେ ( Orissa ) ଜନ୍ମ ହୋଇଥିଲେ । ଲୁଇପା ଏହି ସରହଙ୍କର ଶିଷ୍ୟ ଥିଲେ ।

ବଙ୍ଗର ଇତିହାସରେ ଲିଖିତ ଅଛି ୧—କଡ଼ିଅର ସାହେବ ଯଥାର୍ଥ ଭାବରେ ଅନୁମାନ କରିଛନ୍ତି ଯେ—ସରହ ନାମରେ ଅନେକ ସିଦ୍ଧଥିଲେ । ସେମାନେ ତିବ୍ବତୀରେ ( Bstan hy ynr ) ମହା ବ୍ରାହ୍ମଣ ମହାଚାର୍ଯ୍ୟ ଓ ଯୋଗୀଶ୍ୱର ନାମରେ ବର୍ଣ୍ଣିତ ହୋଇଛନ୍ତି ଏବଂ ଓଡ଼ିଯାନ ବାସୀ ଥିଲେ । ତେଣୁ ସେମାନଙ୍କର ପାର୍ଥକ୍ୟ ନିର୍ଦ୍ଦେଶ କରିବା ବଡ଼ କଷ୍ଟକର । ସମ୍ଭବତଃ ଦୋହାର ଲେଖକ ସରହ ସରହ ରାହୁଲଭଦ୍ର ନୁହନ୍ତି ।

ପ୍ରକୃତରେ ଦେଖିବାକୁ ଗଲେ ମହାବ୍ରାହ୍ମଣ ମହାଚାର୍ଯ୍ୟ ଓ ଯୋଗୀଶ୍ୱର ପ୍ରଭୃତି ସରହଙ୍କର ଉପାଧି ଥିଲା ଏବଂ ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଉପାଧି ପ୍ରଯୁକ୍ତ ହୋଇଅଛି । ରାହୁଲଭଦ୍ର ସରହ ନାମରେ ପରିଚିତ ହୋଇ ଏହିସବୁ ବିଭିନ୍ନ ଉପାଧିରେ ଭୂଷିତ ହୋଇଥିଲେ ।

---

୧ । Taranath P. 375

ପୂର୍ବରୁ ପ୍ରମାଣିତ ହୋଇଛି ଓଡ଼ିଶା ଓ ଓଡ଼ିୟାନ ଏକ ଦେଶ, କିନ୍ତୁ ଭିନ୍ନ ନୁହେଁ । ତେଣୁ ସରହ ନାମରେ ଅନେକ ବ୍ୟକ୍ତି ଥିଲେ ବୋଲି ସ୍ୱୀକାର କଲେ ମଧ୍ୟ ସମସ୍ତେ ଓଡ଼ିୟାନବାସୀ ଅର୍ଥାତ୍ ଓଡ଼ିଶାର ଲୋକ ଥିଲେ । ତାରନାଥ ବଡ଼ ଓ ସାନ ସରହ ଭିତରେ ପ୍ରଭେଦ ଦେଖାଇଛନ୍ତି । ସାନ ସରହଙ୍କର ନାମଥିଲା ସବରୀ, କିନ୍ତୁ ବଡ଼ ସରହଙ୍କର ନାମଥିଲା ରାହୁଲଭଦ୍ର ।

ଲାମା ତାରନାଥ ସରହ ରାହୁଲଭଦ୍ରଙ୍କ ଦୋହାଗାନର ବିଷୟ ଉଲ୍ଲେଖ କରିଛନ୍ତି । ତେଣୁ ସରହ ରାହୁଲଭଦ୍ର ଯେ ଆଶ୍ଚର୍ଯ୍ୟଚର୍ଯ୍ୟାଚୟର ଦୋହାର ଲେଖକ ଏଥିରେ ସନ୍ଦେହର ଅବକାଶ ନାହିଁ ।

ତେଙ୍ଗୁର ଗ୍ରନ୍ଥସୂଚୀରେ ସରହ ୨୫ ଖଣ୍ଡ ତାନ୍ତ୍ରିକ ଗ୍ରନ୍ଥ ରଚନା କରିଥିବାର ଉଲ୍ଲିଖିତ ହୋଇଅଛି । ସେଥିମଧ୍ୟରୁ ୬ ଖଣ୍ଡ ଗ୍ରନ୍ଥ ଦୋହା-କୋଷ ଗୀତି ଓ ଚର୍ଯ୍ୟାଗୀତି ବିଷୟରେ ଲିଖିତ ହୋଇଅଛି । ସରହଙ୍କ ରଚିତ ଦୋହାକୋଷ ସଂସ୍କୃତ ଟୀକା ସହିତ ପ୍ରକାଶିତ ହୋଇଅଛି ।

ସାଧନମାଳାରେ "ଭକ୍ତ ଲୋକେଶ୍ୱର" ଓ "ତ୍ରୈଲୋକ୍ୟ ବଶଙ୍କର" ବୋଲି ୨ଟି ସାଧନା ରହିଅଛି । ସରହ ୧ମରେ ଏହି ସାଧନା ପ୍ରଚାର କରିଥିଲେ । ଏହି ଦୁଇ ସାଧନା ୧ମରେ ଓଡ଼ିୟାନରୁ ପ୍ରଚଳିତ ହୋଇଥିଲା ବୋଲି ବର୍ଣ୍ଣିତ ଅଛି ।

ଏହି ସମସ୍ତ ଆଲୋଚନାରୁ ଜଣାଯାଏ ଯେ—ସରହଙ୍କର ନାମ ଥିଲା ରାହୁଲଭଦ୍ର ଓ ସରହ ଭଦ୍ର । ସେ ଓଡ଼ିଶା ତଥା ଓଡ଼ିୟାନର ଲୋକ ଥିଲେ । ଆଶ୍ଚର୍ଯ୍ୟଚର୍ଯ୍ୟାଚୟରେ ସରହଙ୍କ ରଚିତ ଦୋହାଗାନ ଓଡ଼ିଆ ଭାଷାରେ ଲିଖିତ ହୋଇଥିଲା ଭାଷାତତ୍ତ୍ୱରେ ଭାଷା ବିଷୟରେ ଆଲୋଚିତ ହେବ । ତଥାପି ସରହଙ୍କ ରଚିତ ୪ଗୋଟି ଦୋହାରେ ଓଡ଼ିଆଭାଷାର ଯେଉଁ ସବୁ ବିଶେଷତ୍ୱ ଦେଖିବାକୁ ମିଳେ ତାହା ତଳେ ଦିଆଗଲା:—

ମିଛେଁ, ଅହ୍ମେ, ଜାଣହୁଁ ( ଜାଣଇଁ ) ବନ୍ଧାବଏ (ବନ୍ଧାଏ) କଇସଣ ( କେସନ) ଜଇସୋ, ତଇସୋ, ଜୀବନ୍ତେ, ମଇଁଲେ, ଜେ, ତେ, ହୋନ୍ତି ଘୁଡ଼, ଲେମୁଁ, କାହୁ ( ଲେଉକାଉ) ଲେଉ, ତ

୧ । History of Bengal Edicted by R. C. Majumdar P. 349

ନାବଢ଼ (ନାବଟି) ଖାଣ୍ଟି, କେଭୁଆଳ, କର, ଧରହୁ ( ୭ଧଥୁ) ଆନଉପାୟେ ଜାଇ, ଜାଉ, ଆନେଁ, ବଜୁଅ (ବଜୁଆ) ବୋଲଆ, ଲଇ, ଉପାଅ, ଭଣଇ, ସମାଅ ଚୋଢ଼ୋର, ଥାକବ, ଦଶଇ, ଅଛନ୍ତେ, ଗିଲେସି, ଘରେ, ପରେକ, ବୁଝିଲେ, ଖାଇବ, ମଇ ( ମୁଇଁବା ମି (୩୯)

୧ । ଓଡ଼ିଆ ଭାଷା ପର ସରହ ପାଦଙ୍କର ପଦ୍ୟପାକରେ ଅସମାପିକା ସବୁ ଇକାରାନ୍ତ ହୋଇଅଛି । ଯଥା—ଛୁଡ଼ି, କରି, ଲଇ ଜାଇ ପ୍ରଭୃତ ।

୨ । ଓଡ଼ିଆ ଭାଷାରେ ଯେପର ଭବିଷ୍ୟତ୍ କାଳର କ୍ରିୟା ଇବ ପ୍ରତ୍ୟୟଦ୍ୱାରା ନର୍ଦ୍ଦିଷ୍ଟ ହୁଏ ସରହପାଦଙ୍କର କବତାରେ ସେହିପର ଇବ ପ୍ରତ୍ୟୟଦ୍ୱାରା ଭବଷ୍ୟତକାଳ ନର୍ଦ୍ଦିଷ୍ଟ ହୋଇଅଛି —ଯଥା— ଖାଇବ ( ୩୯ )

୩ । ଅନୁଜ୍ଞା ଉତ୍ତମ ପୁରୁଷ ବହୁବଚନରେ "ହୁଁ" ପ୍ରତ୍ୟୟର ପ୍ରୟୋଗ ଓଡ଼ିଆର ବଶେଷତ୍ୱ । ଏହି ବଶେଷତ୍ୱ ସରହପାଦଙ୍କ କବତାରେ ଦେଖିବାକୁ ମିଳେ । ଯଥା—ଜାଣହୁଁ ( ଜାଣହୁଁ ) ଲେହୁ, ଜାଉ ।

୪ । ଓଡ଼ିଆ ଭାଷାରେ କାର୍ଯ୍ୟ କାରଣ ଭାବ ନର୍ଦ୍ଦେଶ କରିବାଲାଗି ଶତୃ ପ୍ରତ୍ୟୟାନ୍ତ କ୍ରିୟା ଓ କ୍ତ ବା ଲ୍ ଓ ଇଲ ପ୍ରତ୍ୟୟାନ୍ତ କ୍ରିୟା ୭ମୀ ବଭକ୍ତି ଯୁକ୍ତହୋଇ ସଂସ୍କୃତଭାବେ ୭ମୀ ପ୍ରକାଶ କରିଥାଏ । ଏହା ଓଡ଼ିଆ ଭାଷାର ପ୍ରଧାନ ବଶିଷ୍ଟତା ଅନ୍ୟାନ୍ୟ ଭାଷାରେ ଏ ବୈଶିଷ୍ଟ୍ୟ ପ୍ରାୟ ଦେଖିବାକୁ ମିଳେନାହିଁ । ସରହଙ୍କ କବତାରେ ଏହି ବୈଶିଷ୍ଟ୍ୟ ଅନେକସ୍ଥାନରେ ରହିଅଛି । ଯଥା—ଜୀବନ୍ତେ (୨୨) ଅଛନ୍ତେ ( ୩୯ )

---

୧ । ସରହ ପାଦକୃତଂ ଓଡ଼ିୟାନ କ୍ରମେଣ ତ୍ରୈଲୋକ୍ୟ ବଶଙ୍କର ଲୋକେଶ୍ୱର ସାଧନଂ ସମାପ୍ତଂ । ସାଧନମାଳା Part I P. 80.

ଇତ ସରହ ପାଦାବତାରିତ ଓଡ଼୍ଡୀୟାନ ବନର୍ଗତ ତ୍ରୈଲୋକ୍ୟ ବଶଙ୍କର ରକ୍ତ ଲୋକେଶ୍ୱର ସାଧନଂ ସମାପ୍ତଂ । ସା. ମା. I P. 83.

୫ । ସରହଙ୍କ କବିତାରେ ଓଡ଼ିଆ ସର୍ବନାମର ପ୍ରୟୋଗ ଦେଖିବାକୁ ମିଳେ । ଯଥା—ଅମ୍ହେ, କଇସଣ, ଜେ, ତେ, ତୋହୋର, ମଇ ପ୍ରଭୃତି । ସରହଙ୍କ କବିତାରେ ଓଡ଼ିଆ ଭାଷାର ଏହିସବୁ ବୈଶିଷ୍ଟ୍ୟ ଥିବାରୁ ସରହପାଦ ଖାଣ୍ଟି ଓଡ଼ିଆ ଥିଲେ ଏବଂ ତାଙ୍କର କବିତା ଓଡ଼ିଆ ଭାଷାରେ ଲିଖିତ ହୋଇଥିଲା । ବିଶେଷତଃ ସରହପାଦ ୩୯ ( ଚ ) କବିତାରେ କହିଛନ୍ତି

" ବଙ୍ଗେ ଜାୟା ନିଲେସି ଭାଗେଲ ତୋହୋର ବିଣାଣା ।" ଏହି ପଦ୍ୟରେ ଲୌକିକ ଅର୍ଥରେ ବଙ୍ଗରେ ବିବାହ-ହେବାର ସୂଚନା ମଧ୍ୟ ଦେଉଅଛନ୍ତି । ଏଥିରୁ କବି ନିଜେ ବଙ୍ଗାଳୀ ନ'ଥିଲେ ବୋଲି ସ୍ପଷ୍ଟ ପ୍ରମାଣିତ ହେଉଅଛି । କବି ନିଜେ ବଙ୍ଗାଳୀ ହୋଇଥିଲେ ବଙ୍ଗରୁ ଜାୟା ଗ୍ରହଣ କରିବାଦ୍ୱାରା ଅର୍ଥର ବୈଶିଷ୍ଟ୍ୟ କିଛି ରହୁନାହିଁ । ସୁତରାଂ କବି ବଙ୍ଗାଳୀ ନୁହନ୍ତି, କିନ୍ତୁ ବଙ୍ଗଳରେ ବିବାହ କରିବାଦ୍ୱାରା ତାଙ୍କର ଅଜ୍ଞାନ ଦୂର ହୋଇଅଛି ।

# ସବରୀ-ପାଦ

ଟହୁଳଙ୍କ ସୂତ୍ରରେ ବର୍ଣ୍ଣିତ ଅଛି ୧—ଆଦି ସିଦ୍ଧ ସରହଙ୍କର ୩ଗୋଟି ଶିଷ୍ୟଥିଲେ—ବୁଦ୍ଧଜ୍ଞାନ, ନାଗାର୍ଜ୍ଜୁନ, ଓ ଶବରପା । ଏହି ଶବରପା ଲୁଇପାଙ୍କର ଗୁରୁଥିଲେ । ତାରନାଥଙ୍କ ମତରେ ଦୁଇଜଣ ସରହ ଥିଲେ । ୧ମ ସରହଙ୍କର ନାମ ରାହୁଳଭଦ୍ର ଏବଂ ଦ୍ୱିତୀୟ ସରହଙ୍କର ନାମଥିଲା ସବଶ । ତେଣୁ ସରହ ଓ ସବଶ ଗୁରୁ ଶିଷ୍ୟଥିଲେ । ସବଶ ଗୁରୁଙ୍କ ନାମ ଅନୁସାରେ ସରହ ନାମରେ ମଧ୍ୟ ପରିଚିତ ଥିଲେ । ତାରନାଥଙ୍କ ମତରେ ଏହି ସାନସରହ ଓଡ଼ିଶାରେ ଜନ୍ମ ହୋଇଥିଲେ । ୩—ତେଣୁ ବଡ଼ ଓ ସାନ ସରହ ଦୁହେଁ ଓଡ଼ିଶାରେ ଜନ୍ମଗ୍ରହଣ କରିଥିଲେ । ଏହି ସାନ ସରହ ସବରୀପାଙ୍କର ଅନେକ ସଂସ୍କୃତ ଗ୍ରନ୍ଥ ରହିଅଛି । ଏହାଙ୍କ ରଚିତ ଖଣ୍ଡିଏ ଗ୍ରନ୍ଥର ନାମ ବଜ୍ରଯୋଗିନୀ–ସାଧନ । ଓଡ଼ିୟାନ ତଥା ଓଡ଼ିଶାର ରଜା ଇନ୍ଦ୍ରଭୂତି ୧ମରେ ବଜ୍ରଯୋଗିନୀର ଉପାସନା ପ୍ରଚଳନ କରିଥିଲେ । ତାହାଙ୍କର ଭଗିନୀ ଲକ୍ଷ୍ମୀଙ୍କରା ତାହାଙ୍କୁ ଏ ବିଷୟରେ ବିଶେଷଭାବରେ ସାହାଯ୍ୟ କରିଥିଲେ । ତେଣୁ ସବର ଏହିଅଞ୍ଚଳର ଲୋକଥିଲେ ୪ ।

( **Pag Sam Jan** ) ପାଗ ସାମ ଜନରେ ଲିଖିତ ଅଛି, ୫—ସବରୀପା ବଙ୍ଗଳାର ଶବର ଜାତିର ଲୋକଥିଲେ । ନାଗାର୍ଜ୍ଜୁନ ବଙ୍ଗଦେଶରେ ଥିଲାବେଳେ ସେହି ଶବର ନିଜର ଦୁଇ ସ୍ତ୍ରୀ ଲୋକା ଓ ଗୋଣୀ ସହିତ ତାହାଙ୍କ ନିକଟକୁ ଯାଇଥିଲେ ଏବଂ ତାଙ୍କଠାରୁ ବୌଦ୍ଧତାନ୍ତ୍ରିକ ଦୀକ୍ଷା ଗ୍ରହଣକରି ସିଦ୍ଧି ଲାଭ କରିଥିଲେ । କିନ୍ତୁ ରାହୁଳ ଶବରୀପାଙ୍କୁ ସରହଙ୍କର ଶିଷ୍ୟ ଏବଂ ଲୁଇପାଙ୍କର ଗୁରୁବୋଲି ନିର୍ଦ୍ଦେଶ କରିଛନ୍ତି । ତେଣୁ ଦୁଇଜଣ ସବରୀପା ଥିବାର ଜଣାପଡ଼େ । ଜଣକର ଘର ଥିଲା ଓଡ଼ିଶାରେ । ଆଉ ଜଣକର ଘର ଥିଲା ବଙ୍ଗରେ । କେଉଁ ସବରୀପା ଆଶ୍ଚର୍ଯ୍ୟଚର୍ଯ୍ୟାଚୟ ଗୀତି ରଚନା କରିଥିଲେ ତାହା କହିବା ବଡ଼ କଷ୍ଟକର । ଭାଷାର ବୈଶିଷ୍ଟ୍ୟ ସବରୀପାଙ୍କ ସ୍ଥାନନିର୍ଣ୍ଣୟ ବିଷୟରେ ଏକମାତ୍ର ପରିମାପକ । ଚର୍ଯ୍ୟାରେ ସବରୀପାଙ୍କର ୨୮ ଓ ୫୦ ବୋଲି ଗୀତି

କବିତ ରହିଅଛି । ତାହାଙ୍କର କବିତାରେ ଓଡ଼ିଆ ଭାଷାର ଏହିସବୁ ଶବ୍ଦ ଓ ବିଶେଷତ୍ୱ ଦେଖିବାକୁ ମିଳେ । ଯଥା:— ଉଁଗୁଏ, ଚହିଁ, ବସଇ, ପମ୍ବିହିଣ, ଗୁହାଡ଼ା, ଗୁହାଣ, ଡ଼ୋହିାର, ଧରଣୀ, ମୋଡ଼ଳଲ, ଗଅଣତ, ଲାଗେଲି, ହିଣ୍ଡଇ (ହେଣ୍ଡଇ), ପାଡ଼ଲ, ଗୁଇଲି, ପୋହାଇଲି, ଖାଇ, ପୋହାଇ, ବାନ୍ଧ (ବନ୍ଧ), ଗରୁଆଗୋଷେ, ପଇସନ୍ତେ, ଳୋଡ଼ବ, କଇସେ, (୨୮) । ଚଇଲା, ବାଡ଼ୀ, କୁବଡ଼ୀ, ଜାଗନ୍ତେ, ଉପଡ଼, ଗୁଡ଼ୁଗୁଡ଼, ସେ, ମୋର, ବାଡ଼ର, ଜୋନ୍‌ହେ (ଜହ୍ନ) କଙ୍ଗୁଚନା, ଘାକେଲ, ମାତେଲା, ଗଡ଼ଲ, ଚହିଁ, ଜାନଇ, ମାଇଲା, ଫିଟିଲ (୩୦) ।

ଓଡ଼ିଆ ଭାଷାର ବୈଶିଷ୍ଟ୍ୟ:—

୧ । ଓଡ଼ିଆଭାଷାରେ ଅନ୍ତିମ ଅକ୍ଷରରେ ଶକ୍ତିପାତ (accent) ହୁଏ । ଏଥିଲାଗି ଶେଷସ୍ୱର ଅନେକ ସ୍ଥାନରେ ଦୀର୍ଘହୁଏ । ଯଥା:—ଓଡ଼ିଆ- ବଙ୍କା । ବଙ୍ଗଳା ବାଙ୍କ୍; ଓଡ଼ିଆରେ ଅଫୁଟା, ଅମଡ଼ା ପ୍ରଭୃତି । ସେହି ନିୟମଅନୁସାରେ ଉଚ୍ଚ ଶବ୍ଦ ଉଚ୍ଚା ରେ ପରିଣତ ହୋଇଅଛି । ଓଡ଼ିଆରେ ସାନୁନାସିକ ଉଚ୍ଚାରଣଯୋଗୁଁ ଉଚ୍ଚ ଶବ୍ଦ ଉଞ୍ଚା ହୋଇଅଛି । ଆଜକାଲି ମଧ୍ୟ ଓଡ଼ିଆଭାଷାରେ ଉଞ୍ଚା ଶବ୍ଦର ବ୍ୟବହାର ହୋଇଥାଏ । ଯଥା—

ମୁଷ୍ଟି ଉଞ୍ଚାଇ ବଜ୍ରପ୍ରାୟେ । ପିଟିଲି ଯକ୍ଷରୂପୀ ବିରାଡ଼େ । ଜଗ—ଭାଗବତ
ଆପେ ଉଞ୍ଚା ଆପେ ଲେଞ୍ଚା ଆପେ ସର୍ବସମ । ବ୍ର.ନି.

ସବରିପାଙ୍କର ୨୮ଚର୍ଯାରେ ସେହି ଉଞ୍ଚା ଶବ୍ଦ ବ୍ୟବହୃତ ହୋଇଅଛି ।

୨—ଓଡ଼ିଆରେ ଅସମାପିକା କ୍ରିୟାଭାବରେ ସଂସ୍କୃତ ଲ୍ୟପ୍ ପ୍ରତ୍ୟୟସ୍ଥାନରେ ଇ ଓ ଇଣ ପ୍ରତ୍ୟୟର ବ୍ୟବହାର ହୋଇଥାଏ । ଯଥା— ସେ ଖାଇ ଥିବେ । ସେ ଖାଇଣ ଥିବେ । ଘେନିଣ ଯାନ୍ତେ ଭଗବାନ । ଅଗେ ଓଗଲେ ଉଗ୍ରସେନ । ଭାଗ—୧୦ । ସବରିପାଙ୍କ କବିତାରେ ସେହି ଇ ଓ ଇଣ ପ୍ରତ୍ୟୟର ବ୍ୟବହାର ଦେଖିବାକୁ ମିଳେ, ଯଥା— ଖାଇ, ପୋହାଇ, ପରିହିଣ ପ୍ରଭୃତି ।

୩—ସଂସ୍କୃତ ଶତୃପ୍ରତ୍ୟୟଜ ଅନ୍ତ ପ୍ରତ୍ୟୟାନ୍ତ ପଦର ଭାବେ ୭ମୀରେ ପ୍ରୟୋଗ ଓଡ଼ିଆଭାଷାର ପ୍ରଧାନ ବୈଶିଷ୍ଟ୍ୟ । ସବରିପାଙ୍କ ଚର୍ଯାରେ ପଇସନ୍ତେ, ଜାଗନ୍ତେ, ପଦରେ ସେହି ବୈଶିଷ୍ଟ୍ୟ ଦେଖିବାକୁମିଳେ ।

୪—ସମ୍ବନ୍ଧପଦରେ ଓଡ଼ିଆ ଭାଷାର ବୈଶିଷ୍ଟ୍ୟ 'ର' ପ୍ରତ୍ୟୟ "ବାଢ଼ିର" ପଦରେ ସବରୀପାଙ୍କ କବିତାରେ ବ୍ୟବହୃତ ହୋଇଅଛି ।

୫—ତହିଁ, ତୋହୋର, ସେ ଏବଂ ମୋର ପ୍ରଭୃତି ସର୍ବନାମର ପ୍ରୟୋଗ ଏଠାରେ ଓଡ଼ିଆ ଭାଷାର ବୈଶିଷ୍ଟ୍ୟ । ସବରୀପାଙ୍କ ଚର୍ଯାରେ ଏହିସବୁ ପଦର ପ୍ରୟୋଗ ରହିଅଛି ।

୬—ଭବିଷ୍ୟତ୍-କାଳକ୍ରିୟାରେ ଓଡ଼ିଆଭାଷାର ବୈଶିଷ୍ଟ୍ୟ ଇବ ପ୍ରତ୍ୟୟ 'ଲେଉଡ଼ିବ' ପଦରେ ସବରୀପାଙ୍କ ଗୀତରେ ବ୍ୟବହୃତ ହୋଇଅଛି ।

୭—ବର୍ତ୍ତମାନ କାଳରେ ବସଇ, କାନ୍ଦଇ ଏବଂ ଅତୀତକାଳରେ ମଉଳିଲା, ପାଡ଼ିଲା, ଗୁଞ୍ଜିଲ, ପୋହାଇଲି, ପାକେଲା, ମାରିଲା, ଗଡ଼ିଲା, ଫିଟିଲା ପ୍ରଭୃତି କ୍ରିୟାପଦ ଓଡ଼ିଆଭାଷାର ବୈଶିଷ୍ଟ୍ୟ ସୂଚିତକରେ ।

୮—ବେଦରେ ଡ଼ ସ୍ଥାନରେ ଳ ମଧ୍ୟ ହେଉଥିଲା । ଅଚ୍‌ମଧ୍ୟସ୍ଥ ଡକାରଂ ତୁ ଳକାରଂ ଋଗ୍‌ବଦୋ ବଦୁଃ ।

ଅର୍ଥାତ୍ ଋଗ୍‌ବେଦରେ ଦୁଇସ୍ୱର ମଝିରେ 'ଡ'ଥିଲେ ତାହାର'ଳ' ହୋଇଥାଏ, ଯଥା—"ଅଗ୍ନିମୀଳେ ପୁରହିତଂ" । ଓଡ଼ିଆ ଭାଷାରେ ସେହି ବୈଦିକ ସଂସ୍କୃତର ଚିହ୍ନ 'ଳ' ବୋଲି ଅଧିକ ଅକ୍ଷରଟିଏ ରହିଅଛି । ଓଡ଼ିଆରେ 'ଳ' ଅକ୍ଷରକୁ ଅନ୍ୟ ଭାଷାଭାଷୀ-ମାନେ 'ଡ' ବୋଲି ଉଚ୍ଚାରଣ କରିଥାନ୍ତି । ଯଥା—'ଗୁଞ୍ଜଳ'କୁ 'ଗୁଞ୍ଜଡ଼' । ସବରୀପାଙ୍କର ୫୦ନମ୍ବର ଚର୍ଯ୍ୟାରେ 'ଶୁକଡ଼' ଶବ୍ଦର ବ୍ୟବହାର ହୋଇଅଛି । ସଂସ୍କୃତ "ଶୁକ୍ଳ" ଶବ୍ଦ ଓଡ଼ିଆରେ 'ଶୁକଳ' ହୁଏ । "ଶୁକଳ" ଶବ୍ଦର 'ଳ' ଅକ୍ଷରକୁ ଅନ୍ୟ ଭାଷାଭାଷୀମାନେ 'ଡ' ଉଚ୍ଚାରଣକରି 'ଶୁକଡ଼' କରିଛନ୍ତି । କୁକ୍‌କୁରୀପାଙ୍କର ନଂ୨ର କବିତାରେ "ଗାଇଲ" ପରିବର୍ତ୍ତେ "ଗାଇଡ଼" ପଦର ପ୍ରୟୋଗ

---

୧. History of Bengal by R.C.Majumdar foot note 6:
୨. Cordier P 232 and tar P. 66.
୩. Taranath P, 375.
୪. Int. to ବୌ. ଗା. ଦୋ P. 29.
୫. Index P.C. xxxi
୬. History of Bengal by R. Majumdar foot note 6

ହୋଇଅଛି । ସେହି କବିତାରେ "ଳ"କାରର 'ଡ' ପରିଣତି ଦେଖି ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ କୁକ୍‌କୁରିପାଙ୍କୁ ଓଡ଼ିଆବୋଲି ସ୍ୱୀକାର କରିବାକୁ କୁଣ୍ଠାବୋଧ କରିନାହାନ୍ତି । 'ଳ' ସ୍ଥାନରେ ସେହି 'ଡ଼' ର ପ୍ରୟୋଗ'ଶୁକଡ଼' ଶବ୍ଦରେ ମଧ୍ୟ ଦେଖିବାକୁ ମିଳେ । ସୁତରାଂ ମ.ମ. ହରପ୍ରସାଦ ଶାସ୍ତ୍ରୀଙ୍କର ଯୁକ୍ତି ଅନୁସାରେ ସବରିପାଙ୍କ କବିତା ମଧ୍ୟ ଓଡ଼ିଆରେ ରଚିତ ବୋଲି କହିବାକୁ ହେବ । ଓଡ଼ିଆଭାଷାର ଳ ଉଚାରଣର ବୈଶିଷ୍ଟ୍ୟ କୁକ୍‌କୁରିପାଙ୍କ ପରି ସବରିପାଙ୍କର କବିତାରେ ମଧ୍ୟ ରହିଅଛି । ମରହଟ୍ଟୀ ଭାଷାରେ ମଧ୍ୟ 'ଳ' ବ୍ୟବହୃତ ହୁଏ ।

୯—ସବରିପାଙ୍କ ପଦ୍ୟରେ 'ଡଇଳା' ପଦ ଅଳ୍ପ ଜଙ୍ଗଲିଆ ବା ପାହାଡ଼ତଳିଆ ଜମି ଅର୍ଥରେ ଓଡ଼ିଆଭାଷାରେ ବ୍ୟବହୃତ ହୁଏ । ବଙ୍ଗଭାଷାରେ 'ଡଇଳା' ଶବ୍ଦର ବ୍ୟବହାର ନାହିଁ । ଅନ୍ୟାନ୍ୟ କେତେକ ଖାଣ୍ଟି ଓଡ଼ିଆଶବ୍ଦ ଥିବାର ପୂର୍ବରେ ଉଦ୍ଧୃତ କରିଅଛି ।

୧୦—ସବରିପାଙ୍କର (୨୮) ଚର୍ଯାରେ "ଗଅଣତ ଲଗେଲି ଡାଳି" ବ୍ୟବହୃତ ହୋଇଅଛି । ଓଡ଼ିଆରେ ୨ୟାବିଭକ୍ତି ବହୁବଚନରେ 'ନ୍ତି' ପ୍ରତ୍ୟୟର ବ୍ୟବହାର ଦେଖିବାକୁ ମିଳେ । ଯଥା—"ପୁରେ ପୁରେ ଅନୁସରି ବାଣ୍ଟ ବଜାଇନ୍ତି ଫେରି ଗାନ ଗାଇ ମାଲୁଣୀକି ଦେଖିଲେ ଯାଇ ।" ଶଶିସେଣା—ପ୍ରତାପ । ଭାଷାତତ୍ତ୍ୱରେ ଏହି ପ୍ରତ୍ୟୟର ଆଲୋଚନା ହୋଇଅଛି । ଚର୍ଯାରେ "ଗଗନନ୍ତି ଲଗିଲି" ପଦ "ଗଅଣତ ଲଗେଲି"ହୋଇଅଛି--ଅର୍ଥାତ୍--ଆକାଶକୁ ଡାଳ ଲାଗିଲି । ସବରିପାଙ୍କର ଦୁଇଟିମାତ୍ର କବିତାରେ ଓଡ଼ିଆଭାଷାର ଏହିସବୁ ବୈଶିଷ୍ଟ୍ୟ ରହିଥିବାରୁ ସବରିପାଙ୍କ କବିତା ଓଡ଼ିଆରେ ରଚିତବୋଲି ନିଶ୍ଚିତଭାବରେ କୁହାଯାଇପାରେ । ତେଣୁ ସବରିପାଙ୍କର ଘରମଧ୍ୟ ଓଡ଼ିଶାରେ ଥିଲା । ପୂର୍ବରୁ କୁହାହୋଇଛି ଯେ— ୧ମ ସବରିପାଙ୍କ ଘର ଓଡ଼ିଶାରେ ଥିଲା । ସୁତରାଂ ୧ମ ସବରି ଆଶ୍ଚର୍ଯ୍ୟଚର୍ଯ୍ୟାର ଦୋହା ଓଡ଼ିଆଭାଷାରେ ଲେଖିଛନ୍ତି । ଭାଷାଦୃଷ୍ଟିରୁ ଏହି କଥା ନିଃସନ୍ଦେହ ଭାବରେ କୁହାଯିବ । —

---

୧— ଋଗ୍‌ବେଦ ୧. ୧. ୨— ବୁ. ଗା. ଦୋ ମୁଖବନ୍ଧ ୧୭ପୃ

# ଲୁଇପା

ଲୁଇପା 'ଅଭିସମୟବିଭଙ୍ଗ' ପ୍ରଭୃତି ଗୁରିଖଣ୍ଡେ ବଜ୍ରଯାନର ଗ୍ରନ୍ଥ ରଚନା କରିଥିଲେ ବୋଲି ତେଙ୍ଗୁରରେ (B stan Legyur) ଲେଖାଅଛି । ଏ ସମସ୍ତ ଗ୍ରନ୍ଥ ସଂସ୍କୃତରେ ରଚିତ ହୋଇଅଛି । ଏହା ଛଡ଼ା ସେ ଭାଷାରେ "ଲୁଇପାଦ ଗୀତିକା" ବୋଲି ଖଣ୍ଡିଏ ଗ୍ରନ୍ଥ ରଚନା କରିଥିଲେ । ଏହା ମ: ମ: ହର ପ୍ରସାଦ ଶାସ୍ତ୍ରୀ କହିଛନ୍ତି ୧ । ତିବ୍ବତର କିଂବଦନ୍ତୀ ଅନୁସାରେ ଲୁଇପାଦ ଆଦି ସିଦ୍ଧ ବୋଲି ପରିଚିତ । ଆଜିକାଲି ମଧ୍ୟ ତିବ୍ବତର ବୌଦ୍ଧମାନେ ଲୁଇପାଦଙ୍କୁ ବିଶେଷ ଭାବରେ ସମ୍ମାନ ଦର୍ଶାଇ ଥାନ୍ତି । ଏହି ଲୁଇପାଦଙ୍କର ୨ଟି (୧ ଓ ୨୯) କବିତା ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟରେ ରହିଅଛି । ରାହୁଲ ତାହାଙ୍କୁ ମଗଧର ଲୋକ ବୋଲି କହିଛନ୍ତି, କିନ୍ତୁ ସେଥିଲାଗି କାରଣ ଦର୍ଶାଇ ନାହାନ୍ତି ।

(Pagsam Jan Jan) ପାଗ୍‌ସାମ୍ ଜନ୍‌ଜାନ୍ ଅନୁସାରେ ଲୁଇପା ଉଡ୍ଡିୟାନର ମତ୍ସ୍ୟୋପଜୀବୀ (କେଉଟ) ଜାତିର ଲୋକ ଥିଲେ । ସେ ପ୍ରଥମରେ ଉଡ୍ଡିୟାନ ରାଜାଙ୍କର ଲେଖକ ଥିଲେ ଏବଂ ସାମନ୍ତଶୁଭ ନାମରେ ପରିଚିତ ହେଉଥିଲେ । ୨

ତାରାନାଥ ମଧ୍ୟ କହିଛନ୍ତି୩—"ଉଡ୍ଡିୟାନର ପଶ୍ଚିମରେ ସାମନ୍ତଶୁଭ ବୋଲି ଜଣେ ରାଜା ଥିଲେ । ଲୁଇପା ଏହି ସାମନ୍ତଶୁଭ ରାଜାଙ୍କର ଲେଖକ ଥିଲେ । ସେ ମହାସିଦ୍ଧ ଶବରୀଙ୍କଠାରୁ ଦୀକ୍ଷା ଗ୍ରହଣ କରିଥିଲେ । ୩

ତହୁଁ ସେ ନିର୍ଜନରେ ବସିରହି ସାଧନା କରିବାଲାଗି ବଙ୍ଗଦେଶକୁ ଯାଇଥିଲେ ଏବଂ ଗଙ୍ଗାକୂଳରେ ତପସ୍ୟା କରି ମହାମୁଦ୍ରା ସିଦ୍ଧି ଲାଭ କରିଥିଲେ । ତହିଁପରେ ଲୁଇପା ଆଶ୍ଚର୍ଯ୍ୟଭାବରେ ଓଡ଼ିଶାର ରାଜା ଓ ମନ୍ତ୍ରୀଙ୍କୁ ବୌଦ୍ଧଧର୍ମରେ ଦୀକ୍ଷିତ କରିଥିଲେ । ବୌଦ୍ଧଧର୍ମ ଗ୍ରହଣ କଲାପରେ

---

୧ । ବୌ ଗା ଦୋ ମୁଖବନ୍ଧ—ପୃ ୨୧

୨ । Pag Sam Jan Jan index P C X V

୩ । My stce Tales of Lama Taranath P P 11 1 2

ଏହି ରାଜା "ଦାରକ" ନାମରେ ଏବଂ ମନ୍ତ୍ରୀ "ଡ଼ିଙ୍କି" ନାମରେ ପରିଚିତ ହୋଇଥିଲେ । ଆଜିକାଲି ମଧ୍ୟ କେନ୍ଦୁଝରରେ ଡ଼ିଙ୍କିଗଡ଼ ଏହାଙ୍କ ନାମ ଅନୁସାରେ ରହିଅଛି ।

ତେଙ୍ଗୁରର ଗ୍ରନ୍ଥ ସୂଚୀରେ ଲୁଇପା ବଙ୍ଗ ଦେଶର ଲୋକ ବୋଲି ଲେଖା ହୋଇଛି । ଅଧିକାଂଶଙ୍କ ମତରେ ଅର୍ଥାତ୍ ତାରନାଥ ଏବଂ ପାଗ-ସାମ୍ ଜନ୍‌ଜାଙ୍କ ଉକ୍ତି ଅନୁସାରେ ଲୁଇପା ଓଡ୍ରସ୍ଥାନରେ ଅର୍ଥାତ୍ ଓଡ଼ିଶାରେ ଜନ୍ମ ହୋଇଥିଲେ । ତାରନାଥଙ୍କ ଉକ୍ତି ଅନୁସାରେ ଲୁଇପା କିଛିକାଳ ବଙ୍ଗଦେଶରେ ଗଙ୍ଗାକୂଳରେ କଟାଇଥିଲେ । ଏହି କାରଣରୁ ଲୁଇପା ବଙ୍ଗଳାର ଲୋକ ବୋଲି ତେଙ୍ଗୁରରେ ଲେଖା ହୋଇଥିବ ବୋଲି ଅନୁମିତ ହୁଏ ।

କାହାରି କାହାରି ମତରେ ତିବ୍ବତ ଭାଷାରେ "ଲୁଇ" ଶବ୍ଦର ଅର୍ଥ ହେଉଛି —ମତ୍ସ୍ୟୋଦର ବା ମତ୍ସ୍ୟାନ୍ତ୍ରାଦ । ଏହି ମତ୍ସ୍ୟୋଦର ବା ମତ୍ସ୍ୟାନ୍ତ୍ରଦ ମୀନନାଥ ଅର୍ଥାତ୍ ମତ୍ସ୍ୟେନ୍ଦ୍ରନାଥକୁ ଲକ୍ଷ୍ୟ କରୁଛି । 'ସୁତରାଂ' 'ଲୁଇପା' ବୋଲି ଜଣେ ସ୍ୱତନ୍ତ୍ର ସିଦ୍ଧ ଗୁରୁ ନଥିଲେ । ସେ ହେଉଛନ୍ତି 'ମୀନନାଥ' ବା ମତ୍ସ୍ୟେନ୍ଦ୍ରନାଥ । ଭାରତରେ ମୀନନାଥ ଆଦି ସିଦ୍ଧାଗୁରୁ ବୋଲି ପରିଚିତ । ତିବ୍ବତରେ ଲୁଇପା ମଧ୍ୟ ଆଦି ସିଦ୍ଧଗୁରୁ ବୋଲି ପରିଚିତ ତେଣୁ ଲୁଇପା ବୋଲି ସ୍ୱତନ୍ତ୍ର ବ୍ୟକ୍ତି ନଥିଲେ । ସେ ହେଉଛନ୍ତି ମୀନନାଥ । ମୀନନାଥ ଓ ଲୁଇପା ଏକବ୍ୟକ୍ତି । ମୀନନାଥଙ୍କର ତିବ୍ବତୀୟ ଭାଷାରେ ନାମ ହେଉଛି ଲୁଇପା । ବେଙ୍ଗଲର ଇତିହାସରେ (୧)ପୂର୍ବୋକ୍ତ ମତରେ ଲୁଇପାଙ୍କୁ ମତ୍ସ୍ୟେନ୍ଦ୍ରନାଥ ବା ମୀନନାଥ ବୋଲି ପ୍ରମାଣ କରି ବଙ୍ଗଳାର ଲୋକ ବୋଲି ଧରି ନିଆ ହୋଇଛି । ଅନ୍ୟାନ୍ୟ କୌଣସି ସିଦ୍ଧାଗୁରୁଙ୍କ ନାମରେ ତିବ୍ବତୀୟ ଅର୍ଥ କୌଣସିଠାରେ ଗ୍ରହଣ କରାଯାଇ ନାହିଁ । ପ୍ରତ୍ୟେକ ନାମବାଚକ ଶବ୍ଦ କେବଳ ନାମରୂପରେ ଏହି ଇତିହାସରେ ମଧ୍ୟ ଗୃହୀତ ହୋଇଅଛି । କେବଳ ଲୁଇପା ସମ୍ବନ୍ଧରେ ଆଲୋଚନା କଲାବେଳେ ନାମବାଚକ ଶବ୍ଦର ତିବ୍ବତୀୟ ଅର୍ଥ ଗ୍ରହଣ କରି ଅନୁମାନ କରିବା କେତେଦୂର ଐତିହାସିକ ଭିତ୍ତିରେ ପ୍ରତିଷ୍ଠିତ ତାହା ପାଠକ ଓ ଐତିହାସିକମାନେ ବିଚାର କରିବେ । ପ୍ରକୃତରେ ଲୁଇପା

(୧) History of Bengal by R. C. Majumadar P 342

ଶବ୍ଦଟି ତିବ୍ବତୀୟ ନୁହେଁ, ଏବଂ ଏହି ଲୁଇପା ନାମରେ ଜଣେ ସିଦ୍ଧାଚ
ଥିଲେ । ଓଡ଼ିଶାର ୧୬ଶ ଶତାବ୍ଦୀର ଭକ୍ତକବି ତଥା ମହାପୁରୁଷ ଅଚ୍ୟୁତ
ଦାସ ଏବଂ ଶିଶୁ ଅନନ୍ତ ଦାସଙ୍କର ଲେଖାରେ ଲୁଇପାଙ୍କର ବିଷୟ ବ
ହୋଇଅଛି । ତେଣୁ ଲୁଇପା ଶବ୍ଦଟି ତିବ୍ବତୀୟ ନୁହେଁ ଏବଂ ଲୁ
ନାମରେ ଜଣେ ସିଦ୍ଧାଚାର୍ଯ୍ୟ ଥିଲେ । ସିଦ୍ଧପୁରୁଷ ଅଚ୍ୟୁତାନନ୍ଦ ଦାସ ନ
ସଂହିତାରେ ପ୍ରାଚୀନଙ୍ଗଡ଼ାରେ ଲୁହି ଦାସଙ୍କ ମଠ ଥିବାର ବ
କରିଛନ୍ତି ଯଥା—

ଋଷି ତପି ସନ୍ୟାସି ନାମକ ସାରସିଂହ
ଲୁହି ଦାସ ବାଉଳ କପିଳ ଯେତେ ସଙ୍ଗ । ଶୂ: ସଂ: ୧୦ଷ

ଓଡ଼ିଶାର ପ୍ରାଚୀତଟ ସିଦ୍ଧ ସାଧକଙ୍କର ପ୍ରଧାନ ବାସସ୍ଥଳୀ ଥି
ସେଠାରେ ଲୁଇଦାସଙ୍କର ମଠ ଥିଲା ବୋଲି କିଂବଦନ୍ତୀ ଷୋ
ଶତାବ୍ଦୀ ପର୍ଯ୍ୟନ୍ତ ଲୋକ ମୁଖରେ ର୍ଚିତ ହୋଇଥିଲା ।

ଶିଶୁ ଅନନ୍ତ ମଧ୍ୟ ତାହାଙ୍କ ଗୁପ୍ତଟୀକାରେ ୮୪ ସିଦ୍ଧଙ୍କର ବ
ବର୍ଣ୍ଣନା କଲାବେଳେ ଲୁଇପା, କାହ୍ନୁପା ମୀନନାଥ, ଗୋରେକ୍ଷନ
ବିରୁପପାଦ, ତନ୍ତୀପା ଓ ହାଡ଼ୀପା ପ୍ରଭୃତି ସିଦ୍ଧାଚାର୍ଯ୍ୟ ମାନଙ୍କର ବ
ଉଲ୍ଲେଖ କରିଛନ୍ତି । ଯଥା—

ମାଣ୍ଡବ ଗଜତମ ଆଦି ମୀନ । ମାହେନ୍ଦ୍ର ଗାର୍ପବ ଗୋରେଖ ଜାଣ
ସାପୁରନୁଜ -ସେ ଅନ୍ତ ତନ୍ତ୍ରପା । ଏ ଷୋଳସିଦ୍ଧ ସ୍ୱରୂପେ ଗାପୁ
× × × ×୪ଅ ୧୫-୧
କାହ୍ନୁପା ହାଡ଼ୀପା ବିରୁପା ଲୋଇ । ସବା ଋଷି ବଶିଷ୍ଠ ଜାବାଳି
କହି । ୪ଅ-୨

ଏଠାରେ ଶିଶୁ ଅନନ୍ତ ମୀନନାଥ ଓ ଲୁଇପାଙ୍କର ନାମ ସ୍ୱତ
ଭାବରେ ଉଲ୍ଲେଖ କରିଥିବାରୁ ମୀନନାଥ ଓ ଲୁଇପା ବୋଲି ଦୁଇ
ସିଦ୍ଧାଚାର୍ଯ୍ୟ ଥିଲେ । ତେଣୁ ଲୁଇପା ମତ୍ସ୍ୟେନ୍ଦ୍ରନାଥଙ୍କର ନାମା
ନୁହେଁ । ଅଚ୍ୟୁତାନନ୍ଦ ଓ ଶିଶୁ ଅନନ୍ତଙ୍କ ଲେଖାରୁ ଜଣାଯାଏ ଯେ
ଷୋଡ଼ଶ ଶତାବ୍ଦୀରେ ମଧ୍ୟ ଓଡ଼ିଶାରେ ଲୁଇପା କାହ୍ନୁପା ପ୍ରଭୃତି
ସିଦ୍ଧଙ୍କର ଖ୍ୟାତି ଅକ୍ଷୁଣ୍ଣ ରହିଥିଲା । ଆଜିକାଲି ମଧ୍ୟ ଓଡ଼ିଶାର ମୟୂ
ଭଞ୍ଜରେ ଲୁଇପାଙ୍କର ପୂଜା ହୋଇଥାଏ ।

୧— ଏହିସବୁ ଆଲୋଚନାରୁ ସ୍ପଷ୍ଟଭାବରେ ଅନୁମିତ ହୁଏ ଯେ— ଲୁଇପା ଓଡ଼ିଶାରେ ଜନ୍ମ ହୋଇଥିଲେ । ତାହାଙ୍କ ଭାଷା ମଧ୍ୟ ପରୀକ୍ଷା କଲେ ଜଣାଯାଏ ଯେ—ବିଶୁଦ୍ଧ ଓଡ଼ିଆ ଭାଷାରେ କବି ଟା ୨ଟି ପାଦ ରଚନା କରିଥିଲେ ।

ଲୁଇପାଙ୍କର କବିତା ଦୁଇଟିରେ ଏହିସବୁ ଓଡ଼ିଆ ଶବ୍ଦ ରହିଅଛି ଯଥା—ବି, ଡାଳ, ପଇଠ, ଭଣଇ, ଜାଣ, କାହିଁ କରିଅଇ (କରିବଇ) ମରିଅଇଁ (ମରିବଇଁ) ଏଡ଼ି, ଏଉ (ଏହୁ), ଭିଡ଼ି, ଲେହୁ, ଆମ୍ହେ, ବେନ, ପିଣ୍ଡି, ବଇଠା (୧୦)

ଜାଣି, କଇସେ. ବଖାଣି. କାହେରେ. କସ. ଭଣି. ମଇ (ମିଁ) ବିଦ୍, (ଦେବ) ମଇ, ସଇବ, କସ, ଲଇ (ଲେଇ), ତାହେର (୨୯)

ଲୁଇପାଙ୍କର କବିତାରେ ଓଡ଼ିଆଭାଷାର ଏହିସବୁ ବୈଶିଷ୍ଟ୍ୟ ଦେଖିବାକୁ ମିଳେ । ଯଥା— ୧—ପ୍ରାକୃତରେ ସଂସ୍କୃତ ଅସମାପିକା କ୍ରିୟାର ଲ୍ୟପ୍ ପ୍ରତ୍ୟୟ ଇଅରେ ପରିଣତ ହୋଇଥାଏ—ଏହି ଇଅ ପ୍ରତ୍ୟୟର କ୍ରମେ କ୍ରମେ ଅକାର ଲୋପହୋଇ ଓଡ଼ିଆଭାଷାରେ ଇକାରରେ ପରିଣତ ହୋଇଅଛି । ଲୁଇପାଙ୍କ କବିତାରେ ସେହି ଇପ୍ରତ୍ୟୟର ବ୍ୟବହାର ଦେଖିବାକୁ ମିଳେ । ଯଥା—ଭିଡ଼ି, ଏଡ଼ି, ଜାଣି, ବଖାଣି, ଲଇ ପ୍ରଭୃତି ।

୨—୧ମ ପଦ୍ୟରେ "ସୁନୁପାଖ ଭିଡ଼ି ଲେହୁରେ ପାସ" ବୋ: ଗା: ଦୋ ରେ ଗୃହୀତ ହୋଇଅଛି । କିନ୍ତୁ ଖ ପୁସ୍ତକରେ ଭିଡ଼ି ପାଠ ରହିଅଛି । ଟୀକାରେ ତହିଁର ଅର୍ଥ କରା ହୋଇଅଛି । ଶୂନ୍ୟତା ପକ୍ଷକେଣ ନୈରାତ୍ମ୍ୟ ଧର୍ମପାଶମିତି ସମୀପଂ ତଦୋୟାଲିଙ୍ଗନଂ କୁରୁ ।

ଅର୍ଥାତ୍— ଶୂନ୍ୟ ପକ୍ଷୀପକ୍ଷକୁ ଟାଣି ପାଖକୁ ଆଣ । କିନ୍ତୁ ବଙ୍ଗଳାରେ ଭିଡ଼ିଶବ୍ଦର ବ୍ୟବହାର ନ ଥିବାରୁ ଭିଡ଼ିରୁ ଭିଡ଼ିଶବ୍ଦ ହୋଇଥିବାର ଅନୁମାନକରି ଅର୍ଥ କରିଛନ୍ତି । ଶୂନ୍ୟପକ୍ଷରୂପ ଭିତିକେ ଲଇଆ ଆସ । (୧)

---

୧—ବୋ ଗା ଦୋ ମୁଖବନ୍ଧ ପୃ ୧୫

ମଣୀନ୍ଦ୍ର ମୋହନ ବସୁ ମଧ୍ୟ "ଭିତ୍ରି ହଇତେ" ଭିଗ ଅର୍ଥେ ବୋଲି କହିଛନ୍ତି । କିନ୍ତୁ ଭିଡ଼ି ବା ଭିତ ଶବ୍ଦ 'ଦିଗ' ଅର୍ଥରେ ବ୍ୟବହାର ହେବାର ପ୍ରମାଣ ଦେଇନାହାନ୍ତି ।

୩—କଟକ ଅଞ୍ଚଳରେ 'ନ' ଅକ୍ଷରଟି ଲ ଭାବରେ ଉଚ୍ଚାରିତ ହୁଏ । ତେଣୁ କଟକର ଲୋକଙ୍କୁ ପରିହାସ କରି କୁହା ହୋଇଥାଏ—'ଲ ପଇସାର ଲଡ଼ିଆ ଲେବୁତ ଲେ, ଲ ଲେଲେ ଲାହିଁ' । ଲୁଇପାଙ୍କର କବିତାରେ 'ନ'କାରର ଲକାର ପରିଣତି ଦେଖାଯାଏ ଯଥା—ଲେହ୍ନ (୧) ଲେଇ (୨୯)

୪—ସପ୍ତମୀ ବିଭକ୍ତିରେ 'ରେ' ପ୍ରତ୍ୟୟ ରୂପରେ ଓଡ଼ିଆଭାଷାରେ ପ୍ରଯୁକ୍ତ ହୁଏ । ( ସ୍ୱ. ତତ୍ତ୍ୱ ଦେଖ ) ଲୁଇପାଙ୍କର ୨୯ତମ କବିତାରେ 'କାହେରେ କିସ ଭଣି' ପଦରେ କାହେରେ ପଦରେ 'ରେ' ପ୍ରତ୍ୟୟ କର୍ମକାରକରେ ବ୍ୟବହୃତ ହୋଇଅଛି ।

୫—କିସ କାହିଁ ଆମ୍ଭେ ଓ ମଇ (ମି) ସର୍ବନାମରୂପରେ ଲୁଇପାଙ୍କ କବିତାରେ ରହିଅଛି ।

୬—ଭବିଷ୍ୟତ୍ କାଳର କ୍ରିୟା କରିଅଇଁ ମରିଅଇଁ, ଦିବ ଏବଂ ଅନୁଜ୍ଞାର ଲେହ୍ନ ଓଡ଼ିଆ କ୍ରିୟା ଲୁଇଙ୍କ କବିତାରେ ରହିଅଛି । ଭାଷାର ଏହିସବୁ ବିଶେଷତ୍ୱ ଆଲୋଚନା କଲେମଧ୍ୟ ଜଣାଯାଏ ଯେ—ଲୁଇପା ଓଡ଼ିଆ ଥିଲେ ଏବଂ ତାହାଙ୍କ ଲେଖା ଓଡ଼ିଆଭାଷାରେ ହୋଇଥିଲା ।

---

୧—ବୋ ଗା ଦୋ ମୁଖବନ୍ଧ ପୃ୧୫

୨—ଚର୍ଯାପଦ—ପୃ୬

# କାହ୍ନୁପା

ସିଦ୍ଧାଚାର୍ଯ୍ୟ କୃଷ୍ଣପାଦଙ୍କର ପ୍ରାକୃତରେ ନାମଥିଲା କାହ୍ନୁପା । ଆଶ୍ଚର୍ଯ୍ୟଚର୍ଯ୍ୟାଚୟରେ କାହ୍ନୁପାଙ୍କର ୧୨ଟି (୭. ୯. ୧୦. ୪୦. ୪୨. ୪୫. ୧୧, ୩୬, ୧୨, ୧୩, ୧୯, ୩୭) କବିତା ରହିଅଛି । ଅର୍ଥାତ୍—ଆଶ୍ଚର୍ଯ୍ୟଚର୍ଯ୍ୟାଚୟର ୫୦ଟି ପଦ୍ୟଭିତରୁ କାହ୍ନୁପାଙ୍କର କବିତା ପ୍ରାୟ ଏକଚତୁର୍ଥାଂଶ । ମ. ମ. ହରପ୍ରସାଦଶାସ୍ତ୍ରୀ ଲେଖିଛନ୍ତି (୧) କୃଷ୍ଣପାଦ, କୃଷ୍ଣାଚାର୍ଯ୍ୟ, କୃଷ୍ଣବଜ୍ର ବା କାହ୍ନୁପାଦ ୫୭ ଖଣ୍ଡ ଗ୍ରନ୍ଥ ଲେଖି ଯାଇଛନ୍ତି । ଏହି ୫୭ଖଣ୍ଡ ଗ୍ରନ୍ଥର ଗ୍ରନ୍ଥକାର ଯେ ଜଣେ ମାତ୍ର କୃଷ୍ଣ, ତାହା ବା କିଏ କହିପାରେ ? କୌଣସି କୌଣସି ଜାଗାରେ କୃଷ୍ଣଙ୍କୁ ମହାଚାର୍ଯ୍ୟ କୌଣସି ଠାରେ ଉପାଧ୍ୟାୟ ଏବଂ କୌଣସି କୌଣସି ଜାଗାରେ ମଣ୍ଡଳାଚାର୍ଯ୍ୟ ବୋଲି କୁହାହୋଇଛି । ତାହାଙ୍କର ଏହିସବୁ ନାମ ଓ ଉପାଧି ଏବଂ ତାହାଙ୍କ ରଚିତ ଗ୍ରନ୍ଥର ନାମ ମଧ୍ୟ କର୍ଡିୟାର୍ ସାହେବଙ୍କ ପ୍ରକାଶିତ ତେଙ୍ଗୁର ଗ୍ରନ୍ଥତାଲିକାରେ ମିଳିଥାଏ, ସେହି ତେଙ୍ଗୁରରେ ପନ୍ଦର ଜାଗାରେ କାହ୍ନୁଙ୍କୁ ଭାରତବାସୀ ବୋଲି କୁହାଯାଇଛି । କେବଳ ଗୋଟିଏ ଯାଗାରେ ଲେଖାଅଛି ଯେ ସେ ବ୍ରାହ୍ମଣ, ଓଡ଼ିଶାରୁ ଆଗତ । ସେ ମଧ୍ୟ ତର୍ଜମାକାର ମହାପଣ୍ଡିତ କୃଷ୍ଣ; ଯେ ଗ୍ରନ୍ଥକାର ନୁହନ୍ତି । ସୁତରାଂ ତେଙ୍ଗୁରର ଲେଖାରୁ ପଦକର୍ତ୍ତା କୃଷ୍ଣର ବାସସ୍ଥାନ ନିର୍ଣ୍ଣୟ ହେବ କାହିଁ । ତେଣୁ ତାହାଙ୍କର ଭାଷାକୁ ବିଶେଷ ଭାବରେ ପରୀକ୍ଷା କରିବାକୁ ହେବ । ଶାସ୍ତ୍ରୀ ମହାଶୟ ଏହି ଯୁକ୍ତି ଆଶ୍ରୟ କରି ନିଜ ଦୃଷ୍ଟିରେ କାହ୍ନୁପାଙ୍କର ଭାଷା ପରୀକ୍ଷାକରି ତାହାଙ୍କୁ ବଙ୍ଗାଳୀବୋଲି ନିର୍ଦ୍ଦେଶ କରିଛନ୍ତି ।

କିନ୍ତୁ (Pag Sam Jan Jan) ପାଗ୍ ସାମ ଜନ୍‌ଜାଙ୍କ ଅନୁସାରେ 'ସିଦ୍ଧାଚାର୍ଯ୍ୟ କୃଷ୍ଣ ଓଡ଼ିଶାରେ ବ୍ରାହ୍ମଣକୁଳରେ ଜନ୍ମ ହୋଇଥିଲେ ଏବଂ ତାହାଙ୍କୁ ଜଳନ୍ଧରୀପା ତାନ୍ତ୍ରିକ ବୌଦ୍ଧ ମତରେ ଦୀକ୍ଷିତ କରିଥିଲେ । ତନ୍ତ୍ରୀପା ତାହାଙ୍କର ଶିଷ୍ୟ ଥିଲେ' ।

---

୧—ବୌ. ଗା. ଦୋ. ମୁଖବନ୍ଧ—୨୮ପୃ

୨ – „ „ „ ପରିଶିଷ୍ଟ—୧୧/–୧୨୮/ପୃ

୩—Index ୧୧/

ଲାମା ତାରନାଥ କହିଛନ୍ତି ୧—ତିବ୍‌ବତରେ ପ୍ରାଚୀନ କାଳରୁ କିମ୍ବଦନ୍ତୀ ରହିଅଛି ଯେ କୃଷ୍ଣାଚାର୍ଯ୍ୟ କର୍ଣ୍ଣଦେଶରେ ଜନ୍ମ ହୋଇଥିଲେ କିନ୍ତୁ ବର୍ତ୍ତମାନ ଭାରତୀୟ ଯୋଗିମାନଙ୍କ ମଧ୍ୟରେ କିମ୍ବଦନ୍ତୀ ରହିଅଛି ଯେ—କୃଷ୍ଣାଚାର୍ଯ୍ୟ ପାଦ୍ମନଗର ଅର୍ଥାତ୍ ବିଦ୍ୟାନଗରରେ ଜନ୍ମ ହୋଇଥିଲେ । କିନ୍ତୁ ଅନେକ କାଳ ପୂର୍ବରୁ ବୁଦ୍ଧଦେବ ଭବିଷ୍ୟତ୍‌ବାଣୀ କରିଥିଲେ ଯେ—କୃଷ୍ଣାଚାର୍ଯ୍ୟ ଉରୁବିଶ ଅର୍ଥାତ୍ ଓଡ଼ିଶାରେ ଜନ୍ମଗ୍ରହଣ କରିବେ । ତେଣୁ କୃଷ୍ଣାଚାର୍ଯ୍ୟ ଓଡ଼ିଶାରେ (୨) ଜନ୍ମଗ୍ରହଣ କରିଥିଲେ । ଏହିସବୁ କାରଣରୁ ଡାକ୍ତର ସାହିଦୁଲ୍ଲା ଓଡ଼ିଶାକୁ କର୍ଣ୍ଣଦେଶ ବୋଲି ଗ୍ରହଣ କରିଛନ୍ତି । ୨ ଏହି ସମସ୍ତ ତିବ୍‌ବତୀୟ ଗ୍ରନ୍ଥ ଆଲୋଚନାକରି ଡ. ବି. ଭଟ୍ଟାଚାର୍ଯ୍ୟ କୃଷ୍ଣାଚାର୍ଯ୍ୟ (କାହ୍ନୁପା)ଙ୍କୁ ଓଡ଼ିଶାର ଲୋକ କହିଛନ୍ତି ଏବଂ ଚର୍ଯ୍ୟାଚର୍ଯ୍ୟରେ କାହ୍ନୁପାଙ୍କ ରଚିତ କବିତା ଗୁଡ଼ିକ ମଧ୍ୟ ଓଡ଼ିଆଭାଷାରେ ଲିଖିତ ବୋଲି ସ୍ୱୀକାର କରିଛନ୍ତି । ୩

କିନ୍ତୁ ଢାକା ଇଉନିଭର୍ସିଟି ପ୍ରକାଶିତ ବେଙ୍ଗଲ ଇତିହାସର ୩୮୭ପୃଷ୍ଠାରେ ମ. ମ. ହରପ୍ରସାଦ ଶାସ୍ତ୍ରୀଙ୍କର ସେହି ପୁରାତନ ଯୁକ୍ତିର ଅବତାରଣା ହୋଇଅଛି । ଜଣେ ଲୋକ ପୁସ୍ତକ ନକଲ କରି ମଧ୍ୟ ଗ୍ରନ୍ଥ-ରଚନା କରିପାରେ ଏବଂ ଜଣେ ଲୋକର ଉପାଧି ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନରୂପରେ ଗୃହୀତ ଓ ଲିଖିତ ହୋଇପାରେ । ତେଣୁ ଜଣେ କାହ୍ନୁପା ୫୭ଖଣ୍ଡ ବହିମଧ୍ୟ ଲେଖିପାରିବାର ସମ୍ଭାବନା ରହିଅଛି । ତଥାପି ତାରନାଥ ଏବଂ ପାଗ୍ ସାମ୍ ଜନ୍‌ଜାଙ୍କ ଉକ୍ତି ଉପରେ ଆସ୍ଥା ନ'ରଖି ଅନେକ ବଙ୍ଗୀୟବନ୍ଧୁ କାହ୍ନୁପାଙ୍କୁ ବଙ୍ଗାଳୀ ବୋଲି ପ୍ରମାଣ କରିବାକୁ ନାନାପ୍ରକାର ଯୁକ୍ତିର ଆଶ୍ରୟ ନେଉଅଛନ୍ତି । ସେଥିଲାଗି କାହ୍ନୁପାଙ୍କର କବିତାର ଭାଷାକୁ ବିଶେଷଭାବରେ ପରୀକ୍ଷା କରି ତାହା ଭିତରେ ଓଡ଼ିଆ-ଭାଷାର ଯେଉଁସବୁ ବୈଶିଷ୍ଟ୍ୟ ରହିଅଛି ତାହା ତଳେ ବର୍ଣ୍ଣିତ ହେଲା ।

୧—କର୍ମକାରକ ବା ୨ୟା ବିଭକ୍ତିରେ କୁ ପ୍ରତ୍ୟୟର ବ୍ୟବହାର ଓଡ଼ିଆ-ଭାଷାର ପ୍ରଧାନ ବୈଶିଷ୍ଟ୍ୟ । ବଙ୍ଗଳାଭାଷାରେ କୁ ପ୍ରତ୍ୟୟର ବ୍ୟବହାର ନାହିଁ । କାହ୍ନୁପାଙ୍କର କବିତା ୯ମ ଏବଂ ୧୮ଶ ଚର୍ଯ୍ୟାରେ ଏହି କୁ-ପ୍ରତ୍ୟୟର ବ୍ୟବହାର ହୋଇଅଛି । କିନ୍ତୁ ବୈଦେଶିକମାନେ

ଗ୍ରନ୍ଥ ପ୍ରକାଶ କରିଥିବାରୁ ଯଥାର୍ଥ ପାଠ ବୌ. ଗା. ଦୋ ଏବଂ ଚର୍ଯା-ପଦରେ ଗୃହୀତ ହୋଇନାହିଁ । ୯ମ ଚର୍ଯାରେ "ବିଦ୍ୟାକରି ଦମକୁ ଅକଲେଁଶେ ପାଠ ମୁଦ୍ରିତ ହୋଇଅଛି" । ଖ ପୋଥିରେ 'ଅବିଦ୍ୟା କରିକୁ ଦମା-ଅକଲେଶେ' ପାଠ ରହିଅଛି । ସଂସ୍କୃତ ଟୀକାରେ ଅର୍ଥ କରାହୋଇଛି—'ଅବିଦ୍ୟା କରୀନ୍ଦ୍ରସ୍ୟ ଦାମନଂ କୁରୁ' । ତେଣୁ ସଂସ୍କୃତ ଟୀକା ଅନୁସାରେ ଖ ପୋଥିର ପାଠ 'ଅବିଦ୍ୟା କରିକୁ ଦମ' ପାଠଟି ଯଥାର୍ଥ ସଙ୍ଗତବୋଧ ହେଉଛି । କିନ୍ତୁ ବିଦ୍ୟାକରି ଦମକୁଁର ଅର୍ଥ ବୋଧ ହେଉନାହିଁ । ସୁତରାଂ ମୁଁ 'ଅବିଦ୍ୟା କରିକୁ ଦମ' ପାଠଟି ଗ୍ରହଣ କରିଅଛି । ଏଠାରେ କାହ୍ନୁପାଙ୍କ କବିତାରେ ଓଡ଼ିଆ ଭାଷାର କୁ-ପ୍ରତ୍ୟୟର ବ୍ୟବହାର ରହିଅଛି । ସେହିପରି ୧୩ଶ କବିତାରେ 'ତିଶରଣ ନାବୀ ଅଠକ ମାରୀ' ପାଠ ମୁଦ୍ରିତ ହୋଇଅଛି କିନ୍ତୁ ସଂସ୍କୃତ ଟୀକାରେ ଅଠକୁମାରୀତ ବୁଦ୍ଧୈଶ୍ୱର୍ଯାଦି ସୁଖମନୁଭୂତଂ ୨ । ତେଣୁ ଯଥାର୍ଥରେ ପାଠ ହେବ—'ଅଠକୁ ମାରି' ଏବଂ ଅର୍ଥହେବ ଆଠକୁ ମାରି । କିନ୍ତୁ ମୁଦ୍ରିତ ପାଠ 'ଅଠକ ମାରୀ'ର କିଛି ଅର୍ଥ ବୋଧ ହେଉନାହିଁ । ଏହି କାରଣରୁ ମୁଁ 'ଅଠକୁ ମାରୀ' ପାଠ ଗ୍ରହଣ କରିଅଛି । ଏହି ପାଠ ଅନୁସାରେ କାହ୍ନୁପାଙ୍କ କବିତାରେ ଓଡ଼ିଆ ଭାଷାର କୁ ପ୍ରତ୍ୟୟର ବ୍ୟବହାର ହୋଇଅଛି ।

୨—ଓଡ଼ିଆ ସର୍ବନାମ ସବୁ କାହ୍ନୁପାଙ୍କ କବିତାରେ ଦେଖିବାକୁ ମିଳେ । ଯଥା—'କହିଁ', ଜେ, ମୋ (୭), ତୋହୋର (୧୦), ତହିଁ, ତୋ କାହରି, ତୋହୋର, ତୁ (୧୧) ଅମ୍ହେ (୧୨) ମଇ କଇସଣି, ତୋହୋରି, ତଇଁ, ତୋହୋରେ, ତୋରେ, ତୁ (୧୮) ପ୍ରଭୃତି ।

୩—ଓଡ଼ିଆଭାଷାପରି କାହ୍ନୁପାଙ୍କର କବିତାର ଅସମାପିକା କ୍ରିୟା ଇକାରାନ୍ତ ହୋଇଅଛି । ଯଥା—ଦେଖି, ହେରି (୭) ପଇସି (୯) ଗେଲ୍ଲଇ, ଚଉ ଗୁଡ଼ (୧୦) ପିହାଡ଼ି ହେରି କରି (୧୩) କରି, ଲଇ (୩୬) ପ୍ରଭୃତି ।

---

୧—Mystce Tales of 1 Tara ପୃ୩୨

୨—Buddist mystic Songs—

୩—B. Eoterison ପୃ୨୫

J. B. O. R. S. Vol xiv ପୃ୩୫

& Intro to ସାଧନମାଳା p. iv.

୪— ଶତୃ ପ୍ରତ୍ୟୟାନ୍ତ ପଦରେ ଭବେ ୭ମୀର ବ୍ୟବହାର ଓଡ଼ିଆ ଭାଷାର ପ୍ରଧାନ ବୈଶିଷ୍ଟ୍ୟ । କାହ୍ନୁପାଙ୍କର ଚର୍ଯ୍ୟାରେ ତାହାଁର ପ୍ରୟୋଗ ମଧ୍ୟ ରହିଅଛି । ଯଥା—ଅଚ୍ଛନ୍ତେ (୪୨) ପ୍ରଭୃତି ।

୫—ହବେ ୭ମୀ ଅର୍ଥରେ ଓଡ଼ିଆରେ ଉଁ ପ୍ରତ୍ୟୟର ବ୍ୟବହାର ଦେଖିବାକୁ ମିଳେ । ଏ ବିଷୟ ଭାଷାତତ୍ତ୍ୱ ପ୍ରକରଣରେ ବିଶେଷ ଭାବରେ ଆଲୋଚିତ ହୋଇଅଛି ।

ଉଦାହରଣ—

ଏହି ପ୍ରତ୍ୟୟଟି ଓଡ଼ିଆ ଭାଷାର ପ୍ରଧାନ ବୈଶିଷ୍ଟ୍ୟ । ଅନ୍ୟ ଭାଷାରେ ବିଶେଷତଃ ବଙ୍ଗଭାଷାରେ ଏହି ପ୍ରତ୍ୟୟର ବ୍ୟବହାର ନାହିଁ । କାହ୍ନୁପାଙ୍କର କବିତାରେ ଏହି ଉଁ ପ୍ରତ୍ୟୟର ବ୍ୟବହାର ହୋଇଅଛି । ଯଥା—ଫଳହୁଁ (୧୭) ମୋଡ଼ିଉ ଛୋଡ଼ିଉ (୯)

୬—କରିବ (୬) ଲେମି (୧୦) ଫିଟଉ (୧୨) ମାରିବ (୧୭ ଦେହୁଁ ଲେହୁଁ (୧୭) ସୁତେଲ କହିବ ପ୍ରଭୃତି କ୍ରିୟା କାହ୍ନୁପାଙ୍କର ଓଡ଼ିଆ ତତ୍ତ୍ୱ ପ୍ରତିପାଦିତ କରୁଅଛି ।

୭ । ଉଆସ, ବାହିର, କୁଡ଼ିଆ, ସାଙ୍ଗ, ବାପୁଡ଼ା, ହସେ, ଅନ୍ତରେ, ଶାଶୁ, ନଣନ୍ଦ, ଘରେ, ଶାଳୀ, ବଳିଆ, ଜୁଆ, ଦାନ, ମୂଳିଆ, କେଡୁଆଳ, ସାଙ୍ଗେ ବଡ଼ୁଆ, ଦେବ ପ୍ରଭୃତି ଖାଣ୍ଟି ଓଡ଼ିଆ ଶବ୍ଦଗୁଡ଼ିକ କାହ୍ନୁପାଙ୍କର କବିତାରେ ରହିଅଛି । ବିଶେଷତଃ 'ବଡ଼ିଆ' ଶବ୍ଦ ଓଡ଼ିଆରେ ସତରଞ୍ଜି ଖେଳର ପଦାତିକକୁ କହନ୍ତି ଏବଂ ଏହି ସତରଞ୍ଜି ନ୍ୟାୟବଳ କହନ୍ତି । ଦାନ ଦେବା ବା ଦାନ ପକାଇବା ଓଡ଼ିଆରେ ଖେଳରେ ପ୍ରଯୁକ୍ତ ହୁଏ । ଜୁଆ ଜିତାଇବା ମଧ୍ୟ ପଶାରେ ଦାନ ପକାଇ ଜିତାଇବା ଅର୍ଥରେ ପ୍ରଯୁକ୍ତ ହୁଏ । ଅନ୍ୟ ଭାଷାରେ ଏହିସବୁ ଶବ୍ଦର ଏହିପରି ପ୍ରୟୋଗ ନାହିଁ । କାହ୍ନୁପାଙ୍କ କବିତାରେ ଏହିସବୁ ପଦର ଏହି ଏହି ଅର୍ଥରେ ପ୍ରୟୋଗ ରହିଅଛି ।

---

୧—ଚର୍ଯ୍ୟାପଦ ୪୪ପୃ ଓ ବୌ ଗା ଦୋ—୧୮ ପୃ

୨— ,, ୬୫ ଓ ୬୭ପୃ ଓ ବୌ ଗା ଦୋ ପୃ ୨୪

୮। ଦ୍ୱିତୀୟା ବିଭକ୍ତିରେ ରେ ପ୍ରତ୍ୟୟର ପ୍ରୟୋଗ ଓଡ଼ିଆ ଭାଷାର ବୈଶିଷ୍ଟ୍ୟ । କାହ୍ନୁପାଙ୍କ କବିତାରେ ଏହି ବୈଶିଷ୍ଟ୍ୟ ରହିଅଛି । ଯଥା—କରଣୀରେ ଋଷଅ (୯) ପ୍ରଭୃତି ।

୯। ୭ମୀ ବିଭକ୍ତିରେ ହି ପ୍ରତ୍ୟୟର ପ୍ରୟୋଗ ମଧ୍ୟ ଓଡ଼ିଆ ଭାଷାରେ ରହିଅଛି । ଉଦାହରଣ ସହିତ ଭାଷାତତ୍ତ୍ୱ ପ୍ରକରଣରେ ଆଲୋଚିତ ହୋଇଅଛି । କାହ୍ନୁପାଙ୍କ କବିତାରେ ହି ପ୍ରତ୍ୟୟ ଦେଖିବାକୁ ମିଳେ । ଯଥା—ହିଁଅହି (୭)

୧୦। ମ ଓ ତ ଅବ୍ୟୟ ରୂପରେ ଓଡ଼ିଆରେ ବ୍ୟବହୃତ ହୋଇଥାଏ । କାହ୍ନୁପାଙ୍କର କବିତାରେ ତହିଁର ପ୍ରୟୋଗ ରହିଅଛି । ଯଥା—ମ (୧୮) ତ (୪୦)

୧୧। ତିନ (୭ ନ) ଚୌଷଠ୍ଠୀ (୧୦) ଓ ପାଞ୍ଚ । (୪୫) ପ୍ରଭୃତି ସଂଖ୍ୟା ବାଚକ ଶବ୍ଦ ମଧ୍ୟ କବି କାହ୍ନୁପାଙ୍କ ଭାଷାର ଓଡ଼ିଆତ୍ୱ ପ୍ରତିପାଦନ କରେ ।

କାହ୍ନୁପାଙ୍କର କବିତାରେ ଓଡ଼ିଆ ଭାଷାର ଏହିସବୁ ବୈଶିଷ୍ଟ୍ୟ ଥିବାରୁ କବି କାହ୍ନୁପା ଓଡ଼ିଆ ଥିଲେ । ଏବଂ ତାଙ୍କର କବିତା ମଧ୍ୟ ଓଡ଼ିଆରେ ରଚିତ ହୋଇଥିଲା ।

# ଦାରିକ ପାଦ

ଦାରିକ ପାଦ ଜଣେ ପ୍ରସିଦ୍ଧ ମହାସିଦ୍ଧ ପୁରୁଷ ଥିଲେ । ସେ ଅନେକ ଗୁଡ଼ିଏ ଗ୍ରନ୍ଥ ସଂସ୍କୃତ ଭାଷାରେ ରଚନା କରିଥିଲେ । ତାହାଙ୍କ ରଚିତ ୩ଖଣ୍ଡ ଗ୍ରନ୍ଥ ତିବ୍ବତର ଟେଙ୍ଗୁରରେ ଅନୁବାଦିତ ହୋଇ ରହିଅଛି । ତାରାନାଥ ଲେଖିଛନ୍ତି ସିଦ୍ଧାଚାର୍ଯ୍ୟ ଲୁଇପା ଅଦ୍ଭୁତ ଭାବରେ ଓଡ଼ିଶାର ଜଣେ ରାଜା ଓ ତାଙ୍କର ମନ୍ତ୍ରୀଙ୍କୁ ବୌଦ୍ଧଧର୍ମରେ ଦୀକ୍ଷିତ କରିଥିଲେ । ବୌଦ୍ଧଧର୍ମରେ ଦୀକ୍ଷିତ ହେଲାପରେ ଏହି ରାଜା ଦାରିକ ବା ଦାରି ନାମରେ ପରିଚିତ ହୋଇଥିଲେ । (୧) ସୁତରାଂ ଦାରିକ ପାଦ ଲୁଇପାଙ୍କର ଶିଷ୍ୟ ଥିଲେ । ଦାରିକପାଦଙ୍କର କବିତା ଗୋଟିଏ ଆଶ୍ଚର୍ଯ୍ୟଚର୍ଯ୍ୟାଚୟରେ ରହିଅଛି । ସେହି କବିତା ଶେଷରେ କବି ଦାରିକ ପାଦ କହିଛନ୍ତି 'ରାଆ ରାଆ ରାଆରେ ଅବର ରାଅ ମୋହେ ହେ ବାଧା । ଲୁଇପା ଅପମାଏ ଦାରିକ ଦ୍ୱାଦଶ ହୁଅଣେ ଲଧା (କହେଂ) ଏହି ପଦଟିରୁ ସ୍ପଷ୍ଟଭାବରେ ଜଣାପଡ଼େ ଯେ—ଦାରିକପାଦ ପ୍ରଥମରେ ରାଜାଥିଲେ । ପରେ ଲୁଇପାଙ୍କଠାରୁ ଦୀକ୍ଷା ଗ୍ରହଣ କରି କାମ କ୍ରୋଧ ତ୍ୟାଗ କରିଥିଲେ । ଦାରିକ ପାଦର ଏହି ପଙ୍କ୍ତି ତାରାନାଥଙ୍କର ଉକ୍ତିକୁ ମଧ୍ୟ ସମର୍ଥନ କରୁଅଛି । ତେଣୁ ଦାରିକ-ପାଦ ଓଡ଼ିଶାର ଜଣେ ରାଜା ଓ ଲୁଇପାଙ୍କର ଶିଷ୍ୟ ଥିଲେ ।

ମା ମ, ହରପ୍ରସାଦ ଶାସ୍ତ୍ରୀ ପ୍ରଭୃତି ଯେଉଁସବୁ ପଣ୍ଡିତମାନେ ବୌଦ୍ଧ-ତାନ୍ତ୍ରିକ କବିଙ୍କ ବିଷୟରେ କିଛି ଲେଖି ଅଛନ୍ତି—ସେମାନେ ସମସ୍ତେ ଦାରିକ ପାଦଙ୍କୁ ବଙ୍ଗଲୋକ ବୋଲି ଏବଂ ତାହାଙ୍କ କବିତା ବଙ୍ଗଳା ଭାଷାରେ ଲିଖିତ ବୋଲି କହିଛନ୍ତି । ଏହି ସମସ୍ତ ଲେଖକ ମାନଙ୍କର ଏକମାତ୍ର ପ୍ରଧାନ ଯୁକ୍ତି ହୋଇଅଛି—ଦାରିକପାଙ୍କର କବିତା ବଙ୍ଗଳାରେ ଲେଖା ହୋଇଛି । ତେଣୁ ସେ ବଙ୍ଗାଳୀ । ଏହି ଯୁକ୍ତିରେ ଘୋଡ଼ା ଆଗରେ ଗାଡ଼ି ଥୋଇବା ରୀତିର ପୁନରାବୃତ୍ତି ହୋଇଛି । ଦାରିକ ପାଦଙ୍କର କବିତାଟିରେ ଓଡ଼ିଆ ଭାଷାରେ ଯେଉଁ ବିଶେଷତ୍ୱ ରହିଅଛି ତାହା ତଳେ ଦିଆଗଲା । ଯଥା—

---

୧ । Mystcs Tales of Taranath P 32

୧ । ସର୍ବନାମରେ ସ୍ପଷ୍ଟଭଦ୍ ଶବ୍ଦର ଷଷ୍ଠୀ ବିଭକ୍ତିରେ ତୋ ପଦର ବ୍ୟବହାର ହୋଇଛି । ଯଥା—"କିଂ ତୋ ମନ୍ତେ କିଂ ତୋ ତନ୍ତେ" ଇତ୍ୟାଦି । ଏହା ଓଡ଼ିଆ ଭାଷାର ବିଶେଷତ୍ୱ ।

୨ । ଓଡ଼ିଆ ଭାଷାରେ ୨ୟା ବିଭକ୍ତି 'ନ୍ତ' ପ୍ରତ୍ୟୟର ବ୍ୟବହାର ଦେଖିବାକୁ ମିଳେ । ଯଥା--"ପୁରେ ପୁରେ ଅନୁସର ବାଟ ବଜାରନ୍ତ ଫେର" ଶଟିସେଣା (ପ୍ରତାପ) । ଦାସ ପାଦଙ୍କ କବିତାରେ ଏହି 'ନ୍ତ' ପ୍ରତ୍ୟୟଟି 'ତ' ପ୍ରତ୍ୟୟ ରୂପରେ ବ୍ୟବହୃତ ହୋଇଅଛି । ଯଥା— "ବଲସଇ ଦାରକ ଗଅଣତ ପରମ କୁଲେ । ଗଣନମିତ ଆଲୋକାଦି ଶୂନ୍ୟସ୍ୱପ୍ନଂ ବୋଦ୍ଧବ୍ୟମ୍ (ଟୀ) ତେଣୁ ଗଗନନ୍ତ ପଦଟି ଗଅଣତ ହୋଇଅଛି । ଭାଷ ର ଅନ୍ୟାନ୍ୟ ବିଶେଷତ୍ୱ ଭାଷାତତ୍ତ୍ୱ ପ୍ରକରଣରେ ପ୍ରଦର୍ଶିତ ହୋଇଅଛି ।

ଏହିସବୁ କାରଣରୁ ଜଣାଯାଏ—ଦାରିକପାଦ ଓଡ଼ିଆ ଥିଲେ ।

1 B Esoterison P 73 J. B, O, R. S, Volv XIVP 35 2 ବୌ ଗୋ ଦୋ ପୃ ୩୦ q H of Bangal by R Majumadar 350

# ଭୁସୁକୁ ବା ଶାନ୍ତିଦେବ

ଏସିଆଟିକ ସୋସାଇଟିର ୯୯୯୦ ସଂଖ୍ୟକ ପୋଥିରେ ଶାନ୍ତି-ଦେବଙ୍କ ଜୀବନୀ ଲିଖିତ ହୋଇ ରହିଅଛି ।୧। ସେଥିରୁ ଜଣାଯାଏ ଯେ -- ଶାନ୍ତିଦେବ ଜଣେ ରାଜାଙ୍କର ପୁତ୍ର ଥିଲେ । ସେ ସଂସାର ପରିତ୍ୟାଗ କରି ମଞ୍ଜୁବଜ୍ରଙ୍କଠାରୁ ଦୀକ୍ଷା ଗ୍ରହଣ କରିଥିଲେ ଏବଂ ଗୁରୁଙ୍କର ଉପଦେଶ ଅନୁସାରେ ମଗଧ ରାଜାଙ୍କର ସେନାପତି ହୋଇଥିଲେ । ରାଜାଙ୍କର ସେନାପତି ହେଲାପରେ ଶାନ୍ତିଦେବଙ୍କର ନାମ ହେଲା ଅଚଳ ସେନ । ତାହାଙ୍କର ଦେବଦାରୁ କାଠର ତରବାରିଟିଏ ଥିଲା । ସେ ସେ ତରବାରିଟିକୁ କାହାରିକୁ ଦେଖାଉ ନଥିଲେ । କ୍ରମେ କ୍ରମେ ସେ ରାଜାଙ୍କର ଅତି ପ୍ରିୟ ପାତ୍ର ହୋଇ ପଡ଼ିଲେ । ତାହା ଦେଖି ଅନ୍ୟାନ୍ୟ ସେନାପତି ମାନଙ୍କର ମନରେ ଈର୍ଷା ହେଲା । ଅଚଳ ସେନଙ୍କ ତରବାରିଟି କାଠର ବୋଲି ସେମାନେ ସନ୍ଧାନ କରି ଜାଣି ପାରି ଥିଲେ । ସେହି ସେନାପତିମାନେ ରାଜାଙ୍କୁ କହିଲେ—'ଆପଣ ତ ଅଚଳସେନଙ୍କୁ ସୁଖ ପାଉଛନ୍ତି, କିନ୍ତୁ ତାହାର ତରବାରି ତ କାଠର । ସେ କିପରି ଯୁଦ୍ଧ କରି ରାଜ୍ୟ ରକ୍ଷା କରି ପାରିବ ? ତାହା ଶୁଣି ରାଜା ଦିନେ ହୁକୁମ ଦେଲେ ମୁଁ ଆଜି ସମସ୍ତଙ୍କର ତରବାରି ପରୀକ୍ଷା କରିବି । ତହୁଁ ସମସ୍ତେ ନିଜ ନିଜର ତରବାରି ରାଜାଙ୍କୁ ଦେଖାଇଥିଲେ । କିନ୍ତୁ ଅଚଳସେନ ନିଜ ତରବାରିଟି ଦେଖାଇବାକୁ ରାଜି ହେଲେ ନାହିଁ । ରାଜା ଦେଖିବାକୁ ଜିଦ୍ ଧରି ବସିଲେ । ଶେଷରେ ସେ କହିଲେ—'ମୋ ତରବାରି ତେଜରେ ଆପଣ ଅନ୍ଧ ହୋଇଯିବେ । ଯେବେ ତାହା ଦେଖିବାକୁ ଆପଣଙ୍କର ଏକାନ୍ତ ଇଚ୍ଛା,--ତେବେ ଗୋଟିଏ ଆଖି ବାନ୍ଧିରଖି ଆର ଆଖିରେ ଦେଖନ୍ତୁ । ରାଜା ତାହା କଲେ । ପ୍ରକୃତରେ ତରବାରି ତେଜରେ ରାଜାଙ୍କର ଗୋଟିଏ ଆଖି କଣା ହୋଇ-ଗଲା । ରାଜା ଖୁସି ହୋଇ ତାହାଙ୍କର ପ୍ରଶଂସା କଲେ । କିନ୍ତୁ ଅଚଳ-ସେନ ଆଉ ସେନାପତି କାର୍ଯ୍ୟ କଲେ ନାହିଁ । ସେ ତରବାରିକୁ ପଥର

---

୧ । ବୌ., ଗା., ଦୋ., ଭୂମିକା ୯—୧୨ ପୃଷ୍ଠା

ଉପରେ ବାଡେଇ ଭାଙ୍ଗି ପକାଇଲେ । ସେନାପତିର ବେଶ ତ୍ୟାଗ କରି ଭିକ୍ଷୁ ବେଶ ଗ୍ରହଣ କଲେ ଏବଂ ସଙ୍ଗେ ସଙ୍ଗେ ନାଳନ୍ଦାକୁ ଚାଲିଗଲେ । ସେ ନାଳନ୍ଦାରେ ଗୋଟିଏ ଅଂଶରେ କୁଡ଼ିଆଟିଏ ତିଆରି କରି ସେଠାରେ ରହିଲେ । ସେ ପ୍ରତିଦିନ ତ୍ରିପିଟକର ବ୍ୟାଖ୍ୟା ଶୁଣୁଥାନ୍ତି । ସେ ସଦା ସର୍ବଦା ଶାନ୍ତ ଭାବରେ ରହୁଥିବାରୁ ଲୋକେ ତାହାଙ୍କୁ ଶାନ୍ତଦେବ ବୋଲି ଡାକୁଥିଲେ । ଭୋଜନ ସମୟରେ ତାହାଙ୍କର ମୂର୍ତ୍ତି ଉଜ୍ଜ୍ୱଳ ରହୁଥାଏ । ଶୟନ ବେଳେ ତାହାଙ୍କର ମୂର୍ତ୍ତି ଉଜ୍ଜ୍ୱଳ ଥାଏ ଏବଂ କୁଟୀରରେ ରହିବାବେଳେ ତାହାଙ୍କର ମୂର୍ତ୍ତି ଉଜ୍ଜ୍ୱଳ ରହୁଥାଏ । ସେଥିଲାଗି ନାଳନ୍ଦା ଭାଷାରେ ତାହାଙ୍କର ନାମ ଥିଲା ଭୁସୁକୁ । ଏଥିରୁ ଜଣାଯାଏ ଯେ ଶାନ୍ତ-ଦେବ ଭୁସୁକୁ ଓ ବଜ୍ରୀ ଗୋଟିଏ ଲୋକର ନାମାନ୍ତର ମାତ୍ର ।

ଏହିପରି ଶାନ୍ତଦେବ ଶାନ୍ତ ଭାବରେ ନିଜର ଜୀବନ କଟାଉଥିଲେ । ଶାନ୍ତଦେବ କାହାରି ସହିତ କିଛି ନ କହି ନିଜ କାର୍ଯ୍ୟ ନିଜେ କରି ଯାଉଥିଲେ । କିନ୍ତୁ ଭିକ୍ଷୁମାନଙ୍କ ମନରେ ଧାରଣା ହେଲା ଏ ଲୋକଟି କିଛି ଜାଣେ ନାହିଁ । ଏହାକୁ ଦିନେ ଅପ୍ରସ୍ତୁତ କରିବା । ନାଳନ୍ଦାର ବଡ଼ ବିହାରର ଉତ୍ତର ପୂର୍ବ କୋଣରେ ପ୍ରକାଣ୍ଡ ଧର୍ମଶାଳାଟିଏ ଥିଲା । ସେଠାରେ ଧର୍ମଶାସ୍ତ୍ରର ବ୍ୟାଖ୍ୟାନ ହେଉଥିଲା । ଦିନେ ସେଠାରେ ସମସ୍ତେ ବ୍ୟାଖ୍ୟା ଶୁଣିବାକୁ ଉପସ୍ଥିତ ହେଲାକ୍ଷଣି ଭିକ୍ଷୁମାନେ ଜିଦ୍ କରି ବସିଲେ ଆଜି ଶାନ୍ତଦେବଙ୍କୁ ଶାସ୍ତ୍ରବ୍ୟାଖ୍ୟା କରିବାକୁ ହେବ । ଶାନ୍ତଦେବ ରାଜି ନହେଲେ ମଧ୍ୟ ଭିକ୍ଷୁମାନେ ଜିଦ୍ କରି ତାହାଙ୍କୁ ଟେକିନେଇ ବେଦୀ ଉପରେ ବସାଇ ଦେଲେ । ତହୁଁ ଶାନ୍ତଦେବ ଗମ୍ଭୀର ଭାବରେ କହି-ଥିଲେ—'କିଂ ଆର୍ଷଂ ପଠାମି ଅଥ ଅର୍ଷଂ ବା' ଆର୍ଷ କହିବି ବା ଅଥାର୍ଷ କହିବି । ତାହା ଶୁଣି ପଣ୍ଡିତମାନେ ବିସ୍ମିତ ହେଲେ । ସେମାନେ ଆର୍ଷ କଥା ପଢ଼ିଥିଲେ ଓ ଶୁଣିଥିଲେ । ଅଥାର୍ଷ ଶୁଣି ନଥିଲେ । ସେମାନେ ଏହି ଦୁହିଁଙ୍କର ପ୍ରଭେଦ ପଚାରିବାରୁ ଶାନ୍ତଦେବ ଦୁହିଁଙ୍କର ପ୍ରଭେଦ ବୁଝାଇ ଅଥାର୍ଷର ବ୍ୟାଖ୍ୟା କରିଥିଲେ । ଶାନ୍ତଦେବ ବୋଧିଚର୍ଯ୍ୟାବତାର ଶିକ୍ଷାସମୁଚ୍ଚୟ ଓ ସୂତ୍ର-ସମୁଚ୍ଚୟ ନାମରେ ତିନଖଣ୍ଡ ଅଥାର୍ଷ ଗ୍ରନ୍ଥ ରଚନା କରିଥିଲେ । ଆଶ୍ଚର୍ଯ୍ୟଚର୍ଯ୍ୟାଚୟରେ ଶାନ୍ତ ଦେବଙ୍କର ଭଣିତା

ବୋଲି ଦୁଇଟି ( ୧୫ ଓ ୨୭ ସଂଖ୍ୟକ ) କବିତା ରହିଅଛି । ଭୁସୁକୁ ଭଣିତା ବୋଲି ଆଠଟି ( ୬, ୨୧, ୨୩, ୨୭ ୩୦, ୪୧, ୪୩, ୪୯ ) କବିତାର ୧୫ ଓ ୨୭ ସଂଖ୍ୟକ କବିତାରେ 'ଶାନ୍ତି ବୁଲଥେଇ' ଓ 'ବୋଲଥି ଶାନ୍ତି' ଉଭୟ ପଦରେ ସାମଞ୍ଜସ୍ୟ ରହିଅଛି । ୪୧ ଓ ୪୩ସଂଖ୍ୟକ କବିତାରେ ଭୁସୁକୁ ଓ ରାଉତ ଉଭୟ ନାମର ଉଲ୍ଲେଖ ରହିଅଛି । ତିବ୍ବତର ୮୪ ସିଦ୍ଧାଗୁରୁଙ୍କ ତାଲିକାରେ ଶାନ୍ତି ଦେବଙ୍କୁ ଭୁସୁକୁ ବୋଲି କୁହା ହୋଇଅଛି । କିମ୍ବଦନ୍ତୀ ଅନୁସାରେ ଶାନ୍ତି ଦେବଙ୍କର ଭୁସୁକୁ ଓ ରାଉତ ବୋଲି ଦୁଇଟି ନାମାନ୍ତର ଥିଲା । 'ରାଉତ' ଶବ୍ଦଟି 'ରାଜପୁତ' ଶବ୍ଦରୁ ଅପଭ୍ରଷ୍ଟ । ଅଦ୍ୟାପି ଓଡ଼ିଆରେ ରାଉତ ଶବ୍ଦ ଖଣ୍ଡାୟତଙ୍କ ବଂଶୋପାଧି ରୂପରେ ବ୍ୟବହୃତ ହେଉଅଛି । ପ୍ରାଚୀନ ଓଡ଼ିଆ ସାହିତ୍ୟରେ 'ରାଉତ' ଶବ୍ଦ 'ଅଶ୍ୱାରୋହୀ ସୈନ୍ୟ'ର ଅର୍ଥ ପ୍ରକାଶ କରେ ଯଥା—

ଶ୍ରୀ ଅଙ୍ଗ ଯା କଚ୍ଛ ଜାନୁରେ
ରାଉତ ଯେହ୍ନେ ଘୋଡ଼ାପରେ । ପ୍ରେ. ପ. (ଭୂପତି)

Cordier ଙ୍କ ତେଙ୍ଗୁର ଅନୁସାରେ ଶାନ୍ତିଦେବ Zahor (ଜାହର) ରାଜାଥିଲେ । (୧)ଶାନ୍ତିଦେବଙ୍କ ରଚିତ ଖଣ୍ଡିଏ ଗ୍ରନ୍ଥର ନାମ—ଶ୍ରୀଗୁହ୍ୟସମ ମହାଯୋଗତନ୍ତ୍ରବଳବିଧି । ଏହି ଗ୍ରନ୍ଥରେ ଶାନ୍ତି ଦେବଙ୍କର ଘର Zahor ବୋଲି ଲିଖିତ ହୋଇଅଛି ।

ତାରାନାଥଙ୍କ ମତରେ ଶାନ୍ତିଦେବ ସୌରି ରାଜପୁତ୍ର ଥିଲେ । (୩)ଏହି ଦୁଇ ଉକ୍ତି ପରୀକ୍ଷା କଲେ ଜଣାଯାଏ—ଶାନ୍ତି ଦେବଙ୍କର ଘର Zahor ଥିଲା ବୋଲି କବିଙ୍କ ନିଜ ଗ୍ରନ୍ଥରେ କଥିତ ହୋଇଥିବାରୁ ଶାନ୍ତିଦେବ Zahorର ଲୋକ ଥିଲେ । Cordier ମଧ୍ୟ ସେହି ଉକ୍ତିକୁ ସମର୍ଥନ କରୁଛନ୍ତି । ଏହି Zahor ର ସ୍ଥାନ ନିର୍ଣ୍ଣୟ ବିଷୟରେ ବିଭିନ୍ନ ମତ ରହିଅଛି । ପ୍ରକୃତରେ Zahor କୁ ଝର ବୋଲି କୁହାଯିବ । ପୂର୍ବରେ

---

୧ । Cordier B stan hgyur 11—P. 140. 230. 241.
୨ । ବୋ, ଗା, ଦୋ. ମୁଖବନ୍ଧ P, ୧୨
୩ । Taranath 112 f

କେନ୍ଦୁଝର ପ୍ରଥମରେ ଝଁର ନାମରେ ପରିଚିତ ଥିଲା । ପରେ କେନ୍ଦୁ ବୃକ୍ଷର ପ୍ରାଧାନ୍ୟ ଯୋଗୁଁ ତାହା କେନ୍ଦୁଝର ନାମରେ ପରିଚିତ ହେଉଅଛି । ଏହି କେନ୍ଦୁଝର Zahor ରାଜ୍ୟ ଅଟେ । ବର୍ତ୍ତମାନ ମଧ୍ୟ କେନ୍ଦୁଝରର ଗୋଟିଏ ପାହାଡ଼କୁ 'ଜହରାଇ ସଣ୍ଡ' ବୋଲି କହନ୍ତି । କେନ୍ଦୁଝରର ଜହରଇ ଅଞ୍ଚଳ ତିବ୍ବତ ବର୍ଣ୍ଣିତ Zahor ବୋଲି ଅନୁମିତ ହୁଏ । ଏହି ପାହାଡ଼ ନିକଟରେ ସନ୍ତେଇଭଞ୍ଜ ବୋଲି ପାହାଡ଼ଟିଏ ଅଛି । ଶାନ୍ତ ଦେବଙ୍କର ବାସସ୍ଥାନ ବା ତପସ୍ୟାର ସ୍ଥଳୀ ବୋଲି ଏହି ପାହାଡ଼ ସାନ୍ତେଇ ନାମରେ ପରିଚିତ ହୋଇଅଛି ବୋଲି ସମ୍ଭାବନା ହୁଏ । ବିଶେଷତଃ ଏହି ପାହାଡରେ ଗୁମ୍ଫା ଓ ବୁଦ୍ଧମୂର୍ତ୍ତି ରହିଅଛି । ତେଣୁ ଏହି ପାହାଡ଼ ଥରେ ବୌଦ୍ଧ ଧର୍ମର କେନ୍ଦ୍ର ଥିଲା । ଏହି ବୌଦ୍ଧମୂର୍ତ୍ତି ଓ ଗୁମ୍ଫା ମୋର ସମ୍ଭାବନାକୁ ଦୃଢ଼ କରୁଅଛି । ତେଣୁ ଶାନ୍ତଦେବ କେନ୍ଦୁଝରର ରାଜପୁତ୍ର ବା ରାଜା ଥିଲେ । କେନ୍ଦୁଝର ରାଜାଙ୍କର ବିରୁଦରେ—"ଅଯୋନି ସମ୍ଭୂତ......୧୪ ହସ୍ତ ରାଉତାଳ କେନ୍ଦୁଝର ସ୍ୱସ୍ଥାନାଧିପତି" ପ୍ରଭୃତି ଉପାଧି ପ୍ରଯୁକ୍ତ ହୋଇଥାଏ । ଓଡ଼ିଶାର ଅନ୍ୟାନ୍ୟ ଗଡ଼ଜାତ ରାଜାଙ୍କ ବିରୁଦରେ ରାଉତାଳ ଶବ୍ଦର ବ୍ୟବହାର ଦେଖାଯାଏ ନାହିଁ । କେବଳ କେନ୍ଦୁଝର ରାଜାଙ୍କ ବିରୁଦରେ ବ୍ୟବହୃତ ହୁଏ । ଏହି ରାଉତାଳ ଶବ୍ଦ ରାଉତପାଳରୁ ଅପଭ୍ରଷ୍ଟ ହୋଇଅଛି । ସୁତରାଂ କେନ୍ଦୁଝର ରାଜାଙ୍କର ଉପାଧିରେ ରାଉତାଳ ଶବ୍ଦର ବ୍ୟବହାରରୁ ଅନୁମିତ ହୁଏ—କେନ୍ଦୁଝରର ରାଜା ଶାନ୍ତଦେବ ମଧ୍ୟ ରାଉତ ଶବ୍ଦ ଦ୍ୱାରା ପରିଚିତ ହେଉଥିଲେ । ତେଣୁ ଶାନ୍ତଦେବ କେନ୍ଦୁଝରର ଲୋକ ଥିଲେ ।

କେହି କେହି ଶାନ୍ତଦେବ ଓ ଭୁସୁକୁକୁ ଭିନ୍ନ ଭିନ୍ନ ବ୍ୟକ୍ତି ବୋଲି ମତ ପ୍ରକାଶ କରନ୍ତି । କେହି ପରବର୍ତ୍ତୀ ରତ୍ନାକର ଶାନ୍ତିଙ୍କୁ ଶାନ୍ତଦେବ ବୋଲି କହିଥାନ୍ତି । ଡକ୍ଟର ସହିଦୁଲ୍ଲା ବଙ୍ଗୀୟ ସାହିତ୍ୟ ପରିଷଦ୍ ପତ୍ରିକାରେ ( ୧୩୩୮ ସା ୪୭ ପୃ ) ଭୁସୁକୁ ସମ୍ବନ୍ଧରେ ଆଲୋଚନା କରିଛନ୍ତି । ସେ ଲେଖିଛନ୍ତି—"ଦୀପଙ୍କର ଶ୍ରୀଜ୍ଞାନ, ଅଦ୍ୱୟଙ୍କର ପାଞ୍ଚଶିଷ୍ୟ

---

୧ । History of Bengal by R C Majumadar P 331 —333

୨ । ବୌ ଗା ଦୋ ଭୂମିକା ୨୮ ପୃ ।

ମଧ୍ୟରେ ଭୁସୁକୁର ନାମ ତାରନାଥ ଉଲ୍ଲେଖ କରିଛନ୍ତି । ତାହାଙ୍କର ସମୟ ଖ୍ରୀଷ୍ଟାବ୍ଦ- ଏକାଦଶ ଶତାବ୍ଦିର ମଧ୍ୟଭାଗରେ । ଏହି ଭୁସୁକୁ ଚର୍ଯାର ରଚୟିତା ବୋଲି ସମ୍ଭାବନା ନୁହେଁ । ତାହା ହେଲେ ଶାନ୍ତଦେବ ଭୁସୁକୁ ଓ ଚର୍ଯାର ରଚୟିତା ଭୁସୁକୁ ଏକ ନୁହନ୍ତି, କିନ୍ତୁ ବିଭିନ୍ନ ବ୍ୟକ୍ତି । ଶାନ୍ତ-ଦେବଙ୍କ ବିଷୟରେ ଭିନ୍ନ ଭିନ୍ନ ପଣ୍ଡିତ ମାନେ ଭିନ୍ନ ଭିନ୍ନ ମତ ପୋଷଣ କରିଥିଲେ ମଧ୍ୟ ଶାନ୍ତିଦେବଙ୍କୁ ବଙ୍ଗଳାର ଲୋକ ବୋଲି ଗ୍ରହଣ କରିଛନ୍ତି । ତିବ୍ବତ ସୂତ୍ର ଅନୁସାରେ ଶାନ୍ତଦେବ ଭୁସୁକୁ ଓ ରାଉତ ଯେ ତିନୋଟି ଲୋକର ଭିନ୍ନ ଉପାଧି ଥିଲା । ପ୍ରକୃତରେ ସେ ଜଣେ ବ୍ୟକ୍ତି । ଓଡ଼ିଶାରେ ତାଙ୍କର ଘରଥିଲା । ସେ ୭ମ ଶତାବ୍ଦିରେ ଜୀବିତ ଥିଲେ ।

ଭୁସୁକୁ ପାଦଙ୍କର ୪୯ ସଂଖ୍ୟକ ଚର୍ଯାରେ ଲିଖିତ—

"ବାଜ ନାବ ପାଡ଼ୀ ପଁଉଆ ଖାଲେଁ ବାହିଉ
ଅଦଅ ବଙ୍ଗାଲେ କ୍ଲେଶ ଲୁଡ଼ିଉ ।
ଆଜି ଭୁସୁକୁ ବଙ୍ଗାଲୀ ଭଇଲୀ
ଣିଅ ଘରଣୀ ଚଣ୍ଡାଲୀ ଲେଲୀ ।"

ବାହ୍ୟ ଅର୍ଥରେ କବି କହୁଛନ୍ତି—ମୁଁ ବଜ୍ରନାଆ ପକାଇ ପଦ୍ମ ଖାଲରେ ନାଆ ବାହି ଅଦ୍ୱୟ—ଏକାକାର ଏହି ବଙ୍ଗଳା ଦେଶକୁ ଆସି କ୍ଲେଶ ଦୂର ହେଲି । ଭୁସୁକୁ ମୁଁ ଆଜି ଚଣ୍ଡାଳୀକୁ ଘରଣୀ କରି ବଙ୍ଗାଳୀ ହେଲି । ଅର୍ଥାତ୍ ସେ କାଳରେ ବଙ୍ଗଳାର ସମସ୍ତେ ଏକାକାର ଥିଲେ । ଜାତିଭେଦ ନଥିଲା । ମୁଁ ସେ ଦେଶକୁ ଆସି ଚଣ୍ଡାଳୁଣୀ ବାହାହୋଇ ନୀଚ ଜାତି ହୋଇଗଲି । ପରମାର୍ଥିକ ଭାବରେ ଅର୍ଥ କଲେ ସହଜ ମତରେ ତିନୋଟି ମାର୍ଗ ଅଛି—ଅବଧୂତୀ, ଚଣ୍ଡାଳୀ ଓ ତପସ୍ୱୀ । ଅବଧୂତୀରେ ଦ୍ୱୈତଜ୍ଞାନ ଅଛିବୋଲି କୁହା ଯାଇପାରେ ଓ କୁହାଯାଇ ନ ପାରେ, କିନ୍ତୁ ଚଣ୍ଡାଳୀରେ ଦ୍ୱୈତଜ୍ଞାନ ରହେ ନାହିଁ । କେବଳ ଅଦ୍ୱୈତଜ୍ଞାନ ରହେ । ଏହି ଚଣ୍ଡାଳୀକୁ ବଙ୍ଗାଳୀ କହନ୍ତି । କବି ଭୁସୁକୁ ଚଣ୍ଡାଳୀ ସୁଷୁମ୍ନାକୁ ଘରଣୀ ଭାବରେ ଗ୍ରହଣ କରି ତାଙ୍କ ପ୍ରକୃତି ସୁଷୁମ୍ନାକୁ ପ୍ରଭାସ୍ୱର ଚଣ୍ଡାଳ ପାଖକୁ ନେଇ ଯିବାରୁ ଦ୍ୱୈତଜ୍ଞାନ ଦୂର ହୋଇଛି । ବର୍ତ୍ତମାନ ତାଙ୍କର

ପୂର୍ଣ୍ଣ ଅଧିକାର ହେବାରୁ ସେ ବଙ୍ଗାଳୀ ହୋଇଛନ୍ତି । ଏହି ପଦ୍ୟରୁ ସ୍ପଷ୍ଟ ଜଣାପଡ଼େ ଯେ ଭୁସୁକୁ ବଙ୍ଗାଳୀ ନଥିଲେ । ତା ହୋଇଥିଲେ "ଆଜି ଭୁସୁକୁ ବଙ୍ଗାଳୀ ଭଇଲୀ" ବୋଲି ଲେଖି ନଥାନ୍ତେ । ବିଶେଷତଃ "ଚଣ୍ଡାଳୀ ଘରଣୀ ନେବାରୁ ସେ ବଙ୍ଗାଳୀ ହେଲେ । ଏହି କଥାଟି ବଙ୍ଗାଳୀଙ୍କ ପକ୍ଷ ନିନ୍ଦା ଆକ୍ଷେପ କରୁଛି । ସେ ବଙ୍ଗାଳୀ ହୋଇଥିଲେ ମୁଁ ବଙ୍ଗାଳୀ ହେଲି ବୋଲି ଲେଖି ନଥାନ୍ତେ ।

ଶାନ୍ତିଦେବ ଭୁସୁକୁଙ୍କର କବିତାରେ ଓଡ଼ିଆ ଭାଷାର ଯେଉଁ ବିଶେଷତ୍ୱ ରହିଅଛି, ତାହା ତଳେ ଦିଆଗଲା । ଯଥା—

ଶତୃ ପ୍ରତ୍ୟୟାନ୍ତ ଓ କ୍ତ ପ୍ରତ୍ୟୟାନ୍ତ ପଦରେ ଭାବ ସପ୍ତମୀର ପ୍ରୟୋଗ ଦେଖିବାକୁ ମିଳେ । ଯଥା—ପଇସନ୍ତେ, ଜାବନ୍ତେ (୨୩), ତରଙ୍ଗନ୍ତେ, ସୁବନ୍ତେ (୭) ଜାନ୍ତେ (୧୫) ମଇଲେ (୨୯) ପ୍ରଭୃତି ।

ସର୍ବନାମରେ କାହାରେ, ତୁମ୍ଭେ, କାହାର, ମୋ, ଜେନେ, ଏଥୁ, ମୋର ପ୍ରଭୃତି ଶବ୍ଦ କବିଙ୍କର ଓଡ଼ିଆତ୍ୱ ପ୍ରତିପାଦନ କରେ ।

୧ । ସପ୍ତମୀରେ ଇ ପ୍ରତ୍ୟୟ ପ୍ରୟୋଗ ରହିଅଛି । ଯଥା—ହିଅଇ ନ ପଇସଇ (୭)

୨ । ଷଷ୍ଠୀ ବିଭକ୍ତିରେ 'ର' ପ୍ରତ୍ୟୟର ବ୍ୟବହାର ଯଥା—ହରିଣୀର (୬) ଇତ୍ୟାଦି ।

୩ । ଅସମାପିକା କ୍ରିୟା ଇ ପ୍ରତ୍ୟୟର ବ୍ୟବହାର ରହିଅଛି । ଯଥା—ଜାଣି, ଧରି (୭) ଗୁଞ୍ଜୀ (୧୫), ଉଠି (୨୧) ପ୍ରଭୃତି ।

ଓଡ଼ିଆ ଭାଷା ସହିତ ଭୁସୁକୁ ପାଦଙ୍କ କବିତାର କିପରି ବିଶେଷ ଭାବରେ ସାମଞ୍ଜସ୍ୟ ରହିଅଛି—ତାହା ନିମ୍ନଲିଖିତ ଚର୍ଯ୍ୟାରୁ ଜଣାପଡ଼ିବ ।

---

୧ । History of Bengal, P. 381

ମଧ୍ୟରେ ଭୁସୁକୁର ନାମ ତାରନାଥ ଉଲ୍ଲେଖ କରିଛନ୍ତି । ତାହାଙ୍କର ସମୟ ଖ୍ରୀଷ୍ଟାବ୍ଦ- ଏକାଦଶ ଶତାବ୍ଦୀର ମଧ୍ୟଭାଗରେ । ଏହି ଭୁସୁକୁ ଚର୍ଯ୍ୟାର ରଚୟିତା ବୋଲି ସମ୍ଭାବନା ନୁହେଁ । ତାହା ହେଲେ ଶାନ୍ତିଦେବ ଭୁସୁକୁ ଓ ଚର୍ଯ୍ୟାର ରଚୟିତା ଭୁସୁକୁ ଏକ ନୁହନ୍ତି, କିନ୍ତୁ ବିଭିନ୍ନ ବ୍ୟକ୍ତି । ଶାନ୍ତି-ଦେବଙ୍କ ବିଷୟରେ ଭିନ୍ନ ଭିନ୍ନ ପଣ୍ଡିତମାନେ ଭିନ୍ନ ଭିନ୍ନ ମତ ପୋଷଣ କରିଥିଲେ ମଧ୍ୟ ଶାନ୍ତିଦେବଙ୍କୁ ବଙ୍ଗଳାର ଲୋକ ବୋଲି ଗ୍ରହଣ କରିଛନ୍ତି । ତିବ୍ବତ ସୂତ୍ର ଅନୁସାରେ ଶାନ୍ତିଦେବ ଭୁସୁକୁ ଓ ରାଉତ ଗୋଟିଏ ଲୋକର ଭିନ୍ନ ଉପାଧି ଥିଲା । ପ୍ରକୃତରେ ସେ ଜଣେ ବ୍ୟକ୍ତି । ଓଡ଼ିଶାରେ ତାଙ୍କର ଘର ଥିଲା । ସେ ୭ମ ଶତାବ୍ଦୀରେ ଜୀବିତ ଥିଲେ ।

ଭୁସୁକୁ ପାଦଙ୍କର ୪୯ ସଂଖ୍ୟକ ଚର୍ଯ୍ୟାରେ ଲିଖିତ—

"ବାଜ ନାବ ପାଡ୍ଡୀ ପଁଉଆ ଖାଲେଁ ବାହିଉ
ଅଦଅ ବଙ୍ଗାଲେ କ୍ଲେଶ ଲୁଡ଼ିଉ ।
ଆଜି ଭୁସୁକୁ ବଙ୍ଗାଲୀ ଭଇଲୀ
ଣିଅ ଘରଣୀ ଚଣ୍ଡାଲୀ ଲେଲୀ ।"

ବାହ୍ୟ ଅର୍ଥରେ କବି କହୁଛନ୍ତି—ମୁଁ ବଜ୍ରନାଆ ପକାଇ ପଦ୍ମ ଖାଲରେ ନାଆ ବାହି ଅଦ୍ୱୟ—ଏକାକାର ଏହି ବଙ୍ଗଳା ଦେଶକୁ ଆସି କ୍ଲେଶ ଦୂର ହେଲା । ଭୁସୁକୁ ମୁଁ ଆଜି ଚଣ୍ଡାଳୀକୁ ଘରଣୀ କରି ବଙ୍ଗାଳୀ ହେଲି । ଅର୍ଥାତ୍ ସେ କାଳରେ ବଙ୍ଗଳାର ସମସ୍ତେ ଏକାକାର ଥିଲେ । ଜାତିଭେଦ ନଥିଲା । ମୁଁ ସେ ଦେଶକୁ ଆସି ଚଣ୍ଡାଳୁଣୀ ବାହାହୋଇ ନୀଚ ଜାତି ହୋଇଗଲି । ପରମାର୍ଥିକ ଭାବରେ ଅର୍ଥ କଲେ ସହଜ ମତରେ ତିନୋଟି ମାର୍ଗ ଅଛି—ଅବଧୂତୀ, ଚଣ୍ଡାଳୀ ଓ ତପସ୍ୱୀ । ଅବଧୂତୀରେ ଦ୍ୱୈତଜ୍ଞାନ ଅଛିବୋଲି କୁହା ଯାଇପାରେ ଓ କୁହାଯାଇ ନ ପାରେ, କିନ୍ତୁ ଚଣ୍ଡାଳୀରେ ଦ୍ୱୈତଜ୍ଞାନ ରହେ ନାହିଁ । କେବଳ ଅଦ୍ୱୈତଜ୍ଞାନ ରହେ । ଏହି ଚଣ୍ଡାଳୀକୁ ବଙ୍ଗାଳୀ କହନ୍ତି । କବି ଭୁସୁକୁ ଚଣ୍ଡାଳୀ ସୁଷୁମ୍ନାକୁ ଘରଣୀ ଭାବରେ ଗ୍ରହଣ କରି ତାଙ୍କ ପ୍ରକୃତି ସୁଷୁମ୍ନାକୁ ପ୍ରଭାସ୍ୱର ଚଣ୍ଡାଳ ପାଖକୁ ନେଇ ଯିବାରୁ ଦ୍ୱୈତଜ୍ଞାନ ଦୂର ହୋଇଛି । ବର୍ତ୍ତମାନ ତାଙ୍କର

ପୂର୍ବ୍ବ ଅଧିବାସୀ ହେବାରୁ ସେ ବଙ୍ଗାଳୀ ହୋଇଛନ୍ତି । ଏହି ପଦ୍ୟରୁ ସ୍ପଷ୍ଟ ଜଣାପଡ଼େ ଯେ ଭୁସୁକୁ ବଙ୍ଗାଳୀ ନଥିଲେ । ତା ହୋଇଥିଲେ "ଆଜି ଭୁସୁକୁ ବଙ୍ଗାଳୀ ଭଇଲୀ" ବୋଲି ଲେଖି ନଥାନ୍ତେ । ବିଶେଷତଃ "ଚଣ୍ଡାଳୀ ଘରଣୀ ନେବାରୁ ସେ ବଙ୍ଗାଳୀ ହେଲେ । ଏହି କଥାଟି ବଙ୍ଗାଳୀଙ୍କ ପ୍ରତି ନିନ୍ଦା ଆକ୍ଷେପ କରୁଛି । ସେ ବଙ୍ଗାଳୀ ହୋଇଥିଲେ ମୁଁ ବଙ୍ଗାଳୀ ହେଲି ବୋଲି ଲେଖି ନଥାନ୍ତେ ।

ଶାନ୍ତିଦେବ ଭୁସୁକୁଙ୍କର କବିତାରେ ଓଡ଼ିଆ ଭାଷାର ଯେଉଁ ବିଶେଷତ୍ୱ ରହିଅଛି, ତାହା ତଳେ ଦିଆଗଲା । ଯଥା—

ଶତୃ ପ୍ରତ୍ୟୟାନ୍ତ ଓ କ୍ତ ପ୍ରତ୍ୟୟାନ୍ତ ପଦରେ ଭାବେ ସପ୍ତମୀର ପ୍ରୟୋଗ ଦେଖିବାକୁ ମିଳେ । ଯଥା—ପଇସନ୍ତେ, ଜୀବନ୍ତେ (୨୩), ତରଙ୍ଗନ୍ତେ, ସୁବନ୍ତେ (୬) ଜାନ୍ତେ (୧୫) ମଇଲେ (୪୯) ପ୍ରଭୃତି ।

ସର୍ବନାମରେ କାହାରେ, ତୁମ୍ଭେ, କାହାର, ମୋ, ଜେଜେ, ଏଥୁ, ମୋର ପ୍ରଭୃତି ଶବ୍ଦ କବିଙ୍କର ଓଡ଼ିଆତ୍ୱ ପ୍ରତିପାଦନ କରେ ।

୧ । ସପ୍ତମୀରେ ହି ପ୍ରତ୍ୟୟ ପ୍ରୟୋଗ ରହିଅଛି । ଯଥା—ହିଅଇ ନ ପଇସଇ (୬)

୨ । ଷଷ୍ଠୀ ବିଭକ୍ତିରେ 'ର' ପ୍ରତ୍ୟୟର ବ୍ୟବହାର ଯଥା—ହରିଣୀର (୬) ଇତ୍ୟାଦି ।

୩ । ଅସମାପିକା କ୍ରିୟା ଇ ପ୍ରତ୍ୟୟର ବ୍ୟବହାର ରହିଅଛି । ଯଥା—ଜାଣି, ଘଣି (୬) ଗୁଞ୍ଜି (୧୫), ଉଠି (୨୧) ପ୍ରଭୃତି ।

ଓଡ଼ିଆ ଭାଷା ସହିତ ଭୁସୁକୁ ପାଦଙ୍କ କବିତାର କିପରି ବିଶେଷ ଭାବରେ ସାମଞ୍ଜସ୍ୟ ରହିଅଛି—ତାହା ନିମ୍ନଲିଖିତ ଚର୍ଯ୍ୟାରୁ ଜଣା ପଡ଼ିବ ।

---

୧ । History of Bengal, P. 381

ଯଥା—ଚ ୬ :—

କାହାରେ ଘିଣି ମେଲ ଅଛହୁ କୀସ
ବେଢ଼ିଲା ହାକ ପଡଅ ଚୌଦିସ
ଅପଣା ମାଂସେ ହରଣା ବୈରୀ
ଖନେହ ନ ଛାଡଅ ଭୁସୁକୁ ଅହେର
ତିଣ ନ ଛୁପଇ ହରଣା ପିବଇ ନ ପାଣୀ
ହରଣା ହରଣୀର ନିଲଅ ନ ଜାଣି
ହରିଣୀ ବୋଲଅ ସୁଣ ହରିଣା ତୋ
ଏ ବନ ଛାଡୀ ହୋହୁ ଭାନ୍ତେ
ତରଙ୍ଗନ୍ତେ ହରଣାର ଖୁର ନ ଦୀସଅ
ଭୁସୁକୁ ଭଣଇ ମୂଢ଼ ହିଅହି ନ ପଇସଇ

ଏହି ପଦ୍ୟରେ ବୋଲଅ ଓ ଦୀସଅ ପଦରେ 'ଅ' ସ୍ଥାନରେ 'ଇ' କାର ପାଠ କଲେ ଅର୍ଥାତ୍ ବୋଲଇ, ଦୀସଇ କଲେ ଏହାକୁ ବିଶୁଦ୍ଧ ଓଡ଼ିଆ ନ କହି ରହି ହେବ ନାହିଁ । ଏହି ପଦ୍ୟରେ ଓଡ଼ିଆ ଭାଷାର ଯେପରି ପ୍ରଭାବ ରହିଅଛି, ଅନ୍ୟ କୌଣସି ଭାଷାର ସେପରି ପ୍ରଭାବ ନାହିଁ ।

ଏହିସବୁ କାରଣରୁ ଶାନ୍ତିଦେବ ଭୁସୁକୁ ରାଉତ ଓଡ଼ିଆ ଥିଲେ ଏବଂ ସେ ୭ମ ଶତାବ୍ଦିର କବିତା ରଚନା କରିଥିଲେ ।

—୪୦୪—

# ଢାଣ୍ଡକ ପାଦ

ଆଶ୍ଚର୍ଯ୍ୟଚର୍ଯ୍ୟାଚୟରେ ଢାଣ୍ଡଣପାଦଙ୍କର ଗୋଟିଏ ମାତ୍ର (୩୨) କବିତା ରହିଅଛି । ଏହି ସିଦ୍ଧାଚାର୍ଯ୍ୟଙ୍କ ବିଷୟରେ ବିଶେଷ କିଛି ଜଣା ନାହିଁ । ତାହାଙ୍କର କବିତାରେ ଓଡ଼ିଆ ଭାଷାରେ ପ୍ରଚଳିତ ପୁରୁଷ ଜନନେନ୍ଦ୍ରିୟ-ବାଚକ ଶବ୍ଦର (ବାଣ୍ଡକୁରୁଣ୍ଡର) ପ୍ରୟୋଗ ରହିଅଛି । ତେଣୁ ଢାଣ୍ଡଣପାଦ ଯେ ଓଡ଼ିଆ ଥିଲେ ଏ ବିଷୟରେ ସନ୍ଦେହର ଅବକାଶ ନାହିଁ । ବଙ୍ଗାଳୀ ବନ୍ଧୁମାନେ ଏହି ଶବ୍ଦର ପ୍ରକୃତ ଅର୍ଥ ଜାଣି ନ ଥିବାରୁ ସେହି ଶବ୍ଦ (ବାଣ୍ଡକୁରୁଣ୍ଡର) ଅର୍ଥ କରିଛନ୍ତି—ବଟୁଆ । ସୁତରାଂ ଏହି ସିଦ୍ଧାଚାର୍ଯ୍ୟଙ୍କ କବିତା ଓଡ଼ିଆ ଭାଷାର ବୈଶିଷ୍ଟ୍ୟ ପ୍ରଦର୍ଶନର ଆଉ ଆବଶ୍ୟକତା ଏଠାରେ ନାହିଁ । ଭାଷାତତ୍ତ୍ୱ ପ୍ରକରଣରେ ତାହା ଆଲୋଚିତ ହେବ ।

# କୁକ୍କୁରୀପାଦ

ଗ୍ରୁନ୍ ୱଏଡ୍‌ଲଙ୍କ (Grun Wedel) ମତରେ କୁକ୍‌କୁରୀପାଦ ପୂର୍ବ ଦେଶର କପିଳଶନ୍ତ ରାଜ୍ୟରେ ବ୍ରାହ୍ମଣ ଘରେ ଜନ୍ମ ହୋଇଥିଲେ । ରାହୁଳଙ୍କ ମତରେ ସେ କପିଳବାସ୍ତୁ ରାଜ୍ୟରେ ବ୍ରାହ୍ମଣ ଘରେ ଜନ୍ମ ହୋଇଥିଲେ । ତାରନାଥ ତାହାଙ୍କୁ ବଙ୍ଗର ବ୍ରାହ୍ମଣ ବୋଲି କହିଛନ୍ତି । କିନ୍ତୁ ଓଡ଼ିଆ ଭାଷାରେ 'ଳ' ଅକ୍ଷରର ଉଚ୍ଚାରଣ ଅନ୍ୟ ଭାଷାଭାଷୀ କରି ପାରନ୍ତି ନାହିଁ । ସେମାନେ ଏହି 'ଳ' ଅକ୍ଷରକୁ 'ଡ଼' ରୂପରେ ଉଚ୍ଚାରଣ କରନ୍ତି । କୁକ୍‌କୁରୀ ପାଦଙ୍କର ଚର୍ଯ୍ୟାରେ (୨, ୨୦) ସଂଖ୍ୟକ ଦୁଇଟି କବିତା ରହିଅଛି । ସେହି କବିତାରେ ଗାଇଲ ଓ ସମାଇଲ ପରିବର୍ତ୍ତିରେ ଗାଇଡ଼ ଓ ସମାଇଡ଼ ପଦର ବ୍ୟବହାର ହୋଇଅଛି (ଚ ୨) । କୁକ୍‌କୁରୀ ପାଦଙ୍କର କବିତାରେ ଓଡ଼ିଆ ଭାଷାର ଏହି ବିଶେଷତ୍ୱ ଦେଖି ମ. ମ. ହରି ପ୍ରସାଦ ଶାସ୍ତ୍ରୀ ମଧ୍ୟ କୁକ୍‌କୁରୀ ପାଦଙ୍କୁ ଓଡ଼ିଆ ବୋଲି ସ୍ୱୀକାର କରିଛନ୍ତି । ଭାଷାଦୃଷ୍ଟିରୁ ଆଲୋଚନା କଲେ କୁକ୍‌କୁରୀ ପାଦଙ୍କର କବିତାରେ ଓଡ଼ିଆ ଭାଷାର ଅନ୍ୟାନ୍ୟ ଯେଉଁସବୁ ବିଶେଷତ୍ୱ ରହିଅଛି, ତାହା ତଳେ ଦିଆଗଲା ।

୧ । ୫ମୀ ବିଭକ୍ତିରେ "ରୁ ଓ ଡ଼" ପ୍ରତ୍ୟୟର ବ୍ୟବହାର ଓଡ଼ିଆ ଭାଷାର ପ୍ରଧାନ ବୈଶିଷ୍ଟ୍ୟ କୁକ୍‌କୁରୀ ପାଦଙ୍କର କବିତାରେ ରହିଅଛି ଯଥା—ଜାଅ (ଚ ୨)

ଜା ଏଥୁ ଗୃହାମ (୨୦ ଚ)

୨ । ୭ମୀ ବିଭକ୍ତିରେ 'ହି' ପ୍ରତ୍ୟୟର ବ୍ୟବହାର ଯଥା—ହିଅଇ, ସମାଇ (୨)

୩ । ୧ମା ବହୁବଚନରେ 'ଏ' ପ୍ରତ୍ୟୟର ବ୍ୟବହାର ଓଡ଼ିଆ ଭାଷାର ବୈଶିଷ୍ଟ୍ୟ । ସେହି 'ଏ' ପ୍ରତ୍ୟୟର ବ୍ୟବହାର ମଧ୍ୟ କୁକ୍‌କୁରୀ ପାଦଙ୍କର କବିତାରେ ଦେଖିବାକୁ ମିଳେ । ଯଥା—

କୁମ୍ଭୀରେ ଖାଅ, କୁକକୁରୀ ପାଏ ଗାଇଡ଼

---

୧ । Grin Wedel P 176

୨ । Taranath P P 113 135

୩ । ବୌ ଗା ଦୋ ମୁଖବନ୍ଧ ପୃ ୧୨

୪ । ୭ମୀ ବିଭକ୍ତିରେ 'ରେ' ପ୍ରତ୍ୟୟର ବ୍ୟବହାର ଓଡ଼ିଆ ଭାଷାର ବିଶେଷତ୍ୱ । ସେହି ବିଶେଷତ୍ୱ ମଧ୍ୟ କୁକ୍କୁରୀ ପାଦଙ୍କର କବିତାରେ ରହିଅଛି । ଯଥା—

ଢାଙ୍ଗି ନିବସୀ ଖମନ ଭତ୍ତାରେ (୨୦ ଚ)

୫ । "ମୋହର" ଓ "ମୋର" (୨୦ ଚ) ପ୍ରଭୃତି ସର୍ବନାମର ପ୍ରୟୋଗ କୁକ୍କୁରୀ ପାଦଙ୍କର ଓଡ଼ିଆତ୍ୱ ପ୍ରତିପାଦିତ କରେ ।

୬ । ପଣ ପ୍ରତ୍ୟୟର ଭାବାର୍ଥରେ ପ୍ରୟୋଗ ମଧ୍ୟ ରହିଅଛି । ଯଥା— ଦିଲ-ପଣ (୨ ଚ)

୭ । ଶତୃ ପ୍ରତ୍ୟୟାନ୍ତ ଓ କ୍ତ ପ୍ରତ୍ୟୟାନ୍ତ ପଦର ଭାବେ ୭ମୀର ବ୍ୟବହାର ମଧ୍ୟ ରହିଅଛି । ଯଥା—ସାନ୍ତ ଭଇଲେ (୨ ଚ) ନାନ୍ତ ବିଆରନ୍ତେ (୨୦ ଚ)

୮ । ଅସମାପିକା କ୍ରିୟାରେ ଇ ପ୍ରତ୍ୟୟର ବ୍ୟବହାର, ଯଥା— ଦୁହି, ନିଖଲି (୨୦)

୯ । 'କୋଡ଼ି' ଶବ୍ଦ ବିଂଶତି ଅର୍ଥରେ ବ୍ୟବହୃତ ହୋଇଅଛି । ଯଥା— କୋଡ଼ି ।

୧୦ । ମାଝେଁ, ଉରେ, ଅଇସନ, କୋଡ଼ି, ସମାଇଡ଼ି (ଲ) (୨) କହଣ, ବହାଣ, ବାପୁଡ଼ା (୨୦) ପ୍ରଭୃତି ଖାଣ୍ଟି ଓଡ଼ିଆ ଶବ୍ଦର ପ୍ରୟୋଗ ମଧ୍ୟ ରହିଅଛି ।

କୁକ୍କୁରୀ ପାଦଙ୍କର କବିତାରେ ଓଡ଼ିଆ ଭାଷାର ଏହିସବୁ ବୈଶିଷ୍ଟ୍ୟ ରହିଥିବାରୁ ତାହାଙ୍କ କବିତା ଓଡ଼ିଆ ଭାଷାରେ ଲିଖିତ ବୋଲି ନିଶ୍ଚିତ ଭାବରେ କୁହାଯାଇ ପାରେ । ସମ୍ଭାବନା ହୁଏ ଯେ, କୁକ୍କୁରୀପାଦ ଯେଉଁ ଦେଶର ଲୋକ ହୁଅନ୍ତୁ ନିଶ୍ଚିତ ସେ ସାଧନା ଓ ଅଧ୍ୟୟନ ଲାଗି ବୌଦ୍ଧ-ତନ୍ତ୍ର ସାଧନାର ଆଦ୍ୟପୀଠ ଓଡ଼ିଶାରେ ଅନେକ ଦିନ ରହି ଓଡ଼ିଆ ଭାଷାରେ ଦକ୍ଷତା ଲାଭ କରିଥିଲେ । ତାହାଙ୍କ ପୂର୍ବବର୍ତ୍ତୀ ସିଦ୍ଧାଚାର୍ଯ୍ୟମାନେ ଓଡ଼ିଆ

ଭାଷାରେ ସଙ୍ଗୀତ ରଚନା କରି ଧର୍ମ ପ୍ରଚାର କରି ଥିବାରୁ କୁକ୍କୁରୀପାଦ ମଧ୍ୟ ପରମ୍ପରାକୁ ଅନୁସରଣ କରି ଓଡ଼ିଆ ଭାଷାରେ କବିତା ରଚନା କରି-ଥିଲେ । ଓଡ଼ିଆ ଭାଷା ନ ଜାଣିଲେ କୁକ୍କୁରୀ ପାଦଙ୍କର କବିତା ମଧ୍ୟ ବୋଧଗମ୍ୟ ହେବ ନାହିଁ । ମୋର ବଙ୍ଗୀୟ ବନ୍ଧୁ ମଣୀନ୍ଦ୍ରମୋହନ ବସୁ 'କାମରୁ ଜାଅ' ପଦର ଅର୍ଥ କରିଛନ୍ତି—କାମରୁ-କାମରୂପ ମହାସୁଖ ସ୍ଥାନ ଅର୍ଥେ ଇତ୍ୟାଦି । ପ୍ରକୃତରେ 'କାମରୁ' ଏଠାରେ ୫ମୀ ବିଭକ୍ତି ଯୁକ୍ତ ପଦ ଅର୍ଥାତ୍—କାର୍ଯ୍ୟରୁ ।

ତେଣୁ ଆଶ୍ଚର୍ଯ୍ୟଚର୍ଯ୍ୟାଚୟରେ କୁକ୍କୁରୀ ପାଦଙ୍କ ଚର୍ଯ୍ୟା ଦୁଇଟି ଓଡ଼ିଆ ଭାଷାରେ ଲିଖିତ ।

---

୧ । ଚର୍ଯ୍ୟାପଦ—ପୃ ୧୨୦

# ବିରୂପ ପାଦ

ତାରନାଥଙ୍କ ମତରେ ତିନିଜଣ ବିରୂପ ଥିଲେ । ପ୍ରଥମ ବିରୂପ ପାଦଙ୍କର ଗୁରୁ କେହି ଥିଲେ ପରି ଜଣାଯାଏ ନାହିଁ । ସେ ନାଳନ୍ଦାରେ ଥିଲାବେଳେ ମଦ୍ୟପାନ କରୁଥିଲେ । ସେଥିଲାଗି ସେ ସଂଘରୁ ବିତାଡିତ ହୋଇଥିଲେ । ତହୁଁ ସେ ଗଙ୍ଗା ପାରହୋଇ ଓଡ଼ିଶାକୁ ଆସିଥିଲେ । ଓଡ଼ିଶାରେ ସେ ଶୁଣ୍ଡିଆଣୀଠାରୁ ମଦ ପିଇ ତାହାର ଦାମ ଦେଇ ନଥିଲେ । ଶୁଣ୍ଡିଆଣୀ ଦାମ ଦେବାକୁ ଜିଗର କରିବାରୁ ବିରୂପପାଦ ସୂର୍ଯ୍ୟଙ୍କୁ ଆଙ୍ଗୁଳି ଦେଖାଇଲେ । ତହୁଁ ସୂର୍ଯ୍ୟ ସ୍ଥିର ହୋଇ ରହିଲେ । ଫଳରେ ରାଜା ଓ କର୍ମଚାରୀମାନେ କାଳ ନିର୍ଣ୍ଣୟ କରି ପାରି ନଥିଲେ । ରାଜା ଯୋଗୀ ସିଦ୍ଧାଚାର୍ଯ୍ୟ ବିରୂପଙ୍କର ଏହି ଅଦ୍ଭୁତ ଶକ୍ତିର ପରିଚୟ ପାଇ ନିଜେ ମଦର ଦାମ ଦେଇଥିଲେ । ଏହି ସିଦ୍ଧାଚାର୍ଯ୍ୟ ବିରୂପଙ୍କର ଜଣେ ଶିଷ୍ୟ ଥିଲେ । ତାହାଙ୍କର ନାମ ଲବିରୂପ । ତାହାଙ୍କର ଘର ଓଡ଼ିୟାନରେ ଥିଲା । ସେ ଜାତିରେ ବ୍ରାହ୍ମଣ ଥିଲେ ।

ଆଶ୍ଚର୍ଯ୍ୟଚର୍ଯ୍ୟାଚୟରେ ବିରୂପପାଦଙ୍କର ୩୨ ସଂଖ୍ୟକ ଗୋଟିଏ ମାତ୍ର ଚର୍ଯ୍ୟା ରହିଅଛି । ତାହାଙ୍କ ଭାଷାରେ ଓଡ଼ିଆ ଭାଷାର ଯେଉଁ ଯେଉଁ ବିଶେଷତ୍ୱ ଦେଖିବାକୁ ମିଳେ ତାହା ତଳେ ଦିଆଗଲା ।

୧ । ଓଡ଼ିଆ ଭାଷାରେ ଅନ୍ତ୍ୟ ସ୍ୱରର ଶକ୍ତିପାତ ଯୋଗୁଁ ଅଧିକାଂଶ ନାମବାଚକ ଶବ୍ଦ ଆକାରାନ୍ତ ହୋଇଥାଏ । ଯଥା—ହରିଆ, ମଧୁଆ, ମାଧୁଆ ପ୍ରଭୃତି । ନାମବାଚକ 'ବିରୂପ' ମଧ୍ୟ ଓଡ଼ିଆ ଭାଷାରେ 'ବିରୁଆ' ହୁଏ । ସିଦ୍ଧାଚାର୍ଯ୍ୟ ବିରୂପପାଦ ୩୨ ଚର୍ଯ୍ୟାର ଭଣିତାରେ କହିଛନ୍ତି— "ଭଣନ୍ତି ବିରୂଆ" ତେଣୁ ବିରୂପ ପାଦ ଓଡ଼ିଆ ଥିଲେ ।

୨ । ସର୍ବନାମ ରୂପରେ 'ସେ ଓ ଜେ' ର ବ୍ୟବହାର ବିରୂପପାଦଙ୍କ କବିତାରେ ହୋଇଅଛି । ଯଥା—

ଏକ ସେ ଶୁଣ୍ଡିନୀ
ଜେ ଅଜରାମର ହୋଇ
ଏକ ସେ ଘଡ଼ିଲୀ । ୩ ।

---

୧—Mystic Tales of Taranath P P 14-15

୨— ,, ,, ,, ,, P 16

୩ । କଚାଟେନ୍ତ ଭାବରେ ଅସମାପିକା କ୍ରିୟାର ବ୍ୟବହାର ତାହାଙ୍କ କବିତାରେ ରହିଅଛି । ଯଥା —ଥିର୍ କରି, ହୋଇ ।

୪ । କ୍ରିୟା ରୂପରେ 'ଆଇଲ' ଶବ୍ଦର ବ୍ୟବହାର ହୋଇଅଛି ।

୫ । ସଂଖ୍ୟାବାଚକ ଭାବରେ 'ଚଉଶଠି' ଶବ୍ଦର ପ୍ରୟୋଗ ଦେଖିବାକୁ ମିଳେ ।

୬ । ବିରୂପ ପାଦଙ୍କର କବିତାଟିରେ ସାଙ୍ଗର, ବାଙ୍ଗର, ଆଇଲା, ଗରାହକେ, ଆପଣ, ପସାରା, ପ୍ରଭୃତି ଖାଣ୍ଟି ଓଡ଼ିଆ ଶବ୍ଦର ବ୍ୟବହାର ହୋଇଅଛି । ଏ ସବୁ କାରଣରୁ ସ୍ପଷ୍ଟ ଭାବରେ ଜଣାଯାଏ ଯେ—ବିରୂପ ପାଦଙ୍କ କବିତାଟି ଓଡ଼ିଆ ଭାଷାରେ ଲିଖିତ ହୋଇଅଛି ଏବଂ ସେ ଓଡ଼ିଆ ଥିଲେ । ତାଙ୍କ କବିତାରୁ ତଳେ ଦୁଇ ତିନି ପଦ ଉଦ୍ଧୃତ କଲି ।

ସହଜେ ଥିର କରି, ଜେ ଅଜରାମର ହୋଇ
ଆଇଲା ଗରାହକ, ମେଲ ପସାରା ।

ଥିର କରି ରହିଲ । ଏହି ପଦ ଗୁଡ଼ିକର ଆଜି କାଲିକାର ଓଡ଼ିଆ ସହିତ କିଛି ମାତ୍ର ପ୍ରଭେଦ ନାହିଁ । ଏହି କେତେକ ପଙ୍‌କ୍ତିରୁ ସହଜରେ ଅନୁମିତ ହୁଏ ଯେ—କବି ବିରୂପ ଓଡ଼ିଆ ଥିଲେ ।

—୫୦୫—

# ବୀଣା-ପାଦ

ବୀଣାପାଦ ବଜ୍ରଡ଼ାକିନୀ ଓ ଗୁହ୍ୟ ସମାଜ ବିଷୟରେ ଅନେକ ଗ୍ରନ୍ଥ ରଚନା କରିଥିଲେ । ଆଶ୍ଚର୍ଯ୍ୟଚର୍ଯ୍ୟାଚୟରେ ବୀଣାପାଦଙ୍କର ଗୋଟିଏ ମାତ୍ର ୧୭ ସଂଖ୍ୟକ ଚର୍ଯ୍ୟା ରହିଅଛି । କର୍ଡ଼ିଅର୍ ସାହେବ (Cordier) ତେଙ୍ଗୁରରେ ବୀଣାପାଦଙ୍କୁ ଗହୁରର (Gahura) କ୍ଷତ୍ରିୟ ରାଜକୁମାର ବୋଲି ଉଲ୍ଲେଖ କରିଛନ୍ତି । ସେ ବୀଣାପ୍ରିୟ ଥିବାରୁ ତାହାଙ୍କର ନାମ ହୋଇଥିଲା ବୀଣାପାଦ । ତାରାନାଥ ଲେଖିଛନ୍ତି—"ମହାଚାର୍ଯ୍ୟ ଅଶ୍ୱପାଦ ମହାମୁଦ୍ରା ସିଦ୍ଧି ଲାଭ କରିଥିଲେ । ମହାଚାର୍ଯ୍ୟ ଅଶ୍ୱପାଦ ଓଡ଼ିୟାନ ନଗର ଦ୍ୱାରରେ ଅନତି ଦୂରରେ କୁଟୀର ନିର୍ମାଣ କରି ବାସ କରୁଥିଲେ । ସେ ରାଜାଙ୍କୁ ଅଦ୍ଭୁତ କାର୍ଯ୍ୟମାନ ଦର୍ଶାଇ ଥିଲେ । ସେ ଆଶ୍ଚର୍ଯ୍ୟ ଭାବରେ ଆକାଶରେ ଅନ୍ତର୍ଧାନ ହୋଇଗଲେ । ତହୁଁ ସେ ରାଜା ଓ ପ୍ରଜାମାନେ ଅଶ୍ୱପାଦଙ୍କର ଶିଷ୍ୟ ବୀଣାପାଦଙ୍କୁ ଉପଦେଶ ଲାଗି ପ୍ରାର୍ଥନା କରିଥିଲେ । ବୀଣାପାଦ ରାଜବଂଶରେ ଜନ୍ମ ହୋଇଥିଲେ । ସେ ସମସ୍ତ ସିଦ୍ଧି ଲାଭ କରିଥିଲେ । ମହ ବିକାଳୁଣୀ, ବିଳାସବଜ୍ରା ତାହାଙ୍କର ଶିଷ୍ୟା ଥିଲେ ।

× × × ×

ଡ଼େମ୍ବୀ ଏବଂ ବୀଣାପାଦ ଏହି ମହ ବିକାଳୁଣୀ ସ୍ତ୍ରୀ ଲୋକଟିକୁ ଶିଷ୍ୟ ହେବାର ଯୋଗ୍ୟ ପାତ୍ର ମନେକରି ତାହାଙ୍କୁ ଅଭିଷେକ ଓ ଉପଦେଶ ପ୍ରଦାନ କରିଥିଲେ । ରାଣୀ ଲକ୍ଷ୍ମୀଙ୍କରା ମଧ୍ୟ ତାହାଙ୍କୁ ମହାସୁଖ ଉପଦେଶ ଦେଇଥିଲେ । ତାରାନାଥଙ୍କର ଏହି ଉକ୍ତିରୁ ଅନୁମିତ ହୁଏ ଯେ ବୀଣାପାଦ ଓଡ଼ିଶାର ଲୋକଥିଲେ । ବୀଣାପାଦଙ୍କର କବିତାଟିରେ ଓଡ଼ିଆ ଭାଷାର ଏହିସବୁ ବୈଶିଷ୍ଟ୍ୟ ଦେଖିବାକୁ ମିଳେ । ଯଥା—୧—ଲାଭ, ଅନାହା, ଦାଣ୍ଡୀ, ଆଲେ, ସହି, ବେନି, ସାର, ପ୍ରଭୃତି ବିଶୁଦ୍ଧ ଓଡ଼ିଆ ଶବ୍ଦର ବ୍ୟବହାର ତାହାଙ୍କ କବିତାରେ ହୋଇଅଛି ।

---

1. B, Stan hgyur—P, 238
2. Mystic Tales of Lama Taranath P. 21

୨ । ସଂଖ୍ୟାବାଚକ ଭାବରେ 'ବଡଶ' ଶବ୍ଦର ପ୍ରୟୋଗ ହୋଇଅଛି ।

୩ । ବର୍ତ୍ତମାନ କାଳର ବହୁବଚନରେ ନାଚନ୍ତୁ ଗାଆନ୍ତୁର ପ୍ରୟୋଗ ରହିଅଛି ।

୪ । ଆଜ୍ଞାବାଚକ କ୍ରିୟାରେ ସଂସ୍କୃତ ଲୋଟ୍ ଲକାରରେ (**Imperative mood**) ଖାଉ, ଯାଉ, ପିଉ ପରି 'ଉ' ପ୍ରତ୍ୟୟର ବ୍ୟବହାର ହୋଇଅଛି । ଯଥା—ଗୃପିଉ, ବ୍ୟପିଉ ।

ଓଡ଼ିଆ ଭାଷାର ଏହି ସବୁ ବୈଶିଷ୍ଟ୍ୟ ଦୃଷ୍ଟିରୁ ଅନୁମିତ ହୁଏ ଯେ, ବାଣାପାଦଙ୍କର କବିତାଟି ଓଡ଼ିଆ ଭାଷାରେ ରଚିତ ହୋଇଅଛି ଏବଂ ସିଦ୍ଧାଚାର୍ଯ୍ୟ ବାଣାପାଦ ଓଡ଼ିଆ ଥିଲେ ।

# ଗୁଣ୍ଡରୀ-ପାଦ

ଗୁଣ୍ଡରୀ ପାଦ ୧୨ ଗୋଟି ବଜ୍ରଗାନ ଗ୍ରନ୍ଥ ରଚନା କରିଥିବାର ଟେଙ୍ଗୁରରେ ଉଲ୍ଲିଖିତ ହୋଇଅଛି । ଆଶ୍ଚର୍ଯଚର୍ଯାଚୟରେ ୪ର୍ଥ ସଂଖ୍ୟକ ଚର୍ଯା ଗୁଣ୍ଡରୀ-ପାଦଙ୍କର ରଚିତ । ଗୁଣ୍ଡରୀ ପାଦଙ୍କର ଧର୍ମପାଦ ବୋଲି ନାମାନ୍ତର ଥିବାର କର୍ଡିଅର କହିଛନ୍ତି । ବହୁଳ ଗୁଣ୍ଡରୀପାଦ ଓ ଧର୍ମପାଦ ଭିନ୍ନ ଭିନ୍ନ ବ୍ୟକ୍ତି ବୋଲି ଗ୍ରହଣ କରିଅଛନ୍ତି । ଗୁଣ୍ଡରୀପାଦଙ୍କ ବିଷୟରେ ବିଶେଷ କିଛି ଜଣା ଯାଇ ନାହିଁ । ତେଣୁ ଗୁଣ୍ଡରୀ ପାଦଙ୍କର ୪ର୍ଥ ସଂଖ୍ୟକ ଚର୍ଯାରେ ଲୌକିକ ଅର୍ଥଟି ଅଶ୍ଳୀଳ କିନ୍ତୁ ପାରମାର୍ଥିକ ଅର୍ଥଟି କବି ପ୍ରଥମ ପଦରେ କହିଛନ୍ତି ।

ତିଅଡ୍ଡା ଚାପି ଜୋଇନି ଦେ ଅଙ୍କବାଲୀ
କମଳ କୁଳିଶ ଘାଣ୍ଟ କରହୁ ବିଆଲୀ । (୧)

ଲୌକିକ ଅର୍ଥରେ—ହେ ଯୋଗିନୀ ମୋତେ ତୋର କୋଳ ଦିଅ । ହେ ବିଆଲୀ—ବଜ୍ର ପଦ୍ମକୁ ଘାଣ୍ଟକର । ଏଠାରେ ବଜ୍ର ଅର୍ଥ ପୁରୁଷ ଜନନେନ୍ଦ୍ରିୟ ଏବଂ ପଦ୍ମର ଅର୍ଥ ସ୍ତ୍ରୀ ଜନନେନ୍ଦ୍ରିୟ ବା ଯୋନିପଦ୍ମ । ଜ୍ଞାନ ସିଦ୍ଧିରେ ପଦ୍ମ ଓ ବଜ୍ରର ଏହିପରି ସଂଜ୍ଞା ପ୍ରଦତ୍ତ ହୋଇଅଛି । ଯଥା—

"ସ୍ତ୍ରୀନ୍ଦ୍ରିୟଂ ଚ ଯଥା ପଦ୍ମଂ ବଜ୍ରଂ ପୁଂସେନ୍ଦ୍ରିୟଂ ତଥା ।"

ସୁତରାଂ ପଦ୍ୟଟି ଅଶ୍ଳୀଳ ଅର୍ଥ ପ୍ରକାଶ କରୁଥିବାରୁ କବି ସାର୍ଥକ ଭାବରେ ବିଆଲୀ ପଦକୁ ସମ୍ବୋଧନରେ ବ୍ୟବହାର କରିଅଛନ୍ତି । ଓଡ଼ିଆ ଭାଷାରେ ବିଆଳୀ ପଦଟି ବିଆ-ବାଳୀ ଅର୍ଥାତ୍ ସ୍ତ୍ରୀ ଜନନେନ୍ଦ୍ରିୟ ଯୁକ୍ତ ଅର୍ଥ ପ୍ରକାଶ କରେ । ଅନ୍ୟ ଭାଷାରେ ଏହିପରି ଅର୍ଥ ପ୍ରକାଶ କରେ ନାହିଁ ।

ଏହି ଅଶ୍ଳୀଳ ଅର୍ଥଟି ପଦ୍ୟଟିରେ କ୍ରମେ କ୍ରମେ ପୂର୍ଣ୍ଣାଙ୍ଗ ହୋଇ-ଅଛି । ଏହି ଚର୍ଯାଟିରେ "ଚାପି, ଦେ, ଘାଣ୍ଟ କରହୁ; ତିଇ ବିନୁ, ଖଣହିଁ

1. Cordier—B, Stan hgyr P. 231

ତୋ ମୁହ ତୁ ମି, ଖେପହୁଁ, ଲେପ, ସଂଗାଅ, ସାସୁଘରେ, ଘାଲି, ବେନି ଫାଡ଼ୁ, ଭଣଇ, ଅମ୍ହେ, ମାହେଁ ଓ ଉଭଲ ପ୍ରଭୃତି ଖାଣ୍ଟି ଓଡ଼ିଆ ଶବ୍ଦ ରହିଅଛି । ଏହା ବ୍ୟତୀତ ଓଡ଼ିଆ ଭାଷାରେ । ଅନ୍ୟାନ୍ୟ ବୈଶିଷ୍ଟ୍ୟ ଯାହା ସବୁ ତାହାଙ୍କର କବିତାଟିରେ ଅଛି ତାହା ତଳେ ବର୍ଣ୍ଣିତ ହେଲା ।

୧ । ଓଡ଼ିଆ ଭାଷାରେ କେବଳ ସଂଗାଅ ପଦ ସ୍ତ୍ରୀ ପୁରୁଷ ସ ୀଗ ରୂପକ ଅଶ୍ଳୀଳ ଅର୍ଥ ପ୍ରକାଶ କରେ । ଗୁଣ୍ଡରୀ ପାଦଙ୍କ କବିତାଟିରେ ସଂଗାଅ ପଦର ଠିକ୍ ସେହି ଅର୍ଥ ଲୌକିକ ଅର୍ଥରେ ରହିଅଛି ।

୨ । ପ୍ରାଚୀନ ଓଡ଼ିଆରେ ୫ମୀ ବିଭକ୍ତିରେ "ହୁଁ" ପ୍ରତ୍ୟୟର ବ୍ୟବହାର ହୋଇଅଛି । ତେଣୁ ଖେପହୁଁ ପଦଟିର ଅର୍ଥ ହେଉଛି—ଖପାରୁ-ଭିଗରୁ ।

୩ । ଅସମାପିକା କ୍ରିୟାରେ 'ଇ' ପ୍ରତ୍ୟୟ ବ୍ୟବହାର ହୋଇଅଛି । ଯଥା—ଗୃପୀ, ଚୂମ୍ବୀ, ଘାଲି ପ୍ରଭୃତି ।

୪ । ସର୍ବନାମରେ 'ତୋ, ଅମ୍ହେ'ର ବ୍ୟବହାର ହୋଇଅଛି ।

୫ । (Imperative) ଅନୁଜ୍ଞାରେ ୩ୟ ପୁରୁଷ ଏକବଚନରେ ଉଃ ବା ହୁଃ ପ୍ରତ୍ୟୟର ବ୍ୟବହାର ଓଡ଼ିଆ ଭାଷାର ପ୍ରଧାନ ବୈଶିଷ୍ଟ୍ୟ ଯଥା—ଖାଉ, ଯାଉ ପ୍ରଭୃତି ଗୁଣ୍ଡରୀ ପାଦଙ୍କର କବିତାଟିରେ ଘାଣ୍ଟ କରହୁ ଅର୍ଥାତ୍ ଘାଣ୍ଟ କରୁ ପଦରେ ଏହି 'ଉ' ପ୍ରତ୍ୟୟର ବ୍ୟବହାର ହୋଇଅଛି ।

୬ । 'ଡ଼' ର 'ଳ' ଉଚ୍ଚାରଣ ଭାଷାର ପ୍ରଧାନ ବୈଶିଷ୍ଟ୍ୟ ବୋଲି ପୂର୍ବରେ ପ୍ରଦର୍ଶିତ ହୋଇଅଛି । ଗୁଣ୍ଡରୀ ପାଦଙ୍କର 'ଫାଡ଼' ପରିବର୍ତ୍ତରେ 'ଫାଳ'ର ଅର୍ଥାତ୍ 'ଡ଼' ପରିବର୍ତ୍ତରେ 'ଳ'ର ବ୍ୟବହାର ହୋଇଅଛି ।

୭ । ଏହି କବିତାରେ କୁନ୍ଦୁରେ ପଦଟିଏ ବ୍ୟବହୃତ ହୋଇଅଛି । ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ ମହାଶୟ ଏହା କୁନ୍ଦୁରେ

---

୧ । ଜ୍ଞାନସିଦ୍ଧି—୨ୟ ପରିଚ୍ଛେଦ—୧୧ ଶ୍ଳୋ

ପଦକୁ ବୌଦ୍ଧ ଶବ୍ଦ ବୋଲି ଗ୍ରହଣ କରି ଅଛନ୍ତି । ପ୍ରକୃତରେ ଏହି ପଦଟି ଖାଣ୍ଟି ଓଡ଼ିଆ । ଓଡ଼ିଆରେ ଗୁନ୍ଦୁରି, କୁନ୍ଦୁରି ଓ ଲୁନ୍ଦୁରି ଶବ୍ଦ ଗୋଟିଏ ମୌଳିକ ଶବ୍ଦର ରୂପାନ୍ତର ଧାରଣ କରି ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ରୂପରେ ବ୍ୟବହୃତ ହୁଏ । ତହିଁର ଅର୍ଥ ହେଉଛି—ଚରିତ୍ରହୀନ ବା ଗୋଲିଆ । ଗୁଣ୍ଡରୀପାଦ ସେହି ଅର୍ଥରେ କୁନ୍ଦୁରେ ପଦର ବ୍ୟବହାର କରିଅଛନ୍ତି ।

ଏହିସବୁ କାରଣରୁ କବି ଗୁଣ୍ଡରୀପାଦ ଓଡ଼ିଆ ଥିଲେ ।[୧] ତାଙ୍କର କବିତା ଓଡ଼ିଆ ଭାଷାରେ ରଚିତ ବୋଲି ଅନୁମିତ ହୁଏ । ଏହି କବି ଅଶ୍ଳୀଳ ଅର୍ଥରେ କବିତା ଲେଖି ଥିବାରୁ ତାହାଙ୍କର ଓଡ଼ିଆ ନାମ ଥିଲି ଗୁନ୍ଦୁରୀପାଦ । ତିବ୍ବତ ଭାଷାରେ ସେହି ଗୁନ୍ଦୁରୀ ନାମ ଗୁଣ୍ଡରୀପାଦ ରୂପରେ ପରିବର୍ତ୍ତିତ ହୋଇଅଛି ବୋଲି ବିଶେଷ ଭାବରେ ସମ୍ଭାବନା ହୁଏ ।

୧ । ବୌ:, ଗା:, ଦୋ:, ମୁଖବନ୍ଧ ପୃ ୨୫

# କମ୍ବଳ ପାଦ

ଏହି ସିଦ୍ଧାଚାର୍ଯ୍ୟଙ୍କ ବିଷୟରେ ତାରନାଥ କହିଛନ୍ତି—"କମ୍ବଳପାଦ ଜଣେ ରାଜାଙ୍କର ପୁତ୍ରଥିଲେ । ଉଡ୍ଡିୟାନ ତାହାଙ୍କର ଜନ୍ମଭୂମି ଥିଲା । କାହାରି କାହାରି ମତରେ ସେ ଓଡ଼ିଶା (Odivisa) ଦେଶରେ ଜନ୍ମ ହୋଇଥିଲେ । ତାହାଙ୍କର ବୟସ ବୃଦ୍ଧି ହୁଅନ୍ତେ ସେ ପ୍ରବ୍ରଜ୍ୟା ଗ୍ରହଣ କରି ତ୍ରିପିଟକରେ ବିଶେଷ ଜ୍ଞାନ ଅର୍ଜନ କରିଥିଲେ । ସେ ଆଚାର୍ଯ୍ୟ ବଜ୍ର-ଘଣ୍ଟଙ୍କଠାରୁ ଦୀକ୍ଷା ଓ ଅଭିଷେକ ଗ୍ରହଣକରି ପ୍ରଜ୍ଞାପାରମିତା ଲାଭକରିଥିଲେ ସେ ଉଡ୍ଡିୟାନର ଶ୍ମଶାନରେ ରହି ମୃତଦେହ ଉପରେ ବସି ସାଧନା କରି-ଥିଲେ । ସେ ଦେଶରେ ମନ୍ତ୍ରାବତୀ ନାମରେ ଜଣେ ଯୋଗିନୀ ଥିଲେ । ସେ ସହଜ ସିଦ୍ଧି ମନ୍ତ୍ରରେ ସିଦ୍ଧି ଲାଭ କରିଥିଲେ । ସେହି ମନ୍ତ୍ରାବତୀ ଏହି ଆଚାର୍ଯ୍ୟଙ୍କୁ ଧ୍ୱଂସ କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ସେ ଆଚାର୍ଯ୍ୟଙ୍କ ତପସ୍ୟା ସ୍ଥାନରେ କିଛି ଦେଖିବାକୁ ପାଇଲେ ନାହିଁ । କେବଳ ଖଣ୍ଡିଏ କମ୍ବଳ ସେଠାରେ ପଡ଼ିଥିବାର ଦେଖିଥିଲେ । ଏହି ଆଚାର୍ଯ୍ୟ ମନ୍ତ୍ରବଳରେ ନିଜକୁ କମ୍ବଳରେ ପରିଣତ କରିଅଛି ବୋଲି ଭାବି ସେ ସେହି କମ୍ବଳ ଟିକି ଟିକି କରି ଖାଇବାକୁ ଲାଗିଲେ । ତହୁଁ ଆଚାର୍ଯ୍ୟ ତାହାଙ୍କ ସମ୍ମୁଖରେ ଆବିର୍ଭୂତ ହୋଇ ତାହାଙ୍କୁ ଅଭିଶାପ ଦେଇଥିଲେ । ସେହିଦିନୁ ଏହି ଆଚାର୍ଯ୍ୟ କମ୍ବଳ ନାମରେ ପରିଚିତ ହୋଇଥିଲେ । ଏହି କମ୍ବଳପାଦ ରାଜା ଇନ୍ଦ୍ରଭୂତିଙ୍କୁ ଅଭିଷେକ ପ୍ରଦାନ କରିଥିଲେ ।"

ଏଥିରୁ ସ୍ପଷ୍ଟଭାବରେ ଜଣାଯାଏ ଯେ—ସିଦ୍ଧାଚାର୍ଯ୍ୟ କମ୍ବଳପାଦ ଓଡ଼ିଶାରେ ଜନ୍ମ ହୋଇ ସେଠାରେ ସିଦ୍ଧି ଲାଭ କରିଥିଲେ । ଏହି ସିଦ୍ଧାଚାର୍ଯ୍ୟ କମ୍ବଳପାଦ ହେରୁକସାଧନା ବିଷୟରେ ଛଅଖଣ୍ଡ ଗ୍ରନ୍ଥ ରଚନା କରିଥିବାର ତେଙ୍ଗୁରରେ ନିର୍ଦ୍ଦିଷ୍ଟ ହୋଇଅଛି । ଏହି ସିଦ୍ଧାଚାର୍ଯ୍ୟ ଅନେକ ଗୁଡ଼ିଏ ଦୋହା ଲେଖିଥିଲେ । ତାହା କମ୍ବଳଗୀତିକା ଗ୍ରନ୍ଥରେ ସଂଗୃହୀତ ହୋଇଅଛି । ଏହି ଗୀତିକାରେ ଓଡ଼ିଆ ଭାଷାର ପ୍ରଭାବ ସୁସ୍ପଷ୍ଟଭାବରେ

---

Mystic Tales of Lama Taranath P. P. 21—23.

ପ୍ରତିଫଳିତ ହୋଇଥିବ ବୋଲି ଅନୁମିତ ହୁଏ । ଆଶ୍ଚର୍ଯଚର୍ଯାଚୟରେ ୮ମ ସଂଖ୍ୟକ ଚର୍ଯାଟି କମ୍ବଳପାଦଙ୍କର ରଚିତ । ଏହି ଚର୍ଯାରେ ଓଡ଼ିଆ ଭାଷାର ଏହିସବୁ ବିଶେଷତ୍ୱ ଦେଖିବାକୁ ମିଳେ । ଯଥା—

୧ । ଅସମାପିକା କ୍ରିୟାରେ 'ଇ' ପ୍ରତ୍ୟୟର ବ୍ୟବହାର ହୋଇଅଛି । ଯଥା—

ଥୋଇ, ଉପାଡ଼ି, ପୁଛି, ବୁଝି ପ୍ରଭୃତି ।

୨ । ସର୍ବନାମ ରୂପରେ 'ତୁ'ର ବ୍ୟବହାର ହୋଇଛି । ଯଥା—ବାହ ତୁ କାମଲି !

୩ । ଅତୀତ କାଳର ଉତ୍ତମ ପୁରୁଷରେ 'ଲ' ପ୍ରତ୍ୟୟର ପ୍ରୟୋଗ ରହିଅଛି । ଯଥା—ମେଲିଲି କାଛି । ଅତୀତକାଳର ଅନ୍ୟ ପୁରୁଷରେ 'ଲା' ପ୍ରତ୍ୟୟର ବ୍ୟବହାର ଯଥା—ମିଲିଲା ।

୪ । 'କ୍ତ' ପ୍ରତ୍ୟୟ ଜାତ 'ଲ' 'ଇଲ'ପ୍ରତ୍ୟୟରେ ଭାବେ ୭ମୀର ପ୍ରୟୋଗ ହୋଇଅଛି । ଯଥା—ମାଙ୍ଗତ ଚଢ଼ିଲେ ।

୫ । ତୁମ୍ ଅର୍ଥରେ ଇବ ବା ବ ପ୍ରତ୍ୟୟର ୨ୟା ବିଭକ୍ତିରେ ବ୍ୟବହାର ଯଥା—ବାହବ କେ ପାରଅ = ବାହିବାକୁ ପାରଇ ।

ଏହି ଚର୍ଯ୍ୟାରେ ନାଆର ମଙ୍ଗ ଅର୍ଥରେ "ମାଙ୍ଗ" ଶବ୍ଦର ବ୍ୟବହାର ହୋଇଅଛି । ମଙ୍ଗ ଶବ୍ଦର ଓଡ଼ିଆ ଅର୍ଥ ଜାଣି ନଥିବାରୁ ମଣୀନ୍ଦ୍ର ମୋହନ ବସୁ ମହାଶୟ ମାଙ୍ଗର ଅର୍ଥ ଲେଖିଛନ୍ତି—ମାର୍ଗ । ପ୍ରକୃତରେ ମାର୍ଗ ଅର୍ଥଟି ଏଠାରେ ଆଦୌ ସଙ୍ଗତ ହେଉ ନାହିଁ । ଓଡ଼ିଆ ଭାଷାର ମଙ୍ଗ ଅର୍ଥ ମାଙ୍ଗର ଯଥାର୍ଥ ଅର୍ଥ ବୋଲି ପଦ୍ୟଟି ପଢ଼ିଲେ ଜଣାପଡ଼େ । ସଂସ୍କୃତରେ ମଧ୍ୟ ମଙ୍ଗ ଶବ୍ଦ ଜାହାଜ ବା ନାଆର ଅଗ୍ରଭାଗ ଅର୍ଥରେ ବ୍ୟବହୃତ ହୋଇଅଛି ।

ଏସବୁ ଭାଷାର ବୈଶିଷ୍ଟ୍ୟ ରହି ଥିବା ରୁ କମ୍ବଳ ବା କମ୍ବଳାମ୍ବର ପାଦଙ୍କ ରଚିତ ଦୋହାଟି ଓଡ଼ିଆ ଭାଷାରେ ଲିଖିତ ବୋଲି ଏବଂ କବି ମଧ୍ୟ ଓଡ଼ିଆ ଥିଲେ ବୋଲି ଅନୁମିତ ହୁଏ ।

---

୧ । ଚର୍ଯାପଦ ପୃ ୪୧

# କଙ୍କଣ ପାଦ

କଙ୍କଣପାଦ କମ୍ବଳ ପାଦଙ୍କର ଶିଷ୍ୟଥିଲେ । ତାହାଙ୍କ ସମ୍ବନ୍ଧରେ କିଛି ଜଣାପଡ଼େ ନାହିଁ । ଆଶ୍ଚର୍ଯ୍ୟଚର୍ଯ୍ୟାଚୟରେ କଙ୍କଣ ପାଦଙ୍କର ଗୋଟିଏ ମାତ୍ର ୪୪ ସଂଖ୍ୟକ ଚର୍ଯ୍ୟା ରହିଅଛି । ସେହି ଚର୍ଯ୍ୟାର ଭାଷାରୁ କବିଙ୍କର ସ୍ଥାନ ଓ ଭାଷାର ନିର୍ଣ୍ଣୟ କରିବାକୁ ହେବ । କଙ୍କଣ ପାଦଙ୍କ କବିତାଟିରେ ଓଡ଼ିଆ ଭାଷାର ଯେଉଁସବୁ ବୈଶିଷ୍ଟ୍ୟ ରହିଅଛି, ତାହା ତଳେ ପ୍ରଦତ୍ତ ହେଲା ।

ଶତୃ ବା ଅନ୍ତ ପ୍ରତ୍ୟୟ ପରେ ଭାବେ ୭ମୀର ପ୍ରୟୋଗ ଓଡ଼ିଆ ଭାଷାର ପ୍ରଧାନ ବୈଶିଷ୍ଟ୍ୟ । କଙ୍କଣ ପାଦଙ୍କର କବିତାଟିରେ ସେହି ଭାବେ ୭ମୀ ଦେଖିବାକୁ ମିଳେ । ଯଥା—ଆଣ ଗୃହନ୍ତେ (୪୪)

—'କ୍ତ' ବା 'ଲ' ପ୍ରତ୍ୟୟ ପରେ ମଧ୍ୟ ଓଡ଼ିଆରେ ଭାବେ ୭ମୀର ପ୍ରୟୋଗ ହୁଏ । କଙ୍କଣ ପାଦଙ୍କର କବିତାଟିରେ ତହିଁର ପ୍ରୟୋଗ ରହି-ଅଛି । ଯଥା—ଆଇଲେସି ।

ବର୍ତ୍ତମାନ କାଳରେ ଉତ୍ତମ ପୁରୁଷ ବହୁବଚନରେ କ୍ରିୟାପରେ 'ଉଁ' ପ୍ରତ୍ୟୟର ବ୍ୟବହାର ଓଡ଼ିଆ ଭାଷାର ପ୍ରଧାନ ବିଶେଷତ୍ୱ । ଏହି 'ଉଁ' ପ୍ରତ୍ୟୟକୁ ସ୍ଥାନେ ସ୍ଥାନେ ପ୍ରାଚୀନ ଓଡ଼ିଆ ସାହିତ୍ୟରେ 'ହୁଁ', ପ୍ରତ୍ୟୟ ରୂପରେ ମଧ୍ୟ ଦେଖିବାକୁ ମିଳେ ।

ଏ ବିଷୟଟି ଭାଷାତତ୍ତ୍ୱ ପ୍ରକରଣରେ ବିଶେଷ ଭାବରେ ଆଲୋଚିତ ହୋଇଅଛି । ଏହି 'ହୁଁ' ପ୍ରତ୍ୟୟର ବ୍ୟବହାର କଙ୍କଣ ପାଦଙ୍କର କବିତାରେ ରହିଅଛି । ଯଥା—ଆଚ୍ଛହୁଁ

୪ । ସୁନ, ଜବେଁ, ତେବେଁ, ଚଉକୋଣ, ମାଝେଁ, ପଇଠ, ଆଣ, ଗୃହନ୍ତେ, ଅଇଲେ, ଭଣଇ, ବିଚ୍ଛିନ୍ନ ପ୍ରଭୃତି ଖାଣ୍ଟି ଓଡ଼ିଆ ଶବ୍ଦ ଗୁଡ଼ିକର ପ୍ରୟୋଗ ରହିଅଛି । ଏହିସବୁ କାରଣରୁ ଅନୁମିତ ହୁଏ ଯେ— କଙ୍କଣ ପାଦ ନିଜ ଗୁରୁଙ୍କ ପରି ଓଡ଼ିଆ ଥିଲେ । ଏବଂ ଓଡ଼ିଆ ଭାଷାରେ ଗୀତଟି ରଚନା କରିଥିଲେ ।

# ଚାଟ୍‌ଟିଲ ପାଦ

ଆଶ୍ଚର୍ଯ୍ୟଚର୍ଯ୍ୟାଚୟରେ ଚାଟ୍‌ଟିଲ ପାଦଙ୍କର ୫ମ ସଂଖ୍ୟକ ଗୋଟିଏ ମାତ୍ର ଚର୍ଯ୍ୟା ରହିଅଛି । ଏହି ସିଦ୍ଧାଚାର୍ଯ୍ୟ କବିଙ୍କ ବିଷୟରେ ବିଶେଷ କିଛି ଜଣାପଡ଼ି ନାହିଁ । ତେଣୁ କବିଙ୍କର ଭାଷା ଆଲୋଚନା କରି ତାହାଙ୍କ ଜନ୍ମସ୍ଥାନ ନିର୍ଣ୍ଣୟ ହେବାର କଥା । ଏହି କବିଙ୍କର କବିତାଟିରେ ଓଡ଼ିଆ ଭାଷାର ଏହିସବୁ ବିଶେଷତ୍ୱ ଦେଖିବାକୁ ମିଳେ । ଯଥା—

୧ । ତୁମ୍ହେ ଓ ତୁ ଶବ୍ଦ ସର୍ବନାମ ରୂପରେ ମଧ୍ୟମ ପୁରୁଷରେ ବ୍ୟବହୃତ ହୋଇଅଛି । ଯଥା—ଜଇ ତୁମ୍ହେ ଲୋଅ

ପୁଚ୍ଛ ତୁ ଚାଟିଲ

୨ । 'କ୍ତ' ପ୍ରତ୍ୟୟ ଜାତ 'ଲ' ବା 'ଇଲ' ପ୍ରତ୍ୟୟ ପରେ ଭାବେ ୭ମୀର ପ୍ରୟୋଗ ମଧ୍ୟ ରହିଅଛି । ଯଥା—ସାଙ୍କ ମତ ଚଢ଼ିଲେ ।

୩ । ଏହି ଚର୍ଯ୍ୟାଟିରେ "ଅଦଅ ବଢ଼ ଟାଙ୍ଗୀ ନିବାଣେ କୋରଅ ।" ପଦ୍ୟରେ 'କୋରଅ' ମଧ୍ୟ ରହିଅଛି । ଓଡ଼ିଆ ଭାଷାର ପିଟିବା ଓ ବାଡ଼େଇବା ଅର୍ଥରେ କୋଡ଼ିବା ଶବ୍ଦ ବ୍ୟବହୃତ ହୁଏ ଏବଂ 'ଡ଼'ର ଉଚ୍ଚାରଣ ଯୋଗୁଁ କୋରିବା ମଧ୍ୟ କହନ୍ତି ।

ଯଥା—ରଥେ ରଖି ବେନି ଗୋଡ଼କୁ ଏକାଠାରେ ।
ବାନ୍ଧି ହରି ସେ ବିଧା କୋଡିଲେ ପିଠିରେ ॥

(କୃଷ୍ଣସିଂହ ମହାଭାରତ—ବିରାଟ)

"ହସ୍ତରୁ ଚୂଡ଼ିମାନଙ୍କୁ ପାଷାଣରେ କୋଡ଼ି"—(ସାରଳା-ମହାଭାରତ ଭୀଷ୍ମ) କୋରଅ ପଦଟି ଠିକ୍ ଏହି ପିଟିବା ଅର୍ଥରେ ଚାଟ୍‌ଟିଲ ପାଦଙ୍କର କବିତାରେ ବ୍ୟବହୃତ ହୋଇଅଛି । କିନ୍ତୁ ବଙ୍ଗଳା ପ୍ରଭୃତି ଭାଷାରେ କୋରିବା ବା କୋଡ଼ିବା ଶବ୍ଦ ଏହି ଅର୍ଥରେ ବ୍ୟବହୃତ ହୁଏ ନାହିଁ । ତେଣୁ ମଣୀନ୍ଦ୍ରମୋହନ ବସୁ ମହାଶୟ କୋରିଅ—କରିଥିଅ—କରିହ—

# କଙ୍କଣ ପାଦ

କଙ୍କଣପାଦ କମ୍ବଳ ପାଦଙ୍କର ଶିଷ୍ୟଥିଲେ । ତାହାଙ୍କ ସମ୍ବନ୍ଧରେ କିଛି ଜଣାପଡ଼ ନାହିଁ । ଆଶ୍ଚର୍ଯ୍ୟଚର୍ଯ୍ୟାଚୟରେ କଙ୍କଣ ପାଦଙ୍କର ଗୋଟିଏ ମାତ୍ର ୪୪ ସଂଖ୍ୟକ ଚର୍ଯ୍ୟା ରହିଅଛି । ସେହି ଚର୍ଯ୍ୟାର ଭାଷାରୁ କବିଙ୍କର ସ୍ଥାନ ଓ ଭାଷାର ନିର୍ଣ୍ଣୟ କରିବାକୁ ହେବ । କଙ୍କଣ ପାଦଙ୍କ କବିତାଟିରେ ଓଡ଼ିଆ ଭାଷାର ଯେଉଁସବୁ ବୈଶିଷ୍ଟ୍ୟ ରହିଅଛି, ତାହା ତଳେ ପ୍ରଦତ୍ତ ହେଲା ।

ଶତୃ ବା ଅନ୍ତ ପ୍ରତ୍ୟୟ ପରେ ଭାବେ ୭ମୀର ପ୍ରୟୋଗ ଓଡ଼ିଆ ଭାଷାର ପ୍ରଧାନ ବୈଶିଷ୍ଟ୍ୟ । କଙ୍କଣ ପାଦଙ୍କର କବିତାଟିରେ ସେହି ଭାବେ ୭ମୀ ଦେଖିବାକୁ ମିଳେ । ଯଥା—ଆଣ ଗୃହନ୍ତେ (୪୪)

—'କ୍ତ' ବା 'ଲ' ପ୍ରତ୍ୟୟ ପରେ ମଧ୍ୟ ଓଡ଼ିଆରେ ଭାବେ ୭ମୀର ପ୍ରୟୋଗ ହୁଏ । କଙ୍କଣ ପାଦଙ୍କର କବିତାଟିରେ ତହିଁର ପ୍ରୟୋଗ ରହି-ଅଛି । ଯଥା—ଆଇଲେସି ।

ବର୍ତ୍ତମାନ କାଳରେ ଉତ୍ତମ ପୁରୁଷ ବହୁବଚନରେ କ୍ରିୟାପରେ 'ଉଁ' ପ୍ରତ୍ୟୟର ବ୍ୟବହାର ଓଡ଼ିଆ ଭାଷାର ପ୍ରଧାନ ବିଶେଷତ୍ୱ । ଏହି 'ଉଁ' ପ୍ରତ୍ୟୟକୁ ସ୍ଥାନେ ସ୍ଥାନେ ପ୍ରାଚୀନ ଓଡ଼ିଆ ସାହିତ୍ୟରେ 'ହୁଁ', ପ୍ରତ୍ୟୟ ରୂପରେ ମଧ୍ୟ ଦେଖିବାକୁ ମିଳେ ।

ଏ ବିଷୟଟି ଭାଷାତତ୍ତ୍ୱ ପ୍ରକରଣରେ ବିଶେଷ ଭାବରେ ଆଲୋଚିତ ହୋଇଅଛି । ଏହି 'ହୁଁ' ପ୍ରତ୍ୟୟର ବ୍ୟବହାର କଙ୍କଣ ପାଦଙ୍କର କବିତାରେ ରହିଅଛି । ଯଥା—ଆଛହୁଁ

୪ । ସୁନ, ଜବେଁ, ଛେବେଁ, ଚଉଟଣ, ମାଝଁ, ପଇଠ, ଆଣ, ଗୃହନ୍ତେ, ଅଇଲେ, ଭଣଇ, ବିଚ୍ଛଲ୍ଲ ପ୍ରଭୃତି ଖାଣ୍ଟି ଓଡ଼ିଆ ଶବ୍ଦ ଗୁଡ଼ିକର ପ୍ରୟୋଗ ରହିଅଛି । ଏହିସବୁ କାରଣରୁ ଅନୁମିତ ହୁଏ ଯେ—କଙ୍କଣ ପାଦ ନିଜ ଗୁରୁଙ୍କ ପରି ଓଡ଼ିଆ ଥିଲେ । ଏବଂ ଓଡ଼ିଆ ଭାଷାରେ ଗୀତଟି ରଚନା କରିଥିଲେ ।

## ଚାଟେ ଟିଲ ପାଦ

ଆଶ୍ଚର୍ଯ୍ୟଚର୍ଯ୍ୟାଚୟରେ ଟେ ଟିଲ ପାଦଙ୍କର ୨୨ ସଂଖ୍ୟକ ଗୋଟିଏ ମାତ୍ର ଚର୍ଯ୍ୟା ରହିଅଛି । ଏହି ସିଦ୍ଧାଚାର୍ଯ୍ୟ କବିଙ୍କ ବିଷୟରେ ବିଶେଷ କିଛି ଜଣାପଡ଼ି ନାହିଁ । ତେଣୁ କବିଙ୍କର ଭାଷା ଆଲୋଚନା କରି ତାହାଙ୍କ ଜନ୍ମସ୍ଥାନ ନିର୍ଣ୍ଣୟ ହେବାର କଥା । ଏହି କବିଙ୍କର କବିତାଟିରେ ଓଡ଼ିଆ ଭାଷାର ଏହିସବୁ ବିଶେଷତ୍ୱ ଦେଖିବାକୁ ମିଳେ । ଯଥା—

୧ । ତୁମ୍ହେ ଓ ତୁ ଶବ୍ଦ ସର୍ବନାମ ରୂପରେ ମଧ୍ୟମ ପୁରୁଷରେ ବ୍ୟବହୃତ ହୋଇଅଛି । ଯଥା—ଜଇ ତୁମ୍ହେ ଲୋଅ

ପୁଚ୍ଛ ତୁ ଟେଟିଲ

୨ । 'କ୍ତ' ପ୍ରତ୍ୟୟ ଜାତ 'ଲ୍' ବା 'ଇଲ୍' ପ୍ରତ୍ୟୟ ପରେ ଭବେ ୭ମୀର ପ୍ରୟୋଗ ମଧ୍ୟ ରହିଅଛି । ଯଥା—ସାଙ୍କ ମତ ଚଢ଼ିଲେ ।

୩ । ଏହି ଚର୍ଯ୍ୟାଟିରେ "ଅଦଅ ବଢ଼ ଟାଙ୍ଗୀ ନିବାଣେ କୋରଅ ।" ପଦ୍ୟରେ 'କୋରଅ' ମଧ୍ୟ ରହିଅଛି । ଓଡ଼ିଆ ଭାଷାର ପିଟିବା ଓ ବାଡେଇବା ଅର୍ଥରେ କୋଡ଼ିବା ଶବ୍ଦ ବ୍ୟବହୃତ ହୁଏ ଏବଂ 'ଡ଼'ର ଉଚ୍ଚାରଣ ଯୋଗୁଁ କୋରିବା ମଧ୍ୟ କହନ୍ତି ।

ଯଥା—ରଥେ ରଖି ବେନି ଗୋଡ଼କୁ ଏକାଠାରେ ।

ବାନ୍ଧି ହରି ସେ ବିଧା କୋଡ଼ିଲେ ପିଠିରେ ॥

( କୃଷ୍ଣସିଂହ ମହାଭାରତ—ବିରାଟ )

"ହସ୍ତରୁ ଚୁଡ଼ିମାନଙ୍କୁ ପାଷାଣରେ କୋଡ଼ି"—(ସାରଳା-ମହାଭାରତ ଭୀଷ୍ମ ) କୋରଅ ପଦଟି ଠିକ୍ ଏହି ପିଟିବା ଅର୍ଥରେ ଟେଣ୍ଟିଲ ପାଦଙ୍କର କବିତାରେ ବ୍ୟବହୃତ ହୋଇଅଛି । କିନ୍ତୁ ବଙ୍ଗଳା ପ୍ରଭୃତି ଭାଷାରେ କୋରିବା ବା କୋଡ଼ିବା ଶବ୍ଦ ଏହି ଅର୍ଥରେ ବ୍ୟବହୃତ ହୁଏ ନାହିଁ । ତେଣୁ ମଣିନ୍ଦ୍ର ମୋହନ ବସୁ ମହାଶୟ କୋରିଅ—କରଷ୍ୟଥ—କରିହ—

ନେଇଅ—କୋଶଅ ଉଦ୍ଦିଷ୍ଟ ଜ୍ଞାନବାଚକ ଅନୁଜ୍ଞା", ବୋଲି ନିର୍ଦ୍ଦେଶ କରିଛନ୍ତି । କିନ୍ତୁ ପ୍ରକୃତରେ କୋରିଅ ହେଉଛି ଅସମାପିକା କ୍ରିୟା । ସେହିପରି "ନିବାଣେ" ଶବ୍ଦଟି ମଧ୍ୟ ଓଡ଼ିଆରେ ନିବାଡ଼ ଅର୍ଥାତ୍ ନିକଟ ଅର୍ଥରେ ପ୍ରଯୁକ୍ତ ହୁଏ । ତେଣୁ ନିବାଣେ ଶବ୍ଦ ଶ୍ଳେଷରେ ନିବାଡ଼ ଭାବରେ ଓ ନିର୍ବାଣରେ ବୋଲି ୨ଟି ଅର୍ଥ ପ୍ରକାଶ କରେ ।

ନଈ, ବେଙ୍ଗେଁ, ମାଝେଁ, ଗାହ୍ମୀ, ଗଡ଼ିଲ, ନିର୍ଭର, ପାଟୀ, ଟାଙ୍ଗୀ, ହୋଇବ, ପୁଛ ପ୍ରଭୃତି ବିଶୁଦ୍ଧ ଓଡ଼ିଆ ଶବ୍ଦ ସବୁ ପ୍ରଯୁକ୍ତ ହୋଇଅଛି ।

ଭବିଷ୍ୟତ କାଳ ମଧ୍ୟମ ପୁରୁଷ ଏକବଚନରେ କ୍ରିୟାରେ 'ଇବ' ପ୍ରତ୍ୟୟର ବ୍ୟବହାର ହୋଇଅଛି—ଯଥା—ହୋଇବ, ଖାଇବ, ପିଇବ, ପରି ।

ଅନୁଜ୍ଞା ମଧ୍ୟମ ପୁରୁଷ ଏକବଚନାନ୍ତ କ୍ରିୟାରେ 'ଅ' ପ୍ରତ୍ୟୟର ବ୍ୟବହାର ମଧ୍ୟ ଦେଖାଯାଏ – ଯଥା—ପୁଛ, ଖାଅ, ଯାଅ ପରି ।

ପ୍ରାଚୀନ ଓଡ଼ିଆ ସାହିତ୍ୟରେ 'ନ୍ତି' ପ୍ରତ୍ୟୟ ୨ୟା ବିଭକ୍ତି ବହୁ-ବଚନରେ ବ୍ୟବହୃତ ହୋଇଥାଏ । "ସାଙ୍କମ-ତ ଚଢିଲେ' ପଦ୍ୟର 'ତ' ପ୍ରତ୍ୟୟଟି ସେହି 'ନ୍ତି' ପ୍ରତ୍ୟୟର ରୂପାନ୍ତର ହୋଇ ୨ୟା ରେ ପ୍ରଯୁକ୍ତ ହୋଇଅଛି ଅର୍ଥାତ୍—ଶଙ୍ଖକୁ ଚଢିଲେ ।

ଏହିସବୁ କାରଣରୁ ଅନୁମିତ ହୁଏ ଯେ—କବି ଗୁଣ୍ଡିଲପାଦ ଓଡ଼ିଆ ଥିଲେ ଏବଂ ତାଙ୍କର କବିତାଟି ଓଡ଼ିଆରେ ଲିଖିତ ହୋଇଅଛି ।

---

୧ । ଚର୍ଯାପଦ—ପୃ ୨୪୫·

# ଜୟନନ୍ଦୀ ପାଦ

ଆଶ୍ଚର୍ଯ୍ୟଚର୍ଯ୍ୟାଚୟରେ ସିଦ୍ଧାଚାର୍ଯ୍ୟ ଜୟନନ୍ଦୀ ପାଦଙ୍କର ଗୋଟିଏ ମାତ୍ର ଚର୍ଯ୍ୟା ରହିଅଛି । ତହିଁର ସଂଖ୍ୟା ହେଉଛି—୪୬ । ଏହି ସିଦ୍ଧାଚାର୍ଯ୍ୟଙ୍କ ବିଷୟରେ ବିଶେଷ କିଛି ବିବରଣୀ ମିଳି ନାହିଁ । ତେଣୁ କବିଙ୍କ କବିତା-ଟିରେ ତାହାଙ୍କର ଭାଷାରୁ ସ୍ଥାନ ନିର୍ଣ୍ଣୀତ ହେବ । ଏହି କବିଙ୍କର କବିତାଟିରେ ଓଡ଼ିଆ ଭାଷାର ଏହିସବୁ ବିଶେଷତ୍ୱ ଦେଖିବାକୁ ମିଳେ । ଯଥା—

୧ । ବର୍ତ୍ତମାନକାଳ ଉତ୍ତମପୁରୁଷ ବହୁବଚନରେ 'ଉ' ପ୍ରତ୍ୟୟର ପ୍ରୟୋଗ ହୋଇଅଛି । ଯଥା—ଦେଖୁ ସୁଅଣେ ।

୨ । ଜଇସା, ତଇସା, ତବେଁ, ଟୁଟଇ ବଲି ୨, ବେଗୀ, ପାଖେ, ଫୁଡ଼ି-ଅଣ (ଫୁଡ଼ଣ) ପ୍ରଭୃତି ଓଡ଼ିଆ ଶବ୍ଦର ପ୍ରୟୋଗ ରହିଅଛି ।

୩ । 'ଇ' ପ୍ରତ୍ୟୟାନ୍ତ ଅସମାପିକା ସମାପିକା ରୂପରେ ବ୍ୟବହୃତ ହୋଇ-ଅଛି । ଯଥା—ହୋଇ ।

ଏହିସବୁ କାରଣରୁ ଜୟନନ୍ଦୀପାଦ ମଧ୍ୟ ଓଡ଼ିଆ ଭାଷାରେ କବିତା ରଚନା କରିଥିଲେ ଏବଂ ସେ ନିଜେ ବି ଓଡ଼ିଆ ଥିଲେ ବୋଲି ଅନୁମିତ ହୁଏ ।

# ଟେଣ୍ଟଣ ପାଦ

ଟେଣ୍ଟଣ ପାଦଙ୍କର ୩୩ ସଂଖ୍ୟକ ଚର୍ଯାଗୀତି ଆଶ୍ଚର୍ଯ୍ୟଚର୍ଯ୍ୟାଚୟରେ ରହିଅଛି । ତାହାଙ୍କର ଏହି କବିତାଟିରେ ଓଡ଼ିଆ ଭାଷାର ଏହିସବୁ ବିଶେଷତ୍ୱ ରହିଅଛି । ଯଥା—

୧ । ସମ୍ବନ୍ଧ ପଦ ରୂପରେ 'ମୋର' ସର୍ବନାମର ପ୍ରୟୋଗ ହୋଇଅଛି । ଯଥା—ଟାଲତ ମୋର ଘର ।

୨ । କ୍ତ ପ୍ରତ୍ୟୟ ଜାତ ଇଲ ପ୍ରତ୍ୟୟାନ୍ତ ପଦ ବିଶେଷଣ ଭାବରେ ବ୍ୟବହୃତ ହୋଇଅଛି । ଯଥା—ଦୁହିଲ ଦୁଧ ( ଅର୍ଥାତ୍ ଦୁହିଁଲା ଦୁଧ )

୩ । ଓଡ଼ିଆ ଭାଷାରେ 'ବେଣ୍ଟ' ଶବ୍ଦ ସ୍ତନର ଅଗ୍ରଭାଗ ବା ଚୂଚୁକ ଅର୍ଥରେ ପ୍ରଚଳିତ । ସେହି ଅର୍ଥରେ 'ବେଣ୍ଟ' ଶବ୍ଦର ବ୍ୟବହାର ଏହି କବିତାରେ ହୋଇଅଛି । ଯଥା—ଦୁହିଲ ଦୁଧ କି ବେଣ୍ଟେ ସମାଅ । ମୌଳିକ ସଂସ୍କୃତ ବୃନ୍ତ ଶବ୍ଦ ପ୍ରାକୃତରେ 'ବଣ୍ଟ' ହୋଇ ଓଡ଼ିଆରେ 'ବେଣ୍ଟ' ହୋଇଅଛି ।

୪ । 'ଟାଲ' ଶବ୍ଦ ଓଡ଼ିଆ ଭାଷାରେ 'ନଈଗଣ୍ଡ' ଅର୍ଥରେ ବ୍ୟବହୃତ ହୁଏ । ସେହି ଅର୍ଥରେ 'ଟାଲ' ଶବ୍ଦ ଟେଣ୍ଟଣ ପାଦଙ୍କର କବିତାରେ ପ୍ରଯୁକ୍ତ ହୋଇଅଛି । ଯଥା—ଟାଲତ ମୋର ଘର ।

ଏସବୁ କାରଣରୁ ଟେଣ୍ଟଣ ପାଦଙ୍କର କବିତା ଓଡ଼ିଆ ଭାଷାରେ ରଚିତ ହୋଇ ଥିବାର ଅନୁମିତ ହୁଏ ।

# ଡୋମ୍ବୀ ପାଦ

ଅଷ୍ଟ୍ରପଁଚର୍ଯାଚଯ୍ୟରେ ଡୋମ୍ବୀ ପାଦଙ୍କର ୧୪ ସଂଖ୍ୟକ ଗୋଟିଏ ମାତ୍ର ଚର୍ଯା ରହିଅଛି । ଏହି କବିଙ୍କ ବିଷୟରେ କୌଣସି ବିବରଣୀ ପ୍ରକାଶିତ ହୋଇ ନାହିଁ । ଡୋମ୍ବୀ ପାଦଙ୍କର କବିତାଟିରେ ଓଡ଼ିଆ ଭାଷାର ଯେଉଁ ସବୁ ବିଶେଷତ୍ୱ ଦେଖିବାକୁ ମିଳେ ତାହା ତଳେ ବର୍ଣ୍ଣିତ ହେଲା ।

୧ । 'ତଦ୍' ଶବ୍ଦର ୭ମୀ ବିଭକ୍ତିରେ "ତହିଁ"ର ପ୍ରୟୋଗ ହୋଇଅଛି । ଯଥା—ତହିଁ ବୁଡ଼ିଲୀ ।

୨ । 'ଭୁ' ଶବ୍ଦର ମଧ୍ୟ ବ୍ୟବହାର ରହିଅଛି । ଯଥା —ବାହି ଭୁ ।

୩ । ଶତୃ ପ୍ରତ୍ୟୟଜାତ ଅନ୍ତ ପ୍ରତ୍ୟୟରେ ଭାବେ ୭ମୀ ବିଭକ୍ତିର ପ୍ରୟୋଗ ହୋଇଅଛି । ଯଥା—ପାଞ୍ଚ କେଡ଼ୁଆଲ ପଡନ୍ତେ ।

୪ । 'ଇ' ପ୍ରତ୍ୟୟାନ୍ତ ଅସମାପିକା କ୍ରିୟାର ବ୍ୟବହାର ହୋଇଅଛି । ଯଥା —ବାନ୍ଧୀ, ଲେଇ, ଜାଇ, ପ୍ରଭୃତି ।

୫ । ଅତୀତ କାଳ କ୍ରିୟାର ଉତ୍ତମ ପୁରୁଷରେ 'ଲୀ' ପ୍ରତ୍ୟୟର ବ୍ୟବହାର ହୋଇଅଛି । ଯଥା—ବୁଡ଼ିଲୀ ।

୬ । ଅତୀତ କାଳ କ୍ରିୟାର ୧ମ ପୁରୁଷରେ 'ଲ' ପ୍ରତ୍ୟୟର ପ୍ରୟୋଗ ରହିଅଛି । ଯଥା—ଯୋ ରଥେ ଚଢ଼ିଲ ।

୭ । ତୁମ୍ ଅର୍ଥରେ ବା କ୍ରିୟାବାଚକ ବିଶେଷ୍ୟ ଭାବରେ 'ବା' ବା 'ଇବା' ପ୍ରତ୍ୟୟର ପ୍ରୟୋଗ ରହିଅଛି । ଯଥା—ବାହବା ନ ଜାଇ—ଅର୍ଥାତ୍ —ବାହିବା । ଏହି ହେଉଛି ଓଡ଼ିଆ ଭାଷାର ଅନନ୍ୟସାଧାରଣ ବୈଶିଷ୍ଟ୍ୟ ।

୮ । "କୁଳେ କୁଳେ ବୁଲଇ" ର କ ପୋଥିରେ ବୁଡ଼ଇ ପାଠାନ୍ତର ରହି-ଅଛି । ଏଠାରେ 'ଡ' କାରର 'ଳ' କାର ହୋଇଅଛି । ସେହିପରି 'ସ୍ୱଚ୍ଛ ଡେଙ୍କାର କରଇ' ପଦରେ ସୁଚ୍ଛନ୍ଦରେ ସହଜରେ ପାର କରଇ । ଏଠାରେ ମଧ୍ୟ 'ଳ' କାରରେ 'ଡ'କାର ହୋଇଅଛି ।

ଓଡ଼ିଆ ଭାଷାର 'ନ' ଅକ୍ଷରକୁ ଅନ୍ୟଭାଷାଭାଷୀ 'ଣ' ରୂପରେ ଉଚ୍ଚାରଣ କରିଥାନ୍ତି । ଏହି 'ନ' କାରର 'ଣ'କାର ଉଚ୍ଚାରଣ ହେବା ଓଡ଼ିଆ ଭାଷାର ବୈଶିଷ୍ଟ୍ୟ ବୋଲି ମ. ମ. ହରପ୍ରସାଦ ଶାସ୍ତ୍ରୀ ମହାଶୟ ମଧ୍ୟ ସ୍ୱୀକାର କରିଥିବା ବିଷୟ ପୂର୍ବରେ ଉଲ୍ଲିଖିତ ହୋଇଅଛି । 'ସୂଚ୍ଛଣେ' ପଦରେ ଓଡ଼ିଆ ଭାଷାର ସେହି ବୈଶିଷ୍ଟ୍ୟ ରହିଅଛି ।

ଉ ବା ହି ପ୍ରତ୍ୟୟ ଅସମାପିକା କ୍ରିୟା ରୂପରେ ପୂର୍ବ କାଳରେ ଓଡ଼ିଆରେ ପ୍ରଯୁକ୍ତ ହୁଏ । ଡୋମ୍ବୀ ପାଦଙ୍କର ଚର୍ଯାରେ ତହିଁର ପ୍ରୟୋଗ ଦେଖିବାକୁ ମିଳେ । ଯଥା—ସିଞ୍ଚହି ପାଣି ନ ପଇସଇ ସାନ୍ଧି ।

ନୌକାର ମଙ୍ଗ ଅର୍ଥରେ ମାଙ୍ଗ ଶବ୍ଦର ବ୍ୟବହାର ହୋଇଅଛି । ଯଥା—ମାଙ୍ଗେ ପିଠ ତ କାଚ୍ଛି ବାନ୍ଧ ।

ଏହିସବୁ ଓଡ଼ିଆ ଭାଷାର ବୈଶିଷ୍ଟ୍ୟ ରହି ଥିବାରୁ ଡୋମ୍ବୀପାଦ ଓଡ଼ିଆ ଭାଷାରେ କବିତା ରଚନା କରିଥିଲେ ଏବଂ ନିଜେ ମଧ୍ୟ ଓଡ଼ିଆ ଥିଲେ ବୋଲି ଅନୁମିତ ହୁଏ ।

# ଧାମ ପାଦ

ସିଦ୍ଧାଚାର୍ଯ୍ୟ ଧାମପାଦଙ୍କର ୪୭ ସଂଖ୍ୟକ ଗୋଟିଏ ମାତ୍ର ଚର୍ଯ୍ୟା ଏ ଗ୍ରନ୍ଥରେ ରହିଅଛି । ଧାମପାଦଙ୍କର ଏହି କବିତାଟିରେ ଓଡ଼ିଆ ଭାଷାର ଏହିସବୁ ବିଶେଷତ୍ୱ ଦେଖିବାକୁ ମିଳେ । ଯଥା—

୧ । ଇ କାର ପ୍ରତ୍ୟୟ ଅସମାପିକା କ୍ରିୟାରେ ବ୍ୟବହୃତ ହୋଇଅଛି । ଯଥା—ଲଇ, ହଇ ।

୨ । ଲୌକିକ ଅର୍ଥରେ ଶାସନ ଶବ୍ଦଟି ଓଡ଼ିଶାର ଶାସନ ଅର୍ଥରେ ବ୍ୟବହୃତ ହୋଇଅଛି ।

୩ । ଇଁ ପ୍ରତ୍ୟୟ ଜାତ ହୁଁ ପ୍ରତ୍ୟୟ ଅସମାପିକା କ୍ରିୟା ଓ ପୂର୍ବ କାଳିକ ହେତୁ ରୂପରେ ବ୍ୟବହୃତ ହୋଇଅଛି । ଯଥା—ସିଞ୍ଚହୁଁ ପାଣୀ ଅର୍ଥାତ୍ ସିଞ୍ଚନ୍ତେ ।

ଓଡ଼ିଆ ଭାଷାର ଏହିସବୁ ବୈଶିଷ୍ଟ୍ୟ ଥିବାରୁ ଅନୁମିତ ହୁଏ ଯେ—ଧାମପାଦଙ୍କର କବିତା ଓଡ଼ିଆ ଭାଷାରେ ରଚିତ ଓ ସେ ନିଜେ ମଧ୍ୟ ଓଡ଼ିଆ ଥିଲେ ।

# ଭାଦେ ପାଦ

୩୫ ସଂଖ୍ୟକ କବିତାଟି ଆଶ୍ଚର୍ଯ୍ୟଚର୍ଯ୍ୟାଚୟରେ ଭାଦେ ପାଦଙ୍କର ରହିଅଛି । ସେହି କବିତାରେ ଓଡ଼ିଆ ଭାଷାର ଏହିସବୁ ବିଶେଷତ୍ୱ ଦେଖାଯାଏ । ଯଥା—

୧ । ସମ୍ବନ୍ଧ ପଦରେ "ମୋ" ପଦଟି ସର୍ବନାମ ଉତ୍ତମ ପୁରୁଷରେ ବ୍ୟବହୃତ ହୋଇଅଛି । ଯଥା—ମୋ ଲକ୍‌ଖ ଭଣିଆ ।

୨ । କର୍ମ କାରକରେ ମକୁଁ ଖ ପୁସ୍ତକରେ ମୋକୁ ପଦର ବ୍ୟବହାର ରହିଅଛି । ଯଥା—ମକୁଁ ଣଠା ବା ମୋ କୁଣଠା (ଖ) । ପ୍ରାଚୀନ ଓଡ଼ିଆ ସାହିତ୍ୟ 'ତୁକୁ' ଓ 'ମୁକୁ' ପଦର ବ୍ୟବହାର ୨ୟା ବିଭକ୍ତିରେ ଦେଖାଯାଏ ।

୩ । ନ୍ତ ପ୍ରତ୍ୟୟଜାତ ତ ପ୍ରତ୍ୟୟ ୨ୟା ବିଭକ୍ତିରେ ବ୍ୟବହୃତ ହୋଇଛି । ଯଥା—ଗଅଣତ ପସିଆ । ପ୍ରାଚୀନ ଓଡ଼ିଆ ସାହିତ୍ୟରେ ୨ୟା ବିଭକ୍ତିରେ 'ନ୍ତ' ପ୍ରତ୍ୟୟ ବ୍ୟବହାର ହେବାର କଥା ପୂର୍ବରେ କୁହାଯାଇଛି ।

ଓଡ଼ିଆ ଭାଷାର ଏହିସବୁ ବୈଶିଷ୍ଟ୍ୟ ରହିଥିବାରୁ ଭାଦେପାଦ ଓଡ଼ିଆ ଥିଲେ ଏବଂ ତାଙ୍କର କବିତା ଓଡ଼ିଆ ଭାଷାରେ ରଚିତ ବୋଲି ଅନୁମିତ ହୁଏ ।

# ମହୀଧର ପାଦ

ମହୀଧର ପାଦଙ୍କର ୧୬ ସଂଖ୍ୟକ ଚର୍ଯ୍ୟାରେ ଓଡ଼ିଆ ଭାଷାର ଏହି-ସବୁ ବିଶେଷତ୍ୱ ଲକ୍ଷିତ ହୁଏ ।

୧ । ଓଡ଼ିଆରେ ସଂଖ୍ୟାବାଚକ ତିନି ଶବ୍ଦର ବ୍ୟବହାର ହୁଏ । କିନ୍ତୁ ତିନି ଶବ୍ଦରେ ଏ ପ୍ରତ୍ୟୟ ମଧ୍ୟ ଯୋଗ ହୁଏ । ଯଥା—ତିନିଏ । ଅନ୍ତ୍ୟମ ବର୍ଣ୍ଣ ଶକ୍ତିପାତ ଯୋଗୁଁ ହ ଆଗମ ହୋଇ ତିନିହେଁ ମଧ୍ୟ ହୁଏ । ହେ ଏ ପ୍ରତ୍ୟୟ ସାନୁନାସିକ ଭାବରେ ମଧ୍ୟ ବ୍ୟବହୃତ ହୋଇଥାଏ । ଯଥା—ତିନିହେଁ । ୧୬ ଚର୍ଯ୍ୟାରେ ମଧ୍ୟ ଏହିଁର ଉଦାହରଣ ମିଳେ । ଯଥା—ତିନିଏଁ ପାଟେଁ ।

ଅସମାପିକା କ୍ରିୟାରେ ଲ୍ୟପ୍ ସ୍ଥାନରେ ଇ ପ୍ରତ୍ୟୟର ବ୍ୟବହାର ହୋଇଅଛି । ଯଥା—ସୁଣି, ଉଏଣୀ, ଦେଖି ପ୍ରଭୃତି ।

ଷଷ୍ଠୀ ବିଭକ୍ତିରେ 'ନ୍ତି' ପ୍ରତ୍ୟୟର ବ୍ୟବହାର ପ୍ରାଚୀନ ଓଡ଼ିଆ ସାହିତ୍ୟରେ ମିଳେ ବୋଲି ପୂର୍ବରେ ପ୍ରଦର୍ଶିତ ହୋଇଅଛି । ଯଥା—ଦାସୀନ୍ତି ଗୁଣ । ୨ୟା ବିଭକ୍ତିରେ ସେହି 'ନ୍ତି' ପ୍ରତ୍ୟୟର ବ୍ୟବହାର ମହୀଧର ପାଦଙ୍କର ଚର୍ଯ୍ୟାରେ ବ୍ୟବହୃତ ହୋଇଅଛି । ଯଥା—ଗଅଣନ୍ତି ଭୁସେଁ ।

ବୈଦିକ କାଳର 'ଡ଼'କାର 'ଳ'କାର ଉଚ୍ଚାରଣର ସଂସ୍କାର ଓଡ଼ିଆ ଭାଷାରେ ରକ୍ଷିତ ହୋଇଅଛି ବୋଲି ପୂର୍ବରେ ପ୍ରଦର୍ଶିତ ହୋଇଅଛି । ମହୀଧର ପାଦଙ୍କର ଚର୍ଯ୍ୟାରେ 'ଡ଼'ର 'ଲ'କାର ହେବାର ଉଦାହରଣ ରହିଅଛି । ଯଥା—ଘୋଳଇ, ଘୋଡ଼ଇ ।

ଶତୃ ପ୍ରତ୍ୟୟ ଜାତ ଅନ୍ତ ପ୍ରତ୍ୟୟ ପରେ ଭାବେ ୭ମୀର ପ୍ରୟୋଗ ହୋଇଅଛି । ଯଥା—ମଇ ଏଥୁ ବୁଡ଼ନ୍ତେ ।

ସଂସ୍କୃତ ଅପି ଶବ୍ଦ ଜାତ 'ବି' ଅବ୍ୟୟ ଓ ବେନି ଶବ୍ଦର ମଧ୍ୟ ପ୍ରୟୋଗ ରହିଅଛି । ଯଥା—କୋବି, ବେନି, ତୋଡ଼ିଅ ।

'ଏଥୁ' ଶବ୍ଦର ବ୍ୟବହାର ରହିଅଛି । ଯଥା—ଏଥୁ ବୁଡ଼ନ୍ତେ ।

ଏହିସବୁ ଓଡ଼ିଆ ଭାଷାର ବୈଶିଷ୍ଟ୍ୟ ରହିଥିବାରୁ ମହୀଧର ପାଦ ଜାତିରେ ଓଡ଼ିଆ ଥିଲେ ଏବଂ ଓଡ଼ିଆ ଭାଷାରେ ଚର୍ଯ୍ୟାଟି ରଚନା କରିଥିଲେ ।

# ଶାନ୍ତି ପାଦ

ଶାନ୍ତ ପାଦଙ୍କର ୧୬ ଓ ୨୬ ସଂଖ୍ୟକ ଦୁଇଟି କବିତା ରହିଅଛି । ଏହାଙ୍କୁ ମଗଧର ବ୍ରାହ୍ମଣ ବୋଲି ଗ୍ରହଣ କରି ଅଛନ୍ତି । ତାରନାଥ ରତ୍ନାକର ଶାନ୍ତିଙ୍କୁ ମଗଧର ବ୍ରାହ୍ମଣ ବୋଲି ଉଲ୍ଲେଖ କରିଛନ୍ତି । ପୂର୍ବରୁ ଶାନ୍ତିଦେବଙ୍କର ବିଷୟ ଉଲ୍ଲିଖିତ ହୋଇଅଛି । ତେଣୁ କେଉଁ ଶାନ୍ତିପାଦ ଏହି ଚର୍ଯାଟି ରଚନା କରିଛନ୍ତି—ତାହା ସ୍ଥିର କରି କହି ହେବ ନାହିଁ । ଶାନ୍ତ ପାଦଙ୍କର ଚର୍ଯାରେ ଓଡ଼ିଆ ଭାଷାର ଏହିସବୁ ବିଶେଷତ୍ୱ ଦେଖିବାକୁ ମିଳେ । ଯଥା—

୧ । 'ଅନ୍ତ' ପ୍ରତ୍ୟୟର ଭାବେ ୭ମୀର ପ୍ରୟୋଗ । ଯଥା—ଜାନ୍ତେ, ଜା·ଅନ୍ତେ ।

୨ । ଅସମାପିକା କ୍ରିୟାରେ 'ଇ' ପ୍ରତ୍ୟୟର ବ୍ୟବହାର । ଯଥା—ଗୁଣ୍ଡି, ଧୁଣୀ ।

୩ । ଯୌଗିକ କ୍ରିୟାରେ ଖା' ଧାତୁର ପ୍ରୟୋଗ । ଯଥା—ବୁଲ ଅଉ ।

୪ । ଅନୁଜ୍ଞାବାଚକ କ୍ରିୟାର ୩ୟ ପୁରୁଷରେ 'ଉ' ପ୍ରତ୍ୟୟର ମଧ୍ଯ ପ୍ରୟୋଗ ରହିଅଛି । ଯଥା—ଜାଇଉ ( 7 ଜାଉ ) ଓ ସଂକେଲଉ ( ସଂଖେଳୁ )

ଏହିସବୁ ବିଶେଷତ୍ୱ ଦେଖିଲେ ଅନୁମିତ ହୁଏ ଯେ, ଶାନ୍ତିପାଦ ଓଡ଼ିଆ ଭାଷାରେ କବିତା ରଚନା କରିଥିଲେ ଏବଂ ନିଜେ ଓଡ଼ିଆ ଥିଲେ ।

ଓଡ଼ିଶାର ପ୍ରାଚୀନ କିମ୍ବଦନ୍ତୀ ସହିତ ତିବ୍ବତର କିମ୍ବଦନ୍ତୀର ପୂର୍ଣ୍ଣ ସାଦୃଶ୍ୟ ମଧ୍ୟ ରହିଅଛି । ଏଠାରେ ମୁଁ ଗୋଟିଏ କିମ୍ବଦନ୍ତୀର ସାଦୃଶ୍ୟର ଦୃଷ୍ଟାନ୍ତ ନ ଦେଇ ରହି ପାରୁନାହିଁ । Mystic Tales of Lama Taranath ରେ ଚୌରଙ୍ଗୀ ନାଥଙ୍କ ବିଷୟରେ ଯେଉଁ କିମ୍ବଦନ୍ତୀର ବର୍ଣ୍ଣନା ରହିଅଛି ତହିଁର ସଠିକ ବିବରଣ ୧୬ଶ ଶତାବ୍ଦୀର କବି ମହାପୁରୁଷ ଅନନ୍ତ ଦାସଙ୍କର ହେତୁଦୟ ଭାଗବତରେ ରହିଅଛି । ତେଣୁ ତଳେ ସେହି ଦୁଇ କିମ୍ବଦନ୍ତୀ ଉଦ୍ଧୃତ ହେଲା ।

"The disciples of Machhindra were Chaurangi and Coraksnath. Of these both the first was a son of the king. Once as the king went to another country, the second wife of the king passionately loved the handsome prince. She always waited on the prince and as he ( the prince ) did not join in her desire she became enraged and as the king came back she tore off her clothes, put ashes on the head and lay there as if blood would be coming out of her limbs. Then asked the king, "What has been done to you ? She said, "That has been done by the son of the king, he came to me to satisfy his desire and as I did not agree to it he has thus treated me".

Then without examinations let the king his guiltless son's arms and legs be cut off and he be thrown in a deep lying place at the foot of a tree in the midst of a much frequented street. Machhindra came there. As the prince narrated his history this one answered, "When I am in the position now to furnish you with food, would you be in the position to make twelve years meditation ? As the prince

said that h could do it there, the Acharya Machhindr-who himself had a cowherd as a desciple told ... one. "Under the tree that covers him lies a man with limbs cut off, furnish him with food for twelve years". And this one did likewise. After twelve years have passed at night came many merchants on the street. Chaurangi asked them whom they were fearing th he would be the tax gatherer of the king they gave out that they were the coal merchants. Then he said, "All you wares would be coals." When the merchants came to the market and put out their wares, all wares have become caols. Tnen they asked here and there what had passed and when they reeognised the power of the word of Chourangi, all merchants came there, prayed for pardon from. Chourangi and offered him alms. Then said Chourangi, "Now all shall again become as befor." As merchants after going back home saw the wares in their former condition they now recognised that it had happened through the grace of Acharya, they wanted to distribute sacrifice—gift for their life. The Acharya did not accept it but gave it back to them. And after he had said, 'there, also these limbs may be come as before this also happened. (P P 57,58)

"ମଚ୍ଛିନ୍ଦ୍ରଙ୍କର ଚୌରଙ୍ଗୀ ଓ ଗୋରକ୍ଷନାଥ ବୋଲି ଦୁଇଜଣ ଶିଷ୍ୟ ଥିଲେ । ଥରେ ରାଜା ଅନ୍ୟ ଦେଶକୁ ଯାଇଥିଲେ । ରାଜାଙ୍କର ଦ୍ୱିତୀୟ ପତ୍ନୀ ଅତି ସୁନ୍ଦର ରାଜକୁମାରଙ୍କ ପ୍ରତି ଏକାନ୍ତ ଆସକ୍ତ ହୋଇଥିଲେ । ସେ ସବୁବେଳେ ରାଜକୁମାରଙ୍କର ପରିଚର୍ଯ୍ୟା କରି ପ୍ରଣୟ ଭିକ୍ଷା କରୁଥିଲେ, କିନ୍ତୁ ରାଜକୁମାର ତାଙ୍କର ଅଭିଳାଷ ପୂରଣ କରି ନଥିଲେ । ତହୁଁ ସେ କ୍ରୋଧ ପରବଶ ହୋଇ ପ୍ରତିଶୋଧ ନେବାଲାଗି ସଂକଳ୍ପ କରିଥିଲେ । ରାଜା ନଗରକୁ ଫେରି ଆସିବା ବେଳକୁ ସେ ନିଜର ଲୁଗାପଟା ଚିରି ପକାଇ ମୁଣ୍ଡରେ ପାଉଁଶ ବୋଳି ଦେଇ ଦେହରୁ ରକ୍ତ ବୋହି ପଡ଼ିଲା ପରି ଛଳନା କରି ତଳେ ପଡ଼ି ରହିଥିଲେ । ରାଜା ତାହାଙ୍କୁ ଦେଖି ପଚାରିଲେ, 'ତୁମର କ'ଣ ହୋଇଛି ?' ସେ କହିଥିଲେ, "ରାଜାଙ୍କର ପୁତ୍ର ଏହା କରିଛି । ସେ ନିଜର କୁପ୍ରବୃତ୍ତି ଚରିତାର୍ଥ କରିବାଲାଗି ମୋ ପାଖକୁ ଆସିଥିଲା । ମୁଁ ସ୍ୱୀକୃତ ନ ହେବାରୁ ସେ ମୋତେ ଏହିପରି ବ୍ୟବହାର କରିଅଛି ।" ରାଜା ଆଉ କିଛି ନବୁଝି ନସୁଝି ନିର୍ଦ୍ଦୋଷ ପୁତ୍ରଟିର ହାତଗୋଡ଼ କାଟି ପକାଇ ବାଟ ପାଖର ଗଛମୂଳରେ ଗୋଟିଏ ଖାଲରେ ପକାଇଥିଲେ । ସେଠାକୁ ମଚ୍ଛିନ୍ଦ୍ରନାଥ ଆସିଥିଲେ । ରାଜପୁତ୍ର ତାହାଙ୍କୁ ସବୁକଥା କହିଥିଲେ । ମଚ୍ଛିନ୍ଦ୍ରନାଥ କହିଥିଲେ—'ମୁଁ ତୁମ୍ଭଙ୍କୁ ଖାଦ୍ୟ ଦେଇପାରେ—କିନ୍ତୁ ତୁମ୍ଭେ ବାରବର୍ଷ ଧ୍ୟାନଧାରଣା କରିପାରିବ ତ ?' ରାଜପୁତ୍ର ଧ୍ୟାନ କରିବାକୁ ରାଜି ହେବାରୁ ମିଚ୍ଛିନ୍ଦ୍ରନାଥ ତାଙ୍କର ଗୋଟିଏ ଗଉଡ଼ ଶିଷ୍ୟଙ୍କୁ କହିଲେ--'ଏ ଗଛତଳେ ଲୋକଟିଏ ଅଛି'-ତାହାର ହାତଗୋଡ଼ କଟି ଯାଇଛି । ତାକୁ ବାରବର୍ଷ ଯାକେ ଖାଇବାକୁ ଦେବ ।" ସେ ଶିଷ୍ୟଟି ସେହିପରି କରୁଥିଲା । ବାରବର୍ଷ ପରେ ରାସ୍ତାରେ ଦଳେ ବେପାରୀ ସେହିବାଟ ଦେଇ ଯାଉଥିଲେ । ଚୌରଙ୍ଗୀ ସେମାନଙ୍କୁ ସେମାନେ କିଏ ବୋଲି ପଚାରିଥିଲେ । ତାଙ୍କୁ ରାଜାଙ୍କର ଖଜଣା ଆଦାୟକାରୀ ବୋଲି ସନ୍ଦେହ କରି ସେମାନେ ନିଜକୁ କୋଇଲା ବେପାରୀ ବୋଲି ପରିଚୟ ଦେଇଥିଲେ । ତହୁଁ ସେ କହିଥିଲେ ତୁମର ଜିନିଷ କୋଇଲା ହେଉ ।" ବେପାରୀ ଯାକ ବଜାରକୁ ଆସି ଜିନିଷ ଖୋଲି ଦେଖିଲାକ୍ଷଣି ଜିନିଷ କୋଇଲା ହୋଇଛି ଦେଖିଲେ । ସେମାନେ ବସି ବସି ବୁଝିଲାକ୍ଷଣି ଚୌରଙ୍ଗୀଙ୍କ କଥାର କ୍ଷମତା ବୁଝି ପାରିଥିଲେ । ସବୁ ବେପାରୀଯାକ

ଫେରଆସି ଚୌରଙ୍ଗୀ ନାଥଙ୍କୁ କ୍ଷମା ମାଗି ଭିକ୍ଷା ଦେଇଥିଲେ । ତହୁଁ ଚୌରଙ୍ଗୀ କହିଥିଲେ, "ବର୍ତ୍ତମାନ ତୁମ୍ଭର ସବୁ ଜନିଷ ପୂର୍ବପର ହେଉ ।" ସେମାନେ ଫେରଯାଇ ଦେଖିଲେ ଯେ ତାଙ୍କର ଜନିଷମାନ ପୂର୍ବପର ହୋଇଅଛି । ତହୁଁ ଆଚାର୍ଯ୍ୟଙ୍କ କୃପାରୁ ଏହା ହୋଇଅଛି ବୋଲି ସେମାନେ ଭଲକରି ବୁଝି ପାରିଥିଲେ । ସେମାନେ ଆଚାର୍ଯ୍ୟ ଙ୍କଇଥିବାଯାଏ ଯାଗଦାନ ଲାଗି ତାଙ୍କୁ ଧନ ଦେବାକୁ ଇଚ୍ଛା କରିଥିଲେ । କିନ୍ତୁ ସେ ତାହା ଗ୍ରହଣ ନକରି ସେମାନଙ୍କୁ ଫେରାଇ ଦେଇଥିଲେ । ତହୁଁ ସେ କହିଥିଲେ—"ଏହି ଦେହ ପୂର୍ବପର ହେଉ ।" ତାହା ମଧ୍ୟ ହୋଇଥିଲା ।

( Mystic Tales of Lama Taranath P 57·58.)

# ହେତୁ ଉଦୟ ଭାଗବତ

ଅନନ୍ତ ଦାସ,

ବାଙ୍କୀ ଗଡ଼ର ଏକରାଜା । ସୁଖେ ପାଳଇ ଜନପ୍ରଜା ।
ତାହାର ନାମ ଶୁକସେନ । ତା କୋଳେ ଏକଇ ନନ୍ଦନ ।
ଏମନ୍ତେ କଛୁଦିନ ଅନ୍ତେ । ଜାଣି ଓଡ଼ଶା ନରନାଥେ ।
ବଳେ ବାନ୍ଧିଲା ସେନ୍ହପୁର । ମାଇଲା ଶୁକ ନୃପବର ।
ତାହାର ଏକଇ ନନ୍ଦନ । ତା ନାମ ଅଟଇ କୁତସେନ ।
ଜୀବନ ବିକଳେ ପଳାଇ । ପଶିଲା ଆନ ରାଜ୍ୟ ଯାଇ ।
ସେ ରାଜ୍ୟ ଏକଇ ଗୋପାଳ । ଅନେକ ଧନରତ୍ନ ତାର ।
ତାହାର କୋଳେ ପୁତ୍ରନାହିଁ । ଅପୁତ୍ରୀ ହୋଇଣ ଅଛଇ ।

× × ×

ବୋଲଇ ଆସ ଆମ୍ଭଘର । ହୋଇବୁ ଆମ୍ଭର କୁମାର ।

× × ×

ଆମ୍ଭ ଦୋହିତା ବିଭା ଦେବା । ଆମ୍ଭର ଘରେ ଏ ରହିବା ।

× × ×

ଏମନ୍ତେ କେତେ ଦିନ ଗଲା । ଦୋହିତା ବିଭା କରାଇଲା ।
ଦୋହିତା ନାମ ସୁକୁମାରୀ । ସେ ସ୍ତ୍ରୀ ଅଟଇ ଦୋଗୁଣୀ ।

× × ×

ଏମନ୍ତେ ଏକ ଦିନକର । ଅନ୍ୟ ଯେବଣ ପତ୍ନୀ ତାର ।
ଦିନ ଅଛି ସେ ଦୁଇଘଡ଼ି । ଅନ୍ୟ ଯେବଣ ତାର ନାରୀ ।
ଦେଖିଣ ବୋଲଇ ଉତ୍ତର । ତୁ ଅଟୁ ବଡ଼ ଦୁଷ୍ଟ ନର ।
ବେଳ କାଳରେ ଅନ୍ନମୋତେ । ନ ଦେଉ ଭୁଞ୍ଜି କଦାଚିତେ ।

× × ×

ଗୁଟି କୁମାଷ ପରଜ୍ଜ୍ୱଳ । ପିନ୍ଧଲା ବସନକୁ ଚିର ।
ଗଳାର ମାଳ ଛିଣ୍ଡାଇଲା । ନଖ ଘାତରେ ବିଦାରିଲା ।
ଭୂମିରେ ହୋଇଲା କଂଗୃତ । ଆପଣା ଗୁରୁ ମୁଣ୍ଡକୋଡ଼ ।
ଓକା ପାଡ଼ିଣ ବେଗେ ଗଲା । ପିତାମାତାଙ୍କ ଆଗେ ହେଲା ।
କାହୁଁ ଯେ ଗୋଟାଏ ଆଣି ପୁଣ । ବିଘ୍ନ ଯେ କଲା ଅକାରଣ ।
ମୋର ଜୀବନ ନେଉଥିଲା । ଦଇବ ମୋତେ ଗୋ ରଖିଲା ।

× × ×

କାନ୍ଦଇ ହୋଇ ଉଚ୍ଚସ୍ୱର । ଶୁଣି କ୍ରୋଧିତ ତା ପିଅର ।
କ୍ରୋଧରେ ହୋଇ ଜରଜର । ବୋଲଇ ଦୋଷ ନାହିଁ ମୋର ।
ଏମନ୍ତ କହିଣ ବାହାର । କହ୍ନା କଟୁରି ନେଇକର ।

× × ×

ଭୁଞ୍ଜିଲା ଠାରେ ହାତଗୋଡ଼ । ହାଣିଲା ସେ ମୂର୍ଖ ଗଉଡ଼ ।
ହାଣିଣ ପାଦ ଘେନିଗଲା । ଏମନ୍ତେ ରବି ଅସ୍ତ ହେଲା ।
ବକଳ କେ ପାରିବ ସହି । ଚଳିବା ସଖ୍ୟ ଆଉ କାହିଁ ।

× × ×

ଏମନ୍ତ ସମୟରେ ଦେଖ । ବିଜୟେ କରିଲେ ଗୋରେଖ ।
ଶୁଣିଲେ ତାହାର ବକଳ । ବିଜୟେ କଲେ ତପିବର ।
ଗୋରେଖ ପୁଚ୍ଛନ୍ତି ବଚନ । କିସ ଏ ବିଘାତ ମାନ ।

× × ×

ଦେଖିଣ ତାହାର ବକଳ । ଦୟା ବହିଲା ତପିବର ।
ପ୍ରସନ୍ନ ହୋଇ ଆଜ୍ଞାଦେଲେ । ଅଷ୍ଟାଙ୍ଗ ଯୋଗ ଭେଦାଇଲେ ।
ଅନହତ ଅକ୍ଷର କହି । ଦୃଷ୍ଟି ଗୋଚରେଣ ଦେଖାଇ ।
ଏମନ୍ତ କହି ଗୁରୁ ନେଲେ । ବଟ ମୂଳରେ ବସାଇଲେ ।
ବାଇଲେ ବସ ଏହିଠାରେ । ଅମନ ମନ୍ଦର ଉପରେ ।

ସୂର୍ଯ୍ୟଙ୍କୁ ଚନ୍ଦ୍ରରେ ଭେଟାଅ । ମନ୍ତ୍ର ସଂଶୟ ତୋର ମିଥ୍ୟା ।
ଜୀବ ପରମେ ଏକ କର । ସାଧିବୁ ଅଳ୍ପ ଅଳ୍ପ ଘର ।

× × ×

ଏବେ ହୋଇଲୁ ଅବଧୂତ । ଯେ ଦ୍ୱନ୍ଦ୍ୱ ପାପ ହେଲ ମୁକ୍ତ ।
ସାଧ୍ୟ ହୋଇବ ତୋ ବଚନ । ଲଭିବୁ ନିରାକାର ସ୍ଥାନ ।

× × ×

ସେ ଅବଧୂତ ଯାହା କଲି । ପରମ ରହସ୍ୟର ଲୀଳା ।
ରାତ୍ର ଦିବସ ତାର ନାହିଁ । ବସିଣ ଏକାକ୍ଷର ଧ୍ୟାୟି ।

× × ×

ସାୟଂ ଯେ କାଳରେ ପଥରେ । ଯାଉଣ ଅଛି ଏ କାଳରେ ।
ବଳଦ ଗୋଟିଏ ଲଦିଣ । ତରସ୍ତେ କରଇ ଗମନ ।
ବନରେ ଭୟ ଯେ ତାହାର । ଯାଉଣ ଅଛି ଖରତର ।
ବଳଦ ପିଠି ଯାଉଅଛି । ଦେଖିଣ ଅବଧୂତ ପୁଚ୍ଛି ।
ବୋଇଲେ ଶୁଣ ଆରେ ବାବୁ । ଗୋରୁକୁ କିମ୍ପାଇଁ ତୁ ମାରୁ ।
କିସ ଲଦିଛୁ ତୁ ସମ୍ପଦ । ଚାଲିତ ନ ପାରେ ବଳଦ ।
ଖର ଯେ ତରକରି କହି । ଅଙ୍ଗାର ଲଦନ ଯେ ହୋଇ ।
'ହେଉ', ବୋଇଲେ ଅବଧୂତ । ସେ କ୍ଷଣି ହୋଇଲା ନିରୁତ ।
ବଳଦ ଘେନ ଚଳଗଲା । ଆପଣା ମନ୍ଧରେ ହୋଇଲା ।
ଏମନ୍ତେ ରାତ୍ର ଶେଷ କାଳେ । ଲଦନ ଫେଡ଼ଇ ମାଟିରଲେ ।
ଦେଖିଣ ଆଚମ୍ବିତ ହେଲା । ବଦନୁଁ ବାକ୍ୟ ନ ସ୍ଫୁରିଲା ।
ତା ନାଶ ଦେଖିକରି କାନ୍ଦ । ଆକୁଳେ ବିଧାତାକୁ ନିନ୍ଦ ।

× × × ×

ଏମନ୍ତେ ଚଳି କେତେବେଳ । ପ୍ରବେଶ ହେଲା କାଲିବେଳ ।
ମନେ ତା ସୁମରି ଚିନ୍ତିଲା । ବିଧାତା ମହାପକ୍ଷ ହେଲା ।
କାଲି ଏ ଯେ ଆସିବାର ବେଳେ । ପୁରୁଷେ ବୃକ୍ଷମୂଳେ ଥିଲେ ।

ସେ ମୋତେ ପୁଚ୍ଛିଲେ ବଚନ । ମୁଁ ମୂଢ଼ ମତ୍ତଗର୍ବେ ପୁଣ ।
ମୁଁ ମୂଢ଼ ଜାଣି ନ ପାରିଲି । ଅଙ୍ଗାର ବୋଲିଣ ବୋଇଲି ।
'ହେଉ' ବୋଇଲେ ସେହୁ ପୁଣ । ମୁଁ ତାହା ଶୁଣିଛୁ ଶ୍ରବଣ ।
ପତ୍ନୀ ବୋଇଲା ଶୁଣ ତୁମ୍ଭେ । ଦେଖି ବଳଦ ଲଦ ଏବେ ।
କ ଅବା ସୁପୁରୁଷ ସେହୁ । ବଚନ ସିଦ୍ଧ ତା ଅଛଇ ।
ଏମନ୍ତ ପତ୍ନୀଠାରୁ ଶୁଣି । ବଳଦ ଭଡ଼େ ତତକ୍ଷଣି ।
ବଳଦ ଲଦଣ ବାହାର । ଗମନ ଅନ୍ୟ ସେ ପଥର ।
ବଳଦ ଗୁଡ଼ି ଅଡାଇଛି । ବେଳ ଉତ୍ତୁର ହେଉଅଛି ।
ତପସ୍ୱୀ ଦେଖି ତାକୁ ପୁଚ୍ଛ । ଭାରି ତ ବଳଦ ହୋଇଛୁ !
ଭାର ତ ହୋଇଛି ବଳଦ । କ ଅବା ଲଦିଛୁ ସମ୍ପଦ ।
ଏମନ୍ତ ଶୁଣି ସଦାଗର । ବୋଲଇ ଶୁଣ ତପସ୍ୱର ।
ସୁବର୍ଣ୍ଣ ବଳଦେ ଲଦିଛୁ । ବେଳ ଉତ୍ତୁର ହେଉଅଛି ।
'ହେଉ' ସୁବର୍ଣ୍ଣ ବୋଲି କହି । ଶୁଣିଣ ସଦାଗର ଯାଇ ।
ମିଳିଲା ଯାଇ ନିଜଘର । ଦୀପ ଲଗାଇ ପତ୍ନୀତାର ।
ଫିଟାଇ ଲଦନ ଦେଖିଲେ । ସୁବର୍ଣ୍ଣ ଖଣ୍ଡ ଖଣ୍ଡ ତୁଲେ ।
ଦେଖି ବିହ୍ୱଳ ହେଲ ମତି । ବୋଲଇ ଧନ୍ୟ ମହାଯତି ।

× × × ×

ପତ୍ନୀ ବଚନ ପତି ଶୁଣି । ବୋଲଇ ଶୁଣ ଗୋ ତରୁଣୀ ।
ଅପାର ବନୁଁ ଅଛି ରହି । ସେ ବୃକ୍ଷମୂଳେ ବିଶ୍ରାମଇ ।
ହସ୍ତ ସେ ପାଦ ଦୁଇ ନାହିଁ । ଆହାର ଭକ୍ଷି ନ ପାରଇ ।

× × × ×

ଏମନ୍ତେ ରଜନୀ ପାହିଲା । ଏକ ଆରକେଣ ଶୁଭିଲା ।
ଭୁଣ୍ଡ କବାଟ ଗଲା ଫିଟି । ଜାଣିଲେ ସର୍ବଜନ ସେଠି ।
ଧାଇଁଲେ ଏକ ଆରକେଣ । ଯେ ଯାହା ବାଞ୍ଛା କରି ପୁଣ ।
ଅନ୍ଧ କୁଷ୍ଠି ଯେ ଅପୁତ୍ରିକ । ସେ ଯାହା ବାଞ୍ଛା ପାଇଲେକ ।

× × × ×

ଏମନ୍ତେ ଏକ ବନକର । ସମ୍ମୁଖ ହୋଇ ସର୍ବନର ।

× × × ×

ଏମନ୍ତେ ଏକ ମୁଖ ହୋଇ । ହରି ଶବଦ ଉଚ୍ଚେ ଦେଇ ।
ଯାଇଁ ବେଢ଼ିଲେ ବେନି ପାଶ । କହିଲେ ବଚନ ସନ୍ଦେଶ ।
ତୁମ୍ଭେ ତ ସର୍ବଜ୍ଞ ପୁରୁଷ । ଆମ୍ଭର ନ ଧରିବା ଦୋଷ ।

× × × ×

"ଯାହାଙ୍କୁ ଯେମନ୍ତ କହିଲ । ସବୁ ତ ହେଲ ସମତୁଲ ।
ତୁମ୍ଭର ହସ୍ତ ପାଦ ନୋହି । ଏମନ୍ତ କର୍ମ୍ମ କହ ଯେଇ ।"
ବୋଲ ଶୁଣିଣ ଅବଧୂତ । ଯାହା ପୁଚ୍ଛିଲେ ଶୁଣ ତତ୍ତ୍ୱ ।
ତୁମ୍ଭ ସମସ୍ତ ମୂରଖ ଅଛ । ଆମ୍ଭରେ ନୋହିବ ଏ କଚ୍ଛ ।
ଶୁଣି ସମସ୍ତେ ତୋଷ ହୋଇ । ହରି ଶବଦ ଉଚ୍ଚେ ଦେଇ ।
ଚରଣ ହସ୍ତ ଦୁଇ ଯୁଗ । ହେଉ ବୋଲନ୍ତି ସର୍ବଜନ ।
ସର୍ବେ ବୋଲନ୍ତି ହେଉ ହେଉ । କଅଁଳ ଗଲ କହୁ କହୁ ।
ଦେଖି ହରଷ ସର୍ବଜନ । ଧନ୍ୟ ହେ ଧନ୍ୟ ତୋ ବଚନ ।

ପ୍ରଭୃତି ।

ଡାକ୍ତର ବିନୟତୋଷ ଭଟ୍ଟାଚାର୍ଯ୍ୟ ମହାଶୟ ତାରାନାଥ ଓ ପାଗ୍ ସାମ୍ ଜନ୍ ଜାନ୍ ପ୍ରଭୃତି ତିବ୍ବତୀୟ କମ୍ବଦନ୍ତୀ ଅନୁସାରେ ଚଉରାଅଶୀ ସିଦ୍ଧାଚାର୍ଯ୍ୟଙ୍କର ଯେ ଟିଏ ଗୁରୁଶିଷ୍ୟର ଯେଉଁ ପରମ୍ପରା ଓ ସମୟ ନିର୍ଦ୍ଦେଶ କରି ଅଛନ୍ତି—ତାହା ତଳେ ଦିଆଗଲା । (୧)

୧ମ ଗୁରୁଶିଷ୍ୟ ପରମ୍ପରା—

୧ । ପଦ୍ମବଜ୍ର ୬୯୩ ଖ୍ରୀ:
୨ । ଅନଙ୍ଗ ବଜ୍ର ୭୦୫ ଖ୍ରୀ:
୩ । ଇନ୍ଦ୍ରଭୂତି ୭୧୭ ,,
୪ । ଭଗବତୀ ଲକ୍ଷ୍ମୀଙ୍କର ୭୨୯ ଖ୍ରୀ:
୫ । ଲୀଳାବଜ୍ର ୭୪୧ ଖ୍ରୀ:
୬ । ଦାରିକ ପାଦ ୭୫୩ ,,
୭ । ସହଜ ଯୋଗିନୀ ୭୬୫ ଖ୍ରୀ:
୮ । ଡୋମ୍ବୀ ହେରୁକ ୭୭୭ ଖ୍ରୀ:

1. An Introduction to Buddhist—Esoterison
P. 63 and 65

ସିଦ୍ଧ ଗୁରୁଶିଷ୍ୟ ପରମ୍ପରା—

| | | | | | |
|---|---|---|---|---|---|
| ୧ । | ସରହ | ୬୩୩ ଖ୍ରୀ: | ୭ । | ଜାଲନ୍ଧରୀପା | ୭୦୫ ଖ୍ରୀ: |
| ୨ । | ନାଗାର୍ଜୁନ | ୬୫୭ ,, | ୮ । | କୃଷ୍ଣାଚାର୍ଯ୍ୟ | ୮୧୭ ,, |
| ୩ । | ସବରୀ ପାଦ | ୬୭୯ ଖ୍ରୀ: | ୯ । | ଗୁହ୍ୟ | ୭୨୯ ଖ୍ରୀ: |
| ୪ । | ଲୁଇପା | ୭୦୧ ,, | ୧୦ । | ବିଜୟ ପାଦ | ୭୪୧ ,, |
| ୫ । | ବଜ୍ର ଘଣ୍ଟ | ୭୮୧ ,, | ୧୧ । | ତେଲପା | ୯୭୮ ,, |
| ୬ । | କଚ୍ଛପା | ୭୯୩ ,, | ୧୨ । | ନାରୋପା | ୯୯୦ ,, |

ଭଟ୍ଟାଚାର୍ଯ୍ୟ ମହାଶୟ ସାଧନମାଳାରେ ଏହି ପରମ୍ପରାକୁ ଗ୍ରହଣ କରିଛନ୍ତି (୧) । ବର୍ତ୍ତମାନ ପର୍ଯ୍ୟନ୍ତ ଏହି ସିଦ୍ଧାଚାର୍ଯ୍ୟମାନଙ୍କ ସମ୍ବନ୍ଧରେ କିମ୍ବଦନ୍ତୀ ପୁସ୍ତକଭାବରେ ସଂଗୃହୀତ ହୋଇ ନାହିଁ । ତେଣୁ ସେମାନଙ୍କର ଗୁରୁ ପରମ୍ପରା ସ୍ଥିର କରିବା ଉଚିତ ନୁହେ ବୋଲି ବଙ୍ଗଳାର ଇତିହାସରେ ଲିଖିତ (୨)ଅଛି । କିନ୍ତୁ ଲୋକେ ନିଜ ନିଜର ଗୁରୁପରମ୍ପରାକୁ ଅକ୍ଷୁଣ୍ଣ ରଖିଥାନ୍ତି । ସେ ବିଷୟରେ ଭ୍ରମ କଦାପି କୁତ୍ରାପି ଲକ୍ଷିତ ହୁଏ ନାହିଁ । ସେଥି ଯୋଗୁଁ ଭଟ୍ଟାଚାର୍ଯ୍ୟ ମହାଶୟ ତିବ୍ବତର କିମ୍ବଦନ୍ତୀ ଅନୁସରଣ କରି ଗୁରୁପରମ୍ପରାର ଇତିହାସ ସଂଗ୍ରହ କରିବା ଲାଗି ଚେଷ୍ଟା କରିଥିବାରୁ ସେ ସମସ୍ତଙ୍କ ଧନ୍ୟବାଦର ପାତ୍ର । ଭଟ୍ଟାଚାର୍ଯ୍ୟଙ୍କ ପ୍ରଦତ୍ତ ସିଦ୍ଧାଚାର୍ଯ୍ୟଙ୍କ ସମୟ ବିଷୟରେ ମଧ୍ୟ ଭିନ୍ନ ଭିନ୍ନ ଲୋକେ ବିଭିନ୍ନ ମତ ପୋଷଣ କରିଥାନ୍ତି । ସବିଶେଷ ପ୍ରମାଣ ସହିତ କୌଣସି ସିଦ୍ଧାଚାର୍ଯ୍ୟଙ୍କର ସମୟ ସୁନିଶ୍ଚିତ ନ ହେଲା ପର୍ଯ୍ୟନ୍ତ ଏହି ସମୟକୁ ଗ୍ରହଣ କରିବା ବାଞ୍ଛନୀୟ ।

---

୧ । ସାଧନ ମାଳା ( Introduction—P.P. XLii and XLiij
୨ । History of Bengal—R. C. Majumder P. 3.

# ମୁଖବନ୍ଧ

## ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ୍ୟର—ଭାଷାତତ୍ତ୍ୱ—ବିଷୟକ

ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟରେ ଓଡ଼ିଆଭାଷାର ଅନନ୍ୟ ସାଧାରଣ ବିଶେଷତ୍ୱ ରହିଅଛି । କୌଣସି ଭାଷାର ଅନୁଶୀଳନ କରିବାକୁ ହେଲେ ତାହାଁର ଧ୍ୱନିତତ୍ତ୍ୱ (phonology), ପଦଗଠନ ରୀତି (Morphology) ଏବଂ ଶବ୍ଦତତ୍ତ୍ୱ (vocables) ସମ୍ବନ୍ଧରେ ଆଲୋଚନା କରିବାକୁ ହୁଏ । ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ ସମ୍ବନ୍ଧରେ ଏହି ତିନୋଟି ବିଷୟର ଆଲୋଚନା ଆବଶ୍ୟକ । ଶବ୍ଦ ତତ୍ତ୍ୱ ସମ୍ବନ୍ଧରେ ଆଲୋଚନା ପ୍ରତ୍ୟେକ ଚର୍ଯ୍ୟାର ଶେଷରେ କରାହୋଇଛି । ବର୍ତ୍ତମାନ ଏଠାରେ ସ୍ୱରବିଜ୍ଞାନ ଏବଂ ପଦଗଠନ ରୀତିର ଆଲୋଚନା କରା ହେଉଛି ।

### ଧ୍ୱନିତତ୍ତ୍ୱ (Phonology)

ପ୍ରାକୃତରେ ଋକାରର ଉଚ୍ଚାରଣ ଲୋପ ପାଇଅଛି । ଌକାରର ତ ଆଉ କଥା ନାହିଁ । କାରଣ ଌକାର ଧ୍ୱନି ସଂସ୍କୃତରେ କୢପ ଧାତୁ ନିଷ୍ପନ୍ନ ସାମାନ୍ୟ କେତେକ ଶବ୍ଦରେ କେବଳ ଦେଖାଯାଏ । ଚର୍ଯ୍ୟାର ଋକାରର ଉଚ୍ଚାରଣ ନାହିଁ । କିନ୍ତୁ 'ଐ' ଏବଂ 'ଔ'ର ସ୍ଥଳେ ୨ ବ୍ୟବହାର ଅଛି । ପ୍ରାକୃତ ପରି ପୂର୍ବାପର ଚର୍ଯ୍ୟାରେ ଐ ଓ ଔ ର ଲୋପ ହୋଇନାହିଁ । ଯଥା—ବୈରି (୬) ତୈଲୋଏ (୩୦) ଚୌଦିଶୁ (୬) ଚୌଷଠ୍‌ଠି (୧୦) ସାଧାରଣତଃ ପ୍ରାକୃତ ତୁଲ୍ୟ ଚର୍ଯ୍ୟାରେ ମଧ ଐ ଓ 'ଔ' ଅଇ ଓ ଅଉରେ କ୍ରମରେ ପରିଣତ ହୋଇଅଛି । ଯଥା—ଚଉଦିଶ (୮) ଚଉସଠ୍‌ଠି (୧୨) ଚଉସଠି (୩) ଓଡ଼ିଆରେ ଔ ଓ ଅଉ ଉଭୟର ପ୍ରୟୋଗ ଅଛି । ଯଥା—ଗୌରବ, ଗଉରବ ।

ମଉନ ହେଲ ହନୁମନ୍ତରେ ଦୟାକରି । କୃ. ପ. ର. ପୃ ୬୨୦ ।
ସେ ସବୁ ନାନ୍ଦୀ ମୁଖୀରେ **ପୌର୍ଣ୍ଣମାସୀ**ଙ୍କ ସମ୍ମୁଖରେ ।

ଜଣାଇବା ଭାଳିଲେ ନିବେଦ ହେବାରେ । ବି. ଚି. ୩୫ ଛ ୨୦ ପୃ. । ଜ୍ୟେଷ୍ଠ ପାଟବର୍ଣୀ ଅଟନ୍ତି କଉଶଲ୍ୟା ।

**ସଉଭାଗ୍ୟବନ୍ତ** କନ୍ୟା ହୋଇଲା । ଦା. ଗ୍ର. ୧୭୨ ପୃ.

**କଉତୁକେ** ଏ ସଙ୍କେତ—ସ୍ଥାନକୁ ସମ୍ପାଦି
କରିଥାନ୍ତି ସଂଗୃର କୁଳଟା ମନ ଭେଦି । ର. ସ ୭ ଛ ୪ ପୃ.

କୃଷ୍ଣ ପାଦ ପଦ୍ମ ଧୂଳି ଲଗିଥାଉ ଆମ୍ଭ ସବୁରି ମଉଳିକି । ର. କ. ୯ ଛ. ୮ ପୃ.

ବବଧ ଗୋଷ ଦ୍ୱିଜେ କହି । ବୋଲାଉ ଗଉତମୀ ଭୂହି ।
ବୈ. ବ. ଛ ୨୨ !

ଐକାର ମଧ୍ୟ ସେହିପରି ଐ ଓ ଅଇ ଉଭୟ ପ୍ରକାର ପ୍ରୟୋଗ ଓଡ଼ିଆ ଭାଷାରେ ହୋଇଥାଏ । ଯଥା—

କେ ବୋଲେ ଆରାମ ରାମ ସୈନ୍ୟ ପରାଏ
କଞ୍ଚଣ ତାଳମ୍ବ ସୁଷେଣାଦି ଥିବାଏ ।

ର. କ. ଛ ୧୨. ପୃ ୧୫.

**ବୈଦେହୀ** ଜାନକୀ ସୀତା **ମୈଥିଳୀ** ମହୀ ଦୁହିତା ।

ବୈ. ବ. ୧୮ ଛ ୧୨

**କଇବର୍ତ୍ତୀ**କି ବୋଇଲେ ନାବ ଦିଅ ବାହି
ତେଣ କୂଳେ ଆମ୍ଭଙ୍କୁ ପ୍ରବେଶ କରି ନେଇ । ନୃ. ପୁ. ୭୨୦ ପୃ ।
(ସେ ପାଦ) ବଙ୍କିମ **ବୈବର୍ତ୍ତ** ଧୋଇଲା ।
ବିଶ୍ୱେ ପତିତ ପାବନ ନାମ ରହିଲା ।
ବର୍ଣ୍ଣୁଥିଲେ ନବ ପଦ ହୋଇ କବି ।
ବଇଷ୍ଣବ ଗୁଣେ ଗୁରୁପଦ ଭାବି ।

ବୈ. ବ. ୧୩ ଛ

ପ୍ରାକୃତରେ ଋକାର ଅଇ ବା ଉରେ ପରିଣତ ହୁଏ । ସ୍ଥାନେ ସ୍ଥାନେ ଇ, ଉ ରି ବା ରୁରେ ମଧ୍ୟ ( ର କାର ଯୁକ୍ତ ସ୍ୱର ଧ୍ୱନିରେ) ପରିଣତ ହେବାର ଦେଖାଯାଏ । ଚର୍ଯାରେ ମଧ୍ୟ ପ୍ରାକୃତର ଏହି ରୀତି ଅସ୍ପୃଷ୍ଟ ଭାବରେ ଅନୁସୃତ ହୋଇଅଛି ।

ଯଥା:—ଜାଗୃ—ଜାଗର୍ତ୍ତ (୨)
ଧୃତ—ଧତ (୧, ୩, ୪) ଧଠାଁ—ଧୃଷ୍ଟ (୧)
ହୃଦୟ—ହିଅ (୨) ତୃଣ—ତଣ (୬) ପୃଚ୍ଛ—ପିଚ୍ଛ ।
ଶୃଗାଳ—ସିଆଳ (୩।୩)
ଋଜୁ - ଉଜୁ (୧, ୩।୨ )
ବୃକ୍ଷର—ରୁଖେର (୨)

ଓଡ଼ିଆରେ ଦଡ଼ ବଡ଼ି ପ୍ରଭୃତି ଶବ୍ଦରେ ଋକାର ଅକାରରେ ଘିଅ, ସିଙ୍ଘ, ପିଠି, ସିଆଳ ପ୍ରଭୃତି ଶବ୍ଦରେ ଋକାର ଇକାରରେ ଏବଂ ବୁଢ଼ା, ଭାଉଜ, ମାଉସୀ ପ୍ରଭୃତି ଶବ୍ଦରେ ଋକାରର ଉକାରରେ ବୃଷା, ରୁରୁଷା ପ୍ରଭୃତି ଶବ୍ଦରେ ଋକାରର ରୁକାରରେ ପରିଣତ ହେବାର ଦେଖାଯାଏ ।

ଚର୍ଯ୍ୟାର ପ୍ରଧାନ ବିଶେଷତ୍ୱ ଏହି ଯେ—ଅନେକ ସ୍ଥାନରେ ଇକାର ଅକାରରେ ପରିଣତ ହୋଇଅଛି । ଯଥା:—

ସାନ୍ଧଇ—ସାନ୍ଧଅ (୩), ବାନ୍ଧଇ—ବାନ୍ଧଅ, ଗୁଡଇ—ଗୁଡ଼ଅ (୬) ବୋଲଇ—ବୋଲଅ (୬), ପଡଇ—ପଡ଼ଅ (୬) ଇତ୍ୟାଦି ।

ଦୁଲି ଦୁହି ପିଠା ଧରଣ ନ ଜାଇ
ରୁଖେର ତେନ୍ତଲି କୁମ୍ଭୀରେ ଖାଅ (ଖାଇ)

ଏହି ଦୁଇ ପଦରେ ଅନ୍ତ୍ୟବର୍ଣ୍ଣର ମେଳ ନାହିଁ । କିନ୍ତୁ ଯଥାର୍ଥରେ କବିର ଅକ୍ଷମତା ଯୋଗୁଁ ଏହିପରି ଅମେଳ ହୋଇ ନାହିଁ । ଅକାର ଧ୍ୱନି ଓ ଇକାର ଧ୍ୱନିର ସାମଞ୍ଜସ୍ୟ ଥିବାରୁ ଇ କାର ଅକାରରେ ପରିଣତ ହୋଇ ଏହିପରି ହୋଇଅଛି । ଯଥାର୍ଥରେ କବିର ପ୍ରଯୁକ୍ତ ୨ୟ ପାଦ ଶେଷ ପଦ ହେବ । "କୁମ୍ଭୀର ଖାଇ" । ସେହିପରି ଜାଗଇ—ଜାଗଅ (୨) ମାଗଇ—ମାଗଅ (୨) ପ୍ରଭୃତି ପଦର ପ୍ରୟୋଗ ରହିଅଛି ।

ଓଡ଼ିଆରେ ମଧ୍ୟ ହରିଦ୍ରା—ହଳଦି, ପରୀକ୍ଷ—ପରଖ, ଗୋକ୍ଷୀର—ଓଖର ପ୍ରଭୃତି ଶବ୍ଦରେ ଇକାର ଅକାରରେ ପରିଣତ ହେବାର ଦେଖାଯାଏ ।

ଚର୍ଯାରେ ଅନ୍ୟାନ୍ୟ ସ୍ୱରର ପରିବର୍ତ୍ତନର ସଙ୍କେତ ତଳେ ଦିଆ-ଗଲା । ଅକାରର ଆକାର ପରିଣତି—ଶ୍ୱଶୁର—ସସୁରା (୨) କରଇ—କାଡ଼ଇ (୨) ବଲ୍‌କଲ—ବକଲ, ବାକଲ (୩ ହରିଣ—ହରିଣା (—)ସଙ୍ଗ-ସାଙ୍ଗ (``) ବଜ୍ର—ବାଜ୍ର (୧୦) ଲଗ୍ନ—ଲଗ୍ନ (୧୦) ମଙ୍ଗେ—ମାଙ୍ଗେ (୧୩)ସମୁଦରେ—ସମୁଦାରେ (୧୫) ଅଂଶୁ-ଆଂସୁ (୨୬) ଚୋର-ଚୋରା (୪୧) ଉଛ—ଉଚ୍ଚ । ଓଡ଼ିଆରେ ଆଂସୁ (ଅଂଶୁ), ଉଣା (ଊନ), ଅବୁଝା (ଅବୋଧ) ପ୍ରଭୃତି ଶବ୍ଦରେ ଅକାର ଆକାରରେ ପରିଣତ ହେବାର ଦେଖିବାକୁ ମିଳେ । ଅକାରର ଇକାର ପରିଣତି—ଦଶମ—ଦଶମି (୩) କଇସଣ—କଇସଣି ଅକାରର ଏକାର ପରିଣତି—ବୃକ୍ଷର- ରୁଖେର (୧) ଗଲ—ଗେଲ (୬) କରଇ—କରେ (୧୪)

ଆକାରର ଅକାର ପରିଣତି—ଯଥା—ଆଶା—ଆଶ (୧) ନ୍ୟାସ୍ୱବଳ—ନପ୍ସବଳ, ବାଳାଗ୍ର—ବଳାଗ୍ର (୯) ମାଆ—ମାଅ (୧୧), ଓଡ଼ିଆରେ ଆର୍ଦ୍ର—ଅଦା, ଅସରା ପ୍ରଭୃତି ଶବ୍ଦରେ ଆକାର ଅକାର ହେବାର ଦେଖିବାକୁ ମିଳେ ।

ଆକାରର ଏକାର ପରିଣତି—କାହାରେ—କାହେରେ (୪୦)

ଇକାରର ଅକାର ପରିଣତି—ଜାଗଇ—ଜାଗଅ, ମାଗଇ—ମାଗଅ, ଜାଅ—ଜାଇ (୨) ଗୁଡ଼ଇ—ଗୁଡ଼ଅ (୬), ପଡ଼ଇ—ପଡ଼ଅ ସାନ୍ଧଇ—ସାନ୍ଧଅ, ବାନ୍ଧଇ—ବାନ୍ଧଅ (୩), କ୍ଷଣହିଁ—ଖଣହ (୬) ପାରଇ ପାରଅ (୮), ବିଲସଇ—ବିଲସଅ (୯) ରୁସଇ—ରସଅ (୯), ବରସଇ—ବରସଅ (୯) ନାଚଇ—ନାଚଅ (୧୦), ବାହବା—ବାହବା (୧୮) ।

ଇକାରର ଏକାର ପରିଣତି—ତିନ୍ତୁଡ଼ି—ତେନ୍ତୁଲ (୨) ରୁନ୍ଧିଲ—ରୁନ୍ଧେଲ ମାତିଲ - ମାତେଲ (୧୬) ସୁତିଲ—ସୁତେଲ (୧୮), ଓଡ଼ିଆରେ ନୀଳ—ନେଳୀ ବିବାହ—ବେହା, ବିଲ୍ୱ—ବେଲ ପ୍ରଭୃତି ଶବ୍ଦରେ ଇକାର ଏକାର ହେବାର ଦେଖାଯାଏ ।

ଈକାରର ଇକାର ପରିଣତି—ଶୁଣ୍ଡିନୀ—ଶୁଣ୍ଡିନି (୨) ଜୋଗିନୀ—ଜୋଗିନି କରଣୀ—କରଣି (୯)

ଇକାରର ଉକାର ପରିଣତ—ବହ୍ନିନେ—ବହୁନେ (୧୩) ଏଥ୍—ଏଥ ଓଡ଼ିଆରେ ପ୍ରିୟାରିଣୀ—ପ୍ୟାରୁଣୀ, ପଥିକ—ପଥୁକା, ଛାର୍ଥ—ଛୁଠ ପ୍ରଭୃତି ଶବ୍ଦରେ ଇକାରର ଉକାର ହେବାର ଦେଖାଯାଏ ।

ଉକାରର ଓକାର ପରିଣତ—କୁମ୍ଭିକା—କୁମ୍ଭ—କୋଞ୍ଚା (୪) ଛୁଲ୍ହି ୨ — ଚ୍ଛୋଇ ୨ (୧୦) ଓଡ଼ିଆରେ କୁଳଥ୍—କୋଳଥ, କୁଦ୍ଦାଳ କୋଦାଳ ପ୍ରଭୃତି ଶବ୍ଦରେ ଉକାରର ଓକାର ହେବାର ଦେଖାଯାଏ ।

ଉକାରର ଆକାର ପରିଣତ—ଉସୂର—ଉଳ୍ପୁର—ଇଲ୍ଲାବ (୧୦) ଓଡ଼ିଆରେ ବନ୍ଧୁ—ବୁନ୍ଦା, ଅଂଶୁ—ଅଂଶା ପ୍ରଭୃତି ଶବ୍ଦରେ ଉକାର ଆକାର ହେବାର ଦେଖାଯାଏ ।

ଉକାର ଇକାର ପରିଣତ—ରୁସଇ—ରିସଇ (୯) ଓଡ଼ିଆରେ ମନୁଷ୍ୟ — ମଣିଷ, ବାଲୁ—ବାଲି ପ୍ରଭୃତି ଶବ୍ଦରେ ଉକାରର ଇକାର ହୋଇଅଛି ।

ସ୍ୱର ଅପେକ୍ଷା ବ୍ୟଞ୍ଜନ ଧ୍ୱନିରେ ବେଶୀ ପରିବର୍ତ୍ତନ ହୋଇଅଛି । ଚର୍ଯାରେ ୧ମରୁ ଦେଖିବାକୁ ମିଳେ ଯେ ଅନୁସ୍ୱାର ଛଡ଼ା ସମସ୍ତ ପଦାନ୍ତ ବ୍ୟଞ୍ଜନ ଧ୍ୱନିର ଲୋପ ହୋଇଅଛି-ଯଥା-ତସ୍ମିନ୍—ତହିଁ (୧୦, ୧୪, ୨୮), କସ୍ମିନ୍—କହିଁ (୬, ୩୧, ୩୯)—କାହିଁ (୩୬) ଅର୍ଥାତ୍ ପ୍ରାକୃତ ପରିଚର୍ଯାରେ ହଳନ୍ତ ପଦର ପ୍ରୟୋଗ ନାହିଁ । ସମସ୍ତ ପଦ ବା ଶବ୍ଦ ସ୍ୱରାନ୍ତ ହୋଇଅଛି । ପ୍ରକୃତ ପରିଚର୍ଯାରେ ଶ ବା ଷ ନାହିଁ । ଶ ଓ ଷ ସବୁଠାରେ ସ ହୋଇଅଛି । ଲିପିକର ପ୍ରମାଦ ଯୋଗୁଁ କୌଣସିଠାରେ ଶ ଦେଖିବାକୁ ମିଳେ । ଯଥା—ନିଶି—ନିସି (୨୧) ମୂଷା—ମୁସା (୨୧) ବଶଙ୍କା—ବସଙ୍କା (     ) ବିଦଶ—ତିଅସ (୨୨), ଶଶୀ ---ସସି (୧୬); ଶୂନ୍ୟ—ସୂନ୍ୟ (୧୬), ଶୁଣିଅ—ସୁଣିଆ (୧୬) । ପ୍ରମାଦ ବଶରୁ 'ଶ'ର ପ୍ରୟୋଗ-ଯଥା-ଦଶ (୯), କୁଳଶ (୦), ବଶମି (୩) ପ୍ରଭୃତି ।

ପ୍ରାକୃତ ପର ରଚିତରେ 'ନ'କାରର ଅନେକ ସ୍ଥାନରେ 'ଣ' କାର ହୁଏ । ଯଥା-ଗଗନ—ଗଅଣ (୮), ବନ୍ଧନ—ବାନ୍ଧଣ, ରତନ —ରଅଣ, ଢେନଲ—ଢେଣିଲ (୧୦) ସମ୍ବେଦନ—ସମ୍ବେଅଣ (୧୫), ଦେନ—ଢେଣ ( ), ନକଟ—ନକଅଡ (୧୨), କିନ୍ତୁ ପଦର ଆଦ୍ୟରେ ସ୍ଥିତ ନ କାର ଣ କାର ପ୍ରାପ୍ତ ହୁଏ ନାହିଁ । ଯଥା--ନାହିଁ, ନାରକ, ନାଠ, ନାଶ, ନାଦ, ନାଗ, ନାଗଲ, ନାହା, ନଦ, ନତ, ନବସୀ, ନଭର, ନଳଅ, ନସାର, ନସି, ନନ୍ଦ, ନେଉର, ନୌକା ପ୍ରଭୃତି ଶବ୍ଦରେ ନ କାର ଣ କାର ହେବାର ଦେଖାଯାଏ ନାହିଁ । କିନ୍ତୁ ଅଳ୍ପ ଶବ୍ଦରେ ରଚିତରେ ପଦର ଆଦ୍ୟସ୍ଥିତ ନ କାରର ଣ କାର ମଧ୍ୟ ହେବାର ଦେଖାଯାଏ । ପଦର ଆଦରେ ସଂଯୁକ୍ତ ବ୍ୟଞ୍ଜନ ବର୍ଣ୍ଣଥିଲେ ତନ୍ମଧ୍ୟରୁ ଗୋଟିକର ସାଧାରଣତଃ ର, ବ, ସ, ର ଲୋପ ହୋଇଥାଏ । କିମ୍ବା ସ୍ୱରଭକ୍ତିଯୋଗୁଁ ବ୍ୟଞ୍ଜନ ଦୁଇଟିକୁ ବିଶ୍ଳିଷ୍ଟ କରଦିଏ । ଯଥା-ସ୍ଥିର-ଥିର, ସ୍କନ୍ଧ—କାନ୍ଧ (୩) ସ୍ନାନ--ଣାନ (୭, ୧୮,), ଭ୍ରମ୍ୟେ—ଭମ୍ବଏ (୪୧), ସ୍ୱଭାବେ—ସହାବେ (୯) କ୍ଷୁର--ଖୁର, କ୍ଷଣହିଁ—ଖଣହିଁ (୪), କ୍ଷେପନ୍ତୁ—ଖେପନ୍ତୁ (୪) ।

ସ୍ୱରଭକ୍ତି ଯୋଗୁଁ ବର୍ଣ୍ଣର ବିଶ୍ଳେଷ ଯଥା—ଗ୍ରାହକ—ଗରାହକ (୩) ଘ୍ରାଣ—ଘରଣ (୧୦); ବର୍ଷିଲ---ବରସିଅ (୯), ସ୍ୱପ୍ନ (ସୁଇନା) ପ୍ରଭୃତି ।

ପଦ ମଧ୍ୟସ୍ଥିତ ସଂଯୁକ୍ତ ବ୍ୟଞ୍ଜନ ବର୍ଣ୍ଣର (କ) ଗୋଟିକର ସ୍ଥାନେ ସ୍ଥାନେ ଲୋପ (ଖ) ସ୍ଥାନେ ୨ ସମୀଭାବ ଏବଂ (ଗ) ସ୍ଥାନେ ସ୍ଥାନେ ସ୍ୱରଭକ୍ତି ଯୋଗୁଁ ବିଶ୍ଳିଷ୍ଟ ହେବା ଦେଖାଯାଏ । ଯଥା—(କ) ଜନ୍ମ—ଜାମ (୮); ଉଦ୍ଦେଶ୍ୟ—ଉଦେସେ (୧୨), ସୂର୍ଯ୍ୟ—ସୁଜ (୫) ନିର୍ଣ୍ଣିତ—ନିଚତ (୧) ମନ୍ତ୍ରିଏଁ—ମତିଏଁ (୧୨) ଶୂନ୍ୟତା—ସୁନତା (୧୩) ଇତ୍ୟାଦି ।

(ଖ) ବିଯୁକ୍ତୀ—ଭିଅଉତା, ଅଲକ୍ଷଲକ୍ଷଣ—ଅଲକ୍ଖ ଲକ୍ଖଣ (୧୫)

(ଗ) ଯୁକ୍ତ—ଜୁଗୁତ (୨) ପଦ୍ମ—ପଦୁମା, ଅକ୍ଳେଶେ—ଅକଲେସେଁ (୯) ଭର୍ତ୍ତି—ଭରତ (୮) କ୍ଷ ସ୍ଥାନରେ (କ) ଛ (ଖ) ହ (ଗ) ଖ ହେବାର ଆ--ରଚୀରେ ଦେଖିବାକୁ ମିଳେ । ଯଥା—

(କ) କ୍ଷାର—ଚ୍ଛାର (୧୧) ପରୀକ୍ଷା—ପରିଚ୍ଛା (୨୯) ସମୀଭବ ।
(ଖ) ଦକ୍ଷିଣ—ଦାହିଣ (୫)

(ଗ) କ୍ଷଣହିଁ—ଖଣହିଁ (୪) କ୍ଷେପନ୍ତୁ—ଖେପନ୍ତୁ (୨) କ୍ଷୁର—ଖୁର (୬)
ମୋକ୍ଷ—ମୋଖ (୧୧) ଅକ୍ଷି—ଆଖି (୧୫) ବପକ୍ଷ—ବପଖ (୧୬)
ଉପେକ୍ଷି—ଉଏଖି (୧୬)

ଚର୍ଯାରେ ଖ'ର ହ'କାର ହେବାର ସ୍ଥଳେ ୨ଦେଖାଯାଏ । ଯଥା—
ମହାସୁଖ—ମାହସୁହ (୧) ମୁଖ—ମୁହଁ (୪) ସଖି—ସହି (୧୬)ଘ'କାରର
ହ'କାର ହେବାର ସ୍ଥାନେ ସ୍ଥାନେ ଦେଖାଯାଏ—ଯଥା—ମେଘ—ମେହ
(୩୦)(ମେଘ—ମେହୁ—ରହସ୍ୟ ମଞ୍ଜରୀ) ଜ'ର ଡ'ରେ ପରିଣତି—ଯଥା—
ଯୁକ—ଜୋଡ଼ଅ (୫) ଯୁକ୍ତ

ଚର୍ଯାରେ ସ୍ଥାନେ ସ୍ଥାନେ ଟ'ର (କ) ଠ'ରେ (ଖ) ଓ ଡ'ରେ
ପରିଣତ ହେବାର ଦେଖାଯାଏ । ଯଥା—(କ) ଦୃଷ୍ଟ— ଦିଠା (୧)
ବିଷ୍ଟ—ବଇଠ (୧୬)

·ବିଷ୍ଟ—**Noun**—ବିଟ୍ଠ—ବଇଟଠ—ବଇଠ, ପ୍ରବିଷ୍ଟ— ପଇଠ।

(ଖ) ବଧିଟି—ବହୁଟି—ବହୁଡି (୨) କୋଟି—କୋଡି (୨) କୁଟୀର—
କୁଡ଼ିଆ (୧୦) ନଟ—ନଡ (୧୦) ନକଟ—ନଅଡ଼ (୧୨) ନାବଟି
ନାବଡି (୩୮) ଘଟୀ—ଘଡ଼ି (୩) ବାଟୀ—ବାଡ଼ି (୩୪୫୦) ଉପାଟି
—ଉପାଡ଼ (୮)

ଓଡ଼ିଆରେ ଟ'ର ଡ଼'ରେ ପରିଣତ ହେବା ତ ସାଧାରଣ କଥା ।
ଯଥା—କର୍କଟ—କକଡ଼ା, ଅଟଟ—ଅଟଡ଼ା, ଶକଟ—ଶଗଡ଼,
ବଟୀ—ବଡ଼ି ପ୍ରଭୃତି । ଚର୍ଯାରେ ସ୍ଥଳେ ସ୍ଥଳେ 'ଠ', 'ଡ଼'ର ପରିଣତ
ହୋଇଅଛି । ଯଥା—ଗଠ—ଗଢ଼ । ଓଡ଼ିଆରେ ପଠନ୍ତି—ପଢ଼ଇ,
ତ୍ରିପାଠୀ—ତିହାଡ଼ି, ପୀଠ—ପିଢ଼ା ପ୍ରଭୃତି ଠ'କାର ଢ'କାର
ହେବାର ଦେଖାଯାଏ । ସ୍ଥଳେ ସ୍ଥଳେ ତ'ର ଟ'କାର ହେବାର
ଚର୍ଯାରେ ଦେଖାଯାଏ । ଯଥା—ବର୍ତ୍ମ-ବାଟ, ତ୍ରୁଟ୍ୟନ୍ତି-ତୁଟଇ-ଟୁଟଇ

(୪୬) । ଓଡ଼ିଆରେ ବାଟ, ଲଡା, ଲଟା, ମୃତ୍ତିକା ପ୍ରଭୃତିରେ 'ତ'କାର ଟ'କାର ହେବାର ଦେଖାଯାଏ । ଚର୍ଯ୍ୟାରେ ସ୍ଥାନେ ସ୍ଥାନେ ତ'କାର 'ଡ' ହେବାର ଦେଖାଯାଏ । ଯଥା—ପ୍ରିଂଭ୍ୟସଇ—ପଡହାଇ (୪୧), ପ୍ରତିବମ୍ବ—ପଡବିମ୍ବୁ (୪୧) ପ୍ରତିବେଶୀ—ପଡ଼ୋଶୀ, ପତତ—ପଡ଼ିଆ (୪୫), ପୀତନ୍ତ୍ରେ ପଡଚନ୍ତ୍ରେ (୧୪) । ଓଡ଼ିଆରେ ପ୍ରତିହାରୀ, ପଡ଼ିହାରି, ପଡ଼ୋସୀ, ପଡ଼ିବା ପ୍ରଭୃତି ଶବ୍ଦରେ ତ'ର ଡ' ହେବାର ଦେଖାଯାଏ । ଚର୍ଯ୍ୟାରେ ଥ'ର ହ ହେବାର ଦେଖାଯାଏ । ଯଥା—ନାଥ—ନାହା (୧୫) । ଓଡିଆରେ ନାହା, ରହା (ରଥ୍ୟା) ପ୍ରଭୃତିରେ ଥ'ର ହ' ହୋଇଥାଏ । ରଥ—ରହୁ । ସ୍ଥଳେ ସ୍ଥଳେ ଚର୍ଯ୍ୟାରେ ଦ'ରୁ ଡ' ହୁଏ । ଯଥା—ଦରେ—ଡରେ (୨) କପର୍ଦ୍ଦି—କବଡ୍ଡୀ (୧୪) । ଓଡିଆରେ ଡ'ରେ, କଉଡ଼ି, ଡୋଳା (ଦୋଳା) ପ୍ରଭୃତିରେ ଦ'ର ମଧ୍ୟ ଡ' ହେବାର ଦେଖାଯାଏ ।

ଚର୍ଯ୍ୟାରେ ଧ ର ହ ହେବାର ସ୍ଥାନେ ୨ ଦେଖାଯାଏ । ଯଥା—ବଧୂଟି—ବହୁଟିଏ, ସମାଧି—ସମାହି (୧), ବୋଧେ—ବୋହେ (୧୬,୨୦) ବୋଧି—ବୋହି (୩୨) । ଓଡ଼ିଆରେ ମଧ୍ୟ ବହୁ, ମହୁ, (ମଧୁ), ଦହି (ଦଧି) ପ୍ରଭୃତି ସ୍ଥଳର ଧ'ର ହ' ହୋଇଥାଏ ।

ନ'ର ଣ' ହେବା ବିଷୟ ପୂର୍ବରେ କୁହା ହୋଇଅଛି । ଚର୍ଯ୍ୟାରେ ନ'ର ଲ' ସ୍ଥାନେ ସ୍ଥାନେ ହୋଇଥାଏ । ଯଥା—ନେଉ—ଲେଉ (୧), ନେମି—ଲେମି (୧୦) ନେଇ—ଲଇଅ (୧୭) ନେଉଁ—ଲେହୁଁ (୧୨) ନେଇ—ଲେଇ [୧୪] । ଓଡ଼ିଆରେ କଟକ ପ୍ରଭୃତି କେତେକ ସ୍ଥାନରେ 'ନ' ସାଧାରଣତଃ 'ଲ' ରୂପରେ ଉଚ୍ଚାରିତ ହୁଏ । ତେଣୁ ଲୋକେ କଟକିଆଙ୍କୁ ପରିହାସ କରି କହିଥାନ୍ତି—ରେ ଲବନା ଲ ପଇସାରେ ଲଟା ଲଡ଼ିଆ ଲବୁ ତ ଲେ, ଲ ଲବୁ ତ ଲ ଲେ । ସୁତରାଂ ନ'କୁ ଲ ରୂପରେ ଉଚ୍ଚାରଣ କରିବା କଟକ ପ୍ରଭୃତି ସ୍ଥାନର ବିଶେଷତ୍ୱ ।

ଚର୍ଯ୍ୟାରେ ସ୍ଥାନେ ସ୍ଥାନେ ଭ'ର ହ' ହୋଇଥାଏ । ଯଥା—ସ୍ୱଭାବେ—ସହାବେ (୧) ତ୍ରିଭୁବନ—ତିହୁଅଣ (୨୬) ଶୋଭଇ—ସୋହଇ (୪୬) ।

ଓଡ଼ିଆରେ ସୋହଇ, ଗହ୍ବର (ଗଭ୍ଭର), ନାହ୍ବ [ନାଭ], ଆଭ୍ଭସ୍ଥ— ଅହଶ୍ୱୀ, ଅଇର ପ୍ରଭୃତି ଶବ୍ଦରେ ଭ'ର ହ' ହେବାର ଦେଖାଯାଏ ।

ପ୍ରାକୃତରେ ପଦର ଆଦ୍ୟ ଯ'କାର ସ୍ଥାନରେ ଜ'କାର ହୁଏ । ଚର୍ଯାରେ ମଧ୍ୟ ଆଦ୍ୟ ଯ'କାର ଜ'କାରରେ ପରିଣତ ହେବାର ଦେଖାଯାଏ । ଯଥା—ଯାଇ—ଜାଇ (୨) ଯେ—ଜେ (୩), ଯୋଗିନ୍ନୀ— ଜୋଇଣୀ [୩] ସୂର୍ଯ୍ୟ—ସୁଜ [୪], ଯଦି—ଜଇ (୫) । ସେହିପରି ଜାସି (୧୦) ଜୋଇଆ [୧୪] ଜାଇବ (୧୪), ଜାଇ (୧୫), ଜୌବଣ [୨୦] ।

ପ୍ରାକୃତର ନିୟମାନୁସାରେ ଓଡ଼ିଆରେ ଆଦ୍ୟ ଯ'କାରଟି ସର୍ବତ୍ର ଜ'କାରରେ ପରିଣତ ହୁଏ । ଓଡ଼ିଆରେ ଯ'କାରର ଉଚ୍ଚାରଣ ନାହିଁ । ଏହି ଯ'କାର ସ୍ଥାନେ ସ୍ଥାନେ ଯ୍ଯ ରୂପରେ ଉଚ୍ଚାରିତ ହୁଏ । ଜ—ଯ ଯଥା—ଜେ, ଜାଇ, ଜୋଗି, ଜାଉ [ଯବାଷୁ], ଜାଆ [ଯାତା] ପ୍ରଭୃତି ଶବ୍ଦରେ ଜ'କାର ଦେଖାଯାଏ ।

ଚର୍ଯାରେ ସ୍ଥାନେ ସ୍ଥାନେ ର'ର ଡ' ହେବାର ଦେଖାଯାଏ । ଯଥା—କରଇ—କାଡଇ (୨) କୋରଅ—କୋଡଅ (୫)

ଓଡ଼ିଆରେ କୋଡ—କୋର, ଧର୍ଷ—ଧଡସ, ମରା—ମଡା, ମରକ— ମଡକ ପ୍ରଭୃତି ଶବ୍ଦରେ ର'ର ଡ' ହୋଇଥାଏ ।

ଓଡ଼ିଆରେ ଳ' ବୋଲି ଗୋଟିଏ ବିଶେଷ ଅକ୍ଷର ଅଛି । ଏହି ଧ୍ୱନି ଗୁଜରାଟୀ ଓ ମହାରାଷ୍ଟ୍ରୀ ଭାଷାରେ ରହିଅଛି । କିନ୍ତୁ ବଙ୍ଗ,ମଗଧ, ମିଥିଲା ପ୍ରଭୃତି ଭାଷାରେ ଏହି ଧ୍ୱନି ଲକ୍ଷିତ ହୁଏ ନାହିଁ । ସେଥିଲାଗି ଓଡ଼ିଆରେ ଏହି ଳ'କାର ଧ୍ୱନିକୁ ସେମାନେ ଡ' ରୂପରେ ଉଚ୍ଚାରଣ କରିଥାନ୍ତି । ଯଥା—ଗୁଡ଼ଳ—ଗୁଡଡ ବା ଗୁଡ଼ର । ଏହି ଧ୍ୱନିଟି ବୈଦିକ ବେଦରେ ଦୁଇ ସ୍ୱରର ମଧ୍ୟବର୍ତ୍ତୀ 'ଡକାର' ଳ' ରୂପରେ ଉଚ୍ଚାରିତ ହୁଏ । "ଅଚ୍ ମଧ୍ୟସ୍ଥଡକାରଂ ତୁ ଳକାରଂ. ଋଗ୍‌ବେଦୋ ବଦୁଃ । ଯଥା—ଅଗ୍ନି ମୀଳେ ପୁରୋହିତମ୍ । ଚର୍ଯାରେ ସ୍ଥଳେ ସ୍ଥଳେ ଓଡିଆ ଭାଷାର ଏହି ଳ' ଧ୍ୱନି

ଡ'ରେ ପରିଣତ ହୋଇଅଛି । ଯଥା—ଗାଇଲ—ଗାଇଡ଼ [୨], ସମାଇଲ—ସମାଇଡ, ତୋଳ—ତୋଡ ।

ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ ମହାଶୟ ମଧ୍ୟ ବୌଦ୍ଧଗାନ ଓ ଦୋହା ଗ୍ରନ୍ଥର ମୁଖବନ୍ଧରେ 'ଡ' ଉଚ୍ଚାରଣ ଓଡ଼ିଆ ଭାଷାର ବିଶେଷତ୍ୱ ବୋଲି ସ୍ୱୀକାର କରିଅଛନ୍ତି ।

ପୂର୍ବରେ କୁହା ହୋଇଛି—ପ୍ରାକୃତପରି ଚର୍ଯାରେ ଗୋଟିଏ ସ ଦେଖିବାକୁ ମିଳେ । ଓଡ଼ିଆରେ ମଧ୍ୟ ଶ, ଷ ଓ ସ ର ଉଚ୍ଚାରଣରେ ପ୍ରଭେଦ ଲକ୍ଷିତ ହୁଏ ନାହିଁ । କେବଳ ଦନ୍ତ୍ୟ ସ'ର ଉଚ୍ଚାରଣ ହୋଇଥାଏ ।

ଚର୍ଯାରେ ସ୍ଥାନେ ସ୍ଥାନେ ହ'କାରର ଲୋପ ଦେଖିବାକୁ ମିଳେ । ଗୁରୁ ଉଚ୍ଚାରଣ ଲଘୁ କରିଯିବାର ଦେଖାଯାଏ । ଯଥା—ଦିବସହିଁ- ଦିବସଇ [୨] । ସରୁହିଁ—ସରୁଇ [୩] ତହିଁ—ତଇଁ [୪] ତାହାର—ତଆର (୧୨),

ଓଡ଼ିଆରେ ମଧ୍ୟ ମହିଷ—ମଇଁସ, ମହୋତ୍ସବ—ମଉଛା, ବହିଷ —ବୋଇତ ପ୍ରଭୃତି ଶବ୍ଦରେ ହ'କାର ଲୋପ ଦେଖାଯାଏ ।

ଚର୍ଯାରେ ସ୍ଥାନେ ସ୍ଥାନେ ସ୍ୱରବର୍ଣ୍ଣରେ ହକାର ଆଗମ ହୋଇ ଲଘୁର ଗୁରୁ ଉଚ୍ଚାରଣ ଅର୍ଥାତ୍ ସ୍ୱରରେ ଶକ୍ତିପାତ ହୋଇଥାଏ । ଯଥା— ନେଉଁ—ଲେହୁ [୧], କରଉଁ—କରହୁଁ [କରୁଁ], ଥାଇ—ଥାହି [୫] ହୋଇ—ହୋହି [୫], ହୋଉ—ହୋହୁ [୬], ଆଲେ—ହାଲେ [୧୦], ଖେଳଉଁ—ଖେଳହୁଁ [ଖେଳୁଁ] ଦେଉଁ—ଦେହୁଁ, ଲେଉଁ—ଲେହୁଁ [୧୨] ସିଞ୍ଚଉଁ—ସିଞ୍ଚହୁଁ [୧୪], ଥାଆ ଥାହା [୧୫]

ଓଡ଼ିଆରେ ପ୍ରାୟ ଉଚ୍ଚାରଣର ସାଦୃଶ୍ୟ ଯୋଗୁଁ ସ୍ୱରବର୍ଣ୍ଣରେ ହ'କାର ଯୋଗ ହୋଇଥାଏ । ଯଥା—ନଗର—ନଅର—ନହର । ଶବର ସଅର—ସହର ପ୍ରଭୃତି ।

ସେହିପରି ନେଉଁ, କରୁଁ ପ୍ରଭୃତି ଲେହୁଁ, କରହୁଁ ଚର୍ଯାରେ ହୋଇଅଛି । ଓଡ଼ିଆରେ ଉଦାହରଣ—

ଅନ୍ଧଛପିସୁତ ନେଇଁ ମାର ବେ· ବ. ୧୮ ଗ୍ରୁ: ୮ ପଦ ।
ବାହମି କରୁଁ ନାକଟକୁ ଗଡ ,, ୧୧ ଗ୍ରୁ: ୭ ପଦ ।

ଚର୍ଯାରେ ଧ୍ୟ ର ଝ ହୋଇଥାଏ । ଯଥା—ଧ୍ୟାନେ—ଝାଣେ (୧) ମଧ୍ୟେ—ମାଝେଁ [୭।୫] ଓଡ଼ିଆରେ ମଧ୍ୟ ମାଝେଁ, ମଝାମଝି, ଓଝା [ଉପାଧ୍ୟାୟ] ମଝିଆ [ମଧ୍ୟମ] ପ୍ରଭୃତି ପଦରେ ଧ୍ୟ'ର ଝ ହେବାର ଦେଖାଯାଏ । ବନ୍ଧ୍ୟା—ବାଁଝ, ସନ୍ଧ୍ୟା—ସଂଝ, ସଂଜ ।

ସ୍ଥାନେ ସ୍ଥାନେ ଚର୍ଯାରେ ଜ୍ଞ'ର ଜ ଓ ଣ ହେବାର ଦେଖାଯାଏ । ଯଥା - [କ] ଜ୍ଞାନ—ଜାଣ (୨୦), [ଖ] ବିଜ୍ଞାନ—ବିଣାଣ (୨୦)

ଓଡ଼ିଆରେ ଜାଣ, ସୁଜାଣ, ଅଜଣା ପ୍ରଭୃତି ପଦରେ ଜ୍ଞ'ର ଜ ହୋଇଥାଏ । ପ୍ରାକୃତ ପରି ଚର୍ଯାରେ ବି ପଦମଧ୍ୟସ୍ଥିତ କ ଗ ଚ ଜ ତ ଦ ପ ବ ଓ ଯ କାରର ପ୍ରାୟ ଲୋପ ହୋଇଥାଏ । ଯଥା—ଲୋକ—ଲୋଅ (୫), ନିକଟ—ନିଅଡ଼ (୧୨), ଯୋଗିନୀ—ଜୋଇଣି (୪), ନଗର—ନଅରି (୧୧), ଗୋଚର—ଗୋଅର (୭), ନିଜ—ନିଅ (୧୩), ବିଜାତି—ବିଆତି (୨), ଘୃତ · ଘିଅ (୨), ଗତି—ଗଇ (୯), ପାଦ—ପାଏ (୨), ମଦଗଳ—ମଅଗଳ (୯) ଜିନପୁର—ଜିଣଉର (୧୨), ନୈପୁର—ନେଉର (୧୧) ପ୍ରବିଷ୍ଟ—ପଇଠ (୧·) ମାୟା--ମାଆ (୪) (୫୦)—ମାଅ (୧୩) । ଓଡ଼ିଆରେ ମଧ୍ୟ ନଅର, ସଅର, ପଇଠ, ମାଆ କଉଠା, (କବଠା) ପ୍ରଭୃତି ଶବ୍ଦରେ ପଦ ମଧ୍ୟସ୍ଥିତ ବର୍ଣ୍ଣର ଲୋପ ହୋଇଥାଏ ।

ଚର୍ଯାରେ ସ୍ଥଳେ ସ୍ଥଳେ ବର୍ଣ୍ଣ ବିପର୍ଯ୍ୟୟ ଦେଖାଯାଏ । ସ୍ୱରବର୍ଣ୍ଣ ବିପର୍ଯ୍ୟୟ ଯଥା—ଅନାହତ—ଅନହା (୧୦), ଲଙ୍କା—ଲଙ୍କ [୍ୱ୨) ବ୍ୟଞ୍ଜନ ବର୍ଣ୍ଣ ବିପର୍ଯ୍ୟୟ—ଯଥା—ଲଗ୍ନ—ଲିଙ୍ଗ (୧୦), ମୃଣାଳ—ମୋଲଣ (୧୦) କୃଷ୍ଣ—କାହ୍ନୁ (୧୦) । ଚର୍ଯାରେ ସ୍ଥଳ ବିଶେଷରେ ସାନୁନାସିକ ଉଚ୍ଚାରଣ ଦେଖାଯାଏ । ଯଥା—ବିଦାରଇ—ବିଦାଅ (୨୦), ଉଚ୍ଚଉଚ୍ଚ—ଉଚ୍ଚୁଁ ଉଚ୍ଚୁଁ (୨ ), ନିଦ୍ରା—ନିଦ—ନିନ୍ଦ (୧୩), ସ୍ରୋତେ—ସୋନ୍ତେ (୩୮) । ଓଡ଼ିଆରେ ମଧ୍ୟ ଉଞ୍ଚ, ନିନ୍ଦ, ସନ୍ଥ (ସତ୍ତ୍ୱ), ମଞ୍ଜାରି (ମାର୍ଜାରି) ପ୍ରଭୃତିରେ ସାନୁନାସିକ ଉଚ୍ଚାରଣ ଦେଖାଯାଏ ।

ଡ଼'ରେ ପରିଣତ ହୋଇଅଛି । ଯଥା—ଗାଇଲ—ଗାଇଡ଼ [୨]
ସମାଇଲ—ସମାଇଡ଼, ତୋଳ—ତୋଡ଼ ।

ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ ମହାଶୟ ମଧ୍ୟ ବୌଦ୍ଧଗାନ ଓ ଦୋହା ଗ୍ରନ୍ଥର ମୁଖବନ୍ଧରେ 'ଡ଼' ଉଚ୍ଚାରଣ ଓଡ଼ିଆ ଭାଷାର ବିଶେଷତ୍ୱ ବୋଲି ସ୍ୱୀକାର କରିଅଛନ୍ତି ।

ପୂର୍ବରେ କୁହା ହୋଇଛି—ପ୍ରାକୃତପରି ଚର୍ଯାରେ ଗୋଟିଏ ସ ଦେଖିବାକୁ ମିଳେ । ଓଡ଼ିଆରେ ମଧ୍ୟ ଶ, ଷ ଓ ସ ର ଉଚ୍ଚାରଣରେ ପ୍ରଭେଦ ଲକ୍ଷିତ ହୁଏ ନାହିଁ । କେବଳ ଦନ୍ତ୍ୟ ସ'ର ଉଚ୍ଚାରଣ ହୋଇଥାଏ ।

ଚର୍ଯାରେ ସ୍ଥାନେ ସ୍ଥାନେ ହ'କାରର ଲୋପ ଦେଖିବାକୁ ମିଳେ । ଗୁରୁ ଉଚ୍ଚାରଣ ଲଘୁ କରାଯିବାର ଦେଖାଯାଏ । ଯଥା—
ଦିବସହିଁ- ଦିବସଇ [୨] । ସରୁହିଁ—ସରୁଇ [୩] ତହିଁ—ତଇଁ [୪]
ତାହାର—ତଆର (୧୨),

ଓଡ଼ିଆରେ ମଧ୍ୟ ମହିଷ—ମଇଁସ, ମହୋତ୍ସବ—ମଓଛା, ବହିତ୍ର —ବୋଇତ ପ୍ରଭୃତି ଶବ୍ଦରେ ହ'କାର ଲୋପ ଦେଖାଯାଏ ।

ଚର୍ଯାରେ ସ୍ଥାନେ ସ୍ଥାନେ ସ୍ୱରବର୍ଣ୍ଣରେ ହକାର ଆଗମ ହୋଇ ଲଘୁର ଗୁରୁ ଉଚ୍ଚାରଣ ଅର୍ଥାତ୍ ସ୍ୱରରେ ଶକ୍ତିପାତ ହୋଇଥାଏ । ଯଥା—
ନେଉଁ—ଲେହୁ [୧], କରଉଁ—କରହୁଁ [କରୁଁ], ଥାଇ—ଥାହି [୫]
ହୋଇ—ହୋହି [୫], ହୋଉ—ହୋହୁ [୭], ଆଲେ—ହାଲେ [୧୦],
ଖେଳଉଁ—ଖେଳହୁଁ [ଖେଳୁଁ] ଦେଉଁ—ଦେହୁଁ, ଲେଉଁ—ଲେହୁଁ [୧୨]
ସିଞ୍ଚଉଁ—ସିଞ୍ଚହୁଁ [୧୪], ଥାଆ ଥାହା [୧୫]

ଓଡ଼ିଆରେ ପ୍ରାପ୍ୟ ଉଚ୍ଚାରଣର ସାଦୃଶ୍ୟ ଯୋଗୁଁ ସ୍ୱରବର୍ଣ୍ଣରେ ହ'କାର ଯୋଗ ହୋଇଥାଏ । ଯଥା—ନଗର—ନଅର—ନହର । ଶବର ସଅର—ସହର ପ୍ରଭୃତି ।

ସେହିପରି ନେଉଁ, କରୁଁ ପ୍ରଭୃତି ଲେହୁଁ, କରହୁଁ ଚର୍ଯାରେ ହୋଇଅଛି । ଓଡ଼ିଆରେ ଉଦାହରଣ—

ଅନ୍ଧଚପିସୁତ ନେଉଁ ମାର  ବୈ· ବ. ୧୮ ଗୁ: ୮ ପଦ ।
ବଜ୍ରମି କରୁଁ ନକଣ୍ଟକୁ ଗଣ୍ଡ  ,,  ୧୧ ଗୁ: ୭ ପଦ ।

ଚର୍ଯାରେ ଧ୍ୟ ର ଝ ହୋଇଥାଏ । ଯଥା—ଧ୍ୟାନେ—ଝାଣେ (୧) ମଧ୍ୟେ—ମାଝେଁ [୭।୫] ଓଡ଼ିଆରେ ମଧ୍ୟ ମାଝେଁ, ମଝାମଝି, ଓଝା [ଉପାଧ୍ୟାୟ] ମଝିଆ [ମଧ୍ୟମ] ପ୍ରଭୃତି ପଦରେ ଧ୍ୟ'ର ଝ ହେବାର ଦେଖାଯାଏ । ବନ୍ଧ୍ୟା—ବାଁଝ, ସନ୍ଧ୍ୟା—ସଂଝ, ସଂଜ ।

ସ୍ଥାନେ ସ୍ଥାନେ ଚର୍ଯାରେ ଜ୍ଞ'ର ଜ ଓ ଣ ହେବାର ଦେଖାଯାଏ । ଯଥା - [କ] ଜ୍ଞାନ—ଜାଣ (୨୦), [ଖ] ବିଜ୍ଞାନ—ବିଣାଣ (୨୦)

ଓଡ଼ିଆରେ ଜାଣ, ସୁଜାଣ, ଅଜଣା ପ୍ରଭୃତି ପଦରେ ଜ୍ଞ'ର ଜ ହୋଇଥାଏ । ପ୍ରାକୃତ ପରି ଚର୍ଯାରେ ବି ପଦମଧ୍ୟସ୍ଥିତ କ ଗ ଚ ଜ ତ ଦ ପ ବ ଓ ଯ କାରର ପ୍ରାୟ ଲୋପ ହୋଇଥାଏ । ଯଥା—ଲୋକ—ଲୋଅ (୫), ନିକଟ—ନିଅଡ (୧୨), ଯୋଗିନୀ—ଜୋଇଣି (୪), ନଗରୀ—ନଅରୀ (୧୧), ଗୋଚର—ଗୋଅର (୭), ନିଜ—ନିଅ (୧୩), ବଜାନ୍ତ—ବଆନ୍ତ (୨), ଘାତ—ଘାଅ (୨), ଗତି—ଗଇ (୯), ପାଦେ—ପାଏ (୨), ମଦଗଳ—ମଅଗଳ (୯) ଜନପୁର—ଜଣଉର (୧୨), ନୈପୁର—ନେଉର (୧୧) ପ୍ରବିଷ୍ଟ—ପଇଠ (୧୦) ମାୟା—ମାଆ (୪) (୫୦)—ମାଅ (୧୩) । ଓଡ଼ିଆରେ ମଧ୍ୟ ନଅର, ସଅର, ପଇଠ, ମାଆ କଉଠା, (କବଠା) ପ୍ରଭୃତି ଶବ୍ଦରେ ପଦ ମଧ୍ୟସ୍ଥିତ ବର୍ଣ୍ଣର ଲୋପ ହୋଇଥାଏ ।

ଚର୍ଯାରେ ସ୍ଥଳେ ସ୍ଥଳେ ବର୍ଣ୍ଣ ବିପର୍ଯ୍ୟୟ ଦେଖାଯାଏ । ସ୍ୱରବର୍ଣ୍ଣ ବିପର୍ଯ୍ୟୟ ଯଥା—ଅନାହତ—ଅନହା (୧୦), ଲଙ୍କା—ଲାଙ୍କ [" ୨) ବ୍ୟଞ୍ଜନ ବର୍ଣ୍ଣ ବିପର୍ଯ୍ୟୟ—ଯଥା—ଲଗ୍ନ—ଲାଗ (୧୦), ମୃଣାଳ—ମୋଲଣ (୧୦) କୃଷ୍ଣ—କାନ୍ହୁ (୧୦) । ଚର୍ଯାରେ ସ୍ଥଳ ବିଶେଷରେ ସାନୁନାସିକ ଉଚ୍ଚାରଣ ଦେଖାଯାଏ । ଯଥା—ବିଦାରଇ—ବିଦାରଅ (୨୦), ଉଚଉଚ—ଉଚୁଁ ଉଚୁଁ (୨), ନଦ୍ୟା—ନଦ—ନନ୍ଦ (୧୩), ସ୍ରୋତେ—ସୋନ୍ତେଁ (୩୮) । ଓଡ଼ିଆରେ ମଧ୍ୟ ଉଁଚ, ନନ୍ଦ, ସନ୍ତୁ (ସତ୍ତ୍ୱ), ମଞ୍ଜାର (ମାର୍ଜାର) ପ୍ରଭୃତିରେ ସାନୁନାସିକ ଉଚ୍ଚାରଣ ଦେଖାଯାଏ ।

# ପଦ ବିଚାର

## ବଚନ

ସଂସ୍କୃତ ପ୍ରାକୃତରେ ପରିଣତ ହେବା ସାଙ୍ଗେ ସାଙ୍ଗେ ଶବ୍ଦରୂପ ଓ ଧାତୁରୂପରେ ଦ୍ୱିବଚନର ଲୋପ ହୋଇଅଛି । କେବଳ ବେନି ଦୁଇ ହାଇ ଓ ଉଭୟ ପ୍ରଭୃତି ଶବ୍ଦ ଦ୍ୱିବଚନର ଚିହ୍ନ ରୂପରେ ଅବଶିଷ୍ଟ ରହିଅଛି ଏବଂ ଦୁଇ ସଂଖ୍ୟା ସୂଚିତ କରେ ଯଥା—

ଅଧିକାର ଭ୍ରଷ୍ଟ ହୋଇ ପିତା ପୁତ୍ରେ ଦୁଇ
ମଳୟ ଗିରିରେ ଅଛୁଁ କୁଟୀର ନିର୍ମାଇ ।

(ବେତାଳ ପଞ୍ଚବିଂଶତି ପୃ୧୫)

ବେନି ଭ୍ରାତ ମୁନି ସଙ୍ଗେ ଦେଖି ସିଦ୍ଧ ବନ । ବୈ: ବି:

ସେହିପରି ଚର୍ଯାରେ ମଧ୍ୟ ବେନି ପ୍ରଭୃତି ଶବ୍ଦ ଦୁଇ ସଂଖ୍ୟା ସୂଚିତ କରେ । ଯଥା--

ଗୃନ୍ଧ ସୁଜ୍ଜ ବେନି ପଖା ଫାଳ (୪) ମନ ପବନ ବେନି କରଣ୍ଡକ ଶାଳା ( ୧୯, ୧, ୧୩, ୧୬ ଓ ୧୭, ) ଦୁଇ ଘରେ ସାନ୍ଧଅ (୩, ୧୪, ୨୬,)

ଓଡ଼ିଆରେ ଶବ୍ଦ ରୂପରେ ଏକବଚନ ଓ ବହୁବଚନ ପରସ୍ପରଠାରୁ ଭିନ୍ନ । ଓଡ଼ିଆରେ ବହୁବଚନରେ ମାନ, ମାନେ, ଏ, ଗୁଡ଼ି, ଗୁଡ଼ିଏ, ଲୁଚି, ଲୁଚିଏ ପ୍ରଭୃତି ପ୍ରତ୍ୟୟ ବ୍ୟବହାର ହୋଇଥାଏ ।

ସମସ୍ତ ସମୟରେ ସମୂହବାଚକ ଶବ୍ଦର ପ୍ରୟୋଗଦ୍ୱାରା ବହୁତ୍ୱ ସୂଚିତ ହେଉଥାଏ । ଚର୍ଯାରେ ସେହିପରି 'ସଅଳ ସମାହିଅ (୧) ମଣ୍ଡଳ, ସଅଳ (୧୬) ପ୍ରଭୃତି ପଦରେ ସକଳ ଶବ୍ଦ ବହୁତ୍ୱ ସୂଚିତ କରୁଅଛି । ବିଶେଷତଃ ଚର୍ଯାରେ ଓଡ଼ିଆର ବହୁବଚନ ସୂଚକ 'ଏ' ପ୍ରତ୍ୟୟର ବ୍ୟବହାର ବହୁଳ ଭାବରେ ହୋଇଅଛି । ଯଥା--ଗୈରେ ଣାଲ (୨) କୁକ୍କୁରୀ ପାଏଁ ଗାଇଉ (୨), କୁକ୍କୁରୀ ଚାଏ (୨୦)

ସଂସ୍କୃତ ୧ମା ବହୁବଚନରେ ନରାଃ, ଦେବାଃ ପ୍ରଭୃତିରେ ଆ ପ୍ରତ୍ୟୟ ହୋଇଥାଏ । ସେହି ଆ ପ୍ରତ୍ୟୟର ବ୍ୟବହାର ଓଡ଼ିଆରେ ଦେଖିବାକୁ ମିଳେ । ଯଥା--

ବାସବରେ ଯେ ପ୍ରଶଂସିତା
ବିଖ୍ୟାତ ଜଟାୟୁ ନାମ ତା । (ବୈ. ବି.)
ଯେବେ ଏହି ରୂପେ ହୋଇଥାନ୍ତେ ସୀତା
କମ୍ପାଇ ରାବଣ ରାକ୍ଷସ ବଳବନ୍ତା
ଭଲ ମନ୍ଦ ଦୁଇ କଥାକୁ ନ ବିଚାରି
ଆଣନ୍ତା କାହିଁପାଇଁ ମଦନେ ଧାରି । ପଟ୍ଟନାୟକ—ରାମାୟଣ

ଚର୍ଯ୍ୟାରେ ମଧ୍ୟ ସେ ଆ ପ୍ରତ୍ୟୟ ଦେଖିବାକୁ ମିଳେ । ଯଥା--

ସୁସୁରା ନିଦ ଗେଲ ବହୁଡ଼ ଜାଗଅ (୨)
ଆମ୍ଭେ କୁନ୍ଦୁରେ ବାରା
× × × ଲଭିଲା ଚୀରା (୪)
ତେ ତିନ ତେ ତିନ ତିନ ହୋ ଭିନ୍ନା (୭)

# କାରକ ବିଭକ୍ତି

## କର୍ତ୍ତୃ-କାରକ

ଓଡ଼ିଆରେ କର୍ତ୍ତୃକାରକରେ ୧ମା ଏକ ବଚନରେ କୌଣସି ବିଭକ୍ତିର ଚିହ୍ନ ବ୍ୟବହୃତ ହୁଏ ନାହିଁ ।

ଯଥା.--ଯାଗ ରକ୍ଷା କରିବୁଁ ବୋଇଲେ ମହାମୁନି [ ଦାଣ୍ଡି ରାମାୟଣ ଆଦ୍ୟ ୨୨୦ ]

ବୃଦ୍ଧି ଯତନୁ ଦିନକୁ ଦିନ, ଗଣି ସମରେ ହୋଇଲା ତନୁ ।
( ବୈ. ବି. ୧ ଗୁ ୨୦ ପଦ )

ଚର୍ଯାରେ ମଧ୍ୟ ସେହିପରି କର୍ତ୍ତୃକାରକ ଏକ ବଚନରେ କୌଣସି ବିଭକ୍ତି ବ୍ୟବହୃତ ହୋଇନାହିଁ । ଯଥା—

କାଆ ତରୁବର ପଞ୍ଚ ବି ଡାଲ (୧)
କ ନ୍ହୁ କଲସଅ ଆସବ ମାତା (୯)
ବାଜଇ ଆଲୋ ସହି ହେରୁଅ ବୀଣା (୧୭) ଇତ୍ୟାଦି ।

ଓଡ଼ିଆରେ ୧ମା ବହୁବଚନରେ ମାନ ପ୍ରତ୍ୟୟ ପରି 'ଏ' ପ୍ରତ୍ୟୟ ବିଶେଷ ଭାବରେ ବ୍ୟବହୃତ ହୁଏ । ଯଥା—

ଗତି କରନ୍ତେ ପଥରେ ଦ୍ରବ ହୋଇ ‹ ହସିବେ ପଥରେ
( ବି· ଚି. ୨୨ ଗୁ ୧୫·ପ )

ସଂସ୍କୃତରେ ସର୍ବାଦିଗଣର ୧ମା ବହୁବଚନରେ ଏ'କାର ପ୍ରତ୍ୟୟ ଯୋଗ ହୁଏ । ଯଥା– ସର୍ବେ, ତେ, କେ,

ପାଲି ଓ ପ୍ରାକୃତରେ ମଧ୍ୟ ସର୍ବାଦିଗଣର ବହୁବଚନରେ ' ପ୍ରତ୍ୟୟ ଯୋଗହୁଏ । ଯଥା—ସବ୍‌ବେ, ଇମେ, ଏଜେ । ସୁତରାଂ ସଂସ୍କୃତର ୧ମା ବହୁବଚନର ଏ' ପ୍ରତ୍ୟୟ ପାଲି ଓ ପ୍ରାକୃତ ଭାଷାରେ ଅକ୍ଷୁଣ୍ଣ ରହିଅଛି । ଯଥା – ପଣ୍ଡିତାଃ—ପଣ୍ଡିଏ (ପିଙ୍ଗଳ)

ସର୍ବନାମର ବହୁବଚନାନ୍ତ ଏ' ପ୍ରତ୍ୟୟ ଓଡ଼ିଆରେ ସମସ୍ତ ଶବ୍ଦର ବହୁବଚନ ପ୍ରତ୍ୟୟ ରୂପରେ ବ୍ୟବହୃତ ହୋଇଅଛି । ମାନ୍ୟାର୍ଥ ବୁଝାଇଲେ ଏହି ବହୁବଚନାର୍ଥକ ଏ' ପ୍ରତ୍ୟୟ ମଧ୍ୟ ଯୁକ୍ତ ହୁଏ । ଯଥା—

ଗୋବନ୍ଦେ ବଞ୍ଚାଇଲେ ତାହା, ବଜ୍ରହୁଁ ଆଣ୍ଠ ଯାର ହୁଆ ।
( ଭାଗ· ୧୦ ସ୍କନ୍ଧ )

ଚର୍ଯାରେ ଅନେକ ସ୍ଥଳରେ ଏହି ବହୁବଚନନ୍ତ ଏ' ପ୍ରତ୍ୟୟ ଦେଖିବାକୁ ମିଳେ । ଯଥା—ଗ୍ରେରେ ନଲ (୨) ଆଳଏଁ (୭) ଜେଜେ ଆଇଲ୍ଲ ତେ ତେ ଗେଲ୍ଲ (୭)

ମାନ୍ୟାର୍ଥରେ ମଧ୍ୟ ବହୁବଚନାନ୍ତ ଏ' ପ୍ରତ୍ୟୟ ଚର୍ଯାରେ ଦୃଷ୍ଟି-ଗୋଚର ହୁଏ ।

ଯଥା—କୁକ୍‌କୁରୀ ପାଏଁ ଗାଇଉ (ଲ) (୨)
ଭଣଥି କୁକ୍‌କୁରୀ ପାଏ ଭବସ୍ଥି ରା (୨୦)

ଓଡ଼ିଆରେ ପ୍ରାଚୀନ ସାହିତ୍ୟରେ ଏପରି ବହୁବଚନ ସ୍ଥଳରେ ଏକ ବଚନାନ୍ତ କ୍ରିୟା ମଧ୍ୟ ବ୍ୟବହୃତ ହେବାର ଦେଖାଯାଏ—ଯଥା—

କୃଷ୍ଣ ମେଘ ଉଦୟେ କେକୀ ଯେମନ୍ତ ହୁଏ
କୃଷ୍ଣ ଗୃହିଁ **ଗୋପୀଏ** ସେହି ପ୍ରକାର ହୁଏ । ର ସ କ ।

ଓଡ଼ିଆର ସ୍ଥଳ ବିଶେଷର ବ୍ୟକ୍ତିଙ୍କ କଥାରେ ସାନୁନାସିକ ଉଚ୍ଚାରଣ ହୁଏ । ଯଥା—ଖାଏଁ, ଖାଉଁଛି, ଲୋକେଁ ଇତ୍ୟାଦି । ତେଣୁ ୨ ଚର୍ଯାରେ 'ପାଏଁ' ସାନୁନାସିକ ହୋଇଅଛି । ସୁକୁମାର ସେନ (ଭାଷାର ଇତିବୃତ୍ତ ପୃ ୧୪୦) ଓ ସୁନୀତି କୁମାର ଚାଟୁର୍ଯାଙ୍କ ମତରେ (O,D,B,R 442) ସଂସ୍କୃତ ତୃତୀୟା ବିଭକ୍ତିର ଏନରୁ 'ଏଁ' ଏବଂ ଭିସ୍‌ରୁ 'ଏ' ପ୍ରତ୍ୟୟ ନିଷ୍ପନ୍ନ ହୋଇଅଛି । ତାଙ୍କ ମତରେ କୁକ୍‌କୁରୀ ପାଏଁ ଗାଇଉର ଅର୍ଥ କୁକ୍‌କୁରୀ ପାଦଙ୍କ ଦ୍ୱାରା ଗୀତ ହେଲା ।

ବିଶେଷତଃ ଓଡ଼ିଆରେ ମାଗଧୀ ପ୍ରାକୃତ ଅନୁସାରେ ୧ମା ଏକବଚନରେ ଏହିପରି 'ଏ' ପ୍ରତ୍ୟୟ ହୋଇଥାଏ । ଯଥା—ସେ, କଏ, ଜେ । ଦୁର୍ବଳ ହୋଇଲୁ କାଯ୍ୟେ ( ରସକଲ୍ଲୋଳ ) ଗୋପୀଏ ବୋଇଲୁ ମିତଣୀ ଅନ୍ୟ ଗୋପୀଏ ବୋଲେ ସଖି । ଭା. ୧୦ ସ୍କନ୍ଧ ।

ସେହିପରି ଚର୍ଯାରେ—କୁମ୍ଭୀରେ ଖାଅ (୨) ପ୍ରଭୃତି ପଦରେ ଏକବଚନରେ 'ଏ' ପ୍ରତ୍ୟୟ ବ୍ୟବହୃତ ହୋଇଅଛି ।

# କର୍ମ କାରକ

ଚର୍ଯାରେ ସ୍ଥାନେ ୨ ବିଭକ୍ତିର ବ୍ୟବହାର ନାହିଁ । ଯଥା— ବାଖୋଡ ମୋଡଜ (୪) କରୁଣା ପିହାଡି ଖେଲହୁଁ ନଅବଳ (୧୨) । ଓଡ଼ିଆରେ ମଧ୍ୟ କର୍ମକାରକରେ ୨ୟା ବିଭକ୍ତି ସ୍ଥଳେ ୨ ବ୍ୟବହୃତ ନାହିଁ । ଯଥା—ବିଧାତା ପ୍ରସାଦେଣ ଜିଣିଲି ତିନପୁର (ଦା· ଗ· ପ୍ରଭୃତି) । କୁ ପ୍ରତ୍ୟୟ ସ୍ଥାନେ ୨ ଚର୍ଯାରେ ବ୍ୟବହୃତ ହୋଇଅଛି । ଯଥା—୯ମ ଚର୍ଯାରେ 'ଅବିଦ୍ୟା କରିକୁଁ" ଦମ ଅକଲେସେ ଖ ପୁସ୍ତକରେ ପାଠ ଅଛି । ପ୍ରକାଶିତ ପୁସ୍ତକମାନଙ୍କରେ 'ବିଦ୍ୟା କରି ଦମକୁଁ ଅକାଟେଲସେ' ପାଠ ଗୃହୀତ ହୋଇଅଛି । କିନ୍ତୁ ସଂସ୍କୃତ ଟୀକାରେ 'ଅବିଦ୍ୟା କରିଣ୍ଦ୍ରସ୍ୟ ଦମନଂ କୁରୁ" ବୋଲି ଅର୍ଥ କରାହୋଇଅଛି । ତେଣୁ ଖ ପୁସ୍ତକର 'ଅବିଦ୍ୟା କରିକୁ ଦମ' ପାଠହିଁ ଶୁଦ୍ଧ ଓ ଯଥାର୍ଥ । ପ୍ରକାଶିତ ପୁସ୍ତକମାନଙ୍କର ପାଠ ଗ୍ରହଣ କଲେ ଅର୍ଥ ମଧ୍ୟ ସଂଗତ ହେଉନାହିଁ । ଏତେଣୁ ମୁଁ 'ଅବିଦ୍ୟା କରିକୁଁ ଦମ' ବୋଲି ଖ ପୁସ୍ତକର ପାଠ ଗ୍ରହଣ କରିଅଛି । 'କୁଁ' ପ୍ରତ୍ୟୟଟି ଏହି ପଦରେ ୨ୟା କର୍ମ କାରକର ବିଭକ୍ତି ରୂପରେ ବ୍ୟବହୃତ । ୨ୟା ବିଭକ୍ତି 'କୁ' ପ୍ରତ୍ୟୟ ଓଡ଼ିଆ ଭାଷାର ନିଜସ୍ୱ ଏବଂ ଆଜିକାଲି ମଧ୍ୟ ବ୍ୟବହୃତ ହୁଏ । ଯଥା—

ଘଡକୁ ଘଡ଼ି ଉଠି ବାହାର ଅଗଣାକୁ
ଗୃହୁଁ ଥାଏ ବନମଣିଙ୍କ ଶେଷକୁ । କୁ· ଭ· **P 154**

ସେହିପରି ୧୩ଶ ଚର୍ଯାରେ ପ୍ରକାଶିତ ପୁସ୍ତକ ମାନଙ୍କରେ 'ଅଠାକୁମାରି' ପାଠ ରହିଅଛି । କିନ୍ତୁ ସଂସ୍କୃତ ଟୀକାରେ ଏହି ପଦର ଅର୍ଥ କରା ହୋଇଅଛି—ଅଠ କୁମାରୀତି 'ବୁଦ୍ଧୈଶ୍ୱର୍ଯାଦିମୁଖମଭୁଭୂତମ' ଏତେଣୁ ଯଥାର୍ଥ ପାଠ ହେବ—ଅଠକୁ ମାରି—ଅର୍ଥାତ୍—ଆଠ ଐଶ୍ୱର୍ଯ୍ୟ ଭୋଗକରି ସାରି ବୋଲି ଏହି ପଦର ଅର୍ଥ ହେବ । କିନ୍ତୁ 'ଅଠକୁମାରି' ପାଠର କିଛି ଅର୍ଥ ବୋଧ ହେଉନାହିଁ । ସୁତରାଂ ମୁଁ 'ଅଠକୁ ମାରି' ପାଠଟି ଗ୍ରହଣ କରିଅଛି । ଏଠାରେ ମଧ୍ୟ କୁ ପ୍ରତ୍ୟୟଟି ଓଡ଼ିଆ କର୍ମ

ଣ୍ଡାରକର ଶବ୍ଦ—ଏଥିରେ କାହାରି ସନ୍ଦେହର ଅବକାଶ ରହିବ ନାହିଁ । ସେହିପରି ୩୫ ଚର୍ଯାରେ 'ମକୁଁ ଣଠା' ପାଠ ଅଛି । ଖ ପୋଥିରେ 'ମୋକୁ' ପାଠ ମଧ୍ୟ ଦେଖାଯାଏ । ଏଠାରେ ବି 'କୁ' ପ୍ରତ୍ୟୟଟି ଓଡ଼ିଆ ୨ୟା ବିଭକ୍ତିର ଶବ୍ଦ । ଆଜକାଲି ଓଡ଼ିଆ ଭାଷାରେ ତୁ ଓ ମୁଁ ଶବ୍ଦର (ଯୁଷ୍ମଦ ଓ ଅସ୍ମଦ) ୨ୟା ବିଭକ୍ତିରେ କୁ' ପ୍ରତ୍ୟୟ ଯୋଗ ହୁଏ ନାହିଁ । କିନ୍ତୁ ଏ' ପ୍ରତ୍ୟୟ ଯୋଗ ହୋଇ 'ତୋତେ' ଓ 'ମୋତେ' ପଦର ବ୍ୟବହାର ହୋଇଥାଏ । କିନ୍ତୁ ସାରଳାଦାସ ପ୍ରଭୃତି ପ୍ରାଚୀନ କବି-ମାନଙ୍କର ମହାଭାରତ ପ୍ରଭୃତିରେ 'ତୁକୁ ମୁକୁ' ପଦର ପ୍ରୟୋଗ ଦେଖିବାକୁ ମିଳେ । ଯଥା—

ମୁନହି କି ନ କହିଲି ବାରଣ ଯେ ତୁକୁ
ଅନମିତେ ହାନ ତୁହି କହୁଛୁ କାହାକୁ (ସା· ମ· ସଭାପର୍ବ ୧୮୫ପୃ)

R.G ଭଣ୍ଡାରକର ବଙ୍ଗଳାର କେ ଓ ପଶ୍ଚିମାଞ୍ଚଳ ହିନ୍ଦିର 'କୋ' ପ୍ରଶ୍ନବାଚକ ସର୍ବନାମ 'କ' ଶବ୍ଦର ୭ମୀ ବିଭକ୍ତି କେହି କେହିରୁ ହୋଇ-ଅଛି ବୋଲି କହନ୍ତି । ( Wiloon Philo Logical Lectures P. 246-248) ହିନ୍ଦି କୋ' ସହିତ ଓଡ଼ିଆ କୁ' ର ପୂର୍ଣ୍ଣ ସାମ୍ୟ ରହି-ଅଛି । ସେହି କୋ' ହ୍ରସ୍ୱ ହୋଇ ଓଡ଼ିଆ କୁ ପ୍ରତ୍ୟୟ ହୋଇଅଛି ବୋଲି କେହି ୨ କହନ୍ତି ( ଉ. ସା. ୧୦ଭ ୧୧ଘ ) । ତେଣୁ ହିନ୍ଦିରେ ଯେପରି କୋ' ର ସୃଷ୍ଟି ଓଡ଼ିଆରେ ସେହିପରି କୁ'ର ସୃଷ୍ଟି ହୋଇଅଛି । କକ୍ଷ ଶବ୍ଦରୁ ପ୍ରାଚ୍ୟ ହିନ୍ଦିର କାହୁ ଓ କୋ ବେଙ୍ଗଲି କେ ଜାତ ହୋଇ ଥିବାର ସମ୍ଭାବନା ବିମ୍ସ ସାହେବ କରି ଅଛନ୍ତି । ବିମସ୍ ସାହେବଙ୍କ କହିବା ଅନୁସାରେ କୋ ବିଭକ୍ତି ସଂସ୍କୃତର କକ୍ଷ ଶବ୍ଦରୁ ନିଷ୍ପନ୍ନ ହୋଇଅଛି । ଏହିପରି କକ୍ଷ ଶବ୍ଦର କ୍ରମଶଃ ବିକାର ହୋଇଅଛି । ଯଥା—କକ୍ଷ—କକ୍ଖଂ—କାଁଖ—କାହିଁ—କାହିଁ—କାହୁଁ—କହୁଁ—କୌ—କୌ—କୋ ( Comparative Grammar II PP, 25-259) । ହର୍ନେଲ୍ଲି ସାହେବ ( Gondian Grammar p 373—224) ରେ ସେହି ମତକୁ ସମର୍ଥନ କରିଛନ୍ତି । ମଧ୍ୟବର୍ତ୍ତୀ ପ୍ରାକୃତ ଭାଷାରେ 'କକ୍ଷ' ଶବ୍ଦ

ବିଭକ୍ତି ପ୍ରତିରୂପକ ଭାବରେ ବ୍ୟବହୃତ ହେଉଥିଲା । ଏହି କକ୍ଷ’ ଶବ୍ଦର କ୍ଷ’ ହ’କାରରେ ପରିଣତ ହୋଇ ହିନ୍ଦି କାହୁରେ ପରିଣତ ହୋଇଅଛି । ସିନ୍ଧି ଭାଷାରେ ଖେ, ଖୋ, ଖୁ, ପ୍ରତ୍ୟୟ (କ) କ୍ଷ ର ଅପଭ୍ରଷ୍ଟ ବିଭକ୍ତି ପ୍ରତି-ରୂପକ ଭାବରେ ବ୍ୟବହୃତ ହୋଇଥାଏ । ତେଣୁ କକ୍ଷ କୁ ହିନ୍ଦିର କହୁ, କୌ, କୋ, କୁ ଏବଂ ଓଡ଼ିଆ କୁ ପ୍ରତ୍ୟୟର ମୂଳ ବୋଲି କେହି ୨ ଭାଷାତତ୍ତ୍ୱବିଦ୍ ସ୍ଥିର କରିଛନ୍ତି ( O, D, B, D, P 767 ) । କେଲଗ୍ (Kellegg ) ହିନ୍ଦି ବ୍ୟାକରଣରେ (୧୩୦ପୃ) ଏହି ମତ ଗ୍ରହଣ କରି-ଛନ୍ତି । କିନ୍ତୁ ‘କୋ’ ଓ ‘କୁ’ ବିଭକ୍ତି ଯେଉଁ ଅର୍ଥରେ ପ୍ରଯୁକ୍ତ ହୁଏ, ସେହି ଅର୍ଥରେ କକ୍ଷ ଶବ୍ଦର ପ୍ରୟୋଗ ସଂସ୍କୃତ ଓ ପ୍ରାକୃତ ସାହିତ୍ୟରେ ଦେଖିବାକୁ ମିଳେ ନାହିଁ । ତେଣୁ ଆଧୁନିକ ରୂପର ଆଧାର ଉପରେ ଅପ୍ରସିଦ୍ଧ ମୂଳର କଳ୍ପନା କରିବା ଯୁକ୍ତିଯୁକ୍ତ ନୁହେଁ ।

ସଂସ୍କୃତ ‘କୃ’ ଧାତୁରୁ ‘କୃତ’ ଶବ୍ଦ ହୋଇଅଛି । ଏହି ‘କୃତ’ ଶବ୍ଦର କରଣ କାରକର ରୂପ ‘କୃତେନ’ ଏବଂ ଅଧିକରଣ କାରକର ରୂପ ‘କୃତେ’ ହୋଇଥାଏ । କୃତେନ ଓ କୃତେ ଏହି ଦୁଇଶବ୍ଦ ସମ୍ପ୍ରଦାନ ବା କର୍ମ କାରକର ଭାବ ପ୍ରକଟ କରିଥାଏ ।

ହେମ ଚନ୍ଦ୍ର ବ୍ୟାକରଣରେ (୮।୪୨୫) ଲେଖି ଅଛନ୍ତି— ଅପଭ୍ରଂଶରେ ନିପାତ ( ଅବ୍ୟୟ ) ପ୍ରଯୁକ୍ତ ହୋଇଥାଏ । ତେଣୁ ଏହା ସମ୍ପ୍ରଦାନ ବା କର୍ମକାରକର ଅର୍ଥ ପ୍ରକଟ କରେ ।

ସଂସ୍କୃତର ‘କୃତ’ ଶବ୍ଦ ଅପଭ୍ରଂଶରେ ‘କଅ’ ରୂପ ଧାରଣ କରେ । ସେହି ‘କଅ’ ଶବ୍ଦର କରଣ ବହୁ ବଚନ ବା ଅଧିକରଣ ଏକ ବଚନରେ ‘କଅହି’, ‘କୟହି’ ‘କଇ’ ହୋଇଥାଏ । ହେମଚନ୍ଦ୍ର ଯେଉଁ ‘କେହି’ ଶବ୍ଦର ଉଲ୍ଲେଖ କରିଛନ୍ତି ତାହା ଏହି କଅହି, କୟହି ବା କଇର ବିକୃତ ରୂପ । ଏହି କେହି ବା କୃତ ଜାତ ‘କଅ’ରୁ ଆଧୁନିକ ଭାଷା ମାନଙ୍କର ସମ୍ପ୍ରଦାନ କାରକର ବିଭକ୍ତି କହି, କ, କ, କେ, କୋ, କାହି, କାନ୍ତୁ, କୁ, କେ, କଇ, କା ପ୍ରଭୃତି ହୋଇଅଛି । ହିନ୍ଦିର ‘କୋ’ ବିଭକ୍ତିର ରୂପପକ୍ଷ ବ୍ରଜଭାଷା

ପ୍ରାକୃତରେ କହଁ, କାଁ, କେ କୁଁ, କୂଁ, କୌଁ, କଉଁ ଓ କେଁ ପ୍ରଭୃତି ପ୍ରତ୍ୟୟ ହୋଇଥାଏ । ( ହିନ୍ଦି ଶବ୍ଦସାଗର ୮ମ ଖଣ୍ଡ ୩୩ପୃ )
ଓଡ଼ିଆ ଅପଭ୍ରଂଶରେ କେହି କେହି ନିପାତ 'କଇ'ରେ ପରିଣତ ହୋଇଅଛି । ସାହିତ୍ୟରେ 'କଇ' ପ୍ରତ୍ୟୟ ସମ୍ପ୍ରଦାନ ଓ କର୍ମକାରକରେ ବ୍ୟବହୃତ ହୋଇଥାଏ । ଯଥା—

ଏତେବୋଲି ବ୍ରହ୍ମା ଚତୁର୍ବେଦ ଘୋଷି
କଇ ତାହା କହିଲେ କୋମଳ କେଶୀ
ବଧାତା ପ୍ରସାଦେଣ କଣିଲା ଜନସୂର
ଯମକାକଇ ବଟଳ କଣିଲା ନଶାଚର । (ବଳରାମ ଦାସ
ରାମାୟଣ )

ଏହି କଇ ପ୍ରତ୍ୟୟ କମେ 'କି' ପ୍ରତ୍ୟୟରେ ମଧ୍ୟ ପରିଣତ ହୋଇଅଛି । ଯଥା—

ଢଙ୍କଳ ଘଡ଼ି ଉଠି ବାହାର ଅଗଣାକୁ ( କୃ. ସ )

ସେହିପରି ହିନ୍ଦିର କୋ, କୁଁ କୂଁ ପ୍ରତ୍ୟୟ ପରି ଓଡ଼ିଆର ଦ୍ୱିତୀୟା ବିଭକ୍ତିର କୁ, କୁଁ ପ୍ରତ୍ୟୟଟି ସଂସ୍କୃତ 'କୃତେ' ଶବ୍ଦରୁ ହୋଇଅଛି । ଏହି କୃତ ଶବ୍ଦ ପ୍ରାକୃତରେ କଅଁ ଶବ୍ଦରେ ପରିଣତ ହୁଏ । ପ୍ରାକୃତରେ ୨ୟା ବିଭକ୍ତିରେ କେତେକ ଶବ୍ଦପରେ 'ଉ' ପ୍ରତ୍ୟୟ ହୋଇଥାଏ । ଯଥା—
ମାଳା—ମାଳାଉ । ସେପରି ଅପ୍ପଉ (କେନ ପ୍ରକାରେ ଆତ୍ମାନଂ), ବାରହଉ (ପିଙ୍ଗଳ ପୃ ୮୦) । ତେଣୁ କୃତ ଜାତ କଅ ଶବ୍ଦରେ ୨ୟା ବିଭକ୍ତିର ଉ' ପ୍ରତ୍ୟୟ ଯୋଗରେ କୁ' ପ୍ରତ୍ୟୟ ହୋଇଅଛି । ଏହି 'କୁ' ପ୍ରତ୍ୟୟରେ ୨ୟା ବହୁବଚନର ନ'ର ଚନ୍ଦ୍ର ଅନୁସ୍ୱାର ଯୋଗ ହେଲେ କୁଁ' ହୋଇ ବହୁବଚନ ସୂଚିତ କରେ ଏବଂ ମାନାର୍ଥରେ ଏକବଚନରେ ମଧ୍ୟ ବ୍ୟବହୃତ ହୁଏ ।

୨—ନ୍ତ ପ୍ରତ୍ୟୟ ଯୋଗରେ ଚର୍ଯାରେ ୨ୟା ବିଭକ୍ତି ପ୍ରକାଶିତ ହୋଇଅଛି । ଯଥା—କରନ୍ତର ଗଅଣନ୍ତ ଭୁସେଁ ଘୋଳଇ (୧୬ ଚ)

ଓଡ଼ିଆ । ଚୀନ ସାହିତ୍ୟରେ 'ନ୍ତ' ପ୍ରତ୍ୟୟଟି ଦ୍ୱିତୀୟା ବିଭକ୍ତି କର୍ମକାରକରେ ପ୍ରଚଳିତ ଥିଲା । ଯଥା—ଅଶ୍ୱନ୍ତ ଯୋଚିଲେ ନେଇ ଦାରୁକ ସାରଥି । ସା. ମ. ସଭାପର୍ବ ।

ନଜ ମଢ଼ିଆ ଯେ ଭେଟାଇଣ ତାହାନ୍ତ । ଦା. ସ୍ଥ:
ବ୍ରାହ୍ମଣନ୍ତ ମାରଣ ସେ ବନ୍ଧ କଲେ ଯାଗ । ରୁକ୍ମଣୀବିଭା —
୧୬୪୦—୧୬୮୦ .

ଏହି ପ୍ରତ୍ୟୟଟି ଓଡ଼ିଆ ଭାଷାରେ 'ଅନ୍ତ' ନ୍ତ ଓ ନ୍ତ ପ୍ରତ୍ୟୟ ରୂପରେ ୧୭ଶ ଶତାବ୍ଦୀ ପର୍ଯ୍ୟନ୍ତ ଚଳୁଥିଲା । ବର୍ତ୍ତମାନ ଏହି ପ୍ରତ୍ୟୟର ଆଉ ବ୍ୟବହାର ନାହିଁ ।

୩—ଚର୍ଯ୍ୟାରେ ସ୍ଥାନେ ସ୍ଥାନେ ଏଁ ପ୍ରତ୍ୟୟ ୨ୟା କର୍ମକାରକରେ ବ୍ୟବହୃତ । ଯଥା —

ଗଅବରେଁ ତୋଳିଆ (୧୨) ସାଖୀ କରିବ ।
ଜାଳନ୍ଧରି ପାଏ ( ୩୬ )

ଓଡ଼ିଆରେ ୨ୟା ବିଭକ୍ତିରେ ଏ'କାର ପ୍ରତ୍ୟୟରେ ବ୍ୟବହାର ବିଶେଷ ଭାବରେ ଦେଖିବାକୁ ମିଳେ । ଯଥା—ମୁଁ ଆଜ ଛିବ ଘୋରବନେ ଅନ୍ନ ପୁଡ଼ାଏ ଦିଅ ମୋର (ଭା. ୧୦ମ ସ୍କନ୍ଧ) । ପୂର୍ବେ ସେବିଥିଲ ଶଙ୍କରେ ( ପ୍ରେ: ସୁ: ) । ଏହି ଏ' ପ୍ରତ୍ୟୟ ସଂସ୍କୃତ ଙି, ପ୍ରତ୍ୟୟ ଚିହ୍ନ ରୂପରେ ପ୍ରାକୃତରେ ମଧ ମଧ ୭ମୀ ବିଭକ୍ତିରେ ଅଧିକରଣ କାରକରେ ବ୍ୟବହୃତ ହେଉଥିଲା । ଯଥା—ବଚ୍ଛେ, ବଚ୍ଛମି । ପ୍ର· ପ୍ର. ଓଡ଼ିଆରେ ସେ ଏ, ପ୍ରତ୍ୟୟ ଅକ୍ଷୁଣ୍ଣ ଭାବରେ ରହିଅଛି, ଏବଂ ଅଧିକରଣ କାରକରେ ପ୍ରଯୁକ୍ତ ହୁଏ, କିନ୍ତୁ ଓଡ଼ିଆରେ ୨ୟା ଓ ୪ର୍ଥୀ ପ୍ରତ୍ୟୟରେ ଭେଦ ନାହିଁ । ପ୍ରାକୃତରେ ୪ର୍ଥୀ ବିଭକ୍ତି ସ୍ଥାନରେ ୭ମୀ ବିଭକ୍ତିର ଯୋଗ ଅନେକ ସ୍ଥାନରେ ହୋଇଥାଏ । ତେଣୁ ଓଡ଼ିଆରେ ମଧ କର୍ମକାରକ ୨ୟା ବିଭକ୍ତିରେ ମଧ ୭ମୀ ବିଭକ୍ତିର ଏ' ଓ ରେ, ପ୍ରତ୍ୟୟ ଯୋଗ ହୋଇ ୨ୟା ଓ ୪ର୍ଥୀ ବିଭକ୍ତିର ଅର୍ଥ ପ୍ରକାଶ କରେ ।

୪ । ଚର୍ଯ୍ୟାରେ ରେ' ଓ ରେଁ ପ୍ରତ୍ୟୟ ମଧ୍ୟ ୨ୟା ବିଭକ୍ତିର ପ୍ରତ୍ୟୟ ରୂପରେ ବ୍ୟବହୃତ ହୋଇଅଛି । ଯଥା—କରିଣୀରେଁ ରିସଅ (୯) ତୋହାରେ ବିରୁଆ ବୋଲିଇ । ପୂର୍ବରେ କୁହା ଯାଇଛି—୭ମୀ ବିଭକ୍ତିର ଏ' ପ୍ରତ୍ୟୟ ପରି ରେ' ପ୍ରତ୍ୟୟ ମଧ୍ୟ ଓଡ଼ିଆରେ

ପ୍ରାକୃତରେ କହଁ, କାଁ, କେଁ କୁଁ, କୂଁ, କୌଁ, କଉଁ ଓ କେଁ ପ୍ରଭୃତି ପ୍ରତ୍ୟୟ ହୋଇଥାଏ । ( ହିନ୍ଦି ଶବ୍ଦସାଗର ୮ମ ଖଣ୍ଡ ୬୩ ପୃ )
ଓଡ଼ିଆ ଅପଭ୍ରଂଶରେ କେହି ନପାତ 'କଇ'ରେ ପରିଣତ ହୋଇଅଛି । ସାହିତ୍ୟରେ 'କଇ' ପ୍ରତ୍ୟୟ ସମ୍ପ୍ରଦାନ ଓ କର୍ମକାରକରେ ବ୍ୟବହୃତ ହୋଇଥାଏ । ଯଥା—

ଏତେବୋଲି ବ୍ରହ୍ମା ଚତୁର୍ବେଦ ଘୋଷି
କଇ ତାହା କହିଲେ କୋମଳ କେଶୀ
ବଧାଡା ପ୍ରସାଦେଣ ଜଣିଲୁ ଶକ୍ରପୁର
ଯମକଇ ବଳେ ଜଣିଲୁ ନଶାଚର । (ବଳରାମ ଦାଣ୍ଡି ରାମାୟଣ )

ଏହି କଇ ପ୍ରତ୍ୟୟ କ୍ରମେ 'କି' ପ୍ରତ୍ୟୟରେ ମଧ୍ୟ ପରିଣତ ହୋଇଅଛି । ଯଥା—

ବନ୍ଧୁଙ୍କ ଘଡ଼ି ଉଠି ବାହାରି ଅଗଣାକୁ ( କୃ. ଖ )

ସେହିପରି ହିନ୍ଦିର କୋ, କୁଁ କୂଁ ପ୍ରତ୍ୟୟ ପରି ଓଡ଼ିଆର ଦ୍ୱିତୀୟା ବିଭକ୍ତିର କୁ, କୁଁ ପ୍ରତ୍ୟୟଟି ସଂସ୍କୃତ 'କୃତେ' ଶବ୍ଦରୁ ହୋଇଅଛି । ଏହି କୃତ ଶବ୍ଦ ପ୍ରାକୃତରେ କଅଁ ଶବ୍ଦରେ ପରିଣତ ହୁଏ । ପ୍ରାକୃତରେ ୨ୟା ବିଭକ୍ତିରେ କେତେକ ଶବ୍ଦପରେ 'ଉ' ପ୍ରତ୍ୟୟ ହୋଇଥାଏ । ଯଥା— ମାଳା—ମାଳାଉ । ସେପରି ଅପ୍ପଉ (କେନ ପ୍ରକାରେ ଆତ୍ମାନଂ), ବାରହଉ (ପିଙ୍ଗଳ ପୃ ୮୦) । ତେଣୁ କୃତ ଜାତ କଅ ଶବ୍ଦରେ ୨ୟା ବିଭକ୍ତିର ଉ' ପ୍ରତ୍ୟୟ ଯୋଗରେ କୁ' ପ୍ରତ୍ୟୟ ହୋଇଅଛି । ଏହି 'କୁ' ପ୍ରତ୍ୟୟରେ ୨ୟା । ବହୁବଚନର ନ'ର ଚନ୍ଦ୍ର ଅନୁସ୍ୱାର ଯୋଗ ହେଲେ କୁଁ ହୋଇ ବହୁବଚନ ସୂଚିତ କରେ ଏବଂ ମାନାର୍ଥରେ ଏକବଚନରେ ମଧ୍ୟ ବ୍ୟବହୃତ ହୁଏ ।

୨—ନ୍ତ ପ୍ରତ୍ୟୟ ଯୋଗରେ ଚର୍ଯାରେ ୨ୟା ବିଭକ୍ତି ପ୍ରକାଟିତ ହୋଇଅଛି । ଯଥା—ନିରନ୍ତର ଗଅଣନ୍ତ ଭୁସେଁ ଘୋଳଇ (୧୬ ଚ)
ଓଡ଼ିଆ । ଚୀନ ସାହିତ୍ୟରେ 'ନ୍ତ' ପ୍ରତ୍ୟୟଟି ଦ୍ୱିତୀୟା ବିଭକ୍ତି କର୍ମକାରକରେ ପ୍ରଚଳିତ ଥିଲା । ଯଥା—ଅଶ୍ୱନ୍ତ ଯୋଚିଲେ ନେଇ ଦାରୁକ ସାରଥି । ସା. ମ. ସଭାପର୍ବ ।

ନିଜ ମଣ୍ଡିଆ ଯେ ଭେଟାଇଣ ତାହାନ୍ତ । ଦା. ଗୀ.
ବ୍ରାହ୍ମଣନ୍ତ ମାରଣ ସେ ବନ୍ଧ କଲେ ଯାଗ । ରୁକ୍ମଣୀବିଭା —
୧୬୪୦—୧୬୮୦ .

ଏହି ପ୍ରତ୍ୟୟଟି ଓଡ଼ିଆ ଭାଷାରେ 'ଅନ୍ତ' ନ୍ତ ଓ ନ୍ତ ପ୍ରତ୍ୟୟ ରୂପରେ ୧୭ଶ ଶତାବ୍ଦୀ ପର୍ଯ୍ୟନ୍ତ ଚଳୁଥିଲା । ବର୍ତ୍ତମାନ ଏହି ପ୍ରତ୍ୟୟର ଆଉ ବ୍ୟବହାର ନାହିଁ ।

୩—ଚର୍ଯାରେ ସ୍ଥାନେ ସ୍ଥାନେ ଏଁ ପ୍ରତ୍ୟୟ ୨ୟା କର୍ମକାରକରେ ବ୍ୟବହୃତ । ଯଥା —

ଗଅବରେଁ ତୋଲଆ (୧୨) ସାଖୀ କରିବ ।
ଜାଳନ୍ଧରି ପାଏ ( ୩୬ )

ଓଡ଼ିଆରେ ୨ୟା ବିଭକ୍ତିରେ ଏ'କାର ପ୍ରତ୍ୟୟରେ ବ୍ୟବହାର ବିଶେଷ ଭାବରେ ଦେଖିବାକୁ ମିଳେ । ଯଥା—ମୁଁ ଆଜ ଖିବ ଘୋରବନେ ଅନ୍ନ ପୂଡ଼ାଏ ଦିଅ ମୋର (ଭା. ୧୦ସ୍କନ୍ଧ) । ପୂର୍ବେ ସେବିଥିଲି ଶଙ୍କରେ ( ପ୍ରେ: ସୁ: ) । ଏହି ଏ' ପ୍ରତ୍ୟୟ ସଂସ୍କୃତ ଙି, ପ୍ରତ୍ୟୟ ଚିହ୍ନ ରୂପରେ ପ୍ରାକୃତରେ ମଧ୍ୟ ମଧ୍ୟ ୭ମୀ ବିଭକ୍ତିରେ ଅଧିକରଣ କାରକରେ ବ୍ୟବହୃତ ହେଉଥିଲା । ଯଥା—ବଚ୍ଛେ, ବଚ୍ଛମି । ପ୍ର. ପ୍ର. ଓଡ଼ିଆରେ ସେ ଏ, ପ୍ରତ୍ୟୟ ଅକ୍ଷୁଣ୍ଣ ଭାବରେ ରହିଅଛି, ଏବଂ ଅଧିକରଣ କାରକରେ ପ୍ରଯୁକ୍ତ ହୁଏ, କିନ୍ତୁ ଓଡ଼ିଆରେ ୨ୟା ଓ ୪ର୍ଥୀ ପ୍ରତ୍ୟୟରେ ଭେଦ ନାହିଁ । ପ୍ରାକୃତରେ ୪ର୍ଥୀ ବିଭକ୍ତି ସ୍ଥାନରେ ୭ମୀ ବିଭକ୍ତିର ଯୋଗ ଅନେକ ସ୍ଥାନରେ ହୋଇଥାଏ । ତେଣୁ ଓଡ଼ିଆରେ ମଧ୍ୟ କର୍ମକାରକ ୨ୟା ବିଭକ୍ତିରେ ମଧ୍ୟ ୭ମୀ ବିଭକ୍ତିର ଏ' ଓ ରେ, ପ୍ରତ୍ୟୟ ଯୋଗ ହୋଇ ୨ୟା ଓ ୪ର୍ଥୀ ବିଭକ୍ତିର ଅର୍ଥ ପ୍ରକାଶ କରେ ।

୪ । ଚର୍ଯାରେ ରେ' ଓ ରେଁ ପ୍ରତ୍ୟୟ ମଧ୍ୟ ୨ୟା ବିଭକ୍ତିର ପ୍ରତୀକ ରୂପରେ ବ୍ୟବହୃତ ହୋଇଅଛି । ଯଥା—କରଣୀରେଁ ରସଅ (୯) ତୋହାରେ ବିରୁଆ ବୋଲିଇ । ପୂର୍ବରେ କୁହା ଯାଇଛି—୭ମୀ ବିଭକ୍ତିର ଚିହ୍ନ ପ୍ରତ୍ୟୟ ପରି ରେ' ପ୍ରତ୍ୟୟ ମଧ୍ୟ ଓଡ଼ିଆରେ

ପ୍ରାକୃତରେ କହଁ, କାଁ, କେ'କୁଁ, କୂଁ, କୌଁ, କଉଁ ଓ କେଁ ପ୍ରଭୃତି ପ୍ରତ୍ୟୟ ହୋଇଥାଏ । ( ହିନ୍ଦି ଶବ୍ଦସାଗର ୮ମ ଖଣ୍ଡ ୩ପୃ ) ଓଡ଼ିଆ ଅପଭ୍ରଂଶରେ କେହି ନିପାତ 'କଇ'ରେ ପରିଣତ ହୋଇଅଛି । ସାହିତ୍ୟରେ 'କଇ' ପ୍ରତ୍ୟୟ ସମ୍ପ୍ରଦାନ ଓ କର୍ମକାରକରେ ବ୍ୟବହୃତ ହୋଇଥାଏ । ଯଥା—

ଏତେବୋଲି ବ୍ରହ୍ମା ଚତୁର୍ବେଦ ଘୋଷି
କଇ ତାହା କହିଲେ କୋମଳ କେଶୀ
ବିଧାତା ପ୍ରସାଦେଣ ଜଣିଲୁ ଶତ୍ରୁପୁର
ଯମକଇ ବଟଲ ଜଣିଲୁ ନିଶାଚର । (ବଳରାମ ଦାଣ୍ଡି
ରାମାୟଣ )

ଏହି କଇ ପ୍ରତ୍ୟୟ କ୍ରମେ 'କି' ପ୍ରତ୍ୟୟରେ ମଧ୍ୟ ପରିଣତ ହୋଇଅଛି । ଯଥା—

ଢଣ୍ଡିକି ଘଡ଼ି ଉଠି ବାହାରି ଅଗଣକୁ ( କୃ. ସ )

ସେହିପରି ହିନ୍ଦିର କୋ, କୁଁ କୂଁ ପ୍ରତ୍ୟୟ ପରି ଓଡ଼ିଆର ଦ୍ୱିତୀୟା ବିଭକ୍ତିର କୁ, କୁଁ ପ୍ରତ୍ୟୟଟି ସଂସ୍କୃତ 'କୃତେ' ଶବ୍ଦରୁ ହୋଇଅଛି । ଏହି କୃତ ଶବ୍ଦ ପ୍ରାକୃତରେ କଅଁ ଶବ୍ଦରେ ପରିଣତ ହୁଏ । ପ୍ରାକୃତରେ ୨ୟା ବିଭକ୍ତିରେ କେତେକ ଶବ୍ଦପରେ 'ଉ' ପ୍ରତ୍ୟୟ ହୋଇଥାଏ । ଯଥା— ମାଳା—ମାଳାଉ । ସେପରି ଅପ୍‌ପଉ (କେନ ପ୍ରକାରେ ଆତ୍ମାନଂ), ବାରିହଉ (ପିଙ୍ଗଳ ପୃ ୮୦) । ତେଣୁ କୃତ ଜାତ କଅ ଶବ୍ଦରେ ୨ୟା ବିଭକ୍ତିର ଉ' ପ୍ରତ୍ୟୟ ଯୋଗରେ କୁ' ପ୍ରତ୍ୟୟ ହୋଇଅଛି । ଏହି 'କୁ' ପ୍ରତ୍ୟୟରେ ୨ୟା ବହୁବଚନର ନ'ର ଚିହ୍ନ ଅନୁସ୍ୱାର ଯୋଗ ହେଲେ କୁଂ' ହୋଇ ବହୁବଚନ ସୂଚିତ କରେ ଏବଂ ମାନାର୍ଥରେ ଏକବଚନରେ ମଧ୍ୟ ବ୍ୟବହୃତ ହୁଏ ।

୨—ନ୍ତ ପ୍ରତ୍ୟୟ ଯୋଗରେ ଚର୍ଯ୍ୟାରେ ୨ୟା ବିଭକ୍ତି ପ୍ରକାଶିତ ହୋଇଅଛି । ଯଥା—ନିରନ୍ତର ଗଅଣନ୍ତ ଭୁସେଁ ଘୋଳଇ (୧୬ ଚ)

ଓଡ଼ିଆ । ପ୍ରାଚୀନ ସାହିତ୍ୟରେ 'ନ୍ତ' ପ୍ରତ୍ୟୟଟି ଦ୍ୱିତୀୟା ବିଭକ୍ତି କର୍ମକାରକରେ ପ୍ରଚଳିତ ଥିଲା । ଯଥା—ଅଶ୍ୱନ୍ତ ଯୋଚିଲେ ନେଇ ଦାରୁକ ସାରଥି । ସା. ମ. ସଭାପର୍ବ ।

ନଜ ମଢ଼ିଆ ଯେ ବୋଲାଇଣ ତାହାନ୍ତ । ଦା. ସ୍ତୁ.
ବ୍ରାହ୍ମଣନ୍ତ ମାରଣ ସେ ବନ୍ଧ କଲେ ଯାଗ । ରୁକ୍ମୁଣୀବିବାହ —
୧୬୪୦—୧୬୫୦ ·

ଏହି ପ୍ରତ୍ୟୟଟି ଓଡ଼ିଆ ଭାଷାରେ 'ଅନ୍ତ' ନ୍ତ ଓ ନ୍ତ ପ୍ରତ୍ୟୟ ରୂପରେ ୧୭ଶ ଶତାବ୍ଦୀ ପର୍ଯ୍ୟନ୍ତ ଚଳୁଥିଲା । ବର୍ତ୍ତମାନ ଏହି ପ୍ରତ୍ୟୟର ଆଉ ବ୍ୟବହାର ନାହିଁ ।

୩—ଚର୍ଯ୍ୟାରେ ସ୍ଥାନେ ସ୍ଥାନେ ଏଁ ପ୍ରତ୍ୟୟ ୨ୟା କର୍ମକାରକରେ ବ୍ୟବହୃତ । ଯଥା —

ଗଅବରେଁ ତୋଲିଆ (୧୨) ସାଖୀ କରବ ।
ଜାଲନ୍ଧରି ପାଏ ( ୩୬ )

ଓଡ଼ିଆରେ ୨ୟା ବିଭକ୍ତିରେ ଏ'କାର ପ୍ରତ୍ୟୟରେ ବ୍ୟବହାର ବିଶେଷ ଭାବରେ ଦେଖିବାକୁ ମିଳେ । ଯଥା—ମୁଁ ଆଜ ଶିବ ପୋଡ଼ିବନେ ଅନ୍ନ ପୂଡ଼ାଏ ଦିଅ ମୋର (ଭା. ୧୦ସ୍କନ୍ଧ) । ପୂର୍ବେ ସେବିଥିଲି ଶଙ୍କରେ ( ପ୍ରେ: ସୁ: ) । ଏହି ଏ' ପ୍ରତ୍ୟୟ ସଂସ୍କୃତ ହି, ପ୍ରତ୍ୟୟ ଚିହ୍ନ ରୂପରେ ପ୍ରାକୃତରେ ମଧ୍ୟ ମଧ୍ୟ ୭ମୀ ବିଭକ୍ତିରେ ଅଧିକରଣ କାରକରେ ବ୍ୟବହୃତ ହେଉଥିଲା । ଯଥା—ବଚ୍ଛେ, ବଚ୍ଛମି । ପ୍ର· ପ୍ର. ଓଡ଼ିଆରେ ସେ ଏ, ପ୍ରତ୍ୟୟ ଅକ୍ଷୁଣ୍ଣ ଭାବରେ ରହିଅଛି, ଏବଂ ଅଧିକରଣ କାରକରେ ପ୍ରଯୁକ୍ତ ହୁଏ, କିନ୍ତୁ ଓଡ଼ିଆରେ ୨ୟା ଓ ୪ର୍ଥୀ ପ୍ରତ୍ୟୟରେ ଭେଦ ନାହିଁ । ପ୍ରାକୃତରେ ୪ର୍ଥୀ ବିଭକ୍ତି ସ୍ଥାନରେ ୭ମୀ ବିଭକ୍ତିର ଯୋଗ ଅନେକ ସ୍ଥାନରେ ହୋଇଥାଏ । ତେଣୁ ଓଡ଼ିଆରେ ମଧ୍ୟ କର୍ମକାରକ ୨ୟା ବିଭକ୍ତିରେ ମଧ୍ୟ ୭ମୀ ବିଭକ୍ତିର ଏ' ଓ ରେ, ପ୍ରତ୍ୟୟ ଯୋଗ ହୋଇ ୨ୟା ଓ ୪ର୍ଥୀ ବିଭକ୍ତିର ଅର୍ଥ ପ୍ରକାଶ କରେ ।

୪ । ଚର୍ଯ୍ୟାରେ ରେ' ଓ ରେଁ ପ୍ରତ୍ୟୟ ମଧ୍ୟ ୨ୟା ବିଭକ୍ତିର ପ୍ରତ୍ୟୟ ରୂପରେ ବ୍ୟବହୃତ ହୋଇଅଛି । ଯଥା—କରଣୀଚେଁ ରସଅ (୯) ତୋହାରେ ବିରୁଆ ବୋଲିଇ । ପୂର୍ବରେ କୁହା ଯାଇଛି—୭ମୀ ବିଭକ୍ତିର ଏ' ପ୍ରତ୍ୟୟ ପରି ରେ' ପ୍ରତ୍ୟୟ ମଧ୍ୟ ଓଡ଼ିଆରେ

କର୍ମକାରକରେ ବ୍ୟବହୃତ ହୁଏ । ଯଥା—କୁସ୍ରା କରେ ମୁଁ ଧାତାକୁ, କାହିଁକି ସରଜ୍ଞ ତାକୁ ତରସ୍ପୂ ରଖିଲା **ଜରଡୀରେ** (·କ. ଚ· କବସୂର୍ଯ୍ୟ ୧)

ସାଧୁଙ୍କୁ ଯେ ଢଏ କଷଣ । **ତାଟେର** ସଂହ୍ୱାରେ ନାଗ୍ରପୁଣ (ଏକାଭ୍ରଗ) **ବିଧିରେ** ବିଧିରେ ବହ୍ରାହ୍ୱରଣେ ଗଞ୍ଜି (ହ୍ୱ·ଚ. ୧ଗ୍ଧ ୧୫-୧୮ ପ) ରଏ ନିଧିରେ ଏ ବିଧିରେ ବଞ୍ଚାନ୍ତ ( ,, ୨୭।୧୫ ପ ) ଏଣ୍ଟ ରେ' ପ୍ରତ୍ୟୟୁଟି·୬ଷ୍ଠୀ ବିଭକ୍ତିର ର' ପ୍ରତ୍ୟୟରେ ୭ମୀ ବିଭକ୍ତିର ଏ' ପ୍ରତ୍ୟୟ ଯୋଗ ହୋଇ ନିଷ୍ପନ୍ନ ହୋଇଅଛି ।

---

# କରଣ କାରକ

ଚର୍ଯ୍ୟାରେ ସ୍ଥାନେ ୨ କରଣ କାରକରେ କୌଣସି ବିଭକ୍ତିର ଯୋଗ ହୋଇ ନାହିଁ । ଯଥା—ବାଡ଼ିଇ ସୋ ତରୁ ସୁସ୍ମସୁଭ ପାଣୀ (୪୫) । ଘଟଣ ଶ୍ରୀମୁଖ ସୁନ୍ଦର ପଦରେ କରଣ କାରକରେ କୌଣସି ବିଭକ୍ତିର ଯୋଗ ମଧ୍ୟ ଓଡ଼ିଆରେ ନାହିଁ । ସ୍ଥଳବିଶେଷରେ କରଣ କାରକରେ ଏଁ ପ୍ରତ୍ୟୟ ବ୍ୟବହୃତ ହୋଇଅଛି । ଯଥା—କୁଠାରେ ଛିଜଅ (୯୫) ସୋନେଁ (୮) ମତିଏଁ (୧୨) କବାହେଁ (୧୨) । ଓଡ଼ିଆରେ ଆଜିକାଲି ମଧ୍ୟ ଏହି ଏଁ ପ୍ରତ୍ୟୟ କରଣ କାରକରେ ପ୍ରଚୁର ଭାବରେ ବ୍ୟବହୃତ ହୁଏ । ଏହି ଏଁ ପ୍ରତ୍ୟୟଟି ସଂସ୍କୃତ ତୃତୀୟା ବିଭକ୍ତିର ଏନ ପ୍ରତ୍ୟୟରୁ ନିଷ୍ପନ୍ନ ହୋଇଅଛି । ଓଡ଼ିଆରୁ ଉଦାହରଣ—

ବୋହିତାଏଁ ବର୍ଦ୍ଧିତ ହେବ ତୋର ଗୋତ୍ର । ଦା. ସ. ।
ଭ୍ରାତ କହି ପଠିଆଇ ଅଛି ଏହା କରେ । ଲାବଣ୍ୟବତୀ ୨୪ଛା ୧୬ପ
କର୍ଣ୍ଣେ ନନ୍ଦସୁତ ହେବା ଶୁଣିଲେ । ରସିକ ୩ ଛା ୧ ପ ।

## ସମ୍ପ୍ରଦାନ କାରକ

ସମ୍ପ୍ରଦାନ କାରକ ଓ କର୍ମକାରକର ୪ର୍ଥୀ ଓ ୨ୟା ବିଭକ୍ତିର ପ୍ରତ୍ୟୟ ଓଡ଼ିଆରେ ସମାନ । ଚର୍ଯାରେ ମଧ୍ୟ ସେହିପରି କେ, କୁ, ରେ, ରେଁ ପ୍ରଭୃତି ପ୍ରତ୍ୟୟ ୨ୟା ଓ ୪ର୍ଥୀରେ ଅଭିନ୍ନ ଭାବରେ ବ୍ୟବହୃତ ହୋଇଅଛି । ଯଥା—ବାହବକେ ପାରଅ (୮) । ଚର୍ଯାରେ ସ୍ଥାନେ ସ୍ଥାନେ ଭିନ୍ନ ଶବ୍ଦ ବ୍ୟବହାର ଦ୍ୱାରା ୪ର୍ଥୀ ବିଭକ୍ତି ସୂଚିତ ହୋଇଅଛି । ଯଥା—ଧର୍ମାର୍ଥେ (୫)

# ଅପାଦାନ କାରକ

ଚର୍ଯାରେ ଅପାଦାନ କାରକରେ ହୁଁ ପ୍ରତ୍ୟୟର ବ୍ୟବହାର ଦେଖିବାକୁ ମିଳେ । ଯଥା—ଖେପହୁଁ (୪) ହିଅହୁଁ । ଅପଭ୍ରଂଶ ଭାଷାରେ ଅପାଦାନର ବିଭକ୍ତି ଥିଲା ହୁଁ' । ଏହି ହୁଁ' ଭ୍ୟଂ' ରୁ ନିଷ୍ପନ୍ନ ହୋଇ ଏକ ବଚନରେ ପ୍ରଯୁକ୍ତ ହୋଇଅଛି । ଯଥା—ଅସ୍ମଭ୍ୟଂ—ଅମ୍ହବ୍ଭଂ—ଅମ୍ହଭଂ—ଅମ୍ହହୁଁ । ଅପଭ୍ରଂଶର ଏହି ହୁଁ ପ୍ରତ୍ୟୟଟି ଓଡ଼ିଆରେ ଅବିକଳ ଭାବରେ ଚଳି ଆସୁଅଛି । ଯଥା:—ବଜ୍ରହୁଁ ଆଣ୍ଟ ଯାର ହିଆ । ଭା. ୧୦ସ୍କ ।

ଏହାହୁଁ ପାପିଷ୍ଠ ହେବ ନାହିଁ ଆନଜଣ । ସା. ମହା. ସଭାପର୍ବ—
୪୦ପୃ

୨—୨ସ୍ତୁ ଚର୍ଯାରେ "ଗଣ୍ଡି ଭଇଲେ **କାମରୁ** ଜାଅ' ପଦ୍ୟରେ 'କାମରୁ' ପଦରେ ଓଡ଼ିଆ ୫ମୀ ବିଭକ୍ତିର 'ରୁ' ପ୍ରତ୍ୟୟ ବ୍ୟବହୃତ ହୋଇଅଛି । ଏହି 'ରୁ' ପ୍ରତ୍ୟୟଟି ୬ଷ୍ଠୀବିଭକ୍ତିର ର' ପ୍ରତ୍ୟୟରେ ପ୍ରାକୃତ ୫ମୀ ବିଭକ୍ତିର ହୁ' ପ୍ରତ୍ୟୟ ଜାତ 'ଉ' ପ୍ରତ୍ୟୟ ଯୋଗ ହୋଇ ନିଷ୍ପନ୍ନ ହୋଇଅଛି ।

ପ୍ରାକୃତରେ ଦୁ' ପ୍ରତ୍ୟୟ ପରବର୍ତ୍ତୀ ଯୁଗରେ 'ଉ' ପ୍ରତ୍ୟୟରେ ପରିଣତ ହୋଇଅଛି । ଯଥା—ହିଅଅ 'ଉ'—ହୃଦୟାତ୍ (କର୍ପୂର ମଞ୍ଜରୀ) କିମ୍ବା ପ୍ରାକୃତର ୫ମୀ ବିଭକ୍ତିର 'ବଚ୍ଛାଦୁ' ଶବ୍ଦର ଦୁ' ପ୍ରତ୍ୟୟ ଅପଭ୍ରଷ୍ଟ ହୋଇ କ୍ରମେ କ୍ରମେ 'ଉ' ଓ ପରେ 'ରୁ' ପ୍ରତ୍ୟୟରେ ପରିଣତ ହୋଇଅଛି ।

ଓଡ଼ିଆରେ ୫ମୀ ବିଭକ୍ତି ଉ ଓ ରୁ ଉଭୟ ପ୍ରତ୍ୟୟର ବ୍ୟବହାର ହୋଇଥାଏ । ଯଥା—ଉଁ—ନାସ୍ତି **କାଳୁଉଁ** ସେ ଯେ କୋପକଲେ ପୁଣି । ଦା: ଗୀ: **ବରସୁଁ** ଉଦ୍ଧାର ହେଲେ ଥିଲେ ଏ ଲୋକରେ । ବୈ. ବି. ୧୬ଶ୍ଳୋ ୪ପା କୃପାରୁ—ବିତର କରୁଁ ସିହାଣି ଜାଣିଗଲି । ବି. ଚନ୍ଦ୍ରା ୧୪ ଶ୍ଳୋ ୩୮ପ.

## ଷଷ୍ଠୀ ବିଭକ୍ତି

ଚର୍ଯ୍ୟାରେ ସ୍ଥଳେ ସ୍ଥଳେ ଷଷ୍ଠୀ ବିଭକ୍ତିରେ 'ର' ପ୍ରତ୍ୟୟର ପ୍ରୟୋଗ ରହିଅଛି । ଯଥା--

ହରିଣାର ଖୁର ନ ଦୀସଇ (୬)
ହରିଣୀର ନିଲୟ ନ ଜାଣି (୬)

'ର' ପ୍ରତ୍ୟୟଟି ଓଡ଼ିଆ ଭାଷାରେ ଷଷ୍ଠୀ ବିଭକ୍ତିର ପ୍ରତ୍ୟୟ ରୂପରେ ବ୍ୟବହୃତ ହୁଏ । ଯଥା—**ବାଳବୃଦ୍ଧର** ଯଥା ପାସୋର ଦିନ ଦିନକ କଥା (ବୈ: ବି: ୧ମ) । ପ୍ରାକୃତରେ ସମ୍ବନ୍ଧ ଅର୍ଥରେ କେର ଓ କେରଅ, କେରକ, କେର ଆଦି ପ୍ରତ୍ୟୟ ହୋଇଥାଏ । ଏହି ପ୍ରତ୍ୟୟ ଗୁଡ଼ିକ ବିଶେଷଣ ପରି ପ୍ରଯୁକ୍ତ ହୁଅନ୍ତି । ଯଥା—କସ୍ସ କେରକଂ ଏଦଂ ପବହଣଂ (ମୃଚ୍ଛକଟିକ) କାହାର ଏହି ଗାଡ଼ି । ପ୍ରକୃତ ପକ୍ଷରେ ଏହି ଗୁଡ଼ିକୁ ପ୍ରତ୍ୟୟ କହିବା ଉଚିତ ନୁହେଁ । ପ୍ରତ୍ୟୟ ପ୍ରକୃତି ସହିତ ପ୍ରଯୁକ୍ତ ହୁଏ ଓ ପ୍ରକୃତିର ବିଭକ୍ତି ଲୋପ ହୋଇଥାଏ । ପ୍ରକୃତି ନିର୍ବିଭକ୍ତିକ ଭାବରେ ପ୍ରତ୍ୟୟ ସହିତ ବ୍ୟବହୃତ ହୁଏ । କିନ୍ତୁ କସ୍ସ କେରକଂ ପଦରେ କସ୍ସ ପଦଟି ସବିଭକ୍ତିକ ଭାବରେ ପ୍ରଯୁକ୍ତ ହୋଇଅଛି । ସୁତରାଂ କେରକ ପଦ ଏହି ବାକ୍ୟରେ ପ୍ରତ୍ୟୟ ହୋଇପାରେ ନାହିଁ । କେବଳ ସମ୍ବନ୍ଧ ବାଚକ ପଦ ସେଥିଲାଗି ପ୍ରାକୃତ ବୈୟାକରଣିକ ହେମଚନ୍ଦ୍ର କେର ପ୍ରତ୍ୟୟ (୨।୧୪୭) ଏବଂ ସମ୍ବନ୍ଧ ବାଚକ କେର ଶବ୍ଦ (୪।୪୨୨) ଦୁହିଁଙ୍କର ଉଲ୍ଲେଖ କରିଛନ୍ତି । ସେ ତୁମ୍ହ କେରୋ ଅମ୍ହ କେରୋ ବପର କେରକୋ (ତୁମ୍ଭର, ଆମ୍ଭର ବା ପରକୁ) (ମୃଚ୍ଛକଟିକ) ପ୍ରଭୃତି ପଦରେ ପ୍ରଯୁକ୍ତ କେରକୁ ପ୍ରତ୍ୟୟ ବୋଲି ନିର୍ଦ୍ଦେଶ କରିଛନ୍ତି । କିନ୍ତୁ କସ୍ସ କେରକଂ ପଦରେ କେର ପଦଟିକୁ ସ୍ୱତନ୍ତ୍ର ପଦ ରୂପରେ ଗୃହୀତ ହେବ ।

ସଂସ୍କୃତ କୃ ଧାତୁର କୃଦନ୍ତ କ୍ତ ପ୍ରତ୍ୟୟରେ କୃତ ପଦ ହୁଏ । ଏହି କୃତର ଅପଭ୍ରଂଶରେ କେରା, କେରୋ, କରୋ, କଓ, କୋ ଏବଂ

କପ୍ପୋ ହୋଇଥାଏ । ଏହି ଅପଭ୍ରଂଶ ରୂପକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ । ଯଥା— (୧) କୋ, କଓ, କରେ (୨) କେରୋ, କରୋ । ୧ମ ଶ୍ରେଣୀର ସ୍ୱରୂପ ସ୍ପଷ୍ଟଭାବରେ ସଂସ୍କୃତ କୃତଃ ପଦରୁ ନିଷ୍ପନ୍ନ ହୋଇଅଛି । ଏହା ଶୌରସେନୀ ଅପଭ୍ରଂଶରେ କରେ ରୂପରେ ବ୍ୟବହୃତ ହୋଇଥାଏ । ଦ୍ୱିତୀୟ ଶ୍ରେଣୀର କେରୋ'ର ପ୍ରୟୋଗ ଅପଭ୍ରଂଶରେ ଦେଖିବାକୁ ମିଳେ, କିନ୍ତୁ 'କରୋ' ର ପ୍ରୟୋଗ ଦେଖିବାକୁ ମିଳେ ନାହିଁ । ଆଧୁନିକ ଭାଷାରେ ଏହି 'କରେ' ସର୍ବ ଦେଖିବାକୁ ମିଳୁ ଥିବାରୁ ଏହି ରୂପଟି ମାନିନେବାକୁ ହୁଏ । କମ୍ବା କେରେ ବିକୃତ ହୋଇ 'କରେ' ହୋଇଅଛି । ଅର୍ଥାତ୍ ଏ'କାର କେରେ ପଦର ଅକାରରେ ପରିଣତ ହୋଇଅଛି । ଅର୍ଥାତ୍ କେର ଶବ୍ଦ ଯଥାକ୍ରମେ କର, ଅର ଓ ର'ରେ ପରିଣତ ହୋଇ ଓଡ଼ିଆ ଷଷ୍ଠୀ ବିଭକ୍ତି 'ର' ପ୍ରତ୍ୟୟ ରୂପରେ ବ୍ୟବହୃତ ହୋଇଥାଏ ।

ଚର୍ଯାରେ ମଧ୍ୟ ଏ'କାର ଅ କାରରେ ପରିଣତ ହେବାର ଦୃଷ୍ଟାନ୍ତ ମିଳେ । ଯଥା—ବକଳଏଁ—ବକଳଅ (୩) ଦୁଆରେତ—ଦୁଆରତ (୩) ସମାଏ—ସମାଇ (୪) ଓଡ଼ିଆରେ ପ୍ରହେଳୀ—ପହଳି ପ୍ରଭୃତି ଶବ୍ଦରେ ଏକାର ଅ କାରରେ ପରିଣତ ହେବା ଦେଖାଯାଏ ।

ବିମ୍‌ସ୍ ଓ ହାର୍ନେଲ୍ ସାହେବଙ୍କ ମତ ଯେ ସଂସ୍କୃତର କୃତ ପ୍ରାକୃତରେ କର ଓ ହୋଇ କେରୋ ଓ କରେରେ ପରିଣତ ହୋଇଅଛି । କେହି ପ୍ରାକୃତ 'କରିଓ' ପଦକୁ ସଂସ୍କୃତ କାର୍ଯ୍ୟ ଶବ୍ଦରୁ ନିଷ୍ପନ୍ନ ହୋଇଅଛି ବୋଲି ଗ୍ରହଣ କରନ୍ତି । ( O. D. B. P, 753) ଗୋଟିଏ ମୂଳ ଶବ୍ଦରୁ କେର ଓ କର ୨ଟି ରୂପାନ୍ତର ହୋଇଅଛି । ଯାହାହେଉ କେର ଶବ୍ଦରୁ ଓଡ଼ିଆ ଭାଷାରେ ସେହି ଷଷ୍ଠୀ ବିଭକ୍ତିର ପ୍ରତ୍ୟୟ—କର ଓ ର ପ୍ରତ୍ୟୟ ନିଷ୍ପନ୍ନ ହୋଇଅଛି । ଓଡ଼ିଆରେ ଷଷ୍ଠୀ ବହୁବଚନରେ 'କର' ପ୍ରତ୍ୟୟ ବହୁବଚନ ସୂଚକ 'ନ୍' ସହିତ 'ଙ୍କର' ରୂପରେ ବ୍ୟବହୃତ ହୁଏ । ଏହି କର ପ୍ରତ୍ୟୟ ରୂପରେ ମୈଥିଳୀ, ମାଗଧୀ ଓ ଭୋଜପୁରୀ ଭାଷାରେ ବ୍ୟବହୃତ ହୁଏ । ମହାରାଷ୍ଟ୍ରୀ ନାମରେ ହୋଲ୍‌କର, ବିଜାପୁର କର

ପ୍ରଭୃତି ଶବ୍ଦରେ ସମ୍ବନ୍ଧ ସୂଚକ ଭାବରେ 'କର' ଶବ୍ଦଟି ବ୍ୟବହୃତ ହୋଇଥାଏ ।

୨—ଚର୍ଯାରେ ସ୍ଥାନେ ୨ 'କେର' ପ୍ରତ୍ୟୟ ସ୍ଥାନ 'ଏର' ପ୍ରତ୍ୟୟର ବ୍ୟବହାର ଦେଖିବାକୁ ମିଳେ । ଯଥା—'ରୁଖେର' ତେନ୍ତଲି (୨) ପାଟେର ଅ ା ୧) ଡୋମ୍ବୀ ଏର (୧୯) ଜାହେର (୨୯)

ଏହି କେର ଜାତ ଏରର ଏକାର ଅକାରରେ ପରିଣତ ହୋଇ ବା ଲୋପ ହୋଇ 'ର' ପ୍ରତ୍ୟୟ ଓଡ଼ିଆରେ ହୋଇଅଛି । ବର୍ତ୍ତମାନ ଆଉ ଏହି 'ଏର' ପ୍ରତ୍ୟୟର ବ୍ୟବହାର ଓଡ଼ିଆ ଭାଷାରେ ନାହିଁ ।

୩—ଚର୍ଯାରେ ଅନେକ ସ୍ଥଳରେ 'ରି' ପ୍ରତ୍ୟୟ ସମ୍ବନ୍ଧ ସୂଚକ ଭାବରେ ବ୍ୟବହୃତ ହୋଇଅଛି । ଯଥା—'ହାିଁଡ଼ିର ମାଛୀ' (୧୦)

ଓଡ଼ିଆରେ ସମସ୍ତ ସର୍ବନାମ ପରେ ଷଷ୍ଠୀ ବିଭକ୍ତିର 'ର' ପ୍ରତ୍ୟୟ ବିକଳ୍ପରେ 'ରି' ହୋଇଥାଏ । ଅର୍ଥାତ୍—'ର' ଓ 'ରି' ଉଭୟ ପ୍ରତ୍ୟୟର ପ୍ରୟୋଗ ହୋଇଥାଏ । ଯଥା ।—ଯାହାର ଘର, ତାହାରି ଘର । 'ହେଉନାହିଁ ଭରସା ତାହାଙ୍କରି । ( ଲାବଣ୍ୟବତୀ )'

ଓଡ଼ିଆରେ ଅନ୍ତ୍ୟମବର୍ଣ୍ଣରେ ଶକ୍ତିପାତ ହେଉଥିବାରୁ ଷଷ୍ଠୀ ବିଭକ୍ତିର 'ର' ପ୍ରତ୍ୟୟ ସ୍ଥାନେ ସ୍ଥାନେ ରି ହୋଇଥାଏ । କିମ୍ବା ନିଶ୍ଚୟାର୍ଥକ 'ହିଁ' ଅବ୍ୟୟ ଯୋଗ ହେଲେ 'ମୋହରହିଁ' ହୁଏ । ଏହି ହିଁର ହ-ଲୋପ ହୋଇ ମୋହରଇ ଘର ହୁଏ । ର ସହିତ ସେହି ଇ କାର ଯୋଗହେଲେ ରି ହୋଇ ତାହାରି, ମୋହରି ପ୍ରଭୃତି ରି-ପ୍ରତ୍ୟୟାନ୍ତ ପଦ ହୋଇଅଛି । ଚର୍ଯାରେ ସ୍ଥାନେ ସ୍ଥାନେ 'କ' ପ୍ରତ୍ୟୟ ସମ୍ବନ୍ଧ ସୂଚିତ କରିଥାଏ । ଯଥା— ଗ୍ରୁନକ ବାନ୍ଧ (୧)

ସଂସ୍କୃତରେ ସମ୍ବନ୍ଧାର୍ଥରେ 'କ' ପ୍ରତ୍ୟୟ ଦେଖିବାକୁ ମିଳେ । ଯଥା—ମଦ୍ରକ (ମଦ୍ର ଦେଶର), ରୋମକ (ରୋମ୍ ଦେଶର) ପ୍ରାକୃତର ନାସିକ ଶିଳାଲିପିରେ 'ସନ୍ତକ' ଅଥବା ସନ୍ତକ' ପ୍ରଭୃତି ଶବ୍ଦରେ

କ' ପ୍ରତ୍ୟୟ ସମ୍ବନ୍ଧ ସୂଚିତ କରିଅଛି । ଯେଣୁ ସମ୍ବନ୍ଧ ସୂଚକ 'କ' ପ୍ରତ୍ୟୟ ଓଡ଼ିଆ ଭାଷାରେ ଦେଖିବାକୁ ମିଳେ । ଯଥା—ମହାଦେବଙ୍କ କଥାଶୁଣି ଦଶରଥ କହେ । ଦା.ରା.

ବାଳବୃଦ୍ଧର ଯଥା ପାସୋର ଧନ ଧନକ କଥା । ବୈ·ବି·
ଧନ ଧନକ—ଧନ ଧନର ।

କିନ୍ତୁ ବହୁବଚନ ସୂଚକ 'ନ'କାର ସହିତ ଯୋଗ ହୋଇ 'ଙ୍କ' ପ୍ରତ୍ୟୟ ବହୁବଚନ ବା ମାନ୍ୟାର୍ଥରେ ଏକବଚନ ସୂଚିତ କରେ । ଯଥା- ତାଙ୍କ କଥା । ରାଜାଙ୍କ ଘର । ପୁତ୍ରଙ୍କ ମୁଖଚନ୍ଦ୍ରକୁଁ ନିରେଖି ବୋଇଲ (ଦା·ରା·) ସେଥିଯୋଗୁଁ ହର୍ଣ୍ଣେଲ (Hoernle) ସାହେବ GOLdean Grammar P· 236 foot note)ରେ ବଙ୍ଗଳା 'କାର' ପ୍ରତ୍ୟୟ ୨ଟି ସମ୍ବନ୍ଧବାଚକ ପ୍ରତ୍ୟୟ ଯୋଗରେ ସିଦ୍ଧି ହୋଇଛି ବୋଲି କହିଛନ୍ତି । ପ୍ରକୃତପକ୍ଷରେ ଓଡ଼ିଆ ଭାଷାରେ 'ତାଙ୍କ ଘର ଓ ତାଙ୍କର ଘର' ପ୍ରଭୃତି ପ୍ରୟୋଗ ଚଳୁଅଛି । ଯଥା—'କନ୍ୟାଙ୍କର ଗମନେ କି ସହିବ ବସୁନ୍ଧରା' (ଦା·ରା·) ଏହି ପଦରେ ଙ୍କ-ପ୍ରତ୍ୟୟ ୬ଷ୍ଠୀ ବିଭକ୍ତି ବହୁବଚନ ମାନ୍ୟାର୍ଥରେ ଏକବଚନ ସୂଚିତ କରୁଅଛି ବୋଲି ପୂର୍ବରୁ କୁହା ହୋଇଛି । ଏହି ଙ୍କ— ପ୍ରତ୍ୟୟରେ ସମ୍ବନ୍ଧ ସୂଚକ କରଜାତ 'ର' ପ୍ରତ୍ୟୟ ଯୋଗ ହୋଇ 'ଙ୍କର' ପ୍ରତ୍ୟୟ ହୋଇଅଛି । ତେଣୁ ଓଡ଼ିଆ ଭାଷାର 'ଙ୍କର' ପ୍ରତ୍ୟୟ ଦୁଇଟି ସମ୍ବନ୍ଧ ବୋଧକ ପ୍ରତ୍ୟୟ ଯୋଗରେ ସିଦ୍ଧ ହୋଇଛି ବୋଲି ଅନୁମାନ କରାଯାଏ ।

୫ । ସମୟ ସମୟରେ ଓଡ଼ିଆରେ ୬ଷ୍ଠୀ ବିଭକ୍ତିର କର'ଜାତ ର' ପ୍ରତ୍ୟୟର ଲୋପ ହୋଇଥାଏ । ଯଥା—ତାଘର, କାହାଘର ପ୍ରଭୃତି । ସେହିପରି ଚର୍ଯାରେ 'ମଧ' ପ୍ରତ୍ୟୟ ନଥାଇ ସମ୍ବନ୍ଧ ବ୍ୟବହୃତ ହୋଇଅଛି । ଯଥା—

ତା ଗଳେ ଗଳ ପାଶ (୩୭)

ପ୍ରଭୃତି ଶବ୍ଦରେ ସମ୍ବନ୍ଧ ସୂଚକ ଭାବରେ 'କର' ଶବ୍ଦଟି ବ୍ୟବହୃତ ହୋଇଥାଏ ।

୨—ଚର୍ଯାରେ ସ୍ଥାନେ ୨ 'କେର' ପ୍ରତ୍ୟୟ ଜାତ 'ଏର' ପ୍ରତ୍ୟୟର ବ୍ୟବହାର ଦେଖିବାକୁ ମିଳେ । ଯଥା—'ରୁଖେର' ତେନ୍ତଲି (୨) ପାଟେର ଅ ୍ (୧) ତୋହ୍ମୀ ଏର (୧୯) ଜାହେର (୨୯)

ଏହି କେର ଜାତ ଏରର ଏକାର ଅକାରରେ ପରିଣତ ହୋଇ ବା ଲୋପ ହୋଇ 'ର' ପ୍ରତ୍ୟୟ ଓଡ଼ିଆରେ ହୋଇଅଛି । ବର୍ତ୍ତମାନ ଆଉ ଏହି 'ଏର' ପ୍ରତ୍ୟୟର ବ୍ୟବହାର ଓଡ଼ିଆ ଭାଷାରେ ନାହିଁ ।

୩—ଚର୍ଯାରେ ଅନେକ ସ୍ଥଳରେ 'ର' ପ୍ରତ୍ୟୟ ସମ୍ବନ୍ଧ ସୂଚକ ଭାବରେ ବ୍ୟବହୃତ ହୋଇଅଛି । ଯଥା—'ହାଣ୍ଡିର ମାଲୀ' (୧୦)

ଓଡ଼ିଆରେ ସମସ୍ତ ସର୍ବନାମ ପରେ ଷଷ୍ଠୀ ବିଭକ୍ତିର 'ର' ପ୍ରତ୍ୟୟ ବିକଳ୍ପରେ 'ର' ହୋଇଥାଏ । ଅର୍ଥାତ୍—'ର' ଓ 'ର' ଉଭୟ ପ୍ରତ୍ୟୟର ପ୍ରୟୋଗ ହୋଇଥାଏ । ଯଥା ।—ଯାହାର ଘର, ତାହାର ଘର । 'ହେଉନାହିଁ ଭରସା ତାହାଙ୍କର । ( ଲାବଣ୍ୟବତୀ )'

ଓଡ଼ିଆରେ ଅନ୍ତ୍ୟବର୍ଣ୍ଣରେ ଶକ୍ତିପାତ ହେଉଥିବାରୁ ଷଷ୍ଠୀ ବିଭକ୍ତିର 'ର' ପ୍ରତ୍ୟୟ ସ୍ଥାନେ ସ୍ଥାନେ ର ହୋଇଥାଏ । କିମ୍ବା ନିଶ୍ଚୟାର୍ଥକ 'ହି' ଅବ୍ୟୟ ଯୋଗ ହେଲେ 'ମୋହର 'ହି' ହୁଏ । ଏହି ହି'ର ହ-ଲୋପ ହୋଇ ମୋହରେଇ ଘର ହୁଏ । ର ସହିତ ସେହି ଇ କାର ଯୋଗହେଲେ ର ହୋଇ ତାହାର, ମୋହର ପ୍ରଭୃତି ର-ପ୍ରତ୍ୟୟାନ୍ତ ପଦ ହୋଇଅଛି । ଚର୍ଯାରେ ସ୍ଥାନେ ସ୍ଥାନେ 'କ' ପ୍ରତ୍ୟୟ ସମ୍ବନ୍ଧ ସୂଚିତ କରିଥାଏ । ଯଥା— ଗୁଣକ ବାନ୍ଧ (୧)

ସଂସ୍କୃତରେ ସମ୍ବନ୍ଧାର୍ଥରେ 'କ' ପ୍ରତ୍ୟୟ ଦେଖିବାକୁ ମିଳେ । ଯଥା—ମଦ୍ରକ (ମଦ୍ର ଦେଶର), ରୋମକ (ରୋମ୍ ଦେଶର) ପ୍ରାକୃତର ନାସିକ ଶିଳାଲିପିରେ 'ସନ୍ତକ' ଅନ୍ଥ ସନ୍ତକ' ପ୍ରଭୃତି ଶବ୍ଦରେ

କ' ପ୍ରତ୍ୟୟ ସମ୍ବନ୍ଧ ସୂଚିତ କରିଅଛି । ଯେହି ସମ୍ବନ୍ଧ ସୂଚକ 'କ' ପ୍ରତ୍ୟୟ ଓଡ଼ିଆ ଭାଷାରେ ଦେଖିବାକୁ ମିଳେ । ଯଥା—ମହାଦେଇକ କଥାଶୁଣି ଦଶରଥ କହେ । ଦା.ରା.

ବାଳବୃଦ୍ଧର ଯଥା ପାଥୋର ବନ ବନକ କଥା । ବୈ·ବି·
ବନ ବନକ—ବନ ବନର ।

କିନ୍ତୁ ବହୁବଚନ ସୂଚକ 'ନ'କାର ସହିତ ଯୋଗ ହୋଇ 'ଙ୍କ' ପ୍ରତ୍ୟୟ ବହୁବଚନ ବା ମାନ୍ୟାର୍ଥରେ ଏକବଚନ ସୂଚିତ କରେ । ଯଥା-ତାଙ୍କ କଥା । ରାଜାଙ୍କ ଘର । ପୁତ୍ରଙ୍କ ମୁଖଚନ୍ଦ୍ରକୁଁ ନୃପତି ବୋଇଲ (ଦା·ରା·) ସେଥିଯୋଗୁଁ ହର୍ଣ୍ଣେଲ (Hoernle) ମହୋଦୟ Goudean Grammar P. 236 foot note)ରେ ବଙ୍ଗଳା 'କାର' ପ୍ରତ୍ୟୟ ୨ଟି ସମ୍ବନ୍ଧବାଚକ ପ୍ରତ୍ୟୟ ଯୋଗରେ ସିଦ୍ଧି ହୋଇଛି ବୋଲି କହିଛନ୍ତି । ପ୍ରକୃତପକ୍ଷରେ ଓଡ଼ିଆ ଭାଷାରେ 'ତାଙ୍କ ଘର ଓ ତାଙ୍କର ଘର' ପ୍ରଭୃତି ପ୍ରୟୋଗ ଚଳୁଅଛି । ଯଥା—'କନ୍ୟାଙ୍କର ଗମନେ କ ସହିବ ବସୁନ୍ଧରା' (ଦା·ରା·) ଏହି ପଦରେ ଙ୍କ-ପ୍ରତ୍ୟୟ ଷଷ୍ଠୀ ବିଭକ୍ତି ବହୁବଚନ ମାନ୍ୟାର୍ଥରେ ଏକବଚନ ସୂଚିତ କରୁଅଛି ବୋଲି ପୂର୍ବରୁ କୁହା ହୋଇଛି । ଏହି ଙ୍କ—ପ୍ରତ୍ୟୟରେ ସମ୍ବନ୍ଧ ସୂଚକ କରଜାତ 'ର' ପ୍ରତ୍ୟୟ ଯୋଗ ହୋଇ 'ଙ୍କର' ପ୍ରତ୍ୟୟ ହୋଇଅଛି । ତେଣୁ ଓଡ଼ିଆ ଭାଷାର 'ଙ୍କର' ପ୍ରତ୍ୟୟ ଦୁଇଟି ସମ୍ବନ୍ଧ ବୋଧକ ପ୍ରତ୍ୟୟ ଯୋଗରେ ସିଦ୍ଧ ହୋଇଛି ବୋଲି ଅନୁମାନ କରାଯାଏ ।

୫ । ସମୟ ସମୟରେ ଓଡିଆରେ ଷଷ୍ଠୀ ବିଭକ୍ତିର କର'ଜାତ ର' ପ୍ରତ୍ୟୟର ଲୋପ ହୋଇଥାଏ । ଯଥା—ତାଘର, କାହାଘର ପ୍ରଭୃତି । ସେହିପରି ଚର୍ଯାରେ ମଧ୍ୟ ପ୍ରତ୍ୟୟ ନଥାଇ ସମ୍ବନ୍ଧ ବ୍ୟବହୃତ ହୋଇଅଛି । ଯଥା—

ତା ଗଳେ ଗଳ ପାଶ (୩୭)

# ଅଧିକରଣ କାରକ
## ୭ମୀ ବିଭକ୍ତି

ସଂସ୍କୃତରେ 'ଗୃହେ ବର୍ତ୍ତତେ', ସ୍ୱର୍ଗେ ବସନ୍ତି' ପ୍ରଭୃତି ପଦରେ ସଂସ୍କୃତ ଅଧିକରଣ କାରକରେ 'ଇ' ବିଭକ୍ତି 'ଏ' କାରରେ ପରିଣତ ହୋଇଅଛି। ଏହି ଏ-ପ୍ରତ୍ୟୟ ପ୍ରାକୃତରେ ମଧ୍ୟ ଅଧିକରଣ କାରକରେ ଦେଖିବାକୁ ମିଳେ। ବଚ୍ଛ ଶବ୍ଦର ୭ମୀ ଏକବଚନରେ ବଚ୍ଛେ, ବଚ୍ଛମ୍ମି ବୋଲି ଦୁଇଟି ପଦ ହୁଏ। ପ୍ରା. ପ୍ର. ୯ ସୂତ୍ର। ଙେ ରେ ମ୍ମି—ଅର୍ଥାତ୍ ୭ମୀ ଏକବଚନରେ ଏ'ମ୍ମି ହୁଏ।

ଘରେ ବସନ୍ତି ଜଗଗାମହାରସ୍‌ସ ସଗ୍ଗା
ଗୃହେ ବସଂ ଜାଗ୍ରତ ମହା ତସ୍ୟ ସ୍ୱର୍ଗଃ (ପିଙ୍ଗଳ)

ଏହି ଏ-ପ୍ରତ୍ୟୟଟି ଓଡ଼ିଆରେ ଅବିକଳ ଭାବରେ ରକ୍ଷିତ ହୋଇଅଛି।

**ରତ୍ନ ହାଣ୍ଡୋଳାଏ** ଶାନ୍ତାଏ ବସନ୍ତେ କଲେ। ଦା. ସଂ
ନଗାଏ ଆମ୍ଭେ ତାଙ୍କ ମଣ୍ଡିଆ ଭାଙ୍ଗିଲେ। ,,
ସୁସ୍ୱରେ କରେ ଗୀତରସ। ଯେଣେ ହୋଇବ ମନତୋଷ।
ଭା. ଦଶମସ୍କନ୍ଧ

୧। ଚର୍ଯାରେ ୭ମୀ ବିଭକ୍ତିରେ ଏହି 'ଏ' ପ୍ରତ୍ୟୟର ପ୍ରଚୁର ପ୍ରୟୋଗ ଦେଖିବାକୁ ମିଳେ। ଯଥା—ଘରେ (୨), ସହଜେ (୩), ମାଂସେ (୬), ଘଡ଼ସ୍ପେ (୩) ଚରଣେ (୧୧) ଘରେ (୧୧) ବହୁନେ (୧୩) ହାତେ (୧୩) ପଥାଏ ମଙ୍ଗେ (୧୪) ପୀଠେ, ରଥେ, କୁଳେ ୨ (୧୪) ବାଟେ, ଆଗେ (୧୫) ସମୁଦାରେ (୧୪) ଧାମେ (୨୨) ତଏ (୩୪) ହୋଷେ (୪୪) ପ୍ରଭୃତି।

୨। ଓଡ଼ିଆର ନିମ୍ନ ଶ୍ରେଣୀର ଲୋକଙ୍କ ମୁଖରେ ସ୍ୱରବର୍ଣ୍ଣର ସାନୁନାସିକ ଉଚ୍ଚାରଣ ହୋଇଥାଏ। ଯଥା—ଖାଉଁ ଅଛି, ଖାଏଁ, ଘରେଁ ଇତ୍ୟାଦି। ଚର୍ଯାରେ ମଧ୍ୟ ସେହିପରି ସାନୁନାସିକ ଏଁ'କାର ପ୍ରତ୍ୟୟ ଦେଖିବାକୁ ମିଳେ। ଯଥା—ମାଝେଁ (୨) କୂଳେଁ (୩୪) ହିଏଁ (୪୪)। ୫ମ ଚର୍ଯାରେ 'ନଅଡ଼ି ବୋହି' ପଦରେ ନଅଡ଼ି ପଦଟି ୭ମୀ

ବିଭକ୍ତିର ଇ- ପ୍ରତ୍ୟୟର ଯୋଗରେ ହୋଇଅଛି ବୋଲି କେହି କେହି କହନ୍ତି ( O· D. B· and ଭାଷାର ଇତିବୃତ୍ତ—S· Sen ) ବିଶେଷତଃ ଚର୍ଯାରେ ଆଉ କୌଣସି ସ୍ଥାନରେ ୭ମୀ ବିଭକ୍ତିରେ ଇପ୍ରତ୍ୟୟ ଦେଖା ଯାଏ ନାହିଁ । ତେଣୁ ନଅରେ ପଦର ଏକାର ଉଚ୍ଚାରଣ ବଶରୁ ଇ କାର ହୋଇ 'ନଅରି' ହୋଇଅଛି । ଦେବର—ଦିଅର, ଦେବ—ଦିଅଁ, କେଦାର—କିଆର ପଦରେ ଏକାର ଇକାର ହେବାର ଦେଖାଯାଏ । ବିଶେଷତଃ ଓଡ଼ିଆ ସାରଳା ମହାଭାରତରେ ନଅରେ ପଦ ଦେଖିବାକୁ ମିଳେ । ଯଥା—ପ୍ରବେଶିଲେ ବୀରବର ଆସ୍ଥାନ ନଅରେ ( ସତ୍ୟବାଦୀ Printing Co-Edition P.7o ) ସୁତରାଂ ଏଠାରେ ଏକାରର ଇକାର ହେବାର ବିଶେଷ ସମ୍ଭାବନା ।

କାହାର ୨ ମତରେ ଅଧିକରଣ ଏ, ବା ଏଁ ପ୍ରତ୍ୟୟ ଇଣ୍ଡୋ-ଇଉରୋପୀୟ ଭାଷାର 'ଧି'. ପ୍ରତ୍ୟୟରୁ ଆସିଅଛି । କିନ୍ତୁ ଏହି ଧି' ପ୍ରତ୍ୟୟଟି ସଂସ୍କୃତରେ ନାହିଁ, କିନ୍ତୁ ପାଲିଭାଷାରେ ଧି·ପ୍ରତ୍ୟୟ ଏବଂ ଗ୍ରୀକ ଭାଷାରେ ଧି ପ୍ରତ୍ୟୟ ରହିଅଛି । ତେଣୁ ଇଣ୍ଡୋ-ଇଉରୋପୀୟ ଭାଷାରେ ଧି ପ୍ରତ୍ୟୟର ଅନୁମାନ କରାଯାଇ ଥାଏ । ଏହି ଧି ପ୍ରତ୍ୟୟ ପରିବର୍ତ୍ତିତ ହୋଇ କ୍ରମେ କ୍ରମେ 'ଏ' ବା 'ଏଁ' ପ୍ରତ୍ୟୟରେ ପରିଣତ ହୋଇ ଅଛି । ଯଥା—ଘରେ ବା ଘରେଁ, ଘରଇ—ଘରହି—ଘରଧି
O· D. B. 74 5

ଚର୍ଯାରେ ସ୍ଥାନେ ସ୍ଥାନେ ୭ମୀ ବିଭକ୍ତିରେ 'ରେ' ପ୍ରତ୍ୟୟର ପ୍ରୟୋଗ ଦେଖିବାକୁ ମିଳେ ଯଥା—ଭିତାରେ (୨୦), ମାଝେରେ (୧୪), ରସାୟନେରେ (୨୨), ସୁନକରୁଣରେ (୩୪), ଏହି ରେ' ପ୍ରତ୍ୟୟଟି ଓଡ଼ିଆରେ ୭ମୀ ବିଭକ୍ତିର ପ୍ରତ୍ୟୟ ରୂପରେ ବ୍ୟବହୃତ ଯଥା—
ବାଟେ ସେ ବନରେ ପଡ଼ିଥିଲି ଦିବ୍ୟଶିଳା (ବୈ:ବି.ଗ୍ରନ୍ଥ )

ଓଡ଼ିଆରେ 'ରେ' ପ୍ରତ୍ୟୟଟି ୬ଷ୍ଠୀ ବିଭକ୍ତିର 'ର' ପ୍ରତ୍ୟୟ ଏବଂ ୭ମୀ ବିଭକ୍ତିର ଏ' ପ୍ରତ୍ୟୟର ମିଳନରେ ହୋଇଅଛି । ର+ଏ=ରେ ।

ଗୋପୀନାଥ ନନ୍ଦଙ୍କ ମତ ଅନୁସାରେ ୩ ଯ୍ବା ଓ ୭ମୀରେ 'ର' ର ଆଗମ ହୋଇଅଛି ( ଓ: ଭାଷାତତ୍ତ୍ୱ ୨୬୦ପୃ ) । ଯଥାର୍ଥରେ ୫ମୀ ବିଭକ୍ତିରେ ରୁ-ପ୍ରତ୍ୟୟ ୬ଷ୍ଠୀ ବିଭକ୍ତିର 'ର' ଓ ୫ମୀ ବିଭକ୍ତିର ଉ-ପ୍ରତ୍ୟୟ ମିଳନରେ ହୋଇଅଛି । ସେହିପରି ୭ମୀରେ ରେ-ପ୍ରତ୍ୟୟ ୬ଷ୍ଠୀର ର ଓ ୭ମୀ 'ଏ' ର ମିଳନରେ ନିଷ୍ପନ୍ନ ହୋଇଅଛି ।

ଙ—ଚର୍ଯାରେ ସ୍ଥାନେ ସ୍ଥାନେ ହିଁ ପ୍ରତ୍ୟୟ ୭ମୀ ବିଭକ୍ତିରେ ବ୍ୟବହୃତ ହୋଇଅଛି । ଯଥା— ହିଅହିଁ ( ୨,୭ ) । ଏହି ହିଁ ପ୍ରତ୍ୟୟ ଓଡ଼ିଆରେ ଦେଖିବାକୁ ମିଳେ । ଯଥା—

ଦଶଶିର ଛିଡ଼ିଲେ ପୁଣି ମୁଣ୍ଡ ଲାଗଇ
କ୍ଷତିଯୁ ସମ ନାହିଁ ମୋତେ ମହୀମଣ୍ଡଳହିଁ । ଦା.ରା.

ସଂସ୍କୃତ ସର୍ବାଦିଗଣର ୭ମୀ ବିଭକ୍ତିରେ "ସ୍ମିନ୍" ବା 'ଅସ୍ମିନ୍' ପ୍ରତ୍ୟୟ ହୁଏ । ଯଥା—ସର୍ବସ୍ମିନ୍, କସ୍ମିନ ପ୍ରଭୃତି । କିନ୍ତୁ ୭ମୀ ଏକ ବଚନର ଏହି ଅସ୍ମିନ୍-ପ୍ରତ୍ୟୟ ଆଦିମ ପ୍ରାକୃତ ଭାଷାରେ ସମସ୍ତ ଶବ୍ଦରେ ଯୋଗ ହେବାର ଏବଂ ଅସ୍ସିନ୍, ଅମ୍ହି, ଅମ୍ମିରେ ପରିଣତ ହେବାର ଦେଖାଯାଏ । ପରବର୍ତ୍ତୀ ପ୍ରାକୃତରେ ଅମ୍ହି ପ୍ରତ୍ୟୟ ଅହି ଓ ଅହିଁ ପ୍ରତ୍ୟୟରେ ପରିଣତ ହୋଇଅଛି । ମାଗଧୀ ଭାଷାର ପ୍ରାଥମିକ ଅବସ୍ଥାରେ ଅସ୍ସିନ ଅସ୍ସିରେ ପରିଣତ ହେବାର ଦେଖାଯାଏ । କିନ୍ତୁ ଅମ୍ହି ପ୍ରତ୍ୟୟ ପଞ୍ଚିମାଞ୍ଚଳ ପ୍ରାକୃତରେ (ଦେଖାଯାଏ Truman Michaloon J.A.O. S. 1909 P.P.77) କିନ୍ତୁ ପରବର୍ତ୍ତୀ ବୈୟାକରଣିକମାନେ ମାଗଧୀ ଓ ମହାରାଷ୍ଟ୍ରୀ ଉଭୟ ଭାଷାରେ ଅସ୍ମିନ୍ ପଦ Progressive assimilation ପର ( ପ୍ରଗତ ) ସମୀକରଣ ଅନୁସାରେ ଅସ୍ସି ହୋଇ-ଅଛି । କିନ୍ତୁ Regressive assimilation ବା ପଶ୍ଚାତ୍ ସମୀକରଣ ଯୋଗୁଁ ଅମ୍ମି ହୋଇଅଛି । କିନ୍ତୁ "ଅସ୍ସିନ୍" ପଦରେ ସମୀକରଣ ନ ହୋଇ ଅହ୍ମି ହୋଇଅଛି । ଏହି ଅହ୍ମି ପ୍ରତ୍ୟୟ ଇ କାର ସ୍ୱରବର୍ଣ୍ଣର ବିପର୍ଯ୍ୟୟ ଯୋଗୁଁ ( ଅହ+ଇମ୍ ) ଅହିଂ ହୋଇଅଛି । ପ୍ରାକୃତର ଏହି ଅହିଂ ବା ହିଂ ପ୍ରତ୍ୟୟ ଓଡ଼ିଆରେ ଅବିକଳ ଭାବରେ ଇହିଅଛି ।

କାହାର କାହାର ମତରେ-ୟୁରୋପୀୟ 'ଧି' ପ୍ରତ୍ୟୟରୁ ହ୍ନିଂ ହୋଇଅଛି । ଯଥା—ଗୃହଧି—ଘରହ୍ନି—ଘରଇ କିମ୍ବା ଗୃହଭିଂ—ଘରହ୍ନିଂ—ଘରହ୍ନିଁ ( ସୁକୁମାର ସେନ୍—ଭାଷାର ଇତବୃତ୍ତ P.141) ପ୍ରକୃତ ପକ୍ଷରେ ପ୍ରାକୃତରେ ୭ମୀରେ ମ୍ମି ଓ ଏ ଦୁଇଟି ପ୍ରତ୍ୟୟ ଥିଲ । ସେ ଦୁଇ ପ୍ରତ୍ୟୟ ଓଡ଼ିଆରେ ମଧ୍ୟ ହିଁ ଓ ଏ ରୂପରେ ରହିଅଛି । କିନ୍ତୁ 'ହିଂ' ପ୍ରତ୍ୟୟଟି ବର୍ତ୍ତମାନ ଆଉ ପ୍ରଚଳିତ ହେଉନାହିଁ ।

ଚର୍ଯାରେ ଗୋଟିଏ ସ୍ଥଳରେ ଏହି ପ୍ରାକୃତ ମ୍ମି ପ୍ରତ୍ୟୟ ଜାତ ବର୍ତ୍ତମାନ ହିନ୍ଦିରେ ପ୍ରଚଳିତ ୭ମୀ ବିଭକ୍ତିରେ 'ମେ' ପ୍ରତ୍ୟୟର ବ୍ୟବହାର ହୋଇଅଛି । ଯଥା—ଶୂନମେ ( ୧୩)

ସ୍ଥାନେ ସ୍ଥାନେ 'ତ' ମଧ୍ୟ ୭ମୀ ବିଭକ୍ତିର ପ୍ରତ୍ୟୟ ରୂପରେ ବ୍ୟବହୃତ ହୋଇଅଛି । ଯଥା—ହାଣ୍ଡିତ ଭାତ ନାହିଁ (୩୩), ଟାଲତ ମୋର ଘର ( ୩୩ ) । ସଂସ୍କୃତ ଅନ୍ତଃରୁ ଏହି ତ ପ୍ରତ୍ୟୟଟି ଆସିଅଛି କିମ୍ବା ସାର୍ବବିଭକ୍ତିକ 'ସେ' ରୁ ସପ୍ତମୀରେ 'ସେ' ରୁ ତ ପ୍ରତ୍ୟୟ ହୋଇ ଅଛି । ହାଣ୍ଡି ତ='ତ' ଅବ୍ୟୟ ଏ ହାଣ୍ଡି ସପ୍ତମୀ ବିଭକ୍ତି ଲୋପ—ଭାତ ତ ନାହିଁ ଏହାମଧ୍ୟ ହୋଇପାରେ ।

# ସର୍ବନାମ

ସମସ୍ତ ସର୍ବନାମର ରୂପରେ ଦୁଇ ପ୍ରକାର ଭେଦ ଲକ୍ଷ୍ୟଅଛି । ସାଧାରଣ ଓ ସମ୍ମାନାର୍ଥକ । ଏଥିରେ ଉତ୍ତମ ପୁରୁଷ ବାଚକ ସର୍ବନାମ (ଅସ୍ମଦ୍) ଓ ମଧ୍ୟମ ପୁରୁଷ ବାଚକ ସର୍ବନାମର ଏହିପରି ରୂପ ଦେଖିବାକୁ ମିଳେ । ଯଥା—

| ଉତ୍ତମ ପୁରୁଷ | ମଧ୍ୟମ ପୁରୁଷ |
|---|---|
| କର୍ତ୍ତୃକାରକ (୧ମା)-ଅହ୍ମେ (୪) | କର୍ତ୍ତୃକାରକ (୧ମା)-ତୁମ୍ହେ (୭, ୨୩) |
| ଅହ୍ମେ | ତୁମ୍ହେ (୫) |
| ଆମ୍ହେ (୧୨) | ତୁ (୧୦, ୧୪, ୩୨, ୫, ୮) |
| ଅମ୍ହେ (୨୨) | ୨ୟା—ତୋହୋରେ (୧୮) |
| | ତୋତେ [୧୮] |
| ମଇ (୨୯, ୩୦, ୩୫) | ତୋ (୧୦) ତଇଁ (୪, ୧୮) |
| ହାଉଁ (୧୦, ୧୮, ୨୦) | ୩ୟା—ତୋଏ (୧୦) |
| ମୋଏ [୧୦] | ୬ଷ୍ଠୀ—ତୋ (୪) ତୋହର (୨, ୩୯) ତୋର (୪୧) |
| ୨ୟା ବା ୪ର୍ଥୀ—ମକୁଁ (୩୫) | ତୋହ୍ମର (୧୦, ୧୮, ୨୮) |
| ୬ଷ୍ଠୀ—ମୋହର (୨୦) | |
| ମୋ (୭, ୩୫, ୩୯) | |
| ମୋର (୨୦, ୩୩, ୪୯) | |
| ମୋର (୩୬) | |

ବେଦରେ ଅସ୍ମଦ୍ ଶବ୍ଦର ୪ର୍ଥୀ ବିଭକ୍ତିରେ ଅସ୍ମେ ପଦ ହୁଏ । ଏହି ଅସ୍ମେ ପରିବର୍ତ୍ତିତ ହୋଇ କ୍ରମେ ୨ ଅହ୍ମେ—ଅମ୍ହେ ଏବଂ ଆହ୍ମେ—ଆମ୍ହେ ହୋଇଅଛି କିମ୍ବା ଅସ୍ମଦ୍ ଶବ୍ଦର ୩ୟା ବହୁବଚନାନ୍ତ ପଦ [ଅସ୍ମାଭିଃ—ଅମ୍ହହି—ଅମ୍ହଇ—ଅମ୍ହେ ଓ ଆମ୍ହେ] ଅସ୍ମାଭିଃ

ଏହି ସମଯରେ 'ଆମ୍ଭେ' ରୂପ ଧାରଣ କରିଅଛି ବୋଲି ସୁନୀତି କୁମାର ଚାଟର୍ଜୀ ଏବଂ ସୁକୁମାର ସେନଙ୍କର ମତ (O. D. B —P. 810 and ଭାଷାର ଇତିବୃତ୍ତ P-143)। ପ୍ରକୃତ ପକ୍ଷରେ ଅସ୍ମଦ୍ ଓ ଯୁଷ୍ମଦ୍ ଶବ୍ଦ ପ୍ରାକୃତରେ ହଳନ୍ତ ଲୋପ ହୋଇ ଅସ୍ମ ଓ ତୁଷ୍ମ ରୂପ ଧାରଣ କରେ ଏବଂ ସକାର ହକାରରେ ପରିଣତ ହୋଇ ଅହ୍ମ ଓ ତୁହ୍ମରେ ପ୍ରାକୃତରେ ପରିଣତ ହୋଇଥାଏ । ଏହି ପ୍ରାକୃତ ଅହ୍ମ ଓ ତୁହ୍ମ ଶବ୍ଦରେ ମାଗଧୀ ପ୍ରାକୃତରେ ୧ମା ଏକ ବଚନର ଏ' ପ୍ରତ୍ୟୟ ଯୋଗ କଲେ (ଅହ୍ମ + ଏ ଓ ତୁହ୍ମ + ଏ) ଅହ୍ମେ ତୁହ୍ମେ ପଦ ହୁଏ । ଅନ୍ୟାନ୍ୟସର୍ବନାମରୁ ସମସ୍ତ ସର୍ବନାମରେ ୧ମା ଏକ ବଚନରେ ମାଗଧୀ ଭାଷାର ୧ମା ଏକ ବଚନର ଏ—ପ୍ରତ୍ୟୟ ଯୋଗ ହୋଇଅଛି । କିମ୍ବା ୧ମା ବହୁବଚନରେ ଏ—ପ୍ରତ୍ୟୟ ଯୋଗ ହୁଏ । ଏହି ଏ—ପ୍ରତ୍ୟୟ ଓଡ଼ିଆ ବହୁବଚନରେ ଓ ମାନ୍ୟାର୍ଥ ଏକବଚନରେ ପ୍ରଚଳିତ ବୋଲି ପୂର୍ବରୁ କୁହା ହୋଇଛି । କାତ୍ୟାୟନ ବ୍ୟାକରଣ ୩।୪।୪ ସୂତ୍ରରେ ସେହି କଥା କହିଛନ୍ତି । ସର୍ବନାମାକାରଣେ ପଠମୋ । ସବ୍ବେସଂ ସବ୍ବନାମନଂ ଅକାରତୋ ଯୋ ପଠମା ଏତ୍ତଂ ଆପଜ୍ଜତେ । ଅର୍ଥାତ୍—ଅକାରନ୍ତ ସର୍ବନାମର ୧ମା ବହୁବଚନର ଯୋ—ପ୍ରତ୍ୟୟର 'ଏ' ହୁଏ । ଯଥା—ସବ୍ବେ, ଅମ୍ହେ, ତୁମ୍ହେ । ତେଣୁ ବରରୁଚି ଏ ପ୍ରତ୍ୟୟ ସହିତ ପଦ ନିର୍ଦ୍ଦେଶ କରିଛନ୍ତି— ତୁଜ୍ଝେ ତୁମ୍ହେ ଜସି ଯୁଷ୍ମଦଃ ପଦସ୍ୟ ଜସିପରତଃ ତୁଜ୍ଝେ ତୁମ୍ହେ ଇତ୍ୟେତାବାଦେଶୌ ଭବତଃ ।

ପ୍ରା. ପ୍ର. ୬/୨୮ ।

ତୁମ୍ହେ, ଅମ୍ହେ । ଜସ୍ଶସୋଃ ଅସ୍ମଦଃ ପଦସ୍ୟ ଜସ୍ଶସୋଃ ପରତଃ ଅମ୍ହେ ଇତ୍ୟୟ ମାଦେଶୋ ଭବତି । ଯଥା—ଅମ୍ହେ । ପ୍ରା. ପ୍ର. ୬/୪୩ । ସୁତରାଂ ପ୍ରାଚୀନ ପ୍ରାକୃତ ବୈୟାକରଣମାନେ ୧ମା ବହୁବଚନରେ ଏ' କାର ଯୋଗ କରି ତୁମ୍ହେ, ଅମ୍ହେ ପଦ ବହୁ-ବଚନରେ ସିଦ୍ଧ କରି ଅଛନ୍ତି ।

ସାଧାରଣତଃ ପ୍ରାକୃତରେ "ହ୍ନ, ହ୍ଲ, ହ୍ମାଂ ନଲମାଂ ସ୍ଥିତିରୂର୍ଦ୍ଧ୍ୱଂ" (ପ୍ରା. ପ୍ର. ୩/୮) ସୂତ୍ର ଅନୁସାରେ ହ ରେ ନ, ଲ ଓ ମ ର ଯୋଗହେଲେ

ନ, ଲ ଓ ମ ର ସ୍ଥାନ ବିପର୍ଯ୍ୟସ୍ତ ହୋଇ ୧ମରେ ନ, ଲ ଓ ମ ରହେ । ତେଣୁ ଅହ୍ମେ, ତୁହ୍ମେ ପଦ ଅମ୍ହେ ଓ ତୁମ୍ହେ ପରିଣତ ହୁଏ ।

"ହକାରଂ ପଞ୍ଚମୈର୍ଯୁକ୍ତ ମନ୍ତ୍ୟସ୍ଥୈ ଶ୍ଚାପି ସଂଯୁତଂ
ଉରସ୍ଥଂ ତଂ ବିଜାନୀୟାତ୍ ବର୍ଗ୍ୟ ମାହୁର ସଂଯୁତଂ ।" (ସିଦ୍ଧାନ୍ତ ଚ)

ହକାର ପଞ୍ଚମବର୍ଣ୍ଣ ସହିତ ଯୋଗ ହେଲେ ଉରସ୍ଥ ବର୍ଣ୍ଣ ପରି ଉଚ୍ଚାରିତ ହୁଏ । ସୁତରାଂ ଅମହେ ଓ ତୁମ୍ହେ ପଦ ଅମ୍ହେ, ଆମ୍ଭେ ଓ ତୁମ୍ଭେ ରୂପରେ ଉଚ୍ଚାରିତ ହୋଇଅଛି ଓ ସେହିପରି ଲିଖିତ ହୋଇଅଛି । ତେଣୁ ଓଡ଼ିଆରେ ସମ୍ମାନାର୍ଥରେ ଆମ୍ଭେ ଓ ତୁମ୍ଭେ ପଦ ବ୍ୟବହୃତ ହୁଏ । ଅଦ୍ୟାବଧି ଓଡ଼ିଶାରେ ଅନେକ ନୀଚ ଶ୍ରେଣୀର ଲୋକ ଅମ୍ହେ, ଆମହେ ଓ ତୁମ୍ହେ ଉଚ୍ଚାରଣ କରିଥାନ୍ତି । ଚର୍ଯ୍ୟାରେ ସେହି ଅମ୍ହେ, ଅହ୍ମେ ଓ ଆମ୍ଭେ ପ୍ରୟୋଗ ରହିଅଛି । ଏହି ପଦ ବହୁବଚନାନ୍ତ ହେଲେହେଁ ମାନ୍ୟାର୍ଥରେ ଏକବଚନରେ ପ୍ରଯୁକ୍ତ ହୁଏ ।

ଅପଭ୍ରଂଶରେ ଅସ୍ମଦ ଶବ୍ଦର ୧ମା ଏକବଚନରେ 'ହମୁଁ' ରୂପ ହୁଏ । ତୁହଂ ହମୁ ମାଦ୍ ସୁର୍ଷ୍ଣଦସ୍ନୋଃ ସୁପା ( ଅପଭଂଶେ ଜୁମର) ଏହି ହମୁଁ ପଦର ମୁ ର ବର୍ଣ୍ଣ ବିପର୍ଯ୍ୟୟ କଲେ ହଉମ୍ ହୁଏ । ତେଣୁ ମ୍ ର ଅନୁସ୍ୱାର ହେବାରୁ ହଉଁ ଓ ହାଉଁ ପଦ ହୋଇଅଛି । "ସୌହଉଂ"

( ଷଡ୍‌ଭାଷା ଚନ୍ଦ୍ରିକା ୩।୪।୪୫ P. 233)

ସେହି ଅପଭ୍ରଂଶର 'ହମୁ' ପଦର ବର୍ଣ୍ଣ ବିପର୍ଯ୍ୟୟ କଲେ 'ମୁହଁ' ପଦ ହୁଏ ଏବଂ ଏହି 'ମୁହଁ' ପଦରେ ଇକାର ଯୋଗ କଲେ 'ମୁହିଁ' ହୋଇଅଛି । ମୁହିଁ ପଦରେ ହକାର ଲୋପ ହୋଇ ମୁଇଁ ହୋଇଅଛି ଏବଂ ମୁଇଁ ପଦରେ ଇକାର ଲୋପ ହୋଇ 'ମୁଁ' ହୋଇଅଛି କିମ୍ବା ଅପଭ୍ରଂଶର 'ହମୁଁ' ପଦର ଆଦ୍ୟ ଅକ୍ଷର ହ କାର ଲୋପହୋଇ 'ମୁଁ' ହୋଇଅଛି । ପରେ ଏହି 'ମୁଁ' ପଦରେ ନିଶ୍ଚୟାର୍ଥକ 'ହି' ଯୋଗ କଲେ 'ମୁହିଁ' ପଦ ହୋଇଅଛି । ଏହି 'ମୁହିଁ ପଦର ହକାର ଲୋପ ହୋଇ 'ମୁଇଁ' ପଦ

ହୋଇଅଛି ( ଓ. ଭଷାତତ୍ତ୍ୱ ପୃ ୪୧୫) । କେହି କେହି ଅଦସ୍ ଶବ୍ଦର ଅମୂ ପଦର ଅନୁକରଣରେ ଓଡ଼ିଆରେ ମୁଁ ଆସିଛି ବୋଲି ଅନୁମାନ କରନ୍ତି ( ଓ· ଭାଷାତତ୍ତ୍ୱ ପୃ ୪୧୫ ) । ସୁନୀତି ଚଟ୍ଟୋପାଧ୍ୟାୟ ଓ ସୁକୁମାର ସେନଙ୍କ ମତରେ ( O·D·B· P· 809 and ଭାଷାର ଇତିବୃତ୍ତ P· 143) ତୃତୀୟା ବିଭକ୍ତ୍ୟନ୍ତ ଏକବଚନ ମୟେନ (=ମୟା)ରୁ ମଇ, ମୁଇ ଆସିଅଛି । ଏହି ଉଭୟ ମତ ଅନୁସାରେ ପଦ ସିଦ୍ଧ ହୋଇପାରେ କିନ୍ତୁ ଅନୁକ୍ତକର୍ତ୍ତା ତୃତୀୟା ବିଭକ୍ତିକୁ ଉକ୍ତ କର୍ତ୍ତା ରୂପରେ ଗ୍ରହଣ କରିବା ଯୁକ୍ତି ଯୁକ୍ତ ନୁହେଁ । ବିଶେଷତଃ ମୟାରୁ ମଇ ହୋଇପାରେ କିନ୍ତୁ ମଇ—ମୁଇରେ ପରିଣତ ହେବାର ଓ ଉକାର ଆଗମର କିଛି ହେତୁ ନାହିଁ । ପ୍ରକୃତରେ ଯୁଷ୍ମଦ୍ ଶବ୍ଦର ୧ମା ଏକବଚନରେ ସଂସ୍କୃତରେ 'ତ୍ୱଂ' ହୁଏ । ପ୍ରାକୃତରେ ବର୍ଣ୍ଣ ବିପ୍ରକର୍ଷ ଯୋଗୁଁ ବା ସନ୍ଧି ବିଶ୍ଳେଷଣ କଲେ 'ତୁଅଂ' ପଦ ହୁଏ । ଏହି ତୁଅଂ ପଦ ବର୍ଣ୍ଣ ବିପର୍ଯ୍ୟୟ ଯୋଗୁଁ 'ତୁମଂ' ରୂପ ପ୍ରାକୃତ ୧ମା ଏକବଚନରେ ଧାରଣ କରେ ଏବଂ ମକାର ଲୋପ ହୋଇ 'ତୁଂ' ରୂପ ମଧ୍ୟ ଧାରଣ କରେ । ଅର୍ଥାତ୍—ପ୍ରାକୃତରେ ଯୁଷ୍ମଦ୍ ଶବ୍ଦର ୧ମା ଏକବଚନରେ ତୁଂ ର ତୁମଂ ରୂପ ହୁଏ ବୋଲି ( ପ୍ରା· ପ୍ର· ୬।୨୬।୨୭) ପୂର୍ବରୁ କହିଅଛି । ସମସ୍ତ ସର୍ବନାମରେ ମାଗଧୀ ପ୍ରାକୃତର ୧ମା ଏକବଚନର ଏ-ପ୍ରତ୍ୟୟ ଯୋଗହୁଏ । ତେଣୁ ତୁଂ ଓ ତୁମଂ ପଦରେ 'ଏ' ପ୍ରତ୍ୟୟ ଯୋଗକଲେ ତୁଏ ଓ ତୁମେ ପଦହୁଏ । ତୁମେ ପଦ ଓଡ଼ିଆରେ ୧ମା ଏକବଚନରେ ବ୍ୟବହୃତ ହୁଏ । ତୁଏ ଓ ତୁମେ ପଦର ଏକାର ଲଘୁ ହୋଇ ତୁଇ ଓ ତୁମି ପଦ ହୁଏ । ତୁମି ପଦ ବଙ୍ଗଳାରେ ବ୍ୟବହୃତ । ତୁଇ ପଦ ଓଡ଼ିଆରେ ୧ମା ଏକ ବଚନରେ ବ୍ୟବହୃତ । ପ୍ରାକୃତ 'ତୁଂ' ପଦର ଅନୁସ୍ୱାର ଲୋପହୋଇ ତୁ ହୋଇଅଛି । ସୁତରାଂ ଓଡ଼ିଆରେ ତୁ, ତୁଇ ଓ ତୁମେ ୧ମା ଏକବଚନରେ ବ୍ୟବହୃତ । ଏହି ତୁଇ ପଦରେ 'ହ'କାର ଆଗମ ହୋଇ 'ତୁହି' ମଧ୍ୟ ହୋଇଥାଏ । ସେହିପରି ଅସ୍ମଦ୍ ଶବ୍ଦର ୧ମା ବହୁବଚନରେ 'ମୋ' ରୂପ ହୁଏ (ଷଡ଼ଭାଷା-ଚନ୍ଦ୍ରିକା P· 129 ) ଏହି ମୋର ଲଘୁ ହୋଇ ମୁଁ ହୋଇଛି ଏବଂ ଏକବଚନରେ ବ୍ୟବହୃତ ହେଉଅଛି । ଏହି ମୁଁ ପଦରେ ମାଗଧୀ ୧ମା

ଏକବଚନ 'ଏ' ଯୋଗ ହୋଇ ମୋଏ ହୋଇଅଛି ଏବଂ ମୂଏଁ ର ଏକାର ଲଘୁ ହୋଇ 'ମୂଇଁ' ହୋଇଅଛି ଏବଂ ଇକାର ଲୋପ ହୋଇ ମୁଁ ହୋଇଅଛି । ଏହି ମଇ ପଦ ଓଡ଼ିଆ 'ମିଁ'ର ପୂର୍ବରୂପ । ଓଡ଼ିଆରେ ୧ମା ଏକବଚନରେ 'ମିଁ'ର ବ୍ୟବହାର ହୋଇଥାଏ ଅଥବା ଅସ୍ମଦ୍ ଶବ୍ଦର, ୧ମା ଏକବଚନରେ ଅସ୍ମି ରୂପ ହୁଏ । ସେହି ଅସ୍ମିରୁ 'ମି' ହୋଇଅଛି ଓ 'ମି'ରୁ ମଇ ହୋଇଅଛି । ସେହି ମଇ ପଦ ତୁଇ ଓ ତୁହିର ସାଦୃଶ୍ୟ ଯୋଗୁଁ ମଇ ଓ ମୁହିଁ ହୋଇ ସାନୁନାସିକ ହୋଇ ଅଛନ୍ତି-ଅର୍ଥାତ୍—ତୁଇ ଓ ତୁହି ସାଦୃଶ୍ୟ ଯୋଗୁଁ ମଇରେ ଉକାର ଯୋଗ ହୋଇ ମୂଇଁ ଓ ମୁହିଁ ହୋଇଅଛି ବୋଲି କାହାରି କାହାରି ମତ । ପ୍ରକୃତ ପକ୍ଷରେ ଓଡ଼ିଆରେ ଷଷ୍ଠୀ ବିଭକ୍ତ୍ୟନ୍ତ ତୋ ଓ ମୋ ପଦରେ ଭିନ୍ନ ଭିନ୍ନ ବିଭକ୍ତିର ଯୋଗ ହେବାର ଦେଖାଯାଏ । ଯଥା—ତୋକୁ, ମୋକୁ, ତୋ ଦ୍ୱାରା, ତୋଠାରୁ, ତୋର, ତୋରେ ପ୍ରଭୃତି । ତେଣୁ ୧ମା ଏକବଚନରେ ମାଗଧୀ ପ୍ରାକୃତର 'ଏ' ପ୍ରତ୍ୟୟ ତୋ ଓ ମୋ ଶବ୍ଦ ସହିତ ଯୋଗକଲେ ତୋଏ ଓ ମୋଏ ହୁଏ । ଓକାର ଓ ଏକାରର ଲଘୁତା ହୋଇ ତୁଇ, ମୁଇ ହୋଇଅଛି ଏବଂ ହ ଆଗମରେ ତୁହି ଓ ମୁହିଁ ହୋଇଅଛି । ସୁତରାଂ ମୋଏ—ମୋଏଁ, ମୋଏ—ମୁଇ—ମୂଇଁ—ମୁହିଁ ହୋଇଅଛି । ଏହି ମୁଇ ପଦ ଇକାର ଲୋପ ହୋଇ ମଇ ଓ ମି ରୂପ ଧାରଣ କରିଅଛି । ଓଡ଼ିଆ ମି ର ପୂର୍ବରୂପ ମଇ ପଦ ଚର୍ଯାରେ ଅନେକ ସ୍ଥଳରେ ବ୍ୟବହୃତ ହୋଇଅଛି ।

୨ୟା ବିଭକ୍ତିରେ ୩୫ ଚର୍ଯାରେ ମକୁଁ ପଦ ବ୍ୟବହୃତ ହୋଇଅଛି । ଅନ୍ୟପାଠରେ 'ମୋକୁଁ' ଶବ୍ଦ ରହିଅଛି । ମୋ ମତରେ ମୋକୁଁ ପାଠଟି ଠିକ । ପୂର୍ବରୁ କହିଅଛି—ଷଷ୍ଠ୍ୟନ୍ତ ତୋ ଓ ମୋ ଶବ୍ଦପରେ ଅନ୍ୟାନ୍ୟ ବିଭକ୍ତି ଯୋଗହୋଇ ଭିନ୍ନ ଭିନ୍ନ ବିଭକ୍ତିର ଅର୍ଥପ୍ରକାଶ କରେ । ସୁତରାଂ ଷଷ୍ଠ୍ୟନ୍ତ ମୋ ଶବ୍ଦରେ ଓଡ଼ିଆ ୨ୟା ବିଭକ୍ତିର 'କୁ' ପ୍ରତ୍ୟୟ ଯୋଗ କଲେ 'ମୋକୁ' ପଦହେବ । ଏହି ମୋକୁ ପଦର ଓକାର ଲଘୁ ହୋଇ ମୁକୁ ହୋଇଅଛି । ଏହି ମୁକୁ, ତୁକୁ ପଦ ଓଡ଼ିଆ ପ୍ରାଚୀନ ସାହିତ୍ୟରେ ବ୍ୟବହୃତ ହୋଇ ଅଛି ।

୧୦ମ ଚର୍ଯାରେ "ମୋଏ ଢେନଲ ହାଡେରି ମାଲ" ପଦରେ ମୋଏ ପଦ ବ୍ୟବହୃତ ହୋଇଅଛି । ଅର୍ଥାତ୍—ମୁଇଁ ଘେନଲ । ଷଷ୍ଠୀ ବିଭକ୍ତ୍ୟନ୍ତ ମୋ ପଦରେ ପ୍ରଥମା ବିଭକ୍ତିର ଏ ପ୍ରତ୍ୟୟ ଯୋଗ ହୋଇ 'ମୋଏ' ହୋଇଅଛି । ମୋଏ ପଦର ଓକାର ଓ ଏକାର ଲଘୁ ହୋଇ ଅର୍ଥାତ୍ ଉକାର ଓ ଇକାର ହୋଇ ମୁଇ ହୋଇଅଛି । ସୁମାନ୍ତବାବୁ ମୋଏ ପଦକୁ ମୟା ପଦରୁ ହୋଇଥିବାର ସ୍ଥିର କରି ବାକ୍ୟଟିକୁ କର୍ମଣି ବାଚ୍ୟ ଭାବରେ 'ଢେନଲ' କ୍ରିୟା ପଦକୁ ସ୍ତ୍ରୀଲିଙ୍ଗ ବୋଲି ନିର୍ଦ୍ଦେଶ କରି ଅଛନ୍ତି । ପୂର୍ବୋକ୍ତ କାରଣ ଯୋଗୁଁ ଦ୍ରାବିଡ଼ ପ୍ରାଣାୟାମ କରି ସୁମାନ୍ତ ବାବୁ ଯେଉଁ ମତ ପ୍ରକାଶ କରିଛନ୍ତି ତାହା ଠିକ୍ ନୁହେଁ ।

ଅସ୍ମଦ ଓ ଯୁଷ୍ମଦ୍ ଶବ୍ଦର ଷଷ୍ଠୀ ବିଭକ୍ତିରେ ସଂସ୍କୃତର ଆଦେଶୀଭୂତ ମତ୍ ଓ ତ୍ୱତ୍‌ର ତକାର ଲୋପ ହୋଇ ତୋ ଓ ମୋ ପଦ ହୋଇଅଛି ବୋଲି ଗୋପୀନାଥ ନନ୍ଦଙ୍କର ମତ । ( ଓ—ଭାଷାତତ୍ତ୍ୱ P.419) । ଯୁଷ୍ମଦ୍ ଶବ୍ଦର ସଂସ୍କୃତରେ ଷଷ୍ଠୀ ଏକ-ବଚନରେ 'ତବ' ପଦ ହୁଏ । ତବ ପଦର ଅନ୍ତ୍ୟ ବକାର ଲୋପ କଲେ ତ+ଉ ପଦ ହୁଏ । ତହୁଁ ସନ୍ଧି ହୋଇ 'ତୋ' ପଦ ତବ ପଦରୁ ଆସିଅଛି । ଷଷ୍ଠୀ ବିଭକ୍ତିରେ ଯୁଷ୍ମଦ୍ ଶବ୍ଦର ତୋ ସାଦୃଶ୍ୟ ଯୋଗୁଁ ଅସ୍ମଦ୍ ଶବ୍ଦର ଷଷ୍ଠୀ ବିଭକ୍ତ୍ୟନ୍ତ ମମ ପଦରୁ ମୋ ହୋଇଅଛି । ତୋର ସାଦୃଶ୍ୟହିଁ ମମ ପଦରେ 'ଓ' ଆସିବାର କାରଣ । ଏହି ତୋ ଓ ମୋ ପଦରେ ଷଷ୍ଠୀ ବିଭକ୍ତିର କେର ଜାତ 'ର' ପ୍ରତ୍ୟୟ ଯୋଗ ହେଲେ ତୋର, ମୋର ପଦ ହୋଇଅଛି । ଓଡ଼ିଆରେ ସମୟ ସମୟରେ 'ହ' ର ଆଗମ ହୋଇ ଥାଏ । —ଯଥା—ସ୍ନହାନ—ସ୍ନାନ । ଗହଣ—ଗଣ । ନହର—ନଅର —ନଗର ଇତ୍ୟାଦି । ସେଥିଲାଗି ଓଡ଼ିଆରେ ସମସ୍ତ ସର୍ବନାମ ପଦ-ମାନଙ୍କରେ ବିକଳ୍ପରେ 'ହ' ଆଗମ ହୋଇଥାଏ । ସୁତରାଂ ତୋର, ମୋର ପ୍ରଭୃତି ପଦରେ 'ହ' ଆଗମ କଲେ ତୋହର, ମୋହର, କାହାର ଯାହାର ପ୍ରଭୃତି ପଦ ହୋଇଥାଏ । ଏହି 'ହ' କାର ସମୟ ସମୟରେ ଉଚ୍ଚାରଣ ସୌନ୍ଦର୍ଯ୍ୟ ଲାଗି ପୂର୍ବ ବର୍ଣ୍ଣର ସ୍ୱରକୁ ମଧ୍ୟ ଗ୍ରହଣ କରି-ଥାଏ । ଅର୍ଥାତ୍ ତୋହର ମୋହର ପ୍ରଭୃତି ପଦରେ ତୋ ଓ ମୋ ରେ-

ଓକାର ଥିବାରୁ ହ'ରେ ମଧ୍ୟ ବେଳେ ବେଳେ ଓକାର ଯୋଗ ହୁଏ । ଯେଣୁ—ତୋହୋର, ମୋହୋର, ତୋହୋଠାରୁ, ମୋହୋଠାରୁ ପ୍ରଭୃତି ପଦ ମଧ୍ୟ ହୋଇଥାଏ ।

ଏହି ନିୟମ ଓ ଓଡ଼ିଆଭାଷାର ପ୍ରକୃତି ଅନୁସାରେ ଚର୍ଯାରେ ମୋହୋର ମୋର, ମୋ ଏବଂ ତୋହୋର, ତୋ ପଦର ପ୍ରୟୋଗ ବିଶେଷ ଭାବରେ ଦେଖିବାକୁ ମିଳେ । ଏହା କେବଳ ଓଡ଼ିଆଭାଷାର ପ୍ରଧାନ ବିଶେଷତ୍ୱ ।

ଷଷ୍ଠ୍ୟନ୍ତ ସର୍ବନାମର 'ର' ପ୍ରତ୍ୟୟ ପରେ ନିଶ୍ଚୟାର୍ଥକ 'ହି' ଅବ୍ୟୟ ଯୋଗହୁଏ ଏବଂ ହି-କାରର ହ-କାର ଲୋପ ହୁଏ । ଯଥା— ତୋହର ହି—ତୋହରଇ—ତୋହରି । ସେହିପରି ଯାହାରି, ତାହାରି, କାହାରି ପ୍ରଭୃତି । ଗୋପାଳ ପ୍ରହରାଜଙ୍କ ମତରେ ଏହି ଷଷ୍ଠ୍ୟନ୍ତ ପଦର ଅନ୍ତିମ ଅକ୍ଷରରେ ଶକ୍ତିପାଦ ଯୋଗୁଁ ଅକାର ଇକାର ହୋଇ ଅଛି (ଓ: ଭା: କୋ:) । ବଙ୍ଗୀୟ ପଣ୍ଡିତମାନେ ତୋହରି, ମୋରି ପ୍ରଭୃତି ପଦକୁ ସ୍ତ୍ରୀଲିଙ୍ଗ ଇ ପ୍ରତ୍ୟୟାନ୍ତ ବୋଲି ଗ୍ରହଣ କରିଛନ୍ତି (O. D B. L P.721 ) । କିନ୍ତୁ ତାହା ଯଥାର୍ଥ କଥା ନୁହେଁ । ତୋହରି ପ୍ରଭୃତି ପଦ ସବୁ ଲିଙ୍ଗରେ ବ୍ୟବହୃତ ହୁଏ । ଏହା ଓଡ଼ିଆଭାଷାର ବିଶେଷତ୍ୱ । ସେହିପରି ମୋରି ପଦ ମଧ୍ୟ ହୋଇଅଛି । ଚର୍ଯାରେ ତୋହୋରି ଓ ମୋରି ପଦ ବାରମ୍ବାର ପ୍ରଯୁକ୍ତ ହୋଇଅଛି ।

ଓଡ଼ିଆରେ ୨ୟା ବିଭକ୍ତି କର୍ମକାରକରେ 'ରେ' ବିଭକ୍ତି ଯୋଗ ହୁଏ ବୋଲି ପୂର୍ବରୁ କୁହା ହୋଇଅଛି ।

ଚର୍ଯାରେ ସେହିପରି କର୍ମକାରକରେ ତୋହୋରେ, ତୋରେ ( ୧୮ ) ପଦର ବାରମ୍ବାର ପ୍ରୟୋଗ ହୋଇଅଛି । ଓଡ଼ିଆ ପ୍ରାଚୀନ ସାହିତ୍ୟରେ ମଧ୍ୟ ତୋରେ ପ୍ରଭୃତି ପଦ ୨ୟାରେ ବ୍ୟବହୃତ ହୋଇ ଅଛି । ଯଥା—

କରୁଥନ୍ତେ ସ୍ନେହ କରିଛନ୍ତି ଅବା ମୋରେ । କୃ ପା ଗ—୭ମା ।
୧୦ମ ଚର୍ଯାରେ "ତୋ ପୁଛମି ସଦଭାବେ" ପଦରେ ତୋତେ ସ୍ଥାନରେ ଷଷ୍ଠ୍ୟନ୍ତ ତୋ ପଦର ବ୍ୟବହାର ହୋଇଅଛି ।

## ତଦ୍ ଶବ୍ଦ ରୂପ

ଚର୍ଯାରେ ଭିନ୍ନ ଭିନ୍ନ ବିଭକ୍ତିରେ ତଦ୍ ଶବ୍ଦର ଏହିସବୁ ରୂପ ଦେଖିବାକୁ ମିଳେ ଯଥା–

| ଏକବଚନ | ବହୁବଚନ |
|---|---|
| ସୋ ( ୭,୧୦ ) | ତେ ( ୪, ୭, ୨୨, ୪୦ ) |
| ସେ (୩, ୭, ୫୦) | |
| ୨ୟା—ତା ( ୭, ୧୭) | |
| ୫ମୀ—ତହୁଁ (୨୬ ) | |
| ୬ଷ୍ଠୀ—ତାହେର ( ୨୯ ) ତା (୩୭ ) | |
| ୭ମୀ—ତହିଁ (୧୦, ୧୪, ୨୮, ୩୧, ୪୩, ୫୦) | |
| ତଇଁ (୪, ୧୮ ) | |

ଶୌରସେନୀ ଓ ମହାରାଷ୍ଟ୍ରୀ ପ୍ରାକୃତରେ ୧ମା ଏକ ବଚନରେ ଓ ପ୍ରତ୍ୟୟ ଯୋଗ ହୁଏ ସୋ, ଦେଓ । ଶୌରସେନୀ ପ୍ରାକୃତର ପ୍ରଭାବ-ଯୋଗୁଁ ଚର୍ଯାରେ ୨ଟି ସ୍ଥଳରେ 'ସୋ'ର ବ୍ୟବହାର ହୋଇଅଛି । ମାଗଧୀ ପ୍ରକୃତରେ ୧ମାର ଏ ପ୍ରତ୍ୟୟ ହୁଏ । ଯଥା—ସେ, କେ, ବଚ୍ଛେ । ସେହି ମାଗଧୀ ଭାଷାର 'ଏ' ପ୍ରତ୍ୟୟ ଯୋଗରେ ଓଡ଼ିଆରେ ସେ,, ସେ, କେ ପ୍ରଭୃତି ହୋଇଅଛି । ଏହି 'ସେ'ର ଏକାର ଲଘୁ ହେଲେ—ସି—ହୁଏ । ଆସାମି ଭାଷାରେ 'ସେ' 'ସି'ରେ ପରିଣତ ହୋଇଅଛି ।

ଏହି ୧ମାନ୍ତ ଏକାରାନ୍ତ ସର୍ବନାମରେ ପୁନର୍ବାର 'ଏ' ପ୍ରତ୍ୟୟ କଲେ ପୂର୍ବ ଏକାର ଲଘୁ (ଇକାର) ହୋଇ ଯିଏ, ସିଏ, କିଏ, ସଭିଏ ପ୍ରଭୃତି ପଦହୁଏ । (ସଃ—ସେ । ସେ+ଏ—ସିଏ ) ପ୍ରଥମାର ଏକାରନ୍ତ ସର୍ବନାମ ପରେ ପୁଣି ୧ମାର ଏ' ପ୍ରତ୍ୟୟ ଯୋଗକରି ଅନ୍ତ୍ୟ ଏକାରର ଇକାର (ଲଘୁ) କଲେ (ସେ+ଏ କେ+ଇ=ସେଇ—ସେ), ସେଇ କେଇ ପ୍ରଭୃତି ପଦ ହୁଏ ଏବଂ ହକାର ଆଗମ ହୋଇ ସେହି, ଯେହି, କେହି ପ୍ରଭୃତି ପଦ ହୁଏ ।

ସେ ପ୍ରଭୃତି ପଦରେ 'ହି' ଅବ୍ୟୟ ଯୋଗହୋଇ ସେହି ପ୍ରଭୃତି ପଦ ହୋଇଅଛି । ( ଓ. ଭା. P.686+37 ) କିନ୍ତୁ ଏଠାରେ ହି,

ଅବ୍ୟୟର ଜଣ୍ଟପ୍ରାର୍ଥ ନାହିଁ । ତେଣୁ ଏହା ସମୀଚୀନ ପର ବୋଧ ହେଉ ନାହିଁ । ସେହିପରି ୧ମାରେ ମାଗଧୀ ଏ ପ୍ରତ୍ୟୟାନ୍ତ ସର୍ବନାମ ପରେ ୧ମାରେ ଶୌ ହେମାର 'ଓ' ପ୍ରତ୍ୟୟ ହୋଇ ଏବଂ ସେ ଓ ଓକାର ଲଘୁ ହୋଇ ସେ+ଓ— ସେଉ (ଉ-ହୋ'ଇ) ସେଉ, ଯେଉ, କେଉ, ପ୍ରଭୃତି ପଦହୁଏ । ତହିଁରେ ହ ଆଗମ ହୋଇ ସେହୁ ଯେହୁ କେହୁ ପ୍ରଭୃତି ପଦ ହୋଇଅଛି ।

ମୋର ତୋର ଜନଙ୍କର ପ୍ରଭୃତି ପଦରେ ଦୁଇଥର ଷଷ୍ଠୀ ବିଭକ୍ତି ଯୋଗ ହେବାର କଥା କୁହାଯାଇଅଛି । ଏହିପରି ଏଠାରେ ଦୁଇଥର ୧ମାର ପ୍ରତ୍ୟୟଯୋଗ ହୋଇଅଛି ।

ତଦ୍‌ଶବ୍ଦର ସଂସ୍କୃତ ୧ମା ବହୁବଚନରେ ତେ ହୁଏ ପଦ । ଚର୍ଯାରେ ସେହି ତେ ପଦ ବହୁବଚନରେ ଏବଂ ସ୍ଥାନେ ସ୍ଥାନେ ମାନ୍ୟାର୍ଥରେ ଏକବଚନରେ ବ୍ୟବହୃତ ହେଇଅଛି ।

ସାଧାରଣତଃ ପ୍ରାକୃତରେ ଅନ୍ତିମ ବ୍ୟଞ୍ଜନ ବର୍ଣ୍ଣର ଲୋପ ହୁଏ । ତେଣୁ ଯଦ୍ ଓ ତଦ୍ ପ୍ରଭୃତି ଶବ୍ଦରେ ଅନ୍ତ୍ୟ ବ୍ୟଞ୍ଜନର ଲୋପ ହୋଇ ପୂର୍ବସ୍ୱର ଦୀର୍ଘ ହୋଇ ଯା, ତା ପ୍ରଭୃତି ମୂଳ ଶବ୍ଦରେ ପରିଣତ ହୁଏ । ଯଥା—ଜା କଂ ଣସୁଦ ଦେବେଣ (କ, ମ)

ଯଦ୍, ତଦ୍, କମ୍ ଶବ୍ଦ ଓଡ଼ିଆରେ ଯା, ତା, କା ଶବ୍ଦରେ ପରିଣତ ହୁଏ । ତହିଁ ପରେ ହ ଆଗମ ହୋଇ ଯାହା, ତାହା, କାହା, ଶବ୍ଦ ମଧ୍ୟ ହୁଏ । ଏହି ମୌଳିକ ଯା—ଯାହା, ତା—ତାହା, କା—କାହା ପ୍ରଭୃତି ଶବ୍ଦପରେ ଭିନ୍ନ ଭିନ୍ନ ବିଭକ୍ତି ଯୋଗ ହୁଏ । ଯଥା—ଯାକୁ, ତାହାକୁ, କାହା ଦ୍ୱାରା, ଯାର, ତାରେ, ତହୁଁ, ତହିଁ ପ୍ରଭୃତି । ଚର୍ଯ୍ୟାରେ ତା, ତାହେରେ, ତହିଁ ଜହିଁ ପ୍ରଭୃତି ପଦ ପ୍ରଯୁକ୍ତ ହୋଇ ଅଛି । ସଂସ୍କୃତ ଭ୍ୟଂରୁ କପର ୫ମୀର ହୁଁ ପ୍ରତ୍ୟୟ ଓ ସ୍ମିନ୍ ପ୍ରତ୍ୟୟରୁ କପର ହିଁ ପ୍ରତ୍ୟୟ ଆସିଛି ତାହା ପୂର୍ବରେ କୁହା ଯାଇଅଛି । ତେଣୁ ତସ୍ମିନ୍‌ରୁ ତହିଁ ପଦ ହୋଇଅଛି । ତହୁଁ ପଦର ହ ଲୋପ ହୋଇ ତଉଁ ପଦ ଚର୍ଯାରେ ବ୍ୟବହୃତ ହୋଇଅଛି ।

ଯଦ୍ ଶବ୍ଦରୂପ :—

ଏକବଚନ

୧ମା—ଜ ( ୨ )

ଜୋ ( ୭,୧୪, ୧୯, ୨୦)

ଜେ ( ୭,୧୫, ୨୭ )

୨ୟା—ଜା ( ୨୦, ୨୨, ୨୯ )

ଷଷ୍ଠୀ—ଜାହେର

୭ମୀ—ଜହ୍ନି ( ୩୧ )

ବହୁବଚନ

ତଦ୍ ଓ ଯଦ୍ ଶବ୍ଦର ସାମଞ୍ଜସ୍ୟ ଥିବାରୁ ଯଦ୍ ଶବ୍ଦରେ ଯାହା କୁହା ଯାଇଛି ତଦ୍ ଶବ୍ଦରେ ମଧ୍ୟ ତାହା ପ୍ରଯୁଜ୍ୟ ।

**କିମ୍‌ଶବ୍ଦ**

ଏକବଚନ

୧ମା—କେଁ (୮), କେହୋ (୧୮), କୋଇ (୪୨), କୋଏ ( ୪୩ )

୨ୟା—କାହେରେ (୨୯) କହ୍ନି

୬ଷ୍ଠୀ—କାହର (୧୦), କାହେର ( ୩୭ )

୭ମୀ—କାହ୍ନି (୧), କହ୍ନି (୪୦) କାସୁ (୨୩)

ସଂସ୍କୃତ କିମ୍ ଶବ୍ଦ ଓଡ଼ିଆରେ ୧ମା ଏକ ବଚନରେ କେ, କଏ କେହ୍ନ, କେଇ, କେହ୍ନୁ କେଉଁ ଏବଂ କୋ ରୂପ ଧାରଣ କରେ । ଓଡ଼ିଆରେ ଯଦ୍ ଓ ତଦ୍ ଶବ୍ଦ ଯା, ଯାହା, ତା, ରୂପ ରୂପ ଧାରଣ କଲାପରି କିମ୍ ଶବ୍ଦ ମଧ୍ୟ କା ଓ କାହା ରୂପ ଧାରଣ କରେ । ସେହି କା ଶବ୍ଦରେ ମାଗଧୀ ପ୍ରାକୃତରେ ୧ମା ଏକ ବଚନାନ୍ତ ଏ ପ୍ରତ୍ୟୟ ଯୋଗ କଲେ 'କେ' ପଦ ହୁଏ ।

"କେ ଲୁ ମୋହ୍ଲମା" ( କବସୂର୍ଯ୍ୟ ସଙ୍ଗୀତ ) କେ କରଇ ପ୍ରାଣ ନାଶ । କେ କରଇ ମଧୁ ଏକା ଗ୍ରାସ ( ରସିକ ) ସେହି ଏ ପ୍ରତ୍ୟୟାନ୍ତ କେ ଶବ୍ଦରେ ପୁଣି ୧ମାର ଏ ପ୍ରତ୍ୟୟ ଯୋଗକରି ପୂର୍ବ ଏକାରକୁ ଲଘୁ କଲେ ସେଏ, ଯିଏ ପରି କଏ ପଦ ହୁଏ ।

ମାଗଧୀ ୧ମାନ୍ତ କେ ପଦରେ ଶୌରସେନୀ ୧ମାର ଓ ପ୍ରତ୍ୟୟ ଯୋଗ କଲେ କେଓ ହୁଏ ଏବଂ ହକାର ଆଗମ କଲେ କେହୋ ପଦ ମଧ୍ୟ ହୁଏ । ଏହି କେହୋ ପଦ ଚର୍ଯାରେ ବ୍ୟବହୃତ କେଓ

ଏବଂ କେହ୍ନୋ ର ଅନ୍ତ୍ୟମ ଓକାରକୁ ଲଘୁ ( ଉକାର ) ହୋଇ କେହ୍ନୁ କେଉ, କେଉଁ, କେହୁଁ ପଦ ହୋଇଅଛି ।

ପ୍ରାକୃତ କ ବା କା ଶବ୍ଦରେ ଶୌରସେନୀର ୧ମାନ୍ତ ଓ ପ୍ରତ୍ୟୟ ଯୋଗକଲେ 'କୋ' ପଦ ହୁଏ । ଏହି କୋ ପଦ ସମ୍ବଲପୁର ଓ ଗଞ୍ଜାମ ଅଞ୍ଚଳରେ ପ୍ରଚଳିତ । ଏହି ୧ମାନ୍ତ କୋ ଶବ୍ଦରେ ମାଗଧୀ ୧ମାର ଏ ପ୍ରତ୍ୟୟ ଯୋଗକଲେ 'କୋଏ, ପଦହୁଏ ଏବଂ ଏହି କୋଏ ପଦର ଅନ୍ତ୍ୟମ ଏକାର ଲଘୁ ( ଇକାର ) ହୋଇ କୋଇ ମଧ୍ୟ ହୋଇଥାଏ ।

ଚର୍ଯାରେ କୋଏ ଓ କୋଇ ଉଭୟ ପ୍ରୟୋଗ ରହିଅଛି । ସଂସ୍କୃତ କୋଽପିରୁ କୋଇ କେହ୍ବି ହୋଇଅଛି । ଯଥା:—କୋପି—କେବ କେବ କେଓ, କେହ କେହେ—ଓଡ଼ିଆ କେହି ( C. B. L I P 845) ଚର୍ଯାରେ କୋବ ପଦର ପ୍ରୟୋଗ ରହିଅଛି । ସଂସ୍କୃତ କୋଽପି ପଦ ଅପଭ୍ରଷ୍ଟ ହୋଇ କୋବ ହୋଇଅଛି ।

ଓଡ଼ିଆରେ ତଦ୍ ଓ ଯଦ୍ ଶବ୍ଦପରି କିମ୍ ଶବ୍ଦର ପରିବର୍ତ୍ତିତ ରୂପ "କା" ଶବ୍ଦରେ ଭିନ୍ନ ୨ ବିଭକ୍ତିର ପ୍ରତ୍ୟୟ ଯୋଗହୁଏ ଯଥା—କାକୁ, କାର, କାରେ ପ୍ରଭୃତି । କିନ୍ତୁ କା ଶବ୍ଦରେ ହ ଆଗମ ହୋଇ କାହାଶବ୍ଦ ମଧ୍ୟ ହୁଏ । ଯଥା—କାହାକୁ, କାହାରେ, କାହାର ପ୍ରଭୃତି ଚର୍ଯାରେ କାହେରେ ପ୍ରଭୃତି ପଦର ପ୍ରୟୋଗ ଦେଖିବାକୁ ମିଳେ ।

ସଂସ୍କୃତର ୭ମୀର କସ୍ମିନ୍ ପଦଟି ପ୍ରାକୃତରେ କସ୍‌ସିଂ ଓ କହିଂ ହୁଏ । ଏହି କହିଂ ପଦଟି ଓଡ଼ିଆରେ କାହିଁ ହୋଇଅଛି । ୪୦ ଚର୍ଯାରେ କହିଁ ଏବଂ ୧୮ ଚର୍ଯାରେ କାହିଁ ମଧ୍ୟ ପ୍ରୟୋଗ ରହିଅଛି । କିନ୍ତୁ ସୁନୀତି ବାବୁ ପ୍ରଭୃତି କାହିଁ ପଦକୁ କର୍ମକାରକ ବୋଲି ଗ୍ରହଣ କରିଛନ୍ତି । କିନ୍ତୁ ତାହା ଯଥାର୍ଥ ନୁହେଁ । କାରଣ ଉକ୍ତ ପଦ୍ୟରେ 'କାହିଁ' ପଦ କର୍ମ-କାରକର ଅର୍ଥ ପ୍ରକାଶ କରୁନାହିଁ ବରଂ ୭ମୀର ଅର୍ଥ ପ୍ରକାଶ କରୁଅଛି ।

ସଂସ୍କୃତ ଇଦମ୍ ଶବ୍ଦର ଅନ୍ତ୍ୟମ ବ୍ୟଞ୍ଜନ ବର୍ଣ୍ଣର ଲୋପ ହୋଇ ପ୍ରାକୃତରେ ଇଦ୍ ହୋଇ ହୁଏ । ଏହି ଇଦ୍ ଶବ୍ଦର ଦୁଇ ସ୍ୱର ବର୍ଣ୍ଣର ମଧ୍ୟ

'ଧ' କାର ଲୋପ ହୋଇ ଇଅ ପଦ ହୁଏ। ପ୍ରାକୃତରେ ୧ମା ଏକ ବଚନରେ ଇଅ'ର ବ୍ୟବହାର ହୁଏ। ଇଅ ପଦର ବର୍ଣ୍ଣ ବିପର୍ଯ୍ୟୟ କରି (ଅ+ଇ)। ସନ୍ଧି କଲେ ଏ ପଦ ହୁଏ। ଇଦମ୍ ଶବ୍ଦର ୧ମା ଏକବଚନରେ ଅୟଂ ପଦରେ ଏହି ପରି ବର୍ଣ୍ଣ ବିପର୍ଯ୍ୟୟ ହୋଇଅଛି। ଓଡ଼ିଆ ୧ମା ଏକବଚନରେ 'ଏ, ପଦ ବ୍ୟବହୃତ ହୋଇଅଛି। ଇଦମ୍ ଶବ୍ଦରେ ସଂସ୍କୃତରେ ମଧ୍ୟ ଏଭିଃ, ଏଷୁ, ଏଷାଂ, ପ୍ରଭୃତି ପଦରେ ଇଦମ୍ ଶବ୍ଦର 'ଏ' ଆଦେଶ ଦେଖିବାକୁ ମିଳେ।

ବେଦରେ ଓ ସଂସ୍କୃତରେ ନିକଟାର୍ଥକ ସର୍ବନାମ ରୂପରେ ଇଦମ୍ ଓ ଏତଦ୍ ଶବ୍ଦ ବ୍ୟବହୃତ ହୁଏ। ଏହି ଏତଦ୍ ଶବ୍ଦ ଏଷଃ (ପୁଂ) ଏଷା (ସ୍ତ୍ରୀ) ଓ ଏତଦ୍ (କ୍ଲୀ) ରୂପ ହୁଏ। ଏହି ଏଷ ଶବ୍ଦ ମୌଳିକ ଏ ଶବ୍ଦ ଓ ତଦ୍ ଶବ୍ଦର ମିଳନରେ ହୋଇଅଛି। ଅବେସ୍ତାରେ ଏ (ae) ଇଣ୍ଡୋଇରାନିଆନ୍ ଭାଷାରେ (ai) ଐ ଏବଂ ଇଣ୍ଡୋଇଉରୋପୀୟ ଭାଷାରେ (ai) ଅଇ ରୂପ ଦେଖିବାକୁ ମିଳେ। ସୁତରାଂ ଇଣ୍ଡୋଇଉରୋପୀୟ ମୂଳ ଭାଷାରେ 'ଏ' ନିକଟାର୍ଥ ବୋଧକ ସର୍ବନାମ ରୂପରେ ବ୍ୟବହୃତ ହେଉଥିଲା। ସଂସ୍କୃତରେ ମଧ୍ୟ ଇଦମ୍ ଶବ୍ଦରେ ଅନେକ ସ୍ଥାନରେ ସେହି 'ଏ' ରୂପ ଏଭିଃ ପ୍ରଭୃତି ସ୍ଥଳରେ ଦେଖିବାକୁ ମିଳେ। ସେହି 'ଏ' ପଦ ଓଡ଼ିଆରେ ୧ମା ଏକବଚନରେ ବ୍ୟବହୃତ ହୁଏ। ଚର୍ଯ୍ୟାରେ ମଧ୍ୟ ଏହି 'ଏ' ପଦର ବ୍ୟବହାର ରହିଅଛି। ଯଥା—ଏବଣ ଚ୍ଛାଡ଼ୀ (୭) ଏ ବନ ଛାଡ଼ଇ (୨୮) ଏ ଡେଲେ ଏ ( ) ଏତନା ସାଁଙ୍କେ (୩୩) ଏ ଜଗ (୩୯)

ଏତଦ୍ ଶବ୍ଦ ସଂସ୍କୃତରେ ୧ମା ଏକବଚନରେ 'ଏଷଃ' ରୂପ ହୁଏ। ଏହି ଏଷଃ ପଦ ମହାରାଷ୍ଟ୍ରୀ ଓ ଶୌରସେନୀ ଭାଷାରେ ଏସୋ ରେ ପରିଣତ ହୋଇଥିଲା। ଏସୋ ପଦ ପରବର୍ତ୍ତୀ ପ୍ରାକୃତରେ ପରିବର୍ତ୍ତିତ ହୋଇ 'ଏହୁ'ରେ ପରିଣତ ହୋଇଥିଲା। ଏଷଃ—ଏସୋ—ଏହୁ।

ଯଥା— ମିଅ ଣଅଣି ଅମିଅ ଏହୁ ( ମୃଗନୟନେ ଅମୃତ ଯେତେ ପ୍ରା: ପିଙ୍ଗଳ)

ପରବର୍ତ୍ତୀ ପ୍ରାକୃତରୁ ଏହୁ ପଦ ଓଡ଼ିଆକୁ ଅବିକଳ ଭାବରେ ଆସିଅଛି । ଏହୁ ପଦର ହ କାର ଲୋପ ହେଲେ 'ଏଉ' ପଦ ହୁଏ । ପ୍ରାକୃତରେ ଏଉ ର ବ୍ୟବହାର ଥିଲା—ଯଥା—ସଂଭୁ ଏଉ ସୁବ୍ଭ ଦେଉ = ଶମ୍ଭୁରେଷ ଶୁଭଂ ବଦାତୁ ( ପ୍ରା·ପି ) ଓଡ଼ିଆରେ ପ୍ରାକୃତପର ଏହୁ ଓ ଏଉ ଉଭୟ ପଦ ପ୍ରୟୋଗ ହୋଇଥାଏ । ଚର୍ଯାରେ ମଧ୍ୟ ଏହି ଉଭୟ ପଦର (ଏହୁ (ଏଉ) ପ୍ରୟୋଗ ରହିଅଛି । ଯଥା—ଏହୁ ଜୁଗତ (୨) ଏଉ ଏଉ ଛାନ୍ଦ (୧)

ସଂସ୍କୃତ ଏତଦ୍ ଶବ୍ଦ ୧ମାରେ ଏଷଃ, ଏଷା ହୁଏ । ଏହା ମାଗଧୀ ପ୍ରାକୃତରେ ଏସେ, ଏସା ହୁଏ । ଏସେ ପଦରେ ଅନ୍ତିମ ଏକାର ଲଘୁ ( ଇକାର ) ସର ହ ହୋଇ ଏହିପଦ ହୋଇଅଛି । ଏଷାରୁ ଏହା ପଦ ମଧ୍ୟ ହୋଇଅଛି । ଏହି ପଦର ହ ଲୋପ ହୋଇ ଏଇ ପଦ ମଧ୍ୟ ହୁଏ । ଓଡ଼ିଆରେ ଏହି ଏଇ ଏହା ୧ମାରେ ପ୍ରୟୋଗ ହୋଇଥାଏ ।

୪୩ ଚର୍ଯାରେ "ଏହ ସଭାବ" ପଦରେ ଏହି ବା ଏହୁ ର ଇକାର ବା ଉକାର ଲୋପ ହୋଇ ଏହା ହୋଇଅଛି ।

ପାଲି ଓ ମାଗଧୀ ପ୍ରାକୃତରେ ସର୍ବନାମର ୭ମୀ ବିଭକ୍ତି ଏକ-ବଚନରେ ସ୍ସ ଓ ତ୍ଥ ପ୍ରତ୍ୟୟ ହୁଏ । ଯଥା—ସର୍ବସ୍ମ—ସବ୍ବସ୍ସ ଓ ସବ୍ବତ୍ଥ ପରବର୍ତ୍ତୀ ପ୍ରାକୃତରେ ଏହିତ୍ଥ ପ୍ରତ୍ୟୟ ଥିଁରେ ପରିଣତ ହେବାର ଦେଖାଯାଏ । ଯଥା—ଛଇ ଏଥିଂ ଣବହଁ ସଂଚାର ଦେଇ ( ଭ୍ରମସ୍ୟାଂ ନବ୍ୟାଂ ସଞ୍ଚାରଂ ଦତ୍ତ୍ୱା ) ପ୍ରା ପିଙ୍ଗଳ

ଅସ୍ୟାଂ—ଏଥିଁ—ଏଥି (ଓଡ଼ିଆ )

ଏହି ଥି ପ୍ରତ୍ୟୟଟି ପ୍ରାକୃତରୁ ଅବିକଳ ଭାବରେ ଓଡ଼ିଆକୁ ଆସିଅଛି । ଯଥା—ତଦ୍+ଥି=ତଥି ( ଇଦମ୍ —ଏ+ଥି=ଏଥି) । ଏହି ଥି ପ୍ରତ୍ୟୟାନ୍ତ ଶବ୍ଦରେ ଓଡ଼ିଆରେ ବିଭିନ୍ନ ବିଭକ୍ତିର ପ୍ରତ୍ୟୟ ଯୋଗ ହୁଏ । ଯଥା—ଏଥିକୁ, ଏଥିରୁ, ଏଥିର, ଏଥିରେ ପ୍ରଭୃତି । ୨୦ ଚର୍ଯାରେ

'ଏଥୁ' ପଦଟି ରହିଅଛି । ଏଥି ଦେରେ ଓଡ଼ିଆ ୫ମୀ ବିଭକ୍ତିର ଉ ପ୍ରତ୍ୟୟ ଯୋଗ ହୋଇ ଏଥୁ ପଦ ହୋଇଅଛି । ବର୍ତ୍ତମାନ ମଧ୍ୟ ଓଡ଼ିଆରେ ଏଥୁ ପଦର ପ୍ରୟୋଗ ଦେଖିବାକୁ ମିଳେ । ଯଥା—

ଏଥୁ ଅନନ୍ତରେ ଯେ ଯେ ବାହୁଡ଼ିଲେ ନାବ (ଦା—ଭମା—)

## ଆଶ୍ଚର୍ଯ୍ୟ ଚର୍ଯାଚୟ୍ୟର ଭାଷାତତ୍ତ୍ୱ ।
### ୨ୟ ଭାଗ

### (କ୍ରିୟା)

ଓଡ଼ିଆ ଭାଷାରେ ଦୁଇପ୍ରକାର କ୍ରିୟା ଦେଖିବାକୁ ମିଳେ । ଯଥା— ମୌଳିକ ଓ ଯୌଗିକ । ମୌଳିକ କ୍ରିୟାରେ ମୂଳଧାତୁରେ ଭିନ୍ନ ଭିନ୍ନ ବିଭକ୍ତି ଯୋଗ ହୋଇ କ୍ରିୟା ନିଷ୍ପନ୍ନ ହୋଇଥାଏ ଯଥା, ଖାଏ, ଖାଅଇ, ଖାଇ, ଖାଇଲା । କିନ୍ତୁ ଯୌଗିକ କ୍ରିୟାରେ 'ଇ' ବା 'ଉ' ପ୍ରତ୍ୟୟାନ୍ତ ସମାପିକା ରୂପରେ ସ୍ଥିତ ) ମୂଳ କ୍ରିୟାରେ ଅସ୍ (ଅଛ) ଥା ପ୍ରଭୃତି ଧାତୁର ଯୋଗ ହୋଇଥାଏ । ୧ମ ପଦ ମୌଳିକ ଧାତୁ କ୍ରିୟାର ଅର୍ଥ ପ୍ରକାଶ କରେ, କିନ୍ତୁ ୨ୟପଦ ସହାୟକ କ୍ରିୟା କ୍ରିୟାର କାଳ ପୁରୁଷ ଓ ବଚନ ପ୍ରକାଶିତ କରେ । ତେଣୁ ସହାୟକ କ୍ରିୟାରେ ଭିନ୍ନ ୨ କାଳ ପୁରୁଷ ଓ ବଚନ ସୂଚକ ଭିନ୍ନ ୨ ବିଭକ୍ତି ଯୋଗ ହୋଇଥାଏ । ଯଥା— ଖାଇଅଛି, ଖାଉଅଛି, ଖାଇଥିଲି, ଖାଇଥିଲା । ୧ମରେ ଓଡ଼ିଆ ଭାଷାରେ ମୌଳିକ କ୍ରିୟାର ବ୍ୟବହାର ବିଶେଷଭାବରେ ହେଉଥିଲା । କିନ୍ତୁ ବର୍ତ୍ତମାନ ଯୌଗିକ କ୍ରିୟାର ବ୍ୟବହାର ବେଶୀ ହେଉଅଛି । ଚର୍ଯାରେ ମୌଳିକ କ୍ରିୟାର ସ୍ୱରୂପ ଦେଖିବାକୁ ମିଳେ । ସେଥିରେ ଯୌଗିକ କ୍ରିୟା ନାହିଁ କହିଲେ ଚଳେ । କେବଳ ଗୋଟିଏ ସ୍ଥଳରେ ବୁଲଥେଉ ପଦ ଚର୍ଯାରେ ବ୍ୟବହୃତ ହୋଇଅଛି । ଓଡ଼ିଆ ପରି ଚର୍ଯାରେ ବର୍ତ୍ତମାନ ଅନୁଜ୍ଞା ଅତୀତ ଓ ଭବିଷ୍ୟତ୍ ବୋଲି ଚାରିଗୋଟି କାଳର ବ୍ୟବହାର ରହିଅଛି । ତେଣୁ ୧ମରେ ଚର୍ଯାରେ ବ୍ୟବହୃତ ମୌଳିକ କ୍ରିୟାର ସ୍ୱରୂପ ବିଚାର କରାଯିବ ।

ବର୍ତ୍ତମାନ କାଳ (ସଂସ୍କୃତ ଲଟ୍ ଲକାର)

୧ମ ପୁରୁଷ

ଏକ ବଚନ— ବହୁବଚନ

ଅଇ ପ୍ରତ୍ୟୟ — ଭଣଇ (୪) ଚଢ଼ଇ (୫) ବଟ୍ଠୀଇ (୭) ବାହୁଡଇ (୮) ବାଜଇ (୧୧) ବିହରଇ (୧୧) ଭଣଇ (୧୨) ବହଇ (୧୩) } ଅନ୍ତି ପ୍ରତ୍ୟୟ - ନାଚନ୍ତି, ଗାନ୍ତି (୧୭) ଭମନ୍ତି (୨୨) ବିଳସନ୍ତି (୫୦) ହୋନ୍ତି

ଚେବଇ ବୁଲଇ (୧୪) ଘାସଇ (୧୫) ଗୀଢ଼ଇ

ବାଜଇ,, ବିଳସଇ (୧୭) ଧାବଇ, ଢେଅଇ

ବୋଲଇ (୧୮) ବହଇ, ବୁଝଇ (୨୬) ବସଇ

ଭୁଞ୍ଜଇ, ଫେଡ଼ଇ (୩୦), କାନ୍ଦଇ (୫୦) ଲୁହଇ

ସୋଷଇ, ପେଖଇ, ଦେଖଇ, ଆବଇ (୪୨) ବାଢ଼ଇ

ଜାଣଇ, ମାନଇ (୪୫) ଦିସଇ (୪୭) ସେ ହଇ

ବାଝଇ (୪୬) କାନ୍ଦଇ (୫୦)

ଚର୍ଯାରେ ବ୍ୟବହୃତ ଅଇପ୍ରତ୍ୟୟାନ୍ତ କ୍ରିୟା ଗୁଡକ ସର୍ବତ୍ର ପ୍ରତ୍ୟେକ ଓଡ଼ିଆ ଙ୍କର ପରିଚିତ । ସେଥିଲାଗି ଏହି ଓଡ଼ିଆ କ୍ରିୟାର ତାଲିକାଟିଏ ଦିଆଗଲା ।

ନିଷେଧାର୍ଥକ କ୍ରିୟା :—

ଏକବଚନ :— ନାହିଁ (୮) ନାହି (୮) (୧୮ ନାହିଁ (୪୩) ନାହିଁ ।

୨—ଏ ପ୍ରତ୍ୟୟ—ଲାଗେନା (୨୯) ଖଣ୍ଟେ (୧୧) ମାଗେ [୨୭] ହୋନ୍ତେ (୫୦)

୩—ଇସ୍ଥାନରେ ଅ —

ବୋଲଅ_ବୋଲଇ (୬) ପାରଅ_ପାରଇ (୮)

ଭୁଞ୍ଜଅ_ଭୁଞ୍ଜଇ, ବିଦାରଅ_ବିଦାରଇ

ଖଣଅ_ଖଣଇ [୨୧] ଢସଅ_ଢସଇ [୨୭]

ଜୁଝଅ ∟ଜୁଝଇ [୩୩] ବୁଝଅ ∟ବୁଝଇ (୩୩)
ବାଜଅ ∟ବାଜଇ ; ପଭିଗ୍ରସଅ ∟ପ୍ରଭିଗ୍ରସଇ [୩୧]

୪—ନ୍ତି ପ୍ରତ୍ୟୟ — ଭଣନ୍ତି (୨୨)

୫—ଥି ପ୍ରତ୍ୟୟ — ଭଣଥି (୨୦)

ସଂସ୍କୃତରେ ଲଟ ଲକାର ୧ମ ପୁରୁଷ ଏକବଚନରେ [ଅ] ତି ପ୍ରତ୍ୟୟ ହୁଏ। ଏହି [ଅ] ତି ପ୍ରତ୍ୟୟର ଦୁଇସ୍ୱର ମଧ୍ୟବର୍ତ୍ତୀ ତ କାରର ଲୋପ ହୋଇ ଅଇ ପ୍ରତ୍ୟୟ ହୋଇ ଅଛି। ଯଥା –ଧାବତି 7 ଧାବଇ, ସ୍ମରତି 7 ସ୍ମରଇ। ପ୍ରାକୃତରେ ମଧ୍ୟ ହସଇ ପ୍ରଭୃତି ପଦରେ ଏହି ପ୍ରତ୍ୟୟ ଦେଖିବାକୁ ମିଳେ। ଏହି ଅଇ ପ୍ରତ୍ୟୟ ସନ୍ଧିରେ ମିଳିତ ହୋଇ 'ଏ' ପ୍ରତ୍ୟୟର ରୂପ ଧାରଣ କରିଅଛି। ଯଥା—ସ୍ମରନ୍ତି 7 ସ୍ମରଇ 7 ସ୍ମରେ। ଚଳନ୍ତି 7 ଚଳଇ 7 ଚଳେ। ହସନ୍ତି 7 ହସଇ 7 ହସେ। ଓଡ଼ିଆରେ 'ଅଇ ଓ ଏ' ଏହି ଦୁଇଟି ପ୍ରତ୍ୟୟ ବର୍ତ୍ତମାନ ମଧ୍ୟ ଚଳୁଅଛି ଏବଂ ନିତ୍ୟପ୍ରବୃତ୍ତ ବର୍ତ୍ତମାନ କାଳ ସୂଚିତ କରେ। ଚର୍ଯାରେ ପ୍ରଧାନଭାବରେ ଓ ବ୍ୟାପକରୂପରେ ଏହି ୨ଟି ପ୍ରତ୍ୟୟର ବ୍ୟବହାର ବର୍ତ୍ତମାନ କାଳରେ ଦେଖିବାକୁ ମିଳେ। ଆଜିକାଲି ଓଡ଼ିଆରେ ଏହି ଦୁଇ ପ୍ରତ୍ୟୟର ପ୍ରଚଳନ ଥିବା ଯୋଗୁଁ ଉଦାହରଣର ଆବଶ୍ୟକତା ନାହିଁ। ତଥାପି ଗୋଟିଏ ୨ ଉଦାହରଣ ଦିଆଗଲା।

ଅଇ ପ୍ରତ୍ୟୟ — ନୂତନା ନ ଆସଇ ତ ହନେ ଏ ବନକୁ (ପ୍ର· ପୂ· ଚ ୧୮ଛା ୭ପ)

ଏ ପ୍ରତ୍ୟୟ — କଢ଼ ସୁକୁଟୀ ଶବରୀ। ବୁଲିଣ ବିକା ଶବରୀ।
ବୁଝେ ରସାଳ ଆସ୍ୱାଦୁଁ। ବାଛଇ ସ୍ୱାଦୁ ସେ (ବୈ· ବ· ୨୭ ଗ୍ର ୪୮)

୪- ୨୨ ଚର୍ଯାରେ ଗୋଟିଏ ମାତ୍ର ସ୍ଥଳରେ ସଂସ୍କୃତ 'ନ୍ତି' ପ୍ରତ୍ୟୟଟି ଅବିକଳ ରହିଅଛି। ଓଡ଼ିଆରେ ମଧ୍ୟ ଏହିପରି ସଂସ୍କୃତ କ୍ରିୟାର ବ୍ୟବହାର ହୋଇଥାଏ। ଯଥା—

ସାମନ୍ତ ସିଂହାର ବରଚମୂଳି। ଏଗ୍ରନ୍ଥ ରଚନ୍ତି ପ୍ରଣମ୍ୟ ଗୀତ।
(ଦ· ଚ. ୬୮ଗ୍ର ୪୪ପ)

୫- ୨୦ ଚର୍ଯାରେ ଗୋଟିଏ ମାତ୍ର ସ୍ଥାନରେ ସଂସ୍କୃତ 'ତି' ପ୍ରତ୍ୟୟ 'ଥି' ହୋଇଅଛି । ଯଥା—ଭଣତି 7 ଭଣଥି ।

ସପ୍ତ ଚର୍ଯାରେ ଅନେକ ସ୍ଥଳରେ ଅଇ ଓ ଇ ପ୍ରତ୍ୟୟର ଇକାର ଅକାରରେ ପରିଣତ ହୋଇଅଛି । ଉଚ୍ଚାରଣ ବଶତଃ ଇକାର ସଙ୍କୁଚିତ ଅକାର ରୂପ ଧାରଣ କରିଅଛି । ଯଥା—ଭୁଟଇ 7 ଭୁଟୟ 7 ଭୁଟଅ ।

ସଂସ୍କୃତରେ ଓ ପ୍ରାକୃତରେ ଲଟ ଲକାର ୧ମ ପୁରୁଷ ବହୁବଚନରେ ଅନ୍ତି ପ୍ରତ୍ୟୟ ହୋଇଥାଏ । ଓଡ଼ିଆରେ ସେହି ଅନ୍ତି ପ୍ରତ୍ୟୟଟି ଅକ୍ଷୁର୍ଣ୍ଣ ଭାବରେ ରହିଅଛି । ସ୍ଥାନେ ଏହି ଅନ୍ତି ପ୍ରତ୍ୟୟର ଅକାରର ଲୋପ ହୋଇଥାଏ । ଯଥା— ଖାଅନ୍ତି, ଖାଆନ୍ତି, ଖାନ୍ତି; ଯାଅନ୍ତି, ଯାଆନ୍ତି, ଯାନ୍ତି ପ୍ରଭୃତି (ଅକାର ଆକାର ସମୀକରଣ ଯୋଗୁଁ ହୁଏ) । ଚର୍ଯାରେ ସେହି ଅନ୍ତି ପ୍ରତ୍ୟୟ ଅନେକ ସ୍ଥାନରେ ବ୍ୟବହୃତ ହୋଇଅଛି । ଯଥା— ନାଚନ୍ତି, ଗାନ୍ତି (୧୭) । ଓଡ଼ିଆରେ ଏହାର ଉଦାହରଣ—

ହସନ୍ତି, ଭସନ୍ତି, ରସନ୍ତି, ମିଶନ୍ତି
ତୋଷନ୍ତି ଏକୁ ଆରକେ ।
କୃଷ୍ଣଙ୍କୁ ଭାବନ୍ତି ବସନ୍ତେ ଗାବନ୍ତି
ମଦନ ମନ ଉଚ୍ଛୁକେ ଗୋ ।
(ରହସ୍ୟ ମ - ୨୮ ଛା ୨ପ)

ଗାବନ୍ତି, ବାବନ୍ତି ନୃତ୍ୟନ୍ତି ବାବା ଉନ୍ମଦ ମଦନଶରେ ବେହୋଲା (ରହସ୍ୟ ମ-୨୯ ଛା) ସଂସ୍କୃତରେ 'ନାସ୍ତି' କ୍ରିୟା ପ୍ରାକୃତରେ ଣତ୍ଥିରେ ପରିଣତ ହୁଏ । ସେହି ପ୍ରାକୃତ ଣତ୍ଥି ପଦରୁ ଓଡ଼ିଆ ନାହିଁ ପଦର ଉଦ୍ଭବ ହୋଇଅଛି । ଓଡ଼ିଆରେ ନାହିଁ ପଦଟି ବର୍ତ୍ତମାନ, ଭବିଷ୍ୟତ ଓ ଅତୀତ କାଳର କ୍ରିୟା ସହିତ ଯୋଗ ହୋଇ କେବଳ ନିଷେଧାର୍ଥ ପ୍ରକାଶ କରେ । କିନ୍ତୁ ସଂସ୍କୃତ ପରି କ୍ରିୟାର କାଳ ବା ପୁରୁଷ ସୂଚିତ କରେ ନାହିଁ । ଯଥା—ନାହିଁ ବୋଲି କରି ଯାକୁ କଏ ସେ ବୋଲିବ । ସା—ମଦା ।

ନାହିଁ ନାହିଁ କଲରେ — କବି ସର୍ଯ୍ୟ ଚୌପଦୀ

ବାନ୍ଧବୀ ପରା ମୋ ନାହିଁ ସୁନ୍ଦରୀ । ବୈ. ବ. ଗ୍ର ୩୧ ପ୨୯

ଜଣେହେଁ କେହି ନାହିଁ ବାପଘରେ । ରହଧ୍ୟ ମ ୩ଗ୍ର—୯ପ ।

ଚର୍ଯାରେ ମଧ୍ୟ ଠିକ୍ ସେହିପରି 'ନାହିଁ' ପଦ ନିଷେଧାର୍ଥରେ ବ୍ୟବହୃତ ହୋଇଅଛି । [୮, ୧୮]

ଓଡ଼ିଆରେ କ୍ରିୟାପରେ 'କ' ପ୍ରତ୍ୟୟର ବ୍ୟବହାର ସ୍ଥାନେ ସ୍ଥାନେ ଦେଖିବାକୁ ମିଳେ । ଯଥା—

ପାଳଲେକ ଅଛି ଯତନେ ପତି କନ୍ୟାରତନ । ଚନ୍ଦ୍ରଭ ।

ଏସମୟେ ଯାମିନୀ ହୋଇଲା ପ୍ରବେଶ । ଦ୍ୱିଜସଜ ଦ୍ୱିଜତନେ

ବନ୍ଧନକ କେଶ (ପ୍ରେ.ସୁ)

୧୮ ଚର୍ଯାରେ ମଧ୍ୟ ନାହିଁ ପଦରେ କ (ପ୍ରତ୍ୟୟ) ଯୁକ୍ତ ହୋଇ ନାହିକ ପଦର ପ୍ରୟୋଗ ରହିଅଛି । ଓଡ଼ିଆରେ ଏହି କ (ପ୍ରତ୍ୟୟ)ର ଯୋଗ (କ-ଆଗମ ବା ଯୋଗ) ସାଧାରଣତଃ ଅତୀତ କାଳର ୧ମ ପୁରୁଷରେ ବ୍ୟବହୃତ ହୋଇଥାଏ । ଗ୍ରିୟର୍ସନ ସାହେବ ମୈଥିଳୀ ଭାଷାରେ 'କ' ପ୍ରତ୍ୟୟ ଦେଖି ନିର୍ଣ୍ଣୟ କରିଥିଲେ—ଏହି 'କ' ପ୍ରତ୍ୟୟ ଅପ୍ରାନ୍ତ ସର୍ବନାମ ଏବଂ କର୍ମଲାଗି ବ୍ୟବହୃତ ହୋଇ ଅଛି ।(J. A. S. B. P. I895 P. 380) ବୈଦିକ ସମୟରୁ ମଧ୍ୟ ଏହି 'କ' ପ୍ରତ୍ୟୟ ଭିନ୍ନ ୨ ଭାବରେ ବ୍ୟବହୃତ ହୋଇ ଆସିଛି । (K. Affixes of Indo grainian Past I Leipzy) ସଂସ୍କୃତରେ କ୍ରିୟା, ସର୍ବନାମ ଏବଂ ଅବ୍ୟୟପରେ କ-ପ୍ରତ୍ୟୟର ବ୍ୟବହାର ଦେଖିବାକୁ ମିଳେ (ପାଣିନି ୮ମ ୭୧-୭୮ ଓ ୮୫, ୮୭ ସୂତ୍ର । ଯଥା— ଉଚ୍ଚୈଃ 7 ଉଚ୍ଚକୈଃ, ଯୁବୟୋଃ 7 ଯୁବକୟୋଃ ଏବଂ ପଚତି 7 ପଚତକି । ସମ୍ଭବତଃ ସେହି 'କ' ପ୍ରତ୍ୟୟ ବର୍ତ୍ତମାନ ମଧ୍ୟ ଓଡ଼ିଆ କ୍ରିୟା ସହିତ ଦେଖିବାକୁ ମିଳେ । ଚର୍ଯାରେ ମଧ୍ୟ ନାହିକ ପଦରେ ସେହି କ-ପ୍ରତ୍ୟୟର ବ୍ୟବହାର ରହିଅଛି ।

ଓଡ଼ିଆରେ ମୂଳକ୍ରିୟାଟିରେ ଇ ପ୍ରତ୍ୟୟ ଯୁକ୍ତ ହୋଇ ଅସମାପିକା କ୍ରିୟାର ଆକୃତି ଧାରଣ କଲେ ବର୍ତ୍ତମାନ, ଭୂତ ଓ

ଭବିଷ୍ୟତ କାଳରେ ସମାପିକା ଭାବରେ ମଧ୍ୟ ବ୍ୟବହୃତ ହୋଇଥାଏ ।
ଯଥା— ବର୍ତ୍ତମାନ କାଳରେ—

ତାହାର ପକ୍ଷ ପେଡ଼ାରୁ ପଳାଇ । ଜଳସ୍ରୋତେ କ ଦମ୍ଭ ବଂଶ
ଅଛି

(ବୈ. ବ. ୧୦ମ ୧୨ପ)

ପଳାଇ — ପଳାଉଅଛି ।

ପଳାଯ୍ଯନ୍ତି
ପଳାଅଇ
ସ୍ଥାନେ ସ୍ଥାନେ
'ଅ'ଲୋପ
ସ୍ଥାନେ ୨ 'ଇ'ଲୋପ

ବିଗମ ଆଗମ କହୁଁ ହୋଇ ଭ୍ରମ ପଛକୁ ଅନାଇଁ
ବନ୍ଧନା ଠାଣି ପୂର୍ବର ଦଶି, ପୁଣି କମ୍ପି ପଳାଇ ।
ବୈ ସ୍ଥ ୨୪ ପ ୧୯ ।

ଅନାଇ = ଅନାଏ । ପଳାଇ = ପଳାଏ ।

କହୁତ ଦହୁଡ଼ି ଅନ୍ଧାର ଘଉଡ଼ ଶୁଭେ ମଣିମା

ଘଉଡ଼ = ଘଉଡ଼ୁଛି (ବୈ. ବ. ୩ ୪ଛ

ବାର ପାଖକୁ ତୃଷାର୍ତ୍ତୀ ଯାଇ । ବସ୍ତୁର ତ କରେ ସେ କ ନାହିଁ
ଯାଇ = ଯାଏ (୩୬ ସ୍ଥ ୮ପ)

ଚର୍ଯାରେ ମଧ୍ୟ ସେହିପରି ଇ ପ୍ରତ୍ୟୟାନ୍ତ କ୍ରିୟା ବର୍ତ୍ତମାନ କାଳରେ
ସମାପିକା ଭାବରେ ବ୍ୟବହୃତ ହୋଇଅଛି । ଯଥା—

ଦୁଲି ଦୁହି ପିଠା ଧରଣ ନ ଜାଇ
ରୁଖେର ତେନ୍ତଲୀ କୁମ୍ଭୀରେ ଖାଅ (୨)

ଦ୍ୱିତୀୟ ପଦରେ ଯତ୍ତ ଅନୁସାରେ ଖାଇ ହେବ । ଚର୍ଯାରେ ଇକାର
ଅକାର ହେବାର କଥା ପୂର୍ବେ କୁହା ହୋଇଅଛି । ତେଣୁ ଏଠାରେ
ଜାଇ ଓ ଖାଇ ଅର୍ଥ ହେବ ଜାଏ ଓ ଖାଏ ।

ସେହିପରି ୨ୟ ଚର୍ଯାରେ "ଘର ଭଇଲେ କାମରୂ ଜାଅ" ପଦରେ
ଜାଅ ∠ ଜାଇ ଅର୍ଥ ଜାଏ ।

ସେହିପରି ୬ରେ—ହରଣା ହରଣୀର ନଳଅ ନ ଜାଣୀ ।
ଜାଣି—ଜାଣଇ—ଇତ୍ୟାଦି

ଇ-ପ୍ରତ୍ୟୟାନ୍ତ ପଦ ଓଡ଼ିଆରେ ଅତୀତକାଳରେ ମଧ୍ୟ ସମାପିକା ଭାବରେ
ବ୍ୟବହୃତ ହୁଏ ।

ଯଥା—ଅପୂର୍ବ ଏ ଲଡ଼ୁକା ଦେବୀ ଭଣି ( ବ: ଚି )

ଭଣି—ଭଣିଲେ ।

ଅତୀତ ଅର୍ଥରେ ବର୍ତ୍ତମାନ ବ୍ୟବହୃତ ଯଥା : Kalidas says as in English | ବୃଷ୍ଟି ନୋହୁ ସାତଶତ ସତୟୁଳଣୀ ବାମା ଅଛୁଁ କୌଶଲ୍ୟା କେକେୟୀ ଭଷି । ବୈ.ବ

ଭଷି—ଭଷିଲେ

ଲେକେ ଲେକେଶା ଯେ ଦୟା କର ବସ୍ତର

ଶବ୍ଦ ସବ୍ଦ ସୁରମୁନ ଯେନ ବାହାର । ବ· ଚି. ୨ୟ୍ଥ ୭ପ

ବାହାର = ବାହାରଲେ

ବଧିରେ ବଧିରେ ବସ୍ତାହରଣେ ଗଞ୍ଜି ।

ଗଞ୍ଜି = ଗଞ୍ଜିଲେ ବ. ଚି· ୨ୟ୍ଥ–୩୪ପ

ସେହିପରିଚର୍ଯାରେ ମଧ୍ୟ ଇ ପ୍ରତ୍ୟୟାନ୍ତ କ୍ରିୟା ଅତୀତକାଳରେ ସମାପିକା ଭାବରେ ବ୍ୟବହୃତ ହୋଇଅଛି । ଯଥା···କାନ୍ହେ ଗାଇ ତୁ କାମ-ଚଣ୍ଡାଳୀ (ଚ ୧୧

ଗାଇ = ଗାଇଲେ

୨୩ ଚର୍ଯାରେ — ସଦ୍‌ଗୁରୁ ବୋହେଁ ବୁଝିରେ କାସୁ କହନ ।

ବୁଝି—ବୁଝିଲ

ଚର୍ଯାରେ ଆବଇ 7 ଆସଇ (୪୨) ଚେବଇ ∠ ଚେତଇ (୩୪) ଛେବଇ ∠ ଛେବଇ (୪୫) ପ୍ରଭୃତି କ୍ରିୟାରେ ବ ଆଦେଶ ଦେଖିବାକୁ ମିଳେ । ଓଡ଼ିଆରେ ମଧ୍ୟ ଏହିପରି 'ବ' ଆଗମ ଦେଖିବାକୁ ମିଳେ ।

ଯଥା :—

ବୁଲଅନ୍ତେ } ଗଦା ବୁଲବନ୍ତେ ଚହିଁ ବହଇ ପବନ ।—ମହା-ସଭା
ବୁଲନ୍ତେ } ପୃ ୮୫

ବୁଝାନ୍ତ-ବୁଝାବନ୍ତ—ଜଗନ୍ନାଥେ ବୁଝାବନ୍ତ ସହଦେବେ ସଇ । ,, ପୃ୩୧

ଗୋଡାନ୍ତ—ଗୋଡ଼ାଅନ୍ତ—ସେହି କାଳ ହୋଇ ଗୋଡାବନ୍ତ ପାଶେ ୭ ।

ମହା-ସଭା ପୃ୯୧

ଗାଅନ୍ତ—ଗାଆନ୍ତ

ବାଅନ୍ତ ବାଆନ୍ତ— ଗାବନ୍ତ ବାବନ୍ତ ନୃତ୍ୟନ୍ତ 'ବାଜା' ଇହସ୍ୟ ମ ଗ୍ଣ ୨୯ (ସ ୯ ଚର୍ଯାରେ ସ୍ଥଳେ ସ୍ଥଳେ ସବୁକାଳରେ ମଧ୍ୟମ ପୁରୁଷ ଏକବଚନରେ ବିଭକ୍ତିଯୁକ୍ତ କ୍ରିୟାପରେ ସଂସ୍କୃତ 'ସି' ପ୍ରତ୍ୟୟର ବ୍ୟବହାର ହୋଇ-ଅଛି । ଯଥା—ଅଇସସି, ସାସି (୧୦) ମାରେସି (୧୨) ଗିଲେସି (୩୬) ପୁଛସି (୧୫) ବୁଝସି (୧୫) ଅଛସି (୪୧)

ଏହିପରି 'ସି' ପ୍ରତ୍ୟୟର ବ୍ୟବହାର ଓଡ଼ିଆ ସାହିତ୍ୟରେ ଦେଖିବାକୁ ମିଳେ ।

ଯଥା— ଏହି ଫଳଗୋଟି ଯତ୍ନକର ନଅସି ।

ଚୋର ପାଠ ମହର୍ଷୀଙ୍କ ଏଫଳ ହଅସି । ସା. ମହା' ସଭା. ପୃ୫

ତୁହି ଆମ୍ଭର ପିଉତ ଅଟସି ହୋ ରଜା । „ ପୃ୨୪୨

ବର୍ତ୍ତମାନ କାଳ (ଲଟ ଲକାର)

ଉତ୍ତମ ପୁରୁଷ—

| ଏକବଚନ | ବହୁବଚନ |
|---|---|
| ମି ପ୍ରତ୍ୟୟ—ମାରମି (୧୦) ଲେମି | ଅଛମ (୨୯) ବହୁବଚନରେ |
| ଜୀବମି, ପିବମି (୪) | ହୋହୁ (୭) ପ୍ରାୟ ପ୍ରତ୍ୟେକରେ |
| ଜାନମି (୩୧.୪୯) | ଅଛନ୍ତୁ ) ( ଁ ) ଯୁକ୍ତ ହେବାର |
| ପେଖମି (୩୪) | ଧରନ୍ତୁ କଥା |
| | ଦେହୁଁ (୧୨) |
| | ଲେହୁଁ (୧୨) |
| | ଜାଣହୁଁ (୨୨) |

ସଂସ୍କୃତରେ ବର୍ତ୍ତମାନ କାଳ ଲଟ୍ ଲକାରରେ ଉତ୍ତମ ପୁରୁଷ ଏକବଚନରେ 'ମି' ପ୍ରତ୍ୟୟ ହୁଏ । ପ୍ରାକୃତରେ ମଧ୍ୟ ସେହି ମି-ପ୍ରତ୍ୟୟ ଦେଖିବାକୁ ମିଳେ । ଯଥା—ସଂ ହସାମି 7 ପ୍ରା-ହସାମି ହସେମି । ଅଜନ୍ତାଦ୍ଧା ତୋରୁତ୍ତମ ତ୍ରଋଷୈକ ବଚନାଦେଶେ ମୌପରେ ଆତ୍ତଂଭୁ ଭବତ । ମୌପରେ ଇତ୍ୱନ୍ତି କେଚିତ୍ତୁ । ଯାଥା—ହୋଇମି (ଷଡଭ ଷା ଚନ୍ଦ୍ରିକା) ।

ପ୍ରାକୃତରେ ସ୍ଥାନେ ୨ ଇମି ପ୍ରତ୍ୟୟ ହୁଏ । ଓଡ଼ିଆରେ ମି ଓ ଇମି ଉଭୟ ପ୍ରତ୍ୟୟର ପ୍ରୟୋଗ ହୋଇଥାଏ । ସ୍ଥାନେ ୨ ଏହି ମି ପ୍ରତ୍ୟୟ ମର ବ ମଧ୍ୟ ହୋଇଥାଏ । ,ଖାଇମି, ଖାଇବ ।

ବୃଷଭ ଗୋଷ୍ଠାଇ ଧେନୁ ପଛରେ ଯେମନ୍ତ

ବେଦାଧ୍ୟୟନ ଛଡ଼ ଇ ଆଣିମି ତେମନ୍ତ । ବୈ· ଵ· ୪ସ୍ତ

ବଗୁଣ ନ ଘେନିମି ଦେବୁ ଲେଖି, ବେଳେ ଶ୍ରୁବିସ୍ତରେ ଆଜନୁ ସୁଖୀ । (ବୈ

ଵ-ପ୍ରତ୍ୟୟ = ବୈଶ୍ୱାନରେ ମୁ ଝାସିବ୍ର ବୋଲ ଖରେ ଦେ ପାଣେ ଗମିତ । ବୈ. ଵ· ୨୪ସ୍ତ ଅଥପ

ଏହି ମି ପ୍ରତ୍ୟୟର ବର୍ଣ୍ଣ ବ୍ୟତ୍ୟୟ ହୋଇ ମର ଅନୁସ୍ୱାର ହୋଇ ଖାଅଇଁ, ଯ ଅଇଁ, ଶୁଅଇଁ ପ୍ରଭୃତ କ୍ରିୟାପଦ ସିଦ୍ଧ ହୁଏ । ଏହି ଅ ଓ ଇଁର ସନ୍ଧି ହୋଇ ଏଁ ହୋଇଥାଏ । ଯଥା—ମୁଁ ଖାଏଁ, ଯାଏଁ, ସୁଏଁ ପ୍ରଭୃତ । ତେଣୁ ମୌଳିକ ମି ପ୍ରତ୍ୟୟ ଏବଂ ତାହାର ଅପଭ୍ରଂଶ ଅଇଁ ଓ ଏଁ ପ୍ରତ୍ୟୟ ଓଡ଼ିଆରେ ଉତ୍ତମ ପୁରୁଷରେ ବ୍ୟବହୃତ ହୁଏ । ଚର୍ଯ୍ୟାରେ ସେହି ମି ପ୍ରତ୍ୟୟର ବ୍ୟବହାର ହୋଇଅଛି ।

ସଂସ୍କୃତ ଲଟ ଲକାର ଉତ୍ତମ ପୁରୁଷ ବହୁବଚନରେ 'ମଃ' ପ୍ରତ୍ୟୟ ହୁଏ । କିନ୍ତୁ ଏହି 'ମଃ' ପ୍ରତ୍ୟୟ ବିସର୍ଗର ପକ୍ଷେ ଓକାର ହୁଏ—ଏବଂ ଓକାର ମଧ୍ୟ ଲୋପ ହୋଇ ପ୍ରାକୃତରେ ମୋ ବା ମ ପ୍ରତ୍ୟୟରେ ପରିଣତ ହୁଏ । ତେଣୁ 'ମଃ' ପ୍ରତ୍ୟୟ ସ୍ଥାନ ବରରୁଚ ୩ଗୋଟି ପ୍ରତ୍ୟୟର ନିର୍ଦ୍ଦେଶ କରିଅଛନ୍ତି । ଯଥା—"ନ୍ତି ହେତ୍ଥା ମୋ ମୁମା ବହୁଷୁ" ୭/୪ । ବହୁଷୁ ବର୍ତ୍ତମାନାନାଂ ତିଙ୍ଗ । ସ୍ଥାନେ ନ୍ତିହ ଇତ୍ଥା ମୋ ମୁମା ଇତ୍ୟେତ ଆଦେଶା ଭବନ୍ତି । ଅର୍ଥାତ୍—ବହୁବଚନରେ ମଃ ସ୍ଥାନରେ ମୋ, ମୁ ଓ ମ ଆଦେଶ ହୁଏ । ଯଥା· ହସିମୋ, ହସିମୁ, ହସିମ, ହୋମୋ, ହୋମୁ ଓ ହୋମ । ଏହି ପ୍ରାକୃତ ମୁଁ ପ୍ରତ୍ୟୟର ବର୍ଣ୍ଣ ବିପର୍ଯ୍ୟୟ ହୋଇ (ମ+ଉ= ଉ+ମ) ଅନ୍ତ୍ୟ ମକାରର ଚନ୍ଦ୍ର ବିନ୍ଦୁ ହେଲେ 'ଉଁ' ପ୍ରତ୍ୟୟ ହୁଏ ।ଇକାରର

ଲୋପ ହୋଇ ଏହି ଉ ପ୍ରତ୍ୟୟ ଓଡ଼ିଆରେ ବ୍ୟବହୃତ ହୁଏ । ଯଥା-ହୋମୁଁ ହେଉଁ, ହସୁଁ; ଦେଉଁ, ଲେଉଁ ।

ବର୍ଷା ବଞ୍ଚୁଁ ଆମ୍ଭେ ମନ୍ଦ୍ରମହାସାଗରେ । ବୈ. ବି. ୨୮ ଛା ୧୬୩ପ ।

ମୈଥିଲୀ ଭାଷାରେ ମଧ୍ୟ ଏହି ଉ ପ୍ରତ୍ୟୟର ବ୍ୟବହାର ଅଛି । ଏହି ଉଁ ପ୍ରତ୍ୟୟରେ ହକାର ଆଗମ ହୋଇ ହୁଁ, ପ୍ରତ୍ୟୟ ହୋଇଅଛି । ଚର୍ଯ୍ୟାରେ ଦେହୁଁ, ଲେଖୁଁ (୧/୨) ହୋ ହୁ (୬) ଧରହୁ (୩୮) ପଦରେ ଏହି ହୁଁ ପ୍ରତ୍ୟୟର ବ୍ୟବହାର ହୋଇଅଛି । ଚର୍ଯ୍ୟାରେ ଉକାରର ମଧ୍ୟ ବ୍ୟବହାର ରହିଅଛି । ଯଥା—ମାରଉ, ଘାଲଉ (୧୨) । କିନ୍ତୁ ଓଡ଼ିଆରେ ଆଉ ଗୋଟିଏ ଉଁ ପ୍ରତ୍ୟୟାନ୍ତ କ୍ରିୟା ଅଛି, ତାହା ହେଉଛି ଅସମାପିକା । ଏହି ଉଁ ପ୍ରତ୍ୟୟାନ୍ତ କ୍ରିୟା ସଦାସର୍ବଦା ଅନ୍ୟ କ୍ରିୟା ଉପରେ ନିର୍ଭର କରେ ଏବଂ ପ୍ରଧାନ କ୍ରିୟାର କାଳ ବା କାରଣ ନିର୍ଦ୍ଦେଶ କରେ । ଏହି ଉଁ ପ୍ରତ୍ୟୟ ସବୁ ପୁରୁଷରେ ବ୍ୟବହୃତ ହୁଏ । ଯଥା—

ବାଟେ ଯାଉଁ ଦେଖିଲେ ହବ୍ୟସରେ । କି ଦ୍ୟନାଦ ପୁରେ ଜଳଭିତରେ

ବୈ.ବି. ୨୮ ଛା ୪୨ପ ।

ରସିଣ ତଟାଉ ଫିଟାଉ ଫିଟାଉ ଟାଉ ଟାଉଁ ହେଲା ଦୃଶ ।

ବ୍ର. ଚି. ୧୪ ଛା ୨ପ

ଧୀଆନ କରୁଁ ଧାଆନ କରୁଅଛି ମୋର ତ୍ରା ଛିବ ,, ୪ ଛା. ୧୩ପ

ବସୁଁ ଅଯୋଧ୍ୟା କଷ୍ଟିକା ରଜନୀ ।ବଭୁକ୍ତର ବନେ ହେଲେ ସଦନ ।

ବୈ. ବି. ୨୮ ଛା ୩ପ

। ୧ ବହୁଁ କୁଶଶଯ୍ୟା ଅଙ୍ଗକ ସମ୍ଭୀତ ପାଥିଲ କରିବ ଗ୍ରାସ ।

ବୈ. ବି. ୩୩ ଛା ୬୪ପ

ସଂସ୍କୃତ କ୍ତ୍ୱା ପ୍ରତ୍ୟୟ ପ୍ରାକୃତରେ ତୁମ୍ ଓ ଉଁ ପ୍ରତ୍ୟୟ ହୁଏ ।

"ତୁମତ୍ତୂଆଣ ତୂଣା କ୍ତ୍ୱଃ (ଷଡ଼ଭାଷାଚ ୧.୪୨)ଯଥା ତୁଂ—

ହସେଉଂ ହସିଉଂ । ଏତ କ୍ତ୍ୱ ତୁମୁନ୍ ସୁ ଭବଷ୍ୟତ

( ପ୍ରା. ପ୍ର. ୭/୩୩ )ଯଥା—ହସେଉଂ, ହସିଉଂ ।

ପ୍ରାକୃତରେ ତୁମ୍ ପ୍ରତ୍ୟୟ ଜା'ତ ଉଂପ୍ରତ୍ୟୟ ଓଡ଼ିଆରେ ଅବିକଳ-ଭାବରେ ବ୍ୟବହୃତ ହୋଇଅଛି । ଏହି ଉଂ ପ୍ରତ୍ୟୟରେ ହୁ ଆଗମ କଲେ ହୁଂ ପ୍ରତ୍ୟୟ ହୁଏ । ଏହି ହୁଂ ପ୍ରତ୍ୟୟ ଚର୍ଯ୍ୟାରେ ମଧ୍ୟ ବ୍ୟବହୃତ ହୋଇଅଛି ।

ଯଥା:—

ସସହର ଲଇ ସିଞ୍ଚହୁଁ ପାଣୀ । ନଉ ଖରଜାଳା ଧୂମ ନ ଦୀସଇ । ୪୭
କରୁଣା ପିହାଡ଼ି ଖେଲହୁଁ ନଅବଳ । ସଦ୍‌ଗୁରୁ ବୋହେଁ ଜିତେଲ ଭବବଳ । ୧୨

ଅର୍ଥାତ୍—ପାଣି ଛିଞ୍ଚନ୍ତେ ଧୂମ ଦିଶଇ ନାହିଁ । ୪୭ ।
ନ୍ୟାୟବଳ ଖେଳନ୍ତେ ଭବବଳ ଜିତିଲୁ । ୨ ।

୨ୟ ଚର୍ଯାରେ ଖେଳହୁଁ ପଦ ଅସମାପିକା କ୍ରିୟା । ତା ନ ହେଲେ ଖେଳହୁଁ ବର୍ତ୍ତମାନ କାଳ ଏବଂ ଜିତେଲ କ୍ରିୟା ଅତୀତ କାଳ । ଏହି ଦୁଇ କ୍ରିୟାର ଏକତ୍ର ଅନ୍ୱୟ ଅସମ୍ଭବ । ତେଣୁ ଖେଳୁଁ ଜିତିଲ ଏହି ଅର୍ଥଇ ସଙ୍ଗତ । ଏହି ଉଁ ପ୍ରତ୍ୟୟାନ୍ତ ଅସମାପିକା କ୍ରିୟା ଓଡ଼ିଆର ନିଜସ୍ୱ । ବଙ୍ଗ ଭାଷାରେ ଏହି ଉଁ ପ୍ରତ୍ୟୟର ବ୍ୟବହାର ନାହିଁ ।

ଅନୁଜ୍ଞା (ଲୋଟ ଲକାର) ଅର୍ଥରେ ଚର୍ଯାରେ ବ୍ୟବହୃତ କ୍ରିୟାର ଭିନ୍ନ ୨ ରୂପ ତଳେ ଦିଆଗଲା ।

ଅନୁଜ୍ଞା

| ୧ମ ପୁରୁଷ | ମଧ୍ୟମ ପୁରୁଷ | ଉତ୍ତମ ପୁରୁଷ |
|---|---|---|
| ଏକବଚନ | ଏକବଚନ | |
| ଉପ୍ରତ୍ୟୟ-ଫିଟଉ(୧୨) | ଅପ୍ରତ୍ୟୟ-ପୁଚ୍ଛ(୫) | |
| ଜାଇଉ(୧୫) | ବାହ(୮) | |
| କରଉ(୨୨) | ଲୁହଅ(୮) ଦମ (୯) | |
| ତୁ ପ୍ରତ୍ୟୟ-ପୁଚ୍ଛତୁ | ଜାହ(୧୦) ବାହଅ(୧୩) | |
| | ତୁଲହ(୧୫) ଆହା(୧୫) | |

ମାର(୨୦) କରହ(୨° କର(୨୦)
ପେକ୍ଷ(୩୦) ଦେ(୩୧) ପୁଚ୍ଛ(୪୧)
ଆଣୁ(୧୯) ଧର(୩୮) ଠାଣଅ(୩)
ରଜାଷ୍ଠ ସମାଅ(୩୮)

ସିପ୍ରତ୍ୟୟ-ଭୁଞ୍ଜସି( ୫). ପୁଚ୍ଛସି ବାସସି( ୫)

ସଂସ୍କୃତରେ ଲୋଟଲକାର ୧ମ ପୁରୁଷ ଏକବଚନରେ 'ତୁ'ପ୍ରତ୍ୟୟ ହୁଏ । ଯଥା—କରୋତୁ, ଗଚ୍ଛତୁ ।

ପ୍ରାକୃତରେ ଦୁଇସ୍ୱର ମଧ୍ୟବର୍ତ୍ତୀ ତୁ ପ୍ରତ୍ୟୟର ତ୍‌କାରଲୋପ ହୋଇ ଉ-ପ୍ରତ୍ୟୟ ରହିଥାଏ । ଯଥା—ଭ. ତୁ 7 ହୋଉ । ଦଦାତୁ 7 ଦେଉ । ବ୍ୟାହରତୁ 7 ବାହରଉ ।

ଶିରସ ଗିରେନ୍ଦ ସୁଆଣଂ ସନ୍ଧାଦୋ ଦେ। ସୁହଂ ଦେଉ

(ସଂସ୍କୃତ--ଶିରସ ଗିରେନ୍ଦ୍ର ସୁତାଃ ଯୁଃ ସନ୍ଧାତୋ ବଃ ସୁଖଂ ଦଦ ତୁ ।)

ଉସୁମୁ ବଧ୍ୟାଦିଷ୍ୱେକ ବଚନେ । ପ୍ରା· ପ୍ର· ୭/୧୮ ।

ବିଧ୍ୟାଦିଷୁ ଏକସ୍ମିନ୍ ଉତ୍ପନ୍ନସ୍ୟ ପ୍ରତ୍ୟୟସ୍ୟ ଯଥାସଙ୍ଖ୍ୟଂ

ଉ. ସୁ· ମୁ ଇତ୍ୟେତ ଆଦେଶା ଭବନ୍ତି । ତେଣୁ ପ୍ରାକୃତରେ ଲୋଟ ଲକାରରେ ହସଉ, ହସେଉ ଓ ହସଦୁ ବୋଲି ତିନୋଟି ରୂପହୁଏ । ବରରୁଚି କହିଛନ୍ତି ।

ପ୍ରାକୃତରେ ତୁ ପ୍ରତ୍ୟୟରୁ ଜାତ ଏହି ଉ ପ୍ରତ୍ୟୟ ଓଡ଼ିଆକୁ ଅକ୍ଷୁଣ୍ଣ ଭାବରେ ଆସିଅଛି । ଯଥା--ଦେଉ, ଖାଉ, ଜାଉ ପ୍ରଭୃତି ।

ଖାଇଜାଉ ଅହି ପୋଷ ମିତ । ବ· ଚ· ୫୭ସ୍ଥ ୭ପ ।

ତୁ ରସୁ ରଉ ମୁଁ ରସେଁ ଉତ ତୁମେ କରତ ଦେଉ ।

ବ· ଚ· ୭୪ସ୍ଥ ୧୯ପ ।

ଚର୍ଯ୍ୟାରେ ମଧ୍ୟ ୧ମ ପୁରୁଷ ଏକବଚନରେ ଏହି ଉପ୍ରତ୍ୟୟ ଦେଖିବାକୁ ମିଳେ ।

ଯଥା—ଲେଉ, ଜାଉ, ଫିଟଉ [୧୨], କରଉ[୨୨] ଓଡ଼ିଆରେ ଶବ୍ଦପାତ ଓ ଉଚ୍ଚାରଣ ସୌକର୍ଯ୍ୟଲାଗି ଅନେକ ସ୍ଥାନରେ ହ ଆଗମ ହୁଏ ।

ଯଥା--ମୋହର, ତୋହର, ସେହିପରି ଅନୁଜ୍ଞାରେ ୧ମ ପୁରୁଷ ଏକ ବଚନରେ ହ ଆଗମ ହେଲେ ଦାହୁ, ଲେହୁ, ଜାଉ, ଲେଉ ପ୍ରଭୃତି ପଦ ସିଦ୍ଧ ହୁଏ । ପ୍ରାକୃତରେ ମଧ୍ୟ ଏହିପରି ଅନୁଜ୍ଞାରେ ହ ଆଗମ ହେବାର ଦେଖାଯାଏ । ଯଥା--ଜାଣହ 7 ଜାଣ, ଜଣେହୁ 7 ଜାନାତୁ

ଉବରଲ ଅଙ୍କ ଲେଖି କହୁଁ ଆଣହତେ ପରିଧୁଅ ଉଦ୍ଧଟା ଜାଣହ ସଂ--ଉପରତଂ ଅଙ୍କଂ ଲିଖିତ୍ୱା ନଯ୍ୟ ଏତତ୍ୟ ପରପତ୍ୟା ଧ୍ରୁବ ଉଦ୍ଧିଷ୍ଟଂ ଜାନୀହି ।

ପ୍ରା· ପିଙ୍ଗଳ

ଲଘୁ ଉପ୍ପର ଜୋ ଅଙ୍କୋ ତଂ ଦଇ ଏକେକ୍କ ଜାଣେହୁ ।
ସଂ--ଲଘୋରୁପରି ଯୋଽଙ୍କସ୍ତଂ ଦତ୍ତ୍ୱା ଏକୈମି ଜାନାତୁ । ପ୍ରା· ପିଙ୍ଗଳ

ସୁତରାଂ ସଂସ୍କୃତ ଲୋଟ ଲକାର ୧ମ ପୁରୁଷ ଏକବଚନର ତୁ ପ୍ରତ୍ୟୟ ପରିବର୍ତ୍ତିତ ହୋଇ 'ଉ' ଓ 'ହୁ' ପ୍ରତ୍ୟୟ ରୂପରେ ଚର୍ଯାରେ ବ୍ୟବହୃତ ହୋଇଅଛି । ସଂସ୍କୃତ ଲୋଟ ଲକାର ଆତ୍ମନେପଦ ମଧ୍ୟମ ପୁରୁଷ ଏକ ବଚନର 'ସ୍ୱ' ପ୍ରତ୍ୟୟ ପ୍ରାକୃତରେ ସୁ ହୋଇ ପରେ 'ହୁ' ପ୍ରତ୍ୟୟରେ ପରିଣତ ହୋଇଛି ବୋଲି କହନ୍ତି । (O. D. B: L P 905) ତାଙ୍କ ମତରେ ଚଳସ୍ୱ 7 ଚଳସୁ 7 ଚଳହୁ ହୁଏ । କିନ୍ତୁ ଏଠାରେ ସର ହ ହେବାର ସନ୍ଧାନରେ ସେ ନିଜେ ସନ୍ଦିହାନ ହୋଇ ଅଛନ୍ତି । ପ୍ରକୃତରେ ସ୍ୱପ୍ରତ୍ୟୟ ମଧ୍ୟମ ପୁରୁଷରେ ବ୍ୟବହୃତ ନ ହୋଇ ୧ମ ପୁରୁଷର ଅର୍ଥ ପ୍ରକାଶ କରିବାର କାରଣ ମଧ୍ୟ ନାହିଁ । ତେଣୁ ଏହିପରି ଦ୍ରାବିଡ଼ ପ୍ରଣାଳୀର ଆବଶ୍ୟକତା ନାହିଁ । ଚର୍ଯାରେ ଜାଉ [୩୮] ଓ ଜାହୁ [୩୨] ଉଭୟ ପଦର ବ୍ୟବହାର ଥିବାରୁ 'ହ' ଆଗମରେ ଜାହୁ ପଦ ହୋଇଅଛି । ଅନୁଜ୍ଞା ମଧ୍ୟମ ପୁରୁଷରେ ମଧ୍ୟ ଏହିପରି ହ ଆଗମ ହୋଇଅଛି । ଯଥା-- ଆଆ 7 ଆହା [୧୫] ଜାଅ 7 ଜାହା [୧୦] । ତେଣୁ ୧ମ ପୁରୁଷରେ 'ହ' ଆଗମ ହୋଇଥିବାର ବିଶେଷ ଭାବରେ ସମ୍ଭାବନା ହୁଏ ।

ଚର୍ଯାରେ ସଂସ୍କୃତ ତୁ ପ୍ରତ୍ୟୟ ମଧ୍ୟ ବ୍ୟବହୃତ ହୋଇ ଅଛି । ଯଥା--ପୁଚ୍ଛତୁ [୫, ୪୧]

ସଂସ୍କୃତରେ ଲୋଟ [ଅନୁଜ୍ଞା] ମଧ୍ୟମ ପୁରୁଷ ଏକବଚନରେ ହି ପ୍ରତ୍ୟୟ ହୁଏ। ସ୍ଥାନେ ୨ ସେହି ହି ପ୍ରତ୍ୟୟର ଲୋପ ହୋଇ ଅ ମଧ୍ୟ ହୁଏ। ଯଥା—ଗଚ୍ଛ। ପ୍ରାଚୀନ [ଭାରତ ୟୁରୋପୀୟଭାଷା ସଂଘର ଇନ୍ଦୋ ଆରୟାନ] ଭାଷାରେ ଅ ଓ ହି ଉଭୟ ପ୍ରତ୍ୟୟର ବ୍ୟବହାର ଥିଲା। ଏହି ଅ ପ୍ରତ୍ୟୟଟି ଓଡ଼ିଆରେ ଅଦ୍ୟାବଧି ଚଳି ଆସୁଅଛି। ଏହି ଅ ପ୍ରତ୍ୟୟ ଓଡ଼ିଆରେ ବହୁବଚନ ଓ ଏକବଚନରେ ମଧ୍ୟ ପ୍ରଯୁକ୍ତ ହୁଏ। ଯଥା:—

କାମନା ମୋ ସିଦ୍ଧ କର। କାମ ସମୁଦ୍ରୁଁ ଉଦ୍ଧର। ରହସ୍ୟ

୧୮ଶ୍ଳ ୧୨ ପ

ଚର୍ଯାରେ ମଧ୍ୟ ଏହି ଅ ପ୍ରତ୍ୟୟର ବ୍ୟବହାର ଅନେକ ସ୍ଥାନରେ ହୋଇଅଛି। ଯଥା—ବାହ ୮ ବୁହଅ ୮ କାହ୍ନଅ ୧୩ ପୁଚ୍ଛ ୪୧ ଉଦାଅ ସମାଅ ୩୮ ମାର ୨୧ ଦମ ୧୯ କର ୨୦ ପେଖ ୩୦ ଦଅ, ଦ ୩୧ ପୁଚ୍ଛ ୪୧ ଧର ୩୮। କିନ୍ତୁ ୨ଟି ସ୍ଥାନରେ ଚର୍ଯାରେ ଭୁଲହ ଓ କରହ ୨୦, ଥାହ ୧୫ କାହ୍ନ ୧୦ ପଦର ପ୍ରୟୋଗ ଅଛି। ଏଠାରେ ହ ଆଗମ ହୋଇଅଛି। ଯଥା—ଥାଅ 7 ଥାହ କାଅ7 କାହ ପ୍ରଭୃତି। ଏହି ହ ଆଗମ ୧ମ ପୁରୁଷରେ ହ ଆଗମକୁ ବିଶେଷ ଭାବରେ ସମର୍ଥନ କରୁଅଛି।

## ଅତୀତ କାଳ

ଚର୍ଯାରେ ବ୍ୟବହୃତ ଅତୀତ କାଳର କ୍ରିୟା ରୂପ ତଳେ ଦିଆଗଲା।

| ପ୍ରଥମ ପୁରୁଷ | ମଧ୍ୟମ ପୁରୁଷ | ଉତ୍ତମ ପୁରୁଷ |
|---|---|---|
| ଏକବଚନ— | | |
| ଗାଇଉ (୨) | ବଟାଲିଉ, ଟାଲିଉ } (୧୮) | ମେଲିଲ (୮) |
| ଅଇଲ, ଗେଲ, ଭଇଲ (୭) | | ଯେଗିଲ (୧୦) |
| ମିଳିଲ (୮) | ଆହାରିଲୁ (୧୯) | ବୁଡ଼ିଲ (୧୪) |
| ଜାଚିଲା | ବାଉ (୨୭) | ସୁତେଲି (୧୮) |
| ଓରଶ (୧୧) | ବହରିଉ, ଶିବାରିଉ } (୩୧) | ବାହିଉ, ଲୁଡ଼ିଉ |
| ଚଳିଲ (୧୩) | | କେଲି (୪୦) |

ଭଇଲ, ଚଡିଲ, ଚଡ଼ିଲ (୧୪) ଅଛିଲ

ଗେଲା, ଭଇଲ (୧୫) ବୁଝିଲ (୩୪)
ଉଛଳିଲା, ଚଲିଲ (୧୯) ଅଛିଲେସି
ଭଇଗ୍ରା ୩୦) ଜାଲେସି (୩୯)
ବଆଇଲା (୩୩) ଆଇଲେସି (୪୪)
କଏଲା (୩୪)
ଦିଲା (୩୫)
ଗ୍ରାଗେଲ (୩୯)
ବଡୁଭିଲା (୪୪)
ଭଇଲ (୪୯)
ଜଏଲ
ଧାକେଲ ମାରିଲ
ମାଭେଲ, ଭଇଲ
ଗଢ଼ିଲା, ଫୁଟିଲା (୫୦)
କଏଲା, ଫିଟିଲ

ସଂସ୍କୃତରେ କ୍ତ ପ୍ରତ୍ୟୟ ପ୍ରାକୃତରେ 'ଡ଼' ରେ ପରିଣତ ହୁଏ । ଯଥା—
ଚେଡ଼େ କଡ଼େ ।

ବଣେ ଗଡ଼େ କୁକୁଟ ଶାବକେଁଵ । ମୁ: କ ।
ଶଲପଲବଡେ କଡେ ।

ଏଠାରେ କ୍ତ ପ୍ରତ୍ୟୟର 'ତ' 'ଡ' ରେ ପରିଣତ ହୋଇଅଛି । ଏହି 'ଡ' ପରେ 'ଲ' ରେ ପରିଣତ ହୋଇ ଅତୀତ କାଳର ଅର୍ଥ ବୁଝାଇଲା । ହର୍ଣ୍ଣେଲ ସାହେବ ( Hoernle Godian Grammar P 36 ) ଏହି ମତ ପ୍ରକାଶ କରିଥିଲେ । ଗୋପୀନାଥ ନନ୍ଦ, ମହାଶୟ ତାଙ୍କ ଓଡ଼ିଆ ଭାଷା ତତ୍ତ୍ୱରେ ଏହି ମତର ସମର୍ଥନ କରି ଅଛନ୍ତି । (ପୃ୫୨୫) । ବର୍ତ୍ତମାନ ଭାଷା ତତ୍ତ୍ୱଜ୍ଞ ପଣ୍ଡିତମାନେ ଏହି ମତକୁ ଅପ୍ରମାଣିତ କରି ପରିତ୍ୟାଗ କଲେଣି । ଭାରତୀୟ ଇଉରୋପୀୟ ଭାଷାର ମଧ୍ୟବର୍ତ୍ତୀ ଯୁଗରେ

ଏଗୋଟି ଲକାର ଅତୀତ କାଳରେ ବ୍ୟବହୃତ ହେଉଥିଲା । ସଂସ୍କୃତରେ ମଧ୍ୟ ତାହା ଚଳୁଅଛି । ସେହି ତିନି (ଲୁଙ୍, ଲଙ୍, ଲିଟ୍) ଲକାରର ବ୍ୟବହାର କ୍ରମେ କମି କମି ଶେଷରେ ଲୋପ ପାଇଥିଲା । ଦ୍ରାବିଡ଼ ଭାଷାର ପ୍ରଭାବ ଏହି ପରିବର୍ତ୍ତନର କାରଣ ବୋଲି କେହି କେହି ନିର୍ଦ୍ଦେଶ କରିଥାନ୍ତି । ଏହି ସବୁ ଲକାର ବ୍ୟବହାର କମିବା ସଙ୍ଗେ ଅତୀତ କାଳ ସୂଚକ ତ ବା ଇତ ପ୍ରତ୍ୟୟ ତହିଁର ସ୍ଥାନ ଅଧିକାର କରିଥିଲା । ବୈଦିକ ଯୁଗରେ ମଧ୍ୟ ଏହି ପରିବର୍ତ୍ତନର ସ୍ୱପକ୍ଷୀୟ ଦେଖିବାକୁ ମିଳେ । ବେଦରେ ତ ପ୍ରତ୍ୟୟର ବ୍ୟବହାର ବିଶେଷ ଭାବରେ ହେଉଥିଲା । (Vedic Grammar A. A Macdonald) ଅଶୋକ ପ୍ରଭୃତିଙ୍କର ଶିଳାଲିପିରେ ଏହି ତ ପ୍ରତ୍ୟୟର ସ୍ଥାନ ଲକାର ଅଧିକାର କରିଥିଲା । ଅପଭ୍ରଂଶ ଭାଷାରେ କେବଳ 'ତ'ପ୍ରତ୍ୟୟ ଅତୀତ କାଳରେ ବ୍ୟବହୃତ ହେଉଥିଲା ଏବଂ ଲକାର ଲୋପ ହୋଇଥିଲା । ଏହି ତ, ଇତ ପ୍ରତ୍ୟୟ ଅପଭ୍ରଂଶ ଭାଷାରେ ଅଧିକାଂଶ ସ୍ଥଳରେ ଅ ଓ ଇ ଅ ରେ ପରିଣତ ହୋଇଥିଲା । ଦୃଷ୍ଟ 7 ଦେଖିଆ (ପଞ୍ଜାବୀ), ଦେଖିୟା (ହିନ୍ଦି) ଦେଖା । କିନ୍ତୁ ସୁପ୍ତ 7 ସୁଭ 7 ସୁତିଲା ଓଡ଼ିଆ । ମତ୍ତ ⅃ ମାତିଲା—ଓଡ଼ିଆ । ଏହି ଲ ପ୍ରତ୍ୟୟ ଇଲ ବା ଅଲ ରୂପରେ ଖ୍ରୀଷ୍ଟୀୟ ୧ମ ଶତାବ୍ଦୀରୁ କ୍ରମେ କ୍ରମେ ବିଶେଷ ଭାବରେ ବ୍ୟବହୃତ ହୋଇଥିଲା । ପରବର୍ତ୍ତୀ ଯୁଗରେ ଏହି ଇଲ ଓ ଅଲ ପ୍ରତ୍ୟୟ ଇଲ୍ଲ ରୂପରେ ପରିଣତ ହୋଇଥିଲା । ଯଥା—ଲୋହିଲ, ସୋହିଲ୍ଲ, ସାସିଲ୍ଲ । ଏହି ଇଲ୍ଲ ଓ ଅଲ୍ଲ ପ୍ରତ୍ୟୟ ଜୈନ ଭାଷାରେ ବିଶେଷ ଭାବରେ ଲକ୍ଷିତ ହୁଏ ।

ସୁତରାଂ ବଙ୍ଗ, ଆସାମୀ ଓ ଓଡ଼ିଆ ଭାଷାର ଇଲ ପ୍ରତ୍ୟୟ ବିହାରି ଭାଷାରେ ଅଲ ପ୍ରତ୍ୟୟ ଏବଂ ମରହଟ୍ଠି ଭାଷାରେ ଇଲ, ଅଲ ପ୍ରତ୍ୟୟ ଇଣ୍ଡୋ ଆର୍ଯ୍ୟାନ୍ ଭାଷାର ମୌଳିକ ତ ପ୍ରତ୍ୟୟ ଏବଂ ସ୍ୱାର୍ଥିକ ଇଲ ବା ଲ ପ୍ରତ୍ୟୟ ଯୋଗରେ ସିଦ୍ଧ ହୋଇ ଅଛି । ଏହି ମତ ୧ମରେ ଚାର୍ଲସ୍ କାସ୍ପ୍ଲ (Charles dyeail Enecy clopoedia Britanica

9th Edition)ରେ ପ୍ରକାଶ କରିଅଛନ୍ତି, ଏବଂ ସାର ରାମକୃଷ୍ଣ ଗୋପାଳ ଭଣ୍ଡାରକରଙ୍କର [ Wilsonphilolo gical lectures P223—224] ଏହି ମତର ସମର୍ଥନ କରି ଅଛନ୍ତି। ସେହି ଦିନଠାରୁ ଭାଷାତତ୍ତ୍ୱବିଦ୍‌ମାନେ ଏହି ମତକୁ ଗ୍ରହଣ କରିଛନ୍ତି। ଅର୍ଥାତ୍—ଅତୀତ କାଳରେ, ସଂସ୍କୃତ କ୍ତ ପ୍ରତ୍ୟୟାନ୍ତ ମୌଳିକ ଧାତୁରେ ଲ ବା ଇଲ (ସ୍ୱାର୍ଥିକ ଇଲ୍ଲ ପ୍ରତ୍ୟୟଜାତ) ଯୋଗ କରାଯାଏ। ତହିଁପରେ ବିଭକ୍ତି ଯୁକ୍ତ ହୁଏ। ଯଥା—ସୁପ୍ତ 7 ସୁତ+ଇଲ୍ (ଇଲ୍—ସୁତିଲ। ମତ+ଇଲ= ମାତିଲ।) ତେଣୁ ଭାଷାତତ୍ତ୍ୱଜ୍ଞଙ୍କ ମତଭେଦ ସ୍ଥଳରେ ମୋର ବିଶେଷ କିଛି କହିବାର ନାହିଁ। କିନ୍ତୁ ଚର୍ଯାରେ ଗାଇଡ଼, ସମାଇଡ଼ ପଦରେ ଡ଼ ର ଲ ହେବାର ଦୃଷ୍ଟାନ୍ତ ମିଳେ। ଓଡ଼ିଆରେ ଅତୀତ କାଳରେ ଧାତୁପରେ ଲ ବା ଇଲ ପ୍ରତ୍ୟୟର ବ୍ୟବହାର ହୁଏ। ସେହି ଲ ବା ଇଲ ପ୍ରତ୍ୟୟର ପ୍ରତ୍ୟୟାନ୍ତ ପଦ ମୌଳିକ ଧାତୁ ରୂପରେ ଗୃହୀତ ହୁଏ। ତହିଁପରେ ଅର୍ଥାତ୍ ଇଲ ବା ଲ ପ୍ରତ୍ୟୟ ପରେ ବର୍ତ୍ତମାନ କାଳର ପ୍ରତ୍ୟୟ ଯୋଗ ହୋଇ ଅତୀତ କାଳର ପୁରୁଷ ଓ ବଚନ ସୂଚିତ ହୁଏ। ଲ ବା ଇଲ ପ୍ରତ୍ୟୟ ଅତୀତ କାଳ ସୂଚିତ କରେ ଏବଂ ବର୍ତ୍ତମାନ କାଳର ପ୍ରତ୍ୟୟ ଗୁଡ଼ିକ ପୁରୁଷ ଓ ବଚନ ସୂଚିତ କରେ। ଯଥା—

| | | | ପୁରୁଷବାଚକ— |
|---|---|---|---|
| ସେ ଗଲେ | ତୁମ୍ଭେ ଗଲ | ମୁଁ ଗଲି | ଏ-ଆ ତୃତୀୟ-ପ୍ରଥମ |
| ସେ ଗଲା | ତୁ ଗଲୁ | ଆମ୍ଭେ ଗଲୁଁ | ଅ-ଉ ମଧ୍ୟମ |
| | | | ଇ-ଉ ଉତ୍ତମ |

ବର୍ତ୍ତମାନ କାଳରେ 'ସେ କରେ' କ୍ରିୟାରେ ଏକାର ପ୍ରତ୍ୟୟ ଲପ୍ରତ୍ୟୟରେ ଯୋଗ ହୋଇ 'ଗଲେ' ହୋଇଅଛି। ୧ମା ବହୁବଚନରେ ମଧ୍ୟ ଏ ପ୍ରତ୍ୟୟ ଯୋଗହୁଏ। ସେହି ଏପ୍ରତ୍ୟୟର ସାଦୃଶ୍ୟ ଯୋଗୁଁ ଗଲେ କ୍ରିୟା ବହୁବଚନ ବା ମାନ୍ୟାର୍ଥରେ ଏକବଚନ ସୂଚିତ କରେ। ଯଥା—ସେମାନେ ଗଲେ। ସେ ଗଲେ (ମାନ୍ୟାର୍ଥ)। କିନ୍ତୁ ମାନ୍ୟାର୍ଥ ନ ବୁଝାଇଲେ କେବଳ

୩ଗୋଟି ଲକାର ଅଗ୍ରୀତ କାଳରେ ବ୍ୟବହୃତ ହେଉଥିଲା । ସଂସ୍କୃତରେ ମଧ୍ୟ ତାହା ଚଳୁଅଛି । ସେହି ତିନି (ଲୁଙ୍, ଲଙ୍, ଲିଟ୍) ଲକାରର ବ୍ୟବହାର କ୍ରମେ କମି କମି ଶେଷରେ ଲୋପ ପାଇଥିଲା । ଦ୍ରାବିଡ ଭାଷାର ପ୍ରଭାବ ଏହି ପରିବର୍ତ୍ତନର କାରଣ ବୋଲି କେହି କେହି ନିର୍ଦ୍ଦେଶ କରିଥାନ୍ତି । ଏହି ସବୁ ଲକାର ବ୍ୟବହାର କମିବା ସଙ୍ଗେ ଅଗ୍ରୀତ କାଳ ସୂଚକ ତ ବା ଇତ ପ୍ରତ୍ୟୟ ତହିଁର ସ୍ଥାନଅଧିକାର କରିଥିଲା । ବୈଦିକ ଯୁଗରେ ମଧ୍ୟ ଏହିପରିବର୍ତ୍ତନର ବିପର୍ଯ୍ୟୟ ଦେଖିବାକୁ ମିଳେ । ବେଦରେ ତ ପ୍ରତ୍ୟୟର ବ୍ୟବହାର ବିଶେଷ ଭାବରେ ହେଉଥିଲା । (Vedic Grammar A-A Macdonald) ଅଶୋକ ପ୍ରଭୃତିଙ୍କର ଶିଳାଲିପିରେ ଏହି ତ ପ୍ରତ୍ୟୟର ସ୍ଥାନ ଲକାର ଅଧିକାର କରିଥିଲା । ଅପଭ୍ରଂଶ ଭାଷାରେ କେବଳ 'ତ'ପ୍ରତ୍ୟୟ ଅଗ୍ରୀତ କାଳରେ ବ୍ୟବହୃତ ହେଉଥିଲା ଏବଂ ଲକାର ଲୋପ ହୋଇଥିଲା । ଏହି ତ, ଇତ ପ୍ରତ୍ୟୟ ଅପଭ୍ରଂଶ ଭାଷାରେ ଅଧିକାଂଶ ସ୍ଥଳରେ ଅ ଓ ଇ ଅ ରେ ପରିଣତ ହୋଇଥିଲା । ଦୃଷ୍ଟ 7 ଦେଖିଆ (ପଞ୍ଜାବୀ), ଦେଖିୟା (ହିନ୍ଦି) ଦେଖା । କିନ୍ତୁ ସୁପ୍ତ 7 ସୁଭ 7 ସୁତିଲା ଓଡ଼ିଆ । ମତ୍ତ 7 ମାତିଲା—ଓଡ଼ିଆ । ଏହି ଲ ପ୍ରତ୍ୟୟ ଇଲ ବା ଅଲ ରୂପରେ ଖ୍ରୀଷ୍ଟୀୟ ୧ମ ଶତାବ୍ଦୀରୁ କ୍ରମେ କ୍ରମେ ବିଶେଷ ଭାବରେ ବ୍ୟବହୃତ ହୋଇଥିଲା । ପରବର୍ତ୍ତୀ ଯୁଗରେ ଏହି ଇଲ ଓ ଅଲ ପ୍ରତ୍ୟୟ ଇଲ୍ଲ ରୂପରେ ପରିଣତ ହୋଇଥିଲା । ଯଥା—ଲୋହିଲ, ସୋହିଲ୍ଲ, ସାସିଲ୍ଲ । ଏହି ଇଲ୍ଲ ଓ ଅଲ୍ଲ ପ୍ରତ୍ୟୟ ଜୈନ ଭାଷାରେ ବିଶେଷ ଭାବରେ ଲକ୍ଷିତ ହୁଏ ।

ସୁତରାଂ ବଙ୍ଗ, ଆସାମୀ ଓ ଓଡ଼ିଆ ଭାଷାର ଇଲ ପ୍ରତ୍ୟୟ ବିହାରୀ ଭାଷାରେ ଅଲ ପ୍ରତ୍ୟୟ ଏବଂ ମରହଟ୍ଟ ଭାଷାରେ ଇଲ, ଅଲ ପ୍ରତ୍ୟୟ ଇଣ୍ଡୋ ଆରିୟାନ୍ ଭାଷାର ମୌଳିକ ତ ପ୍ରତ୍ୟୟ ଏବଂ ସ୍ୱାର୍ଥିକ ଇଲ ବା ଲ ପ୍ରତ୍ୟୟ ଯୋଗରେ ସିଦ୍ଧ ହୋଇ ଅଛି । ଏହି ମତ ୧ମରେ ଚାର୍ଲ୍‌ସ୍ ଲ୍ୟାଲ (Charles dyeail Enecy clopcedia Britanica

9th Edition)ରେ ପ୍ରକାଶ କରି ଅଛନ୍ତି, ଏବଂ ସାର ରାମକୃଷ୍ଣ ଗୋପାଲ ଭଣ୍ଡାରକରଙ୍କର [ Wilsonphilolo gical lectures P223—224] ଏହି ମତର ସମର୍ଥନ କରିଅଛନ୍ତି । ସେହି ଦିନଠାରୁ ଭାଷାତତ୍ତ୍ୱବିଦ୍‌ମାନେ ଏହି ମତକୁ ଗ୍ରହଣ କରିଅଛନ୍ତି । ଅର୍ଥାତ୍—ଅତୀତ କାଳରେ ସଂସ୍କୃତ କ୍ତ ପ୍ରତ୍ୟୟାନ୍ତ ମୌଳିକ ଧାତୁରେ ଲ ବା ଇଲ (ସ୍ୱାର୍ଥିକ ଇଲ୍ଲ ପ୍ରତ୍ୟୟଜାତ) ଯୋଗ କରାଯାଏ । ତହିଁପରେ ବିଭକ୍ତି ଯୁକ୍ତ ହୁଏ । ଯଥା—ସୁପ୍ତ 7 ସୁତ+ଇଲ୍ (ଇଲ୍—ସୁତିଲ । ମତ୍ତ+ଇଲ= ମାତିଲ ।) ତେଣୁ ଭାଷାତତ୍ତ୍ୱଜ୍ଞଙ୍କ ମତଭେଦ ସ୍ଥଳରେ ମୋର ବିଶେଷ କିଛି କହିବାର ନାହିଁ । କିନ୍ତୁ ଚର୍ଯ୍ୟାରେ ଗାଇତ, ସମାଇତ ପଦରେ ତ ର ଲ ହେବାର ଦୃଷ୍ଟାନ୍ତ ମିଳେ । ଓଡ଼ିଆରେ ଅତୀତ କାଳରେ ଧାତୁପରେ ଲ ବା ଇଲ ପ୍ରତ୍ୟୟର ବ୍ୟବହାର ହୁଏ । ସେହି ଲ ବା ଇଲ ପ୍ରତ୍ୟୟର ପ୍ରତ୍ୟୟାନ୍ତ ପଦ ମୌଳିକ ଧାତୁ ରୂପରେ ଗୃହୀତ ହୁଏ । ତହିଁପରେ ଅର୍ଥାତ୍ ଇଲ ବା ଲ ପ୍ରତ୍ୟୟ ପରେ ବର୍ତ୍ତମାନ କାଳର ପ୍ରତ୍ୟୟ ଯୋଗ ହୋଇ ଅତୀତ କାଳର ପୁରୁଷ ଓ ବଚନ ସୂଚିତ ହୁଏ । ଲ ବା ଇଲ ପ୍ରତ୍ୟୟ ଅତୀତ କାଳ ସୂଚିତ କରେ ଏବଂ ବର୍ତ୍ତମାନ କାଳର ପ୍ରତ୍ୟୟ ଗୁଡିକ ପୁରୁଷ ଓ ବଚନ ସୂଚିତ କରେ । ଯଥା—

ପୁରୁଷବାଚକ—

| | | | |
|---|---|---|---|
| ସେ ଗଲେ | ତୁମ୍ଭେ ଗଲ | ମୁଁ ଗଲି | ଏ-ଆ ତୃତୀୟ-ପ୍ରଥମ |
| ସେ ଗଲା | ତୁ ଗଲୁ | ଆମ୍ଭେ ଗଲୁଁ | ଅ-ଉ ମଧ୍ୟମ |
| | | | ଇ-ଉ ଉତ୍ତମ |

ବର୍ତ୍ତମାନ କାଳରେ 'ସେ କରେ' କ୍ରିୟାରେ ଏକାର ପ୍ରତ୍ୟୟ ଲପ୍ରତ୍ୟୟରେ ଯୋଗ ହୋଇ 'ଗଲେ' ହୋଇଅଛି । ୧ମା ବହୁବଚନରେ ମଧ୍ୟ ଏ ପ୍ରତ୍ୟୟ ଯୋଗହୁଏ । ସେହି ଏପ୍ରତ୍ୟୟର ସାଦୃଶ୍ୟ ଯୋଗୁଁ ଗଲେ କ୍ରିୟା ବହୁବଚନ ବା ମାନ୍ୟାର୍ଥରେ ଏକବଚନ ସୂଚିତ କରେ । ଯଥା—ସେମାନେ ଗଲେ । ସେ ଗଲେ (ମାନ୍ୟାର୍ଥ) । କିନ୍ତୁ ମାନ୍ୟାର୍ଥ ନ ବୁଝାଇଲେ କେବଳ

ଏକବଚନ ବୁଝାଇଲେ 'ଆ' ପ୍ରତ୍ୟୟ ଯୋଗହୁଏ । ଯଥା—ସେ ଗଲା । କିନ୍ତୁ ମଧ୍ୟମ ପୁରୁଷରେ ବର୍ତ୍ତମାନ କାଳର ଅନୁଜ୍ଞାର୍ଥକ ଲୋଟ ଲକାର ପ୍ରତ୍ୟୟ ଯୋଗହୁଏ । ଅତୀତ କାଳରେ ମଧ୍ୟମ ପୁରୁଷ ଏକ ବଚନରେ ଅନୁଜ୍ଞାର ମଧ୍ୟମ ପୁରୁଷ ବହୁବଚନର 'ଅ' ପ୍ରତ୍ୟୟ ଯୋଗ ହୋଇ 'ଗଲ' ହୋଇଅଛି । ପ୍ରାକୃତରେ ଲୋଟ ମଧ୍ୟମ ପୁରୁଷ ବହୁବଚନରେ 'ହ' ପ୍ରତ୍ୟୟ ହୁଏ (ପ୍ରା· ପ୍ର. ୭/୧୯) ଯଥା—ହସତ 7 ହସହ7ହସଅ 7 ହସ । ତେଣୁ ଓଡ଼ିଆରେ ମଧ୍ୟ ବହୁବଚନରେ ମଧ୍ୟମ ପୁରୁଷରେ ଅ-ପ୍ରତ୍ୟୟ ହୁଏ । ଏହି ପ୍ରତ୍ୟୟ ବହୁବଚନରେ ଓ ମାନ୍ୟାର୍ଥରେ ଏକ ବଚନରେ ବ୍ୟବହୃତ ହୁଏ । କିନ୍ତୁ ମାନ୍ୟ ଅର୍ଥ ନ ବୁଝାଇଲେ ଲ ପ୍ରତ୍ୟୟରେ ଅନୁଜ୍ଞା ୧ମ ପୁରୁଷ ଉ ଏକବଚନର ପ୍ରତ୍ୟୟର 'ଉ' ପ୍ରତ୍ୟୟ ଯୋଗହୁଏ । ଯଥା—ଗୁଚଲୁ (7ଗଲ+ଉ) ଅନୁଜ୍ଞା ୧ମ ପୁରୁଷର ଖାଉ ଜାଉ, ବସୁ ପ୍ରଭୃତି କ୍ରିୟାର 'ଉ'ପ୍ରତ୍ୟୟ ଯୋଗ ହୋଇ ମଧ୍ୟମ ପୁରୁଷରେ ଅମାନ୍ୟାର୍ଥେ ପ୍ରକାଶ କରେ ।

ଉତ୍ତମ ପୁରୁଷ ଏକବଚନରେ ଇଲ ବା ଲ ପ୍ରତ୍ୟୟପରେ ବର୍ତ୍ତମାନ କାଳ ଉତ୍ତମ ପୁରୁଷ ଏକ ବଚନର ମି ପ୍ରତ୍ୟୟ ଜାଇ ଇଁ ପ୍ରତ୍ୟୟ ଯୋଗ ହୁଏ । ଯଥା—ମୁଁ ଗଲି, ଗଲିଁ । ମୁଁ ଖାଇଲିଁ କ୍ରିୟାର ଇଁ ବା ଇ ପ୍ରତ୍ୟୟ ଯୋଗ ହୋଇ 'ଗଲି' ପଦ ହୋଇ ଅଛି । କେହି ୨ ସାନୁନାସିକ ଉଚ୍ଚାରଣ କରନ୍ତି । ସାଧାରଣତଃ ନିରନୁନାସିକ ଭାବରେ ଉଚ୍ଚାରିତ ହୁଏ । ସୁମିତ ବାବୁ 'ପୋହାଇଲି' ମେଲିଲି (୮) ଭେଟିଲି (୧୦) ବୁଡ଼ିଲି ପ୍ରଭୃତି କ୍ରିୟାର ଶେଷରେ ଇ କାର ଦେଖି ଏହି କ୍ରିୟାକୁ ସ୍ତ୍ରୀ ଲିଙ୍ଗ ବୋଲି ନିର୍ଦ୍ଦେଶ କରିଛନ୍ତି । ( O D. B.L: 985) । କିନ୍ତୁ ଓଡ଼ିଆରେ ଅତୀତ କାଳର କ୍ରିୟା, କର୍ତ୍ତା ବା କର୍ମର ଲିଙ୍ଗ ଗ୍ରହଣ କରେ ନାହିଁ । ଏହି ପ୍ରତ୍ୟୟଜାତ ଲି ବା ଇଲି ବର୍ତ୍ତମାନ କାଳୀନ କ୍ରିୟାର ପ୍ରତ୍ୟୟ ଗ୍ରହଣ କରେ । ତହିଁର ଦୃଷ୍ଟାନ୍ତ ଦିଆଗଲା । ଓଡ଼ିଆପଦ୍ମ ଚର୍ଯାରେ-ମେଲିଲି (୮) ବୁଡ଼ିଲି (୧୪) ଲେଲି (୪୯) ପୋହାଇଲି (୨୮) ପ୍ରଭୃତି ପଦରେ କ୍ରିୟାଟି ଉତ୍ତମ ପୁରୁଷ ଏକବଚନରେ ବ୍ୟବହୃତ ହୋଇଅଛି । ତେଣୁ ସ୍ତ୍ରୀଲିଙ୍ଗର ସମ୍ଭାବନା ନାହିଁ । ଓଡ଼ିଆ ଉତ୍ତମ ପୁରୁଷ ଏକବଚନରେ ସଦା ସର୍ବଦା

'ଲ' ପ୍ରତ୍ୟୟ ବ୍ୟବହୃତ ହୁଏ । ଯଥା—ବଣାହେଲ ଚେଜୁଁ ଦଣ୍ଡେ । ବଉରି ହେଲ କ ଦଣ୍ଡେ । (ବୈ· ବ· ୨୭ଗ୍ଥ ୧୧ପ) ବହାଯୁସ କାଣୀ ଶୁଣି ନୟନ ବୁଜଲ । ବହାର ଡେଇଁ ପଡ଼ଏ ଗିରରେ ସର୍ଜିଲ ।

(ବୈ· ବ. ୨୭ଗ୍ଥ ୩୪ପ)

ନିଜ କାନ୍ତ ନାମ ଜାଣିନାହିଁ ଗୋ । ବଧୂସେନ ବୋଲ ଦେଲ କହ୍ହ

(ବ· ଚ· ୭୬ଗ୍ଥ ୨୭ପ)

କାହିଁ କମ୍ପଇ ଅଛୁ ପଳାଇ ଗଲଣି ସବୁଜାଣି ।

(ବ. ଚ· ୧୪/୩ ପ)

ଓଡ଼ିଆରେ ଉତ୍ତମ ପୁରୁଷ ବହୁବଚନରେ ଲ ବା ଇଲ ପ୍ରତ୍ୟୟ ପରେ ବର୍ତ୍ତମାନ କାଳର ମୁଁ ପ୍ରତ୍ୟୟ ଜାତ ଉଁ ପ୍ରତ୍ୟୟ ଯୋଗ ହୁଏ । ଯଥା— ଗଲୁଁ, ଖାଇଲୁଁ ପ୍ରଭୃତି । ଅର୍ଥାତ୍ ଖାଉଁ, ଯାଉଁ ପ୍ରଭୃତି କିୟାର ଉଁପ୍ରତ୍ୟୟ ଅତୀତ କାଳର ଲ ବା ଇଲ ପ୍ରତ୍ୟୟ ସହିତ ମିଳିତ ହୋଇ ଉତ୍ତମ ପୁରୁଷ ବହୁବଚନ ସୂଚିତ କରେ ଏବଂ ମାନ୍ୟାର୍ଥରେ ଏକବଚନରେ ମଧ୍ୟ ବ୍ୟବହୃତ ହୁଏ । କ୍ରମେ ୨ ଅନୁସ୍ୱାର ଲୋପହୋଇ ଗଲୁ ଖାଇଲୁ ପ୍ରଭୃତି ମଧ୍ୟ ହୋଇଥାଏ । ଓଡ଼ିଆରେ ସାନୁନାସିକ ଓ ନିରନୁନାସିକ ଉଭୟ ପ୍ରକାର ପ୍ରୟୋଗ ଦେଖିବାକୁ ମିଳେ । ଯଥା —

କଲୁ ଗମନ ପଠିଆଇ, କର ଯେ ଯାହା କର୍ମ ଯାଇ ।

(ବ· ଚ. ୭୬ଗ୍ଥ ୨୪ପ)

କଂସ ଦୂତ ବତାସ କଲ୍ଲ ତ ଏବେ ନାଶ ଦେଖୁଁ ଦେଖୁଁ
ଦୁଃଖକୁ ଗଲୁ ହେ ।

(ର· କ. ୨୭ଗ୍ଥ ୧୭ପ)

ଚର୍ଯାରେ ମଧ୍ୟ ଏହି ଲୁ-ପ୍ରତ୍ୟୟ ଦେଖିବାକୁ ମିଳେ । ଯଥା—ଲୁଡ଼ିଲୁ(୪୯) ଅହାରିଲୁ(୧୯) ଚର୍ଯାରେ ସ୍ଥାନେ ୨ ଲ-ପ୍ରତ୍ୟୟଟିର ଲୋପ ହେବାର ମଧ୍ୟ ଦେଖାଯାଏ । ଯଥା—ବହରିଉ 7 ବହରିଲୁ । ଣିବାରିଉ 7 ନିବାରିଲୁ (୩୧) ଗଉ 7 ଗଲୁ (୨୭) ପ୍ରଭୃତି ।

ସ୍ଥାନେ ୨ ଚର୍ଯାରେ ଲ ବା ଇଲ ପ୍ରତ୍ୟୟାନ୍ତ ପଦଭିନ୍ନ ତ ପ୍ରତ୍ୟୟାନ୍ତ ପଦର ମଧ୍ୟ ବ୍ୟବହାର ହୁଏ । ଯଥା—

ପଇଠା (୧), ଢ଼ଠା (୧) ,, ବଇଠା (୧) ଇତ୍ୟାଦି ।
ପ୍ରବିଷ୍ଟ ଦୁଷ୍ଟ ବିଷ୍ଟ ।

## ଭବିଷ୍ୟତ୍ କାଲ

ଓଡ଼ିଆରେ ଇବ ପ୍ରତ୍ୟୟ ଭବିଷ୍ୟତ କାଳ ସୂଚିତ କରେ । ଏହି ପ୍ରତ୍ୟୟର ମୂଳ ବିଷୟରେ କିଛି ସନ୍ଦେହ ନାହିଁ । ସଂସ୍କୃତର କୃତ୍ୟ ପ୍ରତ୍ୟୟାନ୍ତର୍ଗତ ତବ୍ୟ ବା ଇତବ୍ୟ ପ୍ରତ୍ୟୟରୁ ଏହା ଆସିଅଛି । ପ୍ରଥମରେ ପ୍ରାଚୀନ ଆର୍ଯଭାରତୀୟ ଭାଷାରେ ତବ୍ୟ ବା ଇତବ୍ୟ ପ୍ରତ୍ୟୟ ଥିଲା । କିନ୍ତୁ ମଧ୍ୟବର୍ତ୍ତୀ ଆର୍ଯଭାରତୀୟ ଭାଷାରେ ତବ୍ୟ ପ୍ରତ୍ୟୟ ଅଭ, ଅବ, ଏବ ପ୍ରଭୃତି ରୂପରେ ପରିଣତ ହୋଇଥିଲା । ( **Pischel, Phtspracher P 570**) ପ୍ରାକୃତ ବୈୟାକରଣଙ୍କ ମତରେ – ତବ୍ୟସ୍ୟ ଏବଇ, ଏପଇ, ଏବାଃ (ଷଡ଼ଭାଷା ଚନ୍ଦ୍ରିକା ତବ୍ୟ ପ୍ରତ୍ୟୟ ଏବଇ ଏପଇ ଏବଂ ଏବ ପ୍ରତ୍ୟୟରେ ପରିଣତ ହୁଏ । ଯଥା—ଦେତବ୍ୟ 7 ଦିଏବ ଦାତବ୍ୟ, ଦାଏବ ।

ଋଗ୍‌ବେଦରେ ତବ୍ୟ ପ୍ରତ୍ୟୟର ବ୍ୟବହାର ନାହିଁ । ଅନ୍ୟାନ୍ୟ ବେଦରେ ତବ୍ୟ ପ୍ରତ୍ୟୟର ବ୍ୟବହାର ଅତି ବିରଳ । ଏହି ତବ୍ୟ ପ୍ରତ୍ୟୟର ବୈଦିକ ପ୍ରତ୍ୟୟ ନୁହେଁ, କିନ୍ତୁ ନୂତନ । ଏହି ନୂତନ ତବ୍ୟ ପ୍ରତ୍ୟୟ ବୈଦିକ ତ୍ୱଅ ବା ତ୍ୱ ସ୍ଥାନ ଅଧିକାର କରିଥିଲା । ଏବଂ ଲୌକିକ ସଂସ୍କୃତରେ ବିଶେଷ ଭାବରେ ବ୍ୟବହୃତ ହୋଇଥିଲା ।

୧ମରେ ତବ୍ୟ ପ୍ରତ୍ୟୟ ଭବିଷ୍ୟତ କାଳୀନ ବିଧି ବା ଅନୁଜ୍ଞା ଅର୍ଥରେ ପ୍ରଯୁକ୍ତ ହୋଇଥିଲା । କିନ୍ତୁ କାଳକ୍ରମରେ ଏହି ତବ୍ୟ ପ୍ରତ୍ୟୟ ଭବିଷ୍ୟତ କାଳର ଦ୍ୟୋତକ ହେଲା !

ଦା. ଦେ.—**Bhandarkar** says—ଦାସ୍ୟତି = ଦାସଇ—ଦାହିର ଦାଅଇ = ଦାଇ-ଦେ । ଦାତବ୍ୟ = ଦାଅବ+ଅ = ଦା+ଅ+ବ+ଇଅ । ଦା+ଇଅ+ବ = ଦାଇ (ଅ) ବ = ଦେବ । ଏହି ତବ୍ୟ ପ୍ରତ୍ୟୟରୁ ଜାତ

ପ୍ରାକୃତରେ ଏବ ପ୍ରତ୍ୟୟ ଇବରେ ପରିଣତ ହୋଇ ଓଡ଼ିଆ ଭାଷାରେ ଭବିଷ୍ୟତ କାଳ ସୂଚିତ କରେ । ଯଥା—ଜ୍ଞେତବ୍ୟ 7 ଜେଏବ 7 ଜିତିବ । ଦାତବ୍ୟ 7 ଦାଏବ 7 ଦାଇବ 7 ଦେବ ।

ଧନଦାଇବ, ଦଆଇବ ।

ଦେବତ ରଖିବ ( ଚକୁଳିଆ ପଣ୍ଡା ଗୀତ )

ଅତୀତ କାଳର ଲ ବା ଇଲ ପ୍ରତ୍ୟୟରେ ବର୍ତ୍ତମାନ କାଳର ପ୍ରତ୍ୟୟ ଯୋଗ ହେଲା ପରି-ଏହି ଇବ ପ୍ରତ୍ୟୟରେ ମଧ୍ୟ ବର୍ତ୍ତମାନ କାଳର ଯୋଗ ହୁଏ । ବର୍ତ୍ତମାନ କାଳର ପ୍ରତ୍ୟୟ ପୁରୁଷ ଓ ବଚନ ସୂଚିତ କରେ । ଏବଂ ଏହି ଏହି ଇବ ପ୍ରତ୍ୟୟ ଭବିଷ୍ୟତ କାଳ ଦ୍ୟୋତିତ କରେ ।

ଯଥା—

| | | |
|---|---|---|
| ସେ ଦେବ | ତୁ ଦେବୁ | ମୁଁ ଦେବି |
| ସେ ଦେବେ | ତୁମ୍ଭେ ଦେବ | ଆମ୍ଭେ ଦେବୁଁ |
| ସେମାନେ ଦେବେ | ତୁମ୍ଭେମାନେ ଦେବ | ଆମ୍ଭେମାନେ ଦେବୁ |

ଠିକ ଅତୀତ କାଳର ଲ ପ୍ରତ୍ୟୟ ପରି ୧ମ ପୁରୁଷ ୧ବଚନରେ ଅମାନ୍ୟାର୍ଥରେ କୌଣସି ପ୍ରତ୍ୟୟ ବ୍ୟବହୃତ ହୋଇନାହିଁ । କେବଳ ଇବ ପ୍ରତ୍ୟୟ ଭବିଷ୍ୟତ କାଳ ୧ମ ଏକବଚନ ସୂଚିତ କରୁଅଛି । କିନ୍ତୁ ମାନ୍ୟାର୍ଥେ ଏକ ବଚନରେ ବର୍ତ୍ତମାନ କାଳର 'କରେ, ଖାଏ' ପ୍ରଭୃତି କ୍ରିୟାର 'ଏ' ପ୍ରତ୍ୟୟ ଇବ ପ୍ରତ୍ୟୟରେ ଯୋଗ ହୋଇଅଛି । ମାନ୍ୟାର୍ଥେ ଏକବଚନର ସାଦୃଶ୍ୟ ଯୋଗୁଁ ବହୁବଚନରେ ମଧ୍ୟ ସେହି ଏ-ପ୍ରତ୍ୟୟ ଯୋଗ ହୁଏ । କିନ୍ତୁ ଅତୀତ କାଳପରି ମଧ୍ୟମ ପୁରୁଷରେ ଅମାନ୍ୟାର୍ଥରେ ଲୋଟ ଲକାର ୧ମ ପୁରୁଷର 'ଉ' ପ୍ରତ୍ୟୟ ଯୋଗ ହୁଏ । ଯଥା—ତୁ ଦେବୁ । ମଧ୍ୟମ ପୁରୁଷ ବହୁବଚନରେ ମଧ୍ୟମ ପୁରୁଷ ବହୁବଚନର ଅ- ପ୍ରତ୍ୟୟ ଯୋଗହୁଏ । ଯଥା—ତୁମ୍ଭେ ବା ତୁମ୍ଭେମାନେ ଦେବ । ଭବିଷ୍ୟତ କାଳର ଉତ୍ତମ ପୁରୁଷରେ ଲଟ ଲକାର ବର୍ତ୍ତମାନକାଳର ଉତ୍ତମପୁରୁଷର ମି ଜାତ ଇଁ ବା ଇ ପ୍ରତ୍ୟୟ ଓ ମୁ-ଜାତ ଉଁ ବା ଉ-ପ୍ରତ୍ୟୟ ଇବ ପ୍ରତ୍ୟୟ ସହିତ ଯୁକ୍ତ ହୁଏ । ଯଥା—ମୁଁ ଦେବି (ଏକ ବଚନ ) । ଆମ୍ଭେ

ଦେବୁ (ମାନ୍ୟାର୍ଥରେ ବହୁବଚନ), ଆମ୍ଭେମାନେ ଦେବୁ (ବହୁବଚନ)
ଭ୍ରସିଯିବ ସୁଭ୍ରଷୀ ଦାସୀ ଏ ହେଲେ ଭ୍ରଷି ଏ ଚିନ୍ତାମଣି ନାଶିବ କେ ।
(ପ୍ର· ପୃ· ଚ ୭ସ୍ଥ ୨ପ)

କଙ୍କଣାବର କଙ୍କର ବରନରାଜ ଟାଦେ ଦେବ
ସଙ୍ଗୀନଙ୍କର ସଙ୍ଗିମା କର ନେହିଲେ ପ୍ରାଣ ଦେବ । (ବି· ଚି· ୪ସ୍ଥ ୧୯ପ)
କାର୍ଯ୍ୟରେ ମଧ୍ୟ ସେହିପରି ଭବିଷ୍ୟତ କାଳରେ ଇବ ପ୍ରତ୍ୟୟ ବ୍ୟବହୃତ ହୋଇଅଛୁ ଏବଂ ବର୍ତ୍ତମାନ କାଳର ପ୍ରତ୍ୟୟ ପୁରୁଷ ଓ ବଚନର ସୂଚକ ରୂପରେ ଇବ ପ୍ରତ୍ୟୟରେ ଯୁକ୍ତ ହୋଇଅଛୁ । ଯଥା—ଦିବ (୨୯, ତୁମ୍ଭେ ହୋଇବ (୫) ହୋଇବ (୫) କରିବ (୭, ୧୦) ଜାଇବ (୧୪), କରିବ (୩) ଖାଇବ (୩୯) କହିବ (୪୦)
୪୫ ଚର୍ଯାରେ (ଶାନ୍ତ) ବୁଲଥେଉ ପଦ ବୁଲୁଥାଉ ଅର୍ଥରେ ବ୍ୟବହୃତ ହୋଇଅଛୁ । ଚର୍ଯାରେ ଏହି ପଦଟି ଯୌଗିକ କ୍ରିୟାରୂପରେ ପ୍ରଯୁକ୍ତ ହୋଇ ଅଛୁ । ଏଠାରେ ମୌଳିକ କ୍ରିୟା ପଦରେ ଥା-ଧାତୁ ଯୋଗ ହୋଇଛୁ । ଓଡ଼ିଆରେ ଥା-ଧାତୁ ଯୋଗ ହୋଇ ସାଧାରଣରେ କ୍ରିୟା ଗଠିତ ହୋଇଥାଏ । ଯଥା—ହୋଇଥାଏ,, ଖାଇଥିଲ, ଖାଇଥାଉ, ଖାଇଥିବ ପ୍ରଭୃତି । ଏହା ଓଡ଼ିଆ ଭାଷାର ବିଶେଷତ୍ୱ । ହିନ୍ଦିରେ ଥା-ଖାୟାଥା, ଖାଉଥା । ଯଥା—

ଗୃହିଁ ପଦ୍ମ ବଂଶୀଧର ଗୋଟ ହୋଇ ଯାଉଥାଇ ଅଧର ଗୋ
( ବି. ଚି. ୩୮ ସ୍ଥ ୭ପ )
କରିଥାଇ ଯେ ଅନେକ ସୁକୃତ, କେଶବ କାର୍ଯେ ଲଗଇ ତା ବଣ୍ଡ ।
( ର. କ. ୫ସ୍ଥ ୨୭ପ )

କିନ୍ତୁ ବଙ୍ଗଭାଷାରେ ଏପରି ପଦର ବ୍ୟବହାର ଦେଖିବାକୁ ମିଳେ ନାହିଁ ।

## କ୍ରିୟାବାଚକ ବିଶେଷ୍ୟ ଓ ବିଶେଷଣ

ଓଡ଼ିଆରେ ଅତୀତକାଳରେ ଧାତୁପରେ ଇଲ ବା ଲ ପ୍ରତ୍ୟୟ ସ୍ଥାନରେ ଇଲ୍ ବା ଲ୍ ଯୋଗ ହୁଏ । କିନ୍ତୁ ସେହି ଲ ବା ଇଲ ପ୍ରତ୍ୟୟାନ୍ତ

ପଦ ଓଡ଼ିଆରେ ବିଶେଷଣ ଓ ବିଶେଷ୍ୟ ଉଭୟ ଭାବରେ ବ୍ୟବହୃତ ହୁଏ । ଯଥା—ବିଶେଷଣ—

ଗଲ୍ଣି ଟି ଗଲ୍ପ କଥାରେ ସଙ୍ଗାତ । କବିସୂର୍ଯ୍ୟ ର ।

ବିଶେଷ୍ୟ—ମୁଁ ଶୁଣିଥିଲାକୁ କହିଲ । ବି. ଚି. ୪୩ ଗୁ. ୭ପ ।

କେହି ନ କଣିଲାରୁ ମୋହର ବଞ୍ଚି, ପୁତ୍ରକୁ ଘେନ ଲେଖେ ବାହୁଡ଼ି ଯାଉଛି । (ଦାଣ୍ଡି ରା.)

କମଳା ଗଲାରୁ ବିରହ ସନ୍ତାପେ ବିବର୍ଣ୍ଣ ହେଲା ତବ ବାମା (ଯଯାତି)

ଚର୍ଯାରେ ମଧ୍ୟ ଏହି ଲ ଇଲା ପ୍ରତ୍ୟୟ ଠିକ୍ ଏହି ଭାବରେ ବିଶେଷଣ ଓ ବିଶେଷ୍ୟ ଭାବରେ ବ୍ୟବହୃତ ହୋଇଅଛି । ବିଶେଷଣ ଯଥା—

ଦୁହିଲ ଦୁଧି (୩୩) ବିଶେଷ୍ୟ ଯଥା—ସହଜ ଛେଲ ବାଜାଅ (୪୦) ସେହିପରି ଭବିଷ୍ୟତ କାଳର 'ଇବା' ପ୍ରତ୍ୟୟ ଓଡ଼ିଆରେ ବିଶେଷଣ ଓ ବିଶେଷ୍ୟ ଉଭୟ ଭାବରେ ବ୍ୟବହୃତ ହୁଏ । ଯଥା—

ବିଶେଷ୍ୟ—ଖାଇବାର ପୁତ୍ରଗଲା ମଥୁରା ପୁରକୁ (କେ, କୋ)

ବିଶେଷଣ—କହିବା କଥା ନ କଲୁରେ (ବି. ଚି ୭୬ଗୁ ୧୦ପ)

ଏହି ଇବା ପ୍ରତ୍ୟୟ ର ୪ର୍ଥୀ ବିଭକ୍ତିରେ 'କୁ' ପ୍ରତ୍ୟୟ ଯୋଗ-ହୋଇ ଓଡ଼ିଆରେ ନିମିତ୍ତାର୍ଥ ବା ତୁମର୍ଥ (infinitive) ପ୍ରକାଶିତ ହୁଏ । ଯଥା—ଶୁଣିବାକୁ ପ୍ରେମରାଶି ଲୋଡ଼ି । ବୈ. ବି. ୨୦ଗୁ ୮ପ

ବନ୍ଧୁ ଜୀବ ବୋଲିବାକୁ ବନ୍ଧୁ ଜୀବ ଭବ ଯେ । ବୈ. ବି. ୪୮ଗୁ ୭ପ ସଂସ୍କୃତରେ ତୁମର୍ଥାଦି ଭାବବଚନାତ୍ । ସୂତ୍ର ଅନୁସାରେ ନିମିତ୍ତାର୍ଥରେ ଭାବବାଚକ ପ୍ରତ୍ୟୟ ପରେ ୪ର୍ଥୀ ବିଭକ୍ତି ହୁଏ । ଯଥା—

ପାକାୟ ଗଚ୍ଛତି—ରାନ୍ଧିବାକୁ ଯାଉଛି । ଏହିପରି ନିମିତ୍ତାର୍ଥରେ ଇବା ପରେ କୁର ପ୍ରୟୋଗ ବଙ୍ଗପ୍ରଭୃତି ଆର୍ଯ୍ୟ ଭାଷାରେ ନାହିଁ । କିନ୍ତୁ ଦ୍ରାବିଡ଼ ଭାଷାରେ ନିମିତ୍ତାର୍ଥରେ 'କୁ', 'ବାକୁ' ପ୍ରତ୍ୟୟହୁଏ । ଯଥା—ଚେଶିବାକୁ= କରିବାକୁ, ବରୁବାକୁ = ଆସିବାକୁ ପ୍ରଭୃତି ।

ଏହି ବାକୁ ପ୍ରୟୋଗ ଦ୍ରାବିଡ଼ଭାଷାରୁ ଆସିଅଛି ବୋଲି ଗୋପୀନାଥ ନନ୍ଦଙ୍କର ମତ [ଓ. ଭାଷାତତ୍ତ୍ୱ ପୃ ୭୫୯] । ପ୍ରକୃତରେ ଦ୍ରାବିଡ଼ ଭାଷାର 'ବାକୁ' ଅନୁକରଣରେ ଓଡ଼ିଆ ଇବା ପ୍ରତ୍ୟୟାନ୍ତ ।

ବିଶେଷ୍ୟରେ ୪ର୍ଥୀର କୁ ପ୍ରତ୍ୟୟ ଯୋଗ ହୋଇ ନିମିତ୍ତାର୍ଥ ପ୍ରକାଶିତ ହୋଇଥାଏ ।

ଚର୍ଯାରେ ମଧ୍ୟ ଏହିପରି ପ୍ରୟୋଗ ଅଛି । ଯଥା—

ବାହ୍‌ବକେ ପାରଅ (୮)

ବାହ୍ୱିବା କଇ = ବାହିବାକୁ ପାରଇ । ବାହିବାକଇ—(କେ ସ୍ଥାନରେ କଇ ପ୍ରତ୍ୟୟ ବ୍ୟବହାର ବଳରାମ ଦାସଙ୍କ ରାମାୟଣରେ ପ୍ରୟୋଗ ଅଛି ।

ବିଶେଷ୍ୟ ଭାବରେ ବା ପ୍ରତ୍ୟୟ—ଯଥା—

ଜୋ ରଥେ ଚଢ଼ିଲା ବାହବା (ବାହ୍ୱିବା) ନ ଜାଇ

କୁଲେ ୨ ବୁଲଇ (୧୪)

—×—

## ଅସମାପିକା କ୍ରିୟା

ଚର୍ଯାରେ ଅସମାପିକା କ୍ରିୟା ଭାବରେ ତଳଲିଖିତ ପ୍ରତ୍ୟୟମାନ ବ୍ୟବହୃତ ହୋଇଅଛି । ଯଥା— ଇ ପ୍ରତ୍ୟୟ—

ଏଡ଼ି,ଭଡ଼ି (୧)ଚୁମ୍ବି (୪) ମେଲି (୭)ଘିଣି ଜାଣି (୬) ଦେଖିଗଇ ହେରି (୭) ଥୋଇ, ଉପାଡି, ପୁଛି, ଗୃପି, ମିଳି ୨ (୮) ଛୋଇ ୨(୧୦) ଚଢି (୧୦) ମାରି, ହେରି (୧୩)ବାନ୍ଧି (୧୪) ହୋଇ ଗୁଡି (୧୫) ଶୁଣି (୧୬) ହୋଇ (୧୭ ଗୃହିଁ (୨୦) ଜାଇ, ଉଠି (୨୧) ରଚି ୨ (୨୩ ଧୁଣି ୨ (୨୬) ଉଜୋଳି (୩୦) ଲଇ (୩୫) ଜାଣି, ବଖାଣି (୩୭) ଲଇ (୩୮ ) ଦେଖି (୪୧) ଜାଇ(୪୩) ବଳି ୨ (୪୬) ତୋଳି (୫୦

ଇଅ ପ୍ରତ୍ୟୟ— ଜୋଡିଅ (୫) ହାରିଅ (୯) ଧରିଅ [୧୦] ଲଇଅ [୧୧] ମରିଅ [୧୧] କଅ [୧୩] ବୁଜଅ [୧୫] ଗୃଳଅ (୨୬) ବୁଝିଅ ୩୦ ଘୋରିଅ ୩୭ ନାଶିଅ (୩୯)

ଇଆ ପ୍ରତ୍ୟୟ—ବନ୍ଧୁଆ (୪) ରେ ଡ଼ଆ, କରିଆ ଗୁଣିଆ (୧୨) ଗୁଣିଆ (୧୭) ଗୁଣିଆ (୧୭) ଲଇଆ, ପସିଆ (୩୪) ଚଳିଆ (୪୩) ସନ୍ତ ପଡ଼ଆଁ (୪୫) ଲଇଆ (୪୯,୫୦)

ଉଣ ପ୍ରତ୍ୟୟ—ପାଡଉଣ (୫)

ଉ ପ୍ରତ୍ୟୟ—ମୋଡଉ, ଛୋଡ଼ଉ ୯ କଉ ୧୧
ଇଣ ପ୍ରତ୍ୟୟ—ପରହଣ ୨୮

ବୈଦିକ ଭାଷାରେ ତ୍ୱା ତ୍ୱ୍ୟ ତ୍ୱାୟ ଏବଂ ଯପ୍ରତ୍ୟୟର ବ୍ୟବହାର ଦେଖିବାକୁ ମିଳେ । ଲୌକିକ ସଂସ୍କୃତରେ । କ୍ତ୍ୱା ଓ ଯ ୨ ଟିମାତ୍ର ପ୍ରତ୍ୟୟ ପ୍ରଯୁକ୍ତ ହୋଇଥାଏ । ପାଲି ଏବଂ ଅଶୋକଙ୍କ ପ୍ରାକୃତରେ ତ୍ୱିନଂ ତ୍ୱାନଂ ତୂନଂ ଏବଂ ଯ ଇୟ, ଯ୍ୟାନ ଏବଂ ଇୟାନ ପ୍ରତ୍ୟୟର ବ୍ୟବହାର ହୋଇଅଛି ।

[ Pali Grammar and Muller P. 128 ]

ପରବର୍ତ୍ତୀ ପ୍ରାକୃତରେ ତ୍ୱା 7 ଖ, ତା, ତ୍ୱା 7 ତୁଆ 7 ଦୁଆ, ତ୍ୱାନଂ ଖଣଂ, ତ୍ୱାନଂ 7 ତୁବାଣଂ, ତୁଆଣଂ, ତୂଣଂ 7 ଦୁଣ ଭଣଂ, ଏବଂ ଯ 7 ଇଅ 7 ଇ ରେ ପରିଣତ ହେବାର ଦେଖାଯାଏ ।

ପ୍ରାକୃତ ବୈୟାକରଣଙ୍କ ମତରେ "କ୍ତ୍ୱ ଯପ୍ରୋ ସ୍ତୂଣ ଭୂଣ ମୌ ଭୋ ଦ୍ୱି ଲୁକ୍ ଚ କ୍ୱଚିତ୍" କ୍ତ୍ୱ ଯପ୍ରୋଃ ସ୍ଥାନେ ତୂଣ ଭୂମ ଣୌ ସ୍ୟାତାମ୍ ଅନୟୋସ୍ତକାରସ୍ୟ କ୍ୱଚଦ୍ ଦ୍ୱିର୍ଭବଃ କ୍ୱଚିତ୍ ଲୁକ୍ ଚ ସ୍ୟାତ୍ । ଇଅ ଉରଣଶ୍ଚ କ୍ତ୍ୱ ଯପ୍ରୋଃ ସ୍ୟାତାଂ ।" ( ପ୍ରାକୃତସ P. 34 ) ପ୍ରାକୃତରେ କ୍ତ୍ୱା ପ୍ରତ୍ୟୟର ଭୂଣ ତୂଣ ଭୂମଣ ତୂମଣ ଉଣ ଓ ଉଇଣ ପ୍ରତ୍ୟୟ ହୁଏ ଏବଂ ଲ୍ୟପ୍ ପ୍ରତ୍ୟୟର ଇଅ ହୁଏ । କ୍ତ୍ୱ ପ୍ରତ୍ୟୟର ଉଆଣ ମଧ୍ୟ ହୁଏ ।

ସଂସ୍କୃତ ଲ୍ୟପ୍ ପ୍ରତ୍ୟୟ ପ୍ରାକୃତରେ ଇଅପ୍ରତ୍ୟୟରେ ପରିଣତ ହୁଏ । ସେହି ଇଅ ପ୍ରତ୍ୟୟ ଇ ପ୍ରତ୍ୟୟରେ ପରିଣତ ହୋଇ ଓଡ଼ିଆରେ ବ୍ୟବହୃତ ହୁଏ । ଯଥା—( ଶ୍ରୁତ୍ୟ ) 7 ଶୁଣିଅ ᄀ ଶୁଣି, ଆରଭ୍ୟ ଆରମ୍ଭିଅ ⊥ ଆରମ୍ଭି ।

ତା ନାମ ଗାଇ ଭୁଣ୍ଡରେ, ପ୍ରେମ ଡମ୍ବରୁ ବଜାଇ ଦାଣ୍ଡରେ ଗୋ । ଭିକ୍ଷା ମାଗୁଥିବ ବ୍ରହ୍ମାଣ୍ଡରେ । ସଜନ ଗୋ ।

ତା ନାମ ଲେଖା ଥୁପ°ରେ, ଥୁଇ ହୋଇଥିବ ହୃଦ ଉପରେ ଗୋ
ଧ୍ୟାୟି ଥିବ ତାହା ସ୍ୱରୂପରେ । ସଜନ ଗୋ । ଵ୍ରତ ୩୭

ଚର୍ଯ୍ୟାରେ ୪୦ଟି ସ୍ଥାନରେ ଇ ପ୍ରତ୍ୟୟାନ୍ତ ପଦ ବ୍ୟବହୃତ ହୋଇଅଛି । ଏହି ଇ ପ୍ରତ୍ୟୟର ପୂର୍ବରୂପ ପ୍ରାକୃତ ଇଅ ପ୍ରତ୍ୟୟର ମଧ୍ୟ ୧୦ ବା ୧୧ଟି ଦୃଷ୍ଟାନ୍ତ ରହିଅଛି । ଏହି ଈଅ ପ୍ରତ୍ୟୟ ଈ ଆରେ ପରିଣତ ହୋଇଥାଏ । ସେହି ଈଆ ପ୍ରତ୍ୟୟର ଉଦାହରଣ ୧୧ଟି ସ୍ଥଳରେ ଦେଖିବାକୁ ମିଳେ । ତେଣୁ ଅନୁମିତ ହୁଏ ଯେ—ଚର୍ଯ୍ୟାର ରଚନା କାଳରେ ଈଆ ଓ ଈଅ ପ୍ରତ୍ୟୟର ହ୍ରାସ ହୋଇଥିଲା ଏବଂ ଈ ପ୍ରତ୍ୟୟ ତାହାର ସ୍ଥାନ ବହୁଳ ପରିମାଣରେ ଅଧିକାର କରିଥିଲା । କିନ୍ତୁ ପୂର୍ଣ୍ଣ ଭାବରେ ଇ ଅ, ଇଆ ପ୍ରତ୍ୟୟ ବ୍ୟବହାର ଲୋପ ପାଇ ନ ଥିଲା ।

ପୂର୍ବରୁ କୁହାଯାଇଛି—ପ୍ରାକୃତରେ କ୍ତ୍ୱା ପ୍ରତ୍ୟୟ ସ୍ଥାନରେ ଉଣ ପ୍ରତ୍ୟୟର ବ୍ୟବହାର ହୋଇଥାଏ । ଯଥା—ହସି ଉଣ' ଘେଉଣ । ଓଡ଼ିଆରେ ଏହି ଉଣ ପ୍ରତ୍ୟୟ ପ୍ରୟୋଗ ହୋଇଥାଏ । ଯଥା—

ଖାଉଣ ଥିବେ ଶ୍ୱାନ ଶୃଗାଳ ବାଣ୍ଟି ( ମନ ଗୌ ଖ )

ଯୌଗିକ କ୍ରିୟାରେ ଏହି ଉଣ ପ୍ରତ୍ୟୟର ଣ ଲୋପ ହୋଇ ଖାଉଣ ଅଛି) ସ୍ଥାନରେ ଖାଉଅଛି, ଖାଉଣ ଥିବ 7ଖାଉଥିବ ପ୍ରଭୃତି କ୍ରିୟାରେ କ୍ରିୟାର ଆରମ୍ଭାବସ୍ଥା ସୂଚିତ କରେ । କିନ୍ତୁ ଯୌଗିକ କ୍ରିୟାରେ ଲ୍ୟପ୍ ପ୍ରତ୍ୟୟର ଇ ପ୍ରତ୍ୟୟ କ୍ରିୟାର ଅତୀତ କାଳ ସୂଚିତ କରେ । ଯଥା—ଖାଇଅଛି, ଖାଇଥିବ ପ୍ରଭୃତି । ସେହିପରି ଚର୍ଯାରେ ମଧ୍ୟ ଜେ ଉଉ, ମୋଡ଼ିଉ ( ୯ ) କଉ ( ୧୦ ) ପ୍ରଭୃତି ପଦରେ 'ଉଣ' ପ୍ରତ୍ୟୟର ଣ ଲୋପ ଦେଖିବାକୁ ମିଳେ ।

ଏହି ଉଣ ପ୍ରତ୍ୟୟର ସାଦୃଶ୍ୟରୁ ପ୍ରାକୃତରେ ଇ ଅ ପ୍ରତ୍ୟୟ ଇ ଆନରେ ପରିଣତ ହୋଇ ଅଛି । ସେହି ସାଦୃଶ୍ୟ ଯୋଗୁଁ ଓଡ଼ିଆରେ ଇ ପ୍ରତ୍ୟୟ ଇଣ ପ୍ରତ୍ୟୟରେ ପରିଣତ ହେବାର ମଧ୍ୟ ଦେଖାଯାଏ । ଯଥା—ବସିଣ ରସାଳେ ସଂଯୋଗ ରସାଳେ ପଞ୍ଚମ ସ୍ୱରକୁ ତହିଁ ।

ବୈ·ବ. ଗ୍ରନ୍ଥପ ବ୍ୟ.ସକୁ ଦେଖିଣ ଧୃତରାଷ୍ଟ୍ର ହେଲା ପ୍ରଣିପତ୍ୟ । ସା· ମ· ସମ୍ମୁଖେ ତାହାଙ୍କୁ ଦେଖିଣ । ନମିଲେ ପାଦରେ ପଡ଼ିଣ । ଭା· ବି· ୧୬ମ ୨୮ ଚର୍ଯାରେ ପିଛ ପରହୁଣ ପଦରେ ଏହି ଇଣ ପ୍ରତ୍ୟୟର ପ୍ରୟୋଗ ଦେଖିବାକୁ ମିଳେ ।

## ଶତୃ—ପ୍ରତ୍ୟୟ

ସଂସ୍କୃତରେ ଶତୃପ୍ରତ୍ୟୟ ପ୍ରାକୃତରେ 'ନ୍ତ' ପ୍ରତ୍ୟୟରେ ପରିଣତ ହୁଏ । 'ନ୍ତ ମାଣୌ ଶତୃ ଶାନଚୟୋଃ ।' (ପ୍ରା· ପ୍ର. ୭) ଯଥା—ପଢନ୍ତୋ ହସନ୍ତୋ । ପ୍ରାକୃତରୁ ଏହି ନ୍ତ-ପ୍ରତ୍ୟୟଟି ଓଡ଼ିଆକୁ ଅବିକଳ ଆସିଅଛି । ଯଥା—ଜିଅନ୍ତା ଲୋକ ।

ଜୀବନ୍ତା ନ ବୋଲ ତାକୁ ମଲା ସଙ୍ଗେ ଲେଖି । ଗୀତ ।

ଏହିରୂପେ ମୋର ଜୀବନ୍ତ ହେଲା ସମାଧି । ପାବଣ୍ଡ ।

ସଂସ୍କୃତରେ ଯେ ଟିଏ କ୍ରିୟା ଅନ୍ୟ କ୍ରିୟାର କାଳ ସୂଚିତ କଲେ ଭାବେ ୭ମୀ ବିଭକ୍ତି ହୁଏ । ଯଥା—ଅସ୍ତଂ ଗତେ ଭଗବତି ସବିତରି ତେ ଆଗତାଃ—ସୂର୍ଯ୍ୟ ଅସ୍ତ ଗଲେ ସେମାନେ ଆଇଲେ । ଗର୍ଜତି ମେଘେ ଚୌରୋ ଗତଃ—ମେଘ ଗର୍ଜିଲା ବେଳେ ଚୋର ଗଲା ।

ଗତ୍ୱୋତ୍କଣ୍ଠାଂ ଗୁରୁଷୁ ଦିବସେଷ୍ୱେଷୁ ଗଚ୍ଛତ୍ସୁ ବାଳାଂ

ଜାତାଂ ମନ୍ୟେ ଶିଶିରମଥିତାଂ ପଦ୍ମିନୀଂ ବାନ୍ୟରୂପାଂ ।(ମେ·ଦୂ)

<u>ଦିନଯାନ୍ତେ</u> ମୁଁ ବାଳିକାକୁ ଶିଶିର ମଥିତ ପଦ୍ମିନୀ ପରି ହେବାର ମନେ କରୁଛି ।

ପ୍ରାକୃତରେ ମଧ୍ୟ ଏହି ଭାବେ ୭ମୀର ବ୍ୟବହାର ଦେଖାଯାଏ । ଯଥା—କଣ ଚଳନ୍ତେ କୁମ୍ମ ଚଳଇ ପୁଣୁବି ଅସରଣ । ପ୍ରା. ପିଂ

କଣ୍ଠେ ଚଳନ୍ତି କୂର୍ମ୍ମ ଷ୍ଟଳନ୍ତି ପୁନରଶରଣଃ

କଣ୍ଠେ ଚଳନ୍ତେ କୂର୍ମ୍ମ ଚଳଇ ।

ଓଡ଼ିଆରେ ମଧ୍ୟ ଏହି ଭାବେ ୭ମୀ ବ୍ୟବହାର ଅଛି । ସାଧାରଣତଃ ସପ୍ତମୀରେ ଏ ପ୍ରତ୍ୟୟ ହୁଏ । ସଂସ୍କୃତ ପରି ଶତୃପ୍ରତ୍ୟୟଜ ନ୍ତ ପ୍ରତ୍ୟୟରେ

ଏବଂ କ୍ତ ପ୍ରତ୍ୟୟ ସ୍ଥାନୀୟ ଲ ବା ଇଲ୍ ପ୍ରତ୍ୟୟରେ ୭ମୀରେ 'ଏ' ପ୍ରତ୍ୟୟ ଯୋଗ ହୋଇ ଭବେ ୭ମୀ ହୁଏ । ଯଥା—

ଯେନଗଲା ଆମ୍ଭଙ୍କୁ ବହୁତ ଦୂର
ବାଣ ବାଜନ୍ତେ ପୁଣ ହେଲା ଅସୁର ।
ଭସ୍ମ କରାଇ ପୁଣ କହିଲା
ରାମଙ୍କୁ ଗୃହନ୍ତେ ବଳେ ଧଇଲା । ବଲଙ୍କା ରାମାୟଣ ୭୦ ପୃଷ୍ଠା ।
ବୋଇଲେ ଆଣିବା ସେ ରୂପ । ବଦନ୍ତେ ଝଣ ଅ କହେ ନୃପ ଭଳାପ ।
(ବୈ·ବ·୯ସ୍ଥ ୨୯ପ)

ଘଟେ ଜଳଥିଲେ ଚନ୍ଦ୍ରମା ଦିଶେ । ଥିଲେ ହେଁ ନ ଦିଶଇ ଜଳଶୋଷେ ।
ବ· ଚ. ୯୪ସ୍ଥ ୨ପ

ଓ କରିବ ଆଲୋ ଦାସୀ ଡାକଲେ କଶୋରୀ । ବ ଚ ୧ସ୍ଥ ୧୦ପ
ଗତି କରନ୍ତେ ପଥରେ ଦ୍ରବ ହୋଇଯିବେ ପଥରେ ଯେ ।

ଚର୍ଯାରେ ମଧ୍ୟ ଏହିପରି ଭାବରେ ୭ମୀର ବ୍ୟବହାର ବହୁଳଭାବରେ ଦେଖିବାକୁ ମିଳେ । ଯଥା—ଗତି ଭଇଲେ (୧) ତରଙ୍ଗନ୍ତେ (୭) ଚଡ଼ିଲେ, ପଡନ୍ତେ (୧) ଜାନ୍ତେ (୧୫) ବୁଡନ୍ତେ (୧) ବିଆରନ୍ତେ (୨୦) ଜୀବନ୍ତେ ମଇଲେଁ (୨୨) ଶୁଣନ୍ତେ (୩୦) ଗୃହନ୍ତେ ୨ (୩୧) ଅଚ୍ଛନ୍ତେ (୩୯) ବୁଝିଲେ ( ) ଗୃହନ୍ତେ (୪୪) ଜୀବନ୍ତେ ମଇଲେ (୪୯) ଜାଗନ୍ତେ (୫୦)

ଏହିଭାବେ ୭ମୀ ଓଡ଼ିଆର ବିଶେଷତ୍ୱ । ବଙ୍ଗଭାଷାରେ ଏହିଭାବେ ୭ମୀର ବ୍ୟବହାର ନାହିଁ । ଏହି ଭାବେ ୭ମୀରେ ବ୍ୟବହୃତ କ୍ରିୟାପଦ ସହିତ ପ୍ରତ୍ୟେକ ଓଡ଼ିଆ ପରିଚିତ । ତେଣୁ ଏହିସବୁ ପଦର ଅର୍ଥ ଆବଶ୍ୟକ ହୁଏ ନାହିଁ ।

## ଇ ବା ଇଁ ପ୍ରତ୍ୟୟ

ପ୍ରଧାନ କ୍ରିୟାର ଅବ୍ୟବହିତ ପୂର୍ବକାଳ ବୁଝାଇଲେ ବା କାରଣ ବା ହେତୁ ବୁଝାଇଲେ ଧାତୁର ପରେ ଇ ବା ଇଁ ପ୍ରତ୍ୟୟ ଓଡ଼ିଆରେ ହୁଏ । ମୁଁ ଖାଇଁ ୨ ଗଲି । ଓଡ଼ିଆରେ ଏହି ପ୍ରତ୍ୟୟର ସଂସ୍କୃତ ଶମୂଳ

ପ୍ରତ୍ୟୟ ସହିତ ପ୍ରୟୋଗରେ ବିଶେଷ ସାଦୃଶ୍ୟ ରହିଅଛି । ଯଥା—ସପାସୁଂ ୨ ଗତଃ । ସେ ପିଉ ପିଉ ଗଲେ । ହର୍ଣ୍ଣେଲ ସାହେବ ଏହି ପ୍ରତ୍ୟୟ ଅନ୍ତ ପ୍ରତ୍ୟୟରୁ ହୋଇଅଛି ବୋଲି କହିଛନ୍ତି ( Goudian Grammar 301) ସୁନୀତି କୁମାର ବାବୁ ଏହି ଉପ୍ରତ୍ୟୟ ସ୍ନେହାର୍ଥରେ ହୋଇଛି ବୋଲି କହନ୍ତି । ଯଥା—କାନୁ 7କୃଷ୍ଣ7 କ ନହୁ । ସ୍ନେହାର୍ଥ ବହୁ, ଦନୁ, ମାଗୁ, ମାଗା, କାଳିଆ, କାଲୁ, ଭଗୁ, ବନୁ, ବାଲୁ, ଜଗୁ, ଶବୁ, ବରମୁ, ଜମୁ ପ୍ରଭୃତି ( ଉଚୁଁ ମାଚୁ ) ପ୍ରଭୃତି । ( O D B I P 677 To 678 ) ଭାଷା ତତ୍ତ୍ୱ ଅନୁସାରେ ଅନ୍ତ ପ୍ରତ୍ୟୟ ଉପ୍ରତ୍ୟୟରେ ପରିଣତହୋଇପାରେ ନାହିଁ । ସ୍ନେହାର୍ଥର ଉ ପ୍ରତ୍ୟୟ ଶବ୍ଦ ହୋଇପାରେ କିନ୍ତୁ ଓଡ଼ିଆରେ ଉ ପ୍ରତ୍ୟୟଟି ଧାତୁର ପରେ ଲାଗି ଅସମାପିକା କ୍ରିୟା ରୂପେ ବ୍ୟବହୃତ ହୁଏ । ଯଥା—ବର ସନ୍ନିଧିକି ସେ ଶୋଭନଧିକି ନେଇଁ ଧିକି ରଡରେ ବହିଲେ ବୈ.ବ. ୧୫ଛ ୫ପ । ବିକଳଚିତ୍ତେ ପୃଥିବୀ ଭାଆଡି ବସୁଁ ହୁଳ ପାଦ ଅନ୍ତେ ପଡ଼ତଳେ । ବୈ. ବି.୯ଛ ୭ପ । ବଳାକା ପୂର ଉକସାର । ବଳାନ୍ତ ଗଉ ପତାକା ପ୍ରସାର । ବି. ବି. ୧୨ଛ ୧୯ପ । ବୋଲୁଁ ସତକରୁ ଭାବବ । ଶାର ଅଷ୍ଟ ଅଗ୍ରତେ ପ୍ରବେଶ କବ ଯେ ( ବୈ. ବ.)ଜୀବ ଯିବ କି ସଂତ । ଜପୁଁ ଜପୁଁ ନାମ ହୃଦ- ଗତି । ( ବ. ଚ. ୫୭ଛ ୨୧ ପ) ଛଟାଉ ଫିଟାଉ ୨ ଟାଉ ଟାଉ ହେଲା ଦୁଶା । ( ବ. ଚ. ୧୫ଛ ୨ପ ) ବଳାଉ ଗତି ପଦ ନଚଳଇ । ଲୀଳା ପୀରତି ବିବାଦ କଡ଼ଇ ( ୪୨ଛ ୩୭ପ) କେଉଁ କଥା ଅବା ତାକୁ ଅପ୍ରତକ୍ଷ । କହିଲ ଜାଣୁଁ ବିଷସ୍ତନ ଭକ୍ଷ ରସକ ୪ଛ ) ଥାଉଁ ୨ ଘଟ । କେବେ ଦେଖାଯିବ ଯୁଗଳ ଭେଟ । ବି.ଚ. ୭୦ଛ ୨ପ ଏହି ସବୁ ଉଦାହରଣରୁ ସ୍ପଷ୍ଟ ଜଣା ଯିବ ଯେ—ଓଡ଼ିଆରେ ଉଁ ପ୍ରତ୍ୟୟ ଭାବକ ୭ମୀ ଅର୍ଥରେ ଓ ପ୍ରଧାନ କ୍ରିୟାର ପୂର୍ବକାଳରେ ଅସମାପିକା କ୍ରିୟା ରୂପେ ବ୍ୟବହୃତ ହୁଏ ।

ପ୍ରାକୃତ ବ୍ୟାକରଣରେ 'ଏତ କ୍ତ୍ୱା ତୁମୁନ, ତବ୍ୟ ଭବିଷ୍ୟତି

କ୍ତ୍ୱାଦିଷୁ ପରେଷୁ ଭବିଷ୍ୟତ କାଳ ବିହିତେ ତ ପ୍ରତ୍ୟୟେ ପରେ ତୋଽନ୍ତଏତ୍ତ୍ୱଂ ଲୋବା ଦତ୍ତ୍ୱା ତ ବା ସ୍ୟାତ୍ । କ୍ତ୍ୱ ପ୍ରତ୍ୟୟସ୍ୟ ତୁଂ ଅତ୍

ଭୁ ଆନ ଭୂନ ଇଣ ଆଦେଶାଭବନ୍ତ ( ଷଡ଼ଭାଷା ଚନ୍ଦ୍ରିକା P 96 D I52 ) ଯଥା— ହସେ—

କ୍ତ୍ୱାଇ ତୁମ୍ କ୍ତ୍ୱା ଯଯ ଶ୍ରେରେବ । ଯଥା—କାଉଂ / କୁଞ୍ଚା ଘର ଘରରଭ୍ୟ ( ଷଡ଼ଭାଷା ଚନ୍ଦ୍ରିକା P 363 )

କ୍ତ୍ୱା ପ୍ରତ୍ୟୟର ତୁମ୍ ଆଦେଶ ହୁଏ ଏବଂ ତୁମ୍ ଆଦେଶଟି ପରିଣତ ହୁଏ । ପୂର୍ବରେ କ୍ତ୍ୱା ପ୍ରତ୍ୟୟ 'ଊନ' ହେବାର କୁହାହୋଇଛି ଏହି କ୍ତ୍ୱା ପ୍ରତ୍ୟୟ ଊନ ପ୍ରତ୍ୟୟଟି ପରିବର୍ତ୍ତିତ ହୋଇ ତୁଂ ଓ ଉଂ ପ୍ରତ୍ୟୟରେ ପରିଣତ ହୋଇଅଛି । ଏହ ଉଂ ପ୍ରତ୍ୟୟ ଓଡ଼ିଆରେ ହୋଇଥାଏ । ଚର୍ଯାରେ ଏହି ଉଂ ପ୍ରତ୍ୟୟଟିର ବ୍ୟବହାର ( ଉଁ ରେ ଆଗମ ହେଲେ 'ହୁଁ' ହୁଏ ) ଦେଖିବାକୁ ମିଳେ । ଯଥା—

ଧସହର ଲଇ ସିଞ୍ଚ ପାଣି । ନଉ ଗରଜାଲା ଧୂମ ନଦଶଇ (୪୭
କରୁଣା ପିହାଡ଼ି ଖେଲହୁଁ ନଅବଳ । ସଦ୍ଗୁରୁ ବୋହେଁ ପିଡ଼ଲ ଭବଜଲ (୧୨)

—X—

## ତଦ୍ଧିତ—ପ୍ରତ୍ୟୟ

ଓଡ଼ିଆରେ ଅଛି ଅର୍ଥରେ ଇଆ ପ୍ରତ୍ୟୟ ହୁଏ । ଯଥା—ଗଣ୍ଠିଆ, ଦାଢ଼ିଆ, ଲୁଣିଆ ପ୍ରଭୃତି । ଚର୍ଯରେ ଏହ ଇଆ ପ୍ରତ୍ୟୟ ବ୍ୟବହୃତ ହୋଇଅଛି । ଯଥା—ମୂନିଆ ଚ ୧୩) । ଅଧିକ ଓ ହୀନ ଅର୍ଥରେ ବାପୁ, ଘେଟିଆ ପ୍ରଶଂସା ଅର୍ଥରେ—ଇଆ = ବଡଆ (ଚ ୧୨)

ଓଡ଼ିଆରେ ବଡ ବୋହୁ ବଡିଆ କାଙ୍କ । ସାନବୋହୁ ଗୁଲକ ଦେଖ(ଡ଼ଗ) ଓଡ଼ିଆରେ ସେହିପରି କପାଳିଆ, ଲୁଣିଆ ପ୍ରଭୃତି ମଧ୍ୟ ହୁଏ ।

## ପଣ—ପ୍ରତ୍ୟୟ

୨୭ ଚର୍ଯାରେ 'ଘଇପଣ' ଶବ୍ଦରେ ପଣପ୍ରତ୍ୟୟ ବ୍ୟବହୃତ ହୋଇଅଛି । ସଂସ୍କୃତରେ ତଲ୍ ବା ତା ପ୍ରତ୍ୟୟ ପ୍ରାକୃତରେ ତଣ ପ୍ରତ୍ୟୟ ରୂପରେ ବ୍ୟବହୃତ ହୋଇଥାଏ । ଯଥା—ପଣ୍ଡୁ ଦରିଉଣଂ (ପ୍ରା ପ୍ର

ବଶବ୍ରୁତାଂ) କର୍ପୂର ମ ୧ମଜବ) ତଦୋ ଆଅଦଂ ଦେ ପଣ୍ଡିତଣଂ-ଛତୋ ଆଗତଂ ତେ ପାଣ୍ଡିତ୍ୟଂ) । ଏହି ତଣ ପ୍ରତ୍ୟୟ ପ୍ରାକୃତରେ ପରବର୍ତ୍ତୀ ଅପଭ୍ରଂଶ କାଳରେ ପଣ ରୂପରେ ପରିଣତ ହୋଇଥିଲା । ଯଥା—"ତ୍ୱ ତଲୌ ପଣଂ । ଷଷ୍ଠ ଭ ୧୭ । ତ୍ୱତଲୋଃ ପଣଃ । (ହେମ ୮୪୩୭ ସୂ) ଅର୍ଥାତ୍ ତ୍ୱ ଓ ତଲ ସ୍ଥାନରେ ପଣ ଅପଭ୍ରଂଶରେ ହୋଇଥାଏ । ଯଥା—ପତ୍ତୁପଣୁ ८ ପଟ୍ଟୁତ୍ୱଂ, ସୁକପଣୁ ८ ଶୁକ୍ଲତ୍ୱଂ । ଓଡ଼ିଆରେ ଏହି ପଣ ପ୍ରତ୍ୟୟଟି ଅବିକଳ ଭାବରେ ସେହି ଅପଭ୍ରଂଶ ପଣ ପ୍ରତ୍ୟୟରୁ ଆସିଅଛି । ଯଥା—ଘରପଣ, ବଡ଼ପଣ ପ୍ରଭୃତି ।

କାମାତୁର ନବୀନାଙ୍କ କ ମନା ପୂରାଇ

ସାର୍ଥକ ପୁରୁଷପଣ କର ଏ ବୟସେ । ମହାଯାହା ।

କିନ୍ତୁ ସୁନୀତିବାବୁ ପ୍ରଜ୍ଞା ଓ ପନ୍ନ ଶବ୍ଦରୁ ପଣ ପ୍ରତ୍ୟୟ ହେବାର ଦେଖାଇଛନ୍ତି । [O D B L P761] ପୂର୍ବୋକ୍ତ ଆଲୋଚନାରୁ ତାହା ଯଥାର୍ଥ ବୋଲି ମନେ ହେଉନାହିଁ ।

## ର—ପ୍ରତ୍ୟୟ

୧୫ ଚର୍ଯ୍ୟାରେ ଅଛି ଅର୍ଥରେ କଣ୍ଟାର ପଦରେ ର ପ୍ରତ୍ୟୟର ବ୍ୟବହାର ହୋଇଅଛି । ଓଡ଼ିଆରେ ମଧ୍ୟ ଅଛି ଅର୍ଥରେ 'ର' ପ୍ରତ୍ୟୟ ହୋଇଥାଏ । ଯଥା—କାଚର, ଗୃହର, ଦାନ୍ତୁର; ମନ୍ତୁର ପ୍ରଭୃତି ।

## ଇ—ପ୍ରତ୍ୟୟ

୨୦ ଓ ୨୧ ଚର୍ଯ୍ୟାରେ ଅନ୍ଧାରି ପଦ ଅନ୍ଧାରସମ୍ବନ୍ଧ ଓ ଅନ୍ଧକାରମୟ ଅର୍ଥରେ ଯଥାକ୍ରମରେ ବ୍ୟବହୃତ ହୋଇଅଛି । ସ୍ୱାର୍ଥ ଓ ପ୍ରଚୁରାର୍ଥରେ ଓଡ଼ିଆରେ ଇ ପ୍ରତ୍ୟୟର ବ୍ୟବହାର ଦେଖିବାକୁ ମିଳେ । ଯଥା—ସ୍ୱାର୍ଥରେ—ଯୋଗୀ ଯେସନେ ଜଗିଥାଇ ଯେ ଅନ୍ଧାରି ।

(ସା ମ ଉଦ୍‌ଯୋଗ)

ପ୍ରଚୁର ଅର୍ଥରେ—ଅନ୍ଧାରି ମୂଲକ, ଅନ୍ଧାରି ମାଛ ପ୍ରଭୃତି ।

## ଅବ୍ୟୟ

ବିଣୁ—ବିନୁ ଅବ୍ୟୟଟି ୪ର୍ଥ ଚର୍ଯାରେ ବ୍ୟବହୃତ ହୋଇଅଛି । ସଂସ୍କୃତ ବିନା ଅବ୍ୟୟ ପ୍ରାକୃତରେ ବିଣୁରେ ପରିଣତ ହୋଇଥାଏ । ଯଥା—ରକ୍ଖ ବସନ୍ତି ଚଳେ ବିଣୁ ସୋଦର = ରାଜ୍ୟଂ ବସନ୍ତ୍ୟ ଚଳନ୍ତବନା ସୋଦରଂ । ସେହି ପ୍ରାକୃତ ବିଣୁ ଅବ୍ୟୟ ଓଡ଼ିଆରେ ବିନୁରେ ପରିଣତ ହୋଇଅଛି । ଯଥା—ତୋ ବିନୁ ମୋର ନାହିଁ ଆନଗତି (ବ·ଚ) । ଚର୍ଯାରେ ମଧ୍ୟ ତଇଁ ବିଣୁ ଖନହିଁ ନ ଜୀବମି(୪) । ସେହିପରି ୨୩ଚର୍ଯାରେ ମଧ୍ୟ ବିଣୁଶବ୍ଦ ପ୍ରଯୁକ୍ତ ହୋଇଅଛି ।

କି—କି ଅବ୍ୟୟ ୮ମ ଚର୍ଯାରେ ପ୍ରଶ୍ନବାଚକ ଅବ୍ୟୟ ରୂପରେ ବ୍ୟବହୃତ ହୋଇଅଛି । ଯଥା—କେ କି ବାହବଲେ ପାରଅ ।

ସଂସ୍କୃତରେ ପ୍ରଶ୍ନାର୍ଥରେ କିଂ ଅବ୍ୟୟର ପ୍ରୟୋଗ ଅଛି ।

କିଂ ପୃଚ୍ଛାୟାଂ ଜୁଗୁପ୍ସନେ—ଅମର

ସେହି କିଂ ଶବ୍ଦରୁ କି ଅବ୍ୟୟ ଆସି ଓଡ଼ିଆରେ ମଧ୍ୟ ପ୍ରଶ୍ନାର୍ଥରେ ବ୍ୟବହୃତ ହୁଏ ଯଥା—

କି କି କର ରସ, କଲମାନେ ଗ୍ରାସ, ନ ମାଡଇ ଆଉ ପାଶ

(ରସିକ ୧୦ଛ ୧୫ପ)

ତ—୩୨ ଚର୍ଯାରେ 'ଅପଣେ ଅପା ବୁଝତ ନଅମଣ' ପଦ୍ୟରେ ତ—ଅବ୍ୟୟଟି ଅବଧାରଣାର୍ଥରେ ବ୍ୟବହୃତ ହୋଇଅଛି । ୪୦ ଚର୍ଯାରେ ମଧ୍ୟ 'ତ'ର ବ୍ୟବହାର ହୋଇଅଛି । ଏହି ତ-ଅବ୍ୟୟ ସଂସ୍କୃତ ଅବଧାରଣାର୍ଥକ ତୁ ଅବ୍ୟୟରୁ ଆସିଅଛି । ତୁ ପାଦ ପୂରଣେ ଭେଦେ ସମୁଚ୍ଚୟେ ଽବଧାରଣେ (ମେଦିନୀ) । ଓଡ଼ିଆରେ ମଧ୍ୟ ତ-ଅବ୍ୟୟଟି ନିଶ୍ଚୟାର୍ଥରେ ବ୍ୟବହୃତ ହୁଏ । ଯଥା—

ବଡ଼କୁଳେ ଜାତ ଭୂପ ଭଗିନୀ ତୁହି ;

ବୃଷସ୍ୟନ୍ତୀ ଆଚରଣ ଭଲ ତ ନୋହି (ବୈ· ବି· ୩୦ଛ-୧୫ପ)

ଆମ୍ଭେ—ପ୍ରାକୃତ ହମା ଶବ୍ଦରୁ ଆମ୍ଭେ ଆସିଅଛି । ୧୦ମ ଚର୍ଯାରେ "ଆମ୍ଭେ ତୋମ୍ହି ଡୋଏ ସମ" ପ୍ରଭୃତି ପଦ୍ୟରେ ବ୍ୟବହୃତ ହୋଇଅଛି ।

ଓଡ଼ିଆରେ ମଧ୍ୟ ଆଲେ ଶବ୍ଦର ସେହିପରି ବ୍ୟବହାର ଦେଖାଯାଏ । ଯଥା—ଓ କରିବ ଆଲେ ଦାସୀ ଡାକଲେ କଣୋଣ୍ଡି
(ବ ଚ ୧ମ୍ଭୁ)

**ବ**—ସଂସ୍କୃତ ଅପି ଅବ୍ୟୟରୁ 'ବ' ଆସିଅଛି । ୧ମ ଚର୍ଯାରେ 'ଦଢ଼ ବତାଳ' ପଦରେ ବ-ଅବ୍ୟୟଟି ବ୍ୟବହୃତ ହୋଇଅଛି । ପ୍ରାକୃତରେ ଅପି ସ୍ଥାନରେ 'ବି' ବରାବର ବ୍ୟବହାର ହୁଏ । ଓଡ଼ିଆରେ ମଧ୍ୟ ସେହିପରି ବ—ଅବ୍ୟୟର ପ୍ରୟୋଗ ହୋଇଥାଏ । ଯଥା—ତୁମ୍ଭେ ବ ମୋ ସଙ୍ଗରେ ଯିବ । ମଧୁସୂଦନ—ଉତ୍ତର ସ )

**ମ**—୧୦ମ ଚର୍ଯାରେ 'ତୋଏ ସମ କରିବ ମ ସାଙ୍ଗ' ପଦ୍ୟରେ ମ-ଅବ୍ୟୟଟି ନିଶ୍ଚୟାର୍ଥରେ ବା ମଧ୍ୟ ଅର୍ଥରେ ବ୍ୟବହୃତ ହୋଇଅଛି । ଓଡ଼ିଆରେ ମଧ୍ୟ ମ-ଅବ୍ୟୟଟି ଏହି ଅର୍ଥରେ ପ୍ରଯୁକ୍ତ ହୁଏ । ଯଥା—ଯାଉଛି ମ, ବ୍ୟସ୍ତ କାହିଁକି ହେଉଛ । ଯା ମ, ତୋ କଥା ଶୁଣିବ ନାହିଁ ।

—×—

## ସଂଖ୍ୟାବାଚକ ଶବ୍ଦ

ସଂଖ୍ୟା ବାଚକ ଶବ୍ଦ ମଧ୍ୟରେ ଦୁଇ (୨, ୨୬, ୧୪) ଦୋ (୧୫) ଏବଂ ବେନ (୧, ୪, ୧୩, ୧୬, ୧୭, ୧୯, ୪୬) ଶବ୍ଦ ଦୁଇ ଅର୍ଥରେ ଚର୍ଯାରେ ବ୍ୟବହୃତ ହୋଇଅଛି ।

ସଂସ୍କୃତରେ ଦ୍ୱି ଶବ୍ଦ କ୍ଲୀବଲିଙ୍ଗ ୧ମା ଏକବଚନରେ ଦ୍ୱେ ହୁଏ । ସେହି ଦ୍ୱେ-ପଦ ପ୍ରାକୃତରେ 'ଦୁବେ' ରୂପ ଧାରଣ କରିଥିଲା । ଅଶୋକଙ୍କର ଜଉଗଡ଼ ଶିଳାଲିପିରେ ଦୁବେ ଓ ଦ୍ୱୌ ଦୁଇପଦ ପୁଂଲିଙ୍ଗରେ ବ୍ୟବହୃତ ହୋଇଅଛି । ସେହି ଦୁଇ ଶବ୍ଦ ଓଡ଼ିଆରେ ଅବିକଳ ଭାବରେ ରକ୍ଷିତ ହୋଇଅଛି । ସେହି ଦୁଇ ଶବ୍ଦ ଚର୍ଯାରେ "ଦୁଇ ଘରେ ( ୨ ), ଦୁଇମାର ( ମାର୍ଗ, ୨୬ ) ପ୍ରଭୃତିରେ ବ୍ୟବହୃତ ହୋଇଅଛି । କେବଳ ୧୫ ଚର୍ଯାରେ ଦୋ ଶବ୍ଦ ଏହି ଅର୍ଥରେ ବ୍ୟବହୃତହେବାର ଦେଖ ଯାଏ । ଚର୍ଯାରେ ବେନ ଶବ୍ଦ ଅନେକ ସ୍ଥାନରେ ଦୁଇ ଅର୍ଥରେ ବ୍ୟବହୃତ ହୋଇଅଛି । ଯଥା—ଚନ୍ଦ ସୂଜ ବେନ ପଖା ପାଳ ( ୪ )

ବେନ ପିଣ୍ଡି କଇଠା (୧)

ପାପ ପୁଣ୍ୟ ବେନ ଛୋଡ଼ିଅ (୧୬) ପ୍ରଭୃତି

ଏହି ବେନ ଶବ୍ଦ ସଂସ୍କୃତ ବେଣୀ ଶବ୍ଦରୁ ଆସି ଅଛି। ବେଣୀ ଦୁଇଭାଗରେ ବିଭକ୍ତ ହୋଇ ଥିବାରୁ ବେନ ଅର୍ଥ ଦୁଇ ହୋଇ ଅଛି । ଓଡ଼ିଆରେ ମଧ୍ୟ ବେଣୀ ଶବ୍ଦ ବେଣୀ ଅର୍ଥରେ ପ୍ରଯୁକ୍ତ ହୋଇଥାଏ । ଯଥା—

କାହିଁ ପାଇଁ ଏବେ ବେଣୀକି ଶିରେ ବାନ୍ଧି

ବସି ଅଛ ମଳିନ ବସନକୁ ପିନ୍ଧି । କୃ. ପ. ସଂ ୨ ୫ ପୃ ।

ସେହି ବେଣୀ ଶବ୍ଦରୁ ଆସି ବେନ ଶବ୍ଦ ଦୁଇ ଅର୍ଥରେ ଓଡ଼ିଆରେ ବ୍ୟବହୃତ ହୁଏ । ଯଥା—ବେନ ଜନେ ଛଡ଼ିଛୁ ଏକ ଦଶା ( ବୈ. ବି. ୨୫ଛ ୧୨ଘ ) । ବେନ ସସ୍ତ୍ରାର ମଦରା ସହସ୍ରେ ହାର ରୁଧିର ବାଜିଲେ ଶାର ( ବିଲଂକ. ୩୦୪ପୃ ) । ବେନ ଭ୍ରାତ ମୁନି ସଙ୍ଗେ ଦେଖେ ସିଦ୍ଧ ବନ ( ବୈ. ବି ୧୫ଛ ୧୦ପ )। ବେନ ଭୁଜ ଟେକି ରଖିଲେ ବୋଇଲେ ( ସା. ମ. ସଭାପର୍ବ ) ଏହି ବେନ ଶବ୍ଦ ଏହି ଅର୍ଥରେ ଅନ୍ୟ କୌଣସି ଭାଷାରେ ବ୍ୟବହୃତ ହୁଏ ନାହିଁ ।

( ୬, ୧୩, ୧୬, ୧୮ ) ଚର୍ଯାରେ ତିନ ଶବ୍ଦର ବ୍ୟବହାର ଦେଖିବାକୁ ମିଳେ । ଯଥା—ତେ ତିନ ତେ ତିନ ତିନ ହୋ ହୋ ଭିନ୍ନ(୬) ପ୍ରଭୃତି । ତ୍ରି ଶବ୍ଦର ସଂସ୍କୃତ କ୍ଲୀବ ଲିଙ୍ଗ ୧ମା-ର ତ୍ରୀଣି ପଦ ହୁଏ। ଏହି ତ୍ରୀଣିରୁ ତିନ ଆସି ଅଛି । ଓଡ଼ିଆ, ମୈଥିଳି ଏବଂ ଆସାମୀ ଭାଷାରେ ତିନ ଶବ୍ଦ ବ୍ୟବହୃତ ହୁଏ । ଅଶୋକଙ୍କର ଧଉଳି ଏବଂ ଜଉଗଡ ଶିଳା-ଲିପିରେ ତିନ୍ନି ଏବଂ ତିନ ( ପଣାନ ଶବ୍ଦ ବ୍ୟବହୃତ ହୋଇଅଛି) । ଓଡ଼ିଆରେ ତିନ ଶବ୍ଦ ସଦା ସର୍ବଦା ବ୍ୟବହୃତ । ଯଥା-ତିନ ଲୋକରେ ଯେତେ ଚରିତ ମାନ ଅଛି ( କୃ-ପ-ସ ) । କେବଳ ତିନ ଘଡ଼ିରେ ସେମାନେ ଚଳିଲେ । ପହରକ ସମସ୍ତ ମୁନିଙ୍କି ଭେଟିଲେ ( ଦାଣ୍ଡି ସ-ଅରଣ୍ୟ ପୃ ୨୦ ) । କିନ୍ତୁ ବଙ୍ଗଭାଷାରେ ଆଦ୍ୟ ଅକ୍ଷରରେ ଶକ୍ତି ପାତ ଯୋଗୁଁ 'ତିନ୍' ଶବ୍ଦର ହୋଇଥାଏ ତିନ ଶବ୍ଦର ବ୍ୟବହାର ନାହିଁ । ଓଡ଼ିଆରେ ତିନି ଶବ୍ଦ ପରେ ୧ମା ବହୁ ବଚନର 'ଏ' ପ୍ରତ୍ୟୟ ଯୋଗ

କଲେ ତିନିଏ ଓ ତିନିଏଁ ହୋଇଅଛି । ସେହିପରି ଗୁରିଏ, ପାଞ୍ଚେ ପ୍ରଭୃତି ହୋଇଥାଏ । ଏହି ତିନିଏଁ ପଦରେ ହ ଆଗମ ହୋଇ ତିନିହେଁ ମଧ୍ୟ ହୋଇଥାଏ । ତେଣୁ ଓଡ଼ିଆରେ ତିନିଏଁ, ତିନିଏ ଓ ତିନିହେଁ ପଦ ଗୁଡ଼ିକ ଏକ ଅର୍ଥରେ ବ୍ୟବହୃତ ହୋଇଥାଏ । ସେହି ପରି ଦ୍ୱି ଶବ୍ଦରୁ ଦୁହେଁ ମଧ୍ୟ ହୋଇଥାଏ । ଯଥା—

କୋଟିଏ ତୀର୍ଥନ୍ତ ଫଳ ଲଭିଲଇଁ ଦୁହେଁ

ଏସରେ ଶୁଣିଲେ ଲୋକ ତରିବେ ସବହେଁ । ନ. ସୁ. ୫ମ ଖ ୭୫° ୧୬ଶ ଚର୍ଯାରେ ସେହିପରି 'ତିନିଏଁ' ପାଟେ ଲାଗେଲରେ । ପଦ୍ୟରେ ତିନିଏଁ ପଦ ପ୍ରୟୋଗ ହୋଇଅଛି । ତିନିଏଁର ଅର୍ଥ ତିନୋଟି ଯାକ ( ଇଡ଼ା ପିଙ୍ଗଳା ଓ ସୁଷୁମ୍ନା ) ।ଓଡ଼ିଆରେ ଗୁରିହେଁ ସଂଖ୍ୟାବାଚକ ଭାବରେ ବ୍ୟବହୃତ ହୁଏ । ସମ୍ଭବତଃ ତିନିପଦ ପରି ଗୁରି ପଦଟି ମଧ୍ୟ ସଂସ୍କୃତ ଚତୁର ଶବ୍ଦର କ୍ଳୀବଲିଙ୍ଗ ବହୁବଚନାନ୍ତ ଚତ୍ୱାରି ପଦରୁ ଆସି ଅଛି । ପ୍ରାକୃତରେ ଚତାରି ପଦର ବ୍ୟବହାର ଦେଖାଯାଏ । ତେଣୁ ଚତ୍ୱାରି ⅂ ଚତ୍ତରି ⅂ ଚଆରି 7 ଗୁରି ପଦ ଏହି କ୍ରମରେ ଚତ୍ୱାରି ପଦରୁ ଆସିଅଛି ।

ସମାସରେ ଚତୁର ଶବ୍ଦ ଓଡ଼ିଆରେ ଚୌ ବାଚଉ ହୋଇଥାଏ । ଯଥା—ଚଉଦ, ଚୌଦ, ଚଉବଶ, ଚବଶ, ଚଉତିରିଶି, ଚୌତିରିଶି, ଚଉଷଠି, ଚୌଷଠି ପ୍ରଭୃତି ।

ଚର୍ଯାରେ ୩ ଏବଂ ୧୨ ପଦରେ ଚଉଷଠି ଏବଂ ୧୨ ଚର୍ଯାରେ ଚୌଷଠି ବ୍ୟବହୃତ ହୋଇଅଛି । ସେହିପରି ୬ଷ୍ଠ ଚର୍ଯାରେ ଚୌଦିଶ ଏବଂ ୩୭ ଚର୍ଯାରେ ଚୌକୋଟି ପଦର ପ୍ରୟୋଗ ହୋଇଅଛି ।ଓଡ଼ିଆରେ ଔକାର ଏବଂ ଅଉ ଉଭୟର ପ୍ରୟୋଗ ହୋଇଥାଏ । ଯଥା—ବିବଧ ଗୋଷ ଦ୍ୱିଜେ କହି । ବୋଲଉ ଗଉତମୀ ଭୁଞ୍ଜି ( ବୈ. ବ ୱୁ୨୨ପ ) । ବନ୍ଧୁଶି ଗୁରୁ ଗୌରବ ତାହାଙ୍କର ସେହିଭାବ ଉଦିତରୁ କରି ନପାରିଲେ ବାରଣ ( ବୈ. ବ ୯ୱୁ ୯ପ ) ।

—*—

ବେନ ପିଣ୍ଡି କଇଠା ( ୧ )
ପାପ ପୁଣ୍ୟ ବେନ ଛୋଡ଼ଅ ( ୧୬ ) ପ୍ରଭୃତି

ଏହି ବେନ ଶବ୍ଦ ସଂସ୍କୃତ ବେଣୀ ଶବ୍ଦରୁ ଆସି ଅଛି । ବେଣୀ ଦୁଇଭାଗରେ ବିଭକ୍ତ ହୋଇ ଥିବାରୁ ବେନ ଅର୍ଥ ଦୁଇ ହୋଇ ଅଛି । ଓଡ଼ିଆରେ ମଧ୍ୟ ବେଣୀ ଶବ୍ଦ ବେଣୀ ଅର୍ଥରେ ପ୍ରଯୁକ୍ତ ହୋଇଥାଏ । ଯଥା—

କାହିଁ ପାଇଁ ନେବା ବେଣୀକି ଶିରେ ବାନ୍ଧ
ବସି ଅଛ ମଳିନ ବସନକୁ ପିନ୍ଧ । କୃ. ପ. ସଂ ୨ ୫ ପୃ ।

ସେହି ବେଣୀ ଶବ୍ଦରୁ ଆସି ବେନ ଶବ୍ଦ ଦୁଇ ଅର୍ଥରେ ଓଡ଼ିଆରେ ବ୍ୟବହୃତ ହୁଏ । ଯଥା—ବେନ ଜନେ ଛଡ଼ିଛୁ ଏକ ଦଶା ( ବୈ· ବି· ୨୫ଗ୍ରୁ ୧୨ଘ ) । ବେନ ସସ୍ତ୍ରାଗର ମଦ୍ଧର ସହସ୍ର ଭାର ରୁଧିର ବାଡିଲେ ଖାର ( ବିଲ·ସ· ୩୦୪ପୃ ) । ବେନ ଭ୍ରାତ ମୁନ ସଙ୍ଗେ ଦେଖେ ସିଦ୍ଧ ବନ ( ବୈ· ବି ୧୫ଗ୍ରୁ ୧୦ପ ) । ବେନ ଭୁଜ ଟେକ ରଖିଲେ ବୋଇଲେ ( ସା· ମ· ସଭାପର୍ବ ) ଏହି ବେନ ଶବ୍ଦ ଏହି ଅର୍ଥରେ ଅନ୍ୟ କୌଣସି ଭାଷାରେ ବ୍ୟବହୃତ ହୁଏ ନାହିଁ ।

( ୬, ୧୩, ୧୬, ୧୮ ) ଚର୍ଯାରେ ତିନ ଶବ୍ଦର ବ୍ୟବହାର ଦେଖିବାକୁ ମିଳେ । ଯଥା—ତେ ତିନ ତେ ତିନି ତିନ ହୋ ହୋ ଭିନ୍ନ(୬) ପ୍ରଭୃତି । ତ୍ରି ଶବ୍ଦର ସଂସ୍କୃତ କ୍ଳୀବ ଲିଙ୍ଗ ୧ମାରେ ତ୍ରୀଣି ପଦ ହୁଏ । ଏହି ତ୍ରୀଣିରୁ ତିନ ଆସି ଅଛି । ଓଡ଼ିଆ, ମୈଥିଳ ଏବଂ ଆସାମୀ ଭାଷାରେ ତିନ ଶବ୍ଦ ବ୍ୟବହୃତ ହୁଏ । ଅଶୋକଙ୍କର ଧଉଳି ଏବଂ ଜଉଗଡ଼ ଶିଳାଲିପିରେ ତିନ୍ନି ଏବଂ ତିନ ( ପଣାନ ଶବ୍ଦ ବ୍ୟବହୃତ ହୋଇଅଛି) । ଓଡ଼ିଆରେ ତିନ ଶବ୍ଦ ସଦା ସର୍ବଦା ବ୍ୟବହୃତ । ଯଥା-ତିନ ଲୋକରେ ଯେତେ ଚରିତ ମାନ ଅଛି ( କୃ-ପ-ସ ) । କେବଳ ତିନ ଘଡ଼ିରେ ସେମାନେ ଚଳିଲେ । ପହରକ ସମୟୁ ମୁନଙ୍କି ଭେଟିଲେ ( ଦାଣ୍ଡି ସ-ଅରଣ୍ୟ ପୃ ୨୦ ) । କିନ୍ତୁ ବଙ୍ଗଭାଷାରେ ଆଦ୍ୟ ଅକ୍ଷରରେ ଶକ୍ତି ପାତ ଯୋଗୁଁ 'ତିନ୍' ଶବ୍ଦର ହୋଇଥାଏ ତିନ ଶବ୍ଦର ବ୍ୟବହାର ନାହିଁ । ଓଡ଼ିଆରେ ତିନି ଶବ୍ଦ ପରେ ୧ମା ବହୁ ବଚନର 'ଏ' ପ୍ରତ୍ୟୟ ଯୋଗ

କଲେ ତିନିଏ ଓ ତିନିଏଁ ହୋଇଅଛି । ସେହିପରି ଚୁରିଏ, ପାଞ୍ଚେ ପ୍ରଭୃତି ହୋଇଥାଏ । ଏହି ତିନିଏଁ ପଦରେ ହ ଆଗମ ହୋଇ ତିନିହେଁ ମଧ୍ଯ ହୋଇଥାଏ । ତେଣୁ ଓଡ଼ିଆରେ ତିନିଏଁ, ତିନିଏ ଓ ତିନିହେଁ ପଦ ଗୁଡ଼ିକ ଏକ ଅର୍ଥରେ ବ୍ୟବହୃତ ହୋଇଥାଏ । ସେହିପରି ଦ୍ୱି ଶବ୍ଦରୁ ଦୁହେଁ ମଧ୍ଯ ହୋଇଥାଏ । ଯଥା—

କୋଟିଏ ତୀର୍ଥର ଫଳ ଲଭିଲଇଁ ଦୁହେଁ

ଯଶ ରେ ଶୁଣିଲେ ଲୋକ ତରିବେ ସବହେଁ । ନ୍ୟୃ. ପୁ. ୫ମ ଖ ୭୫୦ ୧୬ଶ ଚର୍ଯାରେ ସେହିପରି 'ତିନିଏଁ' ପାଟେ ଲଗେଲରେ । ପଦ୍ୟରେ ତିନିଏଁ ପଦ ପ୍ରୟୋଗ ହୋଇଅଛି । ତିନିଏଁର ଅର୍ଥ ତିନୋଟି ଯାକ ( ଇଡ଼ା ପିଙ୍ଗଳା ଓ ସୁଷୁମ୍ନା ) । ଓଡ଼ିଆରେ ଚୁରିହେଁ ସଂଖ୍ୟାବାଚକ ଭାବରେ ବ୍ୟବହୃତ ହୁଏ । ସମ୍ଭବତଃ ତିନିପଦ ପରି ଚୁରି ପଦଟି ମଧ୍ଯ ସଂସ୍କୃତ ଚତୁର ଶବ୍ଦର କ୍ଲୀବଲିଙ୍ଗ ବହୁବଚନାନ୍ତ ଚତ୍ୱାରି ପଦରୁ ଆସି ଅଛି । ପ୍ରାକୃତରେ ଚତାରି ପଦର ବ୍ୟବହାର ଦେଖାଯାଏ । ତେଣୁ ଚତ୍ୱାରି 7 ଚତ୍ତରି 7 ଚଆରି 7 ଚୁରି ପଦ ଏହି କ୍ରମରେ ଚତ୍ୱାରି ପଦରୁ ଆସିଅଛି ।

ସମାସରେ ଚତୁର ଶବ୍ଦ ଓଡ଼ିଆରେ ଚୌ ବାଚକ ହୋଇଥାଏ । ଯଥା—ଚଉଦ, ଚୌଦ, ଚଉବଶ, ଚବଶ, ଚଉତିରିଶି, ଚୌତିରିଶି, ଚଉଷଠି, ଚୌଷଠି ପ୍ରଭୃତି ।

ଚର୍ଯାରେ ୩ ଏବଂ ୧୨ ପଦରେ ଚଉଷଠି ଏବଂ ୧୨ ଚର୍ଯାରେ ଚୌଷଠି ବ୍ୟବହୃତ ହୋଇଅଛି । ସେହିପରି ୬ଷ୍ଠ ଚର୍ଯାରେ ଚୌଦିଶ ଏବଂ ୩୭ ଚର୍ଯାରେ ଚୌକୋଟି ପଦ ପ୍ରୟୋଗ ହୋଇଅଛି । ଓଡ଼ିଆରେ ଔକାର ଏବଂ ଅଉ ଉଭୟର ପ୍ରୟୋଗ ହୋଇଥାଏ । ଯଥା—ବିବିଧ ଚୌଦିଗେ କହି ; ବୋଲଉ ଗଉତମୀ ଶୁଣି ( ବୈ. ବ ଗ୍ର ୨୨ପ ) । ବନଂଶି ଗୁରୁ ଗୌରବ ତାହାଙ୍କର ସେହିଭାବ ଉଦିତରୁ କରି ନପାରିଲେ ବାରଣ ( ବୈ. ବ ୧ଗ୍ର ୧ପ ) ।

—✳—

## ଛନ୍ଦ ଓ ରାଗ

କବିର ଚିତ୍ତଗିରି ଉଚ୍ଚତମ ବିକାଶ ମାନବ ଜାତିର ଅଜ୍ଞେୟ ବ୍ୟଥାର ଅଭିବ୍ୟକ୍ତିରେ । ଯେତେବେଳେ କବି ଅଲୌକିକ ଶକ୍ତିଦ୍ୱାରା ଆତ୍ମାର ଅନ୍ତର୍ଗତ ଭାବକୁ ସଂଯତ ପଦରେ ପ୍ରକଟ କରନ୍ତି—ସେତେବେଳେ ଆତ୍ମ ଅନ୍ତରରେ ସେହିପରି ସ୍ପନ୍ଦନ ହୋଇଥାଏ ।

ଦୁଃଖ, ବ୍ୟଥା ପ୍ରକୃତରେ ମାନବ ଜାତିର ଚିର ସହଚର । କିନ୍ତୁ ଏ ସଂସାରକୁ ଏକ ଅଜ୍ଞେୟ ସୁଦୂର ଧ୍ୱନି ବ୍ୟାପି ରହିଛି । ସେହି ଧ୍ୱନି ଆମ୍ଭମାନଙ୍କ ଅନ୍ତଃକୁ ସଦାସର୍ବଦା ଆକର୍ଷଣ କରୁଅଛି । ଏହି ଜଗତ୍ ସେହି ଅପୂର୍ବ ଧ୍ୱନିର ଅଭିବ୍ୟକ୍ତି—ଏହାକୁ ଦାର୍ଶନିକ ମାନେ ଶବ୍ଦ ବ୍ରହ୍ମ କହନ୍ତି—ସିଦ୍ଧ ସାଧକମାନେ ଅନାହତ ଧ୍ୱନି କହନ୍ତି । ବୈୟାକରଣ ମାନେ ସ୍ଫୋଟ କହନ୍ତି । ଆତ୍ମର ପ୍ରତ୍ୟେକ କାର୍ଯ୍ୟ ଏହି ଅଦ୍ଭୁତ ଧ୍ୱନିର ଭିନ୍ନ ଭିନ୍ନ ଆଲାପମାତ୍ର । ସାରା ସଂସାର ଏହିପରି ଏକ ସ୍ୱର ବା ଧ୍ୱନିରେ ବ୍ୟାପ୍ତ । ଆମ୍ଭମାନଙ୍କ ଅନ୍ତରରେ ଏହି ଧ୍ୱନି ବାଜୁଅଛି । ଆମ୍ଭେମାନେ ଶୁଣିଲେ ମଧ୍ୟ ଶୁଣୁ ନାହୁଁ କିନ୍ତୁ ବଧିର ପରି ନିଜ ୨ କାର୍ଯ୍ୟରେ ମାତି ରହୁଛୁ । ସୁଖ ଦୁଃଖରେ ଘାଣ୍ଟି ହେଉଛୁ । କବି ସ୍ୱର ତାନ ଲୟ ସାହାଯ୍ୟରେ ଏହି ଅପୂର୍ବ ସଙ୍ଗୀତର ମୂର୍ଚ୍ଛନା । ଆତ୍ମ ହୃଦୟରେ ଧ୍ୱନିତ କରି ଆତ୍ମର ସେହି ଉଦାସୀନତା ଦୂର କରେ ଏବଂ ସେହି ଅପୂର୍ବ ସଙ୍ଗୀତ ଶୁଣିବାକୁ ଆତ୍ମଙ୍କୁ ଯୋଗ୍ୟ କରେ । ସେଥିଲାଗି ସଙ୍ଗୀତ ଶୁଣିଲେ ହୃଦୟ ତନ୍ତ୍ରୀ ବାଜିଉଠେ । ମନ ଅପୂର୍ବ ସୁଗନ୍ଧ ଉପବନରେ ବିଚରଣ କରେ । ସେହି ସଙ୍ଗୀତ ମୟ କବିତା ମନୁଷ୍ୟର ଏପରି ଅପୂର୍ବ ଦଶା ପ୍ରକଟ କରେ ଯେ—ସେ ବିଷାଦରେ ଆନନ୍ଦ ଅନୁଭବ କରେ । ଆଖିରୁ ଲୁହ ଗଡ଼ିଲେ ମଧ୍ୟ ମୁଖରେ ହାସ୍ୟରେଖା ରହିଥାଏ । ଏହା ଗୋଟିଏ ବିଚିତ୍ର ଭାବ ଓ ଅବସ୍ଥା । କବିତାର ' ରାଗ ରାଗିଣୀ ଲୋକର ହୃଦୟକୁ ସହଜରେ ଦ୍ରବ କରିଥାଏ ଓ ମନକୁ ଆକୃଷ୍ଟ କରେ । ଦୁଃଖର ଲାଘବ ଓ ସୁଖର ବୃଦ୍ଧି କରେ । ସେଥିଲାଗି ଦୁଃଖର ବା ସୁଖର ଆଧିକ୍ୟ ହେଲେ ଲୋକେ ସଙ୍ଗୀତମୟ କବିତା ଗାଇଥାନ୍ତି ।

ଆର୍ଯ୍ୟ ଋଷିମାନେ ୧ମରେ ପ୍ରକୃତ ଶୋଭାରେ ମୁଗ୍‌ଧ, ଭୀତ, ହସ୍ତ ବା ସ୍ତମ୍ଭୀଭୂତ ହୋଇ ସଙ୍ଗୀତମୟ ମୂର୍ଚ୍ଛନାରେ ବେଦର ମନ୍ତ୍ରଗାନ କରିଥିଲେ । ତାନ ଲୟ ସହିତ ବେଦ ମନ୍ତ୍ରର ଗାନ ହୋଇଥାଏ । ତେଣୁ ୧ମରେ ଛନ୍ଦରେ ସାହିତ୍ୟର ସୃଷ୍ଟି ହୋଇଥିଲା ।

ଧର୍ମ ପ୍ରଚାର ଲାଗି ବୌଦ୍ଧ ତାନ୍ତ୍ରିକ ସିଦ୍ଧାଚାର୍ଯ୍ୟ ମାନେ ଭିନ୍ନ ୨ ରାଗ ରାଗିଣୀରେ ସଙ୍ଗୀତ ମୟ ପଦ୍ୟରେ ନିଜ ନିଜର ଧର୍ମଭାବ ପ୍ରଚାର କରି ଲୋକଙ୍କୁ ଆକୃଷ୍ଟ କରୁଥିଲେ । ଆଜକାଲି ମଧ୍ୟ ଓଡ଼ିଶାରେ ଖଞ୍ଜଣୀ ବଜାଇ ଲୋକେ ପଞ୍ଚସଖା ପ୍ରଭୃତି ସଙ୍ଗୀତ ଗାଇ ଲୋକଙ୍କୁ ଆକୃଷ୍ଟ କରିଥାନ୍ତି । ସେଥିଯୋଗୁଁ ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟର ଲେଖକ ସିଦ୍ଧାଚାର୍ଯ୍ୟ ମାନଙ୍କର କବିତାରେ ଭିନ୍ନ ଭିନ୍ନ ରାଗର ବ୍ୟବହାର ଦେଖିବାକୁ ମିଳେ । ତେଣୁ ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟରେ ବ୍ୟବହୃତ ଛନ୍ଦ ଗୁଡ଼ିକର ଲକ୍ଷଣ ଏବଂ ଓଡ଼ିଆ ସାହିତ୍ୟରେ ସେମାନଙ୍କ ବ୍ୟବହାରର ଉଦାହରଣ ତଳେ ଦିଆଗଲା ।

**ଭୈରବ**—ଏହି ବୃତ୍ତରେ ପାଞ୍ଚପାଦରେ ଏକପାଦ ହୁଏ । ପ୍ରଥମ ଦୁଇପାଦ ଏବଂ ୫ମ ପାଦରେ ୧୦ ଗୋଟି ଅକ୍ଷର ରହେ । ପ୍ରଥମ ଦୁଇପାଦ ଓ ୫ମ ପାଦର ୮ମ ୧୭ଶ ୨୪ଶ ଏବଂ ଶେଷ ଅକ୍ଷରରେ ୩ୟ ପାଦର ଶେଷ ଅକ୍ଷରରେ ଯତିପାତ ହୁଏ । ୫ମ ପାଦ ପରେ ୩ୟ ଓ ୪ର୍ଥ ପାଦର ପୁନରାବୃତ୍ତି କରାଯାଏ ।

ଉଦାହରଣ—ବୈ· ବ· ୫୦ଛାନ୍ଦ ।

ବିଶ୍ରବା ନନ୍ଦନ ତପ ଉଦ୍ଧତ ପର୍ବତରୂପ ପ୍ରତାପ ଦାବାଗ୍ନି, ଲୋପ
ସ୍ୟନ୍ଦନ ଦୃଶେ ।

ବରଷାକାଳ ତା କଳ୍ପେ ବଳାହକ ମେଘପୃଷ୍ଠେ ଶୋଭେ ଘୋଷ
ତନ୍ଦେ ବ୍ୟାପେ ପ୍ଲବଗ ତୋପେ ।

ଦିବ୍ୟ ଘନେ
ବିରାଜ ରାମ ଲକ୍ଷ୍ମଣ ଗର୍ଭେ

ବଗ୍‌ଜାଇର ବୃଷା ଗୃପଣର ପୃଷ୍ଠରେ ଲୋଲୁପ ଚପଳା ଗଡ ସଂକ୍ଷେପ ନର୍ଭେ କ ଶେ ଭେ । ୧ ।

ସଂଗୀତ ପାରିଜାତରେ ମଧ୍ୟ ଉଲ୍ଲେଖ ଅଛି—

"ସୈନ୍ଧବୋ ମେଘରାଗଶ୍ଚ ମଲ୍ଲାରୀ ପଞ୍ଚମସ୍ତଥା
ମାଳାମ୍ବରୀ ମୁଖାରୀ ଚ ଭୈରବୀ ଲଳିତ ସ୍ତଥା ।"

—×—

**ଦେଶାକ୍ଷ**—ଏହି ବୃତ୍ତରେ ସାତପଦରେ ଏକପଦ ହୁଏ । ପ୍ରଥମ ଗୃର ପାଦରେ ୧୧ଟି ଦେଖାଁଏ ୫ମ ପଦରେ ୪ଟି ୬ଷ୍ଠ ପାଦରେ ୭ଟି ଏବଂ ୭ମ ପାଦରେ ୧୧ଟି ଅକ୍ଷର ଥାଏ । ପ୍ରଥମ ୪ପାଦ ଓ ସପ୍ତମ ପାଦର ୬ଷ୍ଠ ଏବଂ ଶେଷ ଅକ୍ଷରରେ ୫ମପାଦର ୧ମ ଓ ଶେଷ ଅକ୍ଷରରେ ଆଉ ୬ଷ୍ଠ ପାଦର ୨ୟ ୫ମ ଓ ଶେଷ ଆକ୍ଷରରେ ଯତି ପଡେ । ୭ମପଦରେ ୫ମ ଓ ୬ଷ୍ଠ ପାଦର ପୁନରାବୃତ୍ତି କରାଯାଏ ।

ଉଦାହରଣ—ଲାବଣ୍ୟବତୀ ୧୦ମ ଛାନ୍ଦ ।

"ଏଣୁ ସେ ସୁତନୁ ତନୁ ତନୁକୁ
ଆସେ ଅନୁମାନ ଅନୁମାନକୁ
ଆଲୋକିତ ହେଲା ଲୋକିତ କରି
କରଇ ଉପମା ନୁହଇ ସରି
    କ ସୁନ୍ଦରି
କବି ବଚନ ପଥ
କୃତାର୍ଥ କରଣେ ହେଲା ସମର୍ଥ । ୮ ।"

ଜୟଦେବଙ୍କ ସଂସ୍କୃତ "ଗୀତ ଗୋବିନ୍ଦ"ରେ ମଧ୍ୟ ଏହାର ଲକ୍ଷଣ ସୂଚିତ ହୋଇଅଛି । ଯଥା—

ଅସ୍ଫୋଟନୈ ର୍ବିସ୍ଫୁରିତ ଲୋମହର୍ଷୋ ନିବଦ୍ଧସନ୍ନାହ ବିଶାଳବାହୁଃ
ପ୍ରାଂଶୁଃ ପ୍ରଚଣ୍ଡ ଦ୍ୟୁତିଭିରନ୍ଦୁ—ଗୌରୋ ଦେଶାଖ୍ୟରାଗଃ କଳ
ମଲ୍ଲରାଜଃ ।

**ରାମକ୍ରୀ**—(ରାମକେରୀ) ଏହା ବୃତ୍ତରେ ଦୁଇପାଦରେ ଏକ ପଦ ହୁଏ। ପ୍ରତିପାଦରେ ୧୬ଟି ଲେଖାଁଏ ଅକ୍ଷର ଥାଏ ଏବଂ ପ୍ରତିପାଦରେ ୯ମ ଓ ଶେଷ ଅକ୍ଷରରେ ଆଉ କାହାର ମତରେ ପ୍ରତିପାଦର ୬ଷ୍ଠ, ୯ମ ଓ ଶେଷ ଅକ୍ଷରରେ ଏବଂ ଅନ୍ୟ କାହାର ମତରେ ୯ମ, ୧୧ଶ ଓ ଶେଷ ଅକ୍ଷରରେ ଯତି ପଡ଼େ।

**ଉଦାହରଣ**—ବଇଦେହୀଶ ଚିନ୍ତାମଣି ୧୫ଶ ଛାନ୍ଦ।

ସାଧକ ଶୁଣ ହେ ମାଧବ ଦୂତୀ କର ପ୍ରେଷଣ
କାତର ହେ ଇଣ ଉତ୍ତର କଲେ ସଖୀଙ୍କୁ ପୁଣ। ୧

ଜୟଦେବଙ୍କ ସଂସ୍କୃତ 'ଗୀତ ଗୋବିନ୍ଦ'ରେ ମଧ୍ୟ ଏହାର ଲକ୍ଷଣ ସୂଚିତ ହୋଇଅଛି। ଯଥା—ସ୍ୱର୍ଣ୍ଣ ଚୂଡ଼ା ଭାସ୍କର ଭୂଷଣଂ ଚ ନୀଳଂ ନିଗ୍ରେନ୍ଦ୍ରଂ ବପୁଷା କହନ୍ତି। କାନ୍ତେ

—×—

**ଧନାସୀ**—(ଧନାଶ୍ରୀ)-ଏହା ୪ପାଦରେ ଏକ ପଦ। ୧ମ ଓ ୨ୟ ପାଦରେ ୨୦ ଅକ୍ଷର ଲେଖାଁଏ। ୩ୟରେ ୮ ଓ ଶେଷରେ ୧୦ ଅକ୍ଷର ଥାଏ।

ଉଦାହରଣ – ବୈ· ବ· ୧୬ଶ ଛାନ୍ଦ।

"ବସି ବଶିଷ୍ଠ ଜାବାଳି ବାମଦେବ କାଶ୍ୟପ ସୁମନ୍ତ ଘେନ।
ବୋଲେ ଦଶରଥ ମୋର ମନୋରଥ ମଣ୍ଡାଇବା ରାଜଧାମ
ବୀର ବୃନ୍ଦରେ ଇନ୍ଦ୍ର
ବସୁ ନୃପ ପଦେ ରାମଚନ୍ଦ୍ର। ୧"

ସଂସ୍କୃତ ପୁସ୍ତକ ନାରଦଙ୍କର ସଙ୍ଗୀତ ମକରନ୍ଦରେ ମଧ୍ୟ ଏହାର ଉଲ୍ଲେଖ ଅଛି।

ଯଥା—ଧନ୍ନାଶ୍ରୀ ଦେଶ ତେଶାଷା ବଙ୍ଗାଳାଦ୍ୟ ସ୍ତୟୋଦଶ
ରାଗାଙ୍ଗ ରାଗମାଖ୍ୟାତଂ ନାରଦେନ ମହାତ୍ମନା।

—×—

**କାମୋଦ**—(କ.ମୋଦୀ) ଏହି ବୃତ୍ତରେ ପ୍ରତ୍ୟେକ ପାଦରେ ୬ପାଦଥାଏ । ୧ମ ପାଦରେ ୨୩, ୨ୟରେ ୨୪, ୩ୟରେ ୪, ୪ର୍ଥ ଓ ୫ମରେ ୯ଟି ଲେଖାଁଏ ଏବଂ ୬ଷ୍ଠରେ ୨୪ଟି ଅକ୍ଷର ରହେ ।

ଉଦାହରଣ—ବୈ. ବ (ଚତୁସ୍ତ୍ରିଂଶ ଛାନ୍ଦ)

ବିଭବସି ବିନାଶ ବିଭବସୁ ପ୍ରକାଶ ବିଭାଷ ପ୍ରକଟ ଅଶେଷ
ବିଷମ ବାଣେ ହାସ ବିଂଶନେସ ନିଶ୍ୱାସ ତେଜ ବୋଇଲି ଭବଭାଷ
ସେ ବିଂଶଧ୍ୱଂସ । ବ୍ୟର୍ଥ ଆନରେ କର ଆଶ । ବୋଧି ମୋ
ଭ୍ରାତ ଘେନ ଆସ । ବିନାଦ୍ରୁରେ ରଭସ ବିନଶ୍ୟନ୍ତି ଅବଶ୍ୟ କରିବ
ବିଇରି ସାହସ ସେ । ୧ ।"

ସଂସ୍କୃତ ସଙ୍ଗୀତ ମକରନ୍ଦରେ ଉଲ୍ଲେଖ ଅଛି ।

"ଶ୍ରୀରାଗ ପଟ୍ଟ କାମୋଦୀ ମଲ୍ଲାରୀ ଚ କୁରଞ୍ଜିକା
ଦେଶୀ ମନୋହରୀ ତୁଣ୍ଡୀ ପଟ୍ଟମଞ୍ଜରୀ ଘୋଷିତଃ ।"

-:0:-

**ପଟ୍ଟମଞ୍ଜରୀ**—ଉପରୋକ୍ତ ସଂସ୍କୃତ ସଙ୍ଗୀତ ମକରନ୍ଦରେ ପଟ୍ଟମଞ୍ଜରୀର ନାମ ଉଲ୍ଲିଖିତ ଅଛି । ଓଡ଼ିଆରେ ମଧ୍ୟ ଏହା ଦେଖାଯାଏ । ୨ପାଦରେ ଏକପଦ । ପ୍ରତ୍ୟେକ ପାଦ ୧୪ ଅକ୍ଷର ବିଶିଷ୍ଟ ।

ଉଦାହରଣ—ବୈ· ବ (ସପ୍ତମ ଛାନ୍ଦ)

"ବିସ୍ତାରିଛି ପବନ ଲୀଳାକୁ ନିରନ୍ତର
ବିଶେଷତ ମୁନି ନଗରେ ସେ ମନୋହର ।୯।"

--0--

**ତୁଳସୀଗଉଡ଼ା**—'ମାଳବ ଗଉଡ଼ା'-୨ପାଦରେ ଏକ ପଦ । ପ୍ରତ୍ୟେକ ପାଦ ୧୪ ଅକ୍ଷର ଲେଖାଁଏ । ପ୍ରତ୍ୟେକ ପଦର ଶେଷରେ ହେ, ସେ ବା ଯେ ବ୍ୟବହୃତ ଥାଏ ।

ଉଦାହରଣ—ବୈ· ବ ୪ର୍ଥ ଛାନ୍ଦ—

ବୀର ବର ଉପଇନ୍ଦ୍ର ଭଞ୍ଜ କହେ ରସ
ବିପ୍ରାଣୋଇ ପଦରେ ଛାନ୍ଦ ହେଲା ଶେଷ ଯେ ।"

--*--

**ବଙ୍ଗଳା**—(ବଙ୍ଗଳାଶ୍ରୀ) ୨୦ ଅକ୍ଷରରେ ଏକ ପାଦ । ୨ପାଦରେ ଏକ ପଦ । ପ୍ରତ୍ୟେକ ୬,୧୨ ଓ ଶେଷ ଅକ୍ଷର ଉପରେ ଯତି ପଡ଼େ ।

ଉଦାହରଣ—ପ୍ରଣୟୀବଲ୍ଲରୀ ୧ମ ସର୍ଗ ।

ଜୟ ବ୍ୟାସଦେବ ଜୟ କାଳିଦାସ
ଭାରତୀ ପ୍ରିୟ ନନ୍ଦନ,
ତୁମ୍ଭେ ଜ୍ଞାନ ଗୁରୁ କବିମଣ୍ଡଳୀର
ଲଲାଟ ଶୋଭି ଚନ୍ଦନ । ୧ ।

ସଂସ୍କୃତ ସଙ୍ଗୀତ ମକରନ୍ଦରେ ମଧ୍ୟ ଏହାର ସୂଚନା ଅଛି—
ଯଥା—"ଭୂପାଗଳ ଭୈରବ ଶ୍ଚୈବ ଶ୍ରୀରାମ ଫଡ଼ମଞ୍ଜରୀ
ବସନ୍ତ ମାଳଶ୍ରୀ ବାଟ ବଙ୍ଗାଳାଃ ପୁରୁଷାଃ ସ୍ମୃତାଃ ।"

--X--

**କରାଡ଼**—ଏହାର ଆଷାଢ଼ ଶୁକ୍ଳବାଣୀରେ ୬ ପାଦରେ ଏକପଦ ଏବଂ କଳସା ବାଣୀରେ ୪ପାଦରେ ଏକ ପଦ ହୁଏ ।
ପ୍ରଥମବାଣୀରେ—୧ମ ୪ପାଦରେ ୧୧ଟି ଲେଖାଁଏ ୫ମପାଦରେ ୬ଟିଏବଂ ୬ଷ୍ଠ ପାଦରେ ୧୧ଟି ଅକ୍ଷର ଥାଏ ।
୨ୟବାଣୀରେ—ପ୍ରତିପାଦରେ ୧୪ଟି ଅକ୍ଷରଥାଏ ।
**କରାଡ଼** (ଆଷାଢ଼ଶୁକ୍ଳ)ର ଉଦାହରଣ-ବି.ଚ ୪୯ଛାନ୍ଦ ।

'ସଙ୍ଗୀ ସଖା ଦୁଃଖେ ଦୁଃଖିତ ହେଲେ
ସମ୍ଭ୍ରମେ କେ କେତେ ଏ ରୂପେ ବୋଲେ ।
ସଜାଡ଼ିଲେ ଶଯ୍ୟା କମଳଦଳେ
ଶଶିବଦନା ତୁ ଶୁଆଇ ଦେଲେ ।
ସଧୀରେ ବିଞ୍ଚିଲେ
ସଜନୀ ଉଡ଼ିଯାଏ ଟି ପାଞ୍ଚିଲେ ।୧୯।"

**ମଲ୍ଲୀରୀ**—(ମଲ୍ଲାର) ସଂସ୍କୃତ ସଙ୍ଗୀତ ମକରନ୍ଦରେ ଏହାର ଉଲ୍ଲେଖ ଅଛି ।

ବେଳାବଳୀ ମଲହରୀ ବହୁଳୀ ଭୂପଯୋଷିତଃ
ଦେବକ୍ରିୟା ଚ ପୌଷାଳୀ କାମ୍ବେରୀ ଭୈରବସ୍ତ୍ରିୟଃ ।"

ଉଦାହରଣ – ରହସ୍ୟ ମଞ୍ଜରୀ-P93

-ଃ✳ଃ-

**ଗୁଜ୍ଜରୀ**—ଓଡ଼ିଆ ନବାକ୍ଷର ଛନ୍ଦର ନାମ ଗୁଜ୍ଜରୀ । ଏହି ଛନ୍ଦରେ ଯତି ପ୍ରତ୍ୟେକ ପାଦର ୩ୟ ଓ ଶେଷ ଅକ୍ଷର ଉପରେ ପଡ଼େ । କେହି ୨ ୫ମ ଓ ଶେଷ ଅକ୍ଷରରେ ମଧ୍ୟ ପକାଇ ଗ ଇଥାନ୍ତି । ଦୁଇପାଦରେ ଏକପଦ ।

ଆକାଶ ଦିଶେ କି ସୁନ୍ଦର ।
ତାହାକୁ ରଚିଲେ ଈଶ୍ୱର । ୧ ।(ଶିଶୁଗୀତ-ସୁନ୍ଦରସଂସାର)

—X—

**ଶବରୀ**—(ଶଉରୀ) ୪ପାଦରେ ୧ପଦ । ୧ମ ଓ ୨ୟରେ ୧୪, ୩ୟରେ ୮ ଓ ୪ର୍ଥରେ ୧୪ ଅକ୍ଷର ଥାଏ ।

ଉଦାହରଣ—ବିଦଗ୍ଧ ଚିନ୍ତାମଣି-୬୭ଛାନ୍ଦ ।

"ଏ ଉତ୍ତରୁ ଶୁଣ ହେ ରସିକ ଦେଇ ମନ
ଦୂତୀକି ପୁଚ୍ଛନ୍ତି ପୁଣି ଉଚ୍ଛନ୍ନେ ମୋହନ
କହ କହ ବେଗ କରି
ଭେଟିଲୁ ବେଳେ କି କରୁଥିଲୁ ସେ କିଶୋରୀ । ୧ ।"

—✳—

**ମାଳଶୀ**—(ମାଳଶ୍ରୀ) ଏହି ବୃତ୍ତରେ ୬ପାଦରେ ୧ପଦ ହୁଏ । ୧ମ ୪ପାଦରେ ୧୧ଟି ଲେଖାଏଁ ୫ମ ପାଦରେ ୨୦ଟି ଏବଂ ୬ଷ୍ଠ ପାଦରେ ୧୩ଟି ଅକ୍ଷର ରହେ । ୧ମ ୪ପାଦରେ ୬ଷ୍ଠ, ୯ମ ଓ ଶେଷ ଅକ୍ଷରରେ ୫ମ ପାଦର ୬ଷ୍ଠ, ୧୨ଶ ଓ ଶେଷରେ ଓ ୬ଷ୍ଠ ପାଦର ୮ମ, ୧୧ଶ ଓ ଶେଷ ଅକ୍ଷରରେ ଯତି ପଡ଼େ ।

ଉଦାହରଣ—ବିଦଗ୍ଧ ଚିନ୍ତାମଣି ୭ମ ଛାନ୍ଦ ।

ପରୋକ୍ଷାନୁବାଦ ବିରୋଧ ବାଣୀ
ଶଂ ଶିରୋମଣି ଗୋବିନ୍ଦ ଶୁଣି

ଶାଂ ତା ବଚନ ବୋଇଲେ ପୁଣି
ଧନସ୍ଥା କହିଗଲା ଏହିକ୍ଷଣି
କଂସଦୂତ ଆସିଛନ୍ତି ଗୋକୁଳକୁ ମତେ ଧରନେବା ପାଇଁ
ପୁଣି ସ୍ଥାନ ଖୋଜଇଁ ମୁଁ ଲୁଚିବା ପାଇଁ । ୧୭ ।

--*--

ଆଶ୍ଚର୍ଯ୍ୟଚର୍ଯ୍ୟାଚୟର ମୁଖବନ୍ଧ

## ଧର୍ମ ବିଷୟକ

ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟରେ ବହୁତ ଯୋଗବିଷୟକ ରୂପକ ବିରୁଦ୍ଧୋକ୍ତି ଓ ଓଲଟା କଥା ଦେଖିବାକୁ ମିଳେ । ସେଥିଲାଗି ଏ ଗ୍ରନ୍ଥର ବିଷୟ ଅନେକ ସ୍ଥଳରେ ଦୁର୍ବୋଧ ହୋଇଅଛି ଓ ଅନେକ ସ୍ଥଳରେ ଭ୍ରାନ୍ତ ଧାରଣା ସୃଷ୍ଟି କରିଅଛି । ସାଧାରଣ ପଣ୍ଡିତ ମଣ୍ଡଳ ସହଜରେ ଏ ଗ୍ରନ୍ଥର ରହସ୍ୟ ଉଦ୍‌ଘାଟନ କରି ପାରନ୍ତି ନାହିଁ । ତେଣୁ ଐତିହାସିକ ଦୃଷ୍ଟିରୁ ଏ ଗ୍ରନ୍ଥର ଆଜ ପର୍ଯ୍ୟନ୍ତ ପୂର୍ଣ୍ଣ ଆଲୋଚନା ହୋଇ ପାରି ନାହିଁ । ପ୍ରସିଦ୍ଧ ୮୪ ସିଦ୍ଧମାନେ ବିଶେଷ ଭାବରେ ଯୋଗ ଓ ତନ୍ତ୍ରଶାସ୍ତ୍ରର ଚର୍ଚ୍ଚା ଓ ସାଧନା କରିଥିଲେ । ତେଣୁ ଆଶ୍ଚର୍ଯ୍ୟଚର୍ଯ୍ୟାଚୟର ଦୋହାର ରଚକ ସିଦ୍ଧାଚାର୍ଯ୍ୟ ମାନଙ୍କ ଉପରେ ତାନ୍ତ୍ରିକ ଯୋଗଶାସ୍ତ୍ରର ବହୁତ ପ୍ରଭାବ ପଡ଼ିଥିଲା । ସେମାନଙ୍କର ଲିଖିତ ପ୍ରତ୍ୟେକ ପଦ୍ୟରେ ସେହି ବୌଦ୍ଧ ତାନ୍ତ୍ରିକ ମତବାଦ ପରିସ୍ଫୁଟ ହୋଇଅଛି । ଏହି ସିଦ୍ଧାଚାର୍ଯ୍ୟ ମାନଙ୍କର ଅଦ୍ଭୁତ କାର୍ଯ୍ୟ କଳାପ ସାଧାରଣ ଲୋକଙ୍କ ମନରେ ଆଶ୍ଚର୍ଯ୍ୟ ଭାବ ଜାତ କରାଇ ସେମାନଙ୍କ ପ୍ରତି ଭକ୍ତି, ଶ୍ରଦ୍ଧା ଆକର୍ଷଣ କରିଥିଲା । କିନ୍ତୁ ଏହି ଯୋଗୀ ସିଦ୍ଧାଚାର୍ଯ୍ୟ ମାନଙ୍କର ସାଧାରଣ ଲୋକଙ୍କ ସହିତ କୌଣସି ବିଷୟରେ କିଛି ସାମ୍ୟ ନ ଥିଲା । ସାଧାରଣ ଲୋକେ ଭିନ୍ନ ଭାବ ଧାରଣ କରନ୍ତି । ଏହା ସେମାନେ ଘୋଷଣା କରିଥିଲେ । ସେମାନଙ୍କ ମତରେ ସାରା ସଂସାରଟା ଭ୍ରମରେ ଓଲଟା ବହି ଯାଉଅଛି । ଯେଉଁମାନେ ଏହି ଯୋଗର ମାର୍ଗ ଅବଲମ୍ବନ କରିଛନ୍ତି—ସେହିମାନେ କେବଳ ପ୍ରକୃତ ପଥରେ ପଥିକ ହୋଇ ରହିଛନ୍ତି ।

କୁହା ହୋଇଅଛି—ଆପଣେ ରଚି ରଚି ଭକ ନବାଣୀ । ମିଞ୍ଚେଁ ଲୋ ଅ ବନ୍ଧାବଏ ଆପଣା "ଜୋ ସୋ ବୁଧୀ ସୋଧ ନବୁଧୀ । ଜୋ ସୋ ଗୈର ସୋଧ ଶାଧୀ । ( ୨୨ ଚ ) ( ୩୩ ଚ ) ଜୋ ମଜା ଗୋଅର ଆଳା ଜାଳା । ଆଗମ ପୋଥୀ ଇଷ୍ଟମାଲା ( ୪୦ ) ୧ଡ଼ିଶାର ଅଚ୍ୟୁତାନନ୍ଦ ମହାପୁରୁଷ ଶୂନ୍ୟ ସଂହିତାରେ ଏହି କଥା ମଧ୍ୟ କହି ଅଛନ୍ତି । ଯଥା— ଲକ୍ଷ ମଧ୍ୟରେ ଏକ ଜାଣନ୍ତିଟି ଏହା ନ ଜାଣି ଭ୍ରମନ୍ତି ଥୋକେ ଭକ୍ତର ଷ୍ଫୁରୁହା ।

( ଶୂ. ସଂ. ପୁ ୩୩ )

ଗୋରକ୍ଷ ସିଦ୍ଧାନ୍ତ ସଂଗ୍ରହରେ କୁହାଯାଇଛି—ଯୋଗ ସମ୍ପ୍ରଦାୟ ଭିନ୍ନ ଅନ୍ୟାନ୍ୟ ସମସ୍ତ ମତର କଥା ଓଲଟା । ବ୍ରହ୍ମର ଅଂଶ ନାଦ ଏବଂ ସେହି ନାଦର ଅଂଶ ପ୍ରାଣ ଅଟେ । ଶକ୍ତିର ଅଂଶ ବିନ୍ଦୁ ଏବଂ ବିନ୍ଦୁର ଅଂଶ ଶରୀର ଅଟେ ।

ସେହି କଥା ବଳରାମ ଦାସ ବ୍ରହ୍ମ ଗୀତାରେ ଲେଖି ଅଛନ୍ତି-ଯଥା—

ଇଚ୍ଛା କଲମାନେ ଜନ୍ମ ଅଦଭୁତେ ଶୂନ୍ୟରୁ ହୋଇଲା ଶୂନ୍ୟ
ତହିଁରୁ ଶବଦ ଅନାହତ ନାଦେ ଶୂନ୍ୟେ ପ୍ରକାଶିତ ଜ୍ଞାନ ।
ରଜଗୁଣ ସତ୍ତ୍ୱ ହୁଅନ୍ତେ ଏକତ୍ୱ ଜାତ ହୋଇଲା ଆକାର

× × × ×

ରଜ ବୀର୍ଯ୍ୟ ଶୂନ୍ୟ ଶବଦ ମିଶନ୍ତେ ଦେହ ହୋଇଲା ନିର୍ମିତ ।

( ବ୍ରହ୍ମଗୀତା—ଗ୍ରନ୍ଥାରମ୍ଭ )

ଏଥିରୁ ସ୍ପଷ୍ଟ ଭାବରେ ପ୍ରମାଣିତ ହୁଏ ଯେ—ନାଦ ଓ ପ୍ରାଣ ବିନ୍ଦୁ ଶରୀରରେ ଅଧିକ ମହତ୍ତ୍ୱ ( ଉତ୍କୃଷ୍ଟ ) ପୂର୍ଣ୍ଣ ଅଟେ । ତେଣୁ ଯୋଗୀ ମାନଙ୍କ ମତରେ ଶିଷ୍ୟ ଜନମହିଁ ପୁତ୍ରଜନମ ଅପେକ୍ଷା ଅଧିକ ଗୌରବାବହ । କିନ୍ତୁ ସଂସାରରେ ଲୋକେ ଠିକ୍ ଓଲଟା ବାଟରେ ଚାଲି ଥାନ୍ତି ! ସେମାନେ ପୁତ୍ର ଜନମକୁ ଅଧିକ ଆଦର ଓ ଆଗ୍ରହ କରି ଥାନ୍ତି । କିନ୍ତୁ ଶିଷ୍ୟ ଜନ୍ମକୁ ସେପରି କରନ୍ତି ନାହିଁ । ଯୌଗିକ ଓ ତାନ୍ତ୍ରିକ ପଥର ପଥିକ ମାନେ ଶିଷ୍ୟ ଜନମକୁ ନଶ୍ରେଷ୍ଠ ବୋଲି ମାନନ୍ତି । ସଂସାରରେ ଉଦ୍ଦେଶ୍ୟ ଚତୁଷ୍ଟୟର

କ୍ରମ ହେଉଅଛି—ଧର୍ମ, ଅର୍ଥ, କାମ ଓ ମୋକ୍ଷ ; ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଓ ସନ୍ନ୍ୟାସ, ଶୃଙ୍ଗାର ବୀର, କରୁଣ, ରୌଦ୍ର, ହାସ୍ୟ, ଭୟାନକ, ଅଦ୍ଭୁତ, ଶାନ୍ତ । କିନ୍ତୁ ତାନ୍ତ୍ରିକ ଓ ଯୋଗିମାନଙ୍କ ମତ ଏ ସବୁର ଠିକ୍ ବିପରୀତ । ସେମାନଙ୍କ ମତରେ ଯେ ଲଘୁ ତାହାକୁ ପ୍ରଥମରେ ସ୍ଥାନଦେବା ଉଚିତ ନୁହେଁ ଓ ଅପେକ୍ଷାକୃତ ଗୁରୁକୁ ପରେ ୨ କ୍ରମଶଃ ସ୍ଥାନ ଦେବା ଉଚିତ । ବ୍ୟାକରଣ ଶାସ୍ତ୍ର ମତରେ 'ଅଭ୍ୟର୍ହିତଂ ଚ' ଦ୍ୱନ୍ଦ୍ୱ ସମାସରେ ଶ୍ରେଷ୍ଠ ବା ମାନ୍ୟ ବ୍ୟକ୍ତି ୧ମ ସ୍ଥାନ ଅଧିକାର କରେ । ତେଣୁ ତାନ୍ତ୍ରିକ ଓ ଯୋଗିମାନଙ୍କ ମନରେ ସେହି ସବୁ ସାଂସାରିକ ବିଷୟରେ କ୍ରମ ସମ୍ପୂର୍ଣ୍ଣ ରୂପରେ ବଦଳି ଯାଏ । ଯଥା—ମୋକ୍ଷ, ଧର୍ମ, ଅର୍ଥ, କାମ, ସନ୍ନ୍ୟାସ, ବାନପ୍ରସ୍ଥ, ଗାର୍ହସ୍ଥ୍ୟ ବ୍ରହ୍ମଚର୍ଯ୍ୟ, ଶାନ୍ତ କରୁଣ ଅଦ୍ଭୁତ ବୀର ରୌଦ୍ର ହାସ୍ୟ ଭୟାନକ ବୀଭତ୍ସ ଶୃଙ୍ଗାର ପ୍ରଭୃତି । ଏହା ହେଉଛି ଯୋଗି ସମ୍ପ୍ରଦାୟ ଓ ତାନ୍ତ୍ରିକ ସମ୍ପ୍ରଦାୟର ରୀତି ଓ ପ୍ରବୃତ୍ତି । ଏହି ସାମ୍ପ୍ରଦାୟିକ ପ୍ରବୃତ୍ତିର ପରିଣତି ହେଲା ଯେ—ଯୋଗୀ ଓ ତାନ୍ତ୍ରିକମାନେ ସଂସାରରେ ବିପରୀତ କଥା ଓ ବିରୁଦ୍ଧୋକ୍ତି କହିବାକୁ ଅଭ୍ୟସ୍ତ ହେଲେ । ଏହିପରି ବିରୁଦ୍ଧ କଥା କହିବାଦ୍ୱାରା ସେମାନଙ୍କର ପ୍ରତିଷ୍ଠା ଓ ଖ୍ୟାତି ହ୍ରାସ ନହୋଇ ବରଞ୍ଚ ବଢ଼ିବାକୁ ଲାଗିଲା । ତେଣୁ ସେମାନେ ଅଧିକ ଉତ୍ସାହରେ ସାଧାସିଧା କଥାକୁ ଓଲଟାକରି ଜଟିଳଭାବେ କହୁଥିଲେ । ଯଥା—ଲୋକେ କହନ୍ତି—ସୂର୍ଯ୍ୟ ଆଲୋକ ଜୀବନ ଦେଇଥାଏ । କିନ୍ତୁ ତାହା ଭୁଲ । ସୂର୍ଯ୍ୟ ମୃତ୍ୟୁର କାରଣ । ଚନ୍ଦ୍ରମାରୁ ଯାହା କିଛି ଅମୃତ ଝରୁଅଛି—ତାହାକୁ ସୂର୍ଯ୍ୟ ଗ୍ରାସି ଦେଉଛି । ତେଣୁ ସୂର୍ଯ୍ୟର ମୁଖ ବନ୍ଦ କରିଦେବା ଯୋଗିର ପ୍ରଧାନ ଓ ପ୍ରଥମ କର୍ତ୍ତବ୍ୟ । ତନ୍ତ୍ର ମତରେ ଆକାଶରେ ଯେ ଉତ୍ତାପ ଦେଉଛନ୍ତି ସେ ପ୍ରକୃତ ସୂର୍ଯ୍ୟ ନୁହନ୍ତି । ପ୍ରକୃତରେ ସୂର୍ଯ୍ୟ ନାଭି ଉପରେ ରହିଛନ୍ତି (ହଂ-୩-୩୮) ଏବଂ ଚନ୍ଦ୍ର ତାଳୁର ତଳେ ରହିଛନ୍ତି । ତାଳୁର ତଳେ ଚନ୍ଦ୍ରଙ୍କଠାରୁ ସୋମରସ ନାମକ ଅମୃତ ଝରୁଅଛି । ତାହାକୁ

---

ଯତ୍ କିଞ୍ଚିତ୍ ସ୍ରବତେ ଚନ୍ଦ୍ରାଦମୃତଂ ଦିବ୍ୟରୂପିଣଃ ।
ତତ୍ ସର୍ବଂ ଗ୍ରସତେ ସୂର୍ଯ୍ୟଃ ତେନ ପିଣ୍ଡୋ ଜରାଯୁତଃ । ହଂ-୩-୭୭

ଲୋକେ କହନ୍ତି ମଦ୍ୟପାନ କଲେ ଦୋଷହୁଏ । ଯଥା—

ଧନକୁ କଲେ ବିନାଶ ବାରୁଣୀରେ ହେଲେ ବଶ
ଦ୍ୟୁମଣି ଦ୍ୱିଦୋଷ ହତେ ସିନ୍ଧୁ ମଜ୍ଜନ । ବ. ଚ. ୩୦,୫

କିନ୍ତୁ ଏ ମତରେ ଅମର ବାରୁଣୀ ପାନ କଲେ ପାପ ନ ହୋଇ ବହୁତ ପୁଣ୍ୟହୁଏ । ଲୋକେ କହନ୍ତି—ଗୋମାଂସ ଭକ୍ଷଣ ମହାପାପ । କିନ୍ତୁ ଯୋଗି ଓ ତାନ୍ତ୍ରିକଙ୍କ ମତରେ ଗୋମାଂସ ଭକ୍ଷଣ ଓ ବାରୁଣୀ ପାନ କୁଳୀନତାର ଲକ୍ଷଣ । 'ଗୋ'ଶବ୍ଦର ଅର୍ଥ ଜିହ୍ୱା । ଏହି ଜିହ୍ୱାକୁ ଲେଉଟାଇ ବ୍ରହ୍ମରନ୍ଧ୍ରକୁ ନେବାର ନାମ ହେଉଛି ଗୋ'ମାଂସ ଭକ୍ଷଣ । ସେହି କଥା ଓଡ଼ିଆରେ ସପ୍ତାଙ୍ଗ ଯୋଗରେ ବର୍ଣ୍ଣିତ ହୋଇଅଛି ।

ଜିହ୍ୱାଲେଉଟାଇ ସୁଧାରସ ଖାଇ କାମ ନାମ ଯାଇ ଧ୍ୟାନେତାର ।
ଜିହ୍ୱା ଇନ୍ଦ୍ରଙ୍କର ପୀରତି ଅପାର ମନସବୁ ହୁଏ ଦୁର ।
(ସପ୍ତାଙ୍ଗ ଯୋ ୩୬ପ)

---

ବ୍ରହ୍ମରନ୍ଧ୍ରେ ତୁ ଯତ୍ପଦ୍ମଂ ସହସ୍ରାରଂ ବ୍ୟବସ୍ଥିତମ୍
ତତ୍ର କନ୍ଦେ ହି ଯା ଯୋନିଃ ତସ୍ୟାଂ ଚନ୍ଦ୍ରୋ ବ୍ୟବସ୍ଥିତଃ
ତ୍ରି କୋଣାକୃତି ସ୍ତସ୍ୟାଃ ସୁଧା କ୍ଷରତି ସନ୍ତତମ୍ । ଶିବଃ -୧୦୩ ।
ଅମର ବାରୁଣୀ କହନ୍ତି । ଏହା ପାନ କଲେ ବିଶେଷ ପୁଣ୍ୟ ଓ ସାଧନା ମାର୍ଗରେ ଉନ୍ନତି ହୁଏ । (ହ୦-୩-୪୭-୪୮) ସେହି କଥା ଅଚ୍ୟୁତା ନନ୍ଦ ଦାସ ଶୂନ୍ୟ ସଂହିତାରେ କହିଛନ୍ତି ।—କଣ୍ଠରେ ଘଟିକାସ୍ଥାନ ଅକାର ପ୍ରତ୍ୟକ୍ଷ

ଦଣ୍ଡକ ମକାର ପରେ ମହାଦେବ ନାମ ।
ବର୍ଣ୍ଣିକେ ପାରିବ ସେହି ଘଟିକାର ସ୍ଥାନ
ସ୍ୱାଦୁ ବାରୁଥାଇ ସେହି ଝରୁଥାଇ ଝର ।
ଝର ଶୁଖିଗଲେ ଟଳେ ଚନ୍ଦ୍ର ଯେ ଶିଖର
(ଶୂ · ସ ୭୩)

ସୁଧାମୃତ ଗୀତାରେ କୁହାହୋଇ ଅଛି—

ବ୍ରହ୍ମପେ ତାଲୁକାସ୍ଥାନ ପରମାତ୍ମାଘର ।
ସେହିଠାରେ ସୁଧାରସ ପଡେ ଝରଝର ।
ପରଂବ୍ରହ୍ମ ଦେଖିବାକୁ ଯାରହୋଏ ମନ ।
ପବନକୁ ଟେକୁଥିବ ତ୍ରିବେଣୀ ସଙ୍ଗମ ।
ପରଂବ୍ରହ୍ମ ବନ୍ଦୁରସ ଆକାଶୁଁ ଝରଇ ।
ଜିହ୍ୱାଲେଉଟାଇ ପିନା ଆସ୍ୱାଦିବା ପାଇଁ ।

(ସୁ ଥ.୨୮)

୧. ଗୋମାଂସଂ ଭକ୍ଷୟେନ୍ନିତ୍ୟଂ ପିବେଦମର ବାରୁଣୀମ୍
କୁଳୀନଂ ତମହଂ ମନ୍ୟେ ଇତରେ କୁଳଘାତକାଃ
ଗୋ ଶବ୍ଦେ ନୋଦିତା ଜିହ୍ୱା ତତ୍ ପ୍ରବେଶୋ ହି ତାଳୁନି ।
ଗୋମାଂସ ଭକ୍ଷଣ ତ ମହା ପାତକ ନାଶନମ ।
ଜିହ୍ୱା ପ୍ରବେଶ ସମ୍ଭୂତଃ ବହ୍ନିନୋତ୍ପାଦିତଃ ଖଲୁ ।
ଚନ୍ଦ୍ରାତ୍ ସ୍ରବତି ଯଃ ସାରଃ ସ ସ୍ୟାଦମର ବାରୁଣୀ । ହଂ-ତ-୪୭

ଲୋକେ କହନ୍ତି—ବାଳବିଧବା ରଣ୍ଡୀ ସମସ୍ତଙ୍କ ସମ୍ମାନ ଓ ଆଦରର ପାତ୍ର । ସେମାନଙ୍କ ରକ୍ଷଣାବେକ୍ଷଣ ଭାର ସମାଜର ଗ୍ରହଣ କରିବା ଉଚିତ । କିନ୍ତୁ ଏହା ଠିକ୍ ଓଲଟା କଥା । କାରଣ ଗଙ୍ଗା ଓ ଯମୁନାର ମଝିରେ ଯେଉଁ ପବିତ୍ର ଭୂଇଁ ରହିଛି-ସେଠାରେ ଜଣେ ରଣ୍ଡୀ ବାସ କରେ । ସେହି ରଣ୍ଡୀକୁ ବଳାତ୍କାର ପୂର୍ବକ ଗ୍ରହଣ କଲେ ବିଷ୍ଣୁଙ୍କର ପରମପଦ ଲାଭହୁଏ । ଅର୍ଥାତ୍—ଇଡ଼ା ପିଙ୍ଗଳା ନାଡ଼ୀକୁ ଗଙ୍ଗା ଓ ଯମୁନା କହନ୍ତି । ଏହି ଦୁଇ ନାଡ଼ୀ ମଝିରେ ସୁଷୁମ୍ନା ନାଡ଼ୀ ରହିଅଛି । ତାହାକୁ ସରସ୍ୱତୀ କହନ୍ତି । ଯେହି ସୁଷୁମ୍ନା ନାଡ଼ୀର ମଧ୍ୟବର୍ତ୍ତୀ ନାଡ଼ୀ କୁଣ୍ଡଳିନୀ,ତାକୁ ରଣ୍ଡୀ କହନ୍ତି । ସେହି ରଣ୍ଡୀ କୁଣ୍ଡଳିନୀ ନାଡ଼ୀକୁ ଜୋରକରି ଧରି ଉପରକୁ ଚଳାଇଲେ ମାନବର ପରମପଦ ଓ ଚରମ ଲକ୍ଷ୍ୟ ଲାଭ ହୁଏ । ସେହି କଥା ଜ୍ଞାନଚୂଡ଼ା ମଣିରେ କୁହାଯାଇଛି—

ଗଙ୍ଗା ଯମୁନା ଯେ ପୁଣ ସରସ୍ୱତୀ ତିନି
ଇଅଁଳା ପିଅଁଳା ପୁଣ ସିସୁମୁନା ଘେନି ।
ମେରୁଙ୍କୁ ଫୁଟିଣ ପୁଣ ବଙ୍କନାଳ ଭେଦ
ଲେଉଟି ଉଜାଣି ପୁଣ ବହେ ତିନିନଦୀ
ମଧ୍ୟରେ ସିସୁମୁନା ପୁଣ ତୀର୍ଥ ସରସ୍ୱତୀ
ସେ ତୀର୍ଥ ସେବିଲେ ଯେ ନ ଦଣ୍ଡେ ଜନ୍ତୁପତି । ୧୬୮ ।

ଆଶ୍ଚର୍ଯ୍ୟ ଚର୍ଯ୍ୟାଚର୍ଯ୍ୟରେ ମଧ୍ୟ ଏହା ଦେଖିବାକୁ ମିଳେ । ଯଥା—

ଗଙ୍ଗା ଜଉଁଣା ମାଝେଁରେ ବହଇ ନଈ
ତହିଁ ବୁଡ଼ିଲ ମାଙ୍ଗେ୍ୟ ଜୋଗିଆ ପାରକରଇ । ୧୪ ।

ତହିଁରେ ଇଡ଼ା, ପିଙ୍ଗଳା ନାଡ଼ୀକୁ ଲଳନା ଓ ରସନା ନାମରେ କୁହାଯାଇ ଅଛି । ସେହି ଦୁଇ ନାଡ଼ୀର ମଧ୍ୟବର୍ତ୍ତୀ ସୁଷୁମ୍ନା ନାଡ଼ୀର ନାମ ଅବଧୂତୀ । ଯଥା—

"ଲଳନା ପ୍ରଜ୍ଞା ସ୍ୱଭାବେନ ରସନୋପାୟ ସଂସ୍ଥିତା
ଅବଧୂତୀ ମଧ୍ୟଦେଶେ ଗ୍ରାହ୍ୟଗ୍ରାହକ ବର୍ଜିତା ।

(ବୌ. ଗା. ଦୋ ପୃ ୯)

ତୟୋରନ୍ୟଃ ପିପ୍‌ପଲଂ ସ୍ୱାଦ୍ୱତ୍ୟନଶ୍ନନ୍ନନ୍ୟୋ ଅଭିଚାକଶୀତି ।

ଇତ୍ୟାଦି (ମୁଣ୍ଡକ-୩-୧)

ବେଦ ଉପନିଷଦ୍ ପ୍ରଭୃତିରେ ଏହିପରି ଉକ୍ତି ଓ ରୂପକ ପ୍ରଭୃତି ପରବର୍ତ୍ତୀ ସନ୍ଧ୍ୟାଭାଷାର ପୂର୍ବ ସଙ୍କେତ ମାତ୍ର । କିନ୍ତୁ ବୌଦ୍ଧଧର୍ମର ଅନ୍ତିମ କାଳରେ ବଜ୍ରଯାନ ଓ ସହଜ-ଯାନର ସିଦ୍ଧାଚାର୍ଯ୍ୟମାନେ ସନ୍ଧ୍ୟା-ଭାଷାକୁ ଧର୍ମପ୍ରଚାରର ସହାୟକ ରୂପରେ ଗ୍ରହଣ କରିଥିଲେ । ସେମାନେ ଉକ୍ତି ଓ ରୂପକ ଶୈଳୀ ଭାଷାରେ ବିଶେଷଭାବରେ ପ୍ରଚଳନ କରାଇ ସାଧାରଣ ଲୋକଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ତାହାର ଫଳରେ ସେମାନଙ୍କର ପ୍ରଭାବ ଓ ପ୍ରତିପତ୍ତି ବୃଦ୍ଧି ଲାଭ କରିଥିଲା ।

ଏହି ସବୁ ରୂପକ ଓ ଓଲଟା କଥା ବୁଝିବା ଲାଗି ପରମ୍ପରା ଓ ସମ୍ପ୍ରଦାୟ ହେଉଛି ଉତ୍କୃଷ୍ଟ ସାଧନ । ତଥାପି ବସ୍ତୁ ଧର୍ମ ସମ୍ବନ୍ଧ ଯେଉଁ ଉପମାନର ସାଧର୍ମ୍ୟ ରହିଥାଏ, ସେହି ଉପମାନରେ ଅତିଶୟୋକ୍ତି ଅଳଙ୍କାରର ଶୈଳୀପର ବସ୍ତୁର ବାଚକ ରୂପେ ଗୃହୀତ ହୋଇଥାଏ । ଉଦାହରଣ—ଚିତ୍ତ ଚଞ୍ଚଳ ହରିଣ, ମତ୍ସ୍ୟ ପ୍ରଭୃତି ମଧ୍ୟ ଚଞ୍ଚଳ । ଚାଞ୍ଚଲ୍ୟ ଗୁଣ ସାଧର୍ମ୍ୟ ଯୋଗୁଁ ଚିତ୍ତକୁ ହରିଣ ମତ୍ସ୍ୟ ପ୍ରଭୃତି ଉପମାନ ସହିତ ତୁଳନା କରାଯାଇଥାଏ । କିନ୍ତୁ ଏ ରୂପକରେ ହରିଣ ମତ୍ସ୍ୟ ପ୍ରଭୃତି ଚାଞ୍ଚଲ୍ୟ ଧର୍ମୀ ଉପମାନ ଗୁଡ଼ିକ ଚିତ୍ତର ବାଚକ ବୋଲି ଗୃହୀତ ହୋଇଥାନ୍ତି । ସେହିପରି ବିଷୟୀ ଲୋକ ସଂସାରରେ ବୁଡ଼ିରହେ । ସେଥିଲାଗି ବୁଡିବା ଧର୍ମ ଯୋଗୁଁ ସମାନ ଧର୍ମା ସାଗର ମଧ୍ୟ ସଂସାରର ବାଚକ ହୋଇଥାଏ । ଅର୍ଥାତ୍—ସାଗର ଶବ୍ଦ ସଂସାରର ଅର୍ଥ ପ୍ରକାଶ କରେ । ଗହନ ବନରେ ହିଂସ୍ର ଜନ୍ତୁର ଭୟ ରହିଥାଏ । ସେହିପରି ସଂସାରରେ ପ୍ରତିପଦରେ କୁ ପ୍ରବୃତ୍ତିର ମଧ୍ୟ ଭୟ ରହିଅଛି । ସେଥିଲାଗି ବନ ଶବ୍ଦ ମଧ୍ୟ ସଂସାରର ବାଚକ ବା ପର୍ଯ୍ୟାୟଭୁକ୍ତ ହୋଇଥାଏ ।

ଏହିସବୁ ଉକ୍ତି ଅତିଶୟୋକ୍ତି ଅଳଙ୍କାରର ଶୈଳୀ ଆଶ୍ରୟ କରି ପ୍ରଯୁକ୍ତ ହୋଇଥାଏ । କିନ୍ତୁ ପ୍ରକୃତରେ ଏ ସବୁ ଅତିଶୟୋକ୍ତି ଅଳଙ୍କାର ନୁହେଁ । ସେହି ୨ ଶାସ୍ତ୍ରରେ ଏହି ସବୁ ଉପମାନଙ୍କ ମଧ୍ୟରୁ ଅନେକଙ୍କର ସଂକେତିତ ଅର୍ଥ ନିର୍ଦ୍ଦିଷ୍ଟ ହୋଇଅଛି । ତେଣୁ ସେମାନଙ୍କର ଉପମାନୋପମେୟ ଭାବ କଳ୍ପନା କରାଯାଇ ପାରିବ ନାହିଁ । ଉଦାହରଣ—ତନ୍ତ୍ର ଓ ଯୋଗ ଶାସ୍ତ୍ରରେ ଇଡ଼ା, ପିଙ୍ଗଳା ଓ ସୁଷୁମ୍ନା ଗଙ୍ଗା ଯମୁନା ଓ ସରସ୍ୱତୀ ରୂପେ ସଂକେତିତ । ତେଣୁ "ଗଙ୍ଗା ଜଉନା ମାଝେଁରେ ବହଇନାଈ(୧୪ଚ) ପଦ୍ୟରେ ପ୍ରସ୍ତୁତ ଇଡ଼ା ପିଙ୍ଗଳା ଉପମେୟର ନିଗରଣ ପୂର୍ବକ ଅପ୍ରସ୍ତୁତ ଗଙ୍ଗାଯମୁନା ଉପମାନର ଅଧ୍ୟବସାୟ ହୋଇନାହିଁ । ନିଗରଣ ପୂର୍ବକ ଅଧ୍ୟବସାୟହିଁ ଅତିଶୟୋକ୍ତିର ମୂଳ । ସାଧିତେ୍ୱ ଽଧ୍ୟବସାୟସ୍ୟ ଽତିଶୟୋକ୍ତି ନିଗଦ୍ୟତେ" ବିଷୟ ନିଗରଣେନ ବିଷୟିଣୋ ଽଭେଦପ୍ରତିପତ୍ତିରଧ୍ୟବସାୟଃ । (ସାହିତ୍ୟ ଦ—୧୦ପ ୭୪୩)

କିନ୍ତୁ ଯୋଗ ଓ ତନ୍ତ୍ରଶାସ୍ତ୍ର ଅନୁସାରେ ଗଙ୍ଗା ଶବ୍ଦର ଇଡ଼ା ହେଉଛି ସାଙ୍କେତିକ ଅର୍ଥ ଏବଂ ଯମୁନା ଶବ୍ଦର ପିଙ୍ଗଳା ହେଉଛି ସାଙ୍କେତିକ ଅର୍ଥ । ସେହିପରି ସନ୍ଧ୍ୟା ଭାଷାରେ ସାଧାରଣ ଦୃଷ୍ଟିରେ ଅର୍ଥ ଓ ଭାବ ବିପରୀତ ଦେଖାଗଲେ ମଧ୍ୟ ଯୋଗ ଓ ତନ୍ତ୍ର ଶାସ୍ତ୍ରର ପରିଭାଷାରେ ସେହିପରି ଅର୍ଥ ଦେଖିବାକୁ ମିଳେ । ସୁତରାଂ ଏହି ସବୁ ଶବ୍ଦର ଭାବ ଓ ଅର୍ଥ ପାରିଭାଷିକ ହୋଇଥିବା ଯୋଗୁ ସେହି ସେହି ସ୍ଥଳରେ ବିରୋଧାଭାସ ଅଳଙ୍କାର ହୁଏନାହିଁ । ତଥା ରୂପକ ଅଳଙ୍କାର ମଧ୍ୟ ହୁଏନାହିଁ । କେବଳ କଥାରେ ଏହିସବୁ ଉକ୍ତିକୁ କେହି କେହି ରୂପକ ବୋଲି କହିଥାନ୍ତି । କିନ୍ତୁ ଯଥାର୍ଥରେ ଏସବୁ ଉକ୍ତି ରୂପକ ଅଳଙ୍କାର ନୁହେଁ । ଯେଉଁ ଯେଉଁ ସ୍ଥଳରେ ପ୍ରସ୍ତୁତାର୍ଥ ଓ ଅପ୍ରସ୍ତୁତାର୍ଥ ଦ୍ୱାରା ନିଗରଣ ହୋଇଥାଏ ସେହି ସେହି ସ୍ଥଳରେ ଧର୍ମହିଁ ସଙ୍କେତର କାରଣ, କିନ୍ତୁ ଧର୍ମୀ ନୁହେଁ । ପୂର୍ବରୁ କୁହାହୋଇଛି—ଚଞ୍ଚଳ ଧର୍ମର ସାଦୃଶ୍ୟ ଯୋଗୁଁ ମନକୁ ମତ୍ସ୍ୟ ବା ହରିଣ କହନ୍ତି । ତେଣୁ ଚଞ୍ଚଳ ଧର୍ମ ମତ୍ସ୍ୟ ହରିଣ ପ୍ରଭୃତିର ସାଙ୍କେତିକ ଅର୍ଥ କିନ୍ତୁ ଚଞ୍ଚଳ ଧର୍ମୀ ହରିଣ ମନର ସାଙ୍କେତିକାର୍ଥ ନୁହେଁ । ଏହି ହରିଣ ଶବ୍ଦ ମଧ୍ୟ ଅନ୍ୟ ସାଦୃଶ୍ୟ ଯୋଗୁଁ ଅନ୍ୟ ବସ୍ତୁର ଦ୍ୟୋତକ ଓ ବାଚକ ହୋଇଥାଏ । ଯଥା—

> ଆପଣା ମାଂସେ ହରିଣା ବୈରୀ, ଖଣହ ନ ଛାଡ଼ଇ ଭୁସୁକୁ ଅହେରୀ
> ତିଣ ନ ଛୁଅଇ ହରିଣା ନ ପିଇ ପାଣୀ, ହରିଣ ହରିଣୀର ନିଲଅ
> ନ ଜାଣି ( ୬ ଚ )

ଚର୍ଯ୍ୟାର ଏହି ପଦ୍ୟରେ ଭିନ୍ନ ଭିନ୍ନ ଧର୍ମ ଯୋଗୁଁ ହରିଣ ଓ ହରିଣୀ ଶବ୍ଦ ଭିନ୍ନ ଅର୍ଥରେ ପ୍ରଯୁକ୍ତ ହୋଇଅଛି । ଚିତ୍ତର ଧର୍ମ ଚଞ୍ଚଳ ଥିବାରୁ ଏଠାରେ ଚିତ୍ତକୁ ହରିଣ ବୋଲି କୁହାଯାଇଛି । କିନ୍ତୁ ଜ୍ଞାନମୁଦ୍ରା ଅର୍ଥାତ୍ ନୈରାତ୍ମ୍ୟ-ବୋଧ ସଂସାରର ବିଷ ଦୋଷ ଓ ପୁନର୍ଜନ୍ମକୁ ହରଣ କରେ ବୋଲି ଜ୍ଞାନ ମୁଦ୍ରାକୁ ହରିଣୀ ବୋଲି କୁହା ଯାଇଛି । ( ବିଷପାନଂ ଭବଗ୍ରହାନ୍ ହରନ୍ତି ଖଣ୍ଡୟନ୍ତି ହରିଣୀତି ସନ୍ଧ୍ୟାଭାଷୟା ଓଁ ସୈବ ଜ୍ଞାନମୁଦ୍ରା ନୈରାତ୍ମ୍ୟା । ( ଚର୍ଯ୍ୟା—୬ ଟୀକା ) ସିଦ୍ଧ କବି ଭୁସୁକୁ ପାଦ ନିଜକୁ ଏ ପଦ୍ୟରେ ଅହେରୀ

ଅର୍ଥାତ୍ ଶୀକାରୀ ବୋଲି କହିଛନ୍ତି । କାରଣ ସେ ଗୁରୁଙ୍କ ବଚନରୂପ ବାଣଦ୍ୱାରା ଚିତ୍ତ ଗୃଷଲୀକୁ ବଧ ବା ଦୂର କରି ପାରିଛନ୍ତି । ତେଣୁ ଏହି ଶୀକାର ଧର୍ମ ଥିବାରୁ କବି ନିଜକୁ ଶୀକାରୀ ରୂପରେ ବର୍ଣ୍ଣନା କରିଛନ୍ତି । ସେହିପରି କାହ୍ନୁ ପାଦଙ୍କର ୧୧ଶ ଚର୍ଯାରେ—

ମାରି ଆ ଶାସୁ ନଣନ୍ଦ ଘରେ ଶାଳୀ । ମାଅ ମାରିଅ କାହ୍ନୁ ଭଇଲ କବାଲୀ । ୧୧ । ଏହିପଦ୍ୟରେ ଶାଶୁ—ଶ୍ୱାସ, ନଣନ୍ଦ—ଇନ୍ଦ୍ରିୟ ଶାଳୀ—ବାୟୁ, ମାଅ—ମାୟା, କବାଳୀ—କପାଳୀ, ସାଧକ କାହ୍ନୁ । ଧର୍ମ ସ୍ଥଳ ବିଶେଷରେ ଶବ୍ଦଗତ ଏବଂ ସ୍ଥଳ ବିଶେଷରେ ଅର୍ଥଗତ ମଧ୍ୟ ହୋଇଥାଏ । ଶାସୁ ଶବ୍ଦ ଶ୍ୱାସର ପ୍ରାକୃତ ରୂପ । ଶାସୋ ବା ଶାସୁ ଶବ୍ଦର ଆକୃତିଗତ ସାମ୍ୟଥିବାରୁ ଶାସୁ ଶବ୍ଦ ଶ୍ୱାସ ଅର୍ଥ ମଧ୍ୟ ପ୍ରକାଶ କରୁଅଛି । ତେଣୁ ସାଧର୍ମ୍ୟ ଏଠାରେ ଶବ୍ଦଗତ । କିନ୍ତୁ ନଣନ୍ଦ ଶବ୍ଦ ଆନନ୍ଦ ପ୍ରଦାନ କରେ ବୋଲି ଇନ୍ଦ୍ରିୟର ଅର୍ଥ ମଧ୍ୟ ପ୍ରକାଶ କରୁଅଛି । ତେଣୁ ଏଠାରେ ସାଧର୍ମ୍ୟ ଅର୍ଥଗତ ।

ଯେଉଁ ସ୍ଥଳରେ ପ୍ରସ୍ତୁତ ଅର୍ଥ ବା ଉପମେୟର ଯଥାର୍ଥରେ ବିଗରଣ ହୋଇଥାଏ—ସେହି ୨ ସ୍ଥଳରେ ଟୀକାକାରଙ୍କର କଳ୍ପନାକୁ ଯଥେଷ୍ଟ ସ୍ୱାଧୀନତା ମିଳିଥାଏ । ସେଥିଯୋଗୁଁ ପଦଟିର ଗୋଟିଏ ଶବ୍ଦକୁ ବିଭିନ୍ନ ଟୀକାକାର ଭିନ୍ନ ଭିନ୍ନ ଅର୍ଥରେ ଗ୍ରହଣ କରିଥାନ୍ତି । ତେଣୁ ପରଂପରାରୁ ପ୍ରଚଳିତ ପାରିଭାଷିକ ଅର୍ଥ ହେଉଛି ଏ ସମସ୍ତ ବୁଝିବାର ପ୍ରଧାନ ଅବଲମ୍ବନ । ଆଶ୍ଚର୍ଯ ଚର୍ଯାଚୟର ସଂସ୍କୃତ ଟୀକାକାର ଲେଖିଛନ୍ତି— "ସଦ୍‌ବର୍ତ୍ମା ବିଗମାୟ ନିର୍ମଳଗିରାଂ ଟୀକାଂ ବିଧାସ୍ୟେସ୍ଫୁଟମ୍ ।" ନିର୍ମଳ ବାକ୍ୟରେ ମୁଁ ସୁସ୍ପଷ୍ଟ ଭାବରେ ଟୀକା କରୁଅଛି । କିନ୍ତୁ ସଂସ୍କୃତ ଟୀକାକାର କେଉଁ ଶତାବ୍ଦିର ଲୋକ ବୋଲି ଜଣାନାହିଁ । ସେ ଯେ ପ୍ରକୃତରେ ବଜ୍ରଯାନ ଓ ସହଜଯାନର ସନ୍ଧ୍ୟାଭାଷା ଭଲଭାବରେ ଅବଗତହୋଇଥିଲେ ଏହାର କିଛି ପ୍ରମାଣ ନାହିଁ । ତଥାପି ଏହି ଟୀକାରେ ଅନେକ ଶବ୍ଦର ସନ୍ଧ୍ୟାଭାଷାର ପାରିଭାଷିକ ଅର୍ଥ କରାହୋଇଅଛି । କିନ୍ତୁ ତାହାଁ ଭିତରୁ ଅଧିକାଂଶ ଶବ୍ଦର ଅର୍ଥ ଦାର୍ଶନିକ ଦୃଷ୍ଟିରେ ହୋଇଅଛି । ସେଥିରେ

ତାନ୍ତ୍ରିକ ବା ସାଧନା ମାର୍ଗର ଯଥାଯଥ ଅର୍ଥ ହୋଇନାହିଁ । ସେଥିଲାଗି ଡ଼ —ପ୍ରବୋଧ ବାଗ୍‌ଚି ମହାଶୟ Materials for a critical edition of the old *Bengali* ch.rya Pada ବହିର ୬ଷ୍ଠ ପୃଷ୍ଠାରେ ଲେଖିଛନ୍ତି—I found out that it was almost impossible to interprit the songs without the helf of the Tibetan texts. ମୁଁ ଦେଖିଲି ଯେ ତିବତୀୟ ପାଠଛଡ଼ା ଚର୍ଯାଗୀତି ଅର୍ଥ କରିବା ଏକାନ୍ତ ଅସମ୍ଭବ । ଚର୍ଯା ଗୁଡ଼ିକର ତିବତୀୟ ଭାଷାରେ ଅନୁବାଦ ହୋଇଥିଲା । କିନ୍ତୁ ଏ ଅନୁବାଦ କେବେ ହୋଇଥିଲା ଜଣାନାହିଁ । ଏ ଅନୁବାଦ ସଂସ୍କୃତ ଟୀକା ସହିତ ମେଳ ଖାଏ ନାହିଁ । ଏଠାରେ ମୁଁ ଗୋଟିଏ ମାତ୍ର ଉଦାହରଣ ଦେଉଅଛି । ୩୩ ଚର୍ଯାରେ ଅଛି—

ଟାଳ ତ ମୋର ଘର ନାହି ପଡ଼ବେଶୀ
ହାଁଡ଼ୀତ ଭାତ ନାହିଁ ନିତ ଆବେଶୀ
ବେଙ୍ଗ ସସାର ବଡ଼୍‌ହିଲେ ଜାଅ
ଦୁହିଲ ଦୁଧୁ କ ବେଣ୍ଟ ସମାଅ ।

ଏହାର ତିବତୀୟ ଅନୁବାଦର ମର୍ମାର୍ଥ ସଂସ୍କୃତ ଭାଷାରେ ଏହିପରି ପ୍ରକାଶିତ ହୋଇଅଛି ।

ନଗର ମଧ୍ୟେ ମମଗୃହଂ ପ୍ରତିବେଶୀ ନାସ୍ତି
ମୃଦ୍‌ଭାଣ୍ଡେ ଓଦନଂ ନାସ୍ତି ନିତ୍ୟଂ ଆବେଶକମ୍ ।
ଭେକେନ ସର୍ପଂ ଏବ ତାଡ଼ିତଂ
ଦୁଗ୍‌ଧଦୁଗ୍‌ଧଂ କ ଗେ ସ୍ତବଂ ପ୍ରବଶତି ।

ଏହି ଦୁଇ ପାଠର ଅର୍ଥରେ ସମ୍ପୂର୍ଣ୍ଣ ଭେଦ ରହିଅଛି । ତେଣୁ ବାଗ୍‌ଚି ଲେଖିଛନ୍ତି—"But tne Tibetan translation had certainlv an altogether different reading before him. The Tibetan translation means—even the serpent is being Chased by the frog ( P m ) । ତିବତୀୟ ଅନୁବାଦକ ସମ୍ମୁଖରେ ସମ୍ପୂର୍ଣ୍ଣ ଭିନ୍ନ ପାଠ ରହିଥିଲା । ତିବତୀୟ ଅନୁବାଦର ଅର୍ଥ ବେଙ୍ଗ ସାପକୁ ଗୋଡ଼ାଉଅଛି ।"

ପ୍ରକୃତରେ ଓଡ଼ିଆ ସାହିତ୍ୟ ସହିତ ତୁଳନା କରି ଦେଖିଲେ ଜଣା ପଡ଼େ ଯେ— ଅନେକ ଗ୍ରନ୍ଥରେ ବେଙ୍ଗ ସାପକୁ ଗୋଡ଼ାଇବା କଥା ଲେଖାଅଛି । ଯଥା—ନାଗ ସର୍ପକୁ ଯେ ମଣ୍ଡୁକା ଗିଳଇ ଏକଥା ଦେଖିଛ କାହିଁ

ଦେଢ଼ଶୁର ଭାଇବୋହୁଙ୍କର ଭାବ ଭଣେ ଗୋପିଆ କହଇ ।

( ଭଜନସାର ପୃ୧୫ଷ୍ଠା )

ସର୍ପକୁ ମଣ୍ଡୁକା କରୁଛି ଗେଲ, ଦୁଇ ବୃକ୍ଷେ ଅଛି ମନ୍ଦାର ଫୁଲ ।

( ଅଚ୍ୟୁତାନନ୍ଦ ଦାସ—ଗ୍ରନ୍ଥ—ଭଜନ ପୃ୧୫ଷ୍ଠା )

ମଣ୍ଡୁକା ମାଡ଼ୁଛି ଝୁମୁକ କଠାଉ ଶୃଗାଳ ହୋଇଛି ରାଜା

କଳକତରୀ ଯେ କରଣ ହୋଇଛି ହସ୍ତିକ କଲେ ପରଜା ।

ନୃ· ପୃ· ପୀତାମ୍ବର ) ଅହି ସର୍ପକୁ ମଣ୍ଡୁକ ମୁଖେ ଦେବ ଚୁମ୍ବ ମଞ୍ଜାର କୋଳରେ ମୂଷାଶପୂନ କରିବ । ।

( ବ୍ର· ନ· ଗୀ· ୬ ଅ ୩୨ ପ )

ସେହି ଭାବରେ ମଧ୍ୟ କୁହାଯାଇଛି—

ମନମୁଷା ହୋ ତୁହିଁ ଗଞ୍ଜାଇ ଖାଇ । ଢନେଇବରାଡ଼କୁ ଚହ୍ନିଲୁ ନାହିଁ ।
ଗାଉଁଆ ମୂଷାକୁ ବିରାଡ଼ ଜଗିଛି-ମୂଷା ବସିଛି ଗଞ୍ଜାଇ ଖାଇ ।
ମଣ୍ଡୁକା ସହିତେ ଲଢ଼ାଇ ଲଗିଛି ହସ୍ତି ପଳାଇଲା ଗୁପୁତା ଖାଇ
ବକ ବସିଥିଲା ମୀନକୁ ଚାହିଁ ମୀନ ଗିଳିଦେଲା ବକକୁ ଯାଇଁ ।
ସେ ଲ ଇ ବୁଡ଼ିଲା ପଥର ଭାସିଲା ଦେଖି ଆଚମ୍ବିତ ହୋଇଲ ମୁହିଁ ।
ଭଣେ ଗଙ୍ଗାଧର ବିଶ୍ୱକର୍ମା ଘୁରି ଦେବ କ ନଜାଣେ ହରିଙ୍କ ଧ୍ୟାନ୍ୱେ ।

(ଭଜନସାର ପୃ୨୦)

ସୁତରାଂ ଓଡ଼ିଆ ଗୀତ ସହିତ ତୁଳନା କରି ଦେଖିଲେ ଜଣାଯିବ ଡବଶାସ୍ତ୍ର ଅନୁବାଦହିଁ ଠିକ୍ । ପ୍ରକୃତ ପାଠ ହେବ—ବେଙ୍ଗ ସାପପରେ ଚଢିଯାଏ ।’, ଓଡ଼ିଶାରେ ଅନେକ ସମ୍ପ୍ରଦାୟରେ ସନ୍ଧ୍ୟାଭାଷାପରି ଭାଷା ପ୍ରଚଳିତ ରହିଅଛି । ସେହି ଭାଷାର ପାରଂପାରିକ ପାରିଭାଷିକ ଅର୍ଥଦୃଷ୍ଟିରୁ ମୁଁ ଅନେକ ସ୍ଥଳରେ ଚର୍ଯାଗୁଡ଼ିକର ଅର୍ଥ କରିଅଛି । ତହିଁର ହେତୁ ଓ

ସାଦୃଶ୍ୟାର୍ଥକ ଓଡ଼ିଆ ପଦ୍ୟ ମଧ୍ୟ ଦେଇଅଛୁ । ଓଡ଼ିଶାରେ ପଞ୍ଚସଖା ପ୍ରଭୃତି ତାନ୍ତ୍ରିକ ବୈଷ୍ଣବଧର୍ମ ମହିମାଧର୍ମ ପ୍ରଭୃତି ଭିନ୍ନ ଭିନ୍ନ ସମ୍ପ୍ରଦାୟ ଭିତରେ ବହୁକାଳରୁ ୧୩ଶ ଶତାବ୍ଦୀରୁ ସନ୍ଧ୍ୟାଭାଷାପରି ବିରୁଦ୍ଧୋକ୍ତି ପୂର୍ଣ୍ଣ ଭାଷାଟିଏ ଚଳି ଆସୁଅଛି । ସନ୍ଧ୍ୟାଭାଷାର ଯୁଗରୁ ବର୍ତ୍ତମାନ ଯୁଗରେ ଏପରି ବିରୁଦ୍ଧୋକ୍ତି ପୂର୍ଣ୍ଣ ଭାଷା ଓଡ଼ିଶାରେ ଚଳି ଆସୁଅଛି । ସାରଳାଦି ପଞ୍ଚଶାଖା ଅରକ୍ଷିତ ଦାସଙ୍କ ବ୍ରାହ୍ମ ବା ଆଲେଖଧର୍ମ, ମହିମା ସମ୍ପ୍ରଦାୟ ପୀତାମ୍ବର ନୃସିଂହ ପୁରାଣ ତାର ନିଦର୍ଶନ । ବର୍ତ୍ତମାନ ମଧ୍ୟ ସେ ପରଂପରା ଅକ୍ଷୁର୍ଣ୍ଣ ରହିଅଛି । ଏହି ସମ୍ପ୍ରଦାୟର ଲୋକେ ଏହିପରି ବିପରୀତ କଥା କହିବାରେ ଗର୍ବ ଅନୁଭବ କରନ୍ତି । ମୁଁ ତଳେ ତହିଁର କୋତୋଟି ମାତ୍ର ଦୃଷ୍ଟାନ୍ତ ଦେଲି ।

ପୁଚ୍ଛବାଟେ ଗାଈ ପୁଣି ଆହାର ଯେ ଖାଇ
ମୁଖବାଟେ ନେଇ ପୁଣି ଆହାର ବଳଇ ।
ଏ ଗାଭ ଗୋଟିକ ଯେବେ ଚେତା ରଖିଥାଇ ।
ଏହିମନ ଗୋଟି ସିନା ଗାଭ ବୋଲି କହି ।
ରଖୁଆଳ ଚେତନା ଯେ ରଖେ ନିରନ୍ତରେ
ଆହାର ଭକ୍ଷଇ ଗାଈ ଷଣ୍ଢ ଯେ ମୁଖରେ ( ଶୂ· ସଂ· ୩ୟ ଅ )
ଅମପା ମାପିଲେ ଯାଇ ଅଖାଦ୍ୟ ପାରିଲେ ଖାଇ
ସାଧୁ ସଙ୍ଗ କଲେ ପୂର୍ବ ପାତକ ହରଇ । ( ଭଜନ-ଧାମ ଭୋଇ
ପୃ ୧୫ )

ବାଇ ମନରେ ବସି ଅବନା ବନ ।
ଅବନା ବନଲେ ଅମପା ମାପିବୁ ଅବିଦ୍ୟାରେ ତୋର ହୋଇବ ଧନ ।
ଅମାବସ୍ୟା ନିଶାରେ ଷୋଳ କଳାଚନ୍ଦ୍ର ସର୍ବଦା ନିଶାରେ ରବି ଦର୍ଶନ
ଅହର୍ନିଶ ଯହିଁ ପ୍ରଦୀପ ଜଳଇ ଦୀପତେଜେ ଅଣରୁଣ ପବନ
ଅଣାକାର ଘରେ ନାମ ସଂକୀର୍ତ୍ତନ ଶବଦରେ ନାହିଁ ହରି ଭଜନ
ସ୍ନେହେ ଛୁଆ ଯେନ ହରିଣୀ ସୋଇଛି ବ୍ୟାଘ୍ର ଆଣି ତାକୁ ଦିଏ ଭୋଜନ
ନିର୍ଝର କନ୍ଦରେ ପହଁରୁଛି ହଂସ ଅମଳ ଜଳେ ହରିଣୀ ନିବାସ
ଝୁରି ମେଘ ଘୋଟି କଲେ ଜଳବୃଷ୍ଟି ମରୁଣ୍ଡରେ କୃଷି ହେଲା ବିନାଶ

ଶୂନ୍ୟରେ ଶୂନ୍ୟରେ ଦେଉଳ ହୋଇଛି ଦେଉଳ ଗୋଟିଏ ତଳେ ନିର୍ମାଣ
ଏମନ୍ତ ଦେଉଳ ବ୍ରହ୍ମାଣୀ ଗଢ଼ିଛି ଅମୁହାଁ ଦେଉଳ ଦ୍ୱାର ଦର୍ଶନ ।
ନିର୍ଦ୍ଧନର ଘର ବହିଂନେଲେ ଚୋର ବାଟରେ ବସି କରନ୍ତି ଭୋଜନ
ଧରାଗଲେ ଚୋର ହୋଇବ ଅମର କହଇ ଅଚ୍ୟୁତ ମୂଢ଼ ଅଜ୍ଞାନ
( ପଞ୍ଚ ସଖାଙ୍କ ଭଜନ ପୃ ୧୨ )

ପ୍ରାଣ ସଜନୀ ଗୋ, ଶୁଣିଲେ ହୋଇବୁ ବାଇ
ବନର ଭଲୁକ ଗାଈ ପ୍ରସବଛି ବାଘୁଣୀ ବାଟ କଢ଼ାଇ
ପିତା ମାତା ଦୁହେଁ ଜନମ ନୋହୁଣୁ ପୁଅ ଦାଣ୍ଡରେ ଖେଳଇ ( ଭଜନ ସାର ପୃ୧୨ )

କମଠ ଦୁଗ୍‌ଧ ଯୋଗୀ ଗୃଲୁଣୀକୁ ଦୁହେଁ
ସେ ଦୁଗ୍‌ଧ ଖାଇ ଯୋଗୀ ଅମର ଯେ ହୁଏ । ( ଯୋଗୀନ୍ଦ୍ର ଦାଣ୍ଡଧୁଆ )
ଶଶଙ୍କର ମୁଣ୍ଡେ ଶୃଙ୍ଗ ଢ଼ଳ ଢ଼ଳ ହୋଇ
ବନ୍ଧ୍ୟା ସୁତ ପ୍ରସବଇ ରେ ଯୋଗୀନ୍ଦ୍ର । ( ,, ୧୫ )
ଅତୁଲ ତୁଲ ପାରୁ ଯେବେ ରହି । ଜ୍ଞାନ ଜାଣିଲୁ ବୋଲି ତେବେ କହି
ଅମପା ମ ପିବୁ ଶୁଣବଚସ୍ର । ଅଭକ୍ଷ୍ୟଦ୍ରବ୍ୟ ପାରୁ ଯେବେ ଭକ୍ଷ ।
ବୃକ୍ଷ ଉପରେ ବିହଙ୍ଗ ବାସ । ଉଡ଼ି ଯିବାକୁ ଲୋଡୁଅଛି ହଂସ ।
( ଜ୍ଞାନ ଚୂଡ଼ାମଣି ୧୪୫ )

ପାରିଲେ ଏମନ୍ତ କର କରଟୀ । ଡେଣାଧରି ପକ୍ଷ ପକାଅ କାଟି
( ଜ୍ଞା. ଚୂ. ମ. ୧୫୧ )
ଅଗ୍ନି ପାଣି ଏକ କରିବୁ ଯେବେ । ଚଉଷଠି ରୋଗ କ କରେ ତେବେ ।
( ଜ୍ଞାନ ସିଦ୍ଧି ୧୦୧ )
ପଶ୍ଚିମ ଦଗକୁ ବାହିବୁ ନାବ । ଘାଇବୋହୁ ଅଛି ଯେବଣ ଠାବ ।
ଦେଢ଼ସୁର ତାକୁ ଦେଖିଲେ ଯାଇ । ବନ୍ଧ୍ୟା ଉହ୍ଲବ ଅଜାମ୍ବର ନହାଇ
( ଜ୍ଞାନସିଦ୍ଧି ୧୧୯ )
ବାଁଝ ପରମଟି ଅଟଇ । ଜୀବ ବାଁଝର ପୁଅ ହୋଇ

ଅଣ ଷଣ୍ଢର ଦୁଧ ଜାଣି । ଝରୁଛି ପିଅର ତ୍ରିବେଣୀ ( ଦ୍ୱାରକା ଦାସ
ଗୁପତ ରୁପମଣି ୧୬୭-୬୮

ବିନା ଜଳରେ ଫୁଟି ଅଛି କମଳ ଭ୍ରମର ଘେନୁଛି ବାସ
ନୀର ବନ୍ଧନେ ଯେ ଲହରୀ ମାରୁଛି ବୋଇତ ଯାଉଛି ନାଶ । ( ୧୭ )
ନୀର ବନ୍ଧନେ ଯେ ରହିଛି ମତ୍ସ୍ୟ ଆହାର ନ ଖାଇ କଚ୍ଛି
ଡିମ୍ବ ଭିତରେଣ ଅଣ୍ଡା ବାନ୍ଧିକରି ଆହାର ନ ଖାଇ କଚ୍ଛି ( ବଳରାମ
ଦାସ—ବ୍ରହ୍ମଗୀତା ୬୮)

କାଳିନ୍ଦୀ ହ୍ରଦରେ ଫୁଟିଛି କଇଁ ହସ୍ତ ବଢ଼ାଉଛି ତୋଳିବା ପାଇଁ
ଫୁଲ ଫୁଟି ଫୁଲ ଲେଉଟି ରହିଛି ତହିଁକି ଭ୍ରମର ହୋଇଛି ବାଇ (ଘନକୃଷ୍ଣ
ଭଜନ ମାଳା ପୃ ୧୭ )

ଊଜାଣି ବୃକ୍ଷେ ଖେଳୁଛି ଲେଂଠଣୀ ପାରି । ଅଠାକାଠି ପିଞ୍ଜରାରେ ନ ପଡ଼େ
ଧରି । ( ରଘୁଦାସ ଭଜନ )

ଗାଇବା ସୁବୁଦ୍ଧି ଜଣେ ହେଲା ବାଘ ଛୁଟିକା ମନ୍ତ୍ର ଜବା ଜାଣଇ
ବାରବାଟି ବିଲ ପଡ଼ିଆ ଉଠିଆ ବନେ ଗାଈ ଘାସ ଖାଇଲା ନାହିଁ ।
ତ୍ରିଗୁଣ ଦଉଡ଼ି କରି ବାନ୍ଧିଥିଲା ଛିଣ୍ଡାଇ ପକାଇ ଗଲା ପଳାଇ । ଇତ୍ୟାଦି ।
( ଯଶୋବନ୍ତ ଭଜନ ସଂଗ୍ରହ ପୃ ୧୮

## ବଜ୍ରଯାନ ଓ ସହଜଯାନ

ଶାକ୍ୟ ମୁନି ସିଦ୍ଧାର୍ଥଙ୍କର ତିରୋଧାନ ପରେ ତାଙ୍କ ଉପଦେଶ ଓ ବଚନ ସବୁ ସଂଗ୍ରହ କରିବାଲାଗି ପ୍ରଥମରେ ରାଜଗୃହରେ ବୌଦ୍ଧ ଭିକ୍ଷୁଙ୍କର ଗୋଟିଏ ସଭା ବସିଥିଲା । ତହିଁରେ ପ୍ରାୟ ଶହେ ବର୍ଷ ପରେ ବୈଶାଳିରେ ଦ୍ୱିତୀୟ ଥର ସଭା ହୋଇଥିଲା । ପାଟଳୀପୁତ୍ରରେ ତୃତୀୟ ଥର ଓ କନିଷ୍କଙ୍କ ସମୟରେ ୪ର୍ଥ ବାର ସଭା ବସିଥିଲା । ଏହିସବୁ ସଭାରେ ମତଦ୍ୱୈଧ ହେବାରୁ ବୌଦ୍ଧଧର୍ମ କ୍ରମେ ୨ ଦୁଇଟି ଶାଖାରେ ବିଭକ୍ତ ହୋଇଥିଲା । ୧—ହୀନଯାନ ଓ ୨—ମହାଯାନ । ପାଲିଭାଷାରେ ରଚିତ ସୂତ୍ର ବିନୟ ଅଭିଧର୍ମ ପ୍ରଭୃତି ତ୍ରିପିଟକ ଗ୍ରନ୍ଥସବୁ ସିଂହଳ, ବ୍ରହ୍ମ ଓ ଶ୍ୟାମ ପ୍ରଭୃତି ଦେଶରେ ମିଳୁଅଛି । ଏ ସମସ୍ତ ହୀନଯାନର ପ୍ରଧାନ ୨ ଶାସ୍ତ୍ର । ଖ୍ରୀଷ୍ଟୀୟ

୧ମ ଶତାବ୍ଦୀ ପୂର୍ବରୁ ମହାଯାନ ସମ୍ପ୍ରଦାୟର ଅଭ୍ୟୁଦୟ ହୋଇଥିଲା । ନାଗାର୍ଜୁନ ଅସଙ୍ଗ ବସୁବନ୍ଧୁ ପ୍ରଭୃତି ଆଚାର୍ଯ୍ୟମାନେ ସଂସ୍କୃତ ଭାଷାରେ ଭିନ୍ନ ଭିନ୍ନ ଗ୍ରନ୍ଥ ରଚନା କରି ନିଜ ନିଜର ମତବାଦ ପ୍ରଚାର କରିଥିଲେ । ଏହି ସମସ୍ତ ଗ୍ରନ୍ଥ ତିବ୍ବତ, ଚୀନ ଓ ଜାପାନ ପ୍ରଭୃତି ଦେଶରେ ମିଳୁଅଛି । ବୁଦ୍ଧଦେବଙ୍କ ବାଣୀ ପ୍ରଚାରିତ ହୋଇଥିଲା । 'ସର୍ବଂ ଅନିତ୍ୟଂ ସର୍ବଂ ଅନାତ୍ମଂ ।' ଏହା ହେଉଛି ବୌଦ୍ଧଧର୍ମର ମୂଳମନ୍ତ୍ର । ଏହି ମୌଳିକ ତତ୍ତ୍ୱର ଭିନ୍ନ ୨ ଅର୍ଥ ହେଲା ଏବଂ ଦାର୍ଶନିକ ଯୁକ୍ତି ବଳରେ ବୌଦ୍ଧଧର୍ମର ଭିନ୍ନ ଭିନ୍ନ ଶାଖାର ସୃଷ୍ଟି ହେଲା । ହୀନଯାନରେ କେବଳ ପଦ୍‌ଗଳ ଶୂନ୍ୟତା ବା ଆତ୍ମାର ଶୂନ୍ୟତା ସ୍ୱୀକୃତ ହୋଇଥିଲା । କିନ୍ତୁ ମହାଯାନରେ ଆତ୍ମା ସଙ୍ଗେ ସମସ୍ତ ଧର୍ମର ଶୂନ୍ୟତା ମଧ୍ୟ ଗୃହୀତ ହେଲା । ସମସ୍ତ ଧର୍ମ କହିଲେ ସମସ୍ତ ଇନ୍ଦ୍ରିୟ ଗ୍ରାହ୍ୟ ବସ୍ତୁ ସମୂହ ଆତ୍ମାପରି ଅନିତ୍ୟ,କ୍ଷଣସ୍ଥାୟୀ ଓ ପରିବର୍ତ୍ତନ ଶୀଳ । ସଂସାରରେ କୌଣସି ପଦାର୍ଥ ଚିରସ୍ଥାୟୀ ନୁହେଁ । ସମସ୍ତ ଶୂନ୍ୟ । ଏହି ମତକୁ ମହାଯାନ ବା ଶୂନ୍ୟବାଦ ବୋଲି କହନ୍ତି । ପ୍ରଜ୍ଞା ପାରମିତା ଗ୍ରନ୍ଥରେ ୧ମ କରି ଏହି ମତ ପ୍ରଥମେ ଆଲୋଚିତ ଓ ପ୍ରଚାରିତ ହୋଇଅଛି । ଐତିହାସିକ ତାରାନାଥ କହି ଅଛନ୍ତି—ମହାପଦ୍ମ ନନ୍ଦଙ୍କର ଅଳ୍ପକାଳ ପରେ ଚନ୍ଦ୍ରଗୁପ୍ତ ନାମରେ ଜଣେ ରାଜା ଓଡ଼ିଶାରେ ( Odevisa ) ରାଜତ୍ୱ କରୁଥିଲେ । ମଞ୍ଜୁଶ୍ରୀ ତାଙ୍କ ପ୍ରାସାଦକୁ ଭିକ୍ଷୁ ବେଶରେ ଆସି ମହାଯାନ ମତ ବ୍ୟାଖ୍ୟା କରିଥିଲେ । ( Tara P 58 ) ( Pag sam yen zang ର ୮୨ ପୃଷ୍ଠାରେ ଲିଖିତ ଅଛି ମହାପଦ୍ମ ନନ୍ଦଙ୍କ ରାଜତ୍ୱର ଅଳ୍ପକାଳପରେ ବୌଦ୍ଧ ମହାଯାନ ମତ ୧ମରେ ଓଡ଼ିଶାରେ ( Odevisa ) ଆରମ୍ଭ ହୋଇଥିଲା । Schiefner ଙ୍କ ତାରାନାଥର ଅନୁବାଦ ୬୩ ପୃଷ୍ଠାରେ ବର୍ଣ୍ଣିତ ଅଛି—"କନିଷ୍କଙ୍କର ବୌଦ୍ଧଭିକ୍ଷୁ ସମିତିର ପରେ ୨ କେତେକ ହୀନଯାନର ଭିକ୍ଷୁ ଅନୁତ୍ତରିକ ଧର୍ମ ଗ୍ରହଣ କରିଥିଲେ ଏବଂ ମହାଯାନର ମତାମତ ପ୍ରଚାର କରିଥିଲେ । ଏହି ଭିକ୍ଷୁମାନେ ଅଙ୍ଗ ଓ ଓଡ଼ିଶା ଦେଶରୁ ଆସିଥିଲେ । ସେ ସମୟରେ ଭିନ୍ନ ଭିନ୍ନ ଦେଶର ଲୋକେ ମହାଯାନ ମତ ପ୍ରତି ବିଶେଷ ଆଗ୍ରହ ପ୍ରକାଶ

କରୁଥିଲେ । ଆର୍ଯ୍ୟାବଲୋକିତେଶ୍ୱର ଗୁହ୍ୟପତି ମଞ୍ଜୁଶ୍ରୀ ଓ ମୈତ୍ରେୟ ପ୍ରଭୃତି ଏହି ମହାଯାନ ମତ ପ୍ରକାଶ କରୁଥିଲେ । ପ୍ରଜ୍ଞାପାରମିତାର ଗୋଟିଏ ପଦ୍ୟ ଆଂଶିକ ଭାବରେ ତାରନାଥଙ୍କ ଉକ୍ତିକୁ ସମର୍ଥନ କରୁଅଛି ଓଡ଼ିଶାର ପୁଷ୍ପଗିରି ଏହି ମହାଯାନ ଶୂନ୍ୟବାଦର ଆଦିମ କେନ୍ଦ୍ରସ୍ଥଳ ଥିଲି ବୋଲି ଅନୁମିତ ହୁଏ । କନିଷ୍କଙ୍କ ରାଜତ୍ୱର ବହୁପୂର୍ବରୁ ମହାଯାନର ଶୂନ୍ୟବାଦ ପ୍ରଚଳିତ ହୋଇଥିଲା ଏବଂ କନିଷ୍କଙ୍କ ରାଜତ୍ୱ କାଳରେ ମହାଯାନ ବୌଦ୍ଧଧର୍ମର ପ୍ରଧାନ ଶାଖାରୂପରେ ଗୃହୀତ ହୋଇଥିଲା । ତହିଁପରେ ନାଗାର୍ଜୁନ ଅସଙ୍ଗ ଆର୍ଯ୍ୟଦେବ ବସୁବନ୍ଧୁ ପ୍ରଭୃତି ନିଜ ନିଜ ଗ୍ରନ୍ଥରେ ଏହି ଶୂନ୍ୟ ବାଦରେ ଦାର୍ଶନିକ ବିସ୍ତାର ଓ ପ୍ରଚାର କରିଥିଲେ । ନାଗାର୍ଜୁନ ନାମ ଶାସ୍ତ୍ରାନୁମୋଦିତ ଯୁକ୍ତି ଓ ତର୍କ ବଳରେ ହୀନଯାନର ମତବାଦ ଏବଂ ଭିନ୍ନ ଭିନ୍ନ ମତ ମତାନ୍ତର ଖଣ୍ଡନ କରି ଏହି ଶୂନ୍ୟ ବାଦର ଭିତ୍ତି ସୁଦୃଢ଼ କରିଥିଲେ ।

ମାଧ୍ୟମିକ ବୌଦ୍ଧବାଦର ପ୍ରଧାନ ପ୍ରଚାରକ ନାଗାର୍ଜୁନ କହିଛନ୍ତି—

"ଅପ୍ରତୀତ୍ୟ ସମୁତ୍ପନ୍ନୋ ଧର୍ମଃ କଶ୍ଚିନ୍ନ ବିଦ୍ୟତେ
ଯସ୍ମାତ୍ତସ୍ମାଦ ଶୂନ୍ୟୋହି ଧର୍ମଃ କଶ୍ଚିନ୍ନ ବିଦ୍ୟତେ । ମାଧ୍ୟମିକ
ଶା ୨୪ଅ ୧୯ କା ।

(B Aspects of Nahajana Budhism and its relation to Hinajana by N Dutta P.91 )

ସଂସାରରେ ଯେଉଁସବୁ ପଦାର୍ଥ କାର୍ଯ୍ୟକାରଣ ଭାବରେ ସମ୍ବନ୍ଧ ବା ସଂପୃକ୍ତ- ସେ ସମସ୍ତ ଅନାତ୍ମ, ଅନିତ୍ୟ ବା ଶୂନ୍ୟ । ସଂସାରରେ ଯାବତୀୟ ପଦାର୍ଥ ରହିଅଛି ସେ ସମସ୍ତ କାର୍ଯ୍ୟକାରଣ ଭାବରେ ପରସ୍ପରସହିତ ସଂପୃକ୍ତହୋଇ ରହିଅଛି । ତେଣୁ ସଂସାରର ସମସ୍ତ ପଦାର୍ଥ ଅନିତ୍ୟ ବା ଶୂନ୍ୟ । ଉଦାହରଣ ରୂପରେ ବସ୍ତ୍ରକୁ ଗ୍ରହଣ କରାଯାଉ । ବସ୍ତ୍ରଟି ସୂତାର ସମବାୟରେ ନିର୍ମିତ ହୋଇଅଛି । ଏହି ସୂତାଗୁଡ଼ିକୁ ବିଚ୍ଛିନ୍ନ କଲେ ବସ୍ତ୍ରର ଲୋପ ହୁଏ । ତେଣୁ ବସ୍ତ୍ରକୁ ନିତ୍ୟବୋଲି ସ୍ୱୀକାର କରାଯାଇ ନପାରେ କିମ୍ବା ବସ୍ତ୍ରର ସ୍ୱଭାବଙ୍କ ସ୍ୱୀକୃତ ହୋଇ ନପାରେ । ସେହିପରି ସୂତାଗୁଡିକ ତୁଳାରୁ ଉତ୍ପନ୍ନ

ଏବଂ ତୁଳାମଧ୍ୟ କାରଣାନ୍ତରରୁ ଉତ୍ପନ୍ନହୋଇଅଛି । ତେଣୁ ଏମାନଙ୍କ ଭିତରୁ କାହାର ନିଜ ନିଜର ସତ୍ତା ନାହିଁ । ଏହିପରି ସଂସାରରେ ଯାବତୀୟ ବସ୍ତୁ କାର୍ଯ୍ୟକାରଣ ସମ୍ବନ୍ଧରୁ ଉତ୍ପନ୍ନ ହୋଇଛନ୍ତି । ତେଣୁ ସଂସାରର ସମସ୍ତ ପଦାର୍ଥ ଅନାତ୍ମ ବା ସ୍ୱଭାବହୀନ । ପଦାର୍ଥର ଏହି ଅନାତ୍ମତା ବା ସ୍ୱଭାବହୀନତାକୁ ଶୂନ୍ୟତା ବୋଲି କହିଥାନ୍ତି । ସେହିକଥା ଆଶ୍ଚର୍ଯ୍ୟଚର୍ଯ୍ୟା-ଚୟର ୨୭ଚର୍ଯ୍ୟାରେ କୁହାଯାଇଛି ।

"ତୁଳା ଧୁଣି ଧୁଣି ଆଂସୁ
ଆଂସୁ ଧୁଣି ଧୁଣି ନିରବର ସେସୁ ।" ପ୍ରଭୃତି

ଋଗ୍‌ବେଦର ୧୦ମ ମଣ୍ଡଳର ନାସଦାସୀୟ ସୂକ୍ତରେ ଏହି ଶୂନ୍ୟବାଦର ସନ୍ଧାନ ମିଳିଥାଏ । ଜଡଭରତ ସୌବୀର ରାଜାଙ୍କନିକଟରେ ଏହି ତତ୍ତ୍ୱର ବ୍ୟାଖ୍ୟାନ କରିଥିଲେ । ବୌଦ୍ଧଭିକ୍ଷୁ ନାଗସେନ ରାଜା ମିଳିନ୍ଦଙ୍କୁ ଏହି ସମ୍ବନ୍ଧରେ ଉପଦେଶ ପ୍ରଦାନ କରିଥିଲେ । କାର୍ଯ୍ୟକାରଣ ଭାବରେ ସଂପୃକ୍ତ ବସ୍ତୁର ନିତ୍ୟତ୍ୱ ସ୍ୱୀକୃତ ହୋଇପାରେ ନାହିଁ । ତେଣୁ ବସ୍ତ୍ର ସୂତ୍ର ପ୍ରଭୃତି କେବଳ ବ୍ୟାବହାରିକ ସଂଜ୍ଞା । କିନ୍ତୁ ଯଥାର୍ଥରେ ଏ ସବୁ ଶୂନ୍ୟ ଏହି କଥା ୨୭ଚର୍ଯ୍ୟାଚୟରେ କୁହାଯାଇଛି ।

"କାଜ ନ କାରଣ ଏହୁ ଜୁଗତି ।" (୨୭)

ନାଗାର୍ଜ୍ଜୁନ ଏହି ଶୂନ୍ୟର ସଂଜ୍ଞା କରିଛନ୍ତି—

'ଶୂନ୍ୟମିତି ନ ବକ୍ତବ୍ୟଂ ଅଶୂନ୍ୟମିତି ବା ଭବେତ୍ ।
ଉଭୟଂ ନୋ ଭୟଂ ନୈବ ପ୍ରଜ୍ଞପ୍ତ୍ୟର୍ଥଂ ତୁ କଥ୍ୟତେ ।

ଅର୍ଥାତ୍ ଏହି ଶୂନ୍ୟକୁ ଶୂନ୍ୟବୋଲି କହି ହେବ ନାହିଁ । ଅଶୂନ୍ୟ ବୋଲି ମଧ୍ୟ କହିହେବ ନାହିଁ । ଏହାକୁ ଶୂନ୍ୟ ଶୂନ୍ୟ ବୋଲି କହି ହେବ ନାହିଁ କି ଶୂନ୍ୟାଶୂନ୍ୟ ନୁହେଁ ବୋଲି କହିହେବ ନାହିଁ । ସେହି କଥା ସର୍ବଦର୍ଶନ ସଂଗ୍ରହରେ ୭ମ ପୃଷ୍ଠାରେ କୁହା ହୋଇଅଛି । ଅସ୍ତି ନାସ୍ତି ତଦୁ ଭୟାନୁଭୟ ଚତୁଷ୍କୋଟି ବିନିର୍ମୁକ୍ତଂ ଶୂନ୍ୟରୂପମ୍" ଅଦ୍ୱୟ ବଜ୍ର ସଂଗ୍ରହରେ ମଧ୍ୟ ଏହି କଥାର ଉଲ୍ଲେଖ ଅଛି । ମାଧ୍ୟମିକ ବୃତ୍ତିରେ କୁହାଯାଇଛି—

ନ ଶୂନ୍ୟଂ ନାପିଚାଶୂନ୍ୟଂ ତସ୍ମାତ୍ର ସର୍ବଂ ଵଧୀୟତେ

ସଂସାରର ଯାବତୀୟ ପଦାର୍ଥକୁ ଶୂନ୍ୟ ବୋଲି ବା ଅଶୂନ୍ୟ ବୋଲି କହି ହେବନାହିଁ । ଏହି ଅର୍ଥରେ ଶୂନ୍ୟଶବ୍ଦର ବ୍ୟବହାର ହୋଇଅଛି । ତେଣୁ ନାଗାର୍ଜ୍ଜୁନଙ୍କର ମହାଯାନର ଶୂନ୍ୟବାଦ ଅନିର୍ବଚନୀୟତା ରୂପ ଧାରଣ କରିଅଛି । ଅଭାବ ବୋଧଲାଗି ଶୂନ୍ୟଶବ୍ଦର ବ୍ୟବହାର ହୋଇଅଛି ଏବଂ ଭାବବୋଧକ ଭାବରେ 'ତଥତା' ଶବ୍ଦର ବ୍ୟବହାର ମଧ୍ୟ ହୋଇଅଛି । ତେଣୁ ତଥତା ଓ ଶୂନ୍ୟ ଏକ ପର୍ଯ୍ୟାୟଭୁକ୍ତ ଓ ଏକାର୍ଥ ବୋଧକ । ଭୀମଭୋଇ ଠିକ୍ ଏହି ଭାବରେ ଶୂନ୍ୟର ବର୍ଣ୍ଣନା କରିଛନ୍ତି ।

ଶୂନ୍ୟବୋଲିବାକୁ ସର୍ବେ ଗଲେ ଅପସରି

କିଛି ନ ଦିଶନ୍ତେ ଫଳ ଇଲେ ଭୟକରି । ବ୍ର ନି ଗୀ ପୃ୬୮

ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟରେ ସେହିକଥା ୨୯ ଓ ୪୪ ଚର୍ଯ୍ୟାରେ ବର୍ଣ୍ଣିତ ହୋଇ ଅଛି ।

ଭାବ ନହୋଇ ଅଭାବ ନହୋଇ

ଅଇସ ସଂବୋହେ କୋ ପତିଆଇ (୨୯)

ସବ୍ ବ ବିଚୁରିଲ ତଥତା ନାହେ । (୪୪)

ପ୍ରକୃତରେ ଅଜ୍ଞେୟ ଅନିର୍ବଚନୀୟ ଅବସ୍ଥାର ନାମ ଶୂନ୍ୟ ବା ତଥତା । ଶଙ୍କରାଚାର୍ଯ୍ୟ ଏହି ଶୂନ୍ୟବାଦକୁ ଉଚ୍ଛେଦବାଦରୂପରେ ଗ୍ରହଣ କରି ଖଣ୍ଡନ କରିଛନ୍ତି । ମାତ୍ର ଶୂନ୍ୟବାଦରେ ଶୂନ୍ୟଶବ୍ଦର ଅର୍ଥ ପୂର୍ଣ୍ଣଅଭାବ ( **Amihilation**) ନୁହେଁ । ଏହି ଶୂନ୍ୟବାଦ ଏବଂ ଶଙ୍କରଙ୍କ ପ୍ରଚାରିତ ବ୍ରହ୍ମବାଦ ମଧ୍ୟରେ ବିଶେଷ କିଛି ପାର୍ଥକ୍ୟ ନାହିଁ । (**Dr. Kereus maswal of Birddhi on P·127**) ସେଥିଲାଗି ରାମାନୁଜ ପ୍ରଭୃତି ଦାର୍ଶନିକମାନେ ଶଙ୍କରାଚାର୍ଯ୍ୟଙ୍କୁ ପ୍ରଚ୍ଛନ୍ନ ବୌଦ୍ଧ ବୋଲି କହିଥାନ୍ତି ।

---

୧ ନ ସନ୍ନାସ ନ୍ନ ସଦସନ୍ନ ଚୃପ୍ୟନୁ ଭୟାତ୍ମକମ୍

ଚତୁଷ୍କୋଟି ବିନିର୍ମୁକ୍ତଂ ଶୂନ୍ୟଂ ମାଧ୍ୟମିକା ବିଦୁଃ (**P.190**)

ଅନେକ ଏପରି ପଦ ଓ ବାକ୍ୟ ଅଛି—ଯାହାର ବାସ୍ତବ ଅର୍ଥ ନାହିଁ । ସେହିପରି ପଦ ବା ବାକ୍ୟ ଶୁଣିଲେ ଆତ୍ମମନରେ ଏକପ୍ରକାର ଅସ୍ଫୁଟ

ଜ୍ଞାନବୃତ୍ତିର ଉଦୟ ହୁଏ । ତାହାକୁ ବିକଳ୍ପ ବୃତ୍ତି କହିଥାନ୍ତି । କହିବାର ବିଷୟ ଅବସ୍ତୁ ହେଲେ ମଧ୍ୟ ଆମ୍ଭମାନଙ୍କୁ ସଦାସର୍ବଦା ଏହିପରି ବୈକଳ୍ପିକ ବିଷୟକୁ ଯଥାର୍ଥ ପରି କହିବାକୁ ହୁଏ । ଯେପରି ଆକାଶ ଅନନ୍ତ । ଅନନ୍ତର ଅର୍ଥ ଯାହାର ଅନ୍ତ ନାହିଁ । କିନ୍ତୁ କୌଣସି ବିଷୟକୁ ଜାଣିବାକୁ ହେଲେ ତାହା ସର୍ବଦା ଅନ୍ତଯୁକ୍ତ ହେବ କଦାପି ଅନନ୍ତ ହୋଇପାରିବ ନାହିଁ । ସୁତରାଂ ଅନନ୍ତରୂପ ଜ୍ଞେୟ ପଦାର୍ଥଟି କେବଳ ବଚନରେ ପ୍ରକାଶିତ ହୁଏ, କିନ୍ତୁ ଆମ୍ଭର ଜ୍ଞାନଶକ୍ତିଦ୍ୱାରା ଅଧିଗମ୍ୟ ହୋଇପାରେ ନାହିଁ । ଅସଂଖ୍ୟ ଅଭାବ ପ୍ରଭୃତି ଶବ୍ଦର ବିଷୟ ମଧ୍ୟ ଏହିପରି । ତେଣୁ ଅନନ୍ତ ଅସଂଖ୍ୟ, ଅଭାବ ପ୍ରଭୃତି ଶବ୍ଦ ଅବାସ୍ତବ ପଦାର୍ଥ । ଏହିପରି ସ୍ଥଳରେ ବ୍ୟବହାରସିଦ୍ଧି ଲାଗି ଅବସ୍ତୁକୁ ବସ୍ତୁ ବୋଲି ଧରିନେବାକୁ ହୋଇଥାଏ ଯେପରି ଜ୍ୟାମିତିର ବିନ୍ଦୁକୁ ପରିମାଣ ଶୂନ୍ୟ ବୋଲି ଧରିନେବାକୁ ପଡ଼େ । ସେହିପରି ଅସଂଖ୍ୟ ପଦର ଅର୍ଥଗତ ଅଙ୍କ ଗୁଡ଼ିକ ନ୍ୟାୟ ସଂଗତ ନ ହେଲେ ମଧ୍ୟ ଅନ୍ୟାଯ୍ୟ ନୁହେଁ । ସେଠାରେ ସାଧାରଣ ଗଣନା ଯୋଗବିଯୋଗାଦିର ନିୟମ ଖାଟେ ନାହିଁ । ଯେପରି ପୂର୍ଣ୍ଣସ୍ୟ ପୂର୍ଣ୍ଣ ମଦାୟ ପୂର୍ଣ୍ଣମେବାବଶିଷ୍ୟତେ । ଏହା ତ ହେଉଛି ବ୍ୟବହାର ସିଦ୍ଧି ଲାଗି ନିୟମ ।

ଏହି ବ୍ୟାବହାରିକ ଜଗତର ମୂଳରେ ଯେଉଁ ଅବ୍ୟବହାର୍ଯ୍ୟ ସତ୍ତା ରହିଅଛି—ସେ ସମ୍ବନ୍ଧରେ ପ୍ରାୟ ନିଷେଧ ବାଚକ ପଦ ବ୍ୟବହାର କରିବାକୁ ହୋଇଥାଏ । ଯେପରି ଅଦୃଷ୍ଟ, ଅବ୍ୟବହାର୍ଯ୍ୟ, ଅଲକ୍ଷଣ, ଅଚିନ୍ତ୍ୟ, ଅନନ୍ତ ପ୍ରଭୃତି । ସେଥିଲାଗି କୌଣସି କୌଣସି ଦାର୍ଶନିକ ଏହି ପରି ପଦାର୍ଥ ସ୍ୱୀକାର କଲେ ମଧ୍ୟ ତାହାକୁ ଶୂନ୍ୟ କହିଥାନ୍ତି । କିନ୍ତୁ ସେହି ଶୂନ୍ୟର ସତ୍ତା ରହିଅଛି । ସେହି ଶୂନ୍ୟ ଦ୍ରଷ୍ଟବ୍ୟ ଓ ଉପଲଭ୍ୟ । ଯଥା—ଶୂନ୍ୟମାଧ୍ୟାତ୍ମିକଂ ପଶ୍ୟେତ୍ ପଶ୍ୟେଚ୍ଛୂନ୍ୟଂ ବହିର୍ଗତଂ

(ପ୍ରଜ୍ଞାପାରମିତା)

---

| ୧ ପାତଞ୍ଜଳୀ ଦର୍ଶକ ପୃ ୪ |

ଏହା ସତ୍ୟ ଯେ ଅବ୍ୟବହାର୍ଯ୍ୟ ପଦାର୍ଥ କହିବାକୁ ଗଲେ ଆମ୍ଭମାନଙ୍କୁ ନିଷେଧ ବାଚକ ପଦ ବ୍ୟବହାର କରିବାକୁ ହୋଇଥାଏ । ତହିଁରୁ ଅବ୍ୟବହାର୍ଯ୍ୟ ପଦାର୍ଥ ନାହିଁ ବୋଲି ସିଦ୍ଧହୁଏ ନାହିଁ । କିନ୍ତୁ ଆମ୍ଭମାନଙ୍କର ଭାଷା ବ୍ୟବହାର୍ଯ୍ୟ ପଦଦ୍ୱାରା ଗଠିତ ହୋଇଥାଏ ବୋଲି ଏହିସବୁ ନିଷେଧ ବାଚକ ପଦଦ୍ୱାରା ବ୍ୟବହାର୍ଯ୍ୟତାର ନିଷେଧ କରିବାକୁ ହୋଇଥାଏ । ବ୍ୟବହାର ଜଗତରେ ସବୁ ପଦାର୍ଥ ଆପେକ୍ଷିକ । ସମ୍ପୂର୍ଣ୍ଣ କିଛି ନାହିଁ । ସେଥିଲାଗି ଏହି ଜଗତର ମୂଳରେ ସମ୍ପୂର୍ଣ୍ଣ ପଦାର୍ଥ ନାହିଁ ବୋଲି ସିଦ୍ଧ ହୁଏ ନାହିଁ । ଆପେକ୍ଷିକତା ଥିଲେ ସମ୍ପୂର୍ଣ୍ଣତା ମଧ୍ଯ ରହିଅଛି ବୋଲି ନ୍ୟାୟାନୁସାରେ ସ୍ୱୀକାର କରିବାକୁ ହୁଏ । ଉତ୍ତର ଦିଗକୁ ଯିବାକୁ ବସିଲେ ସମ୍ମୁଖରେ ଉତ୍ତର ଦିଗ ରହିବ ଏବଂ ପଛରେ ଦକ୍ଷିଣ ଦିଗ ଆପେକ୍ଷିକ ହୋଇ ରହିବ । କିନ୍ତୁ ସୁମେରୁ ବିନ୍ଦୁରେ ପହୁଞ୍ଚିଲେ ସମ୍ମୁଖରେ ଆଉ ଉତ୍ତର ଦିଗ ରହିବ ନାହିଁ । ତାହାକୁ ସମ୍ପୂର୍ଣ୍ଣ ଉତ୍ତର ବୋଲି କହିବାକୁ ହେବ । ଏହା ହେଉଛି ବ୍ୟବହାରିକ ଜଗତରେ ଦୃଷ୍ଟାନ୍ତ । ସେହିପରି ସମ୍ପୂର୍ଣ୍ଣଜ୍ଞାତା, ସମ୍ପୂର୍ଣ୍ଣ ଜ୍ଞେୟ ଏହି ଦୁଇ ବିରୁଦ୍ଧ ପଦାର୍ଥ ଯେ ରହିଅଛି ତାହା ଆମ୍ଭଙ୍କୁ ସ୍ୱୀକାର କରିବାକୁ ହୁଏ । କାରଣ—ଏହା ହେଉଛି ଅନୁଭବ ସିଦ୍ଧ । ଏହି ବିରୁଦ୍ଧ କୋଟିର (Polar) ପଦାର୍ଥ ଦୁଇଟି ସ୍ୱୀକାର କରିଲେ ଅବଶ୍ୟ ସ୍ୱୀକାର କରିବାକୁ ହେବଯେ-ଏପରି ଜ୍ଞାତା ଅଛି ଯାହା ଜ୍ଞେୟ ନୁହେଁ କିନ୍ତୁ ସମ୍ପୂର୍ଣ୍ଣ ଜ୍ଞାତା ଏବଂ ଏପରି ଜ୍ଞେୟ ଅଛି ଯାହା ଜ୍ଞାତା ନୁହେଁ ଯାହା ସମ୍ପୂର୍ଣ୍ଣ ଜ୍ଞେୟ । ଜ୍ଞାତା ଓ ଜ୍ଞେୟ ପ୍ରତ୍ୟେକ ଜ୍ଞାନରେ ମିଳିଥାନ୍ତି । ଏହି ମିଳନକୁ [Synthesis] କେହି କେହି ସ୍ୱାଭାବିକ କିମ୍ବା ଏହିପରି ସମବାୟର ବିଶ୍ଳେଷ ନାହିଁ ବୋଲି ମନେ କରନ୍ତି । କିନ୍ତୁ ସମବାୟ ହେଲେ ନ୍ୟାୟାନୁସାରେ ତହିଁର ବିଶ୍ଳେଷମଧ୍ଯ ସ୍ୱୀକାର କରିବାକୁହେବ । ସମବାୟର ଅର୍ଥହେଉଛି-ଏକାଧିକ ପଦାର୍ଥର ମିଳନ । ଦୁଇ ପଦାର୍ଥ ସମବେତ ହେଲେ ଯେବେ ସେହି ଦୁଇପଦାର୍ଥ ବିରୁଦ୍ଧ କୋଟିର ହୁଅନ୍ତି ତେବେ ଏହି କୋଟିମଧ୍ୟସ୍ଥିତ ସମସ୍ତ ସତ୍ତା ଆପେକ୍ଷିକ ହେବ ଏବଂ କୋଟିସ୍ଥ ପଦାର୍ଥ ଦ୍ୱୟ ସମ୍ପୂର୍ଣ୍ଣ ପୃଥକ୍ ହୋଇରହିବ । ସେଥିଲାଗି ଉପନିଷଦ୍ ଏବଂ ସାଂଖ୍ୟପ୍ରଭୃତି ମୋକ୍ଷ ଦର୍ଶନରେ

ସମ୍ପୂର୍ଣ୍ଣ ବିରୁଦ୍ଧ ବିଷୟ ଓ ବିଷୟୀ କିମ୍ବା ଦୃଶ୍ୟ ବା ଦ୍ରଷ୍ଟା ସ୍ୱୀକୃତ ହୋଇଥାଏ ଏବଂ ତତ୍ତ୍ୱର ଉପଲବ୍ଧିର ଉପାୟ ମଧ୍ୟ ପ୍ରଦର୍ଶିତ ହୋଇଥାଏ । କିନ୍ତୁ ବୌଦ୍ଧମାନେ ଏହି-ମତରେ ଆପତ୍ତି ଉଠାଇ ଥାନ୍ତି । ଯେତେବେଳେ ଦ୍ରଷ୍ଟୃତ୍ୱ ଓ ଦୃଶ୍ୟତ୍ୱ ଆପେକ୍ଷିକ ସତ୍ତା ବୋଲି ଦେଖାଯାଏ । ସେତେବେଳେ ସମ୍ପୂର୍ଣ୍ଣ ଦ୍ରଷ୍ଟା ଓ ସମ୍ପୂର୍ଣ୍ଣ ଦୃଶ୍ୟ ଏହିବିରୁଦ୍ଧ କୋଟିର ବା ଅତ୍ୟନ୍ତ ଅସଂକୀର୍ଣ୍ଣ ପଦାର୍ଥ ଦୁଇଟିର ପରିବର୍ତ୍ତରେ ସେମାନେ ଶୂନ୍ୟପଦାର୍ଥ ସ୍ୱୀକାର କରନ୍ତି । ଏପରି ଶୂନ୍ୟକୁ ସେମାନେ ସତ୍ (ଅଛି) ଅସତ୍ (ନାହିଁ) ସଦସତ୍ (ଅଛି ଓ ନାହିଁ) ନ ସଦସତ୍ (ଅଛି ନୁହେଁ ନହିଁ ନୁହେଁ) ବୋଲି କିଛି ସ୍ୱୀକାର କରନ୍ତି ନାହିଁ । ସୁତରାଂ ଏହି ଶୂନ୍ୟ ମାଧ୍ୟମିକଙ୍କର ଅବଚନୀୟ ବା ଅନିର୍ବଚନୀୟ ହୋଇଥାଏ । ସେହିପରି ଶଙ୍କରଙ୍କର ଅଦ୍ୱୈତବାଦରେ ମଧ୍ୟ ଅନିର୍ବଚନୀୟ ମାୟାକୁ ସଦସଦ୍‌ଭ୍ୟାମନିର୍ବାଚ୍ୟା ମିଥ୍ୟାଭୂତା ସନାତନୀ" ବୋଲି କହି ବ୍ରହ୍ମ ଓ ମାୟାର ଅନିର୍ବଚନୀୟ ତାଦାତ୍ମ୍ୟ ସ୍ୱୀକାର କରନ୍ତି ଏହି ଶୂନ୍ୟର ସଂଜ୍ଞା ସହଜାମ୍ନାୟପଞ୍ଜିକାରେ କଥିତ ହୋଇଅଛି ।—

ସାବସ୍ଥା କାପ୍ୟବିଜ୍ଞେୟା ମାଦୃଶା ଶୂନ୍ୟତୋଚ୍ୟତେ ।
ନ ପୁନର୍ଲୌକିକାଦେବ ନାସ୍ତିକ୍ୟାର୍ଥାନୁପାତିନୀ (୯୭ପୃ)

ଆମ୍ଭେମାନେ ଅଜ୍ଞେୟ ଅନିର୍ବଚନୀୟ ଅବସ୍ଥାକୁ ଶୂନ୍ୟ କହିଥାଉ । ମାତ୍ର ଲୋକରେ ବ୍ୟବହାର ହେଲାପରି ଶୂନ୍ୟଶବ୍ଦ ନାସ୍ତି ବା ଅଭାବ ବୋଧକ ନୁହେଁ । ବ୍ରାହ୍ମଣମାନେ ବ୍ରହ୍ମା, ବିଷ୍ଣୁ, ଶିବ ଏବଂ ତାରା ପ୍ରଭୃତି ଦେବ-ଦେବୀ ଉପରେ ଯେଉଁ ଗୁଣର ଆରୋପ କରିଥାନ୍ତି—ନାଗାର୍ଜ୍ଜୁନ ସେ ସମସ୍ତ ସ୍ୱୀକାର କରିଥିଲେ ଏବଂ ଭୌତିକ ଉନ୍ନତି ଲାଗି ସେ ସବୁର ଆବଶ୍ୟକତା ଅଛି ବୋଲି ସେହି ୨ ଦେବ-ଦେବୀଙ୍କ ପୂଜା କରୁଥିଲେ ଏବଂ ପୂଜାର ପ୍ରଚାର କରିଥିଲେ । ସେହି ସମୟରୁ ବ୍ରାହ୍ମଣମାନେ ମହାଯାନ ଶ୍ରମଣ ମାନଙ୍କୁ ନିଜଧର୍ମାବଲମ୍ବୀ ବୋଲି ଗ୍ରହଣ କରିବାକୁ ଆରମ୍ଭ କଲେ । ମହାଯାନ ମତରେ ଏହି ଶୂନ୍ୟ ବା ତଥତାର ଉପଲବ୍ଧି ନକଲେ ବୋଧି, ସର୍ବଜ୍ଞତା ବା ନିର୍ବାଣ ଲାଭ ହୁଏ ନାହିଁ । ବୋଧିଲାଭ କରିବାକୁ ହେଲେ

ଦୁଇଟି ଆବରଣ ବା ବାଧା ଅତିକ୍ରମ କରିବାକୁ ପଡ଼େ । ୧ମଟି ହେଉଛି କ୍ଲେଶାବରଣ । ୨ୟଟି ଜ୍ଞେୟାବରଣ । ମୂଳରୁ ସଂସାରର ସୁଖ ଦୁଃଖ ଦୈନ୍ୟ ନର୍ଯାତନା ପ୍ରଭୃତି ପ୍ରକୃତ ତତ୍ତ୍ୱର ଉପଲବ୍ଧିରେ ବାଧା ଉପସ୍ଥିତ କରିଥାନ୍ତି । ତେଣୁ ତାହା କ୍ଲେଶାବରଣ ନାମରେ କଥିତ । ମାୟା, ମମତା କାମ କ୍ରୋଧ ପ୍ରଭୃତି ପ୍ରକୃତ ତଥ୍ୟର ସ୍ୱରୂପଜ୍ଞାନରେ ବାଧା ପ୍ରଦାନକରନ୍ତି ଓ ବାଲ ଲୋକେ ପ୍ରକୃତ ଜ୍ଞାନ ବା ପରମାର୍ଥିକ ଜ୍ଞାନର ଅଭାବରୁ ପରର ଉପକାର ତଥା ଦୁଃଖ ଦୁର୍ଦ୍ଦଶା ଦୂର କରିବା ନିମିତ୍ତ ନିଜ ନିଜ ଜ୍ଞାନ ଓ ଧନାଦିର ବିନିଯୋଗ କରିପାରନ୍ତି ନାହିଁ । ତେଣୁ ତାହାର ନାମ ଜ୍ଞେୟାବରଣ ।

ସଂସାରର ସବୁ ଧର୍ମର ଓ ଆତ୍ମାର ( ପୁଦ୍‌ଗଳର ) ଶୂନ୍ୟତା ଉପଲବ୍ଧି କଲେ ୧ମ ଆବରଣ ଦୂରହୁଏ । ଅର୍ଥାତ୍ ସଦା ସର୍ବଦା ଆତ୍ମାକୁ ବା ନିଜକୁ ସତ୍ ବୋଲି ଭାବିବାରୁ ମାୟା ମମତା, କାମ, କ୍ରୋଧ, ଲୋଭ ପ୍ରଭୃତି ମନରେ ଜାତ ହୋଇ ଚିତ୍ତକୁ କଳୁଷିତ କରିଥାଏ । ମାତ୍ର ଶୂନ୍ୟତା ବା ନୈରାତ୍ମାର ଚିନ୍ତାକଲେ ସାଂସାରିକ ବିଷୟ ଅନିତ୍ୟ ବା ମିଥ୍ୟାବୋଲି ଜ୍ଞାନ ହୁଏ । ତହୁଁ କାହାରି ପ୍ରତି ମମତା, ଆସକ୍ତି ବା ଦ୍ୱେଷ ଜାତ ହୁଏ ନାହିଁ । ତେଣୁ ଶୂନ୍ୟର ଚିନ୍ତନ ମନନ ଦ୍ୱାରା ୧ମ ଆବରଣଟି ଦୂର ହୁଏ । ୧ମ ଆବରଣ ଦୂର ହେଲାପରେ ଶ୍ରାବକ ( ସାଧକ ) ଦୁଃଖ ତାପଗ୍ରସ୍ତ ସଂସାର ବାସନାରେ ଜର୍ଜରିତ ଲୋକଙ୍କ ଲାଗି ଅସୀମ କରୁଣା ପ୍ରଦର୍ଶନ କରି ନିଜକୁ ସଂସାର ସହିତ ଏକାକାର କରିପାରିଲେ ୨ୟ ଆବରଣଟି ଦୂର ହୋଇଥାଏ । ତହିଁ ପରେ ବୋଧି ବା ସର୍ବଜ୍ଞତା ଲାଭ ହୁଏ । ମହାଯାନ ମତରେ ଜ୍ଞେୟାବରଣ ଦୂର କରି ସର୍ବଜ୍ଞତ ବା ବୋଧି ଲାଭ କଲାପରେ ମଧ୍ୟ ନିଜର ସମସ୍ତ ପୁଣ୍ୟରାଶି ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ଦୂର କରିବାରେ ବିନିଯୋଜିତ କରିବାକୁ ହୁଏ । ସଂସାରର ସମସ୍ତ ଲୋକ ନିର୍ବାଣ ଲାଭ କଲା ପର୍ଯ୍ୟନ୍ତ ନିଜର ସମସ୍ତ ପୁଣ୍ୟଫଳ ସେମାନଙ୍କ ଉପକାର ଲାଗି ବିସର୍ଜନ କରିବାକୁ ହୁଏ । ଅର୍ଥାତ୍ ତତ୍ତ୍ୱଜ୍ଞାନର ଉଦୟ ହେଲେ "ବାହ୍ୟିକ ଭେଦ ରହିଥିଲେ ହେଁ ଆମ୍ଭେମାନେ ସ୍ୱରୂପରେ ଭେଦ ରହିତ"

ଏହି ଅଦ୍ୱୟ ଜ୍ଞାନ ଜନ୍ମେ । ତହୁଁ ନିଜ ଓ ପରଭିତରେ କିଛି ପ୍ରଭେଦ ରହେନାହିଁ । ଅଦ୍ୱୈତଜ୍ଞାନର ଉଦୟ ହେଲେ ସମଦର୍ଶିଭିହେତୁରୁ ହୃଦୟରେ ଅସୀମ କରୁଣାର ସ୍ଫୂର୍ତ୍ତି ହୁଏ । ତେଣୁ ନିର୍ବାଣ ସହିତ କରୁଣା ଅଭିନ୍ନଭାବରେ ମିଳି ରହିଥାଏ । ମହାଯାନମାନେ କରୁଣାକୁ ଧର୍ମରେ ଅତି ଉଚ୍ଚସ୍ଥାନ ଦେଇଥାନ୍ତି । ସୂତ୍ରାଳଙ୍କାରରେ କୁହା ହୋଇଛି—

ଯଥାପୂଣ୍ୟଂ ସ୍ୱସଂକେତେ ପରେଷାଂ ଭୋଜନ ଦଦତଂ
ନ ତୁ ସ୍ୱୟଂ ସଭୁଞ୍ଜାନଃ ତଥା ପୂଣ୍ୟମହୋଦୟଃ ।୫। ୭୨ ।

ନିଜେ ନିଜେ ଖାଇଲେ କିଛି ପୁଣ୍ୟ ହୁଏ ନାହିଁ । କିନ୍ତୁ ପରକୁ ଖୁଆଇଲେ ପୁଣ୍ୟହୁଏ । ସେହିପରି ନିଜର ନିର୍ବାଣ ଲଗି ଚେଷ୍ଟା ନ କରି ପରର ଉପକାର ଲଗି ନିଜର ପୁଣ୍ୟରାଶିର ବିନିଯୋଗ କଲେ ପ୍ରକୃତ ଧର୍ମ ହୁଏ । କାରଣ୍ଡବ୍ୟୂହରେ (୧) ତହିଁର ଆଦର୍ଶ ବର୍ଣ୍ଣିତ ହୋଇଅଛି ଯେ—ଅବଲୋକିତେଶ୍ୱର ବୋଧିସତ୍ତ୍ୱ ସଂସାରରେ ସମସ୍ତ ଲୋକ ଦୁଃଖରୁ ମୁକ୍ତ ନହେବା ପର୍ଯ୍ୟନ୍ତ ବୋଧି ବା ନିର୍ବାଣକୁ ପରିତ୍ୟାଗ କରିଥିଲେ । ଭାଗବତରେ ପ୍ରହ୍ଲାଦ ମହାଯାନର ଏହି ମତ ଉଦ୍ଧାର କରିଛନ୍ତି—

ପ୍ରାଣେଣ ଦେବ ମୁନୟଃ ସ୍ୱବିମୁକ୍ତିକାମାଃ
ମୌନଂ ଚରନ୍ତି ବିଜନେ ନ ପରାର୍ଥନିଷ୍ଠାଃ
ନୈତାନ୍ ବିହାୟ କୃପଣାନ୍ ବିମୁମୁକ୍ଷୁ ଏକୋ
ନାନ୍ୟଂ ତ୍ୱଦସ୍ୟ ଶରଣଂ ଭ୍ରମତୋଽନୁପଶ୍ୟେ । ଭାଗ ।

ମୁନି ଋଷିଗଣ ନିଜ ନିଜର ମୁକ୍ତିଲଗି ବିଜନ ବନରେ ତପସ୍ୟା କରନ୍ତି । କିନ୍ତୁ ପରର ଉପକାର ଲଗି କିଛି କରନ୍ତି ନାହିଁ । ମୁଁ ଦୀନ ଲୋକଙ୍କୁ ତ୍ୟାଗ କରି ଏକାକୀ ମୁକ୍ତି ଇଚ୍ଛା କରେ ନାହିଁ । ତୁମ୍ଭ ବ୍ୟତୀତ ଅନ୍ୟ କାହାକୁ ଭ୍ରମଣଶୀଳ ଜୀବର ରକ୍ଷକ ଦେଖୁନାହିଁ । ଭାଗବତର ୧୧ଶ ସ୍କନ୍ଧରେ ମଧ୍ୟ ସେହି ବିଷୟରେ ଉଲ୍ଲେଖ ହୋଇଅଛି ।

ତୁମ୍ଭେ ଯେ ଲୋକ ପରିତ୍ରାଣେ, ବ୍ରହ୍ମାଣ୍ଡେ ଭ୍ରମ ଅନୁକ୍ଷଣେ ।

× × ×

ଯେଣୁ ଭଗତ ଜନ ନଚ୍ଛେ, ଶ୍ରବେ ଭଜନ୍ତି ପ୍ରାଣିହ୍ଟରେ ।

(ଜଗନ୍ନାଥ ଭାଗବତ ୧୧ସ୍କ ୨ଅ)

ମହାଯାନରେ ସ୍ୱାର୍ଥ ଅପେକ୍ଷା ପରାର୍ଥ ଉଚ୍ଚସ୍ଥାନ ଅଧିକାର କରିଥିଲା । ମହାଯାନ ମତରେ ୨ଟି କଥା ପ୍ରଧାନ ଥିଲା । ୧--ଶୂନ୍ୟତା, ୨--କରୁଣା । ଏହି ଶୂନ୍ୟତା ଓ କରୁଣାର ଅଭିନ୍ନ ଭାବରେ ମିଳନ ହେଲେ ନିର୍ବାଣ ଲାଭ ହୁଏ । ସେହି ବିଷୟ ୩୪ ଓ ୧୨ ଚର୍ଯାରେ ଏ ଗ୍ରନ୍ଥରେ ବର୍ଣ୍ଣିତ ହୋଇଅଛି । ଯଥା—

କରୁଣା ପିହାଡ଼ି ଖେଲହୁଁ ନ ଅବଲ (୧୦)
ସୁନ କରୁଣରି ଅଭି ନ ଚାରେ କାଅ ବାକ୍ ଚିଏ
ବିଲସଇ ଦାରିକ ଗଅଣତ ପାରିମ କୁଲେଁ (୩୪)
ଚିଅ ସହଜେ ପୁଣ ସମ୍ପୁନ୍ନା । (୪୨)

---

ଯାବଦ୍ ଲୋକସ୍ୟେତ ଶ୍ୱରସ୍ୟ ବୋଧି ସତ୍ତ୍ୱସ୍ୟ ଦୃଢ଼ ପ୍ରତିଜ୍ଞା ନ ପରି ପୂରିତା ଭବନ୍ତି ସର୍ବସାତ୍ତ୍ୱଃ ସର୍ବଦୁଃଖେଭ୍ୟଃ ପରିମୋକ୍ଷିତାଃ ଯାବଦନୁତ୍ତରାୟାଂ ସମ୍ୟକ୍ । ବୋଧୌନ ପ୍ରତିଷ୍ଠାପିତା ଭବନ୍ତି ! ପୃ୨୧

— — —

ଭଗବନ୍ ଭବତୋ ଯାହା ସ୍ୱସ୍ତସ୍ମୈ ସର୍ବଦେହିନାମ୍ । କୃପଣାନାଂ ତଥା ପିତୋତ୍ତମ ଶ୍ଳୋକବର୍ତ୍ମନାମ୍ ।

ଭୂତାନାଂ ଦେବଚରିତଂ ଦୁଃଖାୟ ଚ ସୁଖାୟ ଚ । ସୁଖାୟୈବ ହି ଧୂନାଂଭ୍ୱ ଦୃଶାମଚ୍ୟୁତାତ୍ମନାମ୍ ଭଜନ୍ତି ଯେ ଯଥା ଦେବାନ୍ ଦେବା ଅପି. ତଥୈବ ତାନ୍ । ଛାୟେବ କର୍ମସଚିବାଃ ସାଧବୋଦୀନବତ୍ସଳାଃ ।

(ଭା ୧୧ସ୍କ ୨ଅ)

---

ନାଗାର୍ଜ୍ଜୁନଙ୍କ ପରେ ବସୁବନ୍ଧୁ ମହାଯାନ ମାର୍ଗର ପ୍ରଧାନ ପ୍ରଚାରକ ଥିଲେ । ସେ ପ୍ରଥମରେ ଶୂନ୍ୟର ରୂପରେଖ ଦେଇଥିଲେ (Dr. Waddel) ଡାକ୍ତର ଓ୍ୱାଡେଲ ସାହେବ କହିଛନ୍ତି—"ମହାଯାନର ଏହି ରହସ୍ୟବାଦ ନବୌଦ୍ଧଧର୍ମରେ ଆତ୍ମାଭାବ ପ୍ରବେଶ କରାଇ ଥିଲା ଏବଂ ଆତ୍ମା ପରମାତ୍ମା

ମିଳନରେ ପରମ ସୁଖର କଳ୍ପନା କରିଥିଲା । ମହାଯାନ କାଳକ୍ରମରେ ମାଧ୍ୟମିକ ଓ ଯୋଗାଚାର ବୋଲି ୨ଟି ଶାଖାରେ ବିଭକ୍ତ ହୋଇଥିଲା । ଯୋଗାଚାର ମତରେ ବସ୍ତୁମାତ୍ରହିଁ ଅସତ୍ ବା ଶୂନ୍ୟ, ବିଜ୍ଞାନ କେବଳ ଏକମାତ୍ର ପରମାର୍ଥରେ ସତ୍‌ବସ୍ତୁ । ମାଧ୍ୟମିକଙ୍କର ଶୂନ୍ୟବାଦ ବା ନୈରାତ୍ମ୍ୟରେ ଯୋଗାଚାର ବିଜ୍ଞାନରେ ଯୋଗ କରିଥିଲା । ଏହି ମତ ଅନୁସାରେ ବୋଧିଚିତ୍ତ ବିଜ୍ଞାନସନ୍ତତିର ଶୃଙ୍ଖଳାମାତ୍ର । ପ୍ରତିମୁହୂର୍ତ୍ତରେ କ୍ଷଣିକର ବିଜ୍ଞାନ ପରିବର୍ତ୍ତିତ ହୋଇ ପରବର୍ତ୍ତୀ କ୍ଷଣର ବିଜ୍ଞାନକୁ ସୃଷ୍ଟି କରୁଅଛି । ଏହିପରି ନିର୍ବାଣ ଲାଭ ପର୍ଯ୍ୟନ୍ତ ଅବିଚ୍ଛିନ୍ନ ଭାବରେ ବିଜ୍ଞାନ ଧାରା ପ୍ରବାହିତ ହେଉଅଛି । ସବୁ ଯେବେ କ୍ଷଣିକ ବା ନିତ୍ୟ ପରିବର୍ତ୍ତନଶୀଳ ଜ୍ଞାନ ତେବେ ଜ୍ଞାତା ମଧ୍ୟ ଏକ ପ୍ରତୀତି, ଏହା ଏକ ଜ୍ଞାନ । ଅତଏବ ଜ୍ଞାନଛଡ଼ା ସଂସାରରେ ଆଉ କିଛି ନାହିଁ । ଶେଷରେ ଏହି ଜ୍ଞାନପଛରେ ବସ୍ତୁତତ୍ତ୍ୱ କିଛି ନାହିଁ । ତେଣୁ ସବୁ ଶୂନ୍ୟ । ଏହି ଶୂନ୍ୟତା ମଧ୍ୟ ଏକ ପ୍ରକାର ଜ୍ଞାନ । ମାଧ୍ୟମିକ ଶୂନ୍ୟତାରେ ଯୋଗାଚାର ଜ୍ଞାନ ଯୋଗ କରିଥିଲା । ତେଣୁ ଯୋଗାଚାର ମତରେ ଶୂନ୍ୟ କରୁଣା ଏବଂ ବିଜ୍ଞାନର ମିଳନରେ ନିର୍ବାଣ ଲାଭ ହୁଏ । ଅସଙ୍ଗ ଯୋଗାଚାର ମତର ପ୍ରବର୍ତ୍ତକ ଥିଲେ ଏହି ଯୋଗାଚାର ମତରୁ ବଜ୍ରଯାନର ଉଦ୍ଭବ ହୋଇଥିଲା । ବଜ୍ରଯାନ ଯୋଗାଚାରର ଶୂନ୍ୟ କରୁଣା ଓ ବିଜ୍ଞାନରେ ମହାସୁଖର ସଂଯୋଗ କରିଥିଲା । ଏହି ମତରେ ନିର୍ବାଣ ଲାଭ ସମୟରେ ଶୂନ୍ୟ କରୁଣାର ମିଳନରେ ଜ୍ଞାନମାତ୍ରକ ବିଶ୍ୱଚିତ୍ତର ଉପଲବ୍ଧି ହେଲେ ମହାସୁଖ ଜାତହୁଏ । ସେତେବେଳେ ଆଉ ଗ୍ରାହ୍ୟ, ଗ୍ରାହକ ବା ଜ୍ଞାତା ଜ୍ଞେୟଭାବ ରହେ ନାହିଁ । ଏହି ବଜ୍ରଯାନ ବୌଦ୍ଧଧର୍ମରେ ପଞ୍ଚସ୍କନ୍ଧ ସ୍ଥାନରେ ଦେବତା ରୂପରେ ପାଞ୍ଚଧ୍ୟାନୀ ବୁଦ୍ଧଙ୍କ ଏବଂ ତାଙ୍କର କୁଳର ଆରାଧନାର କ୍ରମ ସୃଷ୍ଟି କରିଥିଲା । ବଜ୍ରଯାନ ୧ମ କରି ବୌଦ୍ଧଧର୍ମରେ ଶକ୍ତି ଉପାସନା ଓ ମାତୃ ଡାକିନୀ ପ୍ରଭୃତି ଭିନ୍ନ ଭିନ୍ନ ଦେବଦେବୀଙ୍କ ଆରାଧନାର ପ୍ରଚାର ଓ ବିଧିବ୍ୟବସ୍ଥା ପ୍ରବର୍ତ୍ତିତ କରିଥିଲା ।
(Introductiou to Sadhanamala P II PYI

---

1, Dr. L, A. Waddels Budhism of Ti bet P,128

୨. ତସ୍ୟା ଶ୍ଚବଦ୍ୟାସ୍ମା ଯୋଗାଭ୍ୟାସାଦସମର୍ଥରେ ମୋକ୍ଷଣୋତ୍ପାଦ କ୍ରମେଣ ବ୍ୟପଗାମାତ୍ ପରିଶୁଦ୍ଧଜ୍ଞାନ ସନ୍ତାନୋଦୟାଦ ପୂର୍ବ ପ୍ରାପ୍ତିଃ ।

(ତତ୍ତ୍ୱ ସଂଗ୍ରହ ପୃ୭୫

୩. ଗ୍ରାହ୍ୟ ଗ୍ରାହକ ବନିର୍ମୁକ୍ତଂ ଭବତ୍ୟେତ୍ ଜ୍ଞାନମାତ୍ରକଂ

(ସାଧନମାଳା ପୃ୭୩

ବଶ୍ୱଂ ଚତ୍ତମାତ୍ରଂ ଗ୍ରାହ୍ୟ ଗ୍ରାହକ ବର୍ଜିତଂ ସାଧନମାଳା ପୃ୧୪)

---

ଗୁହ୍ୟ ସମାଜ ତନ୍ତ୍ରରେ ୧ମରେ ବଜ୍ରଯାନ ନାମର ଉଲ୍ଲେଖ ହୋଇଅଛି । ଓଡ଼ିୟାନର ରାଜା ଇନ୍ଦ୍ରଭୂତି ଏବଂ ତାହାଙ୍କର ଗୁରୁ ଅନଙ୍ଗ ବଜ୍ର ବଜ୍ରଯାନର ପ୍ରଧାନ ପ୍ରବର୍ତ୍ତକ ଥିଲେ । ବଜ୍ରଯାନର ନିର୍ବାଣରେ ବ୍ରହ୍ମାଙ୍କର ସଚ୍ଚିଦାନନ୍ଦ ମୟତ୍ୱ ଅର୍ପିତ ହୋଇଅଛି । ବ୍ରହ୍ମଙ୍କପରି ନିର୍ବାଣ ମଧ୍ୟ ଅନିର୍ବଚନୀୟ ଜ୍ଞାନସ୍ୱରୂପ ଓ ଆନନ୍ଦ ମୟ । ତେଣୁ ନିର୍ଗୁଣ ବ୍ରହ୍ମ ଓ ଶୂନ୍ୟ ଏବଂ ନିର୍ବାଣ ଓ ମୁକ୍ତି ମଧ୍ୟରେ ଭେଦ କ୍ରମେ ୨ ତିରୋହିତ ହୋଇଥିଲା । ସନାତନ ଧର୍ମର ଦେବଦେବୀ ମଧ୍ୟ ବଜ୍ରଯାନରେ ସ୍ଥାନଲାଭ କରିଥିଲେ । କ୍ରମେ ୨ ସନାତନଧର୍ମ ଓ ବୌଦ୍ଧଧର୍ମ ଏକାକାର ହେବାକୁ ବସିଲା । ଏହି ବଜ୍ରଯାନ ମତରେ ଜ୍ଞାନଜ୍ଞେୟ ବର୍ତ୍ତର କରି ସଂସାରରେ ସବୁ ପଦାର୍ଥ ଓ ଧର୍ମର ଶୂନ୍ୟତା ବା ନିଃସ୍ୱଭାବତାର ଉପଲବ୍ଧି କରିବାର ନାମ ହେଉଛି ପ୍ରଜ୍ଞା । ସଂସାରରେ ଭିନ୍ନ ଭିନ୍ନ କାରଣରୁ ଦୁଃଖ ଜାତହୁଏ । ଏ ସବୁ ଦୁଃଖ ଦୂର କରେ ବୋଲି କରୁଣାର ନାମ ହେଉଛି ରାଗ ।

ପରାମର୍ଷଣ ଯୋଗେନ ଧର୍ମାଣାଂ ନିଃସ୍ୱଭାବତା
ଜ୍ଞାନଜ୍ଞେୟବିଭାଗେନ ପ୍ରଜ୍ଞାତତ୍ତ୍ୱଂ ତଦୁଚ୍ୟତେ ।
ରଞ୍ଜତ୍ୟଶେଷଦୁଃଖୌଘାନୁକ୍ତାଂସ୍ତୁ ଦୁଃଖହେତୁତଃ
ସର୍ବସତ୍ତ୍ୱାନ୍ ଯତ୍ ସ୍ତସ୍ମାତ୍ କୃପାରାଗଃ ପ୍ରଗୀୟତେ

(ପ୍ରଜ୍ଞୋପାୟସିଦ୍ଧି ୧-୧୪-୧୫)

ତେଣୁ କରୁଣା ହେଉଛି ଉପାୟ, ପ୍ରଜ୍ଞା ହେଉଛି ଉପେୟ । କ୍ଷୀର ନୀର ମିଳନ ପରି ପ୍ରଜ୍ଞା ଓ କରୁଣାର ଏକାକାରରେ ମିଳନ ହେଲେ ମହା ସୁଖମୟ ନିର୍ବାଣ ଲାଭ ହୁଏ । ଏହି ମତରେ ସାଧକ ଶୂନ୍ୟର ଚିନ୍ତା କରିବ

ନହିଁ ବା ଅଶୂନ୍ୟର ମଧ୍ୟଚନ୍ତା କରିବ ନାହିଁ । କାରଣ—ଶୂନ୍ୟ ବା ଅଶୂନ୍ୟର ଚନ୍ତା କଲେ ମନରେ ଅସଂଖ୍ୟ କଳ୍ପନା ଜାତ ହୁଏ । ଶୂନ୍ୟ ଚନ୍ତାକୁ ପରିତ୍ୟାଗ କରିବ ନାହିଁ କ ଅଶୂନ୍ୟ ଚନ୍ତାକୁ ମଧ୍ୟ ପରିତ୍ୟାଗ କରିବ ନାହିଁ । ତେଣୁ ନଜକୁ ଆକାଶ ପରି ନର୍ବିକାର ନିସ୍ସଙ୍ଗ ନିଷ୍କାଙ୍କ୍ଷ ନିଷ୍ପାପ ଓ ଆଦ ଅନ୍ତ ରହିତ ବୋଲି ଚନ୍ତା କରିବ ।

ନ ଶୂନ୍ୟ ଭାବନା କୁର୍ଯ୍ୟାତ୍ ନାପି ଚ ଶୂନ୍ୟ ଭାବନାମ୍
ନ ଶୂନ୍ୟଂ ସନ୍ତ୍ୟଜେଦ୍ ଯୋଗୀ ନ ଚାଶୂନ୍ୟଂ ପରିତ୍ୟଜେତ୍
ଅଶୂନ୍ୟ ଶୂନ୍ୟଯୋର୍ଗାହେ ଜାୟତେ ଽନନ୍ତ କଳ୍ପନା
ନର୍ବିକାରୋ ନରସଙ୍ଗୋ ନଷ୍କାଙ୍କ୍ଷୋ ଗତକଲ୍ମଷଃ
ଆଦ୍ୟନ୍ତଃ କଳ୍ପନା ମୁକ୍ତୋ ବ୍ୟୋମବଦ୍ ଭାବୟେଦ୍ ବୁଧଃ ।

(ପ୍ରଜ୍ଞୋ—୪ର୍ଥ ୫-୮)

ସାଧକ ସର୍ବଦା ଦୟାପରବଶ ହୋଇ ଲୋକଙ୍କ ପ୍ରତି କରୁଣା ପ୍ରଦର୍ଶନ କରିବା ଲୋକର ଅସ୍ତିତ୍ୱ ଅଛି କ ନାହିଁ ଏ ଚନ୍ତା କରିବ ନାହିଁ । ପ୍ରଜ୍ଞା ଆଦ ଅନ୍ତ ରହିତ । ଗଗନରେ ଗଗନର ମିଳନ ପରି ଚତ୍ତରେ ପ୍ରଜ୍ଞା ଓ କରୁଣାର ମିଳନ ହୁଏ । ପ୍ରଜ୍ଞା ଓ କରୁଣାର ମିଳନ ହେଲାବେଳେ ଭାବୁକ ରହେନାହିଁ କ ଭାବନା ରହେ ନାହିଁ,କର୍ତ୍ତା ରହେ ନାହିଁ କ ଭୋକ୍ତା ରହେ ନାହିଁ । ତେଣୁ ଏହି ପରମାର୍ଥ ତତ୍ତ୍ୱର ଉପଲବ୍ଧି ବେଳେ ଜ୍ଞାତା, ଜ୍ଞେୟ, ଜ୍ଞାନ କଛି ରହେନାହିଁ । ଗ୍ରାହ୍ୟ, ଗ୍ରାହକ ଭାବ ମଧ୍ୟ କଛି ରହେ ନାହିଁ । ଏହାର ନାମ ହେଉଛି—ନରାଲମ୍ବ ବା ଅଦ୍ୱୟ ଜ୍ଞାନ । ଏହି ଅଦ୍ୱୟ ଜ୍ଞାନକୁ ବଜ୍ର, ବଜ୍ରସତ୍ତ୍ୱ, ବୋଧି,ପ୍ରଜ୍ଞାପାରମିତା ଓ ସମତା ମଧ୍ୟ କହଥାନ୍ତି ।

(ପ୍ରଜ୍ଞୋ- ସି-୪ର୍ଥ ପ୧୧-୧୮)

ମନ ବା ଚତ୍ତ ସଂସାରକୁ ସୃଷ୍ଟି କରଥାଏ । "ଚତ୍ତଂହି ସଂସାର ମୁବାଚ ବଜ୍ରୀ" କନ୍ତୁ ସେହି ମନମଧ୍ୟ ନର୍ବାଣ ଓ ପରମ ସୁଖ ପ୍ରଦାନ କରେ । ପ୍ରଭାସ୍ୱରଂ କଳ୍ପନୟା ବମୁକ୍ତଂ ପ୍ରହୀଣରାଗାଦମଳପ୍ରଲେପମ୍ । ଗ୍ରାହ୍ୟଂ ନଚ ଗ୍ରାହକ ମଗ୍ରସତ୍ତ୍ୱଂ ତଦେବ ନର୍ବାଣପରଂ ଜଗାଦ ।

(ପ୍ରଜ୍ଞୋ-ସି-୪ର୍ଥ ୨୩)

ବଜ୍ରଯାନ ମତରେ ମନର ଅବସ୍ଥାନ୍ତର ହେଉଛି ନିର୍ବାଣ । ସେହି ଅବସ୍ଥାରେ ଚିତ୍ତରେ କଳ୍ପନା ରହେନାହିଁ । ଚିତ୍ତ ଅନୁରାଗାଦିମଳ ଶୂନ୍ୟ ହୋଇ ନିର୍ମଳ ଓ ଉଜ୍ଜ୍ୱଳ ହୋଇ ରହିଥାଏ । ସେତେବେଳେ ଗ୍ରାହ୍ୟ ଗ୍ରାହକ ଭାବ ରହେ ନାହିଁ । ଜ୍ଞାନସିଦ୍ଧିରେ ମଧ୍ୟ ସେହି ବିଷୟ ବର୍ଣ୍ଣିତ ହୋଇଅଛି ।

ଅପ୍ରତିଷ୍ଠଂ ମହାକାଶଂ ବ୍ୟାପି ଲକ୍ଷଣବର୍ଜିତମ୍
ଇଦଂ ତତ୍ ପରମଂ ତତ୍ତ୍ୱଂ ବଜ୍ରଜ୍ଞାନ ମନୁତ୍ତରମ୍ (୧ପ ୪୭)

ଆକାଶପରି ବ୍ୟାପକ ଲକ୍ଷଣ ରହିତ ଆଲୌକିକ ତତ୍ତ୍ୱଜ୍ଞାନକୁ ବଜ୍ରଜ୍ଞାନ କହନ୍ତି । ମହାମୁଦ୍ରା ସମତା ଭଦ୍ରା ଧର୍ମକାୟ, ଆଦର୍ଶଜ୍ଞାନ ପ୍ରଭୃତି ତାହାର ନାମାନ୍ତର । ବଜ୍ରଯାନରେ ସେହି ଶୂନ୍ୟ ବା ନିର୍ବାଣକୁ ବଜ୍ରବୋଲି କହୁଥିଲେ । ପ୍ରକୃତିରେ ସନ୍ଧ୍ୟାଭାଷାରେ ଲିଙ୍ଗ ବା ପୁଂଜନେନ୍ଦ୍ରିୟକୁ ବଜ୍ର ସ୍ତ୍ରୀଜନନେନ୍ଦ୍ରିୟକୁ ପଦ୍ମ କହନ୍ତି । ଶୁକ୍ରକୁ ବଜ୍ରୋଦକ ଓ ବୈରୋଚକ କହନ୍ତି ।

"ଶୁକ୍ରଂ ବୈରୋଚନଂ ଖ୍ୟାତଂ ବଜ୍ରୋଦକଂ ତଥା ରପଚଂ
ସ୍ତ୍ରୀନ୍ଦ୍ରିୟଂ ଚ ଯଥା ପଦ୍ମଂ ବଜ୍ରଂ ପୁଂସେନ୍ଦ୍ରିୟଂ ତଥା ।
(ଜ୍ଞା-ସି-୨ୟ ପ୧୧)

ଏହି ବଜ୍ର ଶବ୍ଦ ଓଡ଼ିଆରେ ବଜ୍ରକାଳୀ ରୂପରେ ଏବଂ ଲିଙ୍ଗ ଅର୍ଥରେ ପ୍ରେମ-ଭକ୍ତି ବ୍ରହ୍ମଗୀତା ଓ ରାଧାମୃତ ଗୀତାରେ ବର୍ଣ୍ଣିତ ହୋଇଅଛି । ଯଥା—

ମୋହୋର ନାହିଁ ଆଦି ଅନ୍ତ । ଯେ କାଳେ ନ ଥାଇ ଜଗତ ।୮୭।

× × ×

ନ ଥିଲେ ନାମ ରୂପ ଗୁଣ । ସଂସାର ଯେ ବଧି ଭିଆଣ । ୯୦ ।
ସେ କାଳେ ମୋର ଥାଏ ତନ । ଗଗନ ଯେସନ୍ତେ ସର୍ବ ଶୂନ୍ୟ ।
ଯେ ଶୂନ୍ୟପରେ ଜ୍ୟୋତି ଜାଣ । ତାପରେ ମହାଶୂନ୍ୟ ପୁଣ ।
ସେ ଶୂନ୍ୟ ଉପରେ ଚେତନା । ଚେତନା ମଧ୍ୟେମୋରଠଣା ।୯୩।
ଅଣ ଅକ୍ଷର ନିରାକାରେ । ବୁଦ୍‌ବୁଦା ପ୍ରାୟେ ମୁଁ ଶୂନ୍ୟରେ
ହେଲି ଆସନ ହୃଦେ ଧରି । ମୁଁ ଥିଲି ଏକାନ୍ତେ ସେ ପୁରି
ତହୁଁ ମୋ ସୃଷ୍ଟି ଇଚ୍ଛାହେଲା । ମୋ ଦେହୁଁ ପ୍ରକୃତି ଜନ୍ମିଲା

ଊର୍ଦ୍ଧ୍ୱ ଧୂମ୍ର ଯେ ଜ୍ୟୋତିଜ୍ୱାଳା । ବିନ୍ଦୁ ସତ୍ୱତେ ପାଞ୍ଚକଳା
ଉଚ୍ଛୁଡ଼ ପଡ଼ନ୍ତେ ଏ ପାଞ୍ଚ । ସଲିଳ ଜଳେ ପଡ଼ ସଞ୍ଚ ।
ଜଳେ ପଡନ୍ତେ ପଞ୍ଚଭୂତ । ତକ୍ଷଣେ ଯୋଗମାୟା ଜାତ ।
ସେ ଯୋଗ ମାୟା ଆଦ୍ୟ ଶକ୍ତି । ଯେ ଅର୍ଦ୍ଧମାତ୍ରା ଶୂନ୍ୟସ୍ଥିତି ।
ସେ କାଳରୂପ ନିଦ୍ରାଗତ । ଜଳରୁ ହୋଇଲା ସମ୍ଭୂତ ।
ସେ ଜଳେ ନପାରିଲା ରହି । ଊର୍ମିରେ ଟଳ ଟଳ ହୋଇ
ଦେଖିଲା କେହି ନାହିଁ ଜଣେ । ବିଚାର କରଇ ଆପଣେ
ମନରେ କରି ଗରୁତମ । ନାଭିର ତଳୁଁ ଏକ ରୋମ
ହୁଁକାର କରି ଉପାଡ଼ିଲେ । ଓଁକାର କରି ତା ଥାପିଲେ ।
ଭେଦିଲା ସପତ ବ୍ରହ୍ମାଣ୍ଡ । ଜଳରେ ଜାଣି ମେରୁଦଣ୍ଡ
ଓଁକାର ନାମ ତାକୁ ଦେଇ । ଦେବୀ ବସିଲେ ତହିଁ ଯାଇ
ତେବେ ସେ ନିଶ୍ଚଳ ନୋହିଲା । ପୁଣିହିଁ ଟଳମଳ ହେଲା ।
ଦେବୀ ବୋଇଲେ ତାହା ଜାଣି । ତୁ ବଜ୍ରଖିଲା ହୁଅ ପୁଣି ।
ତୋତେ ମୁଁ ଦେଉଅଛି ବର । ବଜ୍ର ଯେ ହେଉ ତୋ ଶରୀର ।
ସେ ବଜ୍ରଖିଲା ବୋଲି ଶୁଣି । ବର ତୁ ଯେବେ ଦେଲୁ ପୁଣି
ତୁ ଆଦ୍ୟ ମାତା ଶକ୍ତି ହେବୁ । ମୋତେ ତୁ ଲିଙ୍ଗ ସେ କରିବୁ
ତୋ ଅଙ୍ଗେ ଭେଦ ମୁହିଁ ଥିବା । ସକଳ ସୃଷ୍ଟି ମୁଁ କରିବ ।
(ପ୍ରେ ଭ ଗୀ ୧୧୩)

ଯେଉଁ ଦିନେ କେହି ନାହିଁ ଶୂନ୍ୟ ଏ ସମସ୍ତ । ୨ ଅ ୧୨୮ ।
ମୁହିଁ ପରଂ ବ୍ରହ୍ମ ମୂର୍ତ୍ତି ଶୂନ୍ୟମୟ ହୋଇ । ବିନ୍ଦୁ ବ୍ରହ୍ମ ରୂପେ ମୁଁ ଆକାଶେ ଥିଲି ରହି । ୧୨୯
× × × ସ୍ୱୟଂ ବ୍ରହ୍ମ ମୁଁ ଯେ ଅଟଇ ନିର୍ଗୁଣ । ୧୩୬
ଏମନ୍ତ ସ୍ଥାନରେ ଥାଇ ମନେ କଲୁଁ ଇଚ୍ଛା ।
ସୃଷ୍ଟି ଲୀଳା କରିବାକୁ ହୋଇଲକ ବାଞ୍ଛା ।

ବାଆର କଳ୍ପନା ମୋର ବାହାର ହୋଇଲା ।
ଶବଦେ ସ୍ୱରୂପ ଯାଇଁ ଜଳରେ ପଡ଼ିଲା ।
ଶବଦ ସଙ୍ଗତେ ଗୁରୁ କଳାହିଁ ମିଶିଲେ ।
ନିଶବଦ ଘରେ ସେ ଯେ ବିନ୍ଦୁରୂପେ ଥିଲେ ।
× × × ସେ ମାରେ ପଡ଼ଣ ଯେ ଧଇଲେ
ଏକ କାୟା । ୧୪୧ ।
ଏହାକୁଟି ଠୁଳ ବୋଲି ଦେବବ୍ରହ୍ମା କାୟା ।
ଅଟଇଟି ଏହି ଅଙ୍ଗବୋଧ ଯୋଗମାୟା । ୧୪୨ ।

× × ×

ଜଳ ଅଛି, ଶୂନ୍ୟ ଅଛି, ନାହିଁ ଥଳକୂଳ ।
ଜଳର ଭିତରେ ଦେଖା ହୁଏ ଟଳମଳ । ୧୪୭ ।
ମନେ ବିଚାରନ୍ତି କାହିଁ କରିବା ବିଶ୍ରାମ ।
ମୋତେ ରହିବାକୁ ଆଉ କେଉଁଣେ ନାହିଁ ସ୍ଥାନ ।
ଏତେ ବିଚାରିଣ ଦେଖା ହୁଁକାର ଯେ କଲେ ।
ନାଭି କମଳରୁ ଏକରୁମ ଉପାଡ଼ିଲେ ।
ହୁଁକାର କରନ୍ତେ ସେ ଯେ ଓଁକାର ହୋଇଲା ।
ଓଁକାର ବୋଲିଣ ନାମ ଏହି ରୂପେ ହେଲା ।
ଘୋର ନାଦ କରି ଦେଖା ଜଳରେ ପୋତିଲେ ।
ଏକାର୍ଣ୍ଣବ ଜଳ ରସାତଳରେ ଭେଦିଲେ ।
ସେ ରୋମ ଉପରେ ଦେଖା ବସିଲେକ ଯହୁଁ ।
ଟଳ ଟଳ ରୋମାବଳୀ ହୋଇଲାକ ତହୁଁ ।
ତାହାଦେଖି ଯୋଗମାୟା ସୁକଲ୍ୟାଣ କଲେ ।
ବଜ୍ର ହୁଅ ବୋଲିଣ ଅଭୟ ବର ଦେଲେ ।
ବରପାଇ ରୋମାବଳୀ ବଜ୍ର ଯେ ହୋଇଲା ।
ଯୋଗମାୟା ଅଙ୍ଗେ ଲିଙ୍ଗ ରୂପେଣ ଭେଦିଲା ।

ଯୋଗମାୟା ଅଙ୍ଗ ଯେ ଅଟଇ ବଜ୍ରକାୟେ ।
ବଜ୍ର ଖଞ୍ଜନର ପ୍ରାୟେ ଭେଦି ଦେବୀ ଦେହେ ।
ଶକ୍ତିକୁ ଆବୋରି ଯେହ୍ନେ ଲିଙ୍ଗ ଶୋଭାପାଇ ।
ତେଣୁ ଶକ୍ତିଲିଙ୍ଗରୂପେ ଏହାକୁ ଟି କହି ।
ଲିଙ୍ଗ ରୂପେ ଦେଖି ମାଏ ସନ୍ତୋଷ ହୋଇଲେ ।
ବରମାଗ ବୋଲିଣ ଶ୍ରୀମୁଖେ ଆଜ୍ଞା ଦେଲେ । ( ୧୬୭ )
ଓଁ କାର ବୋଇଲେ ମାଗୋ ଯେବେ ଦେବ ବର ।
ବେଦ ଶାସ୍ତ୍ର ମନ୍ତ୍ରରେ ତୁ ଆଗ ମୋତେ ବର ।
ଓଁ କାର ବୋଲିଣ ଆଗୋ ବେଦରେ ବୋଲିବେ ।
ମୋତେ ନ ବୋଇଲେ ବେଦ ଶୁଦ୍ଧ ଯେ ନୋହିବେ । ( ୧୬୯ )

× × ତେଣୁ କରି ବିରାଟ ଯେ ହେଉ ମୋର
ନାମ । ୧୭୧

ତେଣୁ କରି ବଳଭଦ୍ର ନାମ ମୋର ହେଉ । ୧୭୪

ମୋର ଶିରେ ଅର୍ଦ୍ଧମାତ୍ରା ରୂପେ ତୁହି ଥିବୁ । ତୋହି ପରେ ଲିଙ୍ଗରୂପେ
ମୋତେ ତୁବା ରଖିବୁ । ୧୭୬

ସ୍ଥାବର ଜଙ୍ଗମ କୀଟ ପତଙ୍ଗ ସମସ୍ତ । ମୋର ଲିଙ୍ଗ ଶରୀରୁ ତୁ କରୁଥିବୁ
ଜାତ । ୧୭୮

( ରାଧା—ଗୀତା ୨ୟ—ଅ )

ଓଁ କାରର ଉପରଭାଗ ନାସୀ ଅର୍ଦ୍ଧମାତ୍ରା ସହିତ ଲାଗି ରହିଥାଏ । ଏହି କାସୀକୁ ଚନ୍ଦ୍ରକଳା ବା ଲିଙ୍ଗ କହନ୍ତି ଏବଂ ଅର୍ଦ୍ଧମାତ୍ରାକୁ ଶକ୍ତି ବା ଯୋନି କହନ୍ତି । ତେଣୁ ଏହି ବଜ୍ରଯାନରେ ସାଧକ ଶୂନ୍ୟରେ ପୁରୁଷ ନାରୀର ମିଳନ ପରି ଲିଙ୍ଗ ଯୋନି ସମ୍ପର୍କ ଜନିତ ପରମ ଆନନ୍ଦ ଉପଲବ୍ଧି କରେ । ଏହି ପିଣ୍ଡରେ ବ୍ରହ୍ମାଣ୍ଡ ରହିଅଛି । ଏହି ବ୍ରହ୍ମାଣ୍ଡ ମଧ୍ୟ ଏକ ମହାଲିଙ୍ଗ ଓ ମହାଯୋନିର ସମ୍ପର୍କରୁ ଉଦ୍‌ଭୂତ । ସୁତରାଂ ଏହି ନିର୍ବାଣ ବା ଶୂନ୍ୟ ସାଧନାରେ ନର ନାରୀର ସମାଗମ ଓ ସଙ୍ଗମରୁ ପରମ ସୁଖ ଲଭନ୍ତିଏ । ଆଶ୍ଚର୍ଯ୍ୟଚର୍ଯ୍ୟାଚୟର ୪ର୍ଥ ଚର୍ଯ୍ୟାରେ କବି ଗୁଣ୍ଡରୀପାଦ କହିଛନ୍ତି—

ଉପଦେଶ ଲାଭ କଲେ ସେହି ସୁଖ ପରମ ମହାସୁଖରେ ପରିଣତ ହୁଏ । ସେହି କଥା ଭୀମ ଭୋଇ ସ୍ତୁତି ଚିନ୍ତାମଣିରେ ଲେଖିଛନ୍ତି—"ଯେଉଁ ରୂପେ ଯୁଗଳରେ ରତି ସୁଖ ପାଉଁ" । ଏହି ବିଷୟକୁ ପଣ୍ଡିତ ଶ୍ରୀ ନୀଳକଣ୍ଠ ଦାସେ ତାଙ୍କର ଭଗବଦ୍ ଗୀତାର ମୁଖବନ୍ଧ ପୃ୨୯୨ଷ୍ଠାରେ ଏହିପରି ଭାବରେ ପରିସ୍ଫୁଟ କରିଛନ୍ତି—"ପ୍ରାଚୀନ ଭାରତର ବୌଦ୍ଧଧର୍ମରେ ଜଗତ୍ ବା କର୍ମ ନାହିଁ । ସବୁ ଶୂନ୍ୟ ଜ୍ଞାନ ମାତ୍ର । ଏହି ଜ୍ଞାନହିଁ କର୍ମ । କର୍ମରେ କାମନା ରହିଅଛି । ତେଣୁ କାମନା ହେତୁରୁ ଜନ୍ମଜନ୍ମାନ୍ତରରେ ଯେଉଁ ପରମ୍ପରା ଚାଲିଛି ତାହାହିଁ ବ୍ୟକ୍ତି । କର୍ମ ଛାଡ଼ିଦେଲେ କାମନାର ଧ୍ୱଂସ ହେବ । ଜ୍ଞାନ କ୍ରମେ ଶୂନ୍ୟ ହେବ । ବ୍ୟକ୍ତିତ୍ୱର ନିର୍ବାଣ ହେବ । ଏଇ ଜ୍ଞାନର ସାଧନା ପାଇଁ ବହୁକାଳରୁ 'ଯୋଗର' ସୃଷ୍ଟି ହୋଇଥିବା କଥା କୁହାଯାଇଛି । ଏଇ ଯୋଗରେ ବ୍ୟକ୍ତି ବା ଜ୍ଞାନମାତ୍ର ମଧ୍ୟ ଅସ୍ତିତ୍ୱକୁ ଶୂନ୍ୟ ବୋଲି ଚିନ୍ତାକରି ସେଥିରେ ବୁଦ୍ଧି ସ୍ଥିର ରଖିଲେ ଶେଷରେ ବ୍ୟକ୍ତିତ୍ୱ ବା ଅହଙ୍କାର ତୁଟିଯାଇ ନିର୍ବାଣ ହେବ । ମାତ୍ର ଯେଉଁ ବ୍ୟକ୍ତିତ୍ୱକୁ ଶୂନ୍ୟ କରିବ ତାର ଉଦ୍ଭବ ଓ ବିକାଶ ଚିନ୍ତା ସେଥିରେ ରହିବା ସ୍ୱାଭାବିକ । ଏହି ବିକାଶ ନାରୀ ପୁରୁଷର ସମାଗମ ଛଡ଼ା ଆଉ ଦୂରକୁ ଯାଇ ନ ପାରେ । ସେଥିରୁହିଁ ଲୌକିକ ଲିଙ୍ଗ ଯୋନିର ପୂଜା । ସେଇଥିରେ ବିଶେଷତ୍ୱ ମଧ୍ୟ କାଳୀ ଓ କାଳ । ସେ ଯା ହଉ ବ୍ୟକ୍ତିର ବିକାଶରେ ଚିନ୍ତାର ବିଶ୍ଳେଷଣ କରି ସ୍ଥିର ହେଲା—ପୁରୁଷର ବୀଜ ବିନ୍ଦୁ ନାରୀର ଜଳପଦ୍ମରେ ପଡ଼ି ପ୍ରଥମେ ସେଥିରେ ଜୀବନର କମ୍ପନ ବା ନାଦ ଉତ୍ପନ୍ନ ହେଲା । ସେହି ନାଦରୁ ହେଲା ନାମ ବା ବ୍ୟକ୍ତି । ଏହିପରି ବିନ୍ଦୁ ନାଦ ଓ ନାମରେ ସମସ୍ତ ବିକାଶର କଳ୍ପନା କରାଗଲା ।

"ପ୍ରାଚୀନ ଭାରତରେ ଚଳୁଥିଲା ଏହି ପିଣ୍ଡହିଁ ବ୍ରହ୍ମାଣ୍ଡ—ଜ୍ଞାନ ଛଡ଼ା ଆଉ ବ୍ରହ୍ମାଣ୍ଡ ବୋଲି କିଛି ନାହିଁ । ସେଥିରେ ସେମାନେ କେବଳ ବ୍ୟକ୍ତିଟିର ବିକାଶ ମାତ୍ର ଧରି ଶରୀର ସାଧନାରେ ମାତିଥିଲେ । ପ୍ରାଚୀନ ବୈଦିକ ତତ୍ତ୍ୱର ବିବର୍ତ୍ତ କରଣରେ ମଧ୍ୟ ସେଇ କଥା । ତେଜ ତତ୍ତ୍ୱରୁ ମନୁଷ୍ୟର ଅସ୍ଥି ମଜ୍ଜା ଓ ବାଣୀ, ଜଳତତ୍ତ୍ୱରୁ ମୂତ୍ର, ରକ୍ତ ଓ ପ୍ରାଣ ।

ପୁଣି ଅନ୍ନ ତତ୍ତ୍ୱରୁ ପୁରୁଷ ମାଂସ ଓ ମନ କ୍ରମେ ୨ ସୂକ୍ଷ୍ମ ପରିଣାମରେ ଉତ୍ପନ୍ନ ହୁଏ । ଏଇପରି ପରେ ପଞ୍ଚୀକରଣରେ ମଧ୍ୟ ଶରୀର ବିକାଶ କଳ୍ପନା କରାଯାଇଥିଲା ।"

(ଭଗବଦ୍‌ଗୀତା ମୁଖବନ୍ଧ ପୃ ୨୯୪ଷ୍ଠା).

କିନ୍ତୁ ପିଣ୍ଡବ୍ରହ୍ମାଣ୍ଡର ଏକତ୍ୱ ଉପରେ ବିଶେଷ ଭାବରେ ପ୍ରାଧାନ୍ୟ ଦିଆ ହୋଇ ନ ଥିଲା । ସହଜଯାନରେ ଏହା ଉପରେ ବିଶେଷ ପ୍ରାଧାନ୍ୟ ସ୍ଥାପନ କରି ସମସ୍ତ ବ୍ରହ୍ମାଣ୍ଡକୁ ନିଜ ପିଣ୍ଡରେ ରହିଥିବାର ବର୍ଣ୍ଣନା କରିଥିଲେ । ସହଜଯାନ ପରି ଓଡ଼ିଶାର ତାନ୍ତ୍ରିକ ବୈଷ୍ଣବ ଏବଂ ମହିମାଧର୍ମି ପ୍ରଭୃତିଙ୍କ ଗ୍ରନ୍ଥରେ ଏହି ପିଣ୍ଡ ବ୍ରହ୍ମାଣ୍ଡର ଏକତ୍ୱ ଉପରେ ବିଶେଷ ପ୍ରାଧାନ୍ୟ ସ୍ଥାପିତ ହୋଇଅଛି ।

ବଳରାମ ଦାସ କହିଛନ୍ତି—

ପିଣ୍ଡ ବ୍ରହ୍ମାଣ୍ଡ ଯେ ନୁହଇ ଭିନ୍ନ । ଏକଥା ଭାଳିବେ ଜ୍ଞାନୀ ସୁଜନ । ୪୪

ଜଗନ୍ନାଥ ଦାସ ବ୍ରହ୍ମାଣ୍ଡ ଭୂଗୋଳରେ ପିଣ୍ଡରେ ଭାଗବତ ପଦଗୁଡ଼ିକର ମଧ୍ୟ ଏକତ୍ୱ ପ୍ରତିପାଦନ କରିଛନ୍ତି—ଯଥା—

ପ୍ରଥମ ସ୍କନ୍ଦ ତାଳୁ କହି । ଦ୍ୱିତୀୟ ସ୍କନ୍ଦ ଲଲାଟହିଁ ।
ତୃତୀୟ ସ୍କନ୍ଦ ଚକ୍ଷୁକଲା । ୪ର୍ଥ ସ୍କନ୍ଦ ଚକ୍ଷୁ ହେଲା । ୭ଷ୍ଟ ପୃଷ୍ଠା ଅ-୫-୭ ।

ଅଚ୍ୟୁତାନନ୍ଦ ଦାସ ଶୂନ୍ୟ ସଂହିତାରେ ଏବଂ ବଳରାମ ଦାସ ବ୍ରହ୍ମାଣ୍ଡ ଭୂଗୋଳରେ ପିଣ୍ଡ ବ୍ରହ୍ମାଣ୍ଡର ଏକୀକରଣ ବିଷୟ ଆଲୋଚନା କରିଅଛନ୍ତି ଚୈତନ୍ୟ ଦାସ ନିର୍ଗୁଣ ମହାତ୍ମ୍ୟରେ ୮ମ ଅଧ୍ୟାୟରେ ଏହି ବିଷୟ ବିସ୍ତୃତ ରୂପରେ ବର୍ଣ୍ଣନା କରିଛନ୍ତି । ଯଥା—

ଚଉଦ ବ୍ରହ୍ମାଣ୍ଡରେ ଯେତେ । କାୟା ଭିତରେ ଅଛି ସେତେ ।
ତିନି ଭୁବନ ନବ ଖଣ୍ଡ । ଆବର ଚଉଦ ବ୍ରହ୍ମାଣ୍ଡ ।
କୀଟ ପତଙ୍ଗ ଆଦି ଯେତେ । ଆବର ଜଙ୍ଗମ ସହିତେ ।
ତାରା ମଣ୍ଡଳ ରବି ଇନ୍ଦୁ । ମେଘ ପବନ ସାତ ସିନ୍ଧୁ ।

ତଅଣ୍ଡା ଗୃପି ଜୋଇନ ଦେ ଅଙ୍କବାଳୀ
କମଳ କୁଳଶ ଘାଣ୍ଟ କରହୁ ବଆଳୀ । ୪ । ପ୍ରଭୃତି

ଏହି ପଦ୍ୟରେ ରତିକ୍ରୀଡ଼ା ଅର୍ଥଟିଏ ପୃଷ୍ଟିଭାବରେ ରହିଅଛି । ହେ ବଆଳୀ (ବଆବାଳୀ) ଲିଙ୍ଗ ଯୋନକୁ ଘାଣ୍ଟ କରୁ । ଏହି ପଦ୍ୟରେ ବଆଳୀ ପଦଟି ସ୍ତ୍ରୀଜନନେନ୍ଦ୍ରିୟ ଯୁକ୍ତ ଅର୍ଥପ୍ରକାଶ କରୁଥିବାରୁ କବିଙ୍କର ଓଡ଼ିଆତ୍ୱ ପ୍ରତିପାଦିତ କରୁଅଛି । ଏ ଶବ୍ଦଟି କେବଳ ଓଡ଼ିଆ ଭାଷାରେ ସ୍ତ୍ରୀଜନନେନ୍ଦ୍ରିୟ ବାଚକ । ଅନ୍ୟଭାଷାରେ ନୁହେଁ ।

ଏହିପରି ଅର୍ଥମଧ୍ୟ ସହଜାମ୍ନାୟ ପଞ୍ଜିକାରେ ୧୧୬ପୃଷ୍ଠାରେ ଦିଆ ହୋଇଅଛି । ଯଥା—

"କମଳ କୁଳଶା ବ୍ୟବ ମଜ୍ଝେ ତଉ୍ ଜୋ ସୋ ସୁରଅ ବଳାସ ।
କୋଉ୍ ରମଇଣ ତହୁଅଣେ କସ୍ସ ଣ ପୁରଅ ଆସ ।"

କମଳ କୁଳଶ ଦ୍ୱୟୋର୍ମଧ୍ୟେ ଯଃ ସୁରତ ବଳାସଃ କୋ ବୀରପୁରୁଷ ସ୍ତବ ନରମତେ । କସ୍ୟ ନ ପୂରିତ ଆଶଃ । ସର୍ବେଷାଂ ତନ୍ମଧ୍ୟେ ତତ୍ ସ୍ୱଭାବ ତସ୍ୟା ମହାମୁଦ୍ରା ସିଦ୍ଧିଃ ପୂରିତା ଭବତି ।' କମଳ କୁଳଶ ଦୁଇ ଭିତରେ ଯେଉଁ ସୁରତ କ୍ରୀଡ଼ାହୁଏ ତହିଁରେ କେଉଁ ବୀର ପୁରୁଷ ରତ ନ ହୁଏ ? କୃଷ୍ଣାଚାର୍ଯ୍ୟ ମଧ୍ୟ କହିଛନ୍ତି—

ଏବଂ କା'ର ବଅଲଇ କୁରୁମିଅ ଅରବିନ୍ଦ
ହୋ ମହୁ ଅରୂପଂ ସୁରଅ ବୀର ଜିଘଂଇ
ଜଣଇ କାନହୁ ମତା କହବ ଣ ଫିଟଇ ।
ଣିଚଳ ପବଣ ଘରିଣି ଘରେ ବଟଇ । ବୌ ଗା ଦୋ ପୃ

ପ୍ରସ୍ଫୁଟିତ ପଦ୍ମ ଏହିପରି ଶୋଭା ପାଉଛି । ସୁରତବୀର ଏହି ପଦ୍ମକୁ ପିଉଅଛି । ମନ ଆଉ କୁଆଡ଼କୁ ଫିଟୁନାହିଁ । ପବନ ଘରଣୀ ନିଶ୍ଚଳ ଭାବରେ ଘରେ ରହିଅଛି । ସହଜ ସମ୍ବନ୍ଧରେ କଥିତ ଅଛି—

ସର୍ବବ୍ୟାପି ନିରାଭାସି କରୁଣୈକରସଂ ମନଃ
ଆଲିଙ୍ଗିତ ଝଟିତ୍ୟୋଷା ବୃଷସ୍ୟନ୍ତୀଚ ଶୂନ୍ୟତା ।

ବୌ ଗା ଦୋ ପୃ୧୪

ଶୂନ୍ୟତା କାମୁକା ହୋଇ ସର୍ବଦାପି ସତ୍ତ୍ୱଶୂନ୍ୟ କରୁଣାପୂର୍ଣ୍ଣ ମନକୁ ସାଙ୍ଗେ ୨ ଆଲିଙ୍ଗନ କରେ । ଏଥିରୁ ଜଣାଯାଏ—ଯୋନିକୁ କମଳ ଏବଂ ବଜ୍ରକୁ ଲିଙ୍ଗବୋଲି ସନ୍ଧ୍ୟାଭାଷାରେ ଗ୍ରହଣ କରୁଥିଲେ । ସାଧକମାନେ ସିଦ୍ଧ ଅବସ୍ଥାରେ ରତି ସୁଖ ସଦୃଶ ମହାସୁଖ ଉପଲବ୍ଧି କରୁଥିଲେ । ସୁତରାଂ ଉପରେ ଉଦ୍ଧୃତ ଗୁଣ୍ଡୁରୀ ପାଦଙ୍କର ଚର୍ଯାରେ "କମଳ କୁଳଶ ଘାଣ୍ଟ କରହୁଁ ବିଆଲୀ" ବିଆଳୀ ପଦଟି ସ୍ତ୍ରୀଜନନେନ୍ଦ୍ରିୟଯୁକ୍ତ ବୋଲି ଅର୍ଥଟିଏ ପ୍ରକାଶ କରି କବିଙ୍କର ଉକ୍ତିଆତ୍ମ ପ୍ରତିପାଦିତ କରୁଅଛି । ଗୁଣ୍ଡୁରୀ ପାଦଙ୍କର ୪ର୍ଥଚର୍ଯାରେ ଲୌକିକ ଅଶ୍ଳୀଳ ଅର୍ଥଟିଏ ଆମୂଳଚୂଳ ରହିଅଛି । କିନ୍ତୁ ପାରମାର୍ଥିକ ଭାବରେ ଅର୍ଥାନ୍ତର ହୋଇଥାଏ । ୨ୟ ଚର୍ଯାରେ ବିଆଡ଼ୀ ଶବ୍ଦ ମଧ୍ୟ (ବିଆବଡ଼ୀ) ସ୍ତ୍ରୀଜନନେନ୍ଦ୍ରିୟ ଯୁକ୍ତ ଅର୍ଥରେ ପ୍ରୟୋଗ କରିଅଛନ୍ତି । 'ଦ୍ୱାର୍ଥୈଃ ପଦୈଃ ପିଶୁନୟେଚ୍ଚ ରହସ୍ୟବସ୍ତୁ"(ସାହିତ୍ୟ ଦର୍ପଣ) । ରହସ୍ୟ କଥାମାନ ଦ୍ୱିଅର୍ଥ ବିଶିଷ୍ଟ ପଦଦ୍ୱାରା କାବ୍ୟ ନାଟକରେ ପ୍ରକାଶିତ ହୋଇଥାଏ । ଚର୍ଯାଚୟରେ ଗୁଣ୍ଡୁରୀପାଦ ମଧ୍ୟ ଦୁଇ ଅର୍ଥ ବିଶିଷ୍ଟ ବିଆଡ଼ୀ ଓ ବିଆଳୀ (ବିଆବଣ୍ଡି, ବିଆବାଳୀ ଏବଂ ବଜାଣ୍ଡ ବିକାଳୀ ଅବଧୂତିକା) ଶବ୍ଦଦ୍ୱାରା ପାରମାର୍ଥିକ ରହସ୍ୟ ପ୍ରକଟ କରିଛନ୍ତି । ତେଣୁ ଏ କବିତା ଅଶ୍ଳୀଳ ଅର୍ଥରେ ଦୁଷ୍ଟ ନୁହେଁ । ଏହି ସୁରତ କ୍ରୀଡ଼ାର ବିଷୟ ଶ୍ରୁତିନିଷେଧ ଗୀତାରେ ମଧ୍ୟ ବର୍ଣ୍ଣିତ ହୋଇଅଛି ।

"ଜୀବନ୍ତି ଘରର ଘରଣୀ । ମଧ୍ୟରେ ବସିଅଛି ପୁଣି
ଏହାକୁ ଯେବେ ରତି କର । ତେବେ ପାଇବୁ ଏ ଶରୀର । ପୃ ୭୦
ସହଜାମ୍ନାୟ ପଞ୍ଜିକାରେ କଥିତ ଅଛି—(ପୃ୮୯)

"ଜାୟଇ ମରଇ ଉବଜ୍ଜଇ, ତାୟଇ ପରମ ମହାସୁହ ସିଜ୍‌ଝଇ ।ଇତ୍ତା ଯେନ ସୁଖେନ ମ୍ରିୟନ୍ତେ ତେନୈବୋତ୍ପଦ୍ୟନ୍ତେ ଉତ୍ପନ୍ନାଶ୍ଚ ତସ୍ମିନ୍ନେବ ବଧ୍ୟନ୍ତେ ପ୍ରାକୃତ ସୁଖ କଳ୍ପନୟାତ । ସ ଚ ତେନୈବ ସମ୍ୟକ୍ ରୂପଦେଶଂ ପରିଜ୍ଞାୟ ପରମ ମହାସୁଖଂ ସିଧ୍ୟତୀତି ଭାବଃ ।
ଲୋକେ ଯେଉଁ ସୁଖରୁ ମରନ୍ତି ସେହି ସୁଖରୁ ଜନ୍ମ ହୁଅନ୍ତି ଏବଂ ପ୍ରକୃତ ସୁଖ କଳ୍ପନା କରି ସେହି ସୁଖରେ ବାନ୍ଧହୋଇ ରହନ୍ତି, କିନ୍ତୁ ଗୁରୁଙ୍କଠାରୁ

ବିଷ୍ଣୁ ଭୁବନ ବ୍ରହ୍ମପୁର । ଆଦି ଅନାଦି ବିଶ୍ୱେଶ୍ୱର
ତେତିଶ କୋଟି ଦେବକୁଳ । ବରୁଣ ଦଶ ଦିଗ ପାଳ ।
ସାମ ଯଜୁ ଅଥର୍ବ ଋକ । ଅଛନ୍ତି ଚାରି ବେଦ ଯାକ ।
ଆବର ଅଛି ଅଷ୍ଟ ଗିରି । ମେରୁ ମନ୍ଦର ଆଦି କରି ।
ଅନାଦି ପ୍ରଭୁ ନିରାକାର । ସ୍ୱୟଂ ଅଛନ୍ତି ଏ ଶରୀର ।
ଦୃଶ ଅଦୃଶେ ଅଛି ବ୍ୟାପି । ତା ଭାବ ଗଗନ ସ୍ୱରୂପୀ ।
ଏ କାୟା ବ୍ରହ୍ମାଣ୍ଡର କଥା । କେ ବା କହିତେ ସାମରଥା ।

× × × ×

ଏ ପାଦ ପାଣି ନାସା କର୍ଣ୍ଣ । ଭୂତ ସଙ୍ଗେ ଶିର ବଦନ ।
ଆବର ବୋଲି ଏହା କହି । ବେଦର ତତ୍ତ୍ୱ ସାର ଏହି ।
ପବନ ଅଣଚାଷ ବାଇ । ପତଙ୍ଗ ବୋଲି ବେଦ କହି ।
ଏ ମାୟା ମୋହ ହିଂସା ରାଗ । ଲୋଭ କୁଟିଳ କ୍ରୋଧ ଭାବ ।
ଦେହର ଶତ୍ରୁ ଏ ଅଟନ୍ତି । ବେଦରେ ଜଙ୍ଗମ ବୋଲନ୍ତି ।
ଏ କ୍ଷୁଧା ତୃଷା କାମଇନ୍ଦ୍ରି । ଆଳସ ବିଷୟ ସମ୍ବନ୍ଧୀ ।
ଏହାକୁ କୀଟ ବୋଲି କହି । ଭୂତରେ ଚାରିଖାନି ଏହି ।
ଚଉଦ ବ୍ରହ୍ମାଣ୍ଡ ଚରିତ । ଶୁଣ କହିବା ତାହି ମାତ ।
ଏକ ବ୍ରହ୍ମାଣ୍ଡ ନାସା ଦ୍ୱାର । ଦ୍ୱୟ ବ୍ରହ୍ମାଣ୍ଡ ଚକ୍ଷୁସାର ।
ମୁଖ ଯେ କର୍ଣ୍ଣ ଏହୁ ବେନି । ବୁଦ୍ଧି ଚୈତନ୍ୟ ମନ ତିନି ।
କଣ୍ଠ କମଳ ହୃଦ ଦେଶ । ନାଭି କମଳ ସଙ୍ଗେ ବାସ ।
ଇନ୍ଦ୍ରିୟ ଗୁହ୍ୟ ପାଦ ପାଣି । ଚଉଦ ପୁର ବେଦ ଭଣି ।
ତିନି ଭୁବନର ବ୍ୟବସ୍ଥା । ଶୁଣ କହିବା ତହିଁ କଥା ।
ଏ ସ୍ୱର୍ଗ ପୁର ଶିର କହି । ନାଭି ହୃଦୟ ମଞ୍ଚ ହୋଇ ।
କଟି ମେଖଳା ପାଦ ଯାଏ । ସପ୍ତ ପାତାଳ ବେଦ କହେ । ଇତ୍ୟାଦି ।

ଯୋଗ ଓ ତନ୍ତ୍ର ମତରେ ଶରୀରର ସମସ୍ତ ଚକ୍ରର ଉପର ଚକ୍ରକୁ ଶୂନ୍ୟ-ଚକ୍ର କହନ୍ତି । ହିନ୍ଦୁମାନେ ଏହି ଚକ୍ରକୁ ସହସ୍ରାର ବା ସହସ୍ର ଦଳ କହନ୍ତି । ବୌଦ୍ଧମାନେ ୬୪ ଦଳ କମଳ କହନ୍ତି । ସେମାନଙ୍କ ମତରେ

ଜୀବାତ୍ମା ବା ମନ ପବନ ଯେତେବେଳେ ନାନା ପ୍ରକାର ଯୌଗିକ କ୍ରିୟାବଳରେ ଏହି ସହସ୍ରାର କମଳ ବା ଶୂନ୍ୟ ଚକ୍ରରେ ପହଞ୍ଚେ ସେତେବେଳେ ଜୀବ ସମସ୍ତ ଦ୍ୱନ୍ଦ୍ୱ ଅବସ୍ଥା ଅତିକ୍ରମ କରିଯାଏ ଏବଂ କେବଳ ସ୍ୱ ସ୍ୱ ରୂପରେ ବିରାଜିତ ହୁଏ । ଏହି ଅବସ୍ଥାରେ ଆତ୍ମାର ଅନ୍ୟ କୌଣସି ଅନୁଭୂତି ରହେନାହିଁ । ସୁଖ ଦୁଃଖ, ରାଗ ଦ୍ୱେଷ, ହର୍ଷ ଅମର୍ଷ, କ୍ଷୁଧା ତୃଷା, ପ୍ରଭୃତି କୌଣସି ବିଷୟର ଅନୁଭୂତି ହୁଏ ନାହିଁ । ଆତ୍ମା ସମସ୍ତ ଦ୍ୱନ୍ଦ୍ୱ ରହିତ ହୋଇ କେବଳାବସ୍ଥାରେ ଆତ୍ମାନୁଭୂତି କରେ ଓ ପରମ ସୁଖ ଉପଲବ୍ଧି କରେ । ଏହି ଅବସ୍ଥାକୁ କେହି ୨ ବ୍ରହ୍ମ, କେହି ୨ ଶୂନ୍ୟ ଏବଂ କେହି ୨ ଶୂନ୍ୟାଶୂନ୍ୟ ଅବସ୍ଥା ବୋଲି କହିଥାନ୍ତି । ବଜ୍ରଯାନରେ ଏହି ଅବସ୍ଥାକୁ ଶୂନ୍ୟ, ବଜ୍ର, ସମତା, ମହାମୁଦ୍ରା ତଥତା ପ୍ରଭୃତି ଦ୍ୱାରା ନିର୍ଦ୍ଦେଶ କରିଥାନ୍ତି । ଗଗନପର୍ଯ୍ୟାୟ ଶବ୍ଦ ମଧ୍ୟ ଏହି ଶୂନ୍ୟର ବାଚକ ରୂପରେ ବ୍ୟବହୃତ ହୋଇଥାଏ । ଯଥା— ଗଗନ, ଖ, ଆକାଶ ପ୍ରଭୃତି । ଆଶ୍ଚର୍ଯ୍ୟଚର୍ଯ୍ୟାଚୟରେ ସେହି ଅବସ୍ଥାର ବର୍ଣ୍ଣନା ଦେଖାଯାଏ । ଯଥା—

ହାଉଁ ନିରାସୀ ଖମଣ ଭତାରି ( ଚ ୨୦ )
ଖ ସମଭାବେ ରେ ବା ଣ ମୁକା କୋ ଏ ( ୪୩ )
ମହାସୁଖେ ବିଲସଇ ଶବରୋ ଲଇଆ ଶୁଣ ମେହେଲୀ (୫୦)
ଶୁଣ ନୈରାମଣି କଣ୍ଠେ ଲଇଆ ମହାସୁହେ ରାତି ପୋହାଇ (୨୮)

ଏହି ଶୂନ୍ୟ ଅବସ୍ଥା ମନବଚନରେ ଗୋଚର ନୁହେଁ । ତେଣୁ ତାହାର ବର୍ଣ୍ଣନା ହୋଇ ପାରେ ନାହିଁ । ଏହାକୁ ଅନିର୍ବଚନୀୟ ଅବସ୍ଥା କହିଥାନ୍ତି ।

ଆଶ୍ଚର୍ଯ୍ୟଚର୍ଯ୍ୟାଚୟରେ ଏହି ଅବସ୍ଥାର ବର୍ଣ୍ଣନା ଏହିପରି ହୋଇଅଛି ।

ଭାବ ନ ହୋଇ ଅଭାବ ଣ ଜାଇ
ଅଇସ ସଂବୋହେଁ କୋ ପତିଆଇ
ଲୁଇ ଭଣଇ ବଟ ଦୁଲକ୍ଖ ବିଣାଣା
ତିଅଧାଏ ବିଲସଇ ଉହ ଲାଗେନା (୨୯ଚ)
ବାକ୍ ପଥାତୀତ କାହିଁ ବଖାଣୀ (୩୭ ଚ)

ଆଚଳଗୁରୁ ଉଏସଇ ସୀସ, ବାକ୍ ପଥାଗତ କହିବ କସ
ଜେ ତଇଁ ବୋଲି ସେତ ବଝାଳ, ଗୁରୁ ବୋବ ସେ ସୀସ କାଳ
ଅଲକ୍ଖ ଲକ୍ଗଣ ଚଣ୍ଡ ମହାସୁଖେ ।
ବଲସଇ ଦାଶକ ଗଅଶତ ପାରମ କୂଳେଁ (୩୪) ଇତ୍ୟାଦି ।

ଏହି ଶୂନ୍ୟ ବ୍ରହ୍ମସ୍ୱରୂପକୁ ଖିମଦେଇ ବ୍ରହ୍ମନିରୂପଣ ଗୀତାର ୧ମ ଅଧ୍ୟାୟରେ ଏହିପରି ନିର୍ଦ୍ଦେଶ କରିଛନ୍ତି ।

ବ୍ରହ୍ମ ଯେଉଁଠାରେ ଅଛି ନିଗମଭୁବନ ।
ଅନ୍ଧାର ଉଜ୍ୱଳ ନୋହେ ନାହିଁ ରବି ଦିନ

× × ×

ସୃଷ୍ଟି ଉତ୍ପତ୍ତି ପ୍ରଳୟ କ୍ଷୁଧା ତୃଷା ନାହିଁ ।
କାମନା କଳ୍ପନା ବାଞ୍ଛା ନ ଥା ସେଠାଇ ।
ଜନ୍ମବନ୍ଧ ନାହିଁ ତହିଁ ନୋହେ ଆତଯାତ ।
ବଚନ ସମସ୍ୟା ନାହିଁ ଅଟେ ଅବ୍ୟଗତ ।

× × ×

ଅଣ ରୂପବର୍ଣ୍ଣ ଚିହ୍ନ ନାହିଁ କଛି ।
ଜ୍ୟୋତି ଭିତରେ ଅଜ୍ୟୋତି ଅଚିହ୍ନାରେ ଅଛି ।

× × ×

ମହାଶୂନ୍ୟ ହେ ଯେ ନିର୍ଗୁଣଶରୀର ।
ଏକାକ୍ଷର ନ ବସଇ ବସେ ଅଣାକ୍ଷର ।
ଅଣାକ୍ଷର ଅଣମାନ ଅଣ ନିଶବଦ ।
ଶବଦର ଭେଦନାହିଁ ବ୍ରହ୍ମ ନିଜ ପଦ । ପୃଃ

ବଜ୍ରଯାନରେ ବଜ୍ର ବା ଶୂନ୍ୟର ଅର୍ଥମଧ୍ୟ ଠିକ୍ ଏହିପରି ଅନଙ୍ଗବଜ୍ର ପଜ୍ଞୋପାୟ ବିନିଶ୍ଚୟ ସିଦ୍ଧିରେ କହିଅଛନ୍ତି—

ଇଦଂ ତଦିତି ତଦ୍ ବକ୍ତୁଂ ନୈବ ଶକ୍ୟଂ ଜନୈରପି ।
ପ୍ରତ୍ୟାତ୍ମ ବେଦ୍ୟରୂପତ୍ୱାତ୍ ବାହ୍ୟାର୍ଥଃ ନଚ ଗୃହ୍ୟତେ ।

ବୌଦ୍ଧମାନେ ମଧ୍ୟ ଶୂନ୍ୟ ବା ବଜ୍ରର ସ୍ୱରୂପ କଥାରେ କହିପାରିବେ ନାହିଁ ।

ପ୍ରତ୍ୟେକ ଲୋକ ଏହାକୁ ନିଜେ ନିଜେ ଅନୁଭବ କରିପାରିବେ । ଏହା ବାହାର କଥାରେ କହିହୁଏ ନାହିଁ । ଶ୍ୟାମ ଦ୍ୱେଇଙ୍କ କଥାରେ କହିବାକୁ ଗଲେ—

ଅଚିନ୍ତା ପୁରୁଷ ଶୂନ୍ୟମୟ ଦେହ ଯହିଁରେ ନାହିଁ ବଚନ ।
ନିରୂପଣ କରି ଶାହାସ୍ତ୍ର ପଥରେ କେ ପାରିବ ବର୍ଣ୍ଣିଚିହ୍ନ ।

ସ୍ତୁତି-ଚି-ପୃ୪୫-୧୭

ବଜ୍ରଯାନରୁ ସହଜଯାନର ଉଦ୍ଭବ ହୋଇଥିଲା । ଲକ୍ଷ୍ମୀଙ୍କର ସହଜ ଯାନର ଆଦିଗୁରୁ ବା ପ୍ରବର୍ତ୍ତିକା ଥିଲେ । ସହଜ ଯାନରେ ଏହି କେବଳାବସ୍ଥାକୁ ଶୂନ୍ୟ ବା ସହଜ କୁହାଯାଏ । ବଜ୍ର ପରିବର୍ତ୍ତରେ ସହଜଶବ୍ଦ ବ୍ୟବହୃତ ହୁଏ । ଶୂନ୍ୟ ଓ ସହଜ ଏକ ଅର୍ଥରେ ପ୍ରଯୁକ୍ତ ହୁଏ । ସହଜର ସାଧାରଣ ଅର୍ଥ ହେଉଛି—ସ୍ୱଭାବ । ତେଣୁ ଆତ୍ମା ବା ଚିତ୍ତର ସ୍ୱାଭାବିକ ମୌଳିକ ଅବସ୍ଥାକୁ ସହଜ କୁହାଯାଏ ।

"ତସ୍ମାତ୍ ସହଜଂ ଜଗତ୍ ସର୍ବଂ ସହଜଂ ସ୍ୱରୂପ ମୁଖତେ ।
ସ୍ୱରୂପ-ମେବ ନିର୍ବାଣଂ ବିଶୁଦ୍ଧାକାର ଚେତସା । ହେ ବଜ୍ରତନ୍ତ୍ର ।
ବିଶୁଦ୍ଧ ଚିତ୍ତର ସ୍ୱରୂପକୁ ସହଜ କହନ୍ତି । ତେଣୁ ସମସ୍ତ ଜଗତ୍‌ଟା ସହଜ ନିର୍ବାଣକୁ ମଧ୍ୟ ସହଜ କୁହାଯାଏ ।

ଅଚ୍ୟୁତାନନ୍ଦ ଦାସଙ୍କ ସୁନ ବ୍ରହ୍ମ ଭାବିଆ ଜ୍ଞାନସାଗରରେ ସହଜର ଏହିପରି ଲକ୍ଷଣ ଦେଇଅଛନ୍ତି ।—

ପବନ ତୋଳିଲେ ପାର୍ଥ ସହଜ ବୋଲାଇ
ପବନ ନିବୃତ୍ତି କଲେ ହଜ ବୋଲି କହି
× × ×
ପବନକୁ ତୋଳି ଯେ ଓଟାର ରଖି ନାହିଁ
ଅମନ ଯେ ସୂକ୍ଷ୍ମ ପର୍ଥ ତାହାକୁଟି କହି
ଯେତେବେଳେ ସହଜରେ ରହିଲକ ଯାଇ
ଜୀବ ସାଇଁ ପରମ ସଙ୍ଗରେ ମିଶି ଯାଇ ।
× × ×
ପବନକୁ ଜୀବ କହି ସହଜ ଅର୍ଜୁନ ।
ନୟନ ସଙ୍ଗରେ ଭେଟ ହୋଇଲେ ପବନ

ଜୀବ ପରମର ଭେଟ ହେଲେ ଯେଉଁକ୍ଷଣି
ଏହାକୁହିଁ ସହଜ ଯେ କହି ଫାଲଗୁନ ।

ନିଶ୍ୱାସ ପବନ ହେଉଛି ଜୀବ । ସେ ଜୀବ ପରମ ସଙ୍ଗରେ ମିଶି-ଗଲେ ନିଜର ସ୍ୱାଭାବିକ ସ୍ୱରୂପ ଲାଭ କରେ । ତାହାକୁ ସହଜ କହନ୍ତି । ଏହି ସହଜ ଅବସ୍ଥା ଯୋଗିମାନଙ୍କର ବ୍ରହ୍ମୋପଲବ୍ଧି ବା ନିର୍ବିକଳ୍ପ ସମାଧିଠାରୁ କିଛି ଭିନ୍ନ ନୁହେଁ । ଯୋଗିମାନେ ବ୍ରହ୍ମ ବା ଆତ୍ମାର ଉପଲବ୍ଧି ବେଳେ ଆତ୍ମାରାମ ହୋଇ ପରମ ସୁଖ ଉପଲବ୍ଧି କରନ୍ତି । ସହଜ ମତରେ ମଧ୍ୟ ଚାରିପ୍ରକାର ଆନନ୍ଦ ମାନନ୍ତି । ପ୍ରଥମାନନ୍ଦ, ପରମାନନ୍ଦ, ବିରମାନନ୍ଦ ଓ ସହଜାନନ୍ଦ । ସହଜ ଅବସ୍ଥାରେ ଉପସ୍ଥିତ ହେଲେ ଇନ୍ଦ୍ରିୟବୋଧ ଲୋପ ପାଏ ଏବଂ ନିଜର ଅସ୍ତିତ୍ୱବୋଧ ମଧ୍ୟ ଲୋପ ହୋଇଯାଏ । ଏହି ଅବସ୍ଥାର କଥା ବଚନରେ କହି ହୁଏ ନାହିଁ । ଏହା ଅନିର୍ବଚନୀୟ, କେବଳ ଅନୁଭବୈକଗମ୍ୟ ।

ସିଦ୍ଧପୁରୁଷ ସରହପାଦ ସହଜ ଅବସ୍ଥାର ବର୍ଣ୍ଣନା କରିଅଛନ୍ତି—

ଇନ୍ଦିଅ ଜତ୍‌ଥ ବିଲଅ ଗଉ ଣଠ୍‌ଠଉ ଅପ୍ପ ସହାବ
ସୋ ହେଲେ ସହଜ ନ ତନୁ ଫୁଡ଼ ପୁଚ୍ଛହି ଗୁରୁପାବା

ଯେଉଁ ଅବସ୍ଥାରେ ଇନ୍ଦ୍ରିୟ ବିଲୀନ ହୋଇଥାଏ—ଆତ୍ମାର ସ୍ୱଭାବ ନଷ୍ଟ ହୁଏ, ତାହାକୁ ସହଜ କହନ୍ତି । ଗୁରୁଙ୍କୁ ପଚାରି ତାହାର ସ୍ୱରୂପ ଜାଣିବ । ସହଜାମ୍ନାୟ ପଞ୍ଜିକାରେ କଥିତ ଅଛି—

ଅନ୍ୟୈଃ ସର୍ବୈଃ ମୋକ୍ଷସମୂହଂ ଯତ୍ ପରିକଳ୍ପିତଂ ପୃଥକ୍ ପୃଥକ୍ ତତ୍ ସର୍ବଂ ସହଜ ମେବମା ନ୍ୟତ୍ ।

ବାଚ୍ୟବାଚକ ସମ୍ବନ୍ଧ ନ ସନ୍ତି ସହଜେ ସ୍ଫୁଟଃ
ଦେଶନାପଦ ଯୋଗେନ ଖ୍ୟାପିତଂ ଭଗବାନ କ୍ୱଚିତ୍

(ବୌ ଗା ଦୋ ପୃ ୧୧) ଅନ୍ୟମାନେ ଯେଉଁ ସବୁ ଭିନ୍ନ ଭିନ୍ନ ପ୍ରକାର ମୋକ୍ଷର କଳ୍ପନା କରିଅଛନ୍ତି ସେ ସବୁ ସହଜ ଭିନ୍ନ ଅନ୍ୟକିଛି ନୁହେଁ । ସହଜରେ ବାଚ୍ୟ ବାଚକ ଓ ସମ୍ବନ୍ଧରେ କିଛି ସମ୍ପର୍କ ନାହିଁ । ଅର୍ଥାତ୍

ସହଜ ଅବସ୍ଥା ବଚନରେ ବର୍ଣ୍ଣନା କରାଯାଇ ପାରେ ନାହିଁ । କେବଳ ଭଗବାନ ଗୁରୁ କୌଣସି ୨ ସ୍ଥାନରେ ଏଥିର ଉପଦେଶ ଦେଇଥାନ୍ତି । ଆଶ୍ଚର୍ଯ୍ୟଚର୍ଯ୍ୟାଚୟରେ ସେହି ବିଷୟ କଥିତ ହୋଇଅଛି । ଯଥା—

ସରହ ଭଣଇ ଅଚନ୍ତା ସୋଧାମ । (୨୨)

ଚଞ୍ଚ ସହଜେ ଶୂଣ ସମ୍ପୁନ୍ନ,

(୪୨) ପ୍ରଭୃତି ।

ଶ୍ରୀମ ଭୋଇ ଏହି ଅବସ୍ଥାର ସ୍ୱରୂପ ଏହିପରି ବର୍ଣ୍ଣନା କରିଅଛନ୍ତି । ଯଥା—

ଅଣରୂପ ଶବ୍ଦ ନାହିଁ, ବର୍ଣ୍ଣଭେଦ, କେହୁ ମୁଖେ ବଖାଣିବ ।
ନିମିଷ ନାହିଁ ଇଠା ସେହୁ ପଦ ଓଲଟଇ ନାହିଁ ଜଭ ।
କାମନା କଳ୍ପନା ଶ୍ରୁତି ସୁମରଣା ବର୍ଣ୍ଣିବାକୁ ଅଛି କାହିଁ ?
ଜ୍ଞାନ ବେନି ଚକ୍ଷୁ ଏକମାତ୍ର ସାକ୍ଷୀ ଚର୍ମନେତ୍ରେ ଦିଶୁ ନାହିଁ ।

ସ୍ତୁତି ଚ ପୃ୧୮୨

ସେହି ସହଜାନନ୍ଦର ସ୍ୱରୂପ ବିଷୟରେ କୃଷ୍ଣାଚାର୍ଯ୍ୟ ସହଜାମ୍ନାୟ ପଞ୍ଜିକାରେ କହିଅଛନ୍ତି—

ଜାମ୍ଭଇ ମରଇ ଭବଜ୍ଜଇ ତାମ୍ଭଇ ପରମ ମହାସୁହ ସିଜଝଇ ।
ଯେନସୁଖେନ ମ୍ରିୟନ୍ତେ ତେନୈବୋତ୍ପଦ୍ୟନ୍ତେ ଉତ୍ପନ୍ନାଶ୍ଚ ତସ୍ମିନ୍ନେବବଧ୍ୟନ୍ତେ ପ୍ରାକୃତ ସୁଖ କଳ୍ପନୟା ତ ସତ ତେନୈବ ସମ୍ୟକ୍ ଗୁରୂପଦେଶଂ ପରିଜ୍ଞାୟ ପରମ ମହାସୁଖଂ ସିଧ୍ୟନ୍ତି ଯୋଗିନଃ । ପୃଃ

ଯେଉଁ ସୁଖ ଭୋଗକରି ପ୍ରାଣୀ ମରେ-ସେହି ସୁଖରୁ ସେ ଜନ୍ମଲାଭ କରେ । ଜନ୍ମ ହେଲେ ପ୍ରାଣୀ ପୁଣି ସେହି ସୁଖରେ ଆବଦ୍ଧ ହୋଇ ରହେ । ସେହି ସୁଖକୁ ସେ ପ୍ରକୃତ ସୁଖବୋଲି କଳ୍ପନା କରିଥାଏ । କିନ୍ତୁ ଗୁରୁଙ୍କ ଉପଦେଶ ଲାଭ କଲେ ସେହି ସୁଖ ପରମ ମହାସୁଖରେ ପରିଣତ ହୁଏ । ତେଣୁ ସହଜାନନ୍ଦଙ୍କୁ ରତି ସୁଖ ପରି ପରମ ମହାସୁଖ ବୋଲି ଗ୍ରହଣ କରିଥାନ୍ତି । ୨୭ଚର୍ଯ୍ୟାରେ ସେହି କଥା ବର୍ଣ୍ଣିତ ହୋଇଅଛି । ଯଥା—

' ଅଧରନ୍ତ ଭର କମଳ ବିକସିଉ ବିଭସ ଦୋଈଣୀ ଡସୁଅଙ୍ଗ ଉହ୍ଲସିଉ
ଗୃଳଅସ ସହର ମାଗେ ଅବଧିଇ ରଅଣହୁ ସହଜେ କହଇ ।"
ଧୀମହୋଇ ବ୍ରହ୍ମ ନିରୂପଣ ଗୀତାରେ ସେହି ଅବସ୍ଥାର ବର୍ଣ୍ଣନା କରିଅଛନ୍ତି ।
ଯଥା—

"ଯେଉଁ ରୂପେ ଯୁଗଳରେ ରତିସୁଖ ପାଇ ।
ପିତାକୋଳେ ମାତା ଯେସନେକ ବସିଥାଇ ।
ସେହିରୂପେ ମହିମାର ସ୍ୱରୂପ ଆକୃତି ।
ସ୍ଥଳରେ ବସିଛି ମହା ବିଷମ ଶକତି । ( ପୃ୧୫ )

ଦୋହାକୋଷରେ ବୋଧିଚିତ୍ତର ସ୍ୱରୂପ ବର୍ଣ୍ଣିତ ଅଛି—ଯଥା—

"ବୋଧିଚିତ୍ତଂ ସମ୍ବୃତ ସ୍ପନ୍ଦରୂପଂ ଶୂନ୍ୟଂ" ପୃ୩ )

"ସମ୍ବୃତ ସ୍ପନ୍ଦରୂପ ଶୂନ୍ୟଇ ବୋଧିଚିତ୍ତ" । ସିଧାମୃତ ଗୀତାରେ କୁହା ହୋଇଛି—

ଜ୍ୟୋତିମୟେ ପୁରୁଷ ଅନାଦି ନିରଞ୍ଜନ ।
ବିନ୍ଦୁରୂପ ଧରି ବିଜେ କରନ୍ତି ସେ ସ୍ଥାନ ।
ସେହି ବିନ୍ଦୁଗୋଟି ଦଶାକ୍ଷରରେ ସମ୍ପୂର୍ଣ୍ଣ ।
କାମ ବୀଜରୂପେ ରହି ଅଛି ସର୍ବଘଟ ।
ଜ୍ୟୋତି ବିନ୍ଦୁପରେ ପରମ ଧାମ ଘର
ଚେତନା ବୁଡ଼ିଲା ତୋର ନିଶବଦ ଘରେ ।
( ୭ମ ଅ—୩୩—୩୪ )

ପ୍ରେମ ରୂପେ ପରମାତ୍ମା ବିନ୍ଦୁରୂପେ ରହି ।
ସେ ସ୍ଥାନେ ଚେତନା ତୋର ରହିଲାରେ ସହି ।
ମହାଶୂନ୍ୟ ଯେ ବିନ୍ଦୁରୂପ ।
ଜ୍ୟୋତିରୁ ଜାତ ଠୁଳ ରୂପ ( ଜଗନ୍ନାଥ ଦାସ—ତୁଳାଭିଣା
୨ୟ ଅ ୭୫—୭୭ )

ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟର ୧୨୫ ପୃଷ୍ଠାରେ ମଧ୍ୟ ସେହି କଥା ବର୍ଣ୍ଣିତ ହୋଇଅଛି
ତହ ସହଜେ ବୋଧିଚିତ୍ତଂ ଜ ଯୁତେ ଶୂନ୍ୟ ମୂସ୍ପନ୍ଦ୍ୟତେ ।

× × ×

ବଜ୍ରପଦ୍ମ ଘର୍ଷଣେନ ତେଜୋଧାତୁରୁତ୍ପଦ୍ୟତେ ।

ସେହି ସହଜରେ ବୋଧିଚିତ୍ତ ଜାତ ହୁଏ । ଶୁକ୍ର ଉତ୍ପନ୍ନ ହୁଏ । ବଜ୍ରପଦ୍ମ ଘର୍ଷଣରୁ ତେଜୋ ଧାତୁ ( ଶୁକ୍ର ) ଉତ୍ପନ୍ନ ହୁଏ ।

ତେଣୁ ସହଜଯାନରେ ଲିଙ୍ଗ ଯୋନି ବା ରଜବୀର୍ଯ୍ୟ ମିଳନରେ ଜଗତର ସୃଷ୍ଟି ।

ସହଜ ବା ନିର୍ବାଣ ଅବସ୍ଥାରେ ମଧ୍ୟ ସେହି ନର ନାରୀର ସଙ୍ଗମ ସୁଖପରି ପରମ ସୁଖ ଲାଭ ହୁଏ ।

ଏ ସାଧନାରେ ଶରୀର ହେଉଛି ସର୍ବସ୍ୱ । ବିନ୍ଦୁ ଓ ଯୋନି ସର୍ବଦା ଚିନ୍ତାର ବିଷୟ । ସେଥିପାଇଁ ମୂଳରୁ ଏହା କେବଳ ଗୁରୁଶିଷ୍ୟଙ୍କୁ ବଡ ସାବଧାନରେ କହି ସାଧନାରେ ଭର୍ତ୍ତି କରିବାର ଥିଲା । ବିଶ୍ୱାସ ନ କଲେ ଶୂନ୍ୟ ସାଧନା କରିବା ସହଜ ନୁହେଁ । ବୁଦ୍ଧି ଅତି ସଂଯତ ନ ହେଲେ ସେ ସାଧନା ପଥରେ ପଥିକ ହେବା ଦୁର୍ଘଟ । ଏହି ବଜ୍ରଯାନ ଓ ସହଜଯାନର ବିଶୁଦ୍ଧ ଶରୀର ସାଧନା ଓଡ଼ିଶାରୁ ଉଦ୍ଭୂତ ହୋଇଥିଲା ।

ପୁଷ୍ପଗିରି ( ଆଧୁନିକ ରତ୍ନଗିରି ଉଦୟ ଗିରି ) ଏହି ଯୌଗିକ ଓ ତାନ୍ତ୍ରିକ ସାଧନାର ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଥିଲା । ଏବେ ତାର ଭଗ୍ନାବଶେଷରେ ବିରାଟ ବିହାରଟିଏ ଥିଲା । ଭାରତର ବିଭିନ୍ନ ଅଞ୍ଚଳର ସାଧକ ମାନେ ଏଠାକୁ ଯୋଗଶିକ୍ଷା ଓ ସାଧନା ପାଇଁ ଆସୁଥିଲେ କାବୁଲ୍ ଦେଶର ପ୍ରାଜ୍ଞ ନାମରେ ଜଣେ ସାଧକ ବାରଶହ ବର୍ଷ ତଳେ ( ୭ମ ଖ୍ରୀ· ରେ ) ନାଳନ୍ଦାରେ ୧୮ ବର୍ଷ ଅଧ୍ୟୟନ କରିସାରି ଏଠାରେ ଯୋଗ ଶିକ୍ଷା କରିଥିଲେ । ଓଡ଼ିଶାର ରାଜା ଶୁଭକର କେଶରୀ ତାହାଙ୍କୁ ଚୀନ ସମ୍ରାଟଙ୍କ ପାଖକୁ ଦୂତ ରୂପରେ ପଠାଇ ଥିଲେ । ସେହି ସାଧନାର ପ୍ରଣାଳୀ ଆଜକାଲି ମଧ୍ୟ ଅକ୍ଷୁର୍ଣ୍ଣ ଭାବରେ ଓଡ଼ିଶାରେ ଚଳି ଆସୁଅଛି । ବଳରାମ ଦାସ ବ୍ରହ୍ମାଣ୍ଡ ଭୂଗୋଳରେ ଏହି ବିନ୍ଦୁ ବିଷୟରେ କହି ଅଛନ୍ତି ' ଯଥା—

× × × । ନଥିଲା ବେଦର ସ୍ୱଭାବ ।

ସେ କାଳେ ଶୂନ୍ୟ ମୋରରୂପ । ଏମନ୍ତେ ଗଲା କୋଟି କଳ୍ପ ।

× × ×

ସୃଷ୍ଟି କରିଣେ ବାଞ୍ଛା ହେଲ । ମୋ ଅଙ୍ଗୁ ବିନ୍ଦୁ ଉଚ୍ଛୁଳିଲା ।
ସେ ବିନ୍ଦୁ ସପ୍ତ ଭାଗ ହେଲ । ବିଶ୍ୱାଜରସ ବେ ଲିଳଲ । ୧ଅଧ୍ୟାୟ

୭ମ ଅଧ୍ୟାୟରେ ବର୍ଣ୍ଣିତ ଅଛି—

ନିଗମ ବୋଲି ଯାହା କହି । ମହାଶୂନ୍ୟଟି ସେ ଅଟଇ ।
ବେଦ ତହିଁକି ନ ଗମିଲି । ତହିଁ ନିଗମ ନାମ ହେଲି ।
କଳ୍ପ ତରୁଟି ଯାହା କହି । ନିରାକାରଟି ରୂପହୋଇ ।
ସେଠାରୁ ବିନ୍ଦୁ ରସ ଗଳି । ସେ ବୀଜ ରସୁଁ ଫଳ ଫଳି ।
ଶୁକ ବୋଲିଣ ଯାହା କହି । ଶିଶୁ ଧାରଟି ସେ ଅଟଇ ।
ବିନ୍ଦୁଟି ସେହି ବାଟେ କ୍ଷରି । ଏଣୁ ଏ ଶୁକ ମୁଖୁଁ ଝରି ।
ବୀଜ ସଂଯୁକ୍ତ ହୋଇ ଖସି । ମାତା ରଜରେ ଯାଇ ମିଶି ।
ଏ ରଜ ବୀଜକୁ ପିଅଇ । ତେଣୁଟି ଭାଗବତ ହୋଇ ।

---

P. Archaco logical survey No,44 Explanation in Orissa 1930.

I. R, D, Banergee's History of Orissa vol, I P, P 147

---

ସହଜଯାନ ନରନାରୀ ସମାଗମରେ ସୃଷ୍ଟିର କଳ୍ପନା କରିଥାଏ । ଶରୀର ମାତ୍ରକ ହେଉଛି ତହିଁର ସାଧନା କ୍ଷେତ୍ର । ଏହି ସାଧନା ବଳରେ ଯୋଗୀ ଓ ସିଦ୍ଧମାନେ ଶରୀରକୁ ବାସ୍ତବରେ ଶୂନ୍ୟ ବୋଲି ଦେଖାଇ ପାରୁଥିଲେ । ମହାପୁରୁଷ ଅଚ୍ୟୁତାନନ୍ଦ ଦାସ ବାଙ୍କୀ ମୁହାଣ ବାମ୍ପୀର ଜଳରେ ବସି ରହି ଏହି ଶୂନ୍ୟ ସାଧନା କରି ରାଜା ପ୍ରତାପରୁଦ୍ରଙ୍କୁ ଏହି ଶୂନ୍ୟବାଦର ପରୀକ୍ଷା ଦେଇଥିଲେ । ଅନନ୍ତ ବଳରାମ ଜଗନ୍ନାଥ ଯଶୋବନ୍ତ ମଧ୍ୟ ଏହିପରି ଅଗ୍ନି ପରୀକ୍ଷାରେ ରାଜା ପ୍ରତାପରୁଦ୍ରଙ୍କ ଦ୍ୱାରା ପରୀକ୍ଷିତ ହୋଇଥିଲେ ବୋଲି ନିଜ ନିଜ ଗ୍ରନ୍ଥରେ ବର୍ଣ୍ଣନା କରିଛନ୍ତି ।

ବଜ୍ରଯାନରେ ଭିନ୍ନ ଭିନ୍ନ ଦେବଦେବୀଙ୍କର ଉପାସନାର ପଦ୍ଧତି ଓ ବିଧି ରହିଅଛି । କିନ୍ତୁ ସହଜଯାନରେ ଦେବଦେବୀଙ୍କର ଉପାସନା ନିଷିଦ୍ଧ ଥିଲା । ସହଜଯାନର ପ୍ରବର୍ତ୍ତିକା ଲକ୍ଷ୍ମୀଙ୍କର କହି ଅଛନ୍ତି—

"ନ କଷ୍ଟକଲ୍ପନାଂ କୁର୍ଯ୍ୟାତ୍ ନୋପବାସଂ ନଚ କ୍ରିୟାମ୍
ସ୍ନାନଂ ଶୌଚଂ ନ ଚୈବାତ୍ର ଗ୍ରାମଧର୍ମ ବିବର୍ଜନମ୍ ।
ନ ଚାପି ବନ୍ଦୟେଦ୍ ଦେବାନ୍ କାଷ୍ଠ ପାଷାଣ ମୃଣ୍ମୟାନ୍
ପୂଜା ମସ୍ୟୈବ କାୟସ୍ୟ କୁର୍ଯ୍ୟାନ୍ନିତ୍ୟଂ ସମାହିତଃ ।
ସର୍ବ ବର୍ଣ୍ଣା ସମଦ୍ଭୂତା ଜୁଗୁପ୍‌ସା ନୈବ ଯୋଷିତଃ ।
ସୈବ ଭଗବତୀ ପ୍ରଜ୍ଞା ସମ୍ବୃତ୍ୟା ରୂପ ମାଶ୍ରିତା ।

( Int. to B Esotorison P·77 )

ଏହି ଧର୍ମରେ କଷ୍ଟ ସାଧନା କରିବ ନାହିଁ । କି ବ୍ରତ ଉପବାସ କରିବ ନାହିଁ । ସ୍ନାନ ଶୌଚର ବିଧି ଏ ଧର୍ମରେ ନାହିଁ । ଗ୍ରାମ୍ୟ ଧର୍ମ ତ୍ୟାଗ କରିବ ନାହିଁ । ପଥର ବା ମାଟିର ଦେବତାଙ୍କୁ ନମସ୍କାର କରିବ ନାହିଁ । ସଦା ସର୍ବଦା ଏହି ଦେହର ପୂଜା କରିବ । କୌଣସି ଜାତିର ସ୍ତ୍ରୀ ଲୋକଙ୍କୁ ଘୃଣା କରିବ ନାହିଁ । ଭଗବତୀ ପ୍ରଜ୍ଞା ଗୋପନ ଭାବରେ ସ୍ତ୍ରୀ ରୂପ ଧାରଣ କରି ଅଛି । ତେଣୁ ସହଜଯାନରେ ସ୍ତ୍ରୀ ଲୋକର ସ୍ଥାନ ଅତି ଉଚ୍ଚରେ ଥିଲା । ଦେବ-ଦେବୀ ପୂଜା ମଧ୍ୟ ନିଷିଦ୍ଧ ଥିଲା । ଓଡ଼ିଶାର ତାନ୍ତ୍ରିକ ବୈଷ୍ଣବ ଧର୍ମ ଓ ମହିମା ଧର୍ମରେ ଏଥିର ପ୍ରଭାବ ଲକ୍ଷିତ ହୁଏ । ଅଚ୍ୟୁତାନନ୍ଦ ମହାପୁରୁଷ କହିଛନ୍ତି—

ଏ ଘଟ ଯୋଗ ଯେ ବା ଜାଣେ । ସେ ବେଦ ଶାସ୍ତ୍ର ହିଁ ନଗଣେ ।
ଶିଳାକୁ ନ କରେ ଶୋଚନା । ବୋଲଇ ପଥର ଏ ସିନା ।
ସଂସାରେ ଦେବାଦେବୀ ଯେତେ । କାହାକୁ ନଗଣଇ ଚିତ୍ତେ । ବ୍ର. ଶା
ପୃ ୧୭

ଏହି ଧର୍ମ କଲେ ସକଳ ଗୃହରେ ଖାଆନ୍ତି ପରି ସମସ୍ତେ ।

× × ×

ମହିମା ଧର୍ମରେ ହେଁୟୁ କର୍ମ ନାହିଁ ସଙ୍କେ ଯେମନ୍ତ ଭଜିବୁ ।
ମରିଗଲେ ଆମ୍ଭେ ଅଶୁଦ୍ଧ ହୋଇବୁ ଭୂତ ପ୍ରେତ ବୋଲାଇବୁ ।
ସ୍ତୁ. ଚ. ୬୮. ୬୮

ଘଟରେ ବ୍ରହ୍ମକୁ ନଚହ୍ନି । ବାହ୍ୟରେ ଭ୍ରମୁଥାନ୍ତି ପୁଣି ।
ଚିତ୍ର ପଟକୁ ନେତ୍ରେ ଦେଖି । ମନ ଆନନ୍ଦେ ହୋଇ ସୁଖୀ ।
ଏ ଘଟେ ଜଗନ୍ନାଥ ଅଛୁ । ପ୍ରତିମା ମିଛରେ ପୂଜୁଛୁ ।
ମୂର୍ତ୍ତି ପ୍ରତିମା ଶୁଷ୍କ କାଠ । ସେ ପୁଣି ନେବେ କି ବୈକୁଣ୍ଠ ।
ମିଥ୍ୟାରେ ଭୁଲି ମରେ ପ୍ରାଣୀ । ଘଟ ପ୍ରତିମାକୁ ନ ଚିହ୍ନି ।

ଦ୍ୱାରକା ଦାସ ପରତେ ଗୀତାରେ ୧୦ମ ଅଧ୍ୟାୟରେ ଏହି କଥା ଲେଖି ଅଛନ୍ତି । ଯଥା—

"ମୋତେ ଛାଡ଼ି ଆନ ଦେଅଁ ପୂଜନ୍ତି ।
ମୁଁ ଆତ୍ମା ବୋଲିଣ ସେ ନ ଚିହ୍ନନ୍ତି ।
ଦା'ରୁ ଚିତ୍ରପଟ ଶିଳା ଧାତୁରେ ।
ପ୍ରତିମା କରି ପୂଜନ୍ତି ସୁଖରେ ।
ସ୍ୱଭାବେ ଅଜୀବ ଜୀବ ନୋହଇ ।
ଯାଚିଲେ ନ ନେଇ ମାଗି ନ ଖାଇ ।
କର୍ଣ୍ଣେ ନ ଶୁଣେ କହିବା ବଚନ ।
ଗୁହାରି କଲେ ନ କରେ କଲ୍ୟାଣ ।
ଏମନ୍ତ ପ୍ରତିମା ଥାପନା କରି ।
ପୂଜଇଁ ଏହି ଦେଅଁ ବୋଲି କରି ।
ଏମନ୍ତ ବୋଲି ଦୁର୍ବୁଦ୍ଧି ପାମରେ ।
ମୋତେ ନ ଚିହ୍ନନ୍ତି ମାୟା ମୋହରେ ।

ଆଶ୍ଚର୍ଯ୍ୟଚର୍ଯ୍ୟାଚୟର ୩୪ ଚର୍ଯ୍ୟାରେ ସେହି ବିଷୟ କୁହା ହୋଇଅଛି । ଯଥା—

କେତେ ମନ୍ତ୍ରେ କେତେ ତନ୍ତ୍ରେ କେତୋରେ ଜ୍ଞାନ ବଖାଣି ।

ଅପଇଠାନ ମହା ସୁହଲ୍ଲିନେଁ ଦୁଲକ୍ ଖ ପରମ ନିବାଣେ ।
ତେଣୁ ସହଜଯାନର ଲୋକେ ମନ୍ତ୍ରତନ୍ତ୍ରରେ ଦେବ ଦେବୀଙ୍କର ଉପାସନାରେ ବିଶ୍ୱାସ କରୁ ନଥିଲେ । ଆଶ୍ଚର୍ଯ୍ୟ ଚର୍ଯ୍ୟାଚର୍ଯ୍ୟର ଗ୍ରନ୍ଥକାରମାନେ ଏହି ବଜ୍ରଯାନ ଓ ସହଜଯାନର ସିଦ୍ଧାଚାର୍ଯ୍ୟ ଓ ପ୍ରଚାରକ ଥିଲେ । ପୂର୍ବ କୁହାଯାଇଛି ମହାଯାନରେ ଶୂନ୍ୟବାଦ ୧ମରେ ଓଡ଼ିଶାରୁ ପ୍ରଚାରିତ ହୋଇଥିଲା । କାଳକ୍ରମରେ ସେହି ଶୂନ୍ୟବାଦ ଓଡ଼ିଶାରେ ବଜ୍ରଯାନ ଓ ସହଜଯାନରେ ପରିଣତ ହୋଇଥିଲା । ଅଦ୍ୟାବଧି ସେହି ଶୂନ୍ୟବାଦ ଓଡ଼ିଶାରୁ ଲୋପ ପାଇ ନାହିଁ । ସେହି ଶୂନ୍ୟବାଦ ରୂପାନ୍ତର ଧରି ଶୂନ୍ୟ, ନିର୍ଗୁଣ ବ୍ରହ୍ମ ଅଲେଖ ନିରଞ୍ଜନ ନିରାକାର ଅଣାକାର ପ୍ରଭୃତି ନାମରେ ଆବହମାନ କାଳରୁ ଓଡ଼ିଶାରେ ଭିନ୍ନ ୨ ସମ୍ପ୍ରଦାୟରେ ଚଳି ଆସୁଅଛି । ୧୫ଶ ଶତାବ୍ଦୀରୁ ସାରଳାଦାସଙ୍କଠାରୁ ଆରମ୍ଭ କରି ଆଜିପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟରେ ମଧ୍ୟ ସେହି ଶୂନ୍ୟବାଦର ପ୍ରଭାବ ଦେଖିବାକୁ ମିଳେ । ଯଥା:--
ସାରଳ ଦାସ—

ଦେଖିଣ କୋପ କଲେ ପୁରୁଷ ଅଣାକାର
× ×
ଶୂନ୍ୟ ପୁରୁଷ ସେହୁ ଦେଖିଲେ ନାହିଁ ବର୍ଣ୍ଣଚିହ୍ନ ।
× × ×
ସମସ୍ତେ କୌତୁକେ ଦେଖିଲେ ଅନାଦି ।
ଶୂନ୍ୟ ପୁରୁଷ ଭେଦି ପଶିଲେ ବ୍ରହ୍ମ ଭେଦି ।
× × ×
ଶୂନ୍ୟକୁ ଶୂନ୍ୟ ଯେ କଲକ ଲେଖନ ।
ଅଲେଖ ରଖାଇଲେ ଭିତରେ ବିଶ୍ୱମାନ (ମହା-ଭା—ଆଦି)
ଜୟ ତୁ ଅନାଦି ହେ ଅଭୟ ନିରାକାର
× × +
ଅନାହତ ପୁରୁଷ ତୁ ଅଣାକାର ଜ୍ୟୋତି । (ମଧ୍ୟ)

ବଳରାମଦାସ—ଅଣାକାରଣଂ ମହାଶୂନଂ ଶୂନ୍ୟମଧ୍ୟେ ନିରଞ୍ଜନଂ

. ନିରଞ୍ଜନ ମଧ୍ୟେ ଜ୍ୟୋତିଃ ତଜ୍ଜ୍ୟୋତିର୍ଭଗବାନ ସ୍ୱୟଂ
ମହାଶୂନ୍ୟରୁ ଶୂନ୍ୟ ହେଲା । ସେ ଶୂନ୍ୟରୁ ପ୍ରଣବ ଜନ୍ମିଲା ।
ଶୂନ୍ୟପୁରୁଷ ଶୂନ୍ୟଦେହୀ । ଶୂନ୍ୟରେ ବ୍ରହ୍ମସିନା ଥାଇ(ବିରାଟଗୀତା)
ସେ କାଳେ ଶୂନ୍ୟମୋର ରୂପ । ଏମନ୍ତେ ଗଲା କୋଟି କଳ୍ପ ।
ବ୍ରହ୍ମାଣ୍ଡ ମୋର ଗର୍ଭେହୋଇ । ରହିଲା ବ୍ରହ୍ମରୂପ ହୋଇ ।
( ବ୍ରହ୍ମାଣ୍ଡ—ଭୂ )

ଜଗନ୍ନାଥ ଦାସ—ଅବ୍ୟକ୍ତ ଶୂନ୍ୟ ବ୍ରହ୍ମଜ୍ୟୋତି । ତା ତହୁଁ ବିନ୍ଦୁ ଉତପତି ।
. ସେ ବିନ୍ଦୁ ତିନିଶାଖା ହେଲା । ସ୍ୱୟଂ ବୀଜ ସେ ବୋଲାଇଲା ।

\+ + +

ମହାଶୂନ୍ୟ ସେ ବିନ୍ଦୁରୂପ । ଜ୍ୟୋତିରୁ ଜାତ ଠୂଳରୂପ ।
( ତୁଳାଭିଣା )

ଅଚ୍ୟୁତାନନ୍ଦ—ଏକାକ୍ଷର ବ୍ରହ୍ମ ଏହି ଜ୍ୟୋତି ବ୍ରହ୍ମରୂପ ।
ଏଥିରେ ଆଲେକତ ଅଲେଖ ସ୍ୱରୂପ ।

\+ + +

ଅନାମ ଯେ ବ୍ରହ୍ମ ମହାଶୂନ୍ୟ ଅଣାକାର ।

\+ + +

ଶୂନ୍ୟବର ବୋଲସିନା ବୋଲନ୍ତି କୃଷ୍ଣଙ୍କୁ
ବାର କହି ଦେଲୁ ଧାୟୁ ତୁ ନିରାକାରକୁ ।

\+ + +

ମହାଶୂନ୍ୟ ଭିତରୁ ଯେ ସ୍ଫୁରୁଅଛି ନାଦ । ଶୂନ୍ୟସଂହିତା ।

ଶୁଣି ଅନନ୍ତ—ଏଣୁ ଶିଶୁ ଦେବ ସବୁର ପ୍ରାଣ ।
ମହା ଶୂନ୍ୟରୁ ହୋଇଲା ଜନମ ।

ଯଶୋବନ୍ତ—ଯେ ଶୂନ୍ୟପରେ ଜ୍ୟୋତି ଜାଣ ।
ତାପରେ ମହାଶୂନ୍ୟ ପୁଣ ।
ସେ ଶୂନ୍ୟଉପରେ ଚେତନା ।

ଚେତନା ମଧ୍ୟେ ମୋର ଠଣା । ପ୍ରେ ଭ ବ୍ର ଗୀ ପୃଂ ।

ଦୀନକୃଷ୍ଣଦାସ—ନିଶବଦ ଘରୁ ଶବଦ ଶୁଭୁଛି ଅଣାକାର ଅଛି ଆକାର ହୋଇ । ( ଭଜନ )

ମହାଦେବ ଦାସ—ଆଦ୍ୟ ମୂଳଙ୍କ ଆଗ୍ୟାଁରେ ଅଲେଖ ନାୟିକା
ଶୂନ୍ୟମଣ୍ଡଳେ ଯାଇଁ ରହିଲେ ଦେବୀ ଏକା । ମାର୍କଣ୍ଡେୟ-ପୃ-

ଅରକ୍ଷିତ ଦାସ—ହେ ଦେବ ଦେବ ଶୂନ୍ୟନାଥ ।
ତୋର ଶରୀରୁଁ ଏ ଜଗତ୍
ହେ ଦେବ ଦେବ ନିରଞ୍ଜନ ।
ଶୂନ୍ୟରୂପରେ ତୁ ପାଳନ । ( ମହିମ—ଗୀ )

ଭୀମ ଭୋଇ—ଶୂନ୍ୟ ଶୂନ୍ୟ ମହାଶୂନ୍ୟ ଅଲେଖ ପୁରୁଷ ।
ବ୍ର·ନି· ଗୀ·

ଚୈତନ୍ୟ ଦାସ—ଚନ୍ଦ୍ରମଣି ଦାସ, ହାଡିଦାସ ପ୍ରଭୃତିଙ୍କ ଗ୍ରନ୍ଥରେ ସେହି ଶୂନ୍ୟବାଦର ପ୍ରଚଳନ ରହିଅଛି ।

ମହାଯାନର ସେହି ଶୂନ୍ୟବାଦ ଭିନ୍ନ ଭିନ୍ନ ସ୍ତର ଦେଇ ଭିନ୍ନ ଭିନ୍ନ ରୂପ ଧାରଣ କରିଅଛି । ବଜ୍ରଯାନ ଓ ସହଜଯାନରେ ଶୂନ୍ୟର ସତ୍ତାଅଛି--ତାହା ଆନନ୍ଦମୟ । ଏହି ଶୂନ୍ୟକୁ ମହାକାଶ ପରି ବ୍ୟାପକ କହିଲେ ଭ୍ରମ ହେବ ନାହିଁ । ବଜ୍ରଯାନ ଓ ସହଜଯାନର ସିଦ୍ଧାଚାର୍ଯ୍ୟଙ୍କର ଲେଖାରେ ଶୂନ୍ୟଶବ୍ଦ ଏହି ଅର୍ଥରେ ଗୃହୀତ ହୋଇଅଛି । ସେମାନେ 'ଖସମ' ଶବ୍ଦକୁ ସହଜ ବା ଶୂନ୍ୟର ବାଚକ ରୂପରେ ବ୍ୟବହାର କରି ଅଛନ୍ତି । ଖସମ ଅର୍ଥ ହେଉଛି ଗଗନୋପମ । ଅଦ୍ୱୟ ବଜ୍ର ଲେଖିଛନ୍ତି—ତଥା ସେ ୧ପି ଖସମସ୍ୱରୂପଂ ମନଃ ଇତି ନ୍ ମନଃ ନିୟୁକ୍ତ ଏବଂ ଯଃ କରୋତି ସଉତ୍ତମଃ ପୁରୁଷଃ ସହଜ ସ୍ୱଭାବେ ରମ୍ୟତେ କ୍ରୀଡତ ଇତି ଯାବତ୍ । ଯେଉଁ ସାଧକ ନିଜମନକୁ ଆକାଶ ପରି ବ୍ୟାପକ ମନରେ ପରିଣତ କରେ ସେ ଉତ୍ତମ ପୁରୁଷ ସହଜ ସ୍ୱଭାବରେ କ୍ରୀଡ଼ା କରେ ।

ଶବର ପାଦମଧ୍ୟ ୫୦ଚର୍ଯ୍ୟାରେ ଲେଖିଅଛନ୍ତି—

"ହେଲ ସେ ମୋର ତଇଲା ବାଡ଼ୀ ଖସମେ ସମଲୁ।ଳା" ପଦରେ ପ୍ରଭସ୍ୱର ତୁଲ୍ୟ ଅତ୍ୟନ୍ତ ଉଜ୍ଜ୍ୱଳ ବୋଲି ଟୀକାକାର ଖସମ ଶବ୍ଦର ଅର୍ଥ କରିଅଛନ୍ତି । ଏହି ଶୂନ୍ୟ ଅବସ୍ଥାରେ ଦ୍ୱୈତ ଅଦ୍ୱୈତ ପ୍ରଭୃତି କୌଣସି ଦ୍ୱନ୍ଦ୍ୱର ଉପଲବ୍ଧି ହୁଏନାହିଁ । ଏହି ଅବସ୍ଥାକୁ ଯୋଗୀ ଓ ତାନ୍ତ୍ରିକମାନେ ଭାବାଭାବବିନିର୍ମୁକ୍ତ ଅବସ୍ଥା ବୋଲି ନିର୍ଦ୍ଦେଶ କରିଅଛନ୍ତି । ଯଥା—

ଅଦ୍ୱୈତ ରୂପମଖିଳଂ ହି କଥଂ ବଦାମି
ନିତ୍ୟଂ ହ୍ୟନିତ୍ୟମଖିଳଂ ହି କଥଂ ବଦାମି
ସତ୍ୟଂ ହ୍ୟସତ୍ୟମଖିଳଂ ହି କଥଂ ବଦାମି
ଜ୍ଞାନାମୃତଂ ସମରସଂ ଗଗନୋପମଂ ହି । ଅବଧୂତ ଗୀତା ।

ସମସ୍ତ ଅଦ୍ୱୈତ ବୋଲି କିପରି କହିବ ? ସମସ୍ତ ନିତ୍ୟ ବା ଅନିତ୍ୟ ବୋଲି କିପରି କହିବ ? ସମସ୍ତ ସତ୍ୟ ବା ଅସତ୍ୟ ବୋଲି କିପରି କହିବ ? ଏକରସ ଏହି ଜ୍ଞାନ ଆକାଶ ତୁଲ୍ୟ ।"

ଓଡ଼ିଶାର ସିଦ୍ଧ ସାଧକ କବିମାନେ ଶୂନ୍ୟକୁ ବ୍ରହ୍ମରୂପ ଓ ବ୍ରହ୍ମର ଅଧିଷ୍ଠାନ ବୋଲି ନିର୍ଦ୍ଦେଶ କରିଅଛନ୍ତି ଏବଂ ସେହି ଶୂନ୍ୟକୁ ମୂର୍ଦ୍ଧା ପ୍ରଦେଶର ସ୍ଥାନବିଶେଷରୂପରେ ଗ୍ରହଣ କରିଅଛନ୍ତି । ଶବ୍ଦରେ ଓଁକାର ସେହି ଶୂନ୍ୟର ପ୍ରତୀକ ବା ବାଚକ । ସେହିପରି ପାଣିପାଦଶୂନ୍ୟ ଜଗନ୍ନାଥ ମଧ୍ୟ ଆକାରରେ ରୂପଜଗତରେ ସେହି ଶୂନ୍ୟର ପ୍ରତୀକ ବୋଲି ଓଡ଼ିଶାର କବିମାନେ ଗ୍ରହଣ କରିଅଛନ୍ତି । ସେଥିଲାଗି ଜଗନ୍ନାଥଙ୍କୁ ଦାରୁବ୍ରହ୍ମ ବୋଲି କହନ୍ତି । ଯଥା—

ବ୍ରହ୍ମ ଏକାକ୍ଷର ସେ ଯେ ଆପେ ନିରଞ୍ଜନ
ରେଫରୂପୀ ଜଗନ୍ନାଥ ଆପେ ଦାରୁବ୍ରହ୍ମ
ଭକ୍ତଙ୍କ ଭାବରେ ଆପେ ଦାରୁବ୍ରହ୍ମ ରୂପ
ଅଲେଖଭବନୁ ଆସି ଦୃଶ୍ୟ ଜ୍ୟୋତିରୂପ । ଶୂନ୍ୟ ସଂହିତା ।
କୈବଲ୍ୟ ମୁକ୍ତିଦାତା ଏହି ଯେ ପୁଣ ମୋର ନିତ୍ୟ ଦେହି
+ + +
ପାଦୁକେ ସୁଦର୍ଶନ ଯନ୍ତ୍ର । ଯେ ମହାଶୂନ୍ୟ ବ୍ରହ୍ମଜ୍ୟୋତି ।

ନାହିଁ ଯାହାର ପାଦ ପାଣି । ଶିର ନାସିକା କର୍ଣ୍ଣଘ୍ରାଣି ।
ଅମନମନ ଭିନ୍ନ ନାହିଁ । ସେ ସଦାନନ୍ଦ ରୂପ ଏହି ।

ପ୍ରେ.ଭ ବ୍ର ଗୀ ପୃ୩

ସେଥିଲାଗି ଓଡ଼ିଶାର ତାନ୍ତ୍ରିକ ବୈଷ୍ଣବମାନେ ପୁରୁଷୋତ୍ତମ ଧାମକୁ ନିତ୍ୟ ସ୍ଥଳୀରୂପରେ ଗ୍ରହଣ କରିଅଛନ୍ତି । ରାଧାମୃତଗୀତା ଯଶୋବନ୍ତ ଦାସେ ପ୍ରେମଭକ୍ତି ବ୍ରହ୍ମଗୀତାରେ ଦିବାକର ଦାସେ ଜଗନ୍ନାଥ ଚରିତାମୃତରେ ଏବଂ ବଳରାମ ଦାସେ ବେଦାନ୍ତସାର ଗୁପ୍ତଗୀତାରେ ଏହି ନିତ୍ୟ ସ୍ଥଳୀର ବର୍ଣ୍ଣନା କରି ଅଛନ୍ତି । ମୁଁ ପ୍ରେମଭକ୍ତି ବ୍ରହ୍ମଗୀତାରୁ ଗୋଟିଏ ମାତ୍ର ଉଦାହରଣ ତଳେ ଦେଲି ।

ଯାହା ପୁଚ୍ଛିଲୁ ନିତ୍ୟ କଥା । ଶୁଣିମା ମନେ ଧରି ଶ୍ରୋତା ।୭୩।
ଯେ କଳ୍ପ ବୃକ୍ଷର ମୂଳରେ । ଅନନ୍ତ ସହସ୍ର ଫେଣାରେ ।
ସପତ ଆବରଣ ଭେଦ । ମଧ୍ୟ ଫେଣାରେ ରତ୍ନବେଦ ।
ତାଚୁରି ପାଶେ ଚୁରିସ୍ତମ୍ଭ । ହୀରାମାଳାରେ ସେ ଆରମ୍ଭ ।
× × ×
ସେ ସସ୍ର ଦଳର ଉପରେ । ତା ପରେ ପ୍ରେମ ପଲଙ୍କରେ ।
ତାପରେ ପ୍ରେମମୟୀ ଦେହା । ତାପର କୃଷ୍ଣ ଯୋନ ପ୍ରିୟା ।
+ + +
ତଥି ଉପରେ ଅଣାକ୍ଷର । ତାପରେ ଶୂନ୍ୟ ନିରାକାର ।
ଶୂନ୍ୟ ଉପରେ ମହାଶୂନ୍ୟ । ଶୁଣ ରାଧିକା ଦେଇମନ ।
ରୂପ ଅରୂପ ତହିଁ ନାହିଁ । ଯେ ମହାଶୂନ୍ୟ ସେ ବୋଲାଇ ।
+ + +
ଯେମନ୍ତେ ଦାରୁବ୍ରହ୍ମ ଗୋପ୍ୟ । ଓଁକାର ଜଗନ୍ନାଥ ରୂପ ।

।୧୧୨।୩ୟ ପ

ପୁରୁଷୋତ୍ତମ ତାପିନୀର ସେହିପରି ବର୍ଣ୍ଣନା ତଳେ ଦିଆଗଲା ।

"ଅଥ ଶୂନ୍ୟାମଣ୍ଡଳେ ନିରାଲମ୍ବେନ ବୈକୁଣ୍ଠମିତି, ସାଯୁଜ୍ୟବର୍ଣ୍ଣ ପଦ୍ମାସନା ସୀନଃ କୃଷ୍ଣଧ୍ୟାନ ପରାୟଣଃ ଶେଷ ଦେବୋଽସ୍ତି ।......ତସ୍ୟ

ମସ୍ତକୋପରି ସହସ୍ର ପରିମିତାଃ ଫଣ, ଫଣୋପରି ବୈକୁଣ୍ଠଂ ବସ୍ତୁ ଲୋକ ଇତ । —ତଦୁପରି——ସୁଦର୍ଶନଂ, ତଦୁପରି ବି କୋଟି ଯୋଜନ ବିସ୍ତୀର୍ଣ୍ଣଂ କୃଷ୍ଣସ୍ୟ ସ୍ଥାନଂ ଗୋକୁଳାଖ୍ୟଂ ମାଥୁରମଣ୍ଡଳଂ ମହତ୍ପଦଂ ——ତତ୍ରାଷ୍ଟଦଳ କେଶର ମଧ୍ୟେ ମଣିପୀଠେ ସପ୍ତାବରଣ କମିତ୍ୟାଦ ।

ବିଧାମୃତ ଗୀତାରେ ସେ ବିଷୟଟି ସ୍ପଷ୍ଟଭାବରେ ବର୍ଣ୍ଣିତ ହୋଇଅଛି । ଯଥା—

ବ୍ରହ୍ମ ବିନ୍ଦୁ ଘରୁଁ ଯେଉଁ ଶବଦ ଶୁଭିଲା ।
ସୃଷ୍ଟିକଳା ଯେମନ୍ତ ଜଳରେ ପଡ଼ିଲା । ୯୬ ।
ତେଣୁ ପଞ୍ଚଭୂତ ପଞ୍ଚ ଆତ୍ମା ହୋଇଲା ସେହି ।
ପ୍ରତି ପ୍ରତିମୂର୍ତ୍ତି ହୋଇ ବର୍ତ୍ତିରେ ସେ ରହି ।
ମୀନ ଯେ କନ୍ଦରେ ପଞ୍ଚ ଆତ୍ମାରୂପେ ରହି
ଏକ ଏକ କରି ତୋତେ କହିଦେବା ସହି ।
ଗରୁଡ଼ ଯେ ସୁଦର୍ଶନ ଜଗନ୍ନାଥ ଜାଣ ।
ସୁଭଦ୍ରା ଯେ ବଳଭଦ୍ର ଏହି ପଞ୍ଚ ପ୍ରାଣ ।

ତେଣୁ ସମସ୍ତ କ୍ଷେତ୍ରରେ ଶ୍ରେଷ୍ଠ ଶ୍ରୀ କ୍ଷେତ୍ରକୁ ନିତ୍ୟଧାମର ପ୍ରତୀକ ରୂପରେ ଗୃହୀତ ହୋଇଅଛି । ତାହାଁର ଅଧିଷ୍ଠାତା । ଦେବତା ଜଗନ୍ନାଥ ସେହି ଶୂନ୍ୟର ପ୍ରତୀକ ରୂପରେ ଦାରୁବ୍ରହ୍ମ ନାମରେ ପ୍ରତିଷ୍ଠିତ ହୋଇ ଅଛନ୍ତି ।

—o—

## ତନ୍ତ୍ର ଓ ଯୋଗ—ସାଧନା

ବର୍ତ୍ତମାନ ଯୁଗରେ ତନ୍ତ୍ରର ନାମ ଶୁଣିଲେ ଶିକ୍ଷିତ ଲୋକେ ନାସିକାକୁଞ୍ଚନ କରିଥାନ୍ତି । ପ୍ରକୃତରେ ତନ୍ତ୍ର ଶାସ୍ତ୍ର ଘୃଣା ବା କୁତ୍ସାର ବିଷୟ ନୁହେଁ । ତନ୍ତ୍ର ଶାସ୍ତ୍ର ହେଉଛି ସାଧନାର ଶାସ୍ତ୍ର । ତନ୍ତ୍ରର ଗ୍ରନ୍ଥ ପାଠ କରି ସକଳ ତତ୍ତ୍ୱ ବିଷୟରେ ସାଧାରଣ ଧାରଣା ହୋଇପାରେ କିନ୍ତୁ ତାହାଦ୍ୱାରା ତନ୍ତ୍ର ବିଷୟରେ ପ୍ରକୃତ ଜ୍ଞାନ ଲାଭ ହୁଏ ନାହିଁ । ରସାୟନ

ଶାସ୍ତ୍ର ପଢ଼ି ଜଣାଯାଏ ଯେ ଅମ୍ଳଜାନ ଓ ଉଦ୍ଜାନ ବାଷ୍ପ ମିଳିଗଲେ ଜଳ ଉତ୍ପନ୍ନ ହୁଏ । କିନ୍ତୁ ବୈଜ୍ଞାନିକଙ୍କଠାରୁ ଏହି ମିଶ୍ରଣ ପ୍ରଣାଳୀ ଶିକ୍ଷା ନ କଲେ ରସାୟନ ଶାସ୍ତ୍ରରେ ପ୍ରକୃତ ଜ୍ଞାନ ହୁଏ ନାହିଁ । ସେହିପରି ତନ୍ତ୍ର ଗ୍ରନ୍ଥରେ ଶରୀରର ସୂକ୍ଷ୍ମ ତତ୍ତ୍ୱ ସମ୍ବନ୍ଧରେ ବିଶେଷ ବିବରଣୀ ଓ ସାଧନାର ମାର୍ଗ ବର୍ଣ୍ଣିତ ରହିଅଛି । କିନ୍ତୁ ତାହାର ପ୍ରତ୍ୟକ୍ଷଭାବରେ ଉପଲବ୍ଧି ଲାଗି ତାନ୍ତ୍ରିକ ସାଧନା ଅନୁସୃତ ହୋଇଥାଏ । ସେହି ତାନ୍ତ୍ରିକ ସାଧନାରେ ଗୁରୁହିଁ ପ୍ରଧାନ ପଥ ପ୍ରଦର୍ଶକ । ସେଥିଲାଗି ତନ୍ତ୍ରରେ ଗୁରୁଙ୍କ ସ୍ଥାନ ଅତି ଉଚ୍ଚରେ । ଅଚ୍ୟୁତାନନ୍ଦ କହି ଅଛନ୍ତି—

ଏ ମହା ଗୁପତ ବିଚାର । ଫେଡ଼ି କହିଲୁ ମୁନିବର ।
ଗୁରୁ ସେବିଲେ ଏହା ଜାଣି । ଗୁରୁ ବଚନ ମୁକ୍ତ ମଣି ।
ଉତ୍ତମ ଗୁରୁ ପାଦେ ସେବା । ଗୁରୁ ବଚନେ ନିସ୍ତରିବା ।

ଚର୍ଯ୍ୟାରେ କଥିତ ଅଛି —

ସଦ୍ଗୁରୁ ବୋହେଁ ଜିତେଲ ଭବଜଳ । ୧୨ ।
ବାହ ତୁ କାମଲି ସଦ୍ଗୁରୁ ପୁଚ୍ଛି । ୮ ।
ସଦ୍ଗୁରୁ ବୋହେ କହିହ ସେ ନିଚଳ । ୨୧ । ପ୍ରଭୃତି ।

ତନ୍ତ୍ରଶାସ୍ତ୍ରର ସାହାଯ୍ୟରେ ସାଧନା କରି ପ୍ରକୃତ ତତ୍ତ୍ୱର ପ୍ରତ୍ୟକ୍ଷ ଅନୁଭୂତି ହୋଇଥାଏ । ଏହିଠାରେ ବେଦ ଓ ତନ୍ତ୍ରର ପ୍ରଭେଦ ରହିଅଛି । ବେଦ ଶାସ୍ତ୍ର ହେଉଛି କର୍ମକାଣ୍ଡ । ତନ୍ତ୍ରଶାସ୍ତ୍ର ହେଉଛି ପ୍ରକୃତ ତତ୍ତ୍ୱ ଓ ଜ୍ଞାନର ପ୍ରତ୍ୟକ୍ଷ ଭାବରେ ଉପଲବ୍ଧି କରିବାର ଶାସ୍ତ୍ର । ବେଦର ଜ୍ଞାନ ତାନ୍ତ୍ରିକ ସାଧନା ମାର୍ଗରେ ଉପଲବ୍ଧି କରି ପାରିଲେ ପ୍ରକୃତରେ ଶିକ୍ଷା ପୂର୍ଣ୍ଣାଙ୍ଗ ଲାଭ କରେ । ବେଦ ଓ ତନ୍ତ୍ର ପରସ୍ପର ବିରୁଦ୍ଧ ଧର୍ମୀ ନୁହେ । କିନ୍ତୁ ପରସ୍ପର ସହାୟକ । ପ୍ରକୃତପକ୍ଷରେ ଋଗ୍ ବେଦରେ ତାନ୍ତ୍ରିକତା ନାହିଁ । କିନ୍ତୁ ପରବର୍ତ୍ତୀ ଅଥର୍ବବେଦରେ ତାନ୍ତ୍ରିକତାରସନ୍ଧାନ ମିଳିଥାଏ । କୌଣସି ୨ ଉପନିଷଦ୍ର ଦାର୍ଶନିକ ଶାସ୍ତ୍ରର ଆଲୋଚନା ପରେ ତାନ୍ତ୍ରିକ ମତ ବାଦର ଉଲ୍ଲେଖ ଦେଖିବାକୁ ମିଳେ । ଯୋଗଶାସ୍ତ୍ର ତନ୍ତ୍ରର ଗୋଟିଏ ଅଙ୍ଗ । ସେହି ଯୋଗଶାସ୍ତ୍ର ସାଂଖ୍ୟ ଦର୍ଶନର ପରିଶିଷ୍ଟରୂପରେ ସ୍ୱୀକୃତ

ହୋଇଅଛି । ସନାତନ ଧର୍ମର ପ୍ରତ୍ୟେକ ସମ୍ପ୍ରଦାୟରେ ସ୍ୱତନ୍ତ୍ର ୨ ତନ୍ତ୍ର ଶାସ୍ତ୍ର ବା ସାଧନା ଶାସ୍ତ୍ର ରହିଅଛି । ଭାରତରେ ଦର୍ଶନ ଶାସ୍ତ୍ର ଯୁକ୍ତିତର୍କ ବଳରେ କେବଳ ମତବାଦ ସ୍ଥାପନ କରିବାରେ ସମାପ୍ତ ହୋଇ ନ ଥିଲା । ସେହି ୨ ମତର ପ୍ରତ୍ୟକ୍ଷ ଅନୁଭୂତି ବା ଉପଲବ୍ଧି ମଧ୍ୟ ଦର୍ଶନ ଶାସ୍ତ୍ରର ପ୍ରଧାନ ଅଙ୍ଗଥିଲା । ତନ୍ତ୍ରଶାସ୍ତ୍ର ସେହି ଭିନ୍ନ ୨ ଦାର୍ଶନିକ ଭାବଧାରା ଓ ବିଭିନ୍ନ ସାମ୍ପ୍ରଦାୟିକ ମତବାଦର ଅନୁଭୂତିର ମାର୍ଗ ଓ ସାଧନାର ପ୍ରଣାଳୀ ନିର୍ଦ୍ଦେଶ କରିଥାଏ । ତେଣୁ ତନ୍ତ୍ରଶାସ୍ତ୍ର ଅଧ୍ୟୟନ ଓ ଅଧ୍ୟାପନାର ଶାସ୍ତ୍ର ନୁହେଁ । ଏହା ସାଧନାର ଶାସ୍ତ୍ର—ଗୁରୁମୁଖୀ ବିଦ୍ୟା । ଆଜିକାଲି ସାଧନାର ଅଭାବ ଯୋଗୁଁ ତନ୍ତ୍ରଶାସ୍ତ୍ରର ବିଶେଷ ଚର୍ଚ୍ଚା ନାହିଁ । ବୌଦ୍ଧ ଧର୍ମରେ ମଧ୍ୟ ସେହିପରି ବିଭିନ୍ନ ମତର ପ୍ରତ୍ୟକ୍ଷାନୁଭୂତି ଲାଗି ଭିନ୍ନ ୨ ତନ୍ତ୍ରଗ୍ରନ୍ଥର ଓ ସାଧନ ପ୍ରଣାଳୀର ସୃଷ୍ଟି ହୋଇଥିଲା । ବଜ୍ରଯାନ ଓ ସହଜଯାନରେ ତନ୍ତ୍ରଶାସ୍ତ୍ର ବିଶେଷଭାବରେ ପ୍ରାଧାନ୍ୟ ଲାଭ କରିଥିଲା । ସନାତନ ଧର୍ମର ତାନ୍ତ୍ରିକ ସାଧନ ପ୍ରଣାଳୀ ଓ ବୌଦ୍ଧ ତାନ୍ତ୍ରିକ ସାଧନ ପ୍ରଣାଳୀରେ ବିଶେଷ କିଛି ପାର୍ଥକ୍ୟ ନ ଥିଲା । ଉଭୟ ଧର୍ମର ଲକ୍ଷ୍ୟ ଓ ସାଧନା ମାର୍ଗ ସମାନ ଥିଲା । ତେଣୁ ବୌଦ୍ଧ ବଜ୍ରଯାନ ଓ ସହଜଯାନ ସହଜରେ ସନାତନ ଧର୍ମ ସହିତ ମିଳି ଯାଇଥିଲା । ମହାପୁରୁଷ ଅଚ୍ୟୁତାନନ୍ଦ ଦାସ କହିଛନ୍ତି—

ନାହିଁ ତା ଆକାର ବିକାର । ନିର୍ଗୁଣ ପରମ ଈଶ୍ୱର ।
ଖେଳନ୍ତି ସର୍ବ ଭୂତେ ବ୍ୟାପି ଅକ୍ଷୟ ପୂର୍ଣ୍ଣ ବ୍ରହ୍ମରୂପୀ ।

ବ୍ର. ଗ. ପୃ. ୨୧

ପ୍ରତ୍ୟେକ ପଦାର୍ଥର ବ୍ରହ୍ମ ବା ଶୂନ୍ୟର ସତ୍ତା ରହିଅଛି । କିନ୍ତୁ ଦେହ ଭିତରେ କେଉଁଠାରେ ବ୍ରହ୍ମଙ୍କୁ ପାଇପାରିବା ବୋଲି ସାଧାରଣତଃ ପ୍ରଶ୍ନ ହୋଇଥାଏ । ତାନ୍ତ୍ରିକ ଯୋଗୀ ପୁରୁଷମାନେ ଅନୁଭବ କରି ଦେଖିଛନ୍ତି—ମସ୍ତିଷ୍କ ଭିତରେ ବ୍ରହ୍ମରନ୍ଧ୍ର ରହିଅଛି । ତହିଁରେ ଚୈତନ୍ୟ ବ୍ରହ୍ମ ବା ଶୂନ୍ୟର ବିଶିଷ୍ଟ ପ୍ରକାଶ ରହିଅଛି । ପ୍ରକାଶ ଦ୍ୱାରା ପ୍ରାଣଶକ୍ତି ଅନୁରଞ୍ଜିତ ହୁଏ ଏବଂ ଏହି ପ୍ରାଣଶକ୍ତି ସହସ୍ର ନାଡ଼ୀ ଭିତରେ ଦେଇ ସମସ୍ତ ଦେହ

ଓ ଇନ୍ଦ୍ରିୟଙ୍କୁ ମଧ୍ୟ ଚେତନାଯୁକ୍ତ କରିଥାଏ । ବୈଦ୍ୟୁତିକ ଶକ୍ତି-ପ୍ରବାହର ଯେପରି ଗୋଟିଏ ପ୍ରଧାନ ପ୍ରବାହ (Main Current) ଥାଏ ସେହିପରି ପ୍ରାଣଶକ୍ତିର ମଧ୍ୟ ଗୋଟିଏ ପ୍ରଧାନ ପ୍ରବାହ ଅଛି ଏବଂ ସେହି ପ୍ରବାହଟି ମେରୁଦଣ୍ଡ ମଝିରେ ରହିଅଛି । ମେରୁଦଣ୍ଡର ମଝିରେ ଥିବା ସୁଷୁମ୍ନାନାଡ଼ୀ ଏହି ପ୍ରାଣଶକ୍ତିର ପ୍ରଧାନ ପ୍ରବାହିକା । ପ୍ରଥମରେ ପ୍ରାଣ—ଶକ୍ତି ସୁଷୁମ୍ନାରେ ପ୍ରବାହିତ ହୋଇ ପରେ ଅନ୍ୟ ଦୁଇଟି ନାଡ଼ୀରେ ପ୍ରବାହିତ ହୁଏ । ତହିଁ ଭିତରୁ ଗୋଟିକର ନାମ ଇଡ଼ା ଓ ଅନ୍ୟଟିର ନାମ ପିଙ୍ଗଳା । ଏହି ଦୁଇନାଡ଼ୀ ମଧ୍ୟରେ ପ୍ରାଣ ପ୍ରବାହ ଚାଲୁଥିବା ବେଳେ ସୁଷୁମ୍ନାର ପଥ ଏକପ୍ରକାର ଅବରୁଦ୍ଧ (ବନ୍ଦ ହେଲା) ପରି ରହିଥାଏ । ଏହି ସୁଷୁମ୍ନା ନାଡ଼ୀ ଗୁହ୍ୟଠାରୁ ମସ୍ତକ ପର୍ଯ୍ୟନ୍ତ ମେରୁଦଣ୍ଡ ଭିତର ଦେଇ ଯାଇଅଛି । ଇଡ଼ା ଓ ପିଙ୍ଗଳା ନାଡ଼ୀ ଦୁଇଟି ମୂଳାଧାରରୁ ବାହାରି ସୁଷୁମ୍ନାର ବାମ ଓ ଡାହାଣରେ ରହି ଲଲାଟ ମଧ୍ୟରେ ଆଜ୍ଞାଚକ୍ରରେ ସୁଷୁମ୍ନା ସହିତ ମିଳିତ ହୋଇଅଛି । ଯେତେବେଳେ ପ୍ରାଣ ପ୍ରବାହ ସହିତ ଜ୍ଞାନ ଏହି ଇଡ଼ା ଓ ପିଙ୍ଗଳା ନାଡ଼ୀର ଭିତର ଦେଇ ସମସ୍ତ ଶରୀରରେ ପ୍ରସାରିତ ହୁଏ; ସେତେବେଳେ ଆମ୍ଭର ମନୋବୃତ୍ତି ଚଞ୍ଚଳ ଓ ବହିର୍ମୁଖୀ ହୋଇପଡ଼େ ସଂସାର ଲୀଳାର ଅଭିନୟ ହୁଏ ଏବଂ ସେତେବେଳେ ଅହମିକା ବା 'ଅହଂ' ବୁଦ୍ଧିର ଉଦୟ ହୁଏ, କିନ୍ତୁ ପ୍ରାଣପ୍ରବାହ ସୁଷୁମ୍ନାରେ ଚାଳିତ ହେଲେ ପୁଣି ଅବ୍ୟକ୍ତ ଜ୍ଞାନ ଫେରି ଆସେ । ମନ ସ୍ଥିର ହୁଏ । ସେଥିଲାଗି ଯୋଗିମାନେ ପ୍ରାଣପବନକୁ ସୁଷୁମ୍ନାରେ ଚାଳିତ କରିବା ଲାଗି ଚେଷ୍ଟା କରିଥାନ୍ତି । ଏହାକୁ ଯୋଗାଭ୍ୟାସ କହନ୍ତି । ଏହି ବିଷୟ ଯୋଗଶାସ୍ତ୍ରରେ ତଥା ତନ୍ତ୍ରଶାସ୍ତ୍ରରେ ବିଶେଷଭାବରେ ବର୍ଣ୍ଣିତ ହୋଇଅଛି । ଏହି ସାଧନର ନାମ ହଠଯୋଗ । ଏହି ଶାସ୍ତ୍ରର ସିଦ୍ଧାନ୍ତ ଅନୁସାରେ ମହାକୁଣ୍ଡଳିନୀ ନାମରେ ଗୋଟିଏ ଶକ୍ତି ଅଛି । ବୌଦ୍ଧମାନେ ଏହାକୁ ମହାମୁଦ୍ରା କହିଥାନ୍ତି । ଏହି ଶକ୍ତି ଅଖଣ୍ଡ ଜଗତକୁ ବ୍ୟାପିରହିଅଛି । ବ୍ୟଷ୍ଟି ବା ବ୍ୟକ୍ତିରେ ପ୍ରକାଶ ହେଲେ ଏହି ଶକ୍ତିର ନାମ କୁଣ୍ଡଳିନୀ ।

ଜୀବ ଏହି କୁଣ୍ଡଳିନୀ ଶକ୍ତି ଓ ପ୍ରାଣଶକ୍ତିକୁ ସାଙ୍ଗରେ ନେଇ ମାତୃଗର୍ଭରେ ପ୍ରବେଶ କରେ । ସାଧାରଣତଃ ପ୍ରତ୍ୟେକ ଜୀବ ତିନିଗୋଟି ଅବସ୍ଥା ଭୋଗ କରିଥାଏ । ଯଥା—ଜାଗ୍ରତ, ସୁଷୁପ୍ତି ଓ ସ୍ୱପ୍ନ । ଅର୍ଥାତ୍ ପ୍ରତ୍ୟେକ ଜୀବ ଚେଇଁ ରହେ, ଶୁଏ ଓ ସ୍ୱପ୍ନ ଦେଖେ । ଏହି ତିନି ଅବସ୍ଥାରେ କୁଣ୍ଡଳିନୀ ଶକ୍ତି ନିଶ୍ଚେଷ୍ଟ ରହିଥାଏ ଏବଂ ସୁଷୁପ୍ତି ଅବସ୍ଥାରେ ଶରୀର ଧାରଣ ର କାର୍ଯ୍ୟ କରିଥାଏ । ଏହି କୁଣ୍ଡଳିନୀକୁ ଭଲଭାବରେ ବୁଝାଇବା ଲାଗି ଶରୀରକୁ ଛଅଟି ଚକ୍ରରୂପରେ କଳ୍ପନା କରାଯାଇଥାଏ । ପିଠିର ମେରୁଦଣ୍ଡ ସିଧା ସଳଖ ଯାଇ ବାୟୁ (ମଳଦ୍ୱାର) ଓ ଉପସ୍ଥର (ଲିଙ୍ଗ) ମଧ୍ୟ ଭାଗରେ ଲାଗିରହିଅଛି । ଏହି ସ୍ଥାନରେ ତ୍ରିକୋଣ ଚକ୍ରଟିଏ ଅଛି । ସେହି ଚକ୍ରରେ ଗୋଟିଏ ସ୍ୱୟମ୍ଭୂ ଲିଙ୍ଗ ରହିଅଛନ୍ତି । ଏହାକୁ ଅଗ୍ନି ଚକ୍ର କହନ୍ତି । ଏହି ଅଗ୍ନି ଚକ୍ରରେ ଅବସ୍ଥିତ ସ୍ୱୟମ୍ଭୂ ଲିଙ୍ଗକୁ ସାଢେ ତିନି ବଳୟ ବା ବୃତ୍ତରେ ଆବୃତ କରି ସର୍ପିଣୀ ଆକୃତିର କୁଣ୍ଡଳିନୀ ରହିଅଛି । ଏହି କୁଣ୍ଡଳିନୀ ଶକ୍ତି ଅଧୋମୁଖୀ ହୋଇ ରହିଥାଏ । ତେଣୁ ଜୀବ ନିଜର ପ୍ରକୃତ ସ୍ୱରୂପ ଜାଣି ନପାରି କାମ କ୍ରୋଧ ପ୍ରଭୃତି ଛଅ ରିପୁର କ୍ରୀତଦାସ ହୋଇ ରହିଥାଏ । ଏହାପରେ ଗୁହ୍ୟଦ୍ୱାରର ଚାରିଦଳର କମଳଟିଏ ଅଛି ତାହାର ନାମ ମୂଳାଧାର ଚକ୍ର । ତହିଁପରେ ନାଭି ନିକଟରେ ଛଅଦଳର କମଳଟିଏ ରହିଅଛି । ତାହାର ନାମ ସ୍ୱାଧିଷ୍ଠାନ ଚକ୍ର । ବଜ୍ରଯାନରେ ଏହାକୁ ବଜ୍ରାଗାର କହନ୍ତି । ତାହା ଉପରେ ହୃଦୟ ନିକଟରେ ୧୦ଦଳର କମଳଟିଏ ଅଛି । ତାହାର ନାମ ମଣିପୁର ଚକ୍ର । ହୃଦୟ ଚକ୍ରରେ ୧୨ ଦଳର ଅନାହତ ଚକ୍ର । ତାହା ଉପରେ କଣ୍ଠ ନିକଟରେ ୧୬ଦଳର କମଳ ରହିଅଛି । ତାହାର ନାମ ବିଶୁଦ୍ଧାଖ୍ୟ ବିଶୁଦ୍ଧ ଚକ୍ର । ତାହା ଉପରେ ଲଲାଟ ମଝିରେ ଦୁଇଦଳର କମଳଟିଏ ଅଛି । ତାହାର ନାମ ଆଜ୍ଞାଚକ୍ର । ତହିଁ ଉପରେ ମସ୍ତିଷ୍କ ଭିତରେ ସହସ୍ର ଦଳର କମଳ ରହିଅଛି । ତାହାର ନାମ ସହସ୍ରାର ଚକ୍ର ବା ସହସ୍ର ଦଳ କମଳ । ବଜ୍ରଯାନ ଓ ସହଜଯାନ ଏହି ସହସ୍ରଦଳ କମଳକୁ ୬୪ଦଳ ଓ ଉଷ୍ଣୀଷ କମଳ ବୋଲି କହନ୍ତି । ଯଥା—"ଚଉଷଠି ଖଡ଼ିଏ ଦେଲ ପସରା" ୩ଚ ।

ଚଉଷଠି କୋଠ । ଗୁଣିଥ୍ୟା ଲେହୁଁ । ୧୨ଖ ।
ଏକ ସୋ ପଦୁମା ଚୌଷଠିଠ ପାଖୁଡ଼ୀ । ୧୦ ଚ ।

ଏହି ଚକ୍ରକୁ ଶୂନ୍ୟଚକ୍ର, କୈଳାସ, ଜାଳାନ୍ଧର ଚକ୍ର ମଧ୍ୟ କହିଥାନ୍ତି । ଏହି ଚକ୍ରରେ ମନପବନକୁ ବା ଜୀବନକୁ ନେଇ ପହଞ୍ଚାଇବା ହୋଉଛି ଯୋଗୀ ବା ତାନ୍ତ୍ରିକ ସାଧକଙ୍କର ପ୍ରଧାନ ଲକ୍ଷ୍ୟ । ଏହି କମଳ ପରମାତ୍ମା ବ୍ରହ୍ମ ବା ଶୂନ୍ୟର ଆଶ୍ରୟସ୍ଥଳ । ଏହି କମଳପରେ ମଧ୍ୟ କେହି୨ ଆଉ ଗୋଟିଏ କମଳର କଳ୍ପନା କରିଥାନ୍ତି । ଯୋଗୀ ସହସ୍ରଦଳ କମଳରେ ପହଞ୍ଚିଲେ ମଧ୍ୟ ବ୍ୟୁତ୍ଥାନ ଦାଳରେ ସମାଧି ଭଙ୍ଗପରେ ବାସନା ପୁଣି ଫେରିଆସେ । କିନ୍ତୁ ଶେଷ କମଳରେ ଚିତ୍ତ ପହଞ୍ଚିଲେ ସେ ପରମ ସୁଖରେ ନିମଜ୍ଜି ରହେ । ଆଉ ଚିତ୍ତରେ ବାସନାର ଉଦ୍ରେକ ହୁଏ ନାହିଁ । ଏହି ବିଷୟ ଓଡ଼ିଶାର ଭିନ୍ନ ଭିନ୍ନ ସମ୍ପ୍ରଦାୟର ଭିନ୍ନ ଭିନ୍ନ ଗ୍ରନ୍ଥରେ ବର୍ଣ୍ଣିତ ହୋଇଅଛି । ଏଠାରେ ସେହି ବିଷୟର ପରିଚୟ ଲାଗି କେବଳ ବ୍ରହ୍ମଶାଙ୍କୁଳରୁ କେତେକ ପଂକ୍ତି ତଳେ ଉଦ୍ଧୃତ ହେଲା ।

"ଉଗର ଶ୍ରୀଗୁରୁ ଉପଦେଶ ' ଗୁହ୍ୟେ ହୋଇବ ପରବେଶ ।
ଗିଶ୍ୱଶ ସୁତ ଛନ୍ତି ତହିଁ । ୪ର୍ଥ ଦଳ ଯେ ବସଇ ।
ପ୍ୟାନ ମୂଳରେ ଗୃହ ବାଇ । ଗୁହ୍ୟେ ନିରତେ ଫେରଇ ।
ସେ ଗୃହ ପବନକୁ ଘେନ । ଉର୍ଦ୍ଧ୍ୱେ ଯେ ଇନ୍ଦ୍ର ଚକ୍ର ପୁଣି ।
ଛଅ ପାଖୁଡ଼ା ଫୁଲ ତହିଁ । ଅଛନ୍ତି କାମଦେବ ରହି ।
ବସିଛି ଛଅ ଯେ ପବନ । ବ୍ୟାନ ମୂଳରେ ତାକୁ ଚିହ୍ନ ।
ସେ ଛଅ ଗୃହ ଏକ କରି । ବ୍ୟାନ ପବନ ହୃଦେ ଧରି ।
ମିଳିବ ନାଭି କଗଳରେ । ବ୍ରହ୍ମାବିଜୟେ ସେ ଚକ୍ରରେ ।
ଦଶ ପାଖୁଡ଼ା ଫୁଲ ଅଛି । ଦଶ ପବନ ତହିଁ ଗଛି ।
ସମାନ ପବନର ମୂଳେ । ଦଶ ପାଖୁଡ଼ା ମଧ୍ୟେ ଖେଳେ
ସେ ଦଶ ଦଶ ଯେ ପବନ । ସମାନ ମୂଳେ ତା ଖଞ୍ଜିଣ ।
ସୁମନେ ଉର୍ଦ୍ଧ୍ୱେ ଯିବ ଚଳି । ଯାଇ ପ୍ରବେଶ ହୃଦ ସ୍ଥଳୀ ।
ସେ ଚକ୍ରେ ବିଜେ ନାରାୟଣ । ବହଇ ଦ୍ୱାଦଶ ପବନ ।

ଦ୍ୱାଦଶ ପ ଖୁଡ଼ା ନିର୍ମିତ । ପ୍ରାଣ ପବନ ତହିଁ ସ୍ଥିତ ।
ଚଉଦ ଭୁବନ ମୂର୍ତ୍ତି । ଯେନ ବଇକୁଣ୍ଠେ ଲକ୍ଷ୍ମୀପତି ।
ସେ ଦଶ ଦଶ ଦ୍ୱାଦଶରେ । ମିଶାଇ ପ୍ରାଣ ପବନରେ ।
ହୃଦେ ସୁମେରୁ ନାରାୟଣ । ସେଠାରୁ ଚଳିବ ଊର୍ଦ୍ଧ୍ୱେଣ ।
ମିଳିବ କଣ୍ଠ ଚକ୍ରେ ଯାଇ । ସେ ଚକ୍ରେ ଛନ୍ତି ଉମାସ୍ୱାଇଁ ।
ଗିରି ଫିଟିଣ ଜଳଧାର । ପଡ଼ନ୍ତି ଶଙ୍କର ମସ୍ତକର ।
ସେ ଅଟେ ମକରନ୍ଦ ରସ । ହର କରନ୍ତି ନିତ୍ୟେଗ୍ରାସ ।
ଷୋଳ ପାଖଡ଼ା ଫୁଲ ତହିଁ । ଉଦାନ ମୂଳେ ଷୋଳ ବାଇ ।
ସେ ଦଶ ଦଶ ଦ୍ୱାଦଶରେ । ଷୋଳ ପବନ ମିଶୁ ଧୀରେ ।
ସମସ୍ତ ଏକତ୍ର ମିଳାଇ । ମହାଦେବଙ୍କୁ ହୃଦେ ଧ୍ୟାଇ ।
ଉଦାନ ମୂଳେ ତା ଖଞ୍ଜିଣ । ଊର୍ଦ୍ଧ୍ୱକୁ ଚଳିବ ପବନ ।
ପରମ ପୁରୁଷକୁ ଧ୍ୟାଇ । ଗମିବ ମହାକଷ୍ଟ ପାଇ ।
ମିଳିବ ଲଲାଟ ଚକ୍ରରେ । ଶ୍ରୀନିରାକାରଙ୍କ ସମ୍ମୁଖରେ ।
ଦର୍ଶନ କରି ଆଦି ବ୍ରହ୍ମ । ବିନାଶି ମାୟା ମୋହ ଭ୍ରମ ।
ଦ୍ୱେନ ପାଖୁଡ଼ା ଫୁଲ ଅଛି । ଏକଇ ପବନ ବହୁଛି ।
ଆରେକ ପାଖୁଡ଼ା ନିର୍ବାତ । ଊର୍ଦ୍ଧ୍ୱକୁ ଅଛି ଜୁଣ ସାତ ।
ସେ ସାତ ଯୁଣ ପଦ୍ମ କଥା । ଶୁଣ ବଶିଷ୍ଠ ପୁଣ୍ୟବକ୍ତା ।
ସେ ବଂଶ ଦ୍ୱାଦଶ ଷୋଳେଣ । ଏକକୁ ମିଶାଇ ଯତ୍ନେନ ।
ଏମନ୍ତେ ଅଣଗୃଷ ବାଇ । ପଞ୍ଚପବନ ସଙ୍ଗେ ନେଇ ।
ଏ ସବୁ ହୋଇଲେ ଏକତ୍ର । ମୁଦା ପଡ଼ିବ ବାମପଥ ।
ଦଷିଣେ ଏକାଙ୍ଗ ଭଜନ । ଏହାକୁ କହି ବ୍ରହ୍ମଜ୍ଞାନ ।
ଏମନ୍ତେ ସ୍ଥିର ଦୃଷ୍ଟି ଘଟେବ । ଆକାଶ ଗମିବ ସୁଅଙ୍ଗେ ।
ମନୁନ୍ଦ୍ର ପୁର ଯିବ ଜିଣି । କାଉଁର ମଣ୍ଡଳ ସେ ପୁଣି ।

× × ×

ସେ ହାନ ଚତୁର୍ବର୍ଗ ପେଣ୍ଡୁ । ଘୁଁ ଝିଁ ଶବଦରେ ପ୍ରକଟ ।
ସେ ପଥ ପରି ଫିଟାଇଗଲେ । ବୈକୁଣ୍ଠ ଦିଶଇ ନିରେଖିଲେ ।

ପୁରବ ମାନ ସରୋବର । ପରମ ହଂସର ବହାର ।
କନକ ସ୍ଫଟିକ ସ୍ୱରୂପ । ଖେଳେ ପରମ ଅବିକଳ୍ପ ।
ସେ ସରୋବର ଊର୍ଦ୍ଧ୍ୱଦେଶେ । ସହସ୍ର କର୍ଣ୍ଣିକା ପ୍ରକାଶେ ।
ଫଣି ସ୍ୱରୂପ ପରେ ମଣି । ସେ ମହାବ୍ରହ୍ମ ଶିରୋମଣି ।
ତାହାଙ୍କ ବର୍ଣ୍ଣ ଚିହ୍ନ ନାହିଁ । ଅଜନ୍ମ ପୁରୁଷ ଗୋସାଇଁ । ପୃ ୨୩ । ୨୪ ।

ଏହି ଛଅ ଚକ୍ରର ଦଳ ଅନୁସାରେ ୪୯ ବାୟୁ ଓ ୪୯ ଅକ୍ଷରର କଳ୍ପନା ପ୍ରତି ଦଳରେ କରା ହୋଇଥାଏ । କେହି କେହି ୫୦ ପବନ ଓ ୫୦ ଦଳର କଳ୍ପନା କରିଥାନ୍ତି । ଆହୁରି ମଧ୍ୟ ଛଅ ଚକ୍ରରେ ଚନ୍ଦ୍ରଙ୍କର ଷୋଳ କଳାର ଅବସ୍ଥିତି ନିରୂପିତ ହୋଇଥାଏ । ଚନ୍ଦ୍ରଙ୍କର ଏହି ଷୋଳ କଳାକୁ ଷୋଳ ଡମ୍ବରୁ ବୋଲି କହିଥାନ୍ତି । ସୁଧାମୃତ ଗୀତା ୧୨ ଅଧ୍ୟାୟରେ ଏହି ୧୬ ଡମ୍ବରୁର ବର୍ଣ୍ଣନା ରହିଅଛି । ଯଥା—

ଷୋଳଯେ ଡ଼ମ୍ବରୁ ବୋଲି ଚନ୍ଦ୍ରଙ୍କର କଳା
କେଉଁ ଚକ୍ରେ କେଉଁ କଳା ରହିଅଛି ଭଲ । ୨୦ ।

× × ×

କଣ୍ଠ ଯେ କମଳ ଷୋଳ ପାଖୁଡ଼ା ଅଟଇ
ପଞ୍ଚ ଗୋଟି ଡ଼ମ୍ବରୁ ଯେ ସେଠାରେ ରହଇ । ୩୨ ।
ରୂପ ରସ ଗନ୍ଧ ଯେ ଶବଦ ପରଶ ।
ଏହି ପାଞ୍ଚ କଳା ସିନା ଏଠାରେ ପ୍ରକାଶ ।
ହୃଦୟ କମଳ ଯେ ଦ୍ୱାଦଶ ପାଖୁଡ଼ାରେ ।
ଚାରିଗୋଟି ଡ଼ମ୍ବରୁ ଯେ ଗଞ୍ଜିଲା ସେଠାରେ ।
ଚେତନା ଯେ ମନବୁଦ୍ଧି ଯେନ ଅହଙ୍କାର ।
ଏହି ଚାରି କଳାସିନା ଏହିଠାରେ ଠୁଳ ।
ନାଭି ଯେ କମଳ ଦଶ ପାଖୁଡ଼ା ଅଟଇ ।
ତିନଗୋଟି ଡ଼ମ୍ବରୁ ଯେ ସେଠାରେ ବସଇ ।
ସତ୍ତ୍ୱ ରଜ ଯେ ତିନି କଳାଙ୍କର ନାମ ।
ଏହି ସିନା ଉତପତ୍ତି ସ୍ଥାବର ଜଙ୍ଗମ ।

ଲିଙ୍ଗ ଯେ କମଳ ଷୋଳ ପାଖୁଡ଼ା ହୋଇଲା ।
ଦୁଇଗୋଟି ଡମ୍ବରୁ ଯେ ସେଠାରେ ଖଞ୍ଜିଲା ।
ମନ ଚଇତନ ବୋଲି ଦୁଇକଳା ଏହି ।
ଏହି ଦୁଇକଳାରୁ ଯେ ଚରାଚର ଦେହୀ ।
ଗୁହ୍ୟ ଯେ କମଳ ଚାରି ପାଖୁଡ଼ା ଅଟଇ ।
ତିନଗୋଟି ଡମ୍ବରୁ ଯେ ସେଠାରେ ବସଇ ।
ଉତପତ୍ତି ବିନାଶ ନାମ ସେ ଭଣାଇ ।
ଷୋଳ ଯେ ଡମ୍ବରୁ ପ୍ରିୟେ ତୋତେ-ଦେଲି କହି ।
ଏହି ଷୋଳ କଳା ଘେନ ଚନ୍ଦ୍ରରେ ସେ ଦେହୀ ।
ମନଚନ୍ଦ୍ର ବୋଲି କରି ସର୍ବଘଟେ ରହି । ୪୩ ।

ଚର୍ଯ୍ୟାରେ ମଧ୍ୟ ଏହି ଚନ୍ଦ୍ରର କଥା କୁହାହୋଇଛି । ଯଥା—

ଚଳିଅ ଷଷହର ମାଗେ ଅବଧୂଇ
ରଅଣହୁ ସହଜେ କହେଇ
ଚଳିଅ ଷଷହର ଗତ ନିବାଣେ ।

ଏହି ପଦ୍ୟରେ ଶଶଧର ଚଳନାର ବାହାର ଅର୍ଥ ହେଉଛି— କାମଶାସ୍ତ୍ର ବର୍ଣ୍ଣିତ ଚନ୍ଦ୍ରଚଳନ ଏବଂ ଭିତରର ଅର୍ଥ ହେଉଛି—ପୂର୍ବୋକ୍ତ ଏହି ମନଚନ୍ଦ୍ରର ଷୋଳକଳାର ଚଳନ । ତନ୍ତ୍ର ଶାସ୍ତ୍ରର ପଖୁଆ ନହେଲେ ଏହି ଚନ୍ଦ୍ରଚଳନର ଅର୍ଥ କରିବା ବଡ଼ କଠିନ ହୋଇଥାଏ । ଟୀକାକାର "ଶଶହରେତି ବୋଧିଚିତ୍ତଂ" ଚନ୍ଦ୍ର ଅର୍ଥ ବୋଧିଚିତ୍ତ ବୋଲି ଉଲ୍ଲେଖ କରିଛନ୍ତି । କିନ୍ତୁ କବି ଭୁସୁକୁପାଦ କହୁଛନ୍ତି—ମୁଁ ଚନ୍ଦ୍ର ଅର୍ଥାତ୍ ଷୋଳଡ଼ମ୍ବରୁ ଚଳିତ କରି ନିର୍ବାଣ ଲାଭ କଲି । ଏହି ତାନ୍ତ୍ରିକ ଅର୍ଥର ବୋଧଲାଗି ଏଠାରେ ଷୋଳଡ଼ମ୍ବରୁ ବର୍ଣ୍ଣିତ ହେଲା । ସାଧକ ନାନାପ୍ରକାର ସାଧନାଦ୍ୱାରା ଏହି କୁଣ୍ଡଳିନୀ ଶକ୍ତିକୁ ଉନ୍ମୁଖ କରି ଉପରକୁ ନେବା ଲାଗି ଚେଷ୍ଟା କରିଥାଏ ।

ଏହି ଶରୀରରେ ୭୨ ହଜାର ନାଡ଼ୀ ଅଛି ବୋଲି ହଂଯୋଗ ପ୍ରଦୀପିକାରେ ବର୍ଣ୍ଣିତ ହୋଇ ଅଛି । ଯଥା—ଦ୍ୱାସପ୍ତତି ସହସ୍ରାଣି ନାଡ଼ୀ- ଦ୍ୱାରାଣୀ ପଞ୍ଜରେ

ସୁଷୁମ୍ନା ଶାମ୍ଭବୀ ଶକ୍ତିଃ ଶେଷାସ୍ତ୍ୱେବ ନିରର୍ଥକାଃ ।

ଏହି ନାଡ଼ୀ ଭିତରେ ସୁଷୁମ୍ନା ଏକମାତ୍ର ଶାମ୍ଭବୀ ଶକ୍ତି । ଅନ୍ୟସବୁ ନାଡ଼ୀ ନିରର୍ଥକ । ସେହି କଥା ଓଡ଼ିଆରେ ସପ୍ତାଙ୍ଗଯୋଗରେ କୁହା ହୋଇଛି । ଯଥା—

ପବନ ଯନ୍ତ୍ରକୁ ପୁଣ ଅଟେ କଳେବର ।
ଏ ପିଣ୍ଡ ଅଟଇ ପୁତାରେ ପବନର ଘର ।
ଷାଠିଏ ସହସ୍ର ନାଡ଼ୀ ପବନ ବିକାର ।
ତହିଁରୁ ବିଲଗ ପୁତାରେ ଦଶନାଡ଼ୀ ସାର ।
ସେ ଦଶ ପୁଣି ତ୍ରିବିଧ ପ୍ରକାରେ ହୋଇଲା ।
ନିତ୍ୟେ ଆଶ୍ରେ ଶୂନ୍ୟ ଭୁବନୁଁ ଖସିଲା ।
ଇଅଁଳା ଉଦୟେ ରବି ମଣ୍ଡଳ ଚକ୍ରବୁ ।
ଗୁରୁବାର ଜାଣି ପୁତା ଦିବାକରକୁ ଭେଟିବୁ ।
ପିଅଁଳା ଉଦୟେ ସୋମ ମଣ୍ଡଳେ ସୁମର ।
ତିନିବାର ଜଗି ପୁତା ଭେଟ ନିଶାକର ।
ଏ ତିନି ସଙ୍ଗମ ପୁଣି ସୁଷୁମ୍ନା ଭେଟ ।
ଶୂନ୍ୟମେରୁ ବୋଲିତାକୁ ଅଚଳ ତ୍ରିକୁଟ ।
ତହିଁ ତଳେ ପୁତାରେ ବ୍ରହ୍ମରନ୍ଧ୍ରର ଦୁଆର ।
ତିଳ ଚର୍ମ ପ୍ରାୟେ ପୁତା କବାଟ ସେ ଠାବର । ୪୫ ।

ମେରୁଦଣ୍ଡରେ ଅନେକ ନାଡ଼ୀ ପ୍ରାଣବାୟୁକୁ ବହନ କରୁ ଅଛନ୍ତି । କିନ୍ତୁ ଶ୍ୱାସ ପ୍ରଶ୍ୱାସରେ ଆମ୍ଭେମାନେ ଦୁଇଗୋଟି ନାଡ଼ୀର ସହିତ ପରିଚୟ ହୋଇଥାଉ । ଡାହାଣ ନାସାପୁଡ଼ାରେ ଯେଉଁ ନାଡ଼ୀରେ ଶ୍ୱାସ ପ୍ରଶ୍ୱାସ ଯାଏ ତାହାର ନାମ ଇଡା । ବାଁ ନାସା ପୁଡ଼ାରେ ଯେଉଁ ନାଡ଼ୀରେ ଶ୍ୱାସ ପ୍ରଶ୍ୱାସ ଯାଏ ତାହାର ନାମ ପିଙ୍ଗଳା । ଓଡ଼ିଆରେ ଏହାକୁ ଇଅଁଳା ଓ

ପିଅଁଳା ବୋଲି କହନ୍ତି । ଏହା ଦୁଇ ନାଡ଼ୀର ମଧ୍ୟବର୍ତ୍ତୀ ନାଡ଼ୀକୁ ସୁଷୁମ୍ନା କହନ୍ତି । ଓଡ଼ିଆରେ ତାହାକୁ ସୁସୁମୁନା ବୋଲି କହନ୍ତି । ଏହି ସୁଷୁମ୍ନା ନାଡ଼ୀ ଭିତରେ ୩ଗୋଟି ସୂକ୍ଷ୍ମ ନାଡ଼ୀ ରହିଅଛି । ତହିଁର ନାମ ବଜ୍ରା-ଚକିଣୀ ଓ ବ୍ରହ୍ମନାଡ଼ୀ । ତହିଁ ଭିତରେ ବ୍ରହ୍ମ ନାଡ଼ୀ ଶ୍ରେଷ୍ଠ । ସାଧାରଣତଃ ଏହି ୩ ନାଡ଼ୀକୁ ସୁଷୁମ୍ନା ନାଡ଼ୀ ରୂପରେ ଗ୍ରହଣ କରିଥାନ୍ତି । ଏହି ସୁଷୁମ୍ନା ନାଡ଼ୀରେ ନିଃଶ୍ୱାସ ପବନ ବହିଲେ ମନ କ୍ରମେ ୨ ସ୍ଥିର ହୁଏ ଏବଂ କୁଣ୍ଡଳମା ଏହି ସୁଷୁମ୍ନା ନାଡ଼ୀ ଭିତରେ ବ୍ରହ୍ମରନ୍ଧ୍ରକୁ ପ୍ରବାହିତ ହୁଏ ପବନ ବଳରେ ମନ ଚଇତନ୍ୟ ମଧ୍ୟ ସ୍ଥିର ହୋଇ ରହେ । ନିଃଶ୍ୱାସ ପବନ ସଦା ସର୍ବଦା ଗମନ କରୁଥିବାରୁ ତାହାର ନାମ ହୋଇଛି ହଂସ ( ଗମନାର୍ଥକ ହନ୍ ଧାତୁରୁ ନିଷ୍ପନ୍ନ ) ଏହି ନିଃଶ୍ୱାସ ପବନ ବାରଅଙ୍ଗୁଳି ଯାଏ ବହୁ ଥାଏ । ଗଧା ମୃତ ଗୀତାରେ ୧୧ ଅଧ୍ୟାୟରେ ହଂସ ରୂପରେ ନିଃଶ୍ୱାସ ପବନର ଗତି ବିଷୟ ସୁନ୍ଦର ରୂପରେ ବର୍ଣ୍ଣିତ ହୋଇ ଅଛି । ଯଥା—

ଶ୍ରୀହରି ବୋଇଲେ ଯେ କହିବା ତାର ସନ୍ଧି ।
ଦ୍ୱାଦଶ ଅଙ୍ଗୁଳି ଯେ ପବନ ନିରବଧି । ୩୦ ।
ତାହାର ଚରଣ ତଳେ ବାୟୁ ଅଛି ଯାଇଁ ।
ତେଣୁ କରି ପାଦତାର ଠଉର ନୁହଇ ।
ଘଡ଼ି ଘଡ଼ିକରେ ତାର ପାଦ ପାଲଟଇ ।
ଏକ ସଙ୍ଗେ ବେନି ପାଦ କେବେ ନ ରହଇ ।
ଦକ୍ଷ ପାଦ ଗୋଟି ଯେବେ ମେରୁପୃଷ୍ଠେ ଥାଇ ।
ଡାହାଣ ଯେ ନାସାପୁଡ଼ା ବୁଜି ହୋଇଥାଇ ।
ବାମ ଯେ ପୁଡ଼ାରେ ସେ ପବନ ବହୁଥାଇ ।
ଛବନ ନ ଦେନି ସେ ଯେ ପାଦ ନ ଖସଇ ।
ଡାହାଣ ପାଦପୁଣି ନାଭିରେ ଲାଗଇ ।
ବାମ ପାଦ ଗୋଟି ମେରୁର ପୃଷ୍ଠେ ଦେଇ ।
ଡାହାଣ ପୁଡ଼ାରେ ପୁଣ ଲାଗଇ ପବନ ।

ବାମ ପୁଡ଼ା ଗୋଟି ଯେ ହୁଅଇ ନିରୋଧନ ।
ଡ଼ାହାଣ ଚଳିଲେ ପୁଣି ବାମ ହୁଏ ବନ୍ଦୀ ।
ତେଣୁ କରି ପାଦେ ଚଳେ ପାଦକେ ନିରୋଧି ।
ଏହିପରି ଜୀବର ଯେ ଅନ୍ତକାଳ ଯାଏ ।
ଉଲଟି ପାଲଟି ହୋଇ ବେନି ପାଦ ରହେ ।
ଯେତେବେଳେ ଜୀବାତ୍ମା ଘଟକୁ ଛାଡ଼ଇ ।
ବିଶାଶତେ ଅଙ୍ଗୁଳି ପବନ କହଇ
ହଂସର ନାଭିରେ ଯାଇ ପବନ ବାଜଇ ।
ନାଭିରୁ ଚରଣ ଖସି ମେରୁରେ ଲାଗଇ ।
ବେନିପାଦ ଠିଆ ଦେଇ ଉଠଇ ଶୂନ୍ୟରେ ।
ଆକୋଶି ବସଇ ଯାଇ ପଦ୍ମ କେଶରରେ ।
ହଂସର ବସନ୍ତେ ଯେ ପବନ ଘାତ ପାଇ ।
ଟଳଣି ପଡ଼ଇ ବିନ୍ଦୁ ସିସୁମୁନା ଦେଇ ।
ଫଳକୁ ନ ପାଇ ହଂସୀ ଲେଉଟି ଆସଇ ।
ଛାମୁଦାନ୍ତ ଦୁଇ ଯେ ସନ୍ଧିରେ ଉଡ଼ିଯାଇ ।
ଏମନ୍ତ ଭାବରେ ଦୁହେଁ ଏକପଥେ ଚଳି ।
ଶୂନ୍ୟ ପିଣ୍ଡଗୋଟି ଯେ ମିଳଇ ମହାସ୍ଥଳୀ । ୩୦ । ୪୬

ବୌଦ୍ଧ ବଜ୍ରଯାନ ଓ ସହଜଯାନର ସିଦ୍ଧାଚାର୍ଯ୍ୟମାନେ ଏହି ଇଡ଼ା ପିଙ୍ଗଳା ଓ ସୁଷୁମ୍ନା ନାଡ଼ୀକୁ ଲଳନା ରସନା ଓ ଅବଧୂତୀ ବୋଲି କହୁଥିଲେ—

ଲଳନା ପ୍ରଜ୍ଞା ସ୍ୱଭାବେନ ରସନୋପାୟ ସଂସ୍ଥିତା
ଅବଧୂତୀ ମଧ୍ୟଦେଶେ ଗ୍ରାହ୍ୟ ଗ୍ରାହକ ବର୍ଜିତା । ହେ ବଜ୍ରତନ୍ତ୍ର ।

ବାମ ନାସାପୁଟେ ପ୍ରଜ୍ଞାଚନ୍ଦ୍ର ସ୍ୱଭାବେନ ଲଳନାସ୍ଥିତା । ଦକ୍ଷିଣ ନାସାପୁଟେ ଉପାୟ ସୂର୍ଯ୍ୟ ରସନାସ୍ଥିତା । ତେ ଦ୍ୱେ ଷଣ୍ଡେ (ଦୋହା କୋ)। ବାଁ ନାସାପୁଡ଼ାରେ ଲଳନା ରହିଅଛି ଓ ଡାହାଣ ନାସା ପୁଡ଼ାରେ

ରସନା ରହିଅଛି । ସେ ଦୁହିଁଙ୍କୁ ଚନ୍ଦ୍ର ଓ ସୂର୍ଯ୍ୟ କହନ୍ତି । ସେ ଦୁହେଁ ପ୍ରକୃତ କାର୍ଯ୍ୟରେ ଲାଗନ୍ତି ନାହିଁ । ସେ ଦୁହିଁଙ୍କ ମଝିରେ ଅବଧୂତୀ ରହିଅଛି ।

ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟରେ ଲଲନା ଓ ରସନା ପରିବର୍ତ୍ତରେ ଚନ୍ଦ୍ର ଓ ସୂର୍ଯ୍ୟର ବ୍ୟବହାର ଦେଖିବାକୁ ମିଳେ । ଯଥା —

ରବି ଶଶି କୁଣ୍ଡଳ କିଉ ଆଭରଣେ । ୧୧ଚ
ସୂଜ ଲାଭ ସସି ଲାଂଗଲ ଡାଲ୍ଲୀ । ୧୭ଚ
ନାଦ ନ ନିବିନ୍ଦୁ ନ ରବି ନ ଶଶିମଣ୍ଡଳ । ୩୨ । ଇତ୍ୟାଦି

ଏହିସବୁ ଚର୍ଯ୍ୟାରେ ଇଡ଼ା ଓ ପିଙ୍ଗଳା ପରିବର୍ତ୍ତରେ ଚନ୍ଦ୍ର ସୂର୍ଯ୍ୟର ପ୍ରୟୋଗ ହୋଇଅଛି । ଓଡ଼ିଆ ସାହିତ୍ୟରେ ମଧ୍ୟ ଇଡ଼ା ଓ ପିଙ୍ଗଳା ପରିବର୍ତ୍ତରେ ଚନ୍ଦ୍ର ସୂର୍ଯ୍ୟ ପ୍ରୟୋଗ ଦେଖିବାକୁ ମିଳେ । ଯଥା—

ନାସିକା ରନ୍ଧ୍ରେ ଯେଉଁ ବାଇ । ଚନ୍ଦ୍ର ସୂର୍ଯ୍ୟରେ ଯାଏ ବହି ।
ଆବର ତ୍ରିକୂଟ ଦୁଆରୁ । ବହଇ ପାଦେ ଶିଶୁ ମେରୁ ।

ବ୍ର· ଶା· ୩ୟ କପୃ ୭

ଚନ୍ଦ୍ର ସୂର୍ଯ୍ୟରେ ନିତ ଫେରେ । ଆବର ସିସୁମୁନା ଦ୍ୱାରେ ।

ବ୍ର. ଶା. ୪ର୍ଥ ପୃ୧୦

ଏହି ୩ନାଡ଼ୀ ଭିତରୁ ଇଡ଼ାକୁ ଗଙ୍ଗା ପିଙ୍ଗଳାକୁ ଯମୁନା ଏବଂ ସୁଷୁମ୍ନାକୁ ସରସ୍ୱତୀ ବୋଲି ମଧ୍ୟ କହିଥାନ୍ତି । ତାକୁ ନାସିକା ମଧ୍ୟରେ ଘଣ୍ଟିକା ଦୁଆରରେ ଏହି ୩ନାଡ଼ୀର ମିଳନ ହୋଇଅଛି । ସେହି ସ୍ଥାନକୁ ତ୍ରିବେଣୀ କହନ୍ତି । ଶିବ ସଂହିତାରେ ବର୍ଣ୍ଣିତ ଅଛି—

ଇଡ଼ା ଗଙ୍ଗା ସମାଖ୍ୟାତା ପିଙ୍ଗଳା ସୂର୍ଯ୍ୟପୁତ୍ରିକା
ମଧ୍ୟା ସରସ୍ୱତୀ ପ୍ରୋକ୍ତା ତାସାଂ ସଙ୍ଗୋପି ଦୁର୍ଲଭଃ ।
ବ୍ରହ୍ମରନ୍ଧ୍ରମୁଖେ ତାସାଂ ସଙ୍ଗମଃ ସ୍ୟାଦସଂଶୟଃ
ତସ୍ମିନ୍ ସ୍ନାତେ ସ୍ନାତକାନାଂ ମୁକ୍ତିଃ ସ୍ୟାଦବିରୋଧତଃ ।

ଶିବ ପୃଷ୍ଠା — ୧୩୧

ଇଡ଼ା, ପିଙ୍ଗଳା ଓ ସୁଷୁମ୍ନାକୁ ଯଥାକ୍ରମରେ ଗଙ୍ଗା, ଯମୁନା ଓ ସରସ୍ୱତୀ କୁହାଯାଇଛି ସେମାନଙ୍କର ମିଳନ ଅତି ଦୁର୍ଲ୍ଲଭ । ବ୍ରହ୍ମରନ୍ଧ୍ରର ମୂହଁରେ ଏମାନଙ୍କର ନିର୍ଦ୍ଦିଷ୍ଟଭାବରେ ମିଳନ ହୋଇଅଛି । ଏହିଠାରେ ସ୍ନାନକଲେ ଲୋକର ବନାବାଧାରେ ମୁକ୍ତିହୁଏ । ଚର୍ଯାରେ ମଧ୍ୟ ସେହି ବିଷୟ ବର୍ଣ୍ଣିତ ହୋଇଅଛି । ଯଥା—ଗଙ୍ଗା, ଜଉନା ମାଝେଁରେ ବହଇ ନାଈ

ତହିଁ ବୁଡ଼ିଲି ମାତଙ୍ଗୀ ଜୋଇଆ ଲୀନେ ପାର କରଇ, ୧୪ଚ ।

ଓଡ଼ିଆ ସନ୍ଥସାହିତ୍ୟରେ ଏହି ତ୍ରିବେଣୀସ୍ଥାନରେ ବର୍ଣ୍ଣନା ବିଶେଷଭାବରେ ଦେଖିବାକୁ ମିଳେ ।

ଯଥା— ଏଡ଼ନ ସଙ୍ଗ ପୁଣି ସୁଷୁମୁନା ଭେଟ

ଶୂନ୍ୟମେରୁ ବୋଲି ତାକୁ ଅଟଳ ତ୍ରିକୂଟ ।

ତାଙ୍କୁ ନାସିକା ମଧ୍ୟରେ ହେତୁ କରି ଜାଣ

ନିରନ୍ତରେ ସେହିଠାରୁ ଝରୁଅଛି ପ୍ରାଣ ।

ସପ୍ତାଙ୍ଗ ଯୋଗ । ୮୯-୯୦ ।

ଚନ୍ଦ୍ରଶୀ କାଠି ଉପରେ ବାଟ

ତହିଁ ଲାଗିଅଛି ବଜ୍ର କବାଟ ।

ଘଣ୍ଟିକା ଦୁଆର ଏହାକୁ କହି

ତ୍ରିବେଣୀ ଝର ଏହିଠାରୁ ବହି । ଜ୍ଞା. ଚୂ. ୩୬—୩୭.

ତ୍ରିବେଣୀ ଧାର ବହେ ପରଚଣ୍ଡ

ରୁନ୍ଧାଇ ପାରିଲେ ରହିବ ପିଣ୍ଡ ।

ସିଷୁମୁନା ନାମେ ଏକ ପାହାଚ

ସେ ବନ୍ଧ ବାନ୍ଧନ୍ତି ଯତନ କରି । ଜ୍ଞାନସିଦ୍ଧି -୭୨-୭୩

ସିଷୁମୁନା ଦ୍ୱାର ଘଣ୍ଟିକା ବାଟ

ଉଜାଣି ସାଧନା ବଜ୍ର କବାଟ ।

କଳ୍ପନା ସରୋବର ଜଳ

ଶାସନ ଜାଳାନ୍ଧର ନାମ ।

ପର ବାକ୍ୟ କୋଣ ଇଅଁଳା ନାଡ଼ୀ
ଗଙ୍ଗା ବିଜୟ ମହାଦେବ ଧାଡ଼ୀ ।
ଜ୍ଞାନର ଭୂମି ଜ୍ଞାନପୁର ସେହ
ଜ୍ଞାନ ସମାଧିକ ନଷ୍ଟକ ଭୁଇଁ ।
( ଯଶୋବନ୍ତ ଗୁପତ ଟୀକା ୧୦୫—୬ )

ସାଧ୍ୟ ଅସାଧ୍ୟ ପିଣ୍ଡର କାରଣ
ପଦ୍ମ ଫୁଟଇ ମହାସୁଖ ସ୍ଥାନ ।
ଇଅଁଳା ପିଅଁଳା ଏଠି ଛନ୍ଦଇ
ଅଷ୍ଟ କମଳଙ୍କ ଶିଖର ଭୁଇଁ ।
ମନକୁ ଘେନି ଶୂନ୍ୟକୁ ଗମଇ
ଏହା ପରଚେ ଜନ୍ମ ଫିଟଇ
ପଞ୍ଚ ଭୂତଙ୍କର ଗମନ ଭୁଇଁ
ଏଥି ଧ୍ୟାନ କଲେ ଧୂନ ବାରଇ ।
( ଗୁପତଟୀକା—୧୬୯—୭୦)

ବ୍ରହ୍ମ ଯେ ତ୍ରିକୁଟ ସ୍ଥାନ ପରମାତ୍ମା ଘର
ସେହିଠାରେ ସୁଧାରସ ପଡ଼େ ଝର ଝର ।
ପରଂବ୍ରହ୍ମ ଦେଖିବାକୁ ଯାର ହୋଏ ମନ
ପବନକୁ ଟେକୁଥିବ ତ୍ରିବେଣୀ ସଙ୍ଗମ ।
ପବନର ବଳେ ସିନା ମନଚଇତନ୍ୟ ଚଳେ
ତେବେ ସିନା ଭେଟେ ଯାଇଁ ତ୍ରିବେଣୀର ମୂଳେ ।
ପରଂବ୍ରହ୍ମ ବିନ୍ଦୁରସ ଆକାଶୁ ଝରଇ
ଜିହ୍ୱାର ଉପରେ ସିନା ପଡ଼ୁଅଛୁ ହୋଇ । ଇତ୍ୟାଦି
(ଶିବଦାସ-ଗୁ-ଗୀ-୧୨ ଅ-୨୮୬-୮୯)

ତେଣୁ ସାଧକମାନଙ୍କ ପକ୍ଷରେ ସୁଷୁମ୍ନାନାଡ଼ୀ ହେଉଛି ପ୍ରଧାନ । ସେହିନାଡ଼ିରେ ପବନ ଚାଳିବାକୁ ସେମାନେ ସର୍ବଦା ଯତ୍ନ କରିଥାନ୍ତି ।

ସହଜଯାନରେ ଏହି ସୁଷୁମ୍ନାକୁ ଅବଧୂତି କହନ୍ତି । ଏହି ନାଡ଼ୀ ସହଜରେ ଝୁଲି ହୁଏ ନାହିଁ ବୋଲି ଡୋମ୍ବୀ ଶୁଣ୍ଡିନୀ ଓ ବଙ୍ଗାଳି ପ୍ରଭୃତି ଶବ୍ଦ ମଧ୍ୟ ସୁଷୁମ୍ନା ପରିବର୍ତ୍ତିରେ ବ୍ୟବହାର କରିଥାନ୍ତି ।

ଯଥା—

ଏକ ସେ ଶୁଣ୍ଡିନୀ ଦୁଇଘରେ ସାନ୍ଧଅ
ଚୀଅଣ ବାକଲଅ ବାରୁଣୀ ବାନ୍ଧଅ । ୩ଚ ।
ଆଙ୍ଗଣ ଘରପଣ ସୁଣରେ ବିଆଲି (୨ଚ)

ଇଡ଼ା ଓ ପିଙ୍ଗଳା ପରି ସୁଷୁମ୍ନାର ନିର୍ଦ୍ଦିଷ୍ଟ କାଳ ନ ଥିବାରୁ ତାହାକୁ ଚର୍ଯାରେ ବିଆଳୀ ବୋଲି ମଧ୍ୟ କୁହାଯାଇଛି । ଯଥା—

କମଳ କୁଳିଶ ଘାଣ୍ଟି କରହୁ ବିଆଳୀ । ୪ ଚ ।

ସାଧକ ଏହି ସୁଷୁମ୍ନାନାଡ଼ୀରେ ପବନ ଚାଳିତ କରି ତ୍ରିବେଣୀରେ ଉପସ୍ଥିତ ହୁଏ । ଏହି ତ୍ରିବେଣୀ ଅତିକ୍ରମ କରି ଉପରକୁ ଉଠିଲେ ଲଲାଟର ମଝିରେ ଆଜ୍ଞା ଚକ୍ରରେ ପ୍ରବେଶ କରେ । ସେଠାରେ ମନପ୍ରାଣ ସ୍ଥିର ହେଲେ ଅନାହତ ନାଦ ଶୁଣାଯାଏ । କୁଣ୍ଡଳିନୀ ଉପରକୁ ଉଠିଲେ ଅର୍ଥାତ୍ ମନପବନ ଚୈତନ୍ୟ ସ୍ଥିର ହେଲେ ସ୍ଫୋଟ ଜାତ ହୁଏ । ଏହି ସ୍ଫୋଟକୁ ନାଦ କହନ୍ତି । ନାଦରେ ପ୍ରକାଶ ହୋଇଥାଏ ଏବଂ ଏହି ପ୍ରକାଶର ବ୍ୟକ୍ତରୂପ ହେଉଛି ମହାବିନ୍ଦୁ । ଏହି ବିନ୍ଦୁ ୩ ପ୍ରକାରର ହୋଇଥାଏ । ଇଚ୍ଛା, ଜ୍ଞାନ ଓ କ୍ରିୟା । ଏହି ନାଦ ଓ ବିନ୍ଦୁ ସାରା ସଂସାରକୁ ବ୍ୟାପିରହିଥାଏ । ସଂସାରରେ ସଦାସର୍ବଦା ନାଦ ହେଉଅଛି । ଏହି ନାଦ ବ୍ୟକ୍ତରେ ପ୍ରକାଶିତ ହେଲେ ଅର୍ଥାତ୍ ଲୋକ ଏହି ନାଦକୁ ଅନୁଭବ କଲେ ତାହାକୁ ଅନାହତ ଧ୍ୱନି କହିଥାନ୍ତି । ସାଧାରଣରେ ଘାତପ୍ରତିଘାତ ହେଲେ ନାଦ ବା ଧ୍ୱନିର ସୃଷ୍ଟି ହୋଇଥାଏ । କିନ୍ତୁ ମନପବନ ସ୍ଥିର ହେଲେ ବିନା ଆଘାତରେ ଏହି ନାଦ ଶୁଣିବାକୁ ମିଳେ । ତେଣୁ ଏହାକୁ ଅନାହତ ଧ୍ୱନି କହିଥାନ୍ତି । ବଦ୍ଧଜୀବ ଶ୍ୱାସ ପ୍ରଶ୍ୱାସର ଅଧୀନ ହୋଇରହିଥାଏ । ଏହି ପବନ ବଳରେ ତାହାର ମନ ସର୍ବଦା

ଅନ ହୋଇଥାଏ । ଜୀବର ଶ୍ୱାସ ପ୍ରଶ୍ୱାସ ଇଡ଼ା ପିଙ୍ଗଳା ନାଡ଼ୀରେ ଚଳିଲ୍ଲ ବେଳେ ସୁଷୁମ୍ନାର ବାଟ ବନ୍ଦରହିଥାଏ । ସେଥିଲାଗି ଜୀବର ଇନ୍ଦ୍ରିୟ ବୃତ୍ତି ବହିର୍ମୁଖ ହୋଇଥାଏ ଏବଂ ମନପବନ ମଧ୍ୟ ଚଞ୍ଚଳହୋଇ ରହିଥାଏ । ତେଣୁ ଯେଉଁ ଅଖଣ୍ଡ ନାଦ ଜଗତର ଅନ୍ତରରେ ସାରା ସଂସାରରେ ନିରନ୍ତର ଧ୍ୱନିତ ହେଉଅଛି ସେହି ନାଦକୁ ଚଞ୍ଚଳ-ମନ ଜୀବ ଶୁଣିପାରେ ନାହିଁ । କିନ୍ତୁ ମନପବନ ସ୍ଥିରହେଲେ ସେ ସେହି ଅନାହତ ଧ୍ୱନିକୁ ଶୁଣିଥାଏ । ଅନୁଭବୀ ଲୋକେ କହିଛନ୍ତି—

"ଆଦୌ ଜଳଧି-ଜୀମୂତ ଭେରୀ ଝର୍ଝର ସମ୍ଭବାଃ
ମଧ୍ୟେ ମର୍ଦ୍ଦଳ ଶଙ୍ଖୋତ୍ଥାଃ ଘଣ୍ଟା କାହଳଜାସ୍ତଥା ।
ଅନ୍ତେ ତୁ କିଙ୍କିଣୀ—ବଂଶ—ବୀଣା ଭ୍ରମର ନିସ୍ୱନାଃ ।
ଇତି ନ ନାବିଧାଃ ଶବ୍ଦାଃ ଶ୍ରୂୟନ୍ତେ ଦେହ ମଧ୍ୟଗାଃ ।
ମକରନ୍ଦଂ ପିବନ ଭୃଙ୍ଗୋ ଗନ୍ଧଂ ନାପେକ୍ଷତେ ଯଥା ।
ନାଦାସକ୍ତଂ ତଥା ଚତ୍ତଂ ବିଷୟାନ୍ନହି କାଙ୍କ୍ଷତି

ହଂ ୪-୮୩-୮୫

ପ୍ରଥମରେ ଦେହ ଭିତରେ ସମୁଦ୍ର ଗର୍ଜନ ମେଘଗର୍ଜନ ଓ ଭେରୀର ଶବ୍ଦ ଶୁଣାଯାଏ । ତହିଁ ପରେ ମାଦଳ ଶଙ୍ଖ ଘଣ୍ଟା କାହାଳିର ଶବ୍ଦ ଶୁଣାଯାଏ । ଶେଷରେ କିଙ୍କିଣୀ, ବଂଶୀ ଓ ଭ୍ରମରର ମଧୁର ଗୁଞ୍ଜନ ଶୁଣାଯାଇଥାଏ । ମକରନ୍ଦ ରସରେ ଭ୍ରମର ମାତିଗଲେ ଆଉ ସେ ଯେପରି ଗନ୍ଧକୁ ଅପେକ୍ଷା ରଖେ ନାହିଁ ସେହିପରି ସାଧକର ମନ ଏହି ଧ୍ୱନି ଶୁଣିପାରିଲେ ସେଥିରେ ମଜ୍ଜି ରହେ । ସଂସାର ବିଷୟପ୍ରତି ଆଉ ତାହାର ଆଗ୍ରହ ରହେ ନାହିଁ ।

ମହାପୁରୁଷ ଅଚ୍ୟୁତାନନ୍ଦ ଦାସ ଶୂନ୍ୟ ସଂହିତାରେ ଅନାହତ ଧ୍ୱନିର ବର୍ଣ୍ଣନା କରିଅଛନ୍ତି । ଯଥା—× × ଶବଦ ବ୍ରହ୍ମର ସିନା ଏ ସବୁ ବ୍ୟବସ୍ଥା ।

ଦ୍ୱାଦଶ ପ୍ରକାରେ ଶବ୍ଦ ହୋଇଛି ପ୍ରକାଶ
ଅନାହ୍ଵ ଦେହରେ ସିନା କରିଅଛି ବାସ ।

ଭ୍ରମର ଝିଙ୍କାରି ଶାରି ପାରା ଯେ କପୋତ
କୁକୁଟ ମୟୂର ଶଙ୍ଖ କାଂସ୍ୟଭୁରି ମତ ।
ବାଦ୍ୟ ଘଣ୍ଟା ଧରଣ ଯେ ଦ୍ୱାଦଶ ଶବଦ
ମହାଶୂନ୍ୟ ଭିତରୁ ଯେ ସ୍ଫୁରୁଅଛି ନାଦ ।
ଘାଁ ଘାଁ ବୋଲଣ ଯେଭ୍ରମର ଧ୍ୱନି ବାଜେ
ଘ୍ରୀଁ ଘ୍ରୀଁ ପୁଣ ଝିଙ୍କାରିର ନାଦେ ।
ଘିଁ ଘିଁ ବୋଲି ଶବ୍ଦ ପୁଣି ଶାରଧର
ଘୁ ଘୁ ଶବ୍ଦ ପାରା କପୋତ ଉଚ୍ଚ ର ।
କେ କେ ବୋଲି ପୁଣିନାଦ କୁକୁଟ ମୟୂର
ଭଁ ଭଁ ବୋଲଣ ନାଦ ଶଙ୍ଖ ଯେ କଂସାଳ ।
ଭୁ ଭୁ ଯେ ବୋଲଣ ଧ୍ୱନି ଭୁରି ପୁଣ ଭାଷେ
ଘୋ ଘୋ ଘୋଁ ଘୋଁ ବାଦ୍ୟ ଘଣ୍ଟାରୁ ପ୍ରକାଶେ ।
ଭୃଙ୍ଗ କ'- ଶବଦ ଯେ ଆକାଶରୁ ଖସି ଆସେ ।
ପାରା ସାରି ବେଦନାଦ ଅରୂପ ପ୍ରକାଶେ ।

× × ×

ଏମନ୍ତ ହୋଇଣ ଧ୍ୱନି ପ୍ରକାଶିଣ ଅଛି
ଏଥିର ଉପରେ ଶବ୍ଦ ବ୍ରହ୍ମ ଅଭ୍ୟାସୁଛି । (ଶୂ. ସ. ୪ର୍ଥ ଅ)

ଏହି ଅନାହତ ଧ୍ୱନି ଆଦ୍ୟରୁ ଏକରୂପ । କିନ୍ତୁ ସେ ଧ୍ୱନି ଭିନ୍ନ ଭିନ୍ନ ଉପାଧି ସମ୍ପର୍କରୁ ୧୨ଗୋଟି ଧ୍ୱନିରେ ବିଭକ୍ତ ହୋଇଥାଏ । ଏହିଁର ହେତୁ ଓ ଭିନ୍ନ ଭିନ୍ନ ଉପାଧିର କଥା ବିପ୍ର ନରସିଂହ ଦାସ ରତ୍ନ-ପାଦୁକାରେ ବର୍ଣ୍ଣନା କରିଅଛନ୍ତି । ଯଥା—

ଶବଦ ଦ୍ୱାଦଶ ପ୍ରକାର । କହନ୍ତି ପ୍ରଭୁ ନିରାକାର ।
ପ୍ରଥମେ ସିନ୍ଧୁ ଶବ୍ଦ ବାଣୀ । ଶୁଭଇ ଗୁହ୍ୟ ଚକ୍ରେ ପୁଣି ।
ଦ୍ୱିତୀୟ ଶବଦ ଡାକଇ । ଚଟକ ପ୍ରାୟେକ ଶୁଭଇ ।
ଏମନ୍ତ ଶବଦ ଲିଙ୍ଗରେ । ଚକ୍ର ବୋଲନ୍ତି ଶୁଭେ ଭଲେ

ଆବର ଶବଦ ତୁ ଶୁଣ । କହିବ ନିର୍ବାଣ କହିଣ ।
ରଥ ଶବଦ ପ୍ରାୟେ ହୋଇ । ନାଭି କମଳେ ସେ ଶୁଭଇ ।
ସେଠାରେ ଶବଦ ଶୁଭଇ । ଶାରଦ ମେଘ ପ୍ରାୟେ ହୋଇ ।
ତହିଁ ଉପରେ ହୃଦପୁରେ । ଶବଦ କରୁଛି ସେଠାରେ ।
ତାଳ କଂସାଳ ପ୍ରାୟେ ହୋଇ । ସେ ଚନ୍ଦେ ଶବଦ ଶୁଭଇ ।
ତହିଁ ଉପରେ ଚନ୍ଦ ଜାଣ । କଣ୍ଠରେ ହୋଇଛି ଭିଆଣ ।
ସେଠାରେ ଘଣ୍ଟ ନାଦ ପାଇ । ଯାହା ନିର୍ଣ୍ଣୟେ ବ୍ରହ୍ମ ପାଇ ।
ସେ ଘଣ୍ଟ ନାଦ ନ ଶୁଭିଲେ । ଧ୍ୱନି ପୂରିବ ଶୂନ୍ୟେ ଭଲେ ।
ଲଲାଟ ଭ୍ରୂଲତା ମଧ୍ୟରେ । ଧ୍ୱନି ପୂରିଛି ସେହିଠାରେ ।
ସେ ଧ୍ୱନି ବ୍ରହ୍ମ ବୋଲି କହି । ଏଥିରେ ସଂଶୟ ନ ଥାଇ
ସେ ଧ୍ୱନ ସ୍ୱନ ଯେ ଶୁଣଇ । କୋଟିଏ ପୁରୁଷ ତାରଇ ।
ବଂଶୀର ସ୍ୱନ ପ୍ରାୟେ ନାଦ । କରୁଛ ସେଠାରେ ଶବଦ ।
ଏହାକୁ ଶିଶୁଦେବ କହି । ସେ ଧ୍ୱନ ଶୁଣି ଜାଗିରହି ।

ର. ଘା. ୧୨ଅ-୧୯-୭୪

ଏହି ଅନାହତ ଧ୍ୱନିକୁ ବୈୟାକରଣମାନେ ସ୍ଫୋଟ ବୋଲି କହିଥାନ୍ତି । ଏହି ସ୍ଫୋଟ ବା ଅନାହତ ଧ୍ୱନି ଅଖଣ୍ଡ ବ୍ରହ୍ମତତ୍ତ୍ୱର ବାଚକ । ପ୍ରଣବ ବା ଓଁକାର ସେହି ଧ୍ୱନିର ବାଚକ । ଏହି ଅନାହତ ଧ୍ୱନିକୁ ଶବ୍ଦବ୍ରହ୍ମ ମଧ୍ୟ କହିଥାନ୍ତି । ଯଥା—"ଶବଦ ବ୍ରହ୍ମର ଏ ସିନା ସର୍ବ ବ୍ୟବସ୍ଥା ।" (ଶୂ. ସ. ୪ର୍ଥଅ) ଅଖଣ୍ଡ ବ୍ରହ୍ମ ସତ୍ତାକୁ ବ୍ରହ୍ମ ବା ଶୂନ୍ୟ କହିଥାନ୍ତି । ସେଥିଲାଗି କଥିତ ଅଛି—"ଶବ୍ଦ ବ୍ରହ୍ମଣି ନିଷ୍ଣାତଃ ପରଂ ବ୍ରହ୍ମାଧିଗଚ୍ଛତି ।" ଶବ୍ଦ ବ୍ରହ୍ମରେ ପରିଚିତ ହେଲେ ପରଂବ୍ରହ୍ମ ଲାଭ ହୁଏ ।
ପ୍ରାଚୀନ ଓଡ଼ିଆ ସାହିତ୍ୟରେ ପଦେ୨ ଏହି ଅନାହତ ଧ୍ୱନିର କଥା ବର୍ଣ୍ଣିତ ହୋଇଅଛି । ଯଥା—

ଧ୍ୱନି ଶୁଣନ୍ତେ ଦିବ୍ୟଜ୍ଞାନ ପାଇ । ଗୁରୁଙ୍କ ଦ୍ୱାରଟି କହିଲି ମୋଇ ।

୧୩୬ (ଶ୍ରୀ ଅ ଗୁପ୍ତଟୀକା)

ଷୋହଳ ଡ଼ମ୍ବରୁ ଧୀରେ ଧର ମେରୁମାନ ଭଜନ ନାସିକା ଦ୍ୱାରେ ।
ଅଲପ ବହୁତ ମଧ୍ୟେ ଧର ଚତ୍ତ ଶ୍ରବଣ ଡେ଼ରୁବୁ ଧ୍ୱନଠାରେ । (ଜ୍ଞା.ଚୂ ୨୧୫
ସଚ୍ଚିଦାନନ୍ଦ ବ୍ରହ୍ମରାଶି । ନିର୍ମଳ ଦ୍ୱଶେ ଅବନାଶୀ ।
ଅନହତ ଉପରେ ଅଛି । ନାଦ ଯେ ଦେବ ଶୂନ୍ୟେ ବ୍ୟାପି ।

(ବିରାଟଗୀତା ୮୫

ଶୁଭଇ ଶବଦ ଅନହତ ବାଦ୍ୟ ଶୂନ୍ୟରେ ବାଜୁଛି ଗୁଣା ।
ସେ ରୂପ ଦେଖିଲେ ସଂସାରୁ ତରିବୁ କମ୍ପା ପାଥ ହେଉ ବଣା ।

ବ୍ର. ଗୀ ୧୪୮

ଶୁଣ ହୋ ପଦ୍ମଯୋନ ସୁତ । ଊର୍ଦ୍ଧ୍ୱରୁ ବହେ ସେ ମରୁତ ।
ଯେ ଅଟେ ଅଣାକ୍ଷର ପାଦ । ଶୂନ୍ୟ ମଣ୍ଡଳୁ କ୍ଷରେ ଶବ୍ଦ ।

ବ୍ର· ଶ·  ୩ୟୂକ ।

ଆଶ୍ଚର୍ଯ୍ୟ ଚର୍ଯାଚୟରେ ଏହି ଅନାହତ ଧ୍ୱନିର ବିଷୟ ଅନେକଠାରେ ବର୍ଣ୍ଣିତ ହୋଇଅଛି । ଯଥା—

ଅନହା ଡମ୍ବରୁ ବାଜଇ ବୀରନାଦେ । ୧୧ଚ
ତିନଏଁ ପାଟେଁ ଲାଗେଲଟେ ଅଣହ କସଣ ଘଣ ଗାଜଇ ।

୧୬ ଚ

ଅଣାହା ଦଣ୍ଡୀ ଏକ କଅତ ଅବଧୂଞ୍ଚ । ୧୭ଚ
ଜଅ ଜଅ ଦୁନ୍ଦୁହି ସାଦ ଉଛଲଆଁ । ୧୯ଚ
ଅକଟ କରୁଣା ଡମରୁଲି ବାଜଅ । ୩୧ଚ
ପାର ଉଆଁରେ ସୋଇ ଗଜଇ । ୩୨ଚ ଇତ୍ୟାଦି

ଏହିସବୁ ସପ୍ତାଙ୍ଗ ଯୋଗ ହଂ ଯୋଗ ଓ ରାଜଯୋଗ ଶରୀରଶୁଦ୍ଧି ଓ ମନର ସ୍ଥିରୀକରଣ ଲାଗି କରାଯାଏ । ଏହିସବୁ ସାଧନା ଅତି କଷ୍ଟସାଧ୍ୟ ଓ ଆୟାସ-ପ୍ରଦ । ସେଥିଲାଗି ଚର୍ଯାରେ ଷଟ୍‌ଚକ୍ରର ଉଲ୍ଲେଖ ନାହିଁ । ସହଜଯାନରେ ଅତି ସରଳ ଓ ସହଜ ଉପାୟରେ ଏହି ଯୌଗିକ ପ୍ରକ୍ରିୟାରେ ଚରମଲକ୍ଷ୍ୟ ଶୂନ୍ୟର ଉପଲବ୍ଧି କରୁଥିଲେ । ତେଣୁ ଲୁଇପାଦ "ସଅଳ" ସମାହିଅ କାହି କରଅଇ" ପଦରେ ଯୋଗ ଓ ସମାଧିର ଅନୁପଯୋଗିତା ଦର୍ଶାଇ

ଅଛନ୍ତି । ଓଡ଼ିଆ ସାହିତ୍ୟରେ ସପ୍ତାଙ୍ଗଯୋଗ ଗ୍ରନ୍ଥଛଡ଼ା ଅନ୍ୟାନ୍ୟ ସମ୍ପ୍ରଦାୟର ଗ୍ରନ୍ଥରେ ସପ୍ତାଙ୍ଗ ଯୋଗର ଉଲ୍ଲେଖ ତ ନାହିଁ ବରଂ ନିନ୍ଦା ରହିଅଛି । ଯଥା—

ସପ୍ତାଙ୍ଗ ସାଧିବୁ ତୁ ଯେବେ । ଅନେକ ଦିନେ ସିଦ୍ଧି ହେବେ ।

ବ୍ର. ଶା. ପୃ୯

ତୁ ଯେ ସପ୍ତାଙ୍ଗେ ହେଉବଣା । ବାରନ୍ତଥିରେ ହେଉ ଜଣା ।

ସାଧିଲେ ବହୁଦିନେ ସିଦ୍ଧି । ଏ ମହାକଷ୍ଟ ଜ୍ଞାନବଧି । ପୃ ୫

ଓଡ଼ିଶାର ତାନ୍ତ୍ରିକ ବୈଷ୍ଣବ ଓ ଅଲେଖ[କୁମ୍ଭିପାଟୁଆ]ପ୍ରଭୃତି ସମ୍ପ୍ରଦାୟର ଗ୍ରନ୍ଥରେ ସରଳ ଓ ସହଜ ଉପାୟରେ ଶୂନ୍ୟ ବା ବ୍ରହ୍ମ ଉପଲବ୍ଧିର ବିଷୟ ବର୍ଣ୍ଣିତ ହୋଇଅଛି । ଅଚ୍ୟୁତାନନ୍ଦ ବ୍ରହ୍ମଶଙ୍କୁଳରେ ସେହି କଥାର ଉଲ୍ଲେଖ କରିଅଛନ୍ତି । ଯଥା—

"ସହଜ ଆତ୍ମାର ସାଧନା । ହିମ ଏ ଶୁଣିବ ସାଧକନା । ପୃ୨୯

ଉଜାଣି ନ ତୋଳିବୁ ବାବୁ । ସହଜ ସୂତ୍ରେ ଚଳାଇବୁ । ପୃ୩୩

ଜୀବ ପବନକୁ ଉଜାଣି । ଟେକିବ ମନ ସୂତ୍ରେ ଟାଣି ।

ମନ ଦଉଡ଼ି ଛନ୍ଦ ଦେଇ । ହିକୂଟେ ବାନ୍ଧିବ ନେଇ ।

ବାରଣ ଅନାହତ ନାଦ । ଊର୍ଦ୍ଧ୍ୱକୁ ତୋଳିବ ସେ ପାଦ ।

ପୃ ୧୭ ଇତ୍ୟାଦି

ଇନ୍ଦ୍ରିୟାଣାଂ ମନୋ ନାଥୋ ମନୋନାଥସ୍ତୁ ମାରୁତଃ

ମାରୁତସ୍ୟ ଲୟୋ ନାଥ-ସ୍ତନ୍ନାଥଂ ନାଦମାଶ୍ରୟ ।

ବରାହୋପନିଷଦ୍ ୨-୮୦ ।

ଇନ୍ଦ୍ରିୟର ପ୍ରଭୁ ମନ । ମନର ପ୍ରଭୁ ପବନ । ପବନର ପ୍ରଭୁ ଲୟ । ଲୟର ପ୍ରଭୁ ନାଦ । ଏହି ଅନାହତ ନାଦ ଶୁଣିଲାକ୍ଷଣି ସାଧକର ମନ କ୍ରମେ ୨ ଉପରକୁ ଗମନ କରେ । ଶେଷରେ ସହସ୍ରଦଳ କମଳରେ ପ୍ରବେଶ କଲାକ୍ଷଣି ବ୍ରହ୍ମ ଶୂନ୍ୟ ବା ସହଜର ଉପଲବ୍ଧି କରି ଅଭୂତପୂର୍ବ ଆନନ୍ଦ ଉପଲବ୍ଧି କରେ । ବରାହୋପନିଷଦରେ କୁହା ହୋଇଛି—ଉତ୍ପନ୍ନଶକ୍ତି-ବୋଧସ୍ୟ ତ୍ୟକ୍ତନିଃ ଶେଷକର୍ମଣଃ ।

ଯୋଗିନଃ ସହଜାବସ୍ଥା ସ୍ୱୟମେବ ପ୍ରକାଶତେ । ୨-୭୨

ଯେଉଁ ଯୋଗୀ ସମସ୍ତ କର୍ମ ତ୍ୟାଗ କରେ ଓ ଶକ୍ତି ଜାଗରିତ କରିଥାଏ, ତାହାର ସହଜାବସ୍ଥା ନିଜେ ୨ ପ୍ରକାଶିତ ହୁଏ । ଏହି ଅବସ୍ଥା ବାକ୍ୟରେ ବର୍ଣ୍ଣନା ହୋଇ ପାରେ ନାହିଁ । ଏହା ଅନିର୍ବଚନୀୟ । ଏହି ଅବସ୍ଥାରେ—

ଅନ୍ତଃଶୂନ୍ୟୋ ବହିଃ ଶୂନ୍ୟଃ ଶୂନ୍ୟକୁମ୍ଭଇବାମ୍ବରେ

ଅନ୍ତଃପୂର୍ଣ୍ଣୋ ବହିଃପୂର୍ଣ୍ଣଃ ପୂର୍ଣ୍ଣକୁମ୍ଭ ଇବାର୍ଣ୍ଣବେ ।

ବାହାର ଭିତର ସବୁ ଶୂନ୍ୟ ସମୁଦ୍ରରେ ପୂର୍ଣ୍ଣ ଜଳକୁମ୍ଭପରି ବାହାର ଓ ଭିତର ମଧ୍ୟ ପୂର୍ଣ୍ଣ ରହିଥାଏ । ଏହି ଅବସ୍ଥାକୁ ସହଜ ନିର୍ବାଣ ଓ ତଥତା କୁହାଯାଏ । ଚର୍ଯ୍ୟାରେ ଅନେକ ସ୍ଥାନରେ ସେହି ସୁଖର ବିଷୟ ବର୍ଣ୍ଣିତ ହୋଇଅଛି । ଯଥା—

ମହାରସପାନେ ମାତେଲରେ ତିହୁଅନ ସଏଲ ଉଏଖି । ୧୬ଚ

ହଉଁ ସୁତେଲି ମହାସୁହ ଲୀଳେଁ । ୧୮ଚ

ବିରମାନନ୍ଦ ବିଲକ୍ଷଣ ସୁଧ । ୨୭ଚ

ଶୁଣ ନୈରାମଣି କଣ୍ଠେ ଲଇଆ ମହାସୁହେ ରାତି ପୋହାଇ । ୨୮ଚ । ଇତ୍ୟାଦି

ଏହି ଶୂନ୍ୟ ବା ସହଜ ଅବସ୍ଥା ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଅନେକଠାରେ ବର୍ଣ୍ଣିତ ହୋଇଅଛି । ଯଥା—

ରୂପପ୍ରାୟେ ଦିଶୁଅଛି ସାକ୍ଷାତେ ଅରୂପ ।

ଦେହପ୍ରାୟେ ଦିଶୁଅଛି ଅଦେହ ସ୍ୱରୂପ ।

ଜାଜୁଲ୍ୟ ପରାଏ ଦିଶେ ଜାଜୁଲ୍ୟ ନୁହନ୍ତି ।

ବାଳହିନ ପ୍ରାୟେ ଦିଶେ ଜାଜୁଲ୍ୟ ମୂରତି । ବ୍ର. ନି. ଗୀ

୪ ଅଧ୍ୟାୟ ।

ଦିଶିବ ଶୂନ୍ୟ ବିଦ୍ୟମାନ କାୟା ।

ନିରାକାର ରୂପ ଅରୂପ ଦେହା । ଶୂ. ସ. ୧୫୭ ।

ସେ ବ୍ରହ୍ମ ଆକାର ନୁହଇ । ଅଣଆକାର ସେବୋଲାଇ ।ର.ପା

ଏହି ସ୍ଥାନରେ ସାଧକ ନିଜର ଭାବନା ଅନୁସାରେ ଇଷ୍ଟଦେବର ଦର୍ଶନ ଲାଭ କରିଥାଏ । ଯଥା—

ଶିବାତ୍ମାନଂ ଶୈବାଃ ପରମପୁରୁଷଂ ବୈଷ୍ଣବଗଣା
ଲପନ୍ତୀତି ପ୍ରାୟୋ ହରିହରପଦଂ କେଚିଦପରେ ।
ପଦଂ ଦେବ୍ୟା ଦେବୀଚରଣଯୁଗଳାନନ୍ଦ ରସିକା
ମୁନୀନ୍ଦ୍ରା ଅପ୍ୟନ୍ୟେ ପ୍ରକୃତିପୁରୁଷସ୍ଥାନମମଳମ୍ ।

(ଯୋଗ ବିବରଣ-୪୪)

ଏହି ସ୍ଥାନକୁ ଶୈବମାନେ ଶିବଙ୍କର ସ୍ଥାନ,ବୈଷ୍ଣବମାନେ ବିଷ୍ଣୁଙ୍କର ସ୍ଥାନ ବୋଲି କହନ୍ତି । ଅନ୍ୟମାନେ ହରିହରଙ୍କ ସ୍ଥାନବୋଲି କହନ୍ତି । ଦେବୀଙ୍କର ଭକ୍ତମାନେ ଦେବୀଙ୍କର ସ୍ଥାନ ବୋଲି କହନ୍ତି । ଅନ୍ୟାନ୍ୟ ମୁନିମାନେ ପ୍ରକୃତି ଓ ପୁରୁଷର ସ୍ଥାନ ବୋଲି କହିଥାନ୍ତି ।

ସହଜଯାନରେ ଏହି ଶୂନ୍ୟକୁ ଚାରିସ୍ତରରେ ବିଭାଗ କରିଅଛନ୍ତି । ଯଥା—ଶୂନ୍ୟ, ଅତିଶୂନ୍ୟ, ମହାଶୂନ୍ୟ ଓ ପ୍ରଭାସ୍ୱର ଶୂନ୍ୟ ( ଚର୍ଯ୍ୟାର ଟୀକା) ଶେଷ ବା ଚତୁର୍ଥ ଶୂନ୍ୟରେ ଜ୍ୟୋତିର ଦର୍ଶନ ହୋଇଥାଏ । ତୃତୀୟ ଶୂନ୍ୟପାର୍ଶ୍ୱେ ଜୋହ୍ନବାଟିକେତି ଜ୍ଞାନେନ୍ଦୁ ମଣ୍ଡଳୋଦୟୋ ଜାତଃ (୫୦ ଚଟୀକା) । ତୃତୀୟ ଶୂନ୍ୟପଖରେ ଜହ୍ନବାଡ଼ିକ ଜ୍ଞାନଚନ୍ଦ୍ର ମଣ୍ଡଳର ଉଦୟ ହୋଇଥିଲା । ଏହି ଜ୍ୟୋତିର ବିଷୟ ବୌ. ଗା. ଦୋ ର ୩୪ ପୃଷ୍ଠାରେ ଟୀକାରେ ବର୍ଣ୍ଣିତ ହୋଇଅଛି ।

ଯଥା—ଯୋଜ୍ୟୋତିଃ ପ୍ରସରୀ ପ୍ରଭାସ୍ୱରତରୋ ଯୋଗୀଶ୍ୱରାଣାମସୌ
ସ୍ୱାଙ୍ଗାଦେବ ବିନିର୍ଗତା ହତତମଃ ତୈଲୋକ୍ୟ ମାନାମତି

ଯୋଗୀମାନଙ୍କ ଦେହରୁ ନିର୍ଗତ ଉଜ୍ଜ୍ୱଳ ଜ୍ୟୋତି ଅନ୍ଧାର ଦୂରକରି ତୈଲୋକ୍ୟକୁ ବ୍ୟାପିଅଛି । ଓଡ଼ିଶାର ଭିନ୍ନ ଭିନ୍ନ ସମ୍ପ୍ରଦାୟରେ ମଧ୍ୟ ଚାରି ବା ତିନି ଶୂନ୍ୟ ଗ୍ରହଣ କରିଥାଆନ୍ତି । ଯଥା—

ଅଚ୍ୟୁତାନନ୍ଦ---ଶୂନ୍ୟଂ ଶୂନ୍ୟଂ ମହାଶୂନ୍ୟଂ ଶୂନ୍ୟମଧ୍ୟେ ନିରଞ୍ଜନଃ
ନିରଞ୍ଜନ ମଧ୍ୟେତଜ୍ଜ୍ୟୋତିଃ ତଜ୍ଜ୍ୟୋତିର୍ଭଗବାନ୍ ସ୍ୱୟଂ ।

ଯଶୋବନ୍ତ ଚାରିଶୂନ୍ୟର କଥା କହିଛନ୍ତି । ଯଥା—
ମୋହର ନାହିଁ ଆଦିଅନ୍ତ । ଯେ କାଳେ ନଥାଇ ଜଗତ ।

× × ×

ନଥିଲେ ନାମରୂପଗୁଣ । ସଂସାର ଯେ ବଧି ଭିଆଣ ।
ସେକାଳେ ମୋର ଥାଏ ତନ । ଗଗନ ଯେସନ୍ତେ ସର୍ବଶୂନ୍ୟ ।
ସେ ଶୂନ୍ୟପରେ ଜ୍ୟୋତ ଜାଣ । ତାପରେ ମହାଶୂନ୍ୟପୁଣ ।
ସେ ଶୂନ୍ୟପରେ ମହ.ଠଣା । ଚେତନ.ପରେ ମୋର ଠଣା ।
(ପ୍ରେ.ଭ.ଗୀ. ପୃଷ୍ଠ-୬ ।)

ବଳରାମଦାସ ବିରାଟ ଗୀତାରେ କହିଛନ୍ତି—

ମହାଶୂନ୍ୟରୁ ଶୂନ୍ୟହେଲା । ଶୂନ୍ୟରୁ ପ୍ରଣବ ଜନ୍ମିଲା ।

ଯାମଦ୍ରୋଣମଧ୍ୟ ତନଶୂନ୍ୟରେ ବର୍ଣ୍ଣନା କରିଅଛନ୍ତି । ଯଥା—

ଶ୍ରୀଗୁରୁ ବୋଇଲେ ବାବୁ ଶୁଣ ନିରାକାର ।
ବୁଝାଇ କହିବା ତନଶୂନ୍ୟର ବିଗ୍ଧର ।
ତୁଳ ଶୂନ୍ୟପୁରକୁ ଶୂନ୍ୟେକ ବୋଲି କହି ।
ବାବୁ ନିରାକାର ତୋର ଭୁବନ ଅଟଇ ।
ମହାନନ୍ତ୍ୟ ଭୁବନ ଶୂନ୍ୟେକ ବୋଲିକହି ।
ସେ ଶୂନ୍ୟରେ ରହିଛନ୍ତି ମହିମା ଗୋସାଇ ।
ତହିଁ ଉପରକୁ ଅଛି ଅଲେଖ ଭୁବନ ।
ଦ୍ୱିତୀୟ ଶୂନ୍ୟକୁ ଗୋଟେ ବୋଲୁଅଛି ଶୂନ୍ୟ ।
(ବ୍ର. ନ. ଗୀ. ୧୩ଅ-୩୩-୩୬)

ଏହି ଶୂନ୍ୟରେ ଜ୍ୟୋତିରୂପର ଦର୍ଶନ ହୋଇଥାଏ । ଯୋଗିମାନେ ଏହି ସ୍ୱୟଂଜ୍ୟୋତି ସଚ୍ଚିଦାନନ୍ଦଙ୍କର ଉପାସନା କରିଥାନ୍ତି । ଯଥା—

ନ ବ୍ରହ୍ମା ବିଷ୍ଣୁରୁଦ୍ରୌ ନ ସୁରପତିସୁରା ନୈବ ପୃଥ୍ୱୀ ନ ଚାପୋ
ନୈବାଗ୍ନିର୍ନାପି ବାୟୁର୍ନଚ ଗଗନତଳଂ ନୋଦିଶୋ ନୈବକାଳଃ
ନୋବେଦା ନୈବ ଯଜ୍ଞା ନଚ ରବିଶଶିନୌ ନୋ ବିଧାତା ନକଳ୍ପଃ
ସ୍ୱଜ୍ୟୋତିଃ ସତ୍ୟମେକଂ ଜୟତି ତବପଦଂ ସଚ୍ଚିଦାନନ୍ଦମୂର୍ତ୍ତେ ।
(ସିଦ୍ଧସିଦ୍ଧାନ୍ତପଦ୍ଧତି)

ଏହି ସ୍ଥାନରେ ବ୍ରହ୍ମା ବିଷ୍ଣୁ ଇନ୍ଦ୍ର ନଥାନ୍ତି । ପୃଥିବୀ ଜଳ ତେଜବାୟୁ ଆକାଶ ମଧ୍ୟ ନଥାଏ । ଏହି ସବୁରୁ ବିଲକ୍ଷଣ ସ୍ୱୟଂ ଜ୍ୟୋତି ସତ୍ୟସ୍ୱରୂପ ।

ଏହି ଜ୍ୟୋତି ସଚ୍ଚିଦାନନ୍ଦଙ୍କର ସ୍ୱରୂପ ଅଟେ । ସହଜଯାନରେ ଏହି ଶୂନ୍ୟରେ ଏହି ଜ୍ୟୋତିର କଥା ବର୍ଣ୍ଣିତ ହେବାର ପୂର୍ବରୁ କହିଅଛୁ । ଓଡ଼ିଆ ପ୍ରାଚୀନ ସାହିତ୍ୟରେ ଅନେକ ସ୍ଥାନରେ ଏହି ଜ୍ୟୋତିର ବର୍ଣ୍ଣନା ମଧ୍ୟ ରହିଅଛି । ଯଥା—

ଅବ୍ୟକ୍ତ ବ୍ରହ୍ମ ଶୂନ୍ୟଜ୍ୟୋତି । ତା ତହୁଁ ବିନ୍ଦୁ ଉତପତି ।

× × ×

ମହାଶୂନ୍ୟଯେ ଜ୍ୟୋତିରୂପ । ଜ୍ୟୋତିରୁ ଜାତ ଠୂଳରୂପ ।

(ଭୁଳାଭୁଣା-ଜଗନ୍ନାଥଦାସ)

ଏକାକ୍ଷର ବ୍ରହ୍ମ ଏହି ଜ୍ୟୋତି ବ୍ରହ୍ମରୂପ ।

ଏଥିପରେ ଆଲେକତ ଅଲେଖ ସ୍ୱରୂପ । ଶୂ. ସଂ. ଅଚ୍ୟୁତାନନ୍ଦ ।
ଜ୍ୟୋତିମୟେ ପୁରୁଷ ଅନାଦି ନିରଞ୍ଜନ
ବିନ୍ଦୁରୂପ ଧରି ବିଜେ କରିଛି ସେ ସ୍ଥାନ । ବି. ଗୀ: ୫ଅ ୪୯ ।

ଇତ୍ୟାଦି ।

ଏହି ଶୂନ୍ୟଜ୍ୟୋତିର ଉପଲବ୍ଧି ବେଳେ ଯେଉଁ ଆନନ୍ଦ ଜାତ ହୁଏ ତାହାକୁ ସହଜଯାନରେ ସହଜାନନ୍ଦ କହନ୍ତି । ଏହି ଆନନ୍ଦ ଅନିର୍ବଚମୀୟ । ବଜ୍ରଯାନରେ ଏହି ସୁଖକୁ ଯୁଗନଦ୍ଧ ଅର୍ଥାତ୍ ଯୁଗଳ ମିଳନର ରତିସୁଖତୁଲ୍ୟ ଗ୍ରହଣ କରଥାନ୍ତି ।

ଆଶ୍ଚର୍ଯ୍ୟଚର୍ଯାଚୟର ଟୀକାକାର କହିଛନ୍ତି—ଶ୍ରୀଗୁରୋ ଚତୁର୍ଥୋ-ପଦେଶଂ ଲବ୍ଧ୍ୱା ଭ୍ୟାସେନ ଯୁନନଦ୍ଧରୂପଂ ଦୃଷ୍ଟଂ । ଗୁରୁଙ୍କଠାରୁ ୪ର୍ଥ ଉପଦେଶ ଲାଭ କରି ତହିଁର ଅଭ୍ୟାସ ବଳରେ ଯୁଗନଦ୍ଧରୂପ ଅର୍ଥାତ୍ ଯୁଗଳରୂପ ଦେଖିଥିଲେ । ସେହି ଟୀକାରେ ୬୪ ପୃଷ୍ଠାରେ କୁହାହୋଇ ଅଛି—ଯୁଗନଦ୍ଧ ଫଳୋଦୟୋ ଭବତି । ଅର୍ଥାତ୍—ଯୁଗନଦ୍ଧ (ଯୁଗଳମିଳନ) ଫଳର ଉଦୟ ହୁଏ । ୪୫ପୃଷ୍ଠାରେ କଥିତ ହୋଇଛି—"ହୃଦୟଂ ପ୍ରଭାସ୍ୱରଂ ତାମ୍ବୁଳେନାଧି ମୁଚ୍ୟ କର୍ପୂରଂ ଯୁଗନଦ୍ଧରୂପେଣ ଫଳହେତୁ ସମ୍ବନ୍ଧେନ ତମଧିମୁଚ୍ୟ ।" ଜ୍ୟୋତିରୂପ ହୃଦୟକୁ ତାମ୍ବୁଳପରି ତ୍ୟାଗ କରି କରି ଫଳହେତୁ ସମ୍ବନ୍ଧସ୍ୱରୂପ (କାର୍ଯ୍ୟକାରଣ ରୂପ)

ଯୁଗନଦ୍ଧ ରୂପକୁ (ଯୁଗଳରୂପକୁ) ତ୍ୟାଗକର ।” ପୂର୍ବରେ ମଧ୍ୟ ଏହି ବିଷୟର ସୂଚନା ଦିଆଯାଇଅଛି । ସହଜଯାନରେ ସମ୍ବୃତିଚିତ୍ତ ଓ ବୋଧି ଚିତ୍ତକୁ ଅର୍ଥାତ୍ ଜୀବାତ୍ମା ଓ ପରମାତ୍ମାର ମିଳନକୁ ସ୍ତ୍ରୀ ପୁରୁଷର ମିଳନ ରୂପରେ ଗୃହୀତ ହୋଇଥିଲା । ଓଡ଼ିଶାର ତାନ୍ତ୍ରିକ ବୈଷ୍ଣବମାନେ ଜୀବାତ୍ମା ଓ ପରମାତ୍ମାଙ୍କର ମିଳନ ସୁଖକୁ ରୂପକଛଳରେ ରାଧାକୃଷ୍ଣଙ୍କର ମିଳନ ରୂପରେ ଗ୍ରହଣ କରିଥିଲେ ।

ଯଥା—

ଶ୍ରୀହରି ବୋଇଲେ ପ୍ରିୟା ଶୁଣ ଏକମନେ ।
ପରମ ବସିଛି ଏହୁ ଡାହାଣ ନୟନେ ॥
ବାମ ଯେ ନୟନେ ଜୀବ ଆତ୍ମା ଅଛି ରହି ।
ଜୀବ ଯେ ପରମ ଦୁଇ ଭେଟାଭେଟି ନାହିଁ ॥
ଦୁହିଁଙ୍କର ମଧ୍ୟେ ଅଛି ନିକୁଞ୍ଜ କୁଟୀର ।
ଜୀବ ଯେ ପରମ ଭେଟ ହୁଏ ସେହିଠାର ॥
ଜୀବପରମର ଯେବେ ଏକ ସଙ୍ଗ ହୋଇ ।
ପରମ ଶୂନ୍ୟକୁ ଆତ୍ମା ତେବେ ଭେଟପାଇ ॥

× × ×

ରାଧା-କୃଷ୍ଣ ଜୀବ ଯେ ପରମ ବୋଲି କହି ।
ତିଳ ଅର୍ଦ୍ଧେ ଏହାଙ୍କର ଭେଟାଭେଟି ନାହିଁ ।

ର. ଗୀ. ୧୦-୯୦-୯୫.

| | |
|---|---|
| ସେ ରୂପ ରାଧା କୃଷ୍ଣ ଦୁଇ । | ନାମରେ ରାମ ନାମ ସେହି । |
| ଶ୍ରୀଶକ୍ତି ଭୂଶକ୍ତି ବଗୃର । | ହଂସ ପରମ ହଂସ ପାର । |
| ମୀଳ ଗଉର ରୂପଦୁଇ । | ଅଛନ୍ତି ଛନ୍ଦ ଛନ୍ଦି ହୋଇ । |
| ସେଯୋଗ ମାୟା ବାମ କୂରେ । | ଶ୍ରୀକୃଷ୍ଣ ଦକ୍ଷପାଦ ସଙ୍ଗେ । |
| ରାଧାଙ୍କ ବାମ ସେ ଚରଣ । | ମାତାଙ୍କ ଦକ୍ଷସ୍ତନେ ପୁଣ । |
| ଆବର ବେନି ପାଦ ଦୁଇ । | ଅଛନ୍ତି ଛନ୍ଦାଛନ୍ଦି ହୋଇ । |
| ରାଧାଙ୍କ ବାମ ସେ ଚରଣ । | ଶ୍ରୀକୃଷ୍ଣ କଟିଭାଗେ ପୁଣ । |

ଭୁଜରେ ଭୁଜ ଭଡ଼ାଭଡ଼ । କପାଳୁ କଟିଯାଏ ଜଡ ।
(୪ପ୍ର. ର. ଗୀ. ପୃ ୧-୭୫-୭୯)

ଅଧେରାଧା ଅଧେ କୃଷ୍ଣ ଅର୍ଦ୍ଧ ଆତ୍ମା ଏକ ।
ଅର୍ଦ୍ଧ ଅର୍ଦ୍ଧ ଯୁଗରୂପ ଜାଣନ୍ତି ବିବେକ ।
ଯୁଗ ହୋଇ ଯୁଗଳ ସେ ବୋଲାବନ୍ତି ଯେଣୁ
ଦ୍ୱି ଅର୍ଦ୍ଧେ ପର ବ୍ରହ୍ମ ନାମ ତେଣୁ ।

ଶୂ. ସଂ. ୨୧-୨୨ ପୃ ।

ମହାଯାନ ମତରେ ମନୁଷ୍ୟର ମନ (ଆତ୍ମା) ନିର୍ବାଣ କାମନା କରି ସାଧନାରେ ରତହେଲେ ସେ ପାର୍ଥିବ ନିମ୍ନ ସ୍ତରରୁ କ୍ରମେ ୨ ଉଚ୍ଚସ୍ତରକୁ ଉନ୍ନୀତ ହୋଇଥାଏ । ସେ କ୍ରମେ ୨ କାମ ଲୋକ ଅତିକ୍ରମ କରି ରୂପ-ଲୋକରେ ପ୍ରବେଶ କରେ । ସେ କ୍ରମେ ୨ ଊର୍ଦ୍ଧ୍ୱସ୍ତରକୁ ଯାଇ ଶେଷରେ ଅରୂପ ଲୋକରେ ଉପସ୍ଥିତ ହୁଏ । ଏହି ରୂପଶୂନ୍ୟ ଲୋକରେ ଅଗ୍ରଗତି କଲେ ମହାଶୂନ୍ୟ ସହିତ ମିଳିତ ହୋଇ ନିର୍ବାଣ ଲାଭ କରେ । ଏହା ହେଉଛି ମହାଯାନମାନଙ୍କ ନିର୍ବାଣର ନିଷ୍କର୍ଷ । କିନ୍ତୁ ବଜ୍ରଯାନରେ ଅରୂପ ଲୋକପରେ ନୈରାତ୍ମ୍ୟା ଦେବୀର କଳ୍ପନା ହୋଇଥାଏ । ଏହି ନୈରାତ୍ମା ଦେବୀ ମହାଶୂନ୍ୟର ରୂପକମାତ୍ର । ବୋଧିଲାଭ ଲାଗି ମନ କ୍ରମେ ୨ ନିମ୍ନସ୍ତରରୁ ଊର୍ଦ୍ଧ୍ୱଗତିକରି ଅରୂପଲୋକ ଅତିକ୍ରମ କଲେ ନୈରାତ୍ମା (ନୈରାତ୍ମ୍ୟ) ଦେବୀ ତାହାକୁ ଆଲିଙ୍ଗନ କରନ୍ତି । ସେତେବେଳେ ସାଧକ ରତି ସୁଖପରି ମହାସୁଖ ଉପଲବ୍‌ଧି କରେ ଏବଂ ପାଣିରେ ଲୁଣପରି ଏହି ନୈରାତ୍ମ୍ୟ ଦେବୀଙ୍କ କୋଡରେ ବିଲୀନ ହୋଇଯାଏ । ଏହି ନୈରାତ୍ମ୍ୟ ଦେବୀଙ୍କୁ ଜ୍ଞାନମୁଦ୍ରା ଅବଧୂତିକା ଡୋମ୍ବୀ ଇତ୍ୟାଦି ପ୍ରଭୃତି ମଧ୍ୟ କହନ୍ତି । ନିର୍ବାଣ କାଳରେ ଏହି ସୁଖର ଉପଲବ୍‌ଧିକୁ ସହଜଯାନରେ ସହଜସୁଖ କହିଥାନ୍ତି । ଏହି ସୁରତ ସୁଖର ବିଷୟ ଆଶ୍ଚର୍ଯ୍ୟଚର୍ଯ୍ୟାଚୟରେ ଅନେକ ସ୍ଥାନରେ ବର୍ଣ୍ଣିତ ହୋଇଅଛି । ଯଥା—

× × × ×

ଡ଼ୋମ୍ବୀ ବିବାହିଆ ଅହାରିଉ ଜାମ

× × ×

ଅହଣିସି ସୁରଅପସଙ୍ଗେ ଜଅ
ଜୋଇଣି ଜାଲେ ରଅଣି ପୋହାଅ
ଡ଼ୋମ୍ବୀଏର ସଙ୍ଗେ ଜୋ ଜୋଇ ରତ୍ତେ
ଖଣହ ନ ଛୁଡ଼ଅ ସହଜ ଉନ୍ମତ୍ତେ ।

ଟୀକା—ଏତସ୍ୟା ଜ୍ଞାନମୁଦ୍ରାୟା ସହ ଯୋଗୀନ୍ଦ୍ରସ୍ୟ ଅହର୍ନିଶଂ ସୁରତାଭ-ଷଙ୍ଗୋ ଭବତି । × × × ସଙ୍ଗେ- ସୁରତାଭିଷଙ୍ଗେ । (ଚର୍ଯା ୧୯)

ଏକେଲ ସବରୀ ଏ ବଣ ହିଣ୍ଡଇକର୍ଣ୍ଣକୁଣ୍ଡଲ ବଜ୍ରଧାରୀ
ତିଅ ଧାଉ ଖାଟ ପାଡିଲି ସବରୋ ମହ ସୁଖେ ସେଜ ଛାଇଲୀ ।
ସବରୋ ଭୁଜଙ୍ଗ ନୈରାମଣି ଦାରୀ ପେହ୍ମେରାତି ପୋହ ଇଲୀ ।
ହିଅ ତାମ୍ବୋଲା ମହାସୁଖେ କାପୁର ଖାଇ
ସୁନ ନୈରାମଣି କଣ୍ଠେ ଲଇଆ ମହାସୁହେ ରାତି ପୋହାଇ ।

ଏହି କାମଭୋଗ ଭଳି ମହାସୁଖ ହେଉଛି ବଜ୍ରଯାନ ଓ ସହଜଯାନର ପ୍ରଧାନ ବିଶେଷତ୍ୱ । ମହାଯାନରେ ଏହି ସୁଖର ସ୍ଥାନ ନାହିଁ । ଓଡ଼ିଶାର ତାନ୍ତ୍ରିକ ବୈଷ୍ଣବମାନଙ୍କର ରାଧାକୃଷ୍ଣଯୁଗଳମିଳନ ବା ଜୀବାତ୍ମା ଓ ପରମାତ୍ମାର ମିଳନରେ ଏହି ମହାସୁଖର ପୂର୍ଣ୍ଣପ୍ରତିଷ୍ଠା ରହିଅଛି । ଲିଙ୍ଗ ଓ ଶକ୍ତିର ଆରାଧନାରେ ମଧ୍ୟ ଏହିପରି ଯୌନ ମିଳନ ସୁଖର ପରମ୍ପରା ରହିଅଛି । ଶିବଦାସ ରାଧାମୃତ ଗୀତାରେ କହିଛନ୍ତି ।

ଜ୍ୟୋତି ବିନ୍ଦୁ ପରେ ଯେ ପରମଧାମ ଘର ।
ଚେତନା ବୁଡ଼ିଲି ତୋର ନିଶବଦ ଘର ।
ପ୍ରେମରୂପେ ପରମାତ୍ମା ବିନ୍ଦୁ ରୂପେ ରହି ।
ସେ ସ୍ଥାନେ ଚେତନା ତୋର ରହିଲିରେ ସହି ।
ଅନାମ ହୋଇଣ ଯେ ଶୂନ୍ୟରେ ରହିଥିଲି ।
ରାଧାକୃଷ୍ଣ ନାମ ବୋଲି ନାମ ବୋଲିଇଲି ।
କିଶୋରୀ କିଶୋର ରୂପଦର୍ପଣ ଆକାର ।

ପ୍ରତିବିମ୍ବ ରୂପଧରି ବିଜେ ଅଣାକାର । ୪ର୍ଥ ଅ. ୬୮ପ।
ରାଧାକୃଷ୍ଣ ଜୀବ ଯେ ପରମ ବୋଲି କହି ।
ତିଳଅର୍ଦ୍ଧେ ଏହାଙ୍କର ଭେଦାଭେଦ ନାହିଁ ।
ଶ୍ରୀରାଧା କୃଷ୍ଣ ବେନି ଜନ ।
ଜୀବ ପରମ ରୂପେ ଜାଣ । ୧୧ । ୧୦ଅ ୯°ପ ।
ଜୀବଟି ରାଧା ଅଙ୍ଗହୋଇ ।
ପରମ କୃଷ୍ଣ ଅଙ୍ଗ ସେହି ।୧୨ ଅନନ୍ତ ଦାସ ହେତୁଉଦୟ ଭାଗବତ

ନେପାଳରେ ବଜ୍ରଯାନ ଓ ସହଜଯାନର ବିଶେଷ ଆଦର ରହି-ଅଛି । ନେପାଳରେ ବଜ୍ରଯାନାବଲମ୍ବି ମାନେ ଧର୍ମସାଧନା ଲାଗି ସ୍ତ୍ରୀର ସାହଚର୍ଯ୍ୟ ଗ୍ରହଣ କରନ୍ତି । ତାହାକୁ ସେମାନେ ବିବାହ ନ କରି ଶକ୍ତିଗ୍ରହଣ ବୋଲି କହିଥାନ୍ତି । ବଙ୍ଗଦେଶରେ ସହଜିଆ ଧର୍ମର ପତନ ପରି ନେପାଳରେ ମଧ୍ୟ ବଜ୍ରଯାନର ପତନ ହୋଇଅଛି । କିନ୍ତୁ ଓଡିଶାର ଏହି ଶୂନ୍ୟ ସାଧନା ଓ ଯୋଗର ପ୍ରତିପତ୍ତି ବରାବର ଅକ୍ଷୁଣ୍ଣ ଓ ବିଶୁଦ୍ଧଥିଲା ଏବେ ମଧ୍ୟ ରହିଅଛି । ଓଡ଼ିଆର ପ୍ରାଚୀନ ୧୩ଶ ଶତାବ୍ଦିର କବି ସାରଳା ଦାସ ମହାଭାରତର ବନପର୍ବରେ (୩୦୪ପୃ) ସେହି ସାଧନାର ବିଷୟ ଏହିପରି ଭାବରେ ବର୍ଣ୍ଣନା କରିଅଛନ୍ତି ।

ଗଗନ ଉଜାଣି ଜଳ ପାଟଣା ଶ୍ରୀହଟ୍ଟେ
ଧାତୁ ଲୁଚାଇଲା ନେଇ ଶିଶୁମୁନା ପୀଠେ ।
ଆତଙ୍କରେ କୋଠାରେ ସେ ବୁଡ଼ାଇଲା ଇନ୍ଦୁ ।
ବ୍ରହ୍ମ ଭେଦାଣ ରହିଲା ନ ଚଳିଲା ବିନ୍ଦୁ ।
କାମପାଦ କନିଷ୍ଠ ଅଙ୍ଗୁଳି କାମ ଛନ୍ଦ
ତ୍ରିଗୁଣ ଏକ କରି ବେନି ମେଳା ବାନ୍ଧ ।
ମନ ବଚନ କର୍ମକୁ ଲୟରେ ଉପେକ୍ଷି
ଚେତନା ପୁରୁଷକୁ ସନ୍ନିଧିରେ ନ ଦେଖି ।
ଅଭାବ କାମି ସେ ଅଟେ ଅନାକାର ନାମ ।
ଉଜାଣି ପବନ ଶୃଙ୍ଗାରର ଅବିଶ୍ରାମ ।

ବୈଷ୍ଣବମାନଙ୍କର ରାଧାକୃଷ୍ଣ ରାସଲୀଳା ଏବଂ ଶକ୍ତିଯୁକ୍ତ ଲିଙ୍ଗ-ରୂପରେ ଶିବଙ୍କର ଆରାଧନା ଏହି ସୁରତ ସୁଖ ଉପରେ ପ୍ରତିଷ୍ଠିତ । ଏହା ହେଉଛି—ସାଧକମାନଙ୍କର ପ୍ରତ୍ୟକ୍ଷାନୁଭୂତିର ଫଳ । ଏହା ବ୍ୟବହାରିକ ନ୍ୟାୟ ବା ଅନୁମାନ ଦ୍ୱାରା ସିଦ୍ଧ ହୋଇ ପାରିବ ନାହିଁ ।

ସମସ୍ତ ରହସ୍ୟ ବାଦର ସାଧକ ଓ କବିମାନେ ଭିନ୍ନଭିନ୍ନ ମାର୍ଗରେ ସାଧନା ଓ ଚିନ୍ତା କଲେ ମଧ୍ୟ ଲକ୍ଷ୍ୟସ୍ଥଳକୁ ଏକପ୍ରକାର ବୋଲି କହିଥା'ନ୍ତି । ସେମାନେ ଈଶ୍ୱର ସାକ୍ଷାତ୍‌କାରବେଳେ ପୁରୁଷ ଓ ନାରୀର ସମାଗମ ତୁଲ୍ୟ ପରମ ସୁଖ ଉପଲବ୍ଧି କରିଥାନ୍ତି ।

କବୀରଙ୍କ ରହସ୍ୟ ବାଦରେ ଜୀବାତ୍ମା ଓ ପରମାତ୍ମାର ପ୍ରେମ ହେଉଛି ପ୍ରଧାନ ବିଷୟ । ଏହି ପ୍ରେମ ପତିପତ୍ନୀ ସମ୍ବନ୍ଧଦ୍ୱାରା ପୂର୍ଣ୍ଣତା ଲାଭ କରେ । ସେଥିଲାଗି କବୀର ଜୀବାତ୍ମାକୁ ସ୍ତ୍ରୀ-ରୂପରେ କଳ୍ପନା କରି ପରମାତ୍ମାରୂପୀ ପତିଙ୍କର ଆରାଧନା କରିଛନ୍ତି । ଈଶ୍ୱରଙ୍କର ପ୍ରାପ୍ତି ନ ହେଲା ପର୍ଯ୍ୟନ୍ତ ତାଙ୍କର ଜୀବାତ୍ମା ବିରହିଣୀ ପରି ଦୁଃଖ ଅନୁଭବ କରିଅଛି । ଜୀବାତ୍ମା ଓ ପରମାତ୍ମାଙ୍କ ମିଳନରେ କବୀରଙ୍କ ରହସ୍ୟ ବାଦର ପୂର୍ତ୍ତି ହୋଇଅଛି । କବୀର ଜୀବାତ୍ମାକୁ ପତିବ୍ରତା ପତ୍ନୀରୂପରେ ଗ୍ରହଣ କରିଛନ୍ତି । ୧ ।

ବହୁତ ଦିନେକୀ ଜୋବତୀ ବାଟ ତୁମହାରୀ ରାମ
ଜୀବ ତରସୈ ତୁମ ମିଳନକୂଁ ମନନାହିଁ ବିଶ୍ରାମ ।

କବୀରଙ୍କ ମତରେ ନିରାକାର ଏକେଶ୍ୱରଙ୍କର ଉପାସନା ହୋଇଥାଏ । ସେ ଈଶ୍ୱର ହେଉଛନ୍ତି ସଗୁଣ ଓ ନିର୍ଗୁଣ । ଏହି ଈଶ୍ୱର ଜ୍ୟୋତିର୍ମୟ ମୂରତି ସ୍ୱରୂପ ଅଟନ୍ତି ।୨। ସୁଫୀମତ ମଧ୍ୟ ଏହି ପ୍ରେମ ଉପରେ ପ୍ରତିଷ୍ଠିତ । ସୁଫୀମତରେ ଈଶ୍ୱର ଏକ । ତାହାଙ୍କର ନାମ ହକ । ଈଶ୍ୱର ଓ ଆତ୍ମା ମଧ୍ୟରେ କୌଣସି ଅନ୍ତର ନାହିଁ । ଆତ୍ମା ବନ୍ଦେ ରୂପରେ ନିଜକୁ ପ୍ରସ୍ତୁତ କରିଥାଏ ଏବଂ ବନ୍ଦା ଇଶ୍କ (ପ୍ରେମ) ସୂତ୍ରରେ ଈଶ୍ୱରଙ୍କ ନିକଟରେ

୧—କବିର ଗ୍ରନ୍ଥାବଳୀ ପୃ:

୨—ହିନ୍ଦି ସାହିତ୍ୟର ରଚନାତ୍ମକ ଇତିହାସ ପୃ:୧୬୪

ପହଞ୍ଚିବାକୁ ଚେଷ୍ଟା କରେ । ଏହି ମତରେ ଆତ୍ମା ପରମାତ୍ମା ସହିତ ମିଳିତ ହେଲେ ଏକ ରୂପଧାରଣ କରେ । ଦୁହିଙ୍କ ମଧ୍ୟରେ କିଛି ଭେଦ ରହେ ନାହିଁ । ସୁଫୀ ମତରେ ଈଶ୍ୱରଙ୍କୁ ସ୍ତ୍ରୀ ରୂପରେ ଭାବନା କରିଥାନ୍ତି ଏବଂ ଭକ୍ତକୁ ପୁରୁଷ ରୂପରେ କଳ୍ପନା କରିଥାନ୍ତି । ଭକ୍ତ ପୁରୁଷ ହୋଇ ସ୍ତ୍ରୀରୂପୀ ଈଶ୍ୱରଙ୍କର ସନ୍ତୋଷ ଓ ପ୍ରସନ୍ନତା ଲାଗି ନିଜର ସର୍ବସ୍ୱ ସମର୍ପଣ କରେ ଏବଂ ମିଳନରେ ଭକ୍ତ ଚରିତାର୍ଥ ହୁଏ ।

ନିଃସ୍ୱାର୍ଥ ପ୍ରେମ ଓ ମିଳନ ହେଉଛି ସୁଫୀମତର ପ୍ରାଣ । ପାରସ୍ୟ ଦେଶର ଜଲାଲ୍ ଉଦ୍ଦୀନ୍ ରୁମି ଜାମି ପ୍ରଭୃତି ସମସ୍ତ ସୁଫୀ କବି ଏହି ପ୍ରେମର ବିଶୁଦ୍ଧ ଭାବ ବର୍ଣ୍ଣନା କରିଛନ୍ତି । ଯଥା— ରୁମିଙ୍କର କବିତା—

ମେରେ ବିଗୁଣୋଁକେ ସ୍ପର୍ଶସେ ମେରା କମର ଟୁଟ୍ ଜାତା ହୈ ।
ଓ ପ୍ରିୟତମେ ଆଓରେ କରୁଣାସେ ମେରେ ସିରକା ସ୍ପର୍ଶକରୋ ।
ମେରେ ସିରସେ ତୁମ୍ହାରି ହଥେଲିକା ସ୍ପର୍ଶ ମୁଝେ ଶାନ୍ତି ଦେତା ହୈ ।
ତୁମାହାରା ହାତହୀ ତୁମାହାରା ଉଦାହରଣକା ସୂଚକ ହୈ ।

ଖ୍ରୀଷ୍ଟିୟାନ୍ ଧର୍ମର ରହସ୍ୟ ବାଦର (Mystic)ସାଧକମାନଙ୍କ ଲେଖାରେ ସେହି ପ୍ରେମଭାବ ଦେଖିବାକୁ ମିଳେ । ଯଥା—

"And I saw the holy city new—
Ternsalem coming down out of heaven from God made ready as a bride for her husband." And there came onc of the seven angels who had the seven bowls who were laden with seven last plague; and she spake with me saving come hither, I will shew thee the bride the wife of the lamb × ×

Sucha a soul putting away the shame of her face and no longer mastered by disgrace of her thoughts nor consent to commit adultery by the evil one has communion with the heav-

enly spouse, as being herself simple, for wounded with His lone she long wishes and faints (if I may dare to speak thus) for the beautious spiritual and mystical commerce in the incorrupt union of communion in holiness",

1— Book of Revelation capt. 2181 verse 2
2— „ „ – verse 9'
3— Encyclopaedia of Religion and Ethics vol. 9 ( Mysticism )

"Ye know not hour void in your hope and your living, Depart with your helping list under me. Ye know not that at night fall she draweth near me. There is soft speech between us and words of forgiving. Till at dead of midnight her kisses, Thrill through me.

Pass by me and harken and waken me not" (i) "The song of songs, which is solomons'. Let him ki s me with the kisses of his mouth.

For the love is better than wine.

Thine ointments have a goodly fragrance. Thy name is as ointment poured forth. Therefore do the virgins love thee. Draw me; we will run after thee. The king hath brought me in to his chambers. We will be glad and rejoice in Thee. We will make mention of thy love more than of wine.

Rightly do they love Thee. (2)

ବୃହଦାରଣ୍ୟକ ଉପନିଷଦରେ ଏହି ବ୍ରହ୍ମ ସାକ୍ଷାତ୍ କାରକୁ ସ୍ତ୍ରୀପୁରୁଷ ସମାଗମ ପରି ବର୍ଣ୍ଣନା କରାଯାଇଅଛି । ଯଥା—

ତଦ୍ ବା ଅସ୍ୟୈତଦତିଛନ୍ଦା ଅପହତପାପ୍ମାଭୟଂ ରୂପଂ ତଦ୍ ଯଥା—ପ୍ରିୟୟାସ୍ତ୍ରିୟା ସମ୍ପରିଷ୍ୱକ୍ତୋ ନ ବାହ୍ୟଂ କିଞ୍ଚନ ବେଦନାନ୍ତର ମେବମେବାୟଂ ପୁରୁଷଃ ପ୍ରାଜ୍ଞେନାତ୍ମନା ସଂପରିଷ୍ୱକ୍ତୋ ନ ବାହ୍ୟଂ କିଞ୍ଚନ ବେଦନାନ୍ତରଂ । ୩ ।

1. William Moris.
2. Ecclesiastes (the sog of songs)
3. ବୃହ—ଉପ – KK iii 21

ସେଥିଲାଗି ଓଡ଼ିଶାର ରହସ୍ୟବାଦୀ (mystic) ସାଧକ ବୈଷ୍ଣବଗଣ ଏବଂ ମହିମାଧର୍ମାବଲମ୍ବୀମାନେ ବ୍ରହ୍ମସାକ୍ଷାତ୍କାରକୁ ସ୍ତ୍ରୀସମ୍ଭୋଗପର ବର୍ଣ୍ଣନା କରିଥାନ୍ତି ।

ଯଥା—

ଅଲେଖ ଶକ୍ତିରେ ପୀରତି । ଯେ କରେ ନ ଥାଇ ତା ଖ୍ୟାତି ।
ପ୍ରୀତି ନ କଲେ ନୋହେ ରହି । ଲେଉଟି ମାୟାରେ ପଡ଼ଇ ।
"ବାମ ନାସିକା ଯେବେ ବହି । ଇଙ୍ଗୋବଣ୍ଠ ସେ ବୋଲି କହି ।
ଏଥି କାରଣ ବୁଝିଯେବେ । ରତି କରନ୍ତି ସର୍ବଭାବେ ।
ଯେ ହନେ ପଦ୍ମ ଫୁଟିଥିବ । ତାହା ବୁଝିଣ ଯୁଗ୍ମ ହେବ ।
ଏଭାବେ ରତି ହେବ ଯେବେ । ବୃକ୍ଷ ଅଙ୍କୁର ଉଠେ ତେବେ ।୨ ।
"କୋଟିଏ ସୁଖ ତେତେବେଳେ । ଆଦ୍ୟ ଅନାଦ୍ୟ ସ୍ନେହଭୋଳେ ।
ନାଦ ମୁଣ୍ଡାରେ ଶ୍ରୀଚୁମ୍ବନ । ସ୍ନେହେ ବୋଲଇ ଜୀବଧନ ।
ଚଉଷଠୀ ବନ୍ଧ ସେହିଠାରେ । ବଂଶ ଲକ୍ଷଣ ସେତେବେଳେ । (୧)

× × ×

ଭାବରେ ବନ୍ଦୁ ଭଗବାନ । ଶକ୍ତିଙ୍କ କରନ୍ତି ଗମନ ।

ଏହି ସମସ୍ତ ପଦରେ ଲୌକିକ ଅର୍ଥ ଅଶ୍ଳୀଳ ହେଲେ ମଧ୍ୟ ଏହାର ପାରମାର୍ଥିକ ଅର୍ଥ ଭିନ୍ନ ପ୍ରକାର । ଆଶ୍ଚର୍ଯ୍ୟଚର୍ଯ୍ୟାଚୟରେ ମଧ୍ୟ ଏହି ପରି ଅଶ୍ଳୀଳ ଅର୍ଥ ଲୌକିକ ଅର୍ଥରେ ପ୍ରଯୁକ୍ତ ହୋଇଅଛି ଏବଂ ପାରମାର୍ଥିକ ଅର୍ଥରେ ଭିନ୍ନ ଅର୍ଥ ରହିଅଛି । ଯଥା—

ଆଙ୍ଗଣ ଘରପଣ, ଶୁଣ, ଗୋ ବିଆଣ୍ଡି
× × ×
ଶୁଷୁର ନିଜ ଗେଲ ବହୁଡ଼ୀ ଜାଗଅ (ଦ୍ୱିତୀୟ ଚର୍ଯ୍ୟା)
ସମସ୍ତ ଚତୁର୍ଥ ଚର୍ଯ୍ୟାଟି ଲୌକିକ ଅର୍ଥରେ ପୂର୍ଣ୍ଣ ଅଶ୍ଳୀଳ ଅର୍ଥ ପ୍ରକାଶ କରେ ।

ଆଲୋ ଡ଼ୋମ୍ବୀ ତୋଏ ସମ କରିବ ମ ସାଙ୍ଗ
× × ×
ଏକସ ପଦମା ଚୌଷଠୀ ପାଖୁଡ଼ୀ । ଇତ୍ୟାଦି । (୧୦ମ ଚର୍ଯ୍ୟା)

।୧—ନିର୍ଗୁଣମହାତ୍ମ୍ୟାମ୍ଭ ।
।୨—ବିରାଟ ଗୀତା-ବଳରାମଦାସ, ୩ୟ ଅଧ୍ୟାୟ । ।

ଅହିଣିସି ସୁରଅ ପସଙ୍ଗେ ଯାଅ । ଜୋଇଣି ଜାଲେ ରଅଣି ପୋହାଅ ।
ଡ଼ୋମ୍ବୀ ଏର ସଙ୍ଗେ ଜୋ ଜୋଇରତ୍ତୋ । ଖଣହ ନ ଛାଡ଼ଅ ସହଜଉନ୍ମତ୍ତୋ ।
× × × (ଊନବିଂଶ ଚର୍ଯ୍ୟା)
ସେହିପରି ୨୭ଚର୍ଯ୍ୟାରେ—

ଗୁଳଅ ଶଶହର ମାଗେ ଅବଧୂଇ
ରଅଣଉ ସହଜେ କହେଇ
ଗୁଳଅ ଶଶଧର ଗଉ ନିବାଣେ
କମଳିମୀ କମଳ ବହଇ ପଣାଳେ ।
× × ×

ଏଠାରେ ଲୌକିକ ଅଥରେ ଶଶଧର ଗୁଳନ କାମଶାସ୍ତ୍ରରେ ଚନ୍ଦ୍ର ଗୁଳନକୁ ଲକ୍ଷିତ କରାହୋଇଅଛି । ବଳରାମ ଦାସ ବିରାଟ ଗୀତାରେ ଏହି ଚନ୍ଦ୍ର-ଗୁଳନର କଥା ବର୍ଣ୍ଣନା କରିଅଛନ୍ତି । ଯଥା—

ପ୍ରତିପଦ ଦିନ ଚନ୍ଦ୍ର ନାହିଁ । କୃଷ୍ଣକାଳରେ ଗୋପ୍ୟହୋଇ ।
ଦ୍ୱିତୀୟା ଦିନ ଲଲାଟରେ । ତୃତୀୟାଦିନ ଚକ୍ଷୁଦ୍ୱାରେ
ଚତୁର୍ଥୀଦିନ ଚନ୍ଦ୍ର ପୁଣ । ନାସାରେ କରଇ ଆସନ
ପଞ୍ଚମୀ ଦିନ ଓଷ୍ଠେ ଥାଇ । ଷଷ୍ଠରେ କଣ୍ଠରେ ବସଇ

ସପ୍ତମୀ ଦିନ ହୃଦମଧ୍ୟେ । ଅଷ୍ଟମୀଦିନ ନାଭିପଦ୍ମେ ।
ନବମୀ ଦିନ ଗୁହ୍ୟେ ଥାଇ । ଦଶମୀ ଇନ୍ଦ୍ରିରେ ବସଇ ।
ଏକାଦଶୀରେ ଜାନୁମଧ୍ୟେ । ଦ୍ୱାଦଶୀ ଦିନ ଆଣ୍ଠୁ ଭାଗେ ।
ତ୍ରୟୋଦଶୀରେ ନଳେ ଥାଇ । ଚତୁର୍ଦ୍ଦଶୀରେ ଗଣ୍ଠି ରହି ।
ଅମାବସ୍ୟା ଦିନେ ପାଦେ ଥାଇ । ବିଷ୍ଣୁ କଳାରେ ଗୋପ୍ୟହୋଇ ।
ସଖୀଙ୍କ ପଞ୍ଚଦଶ କଳା । ସେ ବ୍ରହ୍ମରୂପ ଏକ କଳା ।
ଏମନ୍ତେ ଷୋଳ କଳା ହୋଇ । ନିତ୍ୟକୁ ଶିରେ ଛନ୍ତି ବହି ।
ଏଣୁ ସ୍ତ୍ରୀଙ୍କ ଷୋଳକଳା । ଶୃଙ୍ଗାର ଜାଣି ଚନ୍ଦ୍ର କଳା ।
ଯେ ଦିନ ଯେଉଁଠାରେ ହୋଇ । ଶୃଙ୍ଗାର ଜାଣି ତହିଁ ନେଇ ।
ଅଙ୍ଗୁଷ୍ଠି ନଖରେ ଶୃଙ୍ଗାର । ଅର୍ଜ୍ଜୁନେ କହିଲେ ମାଧବ ।

× × ×

ପାରମାର୍ଥିକ ଭାବରେ ଚନ୍ଦ୍ରକଳାର ଅର୍ଥ ଏବଂ ଚର୍ଯ୍ୟାର ଅର୍ଥରେ ଦିଆ-ହୋଇଅଛି । ଏଥିରୁ ସ୍ପଷ୍ଟ ପ୍ରତିପାଦିତ ହୁଏ ଚର୍ଯ୍ୟାଚର୍ଯ୍ୟର ଲେଖକ ବୌଦ୍ଧ ସିଦ୍ଧାଚାର୍ଯ୍ୟମାନେ ପାରମାର୍ଥିକ ତତ୍ତ୍ୱକୁ ଅଶ୍ଳୀଳଭାବରେ ପ୍ରକାଶ କରୁ-ଥିଲେ । ଓଡ଼ିଶାର କବିମାନେମଧ୍ୟ ସେହିପରି ଅଶ୍ଳୀଳଭାବରେ ପାରମାର୍ଥିକ ତତ୍ତ୍ୱକୁ ପ୍ରକାଶ କରି ଆସୁଛନ୍ତି ଏବଂ ଅଦ୍ୟାବଧି ମଧ୍ୟ କରୁଅଛନ୍ତି । କିନ୍ତୁ ଓଡ଼ିଶାର ଧର୍ମଭାବ ପରମ୍ପରା ଅକ୍ଷୁଣ୍ଣ ଥିବାରୁ ଅଶ୍ଳୀଳଭାବ ପ୍ରକାଶହେଲେ ମଧ୍ୟ ଲୋକଙ୍କ ମନରେ ବିକାର ଆସେ ନାହିଁ । ପୂଜକ ପ୍ରତ୍ୟହ ଶିବଲିଙ୍ଗ ପୂଜାକଲେ ମଧ୍ୟ ସେ ଯେପରି ସେଠାରେ ଅଶ୍ଳୀଳତା ଉପଲବ୍ଧି କରେନାହିଁ। ଆମ୍ଭେମାନେ ଜନ୍ମଭୂମି ପ୍ରଭୃତି ଶବ୍ଦ ବ୍ୟବହାର କଲେ ମଧ୍ୟ ଅଶ୍ଳୀଳତା ବୋଧ ହୁଏନାହିଁ । ସେହିପରି ଏ ପାରମାର୍ଥିକ ତତ୍ତ୍ୱ ଅଶ୍ଳୀଳ ଭାବରେ ପ୍ରକାଶିତ ହେଲେ ମଧ୍ୟ ଲୋକମାନେ ପରମ୍ପରା ପ୍ରଚଳିତ ରୂଢ଼ ଅର୍ଥ ସହିତ ପରିଚିତ ଥିବା ଯୋଗୁଁ ସେହି ସବୁ ପ୍ରୟୋଗରେ ଅଶ୍ଳୀଳଭାବ ଗ୍ରହଣ କରୁ ନ ଥିଲେ । ସେଥିଲାଗି ଓଡ଼ିଶାରେ ଓଡ଼ିଶାର ତାନ୍ତ୍ରିକ ବୈଷ୍ଣବ-ଧର୍ମ ଏବଂ ମହିମା ଧର୍ମ ବିଶୁଦ୍ଧଭାବରେ ଚଳିଆସୁଅଛି ବଙ୍ଗ-ଦେଶର ସହଜିଆଧର୍ମପରି କଦର୍ଯ୍ୟାକାର ଧାରଣ କରି ନାହିଁ ।

ଉପନିଷଦ୍ ଓ ତନ୍ତ୍ରରେ ଶିବ ବିନ୍ଦୁରୂପରେ ଏବଂ ଶକ୍ତି ରଜରୂପରେ ବର୍ଣ୍ଣିତ ହୋଇଅଛି । ସେହି ବିନ୍ଦୁ ଓ ରଜ ସଂଯୋଗରୁ ସୃଷ୍ଟିର କଳ୍ପନା ହୋଇଅଛି ।

ବିନ୍ଦୁଃ ଶିବୋ ରଜଃ ଶକ୍ତିରୁଭୟୋ ର୍ମେଳନାତ୍ ସ୍ୱୟମ୍
ସ୍ୱୟଂ ଭୂତାନି ଜାୟନ୍ତେ ସ୍ୱଶକ୍ତ୍ୟା ଜଡରୂପୟା ।

(ତେଜୋବିନ୍ଦୁ ଉପନିଷଦ୍ ୨ ବଲ୍ଲୀ ୧୫)

ସହଜଯାନ ଓ ବଜ୍ରଯାନରେ ବିନ୍ଦୁ ଓ ବଜ୍ରର ସଂଯୋଗରୁ ସୃଷ୍ଟି-ହେବାର ବର୍ଣ୍ଣନା ରହିଅଛି । ଓଡ଼ିଶାର ପଞ୍ଚସଖାମାନେ ମଧ୍ୟ ବିନ୍ଦୁ ସହିତ ରଜର ମିଳନରୁ ସୃଷ୍ଟି ହୋଇଥିବାର ବର୍ଣ୍ଣନା ଭିନ୍ନ ୨ ସ୍ଥାନରେ କରିଛନ୍ତି ।

ତହିଁପରେ ନିର୍ଗୁଣଟି ବିନ୍ଦୁରୂପ ରହି
ଦୁହିଙ୍କର ଅଧର ଚୁମ୍ବନ୍ତ ରହି ଦୁଇ ।
ପ୍ରେମ ସିନ୍ଧୁ ଉଚ୍ଛୁଳିଲା ମଧ୍ୟରୁ ସେ ହୋଇ । ରାଧାମୃତ ଗୀତା
୨ୟ ଅ. ।

ସ୍ତ୍ରୀ ପୁରୁଷ କାମ ବଶେ । ସେ ଯେବେ ରମନ୍ତି ହରଷେ ।
କାମ ପ୍ରବଳେ ରଜବୀର୍ଯ୍ୟ । ଏକତ୍ର ହୁଅଇ ସବେଜ ।
ତହିଁରୁ ଆତ୍ମା ପ୍ରକାଶଇ । ସେ କଥା ମାତା ନ ଜାଣଇ ।

(ନିର୍ଗୁଣ ମାହାତ୍ମ୍ୟ ୧୭ଅ-୨୫-୨୭)

ସାଂଖ୍ୟମତରେ ପ୍ରକୃତିପୁରୁଷର ମିଳନରେ ସୃଷ୍ଟିର ଉତ୍ପତ୍ତି ହେଲା ପରି ଏହି ତାନ୍ତ୍ରିକ ମତମାନଙ୍କରେ ଶିବ ଓ ଶକ୍ତି ବା ବିନ୍ଦୁ ଓ ଅର୍ଦ୍ଧ-ମାତ୍ରାରେ ଅର୍ଥାତ୍ ରଜବୀର୍ଯ୍ୟ ମିଳନରୁ ସୃଷ୍ଟିଉତ୍ପତ୍ତିର କଳ୍ପନା କରା-ହୋଇଅଛି । ଓଁକାରର ଉପରେ ବିନ୍ଦୁ ସ୍ଥୂଳବିନ୍ଦୁ ଓ ତହିଁ ତଳେଥିବା ଅର୍ଦ୍ଧମାତ୍ରାକୁ ଯୋନି ବା ରଜବୋଲି କଳ୍ପନା କରିଥାନ୍ତି । ସାଂସାରିକ ସୃଷ୍ଟିପ୍ରକ୍ରିୟାର ଅନୁରୂପ ଏହି ସୃଷ୍ଟି ପ୍ରକ୍ରିୟା ଅନୁସାରେ ଚିତ୍‌ଶକ୍ତି ବା ରାଧାକୃଷ୍ଣଙ୍କର ପ୍ରେମଭାବର ସୃଷ୍ଟି ହୋଇଅଛି ।

ସୁତରାଂ ସହଜଯାନରେ ମଧ୍ୟ ଯୁଗନଦ୍ଧ ରୂପର କଳ୍ପନା ରାଧାକୃଷ୍ଣଙ୍କ ଯୁଗଳରୂପରେ ପର୍ଯ୍ୟବସିତ ହୋଇଅଛି । ସେହି ଭାବଧାରା ଓ ସାଧନାମାର୍ଗ ଓଡ଼ିଶାର ତାନ୍ତ୍ରିକ ବୈଷ୍ଣବ ଧର୍ମ ଓ ମହିମାଧର୍ମରେ ପ୍ରତିଫଳିତ ହୋଇ ନାମାନ୍ତର ଗ୍ରହଣ କରିଅଛି । ସହଜଯାନରେ ଶୂନ୍ୟ କରୁଣା ଓ ଆନନ୍ଦ ହେଉଛି ମୂଳତତ୍ତ୍ୱ; ସାଧନା ତହିଁର ଉପଲବ୍ଧିର ହେଉଛି ମାର୍ଗ । ଓଡ଼ିଶାରେ ତାନ୍ତ୍ରିକ ବୈଷ୍ଣବମାନଙ୍କର ଉପେୟ ଓ ଉପାୟ ମଧ୍ୟ ସହଜଯାନର ସହିତ ସମାନ । ସହଜଯାନପରି ଏମାନଙ୍କ ଲକ୍ଷ୍ୟ ହେଉଛି ଶୂନ୍ୟ କରୁଣା ବା ପ୍ରେମ ଓ ଆନନ୍ଦ । ତାନ୍ତ୍ରିକ ସାଧନା ହେଉଛି ସେହି ତତ୍ତ୍ୱ ଉପଲବ୍ଧିର ପ୍ରଧାନ ଉପାୟ । ତେଣୁ ବଜ୍ରଯାନ ଓ ସହଜଯାନର ପାରମ୍ପରିକ ଧାରା ଅଦ୍ୟାପି ଓଡ଼ିଶାରେ ନିଷ୍କଳଙ୍କ ଭାବରେ ଚାଲିଅଛି । ଓଡ଼ିଶାରେ ସହଜଯାନର ପ୍ରକୃତ ତତ୍ତ୍ୱ ଉପଲବ୍ଧି କରିଥିବାରୁ ସେହି ଧର୍ମ ବିକୃତ ହୋଇନାହିଁ । ଏହି ସହଜଯାନର ପ୍ରେମଧର୍ମ କ୍ରମେ ୨ ପରକୀୟାପ୍ରୀତିରେ ପରିଣତ ହୋଇ ରାଧାକୃଷ୍ଣଙ୍କର ପରକୀୟା ମାଧୁର୍ଯ୍ୟଭାବରେ ପ୍ରକଟିତ ହୋଇଥିଲା । ଏହି ପରକୀୟା ମାଧୁର୍ଯ୍ୟ-ଭାବ ମଧ୍ୟ ପ୍ରଥମ ଓଡ଼ିଶାରୁ ପ୍ରବର୍ତ୍ତିତ ହୋଇଥିଲା । ଓଡ଼ିଶାର ଶ୍ରେଷ୍ଠ କବି ଜୟଦେବ ପ୍ରଥମରେ କାନ୍ତକୋମଳ ପଦାବଳୀରେ ଏହି ମାଧୁର୍ଯ୍ୟଭାବ ଗାନ କରିଥିଲେ । ତହିଁପରେ ଚୈତନ୍ୟ ଦେବ ଓଡ଼ିଶାରୁ ରାୟ ରାମାନନ୍ଦ-ଙ୍କଠାରୁ ରାଧାକୃଷ୍ଣଙ୍କର ପରକୀୟାଭାବ ଓ ମାଧୁର୍ଯ୍ୟରସର ପୂର୍ଣ୍ଣ ତତ୍ତ୍ୱ ଲାଭ କରିଥିଲେ ଏବଂ ସେ ରୂପ ଓ ସନାତନ ଗୋସ୍ୱାମୀଙ୍କୁ ସେହି ବିଷୟ ଅବଗତ କରାଇଥିଲେ । ଚୈତନ୍ୟ ଦେବ ସେହି ପରକୀୟା ପ୍ରୀତିର ବାହ୍ୟ ରୂପକୁ

Cultural heritage of India Vol. II 152-153.
A survey of Sri Chaitanya monument.

ଜନସମାଜରେ ପ୍ରବର୍ତ୍ତିତ କରିଥିଲେ । କିନ୍ତୁ ପରେ ଚୈତନ୍ୟଦେବ ପଞ୍ଚସଖାଙ୍କର ପ୍ରଭାବରେ ଆସି ତାନ୍ତ୍ରିକ ବୈଷ୍ଣବ ମତ-ବାଦରେ ପ୍ରଭାବିତ ହୋଇଥିଲେ । ତେଣୁ ସେ ଦାକ୍ଷିଣାତ୍ୟରେ ରାଧାତନ୍ତ୍ର

ସୁଖର ଅଳ୍ପାଂଶ ଲାଭ କରି ମଧ୍ୟ ପରମ ଆନନ୍ଦ ଲାଭ କରିଥିଲେ । ଏହି ରାଧାତନ୍ତ୍ରର ବିଷୟ ଓଡ଼ିଶାର ତାନ୍ତ୍ରିକ ବୈଷ୍ଣବ ଧର୍ମର ମତ ଭିନ୍ନ ଅନ୍ୟ କିଛି ନୁହେଁ । ସେଥିଲାଗି ଚୈତନ୍ୟ ଦେବଙ୍କର ଅନ୍ତିମ କାଳବେଳକୁ ଏହି ପଞ୍ଚ ସଖା ତାହାଙ୍କର ପରମ ଅନ୍ତରଙ୍ଗ ହୋଇ ରହିଥିଲେ । ଆଗରୁ କୁହା ହୋଇଅଛି—ଜଗନ୍ନାଥ ଦାରୁବ୍ରହ୍ମରୂପରେ ପରମ ବ୍ରହ୍ମ ବା ଶୂନ୍ୟର ପ୍ରତୀକ । ତେଣୁ ଓଡ଼ିଶାର ବୈଷ୍ଣବମାନେ ପୁରୁଷୋତ୍ତମ କ୍ଷେତ୍ରକୁ ମହା-ନିତ୍ୟସ୍ଥଳୀ ବୋଲି ଗ୍ରହଣ କରି ଅଛନ୍ତି । ଯଥା—

"କହନ୍ତି ପ୍ରଭୁ ଭଗବାନ । ସେହି ଗୁପତ ନିତ୍ୟସ୍ଥାନ ।
ଗୁପତ ବଇକୁଣ୍ଠ ଏହି । ଶୁଣ ଅର୍ଜୁନ ମନଦେଇ ।
ମୁକତି ପଞ୍ଚକୋଶ ପୁର । ଶଙ୍ଖନାଭିମଣ୍ଡଳ ଜାଣ ।
ସିଂହଦୁଆରେ ମୁକ୍ତିହାଟ । ଦକ୍ଷିଣ ଭାଗେ ସ୍ୱର୍ଗବାଟ ।
× × ×
ଏଥି ଚନ୍ଦନ ବଟେ ଥାଇ । ଭୁଷଣ୍ଡ ରାମ ନାମ ଧ୍ୟାୟି ।
ତଳେ ରୋହିଣୀର କୁଣ୍ଡ । କାରୁଣ୍ୟ ଜଳ ଏଥିରୁଣ୍ଡ ।
× × ×
କଳାପାବଚ୍ଛ ଅରଗଳ । ସେଠାରୁ ମହା ନିତ୍ୟସ୍ଥଳୀ ।
ସେଠାରେ ହାସ ବୃନ୍ଦାବନ । ଶ୍ରୀ ରାଧାକୃଷ୍ଣ ତା ଭିତର ।
× × ×
ଓଁକାର ବ୍ରହ୍ମବିନ୍ଦୁ ସେହି । ଅନନ୍ତ ଶେଷ ଦେବ କହି ।
× × ×
ଡାହାଣେ ବଳଭଦ୍ର ରୂପ । ସେହି ସେ ବିରାଟ ସ୍ୱରୂପ ।
× × ×
ବାମେ ଶ୍ରୀ ଜଗନାଥ ଏହି । କଳା ଅଙ୍ଗରେ ବିଜେ ସେହି ।
ମକାରୁ ପରମ ଶରୀର । ଯାର ମାୟାରେ ଏ ସଂସାର ।
କୈବଲ୍ୟ ମୁକ୍ତି ଦାତା ଏହି । ସେହି ପୁଣ ମୋର ନିତ୍ୟ ଦେହି ।
ମଧ୍ୟେ ସୁଭଦ୍ରା ବ୍ରହ୍ମାରୂପ । ରାଧାଙ୍କ ଅଙ୍ଗେ ତହିଁ ଗୋପ୍ୟ ।
× × ×

ସକଳ ତୀର୍ଥଙ୍କର ଥାନ । ଦେଖ ଏ ନତ୍ୟ ନୀଳାଚଳ ।
ଗୋପ ମଥୁରା ବୃନ୍ଦାବନ । ଦ୍ୱାରକା ଆଦ୍ଧ ଯେତେ ସ୍ଥାନ ।
ସକଳ ଏହୁ ସ୍ଥାନେ ଥାଇ । ଆବର କାଶୀ ମଧ୍ୟ ହୋଇ ।
କୋଟିଏ ତୀର୍ଥ ଏ କ୍ଷେତ୍ରରେ । ମହିମା କହିଲେ ନ ସରେ ।
ପ୍ରେ· ଭ· ଗୀ· ୫ ଅ-୭୦-୧୯୦ ।

ଦିବାକର ଦାସଙ୍କ ଜଗନ୍ନାଥ ଚରିତାମୃତ—
ବଳରାମ ଦାସଙ୍କ ବେଦାନ୍ତସାର ଗୁପ୍ତଗୀତାରେ---

ବସ୍ତୁର ଅବତାରମାନେ । ଭାରତ ଖଣ୍ଡେ ଏ ବଧାନେ ।
ଉଶ୍ୱାସି ରଖନ୍ତି ସେ ମହୀ । ସକଳ ଭାର ନାଶି ତହିଁ ।
ସର୍ବଦା ନୀଳାଦ୍ରିରେ ସ୍ଥିତ । ଏଣୁ ସକଳ ଜାତ ହୁନ୍ତ ।
ସମସ୍ତ ଅବତାର ମାନ । ଜାତହୋଇଣ ପୁଣ ପୁଣ ।
ଏ ନୀଳଗିରି ନତ୍ୟଦୁଇ । ଅଭିନ୍ନ ଅଭେଦ ଅଟଇ ।
ଦୀପରୁ ଦୀପ ଲଗାଇଲେ । ତେଜ ଯେସନେ ସମତୁଲେ ।
କାର୍ଯ୍ୟ କାରଣ ଭିନ୍ନ ନୋହି । ଶ୍ରୀକୃଷ୍ଣ ଜଗନ୍ନାଥ ସେହି ।
ଗୋପ ମଥୁରା ଦ୍ୱାରବତୀ । ଶ୍ରୀକୃଷ୍ଣ ଅଯୋଧ୍ୟାର ପତି ।
ଏମାନେ ନତ୍ୟ ସ୍ଥଳୁଁ ଜାତ । ଅଭିନ୍ନ ନ କରହୋ ପାର୍ଥ ।
ଏ ସର୍ବ ନତ୍ୟରୁ ନିର୍ମାଣ । ଶ୍ରୀକୃଷ୍ଣ କ୍ରୀଡା ରସସ୍ଥାନ ।
ଜମ୍ବୁଦ୍ୱୀପ ଅଟଇ ଯେ ଲକ୍ଷେକ ଯୋଜନ ।
ଏଥିସାର ଅଟଇ ଯେ ବାର ସପ୍ତପୁଣ ।
ବାର ସପ୍ତପୁଣମଧ୍ୟେ ସାର ଅଟେ ପୁଣ ।
ଉତ୍କଳ ଦେଶ ବୋଲିଣ ଦ୍ୱାଦଶ ଯୋଜନ ।
ଦ୍ୱାଦଶ ଯୋଜନ ସାର ପଞ୍ଚକୋଶ ସୀମା ।
ଯେଉଁ ଭୂମି କଳି ନ ପାରନ୍ତି ହରବ୍ରହ୍ମା ।
ପଞ୍ଚକୋଶ ମଧ୍ୟେ ସାର ଅଟେ ଏହି ଭୂଇଁ ।
ବାହାର ଚଉଡାଠାବରୁ କହୁଅଛୁ ସହି ।
ଚଉଷଠି ଦଳରୁ ବି ଅଦଳ ଥାଏ ।

ହରବ୍ରହ୍ମା ସନକାଦି ଯହିଁ କରେ ଲୟେ ।
ଦେଉଳର ଗୃରଦ୍ୱାରେ ଗୃରବେଢ଼ ଅଛି ।
ଗୃର ଗାୟତ୍ରୀ ଯହିଁରେ ପାବନ୍ତ ହୋଇଛି ।
ଅନନ୍ତର ଗର୍ଭସିନା ହୋଇଅଛି ସ୍ଥଳ ।
ସିଂହାସନେ ବସିଅଛି ନାଭି ଯେ ମଣ୍ଡଳ ।
ଅଣ ଯେ ଆକାର ସିନା ଅନନ୍ତର ଦେହୀ ।
ଆପଣେ ଅନନ୍ତ ଯେ ଦେଉଳ ରୂପହୋଇ ।
ଶଙ୍ଖ ନାଭି ସିଂହାସନ ବୋଲି ଜନେ କହି ।
ଯେଣୁ ସିଂହାସନେ ଯୋଗ ମାୟା ଅଙ୍ଗ ସେହି ।
ସେହି ସିଂହାସନ ବିଜେ ପ୍ରଭୁ ଭଗବାନ ।
ଯୋଗଲୟେ କରୁଛନ୍ତି ତପଟି ନୟନ ।

× × × ×

ସ୍ୱୟଂ ପରଂବ୍ରହ୍ମରୂପ ଦାରୁ ବ୍ରହ୍ମ ମୂର୍ତ୍ତି ।
ଦର୍ଶନ ମାତ୍ରକେ ପାପୀ ମୋକ୍ଷ ଯେ ପାବନ୍ତି ।
ବ୍ରହ୍ମରୂପ ଗୋପ୍ୟକରି ଦାରୁରୂପ ଦିଶେ ।
ମାୟାବୀ ମାନଙ୍କୁ ହୋଇ ଅଛଇ ଅଦୃଶ୍ୟ ।
କିଶୋର କିଶୋରୀ ରୂପ ସେହି ଅଙ୍ଗେ ଅଛି ।
କପଟେଣ ଚତୁର୍ଦ୍ଧା ସେ ମୂରତି ଧରିଛି ।
ଅମୋଦ ଲୀଳାରେ ତହିଁ ବିଜେ ଭଗବାନ ।
କିଶୋରୀକି କୋଳେ ଧରି ଦେଉଛେ ଆସନ ।
ଭୁଜେ ଭୁଜ ଭିଡ଼ାଭିଡ଼ି ଅଧରେ ଚୁମ୍ବନ ।
ସଂସାରକୁ ଦେଖାଦ୍ୟନ୍ତ ଶଙ୍ଖ ଚକ୍ର ଚିହ୍ନ । ଇତ୍ୟାଦି ।

ଦା. ଗୀ. ୧୩ ଅ-୧୫-୩୧ ।

ଚୈତନ୍ୟ ଦେବ ମଧ୍ୟ ଓଡ଼ିଶା ବୈଷ୍ଣବଙ୍କର ଏହି ମତରେ ପ୍ରଭାବିତ ହୋଇ ପୁରୁଷୋତ୍ତମଙ୍କୁ ନିତ୍ୟଧାମ ରୂପରେ ଗ୍ରହଣ କରିଥିଲେ । ତେଣୁ

ସେ ଜଗନ୍ନାଥ ଧାମରେ ଅନ୍ତିମ କାଳଯାପନ କରିଥିଲେ । କିନ୍ତୁ ଗୋସ୍ୱାମିମାନେ ପୁରାଣ ବର୍ଣ୍ଣିତ କୃଷ୍ଣଙ୍କର ଲୀଳାକ୍ଷେତ୍ର ବୃନ୍ଦାବନକୁ ନିତ୍ୟଧାମ ରୂପରେ ଗ୍ରହଣ କରିଛନ୍ତି । ସେହି ଜଗନ୍ନାଥ ଶୂନ୍ୟବାଦର ପ୍ରତୀକ । ସେଥିଲାଗି ଜଗନ୍ନାଥଙ୍କୁ ଉତ୍କଳର କବିମାନେ ବୌଦ୍ଧାବତାର ରୂପରେ ଗ୍ରହଣ କରିଥିଲେ । କେହି କେହି ଐତିହାସିକ ପଣ୍ଡିତ ଜଗନ୍ନାଥଙ୍କ ଭିତରେ ବୁଦ୍ଧଦେବଙ୍କର ଦନ୍ତ ରକ୍ଷିତ ଥିବାର ଅନୁମାନ କରିଥାନ୍ତି ।

ଗୀତାପ୍ରବେଶ—ମା—ଦା—୨୮୭—୮୭.

ଶୂନ୍ୟବାଦର ସହଜାନନ୍ଦ ଦର୍ଶନ ଶାସ୍ତ୍ରର ଶିରୋରତ୍ନ । ଏ ପର୍ଯ୍ୟନ୍ତ ଦାର୍ଶନିକ ଚିନ୍ତା ଶୂନ୍ୟ ସହଜାନନ୍ଦ ଅପେକ୍ଷା ଆଉକୌଣସି ଅଧିକତର ଉଚ୍ଚଶିଖରକୁ ଆରୋହଣ କରିବାକୁ ସମର୍ଥ ହୋଇନାହିଁ । ସହଜାନନ୍ଦ ମାନବଚିନ୍ତାର ସର୍ବୋଚ୍ଚ ବିଶ୍ରାମ ସ୍ଥାନ । ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦେଶର ଦାର୍ଶନିକମାନେ ଅନେକ ଉଚ୍ଚ ଉଚ୍ଚ ବସ୍ତୁର କଳ୍ପନା କରିଅଛନ୍ତି । ମାତ୍ର ପ୍ରତ୍ୟେକ ବସ୍ତୁରେ କିଛି ନା କିଛି କଳଙ୍କ ରହିଅଛି । ସବୁଠାରେ ସ୍ୱାଧୀନ ଚିନ୍ତାରେ ପ୍ରତିବନ୍ଧକ ରହିଅଛି । କିନ୍ତୁ କେବଳ ଶୂନ୍ୟବାଦର ପରମ ସୁଖ ନିଷ୍କଳଙ୍କ ପଦାର୍ଥ । ଏଠାରେ ସ୍ୱାଧୀନ ଚିନ୍ତାର ଅବ୍ୟାହତ ପ୍ରସାର ରହିଅଛି । ଶୂନ୍ୟର ସାକ୍ଷାତ୍କାର ଜୀବର ପରମ ପୁରୁଷାର୍ଥ । ଶୂନ୍ୟହିଁ ଯୋଗୀର ପରମ ଧ୍ୟେୟ ପଦାର୍ଥ । ଶୂନ୍ୟକୁ ପ୍ରତ୍ୟକ୍ଷ କଲେ ତୁ, ମୁଁ ପ୍ରଭୃତି ଭେଦଭାବ ଦୂର ହୁଏ । ପିଣ୍ଡରେ ବ୍ରହ୍ମାଣ୍ଡର ଅନୁଭୂତି ହୁଏ । ନିଜ ସତ୍ତା ବିଶ୍ୱରେ ଲୀନହୋଇଯାଏ । ଶୂନ୍ୟର ସାକ୍ଷାତ୍କାର ହେଲେ ଦୁଃଖର ଲୟ ହୁଏ । ପରମ ସୁଖ ଓ ସହଜାନନ୍ଦର ଉପଲବ୍ଧି ହୁଏ । ହ୍ରସ୍ୱ ଓ ଦୀର୍ଘ ଅଭିନ୍ନ ବୋଲି ପ୍ରତୀତ ହୁଏ । ଏଠାରେ 'ଅସ୍ତି' ନାହିଁ କି 'ନାସ୍ତି' ନାହିଁ । ଏହା 'ଅସ୍ତି' ଓ 'ନାସ୍ତି'ର ସମନ୍ୱୟ କ୍ଷେତ୍ର । ଏଠାରେ ଉତ୍ପତ୍ତି ଓ ବିନାଶ କ୍ଷଣିକତ୍ୱ ଓ ନିତ୍ୟତ୍ୱ, ଏକତ୍ୱ ଓ ନାନାତ୍ୱ, ଆଗମନ ଓ ନିର୍ଗମନ ପ୍ରଭୃତି ଆପାତ ବିରୁଦ୍ଧ ଧର୍ମଗୁଡ଼ିକ ପରସ୍ପରର ବିରୋଧ ତ୍ୟାଗ କରି ଅବସ୍ଥିତ ରହିଛନ୍ତି । ଏଠାରେ ଭାବ ଓ ଅଭାବର ସମନ୍ୱୟ । ଏହି ପଦାର୍ଥଟି ପ୍ରକୃତରେ ଅବାଚ୍ୟ । ଜୈନଦର୍ଶନ ଓ

ଅବଲୁପ୍ତିକ । ଶ୍ରୀକ୍ଷେତ୍ରର ଜଗନ୍ନାଥ ସେହ୍ନି ଯୁଗଯୁଗାନ୍ତପସ୍ଥାପିତ ଜ୍ଞାନ-ସାଧନା ଓ କର୍ମ ଓ ବିଶ୍ୱପ୍ରେମର ବିଗ୍ରହ ମାତ୍ର । ପ୍ରତ୍ୟକରେ ହିଁ ମାନବ ବିଶ୍ୱ ଧାରଣା କରି ତାହାକୁ ଜୀବନ୍ତ କରି ରଖେ । ବୌଦ୍ଧଧର୍ମର ଶୂନ୍ୟ ସହଜାନନ୍ଦ ଓ ବୈଦିକ ସନାତନ ଧର୍ମର ଦାରୁବ୍ରହ୍ମ ଏହି ଦୁହିଁଙ୍କ ମହା ସମନ୍ୱୟ ଏହି ଜଗନ୍ନାଥ ବିଗ୍ରହରେ ସାଧିତ ହୋଇ ଅଛି । ଏହିଠାରେ ଜ୍ଞାନ ଓ ପ୍ରେମ ଓ କର୍ମର ମହାମିଳନ ହୋଇଅଛି । ଏହିଠାରେ ସସୀମ ମଧ୍ୟରେ ଅସୀମର ସନ୍ଧାନ ମିଳେ । ସେ ହେଉଛି ଜଗତର ସ୍ୱରୂପ ଓ ପରମାର୍ଥତତ୍ତ୍ୱ ।

ନ ଶୂନ୍ୟରୂପଂ ନ ବିଶୂନ୍ୟରୂପଂ ନ ଶୁଦ୍ଧରୂପଂ ନ ବିଶୁଦ୍ଧରୂପଂ ।
ରୂପଂ ବିରୂପଂ ନ ଭଜାମି କିଞ୍ଚିତ୍ ସ୍ୱରୂପରୂପଂ ପରମାର୍ଥ ତତ୍ତ୍ୱଂ ।
ଆଗେ ଭଗତି ପଛେ ମୁକ୍ତି । ହେଣୁ ଏ ଦାରୁବ୍ରହ୍ମ ମୂର୍ତ୍ତି ।

ପ୍ରେ. ଗୀ. ପୃ ୨୧

ଦାରୁ ବ୍ରହ୍ମଙ୍କୁ ଓଡ଼ିଶା କବିମାନେ ବୁଦ୍ଧ ମୂର୍ତ୍ତି ରୂପରେ ଗ୍ରହଣ କରିଥିବାର କଥା ମୁଁ ପୂର୍ବରେ ପ୍ରମାଣିତ କରିଅଛି । ଓଡ଼ିଶାରେ ବୁଦ୍ଧଦେବ ସଦାସର୍ବଦା ଭଗବାନଙ୍କ ଅବତାର ରୂପରେ ବର୍ଣ୍ଣିତ ହୋଇଅଛନ୍ତି । ଓଡ଼ିଆ ସାହିତ୍ୟର କୌଣସିଠାରେ ବୁଦ୍ଧଦେବଙ୍କର ନିନ୍ଦା ନାହିଁ । ବରଂ-ତ ନିଷ୍କାମ ସାଧକ ଭାବରେ ସବୁସ୍ଥାନରେ ତାଙ୍କର ସ୍ତୁତି ଓ ପ୍ରଶଂସାମାନ ହୋଇଅଛି । ସଂସ୍କୃତଭାଗବତରେ ବୁଦ୍ଧଦେବଙ୍କ ବିଷୟରେ କଥିତ ହୋଇ ଅଛି :—

ତତଃ କଳୌ ସମ୍ପ୍ରବୃତ୍ତେ ସମ୍ମୋହାୟ ସୁରଦ୍ୱିଷମ୍ ।
ବୁଦ୍ଧୋ ନାମ୍ନାଽଞ୍ଜନସୁତଃ କୀକଟେଷୁ ଭବିଷ୍ୟତି ।

୧-୩-୨୪.

କଳି ଉପସ୍ଥିତହେଲେ ଦେବତାଙ୍କ ଶତ୍ରୁ (ଅସୁର) ମାନଙ୍କୁ ମୋହିତ କରିବାଲାଗି ଅଞ୍ଜନର ପୁତ୍ର ବୁଦ୍ଧନାମରେ କୀକଟରେ (ମଗଧରେ) ଜାତ ହେବେ । କିନ୍ତୁ ଜଗନ୍ନାଥ ଦାସ ଓଡ଼ିଆ ଭାଗବତରେ ବୁଦ୍ଧଦେବଙ୍କର ଏହିପରି ସ୍ତୁତି ଗାନ କରିଅଛନ୍ତି । ଯଥା —

ପ୍ରବୁଦ୍ଧ ବୁଦ୍ଧ ଅବତାରେ । ଜ୍ଞାନ ବିସ୍ତାର ଏ ସଂସାରେ ।
ବେଦର ଧର୍ମ ଛଡ଼ାଇବେ । ନିର୍ଗୁଣ ଧର୍ମ ପ୍ରଚୁରିବେ ।
କରଣୀ ନ କରିବେ ପୁଣ । ଏଣୁ ଏ ମାୟାର ଧିଆନ ।
ପୁଣ ଏମନ୍ତ ସମୟରେ । ସିଦ୍ଧ ଅନ୍ନ ହେବ ଘରେ ଘରେ ।
ସକଳ ବର୍ଣ୍ଣ ଏକଠାରେ । ବସି ଭୁଞ୍ଜିବ ସୁଗତରେ । ୫ମ ସ୍କନ୍ଧ ।

ଚୈତନ୍ୟ ଦାସ ନିର୍ଗୁଣ ମାହାତ୍ମ୍ୟରେ ଭଗବାନଙ୍କର ଦ୍ୱାଦଶ ଅବତାର ମାନଙ୍କୁ ସ୍ତୁତି କରି ପ୍ରତ୍ୟେକ ଅବତାରରେ କିଛି ନ ଦୋଷ ଦର୍ଶାଇଛନ୍ତି । କିନ୍ତୁ ବୁଦ୍ଧଅବତାରକୁ ନିର୍ମଳ ଓ ନିର୍ଦ୍ଦୋଷ ବୋଲି ବର୍ଣ୍ଣନା କରିଛନ୍ତି ।

× × ×

ଚତୁର୍ଥ ପରଶୁ ଅବତାର । ପର୍ଶୁ କୁଠାର ଘେନି କର । ୫୦
ଅବନି ଭ୍ରମିଲେ ତା ଘେନି । କ୍ଷିତିପତିଙ୍କ ଶିର ହାଣି ।
ରୁଧିରେ କଲେ ପୂର୍ଣ୍ଣକୁଣ୍ଡ । ଜୀବହତ୍ୟା ହୋଇଲା ପିଣ୍ଡ ।

× × ×

ଦଶମେ ବୁଦ୍ଧ ଅବତାରେ । ହରି ଜନ୍ମିଲେ ଏ ସଂସାରେ ।
ଯଜ୍ଞ ଧର୍ମକୁ ନିନ୍ଦା କଲେ । ବ୍ରହ୍ମଜ୍ଞାନକୁ ପ୍ରଶଂସିଲେ ।
ସକଳ କର୍ମ ବୃଥି ହରି । କର୍ମର ଫଳ ଅନୁସରି ।

× × ×

ସକଳ ଧର୍ମ ଉପେକ୍ଷିଲେ । ବ୍ରହ୍ମଜ୍ଞାନକୁ ସାଧି କଲେ ।
ଯୋଗ ଧ୍ୟାନରେ ସ୍ଥିର ମନ । ରଖିଲେ ବୁଦ୍ଧ ନାରାୟଣ ।

ସଂସ୍କୃତ ଭାଗବତରେ କୃଷ୍ଣଙ୍କୁ ଅବତାରୀ ବା ପ୍ରଧାନ ଦେବତା ଏବଂ ଅନ୍ୟାନ୍ୟ ଅବତାର ମାନଙ୍କୁ ତାଙ୍କର ଅଂଶବୋଲି ବର୍ଣ୍ଣନା କରାହୋଇଛି । ଯଥା—ଏତେ ଚାଂଶକଳାଃ ପୁଂସଃ କୃଷ୍ଣସ୍ତୁ ଭଗବାନ୍ ସ୍ୱୟଂ ।’ କିନ୍ତୁ ଦିବାକର ଦାସ ଜଗନ୍ନାଥ ଚରିତାମୃତରେ ଜଗନ୍ନାଥଙ୍କୁ ଅବତାରୀ ବା ପ୍ରଧାନ ଦେବତା ଏବଂ ଶ୍ରୀକୃଷ୍ଣଙ୍କୁ ତାଙ୍କର ଅବତାର ବା ଅଂଶରୂପରେ ବର୍ଣ୍ଣନା କରିଛନ୍ତି । ଯଥା—

ଜଗନ୍ନାଥ ଯେ ଷୋଳକଳା । ଚହ୍ନୁଁ କଳାଏ ନନ୍ଦକଳା ।
କଳାକ ଷୋଳକଳା କର । ଗୋପେ ବହରେ ନରହର ।

ସେହିପରି ଷୋଡ଼ଶ ଶତାବ୍ଦୀରେ କେତେ ୨ ଓଡ଼ିଆ କବି ବୁଦ୍ଧଦେବଙ୍କୁ ଅବତାରୀ ବା ପ୍ରଧାନ ଦେବତା ରୂପରେ ଗ୍ରହଣ କରିଛନ୍ତି ଏବଂ ଚୈତନ୍ୟ ଦେବଙ୍କୁ ବୁଦ୍ଧଦେବଙ୍କ ଅବତାର ବୋଲି ବର୍ଣ୍ଣନା କରିଛନ୍ତି ।

ଈଶ୍ୱରଦାସ ଚୈତନ୍ୟଭାଗବତରେ ପ୍ରତ୍ୟେକ ଅଧ୍ୟାୟଶେଷରେ କହିଛନ୍ତି—ଇତି ଶ୍ରୀ ଚୈତନ୍ୟଭାଗବତେ ବୌଦ୍ଧ ଅବତାରେ ଶ୍ରୀଚୈତନ୍ୟ-ଚନ୍ଦ୍ର ଜନ୍ମବିବରଣେ ପ୍ରଥମୋଽଧ୍ୟାୟଃ । ଇତ୍ୟାଦି । ଈଶ୍ୱର ଦାସ ଜଗନ୍ନାଥଙ୍କୁ ବୁଦ୍ଧାବତାର ରୂପରେ ଗ୍ରହଣ କରିଥିବାର କଥା ତାଙ୍କ ଗ୍ରନ୍ଥରୁ ଜଣାପଡ଼େ ।

ବନ୍ଦଇ ନୀଳାଦ୍ରି ଗୋସାଇ । ଦାରୁସ୍ୱରୂପେ ଭାବଗ୍ରାହୀ । (୧)

× × ×

ନାମ ଯା ବୌଦ୍ଧ ଅବତାର । ମୋ ପ୍ରାଣ ଶରଣ ପୟର ।
ଶୂନ୍ୟ ସ୍ୱରୂପ ଭଗବାନ । ଏ ରୂପ ନାହିଁ ତ୍ରିଭୁବନ ।
ପ୍ରେମକୁ ରୂପ ଦୃଶ୍ୟ ହୋଇ । ନିର୍ଗୁଣ ଶୂନ୍ୟ ପ୍ରକାଶଇ ।
(୮) ( ୬୪ ଅଧ୍ୟାୟ)

ଚୈତନ୍ୟ ଭାଗବତ ୬୫ ଅଧ୍ୟାୟରେ ମଧ୍ୟ ସେ କହିଛନ୍ତି—

ବୌଦ୍ଧ ସ୍ୱରୂପେ ଭାବଗ୍ରାହୀ । ଅଲେଖ ଅରୂପ ଅଦେହୀ । (୨)

ଈଶ୍ୱର ଦାସ ଚୈତନ୍ୟଙ୍କୁ ବୁଦ୍ଧଦେବଙ୍କ ଅବତାର ରୂପେ ବର୍ଣ୍ଣନା କରି ୬୫ ଅଧ୍ୟାୟରେ କହିଛନ୍ତି—

ଚୈତନ୍ୟ ବିଷ୍ଣୁ ଅବତାର । ବହିଲେ ବଉଦ୍ଧ ଶରୀର ।
ନୃସିଂହ ଅବତାର ହରି । ବଉଦ୍ଧ ତହୁଁ ଅବତରି ।
ସେହୁ ଦୁଇ ପଥ ଅବତାର । ସେହୁ ଅଙ୍ଗୁ ହେଲେ କ ବାହାର ।
ବୀରସିଂହ ବଉଦ ପଥର । ଭଜନହରି ସେହୁକାପାର ।
ଚୈତନ୍ୟ ଶ୍ରେଣୀ ଜଗନାଥ । ଶ୍ରୀବସ୍ତ୍ର ଅଙ୍ଗେଣ ଉଦିତ ।

ଚୈତନ୍ୟ ଭାଗବତରେ ନାରସିଂହଙ୍କୁ ବୁଦ୍ଧଦେବଙ୍କର ଅବତାର ଏବଂ ଆଗତ ଭବିଷ୍ୟ କଥକ ରୂପରେ ବର୍ଣ୍ଣନା କରାହୋଇଅଛି । ସେ ବାଙ୍କିର ପର୍ବତରେ ଗୁମ୍ଫା କରି ଗୋପନରେ ବାସ କରୁଥିଲେ । ବୁଦ୍ଧ ଚୈତନ୍ୟ ରୂପରେ ଅବତୀର୍ଣ୍ଣ ହେବାର ଜାଣି ସେ ଆସି ତାଙ୍କ ସହିତ ମିଳିତ ହୋଇଥିଲେ । ଯଥା—

ଶୁଣ ବିନୋଦ ବିପ୍ରବର । ନାରସିଂହ ନାଁ ହେଉ ତୋର ।
ମୋହର ଅବତାର ଶୁଣ । ଶୁଣି ତରନ୍ତି ସର୍ବଜନ ।
ବଉଦ୍ଧ ପଥ ଭିଆଇବୁ । ନିର୍ଜୀବ ହୋଇ ଲୁଚି ଥିବୁ ।
ଏତେକ କହି ନରସିଂହ । କୋଇଲେ ବେଗେ ବର ମାଗ ।
ପ୍ରଭୁ ଆଜ୍ଞା ଶୁଣିଣ ବ୍ରାହ୍ମଣ । ବୋଲଇ ଶୁଣ ନାରାୟଣ ।
ପ୍ରସନ୍ନେ ଯେବେ ଦେବ ବର । ବଚନ ସିଦ୍ଧ ହେଉ ମୋର ।
ଅନେକ ଗ୍ରନ୍ଥ ବଖାଣିବି । ବଉଦ୍ଧ ପଥ ଭିଆଇବି ।
ଅସ୍ତୁ ବୋଇଲେ ଦେବହରି । ଉଠିଣ କୋଳାଗତ କରି ।

× × ×

ପୁଣି କହନ୍ତି କମ୍ବୁପାଣି । ଆଗତ ଭବିଷ୍ୟ କାହାଣୀ ।
କଳିରେ ମୋର ଅବତାର । ଚୈତନ୍ୟ ଅଙ୍ଗ ନିରାକାର ।
ସେ ରୂପ ଦର୍ଶନ କରିବୁ । ମୋ ରୂପ ପ୍ରତ୍ୟକ୍ଷ ଦେଖିବୁ ।
ଏତେକ କହିଣ ଗୋସାଇଁ । ଗଲେକ ଅନ୍ତର୍ଦ୍ଧାନ ହୋଇ ।

× × ×

ବାଙ୍କୀ ବଉଦ୍ଧ ଚଉରାଶି । ଗୋପ୍ୟେ ଭଜନ୍ତି ହୃଷୀକେଶୀ ।
ଏମାନ୍ତେ ଚୌରାଶୀ ବଉଦ୍ଧ । ଏକ ସ୍ୱରୂପେ ନାହିଁ ଭେଦ ।
କଳ୍ପବନରେ ଉଦେ ପୁଣ । ପ୍ରବେଶ ମାଳାଦ୍ରି ଭୁବନ ।
ମାଳାଦ୍ରି ନୃସିଂହ ସେବନ୍ତି । ଭୂତ ଭବିଷ୍ୟ ବଖାଣନ୍ତି ।
ପ୍ରବେଶ ବାଙ୍କୀ ଯେ ପର୍ବତ । ମହା ପର୍ବତେ କଲେ ସ୍ଥିତ ।
ଷୋଳପୁର ଯେ ଗୁମ୍ଫାକରି । ଗୋପ୍ୟାନେ ରହି ଧ୍ୟାନ ଧରି ।
ନାରସିଂହ ଯେ ଧ୍ୟାନେ ଜାଣି । ଚୈତନ୍ୟ ଅବତାର ମଣି ।

ଦର୍ଶନ କରିବଇଁ ମୂହିଁ । ପୂର୍ବର ହେତୁକୁ ଚାହିଁ ।
ବଳଦମନ ଅନ୍ତର୍ଯାମୀ । ଜାଣିଲେ ବଇକୁଣ୍ଠଧାମୀ ।
ନୃସିଂହ ରୂପ ଅବତାର । ଦେଖନ୍ତି ତ୍ରୈଲୋକ୍ୟ ସଂସାର ।

× × ×

ଯେଉଁରୂପେ ବଳଦେ ଦେଖିଲେ । ସାଷ୍ଟାଙ୍ଗେ ପ୍ରଣମିତ ହେଲେ ।
ବଳଦେ ନୃସିଂହଧିଆନ । ମୁଖରେ ନାହିଁ ସଙ୍କୀର୍ତ୍ତନ ।

× × ×

ଏଥିରୁ ସ୍ପଷ୍ଟ ପ୍ରତିପାଦିତ ହୁଏ ଯେ—ଓଡ଼ିଶାର ପ୍ରାଚୀନ କବିମାନେ ଜଗନ୍ନାଥ ଦେବଙ୍କୁ ଶୂନ୍ୟର ପ୍ରତୀକ, ବୁଦ୍ଧ ମୂର୍ତ୍ତି ରୂପେ ଗ୍ରହଣ କରିଅଛନ୍ତି ଏବଂ ତାହାଙ୍କୁ ଅବତାରୀ ଅର୍ଥାତ୍ ପ୍ରଧାନ ଦେବତାରୂପରେ ବର୍ଣ୍ଣନ କରିଅଛନ୍ତି ।

ଶ୍ରୀ ନଗେନ୍ଦ୍ରନାଥ ବସୁ ମହାଶୟ ତାଙ୍କର Moderon Buddhisom. and its follawers ନାମକ ଗ୍ରନ୍ଥରେ ଚୈତନ୍ୟ ଦାସଙ୍କ ବିଷ୍ଣୁଗର୍ଭ ପୁରାଣ ବର୍ଣ୍ଣିତ ସୃଷ୍ଟି ପ୍ରକ୍ରିୟା ବିଷୟରେ କହିଅଛନ୍ତି । ଏହା ବ୍ରାହ୍ମଣ୍ୟ ଶାସ୍ତ୍ରମାନଙ୍କରେ ବର୍ଣ୍ଣିତ ସୃଷ୍ଟି ପ୍ରକ୍ରିୟାଠାରୁ ଭିନ୍ନ । ଏହି ସୃଷ୍ଟି ପ୍ରକ୍ରିୟା ମହାଯାନ ଶାସ୍ତ୍ରରେ ବର୍ଣ୍ଣିତ ସୃଷ୍ଟି ପ୍ରକ୍ରିୟାର ସମ୍ପୂର୍ଣ୍ଣ ଅନୁରୂପ । କପରି କେତେବେଳେ ଏହି ବ୍ରହ୍ମାଣ୍ଡର ସୃଷ୍ଟି ହେଲା ଏହି ପ୍ରଶ୍ନର ଉତ୍ତରରେ ମହାଯାନ ବୌଦ୍ଧମାନେ କହନ୍ତି ଯେ—ପ୍ରଥମରେ କିଛି ନ ଥିଲା । କେବଳ ଥିଲେ ସ୍ୱୟମ୍ଭୁ । ତାହାଙ୍କୁ ସେମାନେ ଆଦିବୁଦ୍ଧ ବୋଲି କହନ୍ତି । ସଂସାରର ସ୍ଥିତି ନିମିତ୍ତ ସେ ପଞ୍ଚଧ୍ୟାନୀ ବୁଦ୍ଧଙ୍କୁ ସୃଷ୍ଟି କରିଥିଲେ । ଆଦିବୁଦ୍ଧ ଓ ପଞ୍ଚଧ୍ୟାନୀ ବୁଦ୍ଧଙ୍କ ପୂଜା ଆଜିକାଲି ମଧ୍ୟ ନେପାଳରେ ଅନୁଷ୍ଠିତ ହୁଏ । ଓଲ୍ଡ ଫିଲ୍ଡ ସାହେବଙ୍କର ନେପାଳ ବୌଦ୍ଧଧର୍ମ ଗ୍ରନ୍ଥରୁ ଏହି କେତେକ ସତ୍ୟରୁ ତାହା ପ୍ରମାଣିତ ହୁଏ ।

ଯଥା—

"The Theistic svstem of Buddhism teaches that one universal, all powerful and imenaterial

spirit has existed from before the commencement of time, and that it will pervade the universe through out all eternity. This spirit is God. He is possessed of supreme power and is endowed with supreme intelligence and is therfore called Adi Buddha.

× × ×

"The majority of the Theistic schools believe that while Adi Buddha represents supreme intelligence on mind there is associated with and foroming part of him. Yet at the same time to talley distinct form. Him another being, divine and internal, who represents a matter and who is the sum of all the active powers of the material universe. This Being on Spirit they call Adi Dharma on Adi Prajra etc. [1]

ଏଥିର ସାରକଥା ଏହି ଯେ କାଳର ସୃଷ୍ଟି ପୂର୍ବରେ ସର୍ବବ୍ୟାପୀ ସର୍ବଶକ୍ତିମାନ ପରମାତ୍ମା କେବଳ ବିଦ୍ୟମାନ ଥିଲେ । ସେହି ପରମାତ୍ମାହିଁ ଈଶ୍ୱର । ସେ ଅତିଶୟ ଶକ୍ତିମୟ ଓ ଜ୍ଞାନମୟ । ସେଥିଲାଗି ସେ ଆଦିବୁଦ୍ଧ ନାମରେ ପରିଚିତ ।

× × ×

ସେହି ଆଦିବୁଦ୍ଧଙ୍କ ସହିତ ତାଙ୍କର ଅଂଶ କିମ୍ବା ତାଙ୍କଠାରୁ ପୃଥକ୍ ନିତ୍ୟ ଅବିନାଶୀ ଜାତ ପ୍ରକୃତି ମଧ୍ୟ ରହିଥିଲା । ସେହି ଜାତପ୍ରକୃତି ଆଦି ଧର୍ମ ବା ଆଦି ପ୍ରଜ୍ଞାନାମରେ କଥିତ ହେଉଥିଲେ । ଏହି ଆଦିବୁଦ୍ଧଙ୍କଠାରୁ ପଞ୍ଚଧ୍ୟାନୀ ବୁଦ୍ଧ ଜାତହେଲେ । ତାଙ୍କର ନାମ ହେଉଛି—ବୈରୋଚନ । ଅକ୍ଷୋଭ୍ୟ ରତ୍ନସମ୍ଭବ ଅମିତାଭ ଏବ ଅମୋଘସିଦ୍ଧି । ଏହି ପଞ୍ଚଧ୍ୟାନୀ ବୁଦ୍ଧଙ୍କଠାରୁ ପଞ୍ଚବୋଧିସତ୍ତ୍ୱ ଜାତହେଲେ । ସେମାନେ ସଂସାରର ସୃଷ୍ଟି-

---

Dr Oldfield's Hepal vol I/ ९९ 89 9.

ସ୍ଥିତି ପାଳନ କରନ୍ତି । ଏହାର ଅନୁରୂପ ସୃଷ୍ଟି କ୍ରମ ବସ୍ତୁ ଗର୍ଭ ପୁରାଣର ୩ୟ ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି-ଯଥା—

ଅଲେଖର ଆଦି ଅନ୍ତ ନୁହଇ ଗୋଚର ।୧୧।
ଅଗୋଚର ପୁରୁଷ ସେ ନାହିଁ ରୂପବର୍ଣ୍ଣ ।
ଥାଏ ସ୍ଥିତି ନାହିଁ ତାର ଅଟଇ ମହାଶୂନ୍ୟ ।
ରୂପବନ୍ତ ନୁହଇ ସେ ଅରୂପ ତାର ଦେହି ।
ଶୂନ୍ୟର ସଙ୍ଗତେ ସେ ଶୂନ୍ୟ ହୋଇଥାଇ ।
ଦେହବନ୍ତ ହୋଇ କେ ତା କହିବ ରୂପ ଭେଦ
× × ×
ଶୂନ୍ୟସଙ୍ଗତେ ଶୂନ୍ୟ ସେ ଶୂନ୍ୟେ ଶୂନ୍ୟରୂପୀ
ଶୂନ୍ୟସଙ୍ଗତେ ମିଶିଅଛି ସକଳ ସ୍ଥାନେ ବ୍ୟାପି । ୧୭ ।
ଶୂନ୍ୟ ସେ ତାହାର ଅଟଇ ନିଜଘର ।
ଶୂନ୍ୟରେ ଥାଇ ଶୂନ୍ୟେ କରଇ ବିହାର ।
× × ×
ଇଚ୍ଛା ହୋଇଲେ ଏକ ରୂପ ଅନେକ ରୂପଧରେ ।
ଇଚ୍ଛା ହୋଇଲେ ମନେ ତାର ଅନେକ ରୂପ ଧରେ । ୩୩ ।
× × ×
ଅବର୍ଣ୍ଣ ଅଙ୍ଗରୁ ତାର ବର୍ଣ୍ଣ ପ୍ରକାଶିଲା ।
ଶ୍ୱେତ ପୀତ କୁଙ୍କୁମ ଲୋହିତ ଗୃହକଳା ।
ଜଳଧର ନିର୍ଝରକ ଏମନେ ଛଡ଼ବର୍ଣ୍ଣ ।
ଏ ଛଡ଼ ବର୍ଣ୍ଣରୁ ଛଡ଼ ବସ୍ତୁ ହେଲେ ଜନ୍ମ । ୩୯ ।

ବସ୍ତୁ ଗର୍ଭପୁରାଣ ପାଠକଲେ ଜଣାଯାଏ ଯେ-ଚୈତନ୍ୟ ଦାସଙ୍କ ଅନନ୍ତ ଅରୂପ ସର୍ବଜ୍ଞ ବସ୍ତୁ ମହାଯାନ ଶାଖାର ସ୍ୱୟମ୍ଭୂ ଆଦିବୁଦ୍ଧଙ୍କଠାରୁ ଭିନ୍ନ ନୁହନ୍ତି । ଏହି ବସ୍ତୁଙ୍କଠାରୁ ଜାତ ଅନ୍ୟାନ୍ୟ ଅପ୍ରଧାନ ପଞ୍ଚବସ୍ତୁ ମଧ୍ୟ ପଞ୍ଚଧ୍ୟାନୀ ବୁଦ୍ଧ ବ୍ୟତୀତ ଆଉ କେହି ନୁହନ୍ତି ଏବଂ ଏହି ଅପ୍ରଧାନ ପଞ୍ଚ-ବସ୍ତୁଙ୍କଠାରୁ ଜାତ ବ୍ରହ୍ମାମାନେ ପ୍ରକୃତରେ ବୋଧିସତ୍ତ୍ୱ ଅଟନ୍ତି । ଚୈତନ୍ୟ

ଦାସ କେବଳ ନାମାନ୍ତର କରି ମହାଯାନ ସୃଷ୍ଟି ପ୍ରକ୍ରିୟା ଗ୍ରହଣ କରି ଅଛନ୍ତି ।

ବସ୍ତୁଗର୍ଭର ଉଦ୍ଧୃତାଂଶରେ ପଞ୍ଚ ଅପ୍ରଧାନ ବସ୍ତୁଙ୍କର ପଞ୍ଚବର୍ଣ୍ଣ ବର୍ଣ୍ଣିତ ହୋଇଅଛି । ଯଥା—ଶ୍ୱେତ ପୀତ ଲୋହିତ ମେଘ ଏବଂ ନର୍ଦ୍ଦରକ । ନେପାଳର ବୌଦ୍ଧମାନଙ୍କ ଧର୍ମଗ୍ରନ୍ଥରେ ପଞ୍ଚଧ୍ୟାନୀ ବୁଦ୍ଧଙ୍କର ପଞ୍ଚବର୍ଣ୍ଣର ଉଲ୍ଲେଖ ରହିଅଛି । ଯଥା—ବୈରୋଚନ-ଶ୍ୱେତ, ଅକ୍ଷୋଭ୍ୟ-ନୀଳ, ରତ୍ନ-ସମ୍ଭବ-ପୀତ, ଅମିତାଭ ଲୋହିତ-ଅମୋଘସିଦ୍ଧ-ସବୁଜବର୍ଣ୍ଣ । ବସ୍ତୁଗର୍ଭ ପୁରାଣର ଲେଖକ ଚୈତନ୍ୟ ଦାସ ଏହି ବସ୍ତୁମାନଙ୍କୁ ଭିନ୍ନ ୨ ଦେଶ ବା ଦିଗରେ ଅବସ୍ଥାପିତ କରିଛନ୍ତି-ଯଥା—

ପୂର୍ବ ଶୂନ୍ୟେ ନେଇ ଏକ ବସ୍ତୁକୁ ଥାପିଲେ ।
ପଶ୍ଚିମ ଶୂନ୍ୟରେ ଏକ ବସ୍ତୁକୁ ଥୋଇଲେ ।
ଦକ୍ଷିଣ ଶୂନ୍ୟରେ ନେଇ ଥୋଇଲେ ବସ୍ତୁ ଏକ ।
ଉତ୍ତର ଶୂନ୍ୟରେ ଏକ ବସ୍ତୁକୁ ରଖିଲେ ଅଲେଖ ।
ଗୃହଶୂନ୍ୟେ ଗୃହବସ୍ତୁ ବୋଲାଇଲେ ନିରାକାର ।
ଯେ ଯାହା ଅନୁରୂପ ସେ କଲେକ ବିହାର ।
ଯୋଗ ଆସନରେ ପହୁଡ଼ି ଯେ ଯୋଗ ନିଦ୍ରାଗଲେ ।
ତାହାଙ୍କର ତହୁଁ ପୁଣି ବ୍ରହ୍ମାମାନେ ଜାତହେଲେ ।

ନେପାଳର ସ୍ୱୟମ୍ଭୂ ପୁରାଣମତରେ ବୈରୋଚନ ଉପରରେ(ଊର୍ଦ୍ଧ୍ୱ)ଦିଗରେ ଅକ୍ଷୋଭ୍ୟ ପୂର୍ବଦିଗରେ । ରତ୍ନସମ୍ଭବ-ଦକ୍ଷିଣରେ । ଅମିତାଭ-ପଶ୍ଚିମରେ ଏବଂ ଅମୋଘ ଉତ୍ତରରେ ଅବସ୍ଥିତ । ୧ ।

ଏଥିରୁ ସ୍ପଷ୍ଟଭାବରେ ଜଣାଯାଉଛି ଯେ-ବୌଦ୍ଧଧର୍ମର ମହାଯାନଶାଖା ଉତ୍କଳ ଦେଶରେ ପ୍ରଚଳିତ ଥିବା ଯୋଗୁଁ ତହିଁର ପ୍ରଭାବ ଓ ଛାୟା ପଞ୍ଚଦଶ ଶତାବ୍ଦୀର କବି ଚୈତନ୍ୟ ଦାସଙ୍କ ବସ୍ତୁଗର୍ଭ ପୁରାଣରେ ପ୍ରତି-

୧· ଊର୍ଦ୍ଧ୍ୱେ ବୈରୋଚନଞ୍ଚ ପି ପୂର୍ବେ ଅକ୍ଷୋଭ୍ୟ ମିତ୍ୟପି ଦକ୍ଷିଣେ ରତ୍ନସମ୍ଭବଂ ଅମିତାଭଂ ପଶ୍ଚିମେଽପି । ଉତ୍ତରେ ଯୋଗସିଦ୍ଧଞ୍ଚ ଇତି ପଞ୍ଚତଥାଗତଂ
ସ୍ୱୟମ୍ଭୂପୁରାଣ Asiatic Society 36 ୧୨.370-71

ଫଳିତ ହୋଇଅଛି । ମହାଯାନଶାଖାର ଆଦିବୁଦ୍ଧ ପଞ୍ଚଧ୍ୟାନୀ ବୁଦ୍ଧ ଏବଂ ପଞ୍ଚ ବୋଧିସତ୍ତ୍ୱ କାଳବଶରୁ ଏବଂ ସନାତନ ବୈଷ୍ଣବଧର୍ମର ପ୍ରଭାବଯୋଗୁଁ ବିଷ୍ଣୁଗର୍ଭ ପୁରାଣରେ ଛଅ ବିଷ୍ଣୁ ଓ ଗୁରୁ ବ୍ରହ୍ମାରୂପରେ ବର୍ଣ୍ଣିତ ହୋଇ-ଅଛନ୍ତି । ବୈଷ୍ଣବମାନଙ୍କର ବାସୁଦେବ ସଙ୍କର୍ଷଣ, ପ୍ରଦ୍ୟୁମ୍ନ ଏବଂ ଅନିରୁଦ୍ଧ ନାମରେ ଚତୁର୍ବ୍ୟୂହର କଳ୍ପନା ଏବଂ ପାତାଳର ଅଧିଷ୍ଠାତୃଦେବ ଅନନ୍ତ ଏବଂ ଗୋଲୋକର ଅଧିପତି ଭଗବାନ ଶ୍ରୀକୃଷ୍ଣ ବା ମହାନାରାୟଣଙ୍କ ଅନୁସାରେ ବୈଷ୍ଣବମାନଙ୍କର ଚତୁର୍ବ୍ୟୂହାଦିର କଳ୍ପନା ହୋଇଅଛି । କେଉଁଧର୍ମ କାହା ଉପରେ ପ୍ରଭାବ ବିସ୍ତାର କରିଅଛି, ତାହାର ନିର୍ଣ୍ଣୟ କେହି କିଛି କରିନାହାନ୍ତି । ଏଠାରେ ତାହାର ନିର୍ଣ୍ଣୟର ଅବକାଶ ମଧ୍ୟ ନାହିଁ ।

ପଞ୍ଚସଖାମାନେ ଶୂନ୍ୟରୁ ସଂସାରର ସୃଷ୍ଟି ବର୍ଣ୍ଣନା କରିଅଛନ୍ତି । ମହାଯାନଶାଖାର ଶୂନ୍ୟ ଏବଂ ପଞ୍ଚସଖା ପ୍ରଭୃତିଙ୍କର ମହାଶୂନ୍ୟ ବା ଶୂନ୍ୟ ବ୍ରହ୍ମ ମଧ୍ୟରେ ବିଶେଷ କିଛି ପାର୍ଥକ୍ୟ ନାହିଁବୋଲି ପୂର୍ବରେ ପ୍ରଦର୍ଶିତ ହୋଇଅଛି । ବଳରାମଦାସ ବ୍ରହ୍ମାଣ୍ଡଭୂଗୋଳରେ ଏହିପରିଭାବରେ ସୃଷ୍ଟି ପ୍ରକ୍ରିୟା ବର୍ଣ୍ଣନା କରିଅଛନ୍ତି । ଯଥା—

ଯେକାଳେ ନଥିଲା ସଂସାର । ନଥିଲା ଚନ୍ଦ୍ର ଦିବାକର ।
ନଥିଲେ ଦିବସ ରଜନୀ । ନଥିଲା ମେରୁ ମେଦିନୀ ।
ନଥିଲେ ଆବର ପବନ । × × ×
× × +
ସେ କାଳେ ଶୂନ୍ୟ ମୋର ରୂପ ।
ଏମନ୍ତେ ଗଲା କୋଟି କଳ୍ପ । ଇତ୍ୟାଦି ।
+ + +
ଏମନ୍ତେ କେତେ ଦିନ ଅନ୍ତେ । ଦୟା ବସିଲା ମୋର ଚିତ୍ତେ ।
ସୃଷ୍ଟି କରିତେ ବାଞ୍ଛା ହେଲା ।
ମୋ ଅଙ୍ଗୁ ବିନ୍ଦୁ ଉଛୁଳିଲା ।

ସେ ବନ୍ଦୁ ହସ୍ତରେ ଠେଲ । ଛିଅଙ୍ଗୁଳେ ଗଳାଇଲ ।
ସେ ବନ୍ଦୁ ନିସ୍ପୃହଗ ହେଲ । ନିଖାଜ ରସ ବୋଲାଇଲ ।
ନିବାଜରୁ ନିସ୍ପୃ ଦେବ । ହୋଇଲେ ବ୍ରହ୍ମାବିଷ୍ଣୁ ଶିବ ।

ପ୍ରଣବ ଗୀତାରେ ମଧ୍ୟ ଏହି ପ୍ରକାରରେ ସୃଷ୍ଟିର କ୍ରମ ବର୍ଣ୍ଣିତ ହୋଇଅଛି । ଯଥା—

ଅନ୍ତ୍ୟରୁ ଶୂନ୍ୟ ହୋଏ ଜାତ । ଶୂନ୍ୟରୁ ପ୍ରଣବ ସମ୍ଭୂତ ।
। ଇତ୍ୟାଦି ।

ବୌଦ୍ଧଧର୍ମରେ ଧର୍ମର ସ୍ଥାନ ଅତି ଉଚ୍ଚରେ । କାରଣ—ଧର୍ମକୁ ତ୍ରିରତ୍ନ ଭିତରେ (ବୁଦ୍ଧ ଧର୍ମ ସଂଘ) ଦ୍ୱିତୀୟ ସ୍ଥାନ ଅଧିକାର କରିଅଛି । ମହାଦେବ ଦାସ ଧର୍ମଗୀତାରେ ମହାଶୂନ୍ୟରୁ ଧର୍ମର ଉତ୍ପତ୍ତି ଏବଂ ଧର୍ମରୁ ସଂସାରରୁ ସୃଷ୍ଟି ବିଷୟ ବର୍ଣ୍ଣନା କରିଛନ୍ତି । ଯଥା—

ଶୂନ୍ୟ ଶୂନ୍ୟ ମହା ଶୂନ୍ୟ ସେ ଭୁବନସ୍ଥାନ ।
ଲକ୍ଷ ଯେହ୍ନେ ମହାଶୂନ୍ୟ ହୋଇଛି ନିର୍ମାଣ ।

+ + +

ସେ ଆସନେ କେତେକୋଟି ଯୁଗ ବହିଗଲା ।
ଶୁଣ ଏବେ ଧର୍ମ ଜାତ ଯେମନ୍ତ ହୋଇଲା ।
ମହାପ୍ରଭୁ ଶୁଣି ଶୁଣି ପାପ କଲେ ଧ୍ୱଂସ ।
ଧର୍ମକୁ ଶ୍ରୀମୁଖୁଁ ପ୍ରଭୁ କଲେକ ପ୍ରକାଶ ।
କେତେ କଲ୍ପେ କାଳେ ପ୍ରଭୁ ହାଇଏ ମାଇଲେ ।
ସେ ହାଇ ଶ୍ରୀମୁଖରୁ ପବନ ଜାତ ହେଲେ ।
ଉଭାହୋଇ ପବନ ଯେ ବୋଲଇ ଗୋସାଇଁ ।
କାହିଁ ଯିବ ଜାତ ମୋତେ କଲ କାହିଁପାଇଁ ।
ପ୍ରଭୁବୋଇଲେ ପବନ ଧାଡିକାରେ ଯିବୁ ।
ସଂସାର ପୃଥ୍ୱୀ ସୃଜଣ କାହୁଡ଼ ଆସିବୁ ।
ପିତା ଆଜ୍ଞା ପାଇଁ ସେ ପବନ ଚଳିଗଲା ।

ଆସିବ ସଂସାର ସୃଜ ବୋଲି କହିଗଲା ।
ମନେ ବିଚାରିଲା ଯଦି ସଂସାର ସୃଜିବ ।
ଦେଖିଣ ସଂସାର ମୂର୍ଖ ଆସି ନ ପାରିବ ।
ଏ ସଂସାର ସୃଜିବାକୁ ପବନ ଡରିଲା ।
ଯୋଗଧ୍ୟାନ କରି ଯୁଗ ପୁତ୍ର ଜାତ କଲା ।
ଯୁଗକୁ ବୋଇଲା ଏହିକ୍ଷଣି ତୁହି ଯିବୁ ।
ସଂସାର ପୃଥ୍ୱୀ ସୃଜଣ ବାହୁଡ଼ି ଆସିବୁ ।
ଆଜ୍ଞାପାଇ ଯୁଗ ବେଗେ ଚଳିଗଲା ।
ଆସିବ ସଂସାର ସୃଜ ବୋଲି କହିଗଲା ।
ବାଟେ ବିଚାରିଲା ମନେ ସଂସାର ସୃଜିବ ।
ଦେଖି ସଂସାର ମୂର୍ଖ ଆସି ନ ପାରିବ ।
ଯୁଗ ପୃଥ୍ୱୀ ସୃଜିବାକୁ ମହାଭୟ କଲା ।
ନିରଞ୍ଜନ ବୋଲି ପୁଅ ଦେହୁଁ ଜାତକଲା । ୪୦
ବୋଇଲା ତୁ ନିରଞ୍ଜନ ଏହିକ୍ଷଣି ଯିବୁ ।
ସଂସାର ପୃଥ୍ୱୀ ସୃଜଣ ବାହୁଡ଼ି ଆସିବୁ ।
ଆଜ୍ଞାପାଇ ନିରଞ୍ଜନ ତହୁଁ ଚଳିଗଲା ।
ଏ ସଂସାର ସୃଜିବାକୁ ମହାଭୟ କଲା ।
ନିରଞ୍ଜନ ଏ ସଂସାର ସୃଜ ନ ପାରିଲା ।
ନିର୍ଗୁଣ ବୋଲିଣ ପୁତ୍ର ଦେହୁଁ ଜାତ କଲା ।

× × ×

ଗୁଣହି ସଂସାର ସୃଜ ନ ପାରିଲା ।
ଠୁଳବୋଲି କରି ପୁତ୍ର ଦେହୁ ଜାତ କଲା । ୩୯
ଠୁଳକୁ ବୋଇଲେ ବାପୁଁ ଏହିକ୍ଷଣି ଯିବୁ ।
ସଂସାର ପୃଥ୍ୱୀ ସୃଜଣ ବାହୁଡ଼ି ଆସିବୁ ।
ପିତା ଆଜ୍ଞା ପାଇ ଠୁଳ ବେଗେ ଚଳିଗଲା ।
ଏ ସଂସାର ସୃଜିବାକୁ ମହାଭୟ କଲା ।

ଠୂଳହିଁ ଉଠିଲା ପୃଥ୍ୱୀ ସୃଜିବାର ପାଇଁ ।
ବାଟରେ ବସିଲା ଉଠି ନିଃଶ୍ୱାସ ପକାଇ
ମହାଯୋଗ ଧ୍ୟାନ କରି ଠୂଳହିଁ ବସିଲା ।
ଧର୍ମ ବୋଲି ଏକ ପୁତ୍ର ଦେହୁ ଜାତ କଲା ।
ଧର୍ମକୁ ବୋଇଲା ବାପୁ ବେଗେ ହୋଇ ଯିବୁ ।
ସଂସାର ଭୋଗ ସୃଜିଣ ବାହୁଡ଼ି ଆସିବୁ ।
ପିତାର ବଚନ ଧର୍ମ ଲଙ୍ଘି ନ ପାରିଲା ।
ଆସିବ ସଂସାର ସୃଜି ବୋଲି କହିଗଲା । ୫ ।
ଧର୍ମହି ସେ ସଂସାର ସୃଜିବାକୁ ଉଠିଲା ।
ପିତାବୋଲେ ଯାଇ ଧର୍ମ ଭାଳଣ ବସିଲା ।
ବୋଇଲେ ଧର୍ମ ପିତା ଆଜ୍ଞା ଲଙ୍ଘି ନ ପାରିଲି ।
ସଂସାର ସୃଜିଲେ ତ ନିଶ୍ଚୟ ନାଶ ଗଲି ।
ମୋହ ହୋଇ ପଡି ଋଷିମାନେ ମୋହଯାନ୍ତି ।
ମୁହିଁ ସୃଜି ମୋହଯିବି କରି ଏହି ଭ୍ରାନ୍ତି ।
ଦେହ ଗମଗମ ଘର୍ମ ଗଣ୍ଡରୁ ବହିଲା ।
ହୃଦୟର ମନରେ ଧର୍ମ ଭାଳଣ କରିଲା ।
କପାଳରୁ ଝାଳ ପାଣି ହସ୍ତେ ଫିଙ୍ଗି ଦେଲେ ।
ସେ ପାଣି ଭୂମିରେ ପଡ଼ି ସ୍ତ୍ରୀ ଜନମିଲେ ।
ନବ ଯୁବା ହୋଇ ଭୂମିରେ ପଡ଼ିଯା
ହସିଲେ ଅଳପ ହୋଇ ସେ ଧୀରେ ଅନାଇ ।
ଧର୍ମ ଦେବତା ଏ ଦେଖିଣ ଅସମ୍ଭାଳ ହୋଇଲା ।
ଖସିଲାକ ବୀଜ ଅଙ୍ଗୁ ହସ୍ତରେ ଧଇଲା ।
ଏତେବୋଲି ଧର୍ମ ବୀଜ ସେଠାରେ ଢାଳିଲେ ।
ତିନିଖଣ୍ଡ ହୋଇ ବୀଜ ସେଠାରେ ପଡ଼ିଲେ ।
ପଡିଣ ସେଠାରେ ବୀଜ ଶିବ ବ୍ରହ୍ମା ବିଷ୍ଣୁ ଜାତ ।
ତିନିପୁଅ ଦେଖି ଧର୍ମ ହୋଇଲେ ଉଷତ ।

ବ୍ରହ୍ମାଙ୍କୁ ବୋଇଲେ ତୁମ୍ଭେ ପୃଥ୍ୱୀ ଜାତକର ।
ବିଷ୍ଣୁଙ୍କୁ ବୋଇଲେ ତୁମ୍ଭେ ଅସୁରଙ୍କୁ ମାର ।
ଈଶ୍ୱରଙ୍କୁ ବୋଇଲେ ତୁ ଯୋଗକର ଧ୍ୟାନ ।
ବ୍ରହ୍ମା ବିଷ୍ଣୁ ଦୁଇ ଭାଇଠାରୁ ତୁ ଯେ ସାନ ।
ଆମ୍ଭେ ଯାଉଅଛୁ ଯେ ପିତାଠାକୁ ମୋର ।
ତୁମ୍ଭେ ତିନିଭାଇ ସୃଜିବ ସଂସାର ।
ଦେବୀ ବୋଇଲେ କପାଳୁଁ ଜାତ କଲୁ ମୋତେ ।
ବାପଗୁଡ ପୁତ୍ର ସଙ୍ଗେ ରହିବି କେମନ୍ତେ ।
ଧର୍ମ ବୋଲେ ମାଗୋ ସଙ୍ଗେ କନ୍ୟା ଯିବୁ ।
ପୃଥ୍ୱୀ ଭୋଗ ଦେଇ ସବୁ ସେବା ତୁ ନେଇବୁ ।
ବ୍ରହ୍ମା ବିଷ୍ଣୁ ହର ଏ ତିନି ପୁତ୍ର ମୋର ।
ଏକ୍ଷଣି ସୃଜିବେ ସଂସାର ଖେଳଘର ।
ତୁମ୍ଭେ ଲକ୍ଷେ ରୂପହେବ ଗ୍ରାମ ଦେବୀରୂପେ ।
ଲକ୍ଷେ ପୂଜାପାଇବା ଏପୃଥ୍ୱୀ ଯାକେ ।

ଏହି ସୃଷ୍ଟି କ୍ରମରେ ଭାଗବତରେ ବର୍ଣ୍ଣିତ ସୃଷ୍ଟି କ୍ରମର ଛାୟା ପଡିଥିଲେ ମଧ୍ୟ ଏଥିରୁ ସ୍ପଷ୍ଟଭାବରେ ଜଣାଯାଏ—ମହାଶୂନ୍ୟରୁ ଏକ କାଳରେ ନିର୍ଗୁଣ ଓ ସଗୁଣର ସୃଷ୍ଟି ହେବାପରେ ଧର୍ମର ସୃଷ୍ଟି ହୋଇ-ଅଛି । ଏହି ଧର୍ମରୁ ପ୍ରକୃତ ରୂପିଣୀ ସ୍ତ୍ରୀର ଉତ୍ପତ୍ତି ହୋଇଅଛି । ମହାଦେବ ଦାସ ଏଠାରେ ଧର୍ମକୁ ପୁରୁଷ ରୂପରେ କଳ୍ପନା କରିଛନ୍ତି । କିନ୍ତୁ ବଳରାମ ଦାସ ଗଣେଶ ବିଭୂତିରେ ମହାଶୂନ୍ୟକୁ ଆଦ୍ୟମାତାରୂପରେ ଏବଂ ନିରଞ୍ଜନଙ୍କୁ ସଖାରୂପରେ ବର୍ଣ୍ଣନା କରିଛନ୍ତି-ଯଥା—

ମହାନିତ୍ୟ ସ୍ଥାନ ସେହି ଏବ୍ରତ ପ୍ରମାଣ ।
ଆଦ୍ୟମାତା ଦେବୀ ସେ ଦେବତା ମହାଶୂନ୍ୟ ।
ସଖି ତହିଁ ଆଦ୍ୟମାତା ସଖା ନିରଞ୍ଜନ ।
ତତ୍ତ୍ୱ କରି କହିବେବା ହେତୁ କରି ଚିହ୍ନ । ୨ୟ ଅ

ଏହା ନିତ୍ୟସ୍ଥଳୀରେ ରାଧାକୃଷ୍ଣଙ୍କର ଯୁଗଲ ମିଳନ ବିଷୟ ଉଲ୍ଲେଖଳଭି

ବୈଷ୍ଣବମାନେ ବର୍ଣ୍ଣନା କରିଛନ୍ତି । କିନ୍ତୁ ନେପାଳର ସ୍ୱୟମ୍ଭୂ ପୁରାଣରେ ଧର୍ମ ସ୍ତ୍ରୀରୂପରେ ବର୍ଣ୍ଣିତ ହୋଇଛନ୍ତି । ସେହି ଧର୍ମର ନାମାନ୍ତର ହେଉଛି ବୁଦ୍ଧମାତା ଓ ପ୍ରଜ୍ଞା ପାରମିତା । ଯଥା---

ଧର୍ମୋ ଦୟା ସ୍ୱରୂପେଣ ତ୍ରୈଲୋକ୍ୟେ ଚ ପ୍ରଖ୍ୟାପିତା
ସର୍ବତଥାଗତାନାଂଚ ଜନନୀ ଇତି ଖ୍ୟାପିତା ।
ଖଗନାମ୍ନେ ନାମେନ ଖବର୍ଣ୍ଣଶୂନ୍ୟରୂପିଣୀ
ଶୂନ୍ୟତା ଶୂନ୍ୟତା ମାତା ବୁଦ୍ଧମାତା ପ୍ରକୀର୍ତ୍ତିତା ।
ପ୍ରଜ୍ଞା ପାରମିତ'ରୂପୀ ବୁଦ୍ଧନାଂ ଜନନୀ ତଥା । ବୃହତ୍ସ୍ୱୟମ୍ଭୂ-
ପୁରାଣ ପୃ୯ ।

ତ୍ରିଲୋକରେ ଧର୍ମ ଦୟାରୂପରେ ପରିଚିତା ସେହି ଧର୍ମ ସମସ୍ତ ତଥାଗତମାନଙ୍କର ମାତା ।

ଆକାଶର ବର୍ଣ୍ଣ ଏବଂ ଶୂନ୍ୟର ଆକୃତିଥିବାରୁ ଧର୍ମ ଖଗ ନାମରେ କଥିତ ହୁଏ । ଶୂନ୍ୟତା ବୁଦ୍ଧମାତା ନାମରେ ମଧ୍ୟ ବର୍ଣ୍ଣିତ ହୁଏ । ସେହି ଧର୍ମର ନାମାନ୍ତର ପ୍ରଜ୍ଞାପାରମିତା । ସେ ସମସ୍ତ ବୁଦ୍ଧମାନଙ୍କର ମାତା ଅଟନ୍ତି ।

ଅଚ୍ୟୁତାନନ୍ଦ ଦାସ ଶୂନ୍ୟ ସଂହିତାରେ ବୁଦ୍ଧମାତାଙ୍କର ବିଷୟ ଉଲ୍ଲେଖ କରିଛନ୍ତି । ସୁଦାମା ନିତ୍ୟ ରାଧାକୃଷ୍ଣଙ୍କର ରାସସ୍ଥଳୀକୁ ଗଲାବେଳେ ଜଣେ ସଖୀ ଆସି ତାହାଙ୍କୁ ନିଜର ଏହିପରି ପରିଚୟ ଦେଇଥିଲେ—

"ଆମ୍ଭେ ବୁଦ୍ଧମାତା ନିତ୍ୟ ରାହାସ ମଣ୍ଡପେ ।"

କୃଷ୍ଣ ମଧ୍ୟ ସୁଦାମାଙ୍କୁ କହିଥିଲେ—

"ବୁଦ୍ଧମାତା ଆଦ୍ୟଶକ୍ତି ସଖୀ ଛନ୍ତି କହି
ନିରାକାର ଭଜନେ ନିର୍ମଳ ଭକ୍ତି ପାଇ ।"

ସୁତରାଂ ଅଚ୍ୟୁତାନନ୍ଦ ଦାସ ଆଦ୍ୟଶକ୍ତିଙ୍କୁ ବୁଦ୍ଧମାତା ଓ ସ୍ତ୍ରୀ ରୂପରେ ବର୍ଣ୍ଣନା କରିଛନ୍ତି । ନିରାକାର ଭଜନ ବୌଦ୍ଧମତର ପ୍ରଭାବ ବୋଲି ତାଙ୍କର ଏହି ଉଦ୍ଧୃତାଂଶରୁ ସୂଚିତ ହୁଏ । ପୂର୍ବୋକ୍ତ ଆଲୋଚନାରୁ ସ୍ପଷ୍ଟ-ଭାବରେ ପ୍ରତିପାଦିତ ହେଉଅଛି ଯେ ବୌଦ୍ଧଧର୍ମର ଛାୟା ଓଡ଼ିଶାର ଧର୍ମ ଓ

ସାହିତ୍ୟରେ ଓତପ୍ରୋତଭାବରେ ପ୍ରତିଫଳିତ ହୋଇଅଛି । କିମ୍ବା ତାନ୍ତ୍ରିକ ବୌଦ୍ଧଧର୍ମ ପରିବର୍ତ୍ତିତ ହୋଇ ତାନ୍ତ୍ରିକ ବୈଷ୍ଣବଧର୍ମ ଓ ମହିମାଧର୍ମ ପ୍ରଭୃତି ଭିନ୍ନ ସାମ୍ପ୍ରଦାୟିକ ଧର୍ମରେ ପରିଣତ ହୋଇଅଛି ।

ଐତିହାସିକ ଦୃଷ୍ଟିରୁ ଦେଖିବାକୁ ଗଲେ ଜଣାଯାଏ—ଉତ୍କଳର ଦୁଇ ଜଣ ବ୍ୟବସାୟୀ ତପୁଷ ଓ ଭଲ୍ଲିକ ବୁଦ୍ଧଦେବଙ୍କର ସର୍ବ ପ୍ରଥମରେ ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ମହାଯାନ ବୌଦ୍ଧଙ୍କର ଶୂନ୍ୟବାଦ ପ୍ରଥମରେ ଓଡ଼ିଶାରୁ ପ୍ରଚରିତ ହୋଇଥିଲା ବୋଲି ପୂର୍ବରେ କଥିତ ହୋଇ-ଅଛି । ବୌଦ୍ଧପରିବ୍ରାଜକ ତାରାନାଥ କହିଛନ୍ତି-ବୌଦ୍ଧଧର୍ମର ସର୍ବପ୍ରଧାନ ଦାର୍ଶନିକ ନାଗାର୍ଜ୍ଜୁନ ଓଡ଼ିଶାକୁ ଆସିଥିଲେ ଏବଂ ଏହି ଦେଶର ରାଜା ମୁଞ୍ଜକୁ ବୌଦ୍ଧଧର୍ମରେ ଦୀକ୍ଷିତ କରିଥିଲେ ।୧। ସେ ଓଡ଼ିଶାରେ ଅନେକ ବିହାର ନିର୍ମାଣ କରିଥିଲେ । ୭ମ ଶତାବ୍ଦୀରେ ହୁଏନ୍‌ସାଂ ଓଡ୍ର ଦେଶରେ ମହାଯାନ ମତର ପ୍ରାଧାନ୍ୟ ଓ ପ୍ରତିପତ୍ତି ପୂର୍ଣ୍ଣମାତ୍ରାରେ ରହିଥିବାର ଉଲ୍ଲେଖ କରିଛନ୍ତି ।୨। ପୁଷ୍ପଗିରିରେ ( ଆଧୁନିକ ରତ୍ନଗିରି ଓ ଉଦୟଗିରି ) ବୌଦ୍ଧ ଯୌଗିକ ଓ ତାନ୍ତ୍ରିକ ସାଧନାର ପୀଠସ୍ଥଳୀ ଥିଲା ଏବଂ ସେଠାରେ ତାନ୍ତ୍ରିକ ସାଧନାର ବିଶ୍ୱବିଦ୍ୟାଳୟ ରହିଥିଲା । ଯୋଗସାଧନା ଲାଗି ବିଭିନ୍ନ ଦେଶରୁ ଲୋକମାନେ ଏଠାକୁ ଆସୁଥିଲେ । ୭ମ ଶତାବ୍ଦୀରେ କାବୁଲ ଦେଶର ପ୍ରାଜ୍ଞ ନାମରେ ଜଣେ ଶିଷ୍ୟ ନାଳନ୍ଦାରେ ୧୮ବର୍ଷ ଅଧ୍ୟୟନ କରିସାରି ପୁଷ୍ପଗିରିକୁ ଯୋଗଶିକ୍ଷା କରିବା ଲାଗି ଆସିଥିଲେ । ୮ମ ଶତାବ୍ଦୀରେ କରବଂଶୀ ରାଜାମାନେ ଦକ୍ଷିଣ ଓଡ଼ିଶାରେ ରାଜତ୍ୱ କରୁଥିଲେ । ଏହି କରବଂଶର ଅନେକ ରାଜା ବୌଦ୍ଧଥିଲେ ଏବଂ ବୌଦ୍ଧଧର୍ମ ପ୍ରଚାର କରିଥିଲେ । Dr. Kern ବୌଦ୍ଧଧର୍ମର ଇତିହାସ ଲେଖକମାନଙ୍କ

୧. Taranath Account. The journal of the Dept of Letters Calcutta.

୨. University vol I P. 28.

Archaeological Survey No. 44

ମଧ୍ୟରେ ଜଣେ ପ୍ରଧାନ ବଶିଷ୍ଟ ଲେଖକ । ସେ ଏହ୍ନପରି ଲେଖିଅଛନ୍ତି—

After the invasion of the country by the Mahomedans in A. D. 1200, the monastries of Odantapura and Vikrama Cila were destroyed and the monks were killed or fled to the other countries. The learned Cakya—Cri went to Orissa and afterwards to Tibet. ଦ୍ୱାଦଶ ଶତାବ୍ଦୀରେ ମୁସଲମାନମାନେ ଏହ୍ନି ଦେଶକୁ ଆକ୍ରମଣ କଲାପରେ ଦନ୍ତପୁର ଓ ବକ୍ରମଶିଳାର ବହାରମାନ ନଷ୍ଟବନଷ୍ଟ ହୋଇଥିଲା ଏବଂ ବୌଦ୍ଧ ଭିକ୍ଷୁ ସନ୍ନ୍ୟାସୀମାନେ ନହତ ହୋଇଥିଲେ । କେହ୍ନି କେହ୍ନି ଅନ୍ୟ-ଦେଶକୁ ପଳାଇ ଯାଇଥିଲେ । ପ୍ରଧାନ ପଣ୍ଡିତ ଶାକ୍ୟଶ୍ରୀ ଓଡ଼ଶାକୁ ଯାଇଥିଲେ ଏବଂ ପରେ ସେ ତିବ୍‌ବତକୁ ଯାଇଥିଲେ ।" ସେହ୍ନି ପ୍ରସିଦ୍ଧ ଐତହାସିକ Dr Kern ପୁଣି ଲେଖିଛନ୍ତି—

"Many emigrants from Magadha rejoined their brother in the south and founded colleges on a modest scale in Vijaya nagar, Kaling and Konkama.

ଅନେକ ଭିକ୍ଷୁ ଶ୍ରମଣ ମଗଧରୁ ପଳାଇଯାଇ ଦକ୍ଷିଣରେ ସେମାନଙ୍କ ଭାଇମାନଙ୍କ ସହ୍ନିତ ମିଳିଥିଲେ ଏବଂ ବଜୟ ନଗର, କଳିଙ୍ଗ ଏବଂ କଙ୍କଣରେ ସାଧାରଣ ଭାବରେ ମହାବଦ୍ୟାଳୟମାନ ସ୍ଥାପନ କରିଥିଲେ । (୧)

ସୁତରାଂ ୧୨ଶ ଶତାବ୍ଦୀ ପରେ ମୁସଲମାନମାନେ ମଗଧ, ଗୌଡ଼ ଅଧିକାର କଲା ପରେ ୨ ନାଳନ୍ଦା ଓ ବକ୍ରମଶିଳାର ପତନ ଓ ଧ୍ୱଂସ ହୋଇଥିଲା । ଓଡ଼ଶା ବୌଦ୍ଧଧର୍ମର ପ୍ରଧାନ ଆଶ୍ରୟସ୍ଥଳୀ ହୋଇ ରହ୍ନିଥିଲା ।

1. Manual of Buddhism P. 134.

ନଗେନ୍ଦ୍ରନାଥ ବସୁ ମହାଶୟ ଲେଖିଛନ୍ତି—

"ସପ୍ତଦଶ ଶତାବ୍ଦୀର ଶେଷ ଭାଗରେ ତିବ୍ବତର ପରିବ୍ରାଜକ ବୁଦ୍ଧଗୁପ୍ତ ତଥାଗତନାଥ ଉତ୍କଳଦେଶ ପରିଭ୍ରମଣ କରିଥିଲେ । ସେ ବୌଦ୍ଧମିଧର ପୁରାତନ ଚୈତ୍ୟ ସ୍ତୂପ ଏବଂ ଅନ୍ୟାନ୍ୟ ଚିହ୍ନସବୁ ଦେଖିଥିଲେ । ସେ ବୌଦ୍ଧଧର୍ମର କେତେକ ଜୀବିତ ପ୍ରଚାରକଙ୍କୁ ଭେଟିଥିଲେ ।

"Even when Tibetan Pilgrim Buddhagupta Tathagata Nath visited Utkal towards the latter half of the 17th. Century he found old chaitvas, stupas and various other relics of the faith which once had so strong a hold upon the minds of the people residing there. He also met some living priest of the Dharma cult. 1.

ତିବ୍ବତୀୟ ଭାଷାରେ ସମ୍ପୋଖମ୍ପଙ୍କ ଲିଖିତ ପାଗ୍ ସାମ୍ ଜନ୍ ଜାନ୍ (Pag Sam Zan jan)ରେ ଓଡ଼ିଶାର ଶେଷ ଗଜପତି ରାଜା ମୁକୁନ୍ଦ ଦେବଙ୍କ ବିଷୟ ଉଲ୍ଲିଖିତ ହୋଇଛି ।"Mukund.Deva (Dharma Ràj) king of Odavisa (Orissa) who favoured Buddhism became powerful. His power extended up to Magadha. He too did some service to the eause of Buddhism.

ଓଡ଼ିଶାର ରାଜା ମୁକୁନ୍ଦଦେବ ବୌଦ୍ଧଧର୍ମକୁ ପ୍ରଶ୍ରୟ ଓ ସମର୍ଥନ କରୁଥିଲେ । ସେ ବିଶେଷ କ୍ଷମତାଶାଳୀ ହୋଇଥିଲେ । ତାଙ୍କର ଶକ୍ତି ଓ କ୍ଷମତା ମଗଧ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ସେ ମଧ୍ୟ ବୌଦ୍ଧଧର୍ମ ସପକ୍ଷରେ ଅନେକ କାର୍ଯ୍ୟ କରିଥିଲେ ।

ଚୈତନ୍ୟଙ୍କ ଓଡ଼ିଶା ଆଗମନପରେ ଓଡ଼ିଶାରେ ତାନ୍ତ୍ରିକ ବୈଷ୍ଣବ ବିଶେଷ

1. Modern Buddhism and its followers in Orissa P. 14

ପ୍ରତିପତ୍ତି ଲାଭ କରିଥିଲା ଏବଂ ମହିମାଧର୍ମ କ୍ରମେ ୨ ବିସ୍ତାର ଲାଭ କରୁଥିବାର ପ୍ରମାଣ ସାହିତ୍ୟରୁ ମିଳେ । କିନ୍ତୁ ସପ୍ତଦଶ ଶତାବ୍ଦୀରେ ଓଡ଼ିଶାରେ ବୌଦ୍ଧଧର୍ମର ସତ୍ତାଥିବାର ପ୍ରମାଣ ଇତିହାସ ବା ସାହିତ୍ୟରୁ ମିଳେ ନାହିଁ । ବୁଦ୍ଧଗୁପ୍ତ ତାରନାଥ ୧୬ଶ ଶତାବ୍ଦୀର ଅନ୍ତିମ ଭାଗରେ ଯେଉଁ ମୁକୁନ୍ଦ ଦେବଙ୍କ କଥା ଉଲ୍ଲେଖ କରିଛନ୍ତି—ସେ ହେଉଛନ୍ତି ଓଡିଶାର ଶେଷ ହିନ୍ଦୁ ରାଜା । ତାହାଙ୍କ ସମୟରେ ଓଡ଼ିଶାର ବୌଦ୍ଧଧର୍ମ ଥିବାର ମଧ୍ୟ କିଛି ପ୍ରମାଣ ଅଦ୍ୟାବଧି ମିଳିନାହିଁ । ତେଣୁ ସମ୍ଭବତଃ ଶୂନ୍ୟବାଦର ପ୍ରଚାର ଯୋଗୁ ଓଡିଶାର ତାନ୍ତ୍ରିକ ବୈଷ୍ଣବ ଏବଂ ମହିମା ଧର୍ମର ଲୋକଙ୍କୁ ତାରନାଥ ବୌଦ୍ଧଧର୍ମୀ ବୋଲି ଗ୍ରହଣ କରିଥିଲେ । ମୁକୁନ୍ଦଦେବ ଏହି ସବୁ ଧର୍ମକୁ ବିଶେଷ ଭାବରେ ଉତ୍ସାହିତ କରୁଥିଲେ । ସୁତରାଂ ଓଡିଶାର ସାହିତ୍ୟ ଓ ଇତିହାସ ସମ୍ପୂର୍ଣ୍ଣଭାବରେ ପ୍ରମାଣିତ କରୁଛି ଯେ—ଓଡ଼ିଶାରେ ବୌଦ୍ଧ ଏବଂ ସନାତନ ହିନ୍ଦୁଧର୍ମର ସମନ୍ୱୟ ହୋଇଅଛି । ନୀଳାଚଳର ଜଗନ୍ନାଥଙ୍କ ମଧ୍ୟରେ ସନାତନ ହିନ୍ଦୁଧର୍ମର ସୌର ଗାଣପତ୍ୟ ଶୈବ ଶାକ୍ତ ତାନ୍ତ୍ରିକ ଏବଂ ବୈଷ୍ଣବ ପ୍ରଭୃତି ଭିନ୍ନ ୨ ସମ୍ପ୍ରଦାୟର ଯେପରି ସମନ୍ୱୟ ସ୍ଥଳୀ ସେ ସେହିପରି ବୌଦ୍ଧଧର୍ମ ଏବଂ ସନାତନ ହିନ୍ଦୁ ଧର୍ମର ମଧ୍ୟ ସମନ୍ୱୟ ସ୍ଥଳୀ । ସେହି ଜଗନ୍ନାଥ ଧର୍ମ ହେଉଛି ଓଡ଼ିଶାର ପ୍ରଧାନ ଧର୍ମ । ସେହି ଜଗନ୍ନାଥ ହେଉଛନ୍ତି ଶୂନ୍ୟବ୍ରହ୍ମ ଓ ଓଙ୍କାରର ଦ୍ୟୋତକ ଏବଂ ସାଧକଙ୍କର ଲକ୍ଷ୍ୟସ୍ଥଳ । ସେହି ଜଗନ୍ନାଥଙ୍କ ମୂଳରେ ରହିଅଛି—ତାନ୍ତ୍ରିକ ସାଧନା ।

ଯେଉଁମାନେ ଆଧ୍ୟାତ୍ମରାଜ୍ୟର ପଥିକ, ଯେଉଁମାନେ ଗୁରୁଦତ୍ତ ଶକ୍ତି ପ୍ରଭାବରେ ତତ୍ତ୍ୱପ୍ରଦର୍ଶିତ ସାଧନ ମାର୍ଗରେ ଅଗ୍ରସର ହେଉଛନ୍ତି—ସେମାନେ ଦେଖିବାକୁ ପାନ୍ତି ସାଧନା ଓ ତନ୍ତ୍ରଶାସ୍ତ୍ରର ସକଳ ଉପଦେଶର ମୂଳରେ ଗଭୀର ରହସ୍ୟ ରହିଅଛି । ଯେଉଁମାନେ ଚିତ୍ତକୁ ସ୍ଥିର ଓ ଅନ୍ତର୍ମୁଖ କରି ଅନ୍ତର୍ଜଗତରେ ପ୍ରବେଶ କରି ପାରି ନାହାନ୍ତି ଯେଉଁମାନେ ଏପରି ସ୍ଥୂଳଦୃଷ୍ଟି ସମ୍ପନ୍ନ ବୋଲି ସାଧନାର ବହିରଙ୍ଗରୁ ପ୍ରତ୍ୟାବୃତ୍ତ ହେବାକୁ ସମର୍ଥ ନୁହନ୍ତି ସେମାନଙ୍କ ପକ୍ଷରେ ଏହି ସୂକ୍ଷ୍ମାତିସୂକ୍ଷ୍ମ ରହସ୍ୟ

ତାକୁ ଭେଦ କରିବା ସୁସାଧ୍ୟ ନୁହେଁ । ଓଡ଼ିଶାର ତାନ୍ତ୍ରିକ ସାଧନା ଏବଂ ଜଗନ୍ନାଥ ଧର୍ମର ମୂଳରେ ଏହିପରି ରହସ୍ୟ ରହିଅଛି । ଅନେକ ଲୋକ ଜଗନ୍ନାଥ ଧର୍ମ ଓ ତାନ୍ତ୍ରିକ ସାଧନାର ରହସ୍ୟ ଭେଦ ନ କରିପାରି ତହିଁର ଆଧ୍ୟାତ୍ମିକ ବ୍ୟାଖ୍ୟାର ଔଚିତ୍ୟ ସମ୍ବନ୍ଧରେ ବିରୁଦ୍ଧମତ ପୋଷଣ କରିଥାନ୍ତି । ଲୌକିକ ବ୍ୟବହାରକ୍ଷେତ୍ରରେ ଯେ ଏ ପ୍ରକାର ବ୍ୟାଖ୍ୟା ଅନେକ ସ୍ଥଳରେ ଅପ୍ରାସଙ୍ଗିକ ହୋଇ ପଡ଼େ ଏଥିରେ ସନ୍ଦେହ ନାହିଁ । କାରଣ ସାଧାରଣ ମନୁଷ୍ୟ ସାଧାରଣ ଦୃଷ୍ଟିରେ ଯାହା ଦେଖିଥାଏ ତାହା ବୁଝିବାଲାଗି ତାକୁ ଅସାଧାରଣ ଉପାୟ ଅବଲମ୍ବନ କରିବାକୁ ପଡ଼େ ନାହିଁ । କିନ୍ତୁ ସତ୍ୟ ଦର୍ଶନର ଆଉଗୋଟିଏ ଅସାଧାରଣ ମାର୍ଗ ମଧ୍ୟ ରହିଅଛି । ବିଶେଷଜ୍ଞଙ୍କ ବ୍ୟତୀତ ଆଉ କେହି ସେହି ମାର୍ଗର ସନ୍ଧାନ ପାଇପାରେ ନାହିଁ । ତେଣୁ ତାହା ଅସାଧାରଣ ବୋଲି ଯେ ଅଗ୍ରାହ୍ୟ ବା ଉପେକ୍ଷଣୀୟ ଏପରି କହି ହେବ ନାହିଁ । ଆମ୍ଭମାନଙ୍କର ଚିରପରିଚିତ ଜଗତ୍‌କୁ ଆମ୍ଭେମାନେ ଯେଉଁ ଆଖିରେ ଦେଖିଥାଉ ଜଣେ ଉଚ୍ଚକୋଟିର ବୈଜ୍ଞାନିକ ସେହି ଜଗତ୍‌କୁ ସେ ଆଖିରେ ଦେଖେ ନାହିଁ । ତାହାର ସୂକ୍ଷ୍ମଦୃଷ୍ଟିରେ ଜଗତ୍‌ର ଯେଉଁ ଚିତ୍ର ପ୍ରତିଭାତ ହୁଏ ସେହି ଚିତ୍ର ସର୍ବଜନ ପ୍ରସିଦ୍ଧ ଜଗତ୍‌ର ଚିତ୍ରଠାରୁ ସମ୍ପୂର୍ଣ୍ଣ ଭିନ୍ନହେଲେ ମଧ୍ୟ ତାହା ଅଧିକତର ସତ୍ୟ ।

ଆମ୍ଭେମାନେ ପଞ୍ଚବିଧ ଜ୍ଞାନେନ୍ଦ୍ରିୟ ସାହାଯ୍ୟରେ ରୂପରସଗନ୍ଧାଦିର ସମଷ୍ଟୀଭୂତ ସ୍ଥୂଳଭାବାପନ୍ନ ଯେଉଁ ଜଗତ୍‌କୁ ବହିଃ ଭାବରେ ନିରନ୍ତର ଅନୁଭବ କରୁଅଛୁ ତହିଁର ସ୍ୱରୂପ କଣ ? ଯାହାର ଇନ୍ଦ୍ରିୟ ଶକ୍ତି ଯେଉଁ-ଭାବରେ ବିକଶିତ ଏବଂ ଯେଉଁ ପରିମାଣରେ ବଳସମ୍ପନ୍ନ ସେ ସେହି ଭାବରେ ଏହି ଜଗତ୍‌କୁ ଅନୁଭବ କରିଥାଏ । ରୂପଗ୍ରାହକ ଚକ୍ଷୁର ଅଭାବରେ ରୂପସତ୍ତା ଅବ୍ୟକ୍ତ ହୁଏ । ସେହିପରି ଇନ୍ଦ୍ରିୟମାନଙ୍କ ବହିର୍ମୁଖୀ ବୃତ୍ତି ନିରୁଦ୍ଧ ହେଲେ ଜଗତ୍ ମଧ୍ୟ ସାଙ୍ଗେ ସାଙ୍ଗେ ଲୀନ ହୋଇଯାଏ । ଏହି ଜଗତ୍ ଯାହାକୁ ଆମ୍ଭେମାନେ ବହିର୍ଜଗତ୍ ବୋଲି ବର୍ଣ୍ଣନା କରିଥାଉ ତାହା ସମଷ୍ଟି ଆତ୍ମାର କଳ୍ପନା-ସ୍ୱରୂପ । ଯେଉଁ ବିଶୁଦ୍ଧ ଚିଦ୍‌ଭୂମିରେ ସଂକଳ୍ପର ସ୍ଫୁରଣ ନାହିଁ ତାହାକୁ ନିର୍ବିକଳ୍ପ ପରମ ପଦ ବୋଲି କହନ୍ତି । ତାହା ବାକ୍ୟ ଓ

ମନର ଅଗୀତ ଓ ଅଗୋଚରର ସ୍ୱପ୍ରକାଶ ଅବ୍ୟକ୍ତ ଅବସ୍ଥା । ତହିଁରେ ସ୍ୱାଭାବିକ ଭାବରେ ସଂକଳ୍ପର ନିରନ୍ତର ସ୍ଫୁରଣ ହେଉଅଛି । ଏହା ହେଉଛି- ସ୍ପନ୍ଦନ ଶକ୍ତିର ବିଳାସ । ଏଥିରେ ଇଚ୍ଛା କାରଣ ନାହିଁ । ଚକ୍ଷୁର ନିମେଷ ପାତପରି ଏହି ସ୍ଫୁରଣ ନିଜେ ନିଜେ ହେଉଅଛି । ଅତଏବ ଚୈତନ୍ୟର ସ୍ୱରୂପଗର୍ଭରେ ଗୋଟିଏ ଆଡ଼େ ଯେପରି କୂଟସ୍ଥ ଶିବଭାବ ବା ବ୍ରହ୍ମ ଅନ୍ୟ- ଆଡ଼େ ସେହିପରି ସ୍ପନ୍ଦନ ସ୍ୱରୂପ ଶକ୍ତିଭାବ ବିରାଜମାନ ରହିଅଛି । ଶିବ- ଭାବରେ ଶକ୍ତି ମଧ୍ୟ ଶିବାକାରରେ ବିରାଜମାନ । ଶକ୍ତିଭାବରେ ଶିବମଧ୍ୟ ଶକ୍ତି ରୂପରେ ପ୍ରକାଶିତ । ଏହି ଦୁହିଁଙ୍କର ସାମ୍ୟଭାବରେ ଶିବଶକ୍ତିର ଅଦ୍ୱୟସ୍ୱରୂପ ତତ୍ତ୍ୱାତୀତ-ଭାବରେ ପ୍ରକାଶିତ । ଶକ୍ତିର ଏହି ନିତ୍ୟ ସ୍ଫୂର୍ତ୍ତି ବା ସ୍ପନ୍ଦନ ହେଉଛି ଅନାଦି ସଂକଳ୍ପ । ତାହାକୁ ଭିନ୍ନଭାବରେ ଦେଖିବାକୁ ଗଲେ ଜଗତର ଆଦି ସଂକଳ୍ପ ବା ବ୍ୟୁତ୍ଥିରୂପରେ ପ୍ରକାଶ ପାଇଥାଏ । ଶୁଦ୍ଧ ଚୈତନ୍ୟରେ ଏହି ଚିନ୍ମୟ ଅନାଦି ସଂକଳ୍ପ ସ୍ୱରୂପ ବିଶ୍ୱର ସୃଷ୍ଟି । ତହିଁ- ପରେ ଆଦି-ସଂକଳ୍ପର ପ୍ରକାଶ ହେଉଅଛି ସଂକଳ୍ପମୟ ଆତିବାହିକ ଜଗତର ବିକାଶ । ଯେଉଁ ବ୍ୟାପକ ଅଭିମାନରେ ଏହି ବିଶାଳ ଆତିବାହିକ ଜଗତ ବିଧୃତ ହୋଇ ରହିଅଛି-ତାହା ହେଉଅଛି ସମଷ୍ଟି ଆତ୍ମା । ଏହି ଅବସ୍ଥାରେ ଅତୀତ, ଭବିଷ୍ୟତ ପ୍ରଭୃତି କାଳର ଖଣ୍ଡ ନାହିଁ । ଏକ ନିତ୍ୟ ବର୍ତ୍ତମାନ କାଳ ରହିଅଛି । ଦୂର ନିକଟ ପ୍ରଭୃତି ଭିନ୍ନ ଭିନ୍ନ ଦେଶ ନାହିଁ । ଏକ ନିତ୍ୟ ସନ୍ନିକୃଷ୍ଟ ମହାଦେଶ ରହିଅଛି । କାର୍ଯ୍ୟ କାରଣର ବ୍ୟବଧାନ ନାହିଁ । ଏକ ବ୍ୟାପକ କାରଣ ସତ୍ତା ରହିଅଛି । ଏହି ଭୂମିରେ ସଂଶୟ ନାହିଁ । ମିଥ୍ୟାଜ୍ଞାନ ନାହିଁ । ବିକଳ୍ପ ମଧ୍ୟ ନାହିଁ ।

ଏହାପରେ ଆଦି ସଂକଳ୍ପର କ୍ରମିକ ବିବର୍ତ୍ତନ ଯୋଗୁଁ ଯେତେ- ବେଳେ ମିଥ୍ୟା ସଂକଳ୍ପ ବା ବିକଳ୍ପର ପ୍ରାଦୁର୍ଭାବ ହୁଏ ସେତେବେଳେ ବ୍ୟାପକ ଅଭିମାନ ପରିଚ୍ଛିନ୍ନ ହୋଇ ବହୁ ବ୍ୟଷ୍ଟି ଅଭିମାନରେ ଆତ୍ମପ୍ରକାଶ କରେ । ସେତେବେଳେ ସମଷ୍ଟି ଆତ୍ମାର କଳ୍ପନା ସ୍ୱରୂପ ବିଶାଳ ଜଗତ ତାହାର ଦୃଶ୍ୟ ବାହ୍ୟ ଜଗତ ରୂପରେ ରହିଥାଏ ।

ଇନ୍ଦ୍ରିୟଦ୍ୱାରା ସ୍ଥୂଳଜଗତ୍‌ର ଗ୍ରହଣ ହୁଏ କିନ୍ତୁ ଇନ୍ଦ୍ରିୟ ସ୍ଥିର ବା ଅନ୍ତର୍ମୁଖ ହେଲେ ଆଉ ଜଗତ୍‌ର ଗ୍ରହଣ ହୋଇପାରେ ନାହିଁ । କାରଣ ଇନ୍ଦ୍ରିୟ ନିଷ୍କ୍ରିୟ ହୋଇପଡ଼େ କେବଳ ପାଞ୍ଚଭୌତିକ ଜଗତ୍‌ର ଗ୍ରହଣ ହୋଇପାରେ ନାହିଁ । ଇନ୍ଦ୍ରିୟ ଓ ଦେହ ପ୍ରାଣ ବା ନିଃଶ୍ୱାସପବନର ସଞ୍ଚାର ଯୋଗୁଁ ସବୁବେଳେ ସଞ୍ଚାଳିତ ହେଉଅଛି । ଆସନ ପ୍ରଭୃତି ଭିନ୍ନ ୨ ଉପାୟରେ ଦେହ ସ୍ଥିର କରିପାରିଲେ ପ୍ରାଣ ବା ନିଃଶ୍ୱାସ ପବନ ପୂର୍ଣ୍ଣ ମାତ୍ରାରେ ସ୍ଥିର ନହେଲେ ଇନ୍ଦ୍ରିୟମାନଙ୍କର ଚଞ୍ଚଳତା ଦୂରହୁଏ ନାହିଁ କି ମନ ସ୍ଥିର ହୁଏ ନାହିଁ । ସେଥିଲାଗି ପ୍ରାଣାୟାମ ସାହାଯ୍ୟରେ ପ୍ରାଣକୁ ସ୍ଥିର କରିବା ଲାଗି କେହି ୨ ଉପଦେଶ ଦେଇଥାନ୍ତି । କିନ୍ତୁ ଓଡ଼ିଶାର ତାନ୍ତ୍ରିକ ସାଧକମାନେ ସହଜ ଉପାୟରେ ପବନସ୍ଥିରୀକରଣ ମାର୍ଗ ଦର୍ଶାଇଛନ୍ତି । ନିଶ୍ୱାସ ପବନ ସ୍ଥିର ହେଲେ ଇନ୍ଦ୍ରିୟମାନେ ନିଷ୍କ୍ରିୟ ହୋଇ ଉଠନ୍ତି । ମନମଧ୍ୟ ସ୍ଥିରହୋଇ ରହେ । ମନ ଓ ଇନ୍ଦ୍ରିୟମାନଙ୍କର କ୍ରିୟା ନଥିବାରୁ ବାହ୍ୟଜଗତର ଆଉ ଅନୁଭବ ରହେ ନାହିଁ । ତହୁଁ ସମସ୍ତ ଇନ୍ଦ୍ରିୟ ସଙ୍କୁଚିତ ହୋଇ ବିନ୍ଦୁସ୍ଥାନରେ ଆସି ବିଲୀନ ହୁଏ । ସୁତରାଂ ସେତେବେଳେ ରୂପରସାଦିମୟ ବିଚିତ୍ର ଜଗତ୍ ଶୂନ୍ୟାକାର ଧାରଣ କରେ । ନିଜ ଦେହର ମଧ୍ୟ ସତ୍ତା ବୋଧ ରହେନାହିଁ । ସେତେବେଳେ ଅହଂ ବୋଧଟି (ମୁଁ କର) ଗୋଟିଏ ସୂକ୍ଷ୍ମ ତେଜୋମୟ ସତ୍ତାକୁ ଆଶ୍ରୟ କରି ପ୍ରକାଶିତ ହୁଏ । ଏହାକୁ ଜ୍ୟୋତିର୍ଦର୍ଶନ କହନ୍ତି । ଏହି ତେଜୋମୟ ସତ୍ତା ହେଉଛି ସତ୍ତ୍ୱଗୁଣ ପ୍ରଧାନ ଅନ୍ତଃକରଣ । ପ୍ରଥମରେ ଏହାଭିତରେ ମଧ୍ୟ ଗୃଞ୍ଚଳାର ଆଭାସ ରହିଥାଏ । ଦୀର୍ଘକାଳ ବ୍ୟାପୀ ଅଭ୍ୟାସ ବଳରେ ପରେ ଏହା ସ୍ଥିର ଜ୍ୟୋତିରେ ପରିଣତ ହୁଏ । ଆହୁରି ଅଭ୍ୟାସ ବଳରେ ସାଧନାରେ ଅଗ୍ରସର ହେଲେ ଦ୍ରଷ୍ଟା ଓ ଜ୍ୟୋତିର୍ମୟ ସତ୍ତା (ବା ଜ୍ୟୋତି) କ୍ରମେ ୨ ନିକଟବର୍ତ୍ତୀ ହୋଇ ତାଦାତ୍ମ୍ୟ ଲାଭ କରେ । ସେତେବେଳେ ସ୍ପନ୍ଦ ମାତ୍ର ଆତ୍ମବୋଧର ନିଦର୍ଶନ ରୂପରେ ରହିଥାଏ । ଏହା ହେଉଛି ସେହି ଆଦ୍ୟ ସଙ୍କଳ୍ପ । ଶେଷରେ ଏହି ସ୍ପନ୍ଦ ମଧ୍ୟ ରହେ ନାହିଁ । ସେତେବେଳେ ଉନ୍ମନୀ ଅବସ୍ଥାର ବିକାଶ ହୁଏ ।

ମହାବିନ୍ଦୁର ଆବର୍ତ୍ତିତ ହୁଏ । ସେହି ମହାବିନ୍ଦୁ ରୂପକ ଯୋଗାସନରେ ପରମାତ୍ମା ଏବଂ ଚିତ୍ କଳାରୂପ ପରାଶକ୍ତି ଅଦ୍ୱୟ ଯୁଗନଦ୍ଧଭାବରେ ଯୁଗଳ-ରୂପରେ ନିତ୍ୟଲୀଳା ପ୍ରକାଶ ହୋଇଥାଏ ।

ଯେଉଁ ଜଗତ୍‌କୁ ସ୍ଥୂଳ ଓ ଇନ୍ଦ୍ରିୟ ଗ୍ରାହ୍ୟ ବୋଲି ଜୀବ ଧାରଣା କରିଥାଏ ଇନ୍ଦ୍ରିୟମାନଙ୍କୁ ପ୍ରତ୍ୟାହାର କଲେ ଏବଂ ପ୍ରଜ୍ଞା ଶକ୍ତିର ଉନ୍ମେଷ କଲେ ସେହି ଜଗତ୍ ଆଉ ସ୍ଥୂଳ ହୋଇ ରହେନାହିଁ । ତାହା କେବଳ ଆନ୍ତିବାହିକ ବା କଳ୍ପନା ସମୁତ । ନିଜର ଅଭିମାନ ସ୍ଥୂଳଦେହରେ ଆବଦ୍ଧଥିଲେ ଜଗତର ସ୍ଥୂଳରୂପ ପ୍ରତିଭାସମାନ (ପ୍ରକାଶିତ) ହୁଏ । ଇନ୍ଦ୍ରିୟମାନଙ୍କୁ ସଂହୃତ ଓ ଅନ୍ତର୍ମୁଖ କଲେ ନିଶ୍ୱାସ ପବନର ଗତି ସୂକ୍ଷ୍ମତା ଲାଭ କରି ସୁଷୁମ୍ନା ପଥରେ ଚାଳିତ ହେଲେ ନିଜ ନିଜର ସ୍ଥୂଳତାଭିମାନ ଦୂର ହୁଏ । ତାହାସଙ୍ଗେ ସଙ୍ଗେ ଜଗତର ସ୍ଥୂଳତା ମଧ୍ୟ ଦୃଷ୍ଟିକୋଣରୁ ଅପସାରିତ ହୁଏ । ଯାହାକୁ ବର୍ତ୍ତମାନ ସ୍ଥୂଳ ଦେଖୁଅଛୁଁ ତାହା ସେତେ-ବେଳେ ଶକ୍ତିମୟ ବା ତୈଜସ ରୂପରେ ପ୍ରକାଶିତ ହୁଏ । ଏହି ତୈଜସ ରୂପମଧ୍ୟ ଆତିବାହିକ ରୂପ ସତ୍ତ୍ୱମୟ ବା ମନୋମୟରୂପ । କେବଳ କଳ୍ପନା ସମୁତ । ଯେପରି ଦୀପର ତେଜୋମୟ ବର୍ତ୍ତିକାରୁ ତେଜମୟ ପ୍ରଭା ଚାରିଆଡ଼େ ବିଚ୍ଛୁରିତ ହୋଇଥାଏ, ସେହିପରି କେନ୍ଦ୍ରସ୍ଥିତ ବିଶୁଦ୍ଧ ସତ୍ତ୍ୱରୂପ, ଜ୍ୟୋତିଃ କଳିକାରୁ ଜ୍ୟୋତିର୍ମୟ ପ୍ରଭାମଣ୍ଡଳରୂପରେ ସମସ୍ତ ଜଗନ୍ମଣ୍ଡଳର ଆବର୍ତ୍ତିତ ହୋଇଥାଏ । ସେତେବେଳେ ବୁଝାପଡ଼େ ଯେ-ସମସ୍ତ ଜଗତ୍ ମନୋମୟ । ଯେତେକ୍ଷଣ ପର୍ଯ୍ୟନ୍ତ ମନର କ୍ରିୟା ରହିଅଛି ସେତେକ୍ଷଣ ପର୍ଯ୍ୟନ୍ତ ମନୋମୟ ବା କଳ୍ପନାମୟ ଜଗତ୍ ମଧ୍ୟ ରହିଅଛି । ମନ ନିଷ୍କ୍ରିୟ ହେଲେ ଜଗତ୍ ଅବ୍ୟକ୍ତ ହୋଇ ଶନ୍ୟାବସ୍ଥା ଧାରଣ କରେ ।

ମନସ୍ଥିର ହୋଇଗଲେ ମନୋମୟ ଜଗତ୍ ଆଉ ରହେ ନାହିଁ । ଯାହା ରହେ ତାହା ଚୈତନ୍ୟ ଶକ୍ତିର ବିଳାସ ମାତ୍ର । ଦର୍ପଣରେ ଯେପରି ସମସ୍ତ ନଗର ପ୍ରତିବିମ୍ବିତ ହୁଏ, ସେହିପରି ଚୈତନ୍ୟ ସ୍ୱରୂପ ଆତ୍ମାରେ ସମଗ୍ର ବିଶ୍ୱ ପ୍ରତିବିମ୍ବ ରୂପରେ ପ୍ରକାଶିତ ହୁଏ । ଅର୍ଥାତ୍ ସମସ୍ତ ବିଶ୍ୱ ସେତେବେଳେ ଚିତ୍ ଶକ୍ତିର ସ୍ଫୁରଣ ରୂପରେ ଉପଲବ୍ଧି ହୁଏ । ଏହି ଶକ୍ତି

କୂଟସ୍ଥ ବ୍ରହ୍ମରେ ଲୀନହେଲେ ବିଶ୍ୱାତୀତ ଅତିଭୂମି ଅବସ୍ଥାର ଉଦୟ ହୁଏ । ଏହି ହେଉଛି ବ୍ରାହ୍ମୀ ସ୍ଥିତି । ଅମୃତତ୍ୱ ନିର୍ବିକଳ୍ପ ସମାଧି ଓ ନିର୍ବାଣ ବୌଦ୍ଧତାନ୍ତ୍ରିକମାନଙ୍କର ଶୂନ୍ୟୋପଲବ୍ଧି ବା ନିର୍ବାଣ ମଧ୍ୟ ଏହାର ଅନୁରୂପ । ତେଣୁ ତାନ୍ତ୍ରିକ ବୌଦ୍ଧଧର୍ମ ବଜ୍ରଯାନ ଓ ସହଜଯାନର ଲକ୍ଷ୍ୟ-ସ୍ଥଳ ଏବଂ ସନାତନ ହିନ୍ଦୁଧର୍ମର ତାନ୍ତ୍ରିକ ମତର ଲକ୍ଷ୍ୟସ୍ଥଳ ମଧ୍ୟ ଏକ ଥିଲା । ଉଭୟ ଧର୍ମର ସାଧନା ପ୍ରଣାଳୀ ମଧ୍ୟ ପ୍ରାୟ ସମାନ । ସେଥିଲାଗି ବୌଦ୍ଧ ତାନ୍ତ୍ରିକ ଧର୍ମ ଏବଂ ସନାତନ ହିନ୍ଦୁଧର୍ମର ସମନ୍ୱୟ ସହଜରେ ସମ୍ଭବପର ହୋଇଥିଲା । ଦୁଇଟିଯାକ ଏକ ସ୍ଥାନରେ ପ୍ରଚରିତ ଓ ପ୍ରବର୍ତ୍ତିତ ହୋଇ-ଥିଲା । ଉଭୟେ ଉଭୟଙ୍କ ଉପରେ ପ୍ରଭାବ ବିସ୍ତାର କରିଥିଲେ । ଉଭୟ ଧର୍ମ ଅନ୍ୟ ଧର୍ମର ଉପଦେଶ ବିଷୟ ଆନନ୍ଦରେ ଗ୍ରହଣ କରିଥିଲେ । ତହିଁର ଫଳହେଲା ବୌଦ୍ଧଧର୍ମ କ୍ରମେ କ୍ରମେ ସନାତନ ହିନ୍ଦୁ-ଧର୍ମରେ ଲୀନହୋଇଥିଲା । ସର୍ବଧର୍ମର ସମନ୍ୱୟ କ୍ଷେତ୍ର ଓଡ଼ିଶାରେ ପ୍ରଥମରେ ବୌଦ୍ଧଧର୍ମ ଓ ସନାତନ ହିନ୍ଦୁଧର୍ମର ସମନ୍ୱୟ ଘଟିଥିଲା । ଏ ସମୟରେ ଶୈବଧର୍ମ ବୈଷ୍ଣବଧର୍ମ ଏବଂ ବୌଦ୍ଧଧର୍ମର ବଜ୍ରଯାନ ସହଜ-ଯାନ ଏବଂ ଶକ୍ତ ଧର୍ମର ମିଶ୍ରଣରେ ବିଶେଷଭାବରେ ଓଡ଼ିଶାରେ ଗୋଟିଏ ବିଶିଷ୍ଟ ଧର୍ମଧାରା ପ୍ରଚଳିତ ହୋଇଥିଲା । ତାନ୍ତ୍ରିକ ବା ସହଜ ଯୋଗସାଧନା ଧର୍ମର ପ୍ରଧାନ ଅଙ୍ଗରୂପରେ ଗୃହୀତ ହୋଇଥିଲା । ଯନ୍ତ୍ର, ତନ୍ତ୍ର, ମନ୍ତ୍ରର ବାହାର ଛଡ଼ା ଧର୍ମ ଅନୁଷ୍ଠିତ ହେଉ ନଥିଲା ବୋଲି କହିଲେ ଚଳେ । ବୌଦ୍ଧଧର୍ମର ପ୍ରଚାର ଯୋଗୁଁ ସାଧାରଣ ଲୋକଙ୍କ ଭିତରେ ଯୋଗ ଓ ତାନ୍ତ୍ରିକମାର୍ଗ ଏବଂ ତନ୍ତ୍ର ଯନ୍ତ୍ର ଓ ମନ୍ତ୍ରର ଆଲୋଚନା ମଧ୍ୟ ପ୍ରବେଶ କରି ଦୃଢ଼ମୂଳ ହୋଇଥିଲା । ଉତ୍କଳରେ ବୈଷ୍ଣବଧର୍ମ ଏସବୁମତର ସମନ୍ୱୟରେ ଗଠିତ ହୋଇ ଉଠିଥିଲା । ଉତ୍କଳର ସାଧୁ ବୈଷ୍ଣବମାନେ ଯୋଗ ଓ ତାନ୍ତ୍ରିକ ମାର୍ଗ ଆଶ୍ରୟ କରି ନିଜର ଧର୍ମ ପଦ୍ଧତି ଗଢ଼ି ତୋଳିଥିଲେ । ଜଗନ୍ନାଥ ସେହି ବୈଷ୍ଣବଧର୍ମର କେନ୍ଦ୍ର ବିନ୍ଦୁ ହୋଇଥିଲେ । ଚୈତନ୍ୟ ଚନ୍ଦ୍ର ଉତ୍କଳକୁ ଆସି ବୈଷ୍ଣବ ସାଧୁମାନଙ୍କର ଯୋଗ ଓ ତନ୍ତ୍ରକୁ ଆଶ୍ରୟ କରିଥିବା ଭକ୍ତି ମାର୍ଗକୁ ସମର୍ଥନ କରିଥିଲେ । ସେହି ତନ୍ତ୍ର ଓ ଯୋଗମାର୍ଗ

ବିଶୁଦ୍ଧ ଭକ୍ତିର ସୋପାନ ରୂପରେ ଗୃହୀତ ହୋଇଥିଲା । ଏହି ସାଧନାମର୍ଗ ପରମାର୍ଥ ରୂପରେ ପ୍ରତିପାଦିତ ହୋଇଥିଲା । ଏହି ସାଧନାମାର୍ଗରେ ବଜ୍ରଯାନ ଓ ସହଜଯାନ ମୁଦ୍ରାଙ୍କ ରହିଅଛି । ଏହି ସାଧନା ମାର୍ଗ ଓଡ଼ିଶାର ଜନସାଧାରଣଙ୍କ ଭିତରେ ନିଷ୍କଳଙ୍କଭାବରେ ଅଦ୍ୟାବଧି ପ୍ରଚଳିତ ରହିଅଛି ।

—x—

## ତନ୍ତ୍ରଶାସ୍ତ୍ରର-ଶକ୍ତିବାଦ:—

ବେଦାନ୍ତ ମଧ୍ୟରେ ଶକ୍ତିର କଥା ସାଧାରଣ ଭାବରେ ଉଲ୍ଲିଖିତ ହେବାର ଦେଖାଯାଏ ନାହିଁ । କିନ୍ତୁ ଶକ୍ତିତତ୍ତ୍ୱ ଯେ ସୃଷ୍ଟି ସ୍ଥିତି ଓ ଲୟର କାରଣ ତାହା ବାରମ୍ବାର କଥିତ ହୋଇ ଅଛି । ବେଦରେ 'ଶକ୍ତିମାହାତ୍ମ୍ୟ ଦେବୀସୂକ୍ତ ଏବଂ ଶ୍ରୀସୂକ୍ତ ପ୍ରଭୃତିରେ ଶକ୍ତିର କଥା ବର୍ଣ୍ଣିତ ହୋଇଅଛି । ବେଦାନ୍ତରେ ଏହି ଶକ୍ତିର ଅପର ନାମ ହେଉଛି ମାୟା । ସାମର୍ଥ୍ୟ ବୋଧକ "ଶକ୍" ଧାତୁରେ କ୍ତିନ୍ ପ୍ରତ୍ୟୟ ଯୋଗ ହୋଇ ଶକ୍ତିପଦ ହୋଇଅଛି । ଯାହାଦ୍ୱାରା ଯାବତୀୟ କାର୍ଯ୍ୟ ସମ୍ପାଦିତ ହୁଏ । ଯାହା କାର୍ଯ୍ୟ ରୂପରେ ପରିଣତ ହେବାର ଯୋଗ୍ୟ । ଯାହା କାରଣର ଆତ୍ମଭୂତ ତାହା ହେଉଛି ଶକ୍ତି ଏବଂ ଏହି ଶକ୍ତିର ଯାହା ଆତ୍ମଭୂତ ତାହା ହେଉଛି କାର୍ଯ୍ୟ (କାରଣସ୍ୟାତ୍ମଭୂତା ଶକ୍ତିଃ ଶକ୍ତେରାତ୍ମଭୂତଂ କାର୍ଯ୍ୟଂ)

ଶ୍ୱେତାଶ୍ୱେତ ଉପନିଷଦରେ ଶକ୍ତି ସମ୍ବନ୍ଧରେ ଏହିପରି କଥିତ ଅଛି ।—ତେ ଧ୍ୟାନଯୋଗାନୁଗତା ଅପଶ୍ୟନ୍ ଦେବାତ୍ମଶକ୍ତିଂ ସ୍ୱଗୁଣୈର୍ନିଗୂଢ଼ାଂ । ଯଃ କାରଣାନି ନିଖିଳାନି ତାନି କାଳାତ୍ମଯୁକ୍ତାନ୍ୟଧିତିଷ୍ଠତ୍ୟେକଃ ।

ଯେଉଁମାନେ ଧ୍ୟାନ ଯୋଗ କରି ସାଧନ କରୁଥିଲେ ସେମାନେ ଦେବତାର ଶକ୍ତିକୁ ଦେଖିଥିଲେ । ଏହି ଶକ୍ତି ନିଜର ଗୁଣଭିତରେ ନିଗୂଢ଼ ଭାବରେ ରହିଅଛି । ସେହି ଶକ୍ତି ସମସ୍ତ କାରଣର ନିୟାମକ । ତା କାଳଠାରୁ ଆତ୍ମାପର୍ଯ୍ୟନ୍ତ ସକଳ ପଦାର୍ଥରେ ପୂରି ରହିଅଛି । ସତ୍ତ୍ୱ ରଜଃ ଓ ତମ ଏହି ତ୍ରିଗୁଣାତ୍ମିକା ପ୍ରକୃତି ହେଉଛି ଶକ୍ତି । ଦେବୀ ସୂକ୍ତରେ

## ତନ୍ତ୍ରଶାସ୍ତ୍ରର-ଶକ୍ତିବାଦ:—

ବେଦାନ୍ତ ମଧ୍ୟରେ ଶକ୍ତିର କଥା ସାଧାରଣ ଭାବରେ ଉଲ୍ଲିଖିତ ହେବାର ଦେଖାଯାଏ ନାହିଁ । କିନ୍ତୁ ଶକ୍ତିତତ୍ତ୍ୱ ଯେ ସୃଷ୍ଟି ସ୍ଥିତି ଓ ଲୟର କାରଣ ତାହା ବାରମ୍ବାର କଥିତ ହୋଇ ଅଛି । ବେଦରେ 'ଶକ୍ତିମାହାତ୍ମ୍ୟ ଦେବୀସୂକ୍ତ ଏବଂ ଶ୍ରୀସୂକ୍ତ ପ୍ରଭୃତିରେ ଶକ୍ତିର କଥା ବର୍ଣ୍ଣିତ ହୋଇଅଛି । ବେଦାନ୍ତରେ ଏହି ଶକ୍ତିର ଅପର ନାମ ହେଉଛି ମାୟା । ସାମର୍ଥ୍ୟ ବୋଧକ "ଶକ୍" ଧାତୁରେ କ୍ତିନ୍ ପ୍ରତ୍ୟୟ ଯୋଗ ହୋଇ ଶକ୍ତିପଦ ହୋଇଅଛି । ଯାହାଦ୍ୱାରା ଯାବତୀୟ କାର୍ଯ୍ୟ ସମ୍ପାଦିତ ହୁଏ । ଯାହା କାର୍ଯ୍ୟ ରୂପରେ ପରିଣତ ହେବାର ଯୋଗ୍ୟ । ଯାହା କାରଣର ଆତ୍ମଭୂତ ତାହା ହେଉଛି ଶକ୍ତି ଏବଂ ଏହି ଶକ୍ତିର ଯାହା ଆତ୍ମଭୂତ ତାହା ହେଉଛି କାର୍ଯ୍ୟ (କାରଣସ୍ୟାତ୍ମଭୂତା ଶକ୍ତିଃ ଶକ୍ତେରାତ୍ମଭୂତଂ କାର୍ଯ୍ୟଂ)

ଶ୍ୱେତାଶ୍ୱେତ ଉପନିଷଦରେ ଶକ୍ତି ସମ୍ବନ୍ଧରେ ଏହିପରି କଥିତ ଅଛି ।— ତେ ଧ୍ୟାନଯୋଗାନୁଗତା ଅପଶ୍ୟନ୍ ଦେବାତ୍ମଶକ୍ତିଂ ସ୍ୱଗୁଣୈର୍ନିଗୂଢାଂ । ଯଃ କାରଣାନି ନିଖିଳାନି ତାନି କାଳାତ୍ମଯୁକ୍ତାନ୍ୟଧିତିଷ୍ଠତ୍ୟେକଃ ।

ଯେଉଁମାନେ ଧ୍ୟାନ ଯୋଗ କରି ସାଧନ କରୁଥିଲେ ସେମାନେ ଦେବତାର ଶକ୍ତିକୁ ଦେଖିଥିଲେ । ଏହି ଶକ୍ତି ନିଜର ଗୁଣଭିତରେ ନିଗୂଢ଼ ଭାବରେ ରହିଅଛି । ସେହି ଶକ୍ତି ସମସ୍ତ କାରଣର ନିୟାମକ । ତା କାଳଠାରୁ ଆତ୍ମାପର୍ଯ୍ୟନ୍ତ ସକଳ ପଦାର୍ଥରେ ପୂରି ରହିଅଛି । ସତ୍ତ୍ୱ ରଜଃ ଓ ତମ ଏହି ତ୍ରିଗୁଣାତ୍ମିକା ପ୍ରକୃତି ହେଉଛି ଶକ୍ତି । ଦେବୀ ସୂକ୍ତରେ

କଥିତ ଅଛି— "ନ ତସ୍ୟ କାର୍ଯ୍ୟଂ କରଣଂ ଚ ବିଦ୍ୟତେ ନ ତତ୍ ସମଶ୍ଚାଭ୍ୟଧିକଶ୍ଚ ଦୃଶ୍ୟତେ ପରାସ୍ୟ ଶକ୍ତିର୍ବିବିଧୈବ ଶ୍ରୂୟତେ ସ୍ୱାଭାବିକୀ ଜ୍ଞାନବଲ କ୍ରିୟା ଚ ।" "ତାହାର କାର୍ଯ୍ୟ ଅର୍ଥାତ୍ ଶରୀର ନାହିଁ, କାରଣ ଅର୍ଥାତ୍ ଇନ୍ଦ୍ରିୟ ନାହିଁ । ତାହାର ସମାନ କେହି ନାହିଁ । ତାହା ଅପେକ୍ଷା ଅର୍ଥସମର୍ଥ ଆଉ କେହି ଦେଖାଯାନ୍ତି ନାହିଁ । କିନ୍ତୁ ତାହାର ଶକ୍ତି ସର୍ବଶ୍ରେଷ୍ଠ । ସେହି ଶକ୍ତି ଭିନ୍ନ ୨ ରୂପରେ ବର୍ଣ୍ଣିତ ହେବାର ଶୁଣାଯାଏ । ଜ୍ଞାନାବଳ ଏବଂ କ୍ରିୟା ହେଉଛି ତାହାର ସ୍ୱାଭାବିକ ଶକ୍ତି ।"

ବ୍ରହ୍ମ ନିଜେ ଶକ୍ତି ରୂପରେ ଜଗତର ପ୍ରକୃତି ବା ଉପାଦାନ କାରଣ ଏବଂ ସେ ମଧ୍ୟ ନିମିତ୍ତ-କାରଣ । ଋଗ୍ ବେଦରେ ଅଦିତି ବିଶ୍ୱ-କାରଣ ପ୍ରକୃତି ରୂପରେ ବର୍ଣ୍ଣିତ ହୋଇଅଛି । ଅଦିତି ଶବ୍ଦର ମୌଳିକ ଅର୍ଥ ହେଉଛି—ଅଦୀନା- ଅଖଣ୍ଡମାୟା-ଅର୍ଥାତ୍ ଅପରିଚ୍ଛିନ୍ନା ।

"ଅଦିତି ର୍ଦ୍ୟୌରଦିତିରନ୍ତରୀକ୍ଷ ମଦିତି ର୍ମାତା ସ ପିତା ସ ପୁତ୍ରଃ
ବିଶ୍ୱେଦେବା ଅଦିତି ପଞ୍ଚଜନା ଅଦିତିର୍ଜାତ ମଦିତିର୍ଜନିତ୍ୱମ୍ ।

ଋଗ୍‌ବେଦ ୧ । ୧୫ । ୯୦

ଅଦିତି ହେଉଛି ଦ୍ୟୋତନଶୀଳ ସ୍ୱର୍ଗ, ଅଦିତିହିଁ ଅନ୍ତରୀକ୍ଷ । ଅଦିତି ହେଉଛି ମାତା, ପିତା ଓ ପୁତ୍ର । ଅଦିତି ହେଉଛି ସମସ୍ତ ଦେବତା । ଏହି ଅଦିତିହିଁ ପଞ୍ଚଜନ । ଯାହା ଜାତ ହୋଇଛି—ଯାହା ଜନ୍ମ ହେବ ସେ ସମସ୍ତ ହେଉଛି ଅଦିତି ।" ସୁତରାଂ ସଂସାରର ଯାବତୀୟ ପଦାର୍ଥ ବ୍ରହ୍ମର ଶକ୍ତିରୁ ଉତ୍ପନ୍ନ ହୋଇଅଛି । ଯାହା ସବୁ ହେଉଅଛି ହେବ ଏବଂ ହୋଇଥିଲା ସେ ସବୁ ମଧ୍ୟ ବ୍ରହ୍ମର ଶକ୍ତିରୁ ନିଷ୍ପନ୍ନ । ଶକ୍ତିକୁ ଶକ୍ତିମାନଙ୍କ-ଠାରୁ ପୃଥକ୍ କରିହେବ ନାହିଁ । ତେଣୁ ଶକ୍ତିକୁ ଶକ୍ତିମାନଙ୍କଠାରୁ ଭିନ୍ନ ରୂପରେ ଗଣନା କରାଯାଇ ପାରେ ନାହିଁ । ବ୍ରହ୍ମ ଏକମାତ୍ର ଶକ୍ତି ଜଗତରେ ନାନା ରୂପରେ ପ୍ରକଟିତ ହୋଇଅଛି । ଶ୍ୱେତାଶ୍ୱତର ଉପନିଷଦ୍‌ରେ ମାୟାକୁ ପ୍ରକୃତି ଓ ଶକ୍ତି ବୋଲି କୁହାଯାଇଛି । ଯଥା—"ମାୟାଂତୁ ପ୍ରକୃତିଂ ବିଦ୍ୟାନ୍ ମାୟିନଂ ତୁ ମହେଶ୍ୱରଂ" । ଦେବୀ ଉପନିଷେଦ୍‌ରେ

ବ୍ରହ୍ମଠାରୁ ବ୍ରହ୍ମଶକ୍ତି ଭିନ୍ନ ନୁହେଁ ବୋଲି ବର୍ଣ୍ଣିତ ହୋଇ ଅଛି ଯଥା—

"ସର୍ବେ ବୈଦେବା ଦେବୀମୁପତସ୍ଥୁଃ କ୍ୟାସି ତ୍ୱଂ ମହାଦେବୀ। ସା. ବ୍ରବୀଦହଂ ବ୍ରହ୍ମସ୍ୱରୂପିଣୀ। ଅଜାହ ମନଜାହଂ ଅଧଶ୍ଚୋର୍ଦ୍ଧ୍ୱଞ୍ଚ ତିର୍ଯକ୍ ଗୃହଂ"। ବ୍ରହ୍ମାଦି ଦେବଗଣ ଦେବୀଙ୍କ ନିକଟକୁ ଯାଇ ପଚ୍ଚରିଥିଲେ—ହେ ଦେବୀ, ଆପଣ କେଉଁଠାରେ କି ରୂପରେ ରହିଛନ୍ତି? ଦେବୀ ଉତ୍ତର ଦେଇଥିଲେ—ମୁଁ ବ୍ରହ୍ମ ସ୍ୱରୂପିଣୀ। ଯଥାର୍ଥରେ ମୋର ଜନ୍ମ ନାହିଁ। ତେଣୁ ମୁଁ ଅଜା; ମୁଁ ନାନା ଦେବଦେବୀ ରୂପରେ ଆବିର୍ଭୂତ ହୋଇଥାଏ। ମୁଁ ଉପର ତଳ ଓ ଦୁଇ ପାଖରେ ପୂରି ରହିଅଛି। ମୁଁ ଦେଶ ଓ କାଳଦ୍ୱାରା ପରିଚ୍ଛିନ୍ନ ହୋଇପାରେ ନାହିଁ।"

ଶକ୍ତି ଯେତେବେଳେ ଶାନ୍ତ ଅର୍ଥାତ ନିଷ୍କ୍ରିୟ ଅବସ୍ଥାରେ ରହିଥାଏ ସେତେବେଳେ ସେ ସହଜରେ ଜଣାପଡ଼େ ନାହିଁ। କିନ୍ତୁ ସେ ଯେତେବେଳେ ପ୍ରକାଶିତ ଓ ସକ୍ରିୟ ହୁଏ ସେତେବେଳେ ସେ ଜଣାପଡ଼େ। କାଷ୍ଠରେ ଅଗ୍ନି ପ୍ରସୁପ୍ତ ଅବସ୍ଥାରେ ରହିଥିବାରୁ ତାହା ସହଜରେ ଜଣା ପଡ଼େ ନାହିଁ। କିନ୍ତୁ ଘର୍ଷଣାଦି ଦ୍ୱାରା କାଷ୍ଠରେ ଅଗ୍ନି ପ୍ରକାଶିତ ହୋଇ ଅଗ୍ନିରୂପରେ ପରିଣତ ହେଲେ ତାହା ସହଜରେ ଜଣାପଡ଼େ। ଦାହିକା ଶକ୍ତି ଅଗ୍ନିର ସ୍ୱାଭାବିକ ଗୁଣ, କିନ୍ତୁ ଇନ୍ଧନ ଓ ତୃଣାଦିର ସଂଯୋଗ ନ ହେଲେ ଅଗ୍ନିର ସେହି ଦାହିକା ଶକ୍ତିକୁ ସହଜରେ ଉପଲବ୍ଧି କରିହୁଏ ନାହିଁ। ବ୍ରହ୍ମରେ ଯେଉଁ ଶକ୍ତି ସଦା ସର୍ବଦା ରହିଅଛି—ତାହା ସୃଷ୍ଟିରେ ପ୍ରକାଶ ପାଇଥାଏ। ସାଧାରଣତଃ ଦେଖାଯାଏ ଯେ—କୌଣସି ଲୋକ ବା ଜୀବ ନିଦ୍ରିତ ରହିଥିବା ବେଳେ ତାହାର ଶକ୍ତି ମଧ୍ୟ ପ୍ରସୁପ୍ତ ରହିଥାଏ ଏବଂ ସେହି ଲୋକ ବା ଜୀବର ଜାଗରଣ ସାଙ୍ଗେ ତାହାର ଶକ୍ତି ପ୍ରକାଶ ପାଇଥାଏ। ଏହି ଅବ୍ୟକ୍ତ ବା ପ୍ରସୁପ୍ତ ଶକ୍ତିକୁ Kinetic Energy ଏବଂ ବ୍ୟକ୍ତ ବା ପ୍ରକଟିତ ଶକ୍ତିକୁ Potential energy କୁହାଯାଏ।

କେନ ଉପନିଷଦରେ କଥିତ ଅଛି—

"ସର୍ବଶକ୍ତିଃ" ପରଂବ୍ରହ୍ମ ନିତ୍ୟମାପୂର୍ଣ୍ଣମବ୍ୟୟମ୍ ।"

"ପରଂ ବ୍ରହ୍ମ ସମସ୍ତ ପ୍ରକାର ଶକ୍ତିର ଆଧାର । ସେହି ଶକ୍ତି ବ୍ରହ୍ମ ସହିତ ନିତ୍ୟ ଅବ୍ୟୟ ରୂପରେ ଏବଂ ପୂର୍ଣ୍ଣଭାବରେ ସଂଯୁକ୍ତ ହୋଇ ରହିଛି ।" ବେଦାନ୍ତ ଦର୍ଶନର ୨ୟ ଅଧ୍ୟାୟ ୧ମ ପଦର ୧୮ସୂତ୍ରରେ ଶଙ୍କରାଚାର୍ଯ୍ୟ ତାଙ୍କ ଭାଷ୍ୟରେ ଏହି ଶକ୍ତିକୁ ଲକ୍ଷ୍ୟକରି କହିଛନ୍ତି—

"ଯେଉଁ ପଦାର୍ଥରେ କୌଣସି ବସ୍ତୁର କାର୍ଯ୍ୟ ଶକ୍ତି ନାହିଁ ସେ ତହିଁର କାରଣ ହୋଇ ପାରିବ ନାହିଁ । ଶକ୍ତି କାରଣର ସ୍ୱରୂପ ଏବଂ କାର୍ଯ୍ୟଶକ୍ତିର ସ୍ୱରୂପ । ସୁତରାଂ କାର୍ଯ୍ୟ ଓ କାରଣ ଅନ୍ୟୋନ୍ୟଭାବରେ ଓତ ପ୍ରୋତରୂପରେ ଗ୍ରଥିତ ହୋଇ ରହିଛି ।

ସୃଷ୍ଟିର ଆଦିରେ କେବଳ ନିଜ ସ୍ୱରୂପରେ ଅବସ୍ଥିତ ବ୍ରହ୍ମଙ୍କର "ବହୁସ୍ୟାଂ ପ୍ରଜାୟେୟଂ" ମୁଁ ବହୁ ହେବି, ଜନ୍ମଗ୍ରହଣ କରିବି ବୋଲି ଇଚ୍ଛାର ଉଦୟ ହୋଇଥାଏ । ଏହି ଇଚ୍ଛାଶକ୍ତିରୁ ଜ୍ଞାନଶକ୍ତି ଏବଂ ଜ୍ଞାନ ଶକ୍ତିରୁ କ୍ରିୟା ଶକ୍ତିର ଉଦଭବ ହୋଇଥାଏ । ଏହି ୩ଶକ୍ତିର ସଂଯୋଗରୁ ଏକ ସମୟରେ ଶବ୍ଦ ସୃଷ୍ଟି ଓ ସଂସାର ସୃଷ୍ଟି ହୋଇଥାଏ । ଉପନିଷଦ୍‌ରେ ପ୍ରତିପାଦିତ ପରଂବ୍ରହ୍ମଙ୍କୁ ପରମ ଶିବରୂପରେ ତାନ୍ତ୍ରିକମାନେ ଗ୍ରହଣ କରିଥାନ୍ତି । ସେ ହେଉଛନ୍ତି ଅବାଙ୍ମନସଗୋଚର ଅନିର୍ବାଚ୍ୟ ଏବଂ ତତ୍ତ୍ୱାତୀତ । ତନ୍ତ୍ରଶାସ୍ତ୍ରରେ ପରମ ଶିବ ଶବ୍ଦ ନିର୍ଗୁଣ ବ୍ରହ୍ମ ଅର୍ଥରେ ବ୍ୟବହୃତ ହୋଇଥାଏ । ପ୍ରଳୟ କାଳରେ ଶକ୍ତି ସୂକ୍ଷ୍ମାବସ୍ଥାପନ୍ନ ଜଗତ୍‌କୁ ଗର୍ଭୀକୃତ କରି ଶିବଙ୍କଠାରେ ଅଭିନ୍ନ ଅବସ୍ଥାରେ ରହିଥାଏ, ସେତେବେଳେ ଶକ୍ତିର କୌଣସି କ୍ରିୟା ଥାଏ ନାହିଁ । ଏହି ଅବସ୍ଥାରେ ନିର୍ଗୁଣ ବ୍ରହ୍ମଙ୍କୁ ପରମଶିବ ବୋଲି କହନ୍ତି । ସୃଷ୍ଟି ପ୍ରକ୍ରମ ଅବସ୍ଥାରେ ପରମ ଶିବ ବା ବ୍ରହ୍ମଙ୍କର ଈକ୍ଷଣ-କାମ-ତପ-ଚିକୀର୍ଷାଦିରୂପ ପ୍ରଥମ ସ୍ପନ୍ଦନରେ ଶକ୍ତିର ବିକାଶ ହୋଇଥାଏ । ଶିବଙ୍କର ଧର୍ମ ହେଉଛି ଶକ୍ତି ବା ବିମର୍ଶ ଶକ୍ତି ।

ଶିବଙ୍କର ୧ମ ସ୍ପନ୍ଦନରେ ଶକ୍ତିର ବିକାଶ ହେଲେ ତାହାକୁ ଶକ୍ତିତତ୍ତ୍ୱ ବୋଲି କହନ୍ତି । ଏହି ଶକ୍ତି ଶିବନିଷ୍ଠ ସମସ୍ତ ଶକ୍ତିର ସମଷ୍ଟି ମାତ୍ର । ଏହି ବିମର୍ଷ ଶକ୍ତିର ନାମାନ୍ତର ହୋଇଛି ଚିତ୍, ଚୈତନ୍ୟ, ସଂବିତ୍; ଐଶ୍ୱର୍ଯ୍ୟ, ସ୍ପନ୍ଦ ପ୍ରଭୃତି । ଏହି ଶକ୍ତି ତିନି ପ୍ରକାରରେ ବିଭକ୍ତ-ଇଚ୍ଛାଶକ୍ତି, ଜ୍ଞାନଶକ୍ତି ଓ କ୍ରିୟା ଶକ୍ତି । ସାମରସ୍ୟଭାବାପନ୍ନ ଶିବଶକ୍ତି ପ୍ରତ୍ୟେକ ପ୍ରାଣୀରେ ଓ ପ୍ରତ୍ୟେକ ବସ୍ତୁରେ ଓତପ୍ରୋତଭାବରେ ରହିଅଛି ।"ଏହା କରିବାକୁ ମୋର ଶକ୍ତି ଅଛି ବା ନାହିଁ ।" ଏକଥା ସମସ୍ତେ କହିଥାନ୍ତି । ତାହାଦ୍ୱାରା ଜୀବଗତ ଶକ୍ତିର ଅନୁଭୂତି ହୋଇଥାଏ ।

ଚୈତନ୍ୟ ହିଁ ହେଉଛି ଶକ୍ତି । ପ୍ରତ୍ୟେକ ଜୀବରେ ଚୈତନ୍ୟର ଅସ୍ତିତ୍ୱ ସମସ୍ତେ ଅନୁଭବ କରିଥାନ୍ତି । ସୁତରାଂ ପ୍ରତ୍ୟେକ ଜୀବରେ ଶିବ-ଶକ୍ତିର ଅସ୍ତିତ୍ୱ ସମସ୍ତେ ଅନୁଭବ କରନ୍ତି । ଏହି ବିଷୟ ଦେବୀ ଭାଗବତରେ ସୁନ୍ଦରଭାବରେ ଗୋଟିଏ ଶ୍ଳୋକରେ ବର୍ଣ୍ଣିତ ହୋଇଅଛି-ଯଥା—

"ରୁଦ୍ରହୀନଂ ବିଷ୍ଣୁହୀନଂ ନ ବଦନ୍ତି ଜନାସ୍ତଥା
ଶକ୍ତିହୀନଂ ଯଥା ସର୍ବେ ପ୍ରବଦନ୍ତି ନରାଧମଂ ।" ୭ । ୫ । ୮

"ସଂସାରରେ ଅଧମ ଲୋକକୁ ଲୋକେ ଶକ୍ତିହୀନ ବୋଲି କହିଥାନ୍ତି । କିନ୍ତୁ ରୁଦ୍ରହୀନ ବା ବିଷ୍ଣୁହୀନ ବୋଲି କହନ୍ତି ନାହିଁ ।" ଅତଏବ ପ୍ରତ୍ୟେକ ବସ୍ତୁରେ ସ୍ୱସ୍ୱ ପ୍ରୟୋଜନସାଧିକା ଶକ୍ତି ରୂପରେ ଶକ୍ତି ଏବଂ ବସ୍ତୁ ସ୍ୱରୂପ ରୂପରେ ଶିବ ବା ବ୍ରହ୍ମ ମଧ୍ୟ ରହିଛନ୍ତି ।

---

ସୈଷା ଈକ୍ଷଣକାମ ତପୋ ବିଚକ୍ଷଣୈର୍ବାଦଶ ଧୈରୁଚ୍ୟତେ ।
ସୌଭାଗ୍ୟଭାସ୍କର ୧. ୪ପୃ

ସ ଈକ୍ଷତ ଲୋକାନ୍ନୁସୃଜା ।" ଇତି ଐତରେୟୋପନିଷଦ୍ ।
ତଦୈକ୍ଷତ ବହୁ ସ୍ୟାଂ ପ୍ରଜାୟେୟ-ଇତି ଛାନ୍ଦୋଗ୍ୟୋପନିଷଦ୍ ।
ସୋଽକାମୟତ ବହୁ ସ୍ୟାଂ ପ୍ରଜାୟେୟ-ଇତି ତୈତ୍ତିରୀୟୋପନିଷଦ୍
ତପସା ଚୀୟତେ ବ୍ରହ୍ମ ଇତି ମୁଣ୍ଡକୋପନିଷଦି ।

ଶଙ୍କରାର୍ଯ୍ୟ ଆନନ୍ଦଲହରୀରେ କହିଛନ୍ତି—

"ଶିବଃ ଶକ୍ତ୍ୟା ଯୁକ୍ତୋ ଯଦି ଭବତି ଶକ୍ତଃ ପ୍ରଭବିତୁଂ
ନ ଚେଦେବଂ ଦେବୋ ନ ଖଲୁ କୁଶଳଃ ସ୍ପନ୍ଦିତୁମପି ।"

ଶିବ ଶକ୍ତିଯୁକ୍ତ ହେଲେ ହିଁ ଈଶ୍ୱରଙ୍କ କାର୍ଯ୍ୟ କରିବାକୁ ସମର୍ଥ ହୋଇପାରନ୍ତି । ତା ନ ହେଲେ (ଶକ୍ତି ଯୁକ୍ତ ନ ହେଲେ) ତାହାଙ୍କର ସ୍ପନ୍ଦନ କରିବାକୁ ମଧ୍ୟ ସାଧ୍ୟ ରହେନାହିଁ ।

ଅଗସ୍ତ୍ୟ ସଂହିତାରେ ବିଦ୍ୟାବଳୀ ସୂକ୍ତରେ କଥିତ ଅଛି—
ଯସ୍ୟା ଦେବ୍ୟା ବିରହିତଃ ଶିବୋଽପି ନିରର୍ଥକଃ

ନମସ୍ତସ୍ୟୈ ସୁମୀନାକ୍ଷ୍ୟୈ ଦେବ୍ୟୈ ମଙ୍ଗଳ ମୂର୍ତ୍ତୟେ ।"୮।୩।୨୦
"ଯେଉଁ ଦେବୀଙ୍କ ଶକ୍ତି) ଦ୍ୱାରା ବିରହିତ ହେଲେ ଶିବଙ୍କର ମଧ୍ୟ କୌଣସି ସାର୍ଥକତା ରହେନାହିଁ—ସେହି ମଙ୍ଗଳମୂର୍ତ୍ତି ମୀନାକ୍ଷୀ ଦେବୀଙ୍କୁ ନମସ୍କାର କରୁଅଛି ।" ଦେବୀଭାଗବତରେ ମଧ୍ୟ ବର୍ଣ୍ଣିତ ଅଛି—

ଶିବୋଽପି ଶବତାଂ ଯାତି ତୟା ଶକ୍ତ୍ୟା ବିବର୍ଜିତଃ ।

ଶକ୍ତିଦ୍ୱାରା ବର୍ଜିତ ହେଲେ ଶିବମଧ୍ୟ ଶବ ହୋଇଥାନ୍ତି । ବର୍ଣ୍ଣ ମଧ୍ୟରେ ସ୍ୱରବର୍ଣ୍ଣର ସାହାଯ୍ୟରେ ବ୍ୟଞ୍ଜନର ଉଚ୍ଚାରଣ ହୋଇଥାଏ । କେବଳ (ସ୍ୱରଭିନ୍ନ) ବ୍ୟଞ୍ଜନ ବର୍ଣ୍ଣର ଉଚ୍ଚାରଣ ହୋଇପାରେ ନାହିଁ । ତେଣୁ ସ୍ୱରବର୍ଣ୍ଣକୁ ଶକ୍ତି କହିଥାନ୍ତି । ଶିବ ଶବ୍ଦର "ଶି" ଅକ୍ଷରରେ କୁଣ୍ଡଳିନୀ ଶକ୍ତି ଅର୍ଥାତ୍ ସ୍ୱରବର୍ଣ୍ଣ ଇକାରର ଲୋପ ହେଲେ ଶିବଶବ୍ଦମଧ୍ୟ ଶବପରି କୌଣସି ପ୍ରୟୋଜନରେ ଆସିବ ନାହିଁ । ଶିବ ଶବ୍ଦର କୁଣ୍ଡଳିନୀ ଇକାର ଲୋପ ହେଲେ ଶିବଶବ୍ଦ ମଧ୍ୟ ଶବ ଶବ୍ଦରେ ପରିଣତ ହୋଇଥାଏ । ଏହି ଶକ୍ତି ବେଦାନ୍ତରେ ସ୍ୱୀକୃତ ମାୟାଠାରୁ ଭିନ୍ନ । ଏହି ଶକ୍ତି ହେ ଚିଦ୍ରୂପା, କିନ୍ତୁ ମାୟାପରି ଜଡ଼ ସ୍ୱଭାବ ନୁହେଁ ।

ଯାହାର ଐଶ୍ୱର୍ଯ୍ୟ ଅଛି ସେ ହେଉଛନ୍ତି ଈଶ୍ୱର । ନିର୍ଗୁଣ ଶିବଙ୍କର ଐଶ୍ୱର୍ଯ୍ୟ ନାହିଁ । ତେଣୁ ସେ ଈଶ୍ୱର ନୁହଁନ୍ତି । ଐଶ୍ୱର୍ଯ୍ୟ ଗୋଟିଏ ଗୁଣ ବା ଧର୍ମ । ଧର୍ମ ଗୁଣ ଓ ଶକ୍ତି ଏକ ଓ ଏକାର୍ଥକ । ସୁତରାଂ ଈଶ୍ୱରତ୍ୱ ରହିଲେ ନିର୍ଗୁଣତ୍ୱ ସମ୍ଭବପର ହେବ ନାହିଁ । ଶକ୍ତିଯୁକ୍ତ ଶିବ ହେଉଛନ୍ତି ଈଶ୍ୱର । ଶକ୍ତି ଯୁକ୍ତହେଲେ ଶିବ ଈଶ୍ୱରତ୍ୱ ଲାଭ କରନ୍ତି । ତେଣୁ ଶକ୍ତି ହେଉଛନ୍ତି ଐଶ୍ୱର୍ଯ୍ୟ ନିର୍ବାହ କର୍ତ୍ତ୍ରୀ ବା ଈଶ୍ୱରୀ ।

ଏ ବିଷୟରେ ସାଧାରଣତଃ ଆପତ୍ତି ହୋଇଥାଏ ଯେ ସଂସାରର ସୃଷ୍ଟି ସ୍ଥିତି ସଂହାର ପ୍ରଭୃତି ମୁଖ୍ୟ କାର୍ଯ୍ୟଗୁଡ଼ିକ ଶିବଙ୍କ ଉପରେ ନିର୍ଭର କରି ରହିଅଛି । ସୁତରାଂ ଶିବ ହେଉଛନ୍ତି ମୁଖ୍ୟ, ଶକ୍ତି କେବଳ ତାହାଙ୍କର ସହକାରିଣୀ ହୋଇଥାନ୍ତି । ତେଣୁ ମୁଖ୍ୟ ହେବାରୁ ଶିବ ହିଁ ହେଉଛନ୍ତି ସମସ୍ତଙ୍କର ଉପାସ୍ୟ, କିନ୍ତୁ ଶକ୍ତି ଉପାସ୍ୟ ହୋଇପାରନ୍ତି ନାହିଁ ।

ଏଥିର ଉତ୍ତରରେ ତାନ୍ତ୍ରିକମାନେ କହିଥାନ୍ତି—ଚର୍ମ ଚକ୍ଷୁଦ୍ୱାରା କେହି ଶିବ ବା ଶକ୍ତିଙ୍କୁ ଦେଖିପାରନ୍ତି ନାହିଁ । କିନ୍ତୁ କାର୍ଯ୍ୟ ଦେଖି କାରଣର ଅନୁମାନ କରିଥାନ୍ତି । ଏହି ସଂସାର ମଧ୍ୟ ଗୋଟିଏ ସୃଷ୍ଟି କାର୍ଯ୍ୟ । ସେଥିଲାଗି ସଂସାର ସୃଷ୍ଟିର କର୍ତ୍ତା ବା କାରଣରୂପରେ ଶିବ ବା ଶକ୍ତିର କଳ୍ପନା କରିଥାନ୍ତି । ଏହିପରି କଳ୍ପନାର ଆରମ୍ଭରେ ବୈଦାନ୍ତିକମାନେ କହିଥାନ୍ତି—ପରଂବ୍ରହ୍ମ ଚିତ୍ସ୍ୱରୂପ, ତାହାଙ୍କର ଧର୍ମ ହେଉଛି ମାୟା । ଏହି ମାୟା ଅବିଦ୍ୟା ଏବଂ ଜଡ଼ ସ୍ୱଭାବ । ଏହି ମାୟା ହେଉଛି ଜଗତର ଉପାଦାନ କାରଣ ଏବଂ ପରଂବ୍ରହ୍ମ ହେଉଛନ୍ତି ଜଗତର ବିବର୍ତ୍ତୋପାଦାନ । ଉପାଦାନ କାରଣର ଗୁଣ କାର୍ଯ୍ୟରେ ରହିଥାଏ । ତହିଁର କଦାପି ଅନ୍ୟଥା ହୋଇପାରେ ନାହିଁ । ଜଡ଼ସ୍ୱଭାବ ମାୟା ଜଗତର ଉପାଦାନ କାରଣ ହୋଇଥିବାରୁ ଜଗତ୍‌ଟା ମଧ୍ୟ ଜଡ଼ସ୍ୱଭାବ ଏବଂ ଏହି ମାୟା ମିଥ୍ୟା ହୋଇଥିବାରୁ ଜଗତ୍ ମଧ୍ୟ ମିଥ୍ୟା । ତାନ୍ତ୍ରିକମାନେ ବୈଦାନ୍ତିକ ମାନଙ୍କର ଏହି ମତକୁ ସ୍ୱୀକାର କରନ୍ତି ନାହିଁ । ସେମାନେ କହନ୍ତି—ଏହି ମାୟା ଓ

ଅବିଦ୍ୟା ଚତ୍ (ଚୈତନ୍ୟର) ଧର୍ମ ନା ଅଚତ୍ତର ଧର୍ମ ? ମାୟା ଚତ୍ତର ଧର୍ମ ହେଲେ ଧର୍ମ ଓ ଧର୍ମୀର ଅଭିନ୍ନତା ହେତୁରୁ ମାୟା ଜଡସ୍ୱଭାବ ହୋଇ ପାରିବ ନାହିଁ । ବୈଦାନ୍ତିକମାନେ ମାୟାକୁ ଚତ୍ତର ଧର୍ମ ବୋଲି ସ୍ୱୀକାର କଲେ ମଧ୍ୟ ଜଡସ୍ୱଭାବ ବୋଲି ନିର୍ଦ୍ଦେଶ କରିଥାନ୍ତି । ଜନ୍ତୁ ପୂର୍ବୋକ୍ତ କାରଣ ଯୋଗୁଁ ଏହି ଯୁକ୍ତି ସଙ୍ଗତ ନୁହେ ! ମାୟାକୁ ଅଚତ୍ତର ଧର୍ମବୋଲି ସ୍ୱୀକାର କଲେ ଅଦ୍ୱୈତବାଦର ହାନି ହୁଏ ଏବଂ "ମାୟାଂ ତୁ ପ୍ରକୃତିଂ ବିଦ୍ଧି ମାୟିନଂ ତୁ ମହେଶ୍ୱରଂ" (୧) ମାୟାକୁ ପ୍ରକୃତି ଏବଂ ମହେଶ୍ୱରଙ୍କୁ ମାୟୀ ଅର୍ଥାତ୍ ମାୟାର ଅଧିଷ୍ଠାନ ବୋଲି ଜାଣିବ ।" ଏହି ଶ୍ରୁତି ପ୍ରମାଣ ସହିତ ବିରୋଧ ହୋଇଥାଏ । ସୁତରାଂ ପର୍ଯ୍ୟନ୍ତର ନ ଥିବାରୁ ମାୟାକୁ ଚତ୍ତର ଧର୍ମ ବୋଲି ଅବଶ୍ୟ ସ୍ୱୀକାର କରିବାକୁ ହେବ । ତାହାହେଲେ ମାୟା କଦାପି ଜଡସ୍ୱଭାବ ହୋଇପାରେ ନାହିଁ । ଭ୍ରାନ୍ତିକମାନେ କହନ୍ତି—ଚତ୍ ଓ ଶକ୍ତି ଅଭିନ୍ନ ହେଲେ ମଧ୍ୟ ବ୍ୟବହାର ଦଶାରେ ଉଭୟଙ୍କ ଭିତରେ ସାମାନ୍ୟ ଭେଦର କଳ୍ପନା କରାଯାଇଥାଏ । ପୃଥିବୀର ଗୁଣ ଗନ୍ଧ; ଗୁଣ ଗୁଣୀକୁ ଛାଡି ରହିପାରେ ନାହିଁ । ସୁତରାଂ ଯେଉଁଠାରେ ଗନ୍ଧ ରହିବ ସେଠାରେ ପୃଥିବୀ ମଧ୍ୟ ରହିବ । ଏଥିରେ ଅନ୍ୟଥା ହୋଇପାରିବ ନାହିଁ । ଏହିପରି ଗନ୍ଧ ଓ ପୃଥିବୀ ଅଭିନ୍ନ ମଧ୍ୟ ବ୍ୟବହାର ଦଶାରେ ଏ ଗନ୍ଧ ଓ ପୃଥିବୀ ଭିତରେ ସାମାନ୍ୟ ଭେଦ ସ୍ୱୀକାର କରାଯାଇଥାଏ । ସେହିପରି ଧର୍ମୀ ହେଉଅଛି ବ୍ରହ୍ମ ବା ଶିବ ଓ ଧର୍ମ ହେଉଛି ଶକ୍ତି । ଏ ଦୁହେଁ ଚତ୍ ସ୍ୱରୂପ ହେଲେ ମଧ୍ୟ ବ୍ୟବହାରରେ ଏ ଦୁହିଁଙ୍କ ଭିତରେ ସାମାନ୍ୟ ଭେଦ କଳ୍ପିତ ହୋଇଥାଏ । ବ୍ରହ୍ମ ଓ ଶକ୍ତି ଚତ୍ ସ୍ୱରୂପ ଜଗତ୍ ହେଉଛି ଜଡ—

୧. ଭଗବଦ୍ ଗୀତା—୭ ଅ ୧୫;

ସ୍ୱଭାବ । ସୁତରାଂ ବ୍ରହ୍ମ ଓ ଶକ୍ତି ଦୁହେଁ ଯାକ ଜଗତ୍ତର ଉପାଦାନ କାରଣ ହୋଇ ପାରନ୍ତି ନାହିଁ । ଆଲୋକରୁ କଦାପି ଅନ୍ଧକାର ଆବିର୍ଭୂତ ହୋଇପାରେ ନାହିଁ । ସେହିପରି ଚତ୍ସ୍ୱରୂପ ବ୍ରହ୍ମ ଓ ଶକ୍ତିରୁ ଅଚତ୍

ବା ଜଡ଼ସ୍ୱଭାବ ଜଗତ୍‌ର ଉତ୍ପତ୍ତି ସମ୍ଭବପର ନୁହେଁ । ଯେପରି ସୂକ୍ଷ୍ମ ବଟବୀଜରୁ ବୃହତ୍ ବଟବୃକ୍ଷ ସୂକ୍ଷ୍ମରୂପରେ ଅବସ୍ଥିତ ଥାଏ ଏବଂ ପରେ ଅବୟବର ବୃଦ୍ଧି ଓ ବିସ୍ତାର ଯୋଗୁଁ କ୍ରମେ କ୍ରମେ ବୃକ୍ଷରେ ପରିଣତହୁଏ ସେହିପରି ଏହି ଜଗତ୍ ଚିତ୍ ସ୍ୱରୂପ ବ୍ରହ୍ମଙ୍କରେ ସୂକ୍ଷ୍ମରୂପରେ ଅବସ୍ଥିତ ଥାଏ ଏବଂ ପରେ ସୃଷ୍ଟି ସମୟରେ ଅଙ୍ଗ ପ୍ରତ୍ୟଙ୍ଗର ବୃଦ୍ଧି ଓ ବିସ୍ତାର ଯୋଗୁଁ ବିଶାଳ ଜଗତ୍‌ରୂପରେ ଆବିର୍ଭୂତ ହୋଇଥାଏ । ଆହୁରି ମଧ୍ୟ ପ୍ରଳୟ ସମୟରେ ଏହି ଜଗତ୍ ଅଙ୍ଗ ପ୍ରତ୍ୟଙ୍ଗ ସଂକୋଚ କରି ସୂକ୍ଷ୍ମରୂପ ଧାରଣ କରି ବ୍ରହ୍ମରେ ବିଲୀନ ହୋଇଥାଏ । ନିର୍ଗୁଣ ବ୍ରହ୍ମର କୌଣସି କ୍ରିୟାରହି ପାରେ ନାହିଁ । ସଂକୋଚନ ଓ ପ୍ରସାରଣ ମଧ୍ୟ କ୍ରିୟା । ସୁତରାଂ ଏହି କ୍ରିୟା ସମ୍ପାଦନ ଲାଗି ଶକ୍ତିର ପ୍ରୟୋଜନ । ତେଣୁ ଏହିପରି ଜଗତ୍‌ର ସଙ୍କୋଚନ ଓ ପ୍ରସାରଣ ପ୍ରଭୃତି କ୍ରିୟାରେ ଚିଚ୍ଛକ୍ତି (ଚିତ୍ ଶକ୍ତି) ହେଉଛି ବ୍ରହ୍ମର ସହକାରୀ । ଦେବୀ ଭାଗବତରେ କଥିତ ଅଛି—

ଶକ୍ତିଃ କରୋତି ବ୍ରହ୍ମାଣ୍ଡଂ ସା ବୈ ପାଳୟତେଽଖିଳଂ
ଇଚ୍ଛୟା ସଂହରତ୍ୟେଷା ଜଗଦେତଚ୍ଚରାଚରମ୍ ।
ନ ବିଷ୍ଣୁର୍ନ ହରଃ ଶକ୍ରୋ ନ ବ୍ରହ୍ମା ନ ଚ ପାବକଃ
ନ ସୂର୍ଯ୍ୟୋ ବରୁଣଃ ଶକ୍ତାଃ ସ୍ୱେ ସ୍ୱେ କାର୍ଯ୍ୟେ କଥଞ୍ଚନ
ତୟା ଯୁକ୍ତା ହି କୁର୍ବନ୍ତି ସ୍ୱାନି କାର୍ଯ୍ୟାଣି ତେ ସୁରାଃ ।
କାରଣଂ ସୈବ କାର୍ଯ୍ୟେଷୁ ପ୍ରତ୍ୟକ୍ଷେଣାବଗମ୍ୟତେ ।
ବସୁଜାଲଂ ଶକ୍ତିହୀନଂ ଚଳିତୁଂ କର୍ତ୍ତୁଂ ନ କାଞ୍ଚନ
ଶକ୍ତିଂ ତୁ ପରମେଶାନ ଶକ୍ତ୍ୟା ଯୁକ୍ତଂ ଯଦାଭବେତ୍ ।
୨।୧୨।୫୦

"ଶକ୍ତି ଇଚ୍ଛାକରି ଏହିଚରାଚର ବ୍ରହ୍ମାଣ୍ଡର ସୃଷ୍ଟି ପାଳନ ଓ ସଂହାର କରିଥାଏ । ବ୍ରହ୍ମା, ବିଷ୍ଣୁ, ରୁଦ୍ର, ଇନ୍ଦ୍ର, ଅଗ୍ନି, ସୂର୍ଯ୍ୟ, ବରୁଣ ଏମାନେ କେହି ଶକ୍ତିହୀନ ହେଲେ ନିଜ ନିଜ କାର୍ଯ୍ୟ କରିବାକୁ ସମର୍ଥ ହୁଅନ୍ତି ନାହିଁ ସେମାନେ ଶକ୍ତିଯୁକ୍ତ ହେଲେ ଯାଇ ନିଜ ନିଜ କାର୍ଯ୍ୟ କରି ପାରନ୍ତି । ସେହି ଶକ୍ତି ହେଉଛି ପ୍ରତ୍ୟେକ କାର୍ଯ୍ୟର କାରଣ । ଏହା ପ୍ରତ୍ୟକ୍ଷରେ

ଲୋକେ ଅନୁଭବ କରିଥାନ୍ତି । କୌଣସି ବସ୍ତୁ ଶକ୍ତିହୀନ ହେଲେ କୌଣସି କାର୍ଯ୍ୟ କରିପାରେ ନାହିଁ କିନ୍ତୁ ଶକ୍ତିଯୁକ୍ତ ହେଲେ ଯେ କୌଣସି କାର୍ଯ୍ୟ କରିପାରେ ଦେଖା ଭାଗବତରେ । ଏହିପରି ଅତି ବସ୍ତୃତ ଭାବରେ ଶକ୍ତିର କର୍ତ୍ତୃତ୍ୱ ପ୍ରତିପାଦିତ ହୋଇଅଛି । ଲୋକ ବ୍ୟବହାରରେ ମଧ୍ୟ ଏ କାର୍ଯ୍ୟ କରିବାକୁ ମୋର ଶକ୍ତି ଅଛି -ସେ କାର୍ଯ୍ୟ କରିବାକୁ ମୋର ଶକ୍ତି ନାହିଁ, ଏହିପରି ବ୍ୟବହାର ହୋଇଥାଏ । ସୁତରାଂ ଶକ୍ତିର ଅସ୍ତିତ୍ୱ ବହୁ ପ୍ରମାଣ ସିଦ୍ଧ ।

ବ୍ରହ୍ମର ଯେଉଁ ଶକ୍ତି ହେଉଛି ଚିତ୍—ତାହାଁର ପରିଣାମ ହେଉଛି ଜଗତ୍ । ଶକ୍ତିହିଁ ଜଗତ୍ ରୂପରେ ପରିଣତ ହୋଇଥାଏ । ଯୋଗବାସିଷ୍ଠ ରାମାୟଣରେ ଏହି କଥା ଲୁହା ହୋଇଛି —ଯଥା—

"ଚିଦ୍ବିଳାସଃ ପ୍ରପଞ୍ଚୋଽୟଂ ସଖେତେ ଦୁଃଖଦଃ କଥଂ"

"ହେ ସଖେ ଏହି ପ୍ରପଞ୍ଚ ଅର୍ଥାତ୍ ଜଗତ୍ ଚିତ୍ର ବିଳାସ । ସୁତରାଂ ଏହି ଜଗତ୍ କିପରି ତୁମ ଦୁଃଖର କାରଣ ହୋଇ ପାରିବ ।" ପ୍ରତ୍ୟେକ ବସ୍ତୁରେ ଏହି ପ୍ରକାର ଶକ୍ତି କାର୍ଯ୍ୟୋତ୍ପତ୍ତିପରେ ଅନୁଭୂତ ହୁଏ । କିନ୍ତୁ ପୂର୍ବରୁ ହୁଏ ନାହିଁ ।

ବିଦ୍ୟାରଣ୍ୟସ୍ୱାମୀ ପଞ୍ଚଦଶୀରେ ଏହି କଥା କହିଛନ୍ତି —ଯଥା—

ନିସ୍ତତ୍ତ୍ୱା କାର୍ଯଗମ୍ୟାସ୍ୟ ଶକ୍ତିର୍ମାୟା ଽଗ୍ନି ଶକ୍ତିବତ୍ ।"

ନାହି ଶକ୍ତିଂ କ୍ୱଚିତ୍ କଶ୍ଚିଦ୍ବୁଧ୍ୟତେ କାର୍ଯତଃ ପୁରା ।"

କେହି କୌଣସି ସ୍ଥଳରେ କାର୍ଯ୍ୟ ପୂର୍ବରୁ ଶକ୍ତିକୁ ବୁଝିପାରେ ନାହିଁ । ବ୍ରହ୍ମର ଶକ୍ତି ମାୟା ଅଗ୍ନି ଶକ୍ତିପରି କାର୍ଯ ହେଲା ପରେ ଜଣାଯାଏ । ସେହି ଶକ୍ତି ହେଉଛି ଉପାସ୍ୟ, କିନ୍ତୁ ନିର୍ଗୁଣବ୍ରହ୍ମ ଉପାସନା ଯୋଗ୍ୟ ହୋଇ ପାରନ୍ତି ନାହିଁ । ଉପାସ୍ୟ ଦେବତାର ଗୁଣ ନାମ କୀର୍ତ୍ତନାଦିର ନାମ ହେଉଛି ଉପାସନା । ଶକ୍ତି ରହିତ କେବଳ ବ୍ରହ୍ମ ଗୁଣ ନଥିବା ଯୋଗୁଁ ହେଉଛନ୍ତି ନିର୍ଗୁଣ । ସୁତରାଂ । ନିର୍ଗୁଣ ବ୍ରହ୍ମଙ୍କର ଧ୍ୟାନ ସ୍ତୁତି ନାମ-କୀର୍ତ୍ତନାଦି ସମ୍ଭବପର ହୋଇ ପାରେ ନାହିଁ । ଅତଏବ ଶକ୍ତି ରହିତ

ନିର୍ଗୁଣ ବ୍ରହ୍ମ ଉପାସନାର ଅଯୋଗ୍ୟ ଏହି କଥା ଯୋଗିନୀତନ୍ତ୍ରରେ କୁହାଯାଉଛି—ଯଥା —

"ଶକ୍ତ୍ୟା ବିନା ଶିବେ ସୂକ୍ଷ୍ମେ ନାମ ଧାମ ନ ବିଦ୍ୟତେ ।"
ଶକ୍ତି ରହିତ ସୂକ୍ଷ୍ମ ଶିବ ବା ବ୍ରହ୍ମଙ୍କର ନାମଧାମ ରହିପାରେ ନାହିଁ । ଯାହାର ରୂପ ଓ ଗୁଣ ନାହିଁ—ତାହାର ସ୍ୱରୂପ ଲକ୍ଷଣ ନିର୍ଦ୍ଦେଶ କରାଯାଇପାରେ ନାହିଁ । କେବଳ ନିର୍ଗୁଣ ବ୍ରହ୍ମଙ୍କର ରୂପ ଓ ଗୁଣ ମଧ୍ୟ ନାହିଁ । ସୁତରାଂ ତାହାଙ୍କର ସ୍ୱରୂପ ଲକ୍ଷଣ ନିର୍ଦ୍ଦେଶ କରାଯାଇ ପାରେ ନାହିଁ । ସେ ବ୍ରହ୍ମ ଯେ କି ସ୍ୱରୂପ— ତାହା କୁହାଯାଇପାରେ ନାହିଁ । କେବଳ ଜଗତରେ ଯେଉଁସବୁ ପଦାର୍ଥ ଅଛି—ସେ ତାହା ନୁହନ୍ତି ଏହିମାତ୍ର କୁହାଯାଇପାରେ । ସୁତରାଂ ବ୍ରହ୍ମ "ନେତି ନେତି" "ଏହା ନୁହନ୍ତି ଏହା ନୁହନ୍ତି"—ବୋଲି ଏହିପରି ସମସ୍ତ ପଦାର୍ଥର ନିଷେଧଦ୍ୱାରା ବ୍ରହ୍ମଙ୍କ ଜ୍ଞାନ ହୋଇଥାଏ ବୋଲି ଛାନ୍ଦୋଗ୍ୟପ୍ରଭୃତି ଉପନିଷଦ୍‌ରେ ବର୍ଣ୍ଣିତ ହୋଇ ଅଛି । ତେଣୁ ନିର୍ଗୁଣ ବ୍ରହ୍ମ ବିଷୟରେ ଜ୍ଞାନଲାଭ କରାଯାଇପାରେ କିନ୍ତୁ ତାହା ଉପାସନା ନୁହେଁ । କିନ୍ତୁ ଉପାସନାଦ୍ୱାରା ସେହି ଜ୍ଞାନଲାଭ ମଧ୍ୟ ହୋଇଥାଏ । ଜ୍ଞାନଲାଭ କରିଲେ ଆଉ ଉପାସନାର ପ୍ରୟୋଜନ ରହେ-ନାହିଁ । ସୁତରାଂ ନିର୍ଗୁଣ ଉପାସ୍ୟ ନୁହନ୍ତି—କିନ୍ତୁ ଜ୍ଞେୟ । ଭଗବଦ୍-ଗୀତାରେ କଥିତ ଅଛି—

କ୍ଲେଶୋଽଧିକତରସ୍ତେଷା ମବ୍ୟକ୍ତାସକ୍ତଚେତସାଂ ।
"ଯେଉଁ ସାଧକମାନଙ୍କର ମନ ଅବ୍ୟକ୍ତ ଅର୍ଥାତ୍ ନିର୍ଗୁଣ ବ୍ରହ୍ମରେ ଆସକ୍ତ ସେମାନଙ୍କର ବିଶେଷ କ୍ଲେଶ ହୁଏ ।" ତେଣୁ ମନର ସ୍ଥିରତା ଲାଗି କୌଣସି ଗୋଟିଏ ରୂପର କଳ୍ପନା କରିବାକୁ ହୁଏ । ନାମ ଓ ଗୁଣ ସହିତ ପରଂବ୍ରହ୍ମର ଯେଉଁରୂପ କଳ୍ପିତ ହୁଏ ତାହାର ନାମ ହେଉଛି ଶକ୍ତି । ଏହି ଶକ୍ତି ହେଉଛି ଉପାସ୍ୟ । ପରଂବ୍ରହ୍ମ ନିର୍ଗୁଣ । ଏହି ନିର୍ଗୁଣ ପରଂବ୍ରହ୍ମଙ୍କର ଜ୍ଞାନ ହେଉଛି ପରମ ପୁରୁଷାର୍ଥ । ଶକ୍ତିର

ଉପାସନାଦ୍ୱାରହିଁ ଏହି ନିର୍ଗୁଣ ବ୍ରହ୍ମଙ୍କର ଜ୍ଞାନ ଲାଭ ହୋଇଥାଏ । ସେହି ନିର୍ଗୁଣ ବ୍ରହ୍ମ ଇଚ୍ଛାଶକ୍ତି ସହିତ ମିଳିତ ହୋଇ ସୃଷ୍ଟି କାର୍ଯ୍ୟରେ ଉଦ୍ୟତ ହେଲେ ତାହାକୁ ଶକ୍ତି କୁହାଯାଏ । ବ୍ରହ୍ମ ଶକ୍ତିରୂପ ଧାରଣ କରି ଉପାସନାର ଯୋଗ୍ୟ ହୋଇଥାନ୍ତି । ପ୍ରଳୟକାଳରେ ବ୍ରହ୍ମ ସମସ୍ତ ଚରାଚର ଜଗତ୍‌ର ପ୍ରାଣିମାନଙ୍କର କର୍ମଫଳ ସୂକ୍ଷ୍ମ ସଂସ୍କାର ରୂପରେ ନିଜଭିତରେ ସ୍ଥାପନ କରି ରହିଥାନ୍ତି । ସେହି ସମୟରେ ଶକ୍ତି ମଧ୍ୟ ବ୍ରହ୍ମଙ୍କ ଭିତରେ ଅବ୍ୟକ୍ତ ଅବସ୍ଥାରେ ରହିଥାଏ । ପ୍ରଳୟର ଶେଷରେ ପୁଣି ସୃଷ୍ଟିର ସମୟ ଉପସ୍ଥିତହେଲେ ସେ ଅବ୍ୟକ୍ତ ଶକ୍ତି ସିସୃକ୍ଷାଦି ରୂପରେ (ସୃଷ୍ଟି କରିବାର ଇଚ୍ଛା ପ୍ରଭୃତି) ବ୍ୟକ୍ତ ହୋଇଥାଏ । ଏହି ପ୍ରଥମ ଆବିର୍ଭୂତ ଶକ୍ତିର ନାମ ତ୍ରିପୁରା, ଏ ହେଉଛନ୍ତି ଅନନ୍ତ ଶକ୍ତିର ସମଷ୍ଟି ରୂପ । ଶକ୍ତିର ଆବିର୍ଭାବପୂର୍ବରୁ ବ୍ରହ୍ମ ରହିଥିଲେ । ପ୍ରଳୟର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ରହିଥିଲେ ମଧ୍ୟ ସୃଷ୍ଟି କରିବାକୁ ତାଙ୍କର ସାମର୍ଥ୍ୟ ନ ଥିଲା । କିନ୍ତୁ ପ୍ରଥମରେ ସିସୃକ୍ଷାରୂପରେ ଶକ୍ତିର ଆବିର୍ଭାବ ହେଲା ପରେ ପରେ ଉତ୍ତରୋତ୍ତର ସଂସାର ସୃଷ୍ଟି ବିଭବ ବୃଦ୍ଧି ପାଉଅଛି ।

ତନ୍ତ୍ରଶାସ୍ତ୍ର ସତ୍‌କାର୍ଯ୍ୟବାଦୀ । ଏହି ମତ ଅନୁସାରେ ଯେଉଁ ପଦାର୍ଥର ଅସ୍ତିତ୍ୱ ନାହିଁ ତାହାର ଉତ୍ପତ୍ତି ମଧ୍ୟ ସମ୍ଭବପର ନୁହେଁ । ଗୀତାରେ ମଧ୍ୟ ଏହି କଥା କୁହାଯାଉଛି—

"ନାସତୋ ବିଦ୍ୟତେଭାବୋ ନାଭାବୋ ବିଦ୍ୟତେ ସତଃ ।"

ସେହି ଶକ୍ତି ପ୍ରଳୟକାଳରେ ସମଗ୍ରଜଗତ୍‌କୁ ନିଜ ଭିତରେ ସ୍ଥାପିତ କରି ଅବ୍ୟକ୍ତ ରୂପରେ ଅବସ୍ଥାନ କରେ । ତହିଁପରେ ସେହି ଶକ୍ତି ସୂକ୍ଷ୍ମରୂପରେ ଅବ୍ୟକ୍ତ ଅବସ୍ଥାରେ ଅବସ୍ଥିତ ବିଶ୍ୱକୁ ସୃଷ୍ଟି ସମୟରେ ସ୍ଥୂଳରୂପରେ ବ୍ୟକ୍ତ କରି ପ୍ରକଟ କରନ୍ତି ।

ଯୋଗବାଶିଷ୍ଠ ରାମାୟଣରେ ମଧ୍ୟ କଥିତ ଅଛି—ଯଥା—

ଯାଥାଶ୍ରାନ୍ତର୍ଜଲେ ମହ୍ୟୀ ସର୍ବାସ୍ତୀଦଂ ତଥାତ୍ମନି ।
ଫଳପଲ୍ଲବଲତାପୁଷ୍ପଶାଖା ବିଟପମୂଳବାନ୍
ବୃକ୍ଷବୀଜେ ଯଥା ବୃକ୍ଷସ୍ତଥେଦଂ ବ୍ରହ୍ମଣିସ୍ଥିତମ୍ ।

"ସମଗ୍ର ପୃଥିବୀ ଯେପରି ବ୍ରହ୍ମାଣ୍ଡ ଭିତରର ଜଳରେ ଅବସ୍ଥାନ କରେ ସେହିପରି ଏହି ବିଶ୍ୱ ମଧ୍ୟ ବ୍ରହ୍ମରେ ଅବସ୍ଥାନ କରେ । ଫଳ, ପତ୍ର, ଲତା, ପୁଷ୍ପ, ଶାଖା ଓ ମୂଳ ପ୍ରଭୃତି ସହିତ ବୃକ୍ଷ ଯେପରି ସୂକ୍ଷ୍ମ ଭାବରେ ବୃକ୍ଷବୀଜରେ ନିହିତ ଥାଏ ସେହିପରି ପ୍ରଳୟକାଳରେ ଏହି ଜଗତ୍ ମଧ୍ୟ ସୂକ୍ଷ୍ମଭାବରେ ବ୍ରହ୍ମରେ ରହିଥାଏ ।"

କାରଣ ସ୍ୱୀକାର ନ କଲେ କାର୍ଯ୍ୟର ଉତ୍ପତ୍ତି ହୁଏ ନାହିଁ । ସେଥି-ଲାଗି ନିର୍ଦ୍ଧର୍ମକ ନିର୍ଗୁଣ ବ୍ରହ୍ମ ବା ଶୂନ୍ୟକୁ ଜଗତ୍‌ର କାରଣ ରୂପରେ କଳ୍ପନା କଲେ ଏହି ଜଗତ୍‌ର ସୃଷ୍ଟି ସମ୍ଭବପର ହୁଏ ନାହିଁ । ସୁତରାଂ ଜଗତ୍‌ର ସୃଷ୍ଟି କାର୍ଯ୍ୟନିର୍ବାହ କରିବା ଲାଗି ବ୍ରହ୍ମରେ ଶକ୍ତିର କଳ୍ପନା କରାଯାଇଥାଏ । ବୈଦାନ୍ତିକମାନେ ଏହି ଶକ୍ତି ଏବଂ ଶକ୍ତିମାନର ଅଭେଦ ସ୍ୱୀକାର କରିଥାନ୍ତି । "ଶକ୍ତି ଶକ୍ତିମତୋରଭେଦଃ ।" ସେହି ବ୍ରହ୍ମ ଅନନ୍ତ ବ୍ରହ୍ମାଣ୍ଡ ବ୍ୟାପି ରହିଅଛନ୍ତି । ବ୍ରହ୍ମଙ୍କ ବାହାରେ ଏବଂ ସଂସାରରେ ଧୂଳିକଣାଟିଏ ମଧ୍ୟ ରହିପାରେ ନାହିଁ । ଶକ୍ତି ସେହିପରି ବ୍ରହ୍ମଙ୍କ ଭିତରେ ପ୍ରବେଶ କରି ରହିଅଛି । ଯେଉଁ ଯେଉଁ ସ୍ଥାନରେ ବ୍ରହ୍ମ ରହିଛନ୍ତି ଶକ୍ତି ମଧ୍ୟ ସେହି ୨ ସ୍ଥାନରେ ରହିଅଛି । ବ୍ରହ୍ମ ଓ ଶକ୍ତି ଅବିନାଭାବସମ୍ବନ୍ଧରେ ଆବଦ୍ଧ ଅର୍ଥାତ୍—ଗୋଟିକୁ ଛାଡ଼ି ଅନ୍ୟଟି ରହିପାରେ ନାହିଁ । ତେଣୁ ବ୍ରହ୍ମର ଅବସ୍ଥିତି ବେଳେ ଶକ୍ତିର ମଧ୍ୟ ଅବସ୍ଥିତି ରହିଥାଏ । ଶକ୍ତିହୀନ ବ୍ରହ୍ମ ନିଷ୍କ୍ରିୟ ଶୂନ୍ୟାକାର ଅର୍ଥାତ୍ ତାଙ୍କର ଥିବା ନ ଥିବା ସମାନ । ଶକ୍ତି ଏହି ଶୂନ୍ୟାକାର ବ୍ରହ୍ମ ଭିତରେ ରହି ବ୍ରହ୍ମଙ୍କର ଶୂନ୍ୟାବସ୍ଥା ଦୂର କରେ ଏବଂ ଉଚ୍ଛୂନତା ସମ୍ପାଦନ କରେ ।

ଐଶ୍ୱର୍ଯ୍ୟ ଗୁଣ ରହିଅଛି ବୋଲି ସଗୁଣ ବ୍ରହ୍ମଙ୍କୁ ଈଶ୍ୱର କହନ୍ତି । ସେହି ଈଶ୍ୱର ମାୟା ଶକ୍ତିକୁ ଆଶ୍ରୟ କରି ମୂର୍ତ୍ତିପରିଗ୍ରହ କରନ୍ତି । ତେଣୁ ଈଶ୍ୱରଙ୍କର ପୁଂମୂର୍ତ୍ତି ଓ ସ୍ତ୍ରୀମୂର୍ତ୍ତି ସମସ୍ତ ଶକ୍ତିମୟ । ବ୍ରହ୍ମ ଓ ଶକ୍ତି ଅବିନାଭାବରେ ଆବଦ୍ଧ ହୋଇଥିବାରୁ ସେ ଦୁହେଁ ପରସ୍ପରକୁ କଦାପି

ଗୁଡ଼ ରହି ପାରନ୍ତି ନାହିଁ । ସୁତରାଂ ପୁଂ ମୂର୍ତ୍ତିରେ ବ୍ରହ୍ମ ଓ ଶକ୍ତି ଦୁହେଁ ରହି-ଛନ୍ତି ଏବଂ ସ୍ତ୍ରୀ ମୂର୍ତ୍ତିରେ ବ୍ରହ୍ମ ଓ ଶକ୍ତି ଦୁହେଁ ରହିଛନ୍ତି । ଶକ୍ତିର ଦୁଇଟି ରୂପ । ପୁଂଶକ୍ତି ଓ ସ୍ତ୍ରୀଶକ୍ତି । ପୁଂଶକ୍ତିର ସ୍ଫୁରଣରେ ଶିବ ବିଷ୍ଣୁ-ପ୍ରଭୃତି ଦେବତାମାନେ ଈଶ୍ୱରଙ୍କର ପୁଂମୂର୍ତ୍ତି । ସେହିପରି ସ୍ତ୍ରୀଶକ୍ତିର ସ୍ଫୁରଣରେ ଦୁର୍ଗା ଲକ୍ଷ୍ମୀ ପ୍ରଭୃତି ଦେବୀଗଣ ମଧ୍ୟ ଈଶ୍ୱରଙ୍କର ସ୍ତ୍ରୀମୂର୍ତ୍ତି । ତେଣୁ ଯେଉଁମାନେ ଶିବ ବିଷ୍ଣୁ ପ୍ରଭୃତି ପୁରୁଷ ଦେବତାର ଅର୍ଚ୍ଚନା କରନ୍ତି—ସେମାନେ ମଧ୍ୟ ଶକ୍ତିର ଉପାସନା କରିଥାନ୍ତି । ଲିଙ୍ଗ ପୁରାଣରେ କଥିତ ଅଛି—

ଶଙ୍କରଃ ପୁରୁଷାଃ ସର୍ବେ ସ୍ତ୍ରିୟଃ ସର୍ବା ମହେଶ୍ୱରୀ
ପୁଂଲିଙ୍ଗଶବ୍ଦବାଚ୍ୟା ଯେ ତେଚ ରୁଦ୍ରାଃ ପ୍ରକୀର୍ତ୍ତିତାଃ

× + +

ଏବଂ ସ୍ତ୍ରୀ ପୁରୁଷାଃ ପ୍ରୋକ୍ତା ସ୍ତୟୋରେବ ବିଭୂତୟଃ ।୭।୧୨।୫୦.

ଜଗତର ଯାବତୀୟ ପୁରୁଷ ଓ ପୁଂଲିଙ୍ଗଶବ୍ଦବାଚ୍ୟ ପଦାର୍ଥ ମହାଦେବଙ୍କର ବିଭୂତି ଏବଂ ଯାବତୀୟ ସ୍ତ୍ରୀ ଓ ସ୍ତ୍ରୀଲିଙ୍ଗବାଚ୍ୟ ପଦାର୍ଥ ଗୌରୀଙ୍କର ବିଭୂତି । ପ୍ରତ୍ୟେକ ପଦାର୍ଥରେ ଶିବ ଓ ଶକ୍ତିଙ୍କର ବିଭୂତି ରହିଅଛି । ସେଥିଲାଗି ବ୍ରହ୍ମର ସ୍ତ୍ରୀତ୍ୱ ଓ ପୁରୁଷତ୍ୱ ବିଗତ ହୋଇପାରେ ନାହିଁ । କିନ୍ତୁ ସେ ସମସ୍ତ ସ୍ତ୍ରୀ ଓ ସମସ୍ତ ପୁରୁଷ ।

ଏ ବିଷୟରେ ଶ୍ୱେତାଶ୍ୱେତର ଉପନିଷଦରେ କୁହାଯାଇଛି—

"ତ୍ୱାଂ ସ୍ତ୍ରୀ ତ୍ୱଂ ପୁମାନସି ତ୍ୱଂ କୁମାର ଉତ ବା କୁମାରୀ ।୪।୩।
ନୈବ ସ୍ତ୍ରୀ ନ ପୁମାନେଷ ନଚୈବାୟଂ ନ ପୁଂସକଃ ।୫।୧୦।

ବାମକେଶ୍ୱର ତନ୍ତ୍ରରେ କୁହାଯାଇଛି—

"ଯସ୍ୟ ଯସ୍ୟ ପଦାର୍ଥସ୍ୟ ଯ ଯା ଶକ୍ତି ରୁଦୀରିତା
ସା ତୁ ସର୍ବେଶ୍ୱରୀ ଦେବୀ ସାତୁ ସର୍ବେ ମହେଶ୍ୱରଃ।"

ପୁନା ଆନନ୍ଦାଶ୍ରମରୁ ପ୍ରକାଶିତ ବାମକେଶ୍ୱର ତନ୍ତ୍ରର ସେତୁବନ୍ଧ ନାମକ ଟୀକା—୪।୩।୮

ବସ୍ତୁମାତ୍ରେ ସ୍ୱ ସ୍ୱ ପ୍ରୟୋଜନ ଜନକତ୍ୱ ସାମର୍ଥ୍ୟ ରୂପା ଶକ୍ତିରସ୍ତ୍ୟେବ ।
ସାବିମର୍ଶଃ; ତଦାଧାରଃ ପ୍ରକାଶଃ ।
ତଦାଧାରଃ ପ୍ରକାଶଃ ।" (ସେତୁବନ୍ଧ) ବସ୍ତୁମାତ୍ରରେ ସ୍ୱସ୍ୱ ପ୍ରୟୋଜନ ସାଧନର ଉପଯୁକ୍ତ ଶକ୍ତି ରହିଥାଏ । ଏହାର ନାମ ବିମର୍ଶ ଶକ୍ତି ବା ଆଦ୍ୟାଶକ୍ତିର ବିଭୂତି । ଶକ୍ତି ଶକ୍ତିମାନଙ୍କୁ ତ୍ୟାଗ କରି ରହିପାରେ ନାହିଁ । ସୁତରାଂ ଶକ୍ତିର ଆଧାର ବ୍ରହ୍ମ ପ୍ରତ୍ୟେକ ବସ୍ତୁରେ ପ୍ରକାଶରୂପରେ ରହିଛନ୍ତି । ପ୍ରକୃତପକ୍ଷରେ ପ୍ରତ୍ୟେକ ବସ୍ତୁର ଧର୍ମ ବା ଗୁଣ ବିମର୍ଶ-ଶକ୍ତିର ବିଭୂତି, କିନ୍ତୁ ବସ୍ତୁର ସ୍ୱରୂପ ପ୍ରକାଶରୂପ ବ୍ରହ୍ମର ବିଭୂତି । ତେଣୁ ପ୍ରତ୍ୟେକ ବସ୍ତୁରେ ବ୍ରହ୍ମ ଓ ଶକ୍ତିଙ୍କର ଅଧିଷ୍ଠାନ ରହିଅଛି ।

ସେହିପରି ଶକ୍ତି ଦୁଇ ପ୍ରକାରର ଦେଖାଯାଏ—ବିଦ୍ୟା ଓ ଅବିଦ୍ୟା ।

ବିଦ୍ୟାଂ ଚାବିଦ୍ୟାଂ ଚ ଯସ୍ତଦ୍‌ବେଦୋଭୟଂ ସହ ।
ଅବିଦ୍ୟୟା ମୃତ୍ୟୁଂ ତୀର୍ତ୍ତ୍ୱା ବିଦ୍ୟୟାଽମୃତମଶ୍ନୁତେ ।

କେନୋପନିଷଦ୍ ।୨।୧୦।୨୫.

"ତସ୍ୟ ଶକ୍ତିଃ ପରା ବିଶ୍ୱୋର୍ଜଗତ୍ କାର୍ଯ୍ୟପରିକ୍ଷମା-
ଭାବାଭାବସ୍ୱରୂପା ସା ବିଦ୍ୟାବିଦ୍ୟେତି ଗୀୟତେ ।" ବୃହଦାରଣ୍ୟେ ।

"ବିଦ୍ୟା ଽବିଦ୍ୟେତି ଦେବ୍ୟା ଦ୍ୱେ ରୂପେ ଜାନୀହି ପାର୍ଥିବ ।
ଏକୟା ମୁଚ୍ୟତେ ଜନ୍ତୁରନ୍ୟୟା ବଧ୍ୟତେ ପୁନଃ ।ଦେବୀଭାଗବତ ।

୩।୧୮।୫୦

ସୁତରାଂ ପରାଶକ୍ତି ଅବିଦ୍ୟାରୂପରେ ଜୀବକୁ ସଂସାରରେ ଆବଦ୍ଧକରି ରଖେ ଏବଂ ବିଦ୍ୟାରୂପରେ ଜୀବକୁ ମୁକ୍ତିଦାନ କରେ । ମୋଚକତ୍ୱ ବା ମୋଚନ କରିବା ହେଉଛି ଗୋଟିଏ ଧର୍ମ ବା ଶକ୍ତି । ସୁତରାଂ ଶକ୍ତି କେବଳ ମୋଚନ କରିପାରେ । କେବଳ ବ୍ରହ୍ମ ନିର୍ଗୁଣ ଥିବାରୁ ମୋଚନ କାର୍ଯ୍ୟ କରି ପାରନ୍ତି ନାହିଁ । ତେଣୁ ମୁକ୍ତି ବିଷୟରେ ଶକ୍ତିର କର୍ତ୍ତୃତ୍ୱ ରହିଅଛି

କିନ୍ତୁ ଶିବଙ୍କର ସେ କର୍ତ୍ତୃତ୍ୱ ନାହିଁ । ସପ୍ତଶତୀ ଚଣ୍ଡୀରେ କୁହାଯାଇଛି—

ଯା ମୁକ୍ତିହେତୁ ରବିଚିନ୍ତ୍ୟମହାବ୍ରତା ଚ
ଅଭ୍ୟସ୍ୟତେ ସୁନିୟତେନ୍ଦ୍ରିୟ ତତ୍ତ୍ୱ ସାରୈଃ
ମୋକ୍ଷାର୍ଥିଭିର୍ମୁନିଭିରସ୍ତସମସ୍ତଦୋଷୈ
ର୍ବିଦ୍ୟା ହି ସ ଭଗବତୀ ପାରମା ହି ଦେବୀ । ଚଣ୍ଡୀ ଶକ୍ରାଦିସ୍ତୁତି
—୧୫

"ଯେଉଁ ଶକ୍ତି ମୁକ୍ତିର କାରଣ, ଯାହାର ବିଷୟ କଳାପ ଚିନ୍ତା କରିହେବ ନାହିଁ, ମୋକ୍ଷ ଲାଭଲାଗି ମୁନିମାନେ ଇନ୍ଦ୍ରିୟମାନଙ୍କୁ ସଂଯତ କରି ନିଜ ନିଜ ସମସ୍ତ ଦୋଷ ଦୂର କରି ଯେଉଁ ଶକ୍ତି ଦେବୀଙ୍କୁ ଉପାସନା କରନ୍ତି ସେ ଦେବୀ ହେଉଛନ୍ତି ବିଦ୍ୟା ।"

ସାଧନାରେ ଉନ୍ନତିଲାଭ କଲେ ସାଧକର ଶିବଶକ୍ତିବିଷୟରେ ଅଭେଦ ଜ୍ଞାନ ଜନ୍ମେ ।

"ଯଥା ଶିବସ୍ତଥା ଦେବୀ ଯଥା ଦେବୀ ତଥା ଶିବଃ ।
ତସ୍ମାଦଭେଦ ବୁଦ୍ଧ୍ୟୈବ ଶିବେତି କଥୟନ୍ତ୍ୟୁମାଂ ।
ଉମା ଶଙ୍କର ୟୋ ର୍ଭେଦୋ ନାସ୍ତ୍ୟେବ ପରମାର୍ଥତଃ ।
ଦ୍ୱିଧାସୌ ରୂପମାସ୍ଥାୟ ସ୍ଥିତ ଏବ ନ ସଂଶୟଃ ।"

'ଯେ ଶିବ ସେ ହେଉଛନ୍ତି ଶକ୍ତି । ଏ ଦୁହିଁଙ୍କ ଭିତରେ କୌଣସି ଭେଦ ନାହିଁ । ଉମାଙ୍କୁ ଶିବା ବୋଲି କହିଥାନ୍ତି । ଶିବ ଓ ଶକ୍ତିର ପ୍ରକୃତ ପକ୍ଷରେ କୌଣସି ଭେଦ ନାହିଁ । ଏକ ବସ୍ତୁ ଦୁଇଗୋଟି ରୂପ ଧରି ରହି-ଅଛି । ଏଥିରେ ସନ୍ଦେହ ନାହିଁ ।"

ସାଧକ ଏହି ଅବସ୍ଥାରେ ଉପନୀତ ହେଲେ ସେ ପୂର୍ଣ୍ଣ ଅଦ୍ୱୈତ ଭାବ ଅନୁଭବ କରେ । ତାହା ନିକଟରେ ଶିବଙ୍କର ଆଉ ପୃଥକ୍ ଅସ୍ତିତ୍ୱ ରହେ ନାହିଁ । ସେ ସେତେବେଳେ ସମସ୍ତ ଜଗତକୁ ଜଗଦମ୍ବା ଦୁର୍ଗା ରୂପରେ ଉପଲବ୍ଧି କରେ ।

ଭୂତାନି ଦୁର୍ଗା ଭୁବନାନି ଦୁର୍ଗା ନରାଃ ସ୍ତ୍ରୀସ୍ତ୍ରଶ୍ଚାପି ସୁରାସୁରାଦିକମ୍ ।
ଯଦ୍ ଯଦ୍ଧି ଦୃଶ୍ୟଂ ଖଳୁ ସୈବ ଦୁର୍ଗା ଦୁର୍ଗାସ୍ୱରୂପାଦପରଂ ନ କିଞ୍ଚିତ୍ ।

(ଦେବୀ ଭାଗବତରେ ଶୈବ ନୀଳକଣ୍ଠ କୃତ ଟୀକା ଧୃତ ମୁଣ୍ଡମାଳା-
ତନ୍ତ୍ର ୭।୧୧।୪୫

ପୃଥିବ୍ୟାଦି ପଞ୍ଚଭୂତ ଦୁର୍ଗା । ଚତୁର୍ଦ୍ଦଶ ଭୁବନସାକ ଦୁର୍ଗା । ପୁରୁଷ ସବୁ ଦୁର୍ଗା, ସ୍ତ୍ରୀ ସବୁ ଦୁର୍ଗା, ଦେବତା ସବୁ ଦୁର୍ଗା, ଅସୁର ସବୁ ଦୁର୍ଗା, ସଂସାରରେ ଯେଉଁ ସବୁ ଦୃଶ୍ୟ ପଦାର୍ଥ ରହିଅଛି—ସେ ସବୁ ଦୁର୍ଗା । ସଂସାରରେ ଦୁର୍ଗାଙ୍କ ସ୍ୱରୂପ ଭିନ୍ନ ଆଉ କିଛି ନାହିଁ ।"

ଏହି ଉଦ୍ଦେଶ୍ୟରେ ଦେବୀ ଭାଗବତରେ ଦେବୀଗୀତାରେ ଭଗବତୀ ହିମାଳୟଙ୍କୁ କହିଛନ୍ତି—

ମୟି ସର୍ବମିଦଂ ପ୍ରୋତମୋତଞ୍ଚ ଧରଣୀ ଧର ।
ଈଶ୍ୱରୋଽହଞ୍ଚ ସୂତ୍ରାତ୍ମା ବିରାଡାତ୍ମାହ ମସ୍ମି ଚ
ବ୍ରହ୍ମାହଂ ବିଷ୍ଣୁ ରୁଦ୍ରୌ ଚ ଗୌରୀ ବ୍ରାହ୍ମୀ ଚ ବୈଷ୍ଣବୀ ।

× × ×

ଯଚ୍ଚ କିଞ୍ଚିତ୍ କ୍ୱଚିଦ୍‌ବସ୍ତୁ ଦୃଶ୍ୟତେ ଶ୍ରୂୟତେଽପିବା ।
ଅନ୍ତର୍ବହିଶ୍ଚ ତତ୍ ସର୍ବଂ ବ୍ୟାପ୍ୟାହଂ ସର୍ବଦାସ୍ଥିତା ।
ନ ତଦସ୍ତି ମୟା ତ୍ୟକ୍ତଂ ବସ୍ତୁ କିଞ୍ଚିଚ୍ଚରାଚରଂ ।"

"ହେ ଧରଣୀଧର ମୋ ଦେହରେ ଏହି ସଂସାର ଓତପ୍ରୋତଭାବରେ ରହିଅଛି । ମୁଁ ହେଉଛି କାରଣ ଦେହାଭିମାନୀ ଈଶ୍ୱର । ମୁଁ ହେଉଛି ସୂକ୍ଷ୍ମ-ଦେହାଭିମାନୀ ସୂତ୍ରାତ୍ମା ବା ହିରଣ୍ୟଗର୍ଭ। ମୁଁ ବିରାଟ । ମୁଁ ହେଉଛି ସୃଷ୍ଟି କର୍ତ୍ତା ବ୍ରହ୍ମା । ପାଳନ କର୍ତ୍ତା ବିଷ୍ଣୁ ଏବଂ ସଂହାର କର୍ତ୍ତା ରୁଦ୍ର । ମୁଁ ହେଉଛି ବ୍ରହ୍ମା, ବିଷ୍ଣୁ ଶିବଙ୍କର ଶକ୍ତି ବ୍ରାହ୍ମୀ ବୈଷ୍ଣବୀ ଏବଂ ଗୌରୀ ।

× × ×

ସଂସାରରେ ଯେଉଁ ସବୁ ପଦାର୍ଥ ଦେଖାଯାଏ ବା ଶୁଣାଯାଏ ମୁଁ ସେ ସବୁ ପଦାର୍ଥର ଅନ୍ତର ଓ ବାହାରେ ମୁଁ ସଦା ସର୍ବଦା ପୂର୍ଣ୍ଣ ରହିଅଛି ।

ସଂସାରରେ ଏପରି କୌଣସି ସ୍ଥାବର ଜଙ୍ଗମ ବସ୍ତୁ ନାହିଁ— ଯେଉଁଠାରେ ମୁଁ ନାହିଁ ।"

ସେତେବେଳେ ସାଧକ "ସର୍ବ ଶାମ୍ଭବୀ ରୂପଂ" ( କୌଳୋପନିଷଦ୍ ) ଜଗତ୍‌ର ସମସ୍ତ ପଦାର୍ଥ ମାନଙ୍କୁ ଶକ୍ତିମୟ ଦେଖେ । ଶେଷରେ ଜଗତ୍‌ର ସମସ୍ତ ପଦାର୍ଥରେ ଅଭେଦ ବୁଦ୍ଧି ଜାତ ହୁଏ ଏବଂ ଜଗତ୍‌ର ଯାବତୀୟ ପଦାର୍ଥ ଏବଂ ନିଜ ଭିତରେ କୌଣସି ଭେଦ ବୁଦ୍ଧି ରହେ ନାହିଁ । ଜଗତ୍ ସର୍ବତ୍ର ସମାନ ହୋଇଯାଏ । ସର୍ବୈକ୍ୟତାବୁଦ୍ଧିମନ୍ତୋ— ସର୍ବସମୋ ଭବନ୍ତି" ( କୌଳୋପନିଷଦ୍ )

ଏହି ଅବସ୍ଥା ଲାଭ କରିବା ନିମିତ୍ତ ସାଧକ ତାନ୍ତ୍ରିକ ସାଧନାରେ ଅଗ୍ରସର ହୁଏ । ସେହି ସାଧନାରେ ପ୍ରଥମରେ କୁଣ୍ଡଳିନୀ ଶକ୍ତିକୁ ଉଦ୍‌ବୁଦ୍ଧ କରିବାକୁ ହୁଏ । ତହିଁପରେ ସାଧକ ଷଟ୍‌ଚକ୍ର ଭେଦକରି ସୁଷୁମ୍ନାରେ ପବନ ଚାଳିତ କରି ବ୍ରହ୍ମରନ୍ଧ୍ରରେ ପ୍ରବେଶ କରି ପରମାନନ୍ଦ ଲାଭ କରେ ।

ଲିଙ୍ଗତ୍ରୟ ବିଶେଷଜ୍ଞଃ ଷଡାଧାର ବିଭେଦକଃ
ପୀଠ ସ୍ଥାନାନି ଗଚ୍ଛନ୍ତି ମହାପଦ୍ମବନଂ ବ୍ରଜେତ୍
ଆମୂଳାଧାରମା ବ୍ରହ୍ମରନ୍ଧ୍ରଂ ଗତ୍ୱା ପୁନଃ ପୁନଃ
ଚିଚ୍ଚନ୍ଦ୍ର କୁଣ୍ଡଳୀ ଶକ୍ତି ସାମରସ୍ୟ ସୁଖୋଦୟଃ
ବ୍ୟୋମ ପଙ୍କଜ ନିଷ୍ୟନ୍ଦ ସୁଧାପାନରତୋ ନରଃ
ପୁଣ୍ୟ ପୁଣ୍ୟ ପଶୁଂ ହତ୍ୱା ଜ୍ଞାନଖଡ୍‌ଗେନ ଯୋଗବିତ୍
ପରେ ଲୟଂ ନୟେଚ୍ଚିତ୍ତଂ ପଳାଶୀ ସ ନିଗଦ୍ୟତେ
ମନସା ଚେନ୍ଦ୍ରିୟଗଣଂ ସଂଯମ୍ୟାତ୍ମନି ଯୋଜୟେତ୍
ମଦ୍ୟାଶୀ ସ ଭବେଦ୍ଦେବି ଶେଷାଃ ସ୍ୟୁଃ ପ୍ରାଣିହିଂସକାଃ ।

+ × ×

ପରଶକ୍ତ୍ୟାତ୍ମମିଥୁନ ସଂଯୋଗାନନ୍ଦ ନିର୍ଭରଃ
ଯ ଆସ୍ତେ ମୈଥୁନଂ ତତ୍ ସ୍ୟାଦପରେ ସ୍ତ୍ରୀନିଷେବକାଃ ।

( କୁଳାର୍ଣ୍ଣବ ତନ୍ତ୍ର ) ୫।୧୦୬—୧୧୩

"ସାଧକ ପ୍ରଥମରେ ସୁଷୁମ୍ନା ନାଡ଼ୀର ମଧ୍ୟସ୍ଥିତ ଚିତ୍ରାନାଡ଼ୀ ( ଲିଙ୍ଗତ୍ରୟ )

ସମ୍ବନ୍ଧରେ ବିଶେଷ ଜ୍ଞାନ ଲାଭ କରି ଷଟ୍‌ଚକ୍ରର ଭେଦ ସାଧନ କରିବ । ତାହୁଁ ସେ ସାଧକ ସୁଷୁମ୍ନା ବାଟ ଦେଇ ମୂଳାଧାରରୁ ବ୍ରହ୍ମରନ୍ଧ୍ର ପର୍ଯ୍ୟନ୍ତ ବାରଂବାର ଗମନ କରି ( ମନ ପବନକୁ ସୁଷୁମ୍ନା ବାଟ ଦେଇ ବ୍ରହ୍ମରନ୍ଧ୍ରକୁ ବାରମ୍ବାର ଚାଳିତ କରି ) ସହସ୍ରାର ସ୍ଥିତ ପୀଠସ୍ଥାନକୁ ଯାଇ ସେଠାରେ ମହାପଦ୍ମବନରେ ପ୍ରବେଶ କରିବ । ସେଠାରେ ବ୍ରହ୍ମ ବା ପରମାତ୍ମାରୂପ ଚନ୍ଦ୍ର ଏବଂ କୁଣ୍ଡଳିନୀ ଶକ୍ତିର ମିଳନରୁ ସାମରସ୍ୟ ଜନିତ ପରମ ଆନନ୍ଦରେ ବିଭୋର ହୋଇ ସହସ୍ରାରପଦ୍ମବିନିଃସୃତ ସୁଧାପାନ କରିବ । ଏହାର ନାମ ହେଉଛି ସୁରାପାନ । ଯେଉଁ ସାଧକ ଏପରି କରିନପାରେ ସେ ସୁରାପାନ କଲେ ସେଥିଲାଗି ପାପୀହେବ । ଯେଉଁ ସାଧକ ଜ୍ଞାନରୂପ ଖଡ଼୍‌ଗଦ୍ୱାରା ପାପପୁଣ୍ୟରୂପକ ପଶୁକୁ ହତ୍ୟା କରି ପରମାତ୍ମାରେ ଲୀନ ହୁଏ—ସେ ହେଉଛି ପ୍ରକୃତ ମାଂସାଶୀ । ଏହିପରି ସାଧନା କରିବାକୁ ଅକ୍ଷମଲୋକ ମାଂସ ଭକ୍ଷଣକଲେ ପାପୀ ଓ ପତିତ ହୁଏ । ଯେଉଁ ସାଧକ ପରାଶକ୍ତି ଓ ପରଂବ୍ରହ୍ମ ମିଥୁନଙ୍କର ସଂଯୋଗ ଜନିତ ଆନନ୍ଦରେ ବିଭୋର ହୋଇ ଅବସ୍ଥାନ କରେ—ସେ ହେଉଛି ପ୍ରକୃତରେ ମୈଥୁନ ସେବକ ।"

ତାନ୍ତ୍ରିକମାନେ ଶିବ ଶକ୍ତି ବା ବ୍ରହ୍ମ ଓ ଶକ୍ତିର ମିଳନଜ ସୁଖକୁ ସ୍ତ୍ରୀପୁରୁଷ ସମ୍ଭୋଗଜ ଆନନ୍ଦ ପରି ଉପଲବ୍‌ଧି କରିଥାନ୍ତି ।

କର୍ଣ୍ଣାଟ ଦେଶୀୟ ପଣ୍ଡିତ ପ୍ରବର ଲକ୍ଷ୍ମୀଧର ଶଙ୍କରାଚାର୍ଯ୍ୟପ୍ରଣୀତ ଆନନ୍ଦ ଲହରୀରେ ଟୀକାଟିଏ ଲେଖିଛନ୍ତି । ସେ "ବୋଧାରେ ମୂଲେ ସହ ସମୟୟା" (୪୧) ଶ୍ଲୋକର ବ୍ୟାଖ୍ୟାରେ ଲେଖିଛନ୍ତି—"ଆଧାର ଚକ୍ରଂ ତ୍ରିକୋଣଂ, ଆଧାରେ ବିନ୍ଦୁସ୍ତ୍ରିସ୍ଥିତ ଇତି ଚ ତାବଦ୍ ପ୍ରସିଦ୍ଧଂ । ସ ଏବ ବିନ୍ଦୁଃ ତସ ଆଗାଧଃ ଅତଏବ କୌଳାଃ ତ୍ରିକୋଣେ ବିନ୍ଦୁଂ ନୃତ୍ୟଂ ସମର୍ଚୟନ୍ତି । ତତ୍ ତ୍ରିକୋଣଂ ଦ୍ୱିବିଧଂ । ଶ୍ରୀଚକ୍ରାନ୍ତର୍ଗତ ନବ ଯୋନି ମଧ୍ୟ-ବର୍ତ୍ତିନଃ ଯୋନିଃ । ସୁନ୍ଦରୀ ସ୍ତ୍ରୁତ୍ୟୋଃ ପ୍ରତ୍ୟକ୍ଷ ଯୋନିଶ୍ଚ ।

× × ×

ଏଷା କୁଣ୍ଡଳମ୍ନୀ ଶକ୍ତିଃ ଚନ୍ଦ୍ରରୂପିଣୀ ନହାଣୈବ ସଂପୂଜ୍ୟା ।

× × ×

ଶିବଶକ୍ତି ମେଳନରୂପ ସଦାଖ୍ୟାତ୍ମନା ଅନୁସନ୍ଧାନମ୍ ।"

"ଆଧାର ଚକ୍ର ତ୍ରିକୋଣାକାର—ସେଠାରେ ବିନ୍ଦୁ ରହିଥାଏ । ସେ ବିନ୍ଦୁକୁ ତ୍ରିକୋଣରେ ପୂଜା କରନ୍ତି । ସେହି ତ୍ରିକୋଣ ଦୁଇପ୍ରକାର—ଶ୍ରୀଚକ୍ର ମଧ୍ୟବର୍ତ୍ତୀ ଯୋନି ଏବଂ ତରୁଣୀର ଯୋନି । × × × କୁଣ୍ଡଳମ୍ନୀ ଶକ୍ତି ବିନ୍ଦୁ ରୂପରେ ନିଦ୍ରିତ ହୋଇ ରହିଥାଏ । × × ସେଠାରେ ଶିବଶକ୍ତି ବା ବ୍ରହ୍ମ ଓ ଶକ୍ତିର ମିଳନରୂପ ଆନନ୍ଦର ଅନୁସନ୍ଧାନ କରିବ "

ଏଥିରୁ ସ୍ପଷ୍ଟ ଜଣାଯାଏ ଯେ ତାନ୍ତ୍ରିକମାନେ ବ୍ରହ୍ମ ଓ ଶକ୍ତିର ମିଳନକୁ ଲୌକିକ ସ୍ତ୍ରୀ ପୁରୁଷଙ୍କ ସମ୍ଭୋଗ ଜନିତ ସୁଖ ସହିତ ଆକ୍ଷରିକ ଭାବରେ ତୁଳନା କରିଛନ୍ତି । ସେମାନେ ଜଗତର ସମସ୍ତ ପଦାର୍ଥରେ ବ୍ରହ୍ମ ଓ ଶକ୍ତିର ମିଥୁନୀକୃତ ବିଭୂତିର ଧାରଣା କରିଥାନ୍ତି ।

କାଳିଦାସ ରଘୁବଂଶରେ ୧ମ ଶ୍ଳୋକରେ ଏହି ମିଥୁନୀକୃତ ଶିବଶକ୍ତିଙ୍କୁ ବନ୍ଦନା କରିଛନ୍ତି —ଯଥା—"ବାଗର୍ଥାବିବ ସମ୍ପୃକ୍ତୌ ବାଗର୍ଥ ପ୍ରତିପତ୍ତୟେ

ଜଗତଃ ପିତରୌ ବନ୍ଦେ ପାର୍ବତୀ ପରମେଶ୍ୱରୌ ।"

"ଶବ୍ଦ ଓ ଅର୍ଥର ଜ୍ଞାନଲାଭ ଲାଗି ମୁଁ ଶବ୍ଦ ଓ ଅର୍ଥପରି ନିତ୍ୟ ଅବିନାଭାବରେ ମିଳିତ । ସଂସାରର ପିତାମାତା ପର୍ବତୀ ଓ ପରମେଶ୍ୱରଙ୍କୁ ଅଭିବାଦନ କରୁଅଛି ।

ଆଶ୍ଚର୍ଯ୍ୟଚର୍ଯ୍ୟ ଚୟରେ ମଧ୍ୟ "କମଳକୁଳିଶ ଘାଣ୍ଟି କରହୁ ବିଆଳୀ" ପ୍ରଭୃତି ଚର୍ଯ୍ୟାରେ ଏହି ଶୂନ୍ୟ ଓ ଶକ୍ତିର ମୈଥୁନ ବର୍ଣ୍ଣିତ ହୋଇଅଛି । ତନ୍ତ୍ରର ଶକ୍ତିବାଦ ପ୍ରଥମରେ ଶୈବମାନେ ଶିବଶକ୍ତି ରୂପରେ ଅର୍ଥାତ୍ ଲିଙ୍ଗ

୧. ମହୀଶୂର ଗଭର୍ଣ୍ଣମେଣ୍ଟ ଏହି ଟୀକା ପ୍ରକାଶ କରିଛନ୍ତି ।

ଓ କ୍ଷେତ୍ରରୂପରେ ଆରାଧନା କରୁଥିଲେ । ଏହି ଶକ୍ତି ଓ ଲିଙ୍ଗର ଉପାସନା ହେଉଛି ତାନ୍ତ୍ରିକ ମତବାଦର ମୂଳଭିତ୍ତି । ମହେଞ୍ଜୋଦାରୋ ଓ ହରପ୍ପାରୁ ୫୦୦୦ ବର୍ଷତଳର ଯେଉଁ ପ୍ରାଗ୍‌ଐତିହାସିକ ସଭ୍ୟତାର ସଙ୍କେତସବୁ ମିଳୁଛି ସେଥିରେ ପଥରର ଲିଙ୍ଗ ମୂର୍ତ୍ତି ମିଳୁଛି । ତେଣୁ ସେ ସମୟରେ ଲିଙ୍ଗପୂଜା ଥିବାର ପ୍ରମାଣ ମିଳେ ।

ଋଗ୍‌ବେଦରେ ରୁଦ୍ରଙ୍କର ଅନେକ ସୂକ୍ତ ରହିଅଛି । ସେ ରୁଦ୍ର ହେଉଛନ୍ତି ଶିବ ଋଗ୍‌ବେଦରେ ଶିବଙ୍କର ନାମ ଦେଖିବାକୁ ମିଳେ ନାହିଁ । ଋଗ୍‌ବେଦର ଭାଷ୍ୟକାର ସାୟନାଚାର୍ଯ୍ୟ ଏହି ରୁଦ୍ର ଦେବତାଙ୍କୁ ଶିବରୂପରେ ଗ୍ରହଣ କରିଛନ୍ତି । ଏହି ରୁଦ୍ର ଓ ଶିବଙ୍କର ଏକତ୍ୱ ବିଷୟରେ ନାନା-ପ୍ରକାର ମତବାଦ ଐତିହାସିକ ପଣ୍ଡିତମାନଙ୍କ ମଧ୍ୟରେ ରହିଅଛି । ତଥାପି ଭାରତର ଭାଷ୍ୟକାରମାନେ ରୁଦ୍ରଙ୍କୁ ଶିବରୂପରେ ଗ୍ରହଣ କରିଥିଲେ । ଶୁକ୍ଳ ଯଜୁର୍ବେଦର ବାଜସନେୟୀ ସଂହିତାର ୧୬ ଓ ୩୯ ଅଧ୍ୟାୟରେ ରୁଦ୍ରଙ୍କର ଅନେକଗୁଡ଼ିଏ ନାମର ଉଲ୍ଲେଖ ହୋଇଅଛି । ତହିଁରେ ଈଶାନ ମହାଦେବ ଓ ଶିବଙ୍କ ନାମର ମଧ୍ୟ ଉଲ୍ଲେଖ ରହିଅଛି । ରୁଦ୍ର ଶିବ-ନାମରେ ବହୁବାର ବର୍ଣ୍ଣିତ ହୋଇଥିବାରୁ ଅନୁମିତ ହୁଏ ଯେ —ଶୁକ୍ଳଯଜୁର୍ବେଦ ସମୟକୁ ରୁଦ୍ର ଶିବରୂପରେ ପରିଚିତ ହୋଇ-ଥିଲେ । ଅଥର୍ବବେଦର ଗୋପଥ ବ୍ରାହ୍ମଣର ଆଦ୍ୟଭାଗରେ ଶିବଙ୍କ ନାମ ଉଲ୍ଲେଖ ରହିଅଛି । ସେଥିରୁ ଜଣାଯାଏ ଯେ - ଅଥର୍ବ ବେଦ ଓ ବ୍ରାହ୍ମଣ ଗ୍ରନ୍ଥର ରଚନା ସମୟକୁ ଖ୍ରୀ. ପୂ. ୮୦୦ ଶତାବ୍ଦୀ ବେଳକୁ ଶିବ ରୁଦ୍ରଙ୍କର ସ୍ଥାନ ଅଧିକାର କରିଥିଲେ । ଅଥର୍ବ ବେଦର ଉଲ୍ଲିଖିତ ଶିବଙ୍କ ନାମ ମଧ୍ୟରେ ଭବ ସର୍ବ ଭୂତପତି ପଶୁପତି ମହାଦେବ ଉଗ୍ର ଈଶାନ ପ୍ରଭୃତି ନାମ ରହିଅଛି । ସେହି ନାମ ମାନଙ୍କରୁ ଜଣାଯାଏ ଯେ- ଅଥର୍ବବେଦ ସମୟରେ ଋଗ୍‌ବେଦ ବର୍ଣ୍ଣିତ ଶିବଙ୍କର ରୁଦ୍ରରୂପ ଓ ଶିବରୂପ ଉଭୟରୂପ ଗୁଣର ବର୍ଣ୍ଣନା ରହିଥିଲା ।

---

୧. ତୈତ୍ତିରୀୟ ସଂହିତା ୪-୫-୧. ବାଜସନେୟୀ ସଂହିତା-୧୬
୨. Sir John Marshalts Indus cirrcistion.

ଏଷା କୁଣ୍ଡଲମ୍ନି ଶକ୍ତିଃ ଚନ୍ଦ୍ରରୂପିଣୀ ନାଡ଼୍ଭାଶୈବ ସଂପୂଜ୍ୟା ।

× × ×

ଶିବଶକ୍ତି ମେଳନରୂପ ସଦାଖ୍ୟାତ୍ମନା ଅନୁସନ୍ଧାନମ୍ ।"

"ଆଧାର ଚକ୍ର ତ୍ରିକୋଣାକାର—ସେଠାରେ ବିନ୍ଦୁ ରହିଥାଏ । ସେ ବିନ୍ଦୁକୁ ତ୍ରିକୋଣରେ ପୂଜା କରନ୍ତି । ସେହି ତ୍ରିକୋଣ ଦୁଇପ୍ରକାର—ଶ୍ରୀଚକ୍ର ମଧ୍ୟବର୍ତ୍ତୀ ଯୋନି ଏବଂ ତରୁଣୀର ଯୋନି । × × × କୁଣ୍ଡଳିନୀ ଶକ୍ତି ବିନ୍ଦୁରୂପରେ ନିର୍ଦ୍ଦିଷ୍ଟ ହୋଇ ରହିଥାଏ । × × ସେଠାରେ ଶିବଶକ୍ତି ବା ବ୍ରହ୍ମ ଓ ଶକ୍ତିର ମିଳନରୂପ ଆନନ୍ଦର ଅନୁସନ୍ଧାନ କରିବ "

ଏଥିରୁ ସ୍ପଷ୍ଟ ଜଣାଯାଏ ଯେ ତାନ୍ତ୍ରିକମାନେ ବ୍ରହ୍ମ ଓ ଶକ୍ତିର ମିଳନକୁ ଲୌକିକ ସ୍ତ୍ରୀ ପୁରୁଷଙ୍କ ସମ୍ଭୋଗ ଜନିତ ସୁଖ ସହିତ ଆକ୍ଷରିକ ଭାବରେ ତୁଳନା କରିଛନ୍ତି । ସେମାନେ ଜଗତର ସମସ୍ତ ପଦାର୍ଥରେ ବ୍ରହ୍ମ ଓ ଶକ୍ତିର ମୈଥୁନୀକୃତ ବିଭୂତିର ଧାରଣା କରିଥାନ୍ତି ।

କାଳିଦାସ ରଘୁବଂଶରେ ୧ମ ଶ୍ଳୋକରେ ଏହି ମିଥୁନୀକୃତ ଶିବଶକ୍ତିଙ୍କୁ ବନ୍ଦନା କରିଛନ୍ତି—ଯଥା—"ବାଗର୍ଥାବିବ ସମ୍ପୃକ୍ତୌ ବାଗର୍ଥ ପ୍ରତିପତ୍ତୟେ

ଜଗତଃ ପିତରୌ ବନ୍ଦେ ପାର୍ବତୀ ପରମେଶ୍ୱରୌ ।"

"ଶବ୍ଦ ଓ ଅର୍ଥର ଜ୍ଞାନଲାଭ ଲାଗି ମୁଁ ଶବ୍ଦ ଓ ଅର୍ଥପରି ନିତ୍ୟ ଅବିନାଭାବରେ ମିଳିତ । ସଂସାରର ପିତାମାତା ପାର୍ବତୀ ଓ ପରମେଶ୍ୱରଙ୍କୁ ଅଭିବାଦନ କରୁଅଛି ।

ଆଶ୍ଚର୍ଯ୍ୟଚର୍ଯ୍ୟ ଚୟରେ ମଧ୍ୟ "କମଳକୁଳିଶ ଘାଣ୍ଟି କରହୁ ବିଆଳୀ" ପ୍ରଭୃତି ଚର୍ଯ୍ୟାରେ ଏହି ଶୂନ୍ୟ ଓ ଶକ୍ତିର ମୈଥୁନ ବର୍ଣ୍ଣିତ ହୋଇଅଛି । ତନ୍ତ୍ରର ଶକ୍ତିବାଦ ପ୍ରଥମରେ ଶୈବମାନେ ଶିବଶକ୍ତି ରୂପରେ ଅର୍ଥାତ୍ ଲିଙ୍ଗ

୧. ମହୀଶୂର ଗଭର୍ଣ୍ଣମେଣ୍ଟ ଏହା ଟୀକା ପ୍ରକାଶ କରିଛନ୍ତି ।

ଓ ଶକ୍ତିରୂପରେ ଆରାଧନା କରୁଥିଲେ । ଏହି ଶକ୍ତି ଓ ଲିଙ୍ଗର ଉପାସନା ହେଉଛି ତାନ୍ତ୍ରିକ ମତବାଦର ମୂଳଭିତ୍ତି । ମହେଞ୍ଜୋଦାରୋ ଓ ହରପ୍ପାରୁ ୫୦୦୦ ବର୍ଷତଳର ଯେଉଁ ପ୍ରାଚୀନ ଭାରତୀୟ ସଭ୍ୟତାର ସଙ୍କେତସବୁ ମିଳୁଛି ସେଥିରେ ପଥରର ଲିଙ୍ଗ ମୂର୍ତ୍ତି ମିଳୁଛି । ତେଣୁ ସେ ସମୟରେ ଲିଙ୍ଗପୂଜା ଥିବାର ପ୍ରମାଣ ମିଳେ ।

ଋଗ୍ ବେଦରେ ରୁଦ୍ରଙ୍କର ଅନେକ ସୂକ୍ତ ରହିଅଛି । ସେ ରୁଦ୍ର ହେଉଛନ୍ତି ଶିବ ଋଗ୍‌ବେଦରେ ଶିବଙ୍କର ନାମ ଦେଖିବାକୁ ମିଳେ ନାହିଁ । ଋଗ୍‌ବେଦର ଭାଷ୍ୟକାର ସାୟନାଚାର୍ଯ୍ୟ ଏହି ରୁଦ୍ର ଦେବତାଙ୍କୁ ଶିବରୂପରେ ଗ୍ରହଣ କରିଛନ୍ତି । ଏହି ରୁଦ୍ର ଓ ଶିବଙ୍କର ଏକତ୍ୱ ବିଷୟରେ ନାନା-ପ୍ରକାର ମତବାଦ ଐତିହାସିକ ପଣ୍ଡିତମାନଙ୍କ ମଧ୍ୟରେ ରହିଅଛି । ତଥାପି ଭାରତର ଭାଷ୍ୟକାରମାନେ ରୁଦ୍ରଙ୍କୁ ଶିବରୂପରେ ଗ୍ରହଣ କରିଥିଲେ । ଶୁକ୍ଳ ଯଜୁର୍ବେଦର ବାଜସନେୟୀ ସଂହିତାର ୧୬ ଓ ୩୯ ଅଧ୍ୟାୟରେ ରୁଦ୍ରଙ୍କର ଅନେକଗୁଡିଏ ନାମର ଉଲ୍ଲେଖ ହୋଇଅଛି । ତହିଁରେ ଈଶାନ ମହାଦେବ ଓ ଶିବଙ୍କ ନାମର ମଧ୍ୟ ଉଲ୍ଲେଖ ରହିଅଛି । ରୁଦ୍ର ଶିବ-ନାମରେ ବହୁବାର ବର୍ଣ୍ଣିତ ହୋଇଥିବାରୁ ଅନୁମିତ ହୁଏ ଯେ —ଶୁକ୍ଳଯଜୁର୍ବେଦ ସମୟକୁ ରୁଦ୍ର ଶିବରୂପରେ ପରିଚିତ ହୋଇ-ଥିଲେ । ଅଥର୍ବବେଦର ଗୋପଥ ବ୍ରାହ୍ମଣର ଆଦ୍ୟଭାଗରେ ଶିବଙ୍କ ନାମ ଉଲ୍ଲେଖ ରହିଅଛି । ସେଥିରୁ ଜଣାଯାଏ ଯେ - ଅଥର୍ବ ବେଦ ଓ ବ୍ରାହ୍ମଣ ଗ୍ରନ୍ଥର ରଚନା ସମୟକୁ ଖ୍ରୀ. ପୂ. ୮୦୦ ଶତାବ୍ଦୀ ବେଳକୁ ଶିବ ରୁଦ୍ରଙ୍କର ସ୍ଥାନ ଅଧିକାର କରିଥିଲେ । ଅଥର୍ବ ବେଦର ଉଲ୍ଲିଖିତ ଶିବଙ୍କ ନାମ ମଧ୍ୟରେ ଭବ ସର୍ବ ଭୂତପତି ପଶୁପତି ମହାଦେବ ଉଗ୍ର ଈଶାନ ପ୍ରଭୃତି ନାମ ରହିଅଛି । ସେହି ନାମ ମାନଙ୍କରୁ ଜଣାଯାଏ ଯେ- ଅଥର୍ବବେଦ ସମୟରେ ଋଗ୍‌ବେଦ ବର୍ଣ୍ଣିତ ଶିବଙ୍କର ରୁଦ୍ରରୂପ ଓ ଶିବରୂପ ଉଭୟରୂପ ଗୁଣର ବର୍ଣ୍ଣନା ରହିଥିଲା ।

୧. ତୈତ୍ତିରୀୟ ସଂହିତା ୪-୫-୧୦ ବାଜସନେୟୀ ସଂହିତା-୧୬
୨. Sir John Marshalts Indus cirrcistion.

ଶିବପୂଜା ଲିଙ୍ଗପୂଜା ସହିତ ସମ୍ପୃକ୍ତ ।

ଋଗ୍‌ବେଦରେ ଲିଙ୍ଗପୂଜାର ଉଲ୍ଲେଖ ରହିଅଛି । କିନ୍ତୁ ଋଗ୍‌ବେଦର ପ୍ରକରଣରୁ ଜଣାଯାଏ ଯେ—ଏହି ଲିଙ୍ଗପୂଜା ସେ ସମୟରେ ଆର୍ଯ୍ୟ ମଧ୍ୟରେ ପ୍ରଚଳିତ ନ ଥିଲା । କିନ୍ତୁ ସେମାନଙ୍କର ଶତ୍ରୁ ଦସ୍ୟୁଙ୍କ ମଧ୍ୟରେ ପ୍ରଚଳିତ ଥିଲା । ସେମାନେ ଶିଶ୍ନଦେବ ନାମରେ କଥିତ ହେଉଥିଲେ । ଶିଶ୍ନ ଓ ଲିଙ୍ଗର ଅର୍ଥ ହେଉଛି—ପୁଂ ଜନନେନ୍ଦ୍ରିୟ । ସାର ରାମକୃଷ୍ଣ ଭାଣ୍ଡାରକରଙ୍କ ମତରେ ଋଗ୍‌ବେଦର ଏହି ସବୁ ସୂକ୍ତରେ ଆର୍ଯମାନେ ଲିଙ୍ଗ ବା ଶିଶ୍ନ ପୂଜକମାନଙ୍କର ନିନ୍ଦା କରୁଥିଲେ । ସେଥିରୁ ସୂଚିତ ହୁଏ ଯେ- ଆର୍ଯମାନେ ଏହିପରି ପୂଜାର ବିରୋଧି ଥିଲେ । ଆର୍ଯମାନେ ଅନାର୍ଯମାନଙ୍କର ସଂସ୍ରବରେ ଆସିଲାପରେ ଅନାର୍ଯମାନଙ୍କ ଲିଙ୍ଗପୂଜା ଗ୍ରହଣ କରିଥିଲେ । ଋଗ୍‌ବେଦରେ ବିଷ୍ଣୁ ତିନିଗୋଟି ସ୍ଥାନରେ ଶିପିବିଷ୍ଟ ନାମରେ ବର୍ଣ୍ଣିତ ହୋଇଛନ୍ତି । ଏହି ପଦଟିର ଅର୍ଥ ବିଷୟରେ ପଣ୍ଡିତମାନଙ୍କ ମଧ୍ୟରେ ସଂଶୟ ରହିଥିବା ପରି ଜଣାଯାଏ । ସାୟନାଚାର୍ଯ "ରଶ୍ମିଭିରାବିଷ୍ଟ" ତେଜଦ୍ୱାରା ଆବୃତ ବୋଲି ଅର୍ଥ କରିଛନ୍ତି । କିନ୍ତୁ ସାଧାରଣ ବ୍ୟବହାରରେ ଶିପିବିଷ୍ଟର ଅର୍ଥହେଉଛି- ଯାହାର ଲିଙ୍ଗର ଅଗ୍ରଭାଗ ଚର୍ମ ନାହିଁ ଅର୍ଥାତ୍ ଯାହାର ଲିଙ୍ଗ ଲଙ୍ଗଳା । ତେଣୁ ସାଦୃଶ୍ୟମୂଳକ ଅର୍ଥକଲେ-ବିଷ୍ଣୁ କହୁଛନ୍ତି—ମୁଁ ହେଉଛି ଶିପିବିଷ୍ଟ ଅର୍ଥାତ୍ ବୃଷର ଲିଙ୍ଗର ଅଗ୍ରଭାଗ ଆବୃତ ନହେଲାପରି ମୁଁ ମଧ୍ୟ ରଶ୍ମି-ଦ୍ୱାରା ଆବୃତ ନୁହେଁ । ( ତେଜସା ଅନାଚ୍ଛାଦିତତ୍ୱାତ୍) ଉଇଲ୍‌ସନ୍

୧—ଅଥର୍ବବେଦ IV ୨୮,୧,୯୩, ୨ VII 87 । ese
୨—Zend Avesla S.B.E. 4 LII Pati lavi Tex to S.B.E. 5-104
୩—ଋଗ୍‌ବେଦ VII 21-5
୪—Vai sluavism Saivism & Minor Religious Systems.

ସାହେବଙ୍କ ମତରେ ଏହା ହେଉଛି ସେ ସଭ୍ୟତା-ସେହି ଅର୍ଥରେ ଏହାକୁ ଗ୍ରହଣ କରିବାକୁ ହେବ । ଶବ୍ଦ କଳ୍ପଦ୍ରୁମ—ଶେଫକୁ ପୁରୁଷର ଶିଶ୍ନ ବା ଲିଙ୍ଗ ବୋଲି ଅର୍ଥ କରିଛନ୍ତି ।

ଏହି ଶିପିବିଷ୍ଟ ଶବ୍ଦ ବିଷ୍ଣୁଙ୍କ ପ୍ରତି ପ୍ରଯୁକ୍ତ ହୋଇଥିବାରୁ ବୈଦିକ ଯୁଗରେ ଲିଙ୍ଗପୂଜା ପ୍ରଚଳିତ ଥିବାର ସୂଚିତ ହେଉଛି ବୋଲି ଆଧୁନିକ ପଣ୍ଡିତମାନେ ମନେ କରିଥାନ୍ତି ।

ଶୁକ୍ଳଯଜୁର୍ବେଦରେ ଲିଙ୍ଗପୂଜା ସୋମଯାଗର ଅଙ୍ଗରୂପରେ ବର୍ଣ୍ଣିତ ହୋଇଥିବାରୁ ଯଜ୍ଞ କୋଟି ଅଧିକାର କରିଥିବାର ଅନୁମିତ ହୁଏ । ଏହି ଲିଙ୍ଗପୂଜାର ସଙ୍କେତ ପ୍ରାଚୀନ କାଲଡିଆନ୍ ଓ ମିଶରରେ ବି ଥିଲା ବୋଲି ପ୍ରମାଣ ମିଳେ ।
ଏହି ଲିଙ୍ଗପୂଜାରୁ ତାନ୍ତ୍ରିକମତବାଦର ସୃଷ୍ଟି ହୋଇଥିଲା । ଲିଙ୍ଗ ଶକ୍ତି

---

1· ଋଗବେଦ VII-6 10 (7) VII 6II (6) VII 6 11 (X)
2. Wilsan ଋଗ୍‌ବେଦ on VII. 6. II (6) A VII 6.II (7)
୩-ରାଜରାଧାକାନ୍ତ ଦେବ—ଶବ୍ଦକଳ୍ପଦ୍ରୁମ,ଶେଫ—ପୁରୁଷ ଶିଶ୍ନମହାଭାରତ ୧୦,୭,୩୮ ଦେଖ । ବକଟାକାର-ଲମ୍ବୋଷ୍ଠ—ବୃହଜ୍ଜେ , ପଣ୍ଡା ପିଣ୍ଡିକାଃ

ଶେଫଃ ଟେଟେରେଖା ପାତନାନ୍ତର ମିତ ।

ଶିଶ୍ନ ଶୁକ୍ରପାତେ ଶେଫଃ ଶେତେ ଟଟଟତି ଶେଫଃ ତୈତ୍ତିରୀୟ ବ୍ରାହ୍ମଣ ୩ ୩୬ ଦେଖ ।

୪-Sir John Wordroff, ଶକ୍ତି ଓ ଶାକ୍ତ Third Edition p. 129, note to chapter IV by Bragalal Mukhangi
5· ଶତପଥ ବ୍ରାହ୍ମଣ; S.B.E.Vol 44 XlVII 104
ଓଡ଼ିଆ ସାହିତ୍ୟର କ୍ରମ ପରିଣାମ ପୃ୧୧୯.

ମଧ୍ୟରେ ଉପବିଷ୍ଟ । ସେଥିରୁ ଦାର୍ଶନିକ ମାନେ ଅର୍ଥ କରିଥିଲେ ଲିଙ୍ଗ ହିଁ ଶିବର ଶକ୍ତିଅଟେ । ସମସ୍ତ ଜଗତ୍ ସୂକ୍ଷ୍ମାକାରରେ ଏହି ଶକ୍ତିରେ ଅନ୍ତର୍ନିହିତ ରହିଥାଏ । ଏହି ଶକ୍ତିରୁ ସମସ୍ତ ବିଶ୍ୱବ୍ରହ୍ମାଣ୍ଡର ଉତ୍ପତ୍ତି ସ୍ଥିତି ପ୍ରଳୟ ମଧ୍ୟ ହୋଇଥାଏ । ତେଣୁ ତାନ୍ତ୍ରିକ ଶକ୍ତିପୂଜା ପ୍ରଥମରେ ଶିବଶକ୍ତିକୁ ଆଶ୍ରୟ କରି ରହିଥିଲା । କାଳକ୍ରମରେ ଖ୍ରୀଷ୍ଟୀୟ ୩ୟ ଶତକ ପରେ ଶକ୍ତିପୂଜା ଭିତ୍ତି ଉପରେ ପ୍ରତିଷ୍ଠିତ ତାନ୍ତ୍ରିକ ମତବାଦ ଭାରତରେ ପ୍ରଚଳିତ ହୋଇ-ଥିଲା । କ୍ରମେ ୨ ଏହି ତାନ୍ତ୍ରିକ ଶକ୍ତିପୂଜା କୌଣସି ଗୋଟିଏ ସମ୍ପ୍ରଦାୟରେ ସୀମାବଦ୍ଧ ହୋଇ ଆଉ ରହିଲା ନାହିଁ । ସନାତନ ଧର୍ମର ପ୍ରତ୍ୟେକ ସମ୍ପ୍ରଦାୟ ଏହି ତାନ୍ତ୍ରିକ ମତବାଦକୁ ଗ୍ରହଣ କରିଥିଲେ । ବେଦର ଶେଷଭାଗ ଉପନିଷଦ ହେଉଛି ଜ୍ଞାନକାଣ୍ଡ । ତନ୍ତ୍ର ହେଉଛି ଏହି ଜ୍ଞାନକୁ ପ୍ରତ୍ୟକ୍ଷ ଭାବରେ ଉପଲବ୍ଧି କରିବାର ଶାସ୍ତ୍ର । ଉପନିଷଦର ଜ୍ଞାନକୁ ତାନ୍ତ୍ରିକ ଉପାୟରେ ଉପଲବ୍ଧି କରି ପାରିଲେ ଶିକ୍ଷା ଓ ସାଧନା ପୂର୍ଣ୍ଣ ହୁଏ । ତେଣୁ ବେଦ ଓ ତନ୍ତ୍ର ପରସ୍ପର ବିରୋଧୀ ନୁହନ୍ତି, କିନ୍ତୁ ପରସ୍ପର ସହାୟକ । ଏହାର ଫଳରେ ବୈଷ୍ଣବ, ଗାଣପତ୍ୟ, ସୌର ପ୍ରଭୃତି ଭିନ୍ନ ୨ ସମ୍ପ୍ରଦାୟରେ ଭିନ୍ନ ୨ ଦେବଙ୍କ ସହିତ ତାଙ୍କର ଶକ୍ତି ଆରାଧନାର ସୂତ୍ରପାତ ହୋଇଥିଲା ଏବଂ ବୈଦିକ ମନ୍ତ୍ର ସହିତ ତାନ୍ତ୍ରିକ ମନ୍ତ୍ର ବୀଜାକ୍ଷରରେ ଯୋଗ ହୋଇ ଦେବଦେବୀଙ୍କ ପୂଜା ହୋଇଥିଲା । ସମଗ୍ର ଭାରତବର୍ଷରେ ଏହି ତାନ୍ତ୍ରିକ ଧର୍ମ ବିସ୍ତାର ଲାଭ କରି ସନାତନ ଧର୍ମର ପ୍ରଧାନ ଅଙ୍ଗରୂପରେ ଗୃହୀତ ହୋଇଥିଲା । ଓଡ୍ଡିୟାନ ଏହି ସନାତନ ଧର୍ମର ତାନ୍ତ୍ରିକ ମତବାଦ ପ୍ରଚାର ଓ ତାନ୍ତ୍ରିକ ସାଧନାର ପ୍ରଧାନ ପୀଠସ୍ଥଳୀ ଥିଲା ବୋଲି ୧ମ ପରି-ଚ୍ଛେଦରେ ପ୍ରମାଣିତ ହୋଇଅଛି ।

ବୌଦ୍ଧଧର୍ମ ସନାତନ ଧର୍ମର ସନ୍ତାନ । ଉଭୟ ଧର୍ମର ମୂଳ ଗୋଟିଏ ଥିଲା । ଉଭୟ ଧର୍ମ ନୂତନ ନୂତନ ଚିନ୍ତା, ଭାବ, କାର୍ଯ୍ୟଦ୍ୱାରା ପରସ୍ପରକୁ ପ୍ରଭାବିତ କରୁଥିଲେ । ଏହି ଦୁଇଧର୍ମ ସନାତନ ଓ ମୁସଲମାନ ଧର୍ମପରି ପରସ୍ପରଠାରୁ ସମ୍ପୂର୍ଣ୍ଣ ଭାବରେ ପୃଥକ୍ ନଥିଲେ । କିନ୍ତୁ ଏହି

ଦୁଇଧର୍ମ ପରସ୍ପରଠାରୁ ନୂତନ ୨ ବିଷୟ ଗ୍ରହଣ କରି ନିଜ ନିଜକୁ ପୁଷ୍ଟ କରିଥିଲେ ।

ସନାତନ ଧର୍ମର ତାନ୍ତ୍ରିକ ମତବାଦ ବୌଦ୍ଧଧର୍ମ ଉପରେ ପ୍ରଭାବ ବିସ୍ତାର କରିଥିଲା । ବୌଦ୍ଧମାନେ ସନାତନ ଧର୍ମର ତାନ୍ତ୍ରିକ ମତବାଦକୁ ଅକାତରରେ ଗ୍ରହଣ କରିଥିଲେ । ବୌଦ୍ଧମହାଯାନ ମତରେ ଏହିତନ୍ତ୍ରବାଦ ପ୍ରବେଶ କରି ବଜ୍ରଯାନ ରୂପରେ ପରିଣତ ହୋଇଥିଲା । ସେଥିଯୋଗୁଁ ଆଶ୍ଚର୍ଯ୍ୟଚର୍ଯ୍ୟାଚୟରେ ଚର୍ଯ୍ୟାମାନଙ୍କରେ ପ୍ରତ୍ୟକ୍ଷ ଅନୁଭୂତି ଲାଗି ତନ୍ତ୍ର ଓ ଯୋଗର ଉଲ୍ଲେଖ ରହିଅଛି । ଖ୍ରୀଷ୍ଟୀୟ ୫ମ ଶତାବ୍ଦୀରୁ ଆରମ୍ଭ କରି ୧୨ଶ ଶତାବ୍ଦୀ ପର୍ଯ୍ୟନ୍ତ ମହାଯାନ ବୌଦ୍ଧଧର୍ମ ପୂର୍ଣ୍ଣ ତାନ୍ତ୍ରିକତାରେ ପରିଣତ ହୋଇଥିଲା । ତହିଁର ପରିଣାମରେ ସନାତନ ଧର୍ମ ଓ ବୌଦ୍ଧଧର୍ମର ମିଳନର ସୂତ୍ରପାତ ହୋଇଥିଲା । ବୌଦ୍ଧମାନେ ପଞ୍ଚଧ୍ୟାନୀ ବୁଦ୍ଧ ଓ ତାହାଙ୍କର ୫ଗୋଟି ଶକ୍ତି ଛଡ଼ା ତାରା, କାଳୀ, ଚାମୁଣ୍ଡା ପ୍ରଭୃତି ନୂତନ ୨ ଦେବଦେବୀଙ୍କର ଆରାଧନା କରିଥିଲେ । ସନାତନ ଧର୍ମ ମଧ୍ୟ ଏହି ବୌଦ୍ଧ ଦେବୀମାନଙ୍କୁ ଅକାତରରେ ନିଜର ଅଙ୍ଗୀଭୂତ କରିଥିଲା । ସନାତନଧର୍ମ ଅଧୋଗାମୀ ବୌଦ୍ଧଧର୍ମକୁ ନିଜସହିତ ମିଶାଇ ନେବାପାଇଁ ତତ୍ପର ଥିଲା ଏବଂ ବୌଦ୍ଧଧର୍ମ ତନ୍ତ୍ରୋପାସନା ର କେତେକ ଅଂଶ ନିଜ ସାଙ୍ଗରେ ମିଶାଇ ନିଜକୁ ରକ୍ଷା କରିବାକୁ ଚେଷ୍ଟା କରିଥିଲା । ତାରା ପ୍ରକୃତରେ ବୌଦ୍ଧଦେବୀ ବଶିଷ୍ଠ ଚୀନଦେଶରୁ ତାରାଙ୍କ ଆରାଧନା ଉଦ୍ଧାର କରିଥିଲେ ବୋଲି ତନ୍ତ୍ରରେ ବର୍ଣ୍ଣିତ ହୋଇଅଛି । ସନାତନ ଧର୍ମର ତନ୍ତ୍ରରେ ତାରାଙ୍କର ଉପାସନା ବିଶେଷ ଭାବରେ ଉଲ୍ଲିଖିତ ହୋଇଅଛି ।

ଓଡ଼୍ଡ଼ୀୟାନ ଦେଶ ଏହି ବୌଦ୍ଧ ତନ୍ତ୍ର ସାଧନାର ମଧ୍ୟ ପ୍ରଧାନ ପୀଠସ୍ଥଳୀ ଥିଲା । ଓଡ଼ିଶାର ଉଦୟଗିରି, ଲଳିତ ଗିରି ଏବଂ ବୌଦ୍ଧ ଭାସ୍କର୍ଯ୍ୟମାନଙ୍କରେ ଏହି ତନ୍ତ୍ରବାଦ ପ୍ରଚଳନର ସମ୍ପୂର୍ଣ୍ଣ ନିଦର୍ଶନ ମିଳିଥାଏ ।

୬୩୮ ଖ୍ରୀଷ୍ଟାବ୍ଦରେ ଚୀନ ପରିବ୍ରାଜକ ହୁଏନସାଂ ଉତ୍ତର ଭାରତରୁ ଓଡ଼ିଶା ବାଟେ ଦକ୍ଷିଣଯାତ୍ରା କରିଥିଲେ । ସେ ଲେଖିଛନ୍ତି---"ଓଡ଼ିଶାର ଅଧିକାଂଶ ଲୋକ ବୌଦ୍ଧ ଥିଲେ ଏବଂ ଏହି ଦେଶରେ ପ୍ରାୟ ଏକଶତ ବୌଦ୍ଧ ବିହାର ଏବଂ ଦଶହଜାର ବୌଦ୍ଧଭିକ୍ଷୁ ଥିଲେ । ସେମାନେ ସମସ୍ତେ ମହାଯାନପନ୍ଥୀ । ହିନ୍ଦୁ ଦେବମନ୍ଦିର ପ୍ରାୟ ୫୦ଟି ଥିଲା ଏବଂ ସେଥିରେ ସବୁ ସମ୍ପ୍ରଦାୟର ଲୋକେ ଏକତ୍ର ପୂଜା ଆରାଧନା କରୁଥିଲେ । ପୁଷ୍ପଗିରି ବୋଲି ଗୋଟିଏ ବିଖ୍ୟାତ ବିହାର ଥିଲା × ×।"[2] ଏହି ପୁଷ୍ପଗିରିର ସ୍ଥିତି ବର୍ତ୍ତମାନପର୍ଯ୍ୟନ୍ତ ନିର୍ଣ୍ଣୀତ ହୋଇନାହିଁ । ଏହି ପୁଷ୍ପଗିରି କଟକ ଜିଲ୍ଲା ଅନ୍ତର୍ଗତ ଉଦୟଗିରି ହୋଇଥିବ ବୋଲି ରଖାଲଦାସ ବାନର୍ଜୀ ମହାଶୟ ଅନୁମାନ କରନ୍ତି । ସେଠାରେ ଯେଉଁ ଦୀର୍ଘ ଶିଳାଲିପି ରହିଛି—ତାହା ଆଜିଯାଏ ପଢାହୋଇପାରିନାହିଁ । ଏହି ଶିଳାଲିପିର ଉପରକୁ ବିଶାଳ ବିହାରର ଧ୍ୱଂସାବଶେଷ ଅଦ୍ୟାବଧି ରହିଛି । ଅଶୋକ ତାଙ୍କ ସନ୍ନ୍ୟାସୀ ଭାଇଙ୍କ ପାଇଁ ଯେଉଁ "ଭୋଜକ ଗିରି" ବିହାର ନିର୍ମାଣ କରାଇଥିଲେ—ତାହା ଏହି କି ନୁହେଁ ଠିକ୍ କରିକହି ହେବନାହିଁ । ପୁଷ୍ପଗିରିର ଉପରକୁ ଆଉଗୋଟିଏ ସ୍ତୂପଥିବାର ବିଷୟ ହୁଏନ୍ ସା ଉଲ୍ଲେଖ କରିଛନ୍ତି । ଏହା ପୁଷ୍ପଗିରିର ନିକଟବର୍ତ୍ତୀ ରତନ ଗିରିକୁ ଲକ୍ଷ୍ୟ କରୁଅଛି । ଏଠିମଧ୍ୟ ବିହାରର ଧ୍ୱଂସାବଶେଷ ଅଦ୍ୟାପି ରହିଛି । ଏହି ପୁଷ୍ପଗିରି ପ୍ରସିଦ୍ଧ ଶିକ୍ଷା କେନ୍ଦ୍ର ବା ବିଶ୍ୱବିଦ୍ୟାଳୟ ଥିଲା ।

ଉପାସିକା ବୋଧିଶିରିଙ୍କ ଖୋଦିତ ଲିପିରେ 'ପାଲୁର' ଓ 'ତୋଷାଳୀ'ର ନାମ ରହିଛି । ସେତେବେଳେ ପାଲୁର ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଗୋଟିଏ ପ୍ରଧାନ ବନ୍ଦର ଥିଲା । ତୋଷାଳୀ ହେଉଛି ସେତେବେଳେ ପୁରୀ ଜିଲ୍ଲାର ଅନ୍ତର୍ଗତ କଳିଙ୍ଗର ରାଜଧାନୀ ବା ପ୍ରଧାନ ନଗର । ଉପାସିକା ବୋଧିଶ୍ରୀ ପୁଷ୍ପଗିରିରେ "ପୁଷ୍ପଗିରି" ଶିଳାସ୍ତମ୍ଭ ନିର୍ମାଣ କରାଇଥିଲେ ବୋଲି ତାଙ୍କ ଲିପିରେ ଉଲ୍ଲେଖ କରିଛନ୍ତି ।

ତିବତରୁ ମିଳିଥିବା ଇତିବୃତ୍ତରୁ ଜଣାଯାଏ ଯେ—ବୋଧିଶ୍ରୀ ପୁଷ୍ପଗିରିରେ ଯୋଗସାଧନା କରୁଥିଲେ । ନାଗାର୍ଜୁନ ନାମରେ ଦୁଇଜଣ ବୌଦ୍ଧ ସନ୍ନ୍ୟାସୀ ଓ ପ୍ରଚାରକ ଥିଲେ । ୧ମ ନାଗାର୍ଜୁନ ମହାଯାନ ମତବାଦକୁ ଦାର୍ଶନିକ ଭିତ୍ତିରେ ଦୃଢ଼ଭାବରେ ପ୍ରତିଷ୍ଠିତ କରିଥିଲେ । ୨ୟ ନାଗାର୍ଜୁନ ହେଉଛନ୍ତି ୫ମ ଶତାବ୍ଦୀର ବୌଦ୍ଧତନ୍ତ୍ର ବାଦର ପ୍ରଚାରକ ଓ ରସ ରସାୟନର ବିଶେଷଜ୍ଞ । ଏହି ଦୁଇଜଣଯାକ ଶ୍ରୀପର୍ବତର ବୌଦ୍ଧପୀଠ ସହିତ ସମ୍ପୃକ୍ତ ଥିଲେ । ଦୁହେଁଯାକ ଓଡ଼ିଶାକୁ ଆସିଥିଲେ । ଖ୍ରୀଷ୍ଟୀୟ ୧ମ ଶତାବ୍ଦୀରେ ନାଗାର୍ଜୁନ ଓଡ଼ିଶାକୁ ଆସି ଶୂନ୍ୟବାଦ ପ୍ରଚାର କରିଥିଲେ । ସେ ସମୟରେ ମୁଞ୍ଜବୋଲି ଜଣେ ରାଜା ଓଡ଼ିଶାରେ ରାଜତ୍ୱ କରୁଥିଲେ । ନାଗାର୍ଜୁନ ମୁଞ୍ଜଙ୍କୁ ବୌଦ୍ଧ ଧର୍ମରେ ଦୀକ୍ଷିତ କରିଥିଲେ । ମୁଞ୍ଜ ଓଡ଼ିଶାରେ ବହୁତ ବୌଦ୍ଧବିହାର ନିର୍ମାଣ କରାଇଥିଲେ ।

S- Sylvan levi—ଏସ୍ ସିଲଭାନ୍ ଲେଭି ଉଲ୍ଲେଖ କରିଛନ୍ତି ଯେ—ଖ୍ରୀ ୭୯୫ରେ ଓଡ଼ିଶାର ରାଜା ବୋଧିସତ୍ତ୍ୱ ସାମନ୍ତଭଦ୍ରଙ୍କ ବ୍ରତାଚରଣ ସମ୍ବନ୍ଧୀୟ "ଅବତଂସକ"ର ଶେଷ ଅଧ୍ୟାୟ "ଗଣ୍ଡବ୍ୟୂହ" ନାମକ ଗ୍ରନ୍ଥକୁ ନିଜ ହାତରେ ଲେଖି ପତ୍ର ସହିତ ଚୀନ ଦେଶର ତତ୍କାଳୀନ ରାଜା ଟେଠ ସୋଙ୍ଗଙ୍କ ନିକଟକୁ ମିତ୍ରତା ଜ୍ଞାପନରୂପରେ ଉପହାର ଦେଇଥିଲେ । ଚୀନ ଭାଷାରେ ଓଡ଼ିଶା ରାଜାଙ୍କ ବର୍ଣ୍ଣନା ଏହିପରି ଭାବରେ କରାହୋଇଛି—"ସେ ରାଜାଙ୍କର ମହାଧର୍ମରେ ସମ୍ପୂର୍ଣ୍ଣ ବିଶ୍ୱାସ ଅଛି ଏବଂ ସେ ମହାଯାନ ପନ୍ଥା ଅନୁସରଣ କରନ୍ତି ।" ରାଜାଙ୍କ ନାମ ଚୀନ ଭାଷାରେ ଅନୁବାଦିତ ହୋଇଥିଲା । ସେଥିରେ ଇଂରେଜୀ ଅନୁବାଦର ଭିତ୍ତିରେ ଅନୁବାଦ ହେଉଛି—"ଭଗବାନ ରାଜା, ସେ ଯାହା ଶୁଦ୍ଧ ତାହା କରନ୍ତି—ସିଂହ ବା କେଶରୀ ।" ଏହି ଅନୁବାଦରୁ ସିଲ୍ଭାନ୍ ଲେଭି ଅନୁମାନ କରନ୍ତି ଯେ—

1, History of the early dynastics of Andhra desha B,V-Rao

ରଜାଙ୍କର ନାମ ହୋଇଥିବ ଶୁଭକର କେଶରୀ । ଏ ସମ୍ବନ୍ଧରେ ସିଲ୍‌ଭାନ୍ ଲେଭି ନିମ୍ନଲିଖିତ ବିବରଣୀ ଦେଇଛନ୍ତି । ଶୁଭକର ନିଜହାତ ଲେଖା ଶାସ୍ତ୍ରକୁ ପତ୍ର ସହିତ ପ୍ରଜ୍ଞାନାମକ ଏକ ଭିକ୍ଷୁଙ୍କ ହାତରେ ଚୀନରାଜାଙ୍କ ପାଖକୁ ପଠାଇଥିଲେ । ପ୍ରଜ୍ଞାଙ୍କ ବାସସ୍ଥାନଥିଲା କାବୁଲ ନିକଟରେ କପିଶା ନଦୀ ତୀରରେ । ସେ ଉତ୍ତର ଭାରତରେ ନିଜର ଶିକ୍ଷା ଆରମ୍ଭ କରିଥିଲେ । ସେ କେତେକ ବର୍ଷ ମଧ୍ୟଭାରତରେ ଶିକ୍ଷାକରି ନାଳନ୍ଦା ବିଶ୍ୱବିଦ୍ୟାଳୟକୁ ଆସି ସେଠାରେ କେତେକ ବର୍ଷ ଶିକ୍ଷା କରିଥିଲେ । ସେ ଅଧ୍ୟୟନରେ ୧୮ବର୍ଷକାଳ କଟାଇଥିଲେ ଏବଂ ବହୁତ ତୀର୍ଥ ଭ୍ରମଣ କରିଥିଲେ । ଶେଷରେ ସେ ଓଡ଼ିଶା ରାଜାଙ୍କ ପ୍ରତିଷ୍ଠିତ ବିହାରରେ ଯୋଗଶାସ୍ତ୍ର ଶିକ୍ଷା କରୁଥିଲେ । ତହିଁପରେ ସେ ଚୀନକୁ ଓଡ଼ିଶା ରାଜାଙ୍କ ଦୂତ ରୂପରେ ଯାଇଥିଲେ । ଓଡ଼ିଶାର ରାଜା ଏହି ପ୍ରଜ୍ଞାଙ୍କ ହାତରେ ସ୍ୱହସ୍ତ ଲିଖିତ ଗ୍ରନ୍ଥ ଓ ପତ୍ର ଦେଇ ତାହାକୁ ଅନୁବାଦ କରି ଚୀନ ରାଜାଙ୍କୁ ବୁଝାଇ ଦେବାପାଇଁ ପ୍ରଜ୍ଞାଙ୍କୁ ଅନୁରୋଧ କରିଥିଲେ । ଓଡ଼ିଶା ରାଜାଙ୍କ ସ୍ୱହସ୍ତ ଲିଖିତ ଗ୍ରନ୍ଥ ଓ ତାଙ୍କର ପତ୍ର ଚୀନ ଅନୁବାଦ ସହିତ ଚୀନଦେଶରେ ଅଦ୍ୟାବଧି ସୁରକ୍ଷିତ ହୋଇଅଛି । (୧)

ଏଥିରୁ ଜଣାପଡ଼େ ଯେ—ସେତେବେଳେ ଓଡ଼ିଶାରେ ଅତି ଉଚ୍ଚ ଧରଣର ମହାଯାନ ମାର୍ଗର ଯୌଗିକ ଓ ତାନ୍ତ୍ରିକ ଶିକ୍ଷା ଲୁପ୍ତ ନ ହୋଇଥିଲା । ସେଠାକୁ ନାଳନ୍ଦାଭଳି ଉନ୍ନତ ବିଶ୍ୱବିଦ୍ୟାଳୟରେ ଶିକ୍ଷାପ୍ରାପ୍ତ ଛାତ୍ର ମଧ୍ୟ ଅଧିକ ଜ୍ଞାନଲାଭ କରିବା ପାଇଁ ଓ ଯୋଗଶାସ୍ତ୍ର ପଠନ ପାଇଁ ଆସୁଥିଲେ । ସେତେବେଳେ ସେ ଶିକ୍ଷାନୁଷ୍ଠାନରେ ପ୍ରସିଦ୍ଧି ଯେ ସାରା ଭାରତରେ ବ୍ୟାପିଥିଲା ତାହା ଏହି ବର୍ଣ୍ଣନାରୁ ନିଃସନ୍ଦେହଭାବରେ ଜଣାଯାଉଛି ।

1. Taranath's Account, the journal of the Department of Hirs Cal university Vol I P. 28,
2, Epigraphia Indica vol. XV, 1919-20 pages 363-64

ଏହା ହେଉଛି ସେହି ବିହାର ଯାହାକୁ ହୁଏନ୍‌ସାଂ ପୁଷ୍ପଗିରିବୋଲି କହିଛନ୍ତି । ଏହା କଟକ ଜିଲ୍ଲାର ରତ୍ନଗିରିରେ ଅବସ୍ଥିତ ଥିଲା । ସେ ବିହାରର ଧ୍ୱଂସାବଶେଷ ବର୍ତ୍ତମାନ ସୁଦ୍ଧା ରହିଅଛି । ଉଦୟଗିରି, ଲଳିତଗିରି ଓ ରତ୍ନଗିରିରେ ଯେଉଁସବୁ ବୌଦ୍ଧକୀର୍ତ୍ତି ଓ କଳାର ଅବଶେଷ ରହିଅଛି—ସେଥିରୁ ସେମାନଙ୍କର ଗୌରବମୟ ଅତୀତର ପ୍ରଭୂତ ପ୍ରମାଣ ମିଳୁଛି—ତାହା ତନ୍ତ୍ରବାଦ ପ୍ରବର୍ତ୍ତିତ ଥିବାର ପ୍ରମାଣିତ କରୁଛି । ଶୁଭକର ଦେବଙ୍କ ଗୋଟିଏ ତାମ୍ର ଶାସନରୁ ଜଣାଯାଏ ଯେ—ସେ ତାଙ୍କର ସିଂହାସନକୁ ଅଧିକାର କରିବା ଲାଗି ଚେଷ୍ଟା କରୁଥିବା ଦୁର୍ବୃତ୍ତ ଦାୟାଦ ମାନଙ୍କୁ ଶାସନ କରିଥିଲେ । ଏହି ଶୁଭକର କେଶରୀ ଓଡ୍ଡିୟାନର ରାଜା ଇନ୍ଦ୍ରଭୂତିଙ୍କ ଗୁରୁ ଅନଙ୍ଗବଜ୍ରଙ୍କ ଗୁରୁ ଥିଲେ ବୋଲି "ଶ୍ରୀଗୁରୁଚରଣାମ୍ବୁଜ ଶୁଭଙ୍କରା ଖେନ" ପଦରୁ ଅନୁମିତ ହୁଏ ବୋଲି ପୂର୍ବରୁ କୁହାହୋଇଅଛି । ଏଥିରୁ ସ୍ପଷ୍ଟଭାବରେ ପ୍ରମାଣିତ ହେଉଛି ଯେ—ଓଡ଼ିଶା ବୌଦ୍ଧ ତାନ୍ତ୍ରିକ ଯୋଗ ସାଧନର ପ୍ରଧାନ ପୀଠସ୍ଥଳୀ ଥିଲା ଏବଂ ସେହି ଯୋଗ ଶିକ୍ଷାଲାଗି ଏଠାରେ ଗୋଟିଏ ବିଶ୍ୱବିଦ୍ୟାଳୟ ଥିଲା । ଭିନ୍ନ ଭିନ୍ନ ଦେଶରୁ ଲୋକ ଆସି ଏଠାରେ ତାନ୍ତ୍ରିକ ଯୋଗ ସାଧନା କରୁଥିଲେ । ଯାଜପୁରର ଅନ୍ତର୍ଗତ ରତ୍ନଗିରିରେ ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିଲା ।

ଯାଜପୁର ହେଉଛି ବିରଜା ପୀଠ—ସନାତନ ଧର୍ମର ତାନ୍ତ୍ରିକ ସାଧନାର ପ୍ରଧାନ ସ୍ଥଳୀ । ଯାଜପୁରରେ ବାମାଚାର ମାର୍ଗର ତନ୍ତ୍ର-ସାଧନା ବିସ୍ତାରଲାଭ କରିଥିଲା । ଆଜପର୍ଯ୍ୟନ୍ତ ମଧ୍ୟ ଯାଜପୁର ନିବାସୀ ଉତ୍ତରଶ୍ରେଣୀର ଶ୍ରୋତ୍ରିୟ ବ୍ରାହ୍ମଣଙ୍କ ସହିତ ଓଡ଼ିଶା ଶ୍ରୋତ୍ରିୟ ବ୍ରାହ୍ମଣଙ୍କର ସମ୍ବନ୍ଧ ହୁଏ ନାହିଁ । ତହିଁର କାରଣ ରୂପରେ କିମ୍ବଦନ୍ତୀ ରହିଅଛି—"ବ୍ରାହ୍ମଣୀ ନଦୀର ଜଳ ମଦ୍ୟରେ ପରିଣତ ହୋଇଗଲା । ଯାଜପୁରର ବ୍ରାହ୍ମଣମାନେ ତାହା ପାନ କଲେ । ତେଣୁ ସେମାନେ ହେଉଛନ୍ତି ପତିତ ।

ଏହି କମ୍ବଦନ୍ତୀରୁ ଜଣାଯାଏ—ଯାଜପୁର ସନାତନ ଧର୍ମର ତନ୍ତ୍ରସାଧନାର ମଧ୍ୟ ପ୍ରଧାନ ପୀଠ ଥିଲା । ଏଥିରୁ ସ୍ପଷ୍ଟଭାବରେ ଜଣାଯାଏ ଯେ—ସନାତନ ଧର୍ମ ଓ ବୌଦ୍ଧଧର୍ମର ତାନ୍ତ୍ରିକ ସାଧନା ସମକକ୍ଷ ଭାବରେ ଏକ ସ୍ଥାନରେ ଏକା କାଳରେ ପ୍ରଚଳିତ ହେଉଥିଲା ।

ସନାତନ ଧର୍ମର ଶକ୍ତିବାଦ ଓ ତାନ୍ତ୍ରିକସାଧନା କେବଳ ଶାକ୍ତପୀଠରେ ସୀମାବଦ୍ଧ ନ ଥିଲା । ତାହା ସମସ୍ତ ଦେବଦେବୀଙ୍କ ପୀଠ ଓ ପୂଜାରେ ସ୍ଥାନଲାଭ କରିଥିଲା । ପ୍ରଧାନ ବୈଷ୍ଣବ ଦେବତା ଜଗନ୍ନାଥଙ୍କ ପୂଜାରେ ଏହି ତନ୍ତ୍ରବାଦ ପ୍ରବର୍ତ୍ତିତ ହୋଇଅଛି । ତାନ୍ତ୍ରିକମାନେ ବିମଳା ଦେବୀଙ୍କୁ ଶ୍ରୀକ୍ଷେତ୍ରର ଅଧିଷ୍ଠାତ୍ରୀ ଦେବୀରୂପରେ ଗ୍ରହଣ କରିଥାନ୍ତି ।

ବିମଳା ଭୈରବୀ ଯତ୍ର ଜଗନ୍ନାଥସ୍ତୁ ଭୈରବଃ
ପ୍ରାପ୍ତେ ତୁ ଭୈରବୀ ତୀର୍ଥେ ସର୍ବେ ବର୍ଣ୍ଣା ଦ୍ୱିଜାତୟଃ ।

"ଜଗନ୍ନାଥ ହେଉଛନ୍ତି ଭୈରବ । ଏହି ଭୈରବୀ ତୀର୍ଥରେ ସମସ୍ତେ ହେଉଛନ୍ତି ବ୍ରାହ୍ମଣ—ଅର୍ଥାତ୍ ଏଠାରେ ଜାତିଭେଦ ନାହିଁ ।" ବିମଳାଙ୍କୁ ମହାପ୍ରସାଦ ସମର୍ପଣ ନହେଲେ ବ୍ରାହ୍ମଣମାନେ ସେହି ପ୍ରସାଦକୁ ମହାପ୍ରସାଦ ରୂପରେ ଗ୍ରହଣ କରନ୍ତି ନାହିଁ । ସେଥିଲାଗି ମହାପ୍ରସାଦକୁ କେହି କେହି ମା-ପ୍ରସାଦ ବୋଲି କହନ୍ତି । ଜଗନ୍ନାଥଙ୍କ ନାକରେ ବସଣିଟିଏ ଦିଆଯାଏ । ଧର୍ମଶାସ୍ତ୍ରରେ ବରି ଆମିଷ ରୂପରେ ଗୃହୀତ ହୋଇଛି—କିନ୍ତୁ ଜଗନ୍ନାଥଙ୍କ-ଠାରେ ଅନେକପ୍ରକାର ବରିର ପିଠା ଭୋଗ ହୋଇଥାଏ ।

ପଣ୍ଡିତ ବିନାୟକ ମିଶ୍ରେ "ଓଡ଼ିଆ ସାହିତ୍ୟର ଇତିହାସରେ ଏହି କଥା ଲେଖିଛନ୍ତି-"ଅନେକ ଜଗନ୍ନାଥଙ୍କୁ ଦକ୍ଷିଣ କାଳିକା ଓ ପୁରୀକୁ ଭୈରବୀ ଚକ୍ର କହନ୍ତି । ଭୈରବୀ ଚକ୍ରରେ ମହାପ୍ରସାଦ ପ୍ରବର୍ତ୍ତିତ ହେବାର ପ୍ରଥା ତାନ୍ତ୍ରିକ ଶାସ୍ତ୍ରରେ ଦେଖାଯାଏ । ପୁରୀରେ ତନ୍ତ୍ରମତରେ ମଧ୍ୟ ମହାପ୍ରସାଦ ପ୍ରଚଳିତ । ବିଶେଷତଃ ମନ୍ଦିରରେ ତାନ୍ତ୍ରିକ ମନ୍ତ୍ର

ଅନୁସାରେ ପଞ୍ଚମକାରର ପୂଜାପ୍ରଚଳିତ ।" ଜଗନ୍ନାଥ ହେଉଛନ୍ତି ଓଡ଼ିଶାର ଗଣଧର୍ମ' ବୋଲି ଗ୍ରନ୍ଥରେ 'କୃଷ୍ଣ ମହତାବ୍ ତାଙ୍କର ଓଡ଼ିଶା ଇତିହାସରେ ଓଡ଼ିଶାର ଧର୍ମପରିଚ୍ଛେଦରେ ବିଶେଷଭାବରେ ପ୍ରମାଣିତ କରିଛନ୍ତି । ସେ ୪୭୫ ପୃଷ୍ଠାରେ ଲେଖିଛନ୍ତି—"ଦ୍ୱାଦଶ ଶତାବ୍ଦୀରେ ବିଷ୍ଣୁଙ୍କ ବୁଦ୍ଧାବତାର ଜଗନ୍ନାଥଙ୍କ ପ୍ରତିଷ୍ଠା ପୂର୍ଣ୍ଣତା ଲାଭକଲା । ତାପରେ ତାହାକୁ କେନ୍ଦ୍ର କରି ଓଡ଼ିଶାର ଧାର୍ମିକ ମତବାଦ ଗଠିତ ହେବାରେ ଲାଗିଲା । ବୌଦ୍ଧମହାଯାନର ଶୂନ୍ୟବାଦ, ବଜ୍ରଯାନ, ସହଜଯାନ, ସିଦ୍ଧାଚାର୍ଯ୍ୟ ଓ ନାଥଗୁରୁମାନଙ୍କ ପ୍ରଚାର ସର୍ବୋପରି ଦ୍ୱାଦଶ ଶତାବ୍ଦୀର ୧ମ ଭାଗରୁ ଷୋଡ଼ଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ କ୍ରମାଗତ ବୈଷ୍ଣବ ଧର୍ମର ପ୍ରଚାର ଏ ସବୁ ଜଗନ୍ନାଥଙ୍କୁ କେନ୍ଦ୍ର କରି ପରସ୍ପର ମିଶିଯାଇ ଓଡ଼ିଶାରେ ଏକ ସ୍ୱତନ୍ତ୍ର ଗଣଧର୍ମ ସୃଷ୍ଟି ହୋଇଥିଲା । କାରଣ ସୌର-ଜଗତରେ ସୂର୍ଯ୍ୟଭଳି ଜଗନ୍ନାଥ ତାଙ୍କର ଶତଶତ ବର୍ଷର ପ୍ରତିଷ୍ଠା ଯୋଗୁଁ ସମସ୍ତ ମତବାଦର କେନ୍ଦ୍ର ହୋଇଥିଲେ । ଏ ଗଣଧର୍ମରେ ସବୁପ୍ରକାର ମତାବଲମ୍ବୀମାନଙ୍କ ପାଇଁ ସ୍ଥାନଥିଲା ।" ସୁତରାଂ ଜଗନ୍ନାଥଙ୍କ ମନ୍ଦିରରେ ତାନ୍ତ୍ରିକ ମତବାଦର ପ୍ରବଳ ପ୍ରଚଳନ ରହିଥିବାରୁ ସହଜରେ ଅନୁମିତ ହୁଏ ଯେ ଏକଦା ତାନ୍ତ୍ରିକ ମତବାଦ ଓଡ଼ିଶାର ଗଣଧର୍ମ ଥିଲା । ପୁରୀ ଶାସନମାନଙ୍କର ଅଧିକାଂଶ ବ୍ରାହ୍ମଣମାନେ ଆଜିକାଲି ମଧ୍ୟ ସେହି ତାନ୍ତ୍ରିକ ଶକ୍ତିର ଉପାସନା କରିଥାନ୍ତି । ସେମାନେ ଅଦ୍ୟାପି ବୈଷ୍ଣବଧର୍ମ ପୂର୍ଣ୍ଣ-ମାତ୍ରାରେ ଗ୍ରହଣ କରିନାହାନ୍ତି । ବରଂ ବୈଷ୍ଣବଧର୍ମକୁ ହେୟ କୋଟିରେ ଗ୍ରହଣ କରିଥାନ୍ତି ।

ତାନ୍ତ୍ରିକମତବାଦର ପ୍ରଧାନ ବୈଶିଷ୍ଟ୍ୟ ହେଉଛି—ଶିବଶକ୍ତିଙ୍କର ସାମରସ୍ୟ । ଅର୍ଦ୍ଧନାରୀଶ୍ୱର ମୂର୍ତ୍ତି ଅର୍ଥାତ୍ ଲିଙ୍ଗ ଯୋନିର ମିଳନ ସୁଖ । ସେମାନେ ମୁକ୍ତିର ଆନନ୍ଦକୁ ସହବାସ ସୁଖ ତୁଲ୍ୟ ଗ୍ରହଣ କରିଥିଲେ । ଓଡ଼ିଶାର ତାନ୍ତ୍ରିକ ବୈଷ୍ଣବମାନେ ଓ ଅଲେଖ ଧର୍ମାବଲମ୍ବୀମାନେ ଏହି ତାନ୍ତ୍ରିକ ସାମରସ୍ୟ ବା ଯୁଗନଦ୍ଧ ଭାବକୁ ରାଧାକୃଷ୍ଣଙ୍କ ଯୁଗଳରୂପରେ

ଗ୍ରହଣ କରିଛନ୍ତି । ଏଥିରୁ ଜଣାପିବ ଯେ—ସନାତନ ଧର୍ମ ଓ ବୌଦ୍ଧ ଧର୍ମର ତାନ୍ତ୍ରିକ ମତବାଦ ଓ ବୌଦ୍ଧ ଶୂନ୍ୟବାଦକୁ ବୈଷ୍ଣବ ଧର୍ମ ଗ୍ରହଣ କଲାପରେ ସମସ୍ତେ ମିଶିଯାଇ ଜଗନ୍ନାଥ ଧର୍ମରେ ପରିଣତ ହୋଇଥିଲେ ।

ଶ୍ରୀ ଚୈତନ୍ୟଙ୍କୁ ବଙ୍ଗାଳୀ ବୋଲି କହିବାର କୌଣସି ହେତୁ ନାହିଁ । ସୁବାଷଚନ୍ଦ୍ର ବୋଷ ପ୍ରଭୃତି ଓଡ଼ିଶାରେ ଜନ୍ମହେଲେ ମଧ୍ୟ ଯେପରି ବଙ୍ଗାଳୀବୋଲି ଗର୍ବ କରନ୍ତି ଏବଂ ବଙ୍ଗାଳିମାନେ ତାହାଙ୍କୁ ବଙ୍ଗାଳୀ ବୋଲି ଗର୍ବ ଅନୁଭବ କରନ୍ତି—ସେହିପରି ଚୈତନ୍ୟ ଖାଣ୍ଟି ଓଡ଼ିଆ ଏବଂ ଓଡ଼ିଆ ଜାତି ତାହାଙ୍କୁ ଓଡ଼ିଆ ବୋଲି ଗର୍ବ କରିବାର କଥା । ଚୈତନ୍ୟଙ୍କ ପିତାମହ ଜନାର୍ଦ୍ଦନ ମିଶ୍ରଙ୍କ ଘର ଥିଲା ଯାଜପୁରରେ । ସେ ପ୍ରତାପୀ ସମ୍ରାଟ କପିଳେନ୍ଦ୍ର ଦେବଙ୍କ ସହିତ କଳହ କରି ନଦିୟା ଯାଇଥିଲେ । ସେତେବେଳେ ନଦୀୟା ଏକ ପ୍ରସିଦ୍ଧ ସଂସ୍କୃତ ଶିକ୍ଷାକେନ୍ଦ୍ର ଥିଲା । ଶ୍ରୀଚୈତନ୍ୟଙ୍କ ପିତା ଜଗନ୍ନାଥ ମିଶ୍ର ମଧ୍ୟ ଜଣେ ବରିଷ୍ଠ ପଣ୍ଡିତଥିଲେ । ସେ ନିଜ ପିତାଙ୍କ ସହିତ ଯାଇ ନଦୀୟାରେ ରହି ୨ ବସବାସ କରୁଥିଲେ । ତାଙ୍କ ପତ୍ନୀଙ୍କର ନାମ ଶଚୀଦେବୀ । ଏହାଙ୍କ ଔରସରୁ ଶ୍ରୀଚୈତନ୍ୟ ଜନ୍ମଗ୍ରହଣ କରିଥିଲେ ।

ଶ୍ରୀଚୈତନ୍ୟ ପୁରୀକୁ ଆସିବାପୂର୍ବରୁ ଓଡ଼ିଶାରେ ବୈଷ୍ଣବ ଧର୍ମର ଦୁଇଟିଧାରା ରହିଥିଲା । ଗୋଟିଏ ହେଉଛି—ରାଧାକୃଷ୍ଣଙ୍କର ରାଗାନୁଗା ବିଶୁଦ୍ଧ ଭକ୍ତିମାର୍ଗ; ଦ୍ୱିତୀୟଟି ହେଉଛି ଜ୍ଞାନମିଶ୍ରା ଭକ୍ତି ବା ତାନ୍ତ୍ରିକ ବୈଷ୍ଣବଧର୍ମ । ଓଡ଼ିଶାର ଶ୍ରେଷ୍ଠକବି ଜୟଦେବ ଗୀତ ଗୋବିନ୍ଦରେ ରାଧାକୃଷ୍ଣଙ୍କ ପରକୀୟା ପ୍ରୀତିର ଗାନ ୧୨ରେ କରିଥିଲେ । ୨ୟ ରାଜରାଜଙ୍କ ନାମାନ୍ତର ପୁରୁଷୋତ୍ତମ ଦେବ ଥିଲା । ସେ ଜୟଦେବଙ୍କ ପ୍ରତି ସ୍ପର୍ଦ୍ଧାରେ ଅଭିନବ ଗୀତଗୋବିନ୍ଦରେ ରାଧାକୃଷ୍ଣଙ୍କର ପରକୀୟା ପ୍ରୀତି ବର୍ଣ୍ଣନା କରିଥିଲେ । ସେ ଲେଖିଛନ୍ତି—

"ରାଧା ମୁରାରିରମଣୀୟ୍ୟୂରହସ୍ୟଲୀଳା ସନ୍ଦୋହସୁନ୍ଦରମମନ୍ଦ ଗୁଣାଭିରାମଂ ସାହିତ୍ୟ ସାର ସମୁଦାୟ ବୁଧଃ ପ୍ରବନ୍ଧ ମେତଂ ତନୋତି ପୁରୁଷୋତ୍ତମ ଭୂମି ଭର୍ତ୍ତା।"

ଗଜପତି ପ୍ରତାପରୁଦ୍ରଙ୍କର ପିତା ପୁରୁଷୋତ୍ତମ ଦେବଙ୍କ ରଚିତ ୭ଟି ଶ୍ଳୋକ ଶ୍ରୀ ରୂପଗୋସ୍ୱାମୀ ପଦ୍ୟାବଳୀରେ ସଂକଳନ କରିଛନ୍ତି। ତନ୍ମଧ୍ୟ ଭିତରୁ ଗୋଟିଏ ଶ୍ଳୋକ ଉଦ୍ଧାର କଲେ ଜଣାଯିବ ଯେ—ଶ୍ରୀ ଚୈତନ୍ୟଙ୍କ ପୂର୍ବରୁ ଓଡ଼ିଶାରେ ଗୋପୀଙ୍କ ପରକୀୟା ପ୍ରୀତିର ପ୍ରଚାର ରହିଥିଲା। ସେ ଶ୍ଳୋକଟି ଏହି—

ଗୋପୀଜନାଲିଙ୍ଗିତ ମଧ୍ୟଭାଗଂ ବେଣୁଂ ଧମନ୍ତଂ ଭୃଶଲୋଲ ନେତ୍ରମ୍
କଳେବରେ ପ୍ରସ୍ଫୁଟ ରୋମବୃନ୍ଦଂ ନମାମି କୃଷ୍ଣଂ ଜଗଦେକ କନ୍ଦମ୍ (୨୯୩)

ଗଜପତି ପୁରୁଷୋତ୍ତମ ତାଙ୍କ ରଚିତ ଅଭିନବ ବେଣୀସଂହରଣ-ନାଟକରେ ମଧ୍ୟ ଲେଖିଛନ୍ତି—

"ଉଦ୍ଦାମ କାମସମର—ପ୍ରସରେ ପ୍ରବୃତ୍ତେ ପ୍ରୌଢ଼ ପ୍ରରୂଢ଼ ବହୁବନ୍ଧ ବିମୁକ୍ତ ବନ୍ଧା
ଭୂୟୋ ମୁରାରିକରସାଦରମୁଗ୍ଧବନ୍ଧା ରାଧା ମନୋଜ୍ଞ କବରୀ ଭବତୁ ଶ୍ରିୟେ ବଃ।"

ଶ୍ରୀଚୈତନ୍ୟ ଚରିତାମୃତରୁ ଜଣାଯାଏ ଯେ—ଶ୍ରୀଚୈତନ୍ୟଙ୍କ ସହିତ ମିଳନ ପୂର୍ବରୁ ରାୟ ରାମାନନ୍ଦ ବୈଷ୍ଣବ ପ୍ରେମସାଧନତତ୍ତ୍ୱରେ ଅଭିଜ୍ଞ-ଥିଲେ। ତାଙ୍କର ଜଗନ୍ନାଥ ବଲ୍ଲଭ ନାଟକ"ରେ ଶ୍ରୀଚୈତନ୍ୟଙ୍କ ପ୍ରତି ବନ୍ଦନା ବା ନମସ୍କାର ପ୍ରଭୃତି ତ ନାହିଁ ଏବଂ ଶ୍ରୀଚୈତନ୍ୟଙ୍କର ନାମୋ-ଲ୍ଲେଖ ସୁଦ୍ଧା ନାହିଁ। ଏଥିରୁ ଅନୁମିତ ହୁଏ ଯେ—ଶ୍ରୀ ଚୈତନ୍ୟଙ୍କ

୧. Kalinga Research Society Journal

ସମ୍ଭବତ ମିଳନପୂର୍ବରୁ ରାୟ ରାମାନନ୍ଦ "ଜଗନ୍ନାଥ ବଲ୍ଲଭ" ନାଟକ ରଚନା କରିଥିଲେ । ଜଗନ୍ନାଥ ବଲ୍ଲଭ ନାଟକରେ ଗୀତ-ଗୋବିନ୍ଦ ଓ ଅଭିନବ ଗୀତଗୋବିନ୍ଦପରି ପରକୀୟା ରାଗାନୁଗା ଭକ୍ତି ଏବଂ ଶ୍ରୀରାଧାଙ୍କର ଭାବବୈଚିତ୍ର୍ୟ ବିଶେଷ ନୈପୁଣ୍ୟ ସହିତ ମଧୁର କୋମଳକାନ୍ତ ପଦାବଳୀରେ ବର୍ଣ୍ଣିତ ହୋଇଅଛି । ଏହି ସବୁ କାରଣରୁ ଅନୁମାନ ହେଉଛି ଯେ-ଶ୍ରୀଚୈତନ୍ୟଙ୍କ ପୂର୍ବରୁ ଉଡ଼ିଶାରେ ରାଗାନୁଗା ଭକ୍ତିଧାରା ରହିଥିଲା ।

ସୁକୁମାର ସେନ ମଧ୍ୟ (In the History of Brajabali Library ୧୨ ପୃଷ୍ଠାରେ କହିଛନ୍ତି—ଶ୍ରୀଚୈତନ୍ୟ ରାୟ ରାମାନନ୍ଦଙ୍କଠାରୁ ରାଧାକୃଷ୍ଣଙ୍କର ଏହି ପରକୀୟା ଭାବ ଗ୍ରହଣ କରିଥିଲେ ଏବଂ ତାହା ରୂପଗୋସ୍ୱାମୀ ଓ ସନାତନ ଗୋସ୍ୱାମୀଙ୍କୁ ଉପଦେଶ ଦେଇଥିଲେ । ଏହି କଥା ରାଧାଗୋବିନ୍ଦନାଥ ବିଦ୍ୟାବାଚସ୍ପତି ଏମ୍. ଏ. ତାଙ୍କ ପ୍ରବନ୍ଧରେ ପ୍ରତିପାଦିତ କରି କହିଛନ୍ତି ।—

"From historical point of view it appeared that Chaitanya took the detailed idea of Radha-krushna Cult as currents in the Bengal School from Rai Ramananda and transmitted it to Rupa Goswami at Allahabad and to Sanatana Goswami at Benares."

ସୁକୁମାର ସେନ ବ୍ରଜବୋଲି ସାହିତ୍ୟର ଇତିହାସ (History of Braja-boli Literature) ୯୫ ପୃଷ୍ଠାରେ ଲେଖିଛନ୍ତି- Chaitanya Deva and his immediate predecessors (who were his chief companion in early life) were thus the disciples direc c ir of

Madhabendra.-Madhabendra was probably a saint and scholar from Orissa which at that time was more intimately connected with her sister province Bengal than now."

ଚୈତନ୍ୟ ଦେବ ଏବଂ ତାଙ୍କର ବାଲ୍ୟଜୀବନର ସାଥୀମାନେ ପ୍ରତ୍ୟକ୍ଷ ଭାବରେ ବା ପରୋକ୍ଷଭାବରେ ମାଧବେନ୍ଦ୍ର ପୁରୀଙ୍କର ଶିଷ୍ୟଥିଲେ । ମାଧବେନ୍ଦ୍ର ପୁରୀ ଜଣେ ପଣ୍ଡିତ ଓ ସନ୍ନ୍ୟାସୀ ଥିଲେ ଏବଂ ସମ୍ଭବତଃ ସେ ଓଡ଼ିଶାର ଲୋକଥିଲେ । ସେତେବେଳେ ବଙ୍ଗ ପ୍ରଦେଶର ଓଡ଼ିଶା ସହିତ ଘନିଷ୍ଠ ସମ୍ପର୍କ ଥିଲା ।" ଏଥିରୁ ଜଣାଯାଏ ଯେ-ଚୈତନ୍ୟ ଦେବ ଓଡ଼ିଶାରେ ପ୍ରଚଳିତ ୧ମ ଭାବଧାରା ପରକୀୟା ପ୍ରୀତିକୁ ପୂର୍ଣ୍ଣମାତ୍ରାରେ ନିଜସ୍ୱ କରିଥିଲେ ।

ଓଡ଼ିଶାର ଦ୍ୱିତୀୟ ବୈଷ୍ଣବ ଭାବଧାରାର (ତାନ୍ତ୍ରିକ-ବୈଷ୍ଣବ ବାଦ ବା ଜ୍ଞାନମିଶ୍ରା ଭକ୍ତି) ପ୍ରଧାନ ଉପାସକ ହେଉଛନ୍ତି ପଞ୍ଚସଖା । ସେମାନେ ନିଜକୁ ଶ୍ରୀଚୈତନ୍ୟଙ୍କର ଶିଷ୍ୟ ବୋଲି ଏକ ମୁଖରେ ଉଲ୍ଲେଖ କରିଛନ୍ତି । ଶ୍ରୀ ଚୈତନ୍ୟ ବୃନ୍ଦାବନରେ ଭିନ୍ନ ଭିନ୍ନ ତୀର୍ଥସ୍ଥାନଗୁଡ଼ିକର ସଂସ୍କାର କରାଇ-ଥିଲେ ମଧ୍ୟ ନିଜେ ସେ ନିତ୍ୟ ବୃନ୍ଦାବନ ଶ୍ରୀକ୍ଷେତ୍ରକୁ ତ୍ୟାଗକରି ନଥିଲେ ଏବଂ ସେ ନିଜର ଅନ୍ତିମ ଜୀବନ ଶ୍ରୀକ୍ଷେତ୍ରରେ ଅତିବାହିତ କରିଥିଲେ । ସେତେବେଳେ ଏହି ପଞ୍ଚସଖାମାନେ ତାହାଙ୍କର ସହଚର ହୋଇ ରହି-ଥିଲେ । ଶ୍ରୀଚୈତନ୍ୟ ପୁରୀରେ ଗମ୍ଭୀରା ମଧ୍ୟରେ ରହି ନିର୍ଜନରେ ପ୍ରେମା-ବେଶରେ ସମୟ କଟାଇଥିଲେ ବୋଲି ସମସ୍ତେ ଜାଣନ୍ତି । ଏହା କେବଳ ଶ୍ରୀଚୈତନ୍ୟଙ୍କ ଯୋଗ ସାଧନା ଓ ସମାଧିକୁ ସୂଚିତ କରୁଛି ।

ଯେତେବେଳେ ଶ୍ରୀଚୈତନ୍ୟ ନୀଳାଚଳରୁ ଯାଇ ଦାକ୍ଷିଣାତ୍ୟ ତୀର୍ଥ ଗୁଡ଼ିକ ଭ୍ରମଣ କରୁଥିଲେ ସେତେବେଳେ ମଲ୍ଲାର ଦେଶରେ "ଆଦିକେଶବ" ନାମକ ବିଷ୍ଣୁ ମୂର୍ତ୍ତି ଦର୍ଶନ କରିଥିଲେ, ସେଠାରେ ଗୋଟିଏ ଲୋକଠାରୁ ବ୍ରହ୍ମସଂହିତାର ପାଠ ଶୁଣି ଶ୍ରୀଚୈତନ୍ୟ ଆନନ୍ଦରେ ଅଧୀର ହୋଇଥିଲେ ।

ଏବଂ ସେହି, ବ୍ରହ୍ମସଂହିତାକୁ ଲେଖାଇ ତହିଁର ପ୍ରତିଲିପି ସାଙ୍ଗରେ ଆଣି-ଥିଲେ । ଚୈତନ୍ୟ ଚରିତାମୃତରେ ଶ୍ରୀକୃଷ୍ଣ ଦାସ ଲେଖିଛନ୍ତି—

ଆମଲକୀ ତଳାତେ ରମ ଦେଖି ଗୌରହର
ମଲ୍ଲାର ଦେଶେତେ ଆଇଲା ଯାହା ଭଟ୍ଟମାରୀ

× × ×

'ବ୍ରହ୍ମ ସଂହିତାଧ୍ୟାୟ' ତାହାଇ ପାଇଲ
ପୁଁଥି ପାଇୟା ପ୍ରଭୁ-ହୈଲ ଆନନ୍ଦ ଅପାର
କମ୍ପ ଅଶ୍ରୁ ସ୍ୱେଦ ସ୍ତମ୍ଭ ପୁଲକ ବିକାର
ସିଦ୍ଧାନ୍ତ ଶାସ୍ତ୍ର ନାହିଁ ବ୍ରହ୍ମ ସଂହିତା ସମାନ
ଅଳ୍ପ ଅକ୍ଷରେ କହେ ସିଦ୍ଧାନ୍ତ ଅପାର
ସକଳ ବୈଷ୍ଣବ ଶାସ୍ତ୍ର ମଧ୍ୟେ ଅତିସାର
ବହୁ ଯତ୍ନେ ସେଇ ପୁଁଥି ଲଇଲ ଲେଖାଇୟା

× × ×

ଶ୍ରୀ ଚୈତନ୍ୟଙ୍କ ଅତି ଆଦରର ଧନ ବ୍ରହ୍ମସଂହିତା ବୈଷ୍ଣବମାନଙ୍କର ପ୍ରଧାନ ସିଦ୍ଧାନ୍ତ ଗ୍ରନ୍ଥ । ବ୍ରହ୍ମସଂହିତାରେ ଉଲ୍ଲିଖିତ ରହିଛି—

ମାୟୟା ରସମାଣସ୍ୟ ନ ବିଯୋଗସ୍ତୟା ସହ
ଆତ୍ମନା ରମୟା ରେମେ ତ୍ୟକ୍ତକାଳଂ ସିସୃକ୍ଷୟା
ନୟତଃ ସାର ମା ଦେବୀ ତତ୍ପ୍ରିୟା ତଦ୍‌ବଶଂ ଗତା
ତଲ୍ଲିଙ୍ଗଂ ଭଗବାନ୍ ଜ୍ୟୋତିଃ ଶମ୍ଭୁରୂପଃ ସନାତନଃ
ଯା ଯୋନିଃ ସା ପରାଶକ୍ତିଃ କାମବୀଜଂ ମହଦ୍ଧରେଃ
ଲିଙ୍ଗଯୋନ୍ୟାତ୍ମିକା ଜାତା ଇମା ମାହେଶ୍ୱରୀଃ ପ୍ରଜାଃ ।
ଶକ୍ତିମାନ୍ ପୁରୁଷଃ ସୋଽୟଂ ଲିଙ୍ଗରୂପୀ ମହେଶ୍ୱରଃ
ତସ୍ମିନ୍ନାବିରଭୂଲ୍ଲିଙ୍ଗେ ମହାବିଷ୍ଣୁର୍ଜଗତ୍ପତିଃ ( ୫ଅ ୧୦

ସେହି ଆତ୍ମାରାମ ମାୟା ସହିତ ରମଣ କରନ୍ତି ଅର୍ଥାତ୍ ସେ ମାୟାଙ୍କର ସେବ୍ୟ କିନ୍ତୁ ମାୟା ସହିତ ରମଣ କଲେ ମଧ୍ୟ ତାଙ୍କର ମାୟା ସହିତ

ସମ୍ବନ୍ଧ ନାହିଁ । ସେ ଆତ୍ମାରାମ କେବଳ କାଳର ସୃଷ୍ଟିଛାକୁ ଅବଲମ୍ବନ କରି ନିଜ ଆତ୍ମାରେ ନିଜେ ରମଣ କରନ୍ତି । ତାହାକୁ କାଳଶକ୍ତି ବା ନିଯୁକ୍ତି କୁହାଯାଏ । ସେ ଭଗବାନ୍‌ଙ୍କ ବଶ ରହିଥାଏ । ଏହି ନିଯୁକ୍ତି ଭଗବାନ୍‌ଙ୍କର ଶକ୍ତି । କାଳ ଓ ନିଯୁକ୍ତି ଏବଂ ଭଗବାନଙ୍କର କଦାପି ବିୟୋଗ ହୁଏ ନାହିଁ ।

ଜ୍ୟୋତିରୂପ ସନାତନ ଭଗବାନ ଶମ୍ଭୁ ଲିଙ୍ଗରୂପୀ ।' ରମାଶକ୍ତି ହେଉଛନ୍ତି ଯୋନିରୂପ ପରାଶକ୍ତି । ଲିଙ୍ଗ (ଜଗତ୍‌ କାରଣ) ଓ ଯୋନି (ସୃଷ୍ଟିର ଆଧାର) ଏହି ଦୁହିଙ୍କର ସଂଯୋଗରୁ ଜାତ ବୀଜକୁ କାମବୀଜ ଅର୍ଥାତ୍ "କ୍ଲୀଂ" କହନ୍ତି । ଏହି ଲିଙ୍ଗ ଓ ଯୋନିର ମିଳନରୁ ସମସ୍ତ ପ୍ରଜାଜାତ ହୋଇଛନ୍ତି । ସେହି ଲିଙ୍ଗରୂପୀ ମହେଶ୍ୱର ହେଉଛନ୍ତି ଶକ୍ତିମାନ ଅର୍ଥାତ୍ ଶକ୍ତିଯୁକ୍ତ । ଏହି ଲିଙ୍ଗରେ ମହାବିଷ୍ଣୁ ଆବିର୍ଭୂତ ହେଲେ ।"

ବ୍ରହ୍ମସଂହିତାର ଏହି ଉକ୍ତିରୁ ସ୍ପଷ୍ଟଭାବରେ ପ୍ରତିପାଦିତ ହୁଏ ଯେ— ତାନ୍ତ୍ରିକମତବାଦ—ଶିବଶକ୍ତି ସାମରସ୍ୟ ବା ଯୁଗନଦ୍ଧରୂପରେ କଳ୍ପନା ପୂର୍ଣ୍ଣ ମାତ୍ରାରେ ଏଠାରେ ବିକଶିତ ହୋଇଅଛି । ଏହି ତାନ୍ତ୍ରିକ ମତବାଦରୁ ରାଧାକୃଷ୍ଣ ଯୁଗଳମୂର୍ତ୍ତି ଓ ପରକୀୟା ପ୍ରୀତିର ସୃଷ୍ଟି ହୋଇଛି । ବ୍ରହ୍ମସଂହିତା ଓ ପଞ୍ଚସଖାଙ୍କ ତାନ୍ତ୍ରିକମତବାଦରେ କିଛି ପାର୍ଥକ୍ୟ ଦେଖିବାକୁ ମିଳେ- ନାହିଁ । ତେଣୁ ସହଜରେ ଜଣାପଡେ ଯେ—ପଞ୍ଚସଖାଙ୍କର ତାନ୍ତ୍ରିକସାଧନା ବା ଜ୍ଞାନମିଶ୍ରା ଭକ୍ତି ଶ୍ରୀ ଚୈତନ୍ୟଙ୍କ ଅତି ଆଦରର ଧନ ଥିଲା । ଶ୍ରୀ ଚୈତନ୍ୟ ଗମ୍ଭୀରାରେ ରହି ଏହି ତାନ୍ତ୍ରିକ ରୀତିରେ ସାଧନା କରୁଥିଲେ ବୋଲି ଅନୁମିତ ହୁଏ ।

ଏହି ତାନ୍ତ୍ରିକ ମତବାଦ ହେଉଛି ଉଡ଼ିଶାର ବୈଷ୍ଣବ ଧର୍ମର ବିଶେଷତ୍ୱ । ଶ୍ରୀ ଚୈତନ୍ୟ ମଧ୍ୟ ତାହାକୁ ଗ୍ରହଣ ଓ ଅନୁମୋଦନ କରିଥିଲେ ।

। ୧—ବ୍ରହ୍ମସଂହିତା ପୃ ୩୮ ।

ସେହି ତାନ୍ତ୍ରିକ ଭାବଧାରା ବୈଷ୍ଣବଧର୍ମରେ ଏବଂ ମହିମାଧର୍ମରେ ଓଡ଼ିଶାରେ ଅକ୍ଷୁଣ୍ଣଭାବରେ ରହିଛି । ଏହା ଅଦ୍ୟାପି ମଧ୍ୟ କଳଙ୍କିତ ହୋଇନାହିଁ । ମହିମାଧର୍ମ ଓ ବୈଷ୍ଣବଧର୍ମ ଏହି ତାନ୍ତ୍ରିକ ମତବାଦ ସନାତନ ଧର୍ମ ଓ ବୌଦ୍ଧଧର୍ମ ତାନ୍ତ୍ରିକ ମତବାଦର ସମ୍ମିଶ୍ରଣରୁ ଉଦ୍ଭୂତ ହୋଇଛି । ଜଗନ୍ନାଥ ହେଉଛନ୍ତି ଏ ତାନ୍ତ୍ରିକ ମତବାଦର ପ୍ରଧାନ କେନ୍ଦ୍ର ଏବଂ ବୈଷ୍ଣବଙ୍କ ନିତ୍ୟରାସସ୍ଥଳୀ । ଓଡ଼ିଶାର ଏହି ଭିନ୍ନ ୨ ବୈଷ୍ଣବ ଓ ଶୂନ୍ୟସାଧକଙ୍କର ସାଧନାରେ ଅନ୍ୟାନ୍ୟ କାମନା ସଙ୍ଗେ ଯୌନ କାମନାର ନିରୋଧ ସଦାସର୍ବଦା ରହିଛି । ବ୍ରହ୍ମଚର୍ଯ୍ୟପାଳନ ହେଉଛି ଏମାନଙ୍କ ସାଧନାର ମୂଳମନ୍ତ୍ର । ମହାପୁରୁଷ ଅଚ୍ୟୁତାନନ୍ଦ ଦାସ ଛୟାଳିଶ ପଟଳରେ କହିଛନ୍ତି—

ମନକୁ ଦୃଢ଼ କଲେ ତହିଁ । ବ୍ରହ୍ମ କେବେହେଁ ନ ଟଳଇ
ବ୍ରହ୍ମଟଳିଲେ ଦେହ ନାଶ । ହୁଅଇ ଜାଣିଥା ଅବଶ୍ୟ ।
ଯେ ବିନ୍ଦୁ ସେହି ଭଗବାନ । ସକଳ ଘଟେ ବିଦ୍ୟମାନ ।
ସେ ଯେବେ ନ ରହଇ ସ୍ଥିରେ । ସକଳ ବୁଡ଼ିଥାନ୍ତି ସଂସାରେ ।

× × ×

ଯେବେ ଏ ମଧ୍ୟେ ଭ୍ରମ ହୋଇ । କାମରେ ମନ ବୃତ୍ତି ଦେଇ ।
ସକଳ ଜ୍ଞାନ ହୁଏ ନାଶ । ନରକେ ତାକୁ ହୁଏ ବାସ ।
ସଂସାରେ ସଂସାରୀ ହୋଇଣ । ଏହା ସାଧିବା ସୁକଠିନ ।
ବୁଦ୍ଧି ବିବେକ ଜ୍ଞାନ ବଳ । ବୃଦ୍ଧି ହୁଅଇ ବେଳୁ ବେଳ ।
ଏସିଦ୍ଧି ଲଭନ୍ତି ଯେ ପ୍ରାଣୀ । ସିଦ୍ଧିଙ୍କ ମଧ୍ୟେ ସେ ଅଗ୍ରଣୀ ।
ସକଳ ଗୃହ କର୍ମ କର । ବିନ୍ଦୁକୁ ଆକଟିଣ ଧର ।
ଇନ୍ଦ୍ରିୟ ବଶରେ ନ ପଡ଼ । କାମ କାମନା ଦୂରୁ ଏଡ଼ ।

× × +

ଭଗବତ ଗୀତାରେ ବଳରାମ ଦାସ ମଧ୍ୟ ଠିକ୍ ସେହି କଥା କହିଛନ୍ତି ।
ଯଥା :—

"ନାମଥିଲକୁ ଦେହ ଅଛି ନାମଟି ଜଗତେ ପୂରିଛି ।
ନାମକୁ ହୃଦେ କରଦୃଢ଼ । ଯୋନି ମାର୍ଗରେ ହେ ନ ବୁଡ଼ ।

ଯୋନିକି ଭବଜଳ କହି । ତହିଁ ବୁଡ଼ିଲେ ଥଳ ନାହିଁ ।
ଓଡ଼ିଶା ବୈଷ୍ଣବ ଧର୍ମରେ ରାସଲୀଳାରେ ଲୌକିକ ଭୋଗ ଶୃଙ୍ଗାର ଓ ଯୌନଭାବର ଆଦୌ ସମ୍ପର୍କ ନାହିଁ । ଯଥା—

ପୁରୁଷ ହୋଇଣ ଇନ୍ଦ୍ରନାହିଁ ତାର ସ୍ତ୍ରୀ ହୋଇ ନାହିଁ ଯୋନି
ଅଷ୍ଟହରସରେ ରହାସ କରନ୍ତି ନାହିଁ ଦିବସ ରଜନୀ ।
(ଶରୀର ଭେଦ ଭଜନ)

ଓଡ଼ିଶାର ସାଧକ ମାନେ ରାଧାକୃଷ୍ଣଙ୍କର ସମଗ୍ର ଲୀଳାକୁ ଶରୀରସାଧନାର ସଙ୍କେତରୂପରେ ଗ୍ରହଣ କରିଛନ୍ତି, କିନ୍ତୁ ଲୌକିକ ନାୟକ ନାୟିକା-ରୂପରେ ଗ୍ରହଣ କରି ନାହାନ୍ତି । ସେଥିଯୋଗୁଁ ଏହି ସବୁ ଧର୍ମ ଓଡ଼ିଶାରେ କଳଙ୍କିତ ଓ ଦୂଷିତ ନ ହୋଇ ନିର୍ମଳ ଭାବରେ ରହିଛି । ଏହି ସବୁଧର୍ମ ମୂଳରେ ମହାଶୂନ୍ୟର ପ୍ରତୀକ ଜଗନ୍ନାଥ ହୋଇଛନ୍ତି କେନ୍ଦ୍ରବିନ୍ଦୁ । ଶକ୍ତିବାଦ, ବଜ୍ରଯାନ,ସହଜଯାନ, ମହିମାଧର୍ମ, ବୈଷ୍ଣବଧର୍ମ ପ୍ରଭୃତି ହୋଇଛି ତାହିଁର ଶାଖା ଓ ପ୍ରଶାଖା ।

ପରମାତ୍ମା ବା ପରବ୍ରହ୍ମ ନିର୍ଗୁଣ ଅବାଙ୍ମନସଗୋଚର । ସେଠାରେ ନାନାତ୍ୱ ନାହିଁ । ବ୍ରହ୍ମଙ୍କର ଷୋଡ଼ଶ କଳାଭିତରୁ ଗୋଟିଏ ମାତ୍ର କଳା ବ୍ୟକ୍ତ । ଆଉ ସବୁ ଅବ୍ୟକ୍ତ । ଏହି ବ୍ୟକ୍ତ ଅଂଶଟି ତ୍ରିଗୁଣମୟୀ ପ୍ରକୃତି । ପ୍ରକୃତିରୁ ତ୍ରିଗୁଣ ଏବଂ ତ୍ରିଗୁଣର ବୈଷମ୍ୟରୁ ଏହି ସଂସାର ଓ ଶରୀରର ଉତ୍ପତ୍ତି ହୋଇଛି । ଏହା ହେଉଛି—ବ୍ରହ୍ମଙ୍କର ସୃଷ୍ଟି ଇଚ୍ଛା ବା ତାହାଙ୍କର ବହୁ ହେବାର ବାସନା ବା ଲୀଳା । ଏହି ତ୍ରିଗୁଣହିଁ ଇଡ଼ା, ପିଙ୍ଗଳା ଓ

ସୁଷୁମ୍ନାର ଭିତର ଦେଇ ବାୟୁରୂପରେ ପ୍ରବାହିତ ହୋଇ ସଂସାରଲୀଳା ସମ୍ପାଦନ କରୁଛି । ତହିଁରୁ ସୂକ୍ଷ୍ମ ପ୍ରାଣଶକ୍ତି ବା ଅବ୍ୟାକୃତ ପ୍ରକୃତିର ସନ୍ଧାନ ମିଳିଥାଏ । ସେହି ପ୍ରକୃତି ବା ପ୍ରାଣ ଶକ୍ତିରୁ ଏହି ତ୍ରିଗୁଣାତ୍ମକ ସଂସାର ବାରମ୍ବାର ଉତ୍ପନ୍ନ ଓ ଲୟ ହେଉଅଛି । ଶ୍ରୁତିରେ କୁହା-ହୋଇଛି—'ନମସ୍ତେ ବାୟୋ ତ୍ୱମେବ ପ୍ରତ୍ୟକ୍ଷଂ ବ୍ରହ୍ମାସି ।" "ହେ ବାୟୁ ତୁମ୍ଭଙ୍କୁ ମୋର ପ୍ରଣାମ, ତୁମ୍ଭେ ପ୍ରତ୍ୟକ୍ଷରେ ବ୍ରହ୍ମ ।" "ପ୍ରାଣର ବହିର୍ବି-ଚରଣ ହେତୁରୁ ଜୀବର ସଂସାର ବାସନା ଜାତ ହୁଏ । ଏହି ସଂସାର ବାସନା ବିନଷ୍ଟ ନ ହେଲେ ତାହାର ଜ୍ଞାନ ଉତ୍ପନ୍ନ ହୁଏ ନାହିଁ କି ଈଶ୍ୱର ଦର୍ଶନ ହୁଏ ନାହିଁ । ମନରେ ବିଷୟ ଗ୍ରହଣ ସ୍ପୃହା ହେଉଛି ଜୀବର ସଂସାର ବାସନା ବା ଅଜ୍ଞାନ । ଏହି ଅଜ୍ଞାନ ଅବିଦ୍ୟା ବିନଷ୍ଟ ନ ହେଲେ ଜୀବର ବିଷୟ ସ୍ପୃହା ହ୍ରାସ ହୁଏ ନାହିଁ । ବିଷୟ ସ୍ପୃହା ନ କମିଲେ ମନଚ୍ଛରିଆଡେ ଉତ୍‌କ୍ଷିପ୍ତ ହୋଇ ଭ୍ରମଣ କରେ । ସେତେବେଳେ ଆଉ ଭଗବାନଙ୍କର ସ୍ମରଣ ମନନ ସମ୍ଭବ ହୁଏ ନାହିଁ । କବିର କହିଛନ୍ତି—

ମାଳା ତୋ କର୍ ମେ ଫିରେ ଜିହ୍ୱା ଫିର ମୁଖ ମାହି
ମନୁୟା ତୋ ଚୌଦିଶ ଫିରେ ଯହ୍ ତୋ ସୁମରଣ ନାହିଁ ।"

ଯେଉଁ ମନ ସମସ୍ତ ଅଜ୍ଞାନର ମୂଳ, ଯେଉଁ ମନ ଭଗବାନଙ୍କ ସ୍ମରଣର ପରିପନ୍ଥୀ, ସେହି ଚଞ୍ଚଳ ମନକୁ କିପରି ସ୍ଥିର କରିହେବ । ପ୍ରାଣଶକ୍ତି ବାୟୁରୂପରେ ଏହି ଦେହ ଓ ମନକୁ ସଞ୍ଜୀବିତ କରିରଖେ । ତାନ୍ତ୍ରିକମାନେ ଏହି ମୁଖ୍ୟ ପ୍ରାଣଶକ୍ତିକୁ କୁଳକୁଣ୍ଡଳିନୀ କହନ୍ତି । ଏ ହେଉଛି ସମସ୍ତ ଜୀବର ଜୀବନ । ଏହି ଶକ୍ତିଦ୍ୱାରା ଜଡ ଓ ଅଜଡ, ଚର ଓ ଅଚର ସମସ୍ତ ସଂସାର ବିଧୃତ ହୋଇ ରହିଛି । ଏହି ଶକ୍ତି ଦ୍ୱାରା ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧର ଅନୁଭବ ସମ୍ପନ୍ନ ହୋଇଥାଏ । ଏହି କୁଣ୍ଡଳିନୀ ଶକ୍ତି ପାଦଠାରୁ କେଶ ପର୍ଯ୍ୟନ୍ତ ବ୍ୟାପି ରହିଛି । ମେରୁ ମଧ୍ୟରୁ ଏହାର ଶକ୍ତି ଜାତ ହୋଇ ଦେହର ସବୁ ଆଡେ ସଞ୍ଚାରିତ ହୁଏ । ଏହି ଶକ୍ତି ଗୁହ୍ୟ

ଦେଶରୁ ଉତ୍ଥିତ ହୋଇ ଭ୍ରୂମଧ୍ୟକୁ ମଣ୍ଡଳାକାରରେ ବେଷ୍ଟନ କରି ଦକ୍ଷିଣ ଓ ବାମ ସନ୍ଧିଗୁଡ଼ିକକୁ ସ୍ପର୍ଶ କରି ପୁଣି ଆସି ମୂଳାଧାରରେ ମିଳିଅଛି । ଏହି କୁଣ୍ଡଳିନୀର ଆକାର ଅନେକ ପରିମାଣରେ ଧନୁପରି । ଏହାରି ସମସ୍ତ ଶକ୍ତି ସମ୍ମିଳିତ ହୋଇ ଗୁହ୍ୟଦେଶରେ ପିଣ୍ଡାକାରରେ ପ୍ରସୁପ୍ତ ରହିଥାଏ । ଏହା ବାହ୍ୟ ବାୟୁକୁ ସ୍ପନ୍ଦିତ କରେ ଏବଂ ମନ ମଧ୍ୟରେ ବିବିଧ ଇଚ୍ଛା ଶକ୍ତିକୁ ସ୍ଫୁରିତ କରେ । କୁଳକୁଣ୍ଡଳିନୀ ପ୍ରାଣବାୟୁକୁ ଉପରକୁ ଉତ୍ତୋଳନ କରି ଏବଂ ଅପାନବାୟୁକୁ ତଳକୁ ଚାଳିତ କରି ହଂସ ଭୁଜଙ୍ଗୀ ପରି ଅନବରତ ଶ୍ୱାସ ପ୍ରଶ୍ୱାସ ତ୍ୟାଗ କରୁଛି । ତାହା ଯୋଗୁଁ ଆମ୍ଭମାନଙ୍କର ପ୍ରାଣକ୍ରିୟା ବା ଜୀବନ ପ୍ରବାହ ତଳ ଉପରକୁ ଅବିଶ୍ରାନ୍ତ-ଭାବରେ ପ୍ରବାହିତ ହେଉଛି । ଏହା ହେଉଛି ସମସ୍ତ ଅନୁଭବ ବା ଜ୍ଞାନର ମୂଳ । ଚିତ୍‌ଶକ୍ତିକୁ ସମ୍ବିତ୍ ବୋଲି କୁହାଗଲେ ମଧ୍ୟ କୁଳ-କୁଣ୍ଡଳିନୀ ହେଉଛି ତହିଁର ମୂଳ ।

"ପିଣ୍ଡଂ କୁଣ୍ଡଳିନୀ ଶକ୍ତିଃ ପଦଂ ହଂସମୁଦାହୃତଂ
ରୂପଂ ବିନ୍ଦୁରିତି ଜ୍ଞେୟଂ ରୂପାତୀତଂ ନିରଞ୍ଜନଂ ।"

କୁଣ୍ଡଳିନୀ ଶକ୍ତିକୁ ପିଣ୍ଡ କହନ୍ତି । ମୂଳାଧାରରେ ଏହି ଶକ୍ତିପ୍ରସୁପ୍ତଭାବରେ ରହିଛି, ଏହି ଶକ୍ତିଯୋଗୁଁ ଶରୀରର ସମସ୍ତ ଅବୟବ ସ୍ଥିର ହୋଇରହିଛି । ଏହି ଶକ୍ତି ହୃଦୟକୁ ଆସିଲେ ସ୍ଥିତିପଦ ଲାଭ କରେ । କିନ୍ତୁ ସେ ମୃଣାଳ ତନ୍ତୁପରି ସୂକ୍ଷ୍ମଭାବରେ ହୃଦୟକୁ ଯା ଆସ କରେ । ଏହି ସ୍ଥିତିପଦର ନାମ ହଂସ । ସେହି ଶକ୍ତି ଯେତେବେଳେ ଭ୍ରୂମଧ୍ୟକୁ ଯାଏ ଓ ବିନ୍ଦୁରୂପ ଦେଖା-ଯାଏ ତାହାକୁ ରୂପ କହନ୍ତି । ଏହା ହେଉଛି କୂଟସ୍ଥ । ସମସ୍ତ ବ୍ରହ୍ମାଣ୍ଡର ନାମରୂପ ଏହି କୂଟସ୍ଥରୁ ହୋଇଥାଏ । କିନ୍ତୁ ପ୍ରକୃତ ବ୍ରହ୍ମ ହେଉଛନ୍ତି "ରୂପାତୀତ ନିରଞ୍ଜନ"

ସେଥିଲାଗି ପ୍ରାଣର ବା ଶକ୍ତିର ସାଧନା ହେଉଛି ସର୍ବୋଚ୍ଚ ବ୍ରହ୍ମ-ସାଧନା । ଏହି ସାଧନା ପୂର୍ବ କାଳରେ ମୁନିଋଷିମାନେ ସମସ୍ତେ କରୁଥିଲେ । ପ୍ରାଣ ଶକ୍ତି ସ୍ଥିର ନ ହେଲେ ଅଧ୍ୟାତ୍ମରାଜ୍ୟ ଅର୍ଗଳବଦ୍ଧ ହୋଇ ରହିଥାଏ

ସେହି ପ୍ରାଣ ଶକ୍ତିର ସାଧନା ନକଲେ ଶୂନ୍ୟ ଦେବତାର ମନ୍ଦିରରେ ପ୍ରବେଶ ହୁଏ ନାହିଁ ।

ସୁଷୁମ୍ନାବାହିନି ପ୍ରାଣେ ଶନ୍ୟେ ବିଶନ୍ତି ମାନସେ
ତଦା ସର୍ବାଣି କର୍ମାଣି ନିର୍ମୂଲୟନ୍ତି ଯୋଗବିତ୍ ।

ଏହି ପ୍ରାଣ ଶକ୍ତି ସୁଷୁମ୍ନାରେ ବହିଲେ ମନ ଶୂନ୍ୟରେ ପ୍ରବେଶ କରେ । ସେତେବେଳେ ଯୋଗୀର ସମସ୍ତ କର୍ମ ଉନ୍ମୀଳିତ ହୁଏ ।

ଯାବନ୍ନୈବ ପ୍ରବିଶନ୍ତି ଚରନ୍ ମାରୁତୋ ମଧ୍ୟମାର୍ଗେ
ଯାବଦ୍ ବିନ୍ଦୁର୍ନଭବନ୍ତି ଦୃଢ଼ଃ ପ୍ରାଣବାତପ୍ରବନ୍ଧାତ୍ ।
ଯାବଦ୍ ଧ୍ୟାନଂ ସହଜ ସଦୃଶଂ ଜାୟତେ ନୈବ ତତ୍ତ୍ୱଂ
ତାବଦ ଜ୍ଞାନଂ ବଦନ୍ତି ତଦିଦଂ ଦମ୍ଭମିଥ୍ୟାପ୍ରଳାପଃ ।"

ପ୍ରାଣବାୟୁ ମଧ୍ୟମାର୍ଗ ସୁଷୁମ୍ନାରେ ପ୍ରବେଶ ନ କଲେ ଏବଂ ପ୍ରାଣବାୟୁ ରୁଦ୍ଧ ହୋଇ ବିନ୍ଦୁ ସ୍ଥିର ନ ହେଲେ ଏବଂ ସହଜ ଧ୍ୟାନ ଜାତ ନହେଲେ ତତ୍ତ୍ୱ ଓ ଜ୍ଞାନର କଥା କହିବା କେବଳ ଦାମ୍ଭିକତାର ପରିଚୟ ଦିଏ । ଏହିପରି ତତ୍ତ୍ୱକଥାର ବ୍ୟାଖ୍ୟାନ କେବଳ ମିଥ୍ୟା ପ୍ରଳାପମାତ୍ର ।

ତହିଁପରେ ଏହି ଶକ୍ତି ଯାଇ ବ୍ରହ୍ମରନ୍ଧ୍ରରେ ସହସ୍ରଦଳ କମଳରେ ପ୍ରବେଶ କରେ ।

ବ୍ରହ୍ମରନ୍ଧ୍ରେ ହି ଯତ୍ ପଦ୍ମଂ ସହସ୍ରାରଂ ବ୍ୟବସ୍ଥିତଂ
ତତ୍ରକନ୍ଦେ ହି ଯା ଯୋନିସ୍ତସ୍ୟାଂ ଚନ୍ଦ୍ରୋ ବ୍ୟବସ୍ଥିତଃ
ତ୍ରିକୋଣାକାରତସ୍ତସ୍ୟାଃ ସୁଧା କ୍ଷରତି ସନ୍ତତଂ
ଇଡ଼ାୟାମମୃତଂ ତତ୍ର ସମଂ ସ୍ରବତି ଚନ୍ଦ୍ରମାଃ ।

× × ×

ବ୍ରହ୍ମରନ୍ଧ୍ରରେ ଯେଉଁ ସହସ୍ରଦଳ କମଳରହିଛି ତାହାର ମୂଳଯୋନିଟିଏ ଅଛି ସେହି ଯୋନିରେ ଚନ୍ଦ୍ର ଅଛି । ସେହି ତ୍ରିକୋଣାକାର ଯୋନିରୁ ସବୁବେଳେ ସୁଧାକ୍ଷରୁ ଅଛି ।

ଅସ୍ମିନ୍ ଲୀନଂ ମନୋଯସ୍ୟ ସ ଯୋଗୀ ମୟି ଲୀୟତେ
ଅଣିମାଦି ଗୁଣାନ୍ ଭୁକ୍ତ୍ୱା ସ୍ୱେଚ୍ଛୟା ପୁରୁଷୋତ୍ତମଃ ।

ଯାହାର ଚିତ୍ତ ବ୍ରହ୍ମରନ୍ଧ୍ରରେ ଲୀନ ହୁଏ ସେ ବ୍ରହ୍ମରେ ଲୀନ ହୁଏ ଏବଂ ସେ ଇଚ୍ଛା ଅନୁସାରେ ଅଷ୍ଟ ଐଶ୍ୱର୍ଯ୍ୟ ଭୋଗ କରି ପୁରୁଷୋତ୍ତମ ହୁଏ ।

ଶିବ ସ୍ଥାନଂ ଶୈବାଃ ପରମପୁରୁଷଂ ବୈଷ୍ଣବଗଣା
ଲପନ୍ତୀତି ପ୍ରାୟୋ ହରିହର ପଦଂ କେଚିଦପରେ
ପଦଂ ଦେବ୍ୟା ଦେବୀଚରଣ ଯୁଗଳାନନ୍ଦରସିକା
ମୁନୀନ୍ଦ୍ରା ଅପ୍ୟନ୍ୟେ ପ୍ରକୃତି ପୁରୁଷ ସ୍ଥାନମମଳଂ ।

ବ୍ରହ୍ମରନ୍ଧ୍ରର ଏହି ଶୂନ୍ୟ ସ୍ଥାନକୁ ଶୈବମାନେ ଶିବସ୍ଥାନ ବୋଲି କହନ୍ତି । ବୈଷ୍ଣବମାନେ ପରମପୁରୁଷ ବିଷ୍ଣୁଙ୍କ ସ୍ଥାନ ବୋଲି କହନ୍ତି । କେହି କେହି ଏହାକୁ ହରିହରଙ୍କ ସ୍ଥାନ ବୋଲି କହନ୍ତି । କିନ୍ତୁ ଦେବୀ ଭକ୍ତମାନେ ଏହାକୁ ଶକ୍ତି ସ୍ଥାନ ବୋଲି କହନ୍ତି । କେହି କେହି ମୁନି ଏ ସ୍ଥାନକୁ ପ୍ରକୃତି ପୁରୁଷଙ୍କର ନିମ୍ନ ସ୍ଥାନ ବୋଲି ବର୍ଣ୍ଣନା କରନ୍ତି ।

ଏହି ସ୍ଥାନର ବୃଷ୍ଟିଷ ପ୍ରତୀକ – ଶ୍ରୀକ୍ଷେତ୍ରର ଦେବତା ପୁରୁଷୋତ୍ତମ ହୋଇଛନ୍ତି । ନିର୍ଗୁଣ ବ୍ରହ୍ମଙ୍କର ଏଠାରେ ଏକତ୍ୱ ରହିଛି—ନାନାତ୍ୱ ନାହିଁ । ଏହା ହେଉଛି ସେହି ଆନନ୍ଦସ୍ଥଳୀ ନିତ୍ୟ ଧାମ । ଏହିଠାରେ ଭିନ୍ନ ଭିନ୍ନ ମତାବଲମ୍ବୀମାନେ ନିଜନିଜ ଇଷ୍ଟ ଦେବତାର ପ୍ରତୀକ ଦେଖି ବିସ୍ମୟାଭିଭୂତ ହୋଇଥିଲେ । ଏହିଠାରେ ଶୂନ୍ୟବାଦୀ,ସାକାରୋପାସକ, ନିରାକାରରୋ-ପାସକ, ଦ୍ୱୈତବାଦୀ, ଅଦ୍ୱୈତ ବାଦୀ, ଶୈବ, ଶାକ୍ତ, ବୈଷ୍ଣବ, ସୌର, ଗାଣପତ୍ୟ ପ୍ରଭୃତି ଭିନ୍ନ ୨ ସମ୍ପ୍ରଦାୟ ମତର ସମନ୍ୱୟ ଦେଖିବାକୁ ମିଳେ । ସମସ୍ତେ ପୁରୁଷୋତ୍ତମଙ୍କୁ ନିଜ ନିଜର ଦେବତା ରୂପରେ ଗ୍ରହଣ କରି ଆସିଛନ୍ତି ।

ଏହି ଜଗନ୍ନାଥ ଧର୍ମ ହେଉଛି ପ୍ରକୃତ ଗଣଧର୍ମ । ଏଠାରେ ସମ୍ପ୍ରଦାୟିକତାର ଆଦୌ ସ୍ଥାନ ନାହିଁ । ଭାରତ ବର୍ଷର କୌଣସି

ସ୍ଥାନରେ କୌଣସି ଦେବତା ଶୂନ୍ୟର ପ୍ରତୀକ ରୂପରେ ପୂଜିତ ହେବାର ଶୁଣା ନାହିଁ—କେବଳ ଶ୍ରୀକ୍ଷେତ୍ରରେ ତାହା ସମ୍ଭବ ହୋଇଛି । ଏହି ଶ୍ରୀକ୍ଷେତ୍ରରେ ଭେଦବୁଦ୍ଧି କି ଭେଦଭାବ ନାହିଁ । ଏଠାରେ ଜାତିଭେଦ ଖାଦ୍ୟଭେଦ ସମ୍ପ୍ରଦାୟ ପ୍ରଭୃତି କୌଣସି-ଭେଦ ନାହିଁ । ଏହି କ୍ଷେତ୍ରରେ ସମସ୍ତେ ଏକାକାର । ସେଥିଲାଗି ଏ କ୍ଷେତ୍ରର ଠାକୁର ହେଉଛନ୍ତି ବଡ ଠାକୁର ଏବଂ ଦେଉଳ ହେଉଛି ବଡଦେଉଳ । ସ୍ୱର୍ଗ; ମର୍ତ୍ତ୍ୟ ପାତାଳ ତିନପୁରର ୭ଟି ଲେଖାଏ ଲୋକ ଅତିକ୍ରମ କଲେ ୨୧ଟି ପାହାଚ ଉପରକୁ ଉଠିଲେ ବାଇଶି ପାହାଚରେ ଯାଇ ବ୍ରହ୍ମ ଦର୍ଶନ ହୁଏ । ତେଣୁ ଏଠାରେ ୨୨ଟି ପାହାଚ ରହିଅଛି । ସେହି ବଡ ଠାକୁରଙ୍କ ସାଧନାର ମାର୍ଗ—

ଓଡ଼ିଶାର ସିଦ୍ଧସାଧକମାନେ ଗାଇଛନ୍ତି —

ମନକୁ ଅମନେ ରଖ
ମହା ନଟ୍ଟଖେଳ ଶୂନ୍ୟରେ ଦେଖ । ସୁମନରେ
ମହିମାଙ୍କ ନିଜରୂପ । ୨୫ ।
ଯତନେ ନାମକୁ ଧର । ଜୀବ ପରମଂକୁ ଓଁକାରେ ଭର । ସୁମନରେ
ଯୁଗେ ଯୁଗେ ଅଜ୍ରାମର ।
ରଙ୍ଗ ରାଜୀବଚରଣ । ରାତିଦିବସରେ ଲଗାଅ ଧ୍ୟାନ । ସୁମନରେ
ରହିଥିଉ ପିଣ୍ଡେ ପ୍ରାଣ ।
ଲୀଳା ଲଗିଅଛି ଦେଖ । ଲୋଟାଅ ଡୋଳାକୁ ଅମନଶିଖ ସୁମନରେ
ଲଭିବ ପରମସୁଖ ।
ବେନି କର୍ଣ୍ଣ ଶୂନ୍ୟେ ଡେର । ବଂଶୀ ଧ୍ୱନି ଶୁଭୁଅଛି ମଧୁର । ସୁମନରେ
ବାଜୁଛି ଦିବ୍ୟ ସୁସ୍ୱର ।
ସହସ୍ର ପଂଖୀ ଉପର । ଶୋଇଛନ୍ତି ସ୍ୱାମୀ ଶୂନ୍ୟ ଶିଖର । ସୁମନରେ
ଶୂନ୍ୟ ଅଟନା ମନ୍ଦିର ।

ଶୁକ୍ଳାମ୍ବର ବ୍ରହ୍ମରୂପ । ଶବଦ ଶଙ୍ଖରେ ହୋଇଛି ଗୋପ୍ୟ । ସୁମନରେ
ସୂକ୍ଷ୍ମରେ ମିଳେ ଅବଶ୍ୟ । ୩୧ ।

ସହଜାନନ୍ଦ ସ୍ୱରୂପ । ଶୂନ୍ୟରେ ନିଶୁଣି ଲଗାଇ ଦେଖ । ସୁମନରେ
ସନ୍ତୋଷିବ ତୋ ସନ୍ତାପ । ୩୨ ।

ଚଉତିଶା ମଧୁଚକ୍ର-ଘୋସାଇ

ଲାଗିଛି ଲୀଳା ନୀଳାଚଳରେ । ଅଣାକାର ମନ୍ତ୍ର ଶୂନ୍ୟ ମନ୍ଦରେ ।
ଦଶଦ୍ୱାର ବାଟ ଦଶ ଯେ କବାଟ । ଯିବାକୁ ସଙ୍କଟ ସରୁ ରନ୍ଧ୍ରରେ ।
ଫୁଲବନ୍ଧ କଣି ଓହଟ ଉଜାଣି । ଓଲଟି ବହିଛି ଏଥି ମଧ୍ୟରେ ।
ଅବାରଣ ଭୂଇଁ ବାରଣ ନୁହଇ । ଛଡ଼ ମୁଖୀ ଗାଈଗଲେ ସେଠାରେ ।
ଷୋଳ ଚେରରେ ଯେ ଚାର ଦୁଗ୍ଧ ଝରେ । ଅମନ ଶିଖରେ ସେ
ବାସ କରେ ।

ତହିଁ ବନ୍ଦୁ ଜଳ ଲହଡ଼ି ପ୍ରବଳ । ଲାଗିଛି ଭଜନ ଶୂନ୍ୟ ମନ୍ଦରେ
କହଇ ଅଚ୍ୟୁତ ଅଜ୍ଞାନ ଅଟଇ ଶବଦକୁ ଭଜ ସଦତାଙ୍ଗରେ ।
ଅଷ୍ଟଗୁଞ୍ଜର ପୃ ୧୦୪ା ।

———

# ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ

## ମୂଳଗ୍ରନ୍ଥ

ଅନୁବାଦ ବିଶଦାର୍ଥ, ସମଭାବ ପଦ୍ୟ ଏବଂ ପଦଟୀକା ସହିତ
ମୂଳ କବିତାର ପ୍ରତ୍ୟେକ ପଂକ୍ତିପରେ ଅନୁବାଦ ରହିଅଛି ।

# ଚର୍ଯ୍ୟାଚର୍ଯ୍ୟ-ବିନିଶ୍ଚୟଃ ।

## ନମଃ ଶ୍ରୀ ବଜ୍ର ଯୋଗିନ୍ୟୈ

ଲୁଇପାଦାନାମ୍ — (୧)

କାଆ ତରୁବର ପଞ୍ଚ ବି ଡାଲ । ଚଞ୍ଚଲ ଚିଏ ପଇଠା (୧) କାଲ ।
କାୟା ତରୁବର ପଞ୍ଚ ବି ଡାଳ । ଚଞ୍ଚଳ ଚିତ୍ତେ ପଇଠୋ କାଳ
ଦିଢ଼ (୨) କରିଅ ମହାସୁହ ପରିମାଣ । ଲୁଇ ଭଣଇ ଗୁରୁ ପୁଚ୍ଛିଅ ଜାଣ ।
ଦୃଢକରି ମହାସୁଖ ପରିମାଣ । ଲୁଇ ଭଣଇ ଗୁରୁ ପୁଚ୍ଛିଣ ଜାଣ ।
ସଅଲ ସମାହିଅ କାହିକରି ଅଇ । ସୁଖ ଦୁଃଖେ ତେଁ ନିଚିତ ମରିଅଇ (୩)
ସକଳ ସମାଧିତ କାହିଁ କରିବଇଁ । ସୁଖ ଦୁଃଖେତେ ନିଶ୍ଚିତ ମରିବଇ ।
ଏଡି ଏଉ (୪) ଛାନ୍ଦକ ବାନ୍ଧ କରଣକ ପାଟେର (୫) ଆସ ।
ସୁନ ପାଖ ଭିତି (୬) ଲେହୁରେ (୭) ପାଶ ।
ଏଡ଼ି ଏହୁ ଛନ୍ଦକ ବାନ୍ଧ କରଣକ ପାଟର ଆଶା ।
ଶୂନ୍ୟ (ସୁନ୍) ପକ୍ଷ ଭିଡି ଲେଭରେ ପାଶ ।
ଭଣଇ ଲୁଇ ଆମ୍ହେ ଝାଣେ (୮) ଦିଠାଁ । ।
ଧମଣ ଚମଣ ବେଣି ପିଣ୍ଡି (୯) ବଇଠା (୧୦)
ଭଣଇ ଲୁଇ ଆମ୍ଭେ ଧ୍ୟାନେ ଦେଖା । ଧମଣ ଚମଣ ବେନି ପିଣ୍ଡି ବଇଠା ।

ଶ୍ରୀମତ୍ ସଦ୍‌ଗୁରୁ ବକ୍ତ୍ର ପଙ୍କଜ ରସାସ୍ୱାଦ ସ୍ଫୁରଦ୍ଧୀଦୟୋ
ନତ୍ୱା ଶ୍ରୀକୁଲଶେଖର ମଦ୍ଧ୍ୟୁପୃଧ୍ୱୟଂ ଶ୍ରଦ୍ଧା ପ୍ରସନ୍ନାନନଃ ।
ଶ୍ରୀ ଲୂୟୀ ଚରଣାଦି ସିଦ୍ଧ ରଚିତେଽପ୍ୟାଶ୍ଚର୍ଯ୍ୟ ଚର୍ଯ୍ୟାଚୟେ
ସଦ୍‌ବର୍ତ୍ମା ବଗମାୟ ନିର୍ମଳଗିରାଂ ଟୀକାଂ ବିଧାସ୍ୟେ ସ୍ଫୁଟମ୍ ।

---

୧-ପଇଠୋ (କ)
୨-ଦିଢ (କ)
୩-ମରିଆଇ ,,
୪-ଏଡି ଏଉ ,,
୫-କରଣପଟେର (ଖ)
୬-ଭିତି (ଗ)
୭-ଲହୁରେ (କ)
୮-ସାଣ (କ)
୯-ପାଣ୍ଡି (କ)
୧୦-ବଇନ (କ)

ଯତ ପଞ୍ଚମଞ୍ଜର୍ଯ୍ୟା — କାଆ ତରୁବରୈତ୍ୟାଦି—ଶ୍ରୀ ମଦ୍‌ଗୁରୁଚରଣାରବିନ୍ଦ ମକରନ୍ଦ ବିନ୍ଦୁ ସନ୍ଦୋହଶାନ୍ତ ସନ୍ତର୍ପିତାନନ୍ଦସ୍ତିମିତ ହୃଦୟଃ ସତ୍ୟାହ୍ୱୟ ମହାମୋହଭ୍ରମ ଜଳଧି ମଧ୍ୟ ନିମଗ୍ନ ଽ ଶରଣାପନ୍ନଜନ ସମୁଦ୍ଧରଣ କାମୋହ ସିଦ୍ଧାଚାର୍ଯ୍ୟ ଶ୍ରୀ ଲୁଇପାଦଃ ପ୍ରଣିଧିପ୍ରେରିତାବତାରଣାର୍ଥଂ କାଆତରୁ ବ୍ୟାଜେନ ବୁଦ୍ଧଧର୍ମ ତା ଗୀତିକାଂ ପ୍ରାକୃତ ଭାଷୟା ରଚୟିତୁମାହ କାୟେତ୍ୟାଦି । ରୂପାଦୟଃ ପଞ୍ଚସ୍କନ୍ଧାଃ । ଷଡିନ୍ଦ୍ରିୟାଣି ଧାତବୋ ବିଷୟାଂଶ୍ଚ ଗ୍ରାହ୍ୟଗ୍ରାହକ ଗ୍ରହଣୋପଲକ୍ଷିତପଲ୍ଲବତ୍ୱାତ୍ କାୟତରୁବରତ୍ୱେନ ଗୃହୀତଃ । ନନ୍ୱଚେତନତ୍ୱାତ୍ କଥଂ କାୟସ୍ତରୁବରଃ । ନୈଷ ଦୋଷଃ ।

ତଥୈବ ବହୁଶାସ୍ତ୍ରକାରୈରପ୍ୟୁକ୍ତ ପ୍ରେକ୍ଷାଳଙ୍କାରୈ ପରୈଃ କଞ୍ଚିଦ୍ ଭେଦାଧିଷ୍ଠାନଂ ହି ସାଦୃଶ୍ୟ ମୁପାଗତଂ । କମୁତାସ୍ୟ ପ୍ରାକୃତ୍ୟାଦିଷ ଦୋଷବଶାତ୍ ଗୃଞ୍ଜଲ୍ୟତୟା ପ୍ରାକୃତ ସତ୍ତ୍ୱେନାତ୍ୟନ୍ତରୂପୋହ ବିନ୍ଦୁଃ । ସ ଏବ କାଳଃ । କୃଷ୍ଣପ୍ରତିପଦ୍ଦଶାୟାଂ ପ୍ରବିଷ୍ଟଃ । ଯସ୍ମାତ୍ ନନ୍ଦାଭଦ୍ରା-ଜୟାରିକ୍ତା ପୂର୍ଣ୍ଣା ତିଥିକ୍ରମେଣ ସଂବୃତ୍ତି ବୋଧି ଚିତ୍ତମୃଗାଙ୍କ ଶେଷଂ ନୟୂଛାତି । ଅସ୍ୟମତ୍ୟର୍ଥଂ କୃଷ୍ଣାଚାର୍ଯ୍ୟ ପାଦୈରଭିହିତଃ—

ବରଗିରି କନ୍ଦର ଗୁହିର ଜଗୁ ସଏଲ ଟିଉଟଇ
ବିମଳ ସଲିଲ ଶୋଷ ଯାଇସୁ କାଳଗ୍ନି ପଇଠଇ ।

ତଥା ଚ ଭତ୍ତବଜ୍ରେ—

ପତିତେ ବୋଧି ଚିତ୍ତେ ତୁ ସର୍ବସିଦ୍ଧି ନିଧାନକେ
ମୂର୍ଚ୍ଛିତେ ସ୍କନ୍ଧବିଜ୍ଞାନେ କୁତଃ ସିଦ୍ଧିର ନିନ୍ଦିତା ।

ତଥା ଚ ସମ୍ପୁଟୋଦ୍ଭବ ତନ୍ତ୍ରରାଜେ—

ଅନଳ୍ପସଂକଳ୍ପ ତମୋଭିଭୂତଂ
ପ୍ରଭଞ୍ଜନୋନ୍ମତ୍ତ ତଡିଚ୍ଚଳଞ୍ଚ
ରାଗାଦି ଦୁର୍ବାର ମଳାବଲିପ୍ତଂ
ଚିତ୍ତଂ ହି ସଂସାରମୁବାଚ ବଜ୍ରୀ ।

ତସ୍ମାତ୍ ଯେ କେଚତ୍ ପ୍ରାଦେଶିକାଃ ପରପକ୍ୱକୁଶଳାଃ ଭଗବତଃ ପଞ୍ଚକ୍ରମ —ପ୍ରବେଶୋପାୟଧାରଣପୂର୍ବେଣ ଯୁଗନଦ୍ଧରୂପଂ ସହଜାନନ୍ଦଫଳଂ ସତତ ମନ୍ୱେଷୟନ୍ତି ତେଽପି ବଜ୍ରୋପମ ସମାଧିଂ ସାକ୍ଷାତ୍ କୁର୍ବନ୍ତି । ଆର୍ଯ୍ୟଦେବପାଦୈରପ୍ୟୁକ୍ତଂ ପଞ୍ଚକ୍ରମାନୁପୂର୍ବେଣ ବିନା ନିଷ୍ପନ୍ନ କ୍ରମ-ସମ୍ବୋଧିଂ ସାକ୍ଷାତ୍କର୍ତ୍ତୁଂ ନ ପ୍ରାପ୍ୟତେ ।

ବିଟକସ୍ଥାଦି । ଅନେନୋପାଶକ ସମ୍ବରକର୍ମାନୁପୂର୍ବା ଯଥା ପରପାଠ୍ୟାଭି-ଷିକ୍ତୋ ଯେ ଗିବରଃ ସମୟସଙ୍କେତ ଦ୍ରବ୍ୟାଚର୍ଯ୍ୟାଦିନେରଣ ସଦ୍ଗୁରୁମାରାଧ୍ୟ ଢର୍ ରତୈ ପ୍ରଜ୍ଞାଜ୍ଞାନାଭିଷେକଂ ଲବ୍ଧ୍ୱା ଦୃଢଂ ଯଥା ଭବନ୍ତି, ତଥା ମହାସୁଖଂ ଚତୁର୍ଥାନନ୍ଦତ୍ୱଂ ଫଟମାଣସ୍ୟ ।

ଭଣଇ ଲୁଇ ଇତ୍ୟାଦି । ତସ୍ମିନ୍ କୁଳଶାରଦ୍ଧନ୍ଦ ସଂଯୋଗାକ୍ଷରସୁଖୋପାୟଂ ଶ୍ରୀଗୁରୁନ୍ ପୃଷ୍ଟ୍ୱା ବରମାନନ୍ଦେ ବ୍ୟାପ୍ୟବ୍ୟାପକତୟା ସର୍ବଧର୍ମାନୁ ପଲମ୍ବରୂପଂ ସହଜାନନ୍ଦ ମହାସୁଖଂ ଅଦ୍ୱନର୍ଶଂ ଜାନାନ୍ତି ।

ତଥାଚ ଶ୍ରୀ ସମାଜେ—

ନ ବିନା ବଜ୍ରପୁରୁଷା ସର୍ବକ୍ଲେଶ ପ୍ରହାଣକଂ
ନିର୍ବାଣଞ୍ଚ ପଦଂ ଶାନ୍ତମବୈବର୍ତ୍ତିକମାପ୍ନୁୟାତ୍ ।

ତଥାଚ ନାଗାର୍ଜୁନ ପାଦୈଃ ବଜ୍ରଜାପେ ପ୍ରୋକ୍ତଂ—

ଶୀଷନ୍ମୂର୍ଦ୍ଧ୍ନଃ ପ୍ରପତେଦ୍ଭୁ କଶ୍ଚିତ୍
ନେଚ୍ଛେଦୂର୍ଦ୍ଧ୍ୱଂ ହି ତ୍ୟଜତେ ତଥ ପି ।
ଗୁରୁ ପ୍ରସାଦାତ୍ତୁ ହିତୋପଦେଶଃ
ଇଚ୍ଛେନ୍ନ ମୋକ୍ଷଞ୍ଚ ତଥାପି ମୁକ୍ତଃ ।

ସରହପାଦୈରପ୍ୟୁକ୍ତଂ ପ୍ରବନ୍ଧେ—

ଯା ସା ସଂସାର ଚକ୍ରଂ ବିରଚୟତି ମନଃ ସନ୍ନିଯୋଗାତ୍ମ ହେତୋଃ
ସା ଧୀମଂସ୍ୟ ପ୍ରସାଦାଦ୍ଦିଶତି ନିଜଭୁବଂ ସ୍ୱାମିନୋନିଷ୍ପ୍ରପଞ୍ଚଂ ।

ତତ ପ୍ରତ୍ୟାତ୍ମ ବେଦ୍ୟଂ ସମୁଦୟତି ସୁଖଂ କଳ୍ପନା ଜାଲମୁକ୍ତଂ
କୁର୍ଯ୍ୟାତ୍ ତସ୍ୟାଂଘ୍ରି ଯୁଗ୍ମଂ ଶିରସି ସବନସ୍ଥଂ ସଦ୍‌ଗୁରୋଃ
ସର୍ବକାଳଂ ।

ଶ୍ରୀ ହେବଜ୍ରେଽପି—

ଆତ୍ମନା ଜ୍ଞାୟତେ ପୁଣ୍ୟାତ୍ ଗୁରୁପୂର୍ବୋପସେବୟା ।
ପଦାନ୍ତରେଣ ମହାରାଗନୟସ୍ୟ ସମାଧ୍ୟୁଦ୍ଦୀପୟନ୍ନନୁଶଂସାମାହ ।
ସଞ୍ଚଳ ସମାହିତ୍ୟାଦ୍ଧ । ଭଗବତୈବ ନୟଭେଦେନାନଂତାପର୍ଯ୍ୟନ୍ତଃ ସମାଧୟୋ
ଦଶାକୁଶଲପରିହାରାସ୍ତୁ ଇନ୍ଦ୍ରିୟନିରୋଧାସ୍ତୁ ନିର୍ଦ୍ଦିଷ୍ଟାଃ । ତୈରପି ସମାଧିଭିଃ
ମହାରାଗନୟସ୍ୟ ସୁଖରହିତତ୍ୱାତ୍ ଦୁଷ୍କର ପୋଷଧାଦ ନୟମୈଶ୍ଚ କଞ୍ଜନ୍ନ କ୍ରିୟତେ ।

ଅତଃ ଶ୍ରୀ ସମାଜେ—

ଦୁଷ୍କରୈର୍ନିୟମୈସ୍ତୀବ୍ରୈର୍ମୂର୍ତ୍ତିଃ ଶୁଷ୍ୟତି ଦୁଃଖିତା
ଦୁଃଖାଦ୍ଧି କ୍ଷିପ୍ୟତେ ଚିତ୍ତଂ ବିକ୍ଷେପାତ୍ ସିଦ୍ଧିରନ୍ୟଥା । ଇତି ।

ତଥାଚ ଶ୍ରୀ ହେବଜ୍ରେ —

ରାଗେଣ ବଧ୍ୟତେ ଲୋକୋ ରାଗେଣୈବ ବିମୁଚ୍ୟତେ ।
ବିପରୀତ ଭାବନା ହ୍ୟେଷା ନ ଜ୍ଞାତା ବୁଦ୍ଧତୀର୍ଥିକୈଃ । ଇତି ।
ଏବଂ ମହାସୁଖାବଘାତେନ ରହିତତ୍ୱେନ ବୁଦ୍ଧତୀର୍ଥିକୋ ବହୂନ ଦୁଃଖାନ୍ୟନୁ
ଭୂୟ ଉତ୍ପଦ୍ୟନ୍ତେ ମ୍ରିୟନ୍ତେ ଚ । ନ ତେ ତସ୍ୟ ଭାଗିନଃ ।

ତଥା ଶୃଗମଃ—

ତତ୍ତ୍ୱହୀନା ନ ସିଦ୍ଧ୍ୟନ୍ତି କଳ୍ପକୋଟି ଶତୈରପୀତିବଚନାତ୍ ।
ମହାରାଗନୟସ୍ୟ ଚର୍ଯ୍ୟାମପ୍ୟାହ ।

ଶ୍ରୀ ସମାଜେ—

ପଞ୍ଚ କାମାନ୍ ପରିତ୍ୟଜ୍ୟ ତପୋଭିର୍ନଚ ପୀଡୟେତ୍
ସୁଖେନ ସାଧୟେଦ୍ ବୋଧିଂ ଯୋଗତନ୍ତ୍ରାନୁସାରତଃ ।

ତଥାଚ ସରହପାଦୈଃ—

ତନୁତରଚିତ୍ତାଙ୍କୁରକୋ ବିଷୟ ରସୈର୍ଯଦି ନସିଚ୍ୟତେ ଶୁଦ୍ଧୈଃ
ଗଗନବ୍ୟାପୀ ଫଳଦଃ କଳ୍ପତରୁତ୍ୱଂ କଥଂ ଲଭତେ ।

ମହାସୁଗନସ୍ୟ ତର୍ଯ୍ୟାର୍ଥନିଷ୍ୟନ୍ଦ ସାକ୍ଷାତ୍ ପ୍ରାମାଣାନ୍ୟ ନ୍ୟେଷାଂ ବିତଥ
ଜ୍ଞାନାଭିନିବିଷ୍ଟ ନାଂ ଆଗ୍ରହ ଖଣ୍ଡନାର୍ଥଂ ତୃତୀୟ ପଦମାହ ।
ଏଉ ଏଉ ଇତ୍ୟାଦି । ପଞ୍ଚାଙ୍ଗନ୍ଦମେ ଓଡ୍‌ଡ଼ିୟାନ କରଣାଦିବନ୍ଧନ୍ ହାୟ
ଶୂନ୍ୟତା ପକ୍ଷକେତ ନୈରାତ୍ମଧର୍ମପାଶମିତ ସମୀଚଂ ତଦୀୟାଲିଙ୍ଗନଂ କୁରୁ ।
ରେ ସମ୍ବୋଧନଂ । ଭୋ ମୋକ୍ଷଶୀଳାଃ ।

ତଥା ଗୃଗମଃ—

ଏତାନ ତାନ ଶିଖରିଣି ସମୁନ୍ନତାନ
ସତ୍‌କାୟଦୃଷ୍ଟି ବିପୁଳାଚଳ ଶୃଙ୍ଗଟାନ
ନୈରାତ୍ମବୋଧକୁଳଶେନ ବିଦାରିତାତ୍ମା
ଭେଦଂ ପ୍ରୟାନ୍ତି ସହଜୈରପି ଦୁଃଖଶୀଳୈଃ ।

ଚତୁର୍ଥ ପଦେନ ଯଥା ଭୂତଧର୍ମ୍ୟମାହାତ୍ମ୍ୟଦୃଷ୍ଟି ପ୍ରତ୍ୟୟତା ମାହ—
ଭଣଇ ଇତ୍ୟାଦି—ଆଦିସିଦ୍ଧାଚାର୍ଯ୍ୟ ଲୁୟୀପାଦ ଏବଂ ବଦନ୍ତି, ମୟା
ଲୁଇପାଦେନ ସିଦ୍ଧ ତର୍ଯ୍ୟେଣ ଧ୍ୟାନବସନେନ୍ତ । ମନୋବିଜ୍ଞାନେ
ବିଷୟେନ୍ଦ୍ରିୟବଳୟତ୍ୱାତ୍ । ଶ୍ରୀ ଗୁରୋ ଚତୁର୍ଥେ ପଦେଶଲବ୍ଧାଭ୍ୟାସେନ
ଯୁଗନଦ୍ଧରୂପଂ ଦୃଷ୍ଟଂ ।

ତଥା ସ୍ଥଗମେ—

ଇନ୍ଦ୍ରିୟାଣି ସ୍ୱପନ୍ତୀବ ମନୋନ୍ତର୍ବିଶତୀ-ବ ଚ
ନଷ୍ଟଚେଷ୍ଟ ଇବାଭାତି କାୟଃ ସତ୍‌ସୁଖମୂର୍ଚ୍ଛିତଃ ।

ଧବନଂ ଶଶିଶୁଦ୍ଧ୍ୟାଳନା ଚରଣଂ ରବିଶୁଦ୍ଧ୍ୟା କାଳନା ତଦୁଭୟ'ମାସନଂ
କୃତ୍ୱା ସ୍ୱ ଦେବତାହଙ୍କାରୋପବିଷ୍ଟଃ ସନ୍ ସାକ୍ଷାତ୍ କୃତଂ ।

ତଥାତ ଦ୍ୱିକଲ୍ପେ—

ଆଳକାଳ ସମାଯୋଗୋ ବଜ୍ରସତ୍ତ୍ୱସ୍ୟ ବିସ୍ତରଂ । ଇତି । ୧ ।

—୦—

ଅର୍ଥ—ଦେହକୁ ତରୁ ସହିତ ତୁଳନା କରା ହୋଇଛି । ଗଛରେ ପାଞ୍ଚଟି ଡାଳଥାଏ ଦେହରେ ମଧ୍ୟ ପଞ୍ଚଇନ୍ଦ୍ରିୟ ବା ପଞ୍ଚସ୍କନ୍ଧ ରହିଅଛି । ଏହି ଇନ୍ଦ୍ରିୟଙ୍କ ପ୍ରଭାବରୁ ଚିତ୍ତ ଚଞ୍ଚଳହୁଏ । ତେଣୁ ଦେହରେ କାଳ (ମୃତ୍ୟୁ) ଆସି ପଶଇ । ଚିତ୍ତର ଏହି ଚଞ୍ଚଳତା ଦୂର ହେଲେ, ଚିତ୍ତଦୃଢ଼, ସ୍ଥିରହେଲେ ମହାସୁଖ ଲଭହୁଏ । ଚିତ୍ତ ଦୃଢ଼କରିବାର ଉପାୟ ଗୁରୁଙ୍କୁ ପଚାରି ବୁଝିବାକୁ ହେବ ବୋଲି ଲୁଇପାଦ କହିଲେ । ସୁଖ ଦୁଃଖ ମଣିଷକୁ ଘେରି ରହିଛି । ସଂସାରରେ ଏହି ସୁଖ ଦୁଃଖ ଭୋଗକରି ମଣିଷ ମରେ । ସମାଧି ମଣିଷକୁ ଦୁଃଖରୁ ମୁକ୍ତକରି ପାରେନାହିଁ । ତେଣୁ ସମାଧି ବା ଯୋଗର ଆବଶ୍ୟକତା ନାହିଁ ।

ବାସନାର ବନ୍ଧନ ଓ ଇନ୍ଦ୍ରଜାଲ ଜୟକରି ଶୂନ୍ୟତତ୍ତ୍ୱ ଉପଲବ୍ଧି କର । ସଂସାର ଅସାର । ଏହାର ପ୍ରକୃତରେ ଅସ୍ତିତ୍ୱ ନାହିଁ । ସଂସାରର ଏହି ଅସାରତା ହୃଦୟଙ୍ଗମ କଲେ ଅସାର ବସ୍ତୁର ଉପଭୋଗ ଲାଗି ପ୍ରବୃତ୍ତି ଜନ୍ମିବ ନାହିଁ । ତହୁଁ ବାସନାର ନିବୃତ୍ତି ହେବ । ବନ୍ଧନକୁ ଏଡ଼ି ପାଟସୂତାରେ ଜାଲ ବାନ୍ଧି ପକ୍ଷୀ ଧରି ପାଖକୁ ନେଲାପରି ବାସନାକୁ- ଏଡ଼ି ଇନ୍ଦ୍ରିୟଙ୍କୁ ବାନ୍ଧି ଶୂନ୍ୟତାକୁଭକ୍ତି ପାଖକୁ ଆଣ । ଲୁଇପାଦ ଚନ୍ଦ୍ରସୂର୍ଯ୍ୟ ନାମକ ଦୁଇଟି ପିଣ୍ଡି ଉପରେ ବସି ଧ୍ୟାନରେ ଏହି ଶୂନ୍ୟତତ୍ତ୍ୱ ଉପଲବ୍ଧି କରିଛନ୍ତି ବୋଲି କହୁଛନ୍ତି । ଅର୍ଥାତ୍ ଇଡ଼ାପିଙ୍ଗଳା ନାଡ଼ୀର ପବନ ରୋଧ କରି ସୁଷୁମ୍ନାରେ ଗୃହିତ କରି ଶୂନ୍ୟତାର ଅନୁଭବ କରିଛନ୍ତି ।

—୦—

# ଓଡ଼ିଆ ସାହିତ୍ୟରେ
# ସମଭାବ ପଦ୍ୟ

—o—

ଅନେକ କାଳେ ଯୋଗସିଦ୍ଧ ହୁଅଇ ଜ୍ଞାନ ପ୍ରକାଶଇ ଆସି
କାୟାଗଲେ ଆତ୍ମା ବଅର୍ଥ ହୁଅଇ ଯୋଗକାରଣକୁ ନାଶି ।

(ଶୂ: ସ: ପୃ ୧୩୪)

ପଞ୍ଚଭୂତ ମଧ୍ୟେ ବ୍ୟାପି । ଖେଳନ୍ତି ପରମ ସ୍ୱରୂପୀ ।
ବିନା ଉଜାଣି ବଳାଇ । କେ ଅଛୁ ସିଦ୍ଧ ଅଙ୍ଗଧୋଇ ।
ଓଲଟ ଉଜାଣି ଚଳିଲେ । ପୂରିତ ମାନସସରୋବରେ ।
ପରମ ଅଙ୍ଗେ ଜୀବମିଶେ । ଏ ଆତ୍ମା ନିର୍ମଳ ପ୍ରକାଶେ ।
ନଷ୍ଟେ ଭେଟିବ ଆଦ୍ୟକନ୍ଦ । ନାହିଁ ଟଳିବ ନିଜ ବୃନ୍ଦ ।
ସେ ପୂର୍ଣ୍ଣବ୍ରହ୍ମ ଶୂନ୍ୟବାସୀ । ଗୁରୁମୁଖେ ଶରଣ ନିବେଶି ।

* * * * * * * * * *

ଶୂନ୍ୟାଦ୍ଧ ଶୂନ୍ୟେ ଅଛି ବ୍ୟାପି । ସିଦ୍ଧ ପୁରୁଷ ଯେ ଅରୂପୀ ।
ଗୁରୁ ସେବିଲେ ଏହା ଜାଣି । ଗୁରୁବଚନ ମୁକ୍ତି ମଣି ।

(ବ୍ରହ୍ମଶାଙ୍କୁଳ ୨୭ ପୃ)

କହିବା ଶୁଣ ଓଲଟ ବୃକ୍ଷର କଥା ।
ଅଶ୍ୱତ୍ଥ ସ୍ଥାବର ପ୍ରାପ୍ତ ଅଟେ କେଶ ମଥା ।
ତଳକୁ କର ପଲ୍ଲବ ରହିଥାଇ ଲମ୍ବି ।
ପାଉଥିଲେ ଶିଖେ ରସ ଏ ବୃକ୍ଷ ପଲ୍ଲବ ।

(ନୃସିଂହ ପୁରାଣ ପୃ ୧୧୭) ୬ଷ୍ଠ ରତ୍ନାକର ।

## ପଦଟୀକା :—

କାଆ—କାୟା, ସଂ-କାୟ

ତରୁବର—ତତ୍‌ସମ

ପଞ୍ଚ—ଓ-ପାଞ୍ଚ

ବି—ସଂ-ଅପି, ପ୍ରା-ପି,ବି,ଓ-ବି

ଚଞ୍ଚଳ—ତତ୍‌ସମ

ଚିଏ—ଚିତ୍ତେ, ଏ ସପ୍ତମୀର ଚିହ୍ନ ଓ-ଚିତ୍ତ-ଚିଆଁ-ଯଥା- ଚିଆଁ ଚଇତନ ।

ପଇଠା—ସଂ-ପ୍ରବିଷ୍ଟ, ଓ—ପଇଠ ଭିନ୍ନ ଅର୍ଥରେ-ଯଥା-ଦଶଟଙ୍କା ପଇଠଦେଲି-ହାତପଇଠ

କାଲ—ତତ୍‌ସମ

ଦିଢ—ସଂ-ଦୃଢ; ଓ—ଦଢ

କରିଅ—କର; ଲ୍ୟପ୍‌ସ୍ଥାନେ ଇଅ ।

ମହାସୁହ—ମହାସୁଖ

ପରିମାଣ—ପର+ମା+ଅନ୍ = ପରିମାଣ (ନାମଧାତୁ) କମ୍ବା ଅନୁଜ୍ଞା (ଲୋଟ୍) ମଧ୍ୟମ ପୁରୁଷ । ପ୍ରମାଣକୁ ଓଡିଆରେ ପରିମାଣ କହନ୍ତି ।

ଲୁଇ—୧ମା

ଭଣଇ—ଓ, ସଂ-ଭଣତି, ପ୍ରା-ଭଣଇ

ଗୁରୁ—୨ୟା କର୍ମକାରକ

ପୁଚ୍ଛିଅ—ପୁଚ୍ଛି-ଲ୍ୟପ୍‌ସ୍ଥାନେ ଇଅ ପ୍ରଚ୍ଛଧାତୁ, ଓ-ପୁଚ୍ଛଧାତୁ ।

ଜାଣ-ସଂ-ଜ୍ଞା ଧାତୁ, ଓ ଜାଣଧାତୁ ଅନୁଜ୍ଞା-ମଧ୍ୟମ ପୁରୁଷ ।

ସଅଲ—ସକଳ

ସମାହିଅ—ସମାଧିତ, ୩ୟା ବିଭକ୍ତି -ଟୀ-ସମାଧିଭିଃ ।

କାହ୍ନି—ସଂ-କସ୍ମିନ୍ ପ୍ରା- କସ୍ସିଂ, କାହ୍ନି ଏଠାରେ ଅର୍ଥ "କାହ୍ନିକି"-ଏପରି ପ୍ରୟୋଗ ପ୍ରାଚୀନ ଓଡ଼ିଆ ପଦ୍ୟରେ ଅଛି ।

କରିଅଇ—ସଂ- କରୋମି, ଓ- କରିବଇଁ, କରଇଁ, କରିମି, କରିବି, କରିମଇଁ, କରିବଇଁ । ଇକାରର ବିପ୍ରକର୍ଷ ଯୋଗୁ କରିମଇ କରିବଇ,

ସୁଖଦୁଖେତେ—ସୁଖ ଦୁଖରେ ।

ନିଚିତ—ସଂ-ନିଶ୍ଚିତ

ମରିଅଇ - ସଂ-ମୃଧାତୁ, ଓ ମର-ଧାତୁ ଉତ୍ତମ ପୁରୁଷ, ମରିବଇଁ ମରିମି, ମରିବି ।

ଏନ୍ତ—ଓ-ଏଣ୍ଡଧାତୁ ଅସମାପିକା କ୍ରିୟା ସ୍ଥାନେ ଇ ।

ଏଉ—ସଂ-ଏତଦ୍ ପ୍ରା-ଏସୋ, ଓ-ଏହୁ, ଏଉ ।

ଛନ୍ଦକ— ଛନ୍ଦ+କ, ଛନ୍ଦ - ବାସନା ।

ପାଟେର—ପାଟର, ସଂ ପଟ୍ଟ, ଭସ୍ତୀ ।

ଆସ—ଆଶା ।

ସୁନୁ—ସଂ-ଶୂନ୍ୟ, ଓ-ସୁନ ।

ପାଖ—ପକ୍ଷ

ଭଙ୍ଗ—ଓ; ଟାଣି ଭଜ୍ ଧାତୁ ଅସମାପିକା କ୍ରିୟା

ଲେନ୍ହୁ—ନେହୁ, ନେଉ । ଓଡ଼ିଆରେ ଲେଭ କଣ୍ଠକରେ ନ ର ଲ ଉଚ୍ଚାରଣ ହୁଏ ।

କଥାରେ କହନ୍ତ—ଲ ପଇବାରେ ଲଡ଼ିଆ ଲବଚୁ ଲେ ଲ ଲେଲେ ଲାହୁଁ ।

ପାର୍ଓ—ପାର୍ଶ୍ୱ,—ଓ ପାସ, ପାଖ

ଆମ୍ଭେ—ଓ, ପ୍ରା-ଅମ୍ହେ, ସଂ, ଅସ୍ମେ

ଝାଣେ—ଧ୍ୟାନେ

ଦଠା—ଦୃଷ୍ଟ-ପ୍ରା-ଦଟ୍ଠ ।

ଧମଣ—ଚନ୍ଦ୍ର ଶୁଦ୍ଧି (ଇଡ଼ା)

ଚମଣ—ରବିଶୁଦ୍ଧି (ପିଙ୍ଗଳା)

ବେଣି—ସଂ ବେଣୀ ଓ ବେନ ।

ପିଣ୍ଡି—ସଂ ପିଣ୍ଡ ଓ ପିଣ୍ଡା କ୍ଷୁଦ୍ରାର୍ଥରେ ଇ ପିଣ୍ଡ ।

ବଇଠା—ସଂ-ବସ୍ଥ (ବସି) ଓ ବଇଠି ।

—o—

# ରାଗ ଗବଡା (ଗଉଡ଼ା)

## କୁକ୍କୁରୀ ପାଦାନାମ୍—

ଦୁଲି ଦୁହି ପିଟା ଧରଣ ନ ଜାଇ ।
ଓଡ଼ିଆ—କୁଲ ଦୁହିଁ ପଟେ ଧରଣ ନ ଯାଇ ।
ରୁଖେର ତେନ୍ତୁଲୀ କୁମ୍ଭୀରେ ଖାଅ । (୧)
ଓ—ବୃକ୍ଷର ତେନ୍ତୁଳୀ କୁମ୍ଭୀରେ ଖାଇ ।
ଆଙ୍ଗଣ ଘରପଣ ଶୁଣ ଭୋ ବିଆତି ।
ଓ—ଅଙ୍ଗଣା (ଆପଣା) ଘରପଣ ଶୁଣ ଭୋ ବିଜାତି ।
କାନେଟ ଚୌରେ (୨) ନିଲ ଅଧରାତି ।
ଓ—କାନେଟ ଚୌରେ ନେଲା ଅଧରାତି ।
ସୁସୁରା ନିଦ ଗେଲ ବହୁଡ଼ୀ ଜାଗଅ ।
ଓ—ସସୁର ନିଦ ଗଲା ବହୁଟୀ ଜାଗଇ ।
କାନେଟ ଚୌରେ ନିଲ କା ଗଇ ମାଗଅ ।
ଓ—କାନେଟ ଚୌରେ ନେଲା କାହିଁ ଯାଇ ମାଗଇ ?
ଦିବସଇ ବହୁଡ଼ୀ କାଡ଼ଇ (୩) ଡରେ ଭାଅ ।
ଓ—ଦିବସହିଁ ବହୁଟି କାଉଇ ଡରେ ଭାତ ।
ରାତି ଭଇଲେ କାମରୁ ଜାଅ ।
ଓ—ରାତି ହୋଇଲେ କାମରୁ ଯାଇ ।
ଅଇସନ ଚର୍ଯ୍ୟା କୁକ୍କୁରୀପାଏଁ ଗାଇଡ଼ ।
ଓ—ଏସନ ଚର୍ଯ୍ୟା କୁକ୍କୁରୀପାଦେ ଗାଇଲ
କୋଡ଼ି ମାଝେଁ ଏକୁ (୪) ହିଅହି ସମାଇଡ଼ (୫)
ଓ—କୋଡ଼ି ମାଝେଁ ଏକ ହିଆରେ ସମ୍ଭାଇଲା ।

---

୧—ଖାଇ—(କ)
୨—ଚୌରେ—ଗ
୩—କାଗ, ଖ
୪—ଏକୁଡ଼ି ଅହିଁ କ
୫—ସନାଇଡ଼ କ

ତମେବ ମହାସୁଖରାଜାନଂ ସ୍ୱାନନ୍ଦାସବ ପାନ ପ୍ରମୋଦମନସା କୁକୁଙ୍କୁ ପାଦାଃ ସନ୍ଧ୍ୟାଭାଷୟା ପ୍ରକଟୟିତୁମାହ—

ଦୁଲ୍ଲିତ୍ୟାଦି—ଦ୍ୱୟାକାରଂ ଯସ୍ମିନ୍ ଲ୍ଲୀନଂ ଗତଂ ମହାସୁଖକମଲଂ । ଦୁଲ ସନ୍ଧ୍ୟାସଙ୍କେତେ ବୋଧବ୍ୟଂ । କର୍ମମୁଦ୍ରାପ୍ରସଙ୍ଗାତ୍ ଆନନ୍ଦାଦି କ୍ଷମଦ୍ୱାରେଣ ତସ୍ୟ ଦୋହନଂ ସମ୍ବୃତିବୋଧିଚିତ୍ତଂ ତତ୍ ଅବଧୂତିମାର୍ଗେଣ ଗତ୍ୱା ପୀଠକେ ବଜ୍ରମଣୌ ପତତ୍ ଧରଣଂ ନ ଯାତି । ବାଲଯୋଗିନସ୍ତସ୍ୟ ଧରଣେ ନ ସମର୍ଥାଃ ।

ତଥାଚ କୃଷ୍ଣାଚାର୍ଯ୍ୟପାଦାଃ—

ଏନ୍ତୁ ସେ ଦୁଧରଣ ଧରଣିଧରି ସମବଷମ ଉତ୍ତରଣ ପାବଇ ।

ଭଣଇ କାହ୍ନୁ ଦୁଲ୍ଲିବ୍ଭ୍ୟା ଦୁରବଗାହ କୋ ମଣେ ପଈଭାବଇ ।

ତସ୍ମାତ୍ ଗୁରୁପାରମ୍ପର୍ଯ୍ୟକ୍ରମ ଜନିତ ଯୋଗୀନ୍ଦ୍ରାଃ କାୟବୃକ୍ଷସ୍ୟ ଫଳଂ ତଦେବ ବୋଧିଚିତ୍ତଂ ତିଞ୍ଚାଫଳବତ୍ ବଦ୍ଧଂ । କୁମ୍ଭୀର ମିତି । ତଲ-କ୍ଷଣପରିଶୋଧିତକୁମ୍ଭକସମାଧିନା ସ୍ୱାନୁଭବକ୍ରମେଣ ଚ ତସ୍ୟ ଭକ୍ଷଣଂ ନିଃ-ସ୍ୱଭାବୀ କରଣଂ କୁର୍ବନ୍ତି ।

ଧ୍ରୁବପଦେନ ଦୃଢ଼ୀ କୁର୍ବନ୍ନାହ—

ଅଙ୍ଗନାମିତି — ବ୍ୟୁତ୍ଥାନବାତ ମୁତ୍ ପ୍ରେକ୍ଷ ପ୍ରବେଶଞ୍ଚ ବୋଧବ୍ୟଂ । ବଥାଣୀତି ଆତ୍ମନ ପରିଶୁଦ୍ଧି - ବଧୂଟୀରୂପମଧିମୁଖ ଯୋଗୀନ୍ଦ୍ରା କଦନ୍ତି ଭୋଃ ପରିଶୁଦ୍ଧାବଧୂତିକେ ଶୃଣୁ ପ୍ରଥମଂ ବଜ୍ରଜାପୋପଦେଶେନ ବିରମାନନ୍ଦା-ବଧୂଟୀ ଗୃହ ମୁତ୍ସୃଜ୍ୟ ନଷ୍ଟ । ତସ୍ମିନ୍ ଗୃହେ ପୁନରର୍ଦ୍ଧରତୌ ଚତୁର୍ଥୀ ସନ୍ଧ୍ୟାୟାଂ ଜାନେଟ ଇତ୍ୟାଦି । ତଦେବ—

ପ୍ରବେଶାଦିବାତ ଦୋଷବଭବଂ ସହଜାନନ୍ଦଚୌରେଣ ହୃତଂ

ଦ୍ୱିତୀୟପଦେନ ତମେବାର୍ଥଂ ଦ୍ରଢ଼ି ନିର୍ଦ୍ଦେଶୟତି ।

ସସୁରେତ୍ୟାଦି ଶ୍ୱାସତାଦିଶ୍ୱାସଂ ଚତୁର୍ଥାନନ୍ଦଂ ଗୋଗନଦ୍ରାଂ ମାତ୍ୱା ଅବଧୂତୀ-ପଦସନ୍ଧ୍ୟାୟା ଅନାଦିଭବବିକଳ୍ପଞ୍ଚ ଧୂତ୍ୱା ପ୍ରକୃତି ପରିଶୁଦ୍ଧାବଧୂତୀରୂପେଣ ଯୋଗିନୋଽପ୍ୟହର୍ନିଶଂ ଜାଗରଣଂ କୁର୍ବନ୍ତି । କାନେଟ ପ୍ରଭାସ୍ୱରଗୃହେରେଣ

ପ୍ରବେଶାଦବାତଦୋଷୋ ଯଦା ମୀତସ୍ତଦା ଗ୍ରାହ୍ୟାଦ୍ୟଭାବେ ଯୋଗୀନ୍ଦ୍ର ଦଶଦଶି କୁମ୍ପି ବାଞ୍ଛନ୍ତ ପ୍ରାର୍ଥୟନ୍ତି ।

ଦ୍ୱିତୀୟ ପରିଶୁଦ୍ଧାବଧୂତୀ ଭେଦନ ସତ୍ୟଦ୍ୱୟସ୍ୟାନୁଶଂସାମାହ—

ଦବସଇ ଇତ୍ୟାଦି । ମୃଦ୍‌ବାଦ୍ୟଧ୍ୟାସୟ ଭେଦେନ ସା ଅବଧୂତିକା ସଂବୃତ୍ୟା ଶୁନ୍ୟରୂପେଣ ତ୍ରୈଲୋକ୍ୟଂ ନମାୟ ପୁନଃ ସ୍ୱୟମେବ ଦବାଦ-ଜ୍ଞାନମୁତ୍ପାଦ୍ୟ କାଡ଼ଇ ଇତି । କାୟ କାଳ ପୁରୁଷାୟ ବଭେତ୍ତ ସଂସ୍ଥା ଭବତି ।

ତଥା ଗୃଗମଃ—

ଯଥା ଚନ୍ଦ୍ରକରୈ ରୂପଂ ଯକ୍ଷସ୍ୟାତିଭୟଙ୍କରଂ
ସମାଲକ୍ଷ୍ୟ ସ୍ୱୟଂ ଭୀତଃ ସଂସାରେଽପ୍ୟବୁଧସ୍ତଥା ।

ଘନୀତି । ପ୍ରଜ୍ଞାଜ୍ଞାନେନ ପ୍ରକୃତି ପରିଶୁଦ୍ଧା ବଧୂତିକା ପଞ୍ଚସ୍କନ୍ଧାଦୀନ୍ ଅଭିଷିଚ୍ୟ କାମରୁରତି । ସ୍ୱୟମେବ ମହାସୁଖଚକ୍ରସ୍ୱସ୍ଥାନେ ନିର୍ବିକଳ୍ପଂ ଗଚ୍ଛତି ।

ତଥାଗମଃ—

ସ୍ୱସ୍ଥାନସ୍ଥଃ ସହଜପବନଃ କଲ୍ପନାଜାଲମୁକ୍ତଃ
ଶାନ୍ତସ୍ତ୍ରାଷଂ କମପି ଜନୟତ୍ୟେଷ ଶୂନ୍ୟସ୍ୱଭାବଃ ।
ଅସ୍ମାଦ୍ ଗୁର୍ବାହିତଦୃଢ଼ କୃପୋପାୟ ହେତୋରବାଧ—
ସଂସାରେଽସ୍ମିନ୍ ପ୍ରଭବତି ସଦାନନ୍ଦସତ୍ତ୍ୱାର୍ଥକୃତ୍ୟଃ ।

ଅତି ଦୌର୍ଲଭ୍ୟପ୍ରତିପାଦନାୟ ଚତୁର୍ଥପଦମାହ—

ଅଇସନୀତ୍ୟାଦି । ଈଦୃଶ୍ୟୈବ ନିଷ୍ପ୍ରପଞ୍ଚଚର୍ଯ୍ୟା ଯୋଗୀନ୍ଦ୍ରସ୍ୟ ସ୍ଥିତି-ବିହରଣାଦିକଂ କୁଲୁସାଗ୍ରାଦେନୈବାଭିହିତଂ । ଅସ୍ୟାର୍ଥୋ ଯୋଗି-କୋଟୀନାଂ ମଧ୍ୟେ ଯଦ୍ୟେକ ଯୋଗିବୃନ୍ଦପ୍ୟେନ୍ତର୍ଭବତି ।

ତଥାଚ କୃଷ୍ଣାଚାର୍ଯ୍ୟପାଦାଃ—

ଲୋଅ ଗବ୍ବ ସମୁବ୍ବହଇ ହଉ ପରମଥେ ପବୀଣ
କୋଡିଅ ମଝେଁ ଏକୁ ଜଇ ହୋଇ ନିରଞ୍ଜନଲୀନ । ୨ ।

—*—

ଅର୍ଥ—ଅଧ୍ୟାତ୍ମିକ କଥା ଛଳରେ କବି ପାରମାର୍ଥିକ ତତ୍ତ୍ୱର ଉପଦେଶ ଦେଉଛନ୍ତି । କଇଁଛକୁ ଦୁହିଁ ସେ ଦୁଧ ପାତ୍ରରେ ଧରିହୋଇ ପାରୁନାହିଁ । ଗଛର ତେନ୍ତୁଳି କୁମ୍ଭୀର ଖାଉଛି । ସାଧାରଣ ଲୋକ ଚିତ୍ତକୁ ନିର୍ବାଣ-ମାର୍ଗରେ ସ୍ୱଳତକର ବଜ୍ରମଣି ପୀଠରେ ଧରି ରଖିପାରନ୍ତି ନାହିଁ । ଅର୍ଥାତ୍ ଲୋକେ ଦୁଇନାକ ପୁଡ଼ାର ନିଶ୍ୱାସ ଉପରକୁ ଉଠାଇ ଧରିରଖି ପାରନ୍ତି ନାହିଁ । କିନ୍ତୁ କୁମ୍ଭକ ସମାଧିଦ୍ୱାରା ଚିତ୍ତ ନିଃସ୍ୱଭାବ ବା ଅଚିତ୍ତତାରେ ପରିଣତ ହୁଏ । ତହିଁ ଦେହ ବୃକ୍ଷର ଫଳ ବୋଧିଚିତ୍ତକୁ କୁମ୍ଭକ (କୁମ୍ଭୀର) ଖାଏ, ନଷ୍ଟ (ନିଃ ସ୍ୱଭାବ) କରେ । ଅର୍ଥାତ୍—ବାମ ଡାହାଣ ପୁଡ଼ାରେ ନିଶ୍ୱାସ ଗଲେ ମନ ସ୍ଥିର ହୁଏ ନାହିଁ । ସେହି ନିଶ୍ୱାସ ସୁଷୁମ୍ନା ନାଡ଼ୀରେ ଚିତ୍ତ ସ୍ଥିର ହୁଏ । ଚିତ୍ତ ଅଚିତ୍ତତାରେ ମନ ଅମନରେ ପରିଣତ ହୁଏ । ବିଶୁଦ୍ଧ ଅବଧୂତ (ସୁଷୁମ୍ନା) ଜାଗ୍ରତ ରହେ । ଅବଧୂତ ଦେଖାଯାଏ ନାହିଁ ବୋଲି ତାହାକୁ ନିଜାନ୍ତି (ପରେ ଶୁଣ୍ଡିନୀ, ଚଣ୍ଡାଳୀ ପ୍ରଭୃତି) କୁହା ଯାଇଛି । ହେ ଅବଧୂତକେ, ଘର କଥା ଶୁଣ । ଅଧରାତିରେ ଚୋର କାନେଠି (କାନର ଗହଣା) ଚୋରିକରି ନେଲା । ଶ୍ୱଶୁର ନିଦ ଗଲା । ବହୁକୁ ଉଠାଅ । କାନେଠି ଚୋର ନେଲା । କାହିଁ ଯାଇ ମାଗିବ ? ବହୁ ଦିନଯାକ ଡରରେ କାଉ ଶୁଣଇ । ରାତିରେ କାମରୁ ଯାଏ । ଅର୍ଥାତ୍—ନିଶ୍ୱାସ ବନ୍ଦ ହୋଇ ସ୍ଥିର ହେଲା ପରେ ପବନ ସ୍ଥିରହେଲାକ୍ଷଣି ଅବଧୂତ ଜୁହିଁ ରହେ । କର୍ଣ୍ଣର ଅଳଙ୍କାର ପରି ମନ ହଜଯାଏ । ସେତେବେଳେ ମନ ପବନ ନିଦଗଲାକ୍ଷଣି ଅବଧୂତିକୁ ଉଠାଅ । ସେହି ଅବସ୍ଥାରେ ଲୋକ ଅତୀନ୍ଦ୍ରିୟ ଆନନ୍ଦ ଉପଭୋଗ କରେ । ଏହାକୁ ନିର୍ବିକଳ୍ପ ଅବସ୍ଥା ବା ପ୍ରଭାସ୍ୱର ଶୂନ୍ୟ ଅବସ୍ଥା କହନ୍ତି । ଏହି ଅବସ୍ଥାରେ ଆତ୍ମା ନିଜେ ନିଜକୁ ଉପଭୋଗ କରେ । ସେତେବେଳେ ଜ୍ଞାନ, ଜ୍ଞାତା, ଜ୍ଞେୟ କିଛି ରହନ୍ତି ନାହିଁ । ଏହାକୁ ଶୂନ୍ୟ କହନ୍ତି । ମନ ଅମନ ହେଲାକ୍ଷଣି ସମସ୍ତ ଶୂନ୍ୟ ଆନନ୍ଦମୟ । କାହାକୁ ଖୋଜି କରି ମାଗିବାର ନାହିଁ । ଚିତ୍ତ ଜାଗ୍ରତ ଥିଲେ ଇନ୍ଦ୍ରିୟ ଗୁଡ଼ିକ ସଚେତ ରହନ୍ତି । ତେଣୁ ସେହି ଅବସ୍ଥାକୁ ଦିନ କହନ୍ତି । ଚିତ୍ତ ସୁପ୍ତ ହେଲେ ଇନ୍ଦ୍ରିୟ ଗୁଡ଼ିକ ନିଶ୍ଚେଷ୍ଟ ନିଷ୍କ୍ରିୟ ହୁଅନ୍ତି, ସେହି ଅବସ୍ଥାକୁ ରାତି

କୁହାଯାଏ । ଚିତ୍ତ ବା ମନ ଏହି ସଂସାରକୁ ସୃଷ୍ଟି କରେ କିନ୍ତୁ ସତ୍ତ ହେଲେ ଜ୍ଞାନର ଉଦୟ ହେଲାକ୍ଷଣି ଚିତ୍ତ ସୁପ୍ତ ହେଲେ ସେ ପରିଶୁଦ୍ଧ ଅବଧୂତଙ୍କ ନାମରୁ ଯାଏ । ଆଉ ସଂସାର ସୃଷ୍ଟି ହୁଏ ନାହିଁ । ମନ ଅମନ ଅବସ୍ଥାରେ ପହଞ୍ଚିଲାକ୍ଷଣି ସଂସାରର ଜ୍ଞାନ ରହେନାହିଁ । ପରମ ସୁଖର ଉପଲବ୍ଧି ହୁଏ ।

କୁକ୍କୁରୀପାଦ ଏହିପରି ଚର୍ଯ୍ୟା ଗାଇଲେ । କୋଡ଼ିଏ ଲୋକଙ୍କ ମଝିରେ ଗୋଟିଏ ହୃଦୟରେ ହେଲେ ଏହା ସମ୍ଭାଇଲା । ଜଣେ ହେଲେ କେହି ଏହାକୁ ଗ୍ରହଣ କଲେ ।

—*—

**ସମାନ ଭାବର ପଦ୍ୟ:—**

ଚଞ୍ଚଳ ଚିତ୍ତକୁ ନିଶ୍ଚଳ କରି ରଖ ।
ଗୁହ୍ୟବେଦି ମଧ୍ୟେ ବିଜୟେ ପଦ୍ମମୁଖ ।
କମଠ ଦୁଗ୍ଧ ଯୋଗୀ ଗୁଲୁଣୀକ ଦୁହେଁ ।
ସେ ଦୁଗ୍ଧ ଖାଇ ଯୋଗୀ ଅମରଯେ ହୁଏ ।
(ଯୋଗୀନ୍ଦ୍ର ଦାଣ୍ଡଧୂଆ ପୃ ୨)

ଚନ୍ଦ୍ରକୁ ନେଇ ସୂର୍ଯ୍ୟେ ଭର । ସୂର୍ଯ୍ୟରେ ଜାଣି ହେତୁ ଧର ।
ନାସା ପବନ ଯେବେ ଛନ୍ଦ । ତେବେ ପଡ଼ିବା ହଂସା ବନ୍ଧ ।
ଅଗ୍ନି ପାଣିକି ଏକା କର । ଚୌଷଠି ରୋଗ ହେବ ଦୂର ।
ବିଷୟା ବିଷ ହେବ ହତ । ମନକୁ ଦକ୍ଷିଣେ ନିବୃତ୍ତ ।
ପାଣି ରହିବ ସରୋବରରେ । ଚୋର ଯେ ନପଶିବ ଘରେ ।
ପବନ ଉଜାଣି ଲହୁଡ଼ି । ପିବ ସ୍ରୋତକି ଧାର ବଢ଼ି ।
ପଶ୍ଚିମ ଦିଗେ ବହି ନାବ । ଖାଇବୋହୁକୁ କର ଠାବ ।
ତାହାକୁ ଜେଠାସୁର ଭୋଟ୍ । ଅଣ ଯୋଗକୁ ଜ୍ଞାନ ଖଣ୍ଟ୍ ।
ପରମ ପାଦେ କର ଆଶ । ଡେଣାରୁ ପକ୍ଷୀ କର ନାଶ ।
ପକ୍ଷ କାଟିଲେ ଜ୍ଞାନ ଦିଶୁ । ଭ୍ରମର କମଳରେ ପଶୁ ।

ଦୁଇ ଏକତ୍ର କର ଠାବେ । ଅଦେଖା ଭୂଇଁ ଦେଖ ଏବେ ।
(ଦ୍ବନ୍ଦ୍ବ ଶାର୍ଦ୍ଦୂଳ ପୃ ୧୬)
ଖାବରୁ କାଳ ଜାତ ହୁଏ । କୁମ୍ଭୀର ତାହାକୁତି କହେ ।
(ବଳରାମ ଦାସ, ବ୍ର.ଭୂ: ପୃ ୨୨)

## ପଦଟୀକା—

ଦୁଲା—ସଂ, ତୁଲ୍ଲ ଓ କହିଛ ।

ଦୁହି—ଦୁହିଁ, ଦୁହିଁ+ଲୋପ୍-ସ୍ଥାନେ ଇ ।

ପିଠା—ସଂ ପୀଠ, ଓ—ପଠ

ଧରଣ=ଓ—ଧର

ନ ଜାଇ—ନଯାଏ ।

ରୁଖେର—ବୈଦିକ ରିକ୍ଷ ପ୍ରା. ରୁକ୍‌ଖ ସଂ—ବୃକ୍ଷ

ତେନ୍ତୁଳୀ—ଓ—ତେନ୍ତୁଳୀ, ତେନ୍ତୁଳୀ (ଫଳ)

କୁମ୍ଭୀରେ—ସଂ—ସର୍ବନାମ ୧ମା ବହୁବଚନରେ 'ଏ' ହୁଏ-ଯଥା-ସର୍ବେ । ପ୍ରା ସବ୍‌ବେ । ଓଡ଼ିଆ ୧ମା ବହୁବଚନରେ ସେହି ପ୍ରତ୍ୟୟ ରହିଅଛି, ସେହି ଏ ପ୍ରତ୍ୟୟ ବହୁ ବଚନରେ ହୁଏ-ଯଥା-"ଦ୍ରବ ହୋଇ ବହିବେ ପଥରେ -(ବା ଶ) ଜନ୍ତୁଏ ଆତଯାତ ହୋନ୍ତି

(ଭାଗବତ ଜଗନ୍ନାଥ)

ଖାଅ—ଖାଇ, ଖାଏ, ସଂ-ଖାଦନ୍ତ । ଅସମାପିକା ଇ ପ୍ରତ୍ୟୟ ସମାପିକା ରୂପରେ ବ୍ୟବହୃତ

ଯଥା—

ବରହ୍ମ ମୃଗ ପଛରେ ପୁଚ୍ଛକୁ ଲୁଚ୍ଛଇ

ବସୁଧା—ପନ୍ତ ନେଇ ତା ମସ୍ତକେ ଚଳାଇ । ଚଳାଇ ଚଳାଏ (ବୈ ଦ ଗୁ ୩୬ ପୃ୨)

ଲୁଚ୍ଛଇ—ଲୁଚ୍ଛଏ

ଆଙ୍ଗଣ—ସଂ-ଅଙ୍ଗନ, ଓ ଅଗଣା

ଘରପଣ—ଘରକଥା, ଘର+ପଣ =(ଭାବାର୍ଥରେ) ସଂସ୍କୃତରେ ତ୍ବ ବା ତା ପ୍ରତ୍ୟୟ, ପ୍ରାକୃତରେ ତଣ ହୋଇଛି । ସେହି ତଣ ପ୍ରତ୍ୟୟ -ପ୍ରାକୃତରେ ଉଣ ଓ ଓଡ଼ିଆରେ ପଣ ପ୍ରତ୍ୟୟରେ ପରିଣତ ହୋଇଛି

ପା—ପଣ୍ଡି ଦରିଦଦ ଉଣଂ(କର୍ପୂର

ମଞ୍ଜୁଷା) ପ୍ରାପ୍ତା ଦରିଦ୍ର ତ୍ୱଂ ।
ଓଦୋ ଆଗଦଂ ଦେ ଅଣ୍ଣ-
ଏଣ ପଣ୍ଡିତଣଂ ତତ ଆଗତଂ
ତେ ଅନ୍ୱେଷେନ ପଣ୍ଡିତତ୍ୱଂ
ଓ—ଉଦାହରଣ-ବଡ଼ପଣ, ଭଲ
ପଣ, ପଣ୍ଡିତ ପଣ ।
ସୁନ— ସଂ-ଶ୍ରୁ, ଓ-ଶୃଣ,ଶୁଣ୍
- ଧାତୁ (ଅନୁଜ୍ଞା)
ଖେ—ତତ୍ସମ ।
ବିଆତ—ସଂ-ବିଜାତ, ଶ୍ଳେଷରେ
ବିଆବଣ୍ଡ । ପୁଆତ ପର
ବିଆତ
ପୁଅବଣ୍ଡ = ପୁଆତ ।
ବିଆବଣ୍ଡ = ବିଆତ ।
ଅଦୃଶ୍ୟତା ଯୋଗୁଁ—ଅଷ୍ଟାଦ୍ରସ୍ତ
ଯୋଗୁଁ ଅବଧୂଷ୍ଣିକାକୁ ବଣାନ୍ତ
ଗୃଣ୍ଡାଳୀ ଡ଼ୋମ୍ବୀ କୁହା
ହୋଇଛି ।
ନେଟ—କାନର ଗହଣା
ଗେହ୍ନର—ଓ-ଗେହ୍ନର
ଜାଲ—ନେଲ
ଅଧଗଣ୍ଡ—ଓ-ଅର୍ଦ୍ଧଗର୍ତ୍ତ
ସୁସୁର—ସଂ-ଶ୍ୱଶୁର ଓ ସସୁ଼ର ।
ନଦ—ଓ-ସଂ-ନନ୍ଦା ।
ଗେଲ—ଗଲ
ବହୁଡି—ବହୁଟି ସଂ-ବଧୂ
ଓ ବହୁ ।
ଜାଗଅ—ଜାଗଇ, ସଂ, ଜାଗୃଧାତୁ
ଓ-ରେ ଜାଗଧାତୁ ।
ଗଇ—ଯାଇ
ମାଗଅ—ମାଗଇ, ସଂ-ମାର୍ଗଧାତୁ
ଓ-ମାଗଧାତୁ ।
ଦିବସଇ—ଦିବସହିଁ-ଦିବସରେ ।
ପ୍ରାକୃତ ୭ମୀହିଁର ଓଡ଼ିଆରେ
ଇ, ଯଥା—ଅଗ୍ରହିଁ ମଧ୍ୟହିଁ ।
ଓ ରେ ହିଁ—ତହିଁ ।
କାଡଇ—ଓ-କରଇ, କଡଇ,
କାଡଇ
ଡରେ—ଓ, ସଂ-ଦର
ଦର ନାସିବେ ଦରଧର
(ବି·ଚ,)
ଭାଅ—ଭାତ
ଗଡି—ଓ, ସଂ-ଗର୍ତ୍ତ ।
ଭଇଲେ—ହଇଲେ—ହେଲେ
"ଭଇ" 'ହ' ହୋଇଛି ।
କାମରୁ—ଓ ୫ମୀ ବିଭକ୍ତି, ସଂ—
କର୍ମନ୍, ଓ କାମ ।
ରୁ ପ୍ରତ୍ୟୟ—ପ୍ରା. "ହୁ" ପ୍ରତ୍ୟୟ
(୫ମୀ)
ଅଗ୍ନିହୁ—ଅଗ୍ନିଡୁ ଅଗ୍ନିରୁ ଦର
ତ ଓ 'ଡ' ର 'ର'
ହୋଇ ରୁ ହୋଇଛି ।

ଜାଅ—ଯାଇ, ଅସମାପିକା ଇ
ପ୍ରତ୍ୟୟାନ୍ତସମାପିକାରୂପରେ
ବ୍ୟବହୃତ—ଯଥା—ବଡ଼ଧ ପ୍ରଭାତ
ଆଜ,ବହଇ
ବେକ ସୂର୍ଯ୍ୟ ବମାକୁ ଘନୁର ଡେଇ,
ବନତା ସୂଚକ ଯାଇ
(କୈ· ବ ସ୍ଥ୩୨।୪)
ଅଇସନ—ଇତ୍ଥଂଶକ, ଇଅସେନ,
ଅଇସେକ (ବର୍ଣ୍ଣ ବପର୍ଯ୍ୟୟ)
ଏସନ (ସନ୍ଧରେ ବର୍ଣ୍ଣ ବକ ର)
କୁକ୍‌କୁଶ ପାଏଁ—କୁକ୍‌କୁଶ ପାଦେ
(ମାନ୍ୟାର୍ଥେ ୧ମା ବହୁ)
ଗାଇତ—ଗାଇଲା, ଓଡଆରେ
ତର'ଲ' ହୁଏ ।
ବେଦରେ-ଅଗ୍ନିମୀଳେ ପୁରୋହିତଂ ।
"ଅର୍ ମଧ୍ୟସ୍ଥ ଡକାରଂ ତୁ ଳକାରଂ
ବହ୍ୱଚୋ ବଦୁଃ ।"
କୋଡ—ସଂ-କୋଟି-ଓ କୋଡଏ
(ବଂଶ ଅର୍ଥରେ)
ମାଝେଁ—ଓ ମଝିରେ, ସପ୍ତମୀରେ
ଏଁ ଯଥା ଘରେ ।
ସଂ-ମଧ୍ୟ, ପ୍ରା-ମଜ୍‌ଝ ଓ ମଝି ।
ଏକୁ—ଏକ, ପ୍ରା-ଏକ୍‌କୋ-ଏକୁ
ହିଅଁ—ସଂ-ହୃଦୟ-ପ୍ରା-ହିଅଅ
ଓ-ହିଆ (ସନ୍ଧଯୋଗୁଁ)
ହିଁ ପ୍ରତ୍ୟୟ ୭ମୀରେ ହିଆରେ ।
ସମାଇତ—ସମ୍ଭାଇଲା, ସଂ-ସଂଭ-
ରତ,
ପ୍ରା—ସମ୍ଭରଇ ସମ୍ଭଅଇ ସମ୍ଭାଇ
ଧାତୁ ଓଡଆରେ ଲ ଅତୀତ-
କାଳ 'ଶବ୍ଦବ୍ରହ୍ମ ଯାଇଣ
ସମ୍ଭାଏ, (ବ୍ରୀ: ଶା)

## ବିରୁବା ପାଦାନାମ୍

ରାଗ ଗବଡା (ଗଉଡା)

ଏକ ସେ ଶୁଣ୍ଡି ନ ଦୁଇ ଘରେ ସାନ୍ଧଅ ।
ଓଡିଆ—ଏକ ସେ ଶୁଣ୍ଡିନ ଦୁଇଘରେ ସାନ୍ଧଇ ।
ଚୀଅଣ ବାକଳଅ-ବାରୁଣୀ ବାନ୍ଧଅ ।
ଓ—ଚକ୍‌କଣ ବକଳଏଁ ବାରୁଣୀ ବାନ୍ଧଇ ।
ସହଜେ ଥିର କର ବାରୁଣୀ ସାନ୍ଧେ (୧)।
ଓ—ସହଜେ ଥିର କର ବାରୁଣୀ ସାନ୍ଧେ ।
ଜେଁ ଅଜରାମର ହୋଇ ଦିଢ (୨) କାନ୍ଧ ।
ଓ—ଯେ ଅଜରାମର ହୋଇ ଦୃଢ କାନ୍ଧ [ସ୍କନ୍ଧ
ଦଶମି ଦୁଆରତ ଚିହ୍ନ ଦେଖିଅ (୩) ।
ଓ—ଦଶମୀ ଦୁଆରେତ ଚିହ୍ନ ଦେଖି
ଆଇଲ ଗରାହକ ଅପଣେ ବହିଆ
ଓ—ଆଇଲ ଗରାହକ ଆପଣେ ବହି ।
ଚଉଷଠୀ ଘଡଏ୍ଁ ଦେଲ (୪) ପସାର ।
ଓ—ଚଉଷଠି ଘଡରେ ଦେଲ ପସର ।
ପଇଠେଲ ଗରାହକ ନାହି ନିସାର
ଓ—ପଇଠିଲ [ପଶିଲ] ଗରାହକ ନାହିଁ ନିସାର ।
ଏକ ସେ (୫) ଘଡଲି (୬) ସରୁଇ ନାଳ
ଓ—ଏକ. ସେ ଘଡ଼ୀ ସରୁଇ ନାଳ ।
ଭଣନ୍ତି ବିରୁଆ ଥିର କରି ଗୃଳ ।
ଓ—ଭଣନ୍ତି ବିରୁଆ ଥିର କର ଗୃଳ ।

---

୧—ସାନ୍ଧ , ଗ
୨—ଦିଢ , କ
୩—ଦେଖଇଆ, କ
୪—ଦେଢ , କ
୫—ସ - କ
୬—ଡଲି - କ

ଟୀକା—ପଦିଶୁଦ୍ଧ ଭେଦେନ ତାମବଧୂତିକାଂ ବନ୍ଧୁଆପାଦାଃ ପରମ କରୁଣାମ୍ରେଡ଼ିତମନସା ନଃ ସଂଶଯୂଂ ପ୍ରକଟଇତୁମାହ:—

ଏକ ସେ ଶୁଣ୍ଡିନି ଗାଢ୍ବାଦ । ଏକକା ଷଟ୍ ପଥଯୋଗାତ୍ ସା ଅବଧୂତିକା ଶୁଣ୍ଡିନୀ ଉର୍ଦ୍ଧ୍ୱ ନାସା ସଣ୍ଡିକାରନ୍ଧ୍ରେ ଚନ୍ଦ୍ରସୂର୍ଯ୍ୟୌ ବାମଦକ୍ଷିଣୌ ପ୍ରୌଢ଼ଯୋଗୀ ବଳବନ୍ତୌ ଦ୍ୱୌ ସନ୍ଧସୂତ ମଧ୍ୟମାୟାଂ ପ୍ରବେଶଯୂତ । ଏତେନ ସ୍ୱାଧିଷ୍ଠାନଂ ଦୃଢ଼ଯୂତ । ପୁନଃ ସ୍ୱୟମେବ ଆଗତ୍ୟାଧୋନାଡ଼ାୟାଂ ବଜ୍ରମଣି ଶିଖର ଶୁଷିରେ ବୋଧିଚିତ୍ତଂ ବନ୍ଦୁମ-ବଦ୍ୟାବାଜଦ୍ୱେଷସ୍ଥା କଲ୍‌କରତ୍ୱତେନ ପ୍ରଭସ୍ୱରେଣ ଗୁରୁପଦେଶାଦଭସନ୍ଧ୍ୟ ବାରୁଣୀତି ସୁଖପ୍ରମୋଦଭ୍ରାତ୍ ବୋଧିଚିତ୍ତଂ ବନ୍ଧସୂତ ।

ଧ୍ରୁବ ପଦେନ ପରମାର୍ଥ ବୋଧିଚିତ୍ତଂ ଦୃଢ଼ୀକୁର୍ବନ୍ନାହ—

ସହଜେନ୍ତି—ବଜ୍ରଗୁରୁ ପ୍ରସାଦାତ୍ ବିରମାନନ୍ଦେନ ସହଜାନନ୍ଦଂ । ସ୍ଥିରୀକୃତ୍ୟ ଭୋ ବାଲଯୋଗିନ୍ ! ବାରୁଣୀତି ସନ୍ଧ୍ୟାବଚନେନ ତଦେବ ସଂବୃତ୍ତି ବୋଧିଚିତ୍ତଂ ବୋଧବ୍ୟଂ । ତସ୍ୟ ବୋଧିଚିତ୍ତସ୍ୟ ସ୍ୱାଧିଷ୍ଠାନ ଗତସ୍ୟା-କ୍ଷରତାସୁଖପାଶେନ ବନ୍ଧନଂ କୃତ୍ୱା ଯେନାଭ୍ୟାସ ବଶେଷେଣାଽଜରାମରତ୍ୱଂ ଦୃଢ଼ସ୍କନ୍ଧଂ ଲଭ୍ୟତେ ତତ୍ କୁରୁ ।

ତଥାଚ ଯୋଗରତ୍ନମାଳାୟାଂ—

ଦୃଢ଼ଂ ସାରମଶୌଷୀର୍ଯ୍ୟମଚ୍ଛେଦ୍ୟା ଭେଦ୍ୟଲକ୍ଷଣଂ ।
ଅଦାହ୍ମି ଅବିନାଶୀ ଚ ଶୂନ୍ୟତା ବଜ୍ର ଉଚ୍ୟତେ ।

ପଦାନ୍ତରେଣାସ୍ୟ ପ୍ରତିନନ୍ଦେଶ ମାହ:—

ଦଶମୀତ୍ୟାଦି—ବୈରୋଚନଦ୍ୱାରେଽପି ମହାରାଗସୁଖ ପ୍ରମୋଦଚିହ୍ନଂ ଦୃଷ୍ଟ୍ୱା ଗନ୍ଧବସନ୍ତ୍ୱୋ ହି ସ୍ୱୟମେବାଗତ୍ୟ ତେନ ଦ୍ୱାରେଣ ପ୍ରବିଶ୍ୟ ମହାସୁଖ-କମଳରସପାନେନ ସୂଚିତପ୍ରୀଣନଂ କରୋତି ।

ତଥାଚ କୃଷ୍ଣାଗ୍ରର୍ଯ୍ୟ ପାଦାଃ—

ଏବଂ କାର ବୀଅଲଇ କୁସୁମିଅ ଅରବିନ୍ଦ ।
ହୋ ମହୁଅରରୁପଂ ସୁରଅବୀର୍ ଜିଘଇ ମଅରନ୍ଦ ।

ଭଣଇ କାହ୍ନୁ ମଣ କହ ବଣ ଫିଟଇ
ଷିଟଳ ପବଣ ଘରଣି ଘରେ ବଇଠଇ ।

ଚତୁର୍ଥୋପଦେଶମାହ :—

ଏକ ସ ଉଲ୍ଲିତ୍ୟାଦ—ସୈବ ପୂର୍ବୋକ୍ତାବଧୂତିକା ସଂବୃତ୍ତି ପରମାର୍ଥ ସତ୍ୟଦ୍ୱୟଂ ଘଣ୍ଟିତ କୃତ୍ୱା ଘଟି ଆତ୍ମସଦସ୍ୟ ନରୋଧାତ୍ ସୂକ୍ଷ୍ମରୂପା । ବହୁଆୟାପାଦାଃ ଏବଂ ବଦନ୍ତି । ତସ୍ୟା ଶୂନ୍ୟନାଡିକାୟା ଗୁରୋରୁପଦେଶାତ୍ ତମପଣ୍ଡିତଂ ବୋଧିଚିତ୍ତଂ ସ୍ଥୈର୍ଯ୍ୟଂ କୃତ୍ୱା ନିସ୍ତରଙ୍ଗ ରୂପେଣ ସ୍ଥାନୟ ।

ତଥା ସେକୋଦ୍ଦେଶେ—

ଯ ବଦନ୍ନା ପତତି ପ୍ରଭାସ୍ୱରମୟଃ ଶୀତାଂଶୁଧାରାଦ୍ରବୋ ।
ଦେବୀ ପଦ୍ମଦଳୋଦରେ ସମରସୀଭୂତୋ ଜନାନାଂ ଗଣିଃ ।
ସ୍ଫୂର୍ଜଦ୍ବଜ୍ରଶିଖାରତଃ କରୁଣାୟା ଭିନ୍ନଂ ଜଗତ୍ କାରଣଂ ।
ଗଜ୍ଜଦ୍ଧୀ କରୁଣା ବଳସ୍ୟ ସହଜଂ ଜାମାତ୍ମ ରୂପଂ ବନ୍ଧୋଃ ।

—o—

ଅର୍ଥ—ବାମ ପୁଡାରେ ଚନ୍ଦ୍ର ନାଡୀ, ଡାହାଣ ପୁଡାରେ ସୂର୍ଯ୍ୟନାଡୀ । ଏ ଦୁହିଙ୍କ ମଝିରେ ସୁଷୁମ୍ନା ନାଡୀ (ଅବଧୂତିକା) ରହିଅଛି । ସୁଷୁମ୍ନା ନାଡୀଟି ଅତିସୂକ୍ଷ୍ମ ଥିଲାପରି ଜଣାଯାଏ ନାହିଁ । ତେଣୁ ତାହାକୁ ଶୁଣ୍ଡିନୀ କୁହାହୋଇଛି । ପବନ ଇଡ଼ା ପିଙ୍ଗଳା ନାଡି ଦେଇ ସୁଷୁମ୍ନାରେ ପ୍ରବେଶ କଲେଚିତ୍ତର ବନ୍ଧନ ହୁଏ । ସାଧାରଣତଃ ଶୁଣ୍ଡୀ ମା ଦୁଇ ଘଟରେ ମଦ ସନ୍ଧେଇ ବକଳରେ ବାନ୍ଧି ଆନନ୍ଦ ଦାୟକ ବାରୁଣୀ ମଦ ରାନ୍ଧେ । ସେହିପରି ଅବଧୂତିକା ବାଁ ପୁଡା ଓ ଡାହାଣ ପୁଡାରେ ପବନକୁ ସନ୍ଧେଇ, ଚଳାଇ ସୁଷୁମ୍ନାରେ ଚିତ୍ତକୁ ବାନ୍ଧିଲେ ପରମ ସୁଖକର ସହଜାନନ୍ଦମଦ୍ୟ ରାନ୍ଧେ । ଏହି ସହଜ ଆନନ୍ଦ ଲାଭକଲେ ଲୋକ ଅଜର ଅମର ହୁଅନ୍ତି । ୧୦ମ ଦ୍ୱାର ଖୋଲିଗଲେ ବୋଧିଚିତ୍ତ (ପ୍ରସୁପ୍ତ) ତହିଁର ଉପଭୋଗ ଲାଗି ନିଜେ ଆସି ଉପସ୍ଥିତ ହୁଏ । ଶୁଣ୍ଡିମାର ଦୁଆରରେ ମଦ ବର୍ଦ୍ଧିର ଚିହ୍ନ ଦେଖିଲେ ଗ୍ରାହକ ଆପେ

ଆପେ ବୋଲ୍ଲି ଆସନ୍ତି । ଶୁର୍ଣ୍ଣିମା ୬୪ ଘଡ଼ରେ ପସରା ମେଲି ଦେଇଥାଏ । ଗରାହକ ଆସନ୍ତି, ନିସ୍ତାର ମିଳେ ନାହିଁ । ସାଧକର ୧୦ମଦ୍ୱାର ଖୋଲି ଗଲା କ୍ଷଣି ବୋଧିଚିତ୍ତ ଗରାହକ ପର ନିଜେ ନିଜେ ଆସି ପହଞ୍ଚନ୍ତି । ଅବଧୂତିକା ୬୪ ଘଡ଼ୀ (ଦଣ୍ଡ) ପସରା ଦେଇଥାଏ । ଗରାହକ ବୋଧିଚିତ୍ତ ପହଞ୍ଚିଲେ କିନ୍ତୁ ସବୁ ସୁନସାନ, ଶବ୍ଦ ପର୍ଯ୍ୟନ୍ତ ରହେନାହିଁ । ସେହି ନିର୍ବାଣ ଅବସ୍ଥା ଲାଭକଲେ ପରମ ଆନନ୍ଦରେ ଲୋକ ମଜ୍ଜି-ରହେ । ମଦବିକର ଘଡ଼ରେ ସରୁ ନାଳଟିଏ ଥାଏ । ସେଥିରେ ଲୋକେ ମଦ ପିଅନ୍ତି । ସୁଷୁମ୍ନା ନାଡ଼ୀ ଉପରେ ଅତି ସରୁ ବାଟ ଥାଏ । ସେହି ସରୁ ବାଟରେ ପବନକୁ ସ୍ଥିର କରି ସାବଧାନରେ ଚଳାଅ ବୋଲି ବିରୁଆ ଭଣିଲେ ।

—o—

ସମାନ୍ତର ଭାବ :—

ବାମାଙ୍ଗେ ପାଡ଼ଣ କବାଟୀ । ମେରୁ ପଥରେ ଦେବ ଗଣ୍ଠି ।
ନାସିକା ରନ୍ଧ୍ରେ ଯେଉଁ ବାଇ । ଚନ୍ଦ୍ର ସୂର୍ଯ୍ୟରେ ଯାଏ ବହି ।
ଆବର ତ୍ରିକୂଟ ଦୁଆରୁ । ବହଇ ପାଦେ ଶିଶୁମେରୁ
ସେ ପାଦେ ବିନ୍ଦୁ ପ୍ରସବଇ । ଯୋଗିର ମୂଳ ଧ୍ୟାନ ସେହି ।
(ବ୍ର· ଶା· ପୃ୭)

ଉଜାଣି ନ ଡୋଳିବୁ ବାବୁ । ସହଜ ସୂତ୍ରେ ବଳାଇବୁ ।
ଆପକୁ ଆପେ ଚିହ୍ନିଲେ ରେ ବାବୁ । କାଳେ ୨ ଅଜାମର ହୋଇବୁ ।
(ଶୂ. ସଂ. ପୃ୬୩)

ସୂଚିମୁନ ବାଜଲାର ପ୍ରାପ୍ତେ ଅଛି ବାଟ ।
ସୂଚିମୁନ ଅଗ୍ରେ ଚଢ଼ି କେମନ୍ତେ ରହିବ । (ଖିମ ଭୋଇ ଭଜନ)

ଅବାର ପଥ ସେ ଅଟଇ । ପରମ ଏକା ଆସେ ବହି ।
ମନ ପବନ ଲୀନ କର । ହେତୁରେ ଊର୍ଦ୍ଧ୍ୱ ପଥ ହେର
(ବ୍ର· ଶା· ପୃ୨୪)

—o—

## ପଦଟୀକା :—

ଏକ—ଓ-ଏକା ।

ସେ—ଓ, ସଂ-ସଃ, ଶେ ମାଗଧୀପ୍ରା-

ଶୁଣ୍ଣି ମା—ଶୁଣ୍ଣିଆଣୀ

ଦୁଇ—ଓ-ଦୁଇ-(ସନ୍ଧବିଚ୍ଛେଦରେ) ସଂ-ଦ୍ୱି ।

ପ୍ରା-ଦୁଏ, ଦୁବେ ।

ଘରେ—ସଂ-ଗୃହ,ଓ—ଘର,
ଗୃହ+ଇ=ଗୃହେ
ଘର+ଇ=ଘରେ ୭ମୀ

ସାନ୍ଧଅ—ସାନ୍ଧଇ, ସନ୍ଧାଏ, ସନ୍ଧାନକରେ, (ପଶୁଇବା, ସନ୍ଧାଇବା) କବିଙ୍କରେ ଆସବାବର ସନ୍ଧାନ ହୁଏ ।

ଚଅଣ—ସଂ-ଚକ୍‌କଣ ।

ବାକଳଅ—ସଂ-ବକ୍‌କଲ, ପ୍ରା-ବକ୍‌କଳ, ବାକଳ, ବକଳ, ବାକଳ+ଏ
(ଉଷ୍ଣଯୁକ୍ତ ବିଭକ୍ତି)
ବାକଳଏ । ବାକଳଅ,

ବାରୁଣୀ—ତତ୍ସମ, ମଦ୍ୟ

ବାନ୍ଧଅ—ବାନ୍ଧଇ

ସହଜେ—ତତ୍ସମ

ଥିର—ଓ, ସଂ-ସ୍ଥିର

କର—ଓ

ସାନ୍ଧ—ସନ୍ଧାଅ (ବର୍ଣ୍ଣବିପର୍ଯ୍ୟୟ)

ଜେ—ସଂ-ଯେ

ଅଜରମର—ତତ୍ସମ

ହୋଇ—ଓ- ହୁଅଇ, ସଂ-ଭବତି
—ପ୍ରା-ହୋଈ, ଓ-ହୋଇ, ହୁଅଇ ।

ଦୃଢ—ସଂ-ଦୃଢ ।

କନ୍ଧ—ସଂ-ସ୍କନ୍ଧ

ଦଶମୀ—ତତ୍ସମ

ଦୁଆରତ—ଦୁଆରରେ, ସଂ-ଦ୍ୱାର ଓ-ଦୁଆର (ସନ୍ଧବିଚ୍ଛେଦ)

ଚିହ୍ନ—ତତ୍ସମ

ଦେଖିଆ—ଦେଖି, ଲ୍ୟପ୍ ସ୍ଥାନେ ଇ ଆ

ଆଇଲ—ଓ

ଗରାହକ—ଓ, ସଂ-ଗ୍ରାହକ (ବର୍ଣ୍ଣବିପ୍ରକର୍ଷ)

ଆପଣ—ଓ, ୧ମା ବହୁବଚନ ସଂ-ଆତ୍ମନ୍ ପ୍ରା-ଅପ୍‌ପଣ, ଓ-ଆପଣ ।

ବନ୍ଧୁଆ—ବନ୍ଧୁ, ସଂ—ବନ୍ଧ ଧାତୁ-
ଲ୍ୟପ୍ ସ୍ଥାନେ ଇଅ ।
ଚଉଷଠି—ଓ, ସଂ—ଚତୁଃଷଷ୍ଟି
ଘଡ଼ୟେ-ଘଡ଼ିରେ, ସଂ-ଘଟୀ
ଓ—ଘଡ଼+ଏ (୭ମୀ)
ଦେଲ—ଓ-ଦେଲା, ସଂ-ଦାଧାତୁ;
ଓ-ଦେ ଧାତୁ ।
ମା ଧାତୁର—ନେ ଓଡ଼ିଆ ଧାତୁର
ସାଦୃଶ୍ୟ ଯୋଗୁଁ ଦେ+ଲ
(ଅତୀତ କାଳ)

ଅତୀତ କାଳର'ଲ' ପ୍ରତ୍ୟୟ
ସଂସ୍କୃତ କ୍ତ ପ୍ରତ୍ୟୟରୁ
ହୋଇଛି ସଂ କୃତଃ ପ୍ରା—
କଡ଼େ, ଓ—କଲା । 'ତ'ର
'ଡ଼' ହୋଇଛି, ତଦ୍ପରେ 'ଡ'ର
'ଲ' ହୋଇଛି ।

ପସାର—ଓ-ପସର, ସଂ-ପ୍ରସାର ।
ପଇଠେଲ—ପଇଠିଲ, ପଶିଲେ
ସଂ-ପ୍ରବିଷ୍ଟ, ପଇଠ+ଇଲ
(ଅତୀତ କାଳରେ)
ନିସାର—ସଂ-ନିଃସାର; ଅଥବା
ନିସ୍ତାର
ଘଡ଼ିଲା—ଓ-ଘଡ଼ି, ଲା-କ୍ଷୁଦ୍ରାର୍ଥରେ
ସରୁଇ-ଓ-ସରୁ+ଇ
(କଷ୍ଟସ୍ୱାର୍ଥରେ)
ନାଳ—ତତ୍ସମ
ଭଣନ୍ତ—ତତ୍ସମ
ବରୁଆ—ବରୁପ-ବରୁଆ
(ଓଡ଼ିଆରେ ଶେଷ ଶବ୍ଦରେ
ଶକ୍ତିନ୍ୟାସ ଯୋଗୁଁ (Accent)
ଶେଷ ସ୍ୱର ଦୀର୍ଘହୁଏ ।
ତେଣୁ ସବୁ ନାମବାଚକ ଶବ୍ଦ
ଆକାରାନ୍ତ ଉଚ୍ଚାରିତ ହୁଏ ।
ଯଥା—ମଧୁ-ମଧୁଆ, ହର-ହରିଆ,
ବରୁ-ବରୁଆ
ଥିର—ଓ
ଚୂଳ-ଓ-ଚଳାଅ (ଣିଜନ୍ତ)

## ରାଗ-ଅରୁ

ଗୁଣ୍ଡର ପାଦାନାମ୍—

ଛଅଡ୍ଡା ଗୃପୀ ଜୋଇନ ଦେ ଅଙ୍କବାଲୀ
ଓ—ଛଅଡ୍ଡା ଗୃପି ଯୋଗିନୀ ଦେ ଅଙ୍କ ପାଳି ।
କମଳ କୁଳଶ ଘାଣ୍ଟ (୧) କରନ୍ତୁ ବଆଳୀ
ଓ—କମଳ କୁଳଶ ଘାଣ୍ଟ କରୁଁ ବଆଳୀ ।
ଜୋଇନ ତଇଁ ବନୁ ଖନହିଁ ନ ଜୀବମି
ଓ—ଯୋଗିନୀ ତହିଁ ବନୁ କ୍ଷଣହେଁ ନ ଜୀବଇଁ ।
ତୋ ମୁହ ଚୁମ୍ବୀ କମଳ ରସ ପିବମି ।
ଓ—ତୋ ମୁହଁ ଚୁମ୍ବି କମଳ ରସ ପିବଇଁ ।
ଖେପହୁଁ (୨) ଜୋଇନ ଲେପ ନ ଜାଅ (୩)
ଓ—କ୍ଷପାରୁ ଯୋଗିନୀ ଲେପ ନ ଯାଇ ।
ମଣିକୁଳେ ବହ୍ନିଆ ଓଡିଆଣେ ସମାହ୍ଲ ।
ଓ—ମଣିକୁଳେ ବହ୍ନି ଓଡ଼ିଆଣେ ସମ୍ଭାଇ
ସାସୁଘରେଁ ଘାଲି କୋଞ୍ଚା ତାଲ ।
ଓ—ସାସୁ ଘରେ ଘାରି କୁଞ୍ଚି ତାଲ ।
ଗୃନ୍ଦସୁଜ ବେଣି ପଖା ଫାଳ ।
ଓ—ଗୃନ୍ଦ ସୂର୍ଯ୍ୟ ବେନ ପଁଖା ଫାଡ଼ ।
ଭଣଇ ଗୁଣ୍ଡରୀ ଅମ୍ହେ (୫) କୁନ୍ଦୁରେ ବୀରା
ଓ—ଭଣଇ ଗୁଣ୍ଡରୀ ଆମ୍ଭେ କୁନ୍ଦୁରେ ବୀର
ନରଅ ନାରୀ ମଝେଁ (୬) ଉଭିଲ ଚୀରା
ଓ—ନଗର ନାରୀ ମାଝେଁ ଉଭିଲ ଚିର ।

---

୧—ଘାଣ୍ଟି—(ଗ)
୨—ଖେଁପହୁ—(କ)
୩—ଜାସୁ, (କ)
୪—ସଗାଅ (କ)
୫—ଅହମେ (କ)
୬—ମାଝେଁ (ଖ, ଗ)

—*୦*—

ତମେବାର୍ଥଂ ଶ୍ରୀ ହେରୁକଚର୍ଯ୍ୟାଗମେନ ଗୁଣ୍ଡୁରୀପାଦା ଅନ୍ୟେଷୁ ନିଃସ୍ୱ-
ଭାବଂ ପ୍ରତିପାଦୟନ୍ତି ।

ତଅତେତ୍ୟାହ — ଲଳନା-ରସନା- ଅବଧୂତିକା ନାଡ୍ୟଃ ହିନାଡ୍ୟଂ
ରୂପୟିତ୍ୱା ନବଦ୍ୱସୀ କୃତ୍ୱା ସୈବ ପରିଶୁଦ୍ଧାବଧୂତିକା ନୈରାତ୍ମ୍ୟ ଯୋଗିନୀ ।
ଅଙ୍କେ ବାଲୀତି । ଅଙ୍କଂ ସ୍ୱଚିହ୍ନଂ ସାଧକାୟ ଦଦାତି । ତଂ ପାଳୟତି ଚ ।
ଅଥବା ବିତନାଦ ଲକ୍ଷଣ ଯୋଗେନା ନନ୍ଦାଦ୍ଧ ହମଂ ଦଦାତି । ପୁନଃସୈବ
ଭାବକସ୍ୟାବରତାଭ୍ ଯୋଗାଦାଶ୍ୱାସଂ ଦଦାତି । କମଳ କୁଲିଶମିତି । ହେ
ଯୋଗିବର ସମ୍ୟକ୍‌କୁଲିଶ ଶାବ୍ଜସଂଯୋଗଦୃଷ୍ଟେ ଆନନ୍ଦ ସନ୍ଦୋହତୟା ।
ବିକାଲମିତି କାଳରହିତାଂ ମହାମୁଦ୍ରାଂ ସିଦ୍ଧିଂ ସାକ୍ଷାତ୍ କୁରୁ । ଅତଏବ
ମହାସୁଖ ଲମ୍ପଟୋଽହଂ ଭାବକଃ ଏବଂ ବଦତି—ହେ ନୈରାତ୍ମ୍ୟଯୋଗିନି
ତ୍ୱୟା ବିନା କ୍ଷଣୈକଂ ଦୁର୍ବାରବେଗ ଚପଳତ୍ୱାତ୍ ପ୍ରାଣବାତଧାରଣେ ନ
ସମର୍ଥୋଽହଂ ।

ତଥା ଗୃଗମଃ—

ଉତ୍ପାଦ ସ୍ଥିତି ଭଙ୍ଗେଷୁ ଅନ୍ତରାଭବ ସଂସ୍ଥିତିଃ
ଯାବନ୍ତି କଲ୍ପନା ଲୋକେ ବାୟୁର୍ଣ୍ଣିଉ ବର୍ଜ୍ଜିତଂ ।

ତବ ବକ୍ତ୍ରଂ 'ସହଜାନନ୍ଦଂ' ପୁନଶ୍ଚୁମ୍ବୟିତ୍ୱା କମଳ ରସମିତି ଉଷ୍ଣୀଷ
କମଳମଧୁମଦନଂ ପରମାର୍ଥବୋଧିଚିତ୍ତ ଗୁରୁସମ୍ପ୍ରଦାୟାଦ୍ ବିରମାନନ୍ଦ
କାଳଞ୍ଜିରସମୟେ କଶ୍ଚେମି ।

ତଥା ଚ ଶ୍ରୀ ହେ ବଜ୍ରେ—

ଅଭବ୍ୟଂ ତନ୍ତ୍ରିମଂ ପ୍ରୋକ୍ତଂ ଭବ୍ୟଂ କାଳଞ୍ଜିରସୁନ୍ଦର୍ ।

ପଦାନ୍ତରେଣ ଯୋଗିନ୍ୟାନୁଶଂସାମାହ—

ଖେଟେତ୍ୟାଦି—ଖେଟାତ୍ ସ୍ୱସ୍ଥାନ ଯୋଗାତ୍ ସା ବୋଧିଚିତ୍ତରୂପା ନୈରାତ୍ମ୍ୟ-
ଯୋଗିନୀ ବିଲକ୍ଷଣ ଶୋଧିତାନନ୍ଦେନ ମଣିମୂଳେନ ମୋହମଳାବିଲପ୍ତା
ଭବତୀତି । ପୁନସ୍ତସ୍ମିନ୍ କ୍ରୀଡ଼ାରସମନୁଭୂୟ ମଣିମୂଳାଦୂର୍ଦ୍ଧ୍ୱଂ ଗତ୍ୱା ମହା-
ସୁଖଚକ୍ରେ ଅନ୍ତର୍ଭବତୀତି ।

ଅତଃ କୃଷ୍ଣାଚାର୍ଯ୍ୟ ପାଦୈରଭିହିତଂ—

ଏହୁ ସୋ ଗିରିବର କହିଅ ମଇ ଏହୁସେ ମହାମୁହ ଠାବ
ଏକୁ ରଅଣି ମହୁ ସହଜ ଖଣ୍ଡ ଲବ୍ଭଇ ମହାମୁହ ଜାବ ।

ଭୃଣାସ୍ୟ ପଦେନ ପରିଶୁଦ୍ଧି ମାହ—
ସାମ୍ପ ଇତ୍ୟାଦି—ପ୍ରଥମଂ ତାବତ୍ ଯୋଗୀନ୍ଦ୍ରେଣ ଦେବତାଯୋଗ ପୂର୍ବକଂ କାୟବଜ୍ରଂ ଦୃଢ଼ୀକୃତ୍ୟ ବଜ୍ରଜାପୋପଦେଶେନ ଚନ୍ଦ୍ର ସୂର୍ଯ୍ୟୟୋଃ ପକ୍ଷଚ୍ଛେଦଂ ଖଣ୍ଡୟିତ୍ୱା ବାଗ୍‌ବଜ୍ରଂ ସ୍ଥିରଂ କୃତ୍ୱା ଚିତ୍ତବଜ୍ରଦୃଢ଼ୀକରଣାୟ ସା ପରମାନନ୍ଦାବଧୂତିକା ସହଜାନନ୍ଦୈକଲୋଲୀଭୂତା ନ ଶ୍ୟସନାଗାରଂ ସୁମେରୁଶିଖରଂ ନୀତ୍ୱା । କୁଞ୍ଚିକେତି । ତାଳ ସମ୍ପୁଟୀକରଣେ ମଣିମୂଳ ଦ୍ୱାର ନିରୋଧଂ କର୍ତ୍ତବ୍ୟମାମ୍ନାନଂ ସଂବୋଧ ସ୍ୱୟମେବ ବଦତ୍ୟନୁପୂର୍ବିକାଂ ।

ତଥାଚ କୃଷ୍ଣାଚାର୍ଯ୍ୟପାଦାଃ—

ଜହି ମଣ ପବଣ ଗଅଣ ଦୁଆରେ ଦିଢ଼ ତାଳ ବିଦିଜ୍ଜଇ
ଜଇତ ସୁଘୋର ଅନ୍ଧାଁରେ ମଣି ଦିବ ହୋ କିଜ୍ଜଇ ।
ଜିଣ ରଅଣ ଉଅରେଁ ଜଇ ଅମ୍ବରୁ ଛୁପ୍ପଇ
ଭଣଇ କାହ୍ନୁ ଭବ ଭୁଞ୍ଜନ୍ତେ ନିବ୍ବାଣ ବିସିଜ୍ଝଇ ।

ବଜ୍ରୋପମ ସମାଧି ସାକ୍ଷାତ୍ କାରଣେନ ସିଦ୍ଧାଚାର୍ଯ୍ୟାନ୍ତ ଗୁଜ୍ଜରୀ ସ୍ୱୟମେବ ଅନୁଶଂସାମାହ—ଭଣ ଇତ୍ୟାଦି । ଅନ୍ୟେଷାଂ ସମ୍ପ୍ରଦାୟବହିର୍ମୁଖ ଯୋଗିନ୍ନି ଯୋଗିନାଂ ମଧ୍ୟେ କୁନ୍ଦୁରେଣ । ଦ୍ୱୀନ୍ଦ୍ରିୟସମାପତ୍ତିଂ ଯୋଗାକ୍ଷରସୁଖେନ କ୍ଲେଶାର ମର୍ଦ୍ଦନ ଦ୍ୱାରୋଽହମ୍ । ପୁନରପି, ତେଷାମଧ୍ୟେ ଚୀର ନିତ । ଯୋଗୀନ୍ଦ୍ର ଚନ୍ଦ୍ରମସ୍ତୁଗୁଣୈଶ୍ୱର୍ଯ୍ୟାଦିମଯ୍ୟୋଦ୍ଧୃତମଭିଜ୍ଞାସନ୍ଦର୍ଶନାର୍ଥଂ

—*—

ଅର୍ଥ—ବାହାରର ଅର୍ଥଟି ଅଶ୍ଳୀଳ । ହେ ଯୋଗିନୀ, ତୋର କୋଳ ମୋତେ ପାଣ୍ଡ ଦେ । ମୁଁ ଯୋନିର ତିନ ନାଡ଼ୀ ଚୁପିବ । ତୋର ଯୋନି ପଦ୍ମକୁ ଲିଙ୍ଗରେ ଘାଣ୍ଟିଲେ ପରମ ସୁଖ ମିଳିବ । ଏହାଛଡ଼ା ମୁଁ କ୍ଷଣେ ଜୀଇବ ନାହିଁ । ତୋର ମୂହଁ ଚୁମ୍ବି କମଳରସ ପିଇମି । ସଙ୍ଗରେ

ଯୋଗିନୀ ଲେପକୁ (ଶେପକୁ) ଯାଉନାହିଁ । କିନ୍ତୁ ମଣିକୁଳ ବାଟେ ଲୁଚି ଯାଇ ଓଡ଼ଆଣରେ ସଂଘାଉଅଛି । ସାସୁ ଘରେ କଞ୍ଚି ଡାଲ ପକାଇଛି । ଦୁଇଟା ପଙ୍ଖା ମେଲି ଦେଇଛି । କବି ନିଜକୁ କହୁଛନ୍ତି—ମୁଁ କୁନ୍ଦୁରି ଲୋକଙ୍କ ଭିତରେ ବୀର (ଶ୍ରେଷ୍ଠ) ଛେଣ୍ଡୁ ନଗର ନାଶ ମଝିରେ ଲଙ୍ଗଳା ହୋଇ ଠିଆ ହୋଇଲା । ପାରମାର୍ଥିକ ଦୃଷ୍ଟିରେ କବି ବିଶୁଦ୍ଧ ଅବଧୂତିକାକୁ ଯୋଗିନୀରୂପରେ ଏବଂ ନିଜକୁ ତାହାର ଉପପତିରୂପରେ ବର୍ଣ୍ଣନା କରୁଛନ୍ତି । ଲଳନା, ରସନା, ଅବଧୂତିକା (ଇଡ଼ା, ପିଙ୍ଗଳା, ସୁଷୁମ୍ନା) ନାଡ଼ୀ ତିନୋଟିକୁ ଚିପିଦେଇ ବନ୍ଦ କଲେ ନିଶ୍ୱାସ ପବନର ଗତି ବନ୍ଦ ହୁଏ । ସେତେବେଳେ ସାଧକ ନୈରାତ୍ମ୍ୟ ବା ମହାଶୂନ୍ୟର ଉପଲବ୍ଧି କରେ । ତହିଁ ସଙ୍ଗେ ସଙ୍ଗେ ସାଧକର ହୃଦୟ ପରମ ଆନନ୍ଦ ଉପଲବଧି କରେ । କବି ସେହିକଥା କହୁଛନ୍ତି—ବଜ୍ର ଓ ପଦ୍ମର ମିଳନରେ ଚିତ୍ତକୁ ଶୂନ୍ୟତାରେ ପୂର୍ଣ୍ଣକରି ସହଜାନନ୍ଦ ଲାଭ ହେଉ । ସେହି ସୁଖରେ ପରିଚିତ କବି ଯୋଗିନୀ କହୁଛନ୍ତି—ଏହି ପରମ ସୁଖ ବିନୁ କ୍ଷଣେ ମୁଁ ଜୀଇଁମି ନାହିଁ । ତୋର ମୁଖ ଚୁମ୍ବି ଉଷ୍ଣୀଷକମଳରେ (ସହସ୍ରଦଳ କମଳରେ) ଆନନ୍ଦ ରସ ପିଇମି । ତାନ୍ତ୍ରିକ ମତରେ ବ୍ରହ୍ମରନ୍ଧ୍ରରେ ସହସ୍ରାର କମଳ ରହିଅଛି । ସହଜ ମତରେ ମଧ୍ୟ ମସ୍ତକରେ ସେହିପରି ଉଷ୍ଣୀଷକମଳ ରହି ଥାଏ । ସେହି ସ୍ଥାନରେ ସାଧକ ପ୍ରବେଶ କଲେ ସ୍ତ୍ରୀ ସମ୍ଭୋଗଠାରୁ ବଳି ସୁଖ ଅନୁଭବ କରେ । ସେହି କଥାକୁ "ସେଉଁ ରୂପ ଯୁଗଳରେ ରତି ସୁଖ ପାଉଁ" ବୋଲି ଶ୍ରୀମ ଦେଇ ବ୍ରହ୍ମ ନିରୂପଣ ଗୀତାରେ ଲେଖିଛନ୍ତି । ସେହି ଅବସ୍ଥାକୁ ଉଜ୍ଜ୍ୱଳନୀୟ ବୈଷ୍ଣବମାନେ ରାଧାକୃଷ୍ଣଙ୍କ ଯୁଗଳ ମିଳନ ରୂପରେ ବର୍ଣ୍ଣନା କରିଛନ୍ତି ।

ତନ୍ତ୍ରମତରେ ମୂଳାଧାର ଚକ୍ରରେ କୁଣ୍ଡଳିନୀ ଶକ୍ତି ସୁପ୍ତ ରହିଥାଏ । କୁଣ୍ଡଳିନୀ ଜାଗ୍ରତ ହେଲେ ମନ କ୍ରମେ କ୍ରମେ ସ୍ଥିର ହୁଏ । ଏବଂ କୁଣ୍ଡଳିନୀ ସହସ୍ରାରରେ ପ୍ରବେଶ କରି ରତିସୁଖ ତୁଲ୍ୟ ପରମାନନ୍ଦ ପ୍ରଦାନ କରେ । ସେହିପରି ସହଜ ମତରେ ବୋଧିଚିତ୍ତ ମଣିମୂଳ ଅର୍ଥାତ୍

ଆଧାର ଚକ୍ରରେ ମୋହ ଯୁକ୍ତ ହୋଇ ପଡିଥାଏ । ସେ ଜାଗ୍ରତ ହେଲେ ସହସ୍ରକମଳସ୍ଥିତ ନୈରାମ୍ଭା ସହିତ ମିଳିତ ହୁଏ । ଯୋଗିମା ମଣିକୁଳ ଦେଇ ଯାଇ ଓଡିଆଣ ଚକ୍ରରେ ନୈରାମ୍ଭା ସହିତ ମଳିତ ହେଉଅଛୁ । ଖେପତୁଁ ଅର୍ଥାତ୍ ନିଶ୍ୱାସକୁ ଉତ୍‌କ୍ଷିପ୍ତ (ଉଜାଣି ଚଳାଇବାରୁ) କରିବାରୁ ମୋହରେ ଲିପ୍ତ ହେଉ ନାହିଁ । ଶ୍ୱାସଘରେ ଦୁଇ ଦୁଆରେ କଞ୍ଚି ତାଲା ପଡିଅଛୁ । ଚନ୍ଦ୍ରସୂର୍ଯ୍ୟ (ଇଡା ପିଙ୍ଗଳା) ଦୁଇପକ୍ଷ ବନ୍ଦ ହୋଇଛି ଅର୍ଥାତ୍ ଇଡ଼ା ବା ପିଙ୍ଗଳା ନାଡୀରେ ପବନର ଗତି ନାହିଁ । ଅର୍ଥାତ୍ ଶ୍ୱାସ ରୋଧ କରି ଇଡା ପିଙ୍ଗଳା ନାଡୀ ବନ୍ଦ କରି ପବନକୁ ଉଜାଣି ଚଳାଇଲେ ପବନ ଉପରକୁ ଯାଇ ସହସ୍ରାରରେ ପ୍ରବେଶ କରିବ । କବି କୁନ୍ଦୁରୁ ଯୋଗରେ ସିଦ୍ଧି ଲାଭ କରିଛନ୍ତି । ତେଣୁ ସେ ଲୋକଙ୍କ ଭିତରେ ଚୀର ଅର୍ଥାତ୍ ଲେଙ୍ଗୁଟି ଧରିଛନ୍ତି ।

—o—

**ସମଭାବ ପଦ୍ୟ.—**

ସେ ହଂସ ବସୁରଇ ଠାଉେ । ଉଡି ଯିବାର ପାଞ୍ଚେ ନଠାେ ।
ତାହାକୁ କରି ଭୁ ଆକଟ । ଡେଣାକୁ ଧରି ପକ୍ଷ କାଟ ।

(ବ୍ର· ଶା. ପୃ ୧୨)

ଫୁଲ ବାସନାରେ ଭ୍ରମର ମହାମତ୍ତ ।
ପଞ୍ଚବର୍ଣ୍ଣ ଧରି ସେ ଫୁଲ ଗୋଟିକ'ତ ।
ଏ ପୁଷ୍ପ ଚହ୍ନିଲେ ସିନା ବାସନା ଫୁଟିବ ।
ନାମ ବ୍ରହ୍ମଜ୍ୟୋତି ବ୍ରହ୍ମରୂପ ପ୍ରକାଶିବ ।

(ଅଣାକାର ସଂହିତା ପୃ୧୧)

ଯେଉଁ ରୂପେ ଯୁଗଳରେ ରତି ସୁଖପାଇ ।
ପିତାକୋଳେ ମାତା ଯେସନକ ବସିଥାଇ ।
ମାତାକୋଳେ ଯେସନକ ବସିଥାଇ ପୁଅ ।
ମନ ଆନନ୍ଦରେ ହସୁଥାଇ ଟେହ ଟେହ ।

ସେହିରୂପେ ମନ୍ମଥର ସ୍ୱରୂପ ଆକୃତି ।
ସ୍ଥଳରେ ବସିଛି ମହା ବିଷମ ଆକୃତି ।

(ବ୍ରୁ· ନ· ପୃ ୬୮)

ଦରରେ ହୋଇଲେ ପୂରି ଉଜ୍ଜ୍ୱଳ ନୀର ।
ସରୋବର ମଧ୍ୟେ ବାରିଥିଲେ ସମସର
ବିକଶିବ ପଦ୍ମବନ ବସିବ ଭ୍ରମରୀ ।
ମଧୁପାନେ ହୋଇ ମତ୍ତ ଉଚ୍ଚାରିବ ଧ୍ୱନି
ସେ ଧ୍ୱନିକି ଶ୍ରବଣେ ଯେ ତରିଗଲେ ମୁନି ।

(ଶୂ. ସଂ. ପୃ୧୯)

—o—

## ପଦଟୀକା :—

ତିଅଡ୍ଡା—ସଂ—ନି ନାଡ଼ୀ, ପ୍ରା·
ତିନଡ଼ା-ତିଅଡ୍ଡା ଓ ଚିହ୍ନଡ଼

ଗୁପି—ଓଡ଼ିଆ

ଜୋଇଙ୍କ—7 ଯୋଗିମା

ଦେ-ସଂ-ଦା ଧାତୁ; ଓ-ଦେ ଧାତୁ
(ଅନୁଜ୍ଞା)

ଅଙ୍କ—ତତ୍ସମ, କୋଳ ।

ପାଳ—ପାଡ଼

କମଳ—ତତ୍ସମ, ପଦ୍ମ; ସ୍ତ୍ରୀ
ଜନନେନ୍ଦ୍ରିୟ ।

କୁଳିଶ— „ ବଜ୍ର; ପୁରୁଷ
ଜନନେନ୍ଦ୍ରିୟ

ସ୍ତ୍ରୀନ୍ଦ୍ରିୟଂ ଚ ତଥା ପଦ୍ମଂ ବଜ୍ରଂ
ପୁଂସେନ୍ଦ୍ରିୟଂ ତଥା ।
ଶୂନ୍ୟଂ ବୈରୋଚନଂ ଖ୍ୟାତଂ
ବଜ୍ରୋଦକଂ ତଥାଗ୍ରରଂ ।
(ଜ୍ଞାନସିଦ୍ଧି ୧ମ ପରିଚ୍ଛେଦ
ଶ୍ଳୋକ ୧)

ଢାଣ୍ଟା—ଓଡ଼ିଆ

କରନ୍ତୁଁ—କରୁ, ସଂ-କରୋତୁ, ପ୍ରା·-
କରେଦୁ, କରଉ, କରନ୍ତୁ—
କରୁଁ

ବଆଳା—ବଳାଳ; ଅଥବା
ଦିଆଁବାଳ

ଯଥା—ଖେଳାଳ
ବିଆଁଳିଆଁ ପାଟ୍ଟି ଦିଆଁଳ ଧାନ ।

ତଇଁ—ତହିଁ, ସଂ-ତସ୍ମିନ୍

ବନୁ—ଓ-ସଂ-ବନା

ଖନହିଁ-ସଂ-କ୍ଷଣ ଓ ଖଣ+ହିଁ
(କଷ୍ଟପୂର୍ଥରେ)

ନ—ତତ୍ସମ

ଜାବମି—ସଂ ଜାବାମି ଓ ଜାବଇ
ଜାଇଁମି ଜାଇବ ।

ତୋ—ଓ, ସଂ-ତବ, ପ୍ରା-ତୁଅ,
ତୋ ଓ ବର୍ଣ୍ଣବିପର୍ଯ୍ୟୟରେ
ତୁଅ-ତଉ-ତୋ

ମୁହ—ଓ ମୁହଁ, ସଂ-ମୁଖ

ଚୁମ୍ବି—ଓ,ସଂ-ଚୁମ୍ବ, ଲ୍ୟପ୍ସ୍ଥାନେ ଇ

କମଳ ରସ—ତତ୍ସମ

ପୀବମି—ସଂ-ପୀବାମି, ଓ-ପିବଇଁ,
ପିଇମି, ପିଇବ ।

ଖେପନ୍ତୁଁ—ଓ-ଖପାରୁ
ସଂ-କ୍ଷେପ । ପ୍ରା-ଖେପ ନ୍ତୁଁ
ପଞ୍ଚମୀ ବିଭକ୍ତିର ପ୍ରତ୍ୟୟ ।

ଲେପ—ଓ-ଶେପ ସଂ-ଲପ୍‌ଧାତୁରୁ
ଜାଅ—ଯାଇ ( ଅସମାପିକାର୍ଥ ସ୍ଥା
ସମାପିକା ଭାବରେ ବ୍ୟବହୃତ)
ମଣିକୂଳେ—ଝୀ-ମଣିମୂଳେ
ବନ୍ଧୁଆ—ଓ-ବୋନ୍ଧ, ସଂ-ବନ୍ଧ
ଲ୍ୟପ୍ ସ୍ଥାନେ ଇଆ ।
ଓଡ଼ଆଣେ-ଓଡ଼ଆନେ
ଊର୍ଦ୍ଧ୍ୱସ୍ଥାନ — ଉଡ୍‌ଡ୍‌ସ୍ଥାନ
ଊର୍ଦ୍ଧ୍ୱଦେଶ— ଉଡ୍‌ଡ୍‌ଏସ୍
ଉଡ୍‌ଡସ୍ —ଓଡସା ।
ସଗାଅ—ସଂ-ଗାଏ, ସଙ୍ଗ ବା
ସଙ୍ଗମ—ନାମଧାତୁ
ସଙ୍ଗ କରେନ୍ତି—ସଙ୍ଗନ୍ତି-ସଙ୍ଗଇ ।
ସଙ୍ଘଧାତୁ ଣିଜନ୍ତ-ସଂଘାଏ,
ସଂଘଇ ।
ସାସୁ—ଓ, ସଂ—ଶ୍ୱଶ୍ରୂ ।
ଘରେଁ—ଓ, ସଂ—ଗୃହ ;
ଓ—ଘର+୭ମୀ ଏ ।
ଘାଲି—ପକାଇ—ପଲ୍ଲିଧାତୁ
କୋଞା—କଞ୍ଚ-ସଂ-କୁଞ୍ଚିକା
ଚାଲ—ଚାଲ୍ଲ ।
ଗୁନ୍ଦ—ଓ-ସଂ-ଚନ୍ଦ୍ର
ସୁଜ—7 ସୂର୍ଯ୍ୟ
ବେଣି—7 ବେନ, ସଂ ବେଣୀ
ପ୍ରା—ବେଣ୍ଣି
ପଖା—ସଂ ପକ୍ଷ
ଫାଳ—ଫାଡ଼ ଚରକ ହୋଇଛୁ ।
ଓଡ଼ଆରେ ଫାଳମଧ୍ୟ ଅଧିକୁ
ବୁଝାଏ, ସଂ-ସ୍ଫାଟ ଧାତୁ
(ଚିରିବା ଅର୍ଥ)
ଭଣଇ—ଓ, ସଂ-ଭଣନ୍ତି
ଅମ୍ଭେ—ଓ, ଆମ୍ଭେ, ଅସ୍ମଦ୍+ଏ
(ପ୍ରଥମା ବିଭକ୍ତି ପ୍ରତ୍ୟୟ)
ପ୍ରା-ଅହମେ, ଅମ୍ହେ ।
କୁନ୍ଦୁରେ—କନ୍ଦର୍ପରୁ ମଧ୍ୟ ହୋଇ-
ପାରେ । ଓଡ଼ଆରେ କୁନ୍ଦୁର
ଓ ଗୁନ୍ଦୁରଶବ୍ଦ ଚରିତହୀନ
ଅର୍ଥରେ ବ୍ୟବହୃତ ।
ସାସ—ସାର
ନଅର—ନଗର
ନାସ୍ତି—ତତ୍ସମ
ମଝେଁ—ମଝିରେ, ସଂ-ମଧ୍ୟ, ପ୍ରା-
ମଜ୍ଝ ଓ ମଝି, ମଝା ।
ଉଭିଲା—ଉଭାଏ ନିସ୍ତାର ଅଛତ
ଭାଳି ଠିଆହେଲା । ଉଭାଧି ତୁ-
ଉଭାଏ, ଉ· ଉଭିଲା ସଂ-ଉଦ୍‌ଭବ
ପ୍ରା—ଉଦ୍‌ଭଅ
ଚୀର-ଲେଙ୍ଗୁଟି, ସଂ-ଚୀର

*O*O*

## ରାଗ ଗୁର୍ଜ୍ଜରୀ

### ଗୃଟିଲ୍ଲ ପାଦାନାମ୍ ;---

ଭବଣଇ ଗହଣ ଗମ୍ଭୀର ବେଗେଁ ବାହୀ
ଓ— ଭବନଇ ଗହନ ଗମ୍ଭୀର ବେଗେ ବହି ।
ଦୁଆନ୍ତେ ଚିଖିଲ ମାଝେଁ ନ ଥାହୀ
ଓ—ଦୁଇଅନ୍ତେ ଚିଖଲ ମାଝେ ନ ଥାଇ ।
ଧାମାର୍ଥେ ଗୃଟିଲ ସାଙ୍କମ ଗଢ଼ଇ (୧)
ଓ—ଧର୍ମାର୍ଥେ ଗୃଟିଳ ସଙ୍ଘ ଗଢ଼ଇ ।
ପାରଗାମୀ ଲୋଅ ନିଭର ତରଇ
ଓ— ପାରଗାମୀ ଲୋକ ନିର୍ଭର ତରଇ ।
ଫାଡ଼ିଅଣ (୨) ମୋହତରୁ ପାଟି (୩) ଜୋଡ଼ିଅ
ଓ—ଫାଡ଼ଣ ମୋହତରୁ ପଟି ଯୋଡ଼ି ।
ଅଦଅ (୪) ଦିଢ଼ ଟାଙ୍ଗୀ ନିବାଣେ (୫) କୋଡ଼ିଅ
ଓ—ଅଦ୍ୱୟ ଦୃଢ଼ ଟାଙ୍ଗୀ ନିବାଣେ କୋଡ଼ି ।
ସାଙ୍କମତ ଚଡ଼ିଲେ ଦାହିଣ ବାମ ମା ହୋହୀ
ଓ—ସଙ୍ଗରେ ଚଡ଼ିଲେ ଡାହାଣ ବାମ ନ ହୋଇ ।
ନିଅଡ଼ି (୬) ବୋହି ଦୂର ମା (୭) ଜାହୀ
ଓ—ନିକଟେ ବୋଧି ଦୂର ମା ଯାହି ।
ଜଇ ତୁମ୍ ହେ ଲୋଅ ହେ ହୋଇବ ପରଗାମୀ
ଓ—ଯଦି ତୁମ୍ଭେ ଲୋକ ହେ ହୋଇବ ପରଗାମୀ ।
ପୁଚ୍ଛ ତୁ ଗୃଟିଲ ଅନୁଉର ସାମୀ
ଓ—ପୁଚ୍ଛ ତୁ ଗୃଟିଳ ଅନୁତ୍ତର ସ୍ୱାମୀ ।

---

୧—ଗଟଇ (କ)
୨—ଫାଡ଼ିଅ (ଗ)
୩—ପାଟି (ଗ)
୪—ଆଦଅ ଦିଟି (କ)
୫—କୋହ୍ୱଅ (କ, ଖ)
୬—ନିଅଡ଼ୀ (କ, ଖ)
୭—ଦୂରମ (କ)

ତମେବ ଯଥାଭୂତାର୍ଥଞ୍ଚାଟିଲ୍ଲପାଦାଃ ଶବ୍ଦାନ୍ତରେଣପ୍ରକଟୟନ୍ତିଭବଣଇ ଇତ୍ୟାଦି । ପୂର୍ବୋକ୍ତ ଲଳନାରସନାଦ୍ୟାଭାସର୍ଦ୍ଵୟଂ ପାରବାର ଗମ୍ଭୀରତ୍ୱେନ ନଦୀସନ୍ଧ୍ୟୟା ବୋଧବ୍ୟଂ । ଦ୍ଵାବପି ତ ସନ୍ଧ୍ୟାୟାଂ ବିଷୟୋଲ୍ଲୋଳମୁତ୍ପାଦ୍ୟତେ ବହନଶୀଳ ଚ । ଅତଏବ ଗହନଂ ଉଦ୍ଧାନକଂ । ପ୍ରକୃତି ଦୋଷାଦ୍ ଗଭୀରଂ । ଷଟ୍ପଥଦ୍ୱାରେଣମୂଢପୁଷ୍ପଷାଦକଂ ଚ ପ୍ରଭବତୀତି । ଅତଏବ ଅନ୍ତଦ୍ୱୟଂ ପାରବାରଂ ବାମଦକ୍ଷିଣଂ ତଖିଲମିତି ପ୍ରକୃତି ଦୋଷପଙ୍କାନୁଲପ୍ତଂ । ମଧ୍ୟେ ତସ୍ୟାଥାହଂ । ଅବଧୂତ୍ୟାଃ ପ୍ରମାଣ ସ୍ୱରୂପଂ କର୍ତ୍ତୁଂ ନ ପାର୍ଯ୍ୟତେ ବାଳଯୋଗିନା । ଧ୍ରୁବ ପଦେନ ଚତୁର୍ଥାନନ୍ଦମୁଦ୍ଦୀପୟନ୍ନାହ ।

ଧର୍ମାର୍ଥଂ ସ୍ୱଲକ୍ଷଣଧାରଣାତ୍ ଧର୍ମଃ ଘଟପଟ ସ୍ତମ୍ଭକୁମ୍ଭାଦିଭୂତବିକାରଃ । ତସ୍ୟ ସ୍ୱରୂପେଣ ନାସ୍ତି ରୂପମିତି । ଶ୍ରୀ ହେରୁକତନ୍ତ୍ରତତ୍ତ୍ୱପଟଳୋକ୍ତ-ବସ୍ତୁନାନୁପଲମ୍ଭତୟା । ଗୁଣ୍ଡିଳସିଦ୍ଧାଚାର୍ଯ୍ୟଃ । ଶବ୍ଦମିତି ସଂବୃତିପରମାର୍ଥ-ୟୋରୈକ୍ୟଂ ଗୁରୁ ସମ୍ପ୍ରଦାୟାତ୍ ଘଟୟତି ତଥାତ ସରହ ପାଦାଃ:—

ଶୁଣ୍ଣକରୁଣ ଜୋ ପୁଣୁ ଜୋହୁଣ ବେନ ବିକପଇ
ଣୋ ଭବଣୋନବ୍ବାଣେ ଥକ୍କଇ ।
ଅହବା କେବଲ କରୁଣା ଭାବଇ
ଜନ୍ମସହସ୍ରେଁ ମୋକ୍ଖ ନ ପାବଇ ।

ଅନେନ ସିଦ୍ଧାଚାର୍ଯ୍ୟୋପାୟେନ ମୋକ୍ଷ ମୁକ୍ତା ଯେ ଯୋଗିନଃ, ତେଽପି ନପୂତଂ ସଂସାର ସମୁଦ୍ରସ୍ୟ ପାରଂଗଚ୍ଛନ୍ତୀତି ।

ପାଦାନ୍ତରେଣୋକ୍ତାର୍ଥବ୍ୟକ୍ତିକରଣମାହ—ଫାଡଅ ଇତ୍ୟାଦି । ମୋହତରୁଂ ବିଷୟଂ ବ୍ୟାବୃତ୍ତିବଶାତ୍ ତମେବ ସଂବୃତି ବୋଧିଚିତ୍ତବୃକ୍ଷଂ ପାଟୟିତ୍ୱା ତସ୍ୟ ବିଷୟଗ୍ରହଂ ଖଣ୍ଡୟିତ୍ୱା ସତୋଲ୍ଲେକଂ ପାଟକେନ ସହ ଏକୀକରଣଂ ଘଟୟତି । ପୁନରସ୍ୟ ଫଳପ୍ରତିପାଦନାୟ ଯୁଗନଦ୍ଧଯରଶ୍ମିନା ଦୃଢଂ କଟବନ୍ଧତି ।

ତୃତୀୟଂ ପଦେନ ମାର୍ଗସ୍ୟ ଅନୁଶଂସାମାହ—ସାଙ୍କମ ଇତ୍ୟାଦି । ସ୍ୱାଧିଷ୍ଠାନ ପ୍ରକ୍ଷସ୍ୱରସ୍ୟୋରୈକ୍ୟଂ ସଂକ୍ରମଂ ଜନସ୍ୟ ସତ୍ୱାନାଂ ସଂସାର ସମୁଦ୍ର ପାରକରଣାୟ । ହେ ଯୋଗିନଃ । ତଦାରୁହତ ।

ସନ୍ତବାମଦକ୍ଷିଣଚନ୍ଦ୍ରସୂର୍ଯ୍ୟାତ୍ମକୌ ପୁବଂ ବଜ୍ରଜାପଂ ନବେଧାତ୍ ପୁନରପି ପଶ୍ଚାଦ୍ଭବଂ ମା ଚଳନ୍ତୁ ଷଂଥ । ଏତେନାଭ୍ୟାସବଶେନ ବୋଧିମହାମୁଦ୍ରାସିଦ୍ଧି ନଂ ଦୂରଭରା । ଅନ୍ତିକ ସନ୍ନିହିତେବ । ତତୋ 'ବମାର୍ଗଂ ମା ଯତଥାଦୂରଂ ମା ଗଚ୍ଛଥ ଇତ୍ୟର୍ଥଃ ।

ଯୋଗୀପ୍ରଦେନ ଚତୁର୍ଥ ପଦମାହ—ଜଇ ତୁମ୍ ହେତ୍ୟାଦି ଆଶ୍ରସନ୍ଧ୍ୟମହାମୋହ ନଦ୍ୟାଃ ପାରଗମନଂ ଯଦାଷ୍ୟଚେ ହେ ଯୋଗିନସ୍ତଦା ସିଦ୍ଧାଚାର୍ଯ୍ୟପଦେଶ ପାରମ୍ପର୍ଯ୍ୟେଣାନୁତ୍ତର ଧର୍ମସ୍ୱାମିନମାହ-ପୃଚ୍ଛଥେତ । ଅତଏବ ସହଜାନନ୍ଦୋପଦେଶଂ ଜାନାମ୍ୟହଂ ନିଷ୍ଟିତମିତି । ଅନ୍ୟ ଯୋଗିନସ୍ତଥାବଧନ୍ତ ଜାଣନ୍ତ । ପୁସ୍ତକହସ୍ତଗର୍ବଭାତ୍ ।

ତଥାଚ କୃଷ୍ଣାଚାର୍ଯ୍ୟପାଦୈରଭିହିତଂ ଦୋହାକୋଷେ—
ସହ ଏକ୍କୁ ପର ଅଛି ତହିଂ ଫୁଡ଼ କାହ୍ନୁ ପରିଜାନଇ ।
ବହୁ ସତ୍‌ବାଗମ୍ ପଢ଼ଇ ସୁଣଇ ବଢ଼ କମ୍ପି ଣ ଜାଣଇ । ୫ ।

---*---

ଅର୍ଥ—ସଂସାରକୁ ନଦୀ ସହିତ ତୁଳନା କରା ହୋଇଛି । ନଦୀର ତରଙ୍ଗ ପରି ସଂସାରରେ ବିଷୟ ବାସନା ରହିଛି । ଏହି ବିଷୟ ବାସନା, ଦୁନଗତି ଓ ଦୁଃଖରେ ଉଠି ନଦୀକୁ ଗମ୍ଭୀର ଓ ଭୟଙ୍କର କରିଛି । ଏହି ନଦୀ ଖୁବ୍ ଜୋରରେ ବହି ଯାଉଛି । ଏ ନଦୀର କୂଳ ପାଖରେ ଦୋଷ ସବୁ ରହି ବାଡ଼ି ଖସଡ଼ା ବା କାଦୁଆ କରିଛି । ମଝିରେ ବି ଥଳକୂଳ ନାହିଁ । ତେଣୁ ଏହି ନଦୀଟି ପାରହେବା ସହଜ ନୁହେଁ । ଅତି କଷ୍ଟକର । ଗୁଟିଲ କବି ଲୋକଙ୍କ ଉପକାର ଲାଗି ଏହି ନଦୀରେ ଶଙ୍କଟିଏ (ପୋଲ) ଗଢ଼ୁଛନ୍ତି । ସେଇ ଶଙ୍କରେ ଚଢ଼ି ଲୋକେ ସହଜରେ ଭବନଦୀ

ପାର ହୋଇଯିବେ । ଶଙ୍ଖ ଗଢିବାକୁ ହେଲେ ଗଛ, ତହିଁର ପଟା, ଟାଙ୍ଗିଆ ଦରକାର ହୁଏ । କାମ ମୋହରୂପକ ଗଛକାଟି ତାକୁ ଫାଡ଼ି ତହିଁରେ ପଟା କାଟିଛନ୍ତି । ସେହି ପଟାଗୁଡ଼ିକ ଯୋଡି ଅଦ୍ୱୟଜ୍ଞାନ ରୂପକ ଟାଙ୍ଗିଆରେ ନବାଡ଼ି କରି କୋରି (ପିଟି) ଛନ୍ତି । ତେଣୁ ଏ ଶଙ୍ଖଟି ସହଜରେ ଭାଙ୍ଗି ଯିବନାହିଁ । ଏ ଶଙ୍ଖରେ ଚଢିଲେ ବାଁ ଡାହାଣ ହେବାକୁ ହେବ ନାହିଁ । ଅର୍ଥାତ୍—ଇଡ଼ା ଓ ପିଙ୍ଗଳା ନାଡ଼ିରେ ପବନ ଯିବନାହିଁ । ତାହା କଲେ ନିକଟରେ ବୋଧି ଅର୍ଥାତ୍ ସିଦ୍ଧି ଲାଭ ହେବ । ଯାହାର ଏହି ଭବ ନଈ ପାରି ହେବାର ଇଚ୍ଛା ଅଛି, ସେ ଗୁଟିଳକୁ ପଚାରନ୍ତୁ । ସେ ତାକୁ ତହିଁର ବାଟ ବତାଇ ଦେବେ । ଗୁଟିଳ ଏ ବିଷୟରେ ଅନୁତ୍ତର ଅର୍ଥାତ୍ ସମସ୍ତଙ୍କଠାରୁ ଶ୍ରେଷ୍ଠ ଯୋଗୀ ।

—*—

ସମଭାବ ପଦ୍ୟ—

ଯିଷ୍ଟ ଦୁଆରେ ମୁଦ୍ରାବନ୍ଧେ । ଟେକି ଉଜାଣି ସୁଖ ଛନ୍ଦେ ।
ଝରକା ବାମ ଦକ୍ଷିଣରେ । କହୁଃଯେ ଥିବ ଧୀରେ ଧୀରେ ।
ଶାଙ୍ଖଳ-ଛନ୍ଦ ଯିନା ସେହି । ଉଜାଣି ଚଳାଇଲେ ତହିଁ ।
ଘଟୂଆଳକୁ ଚାଇ ଦେଖ । ତେବେ ପାଇବ ହେଉ ଶିକ୍ଷା ।

(ବ୍ର· ଶ୍ଳୀ· ପୃ· ୧୧)—

ଅକୂଳ ସମୁଦ୍ରେ ଭାସି ମୁଁ ଯାଉଛି,
ଶୂନ୍ୟବାସୀ କର ସାହା ହେ ।
ଅତି ଅନାଥର ଏ ମାୟାସଂସାର
ହେଉ ତେତା ରହୁନାହିଁ ।
ଅସ୍ତ୍ରମୟ ଜଳ ଲହରି ପ୍ରବଳ
ଥଳକୂଳ ଦିଶୁ ନାହିଁ ।

(ଜୟକୃଷ୍ଣ ଭଜନ ପୃ ୨୬)

—*—

## ପଦଟୀକା

ଭବନଈ—ସଂ-ଭବନଦୀ, ସଂସାର
ରୂପକ ନଈ ।

ଗହଣ—7 ଟହନ

ଗମ୍ଭୀର—ଓ-ସଂ, ଗମ୍ଭୀର, ଓ-
ଗହ୍ବର ଗମ୍ଭୀର

ବେଗେଁ—ବେଗରେ ଓଡ଼ିଆ
୭ମୀରେ ଏ, ଅନୁନାସିକ
ହୋଇଛି ।

ଅଥବା—ବେଗ+ଏନ (ତୃତୀୟା)
ସ୍ଥାନେ ଏଁ

ବେଗ—ସଂ-ବ୍ୟଗ୍ର ।

ବାନ୍ଧି—ବନ୍ଧ ଧାତୁରୁ, କ୍ତ୍ୱ-ଲ୍ୟପ୍
ସ୍ଥାନେ ଇ, ଅସମାପିକା କ୍ରିୟା
ସମାପିକା କ୍ରିୟା ରୂପରେ
ବ୍ୟବହୃତ ।

ଦୁଆନ୍ତେ— ସଂ-ଦ୍ୱି, ପ୍ରା-ଦୁ+
ଅନ୍ତେ, ଦୁଇ କୂଳରେ

ଚଖିଲ—ସଂ-ଚଖଲ୍ଲ ଓ-ଚଖଲ
(ଖସନ୍ତା)

ମାଝେ—ମଝିରେ (ପ୍ରାଚୀନ ଓଡ଼ିଆ
ମାଝେଁ)

ନ—ତତ୍ସମ

ଥାଇ— ସଂ-ସ୍ଥା-କ୍ତ= ଥାତ =
ଥାଇ, ଓ, ଅର୍ଥାତ୍ ସ୍ଥିତ
ଅଛୁ ।

ଧାର୍ମାର୍ଥେ—ଧର୍ମାର୍ଥେ, ସଂ- ଧର୍ମ,
ପ୍ରା-ଧମ୍ମ-ଧାମ ।

ଗୁଣ୍ଠିଲ—କବିଙ୍କର ନାମ

ସାଙ୍କମ— ସଂ-ସଂକ୍ରମ-ସେତୁ ।

ସଂ— ସଂକ୍ରମ= ସାଙ୍କମ-ସାଙ୍କଅ
=ସଙ୍ଗ (?) ଶଙ୍ଖସର ଧଳା
ଦେଖାଯାଉ ଥିବାରୁ ଶଙ୍ଖ
ହୋଇଛି ବୋଲି କହନ୍ତି,
ତାହା ଠିକ୍ ନୁହେଁ ।

ଗଢ଼ଇ—ସଂ-ଗଠନ୍ତ

ପାପଗାମି—ତତ୍ସମ,

ଲେକ— ”

ନିର୍ଭର— ”

ତରଇ—ସଂ-ତରନ୍ତି, ତୃ ଧାତୁ,
ଓ-ତର ଧାତୁ

ପାଡ଼ିଅଛ—ପାଡିଲଣ ପାଡ଼ିଣ
ପାତ, ତର-ସଂ-ସ୍ଥାପୟିତ୍ୱା ।
ପ୍ରାକୃତରେ କ୍ତ୍ୱା ସ୍ଥାନରେ
ଇଣ ଓ ଇଅ ପ୍ରତ୍ୟୟ

ହୋଇଥାଏ । ଓଡ଼ିଆରେ ସେହି
ଦୁଇଟି ପ୍ରତ୍ୟୟ ରହିଛି ।
ଯଥା-ଖାଇଲେ ଥିବେ ସ୍ଥାନ
ଶୃଗାଳ ବାର୍ଣ୍ଣ । ମ ତ ।
ଯ.ଇଣ ଥିବେ ।
ମୌଳିଚଳୁ—ତତ୍ସମ
ପଟି—ପଟା, ଅଳ୍ପାର୍ଥରେ ଇ=
ପଟି; ସଂ-ପଟ୍ଟ
ଜୋଡଅ—ଜୋଡ, ଲ୍ୟପ୍ ସ୍ଥାନେ
ଇଅ ସଂ-ଜୁଜ । ଧାତୁ ଜୁଡ
ବନ୍ଧନେ ଯୋଗେ ତ ଧା ପ୍ରତ୍ୟ
ଜୁଡ—ଜୋଡ ଓ ଧା । ସଂସ୍କୃତରେ
ଜୁଡ଼ ଧାତୁ ମୌଳିକ ଯୁଜ
ଧାତୁରୁ ପ୍ରାକୃତ ପ୍ରଭାବରେ
ପ୍ରକାଶ କରିଛି ।
ଅଦଅ—ସଂ-ଅଦ୍ୟ ।
ଦଢ—ସଂ-ଦୃଢ଼ ଓଡିଆରେ ଦଢ
ଓ ଦଢ ପ୍ରାଚୀନ ଓଡିଆରେ
ଦଢ଼ ବ୍ୟବହାର ଅଛି ।
ଟାଙ୍ଗୀ—ଓ-ଟାଙ୍ଗୀ+ଆ(ଅଳ୍ପାର୍ଥେ)
ଟାଙ୍ଗୀ ନବାଣେ କୋରଅ କମ୍ବା
କୋଡଅନବାଡ କର
କେ ର (ପିଟି) ସଂ-ଟୀ- ପାଟ
କେନ ସହ ଏକୀକରଣଂ
ଘଟଯୁକ - ଅଥା ତ-କୋରି
ପଟାକୁ ଏକ କରିବା

ନବାଣେ—ଓ- ନବାଣେ କିଂବା
ନବାଣେ
କୋରଅ—କୋର, କୋଡ (ଦୁଇ
ବ୍ୟବହୃତ)ସଂ-କୃର୍ଜ-ଷମଦ୍ଧନେ
ପ୍ରା-କୁଡ୍ଡ କୋଡ —ଓ ଧା
ଚଡଲେ—ଚଢିଲେ ଭାବେ୭ମୀ
ସଂ-ଚଳ, ଚଢ଼, ଓ-ଚଢ଼
ସାଙ୍କମତ—ସାଙ୍କମ -୨ୟାରେ ତ
(ଅନ୍ତ ପ୍ରତ୍ୟୟର ତ ହୋଇଛି)
ଦାହ୍ଣ—ଓ-ଡାହାଣ, ସଂ-ଦକ୍ଷିଣ
ବାମ—ତତ୍ସମ—ବା
ମା— ନ
ହୋହି—ହୁଅ, ଭୂ ଓ ହୁଧାତୁ ହି
ଲୋଟରେ ଅନୁଜ୍ଞା ଓଡଆରେ
ହି ର ଲୋପ ହୁଏ ।
ଯଥା—ଯାଅ, ଖାଅ, ବସ, ଉଠ ।
ନିଯୁକ୍ତ-ସଂ-ନିକଟେ ନଅଡ୍ରେ ନଅଡ଼
ବୋଧି—ବୋଧି (ସଂ)
ଦୂର—ତତ୍ସମ
ମା— ନ
ଜାହି—ଯାଅ ସଂ-ଯା, ଓ-ଯା
ଜଇ—ସଂ—ଯଦ
ତୁମ୍ହେ— ତୁମ୍ହେ -ଯୁଷ୍ମଦ୍+ଏ
(୧ମା ଏକବଚନ ପ୍ରତ୍ୟୟ)
ତୁମ୍ମେ, ତୁହ୍ମେ ତୁମ୍ହେ
ତୁମ୍ହେ

ଲେଅ—ଲେଖ

ଦେ—ତତ୍ ସମ

ହୋଇବ—ଓ-ଭବିଷ୍ୟତ କାଳ ତବ୍ୟ ସ୍ଥାନରେ ଇବ । ସଂ-ଭବ-ତବ୍ୟଂ, ପ୍ରା-ହୋଇଦବ୍ବଂ =ହୋଇବ ।

ପୃଚ୍ଛ—ପଚ୍ଚାର-ସଂ-ପ୍ରଚ୍ଛ ଧାତୁ ପୃଚ୍ଛ ଓ ପୃଚ୍ଛ ଧାତୁ । ପୃଚ୍ଛ ଲୋଟନ୍ତି

ଭୂ—ଓ ୧ମା ସଂ-ଭୂଂ, ପ୍ରା-ଭୂଅଂ

ଅନୁତ୍ତରସାମି— ଅନୁତ୍ତରସ୍ୱାମୀ । ଅନୁତ୍ତର—ସର୍ବଶ୍ରେଷ୍ଠ

ସାମୀ—ସଂ—ସ୍ୱାମୀ = ସ୍ୱାଇଁ ସ୍ୱାଇଁ (ଓ)

—o—

# ରାଗ—ପଟମଞ୍ଜରୀ

## ଭୁସୁକୁ ପାଦାନାମ୍ :—

କାହାରେ (୧) ଘିନି ମେଲି ଅଛହୁ କୀସ
ଓ—କାହାରେ ଘେନ ମେଲି ଅଛୁ କୀସ ।
ବେଢିଲ(୨)ହାକ ପଡଅ ଚୌଦିସ
ଓ—ବେଢିଲା ହାକ (ଡାକ)ପଡଇ ଚଉଦିଗ ।
ଅପଣା ମାଂସେ ହରଣା ବୈରି
ଓ—ଆପଣା ମାଂସେ ହରଣ ବୈରି ।
ଖଣହ ନ ଛାଡଅ ଭୁସୁକୁ ଅହେର
ଓ—କ୍ଷଣକ ନ ଛାଡ଼ଇ ଭୁସୁକୁ (୩) ଅହେର (ଅହେର)
ତିଣ ନ ଛୁପଇ ହରଣା ପିବଇ ନ ପାଣୀ
ଓ—ତୃଣ ନ ଛୁଅଁଇ ହରଣ ପିବଇ ନ ପାଣି ।
ହରଣା ହରଣୀର ନିଲୟ ନ ଜାଣୀ
ଓ—ହରଣ ହରଣୀର ନିଳୟ ନ ଜାଣି ।
ହରଣୀ ବୋଲଅ[୪] ଶୁଣ ହରଣା(୫) ତୋ
ଓ—ହରଣୀ ବୋଲଇ ଶୁଣ ହରଣ ତୁ ।
ଏ ବଣ ଛାଡି ହୋହୁ ଭାନ୍ତେ ।
ଓ—ଏ ବଣ ଛାଡି ହୋଇ ଭ୍ରାନ୍ତ ।
ତରଙ୍ଗନ୍ତେ(୬) ହରିଣାର ଖୁର ନ ଦୀସଇ(୭)
ଓ—ତରଙ୍ଗନ୍ତେ ହରଣର ଖୁର ନ ଦିଶଇ ।
ଭସୁକୁ ଭଣଇ ମୂଢ଼(୮)ହିଅହି ନ ପଇସଇ
ଓ—ଭସୁକୁ ଭଣଇ ମୂଢ ହିଅନ୍ତି ନ ପସଇ ।

---

୧—କାହେରି—(କ)
୨—ବେଢିଲ—(କ)
୩—ଭୁକୁ—(କ)
୪—ବୋଲଅ ହରଣା—(କ)
୫—ହରିଆ—(କ)
୬—ତରସନ୍ତେ—[ଖ]
୭—ଦୀସଅ—(କ, ଗ)
୮—ମୁଢା—[କ]

ତାହାର ଚୈତନ୍ୟ ଉଦୟ ହେଲା । ସେ ହରିଣ ଛୁଇଁଲା ନାହିଁ । ତାକୁ ଆଉ ସେ ସ୍ଥାନରେ ପାଣି ବ ରୁଚିଲା ନାହିଁ । କିନ୍ତୁ ସେ ନଜର ଚନ୍ଦ୍ରସଙ୍ଗିମା ନୈରାତ୍ମା ରୂପ ହରିଣୀର ନିଳୟର ସନ୍ଧାନ ଜାଣି ନ ଥିଲା । ସେହି ଚିତ୍ତହରିଣୀର ଆବେଗ ଓ ବୈରାଗ୍ୟ ଦେଖି ହରିଣୀ (ନୈରାତ୍ମା ଦେବୀ) ତାକୁ ଡାକ କହିଲେ—ରେ ହରିଣ, ଶୁଣ, ତୁ ଏ ବଣ ଛାଡ଼ ଭ୍ରମରେ ପଡ଼ି ବୁଲୁଅଛୁ । ତେଣୁ ତୁ ଏହି ବନକୁ (କମଳ ବନକୁ) ଚାଲି ଆସ । ଏଠାରେ କିଛି ଭୟ ନାହିଁ । ତାହା ଶୁଣି ହରିଣ ସେହି କମଳ ବନକୁ ଚଞ୍ଚଳ ୨ ଦୌଡ଼ି ଗଲା । ତାହାର ଖୁରା ବି ଦେଖାଗଲା ନାହିଁ । ମହାଶୂନ୍ୟରେ ସେ ମିଶିଗଲା । ମୂର୍ଖ ଲୋକର ହୃଦୟରେ ଏକଥା ପଶଇ ନାହିଁ । ଭୁସୁକୁ ଏହା ଭଣିଲେ ।

## ପଦଟୀକା :-

କାହେରେ—ଓ କାହାରେ—ଓ କାହାର । ସଂ-କସ୍ୟ = କାହ । କାହ ୭ମୀରେ କାହାରେ । କାହାର ।

ଘିନ—ଘେନ-ଲାଗି । ସଂ-ଗ୍ରହଧାତୁ ଓ-ଘିଣ ଧାତୁ, ଘେନ ଧାତୁ । ଘେନ-ଲ୍ୟପ୍ ସ୍ଥାନେ ଇ । ପ୍ରାଚୀନ ଓଡ଼ିଆରେ ଘିନର ପ୍ରୟୋଗ ଅଛି ।

ମେଲ—ଅଛହୁଁ-ମେଲଅଛୁ । ମେଲ-ମେଲଧାତୁ, ଲ୍ୟପ୍ ସ୍ଥାନେ ଇ ।

ଅଚ୍ଛହୁ—ପ୍ରାଚୀନ ସମ୍ଭାବିତ ଧାତୁ-ଏ ଶ୍ଳେଷ । ଅସ୍‌ଛନ୍ତ—ଅଚ୍ଛନ୍ତ = ଅଛଇ, ଅଛି ।

Origin and Development of B. language
chatterjee P 1035
ପ୍ରାକୃତରେ ସ-ଅସ୍ତିର ବର୍ତ୍ତମାନ ପର୍ଯ୍ୟାୟରେ ଅଚ୍ଛି- ହୋଇ ଅଛି-ଯଥା-ବସ୍ତ୍ରଚସ୍ସ—କାଚ୍ଛସ ।

କାସ—ସଂ-କାଦୃଶ

ବେଢ଼ିଲ—ସଂ-ବେଷ୍ଟଧାତୁ ପ୍ରା-ବେଢ଼୍ଢ ।

ହାକ—ଡାକହାକ, ପାନପାନ ପରି ଡାକହାକ ।

ପଡ଼ଅ—ପଡ଼ଇ ସଂ-ପତତି, ପ୍ରା—ପଡ଼ଇ-ପଡ଼ଅ ।

ଚୌଘସ—ଚଉଦଗ ସଂ-ଚତୁ-
ର୍ଦ୍ଦଶ ।

ଅପଣ—ଅର୍ପିଣ୍ଡ; ସଂ-ଆତ୍ମନ୍
ପ୍ରା-ଅପ୍ପଣ = ଆପଣ ।

ଆପଣ+ଅ(ସମ୍ବନ୍ଧରେ) ଆପଣା ।

ମାଂସେ—୬ମୀ (ନିମିତ୍ତାର୍ଥରେ)

ହରିଣୀ—ହରିଣ+ଆ

ବୈଷ—ତତ୍ସମ ।

ଖଣିହ—ଖଣକ, ପ୍ରା-ଖଣଅ =
ଖଣହ ।

କମ୍ବା ଖଣହ—ଖଣହିଁ ଖଣ+ହି
(ନିଶ୍ଚୟାର୍ଥରେ)

ନ—ତତ୍ସମ ।

ଘୁଞ୍ଚଇ—ସଂ-ଛର୍ଦ୍ଦତ, ପ୍ରା-ଛଡ଼୍ଡଇ-
ଘୁଞ୍ଚଇ Orijen of Develop-
ment of B lang. P 472)
ପ୍ରାକୃତରେ ଘୁଞ୍ଚ ଧାତୁଟିଏ
ଅଛି । ଏହି ଘୁଞ୍ଚଧାତୁ
ଓଡ଼ିଆରେ ଘୁଞ୍ଚଧାତୁ ।

ଯଥା—ଲେହ୍ମ ଦେହ୍ମ ଘୁଞ୍ଚେ ଉଣ୍ଡେ।
ସର୍ବାସୁସ ଜମ୍ପନ୍ତ ।
ନସ୍ବ ଦେହ ତ୍ୟଜ ପ୍ରଖ୍ୟସ୍ଥ
ସଦ୍ଦେ ଖ୍ଵର ଜଳନ୍ତ (ପିଙ୍ଗଳ)
ବୋଧହୁଏ ପ୍ରାକୃତରେ
ଘୁଞ୍ଚ ଧାତୁ ସଂସ୍କୃତ ମୂଳକ
ନୁହେଁ ।

ଅହେର—ଶିକାର; ସଂ—ଆଖେଟିକ
ପ୍ରା—ଆହେଡ଼-ଅହେରି କମ୍ବା
ଅଭର, ଓ-ଅଏର- ଅହର-
ଅହେର ।

ଷଣ—ସଂ-ତୃଣ-ଓ-ଷରଣ ।

ଚୁପଇ—ଚୁଅଇ; ସଂ-ସ୍ପୃଶନ୍ତି-
ଚୁଅଇଁ—ସଂ-ସ୍ପୃଶ-ପ୍ରା-ଛୁପ୍ପଇ
(ବର୍ଣ୍ଣବିପର୍ଯ୍ୟୟ ଯୋଗୁଁ)

ପିବଇ—ପିଅଇ, ସଂ-ପା ବା ପିବ
ଓ—ପିବଓ ପିଅ ଧାତୁ, ପ୍ରାଚୀନ
ଓଡ଼ିଆରେ ପିବଇ ବ୍ୟବହୃତ ।

ପାଣି—ସଂ-ପାନୀୟ ।

ନଳଅ—ନଳସ୍ୟ ।

ଜାଣି—ଜାଣ+ଲ୍ୟପ୍ସ୍ଥାନେ ଇ ।
ସଂ—ଜ୍ଞା, ଓଡ଼ିଆରେ ଜାଣ-
ଧାତୁ ।

ବୋଲଅ—ବୋଲଇ, ସଂ—ବ୍ରୁ
ପ୍ରା—ବୋଲ୍ଲ ବୋଲଧାତୁ ।

ଏ—ସଂ—ଅସ୍ମ । ଅଇଁ-ଏଁ

ବଣ—ସଂ-ବନ

ଘୁଞ୍ଚି—ଘୁଞ୍ଚ+ଇ (ଲ୍ୟପ୍ସ୍ଥାନେ)

ହୋନ୍ତୁ—ହୋଇ ସଂ-ଭୂ ଧାତୁ, ହୁ
ଧାତୁ ।

ହୁ (ଲୋଟ୍ ସ୍ଥ ଜାତ ହୁ)=ହୋଉ ।

ଭ୍ରନ୍ତୋ । ସଂ-ଭ୍ରାମ୍ୟେ=ଭ୍ରାନ୍ତ

ତରଙ୍ଗନ୍ତେ—ତରଙ୍ଗପରି ଚଞ୍ଚଳ
ଯାନ୍ତେ, ତରଙ୍ଗ ନାମ ଧାତୁ
ଶତୃସ୍ଥାନେ ଅନ୍ତ ଷବେ ୭ମୀ।

ପାଠାନ୍ତର :—
ତରସନ୍ତେ-ହସନ୍ତେ—ହସ୍+
ଅନ୍ତ
ଏଷବେ ୭ମୀ ଭସ୍ପୁ ହୃଅନ୍ତେ।

ଖୁର—ସଂ—କ୍ଷୁର

ଢସଇ—ଢଶଇ ସଂ—ଦୃଶ୍ୟତେ
ପ୍ରା· ଢସସନ୍ତି।
ଢସ୍ସଇ=ଢସଇ

ଭୁଲୁକୁ—କବିଙ୍କ ନାମ

ଭଣଇ—ସଂ—ଭଣନ୍ତି।

ମୂତ୍ତି—ଚତ୍ତସମ

ହିଅହି—ସଂ-ହୃଦୟ, ପ୍ରା-ହିଅଅ ହିଆ
ଓ ହିଅ (ଓ) ହିଅଅ ହି
(୭ମୀ)—ହିଅହିଁ।

ପଇସଇ—ପସଇ, ସଂ—ପ୍ରବିଶନ୍ତି।

—୦—

# ରାଗ—ପଟମଞ୍ଜରୀ

କାହ୍ନୁ ପାଦାନାମ୍ :—

ଆଲଏଁ କାଲଏଁ ବାଟ ରୁନ୍ଧେଲ
ଓ—ଆଲଏଁ କାଲଏଁ ବାଟ ରୁନ୍ଧିଲା ।
ତା ଦେଖି କାହ୍ନୁ ବିମନ ଭଇଲା
ଓ—ତା ଦେଖି କାହ୍ନୁ ବିମନ ହୋଇଲା
କାହ୍ନୁ କାହିଁ ଗାଇ କରିବ ନିବାସ
ଓ—କାହ୍ନୁ କାହିଁ ଯାଇ କରିବ ନିବାସ ।
ଜେ ମନ ଗୋଅର ସୋ ଉଆସ
ଓ—ଜେ ମନ- ଗୋଚର ସେ ଉଆସ (ଏବଂ ଉଦାସ)
ତେ ତିନି ତେ ତିନି ତିନି ହୋ ଭିନ୍ନା
ଓ—ସେ ତିନି ସେ ତିନି ତିନି ହୋ ଭିନ୍ନ ।
ଭଣଇ କାହ୍ନୁ ଭବ ପରିଚ୍ଛିନ୍ନା ?
ଓ—ଭଣଇ କାହ୍ନୁ ଭବ ପରିଚ୍ଛିନ୍ନ ।
ଯେ ଯେ ଆଇଲା ତେ ତେ ଗେଲା
ଓ—ଯେ ଯେ ଆଇଲା ସେ ସେ ଗଲା ।
ଅବଣା ଗବଣେ କାହ୍ନୁ ବିମନ ଭଇଲା
ଓ—ଗମନା ଗମନେ କାହ୍ନୁ ବିମନ ହୋଇଲା ।
ହେରି ସେ କାହ୍ନୁ ନିଅଡ଼ି ଜିନଉର ବଟ୍ଟଇ
ଓ—ହେରି ସେ କାହ୍ନୁ ନିକଟେ ଜିନପୁର ବର୍ତ୍ତଇ ।
ଭଣଇ କହ୍ନୁ ମୋହି ଅହି (୧) ନ ପଇସଇ
ଓ—ଭଣଇ କାହ୍ନୁ ମୋ ହିଅଙ୍କୁ ନ ପସଇ ।

—କମ୍ବା—

ଭଣଇ କାହ୍ନୁ ମୋ ହିଆରେ ନ ପସଇ ।

---

୧—ମୋ ହିଅହି । (ଖ)

ଵିମନ ହେଲେ । ଗୁରୁଙ୍କ ପ୍ରସାଦରୁ କବିଙ୍କର ଅବିଦ୍ୟା ଦୂର ହୋଇଅଛି । ଅବଧୂତକାରି ବାଟଫିଟିଛି । ସେ ବର୍ତ୍ତମାନ ମହାସୁଖରେ ରହି କହୁ ଅଛନ୍ତି । ମନ ଯେଉଁଠିକି ଯାଉଛି ସେ ଉଆସ ପରି ସୁଖ ହୁଏ । ସୁଖ ଖୋଜି ଖୋଜି ଅନ୍ୟ ସ୍ଥାନକୁ ଯାଇ ବାସ କରିବାର ପ୍ରୟୋଜନ ନାହିଁ । ଜଗତରେ ସବୁଠାରେ ସୁଖ ରହିଛି । ଏହି ମନ ସୁଖ ଦେବ । ଅନ୍ୟଠାରେ ସୁଖ ଖୋଜିବାର ପ୍ରୟୋଜନ ନାହିଁ । ସେ ବର୍ତ୍ତମାନ୍ ସୁଖ ପ୍ରତି ଉଦାସୀନ । ଧର୍ମସଙ୍ଘ ବୃକ୍ଷ ପ୍ରଭୃତି ଭିନ୍ନ ପଦାର୍ଥରେ ସଂସାରରେ ଯେଉଁ ଭେଦ ଦେଖାଯାଏ ସେହି ଭେଦ ଯୋଗୁ ସଂସାରଟା ସୀମାବଦ୍ଧ ହୋଇ ରହିଛି । କିନ୍ତୁ ତାହା ପ୍ରକୃତ ନୁହେଁ । ସଂସାରରେ ଯା ଆସ ଅର୍ଥାତ୍ ଜନ୍ମ ମୃତ୍ୟୁ ଦେଖି ବିଚଳିତ ହେବାର କିଛି କାରଣ ନାହିଁ । ସଂସାରରେ କାହାର ବିନାଶ ହୁଏ ନାହିଁ । ଅବିଦ୍ୟା ବଶରୁ ଲୋକେ ବୁଝିନପାରି ବିମନା ହୁଅନ୍ତି । କିନ୍ତୁ କବି ସଂସାରର ପ୍ରକୃତ ତଥ୍ୟ ବୁଝି ପାରିଛନ୍ତି । ତେଣୁ ତାଙ୍କର ମନ ବିଶୁଦ୍ଧ ହୋଇଅଛି ।

ନିକଟରେ ପରମାନନ୍ଦର ସ୍ଥଳୀ ଜନପୁର ରହିଅଛି । ମୋ ହୃଦପୁରେ ସେ କଥା ପଶୁନାହିଁ । ଲୋକଙ୍କ ହୃଦପୁରେ ସେକଥା ପଶିପାରୁ ନାହିଁ । ଅର୍ଥାତ୍ ମୋହରେ ପଡି ଲୋକେ ପ୍ରକୃତ ପରମାନନ୍ଦ ସ୍ଥଳକୁ ଯିବାକୁ ଚେଷ୍ଟାକରୁ ନାହାନ୍ତି ।

—X—

ସମଭାବ ପଦ୍ୟ :—

ସ୍ୱର୍ଗ ଯେ ନରକ ବେନି ନାହିଁ ତାର ଇଚ୍ଛା ।
ଯହିଁ ଥିଲେ ଥାଉପଛେ ନ କରିବି ବାଞ୍ଛା ।
ମରିବା ଜଇବା ଦୁଇ ମନେ ନାହିଁ ଭ୍ରାନ୍ତ ।
ମଦନ ମୋହନ ରୂପ ଆଗେ ଦିଶୁଛନ୍ତି । (ଶୂ.ସ, ୧୯ ପୃ)
ଅଜ୍ଞାନରେ ବନଗଲ ହେ ସୁଜନ ଭଜ ଶ୍ରୀ ଗୁରୁପଦ୍ମର ।
ଗତି ମୁକତି ସଂପତ୍ତି ଛାଡିଦେଇ ମାୟାକୁ କରିଛ ସାର ।
ମାଛି ପଡିବେ ଲହଡି ଘଡି ଘଡି ପଶ୍ଚାତେ ଉପର ।

X X X X

କାଳମାୟା ଜାଲ ଛିଡିବ ସକଳ ତେବେ ହେବ ପାର ।
ନ ଦଣ୍ଡିବ ଯମ ପାଇବ ଆଶ୍ରମ ବସିବ ଅଭୟ ପୁର ।
ଭଣେ ଶ୍ରୀମକର କବିକୁଳଚନ୍ଦ୍ର ହେବ ଅଜାମର ।
(ଭଜନମାଳାଶ୍ରୀମତେଷେପି ୬୮ ପୃଷ୍ଠା)

—×—

**ପଦଟୀକା.—**

ଅଳିଏଁ—ଭଅଁର-ତତ୍ସମ ପ୍ରଥମା ଏକ ବଚନରେ ଏଁ

ସଂ - ଅଳି—ଓ-ଅଳି-ଭ୍ରମର ଅର୍ଥରେ ଅଛି ।

କାଳିଏଁ—କାଳିଆ-ସଂ-କାଳିକା

ବାଟ—ସଂ ବର୍ତ୍ମ-ପ୍ରା—ବଟ୍ଟ = ବାଟ

ରୁନ୍ଧିଲ—ରୁନ୍ଧିଲ-ସଂ-ରୁଧ

ରୁଂଧ—ଓ + ଇଲ ରୁଧାଦ୍ଧ ଧାତୁର ନ ଆଗମ ହୋଇ ରୁଂଧ ହୁଏ ।

ତା—ସଂ-ତତ୍-ଓ-ତାହା ଓ ତା

ଦେଖି-ସଂ-ଦୃଶ-ପ୍ରା-ଦକ୍ଖ-ଦେଖ ଦେଖ + ଲ୍ୟପ୍‌ସ୍ଥାନେ ଇ

କାହ୍ନୁ-କୃଷ୍ଣଙ୍କନାମ-ସଂ-କୃଷ୍ଣ କଣ୍ହ କାହ୍ନୁ-କହ୍ନା ।

ବମନ—ତତ୍ସମ

ଭଇଲା—ହୋଇଲା, ସଂ- ଭୂ, ଓ-ହୁ ଧାତୁ + ଇଲା ।

କହ୍ନି—କାହ୍ନି, ସଂ-କସ୍ମିନ୍, କହ୍ନି, କାହ୍ନି ।

ଗଇ—ଯାଇ, ଗମ୍ + ଇ ।

କରିବ—ସଂ-କୃ-ଓ-କର + ଇବ (ତବ୍ୟସ୍ଥାନେ)

ନିବାସ—ତତ୍ସମ

ଜୋ—ଯେ, ସଂ-ଯଃ, ପ୍ରା-ଜୋ (ଶୌରସେନୀ)

ମନଗୋଅର—ମନଗୋଚର ଓ - ମନ ଅଗୋଚର ।

ସୋ—ସେ,ସଂ-ସଃ,ପ୍ରା-ସୋ (ଶୌରସେନୀ)

ଉଆସ—ଆବାସ (ବର୍ଣ୍ଣ ବିପର୍ଯ୍ୟୟ-ଯୋଗୁଁ) ଏବଂ ଉଦାସ ।

ତେ—ସେ, ସଂ-ତଦ୍ ୧ମା ବହୁବଚନ ।

ଛିନ—ସଂ-କ୍ଷୀଣ ।

ହୋ—ହୁଏ,ସଂ-ଭବତି ପ୍ରା-ହୋଇ କମ୍ବା ସମ୍ବୋଧନ ଅବ୍ୟୟ ।

ଟୀକା—ପରମକରୁଣାନନ୍ଦମୂର୍ଚ୍ଛିତ- ହୃଦୟଃ -କମ୍ବଳାମ୍ବରପାଦାଃ କରୁଣା-
ବ୍ୟାଜେନ ତମେବାର୍ଥଂ ଦ୍ୟୋତୟନ୍ତ ଆହୁଃ—ସୋଣେତ୍ୟାଦି—କରୁଣେତି
ସନ୍ଧ୍ୟାଭାଷୟା ତମେବ ବୋଧିଚିତ୍ତଂ ନାବେତି ଉତ୍ପ୍ରେକ୍ଷାଳଙ୍କାରପରଂ
ବୋଧବ୍ୟଂ । ତାଂ ତାଦାତ୍ମ୍ୟତୟା ସର୍ବାକାରବରେପେତଶୂନ୍ୟତୟା
ସଦ୍‌ଗୁରୁ ପ୍ରସାଦରସଂ ସମ୍ପୂର୍ଯ୍ୟ ମହାସୁଖ ଚକ୍ରଗମନ ସମୁଦ୍ଦେଶେନା-
ସ୍ମାକଂ ସମ୍ବୋଧି ସିଦ୍ଧାର୍ଥୀୟଂ କମ୍ବଳାମ୍ବରପାଦା ବାହୟନ୍ତି । ରୂପେତ୍ୟାଦି—
ରୂପବେଦନା ସଜ୍ଞା— ସଂସ୍କାରବିଜ୍ଞାନାଖ୍ୟାନାଂ ଅନେକ ସ୍ଥାନଭେଦଂ ନାସ୍ତି ।
ସର୍ବମେବ ତନ୍ମୟତ୍ୱାତ୍ । ଏତେନ ଚତୁର୍ଥୋପାୟ ନୌବାହନେନ ବିନା
ମମ ସିଦ୍ଧାର୍ଥୀୟସ୍ୟ ଗତଂ ଜନ୍ମାନ୍ତରଂ ବ୍ୟାଘଟଖଣ୍ଡ୍ୟାର୍ଥଃ । ଇଦାନୀମସ୍ମାକଂ
ସମ୍ବୋଧି ବଦନ୍ତି କମ୍ବଳାମ୍ବର ପାଦାଃ । ନିର୍ବିକଳ୍ପ ପ୍ରବାହାଭ୍ୟାସଂ କୁରୁ ।
ତଥା ଚ ଅପ୍ରତିଷ୍ଠାନ ପ୍ରକାଶେ—

ଯାବାନ୍ କଶ୍ଚିଦ୍ ବିକଳ୍ପଃ ପ୍ରଭବତି ମନସସ୍ତ୍ୟାଜ୍ୟରୂପୋ ହି ତାବାନ୍
ଯୋଽସାବାନନ୍ଦରୂପଃ ପରମସୁଖକରଃ ସୋଽପି ସଙ୍କଳ୍ପମାତ୍ରଃ ।
ଯୋ ବା ବୈରାଗ୍ୟଭାବସ୍ତଦପି ତଦୁଭୟଂ ତଦ୍‌ଭାବସ୍ୟାଗ୍ରହେତୁ

ନିର୍ବାଣଂ ନାନ୍ୟଦସ୍ତି କ୍ୱଚିଦପି ବିଷୟେ ନିର୍ବିକଳ୍ପାତ୍ମତତ୍ତ୍ୱାତ୍ ।
ତଥାଚ ବୋଧିଚର୍ଯ୍ୟାବତାରେ—

ମାନୁଷ୍ୟଂ ନାବମାସାଦ୍ୟ ତର ଦୁଃଖମହାନଦୀଂ
ମୂଢ଼କାଲୋ ନ ନିଦ୍ରାୟା ଇୟନ୍ନୌର୍ଦୁର୍ଲ୍ଲଭା ପୁନଃ ।

ପଦାନ୍ତରେଣ ତମେବାର୍ଥଂ ଦ୍ୟୋତୟନ୍ନାହ—
ଖୁଣ୍ଟୀତ୍ୟାଦି—ପ୍ରଥମେ ଖୁଣ୍ଟିକା ଆଗ୍ରହଦୋଷଂ । ଗୁରୁବାକ୍ୟଂ ଦୃଢ଼ୀ-
କୃତ୍ୟ ଉତ୍ପାଟ୍ୟ ହେ ଯୋଗିବର । କଚ୍ଛିକାସୁ ବିଦ୍ୟାସ୍ୱରୂପ ମୁକ୍ତୀ କୃତ୍ୟ
ଦୃଢ଼ଂ ତସ୍ୟାଃ ପ୍ରବାହଂ କୁରୁ ।
ଏତେନାଗ୍ରହବିଶେଷେଣ ଅନୁତ୍ତର ଧର୍ମସାକ୍ଷାତ୍‌କାଟିକାଚତ୍ୱୋ ହି ଭବ-
ଖଣ୍ଡ ଯତ ସଂଶୟଃ ।

ତୃତୀୟପଦେନ ଗୁରୋରସସମ୍ପ୍ରଦାୟାତ୍ ବଟର୍ଯ୍ୟସୁମହ—
ମାଙ୍ଗେଚେତ୍ୟାଦି—ମାର୍ଗଂ ବିରମାନନ୍ଦଂ ଗତ୍ୱା ଚତୁର୍ଦ୍ଧିଶଂଗ୍ରାହ୍ୟାଦି
ବିନା ସଂସାରେ ପତନ୍ତି ।

ତଥାଚ ଚର୍ଯ୍ୟାପାଦଃ—

ଖୋଲଜ ପଡ଼ିଲେଁ କାପୁର ନାଶାଇ ଇତି ।

ଯଃ ପୁନଃ ସଦ୍‌ଗୁରୁ ବଚନେନ ପଦପଙ୍କଜସୁଖାନେନ୍ୱେଷଣଂ କରୋତି ସ
ଭବଜଳଧୌ ପାରଂ ଗଚ୍ଛତୀତି ।

ତଥାଚ କୃଷ୍ଣା ଚର୍ଯ୍ୟପାଦାଃ—

ଜୋ ମଣେଅଣ ମଣର ଅଣ
ଅହରହ ସହଜ ପରନ୍ତ
ସୋ ପର ଜାନଇ ଧର୍ମଗଇ
ଅନୁ କମୁ ନଅ କହନ୍ତ ।

ଚତୁର୍ଥ ପଦେନ ଫଳବ୍ୟକ୍ତୀକରଣମାହ—

ବାମଦାହିଣେତ୍ୟାଦି— ବାମଦକ୍ଷିଣ ମାର୍ଗସଦ୍ୱୟଂ ମଧ୍ୟମାୟାଂ
ପ୍ରବେଶୟିତ୍ୱା ମାର୍ଗବିରମାନନ୍ଦ ଗତଂ ବୋଧିଚିତ୍ତଂ ନିଜ ଜ୍ଞାନପରି-
ଶୋଧିତଂ । ମହାସୁଖଚକ୍ରସମୁଦ୍ଭୋଦ୍ଦେଶେ ଯଦା ମିଳିତଂ ତସ୍ମିନ୍
ମାର୍ଗେ ମହାସୁଖସଙ୍ଗ-ନୈରାତ୍ମା ଜ୍ଞାନ ଭଙ୍ଗଂ ମସ୍ୱା ପ୍ରାପ୍ତମିତି

—**—

ଅର୍ଥ—କବି ସଂସାରକୁ ସାଗର ଏବଂ ନିଜଚିତ୍ତକୁ ନୌକା ରୂପରେ
କଳ୍ପନା କରିଛନ୍ତି । ନୌକାସବୁ କାଠରେ ଗଢ଼ାହୁଏ । ଏ ଚିତ୍ତ—ନୌକା
କରୁଣାରେ ଗଢ଼ା ହୋଇଛି । ନୌକାସୁନାରେ ଭର୍ତ୍ତିହୋଇଗଲେ ଆଉ
ରୁପା ରଖିବାକୁ ଠାବ ରହେନାହିଁ । ସେହିପରି ଏ ଚିତ୍ତ ନୌକା
ଶୂନ୍ୟରେ ପୂର୍ଣ୍ଣ ହୋଇଛି ଆଉ ରୂପ ରସ ପ୍ରଭୃତି ବିଷୟ ରଖିବାକୁ ଠାବ
ନାହିଁ । ଅର୍ଥାତ୍ ଜଗତଟା ଶୂନ୍ୟ, ଯାହାକିଛି ଉପଭୋଗର ବିଷୟ ଦେଖୁ-

ଅଛି, ସେ ସମସ୍ତ ଶୂନ୍ୟ । ଏହି ଶୂନ୍ୟ ଧାରଣା ମୋ ଚିତ୍ତ ଅଧିକାର କରିଛି । ତେଣୁ ଅସାର ବିଷୟ ବାସନାର ବେଗରେ ମୋ ମନ ବକ୍ତୁ ନାହିଁ । ଲୋକେ ଯିବାଲାଗି ନାବ ବାହି ନଅନ୍ତି । କବି ନିଜକୁ ସମ୍ବୋଧନ କରି କହୁଛନ୍ତି—ରେ କାମଳି, ତୁ ଗଗନ ଅର୍ଥାତ୍ ମହାଶୂନ୍ୟ ନିର୍ବାଣକୁ ଲକ୍ଷ୍ୟ କରି ଚିତ୍ତନୌକାକୁ ବାହି ନିଅ । ତୋର ସଂସାରରେ ଜନ୍ମ ଗଲା (ଶେଷ ହେଲା) । ଆଉ ପୁନର୍ଜନ୍ମ ହେବନାହିଁ । କପରି ବା ଆଉ କାହୁଁଡ ଆସିବୁ ? ନିର୍ବାଣ ଲାଭ କଲେ ତୁ ଅଜରାମର ହୋଇ ରହିବୁ ।

ନାବ ଖୁଣ୍ଟରେ ବନ୍ଧା ହୋଇଥାଏ । ସେ ଖୁଣ୍ଟକୁ ଉପାଡ଼ି ପାଲ ମେଲି ଦେଲେ ନାବ ଚାଲଇ । ସେହିପରି ହୃଦୟ ଅବିଦ୍ୟା ଖୁଣ୍ଟରେ ବନ୍ଧା ହୋଇଛି । ସେହି ଅବିଦ୍ୟା ମାୟାକୁ ମୂଳରୁ ଉପାଡ଼ି (ଦୂରକରି) ଜ୍ଞାନ ରୂପକ କାଛି ମେଲି ଦେଲି । ତୁ ବର୍ତ୍ତମାନ ଗୁରୁଙ୍କୁ ବାଟ ପଚାରି ମନକୁ (ଚିତ୍ତକୁ) ବାନ୍ଧି ନେ । ମଙ୍ଗରେ ଚଢ଼ି ଚଉଦିଗକୁ ଚାହିଁ ସାବଧାନ ହୋଇ ଚିତ୍ତନାବ ବାହିନେ । ଗୁରୁରୂପକ କେରୁଆଳ (ମାଝି) ତ ନାହିଁ । କିଏ କଣ ବାହିବାକୁ ପାରିବ ? ବର୍ତ୍ତମାନ ବାଁ ଡାହାଣ (ଇଡ଼ା ପିଙ୍ଗଳାକୁ) ଚାପି ମଙ୍ଗ (ମନ ପବନକୁ) ଧୀରେ ଧୀରେ ମେଲି ଦେଲି । ବାଟରେ ମହା ସୁଖ ମୋର ସାଙ୍ଗ ମିଳିଗଲା । ଅର୍ଥାତ୍ ବାଁ ଡାହାଣ ପୂର୍ତ୍ତାରେ ପବନ ରୋଧ କରି ସୁଷୁମ୍ନାରେ ଚାଳି ଭବସାଗର ତରିଯାଇ ମହାଶୂନ୍ୟ ବା ନିର୍ବାଣ ଲାଭକରି ମହାସୁଖ ଅନୁଭବ କଲି ।

—*—

ସମଭାବ ପଦ୍ୟ—

ଚନ୍ଦ୍ର ମଣ୍ଡଳକୁ ଜଳ ତୋଳି । ସୂର୍ଯ୍ୟ ମଣ୍ଡଳେ ଦିଅ ଢାଳି ।
ନିଶ୍ରେଣୀ ଲାଗିଛି ଶୂନ୍ୟରୁ । ମନ ପବନ ସଙ୍ଗେ ଚଢ଼ୁ ।
ତ୍ରିକୂଟ ଦ୍ୱାରେ ପ୍ରବେଶିବ । ବାମ ଦକ୍ଷିଣ ଛାଡ଼ି ଦେବ ।
ତାମ୍ବୁରୁ ଭେଦ ଯିବ ଚାଲି । ତାର ଭୟକୁ ଦୂର କରି ।
ତାପର ଶ୍ରୀଗୁରୁ ଉପଦେଶ । ଗୁହ୍ୟ ହୋଇବ ପରକାଶ ।

[ବ୍ରୁ: ଶା: ପୃ ୨୨]

ଆପକୁ ଆପେ ଚହ୍ନିରେ ବାବୁ ।
କାଳେ କାଳେ ଅଜ୍ରାମର ହୋଇବୁ ।
ସୁଖେ ପାର ହେବୁ ଭବ ସାଗର ।
ଭୁଲି ଗଲେ ପ୍ରାପ୍ତେ ଯିବ ଶରୀର ।

(ଶୂ: ସଂ, ପୃ ୭୩)

ସୁମନ ଆରେ ମୋ ବୋଲ କର ।
ସୁସଙ୍ଗେ ସୁପଥେ ଯାଆ ରେ ।
ଅଗାଧ ଜଳ ନ ପାଇ ଥଳ,
ହରି ନାମ ମୁଖେ ଗାଆ ରେ ।
ସୁମନ ପଟାକୁ କୁମନ କଣ୍ଟା ବନ୍ଧି,
ଜଗଣ୍ଟିକ ଯାଆ ରେ ।
ହେତୁ କେଉଟ ମଙ୍ଗକୁ ଆଣ୍ଟ
ଆଗ ପଛ କରି ବାହା ରେ ।
ତ୍ରିଗୁଣା ମାରି ଝୁରି ଅନ୍ଧାର,
ଆଠ ଆଖଡ଼ାକୁ ଗୁହାଁ ରେ ।
ଯମ ଯେମନ୍ତେ ଯିବ ପରତେ,
ଯିବା ଆସିବାର ଗୁହାଁ ରେ ।
ଷଡ଼ ଅଇରି ଛରସ ଭରି
ନଜ ବାଣିଜ୍ୟରେ ଥାଆର ।
ସାଧୁ ସଙ୍ଗତେ ବଣିଜ ଯେତେ
ମୂଳ ରଖି ଲଭ ଖାଆ ରେ ।
ନ କର ହେଳା ବୁଡ଼ିବ ଭେଳା
କହୁବଟି ବଡ଼ ବାଆ ରେ ।
ଯଶୋବନ୍ତ ଦାସ ପାଦରେ ଶରଣ
କେହୁ ନୋହୁବ ଟି ସାହାରେ ।

[ଭଜନ ସାର]

ଯଶୋବନ୍ତ

—*—

ପଦଟୀକା—

ସୋନେ— ସୁନାରେ ଓ ଶୂନ୍ୟରେ (ଶ୍ଳେଷ ଅଳଙ୍କାର) ସଂ-ଶୂନ୍ୟ ଓ-ସୁବର୍ଣ୍ଣ ଏକ ସ୍ଥାନରେ ଏ (ସୁବର୍ଣ୍ଣେନ)

ଭରନ୍ତ—ଓ-ଭର୍ତ୍ତି-ଓ-ଭରନ୍ତ ।

ନାୱା—ସଂ-ନୌ, ଓ-ନାବ, ନାଆ । ନାବ+ଈ=ନାୱା ।

ରୁପା—ସଂ-ରୂପ, ରୂପ୍ୟ, ପ୍ରା-ରୁପ୍ପ-ଓ-ରୁପା ।

ଥୋଇ—ଥୋଇବାକୁ । ସଂ-ସ୍ଥା, ଓ ଥା+ଇ ଲ୍ୟପ୍ ସ୍ଥାନେ ।

ନାହିଁକ—ସଂ-ନାସ୍ତି, ପ୍ରା-ଣତ୍ଥି- ଓ ନାହିଁ=କ ।

ଠାୱା—ଓ-ଠାବ, ସଂ-ସ୍ଥାନ ଠାବ+ଇ (ଯତିପାତଲାଗି)

ବାହା—ବାହା, ବାହୁନଅ, ସଂ-ବହ୍+ଣିଚ, ଓ-ବାହ (ଅନୁଜ୍ଞାଲୋଟ୍)

ଭୂ—ସଂ-ଭ୍ରମ୍ ପ୍ରା-ଭୂଅ, ଭୂମ୍= ଓ-ଭୁ

କାମଳ—କମ୍ବଳ-କବ ନିଜକୁ ସମ୍ବୋଧନ କରୁଛନ୍ତି ।

ଗଅଣ—ଗଗନ ଓ ଗମନ

ଉଦ୍ଦେସେଁ—ଉଦ୍ଦେଶରେ । ଉଦ୍ଦେଶ ଉଏସ, ଉଦ୍ଦେସ+ଏ [୭ମୀ]

ଗେଲ—ଗଲା, ଗମ୍+ଇଲ ।

ଜାନ—ସଂ-ଜନ୍ମ ।

ବାହୁଡଇ—ସଂ-ବ୍ୟାବର୍ତ୍ତତେ, ବୃ+ଅ ଧାତୁ,ପ୍ରା-ବାବଟ୍ଟ । ବାଉଟ୍ଟ, ବାହୁଡ଼-ଓ-ବାହୁଡ଼ ।

କଇସେଁ-ଓ-କସେ,ସଂ-କାଦୃଶ

ଖୁଣ୍ଟି—ଖୁଣ୍ଟ+ଇ (ଅଳ୍ପାର୍ଥରେ)

ଉପାଡ଼ୀ—ସଂ-ଉତ୍ପାଟ୍ୟ, ପ୍ରା-ଉପ୍ପାଟ ଉପାଡ଼, ସଂ-ଉତ୍+ପାଟ୍ ଓ-ଉପ୍ପା ଓପାଡ଼ ଧାତୁ

ମେଲଲ—ମେଲ+ଇଲ (ଉତ୍ତମ ପୁରୁଷ)

କାଛି—ଲୁଗା, ପାଲ,ସଂ-କାଞ୍ଚିକା ଓ-କାଛା, କାଛୁ ।

ମାଗତ—ମଗ-୨ୟାରେ ତ୍ ଅନ୍ତସ୍ଥା ଦାସୀନ୍ତ ଗଇଣ ଆଜ୍ଞାଦେଲେ ରାମମାତା, ଦା ଚେଟୀଲ ମାନନ୍ତ ତହିଁ ଆଜ୍ଞା ଅବଧାର

ଚଉଦସ—ଚଉଦଗ,ସଂ- ଚତୁର୍ଦ୍ଦିଶ

ଗୃହଁଅ—ଗୃହଁ ।

କେଉଆଳ—କେରୁଆଳ, ସଂ- କେରୁପାଳ

ବାହବକେ—ବାହବାକୁ

ପାଇଅ—ପାରଇ

ତୃପୀ—ତୃପି, ସଂ-ତପ୍ (ଶକ୍ତ୍ୟର୍ଥକ ଧାତୁ ଣିଜନ୍ତ)

ମିଲିମିଲ—ମେଲ ୨

ବାଟତ— ବାଟରେ ବାଟ+ତ (୭ମୀ ବା ୨ୟାରେ)

ସାଙ୍ଗା—ସାଙ୍ଗ, ସାଙ୍ଗ+ଆ (ଯତି ଲାଗି)

# ରାଗ—ପଟମଞ୍ଜରୀ

## କାହ୍ନୁପାଦାନାମ୍—

ଏଙ୍କ କାର ଦିଢ (୧) ବାଖୋଡ଼ ମୋଡ଼ିଉ [୨]
ଓ— ଏଙ୍କ କାର ଦୃଢ ବାଖୁଲ ମୋଡ଼ (ମୋଡ଼ୁ)
ବିବିହ ବିଆପକ ବାନ୍ଧଣ ତୋଡ଼ିଉ ।
ଓ—ବିବିଧ ବ୍ୟାପକ ବାନ୍ଧଣ ତୋଡ଼ (ତୋଡ଼ୁ)
କାହ୍ନୁ ବିଲସଅ ଆସବ ମାତା
ଓ—କାହ୍ନୁ ବିଳସଇ ଆସବ ମତ୍ତ ।
ସହଜ ନଳିନୀ ବନ ପଇସି ନିବିତା
ଓ—ସହଜ ନଳିନୀବନ ପଶି ନିବୃତ୍ତ ।
ଜିମ ଜିମ କରଣା କରିଣିରେ ରିସଅ ।
ଓ—ଯହୁଁ ଯହୁଁ କରି କରିଣୀରେ ରୁଷଇ.
ତିମ ତିମ ତଥତା ମଅ ଗଲ ବରିସଅ
ଓ—ତହୁଁ ତହୁଁ ତଥତା ମଦ ଜଳ ବରିଷଇ
ଛଡ଼ଗଇ ସଅଲ ସହାବେ ସୁଧ
ଓ—ଛଡ଼ ଗତି ସକଳ ସ୍ୱଭାବେ ସୁଦ୍ଧ ।
ଭାବାଭାବ ବଲାଗ୍ର ନ ଛୁଧ
ଓ—ଭାବାଭାବ ବାଳାଗ୍ର ନ କ୍ଷୁବ୍ଧ—(କ୍ଷୁଦ୍ର)
ଦଶ ବଳ ରଅଣ ହରିଅ ଦଶଦିସେଁ
ଓ—ଦଶବଳ ରତ୍ନ ହରିଣ ଦଶଦିଶେ ।
ଅବିଦ୍ୟା କରିକୁଁ ଦମ [୩] ଅକିଲେ ସେଁ
ଓ—ଅବିଦ୍ୟା କରୀକୁ ଦମ ଅକଳେ ଶେ ।

---

୧—ଦୃଢ (କ)
୨—ମେଡ଼ିଉ (କ)
୩—ବିଦ୍ୟାକରି ଦମକୁ (କ, ଗ)

ଟୀକା— ଘନାନନ୍ଦୋତ୍କୀର୍ତ୍ତିତସ୍ୟ କୃଷ୍ଣାଚାର୍ଯ୍ୟପାଦାଶ୍ଚିତ୍ତ ଗଜେନ୍ଦ୍ର ଶବ୍ଦ ସନ୍ଧ୍ୟା ଭାଷୟା ତମୋ ବାର୍ଥଂ ଉତ୍ପ୍ରେକ୍ଷୟନ୍ତ ଆହୁଃ ।—

ଏବଂକାର ଇତ୍ୟାଦି—ଏକାର ଶ୍ଚନ୍ଦ୍ରାଭାସଂ ବଂକାରଃ ସୂର୍ଯ୍ୟଃ ଉଭୟଂ ବିକାରାଦି ଜ୍ଞାନଂ ବାଖୋଡ଼ ମର୍ଦ୍ଦୟିତ୍ୱା ନିରାଭାସୀ କୃତ୍ୟ , ବଜ୍ରଜାପକ୍ରମେଣ । ଅପରଂ ବିବିଧପ୍ରକାରାନବଧୂତି ବ୍ୟାପକବନ୍ଧନଂ ତୋଡ଼ଅ ତୋଡ଼ୟିତ୍ୱା ଏଷାଂ ବିଷୟାଣାମନୁପଲମ୍ଭାସବପନେନ ପ୍ରମତ୍ତଃ ସନ୍ ଜ୍ଞାନ ଗଜେନ୍ଦ୍ର କୃଷ୍ଣାଚାର୍ଯ୍ୟାଚରଣାଃ ,। ନଳିନୀ ବନ ମହାସୁଖକମଳଂ କୃତ୍ୱା ନିର୍ବିକଳ୍ପକାରେ କ୍ରୀଡ଼ନ୍ତୀତି

ତଥାଚାର୍ଯ୍ୟ ନାଗାର୍ଜୁନ ପାଦାଃ—

ବାହ୍ୟଂ ଯତ୍ତଦସତ୍ ସ୍ୱଭାବବିରହାତ୍ ଜ୍ଞାନଞ୍ଚ ସାକ୍ଷ୍ୟ ଖବତ୍
ଶୂନ୍ୟଂ ଯତ୍ ପରିକଳ୍ପିତଂ ତଦପି ଚ ଶୂନ୍ୟଂ ମତଂ କେବଳଂ
ଇତ୍ୟେବଂ ପରିଭାବ୍ୟ ଭାବବିଭବଂ ନିର୍ବିଣ୍ଣଚିତ୍ତୈକଧୀ
ର୍ମାୟା ନାଟକ ନାଟନୈକ ନିପୁଣୋ ଯୋଗୀଶ୍ୱରଃ କ୍ରୀଡ଼ତି ।

ପଦାନ୍ତରେଣ ତମେବାହୁଃ । —ଜିମ ଜିମେ ଇତ୍ୟାଦି—ଯଥା—

ବାହ୍ୟକରି କରିଣ୍ୟା ମୀର୍ଷ୍ୟାମଦଂ ବହନ୍ତି ତଦ୍ ଭଗବନ୍ତି ନୈରାତ୍ମା ସଙ୍ଗତସ୍ୟା ଚିତ୍ତ ଗଜେନ୍ଦ୍ର କୃଷ୍ଣାଚାର୍ଯ୍ୟ ପାଦାଃ ତଥତାମଦଂ ପ୍ରବର୍ଷନ୍ତି ।

ଅତଏବ ତୃତୀୟପଦେନ ଭାବାନଂ ସ୍ୱରୂପୋପଲବ୍ଧି ମାହୁଃ ଛଡ଼ଗଇ ଇତ୍ୟାଦି ।—ଅଣ୍ଡଜା ଜରାୟୁଜା ଉପପାଦୁକା ସଂସ୍ୱେଦଜା ଦେବାସୁରାଦି ପ୍ରକୃତିକାଃ । ସର୍ବେ ଭାବାଃ ସ୍ୱଭାବେନ ପରିଶୁଦ୍ଧା ଯୋଗୀନ୍ଦ୍ରସ୍ୟ । ବାଲାଗ୍ରମପ୍ୟପରିଶୁଦ୍ଧଂ କିଞ୍ଚିନ୍ନ ବିଦ୍ୟତେ । ତଥାଚ ମଧ୍ୟମକଶାସ୍ତ୍ରଃ—

ନାପନେୟମତଃ କିଞ୍ଚିତ୍ ପ୍ରକ୍ଷେପ୍ତବ୍ୟଂ ନ କିଞ୍ଚନ ।
ଦ୍ରଷ୍ଟବ୍ୟଂ ଭୂତତୋ ଭୂତଂ ଭୂତଦର୍ଶୀ ବିମୁଚ୍ୟତେ ।

ଚତୁର୍ଥ ପଦେନ ପରିପକ୍ୱ କୁଶଳ ଲକ୍ଷଣମାହୁଃ—

ଦଶବଳେତ୍ୟାଦି ଦଶବଳ ବୈଶାରଦ୍ୟା ଦିଗୁଣଯୁକ୍ତଂ ତଥତାରତ୍ନଂ ଦଶଦିଗ୍ ବ୍ୟାପକତୟା ଅନୁଭବାଭ୍ୟାସବଳେନ ହାରିତମସ୍ମାକଂ ଅତଏବ ତଥତାରତ୍ନ ପ୍ରଭାବେଣ ବିଦ୍ୟାକରୀନ୍ଦ୍ରସ୍ୟାନାସଙ୍ଗେନ ଦମନଂ (ମଦନଂ) କୁରୁ ।

**ଅର୍ଥ**—କବି ନିଜକୁ ମତ୍ତହସ୍ତୀ ସହିତ ତୁଳନା କରୁଛନ୍ତି । ହାତୀ ଦୃଢ଼ ବାଖୁଲିରେ ବନ୍ଧା ହୋଇଥାଏ । ତାହା ଦେହରେ ମଧ୍ୟ ନାନା ପ୍ରକାର ବନ୍ଧନ ରହିଥାଏ । କିନ୍ତୁ ସେ ହସ୍ତୀ ମଦ ପିଇ ମତ୍ତହେଲେ ବାଖୁଲି ଉପାଡ଼ି ସବୁ ବନ୍ଧନ ଛିଣ୍ଡାଇ କମଳବନରେ ପ୍ରବେଶ କରି କ୍ରୀଡ଼ା କରେ । ସେହିପରି କବି ୨ଟି ଇଡ଼ା ପିଙ୍ଗଳା (ଚନ୍ଦ୍ର ସୂର୍ଯ୍ୟ) ନାଡ଼ୀରୂପ ବାଖୁଲି ମୋଡ଼ି ସଂସାରର ଅବିଦ୍ୟା ବାସନାବନ୍ଧନ ଛିଣ୍ଡାଇ ଅବଧୂତ (ସୁଷୁମ୍ନା) ବାଟ ଦେଇ ନଳିନୀବନରେ (ସହସ୍ର ଦଳକମଳରେ) ପ୍ରବେଶ କରି କ୍ରୀଡ଼ା କରୁଛନ୍ତି । ବର୍ତ୍ତମାନ ସେ ଜ୍ଞାନରୂପକ ମଦପିଇ ମତ୍ତ ଅଛନ୍ତି । ହସ୍ତିନୀ ହସ୍ତୀ ଉପରେ ରୁଷିଲେ, ହସ୍ତିର ଆସକ୍ତି ବଢୁଥାଏ ଓ ତାହାର ମଦଜଳ ବର୍ଷୁଥାଏ । ସେହିପରି କବି ନୈରାତ୍ମା ଉପଲବ୍ଧି ନ କଲା ବେଳକୁ ତଥତା ବା ନିର୍ବାଣ ଆଡ଼କୁ ତାଙ୍କର ଆସକ୍ତି କ୍ରମେ କ୍ରମେ ବଢୁଅଛି । ଏହି ଅବସ୍ଥାରେ କବି ସମସ୍ତ ଜଗତକୁ ଶୁଦ୍ଧପୂତ ଦେଖୁଛନ୍ତି । ସଂସାରରେ କିଛି ଅଶୁଦ୍ଧ ନୁହେଁ । ଜରାୟୁଜ ଅଣ୍ଡଜ ପ୍ରଭୃତି ସମସ୍ତ ପ୍ରାଣୀ ଧର୍ମକାୟଙ୍କ ଠାରୁ ଉତ୍ପନ୍ନ । ତେଣୁ ସମସ୍ତ ଶୁଦ୍ଧ । ଭବ ଓ ଅଭବ (ସୃଷ୍ଟି ଓ ଲୟ) ମଧ୍ୟ ଶୁଦ୍ଧ । ସଂସାରରେ କାହାର ସୃଷ୍ଟି ହୁଏ ନାହିଁ, ଧ୍ୱଂସ ମଧ୍ୟ ହୁଏ ନାହିଁ ତେଣୁ ସୃଷ୍ଟି ଓ ଲୟ ଉଭୟ ମଧ୍ୟ ଶୁଦ୍ଧ । ଜ୍ଞାନରୂପକହସ୍ତୀ ଦଶଦିଗରେ ତଥତାରତ୍ନ ହରଣ କରି ଅକ୍ଲେଶରେ ଅଜ୍ଞାନକୁ ଦମନକରେ ।

ଅର୍ଥାତ୍—ଜ୍ଞାନ ଯୋଗୁଁ କବି ସବୁଠାରେ ଶୂନ୍ୟର ସତ୍ତା ଉପଲବ୍ଧି କରୁଛନ୍ତି । ତାଙ୍କର ଜ୍ଞାନହସ୍ତୀ ତଥତା (ନିର୍ବାଣ) ରତ୍ନ ଲାଭ କରି ଗଗନରେ କମ୍ପିତ ଓ ସ୍ଫୀତ ହେଉଅଛି । ଅବିଦ୍ୟାରୂପକ ହସ୍ତିକୁ ଦମନ କରି ।

—*—

**ସମଭାବ ପଦ୍ୟ—**

ଚନ୍ଦ୍ର ସୂର୍ଯ୍ୟଙ୍କୁ କଲେଟୋଣ୍ଟୀ । ବସେମ ବ୍ରହ୍ମଅଗ୍ନି ଉଠି ।
ପ୍ରଳୟ ତାଙ୍କୁ ନ ବାଧଇ । ତେବେଟି ସିଦ୍ଧ ଅଙ୍ଗ ହୋଇ ।
ଯେବେ ତୁ ସାଧିବୁ ଉଜାଣି । ଷେପିବ ଗଗନକୁ ପାଣି ।
ତେବେ ପରମେ ହୋଇମେଳ । ଶିଖେ ଭେଟିବ ଆଦ୍ୟମୂଳ ।
ସେ ଆଦ୍ୟ ଯେନ ଯିବେ ସଙ୍ଗେ । ଦେଖି ପଶିବୁ ବ୍ରହ୍ମଅଙ୍ଗେ ।
ଏ କଥା ପ୍ରମାଣ ପ୍ରଚ୍ଛନ୍ନ । ମନଭିତରେ ଅଛୁ ଜ୍ଞାନ ।
ମାୟା ଉହାଡ଼ ହୋଇ ଅଛୁ । ତେଣୁଟି ବାରି ନ ଦଶୁଛୁ ।
ବାସନା ବାରଯେ ଚହ୍ନିକ । ହେତୁ ଆହୁତ ନଷ୍ଟଦେବ ।
ବିଷୟା ବିଷମ ମଦରେ । । ଲଗି ଅଲଗା ନରନ୍ତରେ ।
ହମ୍ଭେ ନ କହୁବ ବଚନ । ଦେଖିବ ସଂପୁର ସମାନ ।

(ବ୍ର· ଶା. ସୃ ୮)

—*—

## ପଦଟୀକା—

ଏବଂକାର—ଏଭ୍ରପର।
ଦଡ—ସଂ-ଦୃଢ।
ବାଖୋଡ—ବାଖୁଲି, ସଂ-ବ୍ୟାକୃଷ୍ଟି ପ୍ରା-ବାକୁଟ୍‌ଠି । ବାଖୋଡ଼, ବାଖୋଡ଼=ବାଖୁଲି ।
ମୋଡଉ—ମୋଡୁ, ସଂ-ମର୍ଦ୍ଦ-ପ୍ରା-ମଡ୍‌ଡ଼=ମୋଡ଼+ଉ ପ୍ରତ୍ୟୟ।
ବବନ୍ଧ—ବିବଧ।
ବଆପକ—ବ୍ୟାପକ (ସ୍ୱରଭକ୍ତି)
କାନ୍ଦଣ—ସଂ-କନ୍ଦନ, ଓ-କାନ୍ଦଣା ଯଥା—କାନ୍ଦଣା
ଛୋଡଉ—ଛୋଡ଼ୁ, ସଂ-ଛୃଟ (ଧାତୁ)
ବଳସଇଅ—ବଳସଇ 'ଇସ୍ଥାନେ ଅ
ଆସବ—ତତ୍ସମ
ମାଉ।—ସଂ-ମତ୍ତ, ଓ-ମତ୍ତ
ସହଜ—ତତ୍ସମ
ନଳମୀ ବନ—"
ପଇସି—ପଶି, ସଂ-ପ୍ରବିଶ୍ୟ
ନବତ୍ତା—ନବୃତ୍ତ
ଜମ—ଯତ୍ନଁ, ସଂ-ଯସ୍ମିନ୍ ପ୍ରା-ଜମ୍ମି=ଜମ ଜଉଁ-ଯତ୍ନଁ ।
କରଣା—କର ।
କରଣିରେ—କରଣୀରେ (ରେ୨ସ୍ଥାନରେ)

ରସଅ—ରୁଷଇ, ସଂ-ରୁଷଧାତୁ
ସଂଠୀ—ଈର୍ଷ୍ୟାମଦଂବହନ୍ତ
ତମ—ତହୁଁ, -ତସ୍ମିନ୍
ତଥତା—ନର୍ବାଣ Thatness
ମଅଗଳ—ମଦଗଳ, ମଦଧାର
ବରସଅ—ବ୍ରରସଇ (ଇ ସ୍ଥାନେ ଅ) ସଂ-ବୃଷ
ଛଉଗଇ—ଛଉଗତି, ଜରାୟୁଜ, ଅଣ୍ଡଜ, ସ୍ୱେଦଜ, ଉଦ୍‌ଭିଜ୍ଜ, ଦେବ ଓ ଅସୁର ଛଅଜାତି ।
ସଅଲ—ସକଳ
ସଆବେ—ସ୍ୱଭାବେ ।
ସୁଧି—ଶୁଦ୍ଧ
ଭବାଭବ—ତତ୍ସମ, ସ୍ଥିତି ଓ ଲୟ;
ବଳାଗ—ବାଲାଗ୍ର
ଛୁଧି—ଶୁଦ୍ଧ
ଦଶବଳ—ତତ୍ସମ
ରଅଣ—ରତ୍ନ
ହରଅ—ହର, ହୃ ଧାତୁ+ଲ୍ୟୁଟ୍-ସ୍ଥାନେ ଇଅ
ଦଶଦଶେ—ଓ
ବଦ୍ୟା କରିକୁ—ତତ୍ସମ, ବଦ୍ୟା ରୂପକ କରିକୁ ।
ଅକଲେସେଁ—ଅକ୍ଲେଶେ (ବର୍ଣ୍ଣର ବପ୍ରକର୍ଷ ଯୋଗୁ)

—*—

# ରାଗ—ଦେଶାଖ

## କାହ୍ନୁପାଦାନାମ୍ :—

ନଗର ବାହିର (୧) ରେ ଡୋମ୍ବି ତୋହୋର କୁଡିଆ
ଓ—ନଗର ବାହିରରେ ଡୋମ୍ବି ତୋହର କୁଡିଆ ।
ଛୋଇ ଛୋଇ [୨] ଜାଇସୋ(୩) ବ୍ରାହ୍ମଣ ନାଡିଆ
ଓ—ଛୁଇଁ ଛୁଇଁ ଯାଉ ସେ ବ୍ରାହ୍ମଣ ନାଡିଆ ।
ଆଲୋ ଡୋମ୍ବି ତୋଏ ସମ କରିବ ମ ସାଙ୍ଗ
ଓ—ଆଲୋ ଡୋମି ତୋରେ ସମ କରିବ ମ ସଙ୍ଗ ।
ନିଘିଣ କାହ୍ନା କାପାଲି ଜୋଇ ଲଙ୍ଗ (୪)
ଓ—ନିର୍ଘୃଣ କାହ୍ନୁ କାପାଳି (କ) ଯୋଗୀଲଙ୍ଗ ।
ଏକ ସେ ପଦମା(୫) ଚୌଷଠ୍ଠୀ ପାଖୁଡ଼ୀ ।
ଓ—ଏକ ସେ ପଦୁମା ଚୌଷଠି ପାଖୁଡ଼ୀ ।
ତହିଁ ଚଡ଼ି ନାଚଅ ଡୋମ୍ବୀ ବାପୁଡ଼ୀ
ଓ—ତହିଁ ଚଡ଼ି ନାଚଇ ଡୋମି ବାପୁଡ଼ୀ ।
ହାଲୋ ଡୋମ୍ବି ତୋ ପୁଛାମି ସଦଭାବେ
ଓ—ଆଲୋ ଡୋମି ତୋତେ ପୁଛଇଁ ସଦଭାବେ ।
ଆଇସସି(୬) ଜାସି ଡୋମ୍ବୀ କାହାରି ନାବେଁ
ଓ—ଆସସି ଯାଅସି ଡୋମି କାହାର ନାବେଁ
ତାନ୍ତି ବିକଣଅ ଡୋମ୍ବୀ ଆବର ମୋ(୭) ଚଙ୍ଗଡ଼ା (୮)
ଓ—ତନ୍ତ ବିକ ଡୋମି ଆବର ମୋ ଚଙ୍ଗଡ଼ା ।
ତୋହୋର ଅନ୍ତରେ ଛାଡ଼ି ନଡ ପେଡ଼ା [୯] ।
ଓ—ତୋହୋର ଅନ୍ତରେ ଛାଡ଼ି ନଟପେଡ଼ା
ତୁଲୋ ଡୋମ୍ବୀ ହାଁଉ କପାଳୀ
ଓ—ତୁଲୋ ଡୋମି ମୁଁ କପାଳୀ ।

ଛୋଡ଼ୋଇ ଅନ୍ତରେ ମୋଏ ଘେନଲି ହାଡ଼େର ମାଳୀ
ଓ—ଛୋଡ଼ୋଇ ଅନ୍ତରେ ମୋଏ (ମୁଇଁ) ଘେନଲି ହାଡ଼େର ମାଳୀ
ସରବର ଭଞ୍ଜିଅ ଡ଼ୋମ୍ବୀ ଖାଅ ମୋଲଣ
ଓ—ସରବର ଭଞ୍ଜି ଡ଼ୋମି ଖାଅ ମୃଣାଳ।
ମାରମି ଡ଼ୋମ୍ବୀ ଲେମି ପରାଣ
ଓ—ମାରମି ଡୋମି ଲେମି ପରାଣ।

ଟୀକା—

ତମେବାର୍ଥଂ ନୈରାତ୍ମ୍ୟ ଧର୍ମାଧିଗମେନ କୃଷ୍ଣପାଦାଃ ଡ଼ୋମ୍ବୀଶବ୍ଦ-ଲେଷୟା କଥୟନ୍ତି—ନଗର ଇତ୍ୟାଦି—ଅସ୍ପୃଶ୍ୟ ଯୋଗତ୍ୱାତ୍ ଡୋମ୍ବୀତି ପରିଶୁଦ୍ଧା-ବଧୂତି ନୈରାତ୍ମା ବୋଧବ୍ୟା। ବ୍ରାହ୍ମଣେତି ବ୍ରହ୍ମ ହୂଁକାର ବୀଜଜାତଂ ଚପଳ ଯୋଗତ୍ୱାତ୍ ଚିତ୍ତବଟୁକଂ। ଅସ୍ମତ୍ ବାଚ୍ୟ ଯୋଗିନାଂ ବୋଧିଚିତ୍ତଂ ସମ୍ବୃତ୍ତି ଶୁକ୍ରରୂପଂ ମଣିମୂଳାତ୍ ବଇମ ନନ୍ଦାତ୍ ସ୍ପୃଷ୍ଟ୍ୱା ସ୍ପୃଷ୍ଟ୍ୱା ଗଚ୍ଛସି। ସ୍ୱେ ନୈରାତ୍ମା ନାଗରକେତି ରୂପାଦିବିଷୟସ୍ୱଭାବଂ ବୋଧବ୍ୟଂ। ତସ୍ୟ ବାହ୍ୟେ ଇନ୍ଦ୍ରିୟାଣାମଗୋଚରତ୍ୱେନ ଗୁରୁସମ୍ପ୍ରଦାୟାତ୍ ତବାଗାରଂ ମହାସୁଖଚକ୍ରଂ ମୟାସିଦ୍ଧାଗ୍ରଯୈ୍ୟଣ କୃଷ୍ଣପାଦେନାବଗତମିତି। ଆଲୋ ଡୋମ୍ବି ଇତ୍ୟାଦି—ସ୍ୱୋ ଡେ ମ୍ବି ନୈରାତ୍ମେ ତ୍ୱୟା ସହ ମୟା ଅଭିଷଙ୍ଗଃ କର୍ତ୍ତବ୍ୟଃ। ଯାଦୃଶ ସ୍ୱଭକ୍ତସ୍ୟାତ୍ୟନ୍ତଂ ଶୋ ନଗ୍ନ ଶୋ ଲଜ୍ଜାଦି ଦୋଷ ରହିତୋଽହମ୍। ତେନାହଂ ସତତଂ ନିରନ୍ତରଂ ଗୃହୀତ୍ୱା ପ୍ରଜ୍ଞୋପାୟାତ୍ମକଂ ମହାମୁଦ୍ରାଂସିଦ୍ଧିଂ ଲଭେ।

---

| | | | | | |
|---|---|---|---|---|---|
| ୧—ବାରହି | (କ) | ୫—ପଦମା | (କ | ୯—ଧଟ୍ ଟା | (କ) |
| ୨—ଛଇ | (କ) | ୬—ଅଇସସି | (କ) | | |
| ୩—ଯାଇସୋ | (କ) | ୭—ଅବରଣା | (କ) | | |
| ୪—ଲାଗ | (କ) | ୮—ଚଙ୍ଗତା | (ଖ) | | |

ତଥାଚ ଶ୍ରୀଦେବକେ—

ପ୍ରଙ୍ଖୋ ପାପ୍ମାତ୍ମକଃ ତନ୍ତ୍ରଂ ତନୋତୁ ନଗଦନ୍ତଂ ଶୃଣୁ ।

ଦ୍ୱିତୀୟ ପଦେନାଭ୍ୟାସସ୍ଥାନମାହ— ଏକତୋ ଇତ୍ୟାଦି —ପଦ୍ମେ କଂ ନିର୍ମାଣ ତନ୍ତ୍ରଂ ଚତୁଃଷଷ୍ଟି ଦଳଯୁକ୍ତଂ ତତ ସ୍ଥିତ୍ୱା ଭଗବତ୍ୟା ନୈରାତ୍ମ୍ୟା ସହ ଏକରସତୟା ମହାରାଗାନନ୍ଦସୁନ୍ଦରୋହଂ କୃଷ୍ଣାଚାର୍ଯ୍ୟ ନୃତ୍ୟତି ।

ତଥାଚ ଶ୍ରୀହେବଜ୍ରେ

ନାଟ୍ୟଂ କୁରୁ ହେରୁକ ରୂପେଣାନୁସ୍ମୃତି ଶ୍ରୁତିଯୋଗତଃ ତୃତୀୟ ପଦେନ ନୈରାତ୍ମ୍ୟ ଧର୍ମଂ ଦୃଢ଼ୀ କରୋତି । ହଞ୍ଜୁଲେ ଇତ୍ୟାଦି—ଭୋ ନୈରାତ୍ମ୍ୟେ ସହଜସ୍ୱଭାବେନ ସ୍ୱରୂପାଶଯେନ ତ୍ୱଂ ପୃଚ୍ଛାମ୍ୟହଂ ସର୍ବଧର୍ମ ନୈରାତ୍ମ୍ୟନା କସ୍ୟ ସଂବୃତି ବୋଧିଚିତ୍ତନୌକାମାର୍ଗେଣ ଯାତାୟାତଂ କରୋଷି ନ କରୋଷୀତ୍ୟର୍ଥଃ । ସର୍ବସହଜ ମୟତ୍ୱେନେତି—

ତଥାଚ ଶ୍ରୀହେବଜ୍ରେ—

ତସ୍ମାତ୍ ସହଜଂ ଜଗତ୍ ସର୍ବଂ ସହଜଂ ସ୍ୱରୂପମୁଚ୍ୟତେ

ସ୍ୱରୂପମେବ ନିର୍ବାଣଂ ବିଶୁଦ୍ଧାକାର ଚେତସା ।

ଚତୁର୍ଥ ପଦେନ ନୈରାତ୍ମ୍ୟ ଧର୍ମ ସ୍ୱରୂପ ମାହ—
ଛାନ୍ତୀ ତ୍ୟାଦି— ଛିନ୍ତୀତି ଭୁଗଂ ପଦ୍ମସ୍ଥାନଂ ଅବିଦ୍ୟାରୂପଂ । ଗୃହ୍ଣନ୍ତି—ମିତ୍ୟାଦି ତସ୍ୟ ପଲ୍ଲବଂ ବିଷୟାଭିହଂ । ଏତେୟାଃ ଶ୍ରୀ ଗୁରୁ ପାଦ ପ୍ରସାଦ—ନ୍ମମ ବିଦ୍ୟୁଣ ପରିତ୍ୟାଗଂ କରୋଷି ହେ ଡୋମ୍ବି ନୈରାତ୍ମ୍ୟେ । ଏତଏବ ନଟବତ୍ ସଂସାରରୂପଟମଯ୍ୟା ପରିତ୍ୟକ୍ତଂ ତଦାନ୍ତରେଣେତି ।

ପଞ୍ଚମ ପଦେନ ଯୋଗୀନ୍ଦ୍ରସ୍ୟ ସମ୍ପ୍ରଶ୍ନମଚର୍ଯ୍ୟାମାହ—
ଭୁଲେତ୍ୟାଦି—ହେ ଡୋମ୍ବି ନୈରାତ୍ମ୍ୟେ ସ୍ୱରୂପତୟା ତ୍ୱାଂ ଭଦ୍ରେଣ ସଦ୍ଗୁରୁ ପ୍ରସାଦାତ୍ ଜାନାମି । ହଜ କାପାଳିକଃ ଚର୍ଯ୍ୟା ଧରନ୍ତି କିଂ ଭବସୁଖଂ ପାଳୟିତୁଂ ସମର୍ଥାଃ ଅତଏବ ତଦାନ୍ତରେଣ ମୟା କୃଷ୍ଣାଚାର୍ଯ୍ୟେଣ ଯଦ୍ ତଥା ଗତ ଚକ୍ରୀ କୁଣ୍ଡଳ କଣ୍ଠିକାଦି ନିରଙ୍କୁଶଚର୍ଯ୍ୟା ବିଧୃତ୍ୟ ବାହ୍ୟ ମନ୍ତ୍ର ତନ୍ତ୍ର ନିରପେକ୍ଷ୍ୟ ତୟା ପଞ୍ଚବର୍ଣ୍ଣ ବିହରଣଂ କୃତଂ ।

ତଥାଚ କୃଷ୍ଣାଚାର୍ଯ୍ୟପାଦାଃ

ଏକୁ ନ କିଜ୍ଜଇ ମନ୍ତ ନ ତନ୍ତ
ଣିଅ ଘରଣୀ ଲଇ କେଲି କରନ୍ତ ।
ଣିଅ ଘରେଁ ଘରଣୀ ଜାବଣ ମଜ୍ଜଇ
ତାବ କି ପଞ୍ଚବାଣ ବିହରିଜ୍ଜଇ ।

ଏଷୁ ପଦେନ ଡୋମ୍ବିନୀ ଦ୍ୱିଧାଭେଦମାହ—ସର୍ବଦେବତ୍ୟାଦି · ଗୁରୁ ସମ୍ପ୍ରଦାୟ ବ୍ରହ୍ମନସ୍ୟ ସୈବ ଡୋମ୍ବିନୀ ଅପରିଶୁଦ୍ଧା ଅବଧୂତିକା ସମ୍ଭୋ-ଗରଂ କାମ୍ପୁଷ୍କରଂ ଚନ୍ଦ୍ରଂ ତଦେବ ବୋଦ୍ଧବ୍ୟଂ ସଦ୍ଗୁର୍ବ୍ୟା ଶୁଦ୍ଧାରୂପଂ ମାରପ୍ନାମି । ନଃ ସ୍ୱଭାବ କରେମି ।

ତଥାଚ ତନ୍ତ୍ରଶାସ୍ତ୍ରେ—

ଶାନ୍ତୀ କମ୍ପି କଳଂ ଚତ୍ର ବିଶେଷେଣ ଗୌରବଂ ଲହେଇ
ଅନ୍ନମୂଦ୍ଧ ପଡ଼ିଅ ଗରଳଂ କ୍ଷିପ୍ର ମୃତାନଂ କୁଣେଇ ।

—○—

ଅର୍ଥ—କବି ପରିଶୁଦ୍ଧ ଅବଧୂତିକାକୁ (ସୁଷୁମ୍ନାକୁ) ଡମୋଣୀ ରୂପରେ ବର୍ଣ୍ଣନା କରୁଛନ୍ତି । ଡମୋଣୀ ଗାଁ ବାହାରେ କୁଡ଼ିଆ କରି ରହେ । ବର୍ତ୍ତ-ମାନ କବି କହୁଛନ୍ତି-ଏହି ଅବଧୂତିକା ଡମେଣୀ ବ୍ରାହ୍ମଣର ନାଳିଆ ଛୁଇଁ ଛୁଇଁ ଚାଲିପରି ଅବଧୂତିକା ବ୍ରହ୍ମନାଡ଼ିକୁ ଛୁଇଁ ଛୁଇଁ ଯାଏ । ଅନ୍ୟ ଅନ୍ୟାନ୍ୟ ଯୋଗିମାନେ ଅବଧୂତିକାକୁ କେବଳ ଛୁଇଁ ଥାନ୍ତି । କିନ୍ତୁ ତାହାଁର ଉପଭୋଗ କରି ପୂର୍ଣ୍ଣ ଆନନ୍ଦ ଲାଭ କରି ପାରନ୍ତି ନାହିଁ । କବି ଏହି ଅବଧୂତିକା ଡୋମଣୀ ସହିତ ଅଭିସଙ୍ଗ (ମିଳନ) କରିବାର ଇଚ୍ଛା ପ୍ରକାଶକରି କହୁଛନ୍ତି -ମୁଁ ଲଜ୍ଜା,ଘୃଣା ଛାଡ଼ି ଲେଙ୍ଗୁଟି ନେଇଛି । ତେଣୁ ତୋ ସହିତ ମୋର ମିଳନ ହେବ । ସେ ବୁଦ୍ଧେଁ ମିଳି ୬୪ଦଳର ପଦ୍ମ ପାଖୁଡ଼ା ଉପରେ ଚଢ଼ି ନାଚୁଛନ୍ତି । ସେ ପୁଣି ହର୍ଷଭାବରେ ଡମୋଣୀକୁ ପଚାରୁଛନ୍ତି, ତୁ କାହାର ନାଆରେ ଯା ଆସ କରୁଅଛୁ ? କବି ଅବଧୂତିର ଯିବା ଆସିବାର ବାଟ ଦେଖି ପାରୁ ନାହାଁନ୍ତି ।

ତମୋଣୀ ତନ୍ତ୍ରୀ ଗୃଙ୍ଗୁଡ଼ ବିକଳ୍ପ ପରି ଭୁ ଅବିଦ୍ୟା ଓ ବିଷୟ - ବାସନା ବିଲୁଅଛୁ । ମୁଁ ମଧ୍ୟ ତୋ ଲାଗି ସଂସାର ରୂପକ ନାଟ ପେଡି ତ୍ୟାଗ କଲି । ତୋ ଲାଗି ମୁଁ ହାଡମାଳ ଧରି କାପାଳିକ ହେଲି । ଅର୍ଥାତ୍ ସମସ୍ତ ବିକାର ଓ ସଂସାର ପ୍ରତି ଆସକ୍ତି ତ୍ୟାଗକଲି । ତେଣୁ ତୋର ଓ ମୋର ମିଳନ ହେଉ । ଯେଉଁମାନେ ଗୁରୁର ଉପଦେଶ ନେଇ ନାହାନ୍ତିବା ଯେଉଁମାନେ ଏହି ପନ୍ଥାର ଲୋକ ନୁହନ୍ତି । ଅପରି ଶୁଦ୍ଧ, ଅବଧୂତିକା ନେମାନଙ୍କର କାୟା ଷୋଡଶ ଶ୍ରାଙ୍ଗି ବୋଧିଚିତ୍ତ ରୂପକ ମୃଣାଳ ଭକ୍ଷଣ କରେ । ଅଟରଶୁଦ୍ଧ ଅବସ୍ଥାରେ ଅବଧୂତିକା ସମସ୍ତ ସଂସାର ଜଞ୍ଜାଳ ସୃଷ୍ଟି କରେ । ଟରିଶୁଦ୍ଧ ଅବସ୍ଥାରେ ନିର୍ବାଣ ଦାନକରେ । କବି ଅପରି-ଶୁଦ୍ଧ ଅବଧୂତିକାକୁ କହୁଛନ୍ତି— ତୁ ସବୁ ଜଞ୍ଜାଳର ମୂଳ । ତୋତେ ମାରି ତୋ ପରାଣ ନେବି ।

—*—

## ପଦଟୀକା—

ନଗର— ତତ୍ସମ

ବାହିର—ବାହାରେ ଥିବା, ସଂ- ବହିର ଓ- ବାହିର, ଯଥା — ବାହିର ଘର ।

ଡୋମ୍ବି—ଡମୋଣୀ, ସମ୍ବୋଧନ

ତୋହୋରି—ସଂ-ତବ କିମ୍ବା 'ତୁହ୍ରୁ' ତୋ ହୋଇଛି ଯଥା—ତବ-ପୁଅ 'ତୋଅ' 'ତୋ' 'ତୋହ' ଏହି 'ତୋରେ' ହ ଆଗମ ହୋଇ- 'ତୋହ' ପୂର୍ବରେ 'ଓ'କାର ଥିବାରୁ ଉଚାରଣରେ ତୋହ, ହୁଏ । ତୋ ହୋ+ରି= ତୋହୋରି

କୁଡିଆ—କୁଟୀର- ସଂ- କୁଟୀର

ଚ୍ଛୋଇ—ଛୁଇଁ-ସଂ- ସ୍ପୃଶଧାତୁ ଓ-ଛୁଅଁ+ଇ (ଲୋପ ସ୍ଥାନେ)

ଯଇ—ଯାଅ ।

ସୋ—ସେ (ଶୌରସେନୀ)

ବ୍ରାହ୍ମଣ—ବାହ୍ମଣ

କାଡ଼ଆ—କାଲଆ-ବ୍ରହ୍ମନାଡୀ

ଅଲେ—ସଂ-ଆଟରେ ପ୍ରା- ହଟଲ

ତୋଏ—ଓ-ତୃତୀୟା ବି, ତେ+ଏ (ଏନସ୍ଥ )

ଚୋଏ—ଚୋରେ ।
ପ୍ରାଣର ଧାରଣ।
ଗୋ ଅଟୁ ମୋର ମାଏ,
କସ ବୋଲ ଗୋ ଡଆଇବ ଚୋଏ ।
(ବା. ରୁ)
ସମ—ତତ୍ସମ । କରିବ—ବରବ
ମ—ନଶ୍ଚୟାର୍ଥକ ଅବ୍ୟୟ
ସାଙ୍ଗ-ସଂ— ସଙ୍ଗ । କଘଣ-କଘ୍ଣ
କାନହ୍—କାହ୍ନୁ— କବଙ୍କନାମ
କାପାଳ—କାପାଳକ— ।
ଜୋଇ-ସଂ-ଯୋଗୀ । ଲଗ-ଲଗଳା
ସଂ—ଲଗ୍ନ ଲଗ, ଲଗ (ନବର୍ଣ୍ଣିତ
ବର୍ଣସଂଯୁ ଯୋଗୁଁ )
ଏକ—ତତ୍ସମ
ପଦୁମ।—ପଦୁମ ସଂ—ପଦ୍ମ
ବୈଷଠୀ—ସଂ— ଚତୁଃଷଷ୍ଟି ।
ପାଖୁଡ଼ୀ—ପାଖୁଡ଼ା,
ପାଖୁଡ଼ା+ଅଳ୍ପାର୍ଥରେ ଈ ସଂ—
ପକ୍ଷ୍ମନ୍, ପ୍ରା—ପକ୍ଖଣ ପକ୍ଖଡ଼
ଛାହ୍ନି—ଚହ୍ନି—ସଂ—ଚସ୍ମିନ୍
ଚଢ଼ି—ଚଢ଼ି ସଂ—ଚଟ, ପ୍ରା—
ଚଢ଼—ଓ—ଚଢ଼ଧାତୁ
ନାଚଅ— ନାଚଇ ।
ବାପୁଡ଼ୀ — ଓ-ବାପୁଡ଼ା ସ୍ତ୍ରୀ
ଲଙ୍ଗରେ ବାପୁଡ଼ୀ ଶୌରସେନୀ
ଅପଭ୍ରଂଶ ବାପ୍ପୁଡ଼ା ସଂ—ବପ୍ତା
=ବାପା+ଟା = ବାପୁଡ଼ା

ଚୋ—ଚୋରେ, ସଂ—ଚବ—
ଚୋ ( ୨ୟାରେ ୬ଷ୍ଠୀ ବଭକ୍ତ )
ପୁଛଇ—ପୁଚ୍ଛଇଁ, ସଂ—ପୃଚ୍ଛ ଓ—
ପୁଚ୍ଛଧାତୁ
ସଦଭାବେ—ସଦ୍ଭାବେ—ତତ୍ସମ
ଆଇସସି—ଆସୁସି, ସଂ—ଆ+ଯା
ଯଥା—ଶୁଣସି, କହସି, ହୁଅସି
ଜାସି—ଯା ଅସି ସଂ—ଯା+ସି
କାହାର—ସଂ କସ୍ୟ, ଓ—
କାହା+ର
ନାବେଁ—ନାବ+ଏଁ (ଏକସ୍ଥ ନ ର)
ଚାନ୍ତ—ଚନ୍ତୀ
ବକଣଅ—ବକ, ଦ+କୀଧାତୁ
[ଅନୁଜ୍ଞା]
କୀ ଧାତୁ—ଓ—କଣ } ଧାତୁ
ବ+କୀଧାତୁ—ଓ—ବକ୍ }
ଅବର—ଆବର ସଂ—ଅପର
ଗୃଙ୍ଗଡ଼ା—ବୃଙ୍ଗଡ଼ା, ଗୃଙ୍ଗୁଡ଼ୀ ସଂ
—ଗୃଙ୍ଗାଳକା ଅନ୍ତରେ—ଲାଗି
ନଡ଼—ନଟ
ପେଡ଼ା—ପେଢ଼ା, ସଂ—ପେଟିକା
ହଉଁ—ମୁଁ, ସଂ—ଅହଂ ପ୍ରା—
ଆହକଂ—ହକଂ = ହଉଁ ହଉଁ
ମୋଏ—ମୋଏ, ମୋ+ଏ(ପ୍ରଥମା
ଏକ ବଚନ'ଏ' ପ୍ରତ୍ୟୟ)
ସର୍ବ ନାମରେ ଷଷ୍ଠ୍ୟନ୍ତ ପଦରେ
ଅନ୍ୟାନ୍ୟ ବଭକ୍ତ ଲାଗେ ।

ଘେନଲ—ସଂଗ୍ରହ ଓ—ଘେନଧାତୁ
ହାଡ଼େଇ—ହାଡ଼ର
ମାଳୀ—ସଂ—ମାଳିକା
ଜମ୍ବା ମାଳା+ଇ (ଅଳ୍ପାର୍ଥରେ)
ସଉବର—ସରୋବର ସଂ—
ସରସ୍ ଓ—ସର ଯଥା ମନ
ଭଞ୍ଜଅ— ଓ —ଭଞ୍ଜ ଓ ଭଙ୍ଗ
ସଂ—ଭନ୍ଜ ଧାତୁ
ଖାଅ—ସଂ—ଖାଦ ଓ—ଖା ଧାତୁ

(ଅନୁଜ୍ଞାରେ )
ମାଉର୍ମି—ମାରମି,
ମାରିବ ସଂ—ମୃ,ଓ—ମାର ଧାତୁ
ଲେର୍ମି—ନେର୍ମି, ସଂ—ନୀ ଓ—
ନେ ଧାତୁ
'ନର' 'ଲ' ଉଚ୍ଚାରଣଲାଗି କଟକ
ପ୍ରସିଦ୍ଧ
ପରାଣ—ସଂ—ପ୍ରାଣ
( ବର୍ଣ୍ଣ ବିପ୍ରକର୍ଷ ଯୋଗୁ )

—*—

# ରାଗ—ପଟମଞ୍ଜରୀ

## କୃଷ୍ଣାଚାର୍ଯ୍ୟ ପାଦାନାମ୍ :—

ନାଡ଼ିଶକ୍ତି ଦିଢ଼ (୧) ଧରିଅ ଖଟେ (୨)
ଓ—ନାଡ଼ୀଶକ୍ତି ଦୃଢ଼ ଧର ଖଟେ ।
ଅନହା ଡମ୍ବରୁ ବାଜଇ (୩) ବୀରନାଦେ (୪)
ଓ—ଅନହା ଡମ୍ବରୁ ବାଜଇ ବୀରନାଦେ ।
କାହ୍ନ କପାଳୀ ଯୋଗୀ ପଇଠ ଅଚୃରେ
ଓ—କାହ୍ନୁ କପାଳୀ ଯୋଗୀ ପଇଠ ଅଚୃରେ ।
ଦେହ-ନଅରୀ ବିହରଇ (୫) ଏକାକାରେ
ଓ—ଦେହ ନଅରୀ ବିହରଇ ଏକାକାରେ
ଆଳି କାଳି ଘଣ୍ଟା ନେଉର ଚରଣେ ।
ଓ—ଆଳି କାଳି ଘଣ୍ଟା ନେପୁର ଚରଣେ ।
ରବି ଶଶୀ କୁଣ୍ଡଳ କର ଆଭରଣେ ।
ଓ—ରବି ଶଶି କୁଣ୍ଡଳ କରି ଆଭରଣେ ।
ରାଗ ଦେଷ ମୋହ ଲଇଅ'(୬) ଛାର
ଓ—ରାଗ ଦ୍ୱେଷ ମୋହ ଲେଇ ଛାର ।
ପରମ ମୋଖ ଲବଏ ମୁତ୍ତାହାର (୭)
ଓ—ପରମ ମୋକ୍ଷ ଲଭଇ ମୁକ୍ତାହାର ।
ମାରି ଶାଶୁ ନଣନ୍ଦ ଘରେ ଶାଳୀ
ଓ—ମାରିଅ ଶାଶୁ ନଣନ୍ଦ ଘରେ ଶାଳୀ ।
ମାଅ ମାରିଆ କାହ୍ନ ଭଇଲ କବାଳୀ
ମାଆ (ମାୟା) ମାରି କାହ୍ନୁ ହୋଇଲା କପାଳୀ

---

୧—ଦିଢ଼ (କ)
୨—ଖାଟେ (ଖ)
୩—ବାଜଏ (କ)
୪—ବୀରନାଦେ (କ)
୫—ବିହରଏ (କ)
୬—ଲଇଅ (କ)
୭—ମୁତ୍ତିହାର (କ)
୮—ଏକାରେଁ (କ)

ଟୀକା—

ପରମ ମହାନନ୍ଦ ସୁନ୍ଦରେଣ କୃଷ୍ଣାଚାର୍ଯ୍ୟଃ ପୁନରପି ତମେବାର୍ଥଂ ପ୍ରତି ପାଦୟନ୍ନାହ—ନାଡ଼ୀତ୍ୟାଦି—ନାଡ଼ିକା ଦ୍ୱାତ୍ରିଂଶନାଡ଼ିକାଃ ଶକ୍ତିସ୍ତାସାଂ ମଧ୍ୟେ ପ୍ରଧାନାବଧୂତିକା ପରମାନନ୍ଦରୂପା । ଗୁରୁପ୍ରସାଦାତ୍ ମଣିମୂଳେ ବଦ୍ଧ୍ୱା ଖଟ୍ବାଙ୍ଗମିତି ଖଂ ଶୂନ୍ୟତା (ଶୂନ୍ୟତା) ପ୍ରଜ୍ଞାସ୍ୱରେଣ ସହଜଂ ସଂସ୍ପୃଶ୍ୟ ଅନାହତଂ ଡମରୁଶବ୍ଦଂ ବୀରନାଦେନ ଶୂନ୍ୟତାଂସିଂହ ନାଦେନ ନଦତଃ ସନ୍ କୃଷ୍ଣାଚାର୍ଯ୍ୟୋ ବା କାପାଳିକଃ । ଦେହନଗରିକାଂ ପ୍ରବିଶ୍ୟ ପ୍ରସୃରେଣ କ୍ଲେଶ—ଭୂଷଣାଦର୍ଶନ୍ୟେନ ଏକାକାରତୟା ବିହରତି ଭ୍ରମତୀତି ।

ଦ୍ୱିତୀୟ ପଦେନ ଯୋଗିକାଳଙ୍କାରମାହ-ଆଳିଇତ୍ୟାଦି—
ପ୍ରଥମଂ ତାବତ୍ ଯୋଗୀନ୍ଦ୍ରେଣ ବଜ୍ରଜାପପରିଶୋଧିତଚନ୍ଦ୍ର -
ସୂର୍ଯ୍ୟୋଦକେନ ଘଣ୍ଟାନୁପୁରାଦି ଯୋଗିକାଳଙ୍କାରଂ କୃତମିତି ।
ତୃତୀୟ ପଦେନ ପୁନର ପ୍ୟଳଙ୍କାର ମାହ—

ରାଗଇତ୍ୟାଦି—ତେନୈବ ମହାସୁଖ ରାଗ ବହ୍ନିନା ରାଗଦ୍ୱେଷାଦିକଂ ଦଗ୍ଧା ତେନ ଭସ୍ମନା ବିଲିପ୍ତାଙ୍ଗୋ ଭୂତ୍ୱା ବଜ୍ରସତ୍ତ୍ୱରୂପେଣ । ନମାଲକ୍ଷ୍ୟ ପରମ ମୋକ୍ଷମୁକ୍ତାହାର ମଣ୍ଡିତୋ ବା ଭ୍ରମତୀତି ।

ଚତୁର୍ଥ ପଦେନ କପାଳ ଚର୍ଯ୍ୟାମାହ—

ଶାରିତ୍ୟାଦି—ଶ୍ୱାସଂ ପୂର୍ବୋକ୍ତ ମନଃ ପବନଂ ତମଧି କୃତ୍ୟ ଚକ୍ଷୁରିନ୍ଦ୍ରିୟାଦି-ବିଜ୍ଞାନ ବାତଂ ନାନା ପ୍ରକାରଂ ବୋଧବ୍ୟଂ । ତଂ ନିସ୍ୱଭାବୀକୃତ୍ୟ ଅଦ୍ୱୟାଂ ଚ ମାୟାରୂପାଂ ପ୍ରକ୍ଷୋପାୟାରେବୋପଦୃତେରଣ କୃଷ୍ଣାଚାର୍ଯ୍ୟଃ । ଜଗତି ଜଗଦର୍ଥାୟସ୍ୟେନ ବଜ୍ର କାପାଳିକୋ ଭୂତ୍ୱା ଭ୍ରମତୀତି ।

ତଥାଚ ଦତ୍ତକ ପାଦଃ—

ପ୍ରାଣୀ ବଜ୍ରଧରଃ କପାଳ ବନିତା ଭୂତ୍ୱା ଜଗଦ୍ଭସ୍ମୀଜନଃ
ସୋଽହଂ ହେରୁକ ମୂର୍ତ୍ତିରେଷ ଭଗବାନ୍ ଯୋନଃ ପ୍ରଭିନ୍ନୋଽପିଚ
ଶ୍ରୀ ଷଣ୍ଢଂ ମଦନଂ ଚ ଶୋକ୍ଷୁଦହନଂ କୁର୍ବନ ଯଥା ଗୌରବାତ୍ ।
ଏତତ୍ ସର୍ବମଖଣ୍ଡମେକ ମନସା ଯୋଗୀଶ୍ୱରଃସିଦ୍ଧ୍ୟନ୍ତି ।

## ଅର୍ଥ—

କବି ନିଜକୁ କାପାଳିକ ରୂପରେ ବର୍ଣ୍ଣନା କରୁଛନ୍ତି । କାପାଳିକ ଅନ୍ତ ନାଡ଼ି ଧରି ଡ଼ମ୍ବରୁ ବଜାଇ, ପାଦରେ ଘଣ୍ଟି ନେପୁର ପିନ୍ଧି, କାନରେ କୁଣ୍ଡଳ ଧରି ପାଷଣ୍ଡ ବୋଲି ହୋଇଥାଏ । ଲୋକେ ଏ ବେଶଧରି ନିଜ ଘରେ ଶାଳୀଭଉଣୀ ନଣନ୍ଦ, ଶାଶୁ ଓ ମାଙ୍କୁ ମଧ୍ୟ ମାରି କାପାଳିକ ସାଜିଥାନ୍ତି । କବି ସେହିପରି ନାଡ଼ୀ (ସୁଷୁମ୍ନାକୁ) ଦୃଢ଼ ଭାବରେ ଧରିଛନ୍ତି । ତେଣୁ ଅନାହତ ଡମ୍ବରୁର ଶବ୍ଦ ଶୁଭୁଅଛି । ସମସ୍ତ ଜଗତକୁ ପିଣ୍ଡ ଓ ବ୍ରହ୍ମାଣ୍ଡକୁ ଏକାକାର ଦେଖୁଛନ୍ତି । ସମସ୍ତ ଲୋକାଚାରକୁ ଜ୍ଞାନ ଓ ଅଜ୍ଞାନ ରୂପ ଦୋଷକୁ ଘଣ୍ଟି ନେପୁର ପରି ପାଦରେ ଦେଲେଛନ୍ତି । ଅର୍ଥାତ୍ ସେ ସବୁ ତ୍ୟାଗ କରିଛନ୍ତି । କାନରେ ଚନ୍ଦ୍ର ସୂର୍ଯ୍ୟ [ଇଡ଼ା ପିଙ୍ଗଳା ନାଡ଼ୀକୁ] କୁଣ୍ଡଳ କରି ଦେଇଛନ୍ତି । ଅର୍ଥାତ୍ ଅଧୀନରେ ରଖିଛନ୍ତି ରାଗ, ଦ୍ୱେଷ, ମୋହ ଯୋଡ଼ି ତନ୍ତୁଁର ପାଷଣ୍ଡ ବୋଲି ହୋଇଛନ୍ତି ଓ ମୁକ୍ତାହାର ପରି ପରମ ମୋକ୍ଷ ଲାଭ କରିଛନ୍ତି । କବି କାହ୍ନୁ ସେ ଶ୍ୱାସରୁଦ୍ଧ କରି ଆନନ୍ଦପ୍ରଦ ଇନ୍ଦ୍ରିୟମାନଙ୍କୁ ମାରି ସୁଖ ଭୋଗ ଓ ମାୟା ମମତାକୁ ମାରି କାପାଳିକ ସାଜିଛନ୍ତି ।

—❋—

ସମଭାବ ପଦ୍ୟ—

'ଶବଦ ବ୍ରହ୍ମର ସୀମା ଏ ସବୁ ବ୍ୟବସ୍ଥା
ଦ୍ୱାଦଶ ପ୍ରକାରରେ ହୋଇଛି ପ୍ରକାଶ ।
ଏ ଶବ୍ଦ ଚିହ୍ନିଲେ ଯେ ଭ୍ରମ ଯିବ ନାଶ ।
ତାହା କହିଛନ୍ତି ଲୟ୍ୟୁକର ରାମଦାସ ।
ଭ୍ରମର ଝିଙ୍କାରି ସାଷ୍ଟ ପାରା ଯେ କପୋତ ।
କୁକୁଟ ମୟୂର ଶଙ୍ଖକାସ୍ୟ ଡ଼ୁମ୍ବମତ ।
ବାଦ୍ୟ ଘଣ୍ଟା ଧରଣ ଯେ ଦ୍ୱାଦଶ ଶବଦ ।
ମହାଶୂନ୍ୟ ଭିତରୁ ଯେ ସ୍ଫୁରୁଅଛି ନାଦ (ଶୂ.ସ.ପୃ୩୯)

ଶ୍ରୀଗୁରୁ କୃପାରେ   ଜାଣିଣ ପାରିଲେ ଶୁଭଇ ଭ୍ରୂରୁ ମଧ୍ୟର
ସେ ଧ୍ୱନି ଶୁଭିଲେ ସଫଳ ଜଞ୍ଜାଳ ଜନମ ସୁଫଳ ହେବ । ।

(ଅଣାକାର ସଂ ପୃ ୪୯)

ଅସାଧନା   ଶବଦ ହେଉଛି ସେହିଠାରୁ ।
ଉତ୍ତର ଦେଉଛି ବ୍ରହ୍ମ ଭିତର ଗମ୍ଭୀରୁ ।

(ଭ୍ରୁ, ନ ପୃ ୪୨)

ଅନାହତ ଧ୍ୱନିରେ ଚିତ୍ତ ରୁହାଇବ । ( ଶ୍ରୀ. ସଂ. ପୃ ୧୪୬ )।
ଭ୍ରମର ଗୁମ୍ଫାରେ ପଶି କରି ଭୁଞ୍ଜ ସୁଷୁମ୍ନାକୁ   ଭେଟିବୁ ।
ସୁଷ କରି ତହିଁ ଧ୍ୱନି ଶୁଣୁଥିଲେ ନଷ୍ଟେ ମୁକତି ପାଇବୁ ।

( ଶରୀର ଭେଦ ଭଜନ ପୃ ୧୧ଷ୍ଠା )

ପଦଟୀକା—

ନାଡ଼ୀଶକ୍ତି—ତତ୍ସମ
ଦିଢ଼—ଦୃ
ଧଉଅ—ଧଇ
ଖଟେ—ଖଟଇ—ପାଠାନ୍ତର
ଖାଟେ—ଖାଟେ, ପରିଶ୍ରମକରେ;
ଅନହା—ଓ—ଅନହ—ଅନାହତ
ଡମ୍ବୁର—ତତ୍ସମ
ବାଜଇ—ସଂ - ବାଦ୍ୟ, ବାଜା
ବାଜାନାମ ଧାତୁର—ବାଜଇ
ବାଦ୍ୟକରେ ।
ସାରନାଦେ—ତତ୍ସମ
କାନ୍ଧେ—କାନ୍ଧ—କନ୍ଧ
ପଇଠ—ସଂ—ପ୍ରବିଷ୍ଟ

ଅଗୃରେ—ଅନାଗୃରରେ ଅଥବା
ଯେଉଁଠାରେ ଗୃର ଅର୍ଥାତ୍
ଗମନ ନାହିଁ ।
ଦେହ—ତତ୍ସମ
ନଅଗ୍ର—ନଗଗ୍ର
ବହରଇ—ସଂ-ବହରନ୍ତି
ଏକାକାରେ—ତତ୍ସମ
ଆନ କାନ—ଜ୍ଞାନ ଅଜ୍ଞାନ
ଘଣ୍ଟା—ତତ୍ସମ
ନେଉର—ସଂ-ନେପୁର
ଚରଣେ—ତତ୍ସମ
ରବିଶଶୀ— ,,
କୁଣ୍ଡଳ— ,,

କଉ—କରି-ସଂ-କୃତ୍ୱା

ପ୍ରା— କଉଣ-କଉ କୃ+କ୍ତ୍ୱା'ସ୍ଥାନେ ଉଣ ।

ଆଭରଣେ—ତତ୍‌ସମ

ରାଗ— ,, ଅନୁରାଗ, ଆସକ୍ତ

ଦେଷ—ସଂ-ଦ୍ୱେଷ

ମୋହ—ତତ୍‌ସମ

ଲଇଆ—ଲେଇ

ଲୁର—ସଂ-କ୍ଷାର-ପାଉଁଶ

ମୋଖ—ମୋକ୍ଷ

ଲବଏ—ଲଭଇ ସଂ-ଲଭତେ—

ମୂତାହାର—ମୁକ୍ତାହାର

ମାରଅ—ମାର

ଶାଶୁ—ସଂ-ଶ୍ୱଶ୍ରୂ

ନଣନ—ସଂ-ନନାନ୍ଦୃ

ଘରେ-ସଂ-ଗୃହେ

ଶାଳୀ—ସଂ-ଶ୍ୟାଳକା

ମାଅ—ମାଆ,ସଂ, ମାତା ଓ ମାତୃ

ମାରଅ—ମର

ଭଇଲ—ହୋଇଲ-ସଂ-ଭୂ ଓ ହୃ ଧାତୁ,

କବାଳୀ—ସଂ-କାପାଳିକ ।

—+—

# ରାଗ—ଭୈରବୀ

## କୃଷ୍ଣ ପାଦାନାମ୍—

କରୁଣା ପିହାଉ ଖେଳନ୍ତୁ ନଅବଳ ।
ଓ—କରୁଣା ପୀତି (ପ୍ରୀତିକର) ଖେଳନ୍ତୁ ନ୍ୟାପୃବଳ ।
ସଦ୍‌ଗୁରୁ ବୋଦ୍ଧେ ଜତେଲ ଭବବଲ
ଓ—ସଦ୍‌ଗୁରୁ ବୋଧେ ଜିତଲ୍ ଭବବଳ ।
ଫୀଟଇ ଦୁଆ ମାଦେସି (୧) ରେ ଠାକୁର
ଓ—ଫିଟୁ ଜୁଆ ମାରସି,ରେ ଠାକୁର ।
ତଆର (୨) ଉଏସେଁ କାହ୍ନୁ ଶିଅଡ ଜନଉର
ଓ—ତାହାର ଉଦେଶେଁ କାହ୍ନୁ ନକଟ ଜନପୁର ।
ପହିଲେ ତେ ଢ଼ଆ ବଢ଼ଆ ମାରଉ (୩)
ଓ—ପହିଲେଁ ତୋଳ ବଢ଼ଆ ମାରିଲୁ (ମାରୁ)
ଗଜବରେ ତୋଡଆ (୪) ପଞ୍ଚଜନା ଘାଲଉ (୫) ।
ଓ—ଗଜବରେ ତୋଳ ପଞ୍ଚଜନେ ଘାଇଲୁ (ଘାରୁ) ।
ମତଏଁ ଠାକୁରକ ପରନିବତା (୬)
ଓ—ମନ୍ତ୍ରିଏଁ ଠାକୁରକ ପର ନବୃତ୍ତ ।
ଅବଶ କରଆ ଭବବଳଜତା
ଓ—ଅବଶ କର ଭବବଳ ଜତ ।
ଭଣଇ କାହ୍ନୁ ଅମ୍‌ହେ (୭) ଭଲ ଦାନ (୮) ଦେହୁଁ
ଓ—ଭଣଇ କାହ୍ନୁ ଅମ୍ଭେ ଭଲ ଦାନ ଦେଉଁ ।
ଚଉଷଠି କୋଠା ଗୁଣିଆ ଲେହୁଁ
ଓ—ଚଉଷଠି କୋଠା ଗୁଣି ନେଉଁ ।

---

୧—ମାରେଷିରେ (ଖ)
୨—ତଆର (କ)
୩—ମରଉ ଲଉ(କ)
୪—ତୋଳଆ (କ)
୫—ଘୋଳଉ (କ)
୬—ବଣ (କ)
୭—ଆହ୍ମେ (କ)
୮—ଦାହ୍ନ (କ)

ପୁନରପି ତମେବାର୍ଥଂ ଦ୍ୟୁତକ୍ରୀଡ଼ାଧ୍ୟାନେନ ପ୍ରକଟୟନ୍ତ କୃଷ୍ଣାଚର୍ଯ୍ୟପାଦାଃ କରୁଣେତି—ସ୍ୱାଧିଷ୍ଠାନ ଚକ୍ରରୂପଂ ଚକ୍ରଂ ବୋଧବ୍ୟଂ । ପିହାଡ଼ୀତି । ତସ୍ୟ ଶ୍ରପୂସପ୍ତ ଦୋଷାଃ ସମାଧିମଳାଃ ବୋଧବ୍ୟାଃ । ତାନ୍ ପାଟୟିତ୍ୱା ନିଲ୍ଲୁଣୀକୃତ୍ୟ ନୟଂ ମନ୍ତ୍ରନୟରହସ୍ୟଂ ଚତୁର୍ଥାନନ୍ଦବଳଂ ତମେବ ବୋଧିଚିତ୍ତଂ ବଜ୍ରଗୁରୋରୁପଦେଶାତ୍ ସମ୍ୟକ୍ କୁଳଶାବକ୍ ସଂ ଯୋଗେନ ଉଭୟୋରେକତୟା ଅବିରତାନନ୍ଦାଭିଯୋଗେନ କ୍ରୀଡାଂ କୁର୍ବନ୍ ସନ୍ ଭବବଳଂ ବିଷୟାଭାସବଳଂ ଅକ୍ଲେଶବଶେନ ଅସ୍ମାଭିଃ କୃଷ୍ଣଚର୍ଯ୍ୟୈର୍ଜିତମିତି । ଧ୍ରୁପପଦେନ ସ୍ପଷ୍ଟୟନ୍ନାହୁଃ—

ଗୀଟେତ୍ୟାଦି—ପ୍ରଥମମେବ ବଜ୍ରଜାପକ୍ରମେଣ ଆଶ୍ୱାସଦ୍ୱୟଂ ପୀଟମିତି ନିଃକୃନ୍ତିତଂ । ପୁନଃଠାକୁର ବିଦ୍ୟାଚିତ୍ତଂ ଉପକାରକୋପଦେଶେନେତି ଷଗାନ୍ତେ ବିରମାନନ୍ଦୋଦୟସମୟେ ବୋଧିଚିତ୍ତରକ୍ଷଣୋପଦେଶେନ ଅବିରତାନନ୍ଦେନ କୃଷ୍ଣାଚର୍ଯ୍ୟସ୍ୟ ଜିନବରସ୍ୟ ସ୍ୱୟମେବ ସନ୍ନିଧନମାଗତ୍ୟ ମିଳିତମିତି ।

ତଥାଚ ଦତ୍ତଶ୍ରୀ ପାଦାଃ—

ଷଗାନ୍ତେ ବିରମପ୍ରବେଶସମୟେ ଚନ୍ଦ୍ରେ ସ୍ୱଭାବସ୍ଥିତେ
ଯା ଚିତ୍ତମନସଃ ପ୍ରବୃତ୍ତିରପରା ବାୟୋର୍ନିରୁଦ୍ଧା ଗତିଃ
ତତ୍କାଲେ ଯଦନନ୍ୟସମ୍ଭବସୁଖଂ ସାକ୍ଷାଦ୍ ଘରଂ ତତ୍ପଦଂ
ତସ୍ୟ ସ୍ୱାନୁଭବୋ ହି ଯସ୍ୟ ଚ ପୁନଃ ସିଦ୍ଧୋ ମହାନ୍ ଦ୍ରଷ୍ଟା ।

ଦ୍ୱିତୀୟପଦେନ ଭୂୟ ସନ୍ତୋଷଯୁକ୍ତତାଂ କଥୟନ୍ତମାହୁଃ—ପହିଲେ ଇତ୍ୟାଦି — ବଡ଼କେତି ସନ୍ଧ୍ୟାଭାଷୟା ଷଷ୍ଟ୍ୟୁତ୍ତରଶତପ୍ରକୃତୟୋ ବଜ୍ରଜାପକ୍ରମେଣ ପ୍ରଥମେ ନିଃସ୍ୱଭାବୀକୃତ୍ୟ ପୁନରପି ଚଅବରେଣେତି ଯୋଗୀନ୍ଦ୍ରସ୍ୟ ତଥତାଚିତ୍ତଗଜେନ୍ଦ୍ରେଣ ପଞ୍ଚ ସ୍କନ୍ଦାତ୍ମକ ପଞ୍ଚବିଷୟସ୍ୟା-କାଉମମକାରାଦି ଭୂଷଣଂ ପ୍ରହୃତ୍ୟ ନିର୍ମଦଃ କୃତ୍ୱା ସାକ୍ଷାତ୍ କୃତମିତି । ତୃତୀୟ ପଦେନ ତଂ ଦ୍ୟୋତୟନ୍ତ ଆହୁଃ—

ମତ୍ତଏମିତି—ମତ୍ୟା ପ୍ରଜ୍ଞାପାରମିତାନୁବୁଦ୍ଧ୍ୟା । ଠାକୁରମିତି ସଂକ୍ଲେଶାରୋପିତଚିତ୍ତଂ ପରନିର୍ବାଣ ରୋପିତଂ କୃତଂ ।

ଅତଏବ ଭବବଳଂ ଷଡବଳଂ ଷବଗ୍ରମବଳଂ ରୂପାଦବଷୟଂ । ସୁବ୍ୟଗ୍ର ସମଗ୍ରଂ କୃତ୍ୱା ଜିତମସ୍ମାଭିଃ ।
ତଥାଚ ନାଗାର୍ଜୁନ ପାଦୈଃ—

ଯେନଚାତ୍ରେନ•ତେ ବାଳା ସଂସାରେ ବନ୍ଧନଂ ଗତାଃ ।
ଯୋଗିନସ୍ତେନ ଚତ୍ରେନ ସୁଗତାନାଂ ଗତିଂ ଗତାଃ ।

ଚତୁର୍ଥ ପାଦେନାତ୍ମନୋ ଯୋଗାସ୍ପଦସ୍ୟାନୁଶଂସାମାହ—
ଭଣ ଇତ୍ୟାଦ—କୃଷ୍ଣାଚାର୍ଯ୍ୟେ ବ୍ରବଦତ ଦୟଂ ପ୍ରାଭୃତ ଭଶଯ୍ୟାଭପ୍ରୟଂ ତଦ୍ ବୃଷ୍ଟି କୋଷ୍ଟେଙ୍କ ନମାଣ ଚନ୍ଦେ ସ୍ଥି ଗୃକୃତ୍ୟ ସ୍ୱଚତ୍ତଂ ପ୍ରକୃତ ପ୍ରଭାସ୍ୱର-ରୂପଂ ଗୃହ୍ଣାମି ।

—*—

ଅର୍ଥ—କବ ନ୍ୟୟୂବଳ ଖେଳ ବର୍ଣ୍ଣନା କର ପାରମାର୍ଥିକ ତତ୍ତ୍ୱର ଉପଦେଶ ଦେଉଛନ୍ତି । ପୀଢ଼ିକୁ ଖି ନ୍ୟାୟୂବଳ ଖେଳନ୍ତି । କବ କରୁଣାକୁ ପୀଢ଼ି କର ନ୍ୟାୟୂବଳ ଖେଳୁଛନ୍ତି । ଖେଳର ଓସ୍ତାଦଙ୍କଠାରୁ ଖେଳବଷୟ ବୁଝିଚନ୍ତି । ସେହିପର ଗୁରୁ ଉପଦେଶ ଅନୁସାରେ ନ୍ୟାୟୂବଳ ଖେଳ ସେ ଭବବଳ ଅର୍ଥାତ୍ ବଷୟ ବାସନା ଜୟ କଲେ । ସାଧାରଣ ଚତ୍ତ ଅବଦ୍ୟାଯୋଗୁଁ ବବଧ ଦୋଷଯୁକ୍ତ ହୋଇ ରହିଥାଏ । ଅବଦ୍ୟା ଦୂର ହେଲେ ଚତ୍ତ ଅଚତ୍ତରେ ପରଣତ ହୁଏ । ସେତେବେଳେ କରୁଣା ଓ ଶୂନ୍ୟ ମିଳତ ହୋଇ ପରମାନନ୍ଦ ହୁଅନ୍ତି ।

କବ ସେହି ନ୍ୟାୟୂବଳ ଖେଳର କଥା କହୁଛନ୍ତି । ପଶାଖେଳରେ ହାତ ଫିଟିଲା ପର ନ୍ୟାୟୂବଳରେ ପ୍ରଥମରେ ହାତ ଫିଟାଇ ରାଜାଙ୍କୁ ମାରବାଲାଗି ଦୁଇ ପାଖରେ ସଜ ହୋଇ ରହନ୍ତି । କର୍ଣ୍ଣରେ ପହିଲୁ ଚୋଳ କୋଢ଼ିଆ ଅର୍ଥାତ ପଦାତଙ୍କୁ ମାର ହାତଦ୍ୱାରା ପାଞ୍ଚ [ପଦାତି, ଅଶ୍ୱ, ନୌକା, ମନ୍ତ୍ରୀ ଓ ରାଜାଙ୍କୁ] ଘାଉଡ଼ କର ଅର୍ଥାତ୍ ହରବର କର ମନ୍ତ୍ରୀ ଦ୍ୱାରା ରାଜାଙ୍କୁ (ଠାକୁରଙ୍କୁ) ମାରିଲେ ଖେଳ ଜିତା ହୁଏ । ଯେ ଭଲକର

ଦାନ ବୃକ୍ଷପାରେ ଓ ନ୍ୟାସ୍ତବଳ ଖେଳର ଚୌଷଠୀ କୋଠରୀ ମଧ୍ୟ ରଖେ ସେ ଖେଳ ଜିତିଥାଏ । ପାରମାର୍ଥିକ ଭାବରେ— କବି ପ୍ରଥମରେ ସୁଷୁମ୍ନାର ଦୁଆର ଫିଟାଇ ଆନନ୍ଦସ୍ଥଳୀ ଜନପୁରର ନିକଟରେ ରହି ନଜର କଡ଼ିଆ (୭) ଦୋଷ, ମାୟା; ମୋହ ହୃଦୟରୁ ଦୂର କଲେ, ତହୁଁ ଚଉଦ ରୂପକ ଜ୍ଞାନଦ୍ୱାରା ମଞ୍ଜିଲଦ୍ୱୟ ବା ପଞ୍ଚସ୍କନ୍ଧକୁ ଘାଉଡ଼ କଲେ ଅର୍ଥାତ୍ ମାରିଲେ । ପରେ ତାଙ୍କ ଚୈତନ୍ୟ ଦ୍ୱାରା (ମତିରେ) ଚଉରୂପକ ରାଜାଙ୍କୁ ମରି ଅଚଉ ଅବସ୍ଥାରେ ପହୁଞ୍ଚି ସଂସାରର ବଳକୁ ଜିତିଲେ । କବି ପ୍ରଶଂସା କରି କହୁଛନ୍ତି—ସେ ଭଲ ଦାନ ଦେଇ ପାରନ୍ତି । ସେ ଖେଳର ୬୪ କୋଠରୀରେ ଅର୍ଥାତ୍ ଶରୀରର ୬୪ ପାଖୁଡ଼ା ପଦ୍ମରେ (ସହସ୍ର ଦଳ କମଳରେ) ଚିତ୍ତ ସ୍ଥିର କରି ରଖି ପାରନ୍ତି ।

**ପଦଟୀକା—**

କରୁଣା – ତତ୍ସମ

ପିନ୍ଧାଡ଼—ପୀଡ଼ି-ପୀଡ଼କର ସଂ- ପୀଠ-ପ୍ରା-ପେଢ଼ ଓ-ପୀଡ଼

ଖେଳନ୍ତୁ—ଖେଳନ୍ତୁ, ଖେଳ+ ଅନ୍ ପ୍ରତ୍ୟୟ ସ୍ଥାନରେ ଉଁ, ଖେଳନ୍ତେ ଅର୍ଥାତ୍ ଖେଳାଳି- ଷଣୀ—ଯଥା—

ବସୁଁ ଦ୍ୱଳ ପାଦଅ ନ୍ତ ଦେଖିକ ତ ଳ

ବୈ· ବଳ ସ (ଟୀଗୁନ୍ଦ)

ଅବନ୍ତ— ନ୍ୟାସ୍ତବଳ — ସତରଞ୍ଜ ଖେଳ

ସଦ୍‌ଗୁରୁ—ତତ୍ସମ

ବୋଦ୍ଧେଁ—ବୋଧେ (ଏସ୍ଥା ଏନ ସ୍ଥାନେ ଏଁ)

ଜିତେଲ—ଜିତିଲା, ସଂ-ଜି ଓ ଜିତ ଧାତୁ

ଭବବଳ – ତତ୍ସମ

ଫୀଟଉ—ଫିଟୁ (ପଶାଖେଳରେ ୯, ୧୬, ୧୭, ପଡ଼ିଲେ ଖେଳ ଫିଟେ ।

ପ୍ରଥମରୁ ୨ଟି ସର ଗୁଳିଲେ ନ୍ୟସ୍ତବଳ ଖେଳ ଫିଟେ ।

ଦୁଆ – ଜୁଆ, ସଂ-ଦ୍ୟୂତ-ପ୍ରା-ଦୁଆ ଓ- ଦୁଅ -ଦୁଆ

ମାରେସି – ମାରସି (ଯଥା-ଦଅସି, ଯାଅସି କର୍ତ୍ତି ଦ୍ୱାରାମ ର

ଠାକୁର—ଖେଳର ରାଜା

ଉଆର-ଏଡ଼ାଲ, ସଂ-ଅସ୍ୟଏଡା +ର ପାଠାନ୍ତର – ଏଅର ତାହାର

ଉଏସେ—ଉଦ୍ଦେଶେଁ
ଶିଅଚ—ସଂ-ନିକଟ
ଜିନଉର—ଜିନପୁର
ପଢ଼ିଲେଁ—ପ୍ରଥମେ, ସଂ-ପ୍ରଥମ ପ୍ରା-ପଠମ୍ ପଢ଼ମ ଓ-ପଢ଼ିଲ +୭ମୀ ଏ
(ସାନୁନାସିକ)
ଢେଉଆ—ଢୋଲ, ଳ ସ୍ଥାନରେ ଉ, ସଂ-ତୁଳ ଧାତୁ ଆଉ ପଦଭ ପାଠାନ୍ତରରେ ଢୋଳଅ ମଧ୍ୟ ଅଛି ।
ବଡ଼ଆ— ସତରଞ୍ଜି ଖେଳର ପଦାତି-ପୁରୀଅଞ୍ଚଳରେ ସତରଞ୍ଜି ଖେଳର ପଦାତିକୁ ବେଡ଼ଆ ବଡ଼ଆ କହନ୍ତି । ସଂହଭୂମିରେ ବଡଆ ମଧ୍ୟ କହନ୍ତି ।
ଭାଷାକୋଷ— ବଢ଼ିଆ ପୃ ୫୩୧୫ ।
ମାରିଅ—ମାରିଲୁ, ସଂ-ମୃ ଧାତୁ ଓ-ମାରଧାତୁ ।
ଗଅବରେ—ଗଜବରେ ।
ଢୋଡ଼ଆ—କିମ୍ବା ଢୋଲଆ-ଢୋଳ ଉଠାଇ ।
ପାଞ୍ଚଜନା—ପାଞ୍ଚଜଣ, ପଞ୍ଚଇନ୍ଦ୍ରିସ୍ବା ସ୍କନ୍ଧ, ପ୍ରାଣୀ ଅଶ୍ୱ, ଗଜ, ନୌକା ଓ ମନ୍ତ୍ରୀ ।
ଘାଲିଉ—ଘାଲିଲୁ, ଘାଇଲାକଲୁ କିମ୍ବା ଘାଉଡିଲୁ, ଚଢ଼ିଦେଲୁ
ମଢଏଁ—ମନ୍ତ୍ରୀରେ, ମଢରେ,ଂସ୍ଥା ଏନ ସ୍ଥାନେ ଏଁ ।
ଠାକୁରକ—ରାଜା
ପରିନଢତା—ପରିନବୃତ୍ତ
ଅବଶ—ତତ୍ସମ
ଜଉଆ—କର
ଜିତା—ଜିତାହେଲା,ସଂ ଜି+କ୍ତ = ଜିତ
ଭଣାଇ—ସଂ-ଭଣିତ ।
ଆମ୍ହେ—ଆମ୍ଭେ ସଂ-ଅସ୍ମଦ୍, ପ୍ରା-ଅସହ+ଏ (୧ମା)
ଭଲ—ସଂ-ଭଦ୍ର ପ୍ରା-ଭଲ୍ଲ ଓ-ଭଲ
ଦାନ—ତତ୍ସମ, ଦା (ଖଣ୍ଡନାର୍ଥ) +ଅନ, ପାହାଦ୍ଵାରା ଖେଳରେ ମରିଯାଏ ।
ଚଉଷଠି--ଚଉଷଠି, ସଂ-ଚତୁଃଷଷ୍ଟି ବଜ୍ରଯାନରେ ସହସ୍ରାର ପଦ୍ମକୁ ୬୪ ଦଳ ବୋଲି କହନ୍ତି ।
କୋଠା—ସଂ-କୋଷ୍ଠ ପ୍ରା-କୋଟ୍ଠ ଓ-କୋଠା-କୋଠୀ
ଗୁଣିପ୍ପା—ଗୁଣି
ଲେଙ୍କୁ ଲେଉଁ-ନେଇଁ ନର 'ଲ' ହୋଇଛି ।

—*—

# ରାଗ-କାମୋଦ

## କୃଷ୍ଣାଚାର୍ଯ୍ୟ ପାଦାନାମ୍ —

ତି ଶରଣ ନାବୀ କିଅ ଅଠକୁ (୧) ମାରି ।
ଉ — ତ୍ରି ଶରଣ ନାବ କର ଆଠକୁ ମାର ।
ନିଅ ଦେହ କରୁଣା ଶୁନମେ ହେରି
ଉ — ନିଜ ଦେହ କରୁଣ ଶୂନ୍ୟ ହେର ।
ତରିତ୍ତା ଭବ ଜଳଧି ଜିମ କରି ମାଆ ସୁଇନା
ଉ — ତରିଲ ଭବଜଳଧି ଯେଉଁ ପରି (କରି) ମାୟା ସ୍ୱପ୍ନ ।
ମଝେଁ (୨) ବେଣୀ ତରଙ୍ଗମ ମୁନିଆ ।
ଉ — ମଝି ବେଣୀ ତରଙ୍ଗମ ମୁନିଆ ।
ପଞ୍ଚ ତଥାଗତ କିଅ କେଡୁଆଲ
ଉ — ପଞ୍ଚ ତଥ ଗତ କରି କେଡୁଆଳ ।
ବାହଅ କାଅ କାହ୍ନିଲ ମାୟାଜାଲ
ଉ — ବାହୟୁ କାୟୁ କାହ୍ନୁର ମାୟାଜାଳ ।
ଗନ୍ଧ ପରସ (୩) ରସ ଜଇସୋଁ ତଇସୋଁ
ଉ — ଗନ୍ଧ ପରସ ରସ ଯିସ ତିସ ।
ନିଂଦ ବହୁନେ ସୁଇନା ଜଇ ସେ
ଉ — ନିଂଦ ବହୁନେ ସ୍ୱପନ ଯିସେ ।
ଚିଅ କଣ୍ଣ-ହାର ସୁଣତ ମାତଙ୍ଗ
ଉ — ଚିତ୍ତ କର୍ଣ୍ଣଧାର ଶୂନ୍ୟତା ମଙ୍ଗେ ।
ଚଲିଲ କାହ୍ନ ମହାସୁହ ସାଙ୍ଗେ
ଉ — ଚଳିଲ କାହ୍ନୁ ମହାସୁଖ ସାଙ୍ଗେ ।

---

୧—ଅଠକ (କ)
୨—ମଝ (ଖ ଗ)
୩—ପରସର (କ)

ଟୀକା—

ଉକ୍ତାର୍ଥ ଦୃଷ୍ଟାକରଣାୟ ଟୈଇର୍ଯ୍ୟ ପଦୈରଭିହିତମ୍— ତିଶରଣେ ଇତ୍ୟାଦି—ସ୍ୱୟଂ କାୟବାକ ଚିତ୍ତଂ ଯସ୍ମିନ୍ ଚତୁର୍ଥେ ଶରେଣ ଲୀନଂ ଗତଂ ତଂ ମହାସୁଖକାୟଂ ନୌକାହଣ୍ୟଷ୍ଟଷ୍ଟା ବୋଧବ୍ୟଂ । ଅତଏବ ଶୂନ୍ୟତା କରୁଣଯୋରେକ୍ୟଂ ନିଜଦେହେ ଯୁଣନଦ୍ଧରୂପଂ ତେନ ମହାସୁଖକାୟେନ, ଅଠକୁମାଶକ୍ତି ବୁଦ୍ଧୈଶ୍ୱର୍ଯ୍ୟାଦିସୁଖମନୁଭୂତଂ ।

ଧ୍ରୁବ ପଦେନ ଚତୁର୍ଥେ ପ ଯୁସ୍ୟା ନୁଶଂସ ମ ହ୍ନ ।

ତଶହଇତ୍ୟାଦି—ତେନ ଚତୁର୍ଥ ନଦୋପାୟନୌକୟା ଭବସମୁଦ୍ରଂ କୃଷ୍ଣାଚାର୍ଯ୍ୟେଣ ଙ୍କର୍ଣ୍ଣଂ । ମାୟା ନ୍ୟୂଂ ସ୍ୱପ୍ନୋପମଂ ଚ କୃତଭିତ୍ତି । ମଧ୍ୟବେଣିକାୟାଂ ପରମାନନ୍ଦେ ସ୍ୱାଧିଷ୍ଠାନଚିତ୍ତସ୍ୟ ତରଙ୍ଗ ଉଲ୍ଲେଳଂ ସୂଖଂ ଭୂକ୍ତଂ ମୟେତି ଇତ୍ୟାତ୍ମବେଦନଂ ନ ପ୍ରକାଶ୍ୟତେ ।

ତଥାଚ ନାଗାର୍ଜୁନ ପାଦାଃ ଅପ୍ରତିଷ୍ଠାନ ପ୍ରକାଶେ—

ଯାବାନ୍ କଶ୍ଚିତ୍ ବିକଳ୍ପଃ ପ୍ରଭବତି ମନସି ଇତ୍ୟ ଦ୍ୟରୂପୋ ହି ତାବାନ୍ ଯେଽସୌ ବାନନ୍ଦରୂପଃ ପରମସୁଖକରଃ ସୋଽପି ସଙ୍କଳ୍ପମାତ୍ରଃ ।

ଯେ ବା ବୈରାଗ୍ୟଭାବସ୍ତଦପି ତଦୁଭୟଂ ତ ଦ୍ଭିବସ୍ୟ ହ୍ରଦେ ତୁ ନିର୍ବାଣାନ୍ନାନ୍ୟଦସ୍ତି କ୍ୱଚିଦପି ବିଷୟେ ନିର୍ବିକଳ୍ପାତ୍ମକ ତତ୍ତ୍ୱ ।

ଦିଶାୟ ପଦେନ ସ୍ୱନ୍ଧ ପରିଚ୍ଛେଦମ ହ—

ପଞ୍ଚତଥାଗତେତ୍ୟାଦି—ବିଶୁଦ୍ଧ ପଞ୍ଚତଥାଗତାତ୍ମକଂ ସ୍କନ୍ଧଂ କେଳପାତଂ ପରିକଳ୍ପ୍ୟ ମହ ସୁଖନୌକାଂ ଗୃହୀତ୍ୱା ସ୍ୱୟମାତ୍ମାନଂ ସମ୍ବୋଧ୍ୟ ଶ୍ରୀ କୃଷ୍ଣାଚାର୍ଯ୍ୟପାଦଃ ମାୟା ଜାଲବତ୍ ସ୍କନ୍ଧାତ୍ମ ଦ ବିଷୟସମୁଦ୍ରସ୍ୟ ବାଧାଂ କୁରୁ ।

ତଥାଚ ସୂତ୍ରେ—

ସ୍କନ୍ଧଶ୍ଚ ଧାତୁଶ୍ଚ ତଥେନ୍ଦ୍ରିୟାଣି ।
ପଞ୍ଚୈବ ପଞ୍ଚୈବ କୃତ ପ୍ରଭେଦଃ ।
ତଥା ଗତାଧିଷ୍ଠିତ ଏକ ଏକଶଃ
ସଂସ ରକର୍ମାଣି କୃତୋ ଭବନ୍ତି ।

ତୃତୀୟପଦେନ ନିଃସନ୍ଦେହ ପ୍ରତିପାଦନାୟ ଭବନବିଶୁଦ୍ଧିମାହ —
ଗନ୍ଧେତ୍ୟାଦି — ବାହ୍ୟଂ ଗନ୍ଧରସ ସ୍ପର୍ଶାଦି ବିଷୟଂ ଯଥୈବାସ୍ତି ତଥୈବାସ୍ତୁ ।
ସର୍ବଧର୍ମସ୍ୱରୂପାବଗମେନାସ୍ତୁ ତତ୍ ପ୍ରତିଭାଦ୍ୱାସ୍ତ୍ୟାନ — ଉକ୍ତଚତୟା
ଜାଗ୍ରଦବସ୍ଥାୟାଂ ସ୍ୱପ୍ନବତ୍ ପ୍ରତିଭାତି ।
ତଥା ସୂତ୍ରକ =

ସୁପ୍ତ ପ୍ରବୁଦ୍ଧେ ତୁ ତ ଗୃର୍ଥଭେଦଃ
ସଙ୍କଳ୍ପସ୍ତେତ୍ ସ୍ୱପ୍ନ ଫଳାଭିଳାଷୀ ।
ସର୍ବ ନିର୍ବଂ ସ୍ୱପ୍ନମୁପେତି ଜନ୍ତୁଃ
ମହା ପ୍ରଯତ୍ନେନ ଗରେଣ ସିଦ୍ଧିଃ ।

ଚତୁର୍ଥ ପଦେନ ମାର୍ଗସ୍ୟାନୁଶଂସାମାହ —
ତତ୍ର ଇତ୍ୟାଦି — ସର୍ବାକାର ବରୋପେତ ଶୂନ୍ୟତାର୍ଣ୍ଣୌ ମାର୍ଗେ ତତ୍
କର୍ଣ୍ଣଧାରଂ ସମାରୋପ୍ୟ ତତ୍ପ୍ରସଙ୍ଗେନ କୃଷ୍ଣାଚାର୍ଯ୍ୟଚରଣାଃ
ମହାସୁଖଚକ୍ରଦ୍ୱୀପଂ ଗତାଃ —

- —*—

ଅର୍ଥ — କୃଷ୍ଣାଚାର୍ଯ୍ୟ ନିଜଦେହକୁ ନୌକା ଓ ସଂସାରକୁ ସାଗର ରୂପରେ ବର୍ଣ୍ଣନା କରୁଛନ୍ତି । ନାବରେ ତିନୋଟି ଆବ୍ଲୁ ବା ଘରପରି ଏହି ନାବରେ କାୟ, ବାକ୍ ଚିତ୍ତ ରହିଅଛି । ଏହି ତିନ ଘରଯାକ ଚତୁର୍ଥ ଆନନ୍ଦମୟ ଘରରେ ଲୀନ ହୋଇଛନ୍ତି । ନୌକାରୁ ଯାତ୍ରୀଙ୍କୁ ଛାଡ଼ିଦେଇ ଗଲ୍ପପରି ନିଜ ଅଷ୍ଟୈଶ୍ୱର୍ଯ୍ୟକୁ (ସ୍କନ୍ଧଧାତୁ ଆୟତନ ଓ ପଞ୍ଚଇନ୍ଦ୍ରିୟ ବା ଅଣିମାଦିକୁ) ମାତ୍ର ତ୍ୟାଗକରି ନିଜଦେହନାବରେ ଶୂନ୍ୟ ଓ କରୁଣାର ମିଳନ କରିଛନ୍ତି । ଅର୍ଥାତ୍ ଦେହକୁ କରୁଣା ଶୂନ୍ୟରେ ଦେଖୁଛନ୍ତି । ସେ ମାୟା ଓ ସ୍ୱପ୍ନପରି ମଣି ସଂସାର ସାଗରକୁ ତରିଗଲେ । ମାୟା ଓ ସ୍ୱପ୍ନ ଯେମନ୍ତ ଅଳୀକ, ସଂସାର ସେହିପରି ଅଳୀକ ଓ ଶୂନ୍ୟ । କବି ଏହି, ବିଷୟ ହୃଦୟଙ୍ଗମ କରିଛନ୍ତି । ସାଗରକୁ ମଝିଧାର ପରି ଇଡ଼ା ଓ ପିଙ୍ଗଳାର ମଧ୍ୟବର୍ତ୍ତୀ ସୁଷୁମ୍ନା ନାଡ଼ୀଟି ଅତି ମୁନିଆ (ସରୁ) ସେହି ଧାରରେ ଅର୍ଥାତ୍

ସୁଷୁମ୍ନା ନାଡ଼ୀରେ ନାବକାନ୍ତ ପଞ୍ଚତଥାଗତା ଇନ୍ଦ୍ରିୟକୁ କେରୁଆଳ ତଗଇ ବା ଆତୁଲା କରିଛନ୍ତି ।

ଚିତ୍ତକୁ କର୍ଣ୍ଣଧାର (ମଙ୍ଗୁଆଳ) କରି ସମସ୍ତ ମାୟାଜାଲ କାଟି ଗନ୍ଧସ୍ପର୍ଶ ପ୍ରଭୃତି ବିଷୟ ପ୍ରତି ଦୃଷ୍ଟି ନ ଦେଇ ସମଦୃଷ୍ଟିରେ ନୌକାବାହି ଭବସାଗର ତରିଗଲେ । ନିଦଭଙ୍ଗି ଗଲେ ସ୍ୱପ୍ନ ଯେପରି ମିଛ ବୋଲି ଜଣାଯାଏ, ସେହିପରି କବି ବିଷୟ—ବିଷକୁ ଓ ସଂସାରକୁ ଅଳୀକ ବୋଲି ଜ୍ଞାନ କରି ଶୂନ୍ୟତାରୂପମଙ୍ଗରେ ଚଢ଼ି ମହାସୁଖକୁ ସାଙ୍ଗ କରି ସଂସାର ସାଗରରେ ଚଳିଗଲେ । ଅର୍ଥାତ୍ କବି ସୁଷୁମ୍ନା ନାଡ଼ୀ ଅତିକ୍ରମଣ କରିଯାଇ ତାଙ୍କର ହୃଦୟ ମହାସୁଖରେ ପୂର୍ଣ୍ଣହେଲା । ସେ ମହାଶୂନ୍ୟର ଉପଲବ୍ଧି କଲେ ।

—o—

**ସମଭାବ ପଦ୍ୟ—**

ସୂଚୀଅଗ୍ର ବାଜନ୍ତର ପ୍ରାୟେ ଅଛି ବାଟ ।
ସେ ବାଟ ଗମି ଶୂନ୍ୟମଣ୍ଡଳକୁ ଭେଟ । (ଅଚ୍ୟୁତାନନ୍ଦ ଭଜନ)
ସୂତା ଖିଅକୁ ସମସ୍ତେ ଭାଗକରି ବାକୀ ଯେ ରହିବ ଶେଷ
ସେ ମନ ରଖିବ ପଦ୍ମ ମଧ୍ୟ ନେଇ ଷଡ଼ ଅରି କରି ନାଶ ।

(ଚନ୍ଦ୍ରମଣି ଦାସ)

ଶିଶୁରନ୍ଧ୍ରେ ରନ୍ଧ୍ରବାଟ ଅଛି ସେ ଠାବକୁ ।
ଆସିବା ଯିବା ହେଉଛି ସକଳ ସ୍ଥାନକୁ

( ବ୍ରା:ନ: ଗୀତା ପୃ୪)

ତାଳୁକା ଦୁଆର ଶିଖେ ଶିଶୁରନ୍ଧ୍ରେ ମୁନ (ବ୍ରା: ନ: ପୃ୧୭)
ଡ଼ାକ କହୁଛନ୍ତି ଗୁରୁ । ଅବନା ଶୂନ୍ୟ ମନ୍ଦିରୁ । ପଦ ।
ତରିବାକୁ ଥିଲେ ଆଶ । କେବେ ଧର୍ମ ନାବ ବସ ।
ନଶ୍ଚେ ପାରି କରିଦେବେ ଭବସାଗରୁ ।
ଅଚଳସିନ୍ଧୁ ପୂରିଛି, ଲହଡ଼ାମାରି ନେଉଛି
ଯେଏଥି ବଞ୍ଚିବ ଭଜ ନିରିବେଦକୁ ।

ସ୍ୱେର ପ୍ରାପ୍ୟେ ଲୁଚ କାଳ, ପାତଚ୍ଛ କଳ୍ପନା ଜାଲ
ନିଷ୍କାମେ ଭଜିଲେ ଉବୁରିବେ ମାୟାରୁ ।
ଛପନ କୋଟି ଜଗତ । ସର୍ବେ ପ୍ରଭୁଙ୍କର ପୁତ
ଅଧେ ଯୋଗୀ ଅଧେ ଗୃହୀ, ଏକ ବାପୁରୁ ।
(ଜଗୁ କୃଷ୍ଣ ଭଜନ.ପୃ୨୮)

## ପଦଟୀକା—

ହିମରଣ—ତିନ ଘରଆ
(ମରଣ-ଘର)
କମ୍ପା, ତିନୋଟି ରଖୁଆଳ ।
ନାଗା—ନାବ
କଅ—କରି
ଅଠକୁ—ଆଠକୁ, ସଂ—ଅଷ୍ଟକ ।
ମାଣ୍ଡ—ମାର ସଂ—ମୃ ଓ—ମାର
—ଧାତୁ ଲଂପ୍ ସ୍ଥାନରେ ଇ
ନଅ—ନଜ
ଦେହ—ତତ୍ସମ
କରୁଣା— ତତ୍ସମ
ଶୂନମେ—ଶୂନ୍ୟରେ
ଦେଖ—ଦେଖି, ପ୍ରାଚୀନ ଓଡ଼ିଆ
ତରଣ୍ଡ—ତରିଲ, ସଂ—ତୃ
+କ୍ତ ଶର୍ଣ୍ଣ
—ଓ—ତରିତ ତରିତ—ତରିଣ୍ଡ ।
ଭବଜଳଧି—ତତ୍ସମ—ସଂସାର
ରୂପକ ସାଗର ।
ଜମକରି—ଯେଉଁ ପରି ।

ଜମ—ପ୍ରା—ଜେବ୍ବ (ଯେବେ)
ଜେବ୍ବଁ—ଜେମ୍ନ—ଜମ ।
ମାଅ—ମାୟା
ସୁଇନା—ସଂ-ସ୍ୱପ୍ନ, ପ୍ରା
ସୁପିନ—ସୁଇନ ।
ମଝି—ମଝିଆଁ-ସଂ-ମଧ୍ୟ
ବେଣୀ---ତତ୍ସମ
ତରଙ୍ଗମ—ଢେଉ, ତୁରଙ୍ଗ
ମର, ସାଦୃଶ୍ୟରେ ତରଙ୍ଗମ
ହୋଇଛି ।
ମୁନଆ—ମୁନ+ଇଆ
(ଅଛିଅର୍ଥରେ)
ପଞ୍ଚ—ତତ୍ସମ
ତଥାଗତ— ,,
କଅ—କତ, ସଂ କୃତ, ପ୍ରା, କଅ
କମ୍ୱ, କୃତ୍ୟ—କଅ ।
କେଉଆଳ—କେଉଆଳ, ତସଇ
ସଂ-କେଉ—
ବାହଅ—ବହ

କାଅ—କାସ୍ଥ, ସଂ—କାସ୍ଥ
କହ୍ଲିଲ—କାହ୍ଲୁଭ
ମାୟାଜାଲ—ତତ୍ସମ
ପରସ—ସଂ—ସ୍ପର୍ଶ (ଉକର୍ଣ୍ଣର
ଅପ୍ରକର୍ଷରୁ)
ରସ—ତତ୍ସମ
ଜଇସୋ—ଯେସ, ସଂ-ଯାଦୃଶ
ଜାଇସ, ଜଇ ।
ତଇସୋ—ତସ ସଂ—ତାଦୃଶ
"ଯେସକୁ ତେସା ହାରମ ଜାବାକୁ
ଟାଙ୍ଗିଆ ପଣା" ଉଗଡ଼ମାଳୀ

ଗୃହରେ କରଇ ପ୍ରବେଶ ।
ଷଦ୍ଦଣ ଖାଇପିସ
(ରସ ବ ପୃ୪୨)
ନଦ—ନଦ, ସଂ—ନଦ୍ଧ
ଚଅ—ଚଉ
ସୂଣତ—ଶୂନ୍ୟତା
ମାଙ୍ଗେ—ମଙ୍ଗେ
ଚଳଲ—ସଂ, ଚଳଧାତୁ
ମହାସୁଖ—ତତ୍ସମ
ସାଙ୍ଗେ—ସଂ—ସଙ୍ଗ

—*—

# ରାଗ—ଧନସୀ

## ଡୋମ୍ବି ପାଦାନାମ୍ :—

ଗଙ୍ଗା ଜଉନା ମାଝେଁରେ ବହଇ ନଈ
ଓ—ଗଙ୍ଗା ଯମୁନା ମଝିରେ ବହଇ ନଈ ।
ତହିଁ ବୁଡିଲି ମାତଙ୍ଗୀ ଜୋଇଆ (୧) ଲୀଳେ ପାରକରଇ
ତହିଁ ବୁଡ଼ିଲା ମାତଙ୍ଗୀ ଯୋଗିକା ଲୀଳେ ପାର କରଇ ।
ବାହ ତୁ ଡୋମ୍ବୀ ବାହଲେ ଡୋମ୍ବୀ ବାଟତ ଭଇଲ ଉଛାର
ବାହ ତୁ ଡ଼ମ୍ବୀ ବାହଲେ ଡମ୍ବୀ ବାଟତ ହୋଇଲା ଉଚ୍ଛୁର
ସଦ୍‌ଗୁରୁ ପାଅ ପାଶାଏ (୨) ଜାଇବ ପୁଣୁ ଜିନଉର
ସଦ୍‌ଗୁରୁ ପାଅ ପ୍ରସାଦେ ଯିବ ପୁଣି ଜିନପୁର ।
ପାଞ୍ଚ କେଡୁ ଆଳ ପଡନ୍ତେ ମାଙ୍ଗେ ପିଠତ କାଚ୍ଛି ବାନ୍ଧି
ପାଞ୍ଚ କେଡୁଆଳ ପଡନ୍ତେ ମଙ୍ଗେ ପୀଠରେ କାଚ୍ଛି ବାନ୍ଧି ।
ଗଅଣ ଦୁଖୋଲେଁ ସିଞ୍ଚହୁ ପାଣୀ ନ ପଇସଇ ସାନ୍ଧି ।
ଗଗନ ଦୁଇଖେ ଲେ ଛିଞ୍ଚଉଁ ପାଣି ନ ପସଇ ସନ୍ଧି ।
ଚନ୍ଦ ସୂଜ୍ଜ ଦୁଇ ଚକା ସୃଷ୍ଟି ସଂହାର ପୁଲିନ୍ଦା
ଚନ୍ଦ୍ର ସୂର୍ଯ୍ୟ ଦୁଇ ଚକ୍ର ସୃଷ୍ଟି ସଂହାର ପୁଲିନ୍ଦା
ବାମ ଦାହିନ ଦୁଇ ମାଗ ନ ଚେବଇ (୪) ବାହତୁ ଛନ୍ଦା
ବାମ ଡାହାଣ ଦୁଇ ମାର୍ଗ ନ ଚେତଇ ବାହ ତୁ ଛନ୍ଦ (ରେ)
କବଡୀ ନ ଲେଇ ବୋଡ଼ି ନ ଲେଇ ସୁଚ୍ଛଡେ ପାରକରଇ (୫)
କଉଡୀ ନ ଲେଇ ବୋଡି ନ ଲେଇ ସ୍ୱଚ୍ଛନେ ପ ରକରଇ
ଜୋ ରଥେ ଚଡିଲା ବାହବା ନ ଜାଣଇ କୂଳେ କୂଳେ
ବୁଲଇ
ଯେ ରଥେ ଚଢିଲା ବାହିବା ନ ଜାଣଇ କୂଳେ କୂଳେ
ବୁଲଇ ।

---

୧—ଘୋଇଆ (କ)
୨—ପାଅ ପଏ (କ)
୩—ପିଠତ (କ)
୪—ରେ ବର (କ)
୫—କରେଇ (କ)
୬—ବୁଡଇ (କ, ଗ)

ଟୀକା—

ତମେବାର୍ଥଂ ପରମକରୁଣାମ୍ରେଡିତ ସିଦ୍ଧାଗ୍ରେସୈଂଧବ ଡୋମ୍ବୀ । ନୌକା ପ୍ରବାହ ବ୍ୟାଜେନ ପ୍ରକଟୟନ୍ତି ।

ଗଙ୍ଗେତ୍ୟାଦି— ଗଙ୍ଗାଯମୁନେତି ସନ୍ଧ୍ୟସ୍ଥା ଚନ୍ଦ୍ରାସ୍ରସସୂର୍ଯ୍ୟାଭାସୌ ଗ୍ରାହ୍ୟଗ୍ରାହକୌ ଯସ୍ୟାଃ ଶୂନ୍ୟନଡ଼କା ବରମାନନ୍ଦାବଧୂତିକାୟା ମଧ୍ୟେ ବର୍ତ୍ତତେ । ସ ଏବ ନୌସନ୍ଧ୍ୟାସ୍ରଷସ୍ୟ । ବୋଧବ୍ୟା ।

ସଦ୍‌ଗୁରୁ ଇତ୍ୟାଦି—ବିଲକ୍ଷଣ ଶୁଦ୍ଧା । ତସ୍ୟ ସ୍ଥିତ୍ୱା ସହଜ ଜ୍ଞାନ ପ୍ରମଙ୍ଗୀ ଡୋମ୍ବୀ ନୈରାତ୍ମା ସଂସାରାର୍ଣ୍ଣବେ ଯୋଗୀନ୍ଦ୍ରଃପାରଂ କରୋତୀତି । ଧ୍ରୁବ ପଦେନ ପ୍ରତ୍ୟସ୍ୟ ଧ୍ୱଂଦର୍ଶନାତ୍—କୁଳାଭ୍ୟାସଂ କୁରୁଂତ ।

ବାହୁ ତୁ ଇତ୍ୟାଦି—ସହଜ ଶୋଧିତ ବରମାନନ୍ଦ ନୌମାର୍ଗେ ପ୍ରସ୍ଥେ ସନ୍ତି ଖାନପାନ ଶକ୍ତି ଚେତ୍ୟ ନ ସ୍ତେ ଡୋମ୍ବି ଆମ୍ନାନଂ ସଂବୋଧ ବଦନ୍ତି କମର୍ଥଂ ବିଲମ୍ବଃ କ୍ରିୟତେ । ସଦ୍‌ଗୁରୁ ସମ୍ବୋଧ ନିରନ୍ତରଭ୍ୟାସେନ ପୁନର୍ଜିନପୁରଂ ମହାସୁଖପୁରଂ ଅତୀବ ସନ୍ନିହିତଂ । ଏବଂ ଅନୁଚିନ୍ତ୍ୟ ନୃହନଂ ପ୍ରବାହଭ୍ୟାସଂ କୁରୁ । ଦ୍ୱିତୀୟ ପଦେନାଭ୍ୟାସସ୍ୟାନୃଶଂସାମାହୁଃ—

ପଞ୍ଚେତ୍ୟାଦି—ପଞ୍ଚ କେଡ଼ୁଆଲ ମିତି ପଞ୍ଚକମୋପଦେଶଂ ଗୃହୀତ୍ୱା କଚ୍ଛିକା ମଣିମୂଳଂ ଗତଂ, ତଦେବ ବୋଧିଚିତ୍ତଂ ସହଜାନନ୍ଦେନ ବଧ୍ୟତଂ ହଦ୍‌ବୌମଲ ଚନ୍ଦୋଦ୍ଦେଶେନ ପ୍ରବାହଂ କୁରୁ । ଗଗନ ଦୁଖୋଲକଂ ଚତୁର୍ଥାଭିଷେକେଣ ସିଂଚ୍ୟମ ଯୋଗୀନ୍ଦ୍ରସ୍ୟ କାୟେ ପାମସ୍ୟଂ ବିଷୟୋଲ୍ଲଳନଂ ଭଣନ୍ତି ।

ତୃତୀୟ ପଦେନାଭ୍ୟାସ ବିଶେଷାଦାହ୍ନଷଣସ୍ୟ ନିରୋଧମାହୁଃ—

ଗୃହେତ୍ୟାଦି—ଚନ୍ଦ୍ରଂ ପ୍ରଜ୍ଞାଜ୍ଞାନଂ ସୂର୍ଯ୍ୟମୁତ୍ପାଦାଦୟସ୍କ୍ଷାନଂ ପୁଲନ୍ଦଂ ସଧ୍ୟାସ୍ରଷ ନପୁଂସକଂ । ଯସ୍ଯ ଏତେ ସଂସାରସ୍ୟ ସୃଷ୍ଟି ସଂହାର କାରକାଃ । ସର୍ବ ଧର୍ମାନୁପଲମ୍ଭ ଜଲଧୌ ଗଚ୍ଛନ୍ ସନ୍ ବାମଦକ୍ଷିଣମଗ୍ରପଶ୍ଚାତ୍ତୀର ମନୁପଶ୍ୟନ୍ତୀତିନସ୍ତ ଡୋମ୍ବି ସ୍ୱଚ୍ଛନ୍ଦେନ ବିଲକ୍ଷଣ ଶୋଧିତ ବୋଧିଚିତ୍ତ ନୌବାହନାଭ୍ୟାସଂ କୁରୁ ।

ଚତୁର୍ଥ ପଦେନ ନୈରାତ୍ମ ଧର୍ମସ୍ୟ ଫଳାନୃଶଂସା ମାହୁଃ—

କବଡ୍ଡୀଚ୍ୟାବ — ଯଥା ବାହ୍ୟେ ପାରାବାରେ ତରପତିସ୍ତରକପର୍ଦିକାଂ ଗୃହ୍ଣାନ୍ତି
ତଦ୍ ଉଦ୍ ଗ୍ରାହ୍ୟଗ୍ରାହକତୟା ଭଗ
ସାଉପବନ୍ତି ଡୋମ୍ବୀ ନୈରାତ୍ମା ନ ପ୍ରତିଗୃହ୍ଣାତି ।
ଅଥ ପରଚର୍ଯ୍ୟାମାନେଣାଗ୍ରାହ୍ୟସ୍ତେ। ଭବସମୁଦ୍ରେ ପାରଂ କରୋଷିତ !
ନୈରାତ୍ମ୍ୟଧର୍ମାପଛିତଂସ୍ୱନ କହ୍ୱଃ ଶ ସ୍ତଭ୍ରମାନ୍ତନୋ ଯେ ଯୋଗିନସ୍ତେଽପି
କୂଳେ ଶରୀରେ ଭ୍ରମନ୍ତୀତି ଅଜ୍ଞାନେନାବୃତା ବାଳା ଇତ୍ୟାନ୍ତି ।

—*—

ଅର୍ଥ—ଗଙ୍ଗାଯମୁନା (ଇଡ଼ାପିଙ୍ଗଳାନାଡ଼ି) ଦୁଇ ନଈ ମଝିରେ ନଈଟିଏ (ସରସ୍ୱତୀ -ସୁଷୁମ୍ନା) ବହି ଯାଉଛି । ଏହି ତ୍ରିବେଣୀ ଘାଟରେ ସେ ନୌକାରେ ମାତଙ୍ଗୀ ପ୍ରମତ୍ତାଙ୍ଗୀ ଡୋମ୍ବୀ ଯୋଗୀନ ଅବଧୂତିକା ଅକ୍ଲେଶରେ ପାରିକରଇ । ମୁଁ ନିଜେ ସେହିଠାରେ ବୁଡ଼ିଅଛି । ହେ ଡୋମ୍ବି ଅବଧୂତିକେ, ମୋତେ ଶୀଘ୍ର ପାର କରିବେ । ଉଙ୍ଗା ଚଳାଅ, ବେଳ ଉଛୁର ହୋଇ ଯାଉଛି । ଗୁରୁଙ୍କ କୃପାରୁ ମୁଁ ଠିକଣା ସ୍ଥାନ ପରମାନନ୍ଦସ୍ଥଳୀ ଜିନପୁରକୁ ଯିବି । ପାଞ୍ଚଇନ୍ଦ୍ରିୟ ଆହ୍ଲାଦପରି ପଡ଼ିଛି ମଙ୍ଗରେ ପାଲ ବାନ୍ଧି, ନାଆ ପିଠାଇ ଦିଅ । ଅର୍ଥାତ୍ ଗୁରୁଙ୍କ ଉପଦେଶ ଅନୁସାରେ ପାଞ୍ଚ ଇନ୍ଦ୍ରିୟଙ୍କୁ ସଂଯତ କରି ସୁଷୁମ୍ନା ନାଡ଼ୀରେ ମନପବନ ଚଳାଇଦିଅ । ନାଆ ବୋହିଲା ବେଳେ ଆହ୍ଲାଦରେ ପାଣିଦୂରକୁ ପକାନ୍ତେ, ସେ ପାଣି ନାଆ ଖୋଲ ସନ୍ଧିରେ ପଶିଯାଏ । ଏଠାରେ ସୁଷୁମ୍ନାରେ ପବନ ଚଳନ୍ତେ ସେ ଇଡ଼ା ପିଙ୍ଗଳାରେ ପଶଇ ନାହିଁ । ଡୋମ୍ବୀ ପାଦ କହୁଛନ୍ତି- ପାଣିପରି ପାଞ୍ଚ ଇନ୍ଦ୍ରିୟକୁ ଆକାଶ ଆଡ଼କୁ ଫୋପାଡ଼ିଦିଅ । ସେମାନେ ଯେପରି ଶରୀରରେ ପ୍ରବେଶ କରିପାରିବେ ନାହିଁ । ଇନ୍ଦ୍ରିୟ ଓ ତାଙ୍କର ବିଷୟର ଶୂନ୍ୟତା ଉପଲବ୍ଧି କଲେ ଇନ୍ଦ୍ରିୟ ଗୁଡ଼ିକ ପ୍ରତି ଅନାଶକ୍ତ ବଢ଼ିବ । ଶରୀର ବାଟ ଜଗି ନାଆ ରଖାଇ ଲୋକଙ୍କୁ ନାଶକରେ । ଚନ୍ଦ୍ର ସୂର୍ଯ୍ୟ ଦୁଇଚକ ହେଉଛି ସୃଷ୍ଟି — ସଂହାରକ ଗା ଶବର । ଅର୍ଥାତ ଚନ୍ଦ୍ର ସୂର୍ଯ୍ୟ (ଇଡ଼ା ପିଙ୍ଗଳା) ଦୁଇନାଡ଼ୀ ସମସ୍ତ ସଂସାରର ସୃଷ୍ଟି ଲୟ କରିଥାନ୍ତି । ତେଣୁ ବାଁ ଡାହାଣ (ଇଡ଼ା ପିଙ୍ଗଳା)କୁ ନ ଚାହିଁ ସ୍ୱଇଚ୍ଛାରେ

ସ୍ଥିଧାନାଆ ଚଳାଅ । ଏ ନାଉଣ୍ଣ ଘାଟମାହାସୂଳ ପାଇଁ କଉଡ଼ି ବୋଉ କଛି ଟଇସା ନଏ ନାହିଁ । ସ୍ୱଚ୍ଛ ନରେ ଡଙ୍ଗାରେ ପାର କର ଦିଏ । ଯେଉଁମାନେ ଏହି ନାଆରୂପକ ରଥରେ ଚଢ଼ି ବାହିବାକୁ ଜାଣନ୍ତି ନାହିଁ । ସେମାନେ କୂଳରେ ବୁଲବୁଲ ମରନ୍ତି । ପ୍ରକୃତ ତତ୍ତ୍ୱ ଉପଲବ୍‌ଧି କର ପାରନ୍ତି ନାହିଁ ।

ସମଭ୍ରବପଦ୍ୟ—

ବସିଣ ଯେ ସମାସନେ ମେରୁଭୁଲ୍ଲାକର ।
ଚନ୍ଦ୍ର ଘରେ ସୂର୍ଯ୍ୟକୁ ଥୋଇବ ଦୃଢ଼େ ଧରି ।
ତୋଳିବ ପ୍ରାଣାପାନ ଲଗାଇ ସଧୀରେ

× × × ଶୂ- ସଂପୃ ୧୧୩

ଯୋଗ ମାୟାରୁପି ବ୍ରହ୍ମାଣ୍ଡକୁ ବ୍ୟାପି ତ୍ରିବେଣୀଶିଖ ରହିଛି

ଶୂ. ସ. ପୃ ୩୧

ତେଜଗୁଣେ ତ୍ରିବେଣୀ ବହଇ ତ୍ରିନଧାର

(ଶୂ. ସ. ପୃ୧୦୯)

ତ୍ରିବେଣୀ ତୁଠରେ ତରଇ ଅଛି । ଜାଣିକର ନାମ ଗୋଇ ଦେଉଛି ।

(ଯଶୋବନ୍ତ ଦାସ, ଶରୀର ଭେଦଭଜନ)

ତ୍ରିନତ୍ତ ତହୁଡ଼ରେ ତ୍ରିନତ୍ରିକୂଟ ।
ସେହି ସଲଖରେ ସ୍ୱର୍ଗକୁ ବାଟ ।
ତହିଁ ତ୍ରିନଧାର ନଦୀ ବହୁଛି ।
ନାବ ଖଟାଇ ତରଇ ରହିଛି । ସୁଜ୍ଞାମୀ ହେ
ତରଇ ଘର ପର୍ବତ ଶିଖରେ ।
ନାବ ମେଲଛି କାଳନ୍ଦୀ ହ୍ରଦରେ ।
ପଇସା କଉଡ଼ି ନ ମାଗେ କିଛି ।
ନାମ ଚହ୍ନିଣ ପାର କରୁଛି । ସୁଜ୍ଞାମୀ ହେ ।

(ଯଶୋବନ୍ତ ଦାସ ପଞ୍ଚସଖାଙ୍କ ପୃ୨୮)

ଗଙ୍ଗାଯମୁନା ଆଉ ସରସ୍ୱତୀ ନଈ
ଏ ତ୍ରିନଧାର ହଂସ ତରଣ୍ଡ ଝରଇ ।(ଯୋଗୀନ୍ଦ୍ର ଦାଣ୍ଡଧୂଆ ପୃ୩)

# ପଦଟୀକା—

ଜଉନା—ସଂ—ଯମୁନା
ମାଝେଁ—ମଝିରେ ସଂ-ମଧ୍ୟ
ବହଇ—ସଂ—ବହନ୍ତି
ନାଇ—ନଈ, ସଂ—ନଦୀ, କିନ୍ତୁ
ଟୀକାରେ ନାଇ, ନୌକାଅର୍ଥ
କରନ୍ତି ।
ସଂ—ନୌ—ନାବ—ନାଆ ଅର୍ଥ
ନାଇ ପ୍ରଥମ ଅର୍ଥଟି ବେଶୀ
ସଙ୍ଗତ ।
ତହିଁ—ସଂ ତସ୍ମିନ୍
ମାତଙ୍ଗୀ—ଚଣ୍ଡାଳୀ, ମାତ ଯାଣ୍ଡସ୍ତ
ସ୍ତ୍ରୀ ।
ଯୋଗିଆ—ଯୋଗିକା
ଲ୍ଲେ— ଅକ୍ଳେଶରେ
ପାରକରଇ—ପାରିକରେ
ବାହ—ନାଆ ଚଳାଅ
ଭଇଲ—ହୋଇଲ ।
ଉଚ୍ଛାର—ଉଚ୍ଛୁର ସଂ—ଉତ୍ସୂର
ଉଚ୍ଛୁର ।
ପାଅପଦେ—ପାଦପଦେ
ଯାଇବ—ଯା+ଇବ (ତବ୍ୟସ୍ଥାନେ)
ସ୍ପ ଶୁ—ସ୍ପଶି
ଜନଉର—ଜନପୁର
କେଉଆଳ—କେରୁଆଳ— ସେଇ
ସଂ—କେତୁପାଳ
ପଡ଼ନ୍ତେ—ପଡ଼ିଲ୍ୟଷଣି ସଂ—
ପତଧାତୁ ଓ—ପଡଧାତୁ ପତ+
ଅନ୍ତ ବତୁ ସ୍ଥାନେ, ଭବେ ୭ମୀ
ମାଙ୍ଗେ—ମଙ୍ଗେ
ପିଠତ—ପିଠରେ, ସଂ-ପୃଷ୍ଠ-ପ୍ରା
ପିଟ୍ଠ ଅର୍ଥ—ପଛରେ
କାଛି—ଲୁଗାପାଲ
ବୁ—ସଂ-ଦ୍ୱି-ଦୁଇ
ଖୋଲେଁ—ଖୋଲରେ;
ସଂ-ଖୋଲନ ସିଞ୍ଚନ୍ତୁ—ଛିଞ୍ଚ,
ସିଚ୍‌ଧାତୁ ସ୍ୱସ୍ଥାନେ ତୁ (ଅନୁଜ୍ଞା
ପାଣୀ—ସଂ · ପାନୀୟ
ସାନ୍ଧ—ସନ୍ଧି
ସୂଜ—ସୂର୍ଯ୍ୟ
ଚକା—ଚକ, ସଂ-ଚକ୍ର
ସିଠି—ସଂ—ସୃଷ୍ଟି
ମୂଲନ୍ଦା—ଶବର ଅର୍ଥାତ୍
ସଂସାରର ସୃଷ୍ଟି
ସଂହାର କାରକ ।
ମାଗ—ମାର୍ଗ
ଚେବଇ—ଚେତଇ
ଛନ୍ଦା—ସ୍ୱଚ୍ଛନ୍ଦରେ
କବଡ଼ୀ କଉଡ଼ୀ ସଂ-କପର୍ଦ୍ଦ
ଲେଇ—ନେଇ
ବୋଡ଼ୀ—ଟଙ୍କଡ଼ା ସଂ—ବୋଡ୍ରୀ
ସୁଛନ୍ଦେ—ସୁଛନ୍ଦେ
ଚଢ଼ିଲ—ଚଢିଲ
ବାହବା—ବାହିବାକୁ
ଜାଣି—ଜାଇ

## ରାଗ—ରାମକ୍ରୀ

**ଶାନ୍ତ ପାଦାନାମ୍—**

ସଅ ସମ୍ବେଅଣ ସରୁଅ ବଆରେ (୧) ଅଲକ୍ଖ ଲକ୍ଖଣ (୨) ଣ ଜାଇ
ସ୍ୱ ସମ୍ବେଦନ ସ୍ୱରୂପ ବସ୍ତୁରେଁ ଅଲକ୍ଷ୍ୟ ଲକ୍ଷଣ ନ ଯାଇ (ଯାଏ)
ଜେ ଜେ ଉଜୁବାଟେ ଗେଲ ଅନାବାଟା ଭଇଲ୍ଲ ସେଇ
ଯେ ଯେ ଋଜୁବାଟେ ଗଲ ଅନାବର୍ତ୍ତୀ ହୋଇଲା ସେହି ।
କୁଳେଁ କୁଳ ମା ହୋଇରେ ମୂଢ଼ା ଉଜୁ ବାଟ- ସଂସାରା
କୂଳେ କୂଳେ ନ ହୋଇରେ ମୂଢ଼ ଋଜୁ ବାଟ ସଂସାର
ବାଳଭିଣ ଏକୁ ବାକୁ ଣ ଭୂଲହ ରାଜପଥ- କଣ୍ଡ (୩) ରା
ବାଳଭିନ୍ନ ଏକ ବାକ୍ୟେ ନ ଭୂଲଅ ରାଜପଥ କଣ୍ଟରା ।
ମାଆ ମୋହ ସମୁଦାରେ (୪) ଅନ୍ତ ନ ବୁଝସି ଥାହା ।
ମାୟା ସମୁଦ୍ରରେ ଅନ୍ତ ନ ବୁଝସି ଥାଆ
ଆଗେ (୫) ନାବ ନ ଭେଲା ଦୀସଇ ଭନ୍ତି ନ ପୁଛସି ନାହା
ଆଗେ ନାବ ନ ଭେଲା ଦିସଇ ଭ୍ରାନ୍ତି ନ ପୁଚ୍ଛସି ନାହା (ନାଥ)
ସୁନା ପାନ୍ତର ଉହ ନ ଦିସଇ ଭାନ୍ତ ନ ବାସସି ଜାନ୍ତେ ।
ଶୂନ୍ୟ ପ୍ରାନ୍ତର ଉହ ନ ଦିଶଇ ଭ୍ରାନ୍ତ ନ ବସସି ଯାନ୍ତେ ।
ଏଷ ଅଟ ମହା ସିଦ୍ଧି ସଝଇ (୬) ଉଜୁବାଟ ଜାଅନ୍ତେ
ଏଷା ଅଷ୍ଟ ମହାସିଦ୍ଧି ସିଦ୍ଧ ହୁଏ ଋଜୁବାଟ ଯ ଅନ୍ତେ ।
ବାମ ଦାହିଣ ଦୋ ବାଟା ଛାଡ଼ୀ ଶାନ୍ତ ବୁଲ ଥାଉସଂକେଲଉ
ବାମ ଡାହାଣ ଦୁଇ ବାଟ ଛାଡ଼ି ଶାନ୍ତ ବୁଲୁ ଥାଉ ଖେଳ ।
ଘାଟନ [୭]ଗୁମା ଖଡତଡ଼ି ନ ହୋଇ ଆଖି ବୁଜଅ ବାଟ ବାଇଉ
ଘାଟ ନ ଗୁଲ୍ମ ଖଡ଼ତଡ଼ି ନ ହୋଇ ଆଖି ବୁଜ ବାଟଯାଉ

---

୧—ବଆରେଁ ତେ (କ)
୨—ଅଲକ୍ଖ ଲକ୍ଖ [ଖ]
୩—କନ୍ଧ ର (ଖ ଗ)
୪—ମ ଆମୋହା (କ)
୫—ଅଗେ (କ)
୬—ସିଝଏ [କ]
୭—ଘାଟନଗୁମ (କ)
୮—ନୋ-[କ]

ଟୀକା—ନର୍ଭର ପରମାନନ୍ଦମନ୍ଦକେତୋ ହ୍ର ଶାନ୍ତସ୍ତମେବାର୍ଥଂ ଦେ୍ୟାତୟନ୍ତି-ସଅ ସମ୍ମେଲଣ ଇତ୍ୟାଦି—ସମ୍ୟକ୍ ପରଜଳଜସଂଯୋଗେ ସ୍ୱସଂ-ବେଦନାଭବସ୍ୱରୂପେଣ ସିଦ୍ଧାଜ୍ଯେଁ୍ୟାହ୍ର ଶାନ୍ତଃ । ଅଲକ୍ଷ୍ୟଲକ୍ଷାଣାଦ ଵସ୍ଥରଂ ବକଲ୍ପଂନ ଗଚ୍ଛନ୍ତି । ଯେ ଯେଽଙ୍ଘ୍ୟଣ୍ଟିଚା ଯୋଗୀନ୍ଦ୍ରାଃ । ଏତଦ୍ ଵରମାନନ୍ଦାବଧୂତି ମାର୍ଗବରେଣ ଗତାଃ ତୋଽପ୍ୟନାବର୍ତ୍ତେ ମହାସୁଖଚନ୍ଦ-ସରସିଜବନେ ଲଗ୍ନାଃ ।

ତଥାଚ ଉକ୍ତବଜ୍ରେ—

ଏଷ ମାର୍ଗବରଃ ଶ୍ରେଷ୍ଠୋ ମହାଯାନ ମହୋଦୟଃ ।

ଯେନ ଯୂୟଂ ଟେଷିଂନ୍ତୋ ଭବିଷ୍ୟଥ ତଥାଗତାଃ ।

ଧ୍ରୁବ ପଦନ ତମେବାର୍ଥଂ ଦୃଢ଼ୟନ୍ତି । କୁଳେମିତ୍ୟାଦି । କୁଳେ ପ୍ରତ୍ୟେକ-ଶବ୍ଦରେ ଭୋ ମଢ଼ା ବାଳଯୋଗିନ ଏତଦ୍ ବରମନନ୍ଦୋପାଦ୍ମନାର୍ଗଂ ବହାୟ ନାନ୍ୟୋମାର୍ଗ ସମ୍ଭାବ୍ୟେଽଭମୁଖୋଽସ୍ତି ।

ତଥ ଚଇ ଷ୍ଟବଜ୍ରେ—

ନାନ୍ୟୋପାଦ୍ୟେନ ବୁଦ୍ଧତ୍ୱଂ ଶୁଦ୍ଧଂ ଚେଦଂ ଜଗତ୍ତ୍ରୟମିତି ।

ଅଥ ବଜ୍ରମାର୍ଗ ବାମଦକ୍ଷିଣେ ବାଳ ବନ୍ଦ୍ରେ ଖାଦ ଵକଲ୍ପଂ ମା କଟିଷ୍ୟଥ ଭୋବାଳଯୋଗିନ୍ ଯଥା ନୃପଷ୍ଟନବର୍ତ୍ତୀ ଜନକପଥଧାରସ୍ୟା କ୍ରୀଡୋ-ଦ୍ୟାନଂ ପ୍ରବଶନ୍ତି ତଦ୍ବତ୍ ଯୋଗୀନ୍ଦ୍ରୋଽପି ଲ୍ଲଳସ୍ୟାବଧୂତିମାର୍ଗେଣ ମହାସୁଖଚନ୍ଦକମଳୋଦ୍ୟାନଂ ବଶନ୍ତି ।

ବଜ୍ରୋତ୍ଥାନଂ ସଦା କୁର୍ଯ୍ୟାଚନ୍ଦ୍ରାର୍କଗତିଭଞ୍ଜନ ତ୍

ଅନ୍ୟଥା ନାବ ଧୂତ୍ୟଂଶେ ବଶତି ପ୍ରାଣମାରୁତଃ ।

ବାଳଯୋଗିନମଧିକୃତ୍ୟ ଦ୍ୱିଷ୍ଟୀୟପଦମାହ—

ମାଅ ମୋହେତ୍ୟାଦି—ମହ୍ୟାପ୍ରଜ୍ଞା ଚ ଭନ୍ୟତେ । ତସ୍ୟାଭସ୍ୱଙ୍ଗୋ ମୋହଃ । ସ ଏବ ମହାସମୁଦ୍ର ସ୍ତସ୍ୟାନ୍ତଂ ପ୍ରମାଣଂ ନ ପ୍ରାପ୍ୟତେ ବାଳ ଯୋଗିନା । ଅଥ ତସ୍ମିନ୍ ସଦ୍ଗୁରୁବଦ୍ୟଭେଳକଂ ବଦୟୂ ନାନ୍ୟଂ ନୌ ଭେଦ କାହୂ୍ୟ ପାୟୂଂ ବାଦ୍ୟତେ ଭୋ ବାଳଯୋଗିନ୍ କଂ—ଭ୍ରାନ୍ତ୍ୟା ସଦ୍ଗୁରୁନାଥଂ ନ ପୃଚ୍ଛସି । ତାନ୍ତଂ କ୍ୱ ଭ୍ରାନ୍ତଂ ବଧୂୟ ଶ୍ରୀ-

ମୁଖେ ଚତୁର୍ଥାନନ୍ଦୋପାୟଂ ଗୃହୀତ୍ୱା ତସ୍ୟ ମାୟା ମୋହସମୁଦ୍ରସ୍ୟାନ୍ତଂ ପ୍ରମାଣସ୍ୱରୂପଂ କୁରୁ ।

ତଥା ଗୁହ୍ୟୋତ୍ତରସନ୍ଧୌ —

ସର୍ବାସାଂ ଖଳୁ ମାୟାନାଂ ସ୍ତ୍ରୀମାୟୈବ ବିଶିଷ୍ୟତେ ।
ଜ୍ଞାନବଜ୍ର ପ୍ରଭେଦୋଽୟଂ ସ୍ତ୍ରୈମତେନୈବ ଲକ୍ଷ୍ୟତେ ।

ତୃତୀୟ ପଦେନ ବଜ୍ରମାହାତ୍ମ୍ୟଂ କଥୟତି —

ଶୂନ୍ୟେତ୍ୟାଦି — ଅସ୍ମିନ୍ ମାର୍ଗେ ପ୍ରାପ୍ୟ ପ୍ରଜ୍ଞାସ୍ୱରଂ ଶୂନ୍ୟମିତି କୃତ୍ୱା ତଚ୍ଛେଦ ପ୍ରସଙ୍ଗଂ କୃତ୍ୱା ଭ୍ରାନ୍ତ୍ୟା ମା କରିଷ୍ୟସି ହେ ମୁଢ଼ ଅତୈବ ପ୍ରଜ୍ଞା-ସ୍ୱଭାବପରିଶୋଧିତ ସ୍ୱାଧିଷ୍ଠାନଚିତ୍ତଂ ଭାବୟନ୍ ପୁନରଷ୍ଟସିଦ୍ଧିର୍ଭବିଷ୍ୟତି-ନିଶ୍ଚୟଃ ।

ତଥାଽଗମଃ —

ଦଗ୍ଧ୍ୱା ମାୟାପୁରଂ ରମ୍ୟଂ ସହସା ଜ୍ଞାନବହ୍ନିନା ।
ପଶ୍ୟନ୍ତି ସତତଂ ଶୂନ୍ୟଂ ଦ୍ରବ୍ୟ ନେହାତ୍ମଯୋଗିନଃ ।

ଚତୁର୍ଥ ପଦେନ ତଦେବ ନିର୍ଦ୍ଦେଶୟନ୍ନାହ —

ବର୍ମେତ୍ୟାଦି — ଶାନ୍ତନା ସିଦ୍ଧାର୍ଥ୍ୟେଣ ବାମଦକ୍ଷିଣୋଭୟସହଯୁଗଳ-ହଂସର ସ୍ତ୍ରୈମିତି କୃତ୍ୱାଶିବ ବିଷୟୋପସଂହାରଂ କୃତଂ । ଅସ୍ମିନ୍ ପରି-ଶୁଦ୍ଧା ବଧୂତି ବିରମାନନ୍ଦମାର୍ଗେ ଗଚ୍ଛନ୍ ସନ । ଘଟକୁଟୀ ଗୁଳୁଦାଳ କାଢ ଭୟଂ ନ ବିଦ୍ୟତେ । ତୃଣକଣ୍ଟକଶୈଳବିଶାଳାଦ୍ୟୁପଦ୍ରବଂ ନାସ୍ତୀତି ଅଥାତ୍ ସ୍ତବେଧାନୁଳିତଲୋଚନେ ଯୁଗନଦ୍ଧଂ ସ ପଶ୍ୟନ୍ତି ।

ତଥାଽଗମଃ —

ଜରେନ୍ତି ତରତାମଷ୍ଟେଣ୍ଡାଃ ଶିରସସ୍ତାବନମ୍ରତାଂ
ସ୍ତୈମିତ୍ୟଂ ଚକ୍ଷୁ ଚୈତାନାଂ ଶୂନ୍ୟତା ଶୂନ୍ୟଦର୍ଶିନାଂ ।

-ଃ ✳ ଃ-

ଅର୍ଥ–

ମହାଶୂନ୍ୟର ଅନୁଭୂତ ଅକ୍ଷୟବ୍ରହ୍ମ, ମନରେ ମଧ୍ୟ ଅତୀତ । ତେଣୁ ତହିଁର ଲକ୍ଷଣ କହି ହେବ ନାହିଁ । ନିଜର ଜ୍ଞାନାନୁଭବ ବଳରେ ପକ୍ଷରେ ଲକ୍ଷ୍ୟସ୍ଥଳ ଠିକ୍ ଧରି ହୁଏ । ଯେଉଁମାନେ ଏହି ସରଳ ସହଜ ପଥର ପଥିକ, ସେମାନଙ୍କୁ ଆଉ ସଂସାରକୁ ଫେରିବାକୁ ପଡେ ନାହିଁ । ରେ ମୂଢ଼ କୂଳରେ ଛାଡି ରହିନାହିଁ । ସଂସାରକୁ ସରଳ ବାଟ ବୋଲି ମନେ କରି ନାହିଁ । ତେଣୁ କୁମାର୍ଗରେ ଯାଅ ନାହିଁ । ସଂସାରର ଜଞ୍ଜାଳରେ ଅଭିଭୂତ ହୁଅନାହିଁ । ମୂର୍ଖଲୋକେ ସଂସାରକୁ ସୁଖର ସ୍ଥଳୀ, ଉପଭୋଗର କ୍ଷେତ୍ର ବୋଲି ଭାବି, ସଂସାରର ମାର୍ଗକୁ ଅତି ସରଳ ମନେ କରି ଥାନ୍ତି । ରାଜା କଣ୍ଟା ବାଟ ଗୁଡ଼ି ସୁନ୍ଦର ବାଟରେ ଉପବନକୁ ଯିବା ପରି ତୁମ୍ଭେମାନେ ସଂସାରର ମାୟା ପ୍ରପଞ୍ଚ ତ୍ୟାଗ କରି ବାଁ ଡାହାଣ ବାଟ ଗୁଡି ସିଧା ମଝି ବାଟରେ ମହାସୁଖ ବନରେ ପ୍ରବେଶ କର । ସଂସାର ମାୟା ମେଘ ସମୁଦ୍ର ପରି ଗଭୀର, ଅନନ୍ତ । ତୁମ୍ଭେ ଏହି ମାୟା ସାଗରର ଗଭୀରତା ଓ ଅନ୍ତ ବୁଝି ନପାରିଲେ ସଂସାରରେ ବୁଡ଼ି ଥାଅ । ଆଗରେ ଭେଳା ବା ନାଆ ନ ଦେଖିଲେ ଭ୍ରମରେ ଶୁଦ୍ଧ ଗୁରୁଙ୍କୁ କାହିଁକି ପଚାରୁ ନାହଁ । ଏହି ବାଟରେ ଗଲେ ସମସ୍ତ ଶୂନ୍ୟ–ପ୍ରାନ୍ତର ଦେଖେଇ ନାହିଁ କିନ୍ତୁ ଏହି ବାଟରେ ଯିବାକୁ ଭ୍ରାନ୍ତ କର ନାହିଁ । ଏହି ସହଜ ପଥରେ ଗଲେ ଅଷ୍ଟ ମହାସିଦ୍ଧି ଲାଭ ହୁଏ । କବି ଶାନ୍ତିପାଦ ବାଁ ଡାହାଣ ଦୁଇ ବାଟ ଗୁଡ଼ି ଖୁସିରେ ଖେଳି ଖେଳି ସିଧା ବାଟରେ ଚାଲୁଛନ୍ତି । ଏହି ବାଟରେ ଗଡ, ବୁଦା, ଖଣ୍ଡ, ଚର କିଛି ନାହିଁ । ଆଖି ବୁଜି ଏହି ବାଟରେ ଚାଲିଯାଅ ।

ସମଭାବ ପଦ୍ୟ—

ଅସାଧନା—ବ୍ରସନ ମୁଖେ କହିନୋହେ
ନ—ଅଇଁଠା ପଦ ସେ ମଣ୍ଡଇ ବଡ଼ଭୟେ
(ବ୍ର.ନ ପୃ ୪୩)
ଯାହାଙ୍କୁ ଦୟା ହେବ ଅସାଧାନାରେ ଦେଖିବ
ଅନୁମାନ ଅନୁଭବ ବଟରେ ବଟିବ (ବ୍ର. ନ ପୃ. ୬୨ )

## ପଦଟୀକା—

ସଅ—ସଂ-ସ୍ୱ ନିଜର

ସମ୍ବେଅଣ—ସଂ-ସମ୍ବେଦନ,
ଅନୁଭୂତି

ସରୁଅ—ସ୍ୱରୂପ

ବଆଡ଼ରେଁ—ବଗଲରେ ।

ଅଲକ୍‌ଖ—ଅଲକ୍ଷ୍ୟ

ଲକ୍‌ଖଣ—ଲକ୍ଷଣ ।

ଜାଇ—ଯାଇ

ଜେ ଜେ—ଯେ ଯେ

ରଜୁ—ରଜୁ

ବାଟେ—ବାଟରେ ସଂ-ବର୍ତ୍ମନ୍

ଗେଲ—ଗଲା

ଅନାବଟ—ସଂ-ଅନାବର୍ତ୍ତ, ପ୍ରା
ଅନାବଟ୍ଠ ।
ଅପେରନ୍ତା

ଭଇଲ—ହୋଇଲା

ସେଇ—ସହି, ସଂ-ସଃ, ସେ+ହି
=ସେହି

କୂଳେଁ—କୂଳରେ ।

କୂଳ—ବାଟ (ଯଥା-କୂଳକନାରା)

ହୋଇ—ହୁଅ-ଭୂ-ହୁ-ଲ୍ୟପ୍-
ସ୍ଥାନରେ ଇ

ମୂଢ଼—ମୂଢ଼ା

ରଜୁକାଟସଂସର—ରଜୁକାଟ
ସଂସାର । ( ବହୁବ୍ରୀହି )
ମୂଢର ବିଶେଷଣ । ଯେଉଁମାନେ
ସଂସାର ବାଟକୁ ସରଳସିଧା ମଣନ୍ତି ।

ବାଳ—ତତ୍‌ସମ

ଭିଣ—ଭିନ୍ନ

ଏକୁବାକୁ—ଏକବାକ୍ୟ

ଣ—ନ

ଭୁଲନ୍ତ—ଭୁଲ, ପ୍ରା ଭୁଲ୍ଲ ଧାତୁ

ଯଥା—ତୁମଂ ସୁଟ୍ଠୁତରଂ ଭୁଲ୍ଲସି
(କପୂରମ)

ରଣପଥ—ତତ୍‌ସମ ।

କଣ୍ଡୁରା—ବେଁ କେଳଗଛପୂଲ
ସମ୍ବଲପୁର ପ୍ରାଦେଶିକ ।

ମଆ—ମାୟା

ମୋକ୍ଷ—ତତ୍‌ସମ

ସମୁଦାରେ—ସମୁଦ୍ରରେ ସଂ-ସମୁଦ୍ର
ସମୁଦ୍ରର ୭ମୀରେ ସମୁଦରେ,
ସମୁଦାରେ

ଅନ୍ତ—ତତ୍‌ସମ ।

ବୁଝ୍‌ସି—ବୁଝ—ବୁଝନ୍ତୀସ୍ୟ ଅନୁ-
ଜ୍ଞାରେ-ସି, ଯଥା—ବଅସି ।

ଥନ୍ଦା—ଥାଆ (ସଂ-ସ୍ଥା, ଓ-ଥା
ଧାତୁ)

ଆଗେ—ଓ, ସଂ-ଅଗ୍ରେ, ପ୍ରା ଅଗ୍ଗେ
ଆଗେ ।

ନାବ—ନାବ, ନାଆ, ସଂ-ନୌ

ଭେଳା—ସଂ—ଭେଳକ, ପ୍ରା—
ଭେଲଅ—ଭେଳା

ଢସଇ—ସଂ—ଦୃଶ୍ୟତେ, ପ୍ରା—
ଢଏଏ, ଢସଇ ।
ଭ୍ରାନ୍ତ—ଭ୍ରାନ୍ତ ଭ୍ରାନ୍ତରେ.।
ପୃଛସି—ପଚ୍ଚାର, ପୃଚ୍ଛ (ଅନୁଜ୍ଞ) +ସି
ନାହା—ନାଥ
ସୁନା—ଶୂନ୍ୟ । ଉହ—ଆଶ୍ଚର୍ଯ୍ୟ
ବାରସି—ବାରଧାତୁ+ସି ମଧ୍ୟମ ପୁରୁଷ
ଜାନ୍ତେ—ଯ'ଆନ୍ତେ, ଯା+ଶତ ସ୍ଥାନେ ଅନ୍ତଭବେ ।
ଏଷ—ଏଣ୍ଟ ।
ଅଠ—ଅଷ୍ଟ—ଆଠ
ମହାସିଦ୍ଧି—ଉତ୍ତମ

ସିଝାଇ=ସଂ—ସିଧ୍ୟନ୍ତି,ସିଦ୍ଧହୁଏ ।
ବୁଲଥେଉ—ବୁଲୁଥାଉ
ସଂ—ବଲ୍ଲ(ସଞ୍ଚରଣେ) ଓ— ବୁଲ୍ଲଧାତୁ ବୁଲ୍ଲ+ଥା ପ୍ରତ୍ୟୟ
ସଂ କେଳିଉ—ଖେଳୁ ଖେଳୁ
ଘାଟ—ନ-ଗୁମା- ଖଣ୍ଡତଣ୍ଡ— ଘଟକୁଟୀ ଗୁଳ୍ମଜାଳ କାଦବ ନ ବଦ୍ୟତେ ତୃଣ କଣ୍ଟକ ଟଲ୍ଲି ବଟଲ୍ଲି କାଦ୍ୟୁପଦ୍ରବଂ ନ ସନ୍ତି (ସଂ—ଟୀ)
ଘାଟ—ଘଟକୁଟୀ, ଗୁମା—ଗୁଳ୍ମ ଖଣ୍ଡ—ଓଡଆ
ତଡ଼—ତଚ୍ଚ, ବୁଜଅ—ବୁଜ
ଯାଇଉ—ଯାଉ ।

—*—

# ରାଗ—ଭୈରବୀ

ମନ୍ମଥର ଷାଦ୍ଧାନାନ:—

ଛନଏଁ (୧) ପାଟେ ଲାଗେଲାରେ ଅଣଙ୍ଗ କସଣ ଘଣ ଗ ଜଇ ।
ଛନଏଁ ପାଟେ ଲଗିଲାରେ ଅନଙ୍ଗ କୃଷ୍ଣଘନ ଗାଜଇ
ତା ସୁଣି ମାର ଭଯୁଙ୍କର ରେ ବସନ୍ତ (୧) ମଣ୍ଡଳ ସଅଳ(୩) ଭାଜଇ
ତା ଶୁଣି ମାର ଭୟଙ୍କରରେ ବଷନ୍ତ ମଣ୍ଡଳ ସକଳ ଭଜଇ ।

ମାତେଲ ଚୀଅ ଗଏନ୍ଦ (୪) ଧାବଇ
ମାତିଲା ଚିତ୍ତ-ଗଜେନ୍ଦ୍ର ଧାବଇ
ନତନ୍ତର ଗଅଣନ୍ତ ଭୁସେଁ ଧୋକଇ
ନରନ୍ତର ଗଗନନ୍ତ ଭୁସେଁ ଢେ ଉଇ ।

ପାପ ପୁଣ୍ଣ(୫) ବେଣି ତୋଡଅ) (୬)ସିକଳ ମୋଡଅ ଖମ୍ଭ ଠାଣା
ପାପପୁଣ୍ୟ ବେନ ତୋଡ଼ି ସିକଡ଼ (କ) ମୋଡ଼ି ଖମ୍ଭ ଠାଣା
ଗଅଣ-ଟାକଲ ଲଗଲାରେ ଚିତ୍ତ(୭) ଇଠ ଣିବାଣା
ଗଗନ ଟାକଲ ଲଗିଲାରେ ଚିତ୍ତପଇଠ ନବାଣ ।
ତାହା ରସପାନେ ମାତେଲରେ ତିହୁ ଅନ ସଏଲ ଉଏଖୀ
ମହା ରସପାନେ ମାତିଲାରେ ତ୍ରିଭୁବନ-ସଅଳ ଉପେକ୍ଷି ।
ପଞ୍ଚ—ବଷଅ (୮)—ନାୟକରେ ବପଖ କୋବ (୯) ନ ଦେଖି
ପଞ୍ଚ—ବିଷୟ ନାୟକରେ ବିପକ୍ଷ କୋ'ପି ନଦେଖି ।
ଖର ରବ କରଣ ସନ୍ତାପେରେ (୧୦) ଗଅଣାଙ୍ଗଣ ଗଇ ପଇଠା
ଥର ରବ କରଣ ସନ୍ତାପେରେ ଗଗନାଙ୍ଗନ ଗଇ ପଇଠ ।
ଭଣନ୍ତ ମହୁଆ (୧୧) ମଇ ଏଥୁ ବୁଡ଼ନ୍ତେ କମ୍‌ପିନ ଢଠା
ଭଣନ୍ତ ମହୁରା ମୁଁ (ମିଁ) ଏଥି ବୁଡ଼ନ୍ତେ କମପି ନ ଦେଖା ।

---

୨—ଛନଏ (କ) ୫—ପୁଣ୍ୟ (କ) ୯—କୋଖି (କ)
୨—ସଅ (କ) ୬—ତେଡଅ (କ) ୧୦—ସନ୍ତାପେଁରେ [ଖଗ]
୩—ସଏଲ (କ) ୭—ଚଗ୍ର (କ) ୧୧—ମହୁଆ (ଖ)
୪— ଗଅନ୍ଦା (କ) ୮—ବିଷୟରେ [କ]

ଟୀକା—ଜ୍ଞାନପାନପ୍ରମତ୍ତୋ ହି ସିଦ୍ଧାଚାର୍ଯ୍ୟ ମହୀଧରଃ

ତତ୍ର ଗଜେନ୍ଦ୍ର—ଶବ୍ଦସ୍ୟ ତମେବାର୍ଥଂ ପ୍ରତିପାଦୟତି—ଘାଟସ୍ୟଂ କାୟାନନ୍ଦାଦିକଂ ତମଃଭେଦୋପସ୍କରଂ । ଗୃହୀତ୍ୱା ଜ୍ଞାନପାନମଦଭରେଣ ଲଗ୍ନଃ । ତଥାଚ କାୟଂ କାୟାକାରେଣ ଚିତ୍ତଂ ଚିତ୍ତକା କ ସ୍ୟଂ ଚିତ୍ତଂ ବାକ୍ ପ୍ରତ୍ୟାହାରେଣ ଇତ୍ୟୁକ୍ତଂ—ଗୁହ୍ୟ ସମାଜେ । ତସ୍ମାତ୍ ଜ୍ଞାନମଧୁପାନେନ ପ୍ରମତ୍ତସିଦ୍ଧାଚାର୍ଯ୍ୟମହୀଧରସ୍ୟ ଚିତ୍ତଗଜେନ୍ଦ୍ରଃ । ଅନାହତମିତି ଶୂନ୍ୟତାଶବ୍ଦ-ଲକ୍ଷଣଭୟାନକଂ । ଶୂନ୍ୟତା ନାଦଂ ଶ୍ରୁତ୍ୱା କଣ୍ଠଗର୍ଜନଂ କରୋତି । ତମନାହତଂ ଶବ୍ଦଂ ଶ୍ରୁତ୍ୱା ସଂସାରଭୟଙ୍କର ଗନ୍ତୁକ ସ୍କନ୍ଧକ୍ଲେଶାଦୟୋ ମାରଭଗ୍ନଃ ।

ତଥାଚ ଉକ୍ତବଜ୍ରେ---

ମନ୍ତ୍ର ପ୍ରୟୋଗ ମଣ୍ଡଳଂ ଯେନ ଭଗ୍ନଂ ମହାବଳଂ
ମାରସୈନ୍ୟଂ ମହାଘୋରଂ ଶାକ୍ୟସିଂହାଦିଭିର୍ବୁଧୈଃ ।

ଧ୍ରୁବପଦେନ ତସ୍ୟ ନିର୍ଭରାନନ୍ଦପ୍ରମୋଦଂ ପ୍ରକଟୟତି---

ମାତେଲ ଇତ୍ୟାଦି--ସ ଏବ ପ୍ରମତ୍ତୋହି ଚିତ୍ତଗଜେନ୍ଦ୍ର ଶ୍ଚନ୍ଦ୍ର ସୂର୍ଯ୍ୟାଦିବା ରବି ହଳକଙ୍କୋଳସ୍ଥିତ୍ୱା ଗଗନୋପଦେଶ ଚତୁର୍ଥାନନ୍ଦୋପଦେଶଂ ଗୃହୀତ୍ୱା ଗଚ୍ଛତିତି ମହାସୁଖସ୍ୟ ନିରନ୍ତରଂ ।

ଦକ୍ଷିଣସ୍ୟ ପଦେନ ତମେବାର୍ଥଂ ଦ୍ୟୋତୟତି---

ପାପପୁଣ୍ୟେତ୍ୟାଦି---ପାପ ପୁଣ୍ୟେ ସଂସାରପାଶୌ ଦ୍ୱୌ ଖଣ୍ଡୟିତ୍ୱା ଗଚ୍ଛତି ଅବସ୍ତମ୍ଭଂ ମର୍ଦ୍ଦୟିତ୍ୱା । ଗଗନଟଙ୍କେତି ଅନାହତଶବ୍ଦେନ ପ୍ରେରିତଃ ସନ୍ ସ ଏବ ଚିତ୍ତଗଜେନ୍ଦ୍ରୋ ନିର୍ବାଣସରୋବରଂ ଗତଃ ।

ତଥାଚ କୃଷ୍ଣାଚାର୍ଯ୍ୟାଃ---

ଖିତି ଜଳେତ୍ୟାଦି---

ତୃତୀୟସ୍ୟ ପଦେନ ସ୍ୱଚିତ୍ତସ୍ୟ ଦ୍ୱୈଧୀକାରତାମାହ--

ମହାରସେତ୍ୟାଦି---ଭବାଭବସ୍ୟୋରୈକ୍ୟଂ ମହାସୁଖରସଂ ତେନ ପାନେନ ପ୍ରମତ୍ତଃ ସନ୍ ତ୍ରିଭୁବନସ୍ୟ ଉପେକ୍ଷାଂ କରୋତି । ଭବାଭବ-

ଗ୍ରାହ୍ୟାଦ୍ୱିକଳ୍ପଂ କରୋତି । ଅତଏବ ପଞ୍ଚବିଷୟାଣାଂ ନାୟକତ୍ୱେନସଏବ ଷଷ୍ଠୋ ମହାବଜ୍ରଧରଃ । ପୁନଃ କ୍ଲେଶ' ବିପକ୍ଷକା'ରଣାନ୍ନ ପଶ୍ୟତି । ଚତୁର୍ଥ ପଦେନ ନିର୍ବିକଳ୍ପଂ ଦ୍ରଢପାଦୟୂତି—

ଖରବଶୀତ୍ୟାଦି—ମହାସୁଖରଗାନଲେନ ପ୍ରେରିତଃ ସନ୍ ସଏବ ଚିତ୍ତ ଗଜେନ୍ଦ୍ରଃ ଗଗନ ଗଙ୍ଗା ମହାସୁଖତହସରୋବରଂ ଗତ୍ୱା ମିଳତଃ । ହ୍ଲିଢ ବୃହେଁ୍ୟା ହ୍ୱି ମହ୍ମାଧରଃ ଏବଂ ବଦନ୍ତି । ଅସ୍ମିନ୍ ମଗ୍ନେସତି ମୟୂରାସ୍ୟ ସ୍ୱରୂପଂ କମପିନ ନ ଦୃଷ୍ଟଂ ନିର୍ବିକଳ୍ପଂ ।

ତଥାଚାଗମଃ—

ଇତି ତାବତ୍ ମୃଷା ସର୍ବଂ ଯାବତ୍ ଯାବତ୍ ବିକଳ୍ପ୍ୟତେ
ତତ୍ ସତ୍ୟଂ ତତ୍ ଯଥାଭୂତଂ ତତ୍ତ୍ୱଂ ଯନ୍ନ ବିକଳ୍ପ୍ୟତେ । (୧୬)

—*—

## ଅର୍ଥ—

ତିନିଏଁ (ଇଡ଼ା ପିଙ୍ଗଳା ସୁଷୁମ୍ନା ନାଡ଼ୀ) ମିଳନସ୍ଥାନ (ପାଞ୍ଚ ଜମି ଫେରି ବସ୍ତୁ ନସ୍ଥାନ) ନିକୃଷ୍ଟରେ ଲଗିଲା । ତହୁଁ ଭୟଙ୍କର ଅନାହତ ଧ୍ୱନି କଳାମେଘ ପରି ଗର୍ଜିଉଠୁଛି । ଏହାକୁ ଶୁଣି ସଂସାର ଦୁଃଖର କାରଣ ମାରସ୍କନ୍ଧ ଓ ବିଷୟ ବାସନା ଗୁଡ଼ିକ ଭାଙ୍ଗିଗଲା, ଅର୍ଥାତ୍ ମନରୁ ଭୋଗ ବାସନା ଓ ବିଷୟ ଲିପ୍ସା ଦୂର ହେଲା, ହସ୍ତୀ ଭୀଷଣ ଶବ୍ଦ ଶୁଣିଲେ ମତୁଆଳ ହୋଇ ଯେପରି ଶିକୁଳି ମୋଡ଼ି ଖମ୍ବ ଉପାଡ଼ି ଦୌଡ଼ଇ ଓ ତାହାର ପାଦ ଧୂଳିରେ ଆକାଶ ଘୋଡ଼ାଇ ପକାଇ ପୋଖରୀରେ ଯାଇ ପଡ଼ଇ, ସେହିପରି ଚିତ୍ତ ଅନାହତ ଧ୍ୱନି ଶୁଣି ମତ୍ତହୋଇ ପାପ ପୁଣ୍ୟର ବନ୍ଧନ ଛିଣ୍ଡାଇ ପକାଇ ଅବିଦ୍ୟାରୂପକ ଖମ୍ବ ଉପାଡ଼ି ଦଉଡ଼ୁଅଛି । ଗଗନ ବା ଶୂନ୍ୟତାର ଅନାହତ ନାଦଶୁଣି ବିକଳ୍ପ ବା ଦ୍ୱିଧାଭାବ ଦୂରକରି ଅଛି । ଚିତ୍ତଯାଇଁ ଆକାଶ ଶିଖରରେ ମହାଶୂନ୍ୟରେ ପ୍ରବେଶ କରି ନିର୍ବାଣ ପ୍ରାପ୍ତ ହେଲା । ନିର୍ବାଣ ପ୍ରାପ୍ତ ଅବସ୍ଥାରେ ପ୍ରବେଶ କରି ପରମ ସୁଖଲାଭ କଲା ଓ ସଂସାରର ସମସ୍ତ ବିଷୟ ଉପେକ୍ଷାକଲା । ଚିତ୍ତ ହିଁ ବର୍ତ୍ତମାନ ପଞ୍ଚବିଷୟ ଉପରେ ଆଧିପତ୍ୟ ବିସ୍ତାର କରିଅଛି । ସଂସାରରେ ସେହି ମହାସୁଖର

ବଦ୍ୱୈ(ଅର୍ଥାତ୍ ସମତୁଲ) କେହି ନାହିଁ । ସଂସାରର ଦୁଃଖ ସନ୍ତାପରେ ତାପିତ ହୋଇ ତତ୍ ମହାଶୂନ୍ୟର କୋଳରେ ପ୍ରବେଶ କଲା । ତତ୍ ଏହି ନିର୍ବାଣ ବା ମହାଶୂନ୍ୟରେ ବୁଡ଼ିଲେ ସଂସାରର ଆଉକିଛି ଦେଖିଲା ନାହିଁ । ଅର୍ଥାତ୍ ନିର୍ବିକଳ୍ପ ଅବସ୍ଥା ଲାଭ କଲା ।

ସମଭାବ ପଦ୍ୟ—

ଦେହକୁ ଶିଖାରେ ସମ୍ଭାଳି । ଲୟାଙ୍କେ ହେତୁରଖ ନେଇ ।
ଲାଗିଛି ଢବାଜାଣି ଏକ । ଅମନ ସୁଷେ ହେତୁରଖ ।
ଉଜାଣି ପବନକୁ ନେଇ । ତ୍ରିକୂଟ ମଧ୍ୟେ ଭର ଭୁହ୍ମ ।
ଭୁହ୍ମାଇ ଉଠିଲେ ସେ ବାତ । ଛତିଶ ସ୍ୱଜଦାଣ୍ଡ ପଥ ।
ପରମ ସଙ୍ଗେ ହେଲେ ଗୋଷ୍ଠୀ । ଯିବ ତ୍ରିଗୁଣ ସୂତ୍ର କଟି ।
ତ୍ରିକୂଟ ସୂତ୍ର ହେଲେ କ୍ଷୟ । ଅଜୟ ଗଡ଼ ହେବ ଜୟ ।

(ବ୍ର. ଶା ପୃ-୧୫)

ପାଞ୍ଚପଚିଶକୁ ନେଇ ହୁରା ମୁଁ କର କର ଥିଲି ଫନ୍ଦା ଖଣ୍ଡେ ।
ତ୍ରିବେଣୀ ନଦୀରୁ ପାଣି ଭୁହାଇଲି ବୋହିଗଲା ରାଜଦାଣ୍ଡେ ।

[ପଶୁରାମ-ଶସ୍ତ୍ରୀର ଭେଦ ଭଜନ ପୃ· ୮)

ବଙ୍କୁନାଳ ପାଣି ଉଲଟ ଉଜାଣି ବହୁଛି ତ୍ରିବେଣୀ ତଥି ମଧ୍ୟରେ ।

(ଗଙ୍ଗାଧର-ଶସ୍ତ୍ରୀର ଭଜନ ପୃ: ୯)

ତ୍ରିବେଣୀ କୂଟରେ ବସେ ବଜାର । ଦୋକାନ ଟାଣିଛନ୍ତି ସଉଦାଗର
ତ୍ରିବେଣୀ ଭୂଠରେ ତରାଇ ଅଛି । ଜାଣି କର ନାମ ଗାଇ ଦେଉଛି

(ଯଶୋବନ୍ତ ପୃ ୩)

ତାହୁକା ସନ୍ନଖେ ତ୍ରିବେଣୀ ଘାଟ । ସେ ବାଟେ ଚଳେ ମତ୍ତଗଜ ଥାଟ ।
ତିନିତତ୍ତ୍ୱ ତ୍ରିକୂଟ ଦୁଆର । ତ୍ରିପୁର ଦୁଆର ସେହି ଠାବର ।
ତିନି ତତ୍ତ୍ୱ ତ୍ରିକୂଟରେ ଥାଇ । ସବୁ ବାସନା ସେ ଧେମଇ ରହି ।
ତେଣୁ କହନ୍ତି ତ୍ରିକୂଟ ଦୁଆର । ତିନି ତ୍ରିକୂଟକୁ ସେଠାରେ ଧର ।
ନିଃଶବଦ ଘରୁ ଶବଦ ଜାଣ । ଶବଦ ଘରୁ ବେଦ ଆଦି ଜନ୍ମ ।

(ଯଶୋବନ୍ତ ଦାସ)

—o—

# ରାଗ—ପଟ—ମଞ୍ଜରୀ

## ବୀଣା ପାଦାନାମ୍ :—

ସୁଜଲାଭ ସସି ଲାଂଗଲ ତାନ୍ତୀ
ଓ—ସୂର୍ଯ୍ୟ ଲଭ ଶଶି ଲାଗିଲ ତନ୍ତ୍ର ।
ଅଣହା ଦାଣ୍ଡୀ ଏକ (୧) କଅଚ ଅବଧୂତି
ଓ—ଅନହା ଦାଣ୍ଡୀ ଏକ କଲ୍ଲ ଅବଧୂତି ।
ବାଜଇ ଅଲେ ସହି ହେରୁଅ-ବୀଣା
ବାଜଇ ଆଲେ ସହି ହେରୁକ-ବୀଣା ।
ସୁନ ତାନ୍ତି ଧନି ବିଲସଇ ରୁଣା
ଶୂନ୍ୟ ତନ୍ତ୍ରୀଧ୍ୱନି ବିଳସଇ ରୁଣା ।
ଆଲି କାଲି ବେଣି ସାରି ଶୁଣିଆ (୨)
ଆଳି କାଳି ବେନି ସାର ଶୁଣି ।
ଗଅବର ସମରସ-ସାନ୍ଧି ଗୁଣିଆ
ଗଜବର ସମାରସ ସନ୍ଧିଗୁଣି ।
ଜବେ କରହା କରହ କଲେ (୩) ଚିପିଉ (୪)
ଯେବେ କରଭ କର ସକଳେ ଚିପୁ ।
ବତିଶ ତାନ୍ତି ଧନି ସଅଲ ବିଆପିଉ
ବତିଶ ତନ୍ତ୍ରୀଧ୍ୱନି ସକଳ ବ୍ୟାପୁ ।
ନାଚନ୍ତି ବାଜିଲ ଗାନ୍ତୀ ଦେବୀ ।
ନାଚନ୍ତି ବାଜିଲ (୫) ଗାନ୍ତୀ ଦେବୀ
ବୁଦ୍ଧ ନାଟକ ବିସମା ହୋଇ
ବୁଦ୍ଧ ନାଟକ ବିଷମ ହୋଇ ।

---

୧—ଚାକି (କ)
୨—ସୁଣେଆ (କ)
୩—କରହକଲେପିଚଉ
୪—ଚିଏଉ (କ)
୫—ବାଜିଲ (ଖ)
୬—ଗାଅନ୍ତି (ଖ)

ଟୀକା –

ତମେବାର୍ଥଂ ହେରୁକାର୍ଥାବଗମେନ ସାଣାପାଦାଃ । ସାଣୋ-ଶବ୍ଦ ଦ୍ୱାରେଣ ପ୍ରତିପାଦୟନ୍ତି — ସୁଜେତ୍ୟାଦି — ସୂର୍ଯ୍ୟାଖ୍ୟଂ ଚ ଧନାକାରମୁତ୍ପ୍ରେକ୍ଷ୍ୟ ଚନ୍ଦ୍ରାଖ୍ୟମେବ ତନ୍ତ୍ରିକାଞ୍ଚ । ଭବସୂଚକୀ ଅବଧୂତିକାୟା ସହ ଏକୀକୃତ୍ୟ । ଅନାହତଦଣ୍ଡିକାୟାଂ ଲଗାବସ୍ଥିତ୍ୱା ଖେ ସଖି ନୈରାତ୍ମ୍ୟେ ସାଣାପାଦା ସାଣ ଦ୍ୱାରେଣ ଶ୍ରୀ ହେରୁକେତ୍ୟକ୍ଷରଚତୁଷ୍ଟୟାର୍ଥମନାହତଂ ଘୋଷୟନ୍ତି । ଅତଏବ ଶୂନ୍ୟତା ଧ୍ୱନିତ । ସନ୍ଧ୍ୟାଭାଷୟା ପ୍ରଭାସ୍ୱରମନାହତରୂପଂ ସ ଏବ ଭବେ ଭବେ ବଳସତ୍ତ୍ୱ ନଭୂବ ବହୋଭୂବ ।

ତଥାଚ ଶ୍ରୀ ହେବଜ୍ରେ—

ବଧଂ ତେ ଭୁବନଖେତ୍ୟାଦି ।

ତଥାଚ ଚର୍ଯ୍ୟାନ୍ତରଂ—

ଭବ ଭୁଞ୍ଜଇ ନ ବାସ ସଇରେ ଅପୁକ୍ତ ବନାଣା
ଜେଵ ବଂଜ୍ଞଅର ନାଭବ ବଜୋଇର ମେଲ୍ଲଣା

ଦ୍ୱିତୀୟ ପଦେନ ତମେବାର୍ଥଂ ଦ୍ରଢୟନ୍ତି ।—

ଆଲୀତ୍ୟାଦି — ଆଳିକାଳି ବର୍ଣ୍ଣ ଲକ୍ଷଣାଂ ମଧ୍ୟେ ସାରାକ୍ଷରମକାରଂ

ତଥାଚ ନାମ ସଙ୍ଗୀତ୍ୟାଂ—

ଅକାରଃ ସର୍ବ ବର୍ଣ୍ଣାଗ୍ରୋ ଇତି ।

ମେଷସ୍ୱରୂପଂ ପ୍ରଷ୍ଟାତ୍ୱା ତେନାଗ୍ରହବଳସ୍ୟ ଚଉରାଜସ୍ୟ ସନ୍ଧର୍ଭେ ଷଣ୍ଡିତ୍ୱ ଗୃହୀତ୍ୱା ତ ଏବ ପାଦାଃ, ତମେବାର୍ଥଂ ଶବ୍ଦଦ୍ୱାରେଣ ପ୍ରତିପାଦୟନ୍ତି ।

ତଥ ଚାଗମଃ—

ସ୍ଥୂଳଂ ଶବ୍ଦମୟଂ ପ୍ରୋକ୍ତଂ ସୂକ୍ଷ୍ମଂ ଚିନ୍ତ ମୟଂ ତଥା
ଚିନ୍ତୟା ରହିତଂ ଯତ୍ତୁ ଯୋଗିନାଂ ପରମବ୍ୟୟମ୍ ।

ତୃତୀୟ ପଦେନ ସ୍ୱବସ୍ୱରୂପମାହ—

ଜବେଣିତ୍ୟାଦି — ଜଇହମିତ ଚିନ୍ତସ୍ୟ ଚଞ୍ଚଳତ୍ୱଂ ବୋଧବ୍ୟଂ ।

କାରଣ ଜଳମିତି କଳ୍ପଣାବହତଂ ଶୂନ୍ୟଂ ପ୍ରଭାସ୍ୱରଂ ବୋଧବ୍ୟଂ ।

ଯସ୍ମିନ୍ ବିଲକ୍ଷଣସମଃସ୍ତେ ତନ୍ତ୍ରୀତ୍ରୈଷ୍ଟ୍ୟଂ ତେନ ପ୍ରଭାସ୍ୱର ସନ୍ତୁକେଣ ଲୁପିତଂ ଆହମିତଂ । ତସ୍ମିନ୍ ସମସ୍ତେ ଦ୍ୱାଂଶି ଶନ୍ଧାଡ଼ୀଦେବତା ବଜ୍ର୍ ହସ୍ୟ ଧ୍ୱନକେଂଶ । ଅନାହତ ନୈସମ୍ଭୃଙ୍ଗକେନ ପ୍ରଜ୍ଞୋପାୟାତ୍ମକଂ ଭ୍ରବାଭ୍ରବବ୍ୟାପିତମିତି ।

ତଥାଚ ସରହପାଦାଃ — ଏତା ଏବ ହୀତ୍ୟାଦି ।

ଗଭୂର୍ଥ ପଦେନ ଫଳପ୍ରାପ୍ତି ତ୍ୱାଦାନନ୍ଦେନ ବଜ୍ରପଦନୃତ୍ୟଂ କଥୟତୀତି ।

ନାଚନ୍ତୀତ୍ୟାଦି — ବୀଣାପାଦା ବଜ୍ରଧର ପଦେନ ନୃତ୍ୟଂ କୁର୍ବାନ୍ତି । ତେଷାଂଦେବୀ ଯୋଗିନୀ ନୈସମ୍ଭାଦିକାଷ୍ଟ ଗୀତିକୟା ସଙ୍ଗାୟନମଙ୍ଗଳଂ କୁର୍ବନ୍ତି । ଅତଏବ ବୁଦ୍ଧନାଟକଂ ବଶିଷ୍ଟଧ୍ୟାନଂ ସତ୍ତ୍ୱାନାଂ ସମଂ ନିର୍ବାଣଂ ଭବଶାନ୍ତି ।

ତଥାଚ ଦ୍ୱିକଲ୍ପେ—

ଯଦ୍ୟାନନ୍ଦଂ ସମ୍ପୂର୍ଣ୍ଣଂ ନୃତ୍ୟତେ ମୋକ୍ଷ ହେତୁନା ଇତ୍ୟାଦି ।

-****-

**ଅର୍ଥ:—**

ଜବ ବୀଣା ବାଦନ ରୂପକ ଛଳରେ ପରମାର୍ଥ ତତ୍ତ୍ୱର ବ୍ୟାଖ୍ୟାନ କରୁଛନ୍ତି । ଦାଣ୍ଡିରେ ଲାଉ ଓ ତାର ଲଗାହୋଇ ବୀଣା ତିଆରି ହୁଏ । ସେହି ବୀଣା ବାଜିଲେ ସମସ୍ତେ ଶୁଣନ୍ତି । ଦୁଇ ସାରି ତାର ଠିକ୍ ସ୍ଥାନରେ ନ ଥିଲେ କଟର ମଟର ଧ୍ୱନି ହୁଏ । ବୀଣାତାର ଗୁଡ଼ିକ ସାରି ଦେଇ ସବୁ ଗଣ୍ଠି ଠିକ୍ କରି ହାତ ଆଙ୍ଗୁଳିରେ ଲୁପିଧରି ବଜାଇଲେ ତାହାର ଧ୍ୱନି ଚୁହି ଆଡ଼େ ବ୍ୟାପିଯାଏ । ଜଣେ ବୀଣା ବାଇଲେ ଲୋକେ ନାଚନ୍ତି ଓ ନାଟକ ଅଭିନୟ କରଯାନ୍ତି । ଜବ ବୀଣାପାଦ ସୂର୍ଯ୍ୟକୁ (ଇଡ଼ା ନାଡ଼ୀ) ଲାଉ କରି ଚନ୍ଦ୍ରକୁ (ପିଙ୍ଗଳା) ତାର କରି ଅନାହତ ଦାଣ୍ଡିରେ ଲଗାଇ ଅବଧୂତ (ସୁଷୁମ୍ନା) ସହିତ ଏକାଠି କରି ଅଛନ୍ତି । ସେ ବୀଣା ହେରୁକ ଦେବୀଙ୍କର ନାମ ବଜାଉ ଅଛି । ସେହି ଶୂନ୍ୟ ଘରର ରୁଣୁଝୁଣୁ ଅନାହତ ଧ୍ୱନିବଳସଇ ସେହି ବୀଣାର ଦୁଇତାର ଇଡ଼ା ଓ ପିଙ୍ଗଳା ରୂପକ ସା (ଷଡ୍ଜ) ଓ ଋ (ଋଷଭ) ସ୍ୱର ଶୁଣି ଓ ତହିଁର ରସର ସମତା ରଖି ଚଞ୍ଚଳ

ଚିତ୍ତକୁ ସ୍ପୃଷ୍ଟ ହାଣ୍ଡିପର ଗୁପି ଦେଇ ବା ନିଜର ସମ୍ପୂର୍ଣ୍ଣ କରନ୍ଧାସ୍ତ ଚଞ୍ଚଳତା ରୂପକ ହଂସ ହୁଅାକୁ ଅଭିଭୂତ କଲାକ୍ଷଣି—ଅର୍ଥାତ୍ ଚିତ୍ତର ଚଞ୍ଚଳତା ଦୂରକଲାକ୍ଷଣି ଦେହର ବତିଶ ନାଡ଼ୀରୁ ଅନାହତ ଧ୍ୱନି ଉଠି ଗୃହଅାଙ୍ଗି ବ୍ୟାପିଗଲା । କବି ନାଚିଲେ, ନୈରାତ୍ମ୍ୟା- ଦେବୀ ଗାଇଲେ । ଅନାହତ ଧ୍ୱନି ବାଜିଲା । ବୁଦ୍ଧଙ୍କର ଏହି ନିର୍ବାଣନାଟକ ଉତ୍ତମ କି ପ୍ରବନ୍ଧ ହୋଇ ଉଠିଲା ।

ସମସ୍ତବପଦ୍ୟ—

ଶୂନ୍ୟ କୁଞ୍ଜରୁ ଏ ବାଜଇ ବାଣୀ । କେଉଁଠାରେ ଅଛି ଗୋପ ଘାଟଣୀ
×[ଗୋପ] ଧାନ ଲଗିଛିରେ ଅନାହତ ଧ୍ୱନି—ଘରେ ।
ନିଶବଦ ଘରୁ ଶବଦ ହୋଇଲା ସଖି ତିନ ଘଡ଼ିଠାରେ । (ଘୋଷା)
ଉକାର ଶବଦ ଅକାରେ ରଖିଣ ମକାରେ ଫାନ୍ଦ ପାତିବୁ ।
ତିନ ଦାଣ୍ଡୁଡ଼ିପେ ବଙ୍କନାଳ ପରେ ଶବଦ ଭେଦ ପାଇବୁ ।
ଚନ୍ଦ୍ର ସୂର୍ଯ୍ୟ ବୋଲି ଯନ୍ତ୍ରାଙ୍କୁ ସେ କହି ଜୀବ ପରମଟି ସେହି ।
ପରମ ଘରେ ସେ ଜୀବକୁ ରଖିଲେ ଯମ ସଜାଭେଟ ନାହିଁ ।
ଭ୍ରମର ଗୁମ୍ଫାରେ ପଶି କରି ଭୃଙ୍ଗ ସୁଷୁମ୍ନାକୁ ଭେଟିବୁ
ସ୍ଥିର କରି ତହିଁ ଧ୍ୱନି ଶୁଣୁଥିଲେ ନିଶ୍ଚେ ମୁକତି ପାଇବୁ ।
କହଇ ଗୋବିନ୍ଦ ଅନାହତେ ମିଶି ଗୋଲହାଟପରେ ଯାଇ
ସୁସ୍ୱର ହୋଇ ସେ ଧ୍ୱନି ଶୁଭୁଅଛି ଗୁରୁସେବାକଲେ ପାଇ ।

[ଶରୀର ଭେଦଭଜନ ପୃ୧୧]

ଅଇର ସେ କଳପଣା, ହେତୁ ପକା ବେନଡ଼େଣା
ଶୂନ୍ୟରେ ବାଜୁଛି ବାଣୀ ଶୁଭୁନାହିଁକି । (ଗୋରେଖ)

—※—

## ପଦଟୀକା—

ସୂଜ—ସୂର୍ଯ୍ୟ
ସସି—ଶଶୀ
ଲଉ—ଓ,ସଂ-ଅଲବୁ ଖାଣ୍ଟାରେ
ଲଉ ଲଗେ ।
ଲଗେଲ—ଲଗିଲ ।
ଚାନ୍ତ—ସଂ-ତନ୍ତ୍ରୀ
ଅଣହା—ଅନାହତ
ଡାଣ୍ଡୀ—ସଂ-ଦଣ୍ଡ+ଇ
=(ଅଲ୍ପାର୍ଥରେ)=ଡାଣ୍ଡୀ
ଦଣ୍ଡ+ଆ=ଡଣ୍ଡା
ଏକ କଅଡ—ଏକକଳା, ସଂ
—କୃତ—କଅଡ ।
ବାଜଇ—ସଂ-ବାଦ୍ୟ-ବାଜା,
ବାଜାକରଇ=(ବାଜ ନାମଧାତୁର
ସଂସ୍କୃତ ବ ଜ—ଧାତୁ ପ୍ରାକୃତ
ପ୍ରଭବରେ ହୋଇଛି ।
ଅଲେ—ଆଲେ,ସଂ-ହଲା!
ସଖ୍ବ—ସଂ-ସଖି
ହେରୁଅଖାଣା—ହେରୁକଖାଣା,
ଗୋଟିଏ ବୌଦ୍ଧ ଦେବତାଙ୍କ ନାମ
ହେରୁକ । ସେ ଖାଣା ହେରୁକ ୨
ବୋଲ ଗାଉଅଛି ।
ସୁନ—ଶୂନ୍ୟ
ଚାନ୍ତ—ତନ୍ତ୍ରୀ
ଧନ—ଧ୍ୱନ

ଜଳସଇ—ସଂ-ଜଳସତ୍ତ
ରୁଣା—ରୁଣୁ ୨ ଶବ୍ଦ
ଆଲକାଲ—ଏବ୍ବ ଅକ୍ଷର ମଧରେ
ସାର ଅକ୍ଷର । ଅ ।
ସାରି—ସାର ଗମର ଆଦ । ସା' ଷ,
ବେନ—ସଂ—ବେଣୀ
ସୁଣିଆ—ଶୁଣି
ଗଅବର—ଗଜବର ।
ସାନ୍ଧ—ସନ୍ଧ
ଗୁଣିଆ—ଗୁଣି
ଜବେ—ତତ୍ସମ, ହାତର ଜବରେ
କରହ—ସଂ ଠୀ = କରଭ ।
କରହକଲେ—କରସକଲେ
ଗୃପିଉ—ଗୃପ୍ତ
ବତଶ—ସଂ-ଦ୍ୱାତ୍ରିଂଶତ୍
ଚାନ୍ତଧନ—ତନ୍ତ୍ରୀଧ୍ୱନ
ସଅଲ—ସକଳ
ବଆପିଉ—ବ୍ୟାପୁ
ନାଚନ୍ତ—ସଂ-ନୃତ୍
ଓ—ନାଚ ଧାତୁ ।
ବାଜଲ୍ଲ—ବଜ୍ରଧର (କବ)
ଗାନ୍ତ—ସଂ-ଗୈ ଧାତୁ
ଓ—ଗା-ଧାତୁ ।
ବଷମା—ବଷମ
ହୋଇ—ହୁଅଇ

—*—

## ରାଗ—ଗଉଡ଼ା

**କୃଷ୍ଣବଜ୍ର ପାଦାନାମ୍ :—**

ତିଣି ଭୁଅଣ ମଇ ବାହିଅ ହେଳେଁ
ଓ-ତିନି ଭୁବନ (ମିଁ) ମୁହିଁ ବାହି ଦେଲେଁ ।
ହାଉଁ ସୁତେଲ ମହାସୁଖ ଲୀଳେଁ (୧)
ଓ-ମୁଁ ସୁତିଲି ମହାସୁଖ ଲୀଳେଁ ।
କଇସଣି ହାଲେ ଡୋମ୍ବୀ ତୋହୋରି ଭାଭରିଆଳୀ
ଓ-କେସନ ଆଲେ ଡୋମ୍ବୀ ତୋହୋର ବାବୁରି ବାଳୀ ।
ଅନ୍ତେ କୁଳଣଜଣ ମାଝେଁ କାବାଳୀ
ଅନ୍ତେ କୁଳଣଜନ ମାଝେଁ (ମଝାଏଁ) କପାଳୀ ।
ଠଇଁଲୋ ଡୋମ୍ବୀ ସଅଲ ବିଟଲିଉ (୨)
ତହିଁଲେ ଡମ୍ବୀ ସକଳ ବିଟଳିଲୁ ।
କାଜଣ କାରଣ ସସହର ଟାଳିଉ
କାର୍ଯ୍ୟର କାରଣ ଶଶଧର ଟାଳିଲୁ ।
କେହୋ କେହୋ ତୋହୋରେ ବିରୁଆ ବୋଲଇ
କେହୁ କେହୁ ତୋହୋରେ ବିରୁପା ବୋଲଇ ।
ବିଦୁଜଣ ଲୋଅ ତୋହେଁ କଣ୍ଠ ନ ମେଲଇ
ବିଦୁଜଣ ଲୋକ ତୋର କଣ୍ଠ ନ ମେଲଇ ।
କାହ୍ନେ ଗାଇ ତୁ (୩)କାମଚଣ୍ଡାଳୀ
କାହ୍ନୁ ଗାଇ ତୁ କାମଚଣ୍ଡାଳୀ
ଡୋମ୍ବୀତ (୪) ଆଗଲି ନାହିଁ ଛିନାଳୀ
ଡୋମ୍ବୀରୁ ଆଗଳ ନାହିଁ ଛିଣ୍ଡାଳୀ ।

---

୧—ଲୀଡେଁ (କ)   ୩—ଗାଇତୁ (କ)
୨—ବିଟାଳିଉ (କ)   ୪—ଡୋମ୍ବୀ ତଆଗଲି (କ,'ଖ)

ତମେବାର୍ଥଂ ପରମାର୍ଥସ୍ୟ ସଂବୃତ୍ତ ସତ୍ୟାର୍ଥାବଗମେ ଦୁସ୍ତାଗ୍ରୁଣ୍ୟ—
ଯାଦାଃ ତ୍ୱୋମ୍ବୀ ସହ୍ୟସ୍ୟ ପ୍ରଭୃପାଦସୂକ୍ତ । — ତଣୀତ୍ୟାଦ—
ମସ୍ୟାଦୁସ୍ତାଗ୍ରୁମେଣ ବକ୍ତ୍ରବନତାଦୁଷ୍ପଙ୍ଗାତ୍ ଝିଭୁବନଂ କାସ୍ୟ ବାକ୍ତାତ୍ମଂ ।
ତସ୍ୟ ତସ୍ୟୁତ୍ତରଣତପ୍ରକୃତଦୋଷୋଦେବ ହେଳୟା ବାଧିତଃ ।
ଅତଏବାର୍ଦ୍ଦଂ ସୁପ୍ତଃ । ଲ୍ଲୀଲମିତ ଝୀତସ୍ୟ ଯୋଗନଦ୍ରାଂ ଗତଃ ।
ନୈ୍ନ୍ୟଗ୍ରସ୍ମବଗମତ୍ । ଧ୍ରୁବ ପଦେନ ପରଶୁଦ୍ଧା ବଧୂତକା ମୃତଗମ୍ୟୁତ—
ବଇପଣୀତ୍ୟାଦ— ଭର୍ତ୍ତୈର ଆଲକା ଅପଦାଗ୍ରେତ୍ମଣ ସ୍ତେ ତ୍ୱୋମ୍ଭିନା ପର·
ଶୁଦ୍ଧାବଧୂତକା ନଂ କୃତଂ ଇସ୍ୟ । କୌ ଶଗ୍ରେର ଲ୍ଲନଂ ସତ୍ପ୍ରଭାସ୍ୱରଂ
ଯଦଲ୍ଲାନରସେନାନ୍ତେ ବାତେ୍ୟ କୃତଂ । ତଂ ସଂବୃତ୍ତିବୋଧିତାତ୍ମଂ
ପାଳସ୍ୟ ଗତ କୃତ୍ୱା କାପାଳବଣ୍ଡି ଉବକ୍ତ୍ର—ଆଧାନଂ କୃତମିତ ।
ବଣିଷ୍ଟ୍ୟ ପଦାନ୍ତରେଣ ତାମେ କୋପରାବସୂତ —ତଁ ଇଳ୍ଲୋଇତ୍ୟାଦ ତସ୍ମା
ତ୍ୱୋମ୍ଭିନ୍ୟାଃ ପରଶୁଦ୍ଧାବଧୂତକସ୍ୟ ଦେଶାସୁରମନୁଷ୍ୟାଦ ଦ୍ୱୈଧାଭୂତଂ
ସକଳଂ ମିଥ୍ୟାଜ୍ଞାନେନ ଝାଲିତମିତ ଜାଗିତଂ । ପତ ଏବ ଶଗହରଂ
ସଂବୃତ୍ତି ବୋଧିତାତ୍ମଂ ପ୍ରସ୍ତୁରତ୍ମେଭୂତଂ ଅସମ୍ଭାବ୍ୟଯୋଗିନ୍ୟା ଝାଳିତ
ମିତ ବନଷ୍ଟୀ କୃତଂ ।
ତଥାତ ତର୍ଯ୍ୟପାଦାଃ —

ଖାଲତ୍ ପତ୍ତ୍ରେଁ କାସ୍ୟଳ ନାଶପ୍ୟ ଇତ୍ୟାଦ ।

ତୃଷସ୍ୟ ପଦେନ ତ୍ୱୋମ୍ଭି ସ୍ୱରୂପମାହ—
କୋହେ ଇତ୍ୟାଦ—ଯେଽପି ସ୍ୱରୂପାନନ୍ଦାଃ ସତ୍ୟଜାନନ୍ଦପରଶୁଦ୍ଧି ତସ୍ମା
ତ୍ୱାଂ ତ୍ୱୋମ୍ବୀଂ ନ ଜାନନ୍ତି । ତେଽପି କର୍ମକାସିନଂ ପ୍ରାପ୍ୟ ସଂସାର—
ଦୁଃଖାନୁଭବାଭବବନ୍ଧଂ ଲଭନ୍ତ । ଯେ ତେ ପ୍ରାଚୋକ୍ଷିକା ଯୋଗୀନ୍ଦ୍ରାଃ
ସମ୍ୟକ୍ ବକ୍ତ୍ରବ୍ଲଟଂ ଯୋଗାକ୍ଷରସ୍ୟଶତସ୍ମା ତ୍ୱାଂ ପ୍ରଜାନନ୍ତି ।
ତେଽପି ଲୋଷ୍ଟେ ସନ୍ତୋଷଣେ ଅହର୍ନିଶଂ ନ ପଚରତ୍ୟନ୍ତି ଇତ ।
ତଥାଶ୍ଚ୍ୟମ୍

ବଲ୍ବୋଲ ପ୍ରିୟ ବୋଲ ମେଳକତସ୍ୟଃନନ୍ଦ ସ୍ତ୍ରୁଭଲ୍ଲଭଳଞ୍ଚ
ସଦ୍ୟଃ ଶୋଧିତଶାଳଲଲିତବଲ୍ଲଃ କାଳୀ ଶିଖଣ୍ଡିଶଃ ।

ଭ୍ରଶଂଢ଼ି ବ୍ୟସବୈଜଘାଟମଦନବ୍ୟାଲୁପ୍ତଦନ୍ତଚ୍ଛଦାଃ
ପ୍ରେତାବ ସ ନବାସ ନତ୍ୟରମ୍ଗିକାଃ  କେଚିତ୍ କ୍ୱଚିତ୍  ଯୋଗିନଃ ।
ଚତୁର୍ଥ ପଦେନ ଯୋଗିନ୍ୟାନୂଶଂ ସାମ ହ୍ନା କାହ୍ନେ ଗାଇ ଇତ୍ୟାଦ୍ଧ—ଈଦୃଶୀ
କର୍ମସ୍ଥସାଧନୋପାସ୍ତଚଣ୍ଡାଳୀ  କୃଷ୍ଣାଗୃହେର୍ଯ୍ୟ ଉରଂ ଗୀୟତେ ନାନ୍ୟୈଃ ।
ଡୋମ୍ବୀ ବ୍ୟତିରେକାତ୍ ନ ନ୍ୟା ଛିନ୍ନନାସିକା ନାଗରିକା ବା ବିଦ୍ୟତେ ।
ଯସ୍ତୁ ତ୍ ସତ୍ତ୍ୱଭେଦଂ ପ୍ରାପ୍ୟ ବେଦାଧିଷ୍ଠାନଂ ବଧାଃ ।
ତଥାଚ ଜ୍ଞାନସମ୍ବୋଧୌ—

ଚିତ୍ତମେବ ମହାବୀଜଂ ଭବନିର୍ବାଣୟୋରପି
ସଂବୃତୌ  ସଂବୃତଂ ଯାନ୍ତି ନିର୍ବାଣେ ନିଃସ୍ୱଭାବତମ୍

—*—

**ଅର୍ଥ**—କବି ଅବଧୂତିକୁ ନିଜର ବିଟପୀ ଦେହୀ ରୂପରେ ବର୍ଣ୍ଣନା କରୁଛନ୍ତି । ମୁଁ ଅକ୍ଳେଶରେ ତିନିଭୁବନ ବୁଲି ଆସି ମହାସୁଖରେ ଶୋଇ ପଡ଼ିଥିଲି । ଆଳେ ବାବୁରିବାଳୀ—ଅର୍ଥାତ୍ - କୁଞ୍ଚିତକେଶୀ ରସିକା ରମଣି, ତୁ ମଝିରେ କାପାଳିକ ଓ ଶେଷରେ କୁଟିଳ ଜନ ସହିତ କପଟ ବିଚଳିଲୁ ଅର୍ଥାତ୍ ସଙ୍ଗମକଲୁ । ସମସ୍ତ ପ୍ରେମକାର୍ଯ୍ୟର କାରଣ ଚନ୍ଦ୍ର ତୁଳନା କଲୁ । କେହି ୨ ତୋତେ ବିରୂପା (ବିଶିଷ୍ଟ ରୂପଯୁକ୍ତା) ବୋଲି କହନ୍ତି । କିନ୍ତୁ ବିଦୁଜନ ଅର୍ଥାତ୍ ଜ୍ଞାନୀମାନେ ତୋ କଣ୍ଠ ଛାଡ଼ନ୍ତି ନାହିଁ । କବି ଅବଧୂତିକୁ କାମଚଣ୍ଡାଳୀ କହି ତାହାଠାରୁ ବଳି ଚ୍ଛିଣ୍ଡାଳ ଆଉ କେହି ନାହାନ୍ତି ବୋଲି କହୁଛନ୍ତି ।

ପାରମାର୍ଥିକ ଅର୍ଥ—କବି ଅକ୍ଳେଶରେ କାୟ ମନବାକ୍ୟ ତିନି ଭୁବନ ବୁଲିଆସି ସହଜାନନ୍ଦ ଅବସ୍ଥାରେ ଲୀନଥିଲେ । ତାହାଙ୍କର ବାହ୍ୟିକ ଜ୍ଞାନ ନଥିଲା । ସେ ପରମାନନ୍ଦ ଉପଲବ୍ଧି କରୁଥିଲେ । କବି ଏ ଅବସ୍ଥାରେ ଅବଧୂତିକାଙ୍କୁ ବୁଝିପାରିଛନ୍ତି । ଅବଧୂତୀ ଦୁଇ ରୂପରେ ଦେଖାଯାଏ—ଶୁଦ୍ଧ ଓ ଅଶୁଦ୍ଧ । ଅଶୁଦ୍ଧ ଅବଧୂତିକା ଅବିଦ୍ୟା ରୂପରେ କୁଳୀନ ଓ କାପାଳିକଙ୍କ ମଧ୍ୟରେ ବାସକରେ । ଏହାର ପ୍ରଭାବରେ

ଲୋକେ ସଂସାରରୁ ସୁଖଦୁଃଖ ଭୋଗକରି ମରଣ ଲଭନ୍ତି । ଅନ୍ୟ ସମ୍ପ୍ରଦାୟର ସିଦ୍ଧମାନେ ଏହି ଅବଧୂତିକା ସହିତ କ୍ରୀଡ଼ାକରି କାରଣକାର୍ଯ୍ୟ ବହିର କରି ସଂସାରର କଳ୍ପନା କରନ୍ତି । ନ ଜାଣିଲା ଲୋକେ ତାହାକୁ ବିଶୁଦ୍ଧା ଅବିଦ୍ୟା ଭାବି ତ୍ୟାଗ କରନ୍ତି । କିନ୍ତୁ ଜାଣିଲାଲୋକେ ଶୁଦ୍ଧ ଅବଧୂତିକାର ପ୍ରକୃତ ତତ୍ତ୍ୱ ବୁଝିପାରି ତାହାକୁ ଗଳାର ମାଳୀକରି ରଖନ୍ତି । ତିଳେ ମାତ୍ର ଛାଡ଼ନ୍ତି ନାହିଁ । ସେଥିଲାଗି ଅବଧୂତିକାକୁ କାମ-ଚଣ୍ଡାଳୀ-ଛିଣ୍ଡାଳୀ ବୋଲି କହୁଛନ୍ତି ।

—*—

## ପଦଟୀକା—

ତଣି—ତନ୍ତ୍ର, ସଂ—ତନ୍ତ୍ରୀ
ଭୂଅଣ—ଭୁବନ
ମଇ—ମୁଇଁ
କାହ୍ନିଅ—କହ୍ନି, କଥ୍+ଣିଚ+ଲ୍ୟପ୍ ସ୍ଥାନେ—ଇଅ ।
ଦେଖେଁ—ଦେଖାରେ; ଦେଖା+ଏକସ୍ଥାନେ ଏଁ, ଶବ୍ଦ।
ହାଉଁ । ମୁଁ, ମୁଂ—ଅହଂ
ହ୍ରା—ଅହକଂ, ହକଂ = ହ ଉଁ
ସୁତେଲି—ସୁପ୍ତ ଓ—ସୁତିଲା ।
ମହାସୁହ—ମହାସୁଖ ଲୀଳା—ଶବ୍ଦ। ଏଁ (ଏକସ୍ଥାନେ)
କଇସଣି—କେମନ, କଇସନ+ଇ=କଇସନି

ଚୋଦୋର—ସଂ—ଚେ ଭୂଅ—ଚୋ ଚୋଦ+ର ।
ଉଭରଆଳୀ—ବାବୁଲକାଳ ।
ଉଭର—ବାବୁଲ, ସଂ—ବର୍ବରକଃ (କୁଟିଳ କୁନ୍ତଳଃ)
କୁଳିଣ—କୁଳୀଣ, ସଂ-କୁଳୀନ
ମଝେଁ—ମଝିରେ, ମାଝେଁ, ମଝଁ।
ଜଣ—ଓ, ସଂ—ଜନ
କାବାଳୀ—କାପାଳୀ
ତଇଁ—ତହିଁ, ସଂ—ତସ୍ମିନ୍
ସଅଳ—ସକଳ
ଭଟନାଭ—ଭଟନଲୁ, ଭଟପିର କାର୍ଯ୍ୟକଲୁ । (ବଟାଂକଇ-କର୍ପୂର ମଞ୍ଜରୀ)

କାଜଣ—କାର୍ଯ୍ୟର
(୬ଷ୍ଠୀ ବହୁବଚନରେ, 'ଣ')
କାରଣ—ତତ୍ସମ
ସସହର—ଶଶଧର
ଚାଳିଣ୍ଡ—ଚାଳିଲୁ-ଚଳ+ଣିଚ୍
= ଚାଳିଧାତୁ
(ଚଳ୍, ଚଳନ କରିବା)
ଚେ.ଦ୍ୱୋରେ—ତୋରେ, ୨ୟା
ବିଭକ୍ତିରେ—ରେ ।
ବଢୁଆ—ବଢୁଆ
ତୋଲଇ—ପ୍ରା—ତୋଲ୍ଲଧାତୁ
ବିଦୁଜଣ—ବିଦ୍ୱଜ୍ଜନ, ଓଡିଆରେ
ବିଦୁଜଣ—ବ୍ୟବହୃତ ।
ଲୋଅ—ଲୋକ
ଲୋରେଁ—ଲୋଭ
ମେଲଇ—ତ୍ୟାଗକଲେ ।

ଗାଇ—ଗାଇ, ଗାଅଇ
କାମ—ସଂ-କର୍ମ ଓ କାମ
ଚଣ୍ଡାଳୀ—ଚଣ୍ଡାଳୀ
ତୋମ୍ଭି ତ—ତମୋଣୀଠାରୁ
ପ୍ରାକୃତରେ ୫ମୀ ବହୁ ବଚ-
ନରେ ହିନ୍ତୋପ୍ରତ୍ୟୟ ହୁଏ,
ତୋମ୍ଭି ହି ହିର ଲୋପରେ
ତୋମ୍ଭିନ୍ତୋ = ତୋମ୍ଭି ତ ।
ଆଗଲ—ସଂ—ଅଗ୍ର, ପ୍ରା—ଅଗ୍ଗ-
ଓ—ଆଗ+ଲ = ଆଗରେ
(ସ୍ତ—କୋ I 710)
ଆଗଲ ପିଛଲ
(ସାଧାରଣ)
ଚୁନଳୀ-ଚୁଣ୍ଡଳୀ
କିଣ୍ଣାଳକା—କର୍ପୂର ମଞ୍ଜୁଷା
ସଂ—ପୁସ୍ତକୀ

—o—

## ରାଗ—ଭୈରବୀ

କୃଷ୍ଣ ପାଦାନାମ୍ :—

ଭବନବାଣେ ପଡ଼ହ ମାଦଲା
ଉ—ଭବ ନବାଣେ ପଟହ ମାଦଳ । (ଳା)
ମନ ପବନ ବେଣି କରଣ୍ଡକ ଶାଳା (୧)
ମନ ପବନ ବେନ କରଣ୍ଡକ ଶାଳା ।
ଜଅ ଛଜ ଦୁନ୍ଦୁହ ସାଦ ଉଚ୍ଛଲିଲ (୨)
ଜୟ ଜୟ ଦୁନ୍ଦୁଭି ଶବ୍ଦ ଉଚ୍ଛଳିଲା । (ଉଚ୍ଛଳିଲା)
କାହ୍ନୁ ଡୋମ୍ବୀ—ବିବାହେ ଚଳିଅ (୩)
କାହ୍ନୁ ଡୋମ୍ବୀ ବିବାହେ ଚଳିଲା ।
ଡୋମ୍ବୀ ବିବାହିଆ ଅହାରିଉ ଜାମ ।
ଡୋମ୍ବୀ ବିବାହ (ବିବାହକରି) ହାରିଲୁ ଜନ୍ମ ।
ଜଉତୁକେ କଅ ଆଣୁତୁ ଧାମ
ଜଉତୁକେ କରି ଆଣୁ ତୁ ଧର୍ମ ।
ଅହଣିସି ସୁରଅ—ପସଙ୍ଗେ ଜାଅ
ଅହର୍ନିଶି ସୁରତ ପ୍ରସଙ୍ଗେ ଯାଏ ।
ଜୋଇଣି ଜାଲେ ରଅଣି (୪) ପୋହାଅ ।
ଜୁଇଜାଲେ ରୟଣି ପୋହାଏ ।
ଡୋମ୍ବୀଏ ର ସଙ୍ଗେ ଜୋ ଜୋଇରତ୍ତେ
ଡୋମ୍ବୀର ସଙ୍ଗେ ଯେ ଯୋଗୀ ରତ୍ତ (ରକ୍ତ)
ଖଣହ ନ ଛୁଡ଼ଅ ସହଜ ଉନ୍ମତ୍ତୋ ।
(ଖଣହୁଁ) କ୍ଷଣକେ ନ ଛାଡ଼ଇ ସହଜ—ଉନ୍ମତ୍ତ ।

---

୧—କରଣ୍ଡକମାଳା (କ)    ୩—ଚଳିଲ (ଖ)
୨—ଉଚ୍ଛଳିଲ (ଖ)    ୪—ରଏଣି (କ)

ତମେବାର୍ଥଂ ଦୃଢ଼ୀକରଣାୟ କୃଷ୍ଣାଗୁର୍ଯ୍ୟଚରଣୈଶ୍ବର୍ଯ୍ୟାନ୍ତରମଭିଜ୍ଞ-
ତମ୍ :—

ଭବଜବାଣେ ଇତ୍ୟାଦ—ଭବଜବାଣଂ ମନପବନାଦିବକଲ୍ପଂ ପୂର୍ବୋକ୍ତଂ କ୍ରମେଣ ପରିଶୋଧ୍ୟଂ ତଂ ପଞ୍ଚଦ୍ୱାଦଶାନ୍ତଂ ଉତ୍ପ୍ରେକ୍ଷ୍ୟ ମହା-ସୁଖସଙ୍ଗଂ ଗୃହୀତ୍ୱା । ଡୋମ୍ବୀତି ସୈବ ଶୂନ୍ୟକାତ୍ମକାଽପାରିଶୁଦ୍ଧା ବଧୂଟିକା ତସ୍ୟାଃ ବାହକଭଙ୍ଗାର୍ଥଂ ଯଦା କୃଷ୍ଣାଗୁର୍ଯ୍ୟପାଦାଃ ପ୍ରଚଳିତାଃ, ତଦା ଜୟ ଜୟ ଧ୍ୱନି ପୁଷ୍ପବୃଷ୍ଟି ଦୁନ୍ଦୁଭିଶବ୍ଦାଦିକଂ ଆକାଶେ ନମିତ୍ତଂ ପ୍ରଭୂତମିତି ।

ଦ୍ୱିତୀୟପଦେନ ଡୋମ୍ବୀ ବଚାର ଫଳମାହ—
ଡୋମ୍ବୀତ୍ୟାଦି—ସୈବ ଡୋମ୍ବୀ ବାୟୁରୂପା ତସ୍ୟା ଗମନଦ୍ୱାରସ୍ୟ ଝକାଟମିତି, ଭଙ୍ଗଂ କୃତ୍ୱା ଜମ୍ପୁମିତି । ଉତ୍ପାଦଭଙ୍ଗାଦିଦୋଷା ନାଶିତାଃ । ଅତଏବ ଜୀବନେନା କ୍ଳେଶେନାନୁତ୍ତରଧର୍ମସାକ୍ଷାତ୍ କୃତଂ । ମୟା କୃଷ୍ଣାଗୁର୍ଯ୍ୟେଣେତି ।

ତୃତୀୟପଦେନ ଯୋଗିନୀ ପ୍ରଭାବମାହ—ଅହର୍ଣିଶୀତ୍ୟାଦି—ଏତସ୍ୟା ଜ୍ଞାନମୁଦ୍ରାୟା ସହ ତସ୍ୟ ଯୋଗୀନ୍ଦ୍ରସ୍ୟାହର୍ନିଶଂ ସୁରତାଭ୍ୟାସେ ଭବତି କଣ୍ଠ୍ୟ ଯୋଗୀନ୍ଦ୍ରସ୍ୟ ଯୋଗିନୀଜାଲେନେତି ତସ୍ୟ ଜ୍ଞାନ ରଶ୍ମିନା, ଇଏଶୀତ୍ୟାଦି କେଲୀଶାଙ୍କଜାଲଂ ପ୍ରକାଶୟତି

ତଥାଚାଗମଃ—

ଆତ୍ମନ୍ୟେବ ଲୟଂ ଗତେ ଭଗବତି ପ୍ରାଣାଧିପେ ସ୍ୱାମିନି
ଶୂନ୍ୟେ ସେ ଚ ହୃଦାସ୍ତଗଣେ ଜଗତେ ପ୍ରଶମିତେ ଜାବାନଲେ ଯନ୍ତ୍ରିତେ
ଯୋ ନୈବ୍ୟାକ୍ତଃ ପ୍ରସରଃ ପ୍ରଭାସ୍ୱରତରେ ଯୋଗୀଶ୍ୱରାଣାମସୌ
ସ୍ୱାଙ୍ଗାଦେବ ବିନିର୍ଗତୋ ହତତମାଃ ତୈଲୋକ୍ୟ ମାହାମନ୍ତ୍ର ।

ଚତୁର୍ଥପଦେନ ଯୋଗିନୀ ପ୍ରଭାବାତ୍ ଯୋଗୀନ୍ଦ୍ରସ୍ୟ ଚର୍ଯ୍ୟା ମାହ ।
ଡୋମ୍ବୀତ୍ୟାଦି—ଡୋମ୍ବୀ ସୈବ ପ୍ରକୃତିପ୍ରଭାସ୍ୱର ପରିଶୁଦ୍ଧା—ବଧୂଟିକା ଜ୍ଞାନମୁଦ୍ରା । ତସ୍ୟାଃ ସୁରତାଭ୍ୟାସେ ଯେ ଯେ ଯୋଗିନୋ ରତାଃ ତେ

ତେ ତାଂ ଜ୍ଞାନମୁଦ୍ରାଂ ମହାସୁଖାନନ୍ଦା ଧାରଣତ୍ୱାତ୍ କ୍ଷଣମପି ନ ପରିତ୍ୟଜନ୍ତୀତି ।

ତଥାଚ ସରହ ପାଦାଃ—

ସହ୍ଵାସ୍ରବଂ ଗତବନ୍ତି ମନସ୍ୟନ୍ଧୀତ୍ୟାଦି ।

—*—

## ଅର୍ଥ—

ଜବ ଅବଧୂତିକା ଡ଼ମ୍ବୋଣୀ ସହିତ ନିଜର ବିବାହ ବର୍ଣ୍ଣନା କରୁଛନ୍ତି । ବିବାହ ହେବାକୁ ଗଲେ ପଟହ, ମାଦଳ ବାଜେ । ଜବ ଭବ ଓ ନିର୍ବାଣକୁ ପଟହ ମାଦଳ କରିଛନ୍ତି । ଅର୍ଥାତ୍—ଭବ ଓ ନିର୍ବାଣ କେବଳ ବିକଳ୍ପ ମାତ୍ର । ଏହା ସବୁ ମନର ସୃଷ୍ଟି, ପ୍ରକୃତ ସତ୍ୟ ନୁହେଁ । ମନ ପବନକୁ କରଣ୍ଡକଶ ଜା (ପେଡ଼ି) କରିଛନ୍ତି । ସେ ପେଡ଼ିରେ ବିବାହ ଉପକରଣ ନିଅନ୍ତି । ଏଠାରେ ଶୂନ୍ୟତା ଓ କରୁଣା ଏକା ଭାବରେ ମିଳିତ ହେଲେ ସେହି ମହାମୁଦ୍ରାକୁ ଧର୍ମ କରଣ୍ଡକ କହନ୍ତି ।

ଅର୍ଥାତ୍—ପରମାର୍ଥ ତତ୍ତ୍ୱର ଆଧାର ପାତ୍ର । ଜବ ମନପବନ ଚାଳିତ କରି ଶୂନ୍ୟତା ଓ କରୁଣାକୁ ଏକାକାର କରି ଅନୁଭବ କରୁଛନ୍ତି, ମନ ପବନ ଉଜାଣି ବୁହାଇବାରୁ ଅନାହତଧ୍ୱନିର ଜୟ ୨ ଦୁନ୍ଦୁଭି ଶବ୍ଦ ଚାରିଆଡ଼େ ଉଚ୍ଛୁଳି ପଡ଼ିଲା । ଜବ କାହ୍ନୁପାଦ ଏହିପରି ବାଜା ବଜାଇ ଡ଼ୋମ୍ବୀକୁ ବିବାହ ହେବାକୁ ଚାଲିଲେ ।

ଅର୍ଥାତ୍—ଜବ ସଂସାରର ବିକଳ୍ପ, ମାୟା ପ୍ରପଞ୍ଚ ତ୍ୟାଗ କରି ଅବିଦ୍ୟା ଧ୍ୱଂସ କରି ଅବଧୂତିକା ଡୋମ୍ବୀ ସହିତ (ସୁଷୁମ୍ନା) ମିଳିତ ହେଲେ । ଅନାହତ ଧ୍ୱନି ଉଚ୍ଛୁଳି ପଡ଼ିଲା ଡ଼ୋମ୍ବୀକୁ ବିବାହ ହୋଇ ପୁନର୍ଜନ୍ମ ହରାଇଲେ । ଅର୍ଥାତ୍—ଅନାହତଧ୍ୱନି ଶୁଣି ମହାଶୂନ୍ୟ ଉପଲବ୍ଧି କରିବାକୁ ଜନ୍ମ ମରଣର ଅଯଥାର୍ଥତା ଉପଲବ୍ଧି କଲେ । ଅର୍ଥାତ —ବରଭଲ ଯୌତୁକ ପଦାର୍ଥ ଘରକୁ ଆଣିଲା । ଜବ ଅନୁତ୍ତର (ଶ୍ରେଷ୍ଠ)

ଧାମ (ସ୍ଥାନ) ଅର୍ଥାତ୍ ନିର୍ବାଣ ଅବସ୍ଥା ଲାଭ କଲେ । ବିବାହ କରି ସୁରତରେ ଦିନରାତି ଗଲ୍ପକରି କବି ପରମାନନ୍ଦରେ ଦିନ ରାତି କଟାଇଲେ ଜ୍ଞାନଜ୍ୟୋତିର ତେଜରେ ରାତି ପୁହାଇଲେ । ଯେଉଁ ଲୋକ ଏହି ଉନ୍ମୋଣୀ ଅବଧୂତିକାଠାରେ ଆସକ୍ତ ହେବ ସେ ସହଜ ଅବସ୍ଥା ଲାଭ କରି ଉନ୍ମତ୍ତ ହେବ ସେ ଆଉ ଉନ୍ମୋଣୀ ଅବଧୂତିକାକୁ (ସୁଷୁମ୍ନା) କ୍ଷଣେମାତ୍ର ଛାଡି ପାରିବ ନାହିଁ ।

—*—

ସମଭାବ ପଦ୍ୟ —

ଚାଲ ଦେଖି ଯିବା ଗୋ ଶୂନ୍ୟ ବେଦୀ ତଳକୋଣିଆଁ
ଦୁଇ ପାଖେ ଦୁଇ ସମୁଦ୍ର ଅଛନ୍ତି ମଝିରେ ବସିଛି କନିଆଁ ।
ବର ପଶ୍ଚିମକୁ ଆସିବା ବେଳକୁ ବାର ବରଜାତି ମେଳେ
କନ୍ୟା ମନଜାଣି କରି ବସିଅଛି ବାଟ ବରଗଛ ମୂଳେ ।
ବର ରୂପ ଗୋଟି କି ଉପମା ଦେବି ସଂସାର ମଧ୍ୟରେ ନାହିଁ
ତବଣ ଠାରୁ ଦ୍ୱାଦଶ ପର୍ଯ୍ୟନ୍ତ ଲାଗିଅଛି ଧୂଆଧୋଇ ।
ଶୂନ୍ୟରେ ବ୍ରାହ୍ମଣ ବିଭାକରାଇଲେ ଶୂନ୍ୟକୁ ଶୂନ୍ୟ ମିଶାଇ
ଶୂନ୍ୟ ନାରୀମାନେ ହୁଳହୁଳି କଲେ ଶୂନ୍ୟ ହୁଳ ହୁଳ ଦେଇ ।
ବରହିଁ ଚଳିବ କନ୍ୟାହିଁ ଚଳିବ ଚଳିଯିବେ ବରଜାତି
କହେ ଦୀନକୃଷ୍ଣ ସେ ପଦେ ଶରଣ ଲଭିବ କ୍ଷମା ମୁକତି ।

[ ଈଶ୍ୱର ଭେଦ ଭଜନ ପୃ ୯ ]

ବୋହୂ ବଳ ଅବଳାରେ, ଖେଳଇ ବାର ଯୁବର
ବାର ଯୁଣ ଘୁଞ୍ଚି ତେରକୁ ଗମିଲେ ବେ ହୁଡ ପୂରିବ କାଳ
ଏ ବାର ଭିତରେ ପୁରୁଷ ଖେଳଇ ତେବାରେ ଖେଳେ ବୋହୂ
ବୋହୂପୁଅ ଦୁହେଁ ଉଲଟ ପଲଟ ବାରଣ ନ ଯାଇ କେହୁ ।

ବାହାରେ ବାଉ ଭିତରରେ ବାଉ ବାଉ ବନ୍ଧନରେ ଘର
ଅକାରଣ ବୋହୂ ବାରଣ ନ ଯାଇ କଲି ବାଉ ବାଉ ଘର ।
ପୁଅକୁ ବୟସ ଶଏ ଷାଠିଏ ସେ ବୋହୂର ଷୋଳ ବୟସୀ
ଛଟସ ଭେଣ୍ଡି ଆ ଢେଙ୍କର ବୋହୂ ଖେଳଖେଳୁ ଥାଇ ବସି ।
ବୋହୂ ମୋର ଧନ ବୋହୂ ମୋ ଜୀବନ ବୋହୂଲାଗି ଏତେ ସଜ୍ଜ
ପାମର ଅଚ୍ୟୁତ ଭାବରେ ଭଣିଲେ କରୁ ଭବଜଳୁଁ ପାରି ।

(ଅଚ୍ୟୁତାନନ୍ଦ — ଭଜନ ମାଳା)

—*—

## ପଦଟୀକା—

ଭବ
ନବାଣେ } ତତ୍ସମ

ପଡ଼ହ—ପଟହ

ମାଦଲ—ମାଦଳ, ସଂ-ମର୍ଦ୍ଦଳ, ପ୍ରା-ମଦ୍ଦଲ।

ପବଣ—ପବନ

ବେଣି—ବେନ

ଜଅ—ଜୟ

ଦୁନ୍ଦୁବି—ଦୁନ୍ଦୁଭି

ସାଦ—ଶବ୍ଦ

ଉଛଳଆ—ଉଚ୍ଛୁଳିଲା, ସଂ-ଉତ୍+ଶଳ ଧାତୁ
(ଶଳ—ଚଳନସଂବରଣୟୋଃ) ଧାତୁପାଠ ଚଳନାର୍ଥ। ଉଚ୍ଛଳ ଧାତୁ ଓଡ଼ିଆରେ। 'ଲ'ର ଲୋପ ହୋଇଛି—ଯଥା ଉଛଳଆ।

ବଢାବୁଆ—ବଢାହ ହୋଇ, ସଂ-ବର୍ଦ୍ଧ ହ୍ୟ ପ୍ରା-ବଢାବୁଅ, ଓ-ବଢ଼ାବୁ।

ଅହାରଉ—ହାରିଲୁ, ନାଶକଲୁ, ସଂ-ଅହାରୟତ୍ ପୂର୍ବପର 'ଅହାରଉ' ରେ 'ଲ'ର ଲୋପ ହୋଇଛି ଅହାରଉ-ଓ-ହାରିଲୁ 'ଅ' ଲୋପ।

ଜାମ—ଜନ୍ମ

କଉତକେ—କଉତୁକେ, ଯୌତୁକ

କଅ—କଲ, ସଂ କୃତ

ଆଶୁତୁ—ଅନୁତ୍ତର, ଆଶୁ-ତୁ ଓ-ତୁ ଆଣୁ

ଧାମ—ଧର୍ମ-ପ୍ରା-ଧମ୍ମ=ଧାମ କମ୍ବା -ଧାମ-ସ୍ଥାନ

ଅହଣିସି—ଅହର୍ନିଶି

ସୁରଅ—ସୁରତ

ପସଙ୍ଗେ—ପ୍ରସଙ୍ଗେ

ଜାଅ—ଯାଏ

ଜୋଇଣିଜାଳେ—ସଂ-ଦ୍ୟୋତମ୍ (vedic) ଜ୍ୟୋତି, ଓ-ଯୁଇ ଯୋଇ

ଜାଳ—ସଂ-ସମୂହ, କମ୍ବା ଜ୍ୱାଳା -ଜାଳ

ରଏଣି—ରଜନୀ ଓ-ରୟଣି (ରହସ୍ୟ (ମଂଜରୀ)

ସୋହାଅ—ସୁହାଏ, ସଂ-ଶୁଭିତ ନାମଧାତୁ ପ୍ରକୃତ କରେ-ସୁହାଏ।

ଡୋମ୍ବୀଏର—ଡମୋଣୀର

ଜୋ—ଯେ

ଯୋଇ—ଯୋଗୀ

ରଓ୍ତୋ—ରକ୍ତ (ଅନୁରକ୍ତ) ପ୍ରା-ରତ୍ତୋ ଓ-ରଓ୍, ବା ରତ, ଯଥା—
ରତାମଛୁ, ବେଳ ରତ ରତ ହେଲାଣି।

ଖଣହ—ସଂ-କ୍ଷଣକ ଖଣଅ, ଖଣହ ଓ-କ୍ଷଣକେ ଖଣ।

ଗୁଡ଼ଅ—ଗୁଡଇ (ଇ ର ଅ)

ସହଜ—ତତ୍ସମ, ସହଜରେ

ଉଣ୍ଣତୋ—ଉନ୍ମତ୍ତ ୧ମା ଏକବଚନ।

# ରାଗ—ପଟମଞ୍ଜରୀ

## କୁକୁରୀ ପାଦାନାମ୍—

ହାଉଁ ନବସୀ ଖମଣ ଭତାରେ [୧]
ଓ—ମୁଁ ନବସୀ ଖମନ ଭର୍ତ୍ତାରେ ।
ମୋହୋର ବିଗୋଆ କହଣ ନ ଯାଇ
ଓ—ମୋହୋର ବିୟୋଗ କହଣ ନ ଯାଇ ।
ଫେଟଲଉ [୨] ଗୋମାଏ ଅନ୍ତ ଭର ଗୃହିଁ
ଓ—ଫିଟାଇଲୁ ଗୋ ମାଏ ଅନ୍ତପୁର ଗୃହିଁ ।
ଜା ଏଥୁ ଗୃହାମ [୩] ସୋ ଏଥୁ ନ ହିଁ
ଓ—ଯାଏଥି ଗୃହିଁମ ସେ ଏଥି ନାହିଁ ।
ପହିଲ ବିଆଣ ମୋର ବାସନ ପୁଡ଼ା
ଓ—ପହିଲ ବିଆଣ ମୋର କାଷନା ପୁଡ଼ା ।
ନାଡ଼ି ବିଆରନ୍ତେ ସେବ ବାପୁଡ଼ା
ଓ—ନାଡ଼ୀ ବିଚାରନ୍ତେ ସେବ ବାପୁଡ଼ା ।
ଜାଣ ଜୌବଣ ମୋର ଭଇଲେସି (୫) ପୁରା
ଓ—ଜାଣ ଯୌବନ ମୋର ହୋଇଲେ ପୁରା ।
ମୂଳ ନ ଖଲି ବାପ ସଂଘାର ।
ଓ—ମୂଳ ନ ଖୋଲି ବାପ ସଂଘାର ।
ଭଣନ୍ତି କୁକ୍କୁରୀ (୬) ପାଏ ଭବ ଥିର
ଓ—ଭଣନ୍ତି କୁକ୍କୁରୀ ପାଏ ଭବ ଥିର ।
ଜୋ ଏଥୁ ବୁଝଇ [୭] ସୋ ଏଥୁ ବୀରା
ଓ—ଯେ ଏଥୁଁ ବୁଝଇ ସେ ଏଥୁ ବୀର ।

---

୧—ଉଚାର (ଖ, ଗ)
୨—ଫିଁଟେଲ [ଖ]
୩—ବାହାମ [କ]
୪—ଜାଣ (ଖ)
୫—ଭଇଲେ ସି (ଖ)
୬—ପାଏ (କ)
୭—ବୁଝଁଏ (କ)

ଟୀକା—

ପ୍ରଜ୍ଞାପାରମିତାର୍ଥାମୃତପାନପରଭୂତ୍ବା ହି କୁକ୍କୁରୀପାଦାଃ ।
ତମେ ବାର୍ଥଂମାତ୍ମନ ଭଗବତୀ ନୈରାତ୍ମ୍ୟ ଯୋଗିନୀମଧିମୁଖ ବଦନ୍ତି—
ହାଉଁ ନିରାସୀ ଇତ୍ୟାହ—ଅହଂ ଭଗବତୀ ନୈରାତ୍ମା ନିରାସା ଆସଙ୍ଗରହିତା,
ଖମଣେତ ସର୍ବଶୂନ୍ୟଂ ମନଃସ୍ୱାମୀ ଅସ୍ୟ ସୁରତାଭିଷ୍ୱଙ୍ଗେଣ ମମ ବଣିଷ୍ଟ—
ସଂଯୋଗକ୍ଷରସୁଖାନୁଭବଃ କସ୍ମିନ୍ନପି କଥାବେଦ୍ୟା ନ ଭବନ୍ତୀତି ।

ତଥାଚ ସରହ ପାଦଃ—

କୋ ପତିଜ୍ଜଇ କସୁ କହମି ଅଜ୍ଜ କହଇ ଣ ଆଉ
ପିମୁହଂଶଣେ ହଲେ ଣ ଟୁଲେସି ସଂସାସାଷ୍ଟ କାଉ

ଧ୍ରୁବ ପଦେନ ତମେବାର୍ଥଂ ଦୃଢୟନ୍ତି—
ଫିଟଲେସ୍ଵିତ୍ୟାହ—ଅତଏବାନ୍ତମିତି ପର୍ଯ୍ୟନ୍ତଃ । ମହାସୁଖ ଚକ୍ରସ୍ବରୁଟୀଂ ଦୃଷ୍ଟ୍ୱା ସ୍ଫୁଟମିତି । ବିଷୟାଦିବୃନ୍ଦଂ ମୟା ନୈରାତ୍ମ୍ୟା ତସ୍ମିନ୍ ସମୟେ ନ ସ୍ଫୁଟିତଂ ।
ସ୍ୱୟମେବାତ୍ମାନଂ ସଂବୋଧ ବଦତି, ଭୋ ମାତନୈରାତ୍ମ୍ୟେ ତଦିଦାନୀଂ ଯଂ ଯଂ ବିଷୟାଦଂ ପଶ୍ୟାମ୍ୟହ ସ କୋଽପି ନ ବିଦ୍ୟତେ । ସର୍ବେଷାଂ ମହାସୁଖମୟତ୍ୱାତ୍ ।

ଦ୍ୱିତୀୟ ପଦେନ ବଜ୍ରସ୍ୱରୂପମାହ—
ଯହିଲେ ଇତ୍ୟାଦି—ଆଦୌ ସଂବୃତ୍ତି ବ ସନା ପୃଷ୍ଠଂ କାଦ୍ୟେଽପ୍ୟୁଂ ପ୍ରସୃତଃ ଅସ୍ୟ କାୟସ୍ୟ ନାଡ଼ୀ ଦ୍ୱାତ୍ରିଂଶ ଢେଙ୍କା ତସ୍ୟ ପିଣ୍ଡୀକୃତ୍ୟ ସଦ୍ଗୁରୁ ବଚନ, ପ୍ରମାଣ ତୋ ବଜ୍ରଯୋଂମାର୍ଗେ ସତି ସୈକ ବାସନା ବରାକୀ କଥଂ ବିଦ୍ୟତେ । ନ ବିଦ୍ୟତେ ଏକ ପରଂ ।

ତୃତୀୟ ପଦେନ ଅଭ୍ୟାସଫଳମାହ—

ନବଯୌବନେତ୍ୟାଦି—ମୂଳଂ ସଂବୃତ୍ତି ବୋଧିଚିତ୍ତଂ । ତସ୍ୟ ନିଷ୍କୃତିଃ ମଣିମୂଳେ ମଣ୍ୟନ୍ତର୍ଗତେ ମୟା ନୈରାତ୍ମ୍ୟଭବନେନ କୁକ୍କୁରୀ ପାଦେନ କୃତା ।

ତଥାଚ ଶ୍ରୀ ହେବଜ୍ରେ—

ତୀବ୍ରଦୁଃଖଂ ଭବେଦ୍ ଘଣ୍ଟାଂ

ସ ତେନ ହେତୁନା ବିଷୟ ମଣ୍ଡନୋତ୍ସହ୍ୟାର କୃତଂ ନବଯୌବନମିତି ।
ତତ୍ ପ୍ରଜ୍ଞାବତ୍ ଦ୍ୱାତ୍ରିଂଶଲ୍ଲକ୍ଷଣ ବ୍ୟଞ୍ଜନାଶୀତି ମହାବଜ୍ରଧରଶରୀର-
ସ୍ୱନ୍ଦୋବେ ଭୂତୋଽସି ହେଃ କାୟବଜ୍ର ସାଧୁମେତତ୍ ।
ସ୍ୱପ୍ନମାତ୍ମାନଂ ସମ୍ବୋଧ ବଦତୀତି ।
ଚତୁର୍ଥ ସନ୍ଦନ ସଷଭ କାରତ୍ତ୍ୱ ମାହ—
ଭଣଥୀତ୍ୟାଦି—ଏଷ ସନ୍ତୁର୍ଥି ବୋଧିଚତ୍ତେ ହ୍ୱ ଭବଃ । ସ୍ଥିରମିତି ସ୍ଥିରଂ
କୃତ୍ୱା ପ୍ରଜ୍ଞାରବନ୍ଦୈ ଯୈ ଯୈ ଯୋଗୀନ୍ଦ୍ରୈ ନିରଞ୍ଜନରୂପେଣାବଗତଂ
ତେଽସ୍ମିନ୍ ଭବମଣ୍ଡଳେ ବଦ୍ଧ୍ୟାଙ୍କମର୍ଦ୍ଦନାତ୍ ଖାରଃ ।
ତଥାଚ କୃଷ୍ଣାଚାର୍ଯ୍ୟ ପାଦାଃ—
ଜୈଁ ବୁଝିଅ ଅବରଳ ସହଜ କ୍ଷଣୁ ଇତ୍ୟାଦି ।

—*—

ଅର୍ଥ:—

ମୁଁ ନବଣୀ ଶୂନ୍ୟ ମନର ଅଧିକାରୀ । ମନରେ କିଛି ନାହିଁ ମୋ ଶରୀର ଅବସ୍ଥା କହିଲେ ନ ସରେ । ମୁଁ ନବଣୀ ସଂସାରର କୌଣସି ପଦାର୍ଥ ପ୍ରତି ମୋର ଆସକ୍ତ ନାହିଁ । ମୋର ମନ ଶୂନ୍ୟତାରେ ପୂର୍ଣ୍ଣ ହୋଇଅଛି । ସେହି ମନ ବର୍ତ୍ତମାନ ମୋର ସ୍ୱାମୀ । ଶୂନ୍ୟତା ସହିତ ମୋର (ବିଜ୍ଞାନାନନ୍ଦ) ବିଶେଷ ମିଳନ ସୁଖ (ସୁରତ ସୁଖ) କଥାରେ କହିହେବ ନାହିଁ । ପ୍ରଥମରେ ଏହି ଦେହର ଅନ୍ତଃପୂଜା ଅର୍ଥାତ୍ ଭିତର ଫିଟାଇ ଚୁହିଁଲେ ସେ ସବୁ କିଛି ନାହାନ୍ତି । ବର୍ତ୍ତମାନ ଜୀବଙ୍କର ସମସ୍ତ ବାସନା ଦୂର ହୋଇଛି । ତେଣୁ ତାହାଙ୍କର ପଞ୍ଚଇନ୍ଦ୍ରିୟ ଅର୍ଥାତ୍ ବିଷୟ ଭୋଗ ରୂପକ ଶତ୍ରୁ ଆଉ ନାହାନ୍ତି । ୧ମ ବ୍ୟାଣରେ ବାସନାପୂର୍ଣ୍ଣ ହେଲା । ଅର୍ଥାତ୍ ଦୁର୍ଗନ୍ଧ ଦୁଡାଟିଏ ହେଲା । ସେ ପୂଜା କିଛି ନୁହେଁ । ଅଥବା ବାସନାରୁ ସବୁ ଉତ୍ପନ୍ନ ହୋଇଛି । ଶରୀରର ସମସ୍ତ ନାଡୀ ଦେଖି

ବିଗୁର କଲେ ଦେଖାଯାଏ ଯେ ବାସନାର ସ୍ଥାନ ରୂପରେ କୌଣସି ନାଡ଼ୀ ନାହିଁ, ତେଣୁ ବାସନାର ମୌଳିକ ସତ୍ତ୍ୱନାହିଁ । ଏହା ଶୂନ୍ୟମାତ୍ର । ଜାଣ, ମୋର ଯୌବନ ଆସିପୂରା (ଶେଷ) ହେଲା । ଏ ପୁଡ଼ାକୁ ନ ଖୋଲି ନାଶକର—ଅର୍ଥାତ୍ ବାସନା ସହିତ ସମ୍ପର୍କ ନ ରଖି ତାକୁ ନାଶ କର । କୌଣସି ବିଷୟର ମୂଳ ସତ୍ତା ରହୁନାହିଁ । ସମସ୍ତ ଶୂନ୍ୟ । ତେଣୁ ସଂସାରରେ ଭୋଗ-ବିଳାସ କିଛି ପଦାର୍ଥ ନାହିଁ । ତେଣୁ କବିଙ୍କ ହୃଦୟରୁ ସମସ୍ତ ବିଷୟ-ବାସନା ଦୂର ହୋଇ ଅଛି । କୁକକୁରିପାଦ କହୁଛନ୍ତି ଏ ସଂସାର ସ୍ଥିର, ଏ ସଂସାରରେ କାହାର ସୃଷ୍ଟି ହୁଏ ନାହିଁ । ତେଣୁ କାହାର ନାଶ ହୁଏ ନହିଁ । ଯେଉଁମାନେ ଏହି ତତ୍ତ୍ୱ ବୁଝି ବିଷୟବାସନା ଜୟ କରିଛନ୍ତି, ସେ ମାନେ ସଂସାରରେ ପ୍ରକୃତ ବୀର ।

—*—

## ପଦଟୀକା—

ହାଉଁ—ମୁଁ

ନିବାସୀ—ନିବାଶୀ ଓ, ସଂ-ନିରାଶ

ଖମଣ—ଖମନ—ଆକାଶ ଅର୍ଥାତ୍ ଶୂନ୍ୟରେ ପୂର୍ଣ୍ଣ ମନ

ଭତାରେ—ସ୍ୱାମୀରେ(୭ମୀ ବି)

ମୋହୋର—ସଂ ମମ ଓ-ମୋ ମୋହ+ର = ମୋହର-ମୋହୋର

ବିଗୋଆ—ବିଗ୍ରହ, ଦେହ ବା ବିଜ୍ଞାନ (ବର୍ଣ୍ଣବ୍ୟତ୍ୟୟ)

ବିହଣ୍ଣ—କଥନ

ଜାଇ—ଯାଇ

ଫେଟଲିଉ—ଫେଡ଼ିଲୁ

ମାଏ—ମା, ସଂ-ମାତା, ପ୍ରା-ମାଆ କମ୍ବା-ମାୟୂ ।

ଅନ୍ତଉଡ଼ି—ଅନ୍ତପୁଡ଼ି, ଅନ୍ତପୁଡ଼ା

ଗହିଁ—ସଂ-ଚଷ୍-ପ୍ରା-ଗହଧାତୁ (ଚଷିତ ବ୍ୟକ୍ତିଙ୍କ ବାଚ ଦର୍ଶନେ ଚ)

ଜା—ଯାହା ସଂ-ଯଃ

ଗହମା—ଗହିଁମ, ଗହାଧାତୁ ଉତ୍ତମ ପୁରୁଷ ବହୁବଚନ

ସୋ—ସେ

ଏଥୁ—ଏଥି, ସଂ-ଅତ୍ର

ନାହିଁ — ସଂ-ନାସ୍ତି

ପହିଲ—ସଂ-ପ୍ରଥମ ପ୍ରା-ପଠମ

ପଢମ, ପହିଲ

ବିଆଣ—ପ୍ରସବ, ସଂ-ବିଧାନ ଓ-
ଭିଅଣ ବିଅଣ

ବାହନ ପୁଡା— ବାସନାପୁଡା

ପୁଡା—ସଂ-ପୁଟ

ବିଆରନ୍ତେ—ବିସ୍ମରନ୍ତେ
ବିସ୍ମରଧାତୁ+ଅନ୍ତ
(ଶତୃସ୍ଥାନେ) ଭାବେ ୭ମୀ

ସେବ—ସଂ—ସୈବ—ସେହି

ବାପୁଡ଼ା—ଅନାଥାର୍ଥ

ଜାଣ—ସଂ-ଜ୍ଞାନ, ପ୍ରା ଓଡିଆରେ
ଜାଣ ଜ୍ଞାନ ଅର୍ଥରେ ବ୍ୟବହୃତ

ଜା+ଅଣ । ଯଥା—ସୁଜାଣ
ଜୋବଣ—ଯୌବନ, ପ୍ରା—
ଜୋବ୍ବଣ ।

ଭଇଲେସି - ହୋଇଲେସି ସଂ—
ଭୂ ଓ—ହୋଇଲେ

ଭଇଲେ—ହୋଇଲେ ।

ହୋଇଲେ+ସି=ହୋଇଲେସି ।

ଯଥା—ଶୁଣସି ଗୋ ମାଏ (ଶାମନ୍ତା)
ହୁଅସି, ଗଲାସି, ଇତ୍ୟାଦି ।
ନୁହସି ଆରତି ଖୋଜବା
କରତି (ବ: ଚ. '୬')

ନଖଳି—ନିକାଳି

ସଂଘର—ସଂହାର

ଭଣଥି— ଭଣନ୍ତି—ଭଣଇ

କୁକ୍‌କୁରପାଏ—କୁକୁର ପାଦେ ।

ଭବ—ତତ୍‌ସମ, ସଂସାର

ଥିର—ସଂ—ସ୍ଥିର

ଜୋ—ଯେ

ଏଥୁ—ଏଥି

ବୁଝଇ—ସଂ—ବୁଧ୍ୟତେ ।

ସୋ—ସେ

ଷାର— ଷାର

—*—

# ରାଗ—ବରାଡ଼ୀ

ଭୁସୁକୁ ପାଦାନାମ୍ :—

ନସି (୧) ଅନ୍ଧାରି ମୁସା (୨) ଅ ଗୁରା ।
ଓ-ନସି ଅନ୍ଧାରି ମୁଷା ଅଗୁରା ।
ଅମିଅ ଭଖଅ ମୁସା କରଅ ଅାହାରା (୩)
ଓ-ଅମିଅ ଭକ୍ଷକ ମୁଷା କରଇ ଆହାର ।
ମାରରେ ଜୋଇଆ ମୁ... ପବନା
ଓ-ମାର ରେ ଯୋଗିଆ ମୁଷା ପବନ ।
ଜେଣ (୪) ତୁଟଅ ଅବଣା ଗବଣା ।
ଓ-ଯେଣୁଁ ତୁଟଇ ଗମନାଗମନ ।
ଭବ ବିନ୍ଦାରଅ ମୁସା ଖଣଅ ଗାତି (୫)
ଓ-ଭବ ବିଦାରଇ ମୁସା ଖଣଇ ଗାତ ।
ଚଞ୍ଚଳ ମୁସା କଲଆ ନାଶକ ଥାତି
ଓ-ଚଞ୍ଚଳ ମୁସା କଳି ନାଶକ ଥାତି ।
କଳା (୬) ମୁସା ଉହ୍ନ (୭) ଣ ବାଣ
ଓ-କଳା ମୁସା ଉହ୍ନ ନ ବାଣ
ଗଅଣେ ଉଠି କରଅ (୮) ଅମିଅ (୯) ପାଣ
ଓ-ଗଗନେ ଉଠି କରଇ ଅମିୟ ପାନ
ତାବ (୧୦) ସେ ମୁଷା ଉଞ୍ଚଳ—ପାଞ୍ଚଳ
ତେବେ ସେ ମୁସା ଉଞ୍ଚଳ ପ୍ରଚଳ ।
ସଦ୍‌ଗୁରୁ ବୋହେ କରହ (୧୧) ସେ ନିଚଳ
ସଦ୍‌ଗୁରୁ ବୋଧେ କର ତାକୁ ନିଚଳ ।
ଜବେଁ ମୁସଏ (୧୨)ର ଆଚୁର (୧୨) ତୁଟଅ
ଯେବେ ମୁଷ ର ଆଚୁର ତୁଟଇ
ଭୁସୁକୁ ଭଣଅ ତବେ ବାନ୍ଧନ ଫିଟଅ
ଭୁସୁକୁ ଭଣଇ ତେବେ ବାନ୍ଧଣ ଫିଟଇ ।

---

୧-ନସଅ (କ) ୨-ସୁସାର ଗୁରା (କ) ଅାଗୁର (ଖ) ୩-ଅହାର
୪-ଜେଣ (କ) ୫-ଗାଛ (କ ଖ) ୬-କାଳ (କ) ୭-ଉହଣ (କ) ୮-ଚରଅ (କ) ୯-ଅମଣ ଧାଣ (କ) ୧୦-ବେସେ (କ) ୧୧-କରହ(କ)୧୨- ମୁଷା ଏରସୁ (କ) ମୁଷା ଅଗୁର (ଖ)

ଟୀକା—ତମେବାର୍ଥଂ ମୂଷକସନ୍ଧ୍ୟାବଚନେନ ଭୁସୁକୁପାଦାଃ ପ୍ରତିପାଦୟନ୍ତି । ନିଶି ଅନ୍ଧାରୀତ୍ୟାଦି—ମୁଷ୍ଣାତୀତି ମୂଷକଃ ସନ୍ଧ୍ୟାବଚନେ ଚିତ୍ତପବନଃ ବୋଧବ୍ୟଃ । ନିସି ପ୍ରଜ୍ଞା କର୍ମାଙ୍ଗନା ବା ବୋଧବ୍ୟା । ତସ୍ୟାଃ କର୍ମାଙ୍ଗନାୟା ବିଚରାଦିକ୍ଷଣେ କାୟାକନ୍ଦାଦି ବ୍ୟାପାରଦ୍ୱାରେଣ କୁଳିସାର-ବିନ୍ଦସଂଯୋଗ ବୋଧି ଚିତ୍ତ ମୃତ ସ୍ୱାଦ ହାରଂ ସଏବ ମୂଷକଃ ଚିତ୍ତ ପବନଃ ସ୍ୱୟଂ କରୋତି । ତସ୍ମିନ୍ ବିରମାନନ୍ଦାଂଶକ୍ଷିଣେ ଶ୍ରୀଗୁରୁମୁଖ୍ୟଲବ୍ଧୋ-ପାୟେନ ଦୃଢ଼ଂ ତସ୍ୟ ନିଃସ୍ୱଭାବୀ କରଣଂ ଭବତି । ତତ୍ କୁହଙ୍କୋ କାଳ-ଯୋଗିନସ୍ତେନ ସଂସାର ଯାତାୟାତଂ ଦ୍ୱୟାକାରନ୍ଧ୍ର ନୂଟ୍ୟତି ଚିତ୍ତଂ ଚ ନ ଶୋଭତେ ।

ତଥା ଗୃଗମଃ—

ଦ୍ୱୟାକାରେ ତ୍ୟାଗପ୍ରକଟପଟୁସମ୍ବିତ୍ତିସୁଭଗେ
ଘନାନନ୍ଦୋତ୍କାର୍ଣ୍ଣେ ପ୍ରବଳରସ ପୂର୍ଣ୍ଣାମ୍ବରତଳେ ।
ସ୍ଫୁଟନ୍ନାନାକାରୈରୁପଚିତଗମେତାନ୍ତରଗତେ—
ଇଦଂ ତନ୍ନୈରୁକ୍ତ୍ୟଂ ଲୟମିବ ଗତଂ ଖ୍ୟାତି ମନସି ।

ଦ୍ୱିତୀୟପଦେନ ମୂଷକ ଚିତ୍ତସ୍ୟ ବ୍ୟବହାରୋଽନୁ ବର୍ଣ୍ଣ୍ୟତେ ଭବେତ୍ୟାଦି--ଭବଗାଢ଼କୃତ୍ୱା ଭବଂ ମ୍ଳାନ ସ୍ୱଂ ବିଦାରୟତି ପ୍ରକୃତିଚାଞ୍ଚଲ୍ୟତୟା ସ ଏବ ଚିତ୍ତଂ ମୂଷକୋଽନ୍ୟଥାଭାବଂ କୁରୁତେ । ଗଚ୍ଛତି ତିର୍ଯ୍ୟଙ୍ନରକାଦି ଦୁର୍ଗତି ଯାଚେ । ସ୍ୱୟମେବ ଉତ୍ପାଦୟତି । ଅତଶ୍ଚିତ୍ତମୂଷକସ୍ୟ ପ୍ରକୃତି-ଦୋଷ-ମାକଳଯ୍ୟ ହେ ଯୋଗିନ୍ ପ୍ରସାଦାତ୍ତୋପଦେଶେନ ତସ୍ୟ ଗତ୍ୟାରୋପଣଂ ନ କରିଷ୍ୟସୀତି ।

ତୃତୀୟପଦେନ ତସ୍ୟ ସ୍ୱରୂପମାହ— କାଳେତ୍ୟାଦି ସଂବୃତି ବୋଧିଚିତ୍ତଂ ଦୁନାଶକତ୍ୱେନ ସ ଏବ ଚିତ୍ତମୂଷକଃ କାଳଃ । ତସ୍ୟ ପିଣ୍ଡ-ଗ୍ରାହନୁଟଭେଦ ବିଚାରେଣ ହେ ଯୋଗିନ୍ କର୍ଣ୍ଣୋପଲମ୍ଭୋପଦେଶୋ ନ ବିଦ୍ୟତେ । ଗଗନମିତି ଗୁହ୍ୟସମ୍ପ୍ରଦାୟାତ୍ ମହାସୁଖକମଳବନଂ ଗତ୍ୱା ପୁନରାଗତ୍ୟ ପରମାର୍ଥ ବୋଧିଚିତ୍ତ ମଧୁପାନାସ୍ୱାଦଂ କରୋତି ।

ତଥାଚ ପରବର୍ତ୍ତନେ ମୀନନାଥଃ—

କହନ୍ତି ଗୁରୁପରମାର୍ଥେର ବାଟ, କର୍ମକୁରଙ୍ଗ ସମାଧିକ ପାଟ ।
କମଳ ବିକସିଲ କହିହ ଣଜମରା । କମଳ ମଧୁ ପିବିବି ଧୋକେ
ନଉମସା ।

ଚତୁର୍ଥ ପଦେନ ବଜ୍ରଗୁରୁମାହାତ୍ମ୍ୟମାହ—
ତାବ ଦେତ୍ୟାହ— ତତ୍ର ମୂଷକୋଽସ୍ମିଂ ତାବଦେବ ମୋହମାନେନୋ-
ନ୍ମତୋ ଭବତି । ଯାବତ୍ ସଦ୍ଗୁରୁବଚନ ଯନ୍ତ୍ରସନ୍ନିଧାନଂ ନ ଭବତି ।
ହେ ଯୋଗିନ୍ ତସ୍ମାତ୍ ଗୁରୌ ପ୍ରଣିଧାନମାଚରଭ୍ୟତାମିତି ।
ତଥାଚ ସରହ ପାଦାଃ—ଯସ୍ୟ ପ୍ରସାଦ କରଣୈରିତ୍ୟାହ—
ପଞ୍ଚମ ପଦେନ ତନ୍ମୂଷକସ୍ୟ ସ୍ୱରୂପମାହ—
ଜବେମିତ୍ୟାହ—ଯସ୍ମିନ୍ ସମୟେ ସହଜାନନ୍ଦ ତତ୍ର ମୂଷକସ୍ୟ ଗୁରଃ!
ଅହମିତି ପ୍ରତ୍ୟାବେଷପସ୍ପତା ନୃଟ୍ୟତି । ତସ୍ମିନ୍ ସମୟେ ସଂସାର ବନ୍ଧନଂ
ତସ୍ୟ ସ୍ଫୁଟମିତି ।
ଯଥ ଗ୍ଲୁଗମଃ —

ସଂସାରୋଽସ୍ତି ନ ତତ୍ତ୍ୱତସ୍ତନୁଭୃତାଂ ବନ୍ଧସ୍ୟ ଗୃହୈବ କା
ବନ୍ଧୋ ଯସ୍ୟ ନ ଯାତି କ ଚେତତଥ ମୁକ୍ତସ୍ୟ ମୁକ୍ତିଃ ସ୍ୱଃ ।
ମିଥ୍ୟାବେଷପକ୍ତତୋଽଥ ରଜ୍ଜୁଭୁଜଗ ଛ ସ୍ୱ ପିଶାଚଭ୍ରମୋ
ମା କଞ୍ଚିତ୍ ତ୍ୟଜ ମା ଗୃହାଣ ବିଳସ ସ୍ୱେ ସ୍ୱୋ ଯଥାବସ୍ଥିତଃ ।

—o—

ଅର୍ଥ—

ମନ ଅତି ଚଞ୍ଚଳ । ତାହାକୁ ସ୍ଥିର କରିବା ସହଜ ନୁହେଁ । ନିଶ୍ୱାସ ପବନ ସ୍ଥିରହେଲେ ମନ ନିଜେ ନିଜେ ସ୍ଥିର ହୋଇ ଯାଏ । କବି ମନକୁ ମୂଷା ସହିତ ତୁଳନା କରୁଛନ୍ତି ଅନ୍ଧାର ରାତିରେ ଚଞ୍ଚଳ ମୂଷା ଚରବୁଲି ଅମିୟ ପଦାର୍ଥମାନ ଭକ୍ଷଣ କରେ । ସଂସାର ଅବିଦ୍ୟା ଅଜ୍ଞାନ ଅନ୍ଧକାରରେ ଆବୃତ । ଏହି ଅନ୍ଧାରେ ମନମୂଷା ବିଷୟ ବାସନା ଭିତରେ ବୁଲି ୨ ବୋଧିଚିତ୍ତ ନିର୍ବାଣର ଅମିୟ ରସ ନଷ୍ଟ କରୁ ଅଛି ।

ତେଣୁ କବି ଯୋଗୀମାନଙ୍କୁ ସମ୍ବୋଧନ କରି କହୁଅଛନ୍ତି—ତୁମ୍ଭେମାନେ ଏହି ମନ ମୁଷାକୁ ମାର। ଅର୍ଥାତ୍ ମନପବନ ସ୍ଥିରକର। ତାହାକଲେ ସଂସାରରେ ଆଉ ଯା ଆସ କରିବାକୁ ହେବ ନାହିଁ। ଅର୍ଥାତ୍ ପୁନର୍ଜନ୍ମ ହେବନାହିଁ। ଏହି ମନମୁଷା ସଂସାରରେ ଗାତ ଖୋଲି ରହି ଏହି ମନ ସଂସାର ସୃଷ୍ଟି କରେ ଓ ସେଥିରେ ନିଜେ ବାନ୍ଧି ହୋଇ ରହେ। ଏହି ଚଞ୍ଚଳ ମନମୁଷାକୁ କଳନା କରି, ତାହାର ପ୍ରଭାବ ନାଶକର ଏହିମନମୁଷା କଳା (କୁତ୍ସିତ), ଭାଷାରେ ତାହାର ବର୍ଣ୍ଣନା କରି ହେବନାହିଁ। ଏହି ମନମୁଷା ଉର୍ଦ୍ଧ୍ୱକୁ ଯାଇ ଅମୃତ ପାନକରଇ ଅର୍ଥାତ୍—ସାର କଥା ନଷ୍ଟ କରି ପ୍ରକୃତରେ ଦର୍ଶନରେ ବାଧା ଦିଅଇ। ଚଞ୍ଚଳ ହେଲେ ସଦ୍‌ଗୁରୁର ଉପଦେଶ ଅନୁସାରେ ତାହାକୁ ନଷ୍ଟକ କର। ଏହିମନର ଗତି ସ୍ଥିର ହେଲେ ସଂସାର ବନ୍ଧନ ଫିଟିଯାଏ।

—o—

ସମଭାବ ପଦ୍ୟ—

ମନମୂଷା ହେ ତୁ ଗଞ୍ଜାଇ ଖାଇ।
ବନେ ବିରାଡ଼ିକୁ ଚିହ୍ନିଲୁ ନାହିଁ।
ଗାତୁଆ ମୁଷାକୁ ବିରଡ଼ି ଜଗିଛି।
ମୁଷ ବସି ଅଛି ଗଞ୍ଜାଇ ଖାଇ।

(ଗଙ୍ଗାଧର = ଶରୀର ଭେଦ ଭଜନ ପୃଷ୍ଠା)

ସଦ୍ ଗୁରୁଯେ ମାରେ ଗୋଇଠା। ଅନ୍ଧାର ଘରେ ଜାଳେ ଦୀଇଠା।

(ଅଚ୍ୟୁତାନନ୍ଦ)

ମନସ୍ଥିର କରିବାର ଉପାୟ—

ପାଞ୍ଚମନ କର ଠୁଳ। ନବାଟଦୀପ ପ୍ରାୟେ ଜାଳ।
ଚଞ୍ଚଳ ଚିତ୍ତ ସ୍ଥିର ବୁଦ୍ଧି। ଚେତା ଚୈତନ୍ୟ କରିବନ୍ଦୀ।
ହେତୁର ମୂଳେ ଧରି ଟାଣି। ବହନ୍ତା ନଦୀକୁ ଉଜାଣି।
ଧୀରେ ସଧୀରେ ମନ ସୂନ୍ଧେ। କ୍ଷଣେ ନମିଷେ ଦଣ୍ଡେ ନଡେ।
ଉଜାଣ ଲୟ ଯୋଗ ଖଟ। ତ୍ରିକୂଟେ ପାଡ଼ଣ କବାଟ।

କଣ୍ଠ ଘଟିକା ସୂତେ ଭିଡ଼ି । ଆକର୍ଷି ହେତୁପଥେ ଚଢ଼ି ।
ମେରୁଦଣ୍ଡୁଆରେ ମୂଦ୍ରାପାଡ଼ି । ବସ ତୁ ଊର୍ଦ୍ଧ୍ୱଣି କ ଭିଡ଼ି ।
ଶିଖ କ୍ଷେପିଲେ ସେ ନର୍ଝର । ମେଳା ହୋଇବ ପରମର ।
ବ୍ରହ୍ମ ଦର୍ଶନେ ଯିବ ଦୁଃଖ । ହେଲେ ଲଭିବ ଆତ୍ମାସୁଖ ।
ପରମେ ପରେ ହୋଇଲେ । ଆଉକ ଗତି ଅଛି ପରେ ।
(ବ୍ର: ଶ: ପୃ: ୧୧)

## ପଦଟୀକା—

ନିସି—ନଶି, ସଂ-ନଶା
ଅନ୍ଧାରି - ଅନ୍ଧାରୁଆ, ରଜା ଅନ୍ଧାରି ବଜେକଲେ ।
ଅନ୍ଧାର+ଇ [ଅଛି ଅର୍ଥରେ]
ମୂସା—ମୂଷା ସଂ,-ମୂର୍ଷିକ
ଆଚ ର | ଆ [ସବୁଆଡ଼େ] ବିଚରଣ କରେ ।
ଅମିଅ—ଅମିୃ, ସଂ-ଅମୃତ ।
ଭଖଅ—ଭକ୍ଷକ
କରଅ—କର, କୃ = ଓ-କରଧାତୁ ଲେଟ୍ ମଧ୍ୟ, ପୁ ୧ବ, ସ୍ୱରଚିହ୍ନ, 'ଅ'
ଯଥା—ଯାଅ-ଖାଅ ।
ଆହାରା—ଆହାର ।
ଜୋଇଆ—ଯୋଗିଆ-ଯଥା ରାମା, ହରିଆ; ମଧୁଆ
ମୁସାପବନା —ମୂଷାପବନ
ଜେଣ—ଯେନ, ଓ ଯେଣେ

ଭୁଟଅ—ଭୁଟଇ ସଂ-ସ୍ଫୁଟ୍ୟତ
ଅବଣା ଗବଣା-ଗମନ ଗମନ
ଭବ—ତତ୍‌ସମ, ସଂସାର
ବନ୍ଦରଅ—ବଦାରଇ
ଖଣଅ—ପ୍ରା, ଓ = ଖଣଇ, ସଂ —ଖଣତି ।
ଆଧୁନିକ—ଓ-ଖୋଳଇ, ସଂ-ଖଦ୍ (ଖଣ୍ଡନାର୍ଥ)
ପ୍ରା—ଖୁଡ଼, ଖୋଳ ଧାତୁ ପ୍ରାଚୀନ
ଓ—ଖଣଇ (ଖଣି ଅଣ ,କିମ୍ବା ଖନ ଖୋଳଇ)
ଯଥା—ଗହନ—ଗହଳ । କ୍ରମେ ଉଚ୍ଚାରଣରେ ଗଳ— ଖୋଳଧାତୁ ହୋଇଛି ।
ଗାତୀ-ଗ ତ, ଗାଡ଼ ସଂ-ଗର୍ଭ-ଗଡ଼୍ଡ
କଳଆ କଳ

ଆଡ—ସ୍ଥିତ, ଟେକ (ମର୍ଯ୍ୟାଦା)
    ତୋର ଆଡ ଅଚ୍ଛୁ।
ବାଣି—ସଂ-ବର୍ଣ୍ଣି
ଗଅଣେ—ଗମନେ
କରଅ—କରଇ।
ଘାଣ—ଘାନ
ଚାବ—ତେବେ, ସଂ-ତାବତ୍
ଉଞ୍ଚଳ ପ୍ରାଞ୍ଚଳ—ଉଚ୍ଛଳ ପ୍ରଚଳ।
ବେଢେ—ବୋଧେ
କରହୁ—କର, କର+ହୁ=କରଅ

ନଚଳ—ଓ—ନଚଳ, ସଂ-ନଶ୍ଚଳ
ଜବେ—ଯେବେ, ସଂ—ଯାବତ୍
ସ୍ତ୍ରା—ଜେ-ଯେବେ।
ଭୁଟଅ—ଭୁଟଇ
ଭଣଅ—ଭଣଇ
ବାନ୍ଧନ—ବାନ୍ଧଣା, ସଂ-ବନ୍ଧନ
    କପିଳଙ୍କ ହାତରେ ବାନ୍ଧଣା
    ପାଇ (ଭୁ· ମ)
ଫିଟଅ—ଫିଟଇ।

—o—

# ରାଗ—ଗୁଞ୍ଜରୀ

**ସରହ ପାଦାନାମ୍ :—**

ଅପଣେ ରଚି ରଚି ଭବ ନିବାଣ । ।
ଓ—ଆପଣେ ରଚି ରଚି ଭବ ନିର୍ବାଣ ।
ମିଛେଁ ଲୋଅ ବନ୍ଧାବଏ ଅପଣା
ଓ—ମିଛେଁ ଲୋକ ବନ୍ଧାବଇ (ବନ୍ଧାଏ) ଆପଣା ।
ଅମ୍ହେ (୧)ଣ ଜାଣହୁଁ ଅଚିନ୍ତ ଜୋଇ
ଓ—ଆମ୍ହେ ନ ଜାଣହୁଁ ଅଚିନ୍ତା ଯୋଗୀ ।
ଜାମ ମରଣ ଭବ କଇସଣ ହୋଇ
ଓ—ଜନ୍ମ ମରଣ ଭବ କେସନ ହୋଇ ।
ଜଇସୋ ଜାମ ମରଣ ବି ତଇସୋ
ଓ—ଯିସ ଜନ୍ମ ମରଣ ବି ତିସ ।
ଜୀବନ୍ତେ ମଲେ (୨) ନାହ୍ନିଁ ବିଶେସୋ ।
ଓ—ଜୀବନ୍ତେ ମଲେଁ ନାହ୍ନିଁ ବିଶେଷ ।
ଜା ଏଥୁ ଜାମ ମରଣେ ବିସଙ୍କା
ଓ—ଯେ ଏଥି ଜନ୍ମ, ମରଣେ ବିଶଙ୍କା
ସୋ କରଉ ରସ ରସାନେରେ କଙ୍ଖାଂ (୩)
ଓ—ସେ କରୁ ରସ ରସାୟନର (ଆ) କାଙ୍କ୍ଷା ।
ଜେ ସଚରାଚର ତିଅସ ଭ୍ରମନ୍ତି ।
ଓ—ଯେ ସଚରାଚର ତିଦଶ ଭ୍ରମନ୍ତି ।
ତେ ଅଜରାମର କିମପି ନ ହୋନ୍ତି ।
ଓ—ସେ ଅଜରାମର କିମପି ନ ହୋନ୍ତି ।
ଜାମେ କାମ କି କାମେ ଜାମ
ଜନ୍ମେ କାମ କି କାମେ ଜନ୍ମ ।
ସରହ ଭଣତି ଅଚିନ୍ତ ସୋ ଧାମ
ସରହ ଭଣନ୍ତି ଅଚିନ୍ତ୍ୟ ସେ ଧାମ ।

---

୧—ଅହେ୍ଣ (ଖ,ଗ)  ୨—ମଇଲେ, (ଖ)  ୩—କଖା (କ)

ତମେବାର୍ଥଂ ସର୍ବଧର୍ମାଧିଗମେନ ସରହପାଦଃ ପ୍ରତିପଦୟନ୍ତି—

ଅପଣେତ୍ୟାଦି— ଅନାଦ୍ୟବିଦ୍ୟାବାସନାଦୋଷେଣ ଭବନିର୍ବାଣ-କଳ୍ପାରୋପଣଂ କୃତ୍ୱା ଲୋକାଽୟଂ ଭ୍ରାନ୍ତ୍ୟା ସ୍ୱୟମେବ ଭବବନ୍ଧନବନ୍ଧୋ ଭବତୀତି ।

ଧ୍ରୁବପଦେନ ସ୍ୱଜ୍ଞାନଂ ଦୃଢୟନ୍ତି—

ଅନ୍ଧ ଇତ୍ୟାଦି—ସିଦ୍ଧାଚାର୍ଯ୍ୟ ସରହପାଦାଃ ଏବଂ ବଦନ୍ତି-ଗୁରୁଚରଣରେଣୁ-ପ୍ରସାଦାତ୍ ଭବସ୍ୱରୂପ ପରିଜ୍ଞାନେନାଚନ୍ତ୍ୟା ଯୋଗିନୋ ବୟଂ । ଅତଏବ ଉତ୍ପାଦାଦିଭଙ୍ଗଂ କୀଦୃଶଂ ଭବତୀତି ନ ଜାନୀମଃ ।

ତଥାଚ ଏକଶ୍ଲୋକାଭଗବତ୍ୟା—

ଉତ୍ପାଦସ୍ଥିତିଭଙ୍ଗଦୋଷରହିତ ମିତ୍ୟାଦି ।

ଦ୍ୱିତୀୟ ପଦେନ ଉତ୍ପାଦସ୍ୱରୂପମାହୁଃ—

ଜଇସୋ ଇତ୍ୟାଦି— ସର୍ବେ ନୈରାତ୍ମାଦିଗମେନ କସ୍ୟାପି ଦୋ ବିଦ୍ୟତେ ଭୋ ଯୋଗୀନ୍ଦ୍ରାଃ । ସ୍ୱୟମେବ ଆତ୍ମାନଂ ସମ୍ବୋଧ୍ୟ ବଦନ୍ତି । ଯସ୍ୟୋତ୍ପାଦୋ ନାସ୍ତି ତସ୍ୟ ଭଙ୍ଗୋଽପି ନ ଦୃଶ୍ୟତେ ।

ତଥା ଗୁହ୍ୟସିଦ୍ଧୌ—

ଯସ୍ୟ ସ୍ୱଭାବୋ ନୋତ୍ପତ୍ତି ର୍ବିନାଶୋ ନୈବ ଦୃଶ୍ୟତେ ।
ତଜ୍ଜ୍ଞାନମଦ୍ୱୟଂ ନାମ ସର୍ବସଙ୍କଳ୍ପବର୍ଜିତମ୍ ।

ଅତଏବ ଜଗତା ପ୍ରତ୍ୟକ୍ଷେଣ ସମ୍ବାଦବେନ ସହ ଭେଦୋପଲମ୍ଭୋ ନ ସ୍ତୀତି ।

ତଥାଚ ସୂତ୍ରକେ—

ସୁପ୍ତ ପ୍ରବୁଦ୍ଧେ ତୁ ନ ଚାନ୍ୟଭେଦଃ
ସଙ୍କଳ୍ପପୂତ୍ ସ୍ୱପ୍ନଫଳାଭିଳାଷୀ ।

ତୃତୀୟ ପଦେନ ସ୍ୱୟମେବାନୁଶଂସାମାହୁଃ—

ଯସ୍ମିନ୍ ମରଣାଦିଭୟଂ ବା ବିଦ୍ୟତେ । ସୋଽପି ଯୋଗୀ ରସାୟନେ ଷ୍ୱଧାଦି କଳ୍ପପ୍ରୟୋଗଂ କରୋତି । ବୟଂ ପୁନଃ ମରଣାଦିଭୟେ ନିଃଶଙ୍କ ନିର୍ବିକଳ୍ପରୂପାଃ ।

ଚତୁର୍ଥ ପଦେନ ପୁନୁରପ୍ୟନିଶଂସାମାହୁଃ—

ଯେ ଇତ୍ୟାଦି—ଯେ ଯେ ବାଳଯୋଗିନଃ ଜମ୍ବୁଦ୍ୱୀପ ମଣ୍ଡାସ୍ଥାନେ ସଚସ୍-ଚଂରେ ଭ୍ରମନ୍ତି । ଅଥବା ମନ୍ତ୍ରୌଷଧିଦ ଶକ୍ତ୍ୟା ଦିଗ୍‌ଦଶଂ ଦେଶାନ୍ତରଂ ଗଚ୍ଛନ୍ତି । ତେଽପି ଗୁରୁମାର୍ଗାଲବ୍‌ଧତ୍ୱାତ୍‌ ମରଣଂ ନ ପ୍ରାପ୍ନୁବନ୍ତି । ବସ୍ତୁମପ୍ୟ ଛେଦ୍ୟା ଭେଦ୍ୟ ରୂପାଃ ।

ପଞ୍ଚମ ପଦେନ ବର୍ତ୍ତ ମାହାତ୍ମ୍ୟମାହୁଃ—

ଜ୍ଞାମେତ୍ୟାଦି — ଜର୍ଣ୍ଣକର୍ମବିହୀନସ୍ୟ ଯୋଗୀନ୍ଦ୍ରସ୍ୟ ଜନ୍ମ କର୍ମ କିଂ ଭବତି । କର୍ମଣା ବା ଉତ୍ପାଦସ୍ତୁ । ଅତଏବ ସରହପାଦଃ ସ୍ୱାଭିପ୍ରାୟଂ ବଦନ୍ତି । ପରମାର୍ଥବିଦ୍ ଯୋଗିନାଂ ଅଚିନ୍ତ୍ୟା ହି ।

—*—

## ଅର୍ଥ –

ସାଧାରଣ ଲୋକେ ଭବ ଓ ନିର୍ବାଣ ମନରେ କଳ୍ପନା କରନ୍ତି । ତହିଁ ଲୋକ ମିଛେ ୨ ଆପଣାକୁ ସଂସାରରେ ବନ୍ଧାଇ ରଖନ୍ତି । ସଂସାର ଓ ନିର୍ବାଣରେ ପ୍ରଭେଦ ନାହିଁ । ଜନ୍ମ ଯାହା ମରଣ ତାହା, ଖାଇଲେ ମଲେ କିଛି ପ୍ରଭେଦ ନାହିଁ । ଭବ ଓ ନିର୍ବାଣ ଭିନ୍ନ ଏହି ଜ୍ଞାନ ଭ୍ରମପୂର୍ଣ୍ଣ । କାରଣ—ସଂସାରର ପ୍ରକୃତ ସ୍ୱରୂପ ଜାଣିଲେ ନିର୍ବାଣ ଲାଭ ହୁଏ । ତେଣୁ ସଂସାର ଓ ନିର୍ବାଣକୁ ଭିନ୍ନ ୨ ବୋଲି ଭାବିବା ଉଚିତ ନୁହେଁ । ପ୍ରକୃତରେ ସଂସାରର ଅସ୍ତିତ୍ୱ ନାହିଁ । କାରଣ ଏହି ଉତ୍ପନ୍ନ ହୁଏନାହିଁ ଆମ୍ଭେମାନେ ଯାହାସବୁ ଦେଖିଅଛୁଁ, ତାହା ରଜ୍ଜୁରେ ସର୍ପଭ୍ରମପରି ମିଥ୍ୟା ଅବିଦ୍ୟା ବା ମାୟା ଯୋଗୁଁ ଆମ୍ଭର ଏହିପରି ଭ୍ରମଧାରଣା ହୋଇଥାଏ । ଜନ୍ମ ଓ ମୃତ୍ୟୁ ମଧ୍ୟ ସେହିପରି ଭ୍ରମ । ଜନ୍ମ ମରଣ ଭିତରେ କୌଣସି ପ୍ରଭେଦ ନାହିଁ । ଯାହାର ଉତ୍ପତ୍ତି ଅଛି—ତାହାର ମରଣ ଅଛି ।

ଏ ସଂସାରରେ କାହାରି ଜନ୍ମହୁଏ ନାହିଁ । ତେଣୁ କାହାର ମରଣ ନାହିଁ । ଯେଉଁମାନେ ଜନ୍ମ ମରଣକୁ ଭୟକରନ୍ତି, ସେମାନେ ରସ ରସାୟନ ପ୍ରଭୃତି ବିବିଧ ଔଷଧ ଭକ୍ଷଣ କରି ମରଣରୁ ରକ୍ଷାପାଇବାକୁ ଚେଷ୍ଟା କରନ୍ତି । କିନ୍ତୁ ତତ୍ତ୍ୱଜ୍ଞ ଲୋକର ମୃତ୍ୟୁକୁ ଭୟ ନାହିଁ ତେଣୁ ତାହାର ରସ

ଉପାସନାର ଆବଶ୍ୟକତା ନାହିଁ । ଯେଉଁମାନେ ଦାନ ଯଜ୍ଞ ପ୍ରଭୃତି ପୁଣ୍ୟ କାର୍ଯ୍ୟ କରି ସ୍ୱର୍ଗକୁ ଯାଆନ୍ତି । ଯେଉଁମାନେ ପାପ କର୍ମକରି ନରକକୁ ଯାଆନ୍ତି ସେମାନେ ପୁଣି ଏହି ନରକକୁ ଫେରି ଆସନ୍ତି । ତେଣୁ ସେମାନେ ଅନନ୍ତକାଳ ରହି ପାରନ୍ତି ନାହିଁ । ଜୀବର କର୍ମ ଫଳ ଶେଷ ହେଲେ ସେମାନଙ୍କୁ ସଂସାରରେ ପୁଣି ଜନ୍ମ ଗ୍ରହଣ କରି-ବାକୁ ପଡେ । କର୍ମରୁ ଜନ୍ମ, ଜନ୍ମରୁ କର୍ମ ହୋଇଥାଏ । କେବଳ -ଚକ୍ର ଭଳି ଘୂରୁଥିଲେ ଲୋକ ଅନନ୍ତକାଳ ଘୂରୁଥାଇ । ତେଣୁ ଜନ୍ମରୁ କର୍ମର ସୃଷ୍ଟି କିମ୍ବା କର୍ମରୁ ଜନ୍ମର ସୃଷ୍ଟି । ଏହି ସବୁ ବନ୍ଧନର ପ୍ରୟୋଜନ ନାହିଁ । ଲୋକେ ପ୍ରକୃତରେ ବୁଦ୍ଧି ନ ପାଇ ନିଜେ ନିଜେ ସ୍ୱର୍ଗ ନରକ, ସଂସାର, ନିର୍ବାଣ ପ୍ରଭୃତି କଳ୍ପନା କରି ସୃଷ୍ଟି କରନ୍ତି ।

— * —

ସମନ୍ୱୟ ପଦ୍ୟ—

ଦାନ ଯଜ୍ଞ କିମ୍ବା କରି ପ୍ରାଣୀମାନେ ସ୍ୱର୍ଗ ସମ୍ପତ୍ତି ଲଭନ୍ତି
ଫଳ ସମ୍ପୂର୍ଣ୍ଣ ହୋଇଗଲେ ସଂସାରେ ନାନା ଯୋନିରେ ଭ୍ରମନ୍ତି ।
ଏଣୁ କରି କର୍ମ ଅଟଇ ଯେ ଭ୍ରମ ପରତେ ତାକୁ ନ ଯିବୁ
ଅକର୍ମ ନିଷ୍କାମେ ବାସୁଦେବ ଭକ୍ତି ଅନୁଭବରେ ମଜ୍ଜିବୁ ।

(ଅଣାକାର, ସଂ, ପୃ ୪୪)

ନର୍କବା ସ୍ୱର୍ଗବା ତୁଲ ମନେ ଯାନ୍ତି ଭୁଞ୍ଜି ।
ମଧୁର ମୋହନ ରୂପ ନିଜେ ଦେଖୁଛନ୍ତି ।

(ଶୂ, ସଂ, ପୃ ୧୬)

ନବ ନାଟକ ଯେ କୁଣ୍ଡଳୀ ଶକ୍ତି । ଔଷଧ ମୂର୍ଚ୍ଛା ଗାଢ଼ରେ ମନ୍ତ୍ର ।
ନବ ନାଟକ ପଞ୍ଚତତ୍ତ୍ୱ ଆଦି । ଉଦୟ ନମନ୍ତେ ଏମାନ ସାଧି ।
ଅନେକ ଲୁଗାରେ ବର୍ତ୍ତନ ନାହେଁ । ମୁକ୍ତି ବନ୍ଧନକୁ ନାହିଁ ଜୟାନ୍ତେ ।
ଏହା ଜାଣେ ଅଛି ପରମାନନ୍ଦ । ତାକୁ ଚିହ୍ନିଲେ ଅନାହତକର ।

(ଯଶୋବନ୍ତ ଦାସ)

## ପଦଟୀକା—

ଅପଣେ--ଆପଣେ, ସଂ-ଆତ୍ମନ୍
ରଚ ୨—ରଚନା କର, ସଂ-ରଚ
ଭବନ୍ଧବାଣ—ସଂସ ର ଓ ମୁକ୍ତ
ମିଚ୍ଛେ—ମିଛରେ, ସଂ-ମିଥ୍ୟା ପ୍ରା-
ମିଚ୍ଛା-ଓ-ମିଛ+ଏ
(ଏନସ୍ଥାନେ) ଶସ୍ଥା ବ, ।
ଲୋଏଁ—ଲୋକ
ବନ୍ଧାବଏ—ବନ୍ଧାଏ ସଂ-ବନ୍ଧ ଧାତୁ
ନାମ ବନ୍ଧାପଯୃତ, ପ୍ରାଚୀନ ଓ
ବନ୍ଧାବଇ ଘ ନଇ ବାବଇ
ପ୍ରଭୃତି ।
ଅପଣା—ଆପଣାକୁ
ଜାଣନ୍ତୁ—ପ୍ରା-ଓ-ଜାଣନ୍ତୁ-ଆ-ଓ
ଜାଣୁ-ସଂ-ଜ୍ଞାଧାତୁ, ଓ- ଜାଣ
ପ୍ରାକୃତରେ ଲେଟ ଉତ୍ତମ
ପୁରୁଷରେ 'ମୁଁ' ପ୍ରତ୍ୟୟ
ହୁଏ—ଯଥା ହୋମୁ-ହୋଉଁ
ଜାଣମୁ ଜାଣଉଁ ଜାଣନ୍ତୁ
— ଜାଣୁଁ
ଅଚନ୍ତା—ଅଚିନ୍ତ୍ୟ ଓ ଅଚନ୍ତା ।
ଯୋଗାଇ—ଯୋଗ
ଜାମ—ଜନ୍ମ
ଜଇସୋ—ସଂ-ତାଦୃଶ, ଯାଇସ
ଜଇସ-ଯିସା । ଏଥୁ ଅନନ୍ତରେଯିସ ।

ଜହ୍ନିବା ଗୋବର୍ଦ୍ଧନରସ
(ଇ ବ)
ତଇସୋ – ସଂ-ଯାଦୃଶ, ତାଇସ,
ତଇସ, ତିସ,
ଗାବାନ୍ତେ—ଗାଅନ୍ତେ
ମଇଲେ—ମଇଲେ } ଭାବେ ୭ମୀ
ବଶେସୋ—ବିଶେଷ
ଜା—ଯେ
ଏଥୁ—ଏଥି
ବିସଙ୍କା—ବିଶଙ୍କ ବିଶେଷଣଙ୍କ
ଯୁକ୍ତା
ସୋ—ସେ
ଜନ୍ତୁ—ଜନ୍ତୁ
ରସାନେର—ରସାୟନର
କଙ୍ଖା—କାଙ୍କ୍ଷା
ତିଅସ—ତ୍ରିଦଶ, ସ୍ୱର୍ଗ
ଭମନ୍ତ—ଭ୍ରମନ୍ତି
ହୋନ୍ତି—ହୁଅନ୍ତି ।
ଜମେ—ଜନ୍ମେ
କାମ—ସଂକର୍ମନ୍-ପ୍ରା-କମ୍ମ ଓ-
କାମ
କାମେ—କାମରେ
ଅଚନ୍ତ—ଅଚନ୍ତ୍ୟ
ସୋ—ସୋ
ଧାମ—ସ୍ଥାନ

# ରାଗ ବଡ଼ାରୀ

## ଭୁସୁକୁ ପାଦାନାମ୍—

ଜଇ ତୁମ୍ହେ ଭୁସୁକୁ ଅହେରି(୧) ଜାଇବେ ମାରିହସି ।
ପଞ୍ଚଜଣା

ଓ—ଯଦି ତୁମ୍ଭେ ଭୁସୁକୁ ଶିକାରେ ଯିବ ମାରିବି ପଞ୍ଚଜଣ ।

ନଳିନୀବନ(୨) ପଇସନ୍ତେ ହୋହିସି ଏକୁ ମଣା

ଓ—ନଳିନୀବନ ପଶନ୍ତେ ହୋଇବି ଏକମନା ।

ଜୀବନ୍ତେ ଭେଲା ବିହଣି ମଏଲ ରଅଣି(୩)

ଓ—ଜୀବନ୍ତେ ହେଲା ବିହାଣ ମଲେ ରଅଣି (ରଜନୀ)

ହଣବିଣୁ ମାଂସେ ଭୁସୁକୁ ପଦ୍ମବଣ ପଇସହିଲ (୪)

ଓ—ହଣା ବିନୁ ମାଂସେ ଭୁସୁକୁ ପଦ୍ମବନ ପଶିଲ ।

ମାଆଜାଲ ଫରକ ଲେ (୫) ବାଧେଲ (୬) ମାଆହରିଣୀ

ଓ—ମାୟାଜାଲ ପସାରିଲେ ବାନ୍ଧିଲ ମାୟା ହରିଣୀ

ସଦ୍ଗୁରୁ ବୋହେଁ ବୁଝିରେ କାସୁ କହିଣ ।

—ସଦ୍ଗୁରୁ-ବୋଧେ ବୁଝିରେ କାହାର କେତେ ଯାଏ ।

---

୧—ଅହେରି (କ)
୨—ନଳିଣୀ ବନ (ଖ)
୩—ନ ଅଣି (ଖ)
ଣଅଣି (କ)
୪—ପଇ ସହିଲି (ଗ)
୫—ଲେରେ (ଖ)
୬—ବାଧେଲ (କ, ଖ)

ଅର୍ଥ—

ବଡ ବଳଭୁ କହୁଛନ୍ତି—ଯେବେ ଶିକାରକୁ ଯିବ, ତେବେ ପଞ୍ଚ ସ୍କନ୍ଧ ବା ପଞ୍ଚ ଇନ୍ଦ୍ରିୟ ପାଞ୍ଚଜଣଙ୍କୁ ମାର । ତହୁଁ ପଦ୍ମବନରେ ପଶିଲା କ୍ଷଣି ଏକ ମନ ହୁଅ । ଶାପନ୍ତା ଅବସ୍ଥାରେ ଜ୍ଞାନର ଭଜ ହୋଇଛି । ମନେ ସନ୍ଧି ହେବ । ମୁଁ ଏ ପାଞ୍ଚଜଣଙ୍କୁ ହିଂସା ନ କରି ମାଂସ ବିନା ପଦ୍ମ ବନରେ ପ୍ରବେଶ କରିଅଛି । ମୁଁ ବର୍ତ୍ତମାନ ମାୟାଜାଲ ଅପସାରିତ କରି ମାୟା ସରଣୀକୁ ବଧ କରିଅଛି । ତାହାର ବା ସଂସାରରେ କେତେ ଭଳ ? ଏହିସବୁ ତତ୍ତ୍ୱ ମୁଁ ଗୁରୁଙ୍କ ଉପଦେଶରୁ ବୁଝିଅଛି ।

—*—

ସମଭାବ ପଦ୍ୟ—

କାଳନ୍ଦୀ ହ୍ରଦରେ ଫୁଟିଛି କଇଁ
ହସ୍ତ ବଢ଼ାଇଛି ତୋଳିବା ପାଇଁ
ଫୁଲ ଫୁଟି ଫୁଲ ଲେଉଟି ରହିଛି
ଛଳିକ ଭ୍ରମର ହେଉଛି ବାଇ ।

[ଦାନକୃଷ୍ଣ ଶଗର ଭେଦ ଭଜନ]

ଛଉଗଣି କାଠି ଗମ୍ଭୀର ଜଳ । ପାଞ୍ଚପାଖୁଡ଼ା ଫୁଟିଛି କମଳ
ବୀଟ ବାଉ ଜୁଣ ଗୁଡ଼ ଓଗାଳ । ଖୁଡ଼ ସେନାପତି ଏଥି ପ୍ରବଳ ॥
ଖୁଡ଼ ସେନାପତି ଜିଣିବ ଯେବେ । ଏକାକ୍ଷର ବ୍ରହ୍ମ ଦେଖିବ ତେବେ ॥

(ଯଶୋବନ୍ତ ଦାସ)

—o—

## ପଦଟୀକା—

ଜଇ—ଯଦି

ଭୁମ୍ ଭ୍ରେ—ଭୁମ୍ଭେ,

ଅହେଡ଼—ଶୀକାର, ସଂ—
ଆଖେଟିକ
ଆହେଡ଼=ଅହେଡ଼

ଜାଇବେଁ—ସଂ-ଯା=ଜା+ଇବ୍ୟ
ସ୍ଥାନେ ଇବ

ମାରହସି—ସଂ-ମାରୟସି=ମାରବ ।

ପଞ୍ଚଜଣା—ପାଞ୍ଚଜଣ ।

ପଇସନ୍ତେ—ପଶନ୍ତେ, ସଂ—ପ୍ର+
ବିଶ ପ୍ରା—ପଇସ+(ଶତୃସ୍ଥାନେ)
ଅନ୍ତଶବେ ୭ମୀ

ଏକୁ ମଣା—ଏକମନ

ଖାବନ୍ତେ—ଖାଅନ୍ତେ

ଭେଳ—ଭେଲା—ଭଇଲ=ହେଲା

ବହଣି—ସଂ-ବେ-ବସ୍ତ୍ରବନ୍
(M : W) ବ୍ରନ୍ଧୀ ବଦ୍ଧାନ
ସଖାନ

ମଏଲ—ମଲେ, ସଂ-ମୃ-ଧାତୁ ଓ
ମର+ଇଲ=ମରିଲ,
ମରିଲ । ମଏଲ, ମଲ—ଶବେ
୭ମୀ

ରଅଣି—ରୟଣୀ—ରଜନୀ

ହଣ+ହଣା, ସଂ—ହତ

ବନୁ—ସଂ—ବନ।

ପଦ୍ମବଣ—ପଦ୍ମବନ

ପଇସନ୍ତିଲ—ସଂ-ପ୍ରବିଶସି-ଓ-ଇଲ

ପସର—ଅପସର

ବଧେଲ—ବଧକଲ ।

ମାଆହରଣୀ—ମାୟାରୂପକ ମୃଗ

କୋହେଁ—କେଧେଁ

ବୁଝି—ବୁଝ

କାହୁଁ—କସ୍ୟ

କ—କେବେ ।

—o—

# ରାଗ—ଶବରୀ

**ଶାନ୍ତି ପାଦାନାମ୍ :—**

ତୁଳା ଧୁଣି ଧୁଣି ଆଂସୁରେ ଆଂସୁ
ଓ—ତୁଳା ଧୁଣି ଧୁଣି ଆଂସୁରେ ଆଂସୁ । (ଧୁନଧୁନ)
ଆଂସୁ ଧୁଣି ଧୁଣି ଣିରବର ସେସୁ
ଓ—ଆଂସୁ ଧୁଣି ୨ (ଧୁଣି) ନିରବୟବ ଶେଷ ।
ତଉସେ ହେରୁଅ ଣ ପାବିଅଇ
ଓ—ତହୁଁ ସେ ହେରୁକ ନ ପାବଇ ।
ଶାନ୍ତି ଭଣଇ କିଣ (୧) ସଭାବ ଅଇ ।।
ଓ—ଶାନ୍ତି ଭଣଇ କିଣ ସେ ଭାବଇ
ତୁଳା ଧୁଣି ଧୁଣି ସୁଣେ ଅହାରିଉ
ଓ—ତୁଳା ଧୁଣି ଧୁଣି ଶୂନ୍ୟେ ହାରିଲୁ ।।
ପୁଣ ଲଇଆଁ ଅପଣା ଚଟାରିଉ
ଓ—ପୁଣି ନେଇ ଆପଣା ଛଡ଼ାଇଲୁ ।
ବହଳ ବଟ (୨) ଦୁଇମାଗ ଣ ଦିଶଅ
ଓ—ବହଳ ବାଟ ଦୁଇମାର୍ଗ ନ ଦିଶଇ ।
ଶାନ୍ତି ଭଣଇ ବାଳାଗ ଣ ପଇସଅ ।।
ଓ—ଶାନ୍ତି ଭଣଇ ବାଳଅଗ ନ ପଶଇ ।।
କାଜ ଣ କାରଣ ଜ ଏହୁ ଜୁଗତି (୩)
ଓ—କାର୍ଯ୍ୟ ନ କାରଣ ଯେ ଏହୁ ଯୁଗତି ।।
ସଅ ସମ୍ବେଅଣ ବୋଲଥି ସାନ୍ତି ।।
ଓ—ସ୍ୱ ସମ୍ବେଦନ ବୋଲଇ ଶାନ୍ତି ।।

---

୧—କିଣସଭ କିଅଇ (କ) ୩—ଜଅତି (କ)
୨—ବଟ (ଖ) ୪—ସୁଏଁ (କ)

ଟୀକା—

ଜ୍ଞାନାନନ୍ଦ ପ୍ରମୋଦଭରସ୍ତିମିତ ହୃଦୟଃ ସିଦ୍ଧାର୍ଥସ୍ତସ୍ୟୈ ସ୍ୱ ଶାନ୍ତ-ତ୍ତ୍ୱମେବାର୍ଥଂ ଜନାର୍ଥାୟ ପ୍ରତିପାଦୟନ୍ତି ।—ଭୁକ୍ତେତ୍ୟାଦି—ପ୍ରକୃତିଦୋଷ-ତ୍ୱାତ୍ ଭୁଜନ ଯୋଗ୍ୟତ୍ୱେ ଲୋକ୍ୟଂ କାୟବାକ୍ଚିତ୍ତଂ । ଅସ୍ୟ-ଜନ୍ମ ଜନ୍ମାନ୍ତ-ଭେଦେନାବସ୍ଥାନମେକପ୍ରମାଣୋପପନ୍ନଂ କୃତ୍ୱା ମଧ୍ୟାବସ୍ଥସ୍ୟ ଖଣ୍ଡଂ ଖଣ୍ଡ-ସାଧନଃ କ୍ରିୟା ସ ଏବାବୟବ ଉପମାଣୁପୁଞ୍ଜସ୍ୟ ପରମାଣୋଃ ଖଣ୍ଡଙ୍ଗତାଭାବେନ ତଂ ଧୃତ୍ୱା ଧୃତ୍ୱା ନିରବୟମିତି ନିରବୟବଂ ସୂଚିତଂ । ତଥା ଗୃହେଭୁକ୍ତାତ୍ୱାତ୍ ତସ୍ୟ ତତ୍ତ୍ୱସ୍ୟ ହେତ୍ୟାନ୍ତ ନ ପ୍ରାପ୍ୟତେ । ଶାନ୍ତପାଦୋ ବଦତି ଖଣ୍ଡକୋପଲମ୍ଭାଭାବେ ନ ତଂ ଲଭ୍ୟତେ ତଥାଚ ପ୍ରଜ୍ଞା ପରିଚ୍ଛେଦେ ବର୍ଣ୍ଣିତ ଇତ୍ୟାହ ।

ଦ୍ୱିତୀୟ ପଦେନ ତମେବାର୍ଥଂ ଦୃଢୟନ୍ତି –ଭୁକ୍ତିଧୂର୍ତ୍ତୀତ୍ୟାଦି-ତତ୍ ବସ୍ତୁର-ପ୍ରମାଣତ୍ୟବସ୍ଥାନଂ ଦତ୍ତ୍ୱା ଶୃଣ୍ୱନ୍ତି । ପ୍ରବିଷ୍ଟର ରତ୍ନଂ ପ୍ରବେଶିତଂ ମତ୍ୱା ତଂ ପ୍ରବିଷ୍ଟରଂ ଗୃହୀତ୍ୱା ଚଟାରିକ ଇତି । ଅସ୍ମତ୍ପ୍ରବନ୍ଧବ୍ୟାଖ୍ୟାକରୂପଂ ବାଧିତମିତି ।

ତଥାଚ ଦ୍ୱିକଲ୍ପେ—

ନାସ୍ତି ଭବକୋ ନ ଭାବୋଽସ୍ତୀତ୍ୟାଦି ।

ତୃତୀୟ ପଦେନ ମାର୍ଗସ୍ୟାନୁଶଂସାମାହ—

କଦଳେତ୍ୟାଦି-ଅଦ୍ୱୟତ୍ୱାଦସ୍ମିନ୍ ମାର୍ଗବରେ ଦୃଷ୍ଟାକାରଂ ନ ଲଭ୍ୟନ୍ତେ । ଅତଏବ ଶାନ୍ତିପାଦୋ ହି ବଦତି । କାଲୋହ୍ୟଙ୍ଗୋଽସ୍ମିନ୍ ଧର୍ମେ ନ ପ୍ରବିଷ୍ଟ ସୁଦୂର ଏବ । ଅଥବା ନାଳେକ୍ଷୁ ରେଖାସନ୍ଧି ମାତ୍ରମପି ନ ଲଭ୍ୟତେ ।

ତଥାଚ ନାଗାର୍ଜୁନ ପାଦାଃ—

ଯୌଗୀର୍ଯ୍ୟନ୍ତେ କାପ୍ୟେ ଇତ୍ୟାଦି ।

ଚତୁର୍ଥ ପଦେନ ସ୍ୱରୂପୋପଲମ୍ଭମାହ—

କାଜେତ୍ୟାଦି—ସିଦ୍ଧାଗ୍ରୁଟୀଯାନ୍ତି ଶାନ୍ତିଃ ସ୍ୱୟଂ କାର୍ଯ୍ୟକାରଣରହିତତ୍ୱାତ୍ । ଅନୁତ୍ତର ପଦଂ ବଦତି । ଏଷାନ୍ତି ଯୁକ୍ତି । ପ୍ରମାଣୋ ପନ୍ଥା ସଦ୍ଗୁରୁ ପ୍ରସାଦାଦନୁତ୍ତରପଦଂ ସ୍ୱୟଂଜ୍ଞାୟତେ ।

ତଥାଚ ବିକଳ୍ପେ—ଆତ୍ମନାଜ୍ଞାୟତେ ପୂର୍ଣ୍ଣାତ୍ ଗୁରୁପଦୋପାସେବୟା ।

**ଅର୍ଥ**—ମନ ସଂସାର ସୃଷ୍ଟି କରେ । ଚିତ୍ତ ମାୟା ବା ଅବିଦ୍ୟା ଯୋଗୁଁ ସନ୍ଦିଗ୍ଧ ହୋଇଥାଏ । ତେଣୁ ତାହାର ବାହାରେ ଅଭିବ୍ୟକ୍ତି ଯୋଗୁଁ ସଂସାର ସୃଷ୍ଟି ହୋଇଥାଏ । ଆମ୍ଭେମାନେ ଯାହାକିଛି ଅନୁଭବ କରୁ ସେ ସମସ୍ତ ଏହି ଚିତ୍ତର ସାହାଯ୍ୟରେ କରିଥାଉଁ । ଚିତ୍ତ ନ ଥିଲେ ସଂସାରର ଉପଲବ୍ଧି ହୋଇପାରେ ନାହିଁ । ତେଣୁ ଚିତ୍ତ ସଂସାରର ସୃଷ୍ଟି କର୍ତ୍ତା ଚିତ୍ତର ନିଜରୂପ ନାହିଁ । କାୟାକୁ ଅବଲମ୍ବନ କରି ଚିତ୍ତ ରହିଥାଏ । କାୟାକୁ ବିଭାଗ କଲେ ଶେଷରେ ଅଣୁମାତ୍ର ଅବଶିଷ୍ଟ ରହେ । ଭୂମିକୁ ଭାଙ୍ଗିଲେ ଅଂଶ ବାକି ରହେ । ସେହି ଅଂଶକୁ ପୁଣି ୨ ଭାଙ୍ଗିଲେ ଅତିସୂକ୍ଷ୍ମ ଅଂଶ ରହିଥାଏ କିନ୍ତୁ ସେହି ସୂକ୍ଷ୍ମ ଅଂଶ ଶୂନ୍ୟ ଆକାଶରେ ମିଶିଯାଏ । ସେହିପରି କାୟା ଓ ଚିତ୍ତକୁ ବିଭାଗ କଲେ ପରମାଣୁ ବାକି ରହେ । ସେହି ପରମାଣୁକୁ ବିଭାଗ କଲେ ସେ ଶୂନ୍ୟରେ ମିଶିଯାଏ, ତହୁଁ ଶୂନ୍ୟ ଅବଶିଷ୍ଟ ରହେ । ଚିତ୍ତ ଶୂନ୍ୟରେ ପରିଣତ ହେଲେ ଅର୍ଥାତ୍ ମନକୁ ସଂସାରରୁ ନିବୃତ୍ତ କରି ସ୍ଥିର କଲେ କୌଣସି ଦେବତାଙ୍କର ଭାବନା ମଧ୍ୟ ଲୋପପାଏ । ଏହି ଶୂନ୍ୟ ଅବସ୍ଥାରେ ଚିତ୍ତ ଅଚିତ୍ତ ହେଲେ, ମନ ଅମନ ହେଲେ ଆଉ କିଛି ଭାବିବାକୁ ରହେ ନାହିଁ । ଏହାର ନାମ ଶୂନ୍ୟଦର୍ଶନ ବା ନିର୍ବାଣାବସ୍ଥା । ଏହି ଅବସ୍ଥାରେ କେବଳ ପରମାନନ୍ଦର ଉପଲବ୍ଧି ହୁଏ । ସେଠାରେ ଅନ୍ୟ କୌଣସି ପଦାର୍ଥର ଉପଲବ୍ଧି ହୁଏ ନାହିଁ । ସେଠାରେ ଦ୍ୱୈତ ଜ୍ଞାନ ରହେ ନାହିଁ । ଜ୍ଞାତା ଜ୍ଞେୟ ଜ୍ଞାନ ଏକାକାରରେ ପରିଣତ ହୁଏ । କେବଳ ମହାଶୂନ୍ୟ । ବିଶାଳ ବାଟର ଯେପରି ଦୁଇପାଖ ଦେଖା ଯାଏନାହିଁ । ସେହିପରି ଏହି ଅନନ୍ତ ମହାଶୂନ୍ୟର ଅନ୍ତମିଳେ ନାହିଁ । ଏ ବାଟ ଏତେ ସୂକ୍ଷ୍ମ ଯେ ବାଳାଗ୍ର ପଶି ପାରେ ନାହିଁ । ସଂସାର କାର୍ଯ୍ୟ କାରଣ ଭାବରୁ ଉତ୍ପନ୍ନ । ମହାଶୂନ୍ୟର ଉପଲବ୍ଧି ହେଲେ କାର୍ଯ୍ୟ କାରଣ ଭାବ ରହେ ନାହିଁ । କେବଳ ନିଜେ ନିଜକୁ ଅନୁଭବ କରେ । ଏହି ଅନୁଭବ ବେଦରେ କହି

ହେବନାହିଁ ତାହା କେବଳ ଅନୁଭବରେ ଜଣାଯାଏ । ଏହା ଶ କ୍ତିପାଦ ଭଣିଲେ ।

ସମଗ୍ର ବପଦ୍ୟ—

ଶୂନ୍ୟ ବୋଲବାକୁ ସର୍ବେ ଗଲେ ଅନ୍ତରେ
କିଛି ନ ଦଶନ୍ତି ପଳାଇଲେ ଭୟକରେ ।
ଅମନ ମନ୍ଦର ସେ ଯେ ନ ଗମଇ ମନ
ନ ଥିଲ ଯହିଁ ଏ ପୁର ଦଶୁଅଛି ଶୂନ୍ୟ ।
ଯାକୁ ଦୟା ହେବ ଅସାଧନାରେ ଦେଖିବ
ଅନୁମାନ ଅନୁଭବ ପଥରେ ଦଶିବ ।

(ବ୍ରହ୍ମନିରୂପଣଗୀତା ପୃ୨୨)

ଆତ୍ମାକୁ ଆତ୍ମାରେ ତୁ ଦେଖ । ଦେଖିଲେ ପ ଇବୁ ତୁ ସୁଖ ।
ସକଳ ସୁଖ ଉପେଖ । ଜ୍ଞାନ ଲଭିବୁ ପ୍ରତ୍ୟକ୍ଷ ।

( ବ୍ର· ଶ )

କାହିଁର ମଣ୍ଡଳେ ପଶିବ । କମଳ ଦଳ ଆକର୍ଷିବ ।
ତହିଁ ଚୈତନ୍ୟ ମୂଳ ହେତୁ । ଖଞ୍ଜାଇ ମହାଶୂନ୍ୟ ପଥୁଁ ।
ଚନ୍ଦ୍ର ସୂର୍ଯ୍ୟ ଗମ୍ୟ ନୁହଇ । ବାୟୁ ଗମିବ ଅବା କାହିଁ ।
ପରମ ସଙ୍ଗତରେ ନେବେ । ଅଭୟ ପୁର ଦେଖାଇବେ ।
ଚହ୍ନିଲେ ଅଣାକାର ବ୍ରହ୍ମ । କଟିବ ଜନ୍ମ ମୃତ୍ୟୁ-ଭ୍ରମ ।

( ବ୍ର· ଶା· ପୃ୭୭ )

ଅଶୂନ୍ୟ ହୋଇଣ ଯେ ଥିଲକ ଏକସ୍ଥାନ
ଅଦଭୁତ ସ୍ୱରୂପ ହୋଇଲା ଏକ ଶୂନ୍ୟ ।
ସେହି ଶୂନ୍ୟ ମଧ୍ୟରେ ଯେ ନିରାକାର ସ୍ଥିତ
ନିରାକାର ଅଙ୍ଗରୁ ପରମ ବ୍ରହ୍ମ ମୂର୍ତ୍ତି ।

( ଅଚ୍ୟୁତାନନ୍ଦ ଦାସ )

—*—

## ପଦଟୀକା—

ଧୂଣି—ଧୂନ୍, ପ୍ରାଦେ-ସମ୍ବଲପୁର
ଭୁଳାଭୁଣି ? (ଧୂ—କମ୍ପନାର୍ଥ
ଧ ଭୁର) ଶ୍ୱଦ—ଧୂନ୍‌ଜା
ଆଂସୁ—ସଂ-ଅଂଶୁ
ନାରବର—ନରବସ୍ତୁବ ।
ସେ ସୁ—ନଶଷ
ତଲ୍ଲୁ—ତନ୍ତୁ
ସେ—ସଂ-ସଃ
ହେରୁଅ—ହେରୁକ(ବୌଦ୍ଧଦେବତା)
ପାବଅଇ—ପାବଇ, ପାଅଇ
ସଂ—ପ୍ରାପ୍ୟତେ, ପ୍ରା ପାଇଅଇ
ପାବଅଇ—ପ ଅଇ ।
କାଏ—ସଂ କାଦୃଶ
ଭାବଅଇ—ଭବଇ ସଂ-ଭାବ୍ୟତେ
ପ୍ରା—ଭାବଅଇ = ଭାବଇ
ଧୁଚନ—ଶୂନ୍ୟକୁ ସ୍ତୁରେ ଏକତ୍ୱ ପୁ
ଅହାରିଅ ହାରିଲୁ
ପୁଣ—ପୁଣି, ସଂ-ପୁନଃ
କମ୍ବା-ସଂ-ପୁଣ୍ୟ, ସା-ପୁଣ୍‌ଣ = ପୁଣ
ଲଇଁଆ—ଲେଇଁ = ନେଇ
ଛଟାରିଅ-ଛଡାଇଲୁ,ସଂଠୀ-ବ ଧିତ

ତଠ—ଧାତୁ
ବଦ୍ଧଳ—ତତ୍‌ସମ
ବଠ—ବାଠ, ସଂ—ବର୍ତ୍ମ
ମାର—ମାର୍ଗ
ଦିଶଇ—ସଂ—ଦୃଶ୍ୟତେ,
ପ୍ରା—ଦିସ୍‌ସଇ ଦିଶଇ
ବାଳାଗ—ବାଳର ଅଗ, ସଂ-ଅଗ୍ର
ପ୍ରା, ଅଗ—ଓ—ଅଗ
ପଇସଅ—ପସଇ, ସଂ—ପ୍ରବଶନ୍ତି
ପ୍ରା—ପଇସଇ = ପସଇ
କଜ—କାର୍ଯ୍ୟ
ଜ—ଯେ
ଏହୁ—ଏହି, ସଂ-ଏଷୋ
= ଏହୁ = ଏହି
ଜୁଗତି—ସଂଯୁକ୍ତି
(ବର୍ଣ୍ଣ ବିପ୍ରକର୍ଷ ଯୁକତି ଯୁଗତି ।
ସଅ—ସ୍ୱ
ସଂବେଅଣ—ସମ୍ବେଦନ
ବୋଲଥି—ବୋଲନ୍ତି ବୋଲଇ
ପ୍ରା—ବୋଲ୍ଲିଧାତୁ ।

—*—

## ରାଗ—କାମୋଦ

ଭୁସୁକୁ ପାଦାନାମ୍ :—

ଅଧରାତି ଭର କମଲ ବିକସଉ (୧)
ଓ-ଅଧରାତି ଭର କମଳ ବିକସୁ ।
ବତିସ ଜୋଇଣୀ ତସୁ ଅଙ୍ଗ ଉହ୍ଲସଉ (୨)
ଓ-ବତିସ ଯୋଗିନୀ ତହୁଁ ଅଙ୍ଗ ଉଲ୍ଲସୁ ।
ଚାଲଅ (୩) ଷଷହର [୪] ମାଗେ ଅବଧୂଇ
ଓ-ଚାଲ ଶଶଧର ମାର୍ଗେ ଅବଧୂତ ।
ରଅଣହୁ ସହଜେ (୫) କହେଇ
ଓ-ରମଣହୁଁ (ରତନହୁଁ) ସହଜେ କହଇ ।
ଚାଲଅ ଷଷହର ଗଉ ନିବାଣେ
ଓ-ଚାଲ ଶଶଧର ଗଲୁ ନିର୍ବାଣେ ।
କମଳିନି କମଳ ବହଇ ପଣାଳେଁ
ଓ-କମଳିନୀ କମଳ ବହଇ ପ୍ରଣାଳେ ।
ବିରମ ନନ୍ଦ ବିଲକ୍ଷଣ ସୁଧ
ଓ-ବିରମ ନନ୍ଦ ବିଲକ୍ଷଣ ଶୁଦ୍ଧ
ଜୋ ଏଥୁ ବୁଝଇ ସୋ ଏଥୁ ବୁଧ
ଓ-ଯେ ଏଥୁ ବୁଝଇ ସେ ଏଥୁ ବୁଧ ।
ଭୁସୁକୁ ଭଣଇ ମଇ ବୁଝିଅ ମେଳେଁ
ଓ-ଭୁସୁକୁ ଭଣଇ ମୁଇଁ ବୁଝି ମେଳେ ।
ସହଜାନନ୍ଦ ମହାସୁହ ଲୀଳେଁ (୬]
ଓ-ସହଜାନନ୍ଦ ମହାସୁଖ ଲୀଳେ ।

---

୧—ବିକସିଉ [ଖ ଗ]
୨—ଉହ୍ଲସିଉ [ଖ ଗ]
୩—ଚାଲଉଅ [କ
୪—ସସହର [ଖ]
୫—ସଂହଜେ (ଘ]
୬—ଲେଳେଁ ଖ ଗ

**ଟୀକା—**

ତମେବାର୍ଥଂ ସହଜାନନ୍ଦରସପୂର୍ଣ୍ଣୀ ଶ୍ରୀ ଭୁସୁକୁ ସିଦ୍ଧାଚାର୍ଯ୍ୟଃ ପ୍ରତିପାଦୟନ୍ତି । — ଅଧରାତୀତ୍ୟାଦି— ତତ୍ର ସେକପଟଳୋକ୍ତବଧନାତ୍ ଅର୍ଦ୍ଧରାତ୍ରୌ ଚତୁର୍ଥୀସନ୍ଧ୍ୟାୟାଂ ପ୍ରଜ୍ଞାଜ୍ଞାନାଭିଷେକଦ ନ ସମୟେ ବଜ୍ରସୂର୍ଯ୍ୟ-ରଶ୍ମିନା କମଲଂ ବିକସିତଂ ମମ । ତସ୍ମିନ୍ ସମୟେ ଦ୍ୱାତ୍ରିଂଶଦ ଯୋଗିନୀମନ୍ତ ଦ୍ୱାତ୍ରିଂଶନ୍ନାଡ଼ିକା ବୋଧିଚିତ୍ତବହା ଲଳନାରସନାବଧୂତୀ । ଅଭେଦ୍ୟାଃ ସୂକ୍ଷ୍ମରୂପାଦିକା ବୋଧବ୍ୟାଃ । ତତ୍ର ସ୍ଥାନେ ସ୍ରବନ୍ତି । ତାସାଂ ଆନନ୍ଦାଦିସନ୍ଦୋହେନାଙ୍ଗୋହ୍ଲା ସୋଭୁତ୍ ।

ଧ୍ରୁବ ପଦେନ ସଦ୍‌ଗୁରୁ ପ୍ରଭାବମାହ — ତସ୍ମିନ୍ କାଳେ ତେନ ହେତୁନା ଶଶହରବୋଧିଚିତ୍ତଚନ୍ଦ୍ରଃ । ଅବଧୂତିମାର୍ଗେଣ ବଜ୍ରଶିଖରଂ ଗତଃ । ସଦ୍‌ଗୁରୁବଚନତତ୍ତ୍ୱରତ୍ନ ପ୍ରଭାବାତ୍ ସାମର୍ଥ୍ୟ ସହଜାନନ୍ଦଂ କଥୟନ୍ତି ।

ତଥାଚ ସରହପାଦାଃ —ଚିତ୍ତଶଶ (ହ) ର ମିତ୍ୟାଦି । ଦ୍ୱିତୀୟ ପଦେନ ତମେବାର୍ଥଂ ବଦନ୍ତି—

ଜଳଅଇତ୍ୟାଦି — ଶଶହରେ ହି ବୋଧିଚିତ୍ତମବଧୂତୀମାର୍ଗେଣ ଯତ୍ ପ୍ରଚଳିତଂ-ସ ଏବ ଗୁରୁସମ୍ପ୍ରଦାୟାତ୍ ବଜ୍ରଶିଖରଗ୍ରେ ନିର୍ବାଣଂ ପ୍ରଭାସ୍ୱରଂ ଗତଂ । କମଲରସଂ ମହାସୁଖରସମସ୍ୟ ସ୍ତୀତି କମଲିନୀ । ସୈବ ପ୍ରକୃତି ପରିଶୁଦ୍ଧାବଧୂତିକା ନୈରାତ୍ମା କମଲରସଂ ତମେବ ବୋଧିଚିତ୍ତମହାସୁଖ-ରସେନ କାୟବଜ୍ରଂ ପ୍ରାଣପୂର୍ତ୍ତ୍ୱା ମହାସୁଖ ଚନ୍ଦୋଽଦ୍ଧେଶଂ ବହନ୍ତୀତି ।

ତଥାଚ କୃଷ୍ଣାଚାର୍ଯ୍ୟପାଦଃ—

ପହବହନ୍ତେ ଣିଅମଣ ବନ୍ଧନେତ୍ୟାଦି । ତୃତୀୟ ପଦେନ ତମେ-ବାର୍ଥଂ କଥୟନ୍ତି —

ବରମାନନ୍ଦେତ୍ୟାଦି—ବିଲକ୍ଷଣଚତୁର୍ଥାନନ୍ଦ ଶୁଦ୍ଧୋଽୟଂ ବିରମାନନ୍ଦଃ । ଯସ୍ୟ ଯୋଗୀନ୍ଦ୍ରସ୍ୟାବଗମୋ ଗୁରୁପ୍ରସାଦବହନ୍ତି ଶମଭୂତ୍ ସଏବ ଭଗବାନ ବଜ୍ରଧରଃ । ଦ୍ୱାତ୍ରିଂଶଲ୍ଲକ୍ଷଣଯୁକ୍ତୋ ବ୍ୟଞ୍ଜନା ଶୀତ୍ୟଲଂକୃତଃ । ଅନଧିଗତତ୍ତ୍ୱେନୋମହାବକାଶୋ ନ ସ୍ୟାଦିତି ।

ତଥାଚ ଦବଡ଼ୀ ପାଦାଃ— ଗବାଂ ଯୂଥ ନ୍ୟାୟ ଇତ୍ୟାଦି

ଚତୁର୍ଥ ପଦେନ ସୂବୋଧଂ ଦ୍ରଢ଼ୟତି—
ଭୁସୁକୁ ଭଣଇ ଇତ୍ୟାଦି—ଭୁସୁକୁ ପାଦୋ ହି ବଦତି । ମୟା ଭୁସୁକୁପାଦେନ ପ୍ରଜ୍ଞୋପାୟମେଳକେ ସହଜାନନ୍ଦଂ ମହାସୁଖଂ ସଦ୍‌ଗୁରୁ ପ୍ରସାଦାଲ୍ଲୀନସ୍ୟା-ବଗତଂ ।

—※—

ଅର୍ଥ—

ପୁରୁଷ ଚନ୍ଦ୍ର ଗ୍ରହଣ କରି ଅଧିଗତି ଭରି ବତିସ କାର୍ଯ୍ୟିକାଙ୍କର ଦେହ ଉଲ୍ଲସାଇ ସେମାନଙ୍କ ସମ୍ଭୋଗରେ ଯେଉଁ ସୁଖ ଅନୁଭବ କରେ କବି ମହାଶୂନ୍ୟ ଦର୍ଶନରେ ସେହି ସୁଖ ଅନୁଭବ କରୁଛନ୍ତି । କବି ସେହି ସମ୍ଭୋଗ ଶୃଙ୍ଗାର ରୂପକଚ୍ଛଳରେ ନିଜ ସାଧନ ମାର୍ଗର କଥା କହୁଛନ୍ତି । ତାନ୍ତ୍ରିକମତରେ ସାଧନାରେ ଦୀକ୍ଷିତ ହେବାବେଳେ ଅଭିଷେକ କରାଯାଏ । ତାହାକୁ ବଜ୍ରଯାନରେ ଚତୁର୍ଥସନ୍ଧ୍ୟା ବା ଅଧିବତି କୁହାଯାଏ । କବି କହୁଛନ୍ତି ଅଧିଗତି ଭରି ମୋର ଉଷ୍ଣୀଷକମଳ ( ସହସ୍ରଦଳ କମଳ ) ବିକଶିତ ହେଉ । ମହାସୁଖ ସ୍ଥଳୀ କମଳ ବିକଶିତ ହେଲେ ଶରୀରର ସମସ୍ତ ନାଡ଼ୀ ଉଲ୍ଲସିତ ହେଉ ।

ବର୍ତ୍ତମାନ କବି ସେହି କମଳ ବିକାଶ କରିବାର ଉପାୟ ନିର୍ଦ୍ଦେଶକରୁଛନ୍ତି ଚନ୍ଦ୍ରମାର୍ଗ ( ଇଡ଼ା ନାଡ଼ୀ ) ଗ୍ରହଣ କରି ନିର୍ବାଣ ଉନ୍ମୁଖ କରାଅ । ଅର୍ଥାତ୍ ସହଜ ମତରେ ଏହି ସୁଖ ରମଣ ସୁଖଠାରୁ ଭଲ ସୁଖପ୍ରଦ । କବି ଚନ୍ଦ୍ର ନାଡ଼ୀରୁ ପବନ ଗ୍ରହଣ କଲକ୍ଷଣି ସହସ୍ରାର କମଳ ନାଳରେ ବିକଶିତ ହେଉଛି । କବି ସେ ଅବସ୍ଥାରେ ଯେଉଁ ପରମ ଆନନ୍ଦ ଅନୁଭବ କରୁଛନ୍ତି । ତାହା ବିଶୁଦ୍ଧ, ସଂସାରରେ ସେହି ଆନନ୍ଦର ତୁଳନା ନାହିଁ । ଯେଉଁ ଲୋକ ଏହା ବୁଝେ-ସେ ପ୍ରକୃତରେ ପଣ୍ଡିତ । ମୁଁ ପ୍ରଜ୍ଞା ଓ ଉପାୟ ମେଳରୁ ବା ଗୁରୁଙ୍କମେଳରୁ ଏହି ସୁଖ ବୁଝିଅଛି । ତେଣୁ ମୁଁ ଏହି ଅତି ସୁନ୍ଦର ସହଜାନନ୍ଦରେ ଲୀନ୍ ହୋଇଅଛି ।

ସମଶ୍ରବ ପଦ୍ୟ—

ଚନ୍ଦ୍ର କାନ୍ତକ ପାଲଟାଇ । ସୂର୍ଯ୍ୟ ଅଙ୍ଗରେ ହେଉଥୋଇ ।
ପାଞ୍ଚ ମନକୁ କର ଠୁଳ । ନହିଁ ତ ପାପ ପ୍ରାପ୍ତେ ଗୂଳ ।
ଚଞ୍ଚଳ ଚିତ୍ତ ସ୍ଥିରେ ରୁନ୍ଧ । ଚେତା ଚୈତନ୍ୟ କର ବନ୍ଦୀ ।
ହେତୁର ମୂଳେ ଧର ଟାଣି । ବହନ୍ତା ନଦୀକ ଉଜାଣି ।
(ବ୍ର· ଶା ପୃ ୧୧)

ସେ ସରୋବର ଊର୍ଦ୍ଧ୍ୱେ ବସେ । ସହସ୍ର କର୍ଣ୍ଣିକାପ୍ରକାଶେ
(ବ୍ର, ଶା, ପୃ ୨୪ )

ଗୁରୁ ଶ୍ରୀମୁଖୁଁ ଆଜ୍ଞାପାଇ । ଦକ୍ଷିଣା ବ୍ରତ କର ବାଇ ।
ବାମାଙ୍ଗେ ପକାଇ କପାଟି । ଦ୍ୱାରକଜମା ଥିବ ଖଟି ।
\+ \+ \+ \+ \+ \+
ପାଲଟି ଯିବ ଚନ୍ଦ୍ରକାନ୍ତ । ଆପନ ତେଜ ହେବ ଶାନ୍ତ ।
(ବ୍ରହ୍ମ, ଶା, ପୃ ୩୭)

ସହସ୍ର ଦଳ ଠାରେ ଅନା । ବଜେ ନନ୍ଦ ସୁତ କହ୍ନା ।
ବାମେଶ୍ୱାନୁରାଗ ଯେମା । ଝଟ ଝଟ ବିଦ୍ୟୁପ୍ରଭା ।
ବାଜୁଛି ସପତ ସ୍ୱର । ଶୁଭଇ କେଡେ ମଧୁର ।
ସେ ସ୍ୱରେ ହୋଇ ବିଭୋଳ ଜୀବ କରୁଥାଇ ଧାପ ।
(ଶିଶୁ ଅନନ୍ତ)

ଯେଉଁ ରୂପେ ଯୁଗଳରେ ରତି ସୁଖ ପାଇ ।
\+ \+ \+
ସେହିରୂପେ ମହିମାର ସ୍ୱରୂପ ଆକୃତି ।
(ବ୍ର. ନି; ମୃ ୬୮

—*—

## ପଦଟୀକା—

ଅଧରଶ୍ତିଭର—ଅଧରବ୍ତିଯୋକ ।
ସଂ-ଅର୍ଦ୍ଧବୃତ୍ତି-ଅଧରଶ୍ତି ।
ବକସଉ—ବକସୁଁ ବକସରୁ
ବଣ୍ଡସ-ସଂ-ଦ୍ୱାର୍ଶିଂଶତ୍
ଜୋଇଣୀ—ଯୋଗିନୀ
ତସୁ—ତହୁଁ, ସଂ-ତସ୍ମିନ୍ ପ୍ରା-
ତସ୍ସିଂ, ତସ୍ସୁ=ତସୁ =
ତହୁଁ
ଉହ୍ଲସିଉ—ଉଲ୍ଲସୁ
ଗ୍ଳଳଅ—ଗ୍ଳଳ
ଷଷଧର—ଶଶଧର, ଚନ୍ଦ୍ର
ମାଗେ—ଓ
ରଅଣହୁଁ—ରତ୍ନ ଓ ରମଣ+ହୁଁ
(୫ମୀରେ) ରମଣହୁଁ=ରମ-
ଣରୁ
କହେଇ—କହଇ-ସଂ- କଥୟତି
ସଂ-କଥ-ଓ-କହ

ଗଉ—ଗଲୁ (ଓ) ଗଉ
ନବାଣେ—ନର୍ବାଣେ
ପାଣାଳେଁ—ପ୍ରଣାଳେ, ପ୍ରଣାଳରେ
ସୁଧ—ଶୁଦ୍ଧ
ଜୋ—ଯେ
ଏଥ—ସଂ-ଅତ୍ର, ପ୍ରା-ଏତ୍ଥ-ଏଥୁ
ବୁଝଇ—ସଂ-ବୁଧ୍ୟତେ, ପ୍ରା-ବୁଝ୍
ଇ ସଂ-ବୁଧଧାତୁ ।
ସୋ—ସେ
ବୁଧ—ପଣ୍ଡିତ ଓ ବୁଦ୍ଧ
ମଇ—ମଇଁ, ମି, ମୁଇଁ, ମୁହିଁ, ସଂ-
ଅହଂ-ପ୍ରା-ଅହକଂ-ହକଂ
-ହଉଁ ମୁହିଁ ଓ-ମୁଇଁ ମୁଁ
ମଇଁ-ମି
ମେଳେ—ମେଳରେ (୭ମୀ)
ମହାମୁହ—ମହାସୁଖ
ଲୀଳେ—ଲୀଳା କରୁଅଛି

—o—

# ରାଗ-ବଲାଡ୍ଡି

**ଶବର ପାଦାନାମ୍—**

ଉଁଚ୍ଚ ଉଁଚ୍ଚ ପାବତ ତହିଁ ବସଇ ସବରୀ ବାଳୀ
ଓ—ଉଞ୍ଚା ଉଞ୍ଚା ପର୍ବତ ତହିଁ ବସଇ ଶବରୀ ବାଳୀ ।
ମୋରଙ୍ଗୀ ପିଚ୍ଛ ପରିହଣ ସବରୀ ଗୀବତ ଗୁଞ୍ଜରୀ ମାଳୀ
ଓ—ମୟୂରଙ୍ଗ ପିଚ୍ଛ ପରିହଣ ଶବରୀ ଗ୍ରୀବାରେ ଗୁଞ୍ଜରୀ ମାଳୀ
ଉମତ ସବରେ ପାଗଳ ଶବରୋ ମ କର ଗୁଳୀ ଗୁହାଡା ତୋହରି (୧)
ଓ—ଉନ୍ମତ୍ତ ଶବର ପାଗଳ ଶବର ନକର ଗୁଳି ଗୁହାରି । ତୋହୋର
ଣିଅ ଘରଣୀ ନାମେ ସହଜ ସୁନ୍ଦରୀ (୨)
ଓ—ନିଜ ଘରଣୀ ନାମେ ସହଜ ସୁନ୍ଦରୀ ।
ନାନା ତରୁବର ମୋଉଲିଲ (୩) ରେ ଗଅଣତ ଲାଗେଲି ଡାଳୀ
ଓ—ନାନା ତରୁବର ମୋଉଳିଲରେ ଗଗନତ ଲାଗିଲ ଡାଳୀ
ଏକେଲୀ ସବରୀ ଏବଣ ହିଣ୍ଡଇ କର୍ଣ୍ଣ କୁଣ୍ଡଳ ବଜ୍ରଧାରୀ
ଓ—ଏକଲି ଶବରୀ ଏବନ ହିଣ୍ଡଇ କର୍ଣ୍ଣେ କୁଣ୍ଡଳବଜ୍ରଧାରୀ ।
ତିଅ ଧାଉ ଖାଟ ପାଡ଼ିଲା ସବରେ ମହାସୁଖେ ସେଜ ଛାଇଲୀ
ଓ—ତିନ ଧାତୁ ଖଟ ପାଡ଼ିଲା ଶବର ମହାସୁଖେ ସେଜ ଛାଇଲା ।
ସବରୋ ଭୁଜଙ୍ଗ ନୈରାମଣୀ (୪) ଦାରୀ ପେଖ୍ମ ରାତି ପୋହାଇଲୀ
ଓ—ଶବର ଭୁଜଙ୍ଗ ନୈରାତ୍ମା ଦାରୀ ପ୍ରେମରାତି ପୁହାଇଲା ।
ହିଅ ତାମ୍ବୋଲା ମହାସୁଖେ କାପୁର ଖାଇ
ଓ—ହିଆ ତାମ୍ବୁଳ ମହାସୁଖେ କପୁର ଖାଇ ।
ସୁନ ନେରାମଣି (୫) କଣ୍ଠେ ଲଇଆ ମହାସୁହେ ରାତି ପୋହାଇ

---

୧—ତୋ ହୈହାର (କ)
୨—ସୁନ୍ଦରୀ (କ)
୩—ମୌଳିଲା (କ)
୪—ଣଇରାମଣି (କ)
୫—ଣରାମଣି (କ)

୯—ଶୂନ୍ୟ ନୈରାମ୍ଣା କଣ୍ଠେ ଲଇ ମହାସୁଂଖ ରାତି ପୁହାଇ ।
ଗୁରୁବାକ୍ ପୁଞ୍ଛିଆଁ (୬) ବିନ୍ଧ ନିଅମଣ (୭) ବାଣେ ।
ଗୁରୁବାକ୍ ପୁଞ୍ଛି ବିନ୍ଧ ନିଜମନ ବାଣେ ।
ଏକେ ଶର ସନ୍ଧାନେଁ ବିନ୍ଧହ ବିନ୍ଧହ ପରମଣି ବାଣେ ।
ଏକ ସର ସନ୍ଧାନେ ବିନ୍ଧହ ବିନ୍ଧହ ପରମନିବାଣେ ।
ଉମତ ସବରୋ ଗରୁଆ ରୋଷେ ।
ଉନ୍ମତ ଶବର ଗରୁଆ ରୋଷେ ।
ଗିରିବର ସିହର-ସନ୍ଧି ପଇସନ୍ତେ ସବରୋ ଲୋଡିବ କଇସେ
ଗିରିବର ଶିଖର-ସନ୍ଧି ପଶନ୍ତେ ଶବର ଲୋଡ଼ିବ କ ସେ ।

—*—

ଟୀକା—

ଶବରପାଦୋ ହି ସିଦ୍ଧାଚାର୍ଯ୍ୟସ୍ତମେବାର୍ଥଂ ମହାକରୁଣାରସବନ୍ତୋ ଲୋକାର୍ଥାୟ ପ୍ରତିପାଦୟନ୍ତି ।—
ଉଁ ଚେତ୍ୟାଦି — ଯୋଗୀନ୍ଦ୍ରସ୍ୟ ସ୍ୱକାୟକଙ୍କାଳଦଣ୍ଡମୁନ୍ନତଂ ସୁମେରୁ-ଶିଖରେ ମହାସୁଖଚକ୍ରେ । ୱକାର ପରୋ ହକାରଃ ସଏବ ପବଧରଃ । ତସ୍ୟ ବୁଦ୍ଧଶଙ୍କାନମୁଦ୍ରା ନୈରାମ୍ଣା ଅଁକାରଜା ବସନ୍ତି । ମୟୂରଙ୍ଗମତି—ନାନାବର୍ଣ୍ଣ ପକ୍ଷ ବିକଳ୍ପରୂପଂ ସ୍ୱରୂପେଣାଧିବାସ୍ୟତାୟୁ! ପରିଧାନମଳଂ କାରଂ କୃତଂ ଗୁଞ୍ଜେତି ଗ୍ରୀବାୟାଂ ସମ୍ଭୋଗଚକ୍ରେ ଗୃହ୍ୟମନ୍ତ୍ରମାବକେଽପି ବିଧୃତା । ପଦସ୍ୟୋତ୍ତର ପଦେନ ଧ୍ରୁବପଦଂ ବୋଦ୍ଧବ୍ୟଂ ।
ଦ୍ୱିତୀୟ ପଦେନାଭ୍ୟାସ ସ୍ୱରୂପମାହ—
ଉମତ ଇତ୍ୟାଦି— ଭଗବତି ନୈରାମ୍ଣା ଭବକାୟାଶ୍ରୟଂ ବଦାନ୍ତି । ସୋ ଉନ୍ମତ୍ତ ବିଷୟ ବିହ୍ୱଳ ଚିତ୍ତ ଶବର ପ୍ରାଜ୍ଞୋପାୟ ମେଳକେ ।

୬—ପୁଞ୍ଛଆ (କ)　୭—ନିଅମଣ (କ)

ଗୃହ୍ଣାତି । ଆନନ୍ଦାଦି ବିକଳ୍ପଂ ମା କୁରୁ । ଅହଂ ତବ ଗୃହିଣୀ ଜ୍ଞାନମୁଦ୍ରା ସହଜସୁନ୍ଦରୀତି ।

ନାନେତ୍ୟାଦି— ଅସ୍ୟ କାୟ ସୁମେରୋଃ, ତରୁବରଂ ଅବିଦ୍ୟାରୂପଂ । ଅନନ୍ଦାଦିମନ୍ତ୍ରେଣ ନାନାତୁରିକାଭେଣ ମୁକୁଳିତମଞ୍ଜରୂପଂ ଗତଂ । ଅସ୍ୟ ଡାଳଞ୍ଚ ପଞ୍ଚସ୍କନ୍ଧଂ ଗଗନେ ପ୍ରଭାସ୍ୱରେ ଲଗ୍ନଂ । ଅତଏବ ସା ନୈରାତ୍ମା ଏକକା । କର୍ଣ୍ଣେତି ନାନାସ୍ଥାନେ କୁଣ୍ଡଳାଦି ପଞ୍ଚମୁଦ୍ରା ଶରୀରାଲଂ-କାରଂ କୃତ୍ୱା ଚନ୍ଦ୍ରସୂର୍ଯ୍ୟାଦ୍ୱଞ୍ଜନଂ ବଧ୍ୟତ୍ୟ ଯୁଗନଦ୍ଧରୂପେଣ ଅସ୍ୟ କାୟ-ଦେବତ ବନେ ହିଣ୍ଡତି କ୍ରୀଡ଼ତି ।

ତୃତୀୟ ପଦେନ କ୍ରୀଡ଼ାସୁଖ ପ୍ରବାହ ମାହ—

ତିଅଧା ଇତ୍ୟାଦି—ନୈଧାତୁକଂ କାୟବାକଚିତ୍ତଂ ସୁଖପ୍ରଭାସ୍ୱରେ ତଂ ଟାଳୟିତ୍ୱା ତେନ ମହାସୁଖେନ ଶଯ୍ୟାଂ କୃତ୍ୱା ଶବର 'ଶଠବଜ୍ରଭୁଜଙ୍ଗେନ ସହ । ଦାରିକେତି—କ୍ଲେଶାନ୍ ଦାରୟତୀତି ଦାରିକା ନୈରାତ୍ମା ଦାରିକା ଯା । ପ୍ରେମମିତି କ୍ରୀଡ଼ାରସ ମନୁଭାବଂ ବର୍ଦ୍ଧୟିତ୍ୱା ରଜନୀ. ଅନ୍ଧକାରଂ ପ୍ରକ୍ଷୋଭ୍ୟ ବିକଳ୍ପଂ ନାଶିତଂ । ତଥାଚ 'ସରହପାଦାଃ—ଶ୍ରୀ ବଜ୍ରାମୃତ ଇତ୍ୟପି ଭ୍ରମସ୍ତ୍ୱ ,ତ୍ୟାଦି । ଚତୁର୍ଥେନ ଫଳ ହେତୁଭାବଂ ପ୍ରଭାବଂ ପ୍ରତି-ପାଦୟନ୍ତି ।

ହିଁଏ ଇତ୍ୟାଦି—ହୃଦୟଂ ପ୍ରଭାସ୍ୱରଂ ତାମ୍ବୁଲେନାଧିମୁଚ୍ୟ କର୍ପୂରଂ ଯୁଗ-ନଦ୍ଧରୂପେଣ ଫଳହେତୁସମ୍ବନ୍ଧେନ ତଦଧିମୁଚ୍ୟ, ଶୂନ୍ୟମିତି ସୈବ ସର୍ବା-କାରବରୋପେତଶୂନ୍ୟତା ନୈରାତ୍ମଜ୍ଞାନଯୋଗିନୀ । କଣ୍ଠେତି—ସମ୍ଭୋଗ ଚକ୍ରେ ବଧ୍ୟତ୍ୟ ମହାସୁଖଜ୍ଞାନ ରଶ୍ମି ରଜନୀତି । ସ୍ୱ କାୟକ୍ଲେଶତମଃ ସ୍ୱୟଂ ନାଶିତଂ ।

ତଥାଚ ସୂତକେ—ଫଳେନ ହେତୁମାମୁଦ୍ର୍ୟ ଇତ୍ୟାଦି ।

ପଞ୍ଚମ ପଦେନ ବଜ୍ରଗୁରୁମହାତ୍ମ୍ୟମାହ—

ଗୁରୁବାକେତ୍ୟାଦି— ହେ ଗୁରୁବାକେନ ଧନୁଃ କୃତ୍ୱା ନିଜମନୋ ବୋଧି-

ଚିତ୍ତେନ । ବାଣଂ ଚ ଏକରସଂ ବାଣମିତି ଉଭୟୋରେକଂ କୃତ୍ୱା ଏକସ୍ୱର ନିର୍ଘୋଷେଣ ତମଭ୍ୟସ୍ୟମାନଃ ସନ୍ ତେନ ନିର୍ବାଣେନ ମୟା ଶବର ପାଦେନ ଅନାଦ୍ୟବିଦ୍ୟାବାସନା ଦୋଷୋ ହି ହତଃ ।

ଷଷ୍ଠ ପଦେନ ଚିତ୍ତସ୍ୟ ଯଥାଭୂତଂ ସ୍ୱରୂପମାହ ।—

ଉମତ ଇତ୍ୟାଦି—ସହଜପାନପ୍ରମତ୍ତୋ ମମ ଚିତ୍ତବଜ୍ରୋ ହି ସବରଃ ଗରୁଆ ରୋଷେଣେତି ଜ୍ଞାନାନନ୍ଦଗନ୍ଧେନ ପ୍ରେରିତଃ ସନ୍ ମହାସୁଖ ଚକ୍ର ନଳିନୀବନୋଦ୍ଦେଶେନ ପ୍ରଚଳିତଃ । ତସ ନମଗ୍ନେ ସତି ଗିରିବରେତି ।

ଉକ୍ତାର୍ଥୋ ମୟା ସିଦ୍ଧାଗ୍ରୁସର୍ଯ୍ୟେଣ କଥଂ ଅନ୍ୱେଷୟିତବ୍ୟଃ ।

ତଥାଗମଃ—ଯାନାନାଂ ନାସ୍ତି ବୈ ନିଷ୍ଠା ଯାବଚ୍ଚିତ୍ତଂ ପ୍ରବର୍ତ୍ତତେ ।
ଚିତ୍ତେ ତଚ୍ଛେ ପ୍ରବୃତ୍ତେ ହି ନ ଯାନଂ ନଚ ଯାୟିନଃ ।

—o—

ଅର୍ଥ—

କବି ଏଠାରେ ଶବରୀ ରୂପକ ଛଳରେ ଜୀବ ପରମର ମିଳନ ବା ମହାଶୂନ୍ୟ ଦର୍ଶନ ବର୍ଣ୍ଣନା କରୁଛନ୍ତି । ଉଚ୍ଚ ପାହାଡ ଶିଖରରେ ଶବରୀ ବାସକଲା ପରି ଦେହର ସୁମେରୁର (ମେରୁଦଣ୍ଡ) ଶିଖରରେ ମହାସୁଖଚକ୍ର ସହସ୍ରଦଳ କମଳରେ ନୈରାତ୍ମା ଦେବୀ ବାସ କରିଛନ୍ତି । ଶବରୀ ମୟୂର ପିଞ୍ଛ ପରିଧାନ କରି ଗ୍ରୀବାରେ ଗୁଞ୍ଜାର ମାଳା ପିନ୍ଧିଲା ପରି, ଏହି ନୈରାତ୍ମା ଅବିଦ୍ୟାବଶରୁ ନାନାବିଧଭାବ ବିକଳ୍ପରେ ଭୂଷିତ ହୋଇ ଗଳାରେ (ସମ୍ଭୋଗ ଚକ୍ରରେ) ଶୂନ୍ୟମନ୍ତ୍ର ଧାରଣ କରିଅଛି । ସମସ୍ତ ପଦାର୍ଥ ଧର୍ମକାୟରୁ ବା ତଥତାରୁ ଉତ୍ପନ୍ନ । ତେଣୁ ପ୍ରତ୍ୟେକ ପଦାର୍ଥ ବିଶୁଦ୍ଧ, ପବିତ୍ର । କିନ୍ତୁ ଲୋକ ଅବିଦ୍ୟା ଯୋଗୁଁ ବିଷୟ ବାସନାରେ ଜଡ଼ିରହିଥାଏ ଏବଂ ତାହାର ନୈରାତ୍ମା ମଧ୍ୟ ସଂସାରରେ ଭିନ୍ନ ୨ ରୂପ ଧାରଣ କରି ନିଜକୁ ଗୋପନ କରିଥାଏ । ସାଧନା ପଥରେ ଅଗ୍ରସର ହେଲେ ଏହି ନୈରାତ୍ମା ଦେବୀ ନିଜେ ସାଧକକୁ ମହାଶୂନ୍ୟ ସ୍ଥଳୀକୁ ସଙ୍ଗରେ ନେଇଯାନ୍ତି । ଏହି କବିତାରେ ନୈରାତ୍ମା ଶବରୀ ସାଧକକୁ ଆଶ୍ୱାସନା ଦେଇ କହୁଛନ୍ତି ।—ରେ ଶବର (ଜୀବ) ତୁ

ସଂସାରର ଏହି ବିଷୟବାସନାରେ ମଜ୍ଜି ପାଗଳ ହୋଇ ନିଜର ସର୍ବନାଶ କରନାହିଁ । ଏକଥା ମୁଁ ତୋତେ ଗୁହାରି କରି କହୁଅଛି । "ମୁଁ ତୋର ନିଜର ଘରଣୀ, ମୋନାମ ସହଜ ସୁନ୍ଦରୀ, ମୋତେ ଛାଡ଼ିବାକୁ ଭୁଲ କର ନାହିଁ । ମୋତେ ନ ଛାଡ଼ି ଗୁଳ କରି ସଂସାରରେ ଜଡ ରହି ହତ୍ୟା କର ନାହିଁ ।"

ତହୁଁ ସାଧକର ଜ୍ଞାନ ଉଦୟ ହେଲା । ସେ ସାଧନାରେ ଅଗ୍ରସର ହେଲାକ୍ଷଣି ଦେହ ତରୁ ମଞ୍ଜଳ ପଡ଼ିଲା, ଅର୍ଥାତ୍ ସେ ଦେହର ଅସାରତା ଉପଲବ୍ଧି ହେଲା । ଡାଳସବୁ ଆକାଶକୁ ଲାଗିଗଲା । ଅର୍ଥାତ୍ ସମସ୍ତ ମହାଶୂନ୍ୟରେ ପରିଣତ ହେଲା । ସେ କେବଳ ନୈରାତ୍ମାର ଉପଲବ୍ଧି କଲା । । ଶବରୀ କର୍ଣ୍ଣରେ କୁଣ୍ଡଳ ଧାରଣ କରି ଏକାକୀ ବନରେ ବୁଲିଲା ପରି ନୈରାତ୍ମ୍ୟ ଜ୍ଞାନଧାରଣ କରି ଏକାକୀ ଏହି ଉଚ୍ଚ ପାହାଡରେ ବୁଲିଲେ ଅର୍ଥାତ୍—ଉଚ୍ଚ ସୁମେରୁ ଶିଖରରେ ନୈରାତ୍ମ୍ୟ କେବଳ ପ୍ରକାଶ ପାଇଲା । ସମସ୍ତ ଶୂନ୍ୟରେ ପୂର୍ଣ୍ଣହେଲା । ପିଣ୍ଡ ବ୍ରହ୍ମାଣ୍ଡ ଏହି ଶୂନ୍ୟରେ ଉଭେଇ ଗଲା ।

ଶବର (ଜୀବ) କାୟମନ ବଚନକୁ ଖଟକରି ପାଡ଼ିଲା । ସେହି ଖଟ ଉପରେ ମହାସୁଖରେ ଶେଯ ବିଛାଇଲା, କଣ୍ଟପୁରୁଷ ଖଟ ଉପରେ ଶେଯରେ ଶୋଇ ଦାରପ୍ରେମରେ ରାତି ପୁହାଇଲା ପରି ଶବର (ସାଧକଜୀବ) ମହାସୁଖ ଶେଯରେ ଶୋଇ ନୈରାତ୍ମା ସହିତ ମିଳିତ ହୋଇ ଅବିଦ୍ୟାରଜନୀ ପୁହାଇ ଦେଲା । ତାଆଁ ଚୈତନ୍ୟକୁ ସ୍ତ୍ରୀ ସମ୍ଭୋଗ ପରି ପାନରେ କର୍ପୂର ଖାଇଲା ପରି ମନଚୈତନକୁ ଖାଇ ଲୋପ କରି ମହାସୁଖ ଭୋଗକଲା । ସେ ପୂର୍ଣ୍ଣନିର୍ବିକଳ୍ପ ଅବସ୍ଥାରେ ପରମ ଆନନ୍ଦ ଭୋଗକଲା । ସେତେବେଳେ ଆଉ ଜ୍ଞାତା, ଜ୍ଞାନ ଓ ଜ୍ଞେୟ କିଛି ରହିଲା ନାହିଁ ।

ଏହି ଅବସ୍ଥାରେ ପହଞ୍ଚିବାକୁ ହେଲେ ଗୁରୁଙ୍କ ବାକ୍ୟକୁ ଧନୁକରି ନିଜମନକୁ ବାଣ କର । ଅର୍ଥାତ୍ ଗୁରୁଙ୍କ ଉପଦେଶ ଅନୁସାରେ ନିଜମନ ସ୍ଥିର କର । ଗୁରୁଙ୍କ ବାକ୍ୟ ଅନୁସାରେ ମନ ସ୍ଥିରକରି ସେଠାକୁ ନେଲେ

ସେ ଶର ବନ୍ଧଲେ ପରମନବାଣକୁ ବନ୍ଧ ପାରିବ । ଲକ୍ଷ୍ୟ ପରମ ନିର୍ବାଣ ଲାଭ ହେବ । ସଂସାରର ମାୟା ଜଞ୍ଜାଳ ଦୂରହେବ । ଶବର (ସାଧକ) ଜ୍ଞାନାନନ୍ଦର ଆସ୍ୱାଦ ପାଇ ଗୁରୁବେଷରେ ଅତି ଆବେଗରେ ସୁମେରୁ ଶିଖର ସନ୍ଧିରେ (ସୁଷୁମ୍ନା ଦେଶରେ) ବ୍ରହ୍ମରନ୍ଧ୍ରରେ ପ୍ରବେଶ କଲା କ୍ଷଣି ମହାଶୂନ୍ୟର ଉପଲବ୍ଧି କଲା । ଆଉ କାହାରିକୁ ଖୋଜିବାର ଲୋଡ଼ା ପଡ଼ିଲା ନାହିଁ । ସେ କେବଳ ନିର୍ବିକଳ୍ପ ସମାଧିରେ ମହାଭାବ ଅବସ୍ଥାରେ ଅମନ ଭାବରେ ମଗ୍ନି ରହିଲା ।

ପଦଟୀକା—

ଉଞ୍ଚା—ସଂ-ଉଚ୍ଚ
ପାବତ—ସଂ-ପର୍ବତ
ତହିଁ—ସଂ—ତସ୍ମିନ୍
ବସଇ—ସଂ-ବସନ୍ତି
ବାଳୀ—ସଂ-ବାଳସ୍ତ୍ରୀ = ବାଳା
ଓ—ବାଳୀ ଦୁଲଳୀ ପ୍ରଭୃତିର
ସାଦୃଶ୍ୟ ଯୋଗୁଁ
ମୋରଙ୍ଗୀ—ମୟୂରାଙ୍ଗ + ଈ
ସମ୍ବନ୍ଧାର୍ଥ
ପୀଚ୍ଛ—ସଂ-ପିଚ୍ଛ ଓ -ପିଞ୍ଛା
ପରହିଣ—ସଂ-ପରି + ଧା ଧାତୁ
ଓ—ପହର ଧାତୁ । ପରିହ + କ୍ତ୍ୱା
ସ୍ଥାନେ ଇବ ।
ହରହିଣ—ଓ-ବର୍ଣ୍ଣ ବ୍ୟତ୍ୟୟରେ
ପହରଣ [ବଉଳେ ସରୁଜ ମା
ଅଙ୍ଗରେ ପାହରି)
(କୃ ମହାଭା· ଆଦି.)
ଯଥା—ଖାଇଣ ଯାଇଣ ।
ଗିବତ—ଗ୍ରୀବାରେ

ଉମତୋ—ସଂ— ଉନ୍ମତ୍ତ
ସବରେ—ଶବର
ଗୁଳୀ—ଗୁଳକର ମାରମାହିଁ ।
ଗୁହାଡ଼ା—ଗୁହାରି-ସଂ-ଗୁହେର
(ରକ୍ଷା କର)
ଣିଅ—ନିଜ
ଘରଣୀ—ଘରଣୀ, ସଂ—ଗୃହିଣୀ
ଣାମେ—ନାମେ
ସହଜସୁନ୍ଦରୀ—ପତ୍ନୀରନାମ
ନୈରାମ୍ଯାଦେବୀ ।
ଣାଣା—ନାନା
ତରୁବର—ତତ୍ସମ
ମେଲିଲ—ମଉଳିଲା, ସଂ ମ୍ଲୈ —
ଧାତୁ
ଗଅଣତ—ଗଗନାନ୍ତ (୨ଯା)
ଲଗେଲି—ଲଗିଲା, ସଂ-ଲଗ ଧାତୁ
ଡାଲୀ—ଓ—ଡ଼ାଲୀ, ଡ଼ାଳ
(କ୍ଷୁଦ୍ରାର୍ଥ) ଈ
ବେକଲି—ଏକଲ, ଏକାକୀ

ହିଣ୍ଡିର — ହେଣ୍ଡିଇ, ସଂ-ହିଣ୍ଡିତ
ତିଅ—ତିନ୍ତ
ଧାଉ—ଧାତୁ
ଖାଟ—ଖଟ, ସଂ—ଖଟ୍ୱା
ପଡ଼ିଲ୍ଲ—ଓ, ପାଡିଲ୍ଲ, ପାଡିଲ୍ଲ,
ସଂ-ପଡ୍ ଧାତୁ ଓ—ପଡ଼ଧା
+ଣିଚ୍ = ପାଡିଲ୍ଲ, ପାଡିଲ୍ଲ ।
ସାଜରେ—ସବର
ମହାସ୍ୱଦେ—ମହାସୁଖେ ।
ସେଜ—ସେଜ, ସଂ,—ଶଯ୍ୟା
ଘୁଟିଲ୍ଲି — ବଘୁରିଲ୍ଲ, ସଂ-ବ+ସ୍ମୃ
ଧାତୁ ଓ—ବଘୁ ଧାତୁ
ଯଥା—ବସ୍ତାର—ବଘୁଅ
ବସ୍ତରଣ—ବିଛଣା
(ବର୍ଣ୍ଣ ବିପର୍ଯ୍ୟୟରେ)
ବସ୍ତାର, ବଡ଼ସାର = ବଘୁ ଇବଘୁଅ
ଯଥା—ବସ୍ତୁ, ତରତମ, ତରଙ୍ଗ
ଅସ୍ତି—ଅତ୍ରସି—ଅଛି
ଭୁଜଙ୍ଗ—ବଟପୁରୁଷ
କୈରାମଣି—କୈରମ୍ଭା
ଦାଣ୍ଡପ୍ରେମଦ୍ଦ—ଦାଣ୍ଡପ୍ରେମ
ଗତି—ସଂ—ଗତି
ପୋହାଇଲ—ସଂ-ପ୍ରଭାତ୍ ନାମଧାତୁ
ଓ—ପାହଧାତୁ = ଗତି ପାହିଲ୍ଲ
ପାପ୍+ଣିଚ୍ = ପୁହା ଧା ଓ
ପୋହାଧା ଗତି ପୋହାଇଲ୍ଲ,
ଗତିପ୍ରହ ଇଲ୍ଲ ।
ହୁଅ—ହୁଆ, ସଂ—ହୃଦୟ,

ଗ୍ରା—ଗ୍ରାଅଅ
ତାବୋଳ—ତାମ୍ବୁଳ
କାପୁର—କପୂର, ସଂ-କର୍ପୂର
ଖାଇ—ସଂ-ଖାଦ, ଧା, ଓ-ଆ-ଧା
ସୂନ—ସଂ-ଶୂନ୍ୟ ଓ-ସୁନ
ଲିଇଆ—ଲେଲିଇ
ଖୋହାଇ—ପୋହାଏ
ଗୁରୁବାକ୍—ଗୁରୁବାକ୍ୟ
ପୁଛିଆ—ପୁଛି
ବନ୍ଧ—ସଂ-ବଧ ଧାତୁ, ଓ—ବନ୍ଧ
ଧାତୁ (ଅନୁଜ୍ଞା)
ନଅମଣ—ନଜମନ
ବାଣେ—ବାଣରେ ସପ୍ତ ଏକ
ସ୍ଥାନେ ଏ
ଏକେ—ଏକ
ଉଭସନ୍ଧନେ—ତତ୍ସମ୍
ବନ୍ଧନ ୨—ବନ୍ଧ ୨ ବନ୍ଧନ
ପରମନବାଣେଁ—ପରମନବାଣେ
ଜମନ—ଜନ୍ମର
ଗରୁଆ—ଗୁରୁକ-ଗରୁଅ, ଗରୁଆ
(ଗରୁଆ ଭଳକୁ
(ଗଲା ବ· ଚ. ୩୦ ପୃଷ୍ଠା)
ସଂ—ଗୁରୁ, ଓ, ଗରୁ
ସିହର—ସଂ-ଶିଖର
ପଇସନ୍ତେ—ପସନ୍ତେ
ପ୍ରବଶନ୍ତେ ଭବେ ୭ମୀ
ସବରେ—ଶବର
ଲୋଡିବ—ସଂ-ଲୁଡ୍ ଧାତୁ ।
କଇସେ—କାସେ, ସଂ-କାଦୃଶ ।

# ରାଗ—ପଟମଞ୍ଜରୀ

ଲୁଇ ପାଦାନାମ୍ :—

ଭବ ନ ହୋଇ ଅଭବ ଣ ଜାଇ
ଓ—ଭବ ନ ହୋଇ ଅଭବ ନ ଯାଇ
ଅଇସ (୧) ସଂବୋହେ କୋ ପତିଆଇ
ଓ—ଏସନ ସଂବୋଧେ କଏ ପତିଆଏ ।
ଲୁଇ ଭଣଇ ବଟ (୨) ଦୁଲକ୍ଖ ବିଣାଣା
ଲୁଇ ଭଣଇ ବଡ଼ ଦୁର୍ଲକ୍ଷ୍ୟ ବିଜ୍ଞାନ ।
ତିଅ ଧାଏ ବିଲସଇ ଉହ ଲାଗେ ନା
ତିନ ଧାତୁରେ ବିଳସଇ ଉହ ଲାଗେନା ।
ଜାହେର ବାଣଚିହ୍ନ ରୂବ ଣ ଜାଣୀ
ଯାହାର ବର୍ଣ୍ଣ ଚିହ୍ନରୂପ ନ ଜାଣି
ସୋ କଇସେ ଆଗମ ବେଏଁ ବଖାଣି
ସେ କିସ ଆଗମବେଦେ ବଖାଣି ।
କାହେରେ କିସ (୩) ଭଣି ମଇ ଦିବ ପରିଛା
କାହାରେ କିସ ଭଣି ମୁଇଁ ଦେବ ପରିଛା
କାହାରେ କିସ ଭଣି ମୁଇଁ ଦେବ ପରିଛା (ପରୀକ୍ଷା)
ଉଦକ ଚାନ୍ଦଜିମ ସାଚ ନ ମିଚ୍ଛା
ଉଦକ ଚାନ୍ଦ ଜିମି ସତ ନ ମିଛା
ଲୁଇ ଭଣଇ ମଇ ଭାଇବ (୪) କିସ
ଲୁଇ ଭଣଇ ମୁଇଁ ଭାବିବ କିସ ।
ଜା ଲଇ (୫) ଅଚ୍ଛମ ତା (୬) ହେର ଉହଣ ଦିସ ।
ଯା ଲେଇଁ ଅଚ୍ଛୁମ ତାହାର ଉହ ନ ଦିଶେ ।

---

୧—ଆଇସ [କ]
୨—ବଟ୍ଟ (କଗ)
୩—ବିସଜଣି (କ)
୪—ଭବଇ (ଖ)
୫ ୬—ଜାଲଇ ଅଚ୍ଛମତାହେର (କ)

ଜ୍ଞାନାନନ୍ଦସୁନ୍ଦରେ ତ୍ୱ ଲୁଇପାଦାସ୍ତମେବାର୍ଥଂ ବିଶେଷୟନ୍ତି—
ଭବ ଣ ହୋଇ ଇତ୍ୟାଦି—ଭବସ୍ତାବତ୍ ତତ୍ତ୍ୱଂ ନ ଭବତି । ଯସ୍ମାତ୍ପିଣ୍ଡ ଗ୍ରହାଣୁଭେଦେ ବର୍ତ୍ମରେଣ ଜ୍ଞାବସ୍ୟୋ ଫଲମ୍ପୋନବଦ୍ୟତେ । କମଣ୍ଡଳ ଶୁକ୍ତିର୍ଭବତି । ଅଭାବୋଽପି ନ ଭବତି ଅସଦ୍ରୂପତ୍ୱାତ୍ । ଇତ୍ଥକ୍ ସମ୍ବୋଧନେ କୋଽପି ସତ୍ତ୍ୱଃ ତତ୍ତ୍ୱଂ ପଶ୍ୟତି କଥେତି ।
ଧ୍ରୁବପଦେନ ଜ୍ଞାବସ୍ୱରୂପ ଦୌର୍ଲଭ୍ୟଂ ପ୍ରତିପାଦୟତି—
ଲୁଇ ଭଣଇ ଇତ୍ୟାଦି—ଲୁୟୀପାଦଃ ସିଦ୍ଧାଗୃଯୈ୍ୟା ତ୍ୱ ବଦତି । ଅତଏବ ଦୁର୍ଲକ୍ଷଂ ତତ୍ତ୍ୱଂ ବାଳଯୋଗିନା ଲକ୍ଷୟିତୁଂ ନ ପାର୍ଯ୍ୟତେ । ଯସ୍ମାତ୍ ହୈଧାତୁକଂ କାୟ ବାକ୍ ଚିତ୍ତ ବିଳସତି କ୍ରୀଡ଼ତି । ତସ୍ୟ ସନ୍ତାନଧାଦ୍ଧି-ହ୍ରସ୍ୱପରମଣ୍ଡଳାଦ୍ଧିକଂ, ନ ଉହ୍ୟେ ନ ଜାନାମି । କୁତ୍ର ନୟନ୍ତଂ
ବସଣ୍ଡିତି । ଦ୍ୱିତୀୟ ପଦେନ ଉକ୍ତାର୍ଥଂ ସ୍ପଷ୍ଟୟତି—
ଜାହେର ଇତ୍ୟାଦି—ଯସ୍ୟ ତତ୍ତ୍ୱସ୍ୟ ବର୍ଣ୍ଣଚିହ୍ନରୂପଂ ନାବଗମ୍ୟତେ ସୋଽପି କଥଂ ନାନା କାବ୍ୟେ ବିନର୍ତ୍ତ ଆଗମଶାସ୍ତ୍ରେ ବେଦେ ବ୍ୟାଖ୍ୟାୟତେ ଚ । ତଥାଚ ନାଗାର୍ଜୁନପାଦାଃ—
ନ ରକ୍ତପୀତ ମାଞ୍ଜିଷ୍ଠୋ ବର୍ଣ୍ଣସ୍ତେନୋପଲଭ୍ୟତ ଇତ୍ୟାଦି ।
ତୃତୀୟପଦେନ ତତ୍ତ୍ୱସ୍ୱରୂପମାହ—
କାହେରେ ଇତ୍ୟାଦି—କସ୍ୟ କମୁକ୍ତ୍ୱା ପୃଥକ୍ ଜନାୟ ମୟା ସିଦ୍ଧାନ୍ତଃ ପ୍ରଦାତବ୍ୟଃ । ଯଥୋଦକଚନ୍ଦ୍ରଃ ନ ସତ୍ୟଂ ନ ମୃଷା ଭବତି ତଦ୍ବଦ୍ ଯୋଗୀନ୍ଦ୍ରସ୍ୟ ଭବଗ୍ରାମପ୍ରତିଭସଃ ସ କମୋର୍ଥୋ ବକ୍ତୁଂ ଯୁଜ୍ୟତେ । ଅର୍ଥଃ ତନ୍ନ ପ୍ରଶ୍ନିତଂ କଥେତି ।
ଅବଚନତ୍ୱାତ୍—
ଚତୁର୍ଥ ପଦେନ ତତ୍ତ୍ୱସ୍ୱରୂପ ମାହ—
ଲୁଇ ଭଣଇ ଇତ୍ୟାଦି—ବଦତି ଲୁୟୀପାଦଃ ମୟା ଭାବ୍ୟଭାବକଭାବନା ଅଭାବେନ କଂ ଭାବ୍ୟଂ ଅତଏବ ଯଷ୍ଟଭୁର୍ଥରୂପଂ ଗୃହୀତ୍ୱା ତିଷ୍ଠାମି ତସ୍ୟାପି ଗରୁବଚନବର୍ତ୍ମରେ ତସ୍ୟୋଦ୍ଦେଶଂ ନ ଉହ୍ୟେ ନ ପଶ୍ୟାମି ।
ତଥାଚ—ତତ୍ତ୍ୱଂ ନିଶ୍ଚିତ୍ୟ ବୋଧେନ ଅଭ୍ୟାସଂ କୁରୁତେ ଯଦା
ତଦା ତତ୍ତ୍ୱଂ ନ ପଶ୍ୟାମି କ୍ୱ ଗତଂ କ୍ୱସ୍ଥିତଂ ଭବେତ୍ ।

ଅର୍ଥ—କବି ମହାଶୂନ୍ୟର ସ୍ୱରୂପ ବର୍ଣ୍ଣନା କରୁଛନ୍ତି । କେହି ୨ ଏହି ଦୃଶ୍ୟମାନ ଜଗତକୁ ସତ୍ୟ ବୋଲି ଗ୍ରହଣ କରନ୍ତି । କେହି ୨ କହନ୍ତି- ପ୍ରକୃତରେ ଏ ଜଗତର ଅସ୍ତିତ୍ୱ ନାହିଁ । ଏହା ମନର କଳ୍ପନାର ଫଳ । ଜଗତଟା ଅସତ୍ୟ ଅନିତ୍ୟ, ଏହାକୁ ସୂକ୍ଷ୍ମାତିସୂକ୍ଷ୍ମ ଭାବରେ ବିଭାଗ କଲେ କେବଳ ଶୂନ୍ୟମାତ୍ର ଅବଶିଷ୍ଟ ରହେ । ତେଣୁ ଅନେକ ଲୋକ ଏହି ଜଗତକୁ ଶୂନ୍ୟ ବା ମିଥ୍ୟା ବୋଲି ମନେ କରନ୍ତି । ରଜ୍ଜୁରେ ସର୍ପର ଭ୍ରମ ହେଲାପରି ଶୂନ୍ୟରେ ଜଗତର ଭ୍ରମ ହୋଇଅଛି । ଭ୍ରମ ଦୂର ହେଲେ ପ୍ରକୃତ ଜ୍ଞାନ ହେଲେ ଏହି ଜଗତଟି କେବଳ ଶୂନ୍ୟ ।

କିନ୍ତୁ ସାଧକ ମହାଶୂନ୍ୟର ଉପଲବ୍ଧି କଲେ ସେଠାରେ ଭାବ ବା ଅଭାବ ଉପଲବ୍ଧ ହୁଏ ନାହିଁ । ସେହି ମହାଶୂନ୍ୟକୁ ଭାବ ବା ଅଭାବ ବୋଲି କହି ହେବ ନାହିଁ । କିନ୍ତୁ ମହାଶୂନ୍ୟକୁ ଭାବ ଓ ଅଭାବ ଦୁଇ କଥା କୁହାଯାଇ ପାରେ । ଲୋକେ ଏପରି ପରସ୍ପର ବିରୁଦ୍ଧ ପଦାର୍ଥର ଏକତ୍ର ସମାବେଶ ବା ମିଳନରେ ବିଶ୍ୱାସ କରିବେ ନାହିଁ । କିନ୍ତୁ ଏ ପ୍ରତ୍ୟକ୍ଷ ଅନୁଭୂତିର ଫଳ । ଯୁକ୍ତି ବା ତର୍କ ଦ୍ୱାରା ଏହାର ଜ୍ଞାନ ହୁଏ । ସେହି ମହାଶୂନ୍ୟରେ ସମସ୍ତ ବିରୋଧର ସମ୍ମେଳନ ହୋଇଅଛି । କିନ୍ତୁ ତାହାକୁ ଜାଣିବା ବଡ଼ ଦୁର୍ଗମ ଓ ଦୁର୍ଲକ୍ଷ୍ୟ କଥା ।

ସେହି ସହଜ ଶୂନ୍ୟ ତ୍ରିକୂଟ ଭୂମିରେ ବାମ ମଣ୍ଡଳ ମଧ୍ୟରେ ପ୍ରକାଶ କରୁଅଛି ଇଡ଼ା ପିଙ୍ଗଳା ଓ ସୁଷୁମ୍ନା ନାଡ଼ୀରେ ବହି ଯାଉଛି, କିନ୍ତୁ ତାହାର ତର୍କଣା କରିହୁଏ ନାହିଁ । ଯାହାର ବର୍ଣ୍ଣ ନାହିଁ, ଚିହ୍ନ ନାହିଁ ଓ ରୂପ ନାହିଁ ବେଦ ଓ ଶାସ୍ତ୍ର କିପରି ତାହାର ସ୍ୱରୂପ ବଖାଣି ପାରିବ ? ବେଦ ମନର (ତ୍ରିଗୁଣ ) ବିଷୟ ବର୍ଣ୍ଣନା କରେ । ସେହି ସହଜ ଶୂନ୍ୟ ମନର [ ତ୍ରିଗୁଣର ] ବିଷୟ ନୁହେ । ତେଣୁ ବେଦ ତାହାର କଥା କହି ପାରିବ ନାହିଁ । ତେଣୁ ମୁଁ କାହାକୁ କଣ କହି ଦେଖାଇ ଦେବ ? ସମସ୍ତ ତ ମୋ ଅନୁଭୂତିର କଥା ।

ଜଳରେ ଚନ୍ଦ୍ରର ପ୍ରତିବିମ୍ବ ପଡ଼ିଥିଲେ- ସେହି ପ୍ରତିବିମ୍ବକୁ ଯେପରି ସତ୍ୟ ବା ମିଥ୍ୟା ଭାବ ବା ଅଭାବ କହି ହେବ ନାହିଁ । ସେହିପରି ସହଜ

ଶୂନ୍ୟକୁ ସତ୍ୟ ବା ମିଥ୍ୟା, ଭାବ ବା ଅଭାବ କିଛି କହି ହେବ ନାହିଁ । ଯୋଗୀ ଏହି ନିର୍ବିକଳ୍ପ ଅବସ୍ଥା ଲାଭ କଲେ ତାହାର ଦୃଶ୍ୟ, ଦ୍ରଷ୍ଟା, ଦର୍ଶନ ଜ୍ଞାତା, ଜ୍ଞେୟ, ଜ୍ଞାନ, ଭାବ୍ୟ, ଭାବକ, ଭାବନା ପ୍ରଭୃତି ଭାବ ତିରୋହିତ ହୁଏ । ତେଣୁ ସେତେବେଳେ ଭାବିବାର କିଛି ରହେନାହିଁ । କବି ସେ ଅବସ୍ଥାରେ ପଡ଼ିଅଛି କହୁଅଛନ୍ତି, ମୋର ଆଉ କିଛି ଭାବିବାର ନାହିଁ । ସେହି ମହାଶୂନ୍ୟକୁ ନେଇ ରହିଛି, ତାହାର ତର୍କଣା ମଧ୍ୟ କରି ପାରୁ ନାହିଁ ।

—*—

ସମଭାବ ପଦ୍ୟ—

ବ୍ରହ୍ମ ଯେଉଁଠାରେ ଅଛି ନିଗମ ଭୁବନ ।
ଅନ୍ଧାର ଉଜ୍ଜ୍ୱଳ ନୋହେ ନାହିଁ ସୂର୍ଯ୍ୟଚନ୍ଦ୍ର ।
ନିଶବଦ ମନ୍ଦିର ସେ ନାହିଁ ଶବ୍ଦ ଭେଦ ।
ରଜଃସ୍ପର୍ଶ ନ ଲାଗଇ ନାହିଁ ବିନ୍ଦୁନାଦ ।
ଜଳ ପବନର ତହିଁ ନାହିଁ ସମାଗମ ।
ତେଣୁ କରି କହିବାକୁ ଅଗମ୍ୟ ଦୁର୍ଗମ ।

× × ×

ଅଣ ରୂପ ରୂପବର୍ଣ୍ଣ ଚିହ୍ନ ନାହିଁ କିଛି ।
ଜ୍ୟୋତି ଭିତରେ ଅଜ୍ୟୋତି ଅଚହ୍ନାରେ ଅଛି ।

( ବ୍ରହ୍ମ: ନି: ପୃ ୫ )

ସେ ରୂପ ବର୍ଣ୍ଣିବାକୁ ବହୁତ କଠିଣ ।
ଅକ୍ଷର ନ ବସେ ଯହିଁ ନ ସ୍ଫୁରେ ବଚନ [ପୃ ୬୧]

× × ×

ଅନେକ ପ୍ରକାରେ ବେଦଶାସ୍ତ୍ର ମାନ କଲେ ।
ଅରୂପ ବ୍ରହ୍ମର ଅନ୍ତ କେହି ନ ପାଇଲେ ।

× × ×

ଶୂନ୍ୟ ବୋଲିବାକୁ ସର୍ବେ ଗଲେ ଅପସରି ।
କିଛୁ ନ ଦିଶନ୍ତେ ପଳାଇଲେ ଉପୁକରି ।
ଅମନ ମନ୍ଦିର ସେ ଯେ ନ ଲାଗଇ ମନ ।
ନ ଥିଲା ପରଏ ପୁର ଦିଶୁଅଛି ଛନ ।
ଯାକୁ ଦ୍ରଷ୍ଟା ହେବ ଅରାଧନାରେ ଦେଖିବ ।
ଅନୁମାନ ଅନୁଭବ ପଥରେ ଲଗିବ ।

[ ବ୍ରହ୍ମଲ. ପୃ୧୨ ]

## ପଦଟୀକା—

ଭାବ—ଅସ୍ତିତ୍ୱ
ହୋଇ—ହୁଅଇ, ସଂ-ଭୂ
ଓ-ହୁ ଧାତୁ ।
ଜାଇ—ଯାଏ
ଅଇସ—ସଂ-ଇଦୃଶ, ପ୍ରା·
ଇଅସ-ଅଇସା (ବର୍ଣ୍ଣିକ) = ଏପରି
ସଂବୋଢେ—ସଂବୋଧେ
[illegible]
ଛଡିଆଇ—ଛଡିଆଏ ।
ସଂ—ଛୁଡି + ଏତି, ପ୍ରା-ଛଡିଆଇ
ବଡ଼—ବଡ଼, ସଂ-ବୃଦ୍ଧ, ପ୍ରା-ବଡ୍ଢୋ
= ବଡ଼
ଦୁଲକ୍ଖ—ଦୁର୍ଲକ୍ଷ୍ୟ
ଜଣାଣା—ଜଣାଣ
ତପ—ଜପ, ସ କି
ଧାଏ—ଧାଉଁରେ
ତୁହ—ତର୍କ
ଲୁଂଓଣା—ଲୁଚୋଣା
ଜାହେଇ—ଯାହାର
କାନଚନ୍ଦ୍ର—କର୍ଣ୍ଣଚନ୍ଦ୍ର
ଲୁବ—ଲୁଣ
ଣ—ନ

ପାଣୀ—ପାଣି
ସୋ—ସେ
କଇସେ—କୈସେ, ସଂ-କୀଦୃଶ
କେଏଁ—କେବେ ୭ମୀ
ବଖାଣୀ—ସଂ-ବ୍ୟାଖ୍ୟାନ ଓ ବଖାଣ
କାମଧାତୁ
କାହେରେ—କାହାରେ
କଷ—କସ, ସଂ-କୀଦୃଶ
ମଇ—ମୁଇଁ, ମୁଁ
ଗଡ଼—ଗେଡ଼
ପରିଚ୍ଛା-ସଂ—ପରୀକ୍ଷା-ଓ-
ପରିଚ୍ଛା, ପରିଚ୍ଛା କମ୍ପା-ପର୍ଚ୍ଛ
ଜଣକ—ଜନ୍ମସମ
ଜୁଅ—ସଂ-ଚନ୍ଦ୍ର ।
ଜାସ—ଯେମିତି
ସାଚ—ସତ୍ୟ
ମିଛ—ମିଥ୍ୟା
ଭଇବ—ଭାବବ, ଭୂ + ଣିଚ୍
ଜା—ଯାହା
କେଇ—ନେଇ
ଅଛମ—ଅଟ୍ଟ
ତୁହ—ତର୍କ
ଢସ—ଢଙ୍ଗ

—୦—

## ରାଗ—ମଲ୍ଲାରୀ

### ଭୁସୁକୁ ପାଦାନାମ୍ :—

କରୁଣା ମେହ ନିରନ୍ତର ଫରିଆ
ଓ-କରୁଣା ମେହ [ମେଘ] ନିରନ୍ତର ଫେଣ୍ଟ ।
ଭାବାଭାବ ଦ୍ୱନ୍ଦଳ ଦଳିଆ (୧)
ଓ-ଭାବାଭାବ ଦନ୍ଦଳ [ଧନ୍ଦଳ] ଦଳ ।
ଉଇଆ ଗଅଣମାଝେଁ ଅଦଭୁଆ
ଓ-ଉଇଲା ଗଗନମାଝେଁ ଅଦଭୁଆ [ଅଦଭୁତ]
ପେଖରେ ଭୁସୁକୁ ସହଜ ସରୁଆ
ପେଖ [ଦେଖ]ରେ ଭୁସୁକୁ ସହଜ-ସ୍ୱରୂପ ;
ଜାସୁ ସୁଣନ୍ତେ ତୁଟଇ ଇନ୍ଦଜାଳ
ଯାହା ଶୁଣନ୍ତେ ତୁଟଇ ଇନ୍ଦ୍ରଜାଲ ।
ଣିହୁଏ (୨) ଣିଅ ମନ ଦେ ୩ ଉଲସ (୪)
ନିଭୃତେ ନିଜ ମନ ଦିଏ ଉଲ୍ଲାସ ।
ବିସଅ ବିଶୁଦ୍ଧି (୫) ମଇ ବୁଜଝିଅ ଆନନ୍ଦେ
ବିଷୟ ବିଶୁଦ୍ଧି ମୁଇଁ ବୁଝି ଆନନ୍ଦେ ।
ଗଅଣହ ଜିମ ଉଜୋଲି ଚନ୍ଦେ
ଗଗନ ଯିମିତ ଉଜୋଳି ଚନ୍ଦେ ।
ଏ ତୈଲୋ (୬) ଏ ଏତ ବିଷାର (୭)
ଏ ତ୍ରୈଲୋକ୍ୟ ଏତେ ବିସ୍ତାର ।
ଜୋଇ ଭୁସୁକୁ ଫେଡ଼ଇ (୮) ଅନ୍ଧକାର
ଯୋଗୀ ଭୁସୁକୁ ଫେଡ଼ଇ ଅନ୍ଧକାର ।

---

୧-ଜଳସ୍ଥା (କ) ୩-ଗଦେ (କ) ୨-ନ (କ:ଗ.)
୪-ଉଲ୍ଲାଳ (ଖ·ଘ) ୫-ବିଶୁଦ୍ଧେଁ (ଖଗ) ୬-ତଲୋଏ (ଖ) ବିସାଗ (ଖ)
୭-ବିଷାର (ଜ)

ତମେବାର୍ଥଂ ମନ୍ତ୍ରସୁଖାନନ୍ଦପ୍ରମୋଦେନ ଭୁସୁକୁପାଦଃ ପ୍ରତି ପାଦୟନ୍ନ-
କରୁଣେତ୍ୟାଦି-କରୁଣମିତି ସ୍ୱବାସ୍ତବ ଗ୍ରାହ୍ୟାଦି କଲ୍ପଂ ଦଳଭିନଃସ୍ୱଭାବୀ-
କୃତ୍ୟ ପରିଶୁଦ୍ଧସମ୍ଭୋଗକାୟେ ଯୋଗୀନ୍ଦ୍ରସ୍ୟ ଗୁରୁପ୍ରସାଦ ପ୍ରସ୍ଫୁରିତଂ ।
ଅତଏବ ଧ୍ରୁବପଦେନ ତସ୍ୟ ପ୍ରଭବଂ ପ୍ରତିପାଦୟନ୍ନ-

ଭଇଏ ଇତ୍ୟାଦି ଅତଏବାଗମଃ

ପ୍ରଜ୍ଞାସ୍ୱରେ ଅଦ୍ଭୁତ ଯୁଗନଦ୍ଧଫଳୋଦୟୋ ଭୂତଃ ।

ତସ୍ମାତ୍ ସୋ ଭୁସୁକୁପାଦଃ ଗୁରୁସମ୍ପ୍ରଦାୟାତ୍ ତୃତୀୟାନନ୍ଦେ ସହଜାନନ୍ଦ-
ସ୍ୱରୂପଂ ପଶ୍ୟ ଜାନାତି । ସ୍ୱୟମେବ ଆତ୍ମାନଂ ସଂବୋଧ୍ୟ ବଦତି ।
ଦ୍ୱିତୀୟପଦେନ ତସ୍ୟ ପ୍ରଭବଂ ଦର୍ଶୟନ୍ନ-
ଜାସୁ ଇତ୍ୟାଦି-ଯସ୍ୟ ସହଜାନନ୍ଦସ୍ୟ ପ୍ରତ୍ୟକ୍ଷଣେ ଇନ୍ଦ୍ରଆଳମିତି ଇନ୍ଦ୍ରସ୍ୱ-
ସମ୍ପୃତଂ ଦୃଶ୍ୟନ୍ତି ପଳାୟତେ ।
ତଥାଚ ସରହପାଦାଃ-ଇନ୍ଦୀଅ ଜଥୁ ବିଲଅ ଗଉ ଇତ୍ୟାଦି,
ଜାଅଏ ଭଣ୍ଡି । ବିଭୁତେନ ନିର୍ବିକଳ୍ପା କାରେଣ ନିଜମନଃ ବୋଧିଚିତ୍ତଂ-
ବଜ୍ରଗୁରୋଃ ପ୍ରସାଦାତ୍ ସହଜୋଲ୍ଲସଂ ଦଦାତୀତି ।
ତଥାଚ ସରହପାଦାଃ-ଚିନ୍ତ' ଚିନ୍ତ ପରିହର ଇତ୍ୟାଦି ।
ତୃତୀୟପଦେନ ମାର୍ଗସ୍ୟାନୁଶଂସାମାହ—
ଜିଷପ୍ରେତ୍ୟାଦି—ଯଥା ଚନ୍ଦ୍ରେଣ ଗଗନମୁଦ୍ୟୋତିତଂ ତଥା ମୟା
ବିଷୟାଣାଂ ବିଶୁଦ୍ଧ୍ୟା । ଆନନ୍ଦେତି ବିରମାନନ୍ଦେ ପରମାନନ୍ଦମବଗମ୍ୟ
ତେନ ସହଜାନନ୍ଦଚନ୍ଦ୍ରେଣ ମୋହ ଅନ୍ଧକାରଂ ନାଶିତମିତି ।
ଚତୁର୍ଥପଦେନ ଫଳପ୍ରାପ୍ତିଦ୍ୱାର ତସ୍ୟ ପ୍ରଭବମାହ—
ଏତେ ମେଏ ଇତ୍ୟାଦି-ଏତସ୍ମିନ୍ ତ୍ରୈଲୋକଚତୁର୍ଥାନନ୍ଦବ୍ୟତିରେ-
କାନ୍ନାନ୍ୟୋପାୟୋଽସ୍ତି । ସମାସ୍ୟାଦୟେନ ସିଦ୍ଧାର୍ଥଯୈ ଭୁସୁକୁପାଦଃ ।
କ୍ଲେଶାନ୍ଧକାରଂ ଚ୍ଛେଦୋଽସ୍ତି । ତଥାଚ ସରହପାଦାଃ—ଚଣ୍ଡେ ନାମୋ
ଯନ୍ତୁଦସ୍ତେନେତ୍ୟାଦି ।

—o—

**ଅର୍ଥ—**

କବି ଶୂନ୍ୟକୁ ଆକାଶ ଓ କରୁଣାକୁ ମେଘରୂପରେ ତୁଳନା କରିଛନ୍ତି । ଆକାଶରେ ମେଘ ଉଠିଲା ପରି ମହାଶୂନ୍ୟରେ କରୁଣାର ସଞ୍ଚାର ହୋଇଅଛି ମହାଶୂନ୍ୟରେ କରୁଣା ମିଳନ୍ତେ ଭାବ ଓ ଅଭାବ; ଦୃଶ୍ୟ ଓ ଦର୍ଶକ; ଜ୍ଞାତା ଓ ଜ୍ଞେୟ ଭାବ୍ୟ ଓ ଭାବକ ସୁଖ ଓ ଦୁଃଖ ପ୍ରଭୃତି ଦ୍ୱନ୍ଦ ଭାବ ଲୋପ ପାଇଛି । ପ୍ରଭାସ୍ୱର ମହାଶୂନ୍ୟର ମଝିରେ ଅଦ୍ଭୁତଭାବରେ କରୁଣା ମେଘ ଉଇଁଅଛି କବି ନିଜକୁ ସମ୍ବୋଧନ କରି କହୁଛନ୍ତି—ତୁ ବର୍ତ୍ତମାନ ସହଜର ସ୍ୱରୂପ ଦର୍ଶନ କର । ଏହି ସହଜାନନ୍ଦର କଥା ଶୁଣିଲେ ଇନ୍ଦ୍ରଜାଲ ସଂସାରର ମାୟା-ମୋହ ନଷ୍ଟ ହୁଏ । ନିଭୃତରେ ମନ ଆନନ୍ଦରେ ଉଲସି ଉଠେ । ବିଷୟୀର ବିଶୁଦ୍ଧି ଯୋଗୁଁ ପରମାନନ୍ଦ ବିଷୟୀ ଆନନ୍ଦରେ ବୁଡ଼ି ପାରିଲା । ଚନ୍ଦ୍ରର ଜ୍ୟୋତ୍ସ୍ନାରେ ଅନ୍ଧକାର ଦୂର ହୁଅନ୍ତେ ଆକାଶ ଉଜ୍ଜ୍ୱଳ ହେଲା ପରି ମହାଶୂନ୍ୟର ଆଲୋକରେ ମୋର ବାସନା ଦୂର ହୁଅନ୍ତେ ହୃଦୟ ଉଜ୍ଜ୍ୱଳ ହୋଇଅଛି । ଏହି ମହାନନ୍ଦ ସଂସାରରେ ବ୍ୟାପି ଯାଇଛି । ଯୋଗୀ ଭୁସୁକୁ ସମସ୍ତ ଅଜ୍ଞାନାନ୍ଧକାର ଫେଡ଼ି ଅଛନ୍ତି ।

—✳—

## ପଦଟୀକା—

କରୁଣ—କରୁଣା
ମେଦ୍ଧ—ମେଘ ଓ-ମେଦ୍ଧ ମେଦ୍ଧ
ନରନ୍ତର—ତତ୍ସମ
ଫରଆ—ଫୁଲକା, ସଂ—ସ୍ଫୁର
ଭବାଜ୍ଞବ—ତତ୍ସମ
ଦ୍ୱନ୍ଦଳ—ଦ୍ୱନ୍ଦ+ଳ,—ଯଥା—
ଶୀତଳ ଧନ୍ଦଳ ।
ଦଳଅ—ଦଳ
ଉଇତ୍ରା—ଉଇଁଲ୍
ଗଅଣ—ଗଗନ
ମାଝେଁ—ମାଝେଁଓ
ଅଦଭୁଆ—ଅଦ୍ଭୁତ-ଅଦଭୁଅ
ଅଦଭୁଆ
ପେଖ—ଦେଖ ସଂ—ପ୍ରେକ୍ଷଧାତୁ
ସରୁଆ—ସ୍ୱରୂପ
ଜାସୁ—ସଂ—ଯସ୍ୟ ପ୍ରା-ଯ-ସ୍ସୁ
ଯାସୁ ଯହା
ସୁଣନ୍ତେ—ଶୁଣନ୍ତେ, ଭାବେ ୭ମୀ

ଭୁଟଇ—ସଂ-ସ୍ଫୁଟ ଧାତୁ ।
ଇନ୍ଧଆଲ—ଇନ୍ଦ୍ରଜାଲ
ନଭୁଏ—ନଭୁରେ
ଣିଅ—ନଜ
ଦେ—ଦଏ
ଉଲସ—ଉଲ୍ଲାସ—ଉଲ୍ଲାସଂ
ଦଦାତି, ସଂଟୀ
ବସଅ—ବଷପୁ
ବଶୁଦ୍ଧି—ତତ ସମ
ବୁଜ୍ଝିଅ—ବୁଝି
ଗଅଣହ—ଗଗନହୁଁ
ଉଜୋଲ—ଓ ଉଜୋଲ ଓ ଉଜୁଲ
ସଂ—ଉଜ୍ଜ୍ୱଳ+ଲ୍ୟପସ୍ଥାନେ ଇ
ଜମ—ଯିମିତି, ଯେମିତି
ତୈଲୋଏ—ତୈଲୋକ୍ୟ
ଏତ—ଏତେ
ବହାଗ—ବହ୍ରାଇ
ଜୋଇ—ଯୋଗୀ
ଫେଡ଼ଇ—ସଂ—ସ୍ଫୋଟୟତି ।

—*—

# ରାଗ—ପଟମଞ୍ଜରୀ

## ଆର୍ଯ୍ୟଦେବ ପାଦାନାମ୍ —

ଜହ୍ନି ମନ ଇନ୍ଦିଅ ପବଣ ହୋଇ(୧) ଣଠ (୨)
ଓ—ଯହିଁ ମନ ଇନ୍ଦ୍ରିୟ ପବନ ହୋଇ ନଷ୍ଟ
ଣ ଜ ଣମି ଅପା କହିଁ ଗଇ ପଇଠା
ଓ – ନ ଜାଣଇଁ ଆତ୍ମା କାହିଁ ଯାଇ (ପ୍ରବିଷ୍ଟ) ପଇଠ ।
ଅକଟ-କରୁଣା (୩) ଡମରୁଲି ବାଜଅ
ଓ – ଆଶ୍ଚର୍ଯ୍ୟ କରୁଣା ଡମ୍ବରୁ ବାଜଇ ।
ଆଜଦେବ ଣିରାସେ ରାଜଇ (୪)
ଓ—ଆର୍ଯ୍ୟଦେବ ନିରାଶ-ରାଜଇ ।
ଚାନ୍ଦରେ ଚାନ୍ଦକାନ୍ତି ଜିମ ପଡି ଭାସଅ (୫)
ଓ—ଚନ୍ଦ୍ରରେ ଚନ୍ଦ୍ରକାନ୍ତି ଯିମିତି ପ୍ରତିଭାସଇ ।
ଚିଅ ବିକରଣେ ତହି ଟଲି ପଇସଇ (୬)
ଓ – ଚିତ୍ତ ବିକରଣେ ତହିଁ ଟଳି ପଶଇ ।
ଛାଡିଅ ଭୟ ଘିଣ ଲୋଆଚାର
ଓ—ଛାଡ଼ି ଭୟ ଘୃଣା ଲୋକାଚାର ।
ଚାହନ୍ତେ ଚାହନ୍ତେ ସୁଣ ବିଆର
ଓ—ଚାହନ୍ତେ ଚାହନ୍ତେ ଶୂନ ବିଚାର ।
ଆଜଦେବେ ସଅଲ ବିହରିଉ
ଆର୍ଯ୍ୟଦେବେ ସକଳ ବିହରିଲୁ ।
ଭୟ ଘିଣ ଦୂର ଣିବାରିଉ ।
ଭୟ ଘୃଣା ଦୂର ନିବାରିଲୁ ।

---

୧—ହୋ (କ ଗ)
୨—ଣ-ଠା- (କ)
୩—କରୁଣ (ଖ)
୪—ରାଜଅ (ଖ)
୫—ପଡିଭାସଅ (ଖ)
୬—ପଇସଅ

ଟୀକା —

ତମେବାର୍ଥଂ ପ୍ରମୁଦ୍ରିତଂ ଆର୍ଯ୍ୟଦେବପାଦାଃ ପ୍ରତିପାଦୟନ୍ତି— ଜନ୍ମ ମଣ ଇତ୍ୟାଦି-ଯସ୍ମିନ୍ ପ୍ରଭାସ୍ୱରେ ସଂହାର ମଣ୍ଡଳାଦିକମେଣ ବିଷୟ-ପବନେନ୍ଦ୍ରିୟାଦିକଂ ନିଃସ୍ୱଭାବୀକରଣଂ । ତତ୍ର ପ୍ରବିଷ୍ଟୋ ସନ୍ତି ଅପି ଇତି । ଚିତ୍ତସଞ୍ଜଧେୟାଦେଶଂ ନ ଜାନାମି କ୍ୱ ଗତଃ

ଧ୍ରୁବପଦେନ ଆନନ୍ଦଂ ଦୃଢ଼ୟନ୍ତି—ଅକଠେତି-ଆଶ୍ଚର୍ଯ୍ୟଂ । କରୁଣେତି ସଂବୃତିବୋଧଚିତ୍ତଂ ଗୁରୁସମ୍ପ୍ରଦାୟାତ୍ । ଡମରୁକେତି ଅନାହତଧ୍ୱନିଂ କଥୟନ୍ତି । ଅନାହତଂ ହତଂ ଜ୍ଞାନଂ ବିବୃଣୁତେ । ଅତଏବ ଆର୍ଯ୍ୟଦେବ-ପାଦଃ । ନିରାଳମ୍ବେନ ସର୍ବଧର୍ମାନୁପଲମ୍ଭଯୋଗେନ ଘାଜତେ ଶେଭତେ ।

ଦ୍ୱିତୀୟପଦେନ ବିଷୟସ୍ୱରୂପମାହ—ଗୃହେଶଇତ୍ୟାଦି । ଯଥା—ଅସ୍ତଂ ଗତେ ଚନ୍ଦ୍ରମସି ତସ୍ୟ ଚନ୍ଦ୍ରିକା ତତ୍ରୈବ ଅନ୍ତର୍ଭବତି । ଚଅ ଛଜେ । ତଥା ଚିତ୍ତରାଜୋଽପି ଯଦା ଅଚିତ୍ତତାଂ ଗଚ୍ଛତି ପ୍ରଭାସ୍ୱରଂ ବିଶତି ତଦା ତସ୍ୟ ବିକଳ୍ପାବଳୀ ତତ୍ରୈବ ଲୀନା ଭବନ୍ତି ।

ତଥା ଗୃହମଃ— ଅସ୍ତଂ ଗତେ ଚନ୍ଦ୍ରମସୀବ ନୂନଂ
ମାରେନ୍ଦ୍ରକଃ ସଂହରଣଂ ପ୍ରୟାନ୍ତି ।
ଚିତ୍ତଂ ହି ତଦ୍ବତ୍ ସହଜେ ବିଲୀନେ
ନଶ୍ୟନ୍ତ୍ୟମୀ ସର୍ବ ବିକଳ୍ପଦୋଷାଃ ।

ତୃତୀୟପଦେନ ଭବସ୍ୟ ନିରଂଶତା ମାହ— ସ୍ଥିତଲ ଇତ୍ୟାଦି—ଅତଏବ ମୟା ଦିଙ୍ଗାଗୁଂଯେଁଣ ଉପଲଭ୍ୟାଦିକଂ ଲୋକସ୍ୟ ବ୍ୟବହାରଃ ପରିତ୍ୟକ୍ତଃ । ଗୁରୁବଚନ ମର୍ମେ ପ୍ରକ୍ଷଣେନ ଶୂନ୍ୟମିତି । ଏବଂ ନୈରାତ୍ମ୍ୟରୂପଂ ଦୃଷ୍ଟଂ ।

ଚତୁର୍ଥ ପଦେନ ସ୍ୱାନୁଶଂସାମାହ— ଆର୍ଯ୍ୟଦେବେତ୍ୟାଦି— ଆର୍ଯ୍ୟଦେବପାଦେନ ସଦ୍ଗୁରୁପ୍ରସାଦାତ୍ ନୈରାତ୍ମ୍ୟ ଧର୍ମାମୁଖୀକରଣେ ସର୍ବଂ ସଂସାରଦୂଷଣଂ ବିସର୍ଜିତମିତି ।

— * —

## ଅର୍ଥ—

ଆର୍ଯ୍ୟଦେବ ସେହି ସହଜ ଶୂନ୍ୟର ଅନୁଭୂତି କଥା ବର୍ଣ୍ଣନା କରୁଛନ୍ତି । ଇନ୍ଦ୍ରିୟ ଗୁଡ଼ିକ ମନ ସାହାଯ୍ୟରେ ନିଜ ନିଜର ପ୍ରଭାବ ବିସ୍ତାର କରିଥାନ୍ତି । ମନ ଚଞ୍ଚଳ । ସହଜରେ ସ୍ଥିର ହୁଏ ନାହିଁ । ନିଶ୍ୱାସ ପ୍ରଶ୍ୱାସ ବନ୍ଦ ହେଲେ ମନ ସ୍ଥିର ହୋଇ କ୍ରମେ କ୍ରମେ ଅମନ ଅବସ୍ଥାରେ ପହଞ୍ଚେ । ତେଣୁ ମନର କ୍ରିୟା ବନ୍ଦ ହେଲେ ଇନ୍ଦ୍ରିୟର ମଧ୍ୟ ବନ୍ଦ ହୋଇପଡ଼େ । ସାଧକ ଶୂନ୍ୟ ଅବସ୍ଥାରେ ପହଞ୍ଚିବା ପୂର୍ବରୁ ତାହାର ନିଶ୍ୱାସ ପବନ ସ୍ଥିର ହୁଏ । ତେଣୁ ମନ ସ୍ଥିର ହୁଏ । ଫଳତଃ ମନର କ୍ରିୟା ରହେ ନାହିଁ, ସୁତରାଂ ଇନ୍ଦ୍ରିୟର କ୍ରିୟା ଓ ଶକ୍ତି ମଧ୍ୟ ନଷ୍ଟ ହୋଇଯାଏ । ସହଜ (ଶୂନ୍ୟ) ର ଉପଲବ୍ଧି ବେଳେ ମନପବନ ଓ ଇନ୍ଦ୍ରିୟ ନଷ୍ଟ ହୋଇଅଛି—ତେଣୁ ଆତ୍ମା ଯାଇ କେଉଁଠାରେ ରହି ଅଛି—ତହିଁର ଧାରଣା କରି ହେବ ନାହିଁ । ଆଶ୍ଚର୍ଯ୍ୟ କଥା ଯେ ଅନାହତ (କରୁଣ ରେ) ଡମ୍ବରୁ ଧ୍ୱନି ବାଜୁଅଛି । ସାଧାରଣତଃ ପଦାର୍ଥ ସହିତ ପଦାର୍ଥର ଆଘାତ ହେଲେ ଧ୍ୱନି ହୁଏ । କିନ୍ତୁ ଏ ଅବସ୍ଥାରେ କାହାର ସହିତ କାହାର ଆଘାତ ହୁଏ ନାହିଁ । କିନ୍ତୁ ଭିନ୍ନ ଭିନ୍ନ ପ୍ରକାରର ଧ୍ୱନି ଶୁଭଇ । ତେଣୁ ଏହି ଧ୍ୱନିକୁ ଅନାହତ ଧ୍ୱନି କହନ୍ତି । ଆର୍ଯ୍ୟଦେବ ନିରାଲମ୍ବଭାବରେ ବିରାଜୁଛନ୍ତି । ଚନ୍ଦ୍ର ଅସ୍ତ ଗଲେ ଜ୍ୟୋତ୍ସ୍ନା ଚନ୍ଦ୍ରରେ ଲୀନ ହୁଏ । ସେହିପରି ଚିତ୍ତ ଲୀନ ହେଲେ ସମସ୍ତ ବିଷୟବାସନା ମଧ୍ୟ ଚିତ୍ତରେ ଲୋପ ପାଏ । ସମସ୍ତ ଇନ୍ଦ୍ରିୟ ବୃତ୍ତି ମଧ୍ୟ ମନରେ ଲୋପ ପାଏ । ଆର୍ଯ୍ୟଦେବ ସମସ୍ତ ଘୃଣା ଭୟ ଲୋକାଚାର ଛାଡ଼ି ଗୃହରେ ଦେଖୁଛନ୍ତି—ସମସ୍ତ ଶୂନ୍ୟ ସଂସାରର ଅସ୍ତିତ୍ୱ ନାହିଁ । ଆର୍ଯ୍ୟଦେବ ଭୟ ଘୃଣା ଦୂର କରି ସବୁଠାରେ ବିହାର କରୁଛନ୍ତି ।

—*—

ସମନ୍ୱୟ ପଦ୍ୟ—

ନିଶବଦ ଘରୁ ଶବଦ ଶୁଭୁଛି ଅଣାକାର ଅଛି ଆକାର ନାହିଁ ।
ଯାଉଛି ଆସୁଛି ବାରଣ ନୋହୁଛି ତାକୁ ମନ ଧନେ ଚିହ୍ନିଲୁ
ନାହିଁ ।

( ଧାନକୃଷ୍ଣ ଶରୀରଭେଦ ଭଜନ ପୃ୧୪ ।)

ଆଠଗଡ ସ୍ଥାନେ ହରଡମ୍ବରୁ ବଜାଇ (ଶୂ; ସ· ମୃ ୧୭)
ଧ୍ୟାନ ଲାଗିଛିରେ ଅନାହତ ଧ୍ୱନି ଘରେ
ନିଶବଦ ଘରୁ ଶବଦ ହୋଇଲା ଗଣ ତିନ ଘଡ଼ିଠାରେ ।

\+ \+ \+ \+ \+

ଭ୍ରମର ଗୁମ୍ଫାରେ ପଶି କର ଭୁଜି ସୁଷୁମ୍ନାକୁ ଭେଟିବୁ
ସୂକ୍ଷ୍ମ କର ତହିଁ ଧ୍ୱନି ଶୁଣୁଥିଲେ ନିଶ୍ଚେ ମୁକତି ପାଇବୁ ।

(ଗୋବନ୍ଦ, ଶରୀର ଭେଦ ଭଜନ ପୃ୧୧ ।)

ଅମନ ଶିଖେ ଛନ୍ତି ରହି । ନିଷ୍କାମେ ନିର୍ବିକଳ୍ପେ ଦେହି
ନାହିଁ ତାହାଙ୍କର ବିକାର । ଅବନା ମଣ୍ଡଳ ଈଶ୍ୱର ।
ମହାଶୂନ୍ୟ ପରେ ବିଜୟ । ପୂର୍ଣ୍ଣ ଶାଶାଙ୍କ ତେଜୋମୟ ।
ଏକୋଇଶ ବ୍ରହ୍ମାଣ୍ଡେ ସଞ୍ଚରେ । ଯହିଁ ସ୍ୱରୂପ ଅରୂପରେ ।

(ବ୍ର· ଶା· ପୃ ୧୧)

ଅମନ ମନର ସେ ଯେ ନ ଲାଗଇ ମନ ।
ନ ଥିଲା ପରାଏ ପୁର ଦିଶୁଅଛି ଶୂନ୍ୟ ।

(ବ୍ରହ୍ମ. ନି ପୃ· ୨୨

—*—

## ପଦଟୀକା—

ଜହ୍ନିଁ—ସଂ-ଯସ୍ମିନ୍ ପ୍ରା ଜସ୍ସି ଜହ୍ନିଁ

ଇନ୍ଦଅ—ଇନ୍ଦ୍ରସ୍ୟ

ହୋଇ—ହୋଏ

ଣଠା—ନଷ୍ଟ

ଜାଣମି—ଜାଣେଇଁ

ଅପା—ଆତ୍ମା ଓ-ଆପେ

କହ୍ନିଁ—କାହ୍ନିଁ ସଂ-କସ୍ମିନ୍ ଓ-କହ୍ନିଁ କାହ୍ନିଁ ।

ଗଇ—ଯାଇ

ପଇଠା—ସଂ-ପ୍ରବିଷ୍ଟ

ଅକଟ—ଆଶ୍ଚର୍ଯ୍ୟ

ଡମରୁଲ—ଡମ୍ବରୁ

ବାଜଅ—ବାଜଇ

ଣିସ୍ୱସେ—ନିଶ୍ୱସେ

ଭୁନ୍ଦ—ସଂ-ଚନ୍ଦ୍ର

ଜମ—ଯେମିତି

ପତିଭସଅ—ପ୍ରତିଭାସଇ, ସଂ-ପ୍ରତିଭାସତେ ।

ଚଅ—ଚତ୍ର

ବଜଭଣେ—ଚତୁର୍ଥମ ଇନ୍ଦ୍ରସ୍ୟ ଶୂନ୍ୟ ହୋଇ କରଣ=ଇନ୍ଦ୍ରସ୍ୟ

ତହ୍ନିଁ—ତହ୍ନିଁ, ସଂ-ତସ୍ମିନ୍

ଟଳ—ସଂ-ଟଳ (ବିଚଳନେ) ଧାତୁ

ପଇସଇ—ପସଇ

ଗୁଡଅ—ଗୁଡ଼

ଢଂଣ—ସଂ-ଘୃଣା, ଓ-ଘିଣା

ଲୋଆନ୍ତର—ଲୋକାନ୍ତର

ଦୃକ୍ଷନ୍ତେ—ସଂ ଚକ୍ଷ (ଦର୍ଶନେ ଚ) ଧାତୁ ଓ ଦୃହ୍ନ+ଅନ୍ତ ଘଟେ ୭ମୀ ।

ଧୁଣ—ଶୂନ୍ୟ

ବଆର—ବଗୁର

ଆଜଦେବେ—ଆର୍ଯ୍ୟଦେବେ

ସଅଳ—ସକଳ

ବହରିଉ—ବହରିଲୁ

ଣବାରିଉ—ନିବାରିଲୁ ।

# ରାଗ—ଦେଶାଖ

## ସରହପାଦାନାମ୍—

ନାଦ ନ ବିନ୍ଦୁ ନ ରବି ନ ଶଶିମଣ୍ଡଳ
ଓ—ନାଦ ନ ବିନ୍ଦୁ ନ ରବି ନ ଶଶିମଣ୍ଡଳ ।
ଚିଅରାଜ ସ୍ୱଭାବେ ମୁକଲ
ଓ—ଚିଉରାଜ ସ୍ୱଭାବେ ମୁକଲ ।
ଉଜୁରେ ଉଜୁ ଛୁଡ଼ି ନ ଲେହୁରେ ବଙ୍କ
ଓ—ଋଜୁଜୁରେ ଋଜୁ ଛୁଡ଼ି ନ ଲେଉରେ ବଙ୍କା ।
ନଅଡ଼ି (୧) ବୋହି ମା ଜାହୁରେ ଲଙ୍କ
ଓ—ନିକଟେ ବୋଧି ନ ଯାଉରେ ଲଙ୍କା ।
ହାଥେରେ (୧) କାଙ୍କଣ (୩) ମା ଲେଉ (୪) ଦାପଣ
ଓ—ହାତରେ କଙ୍କଣ ନ ଲେଞ୍ଜୁ ଦର୍ପଣ ।
ଅପଣେ ଅପା ବୁଝିତ ନିଅମଣ
ଓ—ଆପଣେ ଆପେ ବୁଝିତ ନିଜମଣ ।
ପାର ଉଆରେଁ ସୋଇ ଗଜଇ (୫)
ଓ—ପାର ଓ ପାରେ ସେହି ମଜଇ ।
ଦୁଜ୍ଜଣ ସଙ୍ଗେ (୬) ଅବସର ଜାଇ
ଓ—ଦୁର୍ଜନ ସଙ୍ଗେ ଅପସର ଯାଇ ।
ବାମ ଦାହିଣ ଜୋ ଖାଲ ବିଖଲା
ଓ—ବାମ ଡାହଣ ଯେ ଖାଲ ବିଖାଲ ।
ସରହ ଭଣଇ ବାଅା ଉଜୁବାଟ ଭାଇଲା (୮)
ଓ—ସରହ ଭଣଇ ବାପା ଋଜୁବାଟ ହୋଇଲା ।

---

୧—ନିଅଡ଼ି (କ)  ୪—ଲେଉ (କ)  ୭—ବାପା (କ)
୨—ହାଥେର (ଖ,ଗ)  ୫—ମଜିଇ (ଖ)  ୮—ଭଇଲା (ଖ)
୩—କାଙ୍କାଣ (କ)  ୬—ସାଙ୍ଗେ (କ)

**ଟୀକା—**

ତମେବାର୍ଥଂ ସର୍ବଧର୍ମାଧିଗମେନ ସିଦ୍ଧାଗୃର୍ଯ୍ୟୋ ହି ସରହପାଦୋ ଜନାର୍ଥଂ ପ୍ରତିପାଦୟନ୍ତି—ନାଦ ନ ଇତ୍ୟାଦି—ସଦ୍‌ଗୁରୁବଦନାମୃତଲହରୀପ୍ରଭାବେନ ପରମାର୍ଥବିନ୍ଦୁଂ ଚିତ୍ତେନ୍ଦୁ ନାଦବିନ୍ଦ୍ୱାଦିବିକଳ୍ପପରିହାରତ୍ୱସ୍ୱଭାବେନ ପରିମୁକ୍ତଂ । ଅନାଦ୍ୟବିଦ୍ୟାଜ୍ଞାନପଟଳାଃ ପୁନରନ୍ୟଥା ଭାବଂ ପଶ୍ୟନ୍ତି ।

ତଥାଚ ସରହପାଦାଃ — ଅହୋ ଗଚ୍ଛେତ୍ୟାଦି ।

ଧ୍ରୁବପଦେନ ମାର୍ଗସ୍ୟାନୁଶଂସାମାହ—

ଉଜୁ ଇତ୍ୟାଦି— ଅତଏବାବଧୂତୀମାର୍ଗଂ ବିହାୟ ଯୋଗୀନ୍ଦ୍ରସ୍ୟ ନାନ୍ୟୋପାୟୋ ବିଦ୍ୟତେ । ତେନ ଟଙ୍କନ୍ ବୋଧିଂ ନିକଟପୁରମଣୀବ ସନ୍ନିହିତଂ । ରେ ସମ୍ବୋଧନଂ । ଭୋ ବାଳଯୋଗିନ୍ ବଙ୍କମାର୍ଗଂ ମା ଭଜ । ପୁନଃ ସଂସାରେ ମା ଭବ ।

ଦ୍ୱିତୀୟପଦେନ ଆତ୍ମପ୍ରତ୍ୟୟିତାମାହ—

ହାଥେର ଇତ୍ୟାଦି—ହସ୍ତସ୍ୟ କଙ୍କଣାୟ ଦର୍ପଣଂ କିଂ କର୍ତ୍ତବ୍ୟଂ ଉପାୟ । ଭୋ ହେ ବାଳଯୋଗିନ୍ ନିଜଗୁରୁପ୍ରସାଦାନ୍ନିଜମନସା ବୋଧିଚିତ୍ତସ୍ୟ ସ୍ୱରୂପଂ ଜାନୀହି । ତେନ ତବାନୁତ୍ତରଧର୍ମସ୍ୟସାକ୍ଷାତ୍କାରିତ୍ୱଂ ଭବିଷ୍ୟତୀତି ।

ତୃତୀୟପଦେନ ବୋଧିଚିତ୍ତସ୍ୟାନୁଶଂସାମାହ—

ପାରେ ଆରେ ଇତ୍ୟାଦି—ପାରେତି ପରମାର୍ଥେନ ତଦେବ ବୋଧିଚିତ୍ତଂ ଯୋଗିବରୈରନୁଗମ୍ୟତେ । ତଦନୁ ତସ୍ୟ ଗୁରୁପ୍ରସାଦାତ୍ ମହାମୁଦ୍ରାସିଦ୍ଧିଂ ପ୍ରାପ୍ନୁବନ୍ତି ତେ । ଦେଆଜ ଉବେ ପୃଥକ୍‌ଜନୈରନୁଗମ୍ୟତେ । ତେନ ତେ ମୋହାଦିଦୁର୍ଜନ ସଙ୍ଗମେନ ସଂସାର ସମୁଦ୍ରେ ମଜ୍ଜନ୍ତି ।

ଚତୁର୍ଥପଦେନ ପୁନର୍ମାର୍ଗସ୍ୟାନୁଶଂସାମାହ—ବାମ ଦାହିଣେତି । ସୁଗମଂ । ଅତଏବ ସରହପାଦାଃ । ମହାସୁଖପୁରଗମନାୟ ଅବଧୂତୀମାର୍ଗମତୀବ ସୁସାରମବକ୍ରଂମ ।

—o—

ତଥାତ ଚର୍ଯ୍ୟାନ୍ତରଂ—

ଘଣ୍ଟ ମନଗୁନ୍ମ ଖଦତନ୍ତ ହୋହଅ
ଅଷି ବୁଝିଆ ମାପ ଗୁଳୀ ।

ଅର୍ଥ—

କବି ସେହି ନିର୍ବାଣ ବା ସହଜଶୂନ୍ୟ ଅବସ୍ଥାର ବର୍ଣ୍ଣନା କରୁଛନ୍ତି ସହଜଶୂନ୍ୟ ଦର୍ଶନବେଳେ ନିର୍ବିକଳ୍ପ ସମାଧି ଅବସ୍ଥାରେ ଚିତ୍ତ ସ୍ୱଭାବରେ ଅବସ୍ଥିତ ରହେ, ଓ ବିଷୟ ବାସନାରୁ ମୁକ୍ତ ଥାଏ । ଏ ଅବସ୍ଥାରେ ଚିତ୍ତରେ ସଙ୍କଳ୍ପ ବିକଳ୍ପ ଭାବ ଜାତ ହୁଏ ନାହିଁ । ଏ ସ୍ଥାନକୁ ପବନର ଗତି ନାହିଁ । ତେଣୁ ସୂର୍ଯ୍ୟ ଓ ଚନ୍ଦ୍ର ନାଡ଼ୀର ପବନ ସେଠାକୁ ପ୍ରବେଶ କରିପାରେ ନାହିଁ । ଏବଂ ସେଠାରେ ନାଦ ଓ ବିନ୍ଦୁ ନାହିଁ । ତେଣୁ ମନ ଚଞ୍ଚଳ ନ ହୋଇ ସ୍ଥିର ରହେ । ନାଦ ଓ ବିନ୍ଦୁକୁ ଅତିକ୍ରମ କରିଗଲେ ମହାଶୂନ୍ୟର ଉପଲବ୍ଧି ହୁଅଇ । ସେତେବେଳେ ଜ୍ଞାତା, ଜ୍ଞେୟ ଓ ଭାବ୍ୟ ଭାବକ ଭାବ ପ୍ରଭୃତି ରହେ ନାହିଁ । ଚିତ୍ତ ନିଜେ ନିଜକୁ ଉପଭୋଗ କରେ । ତେଣୁ ରେ ମନ ତୁ ତ ସରଳ, ତୁ ସରଳ ବାଟ ଛାଡ଼ି ବଙ୍କା ବାଟରେ ଯାଅ ନାହିଁ । ନିକଟରେ ନିଜ ଦେହରେ ବୋଧି (ପରମାର୍ଥ ତତ୍ତ୍ୱଜ୍ଞାନ) ରହିଅଛି । ତେଣୁ ଜ୍ଞାନ ଲାଗି ଦୂର ଦେଶ ଲଙ୍କାକୁ ଯିବାକୁ ହେବ ନାହିଁ । ସରଳବାଟରେ ସହଜମାର୍ଗରେ ଏହି ଦେହରେ ବୋଧିର ଉପଲବ୍ଧି କର । ଅନ୍ୟ ପ୍ରକାର ସାଧନା କରିବାର ପ୍ରୟୋଜନ ନାହିଁ ।

"ହାତରେ ଶଙ୍ଖା, ଦର୍ପଣ ଦେଖା" ତେଣୁ ତତ୍ତ୍ୱଜ୍ଞାନ ଲାଗି ପାଣ୍ଡିତ୍ୟ ବା କଠୋର ସାଧନାର ପ୍ରୟୋଜନ ନାହିଁ । ନିଜଦେହରେ ନିଜକୁ ଉପଲବ୍ଧି କଲେ, ଅର୍ଥାତ୍ ଅନୁଭବ ସାଧନାରେ ସଂସାରର ପର ପାରକୁ ଯାଇପାରିବ ଓ ଆନନ୍ଦ ଉପଲବ୍ଧି କରିବ, କିନ୍ତୁ ସଂସାରର ଏହି ପାରରେ କାମ କ୍ରୋଧ ପ୍ରଭୃତି ଦୁର୍ଜନ ସାଙ୍ଗ ହେଲେ ଏହି ଚିତ୍ତ ଦୂରକୁ ଅପସରି ଯାଏ । ଏବଂ ରସ ରସାଗରରେ ବୁଡ଼ାଇ ମାରେ । ବାମଡାହାଣରେ (ଇଡ଼ା ପିଙ୍ଗଳାରେ ଖାଲ ବିଖାଲ ରହିଅଛି । ତାକୁ ସାବଧାନ ହୋଇ ସରଳବାଟରେ ଯାଅ । ଏହା ସରହପାଦ ଭଣିଲେ ।

—*—

**ସମଭାବ ପଦ୍ୟ :—**

ଚନ୍ଦ୍ର ସୂର୍ଯ୍ୟ ବୋଲି  ଯାହାକୁ ସେ କହି ଜୀବ ପରମଟି ସେହି ।

(ଗୋବିନ୍ଦ ଶଙ୍କର ଭେଦ ଭଜନ ପୃ୧୧ )

ଅମଡ଼ା ଅପୋଡା ଭୂଇଁ ଚନ୍ଦ୍ର ସୂର୍ଯ୍ୟ ଗମ୍ୟ ନାହିଁ ।
ନେଉ ସେ ସ୍ଥାନକୁ ଗୋ ସୁମର ଗୁରୁଙ୍କୁ
ଯାଞ୍ଚମନ କଲେ ତତ୍ତ୍ୱ ପାଇବ ପୂର୍ବର ହେତୁ
ନିର୍ଭଞ୍ଜନ ହୋଇଲେ ଦାସ ପଣକୁ ଗୋ
ସମିପ ଥିଲେ ସେ ପୁର ଯୁଗ ଯୁଗାନ୍ତେ ଅମର
ଛେଦଇଁ ଭଯ଼ୁକୁ ଗୋ ଭେଦଇଁ  ଜ୍ଞାନକୁ ଗୋ

[ଭୀମଭୋଇ,   ଅଲେଖଭଜନ  ]

ରୁଦ୍ର ବିଷ୍ଣୁ ବହ୍ମନାଦ ବିନ୍ଦୁ ଯେ ପ୍ରତ୍ୟକ୍ଷ । [ଶୂ,ସ ପୃ୨୯]
ରେଖା ରୂପ ତହିଁ ଅଗ୍ରେ ବିନ୍ଦୁ ଯେ ଦେଖ
ନୟନ ଅଗ୍ରତେ ଲୀଳା କରନ୍ତି ନିର୍ଲେପ । (ଶୂ. ସ ପୃ୪)
ପ୍ରଥମ ଶବଦ ଅନାହତ ନାଦ ବିନ୍ଦୁ ରୂପରେ ପ୍ରକାଶ
ତଦ ଅନ୍ତେ ଦଣ୍ଡ ତହିଁ ପାଶେ ବିନ୍ଦୁ ତାହା ଉଦେ ତହିଁ ପାଶେ ।
ତହିଁ ପାଶେ ରେଖା ଉଦତ ହୋଇଛି ପଞ୍ଚଆତ୍ମା ତହିଁ ମିଶି,
ଏମନ୍ତେ ଅଣାକାର ବେଦ ଅନ୍ତେ  ଉଦୟ ହୋଇଣ ବସି

[ଅଣାକାର ଧ°—ପୃ୪୬]

ଆହେ ଦାସେ ବିନ୍ଦୁ କାହିଁ ପାଇଲ । କେମନ୍ତ ପ୍ରକାରେ ବିନ୍ଦୁ ଧଇଲ,
ବିନ୍ଦୁର ମହିମା ଅଟଇ କେମନ୍ତ । ହେ ଜଗନ୍ନାଥ ଶୁଣ ଅନନ୍ତ
× × । ବିନ୍ଦୁ ରହିଥିଲା  ମହା  ଆକାଶେ
ପ୍ରାଣାପାନ ସମାନୋଦ୍ୟାନ ବ୍ୟାନ ।
ପଞ୍ଚଭୂତ ଯେ ନ ଥିଲେକ ପୁଣ ।
ସେ ଦିନେ ବିନ୍ଦୁ ମହାଶୂନ୍ୟେ ଥିଲା ।
କଳ୍ପନା ସଂଯୋଗୁ ଜନମ ହେଲା ।

—*—

## ପଦଟୀକା

ନାଦ—ତତ୍ସମ
ନ— ,,
ବନ୍ଦୁ— ,,
ରବ— ,,
ଶଶିମଣ୍ଡଳ ,,
ଚଅରଅ – ଚଉରଜ
ସହାଚବ – ସ୍ୱଭାବ
ମୁକଳ—ମୁକୁଳା, ସଂ-ମୁକ୍ତ ଓ—
('ତ'ର 'ଡ' ଓ "ଲ"ହୁଏ)
ମୁକୁଳା ।
ଉପୁ—ଉପୁ
ମା—ନ
ଲେହୁ—ଲେଉ, ନେଉ
ବକ—ବଙ୍କାଉ-ବକ୍ର ।
ନଅତ—ନକଟେ
ବୋହୁ—ବୋଧ
ଜାହୁ—ଯାଉ
ଲଙ୍କ—ଲଙ୍କା
ହାଥେରେ—ହାଥରେ ସଂ-ହସ୍ତ

ପ୍ରା-ହତ୍ଥ ଓ-ହାଥ, ହାତ
କାଙ୍କାଣ—କଙ୍କଣ
ଦାପଣ—ଦର୍ପଣ
କ ହତ୍ଥ କଙ୍କଣଂ କଂ ଦପ୍ପଣେଣ
(କର୍ପୂରମ )
ଅପଣେ—ଆପଣେ (ନଜେ)
ଅପା—ଆମ୍ଭ,ଆପଣ.
ନଅମନ—ନଜମନ
ଉଆଁରେ—ଅପରପାରେ
ସୋଇ—ସେତସି, ଧୂଅରେ
ଦୁଜ୍ଜଣ—ଦୁର୍ଜନ
ଅବସର—ଅପସର
ଜାଇ—ଯାଏ
ଦାହିଣ—ଡାହାଣ ସଂ-ଦକ୍ଷିଣ ।
ଜୋ—ଯେ
ଖାଲ—ସଂ—ଖନ ଓ ଖାତ
ଓଡ଼ିଆରେ ତର ଲହୁଏ = ଖାଲ ।
ବଖଲ—ବଖାଲ ବିଶେଷ ଖାଲ
ବାପା—ସମ୍ବୋଧନ,—ସଂ-ବପ୍ତା
ଭଇଲ—ହୋଇଲା ।

—o—

# ରାଗ—ପଞ୍ଚମଞ୍ଜରୀ

**ଚୈଣ୍ଣ ପାଦାନାମ୍—**

ଟାଲ୍ଲତ ମୋର ଘର ନାହ୍ନିଁ ପଡ଼ବେଷୀ [୧]

ଓ—ଟାଲତ ମୋର ଘର ନାହ୍ନିଁ ପଡ଼ୋଶୀ ।

ହାଣ୍ଡୀତ ଭାତ ନାହ୍ନି ନିତି ଆବେଶୀ

ହାଣ୍ଡିରେ ଭାତ ନାହ୍ନିଁ ନିତି ଆବେଶୀ

ବେଙ୍ଗ (୨) ସଂସାର ବଡ଼ହିଲ ଯାଅ

ବେଙ୍ଗ ସଂସାର ବଢ଼ି ଯାଏ ।

ଦୁହିଲ ଦୁଧକ ବେଣ୍ଟେ ସମାଅ [୩]

ଦୁହିଁଲ ଦୁଧ କ ବେଣ୍ଟେ ସମାଏ ?

ବଳଦ ବିଆଏଲ (୪) ଗବିଆ ବାଁଝେ

ବଳଦ ବେଇଲା ଗାଈ ବାଁଝି ।

ପିଟା ଦୁହିଏ (୫) ଏତି ନା ସାଁଝେ

ପୀଠ ଦୁହିଁଲେ ଏତିନ ସଁଝେ ।

ଜୋ ସୋ (୬) ବୁଧୀ ସୋଧ ନିବୁଧୀ

ଯେ ସେ ବୁଧିଆ ଶୁଦ୍ଧ ନିବୁର୍ଦ୍ଧି ।

ଯୋ ସୋ ଚୈର [୭] ସୋଇ ସାଧୀ

ଯେ ସେ ଚୈର ସେହି ସାଧୁ ।

ନିତି - ନିତି ଷିଆଳା (୮) ସିଂହେ (୯) ସମ [୧୦] ଯୁଝଅ

ନିତ ନିତ ସିଆଳ ସିଂହ ସମ ଯୁଝଇ ।

ଚୈଣ୍ଟଣ ପାଏର ଗୀତ ବିରଳେ ବୁଝଅ

ଚୈଣ୍ଟଣେ ପାଦର ଗୀତ ବିରଳେ ବୁଝଇ ।

---

| | |
|---|---|
| ୧—ପଡ଼ବେଶୀ [ଖ ଗ] | ୬—ସୋ [ଖ] |
| ୨—ବେଙ୍ଗନ ସା ପ ଖ | ୭—ଚୌର (ଖ) |
| ୩—ସମାଅ (ଖ) | ୮—ସିଆଲା [ଖ] |
| ୪ - ବିଆଅଲ [ଖ ଖ] | ୯—ସିଂହ (ଖ) |
| ୫—ଦୁହିଅଇ [ଖ] | ୧୦—ଷମ (କ ଖ) |

ଟୀକା—

ତମେବାର୍ଥଂ ପରମାନନ୍ଦବନ୍ଧେ ଢମ୍ମୁଦ୍ଧତଟେଣ୍ଟଣେ ହ୍ ସିଧାଗୃର୍ଯ୍ୟଃ ସନ୍ଧ୍ୟାଭାଷୟା ପ୍ରତିପାଦୟନ୍ତି—

ଟାଲତ ଇତ୍ୟାଦି—ଟା ଇତି ଟମାଳମସ୍ତ୍ରୁ ପ୍ରଂ କାୟବାକ୍ ଚିତ୍ତସ୍ୟ ଷଷ୍ଟ୍ୟ ଭ୍ରଶତପ୍ରକୃତିଦୋଷଂ ଯସ୍ମିନ୍ ସମୟେ ମହାସୁଖଚକ୍ରେ ଲୟଂ ଗତଂ ତଦେବ ମମ ଗୃହଂ ମାଣ୍ଡ ସ୍ଥଚନ୍ଦ୍ରସୂର୍ଯ୍ୟୌ ତମେବ ବଜ୍ରଜାପକ୍ରମେଣ ତତ୍ରୈବାନ୍ତର୍ଲୀନୌ । ହଣ୍ଡୀତି ସ୍ୱକାୟାଧାରଂ ଭକ୍ତଂ ତସ୍ୟ ସଂବୃତି-ବୋଧିଚିତ୍ତବଜ୍ଞାନାଧିରୂପମ୍ । ଗୁରୁସମ୍ପ୍ରଦାୟାତ୍ ମେ ତଦୁପଲମ୍ଭୋଽସ୍ତି ଅତଏବ ନୈରାତ୍ମରୂପଂ ତସ୍ୟା ଯୋଗୀନ୍ଦ୍ରା ନିତ୍ୟଂ ତମାହ୍ୱଶନ୍ତି । ପୁନଃ ପୁନଶ୍ଚେତି ସିଦ୍ଧମାତୃଗ୍ୟପୃଚ୍ଛି । ଧ୍ରୁବପଦେନ ତମେବାର୍ଥଂ ଦୃଢୟନ୍ତି ।—

ବେଙ୍ଗେତ୍ୟାଦି—ବଙ୍ଗଳାଙ୍ଗଂ ଯସ୍ୟ ସ ବ୍ୟଙ୍ଗଃ । ଅଙ୍ଗଶୂନ୍ୟତ୍ୱେନ ତଂ ପ୍ରଭାସ୍ୱରବୋଧବ୍ୟଂ । ଅଙ୍ଗସ୍ୟ ଷ-ଭଙ୍ଗତୌ ସମ୍ପୃତ୍ତ ଗଚ୍ଛନ୍ତି ସମ୍ପୃଃ ତଦେବ କାପୁରୁଷଂ ତେନ ବ୍ୟଙ୍ଗେନ ପ୍ରଭାସ୍ୱରେଣ ବିଜ୍ଞାନପବନୋଽଷ୍ଟୋ ହରିତଃ ଦୁହିଲ ଇତି-କର୍ମମୁଦ୍ରାପ୍ରସଙ୍ଗାତ୍ ବଜ୍ରାଗାରଗତଂ ଯତ୍ ବୋଧିଚିତ୍ତଂ । ଯୋଗୀନ୍ଦ୍ରସ୍ୟ ବେଣ୍ଟମିତି, ମୂଳଂ ମହାସୁଖଚକ୍ରଂ ଗଚ୍ଛତି କମଦ୍ଭୁତମିତି ।

ଦ୍ୱିଷ୍ଟାପଦେନାଭ୍ୟାସପରିଶେଷମାହ—

ବଳଦା ଇତ୍ୟାଦି—ବଳଂ ମାନସାଦେହସଙ୍କୀର୍ଣ୍ଣଂ ଜଦାଂଶାତି ବଳଦସ୍ତ-ଦେବ ବୋଧିଚିତ୍ତଂ ଆଭ୍ରସବୟପ୍ରସୂତଂ । ଗାଗାତି ଯୋଗୀନ୍ଦ୍ରସ୍ୟ ଗୃହିଣୀ ବନ୍ଧ୍ୟା ନୈରାତ୍ମା ତମଧିକୃତ୍ୟ ପୀଠକଂ ସ୍ୱକୁଳଶାସ୍ତ୍ରେ ଗୁରୁସମ୍ପ୍ରଦାୟାଭ-ସ୍ୟାଭାଷଦୋଷଂ । ଦୋହନମିତି ନିଃସ୍ୱଭାବୀକରଣଂ କ୍ରିୟତେ । ସନ୍ଧ୍ୟା-ତ୍ରୟମିତି ଅହର୍ନିଶଂ ଯୋଗୀନ୍ଦ୍ରେନେତି ।

ତଥାଚ ସରହପାଦାଃ—

ଲୁଇଶଙ୍ଖରୋରୁହଙ୍ଗରେ ଜୋଏ ଜୋଇଣୀ ମନପବନ ମହାମୁହ ହୋଇ ।
ଖଟକ ଆଜନ୍ଧ ଦେଅନ୍ତ ଶହ ଣଖଲକଖାନ ଦେ ପରମାଣ୍ଣହା ।

ତୃତୀୟପଦେନ ସ୍ୱରୂପପରିଚୟମାହ—
ଯୋସୋ ବୁଦ୍ଧୀତ୍ୟାଦି—ବାଲଯୋଗିନାଂ ଯ ଯା ବୁଦ୍ଧି ସବିକଳ୍ପକଜ୍ଞାନଂ
ସା ପରମାର୍ଥବିଦାଂ ପ୍ରତିଗୁରୁପ୍ରସଙ୍ଗାନ୍ନିରୁପଲମ୍ଭରୂପା ।

—○—

ତଥାଚ ସରହପାଦାଃ—

ଯଦ୍ଦଦ୍ଧଂ ସନ୍ନିମିତ୍ତସୁଖଂ ତଦେବ ମହତାଂ ଜ୍ଞାନଞ୍ଚ ପରିହାନମିତି । ଅନେପି ଯ ଏବ ଚିତ୍ତରାଜଶ୍ଚୈରଃ । ଅଦଭ୍ର ଦାନଂ କରୋତି । ସଏକ ଭବଦ୍ୱୟଂ ଯଂ ମଣ ଶତ ତଦ୍ବିପକ୍ଷକ ପରମାର୍ଥରୂପଃ । ଅତଏବ ବାଲଯୋଗିନାଂ ଦୁଃସାଧ୍ୟଂ ପରମାର୍ଥସତ୍ୟଂ ତୈଃ ଦୁଃଖେନ ସାଧିତମିତି ।

ଚତୁର୍ଥପଦେନ ସ୍ୱରୂପଭାବମାହ—

ନିତି ନିତି ଇତ୍ୟାଦି—ମରଣାଦିକେ ସଙ୍କଟ ବର୍ତ୍ତତେ ଇତି କୃତ୍ୱା ସଏବ ସଂସାର ଊତ୍ତ ଶୃଗାଳତୁଲ୍ୟଃ । କଲ୍ୟାଣମିତ୍ରାଧିଷ୍ଠାନାତ୍ ପ୍ରଭାସ୍ୱରବିଶୁଦ୍ଧୋ ଭବତି । ତଦା ଯୁଗନଦ୍ଧସିଂହେନେନ ସ୍ପର୍ଦ୍ଧାଂ କରୋତି । ଈଦୃଶ୍ୟାଂ ଚୈଷଣପାଦସ୍ୟ ଚର୍ଯ୍ୟାୟାଂ ବିରଳେ ପକ୍ଷିବନ୍ଧ ବ୍ରତଜଣରତୋଦେଶେ କୋଽପି ମହାସତ୍ତ୍ୱଃ ଅର୍ଥାବଗମଂ କରିଷ୍ୟନ୍ତୀତି ।

—✳—

**ଅର୍ଥ**—ଟାଲରେ ନଈଗଣ୍ଡରେ କମ୍ବା କାହାନାରେ ବା ଛକନାରେ ମୋର ମଧ ଘର ରହିଛି । କିନ୍ତୁ ମୋର କେହି ପଡିଶା ନାହାନ୍ତି । ଅର୍ଥାତ୍ ମୁଁ ବର୍ତ୍ତମାନ ସୁମେରୁ ଶିଖରରେ ମହାସୁଖ ଚକ୍ରରେ ରହିଅଛି । ଏଠାରେ ଦ୍ୱୈତ ପଦାର୍ଥ କିଛି ନାହିଁ । ଅନ୍ୟ କେହି ନାହିଁ । ସମସ୍ତ ମହାଶୂନ୍ୟ । ହାଣ୍ଡିରେ ଭାତ ନାହିଁ, କିନ୍ତୁ ନିତି ଖାଇବାକୁ ଲୋକ ଆସୁଛନ୍ତି । ଅର୍ଥାତ୍-ହାଣ୍ଡି ପରି ଏ ଘଟରେ ଚିତ୍ତ ନାହିଁ । ମୋର ଚିତ୍ତ ଶୂନ୍ୟରେ ଲୀନ ହୋଇଅଛି । ମୋର ନିତି ପରମାର୍ଥ ଯୋଗରେ ଆବେଶ ରହିଛି । ସଂସାର ମୋର ବେଙ୍ଗ (ବ୍ୟଙ୍ଗ) ଅର୍ଥାତ୍ ତାହାର ଅଙ୍ଗ ନାହିଁ । କିନ୍ତୁ ମାୟାରେ ଏ ସଂସାର ବଢ଼ି ୨ ଯାଉଛି । ସଂସାରର ଅସ୍ତିତ୍ୱ ନାହିଁ । ଏହା ମହାଶୂନ୍ୟ । ଏହି ଜ୍ଞାନ ମୋର ବଢି ୨ ଯାଉଛି । ଦୁହିଁଲା ଦୁଧ ବେଣ୍ଟରେ

ସମ୍ଭାଇ ପାରେ ନାହିଁ । ମୋ ଚିତ୍ତ ମୂଳାଧାରରୁ ଯାଇ ଉପୃତ୍ତିତ ମୂଳ ମହାସୁଖଚକ୍ରରେ ସମ୍ଭାଇ ରହିଛି । କିମ୍ବା ମନ ପରମାର୍ଥରୁ ଖସି ସଂସାରରେ ଲାଗିଥାଏ । କିନ୍ତୁ ମୋର ମନ ପରମାର୍ଥରେ ଲୀନ ହୋଇଛି । ସନ୍ଧିପ୍ସୁ ମନ ରୂପଜଗତର ସୃଷ୍ଟି କରୁଛି ବୋଲି ମନକୁ ବଳଦ ବୋଲି କୁହାଯାଇଛି । ଅର୍ଥାତ୍ ବଳଦ ପରି ମନ ସଂସାରଟାକୁ ପ୍ରସବ କରୁଛି । କିନ୍ତୁ ଗାଈପରି ନୈରାତ୍ମା ବନ୍ଧ୍ୟା ହୋଇଛି । ଅର୍ଥାତ୍ ନୈରାତ୍ମ୍ୟର ଉପଲବ୍ଧି ବେଳେ ସୃଷ୍ଟ ସଂସାରର ସତ୍ତା ନାହିଁ । (ପିଟା ଦୁହଁଏ ଏତିନ ସାଝେ) ଦୁଇଟା ପୀଠ, ତିନଟା ସନ୍ଧ୍ୟା । ତିନି ସଞ୍ଜରେ ସଦା ସର୍ବଦା କାୟବାକ୍‌ଚିତ୍ତର ଆଶ୍ରୟରେ ଗଠିତ ଅବିଦ୍ୟା ପୀଠକୁ ଦୋହନ କରି ତାହାର ମୂଳୋତ୍ପାଟନ କରୁଅଛି । ବୁଦ୍ଧି ଆ-ନବଂଧି (ବିରୋଧାଭାସ) ସଂସାର ବିଷୟରେ ଯେଉଁମାନେ ବୁଦ୍ଧିଆ ସେମାନେ ପ୍ରକୃତରେ ପରମାର୍ଥ ତତ୍ତ୍ୱ ବିଷୟରେ ଅତି ନବଂଧି । କିମ୍ବା ବାଳଯୋଗୀମାନଙ୍କର ସବିକଳ୍ପ ଜ୍ଞାନର କଥା ନିର୍ବିକଳ୍ପତତ୍ତ୍ୱଜ୍ଞ ମନେ ବୁଝିପାରନ୍ତି ନାହିଁ । ଯେ ଚୋର ସେ ସାଧୁ (ବିରୋଧ) ଯେଉଁ ମନ ବିଷୟ ସୁଖ ଚୋରିକରି ଭୋଗ କରୁଛି ବୋଲି ମନ ଚୋର । କିନ୍ତୁ ସେ ମନ ପରମାର୍ଥତତ୍ତ୍ୱ ଲାଭ କଲେ ନିର୍ବିକଳ୍ପ ଅବସ୍ଥାରେ ସାଧୁ ହୁଏ । ଏହି ଚିତ୍ତ ମରଣକୁ ଭୟକରି ଶିଆଳ ପରି ଭାବୁଅଛି । ସେହି ଚିତ୍ତ ମଙ୍ଗଳ କାର୍ଯ୍ୟକରି ବିଶୁଦ୍ଧ ହେଲେ ସହଜାନନ୍ଦ ସଙ୍ଗରେ ଯୁଝଇ । ଅର୍ଥାତ୍ ବିଶୁଦ୍ଧ ଚିତ୍ତ ସହଜାନନ୍ଦ ସଙ୍ଗରେ ଯୁଝଇ । ଅର୍ଥାତ୍ ବିଶୁଦ୍ଧ ଚିତ୍ତ ସହଜାନନ୍ଦକୁ ଆୟତ୍ତ କରିବାକୁ ଚେଷ୍ଟା କରେ । ଟିଣ୍ଟିଣୀ ପାଦଙ୍କର ଏହି ଗୀତ ଖୁବ୍ କମ ବୁଝନ୍ତି ।

—✻—

ସମଭାବପଦ୍ୟ—

ସୁଜନ ବନ୍ଧୁ — ବାଲିରେଣୁ ମହାବନ୍ଧ
ଦୋମୁହାଁ ସର୍ପକୁ ଭୟ ନ କରଣ ବେଙ୍ଗ ଚଢ଼େ ଗଜକନ୍ଧ ।
ଅଣ୍ଡିରା ହଂସ ଯେ ଡ଼ିମ୍ବେକ ପାଡ଼ିଛି ତା ମଧ୍ୟେ ଯୋଡ଼ିଏ ଛୁଆ ।
(ଅଚ୍ୟୁତାନନ୍ଦ ଦାସ)

ସର୍ପକୁ ମଣ୍ଡୂକୀ କରୁଛି ଗେଲ
ଜୁଇ ବୃକ୍ଷେ ଅଛି ମନ୍ଦାର ଫୁଲ । (ଅଚ୍ୟୁତାନନ୍ଦ)
ଗାଈଭଳି ଭୁଲଇ ମେଣ୍ଢେ
ନଉଡେ ବେଉସା ଖାଇ
ଗାଇପଛେ ଯେବେ ଗଡ଼ୁଥାଆନ୍ତା ବେଙ୍ଗସା ଖାଆନ୍ତା ନାହିଁ ।
(ଯଶୋବନ୍ତ ପଞ୍ଚସଖା ଭଜନ ପୃ୩୦)
ମଣ୍ଡୂକୀ ମାଡ଼ିଛି ଝିମ୍ପୁକି କଠାଉ ଶୃଗାଳ ହୋଇଛି ରଜା
କଳିକତର ଯେ କରତା ହୋଇଛି ହସ୍ତିକି କଲେ ପରଜା ।
(ପୀତାମ୍ବର—ନୃସିଂହ ପୁରାଣ ୬ମ ରତ୍ନାକର ପୃ୧୬୭)

—*—

## ପଦଟୀକା—

ଠାଳତ—ଠାଳରେ ଛଳରେ
ଖାଲ, ଗର୍ତ୍ତ
ପ୍ରତିବେଷୀ—ପଡ଼ୋଶୀ, ପଡ଼ିଶା
ସଂ—ପ୍ରତିବେଶୀ
ହାଁଡିତ—ହାଣ୍ଡିରେ ସଂ-ହଣ୍ଡୀ
କାମ୍ବା—ଗର୍ତ୍ତ
ଭାତ—ସଂ-ଭକ୍ତ, ପ୍ରା-ଭତ୍ତ
ନାଟ—ସଂ-ନାଟ୍ୟ
ଆବେଶୀ—ସଂଜ୍ଞୀ-ନୈରମ୍ବରୂପଂ
ଯୋଗୀନ୍ଦ୍ରୋ ନଟ୍ୟଂ ଆବିଶତ
ନୈରମ୍ବାରେ ନାଟ ପ୍ରବେଶ କରେ ।
ସଂ—ଆବେଶ+ଇନ୍=ଆବେଶୀ
ଖାଇବାକୁ ଲାଳସୀ
ବେଙ୍ଗ—ଅଙ୍ଗରହିତ

ବଡ଼ହିଲ—ବଢ଼ିଲା, ସଂ-ବର୍ଦ୍ଧିତ (ତ,ଲ)
ଜାଅ—ଯାଏ
ଦୁହିଲ—ଦୁହିଲା (ବିଶେଷଣ)
ସଂ—ଦୁହ,ଓ-ଦୁହ୍,କ୍ତ ସ୍ଥାନରେ ଇଲ
ଦୁଧୁ—ଦୁଧ; ସଂ-ଦୁଗ୍ଧ
ଅଭୁତଂ—ସଂଜ୍ଞୀ-ଆଶ୍ଚର୍ଯ୍ୟକଥା
ବେଣ୍ଟି—ସଂ-ବୃନ୍ତ, ପ୍ରା-ବେଣ୍ଟ ଓ ବଣ୍ଟା+
'ଏ' ତମୀରେ—ତଳରେ
ସାମାଅ—ସମାଇ ଓ ସମ୍ଭାଇବା
ସଂ-ସମ୍+ଭୂ+ଣିଚ୍=ସମ୍ଭବୟତି
ବିଆଅଳ—ବେଢ଼ଇଲା; ସଂ-ବାଧାରୁ
(ବା ଗତି କ୍ୟ ପ୍ତି ପ୍ରଜନନକ ନ୍ୟାସନ-

ଖାଦନେଷୁ) ଓ—ବେ-ଧାତୁ

ଗବଆ-ଗାଈ, ସଂ-ଗୌ,ଗବା,ଗାଥି

ଗାଈ ।

ବାଝେଁ—ଓ-ବାଝୁଁ ସଂ—ବନ୍ଧ୍ୟା ।

ପିଠା—ପୀଠ ଓ ପୀଢ ସଂ-ପୀଠକ

ପୀଠକଂ ତସ୍ୟ ଚଉସ୍ୟ ଆତ୍ମସଦୋଷଂ

(ସଂ—ଠୀ)

ଦୁହ୍ୱଏ—ଦୁହାଁନ୍ତୁଏ କମ୍ବା ଦୁହେଁ

ଭିନା—ଭନ୍ନ ସଂ-ହୀଣ ।

ସାଁଝେ—ସଁଝରେ ସଂ—ସନ୍ଧ୍ୟା

ଜୋ—ଯେ

ସୋ—ସେ

ବୁଧୀ—ବୁଧିଆ, ସଂ-ବୁଦ୍ଧି ଓ ବୁଧ +ଆ

ସୋଧ—ଶୁଦ୍ଧ

ନବୁଧୀ—ନିବ୍ଧିଆ ଓ ନିର୍ବୁଦ୍ଧି

ଟ୍ଟେର—ତତ୍ସମ

ସୋଇ—ସେ,ବ, ସଂ—ସୋଽପି

ସାଧୀ—ସାଧୁ

ଷିଆଳା—ଶିଆଳ, ସଂ-ଶୃଗାଳ

ସିଙ୍ଘେ—ସିଂହେ

ଷମ—ସମ

ଜୁଝଅ—ଜୁଝଇ, ସଂ—ଯୁଧ୍ୟତେ, ଯୁଧଧାତୁ ଓ ଜୁଝ ଧାତୁ ।

ଟେଣ୍ଣଣପାଏର—ଟେଣ୍ଣଣପା ଦର

ଗୀତ—ତତ୍ସମ

ବରଲେ— ,,

ବୁଝଅ—ବୁଝଇ

ସଂ-ବୁଧ ଧାତୁ ଓ ବୁଝଧାତୁ ।

—୦—

# ରାଗ—ବରାଡୀ ;

ଦାରିକପାଦାନାମ୍—

ସୁନ କରୁଣରେ ୧ ଅଭିନଗୃହେ ୨ କାଅବାକ୍ ଚଏ ୩
ଓ-ଶୂନ୍ୟ କରୁଣାରେ ଅଭିନ୍ନାଗୃହେ କାୟୁବାକ୍ ଚିତ୍ତେ ।
ବିଲସଇ ଦାରିକ ଗଅଣତ ପାରିମକୁଲେଁ
ଓ-ବିଲସଇ ଦାରିକ ଗଗନର ପାର କୂଳେଁ ।
ଅଲକ୍ଖଲକ୍ଖଣଚିତ୍ତ (୪) ମହାସୁହେଁ
ଓ-ଅଲକ୍ଷ୍ୟ ଲକ୍ଷଣଚିତ୍ତ ମହାସୁଖେ ।
ବିଲସଇ ଦାରିକ ଗଅଣତ ପାରିମ କୁଲେଁ
ଓ-ବିଲସଇ ଦାରିକ ଗଗନର ପାର କୂଳେଁ (ପାରିମକୁଳେଁ)
କିନ୍ତୋ ମନ୍ତେ କିନ୍ତୋ ତନ୍ତେ କିନ୍ତୋରେ ଝାଣ ବଖାଣେ
ଓ-କି ତୋ(ର) ମନ୍ତ୍ର କି (ତୋର) ତନ୍ତ୍ର ଭ(ତାର) ତୋ ଧ୍ୟାନ
ବଖାଣେ ।
ଅପଇଠାଣ ମହାସୁହଲୀନେ ଦୁଲକ୍ଖ (୬) ପରମନିବାଣେ
ଓ-ଅପଇଠାଣ ମହାସୁଖଲୀନେ ଦୁର୍ଲକ୍ଷ୍ୟ ପରମନିର୍ବାଣେ ।
ଦୁଃଖେଁ ସୁଖେଁ ଏକୁ କରିଆ ଭୁଞ୍ଜଇ ଇନ୍ଦୀଜାଣି ।
ଓ-ଦୁଃଖେଁ ସୁଖେଁ ଏକ କରି ଭୁଞ୍ଜଇ ଇନ୍ଦ୍ରୟାଣି ।
ସ୍ୱପରାପର ନ ଚେବଇ ଦାରିକ ସଅଳାନୁତ୍ତର ମାଣୀ ।
ଓ-ସ୍ୱପରାପର ନ ଚେତଇ ଦାରିକ ସକଳାନୁତ୍ତର ମାନୀ ।
ରାଆ ରାଆ ରାଆରେ ଅବର ରାଅ ମୋହେ(୭) ରେ ବାଧା
ଓ-ରାଜା ରାଜା ରାଜାରେ ଆବର ରାଗ ମୋହେରେ ବାଧା
ଲୁଇପାଅ ପଏାଏଁ ଦାରିକ ଦ୍ୱାଦଶଭୁଅଣେ ଲଧା (୮)
ଓ-ଲୁଇପାଦ ପ୍ରସାଦେ ଦାରିକ ଦ୍ୱାଦଶଭୁବନ ଲବ୍ଧ (ଲଭିଲା)

---

୧—ଣରେ (ଖଗ) ୪—ଅଲଷଲଖଚିତ୍ତ ୬—ଦୁଲଖ (କ)
୨—ଣ ବାରେଁ (କ) ଅଲକ୍ଖ ଲକ୍ଖଇ ଚଏ(ଖ) ୭-ମୋହେର (ଖ)
୪—ବିଅ (କ) ୫—ଲୀଣେ ୮—ଲଧା (କ)

ଟୀକା— ତମେବାର୍ଥଂ ଚର୍ଯ୍ୟେଦ୍ଧର୍ମୋଦ୍ଗମେନ ସିଦ୍ଧାଚାର୍ଯ୍ୟୋ ହି ଦାରିକଃ ପ୍ରତିପାଦୟତି ।— ସୁନ କରୁଣେତ୍ୟାଦି—

କରୁଣେତି ସଂବୃତିସତ୍ୟଂ ଶୂନ୍ୟମିତି । ତସ୍ୟ ପରିନିଷ୍ଠିତ ରୂପଂ ପରମାର୍ଥ ସତ୍ୟଂ । ଉଭୟମଭେଦୋପଚାରେଣ ଗୃହୀତ୍ୱା ବଜ୍ରଗୁରୁପ୍ରସାଦାତ୍ ସିଦ୍ଧାଚାର୍ଯ୍ୟୋ ହି ଦାରିକଃ । ଗଗଣମିତିଅଲୋକାଦଶୂନ୍ୟତ୍ରୟଂ ବୋଧବ୍ୟଂ ତସ୍ୟ ପାରଂ ପ୍ରଭାସ୍ୱରେ ମହାସୁଖେନ ପରିଶୁଦ୍ଧକାୟବାକ୍ଚିତ୍ତବଜ୍ରାର୍ଦ୍ଧ-ନିଷ୍ଠମେନ ବିଲସତି ।

ତଥା ଶ୍ରୁଗମଃ—

ଭାବେଭ୍ୟଃ ଶୂନ୍ୟତା ନାନ୍ୟା ନ ଚ ଭାବୋସ୍ତି ତାଂ ବିନେତ୍ୟାଦି ।

ଧ୍ରୁବପଦେନ ତମେବାର୍ଥଂ ଦ୍ରଢୟତି ।

ଅଲକ୍ଷମିତି—ଅତଏବ ଅନୁତ୍ପାଦେନ ଲକ୍ଷ୍ୟତେ ତତ୍ତ୍ୱମଲକ୍ଷ୍ୟଂ ତେନ ପ୍ରଭାସ୍ୱରେ ଚିତ୍ତେ ନ ବିଲସତି ସୁଚମପରଂ ।

ଦ୍ୱିତୀୟପଦେନାନ୍ୟଂ ସଂବୋଧୟତି—

କନ୍ତୋ ଇତ୍ୟାଦି-ମନ୍ତ୍ରେନେତି ବାହ୍ୟମନ୍ତ୍ରଜାପେନ ରେ ବଠ ବାଲଯୋଗିନ୍ କିଂ ତବ ତନ୍ତ୍ରେନେତି ତନ୍ତ୍ରପାଠେନ ଚ ଧ୍ୟାନବ୍ୟାଖ୍ୟାନେନ ବା କିଂ । ଅପ୍ରତିଷ୍ଠାନ ମହାସୁଖଲୀଳୟା ତବ ନିର୍ବାଣଂ ଦୁର୍ଲକ୍ଷ୍ୟଂ ଗୁରୁଚରଣ ରେଣୁ-କରଣପ୍ରସାଦାତ୍ ପ୍ରସିଦ୍ଧମେବ ।

ତଥାଚ ସରହପାଦାଃ—ମନ୍ତ୍ର ନ ତନ୍ତ୍ର ନ ଇତ୍ୟାଦି ।

ତୃତୀୟପଦେନ ମର୍ଗସ୍ୟାନୁଶଂସାମାହ—

ଦୁଃଖେତି—ଦୁଃଖେନେତି ପରମାର୍ଥସତ୍ୟେନ ସହ ଏକୀକୃତ୍ୟ ରେ ବାଳ-ଯୋଗିନ୍ ଗୁରୁଂ ପୃଷ୍ଟ୍ୱା ବିଷୟେନ୍ଦ୍ରିୟୋପଭୋଗଂ କୁରୁ । ଏତଦୁପାୟେନ ସକଳାନୁତ୍ତରଂ ଗତ୍ୱ ଦାରିକୋ ହି ସିଦ୍ଧାଚାର୍ଯ୍ୟଃ ସଂସାରେ ସ୍ୱଦେହପରଂ ଭାଗଂ ଭେଦଂ ନ ପଶ୍ୟନ୍ତି ।

ତଥାଚ ଧୋକଣ୍ଡପାଦଃ—

ସଂସାରେ ବନ୍ଧ ସଂସରନ୍ତି ସୁଧିୟୋ! ଏଷ ପ୍ରଭବେ ପିଚ
ଭାବାଭାବୟୁଗେ ବିଶୁର୍ଯ୍ୟ ସକଳଂ ସ୍ୱପ୍ରଜ୍ଞୟା ସଂସ୍ଥିତମ୍ ।

ପକ୍ଷ୍ୟାପକ୍ଷ୍ୟମବେକ୍ଷ ବାହ୍ୟଗହ୍ୱତଂ ତକ୍ଷଂ ନ ପଶ୍ୟାମ୍ୟହଂ

ଗ୍ରାହ୍ୟଗ୍ରାହକବର୍ଜିତଂ ହି ମୁନିଭିଃ ଦୁଃଖୈଃ ଯଥାସଂଗତଂ ।

ଚତୁର୍ଥପଦେନ ସ୍ୱରୂପ ନୃଶଂସାମାହ—

ଯଥା 'ଇତ୍ୟାଦି—ଉକ୍ତସ୍ୱରୂପେଣ ସ୍ୱରୂପଂ କାର୍ଯ୍ୟୈଶ୍ୱର୍ଯ୍ୟାଦିକଂ ଗୁଣଂ ସୂଚିତଂ । ଅନ୍ୟେ ଯେ ଦେବା ନଗେନ୍ଦ୍ରାଦୟୋ ବିଷୟମୋହେନ ବଦ୍ଧାସ୍ତିଷ୍ଠନ୍ତି । ବୟଂ ପୁନଃ ଲୁୟୀପଦପ୍ରସାଦାତ୍ ଦ୍ୱାଦଶଭୂମିନୋ ଜିନସମଃ ।

—*—

## ଅର୍ଥ—

ଦାରିକ କବିଙ୍କର କାୟ-ମନୋ ବାକ୍ୟ ଏ ତିନୋଟି, ଶୂନ୍ୟତା ଓ କରୁଣା ସହିତ ଅଭିନ୍ନଭାବରେ ମିଳିତ ହୋଇଛନ୍ତି । ଏହି ଅବସ୍ଥାରେ ସେ ପ୍ରଭାସ୍ୱର ଶୂନ୍ୟତାର ପରପାରରେ ବିଳାସ କରୁଛନ୍ତି । ଏହି ଅବସ୍ଥାରେ ପହଞ୍ଚିଲେ ମନ ଅମନରେ ପରିଣତ ହୁଏ । ଚିତ୍ତ ସର୍ବୋପାଧିବିମୁକ୍ତ ହୁଏ । କବି ବର୍ତ୍ତମାନ ଯେଉଁ ମହାସୁଖ ଅନୁଭବ କରୁଛନ୍ତି ତାହା ବର୍ଣ୍ଣନା କରି ହେବ ନାହିଁ । ଦାରିକ କବି ସେହି ଅବର୍ଣ୍ଣନୀୟ ମହାସୁଖ ଉପଲବ୍ଧିକରି ଶୂନ୍ୟର ପରପାରରେ ବିଳାସ କରୁଛନ୍ତି । ତନ୍ତ୍ର ମନ୍ତ୍ରଧ୍ୟାନଧାରଣା ଏହି ମହାସୁଖ ଦେଇ ପାରନ୍ତି ନାହିଁ । ତେଣୁ ତନ୍ତ୍ର ମନ୍ତ୍ର ଧ୍ୟାନ ଧାରଣାରେ ପ୍ରୟୋଜନ ନାହିଁ । ଚିତ୍ତ ଅଚିତ୍ତତାରେ ଲୀନ ନ ହେଲେ ପରମସୁଖ ବା ନିର୍ବାଣ ମିଳଇ ନାହିଁ । କବି କହୁଛନ୍ତି-ସେ ବର୍ତ୍ତମାନ ମହାଶୂନ୍ୟ ଅନୁଭବ କରି ସୁଖ ଦୁଃଖ ପ୍ରତି ନିର୍ବିକାର ହୋଇଛନ୍ତି । ଏବଂ ନିଷ୍କାମଭାବରେ ବିଷୟବସ୍ତୁ ଭୋଗ କରୁଛନ୍ତି । କବିଙ୍କର ବର୍ତ୍ତମାନ ପରାପର, ଆତ୍ମପର, ଭେଦବୁଦ୍ଧି ନାହିଁ । ସେ ସିଦ୍ଧିର ଶେଷ ସୀମାରେ ପହଞ୍ଚିଛନ୍ତି । କାୟମନୋବାକ୍ୟରେ ମଧ୍ୟ ରାଜାମାନେ ଦେବତାମାନେ ରାଗ ମୋହରେ ଆବଦ୍ଧ ରହିଥାନ୍ତି । କିନ୍ତୁ ଗୁରୁ ଲୁଇ-ପାଦଙ୍କ ପ୍ରସାଦରୁ ରାଗ ମୋହ ଦୂର କରି ଦ୍ୱାଦଶଭୁବନ ଲାଭ କରିଛନ୍ତି ।

—*—

ପଦଟୀକା—

ସୁନ—ଶୂନ୍ୟ
କରୁଣରେ-କରୁଣାରେ ୩ୟା (ସତ୍ତାର୍ଥେ)
ଅଭ୍ରନଗ୍ଭରେ—ଅଭିନ୍ନାଚାରରେ
କାଅ—କାୟ
ଚଅ—ଚତ୍ତ
ଗଅଣର—ଗଗନର
ପାରମ—ପରମ
ଅଲକ୍ଖ—ଅଲକ୍ଷ୍ୟ
ଲକ୍ଷଣଚତ୍ତ—ଲକ୍ଷଣଚତ୍ତ
ମହାସୁହେ—ମହାସୁଖେ
କନ୍ତେ—କ ଚ୍ଛାର
ଚନ୍ତେ—ଚନ୍ତରେ (୩ୟା)
ଝାଣ—ଧ୍ୟାନ
ବଖାଣେ—ବ୍ୟାଖ୍ୟାନେ
ଅଫଇଠାନ—ଅପ୍ରତିଷ୍ଠାନ
ମହ ସୁହଲୀଣେ— ମହାସୁଖଲୀନେ
ଦୁଲଖ—ଦୁର୍ଲକ୍ଷ୍ୟ

ଣିବାଣେ—ନିର୍ବାଣେ
ଏକୁ—ଏକ ସଂ—ଏକଃ
= ପ୍ରା—ଏକ୍କୋ—ଏକୁ
କରିଅ—କର
ଭୁଞ୍ଜଇ—ସଂ—ଭୁଜଧା, ଓ- ଭୁଞ୍ଜଧାତୁ
ଇନ୍ଦୀଜାଣି—ଇନ୍ଦ୍ରିୟାଣି
ଚେବଣ—ଚେତଇ
ସଅକାନୁତ୍ତର ମାଣୀ—ସକଳା ନୁତ୍ତରମାମା
ରାଅ—ରାଜା
ଅବର—ଆବର ସଂ—ଅପର
ରାଅ—ରାଗ
ମୋହେ—ମୋହରେ
ବାଧା—ବନ୍ଧା
ଲୁଇପ ଅ—ଲୁଇପାଦ
ପସାଏ—ପ୍ରସଦେ
ଭୁବଣେ—ଭୁବନେ (୨ୟା)
ଲଧା—ଲବ୍ଧ

—୦—

# ରାଗ—ମଲ୍ଲାରୀ

ଭାଦେପାଦାନାମ୍ -

ଏତକାଳ ହାଇଁ ଅଛିଲେଁ ୧ ସ୍ବମୋହେଁ
ଉ- ଏତେକାଳ ମୁଁ ଥିଲି ସ୍ୱମୋହେଁ ।
ଏବେଁ ମଇ ବୁଝିଲ ସଦ୍‌ଗୁରୁବୋହେଁ
ଉ- ଏବେଁ ମି (ମୁଇଁ) ବୁଝିଲି ସଦ୍‌ଗୁରୁବୋଧେଁ ।
ଏବେଁ ଛଅଗଅ ମୁକୁଁ ୨ ଣଠା ୩
ଉ- ଏବେଁ ଛଉରଗ ମୁକୁ ନଷ୍ଟ
ଗଅଣସମୁଦ୍ଧେ ଝଲଅ ପଇଠା
ଉ- ଗଗନ-ସମୁଦ୍ରେ ଝଳ ପଇଠ (ପ୍ରବିଷ୍ଟ)
ପେଖମି ଦହଦହ ସବ୍‌ବଇ ଶୂନ
ଉ- ପେଖଇଁ ଦଶଦଶ ସବୁହିଁ ଶୂନ୍ୟ !
ଛଉ ବନ୍ଧନେ ପାପ ନ ପୁନ
ଉ- ଛଉ ବନ୍ଧନେ ପାପ ନ ପୁଣ୍ୟ ।
ହାକୁଲେ ଢାଲ ମୋ [୬] ଲକ୍‌ଖ ଭଣିଅ
ଉ- ହକୁଲେ ଦେଲ ମୋ ଲକ୍ଷ୍ୟ ଭୁଣି ।
ମଇ ଅହାରିଲ ଗଅଣତ ପସିଅ (୭)
ଉ- ମିଁ (ମୁଇଁ) ହାରିଲି ଗଗନକୁ ପଶି ।
ଘଟେ ଭଣଇ ଅଭଟେ ଲଇଲ (୮)
ଉ- ଘଟେ ଭଣଇ ଅଭାଗେ ଲେଲ ।
ଛଅସ୍ରଅ ମଇ ଅହାର କଏଲ
ଉ- ଛଉରଗ ମୁଇଁ ଆଧାର କଲି ।

---

୧—ଅଛୁଲେ (କ) ୪—ଗଣସମୁଦେ (କ) ୭—ପଶିଆ (କଖ)
୨—ମୋକୁ (ଖ) ୫—ସବକ୍‌ଇ (କଖ) ୮—ଲଇଲ (ଖ)
୩—ଣଠା (କ) ୬— ମୋହକଖୁ (କ)

**ଟୀକା –**

ଜ୍ଞାନାନନ୍ଦ ପ୍ରମୋଦଯୁକ୍ତୋ ହି ସିଦ୍ଧାଣ୍ଟଯୈ୍ୟା ଭଦ୍ରାପାଦସ୍ତମେବାର୍ଥଂ ପ୍ରତିପାଦୟତି—ଏତତ୍କାଳେତ୍ୟାଦି—
ଅନାଦି ସଂସାରେ କଲ୍ୟାଣମିତ୍ରସଂସର୍ଗାତ୍ । ମୋହମିତି ବାହ୍ୟବିଷୟ-ସଙ୍ଗେନାଲ୍ପକଲ୍ପାନ୍ତଂ ଯାବତ୍ ସୁପ୍ତୋଽସ୍ମି । ଇଦାନୀଂ ବୁଦ୍ଧାନୁସବାତ୍ ସଦ୍‌ଗୁରୁବୋଧପ୍ରସଙ୍ଗେନ ମୟା ତତ୍ତ୍ୱସ୍ୟ ସ୍ୱରୂପମବଗତମ୍ ।
ଧ୍ରୁବପଦେନ ତମେବାର୍ଥଂ ଦ୍ରଢ଼ୟତି—ଏବଁମିତ୍ୟାଦି—ଇଦାନୀଂ ପବିପଦ୍ମ-ସଂଯୋଗାକ୍ଷରସୁଖେ ଚିତ୍ତଗ୍ଳୋ ମମ ବିନଷ୍ଟାଗମନମିତି, ପ୍ରକୃତି ପ୍ରଭାସ୍ୱରେ ପ୍ରବିଷ୍ଟମିତି ।

ଦ୍ୱିତୀୟପଦେନାଭ୍ୟାସସ୍ୱରୂପମାହ—
ପେକ୍ଷାମୀତ୍ୟାଦି—ସର୍ବଧର୍ମାନୁପଲମ୍ଭଯୋଗେନ ଯଂ ଯଂ ଦିଗ୍‌ଭାଗଂ ପଶ୍ୟାମି ତଂ ତଂ ସର୍ବଶୂନ୍ୟଂ ପ୍ରଭାସ୍ୱରମୟଂ ପ୍ରତିଭାତି ଅତଏବ ଚିତ୍ତସ୍ୟାନୁଦୟେନ ପାପପୁଣ୍ୟାଦିକଂ ସଂସାରବନ୍ଧନଂ ଚ ଜାନାମୀତି ।
ତଥାଚ ସରହପାଦାଃ— ଅଙ୍ଗେଁ ପଞ୍ଚେମିତ୍ୟାଦି ।
ତୃତୀୟପଦେନ ବଜ୍ରପ୍ରଭାବମାହ—
ବାଜୂଲେତ୍ୟାଦି—ବଜ୍ରକୁଲେନେତି । ବଜ୍ରଗୁରୁଣା ଲକ୍ଷ୍ୟମିତି ଭାବ୍ୟମୁକ୍ତଂ ମହ୍ୟଂ ଚତୁର୍ଥାନନ୍ଦୋପାୟଂ ପ୍ରଦତ୍ତ । ମୟା ପୁନଃ ସାଦରନିରନ୍ତ-ରାଭ୍ୟାସେନ ଗଗନେତି ପ୍ରଭାସ୍ୱରସମୁଦ୍ରେ ଅହାଗକୃତମ୍ ।
ଚତୁର୍ଥପାଦେନ ତ୍ରାସ୍ୱରୂପମାହ—
ଭଣଇ ଇତ୍ୟାଦି—ଅକ୍ଷରେ ଇତି ଅନୁତ୍ପାଦଭାଗଗୃହୀତୋଽହଂ ଭଦ୍ରପାଦଃ ଯଦାନାଦିଭବବିକଳ୍ପଧାରଚିତ୍ତଗ୍ଳଜୋ ମୟା ସର୍ବଧର୍ମାନୁପଲମ୍ଭସମୁଦ୍ରେ ପ୍ରବେଶିତଂ ।

—○—

**ଅର୍ଥ—**

ଆଜଯାଏ ମୁଁ ଅଜ୍ଞାନରେ ରହି ମାୟା ମୋହରେ ପଡ଼ିଥିଲି । ବର୍ତ୍ତମାନ ସଦ୍‌ଗୁରୁଙ୍କ ଉପଦେଶ ପାଇଁ ମୁଁ ପ୍ରକୃତବିଷୟ ବୁଝି ପାରିଛି । ଏବେ ମୋର ଚିତ୍ତ ନଷ୍ଟ ହୋଇଅଛି । ତେଣୁ ମୁଁ ଚିତ୍ତ ହରାଇ ପ୍ରଭାସ୍ୱର ମହାଶୂନ୍ୟରେ ଠେଲି ପଶିଅଛି । ମୁଁ ବର୍ତ୍ତମାନ ଦଶଦିଗକୁ ଶୂନ୍ୟ ଦେଖୁଅଛି । ଚିତ୍ତ ନଥିବାରୁ ମୋର ପାପପୁଣ୍ୟର ଧାରଣା ଦୂର ହୋଇଛି । ବଜ୍ରଯାନର ଗୁରୁମୋତେ ମୋ ଲକ୍ଷ୍ୟ କହିଦେଲେ । ମୁ ଶୂନ୍ୟରେ ପଶି ନିଜକୁ ହରାଇ ଅଛି । ଜଗତର ଅସ୍ତିତ୍ୱ ନାହିଁ । ଏହା ଅଭାବ ଶୂନ୍ୟମାତ୍ର । ଭବବିକଳ୍ପର ଆଧାର । ମୁଁ ସେ ଚିତ୍ତରାଜକୁ ଏପରି ଲୀନ କରିଛି ଯେ— ସର୍ବଧର୍ମର ଉପଲବ୍ଧି ଲୋପ ପାଇଛି । ଓ ତାକୁ ଅଭାବରେ ଅବିଚ୍ଛିନ୍ନ ପୂର୍ଣ୍ଣବ୍ରହ୍ମ ବା ମହାଶୂନ୍ୟରେ ଲୀନ କରିଛି । ଜଗତ୍ ଯେ ଉତ୍ପନ୍ନ ହୁଏ ନାହିଁ—ଏହି ଭାବ ଗ୍ରହଣ କରିଅଛି ।

**ପଦଟୀକା—**

ଏତ—ଏବେ ସଂ-ଏତତ୍
କାଳ— ତତ୍‌ସମ
ହାଉଁ —ମୁଁ
ଅଛୁଲେଁ—ଥିଲି, ସଂ-ଅସ୍ତି ପ୍ରା-
(ବର୍ତ୍ତ, ବର୍ଣ୍ଣବିପର୍ଯ୍ୟୟ) ଅଛୁ-ଧାତୁ ।
ସ୍ୱମୋହେ—ତତ୍‌ସମ
ଏବେଁ—ସଂ-ଇଦାନୀଂ, ପ୍ରା-ଅହ୍ନ =
ଓ-ଏବେଁ
ମଇ—ମୁଇଁ
ବୁଝିଲ—ବୁଝିଲି
ସଦ୍‌ଗୁରୁବୋହେ--ସଦ୍‌ଗୁରୁବୋଧେ
ଚଅରାଅ—ଚିତ୍ତରାଜ
ମୁଁକୁ— ମୋତେ ୪ର୍ଥୀ ବିଭକ୍ତ୍ୟର୍ଥେ
ଓଡ଼ିଆରେ ପ୍ରାଚୀନ କବିମାନେ ମୁଁ ଓ ତୁ ପରେ ୨ୟା ବିଭକ୍ତିର ଚିହ୍ନ 'କୁ'—ପ୍ରତ୍ୟୟ ଯୋଗ କରି ମୁକୁ ତୁକୁ ପ୍ରୟୋଗ କରିଛନ୍ତି । ସାରଳା ଦାସଙ୍କର ଦାଣ୍ଡୀମହାଭାରତରେ ଏଥିର ପ୍ରଚୁର ପ୍ରୟୋଗ ମିଳେ । ଯଥା—ମୁକହି କ ନ କହିଲି କାରଣ ଯେ ତୁକୁ ଅନମିତେ ବନ୍ଦ ତୁହି କହୁଛୁ କାହାକୁ । (ସା. ମ. ଭା)
ଣଠା—ନଷ୍ଟ,
ଗଅଣା—ଗଗନ
ସମୁଦେ—ସମୁଦ୍ରେ
ଟକଆ—ଟକ

ପଇଁଠା – ସଂ-ପ୍ରବିଷ୍ଟ
ପେଖମି—ପେଖଇଁ ଦେଖଇଁ
ସଂ-ପ୍ରେକ୍ଷଧାତୁ
ଦହ—ଦଶ
ଢହ – ଦଶ
ସବ୍‌ବଇ—ସବୁଇ
ଶୁନ – ଶୂନ୍ୟ
ଚିଅ—ଚିତ୍ତ
ବନ୍ଧୁକ୍‌— ବନ୍ଧୁନେ
ବାନ୍ଧୀନେ—ବନ୍ଧୁନେ ।
ପୁନ୍ନ—ପୁଣ୍ୟ
ବାଜୁଲେ – ବଜ୍ରକୁଳେ
୧ମାର ବହୁବ-ଏ ।
ଢଲ୍ଲ – ଦେଲ୍‌-ପ୍ରାଚୀନ-ଓ ଢଲ
(ରୁଦ୍ରସୁଧାନିଧି)
ମୋ – ମୋର ସଂ-ମମ
(ତୋରୁ ସାଦୃଶ୍ୟରୁ)
ଲକ୍‌ଖ – ଲକ୍ଷ୍ୟ
ଭଣିଆ – ଭଣି

ମଇ – ମୁଇଁ
ଅନ୍ଧାରିଲ – ଢରିଲ
ଗଅଣତ – ଉଗନନ୍ତ
ଗଗନକୁ "କ୍ତ" ୨ୟା ବିଭ-
କ୍ତିର ଚିହ୍ନ
ଯଥା – ଦାସୀନ୍ତ ରାଇଣ ଆଜ୍ଞାଦେଲେ
ରାଜମାତା (ଦାସ) ଏନ୍ତପର
ଦେବନ୍ତ ଭୁମ୍ନନ୍ତ ଆମ୍ନନ୍ତ
ଇତ୍ୟାଦି ।
ପସିଆଁ – ପକ୍ଷୀ
ଭାଦେ – କାବଙ୍କର ନାମ ୧ମା ବହୁ
ଏ (ମାନ୍ୟାର୍ଥରେ)
ଅଭ୍ରଗେ – ଅଭ୍ରଗରେ
ଲବଲ – ଲେଲ ନେଲ
ଚିଅ – ଚିତ୍ତ
ରାଅ – ରାଗ କମ୍ବା ରାଜ ।
ଅଦ୍ଧାର – ଆଧାର (ସଂ)
କଏଲ – କରିଲ କଏଲ, କଲ ।

—o—

## ରାଗ—ପଟମଞ୍ଜରୀ

**କୃଷ୍ଣାଚାର୍ଯ୍ୟପାଦାନାମ୍**

ସୁଣ ବାହ ତଥତା ପହାରି
ଓ—ଶୂନ୍ୟ ବାସ ତଥାତା ପାହାରି (ପ୍ରହାରି)
ମୋହ-ଭଣ୍ଡାର ଲଇ [୧] ସଅଲା ଅହାରି ।
ଓ—ମୋହ ଭଣ୍ଡାର ଲେଇ ସଅଳ (ସମ୍ପୂଳ) ହାରି ।
ଘୁମଇ ନ ଚେବଇ ସପରବିଭାଗ।
ଓ – ଘୁମଇ ନ ଚେତଇ ସ୍ୱପର ବିଭାଗ ।
ସହଜ ନିଦାଳୁ କାହ୍ନିଲ ଲାଙ୍ଗ।
ଓ—ସହଜ ନିଦ୍ରାଳୁ କାହ୍ନୁଆ ଲଙ୍ଗା (ଲଙ୍ଗଳା)
ଚେଅଣ ନ ବେଅନ ଭର ନିଦ ଗେଲା
ଓ—ଚେତନ ନ ବେଦନ ଭରି ନିଦ ଗଲା ।
ସଅଳ ସୁଫଲ (୨) କରି ସୁହେ ସୁତେଲା
ଓ—ସମ୍ପୂଳ ସୁଫଳ କରି ସୁଖେ ସୁତିଲା ।
ସ୍ୱପ୍ନଣେ ମଇ ଦେଖିଲ ତିହୁବଣ ସୁଣ
ସ୍ୱପନେ ମୁଇଁ ଦେଖିଲି ତ୍ରିଭୁବନ ସୁନ ।
ଘୋରଅ (୩) ଅବଣାଗମଣେ ବିହୁଲ [୪] (ବିହୁଳ)
ଘୁରି ଗମନାଗମନ ବିହୋଳ (ବିହ୍ୱଳ)
ଶାଖି (୫) କରିବ ଜାଳନ୍ଧର-ପାଏ (୬)
ସାକ୍ଷୀ କରିବ ଜାଳନ୍ଧର ପାଦେ
ପାଖି (୭) ନ ଗୃହଇ (୮) ମୋର ପାଣ୍ଡିଆଚ୍ଛେ (୯)
ପଖ ନ ଗୃହଇଁ ମୋର ପଣ୍ଡିତାଚାର୍ଯ୍ୟେ ।

---

୧—ଲୁଇ (କ)
୨—ମୁକଲ (ଖ)
୩—ଘୋଳଆ (ଖ)
୪—ବିହୁନ (ଖ ଗ)
୫—ଶାଥି (କ)
୬—ପାଏ (କ)
୭—ପାଶି (ଗ)
୮—ଗ୍ରହଅ (ଖ)
୯—ଚ୍ଛେ (କ)

ଟୀକା—

ସହଜାନନ୍ଦ ସୁନ୍ଦରେ ହି କୃଷ୍ଣାସୂର୍ଯ୍ୟସ୍ତମେବାର୍ଥଂ ପଞ୍ଚପାଦସ୍ଥିତ—
ସୂନ ଇତ୍ୟାଦି—ଶୂନ୍ୟମିତି ଆଲୋକୋପଲବ୍ଧିସନ୍ଧ୍ୟାଜ୍ଞାନେନ ବାସନା-
ଗାରଂ ବୋଧବ୍ୟଂ । ଯୋଗୀନ୍ଦ୍ରେଣ ତସ୍ୟ ବାସନାଦୋଷଂ ତଥତାଖଣ୍ଡନେନ
ପ୍ରଭୃତ୍ୟ ମୋହଂ ବନ୍ଧସ୍ପୃସଙ୍ଗଲକ୍ଷଣଂ ସକଳମହ ରଭମିତି ।

ଧ୍ରୁବପଦେନ ଧ୍ୟାନଲକ୍ଷଣମାହ—

ଘୂମଇ ଣ ଇତ୍ୟାଦି—ସହଜାନନ୍ଦ ଯୋଗନିଦ୍ରାଂ ଯାଞ୍ଛତି ନ ଚେତସ୍ଥିତ ।
ନ ତସ୍ୟ ଭଙ୍ଗୋ ଭବତି । ଅତଏବ କୃଷ୍ଣାସୂର୍ଯ୍ୟସୁନ୍ଦରେ ହି ସହଜାନନ୍ଦ-
ଯୋଗନିଦ୍ରାଳୁଃ । ତଥାଚ ଦ୍ୱିକଲ୍ପେ—ଘୂମଇ ଗଟୁଣ ହ ଉଷଣେ ଇତ୍ୟାଦି

ତସ୍ୟାଂ ସହଜାନନ୍ଦନିଦ୍ରାୟାଂ

ଦ୍ୱିତୀୟପଦେନ ତମେବାହ—

ନ ତତ୍ଚେତନାବିକଳ୍ପେ ବୋଧିନାଦେ୍ୟତେ । ଅତଏବ
ତେନ ଜ୍ଞାନେନ ସକଳମିତି ତୈଲୋକ୍ୟଂ ପରିଶୋଧ ନିର୍ଭରଂ ଯଥା
ଭବତି ତଥା ଜ୍ଞାନନିଦ୍ରାଂ ଗତଃ ।

ତୃତୀୟପଦେନ ସ୍ୱପ୍ନପ୍ରତିଭାସଜ୍ଞାନମାହ—

ସ୍ୱପନେତ୍ୟାଦି— ଅବଣାଗବନମିତି ପୂର୍ବୋକ୍ତକ୍ରମେଣ ଚନ୍ଦ୍ରସୂର୍ଯ୍ୟୟୋ
ର୍ଯାତାୟାତଂ ଖଣ୍ଡୟିତ୍ୱା । ଯାନକେତି । ଅବଧୂତିକା ପବନଞ୍ଚ ସହଜାନନ୍ଦଂ
ପ୍ରବେଶୟିତ୍ୱା ମୟା ସ୍ୱପ୍ନବତ୍ ତ୍ରିଭୁବନଂ ଦୃଷ୍ଟଂ ଶୂନ୍ୟଂ ଚ ।

ତଥା ଚାଗମଃ—

ଯଥା କୁମାରୀ ସ୍ୱପ୍ନାନ୍ତରେଷୁ ସା ପୁତ୍ରଂ ଜାତଂ ମୃତଂ ଚ ପଶ୍ୟତି ।
ଜାତେଽପି ତୁଷ୍ଟା ମୃତେ ଦୌର୍ମନସ୍କା ଏବଂ ଜାନୀଥ ସର୍ବଧର୍ମାନ୍ ।

ଚତୁର୍ଥପଦେନ ବଜ୍ରଗୁରୁମାହାତ୍ମ୍ୟମାହ—

ଶାକ୍ଷି କରିତ୍ୟାଦି—ଶ୍ରୀଗୁରୁଜାଲନ୍ଧରିପାଦାନ୍ ଯସ୍ମିନ୍ ଧର୍ମେ ସାକ୍ଷିଣଃ
କୃତ୍ୱା ତେଷାଂ ପାଦାବ୍ଜରେଣୁଗଣପ୍ରସାଦାତ୍ । ଯେ ଯେ ପୁସ୍ତକଦୃଷ୍ଟି-
କତାଃ ପଣ୍ଡିତାର୍ଯ୍ୟାଃ, ତେ ତେ ମମ ପାଶସାନ୍ନିଧାନନ୍ତରମପି ନ
ପଶ୍ୟନ୍ତି ।

ଅର୍ଥ—

ନିର୍ବାଣ ଅବସ୍ଥାକୁ ତଥତା That ness କହନ୍ତି । ବର୍ତ୍ତମାନ ଶୂନ୍ୟତା ମୋର ବାସ ହୋଇଛି, ଅର୍ଥାତ୍ ଶୂନ୍ୟ ମୋ ଚିତ୍ତକୁ ପୂର୍ଣ୍ଣମାତ୍ରାରେ ଅଧିକାର କରିଛି । ମୋ ଚିତ୍ତରୁ ସମସ୍ତ ବିଷୟ ବାସନା ଦୂର ହୋଇଛି । ତଥତା ମୋ ଶୂନ୍ୟ ମନ୍ଦିରର ପ୍ରହରୀ ରୂପରେ ରହି ମୋହରୂପକ ଭଣ୍ଡାରକୁ ନଷ୍ଟ କରି ହରଣ କରିଛି । ଅର୍ଥାତ୍ ମୋର ଆଉ ମୋହ ନାହିଁ । ବର୍ତ୍ତମାନ ମୋର ନିଜ ଓ ପରଭିତରେ କିଛି ପ୍ରଭେଦ ନାହିଁ । କାହ୍ନୁ [କବି] ସହଜ ଅବସ୍ଥାରେ ନିଦ୍ରିତ ଅଛନ୍ତି । ନିର୍ବିକଳ୍ପସମାଧିରେ ମଜ୍ଜି ରହିଛନ୍ତି । ତାଙ୍କର ବାହାରର କିଛି ଜ୍ଞାନ ନାହିଁ । ସେ ମହାଆନନ୍ଦରେ ନିଦ୍ରିତ ଅଛନ୍ତି । ସେ ନିଜକୁ ସଂସାର ବନ୍ଧନରୁ ମୁକ୍ତ କରି ସୁଖରେ ଶୋଇଛନ୍ତି । ଜଗତ୍କୁ ସେ ସ୍ୱପ୍ନପରି ମିଥ୍ୟା ଜ୍ଞାନ କରୁଛନ୍ତି । ସଂସାରରେ ଘୂରି ୨ ସେ ବର୍ତ୍ତମାନ ପୁନର୍ଜନ୍ମରୁ ମୁକ୍ତ ହୋଇଛନ୍ତି । ଏହି ଅବସ୍ଥା ସମ୍ବନ୍ଧରେ ସେ ଜଳନ୍ଧରୀ ପାଦକୁ ସାକ୍ଷୀ କରୁଛନ୍ତି । କିନ୍ତୁ ପଣ୍ଡିତାଭିମାନୀ ମାନେ କବିଙ୍କ ପାଖକୁ ଛୁଅନ୍ତି ନାହିଁ ଅର୍ଥାତ୍ ତାଙ୍କ ପାଖକୁ ପଶନ୍ତି ନାହିଁ ।

—*—

## ପଦଟୀକା—

ସୁଣ—ଶୂନ୍ୟ
ବାହ—ବାସ
ତଥତା—ତତ୍‌ସମ
ପହାର— ପ୍ରହସ୍ତ
ମୋହଭଣ୍ଡାର—ତତ୍‌ସମ
ସଅଳା—ସକଳ, ସମ୍ପୂର୍ଣ
ଅହାର—ଆହାର
ଆହାର କରି
ଚେଇଇ—ଚିଅଁଇ, ସଂ-ଚେତଯୁକ୍ତ
ସପର ବଣ୍ଣଗା— ସ୍ୱପରବର୍ଣ୍ଣଗ
ସହଜନଦାନ୍ତୁ—ସହଜଅବସ୍ଥାରେ
ନଦ୍ରାନ୍ତୁ
କାହ୍ନିଲ୍ଲ—କାହ୍ନୁଆ
ଲଙ୍ଗା—ଲଙ୍ଗଳା, ସଂ—ନଗ୍ନ
ଲଙ୍ଗ (ବର୍ଣ୍ଣବିପର୍ଯ୍ୟୟ) ଲଙ୍ଗା
ଚେଅଣ—ଚେତନ
ଣ—ନ
ବେଅନ—ବେଦନ
ଭର—ଭରି ସଂ—ଭୃଧାତୁ
ଗେଲ୍‌—ଗଲ୍ଲ

ସଅଳ—ସକଳ
ସୁଫଲ—ତତ୍‌ସମ
ସୁହେ—ସୁଖେ
ସୁଚେଲ୍ଲ—ସୁନ୍ଦିଲ୍ଲ
ସ୍ୱପଣେ—ସ୍ୱପନେ
ମଇ—ମୁଇଁ
ଦେଖିଲ୍‌—ଦେଖିଲି
ତହୁବଣ—ତ୍ରିଭୁବନ
ସୁଣ—ଶୂନ୍ୟ
ଘୋରଅ—ଘୁରି
ଅବଣାଗମନ—ଗମନା ଗମନ
ବହୁଲ—ବହୋଳ, ସଂ-ବହ୍ୱଳ
ଶାଖି—ସାକ୍ଷି କମ୍ବା ଶାଥି, ସାଥି
ଜାଳନ୍ଧର ପାଏ—ଜଳନ୍ଧରୀ ପାଦେ
(ଆଚାର୍ଯ୍ୟଙ୍କର ନାମ)
ପାଖି—ପାଖ, ସଂ—ପାର୍ଶ୍ୱ ଓ
ପାଖ ବା ପାଶ ।
ଚୂହଇ-ଚୂହନ୍ତସଂ-ଚକ୍ଷଧାତୁଦର୍ଶନେ ଚ
ମୋର—ମୋର
ପାଣ୍ଡିଆଚ୍ଚଏ—ପଣ୍ଡିତାଚାର୍ଯ୍ୟ ।-

—*—

## ରାଗ—କାମୋଦ

### ତାଡ଼କ ପାଦାନାମ୍—

ଅପଣେ ନାହ୍ନିଁ ସୋ କାହେରି ଶଙ୍କା
ଓ-ଆପଣେ ନାହ୍ନିଁ ସେ କାହାର ଶଙ୍କା
ତା ମହାମୁଦେରୀ ଟୁଟି ଗେଲି କଂଖା
ଓ-ସେ ମହାମୁଦ୍ରାରେ ତୁଟି ଗଲା କାଙ୍‌କ୍ଷା ।
ଅନୁଭବ ସହଜ ମା ଭୋଲରେ ଜୋଇ
ଓ-ଅନୁଭବ ସହଜ ନ ଭୁଲରେ ଯୋଗୀ ।
ଚୌକୋଟି-ବିମୁକା ଜଇସୋ ତଇସୋ ହୋଇ
ଓ-ଚଉକୋଟି ବିମୁକ୍ତ ଯିସେ ତିସେ ହୋଇ ।
ଜଇସନେ ଅଚ୍ଛିଲେସି (୧) ତଇସନ ଅଚ୍ଛ (୨)
ଓ-ଯେସନେ ଥିଲା ତେସନ ଅଛ ।
ସହଜ ପିଥକ (୩) ଜୋଇ ଭନ୍ତି ମା (୪) ବାସ
ଓ-ସହଜ ପୃଥକ ଯୋଗୀ ଭ୍ରାନ୍ତି ନ ବାସ ।
ବାଣ୍ଡ କୁରୁଣ୍ଡ (୫) ସନ୍ତରେ ଜାଣୀ
ଓ-ବାଣ୍ଡ କୁରୁଣ୍ଡ ସନ୍ତାରେ ଜାଣି
ବାକ୍‌ପଥାତୀତ କାହ୍ନିଁ ବଖାଣୀ
ଓ-ବାକ୍‌ପଥାତୀତ କାହ୍ନିଁ ବଖାଣି
ଭଣଇ ତାଡ଼କ ଏଥୁ ନାହ୍ନି ଅବକାଶ
ଓ-ଭଣଇ ତାଡକ ଏଥୁଁ ନାହ୍ନିଁ ଅବକାଶ ।
ଜୋ ବୁଝଇ ତା ଗଳେ ଗଳପାସ
ଓ-ଯେ ବୁଝଇ ତା ଗଳେ ଗଳପାସ ।

---

୧—ଅଚ୍ଛିଲେ ସ [କ]
୨—ଆଚ୍ଛ [ଖ ଗ]
୩—ପଥକ [ଖ]
୪—ନାହ୍ନିଁ [ଖ] ମୋହୋ [ଘ]
୫—ବାଣ୍ଡକରୁ [କ]

ଟୀକା—

ଜ୍ଞାନପାନପ୍ରମୋଦେନ ସିଦ୍ଧାଗ୍ରୈର୍ଯୈ। ଶ୍ଚ ତାଡ଼କସ୍ତମେବାର୍ଥଂ ପ୍ରକଟୟନ୍ନାହ--ଅପଣେତ୍ୟାଦି- ଗୁରୁଚରଣରେଣୁପ୍ରସାଦାତ୍ ତଥାଗତ ବଚନୋ ପାୟ ଦ୍ୱାରେଣ ସ୍ୱକାୟ ବସ୍ତ୍ରରଣାତ୍ମୀୟସମ୍ବନ୍ଧଲେଶୋଽପି ମୟି ନାସ୍ତି । ଅତଏବ ଆଗନ୍ତୁକ ସ୍କନ୍ଧକ୍ଳେଶମୃତ୍ୟୁମାରାଣାଂ ଶଙ୍କା ଭୟଂ ଚ ମେ ନ ବିଦ୍ୟତେ ।

ତଥାଗୃଗମଃ--ଆତ୍ମବିଶଙ୍କେତ୍ୟାଦି ।

ତଦିଦାନୀଂ ମମ ତଦର୍ଥ ବିକଳ୍ପଙ୍ଖବେ ମହାମୁଦ୍ରାସିଦ୍ଧି ବାଞ୍ଛା ଦୂରଂ ପଳାୟିତା ଚ

ତଥା ଗୃଗମଃ--

ନୈବ କ୍ୱଚିତ୍ ପୁରା ବନ୍ଧେ ଽଧୂନା ମୁକ୍ତିର୍ନ ବିଦ୍ୟତେ

ବନ୍ଧମୁକ୍ତବିକଳ୍ପୋଽୟଂ କଞ୍ଜିଜ୍ଞାନମଲକ୍ଷଣଂ ।

ଧ୍ରୁବପଦେନ ଉକ୍ତାର୍ଥଂ କଥୟନ୍ତି--

ଅନୁଭବେତ୍ୟାଦି- ଆତ୍ମାନଂ ସଂବୋଧ୍ୟ ବଦନ୍ତି, ଭୋ ତାଡ଼କ ? ଅନୁଭବାର୍ଥଂ କଥଂ ବକ୍ତୁଂ ଶକ୍ୟତେ ତସ୍ମାଦନୁଭବଂ ସହଜମିତି କୃତ୍ୱା ଽକଥଂ ବଦସି । ଭତ ଭାବନାସଂବୃତ୍ୟାନୁରୋଧେନ ପରଂ ଭନ୍ୟତେ ନତୁ ସ୍ୱରୂପତଃ ।

ତଥାଗୃଗମଃ-- ଦେଶନାୟୁକ୍ତିଯୋଗେନ ବୁଦ୍ଧୋଽଦ୍ୱୟମକଳ୍ପିତଃ

ପରମା ଚନ୍ତ ଯୋଗେନ ନ ବୁଦ୍ଧୋ ନାପି ଅଦ୍ୱୟଃ ।

ସ୍ୱେ ଚଭୁଷ୍କୋଟି ବିନର୍ମୁକ୍ତଭାବାତ୍ ପୁନସ୍ତେନ ପ୍ରକାରେଣ ତିଷ୍ଠାମୀତି ।

ତଥାଗୃଗମଃ-- ନ ସନ୍ନା ସନ୍ନସଦେତ୍ୟାଦି ।

ଦ୍ୱିତୀୟପଦେନ ତମେବାର୍ଥଂ ପ୍ରକଟନୋଦ୍ଦେଶୟନ୍ତି--

ଜଇସମେତ୍ୟାଦି -- ଉତ୍ପାଦକାଳେ ପବଧର ନୈରାତ୍ମ୍ୟାଭିଷ୍ୱଙ୍ଗାତ୍ ମହାସୁଖମୟୋ ଽପ୍ୟନ୍ତ୍ୟୋଽହଂ ମହାବଜ୍ରଧରଃ । ପୁନରପି ବଜ୍ରଗୁରୁଣା ତସ୍ମିନ୍ନେବାର୍ଥ ଦୃଢ଼ୀକୃତୋଽସ୍ମୀତି ତସ୍ମାତ୍ ଭୋ ସିଦ୍ଧାଚାର୍ଯ୍ୟ ସହଜଂ ପୃଥକ୍ ଇତି ମା କୁରୁ । ନିଃଶଙ୍କଂ ସିଂହରୂପେଣ ଭ୍ରମ ।

ତୃତୀୟପଦେନ ଯୋଗୀନ୍ଦ୍ରସ୍ୟ ନିମିତ୍ତମାହ--
ବିଶେଷେତ୍ୟାଦି- ଯଥା ପାଣ୍ଡବାରେ 'ତିରପତିସ୍ତ୍ରିରଦାନ ଗ୍ରହଣାୟ ପାରେଚ୍ଛୁନାଂ ବାସ ବିମୋକ୍ଷଣେ କପର୍ଦ୍ଦିକାନ୍ୱେଷଣମପି କରୋତି ତେଷାଂ ବଣ୍ଡିକୁରୁଣ୍ଡାଦି ବାଧକବିଶେଷଞ୍ଚ ପଶ୍ୟନ୍ତି । ବାହ୍ୟାଶ୍ରିତଂ ·ସ୍ୱସଂବେଦ୍ୟ-ଲକ୍ଷଣସଂଯୁକ୍ତଧର୍ମଂ କଥଂ ଲୋକେ ବଚନଦ୍ୱାରେଣ ପ୍ରତିପାଦୟିତବ୍ୟଂ । ତଥା ବାକ୍ ପ୍ରଶସ୍ତିଧର୍ମାଧିଗମାତ୍ କୃତ୍ୟାଦ୍ୱି ଗୁଣନିମିତ୍ତଂ ଲୋକେନ ନିରୂପ୍ୟତେ ଯୋଗୀନ୍ଦ୍ରସ୍ୟ ।
ତଥା ବୃଗମଃ— ଧୂମେନ ଜ୍ଞାୟତେ ବହ୍ନିରିତ୍ୟାଦି ।
ଚତୁର୍ଥ ପଦେନା ତାନ୍ତ୍ରନିର୍ବିକଲ୍ପତାଂ ପ୍ରତିପାଦୟତି—
ଭଣଇ ଇତ୍ୟାଦି—ସିଦ୍ଧାଚାର୍ଯ୍ୟା ହି ତାତ୍ତ୍ୱିକ ଏବଂ ବଦନ୍ତି । ଅସ୍ମିନ୍ ଧର୍ମେ ବାଳଯୋଗିନାମବକାଶମାତ୍ରଂ ନାସ୍ତୀତି, ଯେଽପି ପରମାର୍ଥବିଦଃ ତେଽପି ଯଦି ବଦନ୍ତୁ ଅସ୍ମାଭିଃ ଧର୍ମାଧିଗଣଂ କୃତଂ । ତଦା ତୈରେବ ସ୍ୱଗ୍ରୀବା ସଂସାରପାଶେନ ବଦ୍ଧା ।
ତଥା ଗୃଗମଃ-- ତିନଭୁ ସନ ଭୁ ବିଷଣ୍ଣି ଇତ୍ୟାଦି ।

.·.*.·.

**ଅର୍ଥ—**

ସଂସାରଟା ଶୂନ୍ୟ ମିଥ୍ୟା; ମୁଁ ନିଜେ ମଧ୍ୟ ନାହିଁ । ମୋର ନିଜ ଆତ୍ମୀୟ ବୋଧ ନ ଥିବାରୁ ମୋର କାହାରିକୁ ଉଦ୍‌ଭୟ ନାହିଁ । କୌଣସି ପଦାର୍ଥ ଗ୍ରହଣ ଦିବାକୁ ମୋର ଭୟ ନାହିଁ । ମହାମୁଦ୍ରା ସାଧନା ଦ୍ୱାରା ନିର୍ବାଣ ଲାଭ କରିଛି । ତେଣୁ ବିଷୟବାସନା ପ୍ରତି ମୋର ଆକାଙ୍କ୍ଷା ନାହିଁ । ସହଜ ଅବସ୍ଥାର କଥା ଅନୁଭବରେ ଜଣାଯାଏ । ଯୋଗିମାନେ-ଏହି କଥାଟିକୁ ଭୁଲ ନାହିଁ । ଯେ କୌଣସି ଉପାୟରେ ଚାରି ପ୍ରକାର ବିକଳ୍ପରୁ (ସତ୍, ଅସତ୍, ନ ସଦସତ୍ ଓ ନ ସତ୍, ନ ଅସତ୍) ମୁକ୍ତ ହୁଅ । ପୂର୍ବରେ ଯେପରି ଥିଲ ବର୍ତ୍ତମାନ ସେହିପରି ଅଛ । ହେ ଯୋଗିମାନେ

ସହଜ ଅବସ୍ଥାଟା ପୃଥକ୍, ଏହି ଭ୍ରମ ଧାରଣାକୁ ମନରେ ସ୍ଥାନ ଦିଅନାହିଁ । ଘାଟିଆ ପାରିକଲାବେଳେ ଘାଟ ମାହାସୁଲ ନ ଦେଲେ ଘାଟିଆ ଲୋକଙ୍କ ଲୁଗା ଖୋଲି ଦେଖେ । ତେଣୁ ସେ ଗୋପନରେ ଥିବା ଲୋକଙ୍କର ବାଣ୍ଡ କୁହୁଣ୍ଡ ଦେଖିଥାଏ । କିନ୍ତୁ ଏହି ସହଜ ଅବସ୍ଥା ତାହାଠାରୁ ବେଶୀ ଗୋପନରେ ରହିଅଛି । ତାକୁ ଦେଖିବା ଓ ଦେଖାଇବା ତ ଦୂରର କଥା, ସେହି ସହଜ ଅବସ୍ଥା କଥାରେ କହିହେବ ନାହିଁ । ଲୋକେ ସହଜରେ ଏହି କଥା ବୁଝିପାରନ୍ତି ନାହିଁ । ଯେଉଁ ଲୋକ ବୁଝିଥାଏ ସେ କଥାରେ ତାହା ବଖାଣି ପାରେ ନାହିଁ । ତାହାର ଗଳା ବନ୍ଦ ହୋଇ ରହେ । ଏହି କଥା ତାତ୍ତ୍ୱକ ଭଣିଲେ । ତତ୍ତ୍ୱ ବୁଝିଲେ ମଧ୍ୟ ପ୍ରକାଶ କରିବା ଶକ୍ତିର ଅଭାବରୁ ପ୍ରକାଶ କରି ହୁଏ ନାହିଁ । ତାହା ଅନୁଭବର ବିଷୟ ।

—*—

ସମଭାବପଦ୍ୟ —

ବଚନ ସମସ୍ୟା ନାହିଁ ଅଟେ ଅବ୍ୟକତ । (ବ୍ର· ନି· ପୃଷ୍ଠ)
ଅଦୃଷ୍ଟି ଭୁବନ ସେ ଯେ ନେତ୍ର ଗୃହିଁ ନୋହେ
ଅବ୍ୟକତ ମହିମା ମୁଖରେ କହି ନୋହେ ।

(ବ୍ର. ନି. ପୃ୧୪୩ )

—*—

## ପଦଟୀକା

ଅପଣେ—ଆପଣେ ସଂ-ଆତ୍ମନ
ପ୍ରା—ଅପ୍‌ପଣ= ଆପଣ ୧ ମା
ବହୁବଚନରେଏ। ୧ମାବହୁବଚନରେ
କୃତ୍‌"ଓ" ସ୍ଥାନରେ 'ଏ'
ଯଥା—ଦେଖନ୍ତାଓ = ଦେଖନ୍ତାଏ।
ସୋ—ସେ
ତା—ସେ-ସଂ-ତତ୍‌
ମହାମୁଦ୍ରେଣ—ମହାମୁଦ୍ରା'ଦ୍ୱାର
ପାଦମୂଳଂ ବାମଗୁଲ୍‌ଫେ ସମ୍ପୀଡ୍ୟ
ଦୃଢ଼ସମ୍ପୃତଃ
ଯାମ୍ୟପାଦଂ ପ୍ରସାର୍ଯ୍ୟଥ କରେ ଧୃତ
କରାଙ୍ଗୁଳଃ
କଣ୍ଠସଙ୍କୋଚନଂ କୃତ୍ୱାତ୍ୱ ବୋର୍ଦ୍ଧ୍ୱଂ
ଜାଲଷସ୍ତୁର୍‌
ମହାମୁଦ୍ରାଭିଧା ମୁଦ୍ରା କଥ୍ୟତେ
ଚୈବ ସୂରିଭିଃ (ଯୋଗଶାସ୍ତ୍ର)
ଝୁଣ୍ଟି—ଭୁଟି, ସଂ-ବୃଣ୍ଟୀ
ତୋଳି—ଟାଣି
କଷା—କାଞ୍ଚ୍‌ଣା
ଭୋଳ—ଭୁଲ ସଂ ଭଦ୍ରକ ପ୍ରା-ଭୁଲ୍ଲ
ସ୍ୱୈକୋଠ୍‌ଟି-ଚଉଷ୍ଟୋଟି-ଗୁରୁକୋଠି
ସତ୍‌ ଅସତ୍‌ ନ ସଦସତ୍‌ ଓ ନ ସତ୍‌
ନ ଅସତ୍‌
ସ ସନ୍ନସନ୍ନ ସଦସନ୍ନ ସୁପ୍ୟନୁଭୟା
ତ୍ମକଂ

ଚଉଷ୍ଟୋଟି ବିନିର୍ମୁକ୍ତଂ ତତ୍ତ୍ୱଂ
ମାଧ୍ୟମିକା ବିଦୁଃ (ଅଦ୍ୱୟବଜ୍ରସଂଗ୍ରହ)
ବିମୁକା—ବିମୁକ୍ତ
ଜଇସୋ—ଯିସେ-ସଂ-ଯାଦୃଶ
ତଇସୋ—ତିସୋ-ସଂ-ତାଦୃଶ
ଢୋଇ—ଦୃଷ୍ଟ
ଜଇସନେ—ଯେସନେ
ଅଚ୍ଛନ୍ତି—ଥିଲା, ଅଛିତରେ
ଲଟ୍‌ ସି ଯୋଗ
ତଇସନ—ତେସନ
ଅଛ—ଅଛ
ପିଥକ—ପୃଥକ୍‌
ଜୋଇ—ଯୋଗୀ
ଭାନ୍ତ—ଭ୍ରାନ୍ତ
ବାସ—ବସ, ବାସକର
ସନ୍ତାରେ—ସନ୍ତାରରେ ପାଣିଦେଲେ
କାହ୍ନି—କପଟ
ବଖାଣୀ—ବଖାଣି, ସଂ ବ୍ୟାଖ୍ୟାନ
ଏଥୁଁ—ସଂ ଅତ ପ୍ରା ଏତ ଥେ
ଏଥ—ଏଅତାନ୍ତରଂମାରେ ଉଁ = ଏଥୁଁ
(ଏଥେ, ଏଥକୁ)
ଡା—ଡାଇ
ଗାଜେ-ଗଜାରେ
ଗଜପାସ-ଗଜପାଶ

# ରାଗ—ଭୈରବୀ

## ସରହ ପାଦାନାମ୍-

କାଅ ଣାବଡ଼ ଖାଣ୍ଟି ମଣ କେଡ଼ୁଆଲ

ଓ—କାୟ ନାବଡ଼ି ଖାଣ୍ଟି ମନ କେଡୁଆଲ ।

ସଦ୍‌ଗୁରୁ ବଅଣେ ଧର ପତବାଲ

ଓ—ସଦ୍‌ଗୁରୁ ବଚନେ ଧର ପତୁଆଲ ।

ଚୀଅ ଥିର କର ଧରହୁରେ (୧) ନାହ୍ମି (୨)

ଓ···ଚିତ୍ତ ଥିର କର ଧରହୁରେ ନାହ୍ଵା [ଧରଉ ଧରହୁ ଧରୁ]

ଆନ (୩)·ଉପାଯେ ପାର ଣ ଜାଇ

ଓ—ଆନ ଉପାୟେ ପାର ନ ଯାଇ ।

ନୌବାହ୍ମୀ ନୌକା ଟାଣୁଅ(୪) ଗୁଣେ

ଓ—ନୌବାହ୍ମୀ ନୌକା ଟାଣଅ ଗୁଣେ ।

ମେଲ୍ଲି ମେଲ ସହଜେ ଜାଉ ଣ ଆଣେଁ

ଓ—ମେଲ୍ଲି ମେଲ (୫) ସହଜେଁ ଯାଉ ନ ଆନେ ।

ବାଟତ (୬) ଭଅ ଖଣ୍ଟେ (୭) ବି ବଲଆ

ଓ—ବାଟରେ ଭୟ ଖଣ୍ଟ ବି ବଳୁଆ ॥

ଭବ ଉଲୋଳେଁ (୮) ଷଅ ବି ବୋଲିଆ ।

ଓ—ଭବ ଉଲ୍ଲୋଳେ ଛଅ ବି ବୋଳିଆ ॥

କୁଳ ଲଇ ଖର ସୋନ୍ତେ ଉଜାଅ

ଓ—କୂଳ ଲେଇ ଖର ସୋଏଁ ଉଜାଅ ( ଉଜାଣି ଯାଅ )

ସରହ ଭଣଇ ଗଅଣେ (୯) ସମାଅ (୧୦)

ଓ—ସରହ ଭଣଇ ଗଗନେ ସମ୍ମାଅ ।

---

୧—ଧହୁରେ [କ]

୨···ନାଇ (ଖ·ଗ)

୩···ଅନ [କ]

୪···ଟାଣଅ (ଖଗ)

୫···ମେଲ (ଖ)

୬···ବାଟ···ଅଭୟ (କ)

୭···ଖାଣ୍ଟ··· (କ)

୮···ସବ··· (ଖ·ଗ)

୯···ଗଣେଁ··· [କ]

୧୦···ସମାଏଁ··· (କ)

**ଟୀକା**—ନୈର୍ଣୀମଣ୍ୟଃ ସରହପାଦସ୍ତମେବାର୍ଥଂ କାୟନୌକାବ୍ୟାଜେନ ପ୍ରତିପାଦୟନ୍ତି—କାଅ ନାବଡି ଖଣ୍ଟୀତ୍ୟାଦି—ଆଧାରାଧେୟସମ୍ବନ୍ଧେନ କାୟଂ ନୌକାଂ ପରିକଲ୍ପ୍ୟ ମନୋବିଜ୍ଞାନଂ କେଳପାତଞ୍ଚ । ସଦ୍‌ଗୁରୁ ବଚନଂ ପତବାଳଂ ଗୃହୀତ୍ୱା ବଜ୍ରଜଳଜସଂଯୋଗଭବଜଳଧିମଧ୍ୟେ ପଞ୍ଚ-ଜ୍ଞାନାତ୍ମକଂ ବିଲକ୍ଷଣଶୋଧିତସଂବୃତିବୋଧିଚିତ୍ତଂ ସ୍ଥିରୀକୃତ୍ୟ କାୟ-ନୌରକ୍ଷାଂ କୁରୁ, ହେ ସରହପାଦ । ଭବସମୁଦ୍ରଂ ତର୍ତ୍ତୁଂ ନାନ୍ୟୋପାୟୋ ବିଦ୍ୟତେ ତଥାଚ ଇଜନ୍ତୀ ପାଦାନାଂ—।

ଏତେ ପଞ୍ଚ ସଂତ ମୋହତଟିମାପାରମିତ୍ୟାଦି ।

ଦ୍ୱିତୀୟପଦେନ ମାର୍ଗସ୍ୟାନୁଶଂସାମାହ—

ନୌବାଞ୍ଚ ଇତ୍ୟାଦି—ଯଥା ବାହ୍ୟେ ନୌକାଂ ବାହୟନ୍ତି କର୍ଣ୍ଣଧାରଃ ଗୁଣେନାକର୍ଷୟନ୍ତି ତ ତଦ୍‌ବଦୟଂ ନୌର୍ନ ଭବତି । ହେ ଯୋଗିନ୍ ବଜ୍ରଗୁରୋ ସହଜାନନ୍ଦୋପାୟଂ ଗୃହୀତ୍ୱା ନୌପରିତ୍ୟାଗଂ କୁରୁ । ସଦ୍ୟଃ ଯେନ ମହାସୁଖଦ୍ୱୀପଂ ଗଚ୍ଛ ।

ତୃତୀୟପଦେନ ମାରକର୍ମାଧିଷ୍ଠାନମାହ—

ବାଟତ ଇତ୍ୟାଦି-ଖାନପାନବିଷୟାଶକ୍ତେନ ସାଧକୋ ଯଦା ମାର୍ଗଭ୍ରଷ୍ଟୋ ଭବତି । ଅବଧୂତୀଂ ଗତ୍ୱା ଜହାତି । ଖଣ୍ଟୀତି ତଦା ଚନ୍ଦ୍ରସୂର୍ଯ୍ୟୌ ଦ୍ୱୌ ବଳବନ୍ତୌ ଭବତଃ ତେନ ହେତୁନା ଭବସମୁଦ୍ରବିଷୟୋଲ୍ଲଙ୍ଘନେନ ନୈରାମ୍ୟଧର୍ମୀସର୍ବପ୍ରକାରେଣ ବୋଳତମିତି ।

ଚତୁର୍ଥପଦେନ ଅବଧୂମାର୍ଗସ୍ୟାନୁଶଂସାମାହ—

କୁଳଳ ଇତ୍ୟାଦି କୁଳମିତି-କୁମାର୍ଗଚନ୍ଦ୍ରାଦିକଂ ଯସ୍ମିନ୍ନବଧୂତ୍ୟାଂ ଲୟଂ ଗଚ୍ଛତି ସା ପ୍ରାକୃତପରିଶୁଦ୍ଧା ଅବଧୂତିକା କୂଳଶବ୍ଦେନ ବୋଧବ୍ୟା । ଲଆ ଇତି ତାଂ ଗୃହୀତ୍ୱା ଖର ସୋତ୍ରେମେତି ମହାସୁଖରାଗସ୍ରୋତାବର୍ତ୍ତେନ ପରମାର୍ଥବିଦାଂ ଯୋ ବୋଧିଚିତ୍ତବଜ୍ରଃ ସଉର୍ଦ୍ଧ୍ୱଂ ଗଚ୍ଛତି । ଗଗନେତି ବୈମଲ୍ୟଗଗନଦ୍ୱୀପେ ଅନ୍ତର୍ଭବତି ।

ଅର୍ଥ—ଶରୀରଟି ନୌକା । ଖଣ୍ଡି ମନ ତହିଁରେ ଆରୁଢ଼ ହୋଇ ରହିଛି । ସଦ୍‌ଗୁରୁଙ୍କ ବଚନ ଅନୁସାରେ ମନଙ୍କୁ ଠିକ କରି ଧର । ଚିତ୍ତ ସ୍ଥିର କରି ଏହି ନାହାକୁ ଧରି ବାହି ନିଅ । ଅନ୍ୟ ଉପାୟରେ ଏହି ସଂସାରସାଗର ପାରି ହୋଇ ପାରିବ ନାହିଁ । ମାଝି ନାଆରେ ଦଉଡ଼ି ଲଗାଇ ଟାଣି ନିଏ ସେହିପରି ତୁମ୍ଭେ ସହଜ ସହିତ ମେଳ ମେଳି ଅର୍ଥାତ୍ ସହଜମାର୍ଗ ଧରି । ଅନ୍ୟ ଆଡ଼କୁ ଯାଅ ନାହିଁ ।

ବାଟରେ ଭୟ ରହିଛି, କାରଣ-ବଳୁଆ ଖଣ୍ଡ ବି ରହିଛନ୍ତି । ଚନ୍ଦ୍ର ସୂର୍ଯ୍ୟ ନାଡ଼ି (ଇଡ଼ା ପିଙ୍ଗଳା) ରେ ଗତ କରି ସୁଷୁମ୍ନାକୁ ନ ଧରିଲେ ଶାନ୍ତି ନାହିଁ । ବଳୁଆ-ଖଣ୍ଡ ବାଟରେ ଅଛନ୍ତି । ସଂସାର ତରଙ୍ଗର ଧକ୍କା ବାଜି ୨ ନାହାରେ (ଦେହରେ) ଛଟା ଖେଳ ପଡ଼ି ଅଛି-ଅର୍ଥାତ୍-ବିଷୟ-ବାସନାର ତରଙ୍ଗ ବାଜି ଏହି ଦେହନାହାରେ ଛଟା (ପାଞ୍ଚଇନ୍ଦ୍ରିୟ ଓ ମନ ରୂପକ) ଘଳଆ (ଗଳଆ) ପଡ଼ୁଅଛି । ତେଣୁ ଏହି ଘଳଆ ବନ୍ଦ କରି ବିଷୟ ବାସନା ତ୍ୟାଗ କରି ଚନ୍ଦ୍ର ସୂର୍ଯ୍ୟ ଖଣ୍ଡକୁ ସାବଧାନ ରହି ଧୀରେ ୨ ଏହି ଦେହ ନାହାକୁ ଚଳାଅ କୂଳେ ୨ ଅର୍ଥାତ୍ କୂଳ ମତ ଅନୁସାରେ ନାହାକୁ ବାହି ଖରସୁଅରେ ଚଳାଅ । ଅର୍ଥାତ୍ ସୁଷୁମ୍ନା ନାଡ଼ୀରେ ଶୀଘ୍ର ନାହାକୁ ଉଜାଣି ବାହିଲେ ନାହା ଯାଇ ସହଜଶୂନ୍ୟରେ ସମାଇଯିବ ବୋଲି ସରହପାଦ ଭଣିଲେ ।

ସମ୍ପୃକ୍ତ ପଦ୍ୟ—

ଉଲଟ ବୃକ୍ଷରେ ନାବ ଖଟାଇଛି ଷଡ଼ରସରେ ଭୋଜନ

+ + +

ଉଲଟ ପବନ ପାଲଟି ବହୁଛି ସୂକ୍ଷ୍ମ ମୂଳ ପ୍ରାଣ୍ୟ ବାଟ (ପଶୁର୍ଗମ]

+ + +

କତ କେରୁଆଳ ଆର୍ଦ୍ଧି ନାବମାନ ସବୁ (ସା,ମହା,ସଙ୍ଖ ମୂ୧୪)
ନାବର ଦଉଡ଼ି ନ ସହଇ ଭସ ଲହରି ମାରୁଛି ଅଟଡା ମିଶା
ନାବ ପୂର୍ବମଙ୍କେ ତରଇ ଡାକୁଛି ନ ଦେଇ ନ ଖାଇହେଲି ନଆଣ୍ଡ

[ଦାସଗୋବର୍ଦ୍ଧନ ]

ପାଞ୍ଚମନଙ୍କୁ ମୁଁ ଧାନ ବୃଷ କଲି କର୍ମଙ୍କୁ କଲି ମୁଁ ଷଣ୍ଢ
ନବଦ୍ୱାରେ ନବ ଘଳଆ ପଡ଼ିଲା କେଭେଁ ନରହିଲା ମାର ।
ତ୍ରିବେଣୀ ନଈଟି ସେଠାରେ ବହିଲା ଖାଇଗଲା ବେନକୂଳ ।

[ପର୍ଶୁରାମ]

## ପଦଟୀକା—

ଜାଡ୍ୟ—କାଯ୍ୟ
ଣାବତ—ନାବଟି, ଅଲ୍ପାର୍ଥେ ଟି,
ଖାଣ୍ଡି—ବଣୁଢ
ମଣ—ମନ
କେଭୁଆନ—କେରୁଆଳ, ସଂ—କୃପୀଟପାଳ ସାନ ସାପୁଆ ଢଙ୍ଗାରେ ପକ୍ଷଯୁକ୍ତ ଆହୁଲକୁ କେରୁଆଳ କହନ୍ତି । ଏ ଆହୁଲ ଓ ମଙ୍ଗଧରା ଦୁଇକାମ କରେ ।
ସଦ୍‌ଗୁରୁ—ତତ୍‌ସମ
ବଅଣେ—ବଚନେ ଓ ବଖାନ
ଧର—ତତ୍‌ସମ
ପଟବାଳ—ପଟୁଆଳ (ମଙ୍ଗ) ପଟାରେ ବଆର ବୋଲି ପଟୁଆ କହନ୍ତି+ଆଳ ପ୍ରତ୍ୟୟ=ପଟଆଳ, ଯଥା-ଗଣ୍ଡି ଆଳ ବୋହୁଭୁଆଳ ।
ଚୀଅ—ଚଉ
ଥିର—ସ୍ଥିର
ଧରୁ—ଧରୁଁ

ନାଆ—ନାବ, ସଂ-ନୌ-ନାବ-ଓ-ନାଆ
ଆନ—ସଂ-ଅନ୍ୟ
ଉପାୟେ—ତତ୍‌ସମ
ପାର— ,,
ଣମ—ନ
ଜାଇ—ଯାଇ
ନୌବାହୀ—ତତ୍‌ସମ
ନୌକା— ,,
ଟାଣୁଅ—ଟାଣୁ
ଗୁଣେ—ଗୁଣ (ଦଉଡ଼ି) ଦ୍ୱାରା
ମେଲି—ଲଗାଇ ଦେଇ
ମେଳ—ଯୋଗ
ସହଜେଁ—ସହଜ ସହିତ ସହଜ+ଏଁ (ଏକସ୍ଥାନେ)
ଜାଉ—ଯାଉ
ଣ—ନ
ଆଣେଁ—ଆନେ, ଅନ୍ୟଆଡ଼କୁ
ବାଟତ—ବାଟରେ
ଭଅ—ଭୟ
ଖାଣ୍ଡେ—ଖଣ୍ଡେ-ଖଣ ସ୍ୱଂସାଂଶ

ହ୍ୱ—ସଂ-ଅପି

ବଲ୍ଲଆ—ବକୁଆ, ସଂ-ବଳବାନ୍

ବଳବା—ବଳୁଆ ।

ଭକ—ତତ୍ସମ

ଉଲ୍ଲେଳେଁ—ଉଲ୍ଲେଳ ଯୋଗୁଁ

(ହେଗେଁଯୁ।

ଷଅ—ଛଅ

ବୋଳଅ—ବୋଲଅ [ସଂ ବଳ

ଭୂଳ—ଭୂଲ, ଯେଉଁ ଅବଧୂତ

କା ସୁଷୁମ୍ନାରେ ଇଡ଼ାପିଙ୍ଗଳା

ଲସୁଯାନ୍ତି ତାହାଙ୍କୁ ଭୂଲ

କହନ୍ତି ।

ଲଉ—ଲେଉ ଲେଉ

ଖର—ତତ୍ସମ

ସୋନ୍ତେ—ସୁଅରେ ସୁଖ+ନ୍ତେ=

ସୋନ୍ତେ ସଂ-ସ୍ରୋତ=ସୁଅ

ଉଜାଅ—ଉଜାଣି ଯାଅ

ସଂ-ଉଦ୍ୟା=ଉଜାଅ

ଗଅଣେଁ—ଗଗନେ

ସମାଅ—ସମାଅ ।

# ରାଗ—ମାଳଶ୍ରୀ

**ସରହ ପାଦାନାମ୍**

ସୁଇଣା (୧) ହ ଅବଦାର (୧) ଅରେ ନଅମନ ତୋହୋ[୨]ର ଦୋସେ
ଓ—ସ୍ୱପନତ ଅବଦ୍ୟାର ଆରେ ନିଜମନ ତୋହ୍ଵେର ଦୋଷେ ।
ଗୁରୁବଅଣ ବହାରେଁ ରେ ଥାକବ ତଇ ଧୁଣ୍ଡ କଇସେ
ଓ----ଗୁରୁବଚନ ବହାରେ ରେ ଠାକବ (ରହ୍ବବ) ଭୁଇ ଧୁଣ୍ଡ କାସେ ।
ଅକଟ ହୁଁ (୩)---ଉବଇ ଗଅଣା (୪)
ଆଶ୍ଚର୍ଯ୍ୟ ହୁଁ ଭବଇ ଗଗନ ।
ବଙ୍ଗେ ଜାୟ୍ୱା ନିଲେସି ପରେ ଭାଗେଲ ତୋହର (୫) ବିଣାଣା
ବଙ୍ଗେ ଜାୟ୍ୱା ନେଲ ପରେ ଭାଗିଲ ତୋହୋର ବିଜ୍ଞାନ ।
ଅଦଭୂଅ (୬) ଭବ ମୋହରେ [୭] ଦିସଇ ପର ଅପ୍‌ପର୍ଣା (୮)
ଅଦଭୁତ ଭବ ମୋହରେ ଦିସଇ ପରିଆପଣା ।
ଏ ଜଗ ଜଳବିମ୍ୱାକାରେ ସହଜେଁ ସୁଣ ଅପଣା
ଏ ଜଗତ ଜଲବିମ୍ୱାକାରେ ସହଜେ ଶୂନ୍ୟ ଆପଣେ ।
ଅମିଆ ଅଛନ୍ତେ ବିସ ଗିଲେସି ରେ ଚିଅ ପରବସ (୯) ଅପା
ଅମିୟ ଅଛନ୍ତେ ବିଷ ଗିଲସି ରେ ଚିତ୍ତ ପରବଶ ଆପେ
ଘରେଁ [୧୦] ପରେକ ବୁଝିଲେ ରେଁ ଖାଇବ ମଇ ଦୁଠ କୁଣ୍ଡ ବାଁ।
ଘରେ ପରେ ଏକ ବୁଝିଲେରେ ଖାଇବ ମୁଇ ଦୁଷ୍ଟ କୁଣ୍ଡବାଁ ।
ସରହ ଭଣନ୍ତି ବର ଶୁଣ ଗୋହାଳୀ କ ମୋ ଦୁଠ [୧୧] ବଳନ୍ଦେଁ
ସରହ ଭଣନ୍ତି ବରଂ ଶୂନ୍ୟ ଗୁହାଳ କ ମୋ (ର) ଦୁଷ୍ଟ ବଳଦେଁ
ଏ କେଲେ ଜଗ ନାଶିଅ ରେ ବିହରଡୁ [୧୨] ସୁଛନ୍ଦେଁ [୧୩]
ଏ କଲ ଜଗ (ତ୍) ନାଶିରେ ବିହର ସ୍ୱଚ୍ଛନ୍ଦେ ।

---

୧-୧-ସୁଇଣେଁ ହୋବଦାଚିଅ ଖ] ୨—ତୋହୋରେଁ [କ] ୩—ହୁ, (ଖ)
୪—ଅଣା (କ) ୫—ତୋହର (କ) ୬—ଅଦଅ ଭୂଅ କ)
୭—ଭବ ମୋହରେ (କ) ୮—ଅପାଣା (କ) ୯—ପସରବସା (କ)
୧୦—ଘାରେଁ ପାରେଁ କାବୁଝିଲେ ମରେ (କ) ମାର (ଖ)
୧୧—ଦୁଠା [କ] ୧୨—ବିରହୁଁଇ (କ) ୧୩—ବଛନ୍ଦେ [କ]

ଟୀକା—

ସିଦ୍ଧାନ୍ତର୍ଯ୍ୟାନ୍ତ ସରହସ୍ୟଭାବମେବାର୍ଥଂ ଶ୍ରୀସ୍ୱରୂପଭାଗବତାନ୍ ନ୍ମେକାର୍ଥାସ୍ତୁ ବଦନ୍ତି—ସୁଦର୍ଶନମିତ୍ୟାଦି-ଶ୍ଳୋକଲକ୍ଷଣ ତନ୍ତ୍ର ନ ତତ୍ତ୍ୱାଭିଧ୍ୟା-ଦୋଷାତ୍ ସନ୍ତ୍ର ପାବଗମକର୍ତ୍ତୃ ସ୍ୱତ୍ତ୍ୱୋପି ଭୂତ୍ୟାଭିଳାଷାତ୍ ଗୁରୁବଚନେ ନ ରଷ୍ଟୃପ୍ୟନ୍ତେ ତାଲ୍ଲେକେ୍ୟ ସ୍ଥାଶ୍ରୟଃ । ଅତଃ କୁତ୍ର ସ୍ଥାନେ ତସ୍ୟା ସ୍ଥାତବ୍ୟଂ ଷ୍ଟେ ତତ୍ରସ୍ଥ । ଧ୍ରୁବପଦେନ ତମେବାର୍ଥଂ ଭଣତି—

ଅକଣ୍ଠେତ୍ୟାଦି— ଆକଣ୍ଠଃ ଆଶ୍ରୟଂ, ଗୁରୁପାଦପଦ୍ମପ୍ରସାଦାଲ୍ଲୀଳଯା ମଯ୍ୟାଙ୍ଗତୋଽସି । ହୁଙ୍କାରଶ୍ରେଣୀଦ୍ ଭବ ଶ୍ଳୋ ତତ୍ତ୍ୱାର୍ଥ । ଗାଅଶ୍ଳୋତ ପ୍ରସ୍ତୁତେ ସ୍ତବସ୍ତୋଽସି ଇଦାନୀଂ ଅବତ୍ୟାଦେ ଷଡ଼ଜନାଶକୌତୁକଂ ଭଗ୍ନଂ ଭବ ।

ଦ୍ୱିତୀୟପଦେନାଧିମାନସଭକ୍ତସ୍ୟାନୁଶଂସାମାହ—

ଅଦଅ ଇତ୍ୟାଦି—ଭବସତ୍ତ୍ୱସ୍ୟ ହି ମୋଦୋଽପ୍ୟମଦ ଭୂତଃ । ସର୍ବଦାମ୍ପସ୍ୱରୂପ-ସମରଭେଦବର୍ଜ୍ଜିତଂ ପଶ୍ୟତି । ଅତଏବ ସାକ୍ଷାତ୍କାରେଣ ମନସି ପରମା-ର୍ଥତତ୍ତ୍ୱସ୍ୟୋଦୟସ୍ତୁ ବନାସ୍ତୀତି ।

ତଥା ଗୁପ୍ତମଃ—ସାକ୍ଷାତ୍କାରେ ମନସି ଉଦୟଂ ଯାତ ଜନ୍ମପ୍ରବନ୍ଧୋ

ନାହଙ୍କାରଶ୍ଚଲତି ହୃଦୟାନାମ୍ପ ଦୃଷ୍ଟୌ ତୁ ଯତ୍ୟଂ
ନାନ୍ୟଃ ଶାନ୍ତ୍ର ଜଗତି ଜଗ୍ନିନେ ନାସ୍ତି ନୈରାମ୍ପବାଧା
ନାନ୍ୟସ୍ତସ୍ମ ଦୁପଶମ ବଦେ୍ୟସ୍ତମ୍ପତାବସ୍ତି ମାର୍ଗଃ ।

ତତ୍ତ୍ୱବଦାଂ ପ୍ରତୀତିରେ ମତେନ୍ଦ୍ରାଦି ଦ୍ୱାଦଶ ଦୃଷ୍ଟାନ୍ତ ଦ୍ୱରେଣ ଭବେତ୍ ସବମ୍ପନ୍ୟପ୍ରମାଣୋପୂନ୍ନା ସିଦ୍ଧିର୍ଭବଷ୍ୟତି ।

ତୃତୀୟପଦେନ ଚତୁର୍ଥ ନନ୍ଦମ ମାହ—

ଅମିନ୍ଦ୍ରମିତ୍ୟାଦି—ସଜ୍ଜନଜନାନନ୍ଦେ ସ୍ଥିତେ ସତ ରୂପାଦିତଦସ୍ପୃଷ୍ଟାଙ୍ଗାନ୍ ପ୍ରସନ୍ନୈବ ହରସି । ଶ୍ଳୋ ବମୈବ ବଶ୍ୟତତ୍ତ୍ୱ ବସ୍ତୁରକ । ଗୁହ୍ୟମିତି ସ୍ୱକଂ କାଯ୍ୟଂ ପୀନକମିତି । ରାଗଦ୍ୱେଷମୋହାଦ୍ୟଙ୍କ- ସମୂହଂ ତବ ନଟଗୃହିଣୀ ଜ୍ଞାନମୁଦ୍ରାନୈରାମ୍ପ୍ୟଂ ସମାଲିଙ୍ଗ୍ୟ ତସ୍ୟ ଭକ୍ଷଣଂ ନିଃସ୍ୱଭାବୀକରଣଂ ମଯା କର୍ତ୍ତବ୍ୟଂ ।

ତଥା ଚ° ସରହପାଦଃ—ଘରଣିଚେଞ୍ଚି ଘରବଷ ଖଜ୍ଜଇ ଇତ୍ୟାଦି

ଘରବଇଠୋ - ଖଜ୍ଜଇ ସଙ୍ଗି ଚେଞ୍ଚଇ ଣଠୋ ଗଅ ବେବଅଣୀ
ଅକୁଳ ଣଙ୍ଖୀ ଚଣ୍ଡ ଭଣ୍ଟୀ ଯୋଇଣୀ ଖୋ ପଡିଦାସ ।

ଚତୁର୍ଥପଦେନ ସ୍ୱଚ୍ଛନ୍ଦଚର୍ଯ୍ୟାମାହ—ସରହପାଦସିଦ୍ଧାଗ୍ରହେୟା ହ୍ମି ବଦନ୍ତି । ସରହ ଭଣ ଇତ୍ୟାଦି । ଦୁଷ୍ଟ ବଳଦମିତି । ଦୁଷ୍ଟବିଷୟଂ ବଳଂ ଦଦାତି ଇତି ଦୁଷ୍ଟବଳଦ ଚିତ୍ତଗୃହୋ ବୋଧବ୍ୟଃ, ଏତେନ ତେନ ଦୁଷ୍ଟେନ ନୈର୍ଲ୍ଲେକ୍ୟଂ ନାସ୍ତିଇଂ । ତେନ ଦୁଷ୍ଟବଳଦେନ ମଯ୍ୟା କିଂ କର୍ତ୍ତବ୍ୟଂ । ଗୋ ଇତି ରଧ୍ୱସ୍ୟଂ । ତସ୍ୟ ସାଲମ୍ବନଂ ସ୍ୱକ୍ଷୀୟଂ ତଂ ଶୂନ୍ୟବ୍ରହ୍ମସ୍ୱରୂପଂ କୃତ୍ୱା ଗୁରୁବଚନପ୍ରସାଦାତ୍ ସ୍ୱଚ୍ଛନ୍ଦେନ ବିଜଗତି ବିହରଣଂ କରୋମି ଇତି ।

ତଥାଚ ଶାନ୍ତିଦେବପାଦାଃ—

ସ୍ୱଚ୍ଛନ୍ଦ ଚର୍ଯ୍ୟାଶିଳପୁ ଇତ୍ୟାଦି ।

—○—

## ଅର୍ଥ -

ରେ ମନ ତୁ ସ୍ୱପ୍ନପରି ଅଜ୍ଞାନ ମୋହରେ ପଡିଅଛୁ । ସ୍ୱପ୍ନରେ ସ୍ୱର୍ଗ ସୁଖ ମଧ୍ୟ ଲୋକେ ଭୋଗ କରନ୍ତି । କିନ୍ତୁ ସ୍ୱପ୍ନ ପରେ ସବୁ ମିଛ ବୋଲି ଜଣାଯାଏ । ସେହିପରି ଅବିଦ୍ୟାବଶରୁ ଲୋକେ ବିଷୟବାସନାରେ ଜଡ଼ି ରହିଥାନ୍ତି । କିନ୍ତୁ ଏହି ଅବିଦ୍ୟା ଅଜ୍ଞାନ ଦୂର ହେଲେ ସଂସାରର ସତ୍ତା ପର୍ଯ୍ୟନ୍ତ ରହେ ନାହିଁ । ରେ ମନ ତୁ ବିଷୟବାସନାରେ ଧୂର୍ତ୍ତ ହେଉଛୁ କାହିଁକି ? ଗୁରୁଙ୍କ ଉପଦେଶ ମାନି ଚଳ । ଆଶ୍ଚର୍ଯ୍ୟର କଥା—ହୁଁ କାର ବୀଜାକ୍ଷରରୁ ଜାତ ଚିତ୍ତ ବ୍ରହ୍ମସ୍ୱର ଗଗନରେ ଲୀନ ହୋଇଅଛି । ଅଜ୍ଞାନ ଦୂର ହୋଇଛି (କାନରେ ଜାଣୁ ନେଲୁ ତାହାପରେ ଚୋର ବିଜ୍ଞାନ ଲୋପ ହେଲା )

ସଂସାରର ମୋହ ବଡ ଆଶ୍ଚର୍ଯ୍ୟଜନକ । ସେହି ମୋହ ଯୋଗୁଁ ଆମ୍ଭ ଓ ପର ଏହି ଭେଦଜ୍ଞାନ ହେଉଛି । ଜଗତରେ ପ୍ରକୃତିର୍ମ୍ମିତ ଚଞ୍ଚଳ ଘର ଏହି ସଂସାର ଅସାର । ସହଜ ଶୂନ୍ୟରେ ସମସ୍ତ ସଂସାର

ଲୀନ ହୋଇଥାଏ । ମୋର ଆତ୍ମା ପରର [ଅଜ୍ଞାନର] ବଶ ହୋଇ ଅମୃତ-ଥାଇଁ ଥାଇଁ ବିଷ (ବିଷୟସୁଖ) ଖାଉଅଛି । ସହଜ ଆନନ୍ଦ ତ୍ୟାଗ କରି ବିଷତୁଲ୍ୟ ବିଷୟ ବାସନା ଭୋଗ କରୁଛି । ନିଜର ଘର ଓ ପରକୁ ଏକ ବୁଝିଲେ ପ୍ରକୃତ ସ୍ୱରୂପ ବୁଝିଲେ ଦୁଷ୍ଟ ରାଗଦ୍ୱେଷ ମୋହକୁ ନାଶ କରିବ । ଦୁଷ୍ଟ ବଳଦରେ (ମନରେ) ମୋର ପ୍ରୟୋଜନ ନାହିଁ । ଏ ମନ ସବୁ ନାଶ କରିବ । ଗୁହାଳ ଶୂନ୍ୟ ହେବା ବରଂ ବାଞ୍ଛନୀୟ । ଏ ମନକୁ ନାଶ କଲେ ସଂସାରର ସତ୍ତା ରହିବ ନାହିଁ ତେଣୁ ମନକୁ ମାରି ସ୍ୱଚ୍ଛନ୍ଦରେ ବିହାର କର । ଏହା ସରହ ଭଣିଲେ ।

—*

## ପଦଟୀକା—

ସୁଈଣା—ସ୍ୱଜନ
ହ—ହିଁ
ଅବଦାର—ଅବଦ୍ୟାର
ଅରେ – ଆରେ
ନିଅମନ – ନିଜମନ
ତୋହୋର—ତୋର ତୋହୋର (ହର ଆଗମ)
ଦୋସେ—ଦୋଷେ-ତତ୍ସମ
ବଅଣ—ବଚନ
ଥାକଇ—ଠାକଇ ସଂ-ସ୍ଥାଧାତୁ
ଭଇ—ଭୁଇ ଭୁହିଁ ସଂ-ଭୂମ
ପ୍ରା-ଭୁଅଇ = ଭୁଇ = ଭୁହି ।
ଘୁଣ୍ଡ—ଧୁଣ୍ଡ, ସଂ-ଢୁଣ୍ଡନଂ
ବଙ୍ଗଳାରେ ଘୁଣ୍ଡି-ଘୁଣ୍ଡ
ଘୁଷିବା ଅର୍ଥ କରା ହୋଇଛି ।

କଇସେ—କୈସେ
ଅକଟ – ଆଶ୍ଚର୍ଯ୍ୟ
ହୁଂଭବ—ହୁଙ୍କାର
ବୀଜାକ୍ଷର ସେହି ହୁଂରୁ ଜଗତ ଜାତ ବୋଲି ବଜ୍ରଯାନ ପନ୍ଥୀ କହନ୍ତି ।
ଗଅଣା—ଗଗନ
ଜସୁ – ତତ୍ସମ
ନିଲେସି—ନେଲା
ଜାଗେଲ – ଜାଗିଲା
ତୋହର—ସଂ· ତବ ତୋଅ = ତୋ-ତୋହ + ର = ତୋହର ତୋର ତୋହୋର
ବିଣାଣ—ବିଜ୍ଞାନ
ଅଦଭୁଅ – ଅଦଭୁତ

ଝିକି—ଶୁଭୁଥମ
ମୋହାରେ—ମୋହଠରେ
ଅସ୍ତଶୋ—ଆଘଣା
ଏକଠେ—ଏକଠି
ଜନଉମ୍ଭାରେ—ଉଲ୍ଲସ
ସୁଣ—ଶୂନ୍ୟ
ଅଣେ—ଆପଣେ
ଅମିସ୍ତା—ଅମିସ୍ତ ସଂ-ଅମୃତ ।
ଅନ୍ତେ—ଆନ୍ତେ, ଅଜ୍ଞ+ଅନ୍ତ
ଭୃତକ ଭର୍ମୀ
ଖଇ—ଖଉ
ଟିକେଟି—ଟିକ୍କୁ
ଜଅ—ଜଉ
ଛଉଦ—ଛଉଦଣ
ଅତା—ଅଗ୍ରା
ବଗ୍ରେ—ବଗରିକ ଅନେକ ଜଣେ ଏକା

ଲୁଝିଟିଲେ—ଲୁଟିଲେ
ମଉ—ମୁଉଁ-ମୁହିଁ
ଦୁଠ—ଦୁଷ୍ଟ
ଭୁକ୍ତବାଁ—(ଅମୃତ) ଭୁକ୍ତ
ବଉ—ବଉଂ
ସୁଣ—ଶୂନ୍ୟ
ଗୋହାରୀ—ଗୁହାର ସଂ-ଗୋ-
ଣାକ!
କ୍ତ—ପ୍ରାସ୍ତୁ ଜଳ ନାହିଁ ।
ବନଠେଁ—ବନଉରେ-(ଶସ୍ତ୍ର।)
ଏଠକଟେ—ଏକାଲା
ନାଗିଅ—ନାଗି
ଛନ୍ଦଉକୁ—ଛନ୍ଦର
ସ୍ତୁତେଁ—ସ୍ତୁତେ,
ସ୍ତୁ ଭଲାରେ ।

## ରାଗ—ମାଲସୀ ଗବୁଡ଼ା

### କାହ୍ନୁପାଦାନାମ୍—

ଜୋ ମନ ଗୋଅର (୧) ଆଳାଜାଲା
ଓ-ଯେ ମନ ଗୋଚର ଆଳଜାଳର ।
ଆଗମ ପୋଥୀ ଇଷ୍ଟାମାଳା
ଓ-ଆଗମ ପୋଥି ଇଷ୍ଟମାଳା ।
ଭଣ କଇସେଁ ସହଜ ବୋଲ୍ଲ ବା ଜାଅ
ଓ-ଭଣ କାଇଁ ଭିସ ସହଜ ବୋଲ୍ଲ ବା ଯାଏ ।
କାଅ ବାକ୍ ଚିଅ ଜସୁ ଣ ସମାଅ
ଓ-କାୟବାକ୍ ଚିତ୍ତ ଯହିଁ ନ ସମାଏ ।
ଆଲେ ଗୁରୁ ଉଏସଇ ସୀସ
ଓ-ଆଳୁ ଗୁରୁ ଉପଦେଶଇ ଶିଷ୍ୟ ।
ବାକ୍ ପଥାତୀତ କହିବ (୨) କୀସ
ଓ-ବାକ୍ ପଥାତୀତ କହିବ କାସ ।
ଜେ ତଇଁ (୩) ବୋଲ୍ଲି ତେ ତବି ଟାଲ
ଓ-ଯେ ଯେତେ ବୋଲି ସେତ ବିଟାଳ ।
ଗୁରୁ ବୋବ (୪) ସେ ସୀସା କାଲ
ଓ-ଗୁରୁ ବୋବା ସେ ଶିଷ୍ୟ କାଲ ।
ଭଣଇ କାହ୍ନୁ ଜିଣ ରଅଣ ବି କଇସ । (୫)
ଓ-ଭଣଇ କାହ୍ନୁ ଜିନରତ୍ନ ବି କାସ ।
କାଲେଁ ବୋବ ସଂବୋହିଅ ଜଇସା
ଓ-କାଲେଁ ବୋବା ସମ୍ବୋଧଇ ଯିସ ।

---

୧—ଗୋଏର (କ)
୩—ତଇ (କ)
୨—କହିବ (କ)
୪—ବୋଧ-(କ)
୫—ବି କଇସା [ଗ]

ଟୀକା—

ସହଜାନନ୍ଦମୁଦ୍ଧତଃ କୃଷ୍ଣାଚାର୍ଯ୍ୟଃ ପ୍ରତିପାଦୟନ୍ତି—
ଜୋ ମଣ ଇତ୍ୟାଦି— ମନ ଇନ୍ଦ୍ରିୟାଣାଂସ୍ୟ ଗୋଚରରେ ଯଃ ସକଳବିକଲ୍ପ-
ଜାଳଃ ଆଗମମନ୍ତ୍ରଶାସ୍ତ୍ରାଦିଜ୍ଞାନଂ ବା ତତ୍ସର୍ବଂ ଚ । ତଥାଚ ଆଗମ ବେଅ
ପୁରାଣେ ଇତ୍ୟାଦି । ଧ୍ରୁବପଦେନ ସହଜଦୌର୍ଲଭ୍ୟଂ ପ୍ରତିପାଦୟନ୍ତି—
ଅତଏବ କେତଃ କଥଂ ସହଜମନୁତ୍ତରଜ୍ଞାନଂ ବକ୍ତୁଂ ଶକ୍ୟତେ । ପୃଥକ୍-
ଜନାନାଂ କାୟବାକ୍‌ଚିତ୍ତଂ ଯସ୍ମିନ୍ ସହଜେ ନାନ୍ତର୍ଭବନ୍ତି ।
ତଥାଚ ତିଲୋପାଦଃ—

ସଅଂ ସେଅଣ ତନ୍ତଫଲ ତିଲୋପାଏ ଭଣନ୍ତି
ଜୋ ମଣ ଗୋଅର ଗୋଇଆ ସୋ ପରମଥେ ନ ହୋନ୍ତି ।

ଦ୍ୱିତୀୟପଦେନ ତତ୍ତ୍ୱସ୍ୱରୂପମାହ—
ଅଲେମିତ୍ୟାଦି— ଅଙ୍ଗଂ ନିଷ୍କଳଂ ଗୁରୁଃ ଶିଷ୍ୟାୟୋପଦେଶଂ ଦଦାତି ।
ଯୋଽପି ସହଜଃ ସ କଥା ବେଦ୍ୟୋ ନ ଭବତି । ତେନ ଗୁରୁଣା କିଂ କୃତ୍ୱା
ବକ୍ତବ୍ୟମିତି ।
ତଥାଚ ସରହପାଦାଃ—

ନ ତଂ ବାଏ ଗୁରୁ କହଇ ଇତ୍ୟାଦି ।

ତୃତୀୟପଦେନ ତମେବାର୍ଥଂ ଦୃଢ଼ୟନ୍ତି—
ତେଜନ୍ତ ଇତ୍ୟାଦି— ତସ୍ମାତ୍ ଭଗବତି ମାନଗତ୍ୟା ଯଦ୍ ଯଦ୍ ଭଣ୍ୟତେ
ସହଜଂ ତତ୍ସର୍ବଂ ଟାଳନମସଦ୍ରୂପଂ । ଯୋଽପି ବଜ୍ରଗୁରୁଃ ସୋଽପ୍ୟସ୍ମିନ୍
ଧର୍ମେ ବଚନଦରିଦ୍ରତ୍ୱେନ ଯୁକ୍ତଃ । ତସ୍ୟ ଶିଷ୍ୟେଣାପ୍ୟବଚନତ୍ୱେନ
କର୍ଣ୍ଣାଭ୍ୟାଂ ଶ୍ରୁତଂ । ଅତଏବ ସୋଽପିତ ବଧିରସ୍ତସ୍ମିନ୍ ଗମ୍ଭୀରଧର୍ମେ ମତଂ
ପ୍ରତିପାଦୟନ୍ତି— ଭଣଇ ଇତ୍ୟାଦି— କୃଷ୍ଣାଚାର୍ଯ୍ୟା ବ ବଦନ୍ତି । କୀଦୃଶଂ
ଜିନରତ୍ନଂ ରତିମନନ୍ତମନୁତ୍ତରସୁଖଂ ତନୋତି ରତ୍ନଂ ଚତୁର୍ଥାନନ୍ଦଂ
ବୋଧବ୍ୟଂ । ଯଥା ବଧିରଃ ସଂକେତାଦିନ ମୂକସ୍ୟ ସମ୍ବୋଧନଂ କରୋତି
ତଦ୍ବତ୍ ଦୂରେ ସଦ୍‌ଗୁରୁଃ ଶିଷ୍ୟେ ଉତିସ୍ୱପ୍ରଭାବେଣ ମହାସୁଖଂ ତନୋତି ।
ତଥାଚ— ଇନ୍ଦ୍ରଭୂତି ପାଦାଃ—

ଅଦୂରେ ଦୂରେ ବେତ୍ୟାଦି ।

**ଅର୍ଥ—**

ଏ ସଂସାରଟି ମନର ସୃଷ୍ଟି । ମନର ଗଢ଼ା ଜିନିଷ ସବୁ ଆଳସ୍ୟ-ଜାଲର ଗେ କଥା ମୋଳଅ । ଆଗମ ପୋଥୀ ଜପମାଳା ପ୍ରଭୃତି ସବୁ ମନର ସୃଷ୍ଟି । ତେଣୁ ସେମାନେ ମନର ଅତୀତ ଅବସ୍ଥାର କଥା ବର୍ଣ୍ଣନା କରି ପାରିବେ ନାହିଁ । କହ କିପରି ସହଜର କଥା ବୁଝାଯିବ । ସହଜାନନ୍ଦ ଅପୂର୍ବ ପଦାର୍ଥ । ସେଠାକୁ କାଯ୍ୟବାକ୍ୟର ଯାଇ ପାରେ ନାହିଁ । ତେଣୁ ମନ ଦ୍ୱାରା ଭାଷାଦ୍ୱାରା ସହଜାନନ୍ଦର କଥା କହି ହେବ ନାହିଁ । ଗୁରୁ ଶିଷ୍ୟକୁ ଆଉ ଉପଦେଶ ଦିଏ, ଅର୍ଥାତ୍ ତାହାର ଉପଦେଶ ବୃଥା କହୁଁ ନୁହେ । ବାକ୍ୟର ଅଗୋଚର କଥା କିପରି କହିବ ? ତାହା ଯେ ବୁଝଇ— ସେ ବଣ୍ଠାଳ, ଧୂର୍ତ୍ତ, ଠକ, ନିର୍ଲଜ୍ଜ, ପ୍ରକୃତ ସ୍ୱରୂପ କହି ପାରେ ନାହିଁ । ଗୁରୁ ସେ ବିଷୟ କହିବାରେ ବୋବାପରି ବାକ୍‌ଶକ୍ତିରହିତ ଶିଷ୍ୟ ତାହା ଶୁଣିବାକୁ କାଲପରି । ସହଜାନନ୍ଦ କିପରି ବୁଝାଯିବ ? କାଲକୁ ବୋବା ଠାରିଲା ପରି ସହଜାନନ୍ଦର କଥା ସଙ୍କେତରେ ବୁଝାଯାଇଥାଏ ।

—※—

ସମଭାବପଦ୍ୟ—

ଭଜ ଅବର୍ଣ୍ଣରୂପକୁ । ବର୍ଣ୍ଣି ନାହାନ୍ତି ଯେ ଗିଏ ଅବର୍ଣ୍ଣିକା ପୁରୁଷକୁ

× + ×

ଗୁରିବେଦେ ନାହିଁ ସେହୁ ଲୋଡ଼ିଲେ ପାଇବେ କାହୁଁ
ଛଡ଼ିଭେଦେ ନ ଭେଟନ୍ତି ଅବର୍ଣ୍ଣିକା ପୁରୁଷକୁ ।

(ଭୀମଭୋଇ)

—o—

## ପଦଟୀକା

ଜୋ—ଯେ
ମନଗୋଅର—ମନଗୋଚର
ଆଳାଜାଳା—ଆଳଖାଳଙ୍କ
ଗୋଳମାଳଆ, ପରିଷ୍କାରମୁଣ୍ଡେଁ,
ଆଗମ—ତତ୍ସମ
ପୋଥୀ—ସଂ-ପୁସ୍ତକ, ପ୍ରା-ପୁତ୍ଥଅ ପୋଥୀ
ଇଷ୍ଟମାଳା—ଇଷ୍ଟମାଳା
କଇସେ—କାସେଁ ସଂ-କାଦୃଶ
ବୋଲ—ବୋଲି
କା—ପ୍ରଶ୍ନ ବାଚକ
ଜାଅ—ଯାଏ
କାଅ—କାୟ
ଚଅ—ଚଉ
ଜସୁ-ଯସ୍ୱାଁ ସଂ-ଯସ୍ମିନ୍ ପ୍ରା-ଜସିଂ
ଜସୁଁ ସୁ = ଜସୁ ଯନ୍ତ୍ର ଓ ଯନ୍ତୁଁ
ସମାପୂ—ସମ୍ପାଏ
ଆଳେ-ଆଳୁ, ବୃଥା ସଠୀ-ଅଳଂ

ଡ଼ାଏସଇ—ଉପଦିଶନ୍ତି
ଶାସ—ଶିଷ୍ୟ
କାହ୍ନବ—କହ୍ନବ
କାସ—ସଂ—କାଦୃଶ
ଜେ—ଯେ
ତେଇ—ସେଇ କମ୍ପା ତଇ, ଭୁଞ୍ଜି
ବୋଲ୍ଲି—କଥା
ତ—କଷ୍ଟପ୍ରାର୍ଥକ ଅବ୍ୟୟ
ବଟାଳ—ବଠାଳ; ବଟୋଳ, ଠଗ
ଧୂର୍ତ୍ତ ଓ ନର୍ଲଜ୍ଜ।
ବୋବ—ବୋବା
ସୀସା—ଶିଷ୍ୟ
ଜଣରଅଣ—ଜନରତ୍ନ
କାଲେଁ—କାଲକୁ
ବୋବା—ଜଡ଼ା
ସମ୍ବୋହଅ—ସମ୍ବୋଧନ୍ତି
ଜଇଯା—ଯେସା
ଯେମନ୍ତ।

—o—

# ରାଗ—କହ୍ନ ଗୁଞ୍ଜରୀ

ଭୁସୁକୁପାଦାନାମ୍ :—

ଆଇଏ ଅନୁ ଅନାଏ ଜଗରେ ଭାନ୍ତିଏଁ (୧) ସୋ ପଡ଼ିହାଇ
ଓ—ଆଦିଏଁ ଅନୁତ୍ପନ୍ନେ ଜଗତରେ ଭ୍ରାନ୍ତିରେ ସେ ପ୍ରତିଭାସଇ ।
ରାଜସାପ ଦେଖି ଜୋ ଚମକାଇ ସାଁଚେ (୨) କି ତା (୩)
ବୋଡ଼ୋ ଖାଇ ।
ଓ—ରଜ୍ଜୁ ସାପ ଦେଖି ଯେ ଚମକଇ ସତେ କି ତାକୁ ବୋଡ଼ା ଖାଇ
(ଖାଏ)

ଅକଟ ଜୋଇଆରେ ମା କର ହଥା ଲୋହ୍ନା ?
ଓ—ଅକଟ (ଅନୁତ୍କୃଷ୍ଟ) ଯୋଗିଆରେ ମା କର ହାଥଲଗା ।
ଅଇସ ସଭାବେ ଜଇ ଜଗ ବୁଝସି (୪) ତୁଟଇ (୫) ବାସଣା
ତୋରା
ଓ—ଏସନ ସ୍ୱଭାବେ ଯଦି ଜଗ ବୁଝସି ତୁଟଇ ବାସନା ତୋର ।
ମରୁମରୀଚି ଗନ୍ଧବନଅରୀ (୬) ଦାପନ୍ତି ପଡ଼ିବିମ୍ବୁ (୭) ଜଇସା
ଓ—ମରୁ ମରୀଚି ଗନ୍ଧର୍ବ ନଅର ଦର୍ପଣ ପ୍ରତିବିମ୍ବ ଯିସ ।
ବାତାବତ୍ତେଁ ସୋ ଦିଢ଼ [୭ ଭଇଆ ଅପେ ପଥର ଜଇସା
ଓ—ବାତାବର୍ତ୍ତେ ସେ ଦୃଢ଼ ସେଇ ଅପେ ଅଥର ଯିସ ।
ବାଁଝି ସୁଆ (୮) ଜିମ କେଳି କରଇ ଖେଳଇ ବହୁବିହ ଖେଳା
(୯)
ଓ—ବାଁଝ ସୁତ ଯେମିତି କେଳି କରଇ ଖେଳଇ ବହୁବିଧ ଖେଳା ।
ବାଲୁଆତେଲେଁ ସସର ସିଂଗେ (୧୦) ଆକାଶ ଫୁଲିଲା ।

---

୧—ଭନ୍ତିଏଁ (କ) ୨—ଘାରେ (କ] ୩—କି° ତ° (କ)
୪—ବୁଝସି (ଖ) ୫—ତୁଟ (କ)୬—୬ ଗନ୍ଧନଅରୀଦାପଡ଼ିବିମ୍ବୁ
୭—ଦିଟ (କ) ୮—ବାନ୍ଧିସୁଆ (ଖ ଗ) ୯—ଖେଳା (କ)
୧୦—ସସସିଗେ (ଖ)

ଉ—କାମୁକା ତେବେ ଶଶାଙ୍କ ଶିରେ ଆକାଶ ପୁଷ୍ପଜ ।
ସଜ୍ଜନ ଭଣଇ ଜଟ ଭ୍ରୂସୂକ୍ଷ୍ମ ଭଣଇ ଜଟ ସଂପ୍ରଭା ଅଛଇ
ସଂଜ୍ଞାବ (୧୧)

ଉ—ସଜ୍ଜନ ଭଣଇ ଜଟ (ବଡ excellent) ଭ୍ରୂସୂକ୍ଷ୍ମ ଭଣଇ ଜଟ
ସକଳ ଏସବ ସୁଗ୍ଗଛ ।

ଜଳଚୋ ମୃତା ଅଜ୍ଞସି ଭ୍ରାନ୍ତ ପୂଜ ତୁ ସଦ୍‌ଗୁରୁ ପାଦ (୧୨)
ଉ—ଜଡ଼ ତୁ ମୂଢ଼ ଅଜ୍ଞସି ଭ୍ରାନ୍ତ ପୂଜ ତୁ ସଦ୍‌ଗୁରୁ ପାଦ ।

---

୧୧—ସଜ୍ଜନା (ଗ) (କ) ୧୨—ପାଦା (ଖ)

---

ଟୀକା—

ସଜ୍ଜନାନନ୍ଦମ୍ବରେ ତୁ ଭ୍ରୂସୂକ୍ଷ୍ମାଦସ୍ତମେବାର୍ଥଂ ପ୍ରତିପାଦୟତି—
ଆଜ ଉତ୍ତ୍ୟାର—ଆଦୌ ଅନୁସୂକ୍ଷ୍ମବରେଣ ଜଗଦ୍ଦଂ ସ୍ପଷ୍ଟଂ ପରମାର୍ଥଙ୍କେ ଉଦ୍‌ଗତଂ ତେନ ତେଷ୍ଟକ'ଆହାଦଂ ନ ଗଚ୍ଛତି ।
ତଥାଗମଃ—ଅଜାତ୍ରେ ମୃଜଂ ସର୍ବ ଧର୍ମାଣାମାଦ୍ୟନୁତ୍ପନ୍ନତ୍ୱତ୍ ।
ଅଥ ଭ୍ରାନ୍ତ୍ୟା ଚଲ୍ୟାଡମିତ୍ୟଙ୍କେ ତଜାନ୍ଲୀକଟୀଚାଦଲୁତ୍ପେନ ସ୍ତେ କାଜପୋଲିକ୍ ଜବଂ ଗ୍ଲାଂ ପ୍ରତି ଦୃଶ୍ୟତେ ।
ଅଥାପୂର୍ବଂ ଲକ୍ଷଣ ୫—

ସ୍ତଳଗାତ୍ରକଂ ପଥାକାଣେ ଦୃଶ୍ୟତେ ତୌମିରକୈର୍ଜନୈଃ ।
ତଥାଲେକାଧ ଷୋଡଶ ସ୍ତ୍ରୀ କାଳୌକିକଲ୍ପ୍ୟତେ

ଅଥ ଭଙ୍କୌ ସର୍ଗାଜକଂ ତୁଜ୍ଜା ସ୍ୱତାମିତୋ ପଃ । ସୋଽପି ତେନ ଉକ୍ତ ସପେର୍ଣ କଂ ସତ୍ରୋ୍ୟନ ଜାଡତଃ ।
ଧ୍ ବଚତେନ ମାର୍ଗସା ନୁଷ୍ଣ ସାମାନ୍ତ—
ଅକାଟଚ୍ୟାର—ଆଜଟାସ୍ତୁର୍ଥ୍ୟଂ ସ୍ତେ କାଳାଯୋଗିକ୍ ଅଶ ସ୍ତମ୍ଭାସର୍ଗଂ ଦା କୁନ୍ତୁ । ଲୁବ୍ଧସ୍ତୁତେନ ଯଥ ଜଗଭ୍ରୁତ୍ରାଜନଂ ଜସେଷ ଚଡା ଅନାଭ-ଭୂବବନ୍ଦୁକାସଜାତେୟାଃ ସତ୍ତ୍ୱଂ ପାକସ୍ତେ ତକ ।
ତ୍ ପ୍ରପୂଚଦେନ ତତ୍ପମେବାର୍ଥଂ ସ୍ଫୁଟୀ ଦୃଷ୍ଟାନ୍ତେନ ସ୍ପଷ୍ଟୟତି ।

ମରୁମରୀଚୀତ୍ୟାଦି । ମୃଗତୃଷ୍ଣାଗନ୍ଧର୍ବନଗରଦର୍ଶନାଦି ପ୍ରତିଷ୍ଠତମାଂସଂ ସ୍ୱବସ୍ୟ ଯୋଗିଜରେଣ ଦୃଶ୍ୟତେ ।

ତଥା ଚାଗମଃ—ଯଥା ମାୟା ଯଥା ସ୍ୱପ୍ନଂ ତଥାସ୍ମିନ୍ ଦୃଶ୍ୟନ୍ତସଭବମି-ତ୍ୟାଦି । ଏତତ୍ ସର୍ବମବିଦ୍ୟାବାସନାଦୋଷେଣ ମିଥ୍ୟା ବାଲୈର୍ବିକ-ଲ୍ପ୍ୟତେ । ଯଥା ବାତାବର୍ତ୍ତେନ ନରମପି ଦୁସ୍ତରଂ ଭୂତଂ ତଦ୍ବତ୍ ଭବଗ୍ରାମୋ ଯୋଗୀନ୍ଦ୍ରେଣ ବୋଧବ୍ୟଃ ।

ତଥା ଚାଗମଃ—

ଶୂନ୍ୟତୈବ ଭବେଦ୍ଭବୋ ବାସନାଦ୍ୱାସିତା ସତୀ
ବାତାବର୍ତ୍ତୈ ଦୃଢୀଭୂତା ଆପ ଏବ ଘନୋପଲାଃ ।

ତୃତୀୟପଦେନାତ୍ୟନ୍ତାଭାବଂ ସୂଚୟନ୍ତି—
ବନ୍ଧୀତ୍ୟାଦି—ବନ୍ଧ୍ୟା ଭଗବତୀ ନୈରାତ୍ମା ତସ୍ୟାଃ ସୁତଃ ପରମାର୍ଥସତ୍ୟଂ ବାଲୁକାତୈଲୋପମଂ ଶଶଶୃଙ୍ଗୋପମଂ ଚ । ଏତେନାନୁତ୍ପନ୍ନସ୍ୱଭାବୋ ହି ତସ୍ୟ ସୂଚିତଃ ।
ସ ଏବ ଉତ୍ପନ୍ନୋ ହି ପରମାର୍ଥସତ୍ୟଂ ମହାସୁଖଚକ୍ରଜ୍ଞାନାତ୍ମକଃ ଜଗତି ନାନାପ୍ରକାରେଣ କ୍ରୀଡାରସମନୁଭବନ୍ତି ।
ତଥାଚ ସୂତକେ—ପଞ୍ଚବୁଦ୍ଧ୍ୟାତ୍ମକସର୍ବଜଗୋୟମିତ୍ୟାଦି । ଚତୁର୍ଥପଦେନ ଭାବପରିଶୁଦ୍ଧିମାହ—
ଭୁସୁକୁ ଇତ୍ୟାଦି—ଭୁସୁକୁ ପାଦୋ ହି ବଦନ୍ତି ଭାବନାଃ ମମ ରୂପୋ ହି ମୟା କଥିତଃ । ହେ ବାଳଯୋଗିନ୍ ଯଦି ତବ ଭ୍ରାନ୍ତିରସ୍ତି ତଦା ସଦ୍‌ଗୁରୁ ଚରଣାରାଧନଂ କୁରୁ ।

—*—

**ଅର୍ଥ—**

ଏ ସଂସାର ଆଦୌ ଉତ୍ପନ୍ନ ହୋଇ ନାହିଁ । ପ୍ରକୃତରେ ସଂସାର ବୋଲି କିଛି ନାହିଁ । ଏହା କେବଳ ମନର କଳ୍ପନା । ଅଜ୍ଞାନବଶରୁ ଭ୍ରମଯୋଗୁଁ ସଂସାରଅଛି ବୋଲି ବୋଧହୁଏ । ସ୍ୱପ୍ନରେ ଯାହା ଦେଖ ତାହା ଯେପରି ମିଥ୍ୟା; ତାହାର ଅସ୍ତିତ୍ୱ ନଥାଏ, ସେହିପରି ସଂସାରର ଅସ୍ତିତ୍ୱ ନାହିଁ । ଏହିପରି ଅସ୍ତିତ୍ୱ କେବଳ ଭ୍ରମରୁ ଜାତ ହୁଏ । ରଜ୍ଜୁରେ ସାପ ଦେଖି ଯେ ଚମକଇ ତାକୁ କି ବୋଲା ଯାଏ ? ଦଉଡ଼ିକୁ ଦେଖି ସାପ-ବୋଲି ମନେ ହେଲେ ମନରେ ଭୟ ହୁଏ ଦଉଡ଼ିରେ ଯେଉଁ ବୋଲା ସାପର ଭ୍ରମ ହୁଏ, ସେ ବୋଲା ସାପ କାହାରିକୁ କାମୁଡ଼ଇ ନାହିଁ । ସେହିପରି ସଂସାରର ପ୍ରକୃତ ଅସ୍ତିତ୍ୱ ନାହିଁ । କେତେ ଯେଉଁ ଯୋଗିମାନେ କେବଳ ଯୋଗୀ ବୋଲାଉଛନ୍ତି ପ୍ରକୃତ ଯୋଗୀ ନୁହନ୍ତି । ସଂସାରରେ ହାତ ଲଗାଅ ନାହିଁ । ସଂସାରରେ ଲିପ୍ତ ହୁଅ ନାହିଁ । ସଂସାର ବିଷୟରେ ଚିନ୍ତା କର ନାହିଁ । ଏହିପରି ସଂସାରକୁ ବୁଝିଲେ ବିଷୟବାସନା ତୁଟିଯିବ । ମରୁଭୂମିରେ ମରୀଚିକା ପରି ସଂସାର ସତ୍ୟ ନୁହେଁ । ଗନ୍ଧର୍ବ ନଗର ପରି ସଂସାର ମିଥ୍ୟା । ଦର୍ପଣରେ ପ୍ରତିବିମ୍ବ ପରି ସଂସାର ଅଳୀକ । ବାତା-ବର୍ତ୍ତରେ ଜଳସ୍ତମ୍ଭ ଉଠିଲେ ଯେପରି ପାଷାଣସ୍ତମ୍ଭପରି ଦେଖାଯାଏ । ସେହିପରି ସଂସାର ଅସାର । ବନ୍ଧ୍ୟାର ପୁତ୍ର ଖେଳ ଖେଳୁଅଛି ବୋଲି କହିଲେ ଯେପରି ଅସମ୍ଭବ ବୋଧହୁଏ ସେହିପରି ସଂସାରର ଲୀଳା ମଧ୍ୟ ଅସମ୍ଭବ । ବାଲିରେ ତେଲ, ଶଶର ଶିଙ୍ଗ, ଆକାଶ କୁସୁମ ପ୍ରଭୃତି ଯେପରି ଅସମ୍ଭବ । ସେହିପରି ଅନୁତ୍ପନ୍ନ ସଂସାର ମଧ୍ୟ ଅସମ୍ଭବ । ସୁଖତ ଠିକ୍ ଭଲ କଥା କହୁଛି, ତୁମ୍ଭେ ଠିକ୍ କରୁଅଛ। ସଂସାର ଏପରି ପ୍ରତୀତ ହେଉଅଛି । ସବୁ ତୋହର ସ୍ୱପ୍ନବତ ଏହା ସବୁ ମିଥ୍ୟା ତୁମ୍ଭେ ଯେବେ ଭ୍ରମରୁ ବୁଝି ନ ପାରୁଛ, ତେବେ ସତ୍ୟରୁକୁ ପଚାର ।

—o—

## ପଦଟୀକା---

ଆଇଏ—ଆଦରେ
ଅନୁଅନାଏ—ଅନୁପ୍ରେନ୍ନ
ସଂସାରର ଉତ୍ପତ୍ତି ଲାଗି,
ତେଣୁ ଏହା ନାହିଁ ।
ଜଗ — ଜଗତ୍
ଧିର— ସମ୍ବୋଧନ
ଭ୍ରୁତେଁ — ଭ୍ରୂ ମଧ୍ୟରେ (ଏକୋଟୀଂଷ୍ଟୁ।)
ସୋ—ସେ, ଜଗତ୍
ପ୍ରତିହାର—ପ୍ରତି ପ୍ରହର
ରଜପାପ -ରଜ୍ଜୁ ସର୍ପ ଦଉଡ଼ି ଦେଖି
ସାପଧ ଭଣା ହେଲା
ଜୋ—ଯେ
ଚମକଇ—ଚମକେ
କା—ପ୍ରଶ୍ନବାଚକ
ତା — ତାଙ୍କୁ
ବୋଲା — ବୋଲାଯାଏ
ଖାଇ—ଖାଏ
ଅକଟ —ଅକଟ ଅକୃତ ବା (କଟ-
ଉତ୍କୃଷ୍ଟ, ଅନୁତ୍କୃଷ୍ଟ । କୃତ-
କୃତ ସିଦ୍ଧ ଅକୃତ ଯୋଗି-
ଅସିଦ୍ଧ ଯୋଗୀ ।
ଜୋଇଆ—ଯୋଗୀ, ସଂ-
ବାଜଯୋଗିନ୍
ନା କର—ନ କର
ହଥା—ସଂ ହସ୍ତ, ସ୍ତ୍ରୀ ହତ୍ଥ-ହଥା
ଓ-ହସ୍ତ, ହାତ ।
ଲେହ୍ଲା—ହସ୍ତାଲଗ୍ନ, ଲଗ୍ନା (ଲେହ୍ଲା
ଅଇସ—ଏସନ
ସଭାବେଁ—ସ୍ୱଭାବେ
ଜଇ—ଯଦି
ଜଗ—ଜଗତ୍
ବୂଝସି—ବୁଝସି
ବାଷନା—ବାସନା
ତୋଗ—ତୋର
ନଅଗ୍ରୀ—ନଗରୀ
ଦାପଣ—ଦର୍ପଣ
ପଡିବମ୍ବ—ପ୍ରତିବମ୍ବ
ଜଇସା—ଯେସନ
ବାତାବର୍ତେଁ—ବାତାବର୍ତ୍ତେ
ସୋ—ସେ
ଦଢ଼—ଦୃଢ଼-ଓ ଦଢ଼
ଭଇଆ ହୋଇ
ଅପେ—ଜଳରେ
ପାଥର—ପଥର, ସଂ-ପ୍ରସ୍ତର
ବାଞ୍ଝସୁଆ—ବାଁଝ ପୁଅ,
ସଂ-ବନ୍ଧ୍ୟା ସୁତ
ଜିମ—ଯିମିତି
ବନ୍ଧୁବଢ—ବନ୍ଧୁବଧ
ଖେଳା—ଖେଳ
ବାଳୁଆ—ବାଳୁକା
ଢେଲେ—ଢେଲାରେ

ଖସର—ଶଶାର, ସଂ-ଶଶାଙ୍କ ।

ସିଂଗେ—ସିଙ୍ଘେ, ଶୃଙ୍ଗରେ

ଫୁଲିଲ—ଫୁଲ ହେଲା ଯଥା ଫଳିଲ ଓ ଫୁଲିଲା ।

ରଘୁଜୁ—ଓ ରଘୁଜ ସଂ-ରଘୁପୁତ୍ର କବିଙ୍କର ନାମ ।

କଣ୍ଠ—ଅତିଶୟ excellent ବା କୁତ, ପ୍ରା-କଢ଼, କଣ୍ଠ ସିଦ୍ଧ

ସଅଳା— ସକାଳ

ଜଇ—ଯଦ୍ୟ

ଭୋ—ଭ୍ରୂ

ମୂଢ଼—ମୂଢ଼, ମୂର୍ଖ

ଅଚ୍ଛସି—ଅଛ

ଭ୍ରାନ୍ତି—ଭ୍ରମ

ଧୃଷ୍ଟ—ଧଷ୍ଟରା

ଭୁ—ଭୁମେ

ଘାବ—ଘାଉ ।

# ରାଗ—କାମୋଦ

କାହ୍ନୁ ପାଦାନାମ୍ —

ତଥ ସହଜେ ଶୁଣ ସମ୍ପୁନ୍ନ
ଓ — ତତ୍ତ୍ୱ ସହଜେ ଶୂନ୍ୟ-ସମ୍ପୂର୍ଣ୍ଣ ।
କାଢନ୍ତ ସ୍ତୋଏଁ ନା ହୋନ୍ତି ବସନ୍ନ
ଓ — (ସ୍କନ୍ଧ) କାହ୍ନ ବିୟୋଗେଁ ନ ହୋଅ ବିଷନ୍ନ ।
ଭଣ କଇସେ କାହ୍ନୁ ନାହ୍ନି
ଓ — ଭଣ କେ ସେ କାହ୍ନୁ ନାହିଁ ।
ଫରଇ ଅନୁଦିନ ତୈଲୋଏ (୧) ସମାଇ [୨]
ଓ — ସ୍ଫୁରଇ ଅନୁଦିନ ତ୍ରୈଲୋକ୍ୟ ସମାଇ ।
ମୂଢା ଦିଠ ନାଠ ଦେଖି କାଅର
ଓ — ମୂଢା ଦୃଷ୍ଟ ନଷ୍ଟ ଦେଖି କାତର ।
ଭଙ୍ଗ [୩] ତରଙ୍ଗ କି ସୋଷଇ ସାଅର
ଭଙ୍ଗ [ଭଙ୍ଗା] ତରଙ୍ଗ କି ଶୋଷଇ ସାଗର [ଗ୍ରା ଓ— ସାଗ୍ରେର]

ମୂଢା ଅଚ୍ଛନ୍ତେ ଲୋଅ ନ ପେଖଇ
ମୂଢ଼ ଅଛନ୍ତେ ଲୋକ ନ ପେଖଇ
ଦୁଧ ମାଝେଁ ଲଡ଼ ଅଚ୍ଛନ୍ତେ ନ ଦେଖଇ (୪)
ଦୁଧ ମାଝେଁ ଲହୁ ଅଛନ୍ତେ ନ ଦେଖଇ ।
ଭବ ଜାଇ ଣ ଆବଇ ଏଥୁ (୫) କୋଇ
ଭବ ଯାଇ ନ ଆସଇ ଏଥୁ କେହି ।
ଅଇସ ଭବେ ବିଲସଇ କାହ୍ନିଲ ଜୋଇ
ଏସନ ଭବେ ବିଳସଇ କାହ୍ନୁଲ ଯୋଗୀ ।

---

୧—ତିଲୋଏ (କ) ୪—ଅଚ୍ଛନ୍ତେ (କ)
୨—ସମାଇ [କ] ୫—ଏସୁ (କ)
୩—ଭଗ (ଖ·ଘ) ୬—ଆଇସ (କ)

—*—

ଟୀକା—

ଜ୍ଞାନାମୃତପରିତୃପ୍ତୌ ହି କୃଷ୍ଣାଚାର୍ଯ୍ୟପାଦାସ୍ତମେବାର୍ଥଂ ପ୍ରତିପାଦୟନ୍ତି—

ତଅ ଇତ୍ୟାଦି— ସନ୍ତଜେ ନେତ୍ୟାଦି— ପ୍ରକୃତିସ୍ୱରୂପେଣ ସର୍ବଦୈବ ଷୋଡଶୀଶୂନ୍ୟତାୟାଂ ସମ୍ପୂର୍ଣ୍ଣୋଽସ୍ମି ମମ ତତ୍ତ୍ୱଜ୍ଞଃ । ଅତଏବ ସ୍କନ୍ଧ ବୟୋଯୋଗେନେତ । ଭୋ ଜନା ମମ ସ୍କନ୍ଧାଗ୍ରଭାତ୍ ବିଷାଦଂ ମା କୁରୁ ।

ତଥାଚ ଦ୍ୱେବଦେ—ସ୍କନ୍ଧା-ଭ୍ରଦ ପରମମିତ୍ର ।

ଧ୍ରୁବପଦେନ ସ୍ୱରୂପଂ ପ୍ରତିପାଦୟତି—

ଭୋ ବାଳଯୋଗିନ୍ । ବଦ କଥଂ କୃଷ୍ଣାଚାର୍ଯ୍ୟା ହି କା ନ ଶବ୍ଦ୍ୟତେ ତ୍ରୈଲୋକ୍ୟସ୍ୱରୂପଂ ତଂ ବିଶ୍ୱବ୍ୟ ଅନୁଦିନଂ ସ୍ୱଂ ରକ୍ଷ ପରମାର୍ଥଜଳଧୌ କ୍ରୀଡ଼ୟତ୍ୟର୍ଥଃ ।

ତଥା ଚାଗମଃ—

ଯଥା ନକ୍ରଜଳାତ୍ ସ୍ୱଗ୍ରୁତ ମୀନେ ଉତ୍ପତତି ଦ୍ରୁତମ୍
ସର୍ବଶୂନ୍ୟାଶ୍ରୟା ସ୍ୱଚ୍ଛାତ୍ ମାୟାଜାଲମୁଦୀର୍ଯତେ ।

ଦ୍ୱିତୀୟପଦେନ ଦୃଷ୍ଟାନ୍ତଦ୍ୱାରେଣ ତମେବାର୍ଥଂ ବିସ୍ପଷ୍ଟୟନ୍ତି—

ମୂଢା ଇତ୍ୟାଦି— ମାନସୀତାଦିବର୍ଣ୍ଣସଂସ୍ଥାନୋ ହି ଯୋ ଭବସ୍ତସ୍ୟ ଉଚ୍ଚଂ ଦୃଷ୍ଟ୍ୱା ମୂର୍ଖାଃ କମର୍ଥଂ କାତରା ଭବନ୍ତୁ । କମଠେନ୍ଦ୍ରେଧୈର୍ଯ୍ୟଗୁଣରଙ୍ଗଂ ତଂ ସାଗରଂ କ୍ଷଣେ ଷପୟନ୍ତି ।

ତୃତୀୟପଦେନ ପରିନିଷ୍ପନ୍ନତାମାହ—

ଭବ ଜାଇଣ ଇତ୍ୟାଦି—ସଦ୍‌ଗୁରୁପଙ୍କଜରଜଃ ନ ଜବେୟତ୍ୟର୍ଥଃ ।

ଏତଦ୍‌ଭବସ୍ୱଭାବ ପରିଜ୍ଞାନେନ କୃଷ୍ଣାଚାର୍ଯ୍ୟପାଦା ଭବୋଽପ୍ୟେବ ଜଳସନ୍ଧି କ୍ରୀଡନ୍ତି ।

## ଅର୍ଥ—

ମୋର ଚିତ୍ତ ସର୍ବଶୂନ୍ୟରେ ପୂର୍ଣ୍ଣ ହୋଇ ରହିଛି । ମୋର ପାଞ୍ଚ କାନ୍ଧ (ସ୍କନ୍ଧ) ଗୁଳିଗଲେ ବିନଷ୍ଟ ହୁଏ ନାହିଁ । ମୁଁ ଯେ ନାହିଁ ଏହା କିପରି କହି ପାରିବ ? କ୍ଷଣକର ଅଜ୍ଞତରେ ତାହାର ଅସ୍ତିତ୍ୱ ଲୋପ ପାଇପାରିବ ନାହିଁ । ସେ ତ୍ରୈଲୋକ୍ୟ ସହିତ ମିଶି ଯାଇ ସର୍ବଦା ପୂରୁଥାଏ । ଦେଖିଲା ପଦାର୍ଥ ନଷ୍ଟ ହେବାର ଦେଖି ଯେଉଁମାନେ କାତର ହୁଅନ୍ତି— ସେମାନେ ମୂର୍ଖ । ସାଗରର ତରଙ୍ଗ ଉଠି ଭାଙ୍ଗିଯାଏ । କିନ୍ତୁ ସାଗର ଶୁଖିଯାଏ ନାହିଁ । ପ୍ରକୃତରେ ଜଳ ତରଙ୍ଗ ରୂପରେ ଦେଖା ଦେଇ ସମୁଦ୍ରଜଳରେ ମିଶିଯାଏ । ସେହିପରି ଯେଉଁସବୁ ପଦାର୍ଥ ନଷ୍ଟ ହେବାର ଦେଖୁଅଛ, ସେ ସବୁ ଅନନ୍ତ ସତ୍ତାରେ ମିଶି ଯାଉଛି । ସଂସାରରେ କାହାର ବିନାଶ ନାହିଁ । ଅଜ୍ଞାନ ଯୋଗୁଁ ମୂର୍ଖତା ହେତୁରୁ ଲୋକେ ତାହା ଜାଣି ପାରନ୍ତି ନାହିଁ । ଦୁଧରେ ଲହୁଣୀ ରହିଥାଏ କିନ୍ତୁ ମୂର୍ଖ ଲୋକ ତାହା ଦେଖି ପାରନ୍ତି ନାହିଁ କି ବୁଝି ପାରନ୍ତି ନାହିଁ 'ସେହିପରି ମୃତ୍ୟୁପରେ ଲୋକେ ଅଦୃଶ୍ୟଭାବରେ ରହିଥାଏ । ଏହି ସଂସାରରୁ କେହି ଯାଏ ନାହିଁ କି କେହି ଏ ସଂସାରକୁ ଆସଇ ନାହିଁ । ସଂସାରରେ ଜନ୍ମ ନାହିଁ, ମରଣ ନାହିଁ, କାହ୍ନୁ ଯୋଗୀ ଏହି ଭାବରେ ବିଳାପ କରୁଛନ୍ତି ।

=*=

## ପଦଟୀକା

ଚଅ—ଚତ୍ର
ସହଜେ—ଅପ୍ଯା ବ
ଶୁଣ—ଶୂନ୍ୟ
ସପୁନ୍ନ—ସଂପୂର୍ଣ୍ଣ
କାନ୍ଧ—ସ୍କନ୍ଧ
ବୟ୍ସୋଏ—ବୟୋଗେ
ବୟ୍ସୋଏଁ—ବୟୋଗେ
ଦ୍ୱୋଷ୍ଟ—ଦୃଷ୍ଟ
ବସନ୍ନ—ବସନ୍ତ
କଇସେ—କେସନ
ନାହ୍ମି—ନାହିଁ, ସଂ-ନାସ୍ତି
ପ୍ରା-ନାତ୍ଥି—ନାହିଁ
ଫରଇ—ସ୍ଫୁରଇ, ସଂ-ସ୍ଫୁରତ୍ତି
ଅନୁଦିନ—ତତ୍ସମ
ତୈଲୋଏ—ତ୍ରୈଲୋକ୍ୟ
ସମାଇଁ—ମାପି
ଦିଠ—ଦୃଷ୍ଟ-ପ୍ରା-ଦିଟ୍ଠ=ଦିଠ
ନାଠ—ନଷ୍ଟ
ଦେଖି—ସଂ-ଦୃଶ୍ ଧାତୁ

କାଅର—କାତର
ଭଙ୍ଗ—ଭଙ୍ଗା ସଂ-ଭନ୍ଜଧାତୁ
ଓ-ଭଙ୍ଗ ଧାତୁ
ସାଅର—ସାଗର
ଅଛନ୍ତେ-ଥାନ୍ତେ
ଲୋଅ—ଲୋକ
ଦୁଧ-ସଂ-ଦୁଗ୍ଧ ।
ମାଝେଁ—ମଝିରେ
ଲଡ଼—ପ୍ରା-ଲଡ଼ହ ଓ-ଲଡ଼ୁ। ସ୍ନେହ
ବା ସାର
ସମ୍ବଲପୁର ପ୍ରାଦେଶିକ
ଲଡ଼ସ=ସ୍ନେହରେ ବର୍ଦ୍ଧିତ
ପୁଷ୍ଟ ।
ଜାଇ—ଯାଏ
ଆବଇ—ଆସଇ ପ୍ରା ଓ-ଆବଇ
ଯଥା—ଯାବଇ
କୋଇ—କେହି ସଂ-କୋଽପି
ଅଇସ—ଏସନ
ଜୋଇ—ଯୋଗୀ

•••○•••

# ରାଗ—ବଙ୍ଗାଲ

## ଭୁସୁକୁ ପାଦାନାମ୍ —

ସହଜ ମହାତରୁ ଫରିଅଏ ତେଲୋକେ୍ୟ ।
ଓ-ସହଜ ମହାତରୁ ଫୁରଇ ଏ ତୈଲୋକେ୍ୟ ।
ଖସମସଭାବେ ରେ ବା (୨) ଣ ମୁକା (୧) କୋଏ
ଓ-ଖସନ ସ୍ୱଭାବେ ରେ ବା ନ ମୁକ୍ତ କଏ ।
ଜମଜଲେ ପାଣିଆ ଟଳିଆ ଭେ [୨] ଉ ନ ଯାଅ
ଓ- ଯିମିତି ଜଳେ ପାଣିଟଳ ଭେଦ ନ ଯାଏ ।
ତିମ ମଣରଅଣା (୩) ସମରସେ ଗଅଣ ସମାଅ
ଓ-ତିମିତି ମନରତ୍ନ ସମରସେ ଗଗନ ସମାଏ ।
ଜାସୁ (୪) ଅପ୍‌ଣା ତାସୁ (୪) ପରେଲା କାହ୍ନି
ଓ-ଯହିଁ ନାହିଁ ଆତ୍ମା ତହିଁ ପର କାହିଁ ।
ଆଇ-ଅଣୁଅଣାରେ ଜାମମରଣ ଭବ (୫) ନାହି
ଓ-ଆଦୌ ଅନୁତ୍ପନ୍ନରେ ଜନ୍ମମରଣ ଭବ ନାହିଁ ।
ଭୁସୁକୁ ଭଣାଇ କଟ ରାଉତୁ ଭଣଇ କଟ ସଅଳା ଏହ ସହାବ
ଓ-ଭୁସୁକୁ ଭଣଇ ରାଉତ ଭଣଇ ସକଳ ଏହି ସ୍ୱଭାବ ।
ଜାଇ ନ ଆବଇ (୬) ରେଣ ତହିଁ (୭) ଭାବାଭାବ
ଓ-ଯାଇ ନ ଆବଇ ରେ ନ ତହିଁ ଭାବାଭାବ ।

---

୧-୧—ବାଣତ କା (କ)
୨—ଭେଦ (ଖ)
୩—ମରଣ ଅଲଣା (କ)
୪-୪—ଜତ୍ପୁଣାହ୍ନି ଅଧାତା (କ)
୫—ଭବ (କ)
୬—ଆବସ୍ଥି (କ)
୭—ତଂ ହି (କ)

ଟୀକା—

ସହଜମୁଦମୁଦାଂତା ନ୍ଧ ଭୁସୁକୁପାଦସ୍ତମେବାର୍ଥଂ ପ୍ରକଟୟତି—
ସହଜ ଇତ୍ୟାଦି-ଗୁରୁଚରଣରେଣୁ ପ୍ରସଙ୍ଗେନ ପଞ୍ଚପଦ୍ମସଂଯୋଗ ସୁଖାକାର-
ବୀଜଂ ଗୃହୀତ୍ୱା ତ୍ରୈଲୋକ୍ୟଂ ବ୍ୟାପ୍ୟ ଯୋଗୀନ୍ଦ୍ରସ୍ୟ ସହଜଚିତ୍ତଂ ସ୍ଫୁରତି
ଏତସ୍ୟ ଖସମୋପମସୁଖସ୍ୱଭାବେନ ତ୍ରୈଲୋକ୍ୟ ନ କୋ ବଦ୍ଧାନ ମୁକ୍ତୋ
କେତି ।

ତଥାଚ ଦ୍ୱିକଲ୍ପ—

ବ୍ୟାପ୍ୟ ବ୍ୟାପକ ରୂପେଣ ସୁଖେନ ବ୍ୟାପ୍ତଂ ଜଗତ୍
ପଦସ୍ୟୋତ୍ତର ପଦେନ ଧ୍ରୁବଂ ବୋଧବ୍ୟଂ ।

ଦ୍ୱିତୀୟପଦେନ ଦୃଷ୍ଟାନ୍ତୋପମାଂ କରୋତି —
ଜମଜଲେତ୍ୟାଦି—ଯଥା ବାହ୍ୟମାବାନ୍ତରପତନ ଭେଦୋ ନ ଜ୍ଞାୟତେ
ବୁଧୈଃ । ତଥା—ମନୋବୋଧିଚିତ୍ତରତ୍ନ —ଯୋଗୀନ୍ଦ୍ର —ସମରସୀଭୂତଂ
ଗଗନେତି । ପ୍ରଭାସ୍ୱରେ ବସତି ତତ୍ର ତସ୍ୟ ଜ୍ଞାନୋପଲମ୍ଭୋ ନ ସ୍ୟାଦିତି ।
ତଥାଗମଃ—ଯଥାଜଲେ ଜଲଂ ନ୍ୟସ୍ତଂ ଜ୍ଞାନତନଂ ତଥା ସ୍ଥିତମିତି ।

ତୃତୀୟପଦେନ ଭାବସ୍ୱରୂପମାହ—
କାସୁଣାହିତ୍ୟାଦି— ଯସ୍ୟ ଯୋଗୀନ୍ଦ୍ରସ୍ୟ ଆତ୍ମାତ୍ମୀୟ ସମ୍ବନ୍ଧୋ ନ ସ୍ୟାତ୍
ତସ୍ୟ ପରସମ୍ବନ୍ଧଃ ସ ଇତରେତର ଏବ । ଯସ୍ମାଦନୁତ୍ପନ୍ନ ଯେ ଭାବାଃ
ତେଷାମୁତ୍ପାଦସ୍ଥିତିଭଙ୍ଗା ନ ଦୃଶ୍ୟନ୍ତେ ସିଦ୍ଧପୁରୁଷୈଃ ।
ତଥା ଗ୍ମଗମଃ — ନ ଜାତୋ ନ ମୃତଶ୍ଚୈବ ନ ରୂପୀ ନାଧିରୂପବାନ୍
ନ ସଂସାରେ ନ ନିର୍ବାଣେ ନ କାରସ୍ତେନ ସୁଖତେ ।

ଚତୁର୍ଥପଦେନ ଭାବସ୍ୱରୂପମାହ —
ଭୁସୁକୁ ଭଣଇ ଇତ୍ୟାଦି— କଟମିତି ପୂର୍ବୋକ୍ତାର୍ଥଂ । ଭୁସୁକୁପାଦୋ
ବଦତି । ସକଳ ଭାବାନାମେଷଃ ସ୍ୱରୂପଃ । ଏତସ୍ମିନ୍ ଗମ୍ଭୀର ସହଜାନନ୍ଦାନୁ-
ଭାବାଦ୍ ଭାବା ଭାବବିକଳ୍ପ ପରିହାରେଣ ନ କୋଽପି ଯୋଗୀ ଜନ ସଂସାର-
କାରାଗାରେ ନ ତପ୍ୟତେ ଦୃଶ୍ୟତେ ।

ଛଥ।ଚ ସ ଋଦ୍ଧ ପାଦଃ—

ଗମ୍ଭୀର ଅଇ ଉଆସ୍ତ୍ର ଉଦରଂଗା ଅପ୍ୟାଣ
ସହଜାନନ୍ଦ ଚଉଜଦ୍ଧ ଲୁଗିଅ ସଂବେଅଣ ଜାଣ ।

—୦—

ଅର୍ଥ—

ସହଜ ରୂପକ ମହାତରୁ ତ୍ରିଲୋକରେ ସ୍ଫୁରିତ ହୋଇଅଛି । ନିଜକୁ ଆକାଶ ପରି ଶୂନ୍ୟ କରିପାରିଲେ କିଏ ବା ମୁକ୍ତ ନ ହୁଅଇ ? ଅର୍ଥାତ୍ ମନକୁ ଅମନ ଅବସ୍ଥାକୁ ଆଣିଲେ ଲୋକ ମୁକ୍ତି ଲାଭ କରେ । ପାଣିରେ ପାଣି ପଡିଲେ ଏକ ହୋଇଯାଏ । କିଛି ଭେଦ ରହେ ନାହିଁ । ସେହିପରି ଯାହାର ମନ ଶୂନ୍ୟ ସହିତ ମିଶିଯାଏ— ତାହାର ନିଜ ଓ ପର ଭିତରେ କିଛି ଭେଦ ରହଇ ନାହିଁ, ସେତେବେଳେ ନିଜର ଆତ୍ମା ମଧ୍ୟ ରହଇ ନାହିଁ । ପରର ବା ଆତ୍ମା କିପରି ରହିବ । ଯାହାର ଜନ୍ମ ବା ସୃଷ୍ଟି ଅଛି, ତାହାର ମରଣ ବିନାଶ ହୁଏ । ସଂସାରରେ କାହାର ଜନ୍ମ ବା ସୃଷ୍ଟି ହୁଏ ନାହିଁ । ତେଣୁ ସଂସାରରେ ଜନ୍ମ ବା ବିନାଶ ନାହିଁ । କବି କହୁଛନ୍ତି — ବଡ ଆଶ୍ଚର୍ଯ୍ୟର କଥା ଏହି ଯେ — ପ୍ରତ୍ୟେକ ପଦାର୍ଥର ସ୍ୱରୂପ ଏହିପରି । ସଂସାରରୁ କେହି ଯାଆନ୍ତି ନାହିଁ କି ସଂସାରକୁ କେହି ଆସନ୍ତି ନାହିଁ । ତେଣୁ ସଂସାରରେ ଭାବ ଅଭାବ ଯାତ ଆପୂାତ କମ୍ବା ଜନ୍ମ ଓ ମୃତ୍ୟୁ ନାହିଁ ।

•••※•••

**ପଦଟୀକା—**

ସହଜମହାତତ୍ତ୍ୱ — ତତ୍ସମ

ଫରଅ—ସ୍ଫୁରଇ-ରେ

ଜୈଁଲ୍ଲେଏ—ଜୈଁଲୋକ୍ୟ

ଖସମ—ତତ୍ସମ ଆକାଶପର

ସଭାବେ—ସ୍ୱଭାବେ

ରେ

ବା

ଣ—ନ

ମୁକ୍କା — ମୁକ୍ତ

କୋଏ—କଏ

ଜିମ—ଯେମନ୍ତ

ସଂ-ଯାବାନ = ଯାବନ୍ତ

ଯେମନ, ଯିମିତ୍ତ

ଜଳେ—ତତ୍ସମ

ପାଣିଆ—ପାଣି, ସଂ-ପାନୀୟ

ଟଳସ୍ତୋ—ଟଳ

ଭେଉ—ଭେଦ

ଜାଅ — ଯାଏ

ତିମ—ସେମିତ, ସଂ-ତାବତ୍

ମଣ ରଅଣା—ମନରସ

ସମରସ—ତତ୍ସମ

ଗଅଣ—ଗଗନ

ସମାଅ—ସମ୍ଭାଏ

ଜାସୁ — ଯହିଁ, ସଂ-ଯସ୍ମିନ୍

ଜସ୍ମି = ଜାସୁ

ଅପ୍ପା—ଆତ୍ମା

ତାସୁ—ତହିଁ-ସଂ-ତସ୍ମିନ୍

ପାରେଲ—ପରଲ୍ଲ

କାହ୍ନି—କାହିଁ

ଆଇ—ଆଦ୍ୟ-ଆଦୌ

ଅନୁଅଣାରେ—ଅନୁତ୍ପନ୍ନରେ

ଜାମ — ଜନ୍ମ

ଖବ—ତତ୍ସମ

ନାହ୍ନି — ନାହିଁ

କଟ—ଆଶ୍ଚର୍ଯ୍ୟ

ସଅଲା—ସକଳ ଓ ସମ୍ପୂର୍ଣ୍ଣ, ସମସ୍ତ

ଜଗତ୍

ଏହ — ଏହି, ସଂ ଏତତ୍

ସହାବ— ସ୍ୱଭାବ

ଜାଇ—ଯାଇ

ନ—ତତ୍ସମ

ଆବଇ—ଆସଇ

ତହିଁ—ସଂ-ତସ୍ମିନ୍

ଭବାଭବ-ତତ୍ସମ ।

...*...

# ରାଗ—ମଲ୍ଲାରୀ

**କଙ୍କଣପାଦାନାମ୍ :—**

ସୁନେ ସୁନ ମିଳିଆ ଜବେଁ
ଓ—ଶୂନ୍ୟେ ଶୂନ୍ୟ ମିଳିଲା ଯେବେ ।
ସଅଲଧାମ ଉଇଆ ତବେଁ
ଓ—ସକଳଧର୍ମ ଉଇଁଲା ତବେ ।
ଅଚ୍ଛହୁଁ (୧) ଚଉକ୍ଷଣ ସଂବୋହ୍ମି
ଓ—ଅଚ୍ଛୁ ଚଉକ୍ଷଣ ସଂବୋଧି ।
ମାଝ ନିରୋହେଁ (୨) ଅଣୁଅର(୩) ବୋଧି
ଓ—ମାଝ ନିରୋଧେ ଅନୁତ୍ତର ବୋଧି ।
ବିନ୍ଦୁନାଦ ଣ ହିଏଁ [୪] ପଇଠା
ଓ—ବିନ୍ଦ ନାଦ ନ ହିଆରେ ପଇଠ ।
ଆଣେ (୬)ଗୃହ୍ୟନ୍ତେ ଆଣ ବିଣଠା
ଆନ ଗୃହାନ୍ତେ ଆନ ବିନଷ୍ଟ ।
ଜଥା [୭] ଆଇଲେସି (୮) ତଥା ଜାନ
ଯଥା ଆଇଲସି ତଥା ଯାଅ
ମଝେ (୯) ଥକ୍‌ଗ ସଅଲ ବିହାଣ
ମାଝେ ଥାଏ ସମୂଳ ବିଧାନ ।
ଭଣଇ କଙ୍କଣ କଳଅଲ ସାଦେଁ
ଭଣଇ କଙ୍କଣ କଳକଳ ଶବ୍ଦେ ।
ସବ୍‌ବ ବିଚ୍ଛୁରିଲ (୧୦) ତଥତା ନାଦେ (୧୧)
ସବୁ ବିଚୁରିଲ ତଥତା ନାଦେ ।

---

୧—ଆଚ୍ଛୁହୁଁ (କ)
୨—ନିରୋଧ (କ ଖ)
୩—ଅଣୁତ୍ତର (ଖ)
୪—ବିନ୍ଦୁଣାଦ (କ)
୫—ଣହିଁଏ (କ)
୬—ଅଣ (କ)
୭—ଜଖାଁ (କ)
୮—ଆଇଲେଁସି [କ]
୯—ବିସଂମାଝ [କ ଖ)
୧୦—ସବ୍ ବିଚ୍ଛରିଲ (କ)
୧୧—ଧେତା (କ]

ଟୀକା— ପରମକରୁଣାସବପାନତଃ ପ୍ରମୁଦିତୋ ହି କଙ୍କଣସିଦ୍ଧାଚାର୍ଯ୍ୟ-
ସ୍ତମେବାର୍ଥଂ ପାଦାନ୍ତରେଣ ବ୍ୟକ୍ତୟତି—
ସୁନେ ଇତ୍ୟାଦି— ତୃତୀୟସ୍ୱାଧିଷ୍ଠାନଶୂନ୍ୟେ ବଜ୍ରଗୁରୋରଧିଷ୍ଠାନାଚ୍ଚତୁର୍ଥଂ
ପଦଂ ଶୂନ୍ୟଂ ଯଦା ମୀଳତି ସ୍ୱୟଂ ତଦା ତସ୍ମିନ୍ ସମୟେ । ସର୍ବଧର୍ମମିତି
ସୂଚନେନ୍ଦ୍ରିୟଫଳୋଦୟେ ଭବନ୍ତୀତି ।
ଧ୍ରୁବପଦେନ ତମେବାର୍ଥଂ କଥୟନ୍ତି—
ଚଉଷଣେମିତି— ତସ୍ମାଦ୍ବିଚାରାଦ୍ୱଷଣେନ ଚତୁର୍ଥାନନ୍ଦଂ ସଂବୋଧୟିତ୍ୱା
ନିଷ୍ଠାମି । ତେନାହଂ ମଧ୍ୟମାଙ୍ଗପ୍ରୋଧେତି । ସପ୍ରକୃତିଦୋଷା ସମାଧିମଳ-
ନିଧାନାଦନୁତ୍ତରବୋଧିଂ ଲଭ୍ୟତେ ।
ତଥା ଚ ଦ୍ୱିକଲ୍ପେ— ଆନନ୍ଦାସ୍ତ୍ରୟ ଜାୟନ୍ତ ଇତ୍ୟାଦି ।
ଦ୍ୱିତୀୟପଦେନ ଅଭ୍ୟାସମାହ—
ନାଦମିତ୍ୟାଦି ପର୍ଯ୍ୟଙ୍କାରେ ନାପାୟ ଗ୍ରାହକଜ୍ଞାନବିକଳ୍ପଂ ବିନ୍ଦୁଭିଃ ।
ପ୍ରଞ୍ଜାହଂଜ୍ଞାନବିକଳ୍ପଃ ନାଦଃ । ଏତଦ୍ଦ୍ୱୟଂ ବିକଳ୍ପେନ ତସ୍ମିନ୍ ସମୟେ
ପରିତ୍ୟକ୍ତୋଽସ୍ମି । ଅତଃ ସର୍ବଧର୍ମାନୁପଲମ୍ଭଂ ଦର୍ଶନଂ ତତ୍ତ୍ୱବୋଧନଂ ଚ
ପ୍ରଣଷ୍ଟଂ ମମ ।
ତୃତୀୟପଦେନ ସଂବୃତିବୋଧିଚିତ୍ତସ୍ୟ ପାରତାମାହ—
ଖଥେତ୍ୟାଦି— ଆଦୌ ଯସ୍ମାଦ୍ ବୋଧିଚିତ୍ତାଦୁତ୍ପନ୍ନୋଽସ୍ମି ତସ୍ମିନ୍
ନିଜବୋଧିଚିତ୍ତେ ଇନ୍ଦ୍ରିୟବିଷୟବିକଳ୍ପବିରହିତେ ଯଚ୍ଚତୁର୍ଥ ସୁଖ ସଂବେଦ୍ୟଂ
ରୂପଂ ଜାନାମି ।
ତଥା ଚ ସରହପାଦାଃ-ଜଂ ଷଠ ଚିଅ ବିଳେଅଇ ଉଦେବେନ ସମରସହୋଇ

ଇଧ ଷଅ ଅଭଆ ନନ୍ଧଅ ଅତନ୍ୟକ ସମେ ସଂବୋହି ।

ଚତୁର୍ଥପଦେନ ସ୍ୱକାୟପ୍ରଜ୍ଞାଂ ପ୍ରତିପାଦୟନ୍ତି—
ଭଣଇ ଇତ୍ୟାଦି— କଙ୍କଣପାଦ ସିଦ୍ଧାଚାର୍ଯ୍ୟୋ ବଦତି ସାକାରନିରା-
କାରାଦି ବାଳଯୋଗିନାଂ କଳକଳଃ ସମନ୍ତଥତାନାଦେନ ଭଗ୍ନଃ ।
ତଥା ଗୁଗମଃ— ଶୂନ୍ୟତା ସିଂହନାଦେନ ନାଶିତାଃ ସର୍ବତୈର୍ଥିକାଃ ।

•••※•••